ନୟାଗଡ଼ ଇତିହାସ

History of Nayagarh

ଡକ୍ଟର ପ୍ରେମାନନ୍ଦ ମହାପାତ୍ର

Digitized by PPRACHIN, SOA

Digitized by PPRACHIN, SOA

ନୟାଗଡ଼ ଇତିହାସ
(History of Nayagarh)

ଲେଖକ

ପ୍ରଫେସର ଡକ୍ଟର ପ୍ରେମାନନ୍ଦ ମହାପାତ୍ର

ଓ.ଇ.ଏସ୍.-୧, ପିଏଚ୍.ଡି., ଡି.ଲିଟ୍.

ବିଭାଗ ମୁଖ୍ୟ

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟ

ଭୁବନେଶ୍ୱର-୧୪

ସତ୍ୟନାରାୟଣ ବୁକ୍ ଷ୍ଟୋର

ବିନୋଦବିହାରୀ, କଟକ-୨

Digitized by PPRACHIN, SOA

ନୟାଗଡ଼ ଇତିହାସ
(History of Nayagarh)

ଲେଖକ :
ପ୍ରଫେସର ଡକ୍ଟର ପ୍ରେମାନନ୍ଦ ମହାପାତ୍ର,
ଓ.ଇ.ଏସ୍.-୧, ପିଏଚ୍.ଡି., ଡି.ଲିଟ୍
ବିଭାଗ ମୁଖ୍ୟ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟ
ଭୁବନେଶ୍ୱର-୧୪

ପ୍ରକାଶକ :
ସତ୍ୟନାରାୟଣ ବୁକ୍ ଷ୍ଟୋର
ବିନୋଦବିହାରୀ, କଟକ-୨

ଅକ୍ଷର ବିନ୍ୟାସ :
ବାବାଗତିଶ୍ୱର ଡିଟିପି ସେଣ୍ଟର
ବିଡ଼ାନାସୀ, କଟକ-୧୪

ମୁଦ୍ରଣ :
ମଜଦୁର୍ ପ୍ରିଣ୍ଟର୍ସ
କଟକ

ପ୍ରଥମ ସଂସ୍କରଣ :
ଏପ୍ରିଲ, ୨୦୨୧

ପ୍ରଚ୍ଛଦ :
ଶଶିକାନ୍ତ ରାଉତ

ମୂଲ୍ୟ :
ଟ. ୫୩୮.୦୦ ମାତ୍ର

NAYAGARH ITIHASA
(History of Nayagarh)

Author :
Prof. Dr. Premananda Mohapatra,
O.E.S.-1, Ph.D., D.Litt.
Head of the Department
Department of Odia,
B.J.B. Autonomous College,
Bhubaneswar-14

Published by :
Satyanarayan Book Store
Binodbihari, Cuttack-2

Layout Design :
BabaGatiswar DTP Center
Bidanasi, Cuttack-14

Printed at :
Majdoor Printers
Cuttack

Cover Design :
Shashikanta Rout

First Edition :
April, 2021

Price :
Rs. 538/- only

Digitized by PPRACHIN, SOA

ସମର୍ପଣ

ଯାହାଙ୍କର ଆଶୀର୍ବାଦ ମୋ ଉପରେ ସର୍ବଦା ଫୁଲପରି ବରଷୁଥାଏ; ମୋର ପରମପୂଜ୍ୟ ନନା ଶ୍ରୀଯୁକ୍ତ ତ୍ରିନାଥ ମହାପାତ୍ର (ଅବସରପ୍ରାପ୍ତ ପ୍ରଧାନଶିକ୍ଷକ) ଏବଂ ସ୍ୱର୍ଗବାସିନୀ ବୋଉ ଶ୍ରୀମତୀ ସୁଶୀଳା କୁମାରୀ ମହାପାତ୍ରଙ୍କୁ ଗଭୀର ଭକ୍ତିର ସହିତ ସମର୍ପିତ ।

କୁନୁ

(ପ୍ରେମାନନ୍ଦ ମହାପାତ୍ର)

Digitized by PPRACHIN, SOA

ଜଗନ୍ନାଥ ମନ୍ଦିର, ନୟାଗଡ଼ ।

Digitized by PPRACHIN, SOA

Prof. Ganeshi Lal
Governor, Odisha

ପ୍ରଫେସର ଗଣେଶୀ ଲାଲ
ରାଜ୍ୟପାଳ, ଓଡ଼ିଶା

सत्यमेव जयते

RAJBHAVAN
BHUBANESWAR - 751008

ରାଜଭବନ
ଭୁବନେଶ୍ୱର-୭୫୧୦୦୮

ବାର୍ତ୍ତା

ତା.୨୪.୧୧.୨୦୨୦

ଓଡ଼ିଶାର ଇତିହାସ ଓ ଐତିହ୍ୟ ଏବଂ ଭାବ ଓ ଭୂଗୋଳ ମହିମାମଣ୍ଡିତ । ଓଡ଼ିଶାର ପରିଚିତି ଓ ଅସ୍ମିତା ବିଶ୍ୱ ଦରବାରରେ ପ୍ରତିଷ୍ଠିତ । ଆମର ସାଂସ୍କୃତିକ ସଂପଦର ବ୍ୟାପକ ପ୍ରସାର ଆବଶ୍ୟକ । ଅନେକ ସ୍ଥାନୀୟ ଇତିହାସ ସାମଗ୍ରିକ ଭାବରେ ଓଡ଼ିଶାର ଇତିହାସକୁ ସମୃଦ୍ଧ କରିପାରିବ ଏବଂ ବିଶିଷ୍ଟ ଲେଖକ ଡ. ପ୍ରେମାନନ୍ଦ ମହାପାତ୍ରଙ୍କ 'ନୟାଗଡ଼ ଇତିହାସ' ଏ ଦିଗରେ ଏକ ଉଲ୍ଲେଖନୀୟ ପ୍ରୟାସ ।

ନୟାଗଡ଼ ଓଡ଼ିଶାର ଏକ ପୁରାତନ ଗଡ଼ଜାତ ରାଜ୍ୟ । ଏହି ରାଜ୍ୟର ରାଜନ୍ୟବର୍ଗ ରାଜ୍ୟ ଶାସନ, କଳା ଓ ସଂସ୍କୃତିର ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଓଡ଼ିଶାର ପରିଚିତିକୁ ନୟାଗଡ଼ର ବିଶେଷ ଅବଦାନ ରହିଛି । ଡ. ପ୍ରେମାନନ୍ଦ ମହାପାତ୍ରଙ୍କ ଲେଖାରେ ଅନେକ ନୂତନ ତଥ୍ୟ ପରିବେଷିତ ହୋଇଛି, ଯାହାକି ନୟାଗଡ଼ ପରିଚୟକୁ ଆହୁରି ପରିପୁଷ୍ଟ କରିବ ।

'ନୟାଗଡ଼ ଇତିହାସ' ପ୍ରକାଶନ ଅବସରରେ ମୁଁ ଲେଖକ ଡ. ମହାପାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ପୁସ୍ତକର ପାଠକୀୟ ଆଦୃତି କାମନା କରୁଛି ।

ଗଣେଶୀ ଲାଲ

(ଗଣେଶୀ ଲାଲ)

Tel. : 91-674-2536111/2536222, Fax : 91-674-2536582, E-mail : govodisha@nic.in, Website : www.rajbhavanodisha.gov.in

Digitized by PPRACHIN, SOA

ଶ୍ରୀ ଗୋପୀନାଥ, ରାଧା, ଲଳିତା- ଜେମାଦେଇପୁର ଶାସନ ।

Digitized by PPRACHIN, SOA

ଡକ୍ଟର୍ ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ
ବି.କମ୍. (ଅନର୍ସ), ଏଲ୍. ଏଲ୍.ଏମ୍. ପି.ଏଚଡ଼ି. (ଆଇନ)
ନ୍ୟାୟମୂର୍ତ୍ତି,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ

ଠିକଣା : 'ପ୍ରଭୁକୃପା'
ଷ୍ଟେଟ୍ ବ୍ୟାଙ୍କ ପଛପାଖ, ସେଲଟର ଛକ,
ପୋ : ବୁକସାପୁର, କଟକ - ୮
ଦୂରଭାଷ : (୦୬୭୧) ୨୫୦୭୦୬୭
(୦୬୭୧) ୨୩୬୧୨୦୨

ନବରାତ୍ରି, ମହାଅଷ୍ଟମୀ
ଶନିବାର, ତା.୨୪.୧୦.୨୦୨୦ରିଖ

ଅଭିମତ

ଦୀର୍ଘ ଶହ ଶହ ବର୍ଷର ଚିରନ୍ତନ ସତ୍ୟର ସ୍ମୃତି ଉପରେ ପ୍ରତିପାଦିତ ହୋଇଥିବା ଘଟଣାବଳୀ ହିଁ 'ଇତିହାସ'। ଧାରାବାହିକ ଶାସନ ତାନ୍ତ୍ରିକ ଘଟଣାବଳୀ ସହ ସମାନ୍ତରାଳ ଭାବରେ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଦିଗରେ ଆଲୋକପାତ କରିବାର ଏଥିରେ ଯଥେଷ୍ଟ ଅବକାଶ ରହିଛି। ଇତିହାସ ମାଧ୍ୟମରେ କ୍ଷୁଦ୍ରାତିକ୍ଷୁଦ୍ର, ଲୁପ୍ତ ବା ଅନାଲୋଚିତ ଘଟଣାବଳୀ ଲୋକଲୋଚନକୁ ଅଣାଯାଇଥାଏ। ଏହା କେବଳ ନିଷ୍ଠାପର ଅଧ୍ୟବସାୟ, ଅକୁଣ୍ଠ କର୍ମପ୍ରବଣତା ଓ ଚିନ୍ତାଶୀଳ ଅଧ୍ୟୟନ ଦ୍ୱାରା ହିଁ ସଫଳ ହୋଇଥାଏ।

ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଶେଷ ଆଡ଼କୁ କଳିଙ୍ଗରେ ଖାରବେଳଙ୍କ ଉତ୍ତରାଧିକାରୀମାନେ ଦୁର୍ବଳ ହୋଇପଡ଼ିବାରୁ ବୈଦେଶିକ ଶକ୍ତିମାନେ କଳିଙ୍ଗର ପ୍ରଚୁର ସମ୍ପଦ ପ୍ରତି ଆକୃଷ୍ଟ ହୋଇଥିଲେ। ଶକ ଓ କୁଶାଣ ରାଜତ୍ୱର ଅବସାନ ମୁଖ୍ୟତଃ ଗୁପ୍ତବଂଶ ଓ ପୂର୍ବଭାରତୀୟ ନାଗବଂଶୀୟ ରାଜାମାନଙ୍କ ଦ୍ୱାରା ସମ୍ଭବ ହୋଇଥିଲା। ସମୁଦ୍ରଗୁପ୍ତଙ୍କ ଅଭିଯାନରେ ଯେଉଁ 'ମହାକାନ୍ତାର' ନାମକ ପ୍ରଦେଶ ସେ ଅତିକ୍ରମ କରିଥିଲେ, ତାହା କଳାହାଣ୍ଡି, କୋରାପୁଟ ଓ ଗଞ୍ଜାମର ଅରଣ୍ୟରାଜ୍ୟ ବୋଲି ଜଣାଯାଏ। ଏହାପରେ ସମୁଦ୍ରଗୁପ୍ତ ତତ୍କାଳୀନ ନୂଆଗଡ଼ (ସଂପ୍ରତି ନୟାଗଡ଼) ଅଞ୍ଚଳର ଓଡ଼ଗାଁ/ଶରଣକୁଳ ନିକଟସ୍ଥ 'କୁରାଳ' ନାମକ ସ୍ଥାନରେ ପ୍ରବେଶ କରିଥିଲେ।

ତତ୍କାଳୀନ ବ୍ରହ୍ମଦେଶର ଇତିହାସ ଅନୁଯାୟୀ ଉତ୍କଳ, କଙ୍ଗୋଦ ଓ କଳିଙ୍ଗ ରାଜ୍ୟକୁ ତ୍ରିକଳିଙ୍ଗ କୁହାଯାଉଥିଲା। ହୁଏନ୍‌ସାଂଙ୍କ ବିବରଣୀ ଅନୁଯାୟୀ ବର୍ତ୍ତମାନର ଓଡ଼ିଶା କୁହାଯାଉଥିବା ଅଞ୍ଚଳ ସ୍ୱାଧୀନ ଥିଲା ଏବଂ ଏହାର ଆୟତନ 'କୋଶ'ରେ ଆକଳନ ହେଉଥିଲା, ଯଥା: ନୂଆଗଡ଼ ଚଉଦକୋଶ, କେନ୍ଦୁଝର ବିଶା ଶହେ କୋଶ

Digitized by PPRACHIN, SOA

ଇତ୍ୟାଦି । ଏଭଳି ଭାବେ ଇତିହାସର ଘଟଣାବଳୀ ବିକ୍ଷିପ୍ତ ଭାବେ ପରିଦୃଷ୍ଟ ହୋଇଥାଏ । ଅତଏବ କୌଣସି ଅଞ୍ଚଳର ଇତିହାସ ରଚନା ଏକାନ୍ତ ଭାବେ ଅଧ୍ୟୟନଲିପ୍ସା, ତଥ୍ୟ ସଂଗ୍ରହରେ ନିଷ୍ଠାପର ଆଗ୍ରହ ତଥା ଆନ୍ତରିକ ଅଧ୍ୟବସାୟ ଉପରେ ନିର୍ଭର କରିଥାଏ ।

ଐତିହାସିକ ମାନଙ୍କ ଗବେଷଣାଲବ୍ଧ ତଥ୍ୟ ତଥା ସରକାରୀ ନଥିପତ୍ର ଭିତ୍ତିରେ ବଣ ପାହାଡ଼ ଘେରା ଦେବଭୂମି ନୟାଗଡ଼ ଜିଲ୍ଲାର କାଳଜୟୀ 'ନୟାଗଡ଼ ଇତିହାସ'ର ସ୍ରଷ୍ଟା ହେଉଛନ୍ତି ପ୍ରଫେସର ଡକ୍ଟର ପ୍ରେମାନନ୍ଦ ମହାପାତ୍ର । ଅଧୁନା ସେ ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ରୂପେ କାର୍ଯ୍ୟରତ । ଭାଷା ସାହିତ୍ୟଲିପ୍‌ସୁ, କଠିନ ଅଧ୍ୟବସାୟୀ, ଜ୍ଞାନପିପାସୁ ଡକ୍ଟର ମହାପାତ୍ରଙ୍କ ଲେଖନୀ ନିଃସୃତ 'ଓଡ଼ିଆ କାବ୍ୟ କବିତା ପ୍ରାଚୀନରୁ ସାଂପ୍ରତିକ', 'କୋଟିକୈବଲ୍ୟନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ' 'ବିଦ୍ୟାନଗରୀର ମହାନସାଧକ ସାମନ୍ତ ଚନ୍ଦ୍ରଶେଖର', 'ନୟାଗଡ଼ ବଘେଲ ରାଜବଂଶର ସାରସ୍ୱତ ସୌରଭ', 'ଶ୍ରୀଗୀତଗୋବିନ୍ଦ ଓ ମହାକବି ଶ୍ରୀଜୟଦେବ', 'କାଳଜୟୀ ପ୍ରତିଭା କବିସମ୍ରାଟ ଉପେନ୍ଦ୍ର ଭଞ୍ଜ', 'ଓଡ଼ିଶାର ଭାଷା ପରିକ୍ରମା', 'ଓଡ଼ିଆ ସାହିତ୍ୟର ଇତିହାସ', 'ଭାଷା ଓ ଭାଷା ବିଜ୍ଞାନ' ଓ ଅନ୍ୟାନ୍ୟ ଅନେକ ପୁସ୍ତକ ତାଙ୍କର ଅନବଦ୍ୟ ସୃଷ୍ଟି ।

'ନୟାଗଡ଼ ଇତିହାସ' ଗ୍ରନ୍ଥଟିରେ ବାଇଶୀଗୋଟି ପରିଚ୍ଛେଦ, ସହାୟକ ଗ୍ରନ୍ଥସୂଚୀ ଓ ପରିଶିଷ୍ଟ ଅନ୍ତର୍ଭୁକ୍ତ । ନୟାଗଡ଼ର ଐତିହାସିକ ପୃଷ୍ଠଭୂମି, ରାଜବଂଶ ପରମ୍ପରା, ଶାସନ, ତତ୍‌କାଳୀନ ସାମାଜିକ ଜୀବନ, ଅର୍ଥନୈତିକ ଓ ସାମାଜିକ ଅବସ୍ଥା, ବ୍ରିଟିଶ୍ ଶାସନାଧୀନ ନୟାଗଡ଼, ପ୍ରଜାମଣ୍ଡଳ ଓ ସ୍ୱାଧୀନତା ସଂଗ୍ରାମ ବିଷୟରେ ଆଲୋଚନା ସହ ଆଧୁନିକ ନୟାଗଡ଼ର ସାହିତ୍ୟ, ସଂସ୍କୃତି, ଶିଳ୍ପ, ମନ୍ଦିର, ଦେବାଦେବୀଙ୍କ ବିଷୟରେ ବିଷଦ ସୂଚନା ପ୍ରଦାନ କରାଯାଇଛି । ନୟାଗଡ଼ର ଜନଜାତି, ନାଟ୍ୟ ପରମ୍ପରା, ସ୍ମରଣୀୟ ବ୍ୟକ୍ତିତ୍ୱ ଇତ୍ୟାଦି ବିଷୟରେ ଆଲୋକପାତ କରି 'ନୟାଗଡ଼'ର ମୌଳିକ ପରମ୍ପରାକୁ ଉପସ୍ଥାପିତ କରିଛନ୍ତି । ସର୍ବୋପରି 'ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର' ଓ ବିଶ୍ୱପ୍ରସିଦ୍ଧ 'ସିଦ୍ଧାନ୍ତ ଦର୍ପଣ' ବିଷୟରେ ଚତୁର୍ଦ୍ଦଶ ପରିଚ୍ଛେଦରେ ସବିଶେଷ ଉଲ୍ଲେଖ କରି ଗ୍ରନ୍ଥଟିର ମାନବୃଦ୍ଧି କରିଛନ୍ତି ।

ଅତୀତର ନୂଆଗଡ଼ – ବର୍ତ୍ତମାନର ନୟାଗଡ଼ ଅଞ୍ଚଳ ଗଡ଼ଜାତ ରାଜ୍ୟ ଅନ୍ତର୍ଭୁକ୍ତ ହୋଇଥିଲେ ହେଁ, ଏହି ଅଞ୍ଚଳର ସଚେତନ ବ୍ୟକ୍ତିବିଶେଷ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ସ୍ୱାଧୀନତା ପରେ ୧୯୪୯ରୁ ପୁରୀ ଜିଲ୍ଲା

Digitized by PPRACHIN, SOA

ଅନ୍ତର୍ଗତ ଏକ ଅନୁବିଭାଗ (ସବ୍‌ଡିଭିଜନ) ଓ ୧୯୯୩ରୁ ଏହା ଜିଲ୍ଲାର ମାନ୍ୟତା ପ୍ରାପ୍ତ ହୋଇଛି । ଲେଖକ ଡକ୍ଟର ମହାପାତ୍ର ତାଙ୍କ ପ୍ରଥମ ପରିଚ୍ଛେଦରେ 'ନୟାଗଡ଼ ଜିଲ୍ଲାର ସାଧାରଣ ପରିଚିତି' କ୍ରମରେ ଏହା ଆଲୋଚନା କରି ନୟାଗଡ଼ ମାଟିର ସନ୍ତାନ ଭାବେ ନିଜେ ଗର୍ବ ଅନୁଭବ କରିଛନ୍ତି । ଗ୍ରନ୍ଥଟିକୁ ରଚନା କରିବା ତାଙ୍କର ବହୁଦିନର ଅଙ୍କୁରିତ ଇଚ୍ଛା ଓ ପରବର୍ତ୍ତୀ ସମୟରେ ନିଜସ୍ୱ କର୍ତ୍ତବ୍ୟ ଥିଲା ବୋଲି ସ୍ୱୀକାର ମଧ୍ୟ କରିଛନ୍ତି । 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ' ମହନୀୟତାକୁ ନିଜର ଲେଖନୀ ମୁନରେ ଅତି ସୁନ୍ଦରଭାବରେ ଉପସ୍ଥାପନା କରିଛନ୍ତି । ମା' ଓ ମାଟିର ବାସ୍ନାକୁ ତନ୍ନ ତନ୍ନ କରି ତଥ୍ୟ ଭରା ଉପସ୍ଥାପନା କରି ନିଜକୁ ଏକ ଅଭିସନ୍ଧିତ୍ସୁ ଭାବରେ ପ୍ରତିପାଦିତ କରିଛନ୍ତି ।

ମୋର ଜନ୍ମ ମଧ୍ୟ ଓଡ଼ଗାଁ ଅଞ୍ଚଳର ପଣ୍ଡିଖାରୀ ଶାସନ । ଏହା ନୟାଗଡ଼ ଜିଲ୍ଲା ଅନ୍ତର୍ଭୁକ୍ତ ହୋଇଥିବାରୁ ତାଙ୍କର ଏଭଳି ନିଷ୍ଠାପର ଉଦ୍ୟମକୁ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

ଏ ଗ୍ରନ୍ଥର ଆଦ୍ୟରୁ ପ୍ରାନ୍ତ ଯାଏ ବର୍ଣ୍ଣିତ ଘଟଣାବଳୀ ତଥ୍ୟ ସମ୍ବଳିତ ଓ ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣାଦାୟୀ ଏବଂ ଏଥିରେ ପ୍ରାଚୀନ ଉତ୍କଳ ଓ ଆଧୁନିକ ଓଡ଼ିଶାର ବହୁ ତଥ୍ୟ ସନ୍ନିବେଶିତ ହୋଇଅଛି । ଗ୍ରନ୍ଥଟି ସାବଲୀଳ ଓ ହୃଦୟଗ୍ରାହୀ ଭାଷାରେ ଲିଖିତ । ଏହାର ଶୈଳୀ ମଧ୍ୟ ମନୋରମ । ଓଡ଼ିଶାର ଇତିହାସ ଓ ସାହିତ୍ୟ କ୍ଷେତ୍ରରେ ଏକ ଅମୂଲ୍ୟ ଗ୍ରନ୍ଥ ଭାବେ ଏହା ବିବେଚିତ ହେବା ସୁନିଶ୍ଚିତ । ମୋର ଦୃଢ଼ ଆଶା ଓ ବିଶ୍ୱାସ - ମାନ ନିର୍ଦ୍ଧାରଣରେ 'ନୟାଗଡ଼ ଇତିହାସ' ଗ୍ରନ୍ଥଟି ନିଜସ୍ୱ ସ୍ଥାନ ହାସଲ କରିନେବ, ଏଥିରେ ସନ୍ଦେହ ନାହିଁ ।

ପୁସ୍ତକଟି ପଢ଼ିବାକୁ ଓ ଏଥିରେ ଅଭିମତ ଦେବାକୁ ଅନୁରୋଧ କରିଥିବାରୁ ମୁଁ ଡକ୍ଟର ମହାପାତ୍ରଙ୍କୁ ଶୁଭେଚ୍ଛା ଜଣାଉଛି ।

(ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ)

ସେଲ୍‌ଟର୍ ଛକ,
ତୁଳସୀପୁର, କଟକ

Digitized by PPRACHIN, SOA

କାଷ୍ଠ ନିର୍ମିତ ନୟାଗଡ଼ର ରାଜା ।

Digitized by PPRACHIN, SOA

ଡଃ. ଅରୁଣ କୁମାର ସାହୁ
ମନ୍ତ୍ରୀ
କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ
ସମ୍ପଦ ବିକାଶ ଏବଂ ଉଚ୍ଚ ଶିକ୍ଷା, ଓଡ଼ିଶା

ଦୂରଭାଷ { କାର୍ଯ୍ୟାଳୟ (୦୬୭୪) ୨୫୩୬୦୨୦
ପି.ଏ.ବି.ଏକ୍ସ : ୨୨୯୫
ଆବାସ : (୦୬୭୪)୨୫୩୨୩୨୬

ସଂଖ୍ୟା ..../ମକୃକୃସମପ୍ରାସବିଉଶି

ଭୁବନେଶ୍ୱର

ତାରିଖ ୨୫/୧୦/୨୦୨୦

ଅଭିମତ

ନୟାଗଡ଼ ଜିଲ୍ଲା ଓଡ଼ିଶାର ଏକ ଐତିହ୍ୟସଂପନ୍ନ ଜିଲ୍ଲା । ଅତୀତରେ ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା ଓ ରଣପୁରକୁ ନେଇ ପ୍ରଥମେ ନୟାଗଡ଼ ଉପଖଣ୍ଡ ଗଠନ କରାଯାଇଥିଲା । ୧ ୯ ୯୩ ମସିହା ଅପ୍ରେଲ ମାସ ୨ ତାରିଖରେ ନୟାଗଡ଼ ଜିଲ୍ଲାର ମାନ୍ୟତା ଲାଭ କଲା । ନୟାଗଡ଼ବାସୀଙ୍କର ବହୁଦିନର ଆଶା ଓ ସ୍ୱପ୍ନ ସାକାର ହେଲା ।

ନୟାଗଡ଼କୁ ବାଘୁଆ ନୟାଗଡ଼ କୁହାଯାଏ । ଅର୍ଥାତ୍ ନୟାଗଡ଼ ବାଘ ପରି ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଣୀ । ନୟାଗଡ଼ ଯୁଗେ ଯୁଗେ ତା'ର ସ୍ୱାତନ୍ତ୍ର୍ୟ ବଜାୟ ରଖିଆସିଛି । ଏ ଜିଲ୍ଲାର ମାଟି, ପାଣି, ପବନ, ନୈସର୍ଗିକ ସୌନ୍ଦର୍ଯ୍ୟ, କଳା, ସାହିତ୍ୟ, ଇତିହାସ, ସଂସ୍କୃତି ସଦାସର୍ବଦା ଓଡ଼ିଶାରେ ସ୍ୱକୀୟତା ପ୍ରତିପାଦନ କରିଛି । ଏହି ଜିଲ୍ଲାର ପଥର, ପାହାଡ଼, ନଦୀ, ପର୍ବତ, ମଠ, ମନ୍ଦିର ଇତିହାସର କଥା କହେ । ଏହି ମାଟିରେ ବହୁ ମନୀଷୀ ଜନ୍ମଗ୍ରହଣ କରି ସମଗ୍ର ମାନବ ଜାତିକୁ ଆଲୋକ ଦେଖାଇଛନ୍ତି ।

ନୟାଗଡ଼ର ଇତିହାସ ବହୁ ତଥ୍ୟ ଓ ଘଟଣାବଳୀର ଦସ୍ତାବିଜ୍ । ଏ ମାଟିରେ ବହୁ ଘଟଣା ଘଟିଯାଇଛି । ତାହା ଆଜି ଇତିହାସ ପାଲଟିଛି । ବର୍ତ୍ତମାନ ସମୟ ଆସିଛି ନୟାଗଡ଼ର ସେହି ବର୍ଣ୍ଣିଳ ଇତିହାସକୁ ଅନୁଶୀଳନ କରିବା, ଅଧ୍ୟୟନ କରିବା ।

Digitized by PPRACHIN, SOA

ଡକ୍ଟର ପ୍ରେମାନନ୍ଦ ମହାପାତ୍ର ନୟାଗଡ଼ ମାଟିର ସନ୍ତାନ । ତାଙ୍କ ଦ୍ୱାରା ଲିଖିତ 'ନୟାଗଡ଼ ଇତିହାସ' ପ୍ରକାଶ ପାଇବାକୁ ଯାଉଥିବାର ଜାଣି ମୁଁ ବିଶେଷ ଭାବରେ ଆନନ୍ଦିତ । ଏହା ପୂର୍ବରୁ ଡକ୍ଟର ମହାପାତ୍ରଙ୍କର ବହୁ ଗବେଷଣାତ୍ମକ ପୁସ୍ତକ ପାଠକ, ବିଦ୍ୟାର୍ଥୀ ଓ ଗବେଷକଙ୍କ ଦ୍ୱାରା ଆଦୃତ ହୋଇଛି । 'ନୟାଗଡ଼ ଇତିହାସ' ପୁସ୍ତକଟି ତାଙ୍କର ବହୁଦିନର ଅଧ୍ୟୟନ ଓ ଅଧ୍ୟବସାୟର ଅମୃତମୟ ଫଳ । ଇତିହାସର ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ଡ. ମହାପାତ୍ର ଏଥିରେ ଉପସ୍ଥାପନ କରିଛନ୍ତି। ଏଥିରେ ବାଇଶୀଗୋଟି ପରିଚ୍ଛେଦ ରହିଛି। ନୟାଗଡ଼ ଇତିହାସ କେବଳ ଯେ ରାଜରାଜୁଡ଼ାଙ୍କ ଇତିହାସ ଏହି ବିଚାରଧାରାକୁ ସେ ଆଦୌ ସ୍ୱୀକାର କରିନାହାନ୍ତି, ବରଂ ଅତୀତର ନୟାଗଡ଼ବାସୀଙ୍କର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ପରିଚୟ, ସାମରିକ ବ୍ୟବସ୍ଥା, ବ୍ରିଟିଶ ଶାସନରେ ନୟାଗଡ଼, ରାଜ୍ୟ ଶାସନ ବ୍ୟବସ୍ଥା, ନୟାଗଡ଼ ମେଳି, ନୟାଗଡ଼ ବିଦ୍ରୋହ, ପ୍ରଜାମଣ୍ଡଳ ଆନ୍ଦୋଳନ ଇତିହାସ, ନୟାଗଡ଼ର ମନ୍ଦିର, ଶିଳ୍ପ, ନୟାଗଡ଼ର ସାହିତ୍ୟ, ନୟାଗଡ଼ର ସ୍ମରଣୀୟ ବ୍ୟକ୍ତିତ୍ୱ ଓ କୃତୀ ସନ୍ତାନ ପ୍ରଭୃତି ବିଭିନ୍ନ ପ୍ରସଙ୍ଗକୁ ଉଲ୍ଲେଖ କରିଛନ୍ତି । ପୁସ୍ତକଟି ସବୁ ଦୃଷ୍ଟିରୁ ତଥ୍ୟଭିତ୍ତିକ ଓ ଆକର୍ଷଣୀୟ ହୋଇପାରିଛି ।

'ନୟାଗଡ଼ ଇତିହାସ' ପୁସ୍ତକଟି ଡକ୍ଟର ପ୍ରେମାନନ୍ଦ ମହାପାତ୍ରଙ୍କର ଏକ ସଫଳ ପ୍ରଚେଷ୍ଟା । ଏହି ପୁସ୍ତକଟି ନୟାଗଡ଼ବାସୀ ଏବଂ ନୟାଗଡ଼ପ୍ରେମୀଙ୍କ ସମେତ ସୁଧୀ ପାଠକମଣ୍ଡଳୀଙ୍କ ଦ୍ୱାରା ଆଦୃତ ହେବ ବୋଲି ମୋର ଆଶା । ପୁସ୍ତକଟିର ସମସ୍ତ ସଫଳତା କାମନା କରୁଛି ।

(ଡ. ଅରୁଣ କୁମାର ସାହୁ)

ଭୁବନେଶ୍ୱର,
ତା୨୫।୧୦।୨୦୨୦

Digitized by PPRACHIN, SOA

ମୁଖବନ୍ଧ

"ପୁଣ୍ୟ ଜନ୍ମମାଟି ପୁଣ୍ୟ ଦେବାଳୟ
ଉଦ୍ଧରିବା ପାଇଁ ତନୁ କଲେ କ୍ଷୟ
ମାନବ ଜୀବନ ହୁଅଇ ସଫଳ
ଏ ମହାଦୀକ୍ଷା କି ବୁଝିବ ଉତ୍କଳ ?"

ଉତ୍କଳଭୂମିର ବରପୁତ୍ର ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଉପର୍ଯ୍ୟୁକ୍ତ ଉକ୍ତିଟି କାଳ କାଳ ପାଇଁ ଓଡ଼ିଶାବାସୀଙ୍କୁ ଉଦ୍‌ବୁଦ୍ଧ କରି ଆସିଛି । ନିଜ ଜନ୍ମମାଟିର ବାସ୍ନାରେ ବାସ୍ନାୟିତ ହେବା, ନିଜ ଜନ୍ମଭୂମିର ମହକରେ ମହକିତ ହେବା, ନିଜ ଜନ୍ମମାଟିକୁ ଭଲପାଇବା- ହେଉଛି ଜୀବନର ବଡ଼ ଦିଗ । ସେଥିପାଇଁ ତ କୁହାଯାଇଛି- "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ।"

ନୟାଗଡ଼ ଜିଲ୍ଲାରେ ମୋର ଜନ୍ମ । ଅବଶ୍ୟ ମୁଁ ଜନ୍ମ ହେଲା ବେଳକୁ ନୟାଗଡ଼ ଜିଲ୍ଲା ରୂପେ ଘୋଷିତ ହୋଇ ନ ଥିଲା । ସେତେବେଳେ ନୟାଗଡ଼ ଥିଲା ପୁରୀ ଜିଲ୍ଲା ଅନ୍ତର୍ଗତ ଗୋଟିଏ ଉପଖଣ୍ଡ ବା ସବ୍‌ଡିଭିଜନ ।

ମୁଁ N.R.T.S. ବୃତ୍ତିପାଇ ନୟାଗଡ଼ର ପ୍ରସିଦ୍ଧ ହାଇସ୍କୁଲ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ୍ ଅଧ୍ୟୟନ କରି ସେଠାରୁ ଉତ୍ତୀର୍ଣ୍ଣ ହେଲି । ହାଇସ୍କୁଲ କ୍ୟାମ୍ପସରେ ରହିଥିବା ବ୍ରଜକିଶୋରୀ ଛାତ୍ରାବାସର ମୁଁ ଅନ୍ତେବାସୀ ଥିଲି । ମନରେ ଆଗ୍ରହ ଥିବା ଯୋଗୁଁ ମୁଁ ଏଠାରୁ ନୟାଗଡ଼ ପୁରୁଣା ରାଜବାଟୀକୁ ଓ ନୂଆ ରାଜବାଟୀକୁ ବାରମ୍ବାର ଦେଖିବାକୁ ଯାଏ ।

ଏହାପରେ ନୟାଗଡ଼ କଲେଜରେ ମୁଁ ଆଇ.ଏ. ଶ୍ରେଣୀ ପଢ଼ିଲି । ଏହିପରି ଛଅବର୍ଷ କାଳ ମୁଁ ନୟାଗଡ଼ ସହରରେ ରହିଥିଲି ।

ନୟାଗଡ଼ର ଗୁକ୍ଷି ଏବଂ ବଳରାମ ପର୍ବତ, ଜଗନ୍ନାଥ ମନ୍ଦିର, ଦକ୍ଷିଣକାଳୀ ମନ୍ଦିର, ପୁରୁଣା ରାଜବାଟୀ, ଶୂରଦେଓ ଭବନ, ସାଗର ପୋଖରୀ ପ୍ରଭୃତି ମୋ ମନ ଭିତରେ ଆଙ୍କି ହୋଇ ରହିଥିଲା । ନୟାଗଡ଼ର ଛେନାପୋଡ଼, ଦକ୍ଷିଣକାଳୀଙ୍କ କାକରା, ଖୁରୁମା, ଜଗନ୍ନାଥ ମନ୍ଦିରର ଥାଳିପଟ ପରି କାକରା ମୋର ବିଶେଷ ପ୍ରିୟ ଥିଲା । ନୟାଗଡ଼ରେ ରଥଯାତ୍ରା, ବ୍ରଜେନ୍ଦ୍ର କିଶୋର ସିଂହଙ୍କ ଛେରାପହଁରା, ଦକ୍ଷିଣକାଳୀଙ୍କ ପ୍ରସିଦ୍ଧ ପଣାଯାତ୍ରା ଦେଖି ମୁଁ ଅଭିଭୂତ ହୋଇଛି ।

Digitized by PPRACHIN, SOA

ନୟାଗଡ଼ର କବି ରାଜକିଶୋର ପଟ୍ଟନାୟକ, କବି ମାଧବ ଚୌଧୁରୀ, ଫକୀର ଚରଣ ପଟ୍ଟନାୟକ, ଶ୍ରୀମନ୍ତ ଦାସ, ବାବାଜୀବାବୁ ଓକିଲ, ଅକ୍ରୁରବାବୁ ଓକିଲ, ଡାକ୍ତର ଗୋପାଳ ପଟ୍ଟନାୟକଙ୍କର ଶ୍ରଦ୍ଧା ଓ ସ୍ନେହ ମୋ ପାଇଁ ଅଭୁଲା ।

ନୟାଗଡ଼ ମୋର ଜନ୍ମମାଟି ହେଲେ ହେଁ କର୍ମସାଧନ ପାଇଁ ମୋତେ ନୟାଗଡ଼ଠାରୁ ଦୂରରେ ରହିବାକୁ ପଡ଼ିଛି । ଦୂରରେ ଥାଇ ମୁଁ ନୟାଗଡ଼ କଥା ଭାବେ, ନୟାଗଡ଼ର ମଧୁକ୍ଷରା ସ୍ମୃତି ମୋ ମାନସପଟରେ ଉଙ୍କିମାରେ ।

ନୟାଗଡ଼ର ଇତିହାସ ଲେଖିବା ପାଇଁ ମୋ ମନରେ ବହୁ ଦିନରୁ ଆଶାର ବୀଜଟିଏ ଅଙ୍କୁରିତ ହୋଇଥିଲା । ମୁଁ ମୋର ପିଏଚ୍.ଡି. ସନ୍ଦର୍ଭ **"ଓଡ଼ିଆ ସାହିତ୍ୟକୁ ନୟାଗଡ଼ ଜିଲ୍ଲାର ଅବଦାନ"** ପ୍ରସ୍ତୁତ କାଳରୁ ଅର୍ଥାତ୍ ୧୯୮୭ ମସିହା ଠାରୁ ନୟାଗଡ଼ ଇତିହାସ ସମ୍ପର୍କିତ ବହୁ ତଥ୍ୟ ବ୍ୟକ୍ତିଗତ ଆଗ୍ରହ ଯୋଗୁଁ ସଂଗ୍ରହ କରି ଆସୁଥିଲି ।

'ନୟାଗଡ଼ ଇତିହାସ' ପ୍ରସ୍ତୁତି ବହୁ ତଥ୍ୟ ସମ୍ବଳିତ ଏବଂ ଆୟାସସାଧ୍ୟ ବ୍ୟାପାର । ମୋ ବିଚାରରେ ଏହି ପୁସ୍ତକଟି ହେଉଛି ମୋର ଜନ୍ମମାଟି ପାଇଁ କିଞ୍ଚିତ୍ ଋଣ ପରିଶୋଧ । କାରଣ ଜନ୍ମମାଟିର ଋଣ ପରିଶୋଧ ତ କସ୍ମିନ୍ କାଳେ ସମ୍ଭବ ନୁହେଁ । ଇତିହାସ କହିଲେ କେବଳ ରାଜନ୍ୟବର୍ଗ କିମ୍ବା ସେମାନଙ୍କର ରାଜବଂଶ ଇତିହାସକୁ ବୁଝାଏ ନାହିଁ । ଇତିହାସର ପରିସର ଆହୁରି ବ୍ୟାପକ । ଜନଜୀବନର ଇତିହାସକୁ ମଧ୍ୟ ଏହା ସହିତ ସାମିଲ କରିବାକୁ ପଡ଼ିବ । ମଧ୍ୟଯୁଗରେ ସାମାଜିକ ଓ ଆର୍ଥନୀତିକ ବ୍ୟବସ୍ଥାକୁ ମଧ୍ୟ ଆଲୋଚନା କରାଯିବା ବାଞ୍ଛନୀୟ ।

ଏହି ଗ୍ରନ୍ଥଟିର ବିଷୟବସ୍ତୁକୁ ୨୨ଗୋଟି ପରିଚ୍ଛେଦରେ ଆଲୋଚନା କରାଯାଇଛି । ଏହି ଗ୍ରନ୍ଥଟିର ପରିଶିଷ୍ଟରେ ବହୁ ଦୁର୍ଲ୍ଲଭ ତଥ୍ୟ ସଂଯୋଜିତ ।

ଏହି ଗ୍ରନ୍ଥଟିର ପ୍ରସ୍ତୁତି ପାଇଁ ମୁଁ ବିକ୍ରମଦେବ କଲେଜ, ଜୟପୁରର ଲାଇବ୍ରେରୀ, ଫୁଲବାଣୀ ସରକାରୀ ମହିଳା ବିଦ୍ୟାଳୟ ଲାଇବ୍ରେରୀ, ଭୁବନେଶ୍ୱର ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟର ଲାଇବ୍ରେରୀ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଲାଇବ୍ରେରୀ, ସରକାରୀ ମହାବିଦ୍ୟାଳୟ ଅନୁଗୁଳର ଲାଇବ୍ରେରୀ, ଓଡ଼ିଶା ମ୍ୟୁଜିୟମ୍ ଲାଇବ୍ରେରୀ, ଓଡ଼ିଶା ଅଭିଲେଖାଗାର, ଭୁବନେଶ୍ୱର, କନ୍ଧମାଳ ଜିଲ୍ଲା କଲେକ୍ଟୋରେଟ୍‌ର ରେକର୍ଡ ରୁମ୍‌ର ଅଧିକାରୀ ଏବଂ ଉଦୟପୁରର ଦାଶରଥି ପଟ୍ଟନାୟକ ପାଠାଗାରର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଉଛି ।

ଏହି ପୁସ୍ତକ 'ନୟାଗଡ଼ ଇତିହାସ' ସମ୍ପର୍କରେ ଓଡ଼ିଶାର **ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ** ମୂଲ୍ୟବାନ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିବାରୁ ମୁଁ ମହାମହିମ ରାଜ୍ୟପାଳଙ୍କ ନିକଟରେ ଆଜୀବନ କୃତଜ୍ଞ ରହିବି ।

Digitized by PPRACHIN, SOA

ଏହି ଗ୍ରନ୍ଥଟିକୁ ଆମୂଳଚୂଳ ପାଠ କରି ନୟାଗଡ଼ ଜିଲ୍ଲାର କୃତୀ ସନ୍ତାନ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟର **ମାନ୍ୟବର ନ୍ୟାୟମୂର୍ତ୍ତି ଡକ୍ଟର ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ** ମାନନୀୟେଷୁ, ମୂଲ୍ୟବାନ୍ ଅଭିମତ ପ୍ରଦାନ କରିଥିବାରୁ ମୁଁ ତାଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛି ।

ବିବିଧ କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ମୂଲ୍ୟବାନ ସମୟ ଦେଇ ଏହି ଗ୍ରନ୍ଥଟିକୁ ସହୃଦୟତାର ସହିତ ପାଠ କରି ନୟାଗଡ଼ ଜିଲ୍ଲାର ଗର୍ବ ଓ ଗୌରବ ତଥା ଓଡ଼ିଶାର କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଉଚ୍ଚଶିକ୍ଷା ବିଭାଗର **ମାନ୍ୟବର ମନ୍ତ୍ରୀ ଡକ୍ଟର ଅରୁଣ କୁମାର ସାହୁ** ମାନନୀୟେଷୁ, ମୂଲ୍ୟବାନ ଅଭିମତ ପ୍ରଦାନ କରିଥିବାରୁ ମୁଁ ମାନ୍ୟବର ମନ୍ତ୍ରୀ ମହୋଦୟଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛି ।

ଏହି ଗ୍ରନ୍ଥର ଆତ୍ମପ୍ରକାଶ ପାଇଁ ମୋତେ ଯେଉଁମାନେ ବିଶେଷ ଉତ୍ସାହିତ କରିଛନ୍ତି, ସେହି ବରେଣ୍ୟ ବ୍ୟକ୍ତିମାନେ ହେଲେ- ଶ୍ରୀଯୁକ୍ତ କୈଳାସ ପାଣିଗ୍ରାହୀ (ବାହାଡ଼ାଝୋଲା), ଶ୍ରୀଯୁକ୍ତ ବିଜୟ କୁମାର ବେବର୍ତ୍ତା ପଟ୍ଟନାୟକ (ନୟାଗଡ଼), ଡକ୍ଟର ଅରବିନ୍ଦ ପଟ୍ଟନାୟକ (ଭୁବନେଶ୍ୱର), ଡକ୍ଟର କୃଷ୍ଣକୁମାର ପଟ୍ଟନାୟକ (ପୁରୀ), ଡକ୍ଟର ବାଳକୃଷ୍ଣ ମହାପାତ୍ର (ଭୁବନେଶ୍ୱର), ଶ୍ରୀଯୁକ୍ତ ଗୋଦାବରୀଶ ମିଶ୍ର (ନୟାଗଡ଼), ଶ୍ରୀଯୁକ୍ତ ବିଶ୍ୱନାଥ ଲାଲ (ଭୁବନେଶ୍ୱର), ପ୍ରଫେସର କୈଳାସ ଚନ୍ଦ୍ର ଦାଶ (ଗୋବିନ୍ଦପୁର), ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ଦୀନବନ୍ଧୁ ମିଶ୍ର (ନୟାଗଡ଼), ଶ୍ରୀଯୁକ୍ତ ପ୍ରଦୀପ୍ତ ପଟ୍ଟନାୟକ (ନୟାଗଡ଼), ଶ୍ରୀଯୁକ୍ତ ପ୍ରମୋଦ କୁମାର ପଟ୍ଟନାୟକ (ନୟାଗଡ଼), ଶ୍ରୀଯୁକ୍ତ କମଳ କୁମାର ଦାସ (ନୟାଗଡ଼), ଶ୍ରୀଯୁକ୍ତ ଆଶୁତୋଷ ରଥ (ନୟାଗଡ଼), ଶ୍ରୀଯୁକ୍ତ ବିରଞ୍ଚି ନାରାୟଣ ତ୍ରିପାଠୀ (ରଣପୁର), ଶ୍ରୀଯୁକ୍ତ ଅଶୋକ କୁମାର ନାୟକ (ଇଟାମାଟି), ଡକ୍ଟର ଗୋବିନ୍ଦଚନ୍ଦ୍ର ଦାଶ (ନୟାଗଡ଼), ଶ୍ରୀଯୁକ୍ତ ପ୍ରସନ୍ନ କୁମାର ରଥ (ନୟାଗଡ଼), ଶ୍ରୀ ହୃଷୀକେଶ ଦାଶ (ଗୋବିନ୍ଦପୁର), ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ମହାପାତ୍ର (ମାଳିସାହି), ଶ୍ରୀଯୁକ୍ତ ବିଶ୍ୱନାଥ ମହାପାତ୍ର (ମାଳିସାହି), ଶ୍ରୀମତୀ ସୁକାନ୍ତି ମହାନ୍ତି (ଇଟାମାଟି), ଶ୍ରୀଯୁକ୍ତ ହାଡ଼ିବନ୍ଧୁ ମହାଖୁଡ଼ (ଦଶପଲ୍ଲା), ଶ୍ରୀଯୁକ୍ତ ଅନନ୍ତ ଚରଣ ମିଶ୍ର (ଫୁଲବାଣୀ), ଶ୍ରୀଯୁକ୍ତ ରବୀନ୍ଦ୍ରନାଥ ମିଶ୍ର (ଫୁଲବାଣୀ), ଶ୍ରୀଯୁକ୍ତ ନୃସିଂହାନନ୍ଦ ମହାପାତ୍ର (ଫୁଲବାଣୀ), ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ (ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ), ପ୍ରଫେସର ସଦାନନ୍ଦ ନାୟକ (ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ) ।

ଗ୍ରନ୍ଥଟିକୁ ଲୋକଲୋଚନକୁ ଆଣିବା ପାଇଁ ସର୍ବାନ୍ତକରଣରେ ଆଗ୍ରହ ପ୍ରକାଶ କରିଥିବା କଟକ ସତ୍ୟନାରାୟଣ ବୁକ୍ ଷ୍ଟୋର୍‌ର ସ୍ୱତ୍ତ୍ୱାଧିକାରୀଙ୍କୁ ସାଧୁବାଦ ଜଣାଉଛି । ଏହି ଗ୍ରନ୍ଥଟିର ପ୍ରଚ୍ଛଦପଟ ଶିଳ୍ପୀ ଶଶିକାନ୍ତ ରାଉତ ଏବଂ ଡି.ଟି.ପି. ଦାୟିତ୍ୱ ତୁଲାଇଥିବା ପ୍ରସନ୍ନବାବୁ (ଭୁବନେଶ୍ୱର) ଓ ଟୁଲୁବାବୁ (କଟକ)ଙ୍କୁ ସାଧୁବାଦ ଜଣାଉଛି ।

Digitized by PPRACHIN, SOA

ଏହି ପୁସ୍ତକକୁ ଦେଖିବା ପାଇଁ ଯେଉଁ କେତେଜଣ ବିଜ୍ଞ ଓ ଆଗ୍ରହୀ ବ୍ୟକ୍ତି ବିଶେଷ ଆନ୍ତରିକତା ପ୍ରକାଶ କରିଥିଲେ ଏବଂ କୋଭିଡ୍ ଭଳି ଏହି ମହାମାରୀ ସମୟରେ ସେମାନଙ୍କ ମଧ୍ୟରୁ କେତେଜଣ ଇହଜଗତରୁ ବିଦାୟ ନେଇଛନ୍ତି । ମୁଁ ପରମେଶ୍ୱରଙ୍କ ନିକଟରେ ସେମାନଙ୍କର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛି ।

ନୟାଗଡ଼ ଇତିହାସ ପ୍ରଣୟନ ପାଇଁ ବହୁ ବିଜ୍ଞ ଏବଂ ସହୃଦୟ ବ୍ୟକ୍ତି ମୋତେ ଉତ୍ସାହ ଦେଇ ଆସିଛନ୍ତି । ତଥ୍ୟ ସଂଗ୍ରହ ଦିଗରେ ମୋତେ ସେମାନେ ବରାବର ସହଯୋଗର ହାତ ବଢ଼ାଇଛନ୍ତି । ମୁଁ ସେମାନଙ୍କୁ ଏହି ଅବସରରେ ଗଭୀର କୃତଜ୍ଞତା ଜ୍ଞାପନ କରିବା ସହିତ ଏହି ପୁସ୍ତକର ଶ୍ରେୟ ସେମାନଙ୍କର ପ୍ରାପ୍ୟ ବୋଲି ବିଚାର କରେ ।

'ନୟାଗଡ଼ ଇତିହାସ' ପୁସ୍ତକ ରଚନା କରିବା ପାଇଁ ମୁଁ ଯେଉଁ ପୁସ୍ତକ ସମୂହ ଏବଂ ମାଗାଜିନ୍, ଜର୍ଣ୍ଣାଲ ପ୍ରଭୃତିର ସାହାଯ୍ୟ ନେଇଛି, ସେହି ପୁସ୍ତକ ଏବଂ ଜର୍ଣ୍ଣାଲରେ ସନ୍ନିବେଶିତ ଲେଖାଗୁଡ଼ିକର ଲେଖକମାନଙ୍କ ନିକଟରେ ଗଭୀର କୃତଜ୍ଞତା ଜ୍ଞାପନ କରୁଛି । ସେମାନଙ୍କ ନିକଟରେ ମୁଁ ଗଭୀର ଭାବରେ ଋଣୀ ହୋଇ ରହିବି । ମୁଁ ବିଶେଷ ଭାବରେ ଡକ୍ଟର ସ୍ନିଗ୍ଧା ତ୍ରିପାଠୀ, ଡକ୍ଟର ଭାରତୀ ପାଲ୍ ମହୋଦୟାଙ୍କୁ ସେମାନଙ୍କର ତଥ୍ୟ ପାଇଁ କୃତଜ୍ଞତା ଜ୍ଞାପନ କରୁଛି ।

ସର୍ବୋପରି ମୋର ପୂଜ୍ୟନନା ଶିକ୍ଷକକୁଳର ଗୌରବ ଶ୍ରୀଯୁକ୍ତ ତ୍ରିନାଥ ମହାପାତ୍ରଙ୍କୁ ମୋର ଭକ୍ତିପୂତ ପ୍ରଣାମ ନିବେଦନ କରୁଛି । ମୋର କନିଷ୍ଠାଭଗ୍ନୀ ଅଧ୍ୟାପିକା ଓ ଗବେଷିକା ଡକ୍ଟର କନକଲତା ମହାପାତ୍ର, ଓ.ଇ.ଏସ୍.ଙ୍କୁ ସାଧୁବାଦ ଓ କଲ୍ୟାଣ ଜଣାଉଛି ।

ଏହି ବହିଟିକୁ ଦେଖିବାପାଇଁ ଯେ ବେଶି ଆଗ୍ରହୀ ଥିଲେ, କିନ୍ତୁ ଦୁଃଖର କଥା ସେ ଆମ ଗହଣରେ ଆଉ ନାହାନ୍ତି, ସେହି ଦିବଂଗତ ଅଗ୍ରଜକଳ୍ପ ବାଇଡ଼ଙ୍କ ଦାସଙ୍କୁ ସ୍ମରଣ କରୁଛି । ତାଙ୍କର ଦିବ୍ୟାତ୍ମାଙ୍କୁ ମୁଁ ପ୍ରଣାମ ଜଣାଏ ।

ପରିଶେଷରେ ମୋର ସମସ୍ତ ଗୁରୁଜନଙ୍କର ଆଶିଷ ଭିକ୍ଷା କରୁଛି ।

ଏହି ପୁସ୍ତକଟି ମୋର ନୟାଗଡ଼ବାସୀ ଭାଇମାନଙ୍କ ଦ୍ୱାରା ଏବଂ ନୟାଗଡ଼ ପ୍ରେମୀ ବନ୍ଧୁମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା ପୋଷଣ କରି ରହୁଛି ।

ବନ୍ଦେ ଉତ୍କଳ ଜନନୀ

ବନ୍ଦେ ନବଦୁର୍ଗା ଜନନୀ

ଜୟ ଜଗନ୍ନାଥ

ଓଁ ନମଃ ଶିବାୟ

ଭୁବନେଶ୍ୱର
ମାର୍ଚ୍ଚ, ୨୦୨୧

ବିନୀତ
ପ୍ରେମାନନ୍ଦ ମହାପାତ୍ର

Digitized by PPRACHIN, SOA

ସୂଚୀପତ୍ର

କ୍ର.ନଂ.	ବିଷୟ	ପୃଷ୍ଠା
୧.	ପ୍ରଥମ ପରିଚ୍ଛେଦ : ନୟାଗଡ଼ ଜିଲ୍ଲା : ଏକ ସାଧାରଣ ପରିଚିତି	୧୯
୨.	ଦ୍ୱିତୀୟ ପରିଚ୍ଛେଦ : ନୟାଗଡ଼ର ଐତିହାସିକ ପୃଷ୍ଠଭୂମି	୪୫
୩.	ତୃତୀୟ ପରିଚ୍ଛେଦ : ନୟାଗଡ଼ ରାଜବଂଶ ଓ ରାଜକୀୟ ପରମ୍ପରା	୮୩
୪.	ଚତୁର୍ଥ ପରିଚ୍ଛେଦ : ରାଜ୍ୟ ଶାସନ	୧୮୩
୫.	ପଞ୍ଚମ ପରିଚ୍ଛେଦ : ବ୍ରିଟିଶ୍ ଶାସନରେ ନୟାଗଡ଼	୨୦୬
୬.	ଷଷ୍ଠ ପରିଚ୍ଛେଦ : ରାଜରାଜୁଡ଼ା ଶାସନକାଳରେ ସାମାଜିକ ଜୀବନ, ଅର୍ଥନୈତିକ ଅବସ୍ଥା ଓ ସାମରିକ ବ୍ୟବସ୍ଥା	୨୩୦
୭.	ସପ୍ତମ ପରିଚ୍ଛେଦ : ନୟାଗଡ଼ ମେଳି ଓ ସ୍ୱାଧୀନତା ଆନ୍ଦୋଳନ	୨୪୬
୮.	ଅଷ୍ଟମ ପରିଚ୍ଛେଦ : ପ୍ରଜାମଣ୍ଡଳ ଆନ୍ଦୋଳନର ଇତିହାସ	୨୬୩
୯.	ନବମ ପରିଚ୍ଛେଦ : ଆଧୁନିକ ନୟାଗଡ଼ର ଇତିହାସ	୨୭୭
୧୦.	ଦଶମ ପରିଚ୍ଛେଦ : ନୟାଗଡ଼ ଜିଲ୍ଲାର ଓଡ଼ିଆ ସାହିତ୍ୟ	୨୮୯
୧୧.	ଏକାଦଶ ପରିଚ୍ଛେଦ : ସଂସ୍କୃତ ସାହିତ୍ୟ	୩୩୭

Digitized by PPRACHIN, SOA

୧୨. ଦ୍ୱାଦଶ ପରିଚ୍ଛେଦ : ୩୮୦
ଇଂରାଜୀ ସାହିତ୍ୟ

୧୩. ତ୍ରୟୋଦଶ ପରିଚ୍ଛେଦ : ୩୯୫
ନୟାଗଡ଼ର ମାନ୍ଧାତା ପ୍ରେସ୍, ସାହିତ୍ୟିକ ଅନୁଷ୍ଠାନ ଓ ପତ୍ରପତ୍ରିକା

୧୪. ଚତୁର୍ଦ୍ଦଶ ପରିଚ୍ଛେଦ : ୪୧୮
ମନୀଷୀ ସାମନ୍ତଚନ୍ଦ୍ରଶେଖର ଓ 'ସିଦ୍ଧାନ୍ତ ଦର୍ପଣ'

୧୫. ପଞ୍ଚଦଶ ପରିଚ୍ଛେଦ : ୪୩୬
ନୟାଗଡ଼ର ମନ୍ଦିର ଶିଳ୍ପ, ଦେବଦେବୀ ଓ ସାଂସ୍କୃତିକ ପରମ୍ପରା

୧୬. ଷୋଡ଼ଶ ପରିଚ୍ଛେଦ : ୪୭୬
ନୟାଗଡ଼ର ନାଟ୍ୟ ପରମ୍ପରା

୧୭. ସପ୍ତଦଶ ପରିଚ୍ଛେଦ : ୪୯୭
ନୟାଗଡ଼ରେ ରାଜରାଜୁଡ଼ା ସମୟରେ ପ୍ରଚଳିତ ଶବ୍ଦାବଳୀ

୧୮. ଅଷ୍ଟାଦଶ ପରିଚ୍ଛେଦ : ୫୦୪
ନୟାଗଡ଼ର ଲୋକଦେବତା ଓ ଲୋକ ଧର୍ମ

୧୯. ଊନବିଂଶ ପରିଚ୍ଛେଦ : ୫୨୫
ନୟାଗଡ ଜିଲ୍ଲାର ମଠ ସଂସ୍କୃତିର ଇତିହାସ

୨୦. ବିଂଶ ପରିଚ୍ଛେଦ : ୫୩୪
ନୟାଗଡ ଜିଲ୍ଲାର ଲୋକନାଟକ

୨୧. ଏକବିଂଶ ପରିଚ୍ଛେଦ : ୫୭୬
ନୟାଗଡ଼ ଜିଲ୍ଲା ଜନଜାତିର ଇତିହାସ

୨୨. ଦ୍ୱାବିଂଶ ପରିଚ୍ଛେଦ : ୫୮୫
ନୟାଗଡ଼ର କୃତୀ ସନ୍ତାନ ଓ ସ୍ମରଣୀୟ ବ୍ୟକ୍ତିତ୍ୱ

❖ ପରିଶିଷ୍ଟ ୬୨୪

❖ ସହାୟକ ଗ୍ରନ୍ଥସୂଚୀ ୭୦୭

Digitized by PPRACHIN, SOA

ପ୍ରଥମ ପରିଚ୍ଛେଦ

ନୟାଗଡ଼ ଜିଲ୍ଲା : ଏକ ସାଧାରଣ ପରିଚିତି

Digitized by PPRACHIN, SOA



(ନୟାଗଡ଼ ଜିଲ୍ଲାର ମାନଚିତ୍ର)

Digitized by PPRACHIN, SOA

ଓଡ଼ିଶାର ତିରିଶି ଗୋଟି ଜିଲ୍ଲା ମଧ୍ୟରେ ନୟାଗଡ଼ ଅନ୍ୟତମ । ୧୯୯୩ ମସିହା ଚୈତ୍ର ଶୁକ୍ଳ ଦଶମୀ ଅପ୍ରେଲ ମାସ ୨ ତାରିଖ ହେଉଛି ନୟାଗଡ଼ ଜିଲ୍ଲାର ଜନ୍ମଲଗ୍ନ । ଏହି ସ୍ମରଣୀୟ ଦିବସରେ ନୟାଗଡ଼ ଅନୁବିଭାଗ (Sub-Division) ଟି ଓଡ଼ିଶା ସରକାରଙ୍କ ଦ୍ୱାରା ଜିଲ୍ଲା ରୂପେ ଘୋଷିତ ହେଲା । ଏହା ପୂର୍ବରୁ ନୟାଗଡ଼ ଅନୁବିଭାଗଟି ଅବିଭକ୍ତ ପୁରୀ ଜିଲ୍ଲାର ଅନ୍ତର୍ଗତ ଥିଲା । ସୂଚନାଯୋଗ୍ୟ ଯେ ଅବିଭକ୍ତ ପୁରୀ ଜିଲ୍ଲାରେ ଚାରିଗୋଟି ଅନୁବିଭାଗ ରହିଥିଲା, ଯଥା: ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା ଓ ନୟାଗଡ଼ ।

ନୟାଗଡ଼ ଜିଲ୍ଲା ୨୦.୦୫ ରୁ ୨୦.୧୦ ଉତ୍ତର ଅକ୍ଷାଂଶ ଏବଂ ୮୫.୦୫ ରୁ ୮୫.୧୦ ପୂର୍ବଦ୍ରାଘିମା ମଧ୍ୟରେ ଅବସ୍ଥିତ । ସମୁଦ୍ର ପତ୍ତନଠାରୁ ନୟାଗଡ଼ ଜିଲ୍ଲା ପ୍ରାୟ ପାଞ୍ଚଶହ ଫୁଟ ଉଚ୍ଚତାରେ ବିଦ୍ୟମାନ । ନୟାଗଡ଼ ଜିଲ୍ଲାର ସଦର ମହକୁମା ହେଉଛି ନୟାଗଡ଼ ଟାଉନ୍ । ଏହି ସହରର ମହିମା ଓ ଗୌରବ ଲୋକମୁଖରେ ପ୍ରଚଳିତ । ନୟାଗଡ଼ ସମ୍ପର୍କରେ କବି ପଣ୍ଡିତ ଚନ୍ଦ୍ରମଣି ପ୍ରଧାନଙ୍କ ନିମ୍ନୋକ୍ତି ବେଶ୍ ମନୋଜ୍ଞ । ତାଙ୍କ ଭାଷାରେ-

''ଯତ୍ରାସ୍ତି ରୁକ୍ଷି ବଳରାମ ସୁରମ୍ୟଶୈଳୌ
ଯତ୍ରାସ୍ତି ସାକ୍ଷୀ ସମ ଦକ୍ଷିଣକାଳୀକାମ୍ୱା
ଯା ବ୍ୟାଘ୍ରଭୂମିରିତି ଶୂରସୁତ ପ୍ରସୂତା
ତାନ୍ ସ୍ୱର୍ଗତୁଲ୍ୟନବଦୁର୍ଗଧରାଂ ନମାମି ।''

ବାସ୍ତବରେ ଉପର୍ଯ୍ୟୁକ୍ତ ପରିଚିତି ନେଇ ନୟାଗଡ଼ ମହୀୟାନ୍ । ସୁଜଳା, ସୁଫଳା, ଶସ୍ୟଶ୍ୟାମଳା, ନୀଳଗିରିମାଳା ନୟାଗଡ଼ ଭୂମି ନୟାଗଡ଼ବାସୀଙ୍କର ଅତ୍ୟନ୍ତ ପ୍ରିୟ । ମାତୃସମା ନବଦୁର୍ଗ ଜନନୀଙ୍କର ବନ୍ଦନା କରି କବିଭୂଷଣ ଆନନ୍ଦ ଚନ୍ଦ୍ର ମିଶ୍ର 'ବନ୍ଦେ ମାତରଂ' କବିତାରେ ଲେଖିଛନ୍ତି-

Digitized by PPRACHIN, SOA

''ବନ୍ଦେ ମାତରଂ
ସୁଜଳା, ସୁଫଳା, ନୀଳଗିରିମାଳା ବିଶୋଭିନୀ ଚାରୁ ଶରୀରାଂ ।
ଧୀର, ବୀର, କବି ପ୍ରସବିନୀ, ଜନନୀ ଉପଇନ୍ଦ୍ର, ଯଦୁମଣି ନାମ ବିକାଶିନୀ;
ଗମ୍ଭୀର ମାନଧାତା ବଂଶ ଉଦ୍ଭାସିନୀ, ପୁଣ୍ୟମୟୀ ଚିର ରୁଚିରାଂ ।
ଡାହୁକା, ଦୁଆଣ୍ଟ, କୁସୁମୀ, ଶୁଳିଆ, ରତ୍ନମାଳା, ରାଜଗିରି, ପାଲବା, ଶୁଳିଆ-
ପୟଧାରା ପ୍ରବାହିନୀ, ତୁଙ୍ଗଶିର ବିଶୋଭିନୀ ସଦା ଶ୍ୟାମଳା ଶସ୍ୟ ସୁନ୍ଦରାଂ ।
ଧାନ୍ୟ, ଇକ୍ଷୁ, ରବିଶସ୍ୟ ପରିପୂର୍ଣ୍ଣା, ଉତ୍କଳ ଗଡଜାତ ମଧ୍ୟେ ଚିର ଧନ୍ୟା;
ଦେବକୁଳ ଆଶ୍ରିତା, ଶାଳ ସିସୁ ଲମ୍ବିତା ଅଭାବ ଶୂନ୍ୟାଂ ପବିତ୍ରାଂ ।
ଦୁଇଲକ୍ଷ କୁମାରକୁମାରୀ ଜନନୀ, ଲକ୍ଷ୍ମୀ ସରସ୍ୱତୀ ଚିର ବନ୍ଦୀକାରିଣୀ,
ସଦାନୂତନା, ପ୍ରଫୁଲ୍ଲ ବଦନାଂ, ନୀଳକମଳ ପୟରାଂ ।
ଶ୍ରୀରାଜା ପରଜା ଦୀର୍ଘାୟୁ ଦାୟିନୀ ସଦା କ୍ଷମାଶୀଳାଂସ୍ୱାସ୍ଥ୍ୟପ୍ରଦାୟିନୀ
ନବଦୁର୍ଗ ଜନନୀ, ବରାଭୟ ଜନନୀ ଚରଣ ଚାରୁ ନୂପୁରାଂ ।''

ନୟାଗଡ଼ ସହର ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଠାରୁ ସତାଅଶି କିଲୋମିଟର ପଶ୍ଚିମରେ ଅବସ୍ଥିତ । ଓଡ଼ିଶାର ଅନ୍ୟତମ ପ୍ରଧାନ ନଗର କଟକ(Silver City), ପୁରାଣ ପ୍ରସିଦ୍ଧ ତୀର୍ଥକ୍ଷେତ୍ର ପୁରୀ ଏବଂ ପ୍ରଧାନ ବାଣିଜ୍ୟିକ ପେଣ୍ଠ ତଥା ରେଶମ ନଗରୀ (Silk City) ବ୍ରହ୍ମପୁର ରାଜପଥଦ୍ୱାରା ନୟାଗଡ଼ ସହ ଉତ୍ତମରୂପେ ସଂଯୁକ୍ତ । କନ୍ଧମାଳ ଜିଲ୍ଲାର ସଦର ମହକୁମା ଫୁଲବାଣୀ ନୟାଗଡ଼ ଠାରୁ ଏକଶହ ଚବିଶି କିଲୋମିଟର ପଶ୍ଚିମରେ ଅବସ୍ଥିତ । ବୌଦ୍ଧ ଜିଲ୍ଲାର ସଦରମହକୁମା ଐତିହାସିକ ସହର ବୌଦ୍ଧ ଟାଉନ୍ ନୟାଗଡ଼ ଠାରୁ ଏକଶହ ଏକଚାଳିଶି କିଲୋମିଟର ପଶ୍ଚିମରେ ଅବସ୍ଥିତ । ବଲାଙ୍ଗୀର ଜିଲ୍ଲାର ସଦର ମହକୁମା ବଲାଙ୍ଗୀର ନୟାଗଡ଼ ଠାରୁ ଦୁଇଶହ ଚାଳିଶି କିଲୋମିଟର ପଶ୍ଚିମରେ ଅବସ୍ଥିତ । କଳାହାଣ୍ଡି ଜିଲ୍ଲାର ସଦରମହକୁମା ଭବାନୀପାଟଣା ନୟାଗଡ଼ ଠାରୁ ତିନିଶହ ଏକତିରିଶି କିଲୋମିଟର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ । କୋରାପୁଟ ଜିଲ୍ଲାର ସଦରମହକୁମା କୋରାପୁଟ ନୟାଗଡ଼ ସହିତ ଚାରିଶହ ତେଇଶି କିଲୋମିଟର ସୁଦୀର୍ଘ ରାଜପଥଦ୍ୱାରା ସଂଯୁକ୍ତ ।

ଗଞ୍ଜାମ ଜିଲ୍ଲାର ପ୍ରଧାନ ନଗର ବ୍ରହ୍ମପୁର ନୟାଗଡ଼ ଠାରୁ ଏକଶହ ତେତିଶି କିଲୋମିଟର ଦକ୍ଷିଣରେ ଅବସ୍ଥିତ । ଏହି ଜିଲ୍ଲାର ଅନ୍ୟତମ ପ୍ରଧାନ ସହର ତଥା ସାଂସ୍କୃତିକ ପୀଠ ଭଞ୍ଜଭୂମି ଭଞ୍ଜନଗର ନୟାଗଡ଼ ଠାରୁ ସତାନବେ କିଲୋମିଟର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ । ସୁବର୍ଣ୍ଣପୁର ଜିଲ୍ଲାର ସଦରମହକୁମା ତଥା ମନ୍ଦିରମାଳିନୀ ସୋନପୁର ନୟାଗଡ଼ ଠାରୁ ଏକଶହ ନବେ କିଲୋମିଟର ପଶ୍ଚିମରେ ଅବସ୍ଥିତ । ବରଗଡ଼ ଜିଲ୍ଲାର ସଦରମହକୁମା ବରଗଡ଼ ନୟାଗଡ଼ ଠାରୁ ଦୁଇଶହ ତେୟାନବେ କିଲୋମିଟର ପଶ୍ଚିମରେ

Digitized by PPRACHIN, SOA

ଅବସ୍ଥିତ । ନୂଆପଡ଼ା ଜିଲ୍ଲାର ସଦର ମହକୁମା ନୂଆପଡ଼ା ନୟାଗଡ଼ ଠାରୁ ଚାରିଶହ ଷାଠିଏ କିଲୋମିଟର ଦୂରତାରେ ଅବସ୍ଥିତ । ସୁତରାଂ ନୟାଗଡ଼ ଟାଉନ୍ ପଶ୍ଚିମ ଓଡ଼ଶାର ସମସ୍ତ ପ୍ରଧାନ ସହର ସହିତ ରାଜ୍ୟ ରାଜପଥ ଦ୍ୱାରା ସଂଯୁକ୍ତ । ଏହିପରି ଭାବରେ ନୟାଗଡ଼ ଟାଉନ୍ ପଶ୍ଚିମ ଓଡ଼ିଶାର ପ୍ରବେଶଦ୍ୱାର (Gateway) ରୂପେ ଅବସ୍ଥିତ ।

୨୨୪ ନମ୍ବର ଜାତୀୟ ରାଜପଥ ନୟାଗଡ଼ ଜିଲ୍ଲା ମଧ୍ୟଦେଇ ବୌଦ୍ଧ-ବଲାଙ୍ଗୀର ଆଡକୁ ପ୍ରଲମ୍ବିତ । ପୂର୍ବରୁ ଏହା ଏକ ନମ୍ବର ରାଜ୍ୟ ରାଜପଥ (State Highway No.1) ରୂପେ ପରିଚିତ ଥିଲା । ପୁରାଣ ପ୍ରସିଦ୍ଧ ଶ୍ରୀନୀଳମାଧବ ଜୀଉଙ୍କ ପବିତ୍ରକ୍ଷେତ୍ର କଣ୍ଟିଲୋ ନୟାଗଡ଼ ଠାରୁ ଚଉତିରିଶି କିଲୋମିଟର ଉତ୍ତରରେ ମହାନଦୀ ତଟରେ ଅବସ୍ଥିତ । ମେଜର ଡିଷ୍ଟ୍ରିକ୍ଟ ରୋଡ୍ (MDR) ନମ୍ବର ୬୮ ଦ୍ୱାରା ନୟାଗଡ଼ ଟାଉନ୍ କଣ୍ଟିଲୋ ସହ ସଂଯୁକ୍ତ । ଶ୍ରୀମହାବୀରକ୍ଷେତ୍ର ଦଶପଲ୍ଲା ନୟାଗଡ଼ ଠାରୁ ଚାଳିଶି କିଲୋମିଟର ପଶ୍ଚିମରେ ଅବସ୍ଥିତ । ଓଡ଼ିଶାର ଅନ୍ୟତମ ସାଂସ୍କୃତିକ ଭୂମି ଏବଂ ପ୍ରଖ୍ୟାତ ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖରଙ୍କର ଜନ୍ମସ୍ଥାନ ଖଣ୍ଡପଡ଼ା ନୟାଗଡ଼ଠାରୁ କୋଡିଏ କିଲୋମିଟର ଉତ୍ତର ଦିଗରେ ଅବସ୍ଥିତ । ମଣିନାଗକ୍ଷେତ୍ର ରଣପୁର ନୟାଗଡ଼ଠାରୁ ଚଉରାଳିଶି କିଲୋମିଟର ଦକ୍ଷିଣ-ପୂର୍ବ ଦିଗରେ ଅବସ୍ଥିତ । ପାଇକ ସଂସ୍କୃତିର ସ୍ୱାକ୍ଷର ବହନ କରୁଥିବା ଇତିହାସ ପ୍ରସିଦ୍ଧ ଖୋର୍ଦ୍ଧା-ଟାଉନ୍ ନୟାଗଡ଼ଠାରୁ ସତାବନ କିଲୋମିଟର ପୂର୍ବରେ ଅବସ୍ଥିତ । ପୂର୍ବ ରେଳପଥର ଅନ୍ୟତମ ଜଙ୍କସନ୍ ଜଟଣୀ ନୟାଗଡ଼ଠାରୁ ୬୮ କିଲୋମିଟର ପୂର୍ବରେ ଅବସ୍ଥିତ ।

ଚତୁଃସୀମା:

ନୟାଗଡ଼ ଜିଲ୍ଲାର ସୀମାରେଖା ଛଅଗୋଟି ଜିଲ୍ଲାର ସୀମାରେଖାକୁ ସ୍ପର୍ଶ କରିଅଛି । ଏହି ଜିଲ୍ଲାର ପୂର୍ବରେ ଖୋର୍ଦ୍ଧାଜିଲ୍ଲା, ପଶ୍ଚିମରେ କନ୍ଧମାଳ ଓ ବୌଦ୍ଧଜିଲ୍ଲା, ଉତ୍ତରରେ କଟକ ଓ ଅନୁଗୁଳ ଜିଲ୍ଲା ଏବଂ ଦକ୍ଷିଣରେ ଗଞ୍ଜାମ ଜିଲ୍ଲା ଅବସ୍ଥିତ ।

ଜଳବାୟୁ:

ନୟାଗଡ଼ ଜିଲ୍ଲା ସମୁଦ୍ର ପତ୍ତନଠାରୁ ପ୍ରାୟ ପାଞ୍ଚଶହ ଫୁଟ ଉଚ୍ଚତାରେ ଅବସ୍ଥିତ । ଜିଲ୍ଲାର ମଧ୍ୟସ୍ଥଳ ଅସଂଖ୍ୟ ପାହାଡ଼ ପର୍ବତରେ ପରିପୂର୍ଣ୍ଣ । ଏହି ଜିଲ୍ଲାର ଜଳବାୟୁ ଅତିଶୀତୋଷ୍ଣ । ଏଠାରେ ଖରାଦିନେ ଅଧିକ ଉଷ୍ଣତା ଓ ଶୀତଦିନେ ପ୍ରବଳ ଶୀତ ଅନୁଭୂତ ହୁଏ ।

ଆୟତନ, ଲୋକସଂଖ୍ୟା ଓ ଅଧିବାସୀ:

ନୟାଗଡ଼ ଜିଲ୍ଲାର ଆୟତନ ୩୮୯୦ ବର୍ଗ କିଲୋମିଟର । ୧୯୯୧ ଜନଗଣନା ଅନୁଯାୟୀ ଜିଲ୍ଲାର ଜନସଂଖ୍ୟା ୭୭୬୭୮୪ ଥିଲା । ନିମ୍ନରେ ତହସିଲ୍ ଅନୁଯାୟୀ ଲୋକସଂଖ୍ୟା ପ୍ରଦାନ କରାଗଲା ।

Digitized by PPRACHIN, SOA

	ତହସିଲ୍‌ର ନାମ		ଜନସଂଖ୍ୟା
(କ)	ନୟାଗଡ଼	-	୩୬୦୫୬୪
(ଖ)	ଖଣ୍ଡପଡ଼ା	-	୧୮୦୯୧୬
(ଗ)	ଦଶପଲ୍ଲା	-	୧୧୫୫୭୬
(ଘ)	ରଣପୁର	-	୧୧୯୭୨୮
	ମୋଟ ଜନସଂଖ୍ୟା	-	୭୭୬୭୮୪

୨୦୦୧ ମସିହା ଜନଗଣନା ଅନୁଯାୟୀ ନୟାଗଡ଼ ଜିଲ୍ଲାର ଲୋକସଂଖ୍ୟା ୮୬୩୯୩୪ । ଜିଲ୍ଲାର ପୁରୁଷ ସଂଖ୍ୟା ୪୪୫୬୫୮ ଏବଂ ମହିଳା ସଂଖ୍ୟା ୪୧୮୨୭୬। ୨୦୧୧ ଜନଗଣନା ଅନୁସାରେ ଜିଲ୍ଲାର ମୋଟ ଲୋକସଂଖ୍ୟା ୯,୬୨,୨୧୫। ପୁରୁଷସଂଖ୍ୟା ୫,୦୨,୧୯୪ ଏବଂ ମହିଳା ସଂଖ୍ୟା ୪,୬୦,୦୨୧। ଏହି ଜିଲ୍ଲାରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ୍ ଆଦି ବିଭିନ୍ନ ଧର୍ମାବଲମ୍ବୀ ବାସ କରନ୍ତି । ନୟାଗଡ଼ ଜିଲ୍ଲାରେ ବସବାସ କରୁଥିବା ସବର୍ଣ୍ଣ ଜାତି ଗୁଡ଼ିକ ମଧ୍ୟରେ ବ୍ରାହ୍ମଣ, କରଣ, ରାଜପୁତ, ଚଷା, ଭଣ୍ଡାରି, ଚିତ୍ରକର, ଦରଜୀ, ଗୁଡିଆ, କୁମୁଟି, କୁମ୍ଭାର୍, ବଢେଇ, କଂସାରି, ଶୁଣ୍ଡି, ତେଲୀ, ତନ୍ତୀ, ଗଉଡ଼, ଜ୍ୟୋତିଷ, କମାର, ବଣିଆଁ, ମାଳୀ, ପାଟରା ଇତ୍ୟାଦି । ତଫସିଲ୍‌ଭୁକ୍ତ ଜାତିଗୁଡିକ ହେଉଛନ୍ତି ଧୋବା, ହାଡ଼ି, ପାଣ, ଡମ, ଚମାର, ଗୋଲା, ବାଉରୀ, ଭୋଇ, ଖଦାଳ, ଡଅଁଳା, କେଉଟ, କେଳା, କଣ୍ଡରା ଇତ୍ୟାଦି । ତଫସିଲଭୁକ୍ତ ଉପଜାତି ମଧ୍ୟରେ କନ୍ଧ (ଦେଶୁଆ ଓ ମାଳୁଆ), କୋହ୍ଲ, ଖଇରା, ଶବର ଇତ୍ୟାଦି ଅନ୍ତର୍ଗତ ।

ନୟାଗଡ଼ ଜିଲ୍ଲାର ଗ୍ରାମ ସଂଖ୍ୟା :- ନୟାଗଡ଼ ଜିଲ୍ଲାରେ ୧୭୦୨ ଗୋଟି ଗ୍ରାମ ରହିଛି । ନୟାଗଡ଼ରେ 'ଗାଁ' ଯୁକ୍ତ ହୋଇଥିବା ୧୨ ଗୋଟି ଗ୍ରାମ ଏବଂ 'ଗାଡ଼ିଆ' ଯୁକ୍ତ ହୋଇଥିବା ୧୩ ଗୋଟି ଗ୍ରାମ ରହିଛି । ଏ ସମ୍ପର୍କରେ ନୟାଗଡ଼ରେ ଏକ ପହଳି ପ୍ରଚଳିତ ରହିଛି;

ଯଥା- "ବାର ଗାଁ ତେର ଗାଡ଼ିଆ
ଯିଏ କହିବ ସେ ନୂଆଗଡ଼ିଆ
ପଚାରିଲା ଦିନେ ଘୁମୁସରିଆ
କହିବୁରେ ଭାଇ ନୂଆଗଡ଼ିଆ ।"

ନୟାଗଡ଼ର ବାରଗାଁ : ୧-ଓଡ଼ଗାଁ, ୨-ଗୋଲଗାଁ, ୩-ନୂଆଗାଁ, ୪-ବାଲୁଗାଁ, ୫-ଖଣ୍ଡୁଗାଁ, ୬-ଦେଓଗାଁ, ୭-ନାଟ୍‌ଗାଁ, ୮-ବରଗାଁ, ୯-ନୋଟରଗାଁ, ୧୦-କୋଶଳାଙ୍ଗ(କୋଶଳଗାଁ), ୧୧-ପୋକସୁଙ୍ଗା ଏବଂ ୧୨-ପଡ଼ିଆଭଙ୍ଗା ।

Digitized by PPRACHIN, SOA

ନୟାଗଡ଼ର ତେର ଗାଡ଼ିଆ : ୧-ଶୁକଳଗାଡ଼ିଆ, ୨-ରାଣୀଗାଡ଼ିଆ, ୩-ବେଣାଗାଡ଼ିଆ, ୪-ରବିଗାଡ଼ିଆ, ୫-ବିଟଳଗାଡ଼ିଆ, ୬-ତୋଡ଼ିଗାଡ଼ିଆ, ୭-କୁସୁମଗାଡ଼ିଆ, ୮-ବାଉଁଶଗାଡ଼ିଆ, ୯-କଇଁଥଗାଡ଼ିଆ, ୧୦-ଘୋଡ଼ାଗାଡ଼ିଆ, ୧୧-ମଦନଗାଡ଼ିଆ, ୧୨-ମୀନାଗାଡ଼ିଆ ଏବଂ ୧୩-ମୁଥାଗାଡ଼ିଆ ।

ତେବେ ନୟାଗଡ଼ ଜିଲ୍ଲାର ରାଜସ୍ୱଗ୍ରାମ ସଂଖ୍ୟା ୧୬୮୦ । ନୟାଗଡ଼ ଜିଲ୍ଲାରେ ୧୯୭ ଗୋଟି ଗ୍ରାମ ପଞ୍ଚାୟତ ରହିଛି ।

ପ୍ରାକୃତିକ ବିଭାଗ :

ନୟାଗଡ଼ ଜିଲ୍ଲାକୁ ସାଧାରଣତଃ ଦୁଇଗୋଟି ପ୍ରାକୃତିକ ବିଭାଗରେ ବିଭକ୍ତ କରାଯାଇଛି; ଯଥା: ସମତଳ ଅଞ୍ଚଳ ଓ ପାର୍ବତ୍ୟାଞ୍ଚଳ । ଜିଲ୍ଲାର ମଧ୍ୟ ଓ ପୂର୍ବାଞ୍ଚଳ ହେଉଛି ସମତଳ ଅଞ୍ଚଳ ଏବଂ ଦକ୍ଷିଣ ଓ ପଶ୍ଚିମାଞ୍ଚଳ ହେଉଛି ପାର୍ବତ୍ୟାଞ୍ଚଳ । ସମତଳ ଅଞ୍ଚଳର ଅଧିବାସୀମାନଙ୍କର ମୁଖ୍ୟ ଜୀବିକା ହେଉଛି କୃଷି । ଧାନ, ଆଖୁ, ଝୋଟ, ମୁଗ, କୋଳଥ, ମକା, ଗହମ, ବିରି ଓ ପନିପରିବା ଇତ୍ୟାଦି ଜିଲ୍ଲାର ମୁଖ୍ୟ କୃଷିଜାତ ଦ୍ରବ୍ୟ । ଡାହୁକା, ଦୁଆଣ୍ଡ କୁସୁମୀ, ନାଗଝର, ବାଘମାରୀ, ସୁନାମୁହିଁ, କୁଆଁରିଆ, କୁଆଖାଇ, ବୃତଙ୍ଗ ପ୍ରଭୃତି ନଦୀ ଏହି ଅଞ୍ଚଳରେ ପ୍ରବାହିତ । ଜିଲ୍ଲାର ଦକ୍ଷିଣ-ପଶ୍ଚିମାଞ୍ଚଳ ଅରଣ୍ୟଦ୍ୱାରା ପରିପୂର୍ଣ୍ଣ । ଛୋଟ ବଡ ଅନେକ ପର୍ବତ ସମେତ ବହୁ ମୂଲ୍ୟବାନ ବୃକ୍ଷ ଉକ୍ତ ଅଞ୍ଚଳରେ ପରିଦୃଷ୍ଟ ହୁଅନ୍ତି । ଏହାକୁ ମାଳ ଅଞ୍ଚଳ ବୋଲି କୁହାଯାଏ । ଗୁମିମାଳ, କୁରୁଡାମାଳ, ବେତନଟୀମାଳ ଓ ମହୀପୁର ଅଞ୍ଚଳ ଉକ୍ତ ବିଭାଗର ଅନ୍ତର୍ଗତ । ଏହି ଜଙ୍ଗଲ ଅଞ୍ଚଳରେ ହରିଣ, ସମ୍ବର, କୁଟ୍ରା, ଭାଲୁ, ମାଙ୍କଡ଼, ଝିଙ୍କ ପ୍ରଭୃତି ଜୀବଜନ୍ତୁ ବାସ କରନ୍ତି । ଅରଣ୍ୟପ୍ରଦେଶର ନିରାମୟ କୋଳରେ ଆଦିବାସୀ କନ୍ଧମାନେ ପଲ୍ଲୀମାନଙ୍କରେ ଅବସ୍ଥାନ କରିଥାନ୍ତି । ଏମାନେ ମୁଖ୍ୟତଃ ମାଳୁଆ କନ୍ଧ । ଏମାନଙ୍କର ମୁଖ୍ୟ ଜୀବିକା ହେଉଛି ମକା, ବାଜରା, ମାଣ୍ଡିଆ, ଜହ୍ନା, ରାଶି, ବିରି, କୋଳଥ ଓ କାଙ୍ଗୁଲ ଚାଷ । ପ୍ରକୃତିର ସନ୍ତାନ ଏହି ସରଳ ଆଦିବାସୀମାନେ ଅଦ୍ୟାବଧି ସଭ୍ୟଶିକ୍ଷିତ ସମାଜର ଜଟିଳତାଠାରୁ ବହୁଦୂରରେ ।

ମୃତ୍ତିକା:

ନୟାଗଡ ଜିଲ୍ଲାର ମୃତ୍ତିକାରେ ଭିନ୍ନତା ଲକ୍ଷ୍ୟ କରାଯାଏ । ଏହି ଜିଲ୍ଲାର ମୃତ୍ତିକାକୁ ନିମ୍ନ କେତୋଟି ଭାଗରେ ବିଭକ୍ତ କରାଯାଇଛି :

(କ) **କଳାମୃତ୍ତିକା:** ଏହା ପଙ୍କ ମିଶା ଉର୍ବର ମୃତ୍ତିକା । ଗ୍ରାମାଞ୍ଚଳରେ ଗୃହସଂଲଗ୍ନ ଜମି ଓ ବାଡିରେ ଏହି ମୃତ୍ତିକା ପରିଦୃଷ୍ଟ । ଉକ୍ତ ମୃତ୍ତିକା ପନିପରିବା ଚାଷପାଇଁ ବିଶେଷ ଉପଯୋଗୀ । ବାଇଗଣ, କାକୁଡି, କଦଳୀ, ମକା, ଖମ୍ବଆଳୁ, ବିଲାତିଆଳୁ, ଲଙ୍କାମରିଚ, ପିଆଜ ଇତ୍ୟାଦି ଏହି ମାଟିରେ ଭଲହୁଏ ।

Digitized by PPRACHIN, SOA

(ଖ) **କଳା-ମଟାଳ:** ଏହା ଦୋରସା ମାଟି । ଏହା ବେଶ୍ ଉର୍ବର ମୃତ୍ତିକା । ଉକ୍ତ ମୃତ୍ତିକାରେ ବର୍ଷରେ ଦୁଇଥର ଫସଲ ଉତ୍ପନ୍ନ ହୁଏ । ଧାନଚାଷ ପାଇଁ ଏହି ମୃତ୍ତିକା ଅତ୍ୟନ୍ତ ଉପଯୋଗୀ । ଧାନ ଫସଲ ପରେ ଏହି ମୃତ୍ତିକାରେ ମୁଗ, କୋଳଥ, ସୋରିଷ, ପେଶୁ ଇତ୍ୟାଦି ମଧ୍ୟ ଚାଷ କରାଯାଏ ।

(ଗ) **ଖଳିମଟାଳ:** ଏହା ମଧ୍ୟ ଏକ ପଙ୍କୁଆ ଉର୍ବର ମୃତ୍ତିକା । ଧାନ, ଚଣା, ମସୁର ଚାଷ ପାଇଁ ଏହା ଅନୁକୂଳ ମୃତ୍ତିକା ।

(ଘ) **ବାଲିମଟାଳ:** ଉକ୍ତ ମୃତ୍ତିକା ବାଲିଆ ଓ ଦୋରସା । ନଦୀ ପଠାମାନଙ୍କରେ ଏହା ଲକ୍ଷ୍ୟ କରାଯାଏ । ଏହି ମାଟି ବିଲାତି ଆଳୁ, କନ୍ଦମୂଳ, ଭୂଇଁଚଣା (ବାଦାମ) ପ୍ରଭୃତି ଚାଷ ପାଇଁ ଉପଯୋଗୀ ।

(ଙ) **ମଟାଳ:** ଏହି ମୃତ୍ତିକା ଅତ୍ୟନ୍ତ ଚିକିଟା । ବିଆଳି ଧାନ ପାଇଁ ଏହା ଉପଯୋଗୀ ।

(ଚ) **ପଟୁ-ମଟାଳ:** ପଟୁମାଟି ନଦୀବଢ଼ିମାନଙ୍କ ଦ୍ୱାରା ଜମା ହୋଇଥାଏ । ଏହା ଅତ୍ୟନ୍ତ ଉର୍ବର । ଏହି ମୃତ୍ତିକାରେ ଗହମ, ସୋରିଷ, ବିରି, ଆଖୁ, କପା, କଦଳୀ ଏବଂ ଅନ୍ୟାନ୍ୟ ପନିପରିବା ଚାଷ ଭଲହୁଏ ।

(ଛ) **ରଙ୍ଗମାଟି:** ଏହା ଲୌହବର୍ଣ୍ଣ ବାଲିଆ ଦୋରସା ମୃତ୍ତିକା । ଅବକ୍ଷିପ୍ତ ଶିଳା ନିକଟରେ ଏହି ମୃତ୍ତିକା ଦେଖାଯାଏ । ଏହା ସେତେ ଉର୍ବର ନୁହେଁ । କୃଷି-ଉପଯୋଗୀ କରିବା ପାଇଁ ଏଥିରେ ପ୍ରଚୁର ସାର ଦେବାକୁ ପଡ଼ିଥାଏ ।

ଏହିପରି ଭାବରେ ନୟାଗଡ ଜିଲ୍ଲାରେ ମୁଖ୍ୟତଃ ସାତପ୍ରକାରର ମୃତ୍ତିକା ପରିଦୃଷ୍ଟ ହୁଏ ।

ଅରଣ୍ୟସମ୍ପଦ:

ନୟାଗଡ ଜିଲ୍ଲାରେ ବନାଞ୍ଚଳର କ୍ଷେତ୍ରଫଳ ହେଉଛି ୩,୧୯୭ ବର୍ଗ କିଲୋମିଟର । ଏହି ଜିଲ୍ଲାରେ ୪୪ ଗୋଟି ସଂରକ୍ଷିତ ଜଙ୍ଗଲ ରହିଛି । ଅରଣ୍ୟରେ ରହିଥିବା ବୃକ୍ଷଗୁଡ଼ିକ ହେଉଛନ୍ତି ଶାଳ, ପିଆଶାଳ, ସିସୁ, ବାନ୍ଧଣ, ଘୋଷରାକେନ୍ଦୁ, ଗମ୍ଭାରି, ଖଇର, ଆମ୍ବ, କୋଚିଲା, ପଣସ, ତେନ୍ତୁଳି, ହରିଡ଼ା, ବାହାଡ଼ା, ଅଁଳା, ମହୁଲ, ଗୁଣ୍ଡି, ନିମ୍ବ, ବେଲ, କେନ୍ଦୁ, କଇଥ, କୁସୁମ, ସୁନାରି, କରଞ୍ଜ, ଚାର, ଅସନ, କୁରୁମ, ଜାମୁ ଓ ବର ଇତ୍ୟାଦି । ଏହା ବ୍ୟତୀତ ନୟାଗଡ଼ ଜିଲ୍ଲା ବନବିଭାଗ ତରଫରୁ ପ୍ରତିବର୍ଷ ସଂରକ୍ଷିତ୍ ଜଙ୍ଗଲ ଅଞ୍ଚଳରେ ବହୁପରିମାଣରେ ଶାଗୁଆନ, ଚାକୁଣ୍ଡା, କୋଚିଲା, ସିସୁ, ସୁନାରି, ଇଉକାଲିପଟାସ୍, ଆକାଶିଆ ପ୍ରଭୃତି ବୃକ୍ଷରୋପଣ କରାଯାଉଛି । ସାମାଜିକ ବନପ୍ରକଳ୍ପ, ପଥପାର୍ଶ୍ୱ ବନୀକରଣ ଏବଂ ବନମହୋତ୍ସବ କାର୍ଯ୍ୟକ୍ରମ ଦ୍ୱାରା ମଧ୍ୟ ବୃକ୍ଷ ସମ୍ପଦର ଅଭିବୃଦ୍ଧି ପାଇଁ ପ୍ରୟାସ ଜାରି ରହିଛି । ଏହି ପ୍ରାକୃତିକ ଓ କୃତ୍ରିମ ଅରଣ୍ୟ ହେଉଛି ନୟାଗଡ ଜିଲ୍ଲାର ବନ୍ୟସମ୍ପଦ ।

Digitized by PPRACHIN, SOA

ଭୌଗୋଳିକ ପରିବେଶ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ

ପର୍ବତଶ୍ରେଣୀ :

ନୟାଗଡ଼ ଜିଲ୍ଲା ବହୁବିଧ ପ୍ରାକୃତିକ ଶୋଭା ସମ୍ଭାରରେ ପରିପୂର୍ଣ୍ଣ । ଉତ୍ତୁଙ୍ଗ ତଥା ଦୀର୍ଘାୟିତ ଭଙ୍ଗିଳ ପର୍ବତମାଳାର କମନୀୟ ଶ୍ୟାମ ଶୋଭା ଦର୍ଶକର ମାନସପଟରେ ଗଭୀର ଆନନ୍ଦଭାବ ସୃଷ୍ଟି କରିଥାଏ । ଅରଣ୍ୟାନୀର ସବୁଜିମା, କୁଳୁନାଦିନୀ, ଅମନ୍ଦଗାମିନୀ ସ୍ରୋତସ୍ୱିନୀ ନିର୍ଝରିଣୀର ଗତିର ଚପଳତା, ନିର୍ଝରିଣୀର ଗତିପଥରେ ରହିଥିବା ଛୋଟ ଛୋଟ ପ୍ରପାତ, ବୃକ୍ଷଲତା ପରିପୂର୍ଣ୍ଣ ପାହାଡର ପାଦଦେଶ, ବନସ୍ପତିରାଜିର ସମାବେଶ, ବିସ୍ତୀର୍ଣ୍ଣ ପ୍ରାନ୍ତର ଭୂମି, ଉଚ୍ଚାବଚ ବନଭୂମି, ମନୋରମ ଆମ୍ରକାନନ ଇତ୍ୟାଦି ନୟାଗଡ ଜିଲ୍ଲାର ପରମ ସମ୍ପଦ ।

ନୟାଗଡ଼ରେ ଅନେକ ପାହାଡ଼ ପର୍ବତର ଅବସ୍ଥିତି ଦେଖିବାକୁ ମିଳେ । ନୟାଗଡ଼ର ଯେ କୌଣସି ସ୍ଥାନରେ ଛିଡ଼ାହୋଇ ଚତୁର୍ଦ୍ଦିଗକୁ ଦୃଷ୍ଟି ନିକ୍ଷେପ କଲେ ବଳୟାକୃତିରେ ପାହାଡ଼ ଓ ପର୍ବତର ଅବସ୍ଥିତି ଲକ୍ଷ୍ୟ କରିହୁଏ । ନୟାଗଡ଼ ସହରର ଉତ୍ତରରେ ଓ ଦକ୍ଷିଣରେ ଯଥାକ୍ରମେ ବଳରାମ ଓ ରୁକ୍ଷି ପାହାଡଦ୍ୱୟ ଅବସ୍ଥିତ । ନୟାଗଡ଼ର ଏହି ପାହାଡ଼ ଦ୍ୱୟ କବି ଲେଖନୀରେ ସ୍ଥାନ ପାଇଛି-

''ଶିଳାବନ୍ଧୁର ନୟାଗଡ ମୌନ ଉଦାସୀ ତାପସ ସମ
ନିମୀଳିତ ବେନି ନେତ୍ର ତାର ସନ୍ତୋଷେ ଭରା ଦିବସଯାମ ।
ରୁକ୍ଷି ବଳରାମ ମେଲାଇ ବାହୁ ଆଲିଙ୍ଗିଛନ୍ତି ଶରୀର ତାର
ବ୍ରାହ୍ମଣୀଦେବୀ ଚରଣ ତଳେ କେତେ ମାନସିକ ପୂଜା ବେଭାର ।''

(କବି ଦୁର୍ଗାମାଧବ ମିଶ୍ର)

ନୟାଗଡ଼ର ଏହି ପାହାଡଦ୍ୱୟ ଦୁଇଗୋଟି ବିପରୀତମୁଖୀ ଶୟନରତ ହସ୍ତୀର ସାଦୃଶ୍ୟ ଧାରଣ କରିଛନ୍ତି । ନୟାଗଡର ନିକଟବର୍ତ୍ତୀ ସହର ଇଟାମାଟିର ଉପକଣ୍ଠରେ ଏବଂ ଦେଓ୍ୱାନ ବନ୍ଧ ନଂ.-୧ ନିକଟରେ ଦଣ୍ଡାୟମାନ ହେଲେ ଏହି ଦୃଶ୍ୟଟି ଦର୍ଶକର ଦୃଷ୍ଟିକୁ ଆସେ । ରୁକ୍ଷି ପାହାଡ ନୟାଗଡର ଅତୀତ ଇତିହାସର ମୂକସାକ୍ଷୀ । ଏହି ପାହାଡର 'କୁକୁର ଟାସରା' ସହିତ ଗଡର ପ୍ରତିଷ୍ଠା ପ୍ରସଙ୍ଗକୁ ନେଇ ଏକ ମନୋଜ୍ଞ ଜନଶ୍ରୁତି ରହିଛି । ଏହି ପାହାଡର ଉତ୍ତର-ପାର୍ଶ୍ୱ-ପାଦଦେଶରେ ଗଢି ଉଠିଥିଲା ନବଦୁର୍ଗ ରାଜାଙ୍କର ରାଜବାଟୀ, ନୟାଗଡ ସହର ଓ ସାଂସ୍କୃତିକ ପରମ୍ପରା । ଏହି ପାହାଡକୁ ଆଧାରକରି ଆହୁରି ମଧ୍ୟ କିମ୍ବଦନ୍ତୀ ରହିଛି । ଏହି ପାହାଡର ଶୀର୍ଷରୁ ନୟାଗଡ ସହରର ବିହଙ୍ଗାବଲୋକନ ଅତୀବ ଚିତ୍ତାକର୍ଷକ । ବଳରାମ ପାହାଡକୁ ଭିତ୍ତିକରି ମଧ୍ୟ କିଛି କିମ୍ବଦନ୍ତୀ ପ୍ରଚଳିତ । ଏହି ପାହାଡର ଦକ୍ଷିଣ-ପାର୍ଶ୍ୱ-ପାଦଦେଶରେ ମା'ଦକ୍ଷିଣକାଳୀଙ୍କର ମନ୍ଦିର ଅବସ୍ଥିତ । ଏହି ଗିରିଦ୍ୱୟ କବି

Digitized by PPRACHIN, SOA

ଲେଖନୀରେ ପ୍ରାଣବନ୍ତ ହୋଇପାରିଛି-

''ଗଡର ଉତ୍ତରେ ବଳରାମ ଗିରି
ବିସ୍ତାରିଛି ତାର ତୁଙ୍ଗ ଶୃଙ୍ଗ ଶିରୀ ।
ବିପରୀତେ ତାର ରୁକ୍ଷି ଟେକି ଶିର
ଆବୋରି ବସିଛି କିବା ସେ ପ୍ରାଚୀର ।
ଗିରି ଶିରେ ଯାଇ କର ଆରୋହଣ
ଶ୍ରାନ୍ତି, କ୍ଲାନ୍ତି ମନୁ ହୋଇବ ହରଣ ।''

(କବିଭୂଷଣ ଆନନ୍ଦଚନ୍ଦ୍ର ମିଶ୍ର)

ନୟାଗଡ଼ ଜିଲ୍ଲାର ମଧ୍ୟ-ଉତ୍ତର ଭାଗରେ ସୁଦୀର୍ଘ ରାଜଗିରି ପର୍ବତ ଉଭୟ ପୂର୍ବ ଓ ପଶ୍ଚିମକୁ ପ୍ରଲମ୍ବିତ । ଏହା ଅତୀତରେ ଗଡଜାତ ରାଜ୍ୟ ନୟାଗଡ଼ ଓ ଖଣ୍ଡପଡ଼ାର ସୀମା ପର୍ବତରୂପେ ବିବେଚିତ ହେଉଥିଲା । ସାମନ୍ତ ଚନ୍ଦ୍ରଶେଖର ଏହି ପର୍ବତର ଉଚ୍ଚତା ୨୨୦୦ ହାତ ବୋଲି ନିର୍ଣ୍ଣୟ କରିଛନ୍ତି । ଅସଂଖ୍ୟ ଶାଳବୃକ୍ଷ ଓ ମାଳତୀଲତାର ମନୋରମ ସମାବେଶ ଏହି ପର୍ବତର ଅନ୍ୟତମ ଆକର୍ଷଣ । ଏହି ପର୍ବତରେ ରହିଥିବା ରମଣୀୟ ସ୍ଥାନ ନୟାଗଡ଼ ଓ ଖଣ୍ଡପଡ଼ାର ରାଜା ଏବଂ ରାଜ୍ୟବାସୀଙ୍କର ବଣଭୋଜି ଏବଂ ଚିତ୍ତବିନୋଦନର ପ୍ରଧାନ ସ୍ଥଳୀ ଅଟେ । ରାଜଗିରିର ପ୍ରାକୃତିକ ଦୃଶ୍ୟ ବିଭବ ଯୁଗପତ୍ ଦର୍ଶକର ହୃଦୟରେ ଆନନ୍ଦଭାବ ସଞ୍ଚାର କରେ । ମୁନିମନ ହରଣ କରୁଥିବା ଏହି ସ୍ଥାନ ଏବଂ ରାଜଗିରିରୁ ଝର୍ଝର ନାଦରେ ଝରିଯାଉଥିବା ଝରଣା ବଣଭୋଜି ଓ ବନବିହାର ପାଇଁ ଏକ ସର୍ବୋତ୍କୃଷ୍ଟ ସ୍ଥାନ । ବହୁଜନ ବିଦିତ ଏହି ରାଜଗିରି ପର୍ବତ କବିଲେଖନୀରେ ମଞ୍ଜୁଳ ହୋଇପାରିଛି-

''ପ୍ରାଂଶୁ ଶାଳବୃକ୍ଷ ମାଳତୀ ଲତାର
ପ୍ରେମ ସମ୍ଭାଷଣ ଶୁଣିବ ନିକର ।
ରାଜଗିରି ଯହିଁ ବୌଦ୍ଧ ମୁନି ଯୋଗୀ
କଳି ଆଗମନେ ସଂସାର ବିରାଗୀ ।
ହୋଇ ଗୁମ୍ଫା ଗର୍ଭେ କରନ୍ତି ବସତି
ଯଜ୍ଞ ଧୂପ ତାଙ୍କ ନିରେଖିବ ନିତି ।
ଗ୍ରୀଷ୍ମେ ଯା'ଝର ଝରଝରେ ଝରି
ତୃଷାର୍ତ୍ତ ଜନର ମନ ନିଏ ହରି ।
ମୃଗ ମୟୂରଙ୍କ ଚିରାମରା ନାଟ
ଦୃଶ୍ୟ ଦେଖି ମନ ନ କର ଉଚ୍ଚାଟ ।''

(କବିଭୂଷଣ ଆନନ୍ଦଚନ୍ଦ୍ର ମିଶ୍ର)

Digitized by PPRACHIN, SOA

ଅବଶ୍ୟ ଦିନ ଥିଲା ଯେତେବେଳେ ରାଜଗିରି ପର୍ବତରେ ମୃଗ ଓ ମୟୂରଙ୍କର ନିତ୍ୟ ବିହାର ସ୍ଥଳୀ ଥିଲା । ରାଜଗିରି ପର୍ବତର ଗୁମ୍ଫାରେ ମୁନିଋଷିମାନେ ଅବସ୍ଥାନ କରନ୍ତି ବୋଲି ଜନଶ୍ରୁତି ରହିଛି । ରାତ୍ରିର ନିର୍ଜନ ପ୍ରହରରେ ଏହି ଗୁମ୍ଫାରୁ ଖୋଳ, ଝାଞ୍ଜ, ଗିନିର ଶବ୍ଦ ସହିତ ହରିନାମ ଶୁଭେ ବୋଲି ଲୋକମାନେ କହିଥାନ୍ତି ।

ରାଜଗିରି ପର୍ବତର ସନ୍ନିକଟ ଚକୁଳି ଖାଇ ପର୍ବତ କାଳ କାଳ ଧରି ଐତିହାସିକ ଜନଶ୍ରୁତି ବହନ କରି ଆସିଛି । ଯମୁନାକିଆରି ପର୍ବତର ଗୁମ୍ଫା, ଅନ୍ଧକାରମୟ ବିଶାଳ ଗର୍ତ୍ତ, ମୁନିମନ ହରଣ କରୁଥିବା ନିର୍ଜନତା ଏହାର ବିଶିଷ୍ଟ ଆକର୍ଷଣ । ଚକୁଳି ଖାଇ ପର୍ବତର ଖଡ଼ିମୁଣ୍ଡିଆ ଖଡ଼ି ପଥର ପାଇଁ ଜଣାଶୁଣା । ଘଣ୍ଟୁଲେଇ ପର୍ବତର ଶ୍ରୀ ଅବର୍ଣ୍ଣନୀୟ । ହାତୀମୁଣ୍ଡା ପର୍ବତଶ୍ରେଣୀ ପୂର୍ବ-ପଶ୍ଚିମକୁ ଲମ୍ବି ରହିଅଛି । ନୟାଗଡ଼ ଟାଉନ୍‌ଠାରୁ ଦଶପଲ୍ଲା ଅଭିମୁଖେ ଯାତ୍ରାକରିବା ସମୟରେ ନୂଆଗାଁଠାରେ ଡାହାଣ-ପାର୍ଶ୍ୱରେ ଏହି ପର୍ବତଶ୍ରେଣୀର ଦୃଶ୍ୟ ଲକ୍ଷ୍ୟ କରିହୁଏ । ଏହି ପର୍ବତଶ୍ରେଣୀକୁ ଲାଗି ପାଲବା ପର୍ବତ ଅବସ୍ଥିତ । କବିଙ୍କ ଲେଖନୀରେ ଏହି ପର୍ବତମାନଙ୍କର ବର୍ଣ୍ଣନା ନିମ୍ନୋକ୍ତ ଭାବରେ ପ୍ରତିପାଦିତ-

''ହାତୀମୁଣ୍ଡା କୃତି ହାତୀ ମୁଣ୍ଡା ଶୈଳ
ପଶ୍ଚିମେ ଟେକିଛି ତା'ବପୁ ବିଶାଳ ।
ଆବୋରି ବକ୍ଷରେ ବହୁ ଅଧିତ୍ୟକା,
ପାଲବା ତା ପଛେ ପାରିଅଛି ଚକା ।
କନ୍ଧ ସୀମନ୍ତିନୀ ଯହି ଅଣ୍ଟାଭିଡ଼ି,
ଧକ୍କା ଦିଏ ବ୍ୟାଘ୍ର ପଡେ ମୁହଁମାଡି ।''

(କବିଭୂଷଣ ଆନନ୍ଦଚନ୍ଦ୍ର ମିଶ୍ର)

ନୟାଗଡ଼ ଜିଲ୍ଲାର ଚାହାଳୀ ଗ୍ରାମ ନିକଟରେ କାଞ୍ଚିଆ ପର୍ବତ ଅବସ୍ଥିତ । ଏହି ପର୍ବତ ଅସଂଖ୍ୟ କୀଚକ କୁଞ୍ଜର ମଞ୍ଜୁଳ ସମାବେଶ ଦ୍ୱାରା ତପସ୍ୟାରତ ଜଟାମଣ୍ଡିତ ଯୋଗୀର ପ୍ରତୀତି ଜଣାଏ । ଏହି ପାହାଡ଼ର ମହାନତାକୁ କବି ଭୂଷଣ ଆନନ୍ଦ ଚନ୍ଦ୍ର ମିଶ୍ର ବର୍ଣ୍ଣନା କରିଛନ୍ତି । ଯେପରି-

''ଅଦୂରେ ରହିଛି ପାହାଡ଼ କାଞ୍ଚିଆ,
ରମ୍ୟ ବନେ ଶୋଭି ହୋଇଅଛି ଠିଆ ।
ଆକାରରେ ସାନ ହେଲେ ହେଁ ମହାନ,
ବାରମାସ କରେ ଜନେ କେତେ ଦାନ ।''

ପୁନଶ୍ଚ କବି ଭୂଷଣ ଶ୍ରୀ ମିଶ୍ରଙ୍କର ସୁଖଦୁଃଖର ସାଥୀ ଏ ପାହାଡ଼ । ଏହି ପାହାଡ଼ କବିଙ୍କର ଶୋକପାସୋରା ଓ ପ୍ରେରଣା ଦାତା । ତେଣୁ କବି ଲେଖିଛନ୍ତି-

Digitized by PPRACHIN, SOA

"ମୋ ପ୍ରିୟ ପାହାଡ ନାମ କାଞ୍ଚିଆ
ମୋର ସୁଖଦୁଃଖର ସେ ପାଞ୍ଜିଆ ହେ ।"

ନୟାଗଡ଼ ଜିଲ୍ଲାର ମଧ୍ୟଭାଗରେ ତଥା ପ୍ରସିଦ୍ଧ ଗ୍ରାମ ଶରଣକୁଳ ନିକଟରେ ଭଣ୍ଡାର ପାହାଡ଼ ବିଦ୍ୟମାନ । ଏହି ପର୍ବତର ମୌନାବତାର ପ୍ରାଣରେ ଅପୂର୍ବ ଗମ୍ଭୀରତା ସୃଷ୍ଟି କରେ । ଏହି ପାହାଡ଼ର ପାଦଦେଶରେ ଶ୍ରୀ ଲଡୁକେଶ ମହାଦେବଙ୍କର ମନ୍ଦିର ଅବସ୍ଥିତ ।

ଶୃଙ୍ଗଟେକି ନୟାଗଡ ଜିଲ୍ଲାର ମଧ୍ୟସ୍ଥଳରେ ସର୍ବୋଚ୍ଚ ପର୍ବତ ଶୂଳିଆ ଅନନ୍ତ ଆକାଶକୁ ବିଦ୍ୟମାନ । ଏହା ନୟାଗଡ ଜିଲ୍ଲାର ଉଚ୍ଚତମ ପର୍ବତ । ଏହାର ଉଚ୍ଚତା ୨୨୦୦ ଫୁଟରୁ ଅଧିକ । ଏହି ପର୍ବତ ବିଷୟରେ କବି ଶ୍ରୀମିଶ୍ର ଲେଖିଛନ୍ତି-

"ଦୂରେ ଶୂଳାକୃତି ଶୂଳିଆ ଶିଖରୀ,
ଦ୍ରୁମ ଲତାଦିରେ ସୁନ୍ଦର ଯା' ଶିରୀ ।
ଅବାଚୀ ପ୍ରାଚୀର ରୂପେ ହୋଇ ଉଭା,
ଚିତ୍ତ ହରେ ଯାର ପ୍ରାକୃତିକ ଶୋଭା ।
ଖଣିଜ ସମ୍ପଦେ ଗର୍ଭ ଯାର ପୂର୍ଣ୍ଣ,
ବନସ୍ପତି ବର୍ଗେ ବିଗ୍ରହ ଆକୀର୍ଣ୍ଣ ।
କରି ଟେକି ଅଛି ଟାଙ୍ଗର ମସ୍ତକ,
ଧନୀ ଜ୍ଞାନୀ ଯେହ୍ନେ ସଂସାରେ ଖଲ୍ୟକ ।
ଶ୍ୟାମଳ ବନାନୀ ତାର କଟି ଦେଶ,
ଆବୋରିଛି ଗ୍ରୀଷ୍ମ ଶୀତ ବାର ମାସ ।"

ପୁନଶ୍ଚ- "ବକ୍ଷୋପରି ଧୂମ କୁହେଳିକା ସରି,
ମେଘ ଦିବା ନିଶି ରହଇ ଆବୋରି ।
ସୂର୍ଯ୍ୟ ରଶ୍ମି ଚନ୍ଦ୍ର ଜ୍ୟୋଛନା ଶିଖରେ,
ବର୍ଷାମାସେ ଦିବ୍ୟ କାନ୍ତିରେ ବିହରେ ।
ରଜ-ତମ-ସତ୍ତ୍ୱ ତିନିଭାବ ସେବା,
କରିଛନ୍ତି ତିନି ପ୍ରକାରରେ କିବା ?
କରିରାଜ କିବା ପୂର୍ବ ମୁଖ ହୋଇ,
ଶୋଇଲା ପରାଏ ତା ଛବି ଦିଶଇ ।
ନିର୍ଜନ ଅରଣ୍ୟ ପାଷାଣ ଗଣ୍ଡରେ,
ଗଜଯୂଥ ଗ୍ରୀଷ୍ମେ ଆନନ୍ଦେ ବିହରେ ।"

ନୟାଗଡ଼ ଜିଲ୍ଲାର ଦକ୍ଷିଣ-ପଶ୍ଚିମ ପାର୍ଶ୍ୱରେ ରଘୁନାଥ ପୀଠ ଓଡଗାଁ ନିକଟରେ ଗୟଳସିଂହ ପର୍ବତ ଅବସ୍ଥିତ । ଏହି ପର୍ବତ ନୟାଗଡ଼ରେ ଦକ୍ଷିଣ ଭାଗରେ ଗଞ୍ଜାମ

Digitized by PPRACHIN, SOA

ଓ ନୟାଗଡ଼ର ସୀମା ପର୍ବତରୂପେ । ଏହି ପର୍ବତ ସମ୍ପର୍କରେ କବି ଲେଖିଛନ୍ତି-

"ଦକ୍ଷିଣେ ଗୟଳସିଂହ ପରବତ,
ଉଭା ଟେକି ତାର ବିଗ୍ରହ ଉନ୍ନତ ।"

ନୟାଗଡ଼ର ପୂର୍ବଭାଗରେ ଶୁକରମଲ୍ଲ ପର୍ବତ ବିଦ୍ୟମାନ । ଏହି ପର୍ବତ ପୂର୍ବର ଗଡ଼ଜାତ ରାଜ୍ୟ ନୟାଗଡ଼ ଓ ରଣପୁରର ମଧ୍ୟରେ ପ୍ରାଚୀର ରୂପେ ଭୂମିକା ଗ୍ରହଣ କରିଥିଲା । ଏହି ପର୍ବତ ବିଷୟରେ କବି ଶ୍ରୀ ମିଶ୍ର ଲେଖିଛନ୍ତି-

"ପୂରୁବେ ଶୁକରମଲ୍ଲ ମଲ୍ଲ ହୋଇ,
ଶତ୍ରୁ ସୈନ୍ୟେ ଦେଶେ ନ ଦିଏ ପୂରାଇ ।"

ଏହି ପର୍ବତରୁ ଏକ ଝରଣା ବହିଯାଉଅଛି । ଶୁକରମଲ୍ଲ ପର୍ବତର ପୃଷ୍ଠ ଦେଶରେ ରମଣୀୟ ପ୍ରାକୃତିକ ଦୃଶ୍ୟ ବିଭବ ପରିବେଶରେ ବହିଯାଉଥିବା ଝରଣା ନିକଟରେ 'ଝରଦେଇ' ଠାକୁରାଣୀ ସଂସ୍ଥିତା । ପଞ୍ଚୁପାଣ୍ଡବ ଓ ରତ୍ନମାଳା ପର୍ବତ ନୟାଗଡ଼ର ପଶ୍ଚିମ ଭାଗରେ ଉନ୍ମୁଖ ବଦନରେ ଦଣ୍ଡାୟମାନ । ନୟାଗଡ଼ ଅଞ୍ଚଳର ଅନ୍ୟ କେତେଗୋଟି ଉଲ୍ଲେଖଯୋଗ୍ୟ ପାହାଡ଼ ହେଉଛି ବଡ଼ମାଳ, ବାହାରିସାଇ, ତମନା, ରାସୋଳ ଓ ରତାଦେଇ । ଖଣ୍ଡପଡ଼ା ଅଞ୍ଚଳରେ ମାଳତୀ, ସେବତୀ, ଗୋସିଂହ, କର୍ପୂରଝର, ବାଲିଗଡ଼, ହିମଗିରି, ମରଦକୋଟା, ଚିକିଲିଖାଇ, ସ୍ୱବାରିଦ୍ୱାର ପ୍ରଭୃତି ପାହାଡ଼ ପର୍ବତ ବିଦ୍ୟମାନ । କଣ୍ଟିଲୋଠାରେ ଶୂଳିଆ ପର୍ବତ ଶୂଳ ସଦୃଶ ଉର୍ଦ୍ଧ୍ୱମୁଖ ହୋଇ ରହିଛି । ସାପୁଆ ପାହାଡର 'ସେରେଣ୍ଡା ଟାସେରା' ଏକ ମନୋରମ ସ୍ଥାନ । ବଣଭୋଜି ପାଇଁ ଏହି ସ୍ଥାନ ଅତ୍ୟନ୍ତ ମନୋରମ ଅଟେ । ମରଦକୋଟା ପାହାଡ଼ର ପାଦ ଦେଶରେ ପାର୍ବତ୍ୟ ଖୋଲ ମଧ୍ୟରେ 'ଖୋଲ ଭୁଆସୁଣୀ' ଠାକୁରାଣୀ ବିରାଜିତା ।

ନୟାଗଡ଼ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ପର୍ବତ ହେଉଛି ମଣିନାଗ ପର୍ବତ । ଏହି ପର୍ବତ ରଣପୁରଠାରେ ଅବସ୍ଥିତ । ଏହି ପର୍ବତକୁ ମଧ୍ୟ 'ମୈନାକଶିଖରୀ' କୁହାଯାଏ । ଏହି ପର୍ବତର ଆକୃତି ସର୍ପଫଣା ସଦୃଶ ଦେଖାଯାଏ । ପର୍ବତର ଶିଖର ଦେଶରେ ଶିବ ଓ ପାର୍ବତୀ ମନ୍ଦିର ନିର୍ମାଣ କରାଯାଇଛି । ଅଧୁନା ଏଠାରେ କେବଳ ମଣିନାଗ ଦୁର୍ଗା ପୂଜା ପାଉଛନ୍ତି । ପଣ୍ଡିତ ବିନାୟକ ମିଶ୍ର "The Naga Puja in Odisha" ଶୀର୍ଷକ ବିଷୟରେ ଉପସ୍ଥାପନ କରିଛନ୍ତି ଯେ ଅତୀତରେ ରଣପୁର ରାଜା ଓ ରାଣୀ ମାଘ ପୂର୍ଣ୍ଣିମା ରାତ୍ରିରେ ଉଜାଗର ରହି ମଣିନାଗ ମହାଦେବ ଓ ଦୁର୍ଗାଙ୍କର ପୂଜା କରୁଥିଲେ । ଏହି ପୀଠରେ କାଳକ୍ରମେ ପ୍ରଚଳିତ ଶିବ ଉପାସନା ବିଲୁପ୍ତ ହୋଇ ଚକାଶିଳା ଉପରେ କେବଳ ମଣିନାଗ ଦୁର୍ଗାଙ୍କ ପୂଜା ପ୍ରଚଳନ ହୋଇ ଆସୁଛି । ମଣିନାଗ ପର୍ବତ ଉପରେ ମେଘାଧିପ ନାମକ ସ୍ଥାନ ଅବସ୍ଥିତ । ଜନସାଧାରଣଙ୍କ ଗଭୀର ବିଶ୍ୱାସ ଯେ ଉକ୍ତପୀଠରେ ବୃଷ୍ଟିଦେବତା ଇନ୍ଦ୍ରଙ୍କ ପୂଜା

Digitized by PPRACHIN, SOA

ଆରାଧନା କଲେ ଜଳବୃଷ୍ଟି ହୋଇ ଅପାଳକ ଦାଉରୁ କ୍ଷେତ ରକ୍ଷା ପାଏ । ମଣିନାଗ ପର୍ବତର ପୌରାଣିକ ପ୍ରସିଦ୍ଧି ରହିଛି । 'କପିଳ ସଂହିତା'ରେ ନୀଳମାଧବଙ୍କ କ୍ଷେତ୍ର ବର୍ଣ୍ଣନା ପରିପ୍ରେକ୍ଷୀରେ ମଣିନାଗ ପର୍ବତର ଉଲ୍ଲେଖ ରହିଛି-

''ତତୋଽକ୍ଷା ବିଂଶତି କ୍ରୋଶେ ପଶ୍ଚିମେ ଦ୍ୱୀଜ ସତ୍ତମ,
ଦକ୍ଷିଣେତୁ ମହାନଦ୍ୟା ମଣିନାଗଚୋତ୍ତରେ ତଥା ।''

ମଣିନାଗ ପର୍ବତର ଦକ୍ଷିଣଭାଗ ମଣିନାଗ ଭାବରେ କଥିତ ଏବଂ ଉତ୍ତରାଂଶ ମୈନାକ ଭାବରେ ପରିଚିତ । ମୈନାକ ଶିଖରରେ ରଣପୁର ରଷ୍ଟ୍ରର ପରମାରାଧ ଇଷ୍ଟଦେବୀ ମଣିନାଗ ଦୁର୍ଗା ସଂସ୍ଥିତା । ଏହି ପର୍ବତ କବିବର ରାଧାନାଥ ରାୟଙ୍କ ଲେଖନୀରେ ଜୀବନ୍ତ ହୋଇପାରିଛି-

''ଫଂଣି ଧରାକୃତି ମୈନାକ ଶିଖରୀ,
ଯା ଶିରେ ବସନ୍ତି ରଣପୁରେଶ୍ୱରୀ ।''

× × ×

''ନରେନ୍ଦ୍ର ମଉଳି କୁସୁମ ରେଣୁ ରକ୍ତ ବରନା,
ମୈନାକ ଶିଖର ବାସିନୀ ରଣପୁର ମଣ୍ଡନା ।''

ସେହିପରି ମଣିନାଗ ପର୍ବତ ସମ୍ବନ୍ଧରେ କବି ପାର୍ଥ ଶ୍ରୀଚନ୍ଦନ ଲେଖିଛନ୍ତି-

''ମଣିନାଗ ନାମେ ମହାପର୍ବତ,
ପରମ୍ପରା କ୍ରମେ ଇଷ୍ଟଦେବତ ।''

ମଣିନାଗ ପର୍ବତର ଦୃଶ୍ୟ ମନୋରମ । ମଣିନାଗ ପର୍ବତ ରଣପୁରଠାରୁ ପଶ୍ଚିମ ଦିଗରେ ନୟାଗଡ଼ ଆଡକୁ ବିସ୍ତୃତ । ନୟାଗଡ଼ର ପଥରଗଣ୍ଡ ପାହାଡ଼ମାଳା ସହିତ ମଣିନାଗ ପର୍ବତ ମିଳିତ ହୋଇଛି । ଉକ୍ତ ମିଳନ ସ୍ଥଳରୁ ଗୋଟିଏ ଝରଣାର ଉତ୍ପତ୍ତି ଘଟିଛି । 'ସିପେଇଝର' ନାମରେ ଏହା ଜଣାଶୁଣା । ମଣିନାଗ ବ୍ୟତୀତ ଧାନୀ ଓ ଗୌଣିଆ ପର୍ବତ ଏ ଅଞ୍ଚଳରେ ବିଦ୍ୟମାନ । 'ଶ୍ରୀକ୍ଷେତ୍ର ମହାତ୍ମ୍ୟ'ରେ ଉଲ୍ଲେଖ ରହିଛି ଯେ ଧାନୀ ପର୍ବତ ମହାଲକ୍ଷ୍ମୀଙ୍କର ଧାନ୍ୟଘର ଓ ଗୌଣିଆ ପର୍ବତ ଧାନ୍ୟ ମପାଯାଉଥିବା ଗୌଣିର ଆଧାର । କିମ୍ବଦନ୍ତୀ ଅନୁସାରେ ପାଣ୍ଡବମାନେ ଅଜ୍ଞାତ ବନବାସ ସମୟରେ ଦ୍ରୌପଦୀଙ୍କ ସହିତ ଧାନୀ ପର୍ବତରେ ଥିବା ଗୁମ୍ଫାରେ ଅବସ୍ଥାନ କରୁଥିଲେ । ତେଣୁ ସେହି ଉଦ୍ଦେଶ୍ୟରେ ଏହି ଗୁମ୍ଫା ପାଣ୍ଡବ ଗୁମ୍ଫା ନାମରେ ଅଭିହିତ । ଗୌଣିଆ ପାହାଡ଼ର ରୂପମାଧୁରୀ ସୌନ୍ଦର୍ଯ୍ୟ ପିପାସୁ କବି ରାଧାନାଥ ରାୟଙ୍କୁ ଆକୃଷ୍ଟ କରିଥିଲା । ତେଣୁ କବି ଲେଖିଛନ୍ତି-

''ନୀରନ୍ଧ୍ର ନିବିଡ଼ କୀଚକ ବଣିଆ,
ଅଭ୍ରଙ୍କଷ ଶିଖ ଗିରି ଗଉଣିଆ ।''

Digitized by PPRACHIN, SOA

ଦଶପଲ୍ଲା ନିକଟରେ ବରଦାୟିନୀ (ବରଦାମଣି) ପର୍ବତ ଅବସ୍ଥିତ । ଏଠାରେ ଗିରି ହନୁମାନ ପୂଜା ପାଉଛନ୍ତି । ଦଶପଲ୍ଲା ଅଞ୍ଚଳର ପୁରାଣପ୍ରସିଦ୍ଧ ମଣିଭଦ୍ରା ପର୍ବତ ବହୁ କିମ୍ବଦନ୍ତୀର ବିଷୟ । ଏହି ପର୍ବତରେ ବିଷଧର ସର୍ପମାନେ ବାସ କରନ୍ତି । ଏହି ପର୍ବତ ସମ୍ପର୍କରେ କବି ଲେଖିଛନ୍ତି-

"ବୌଦ୍ଧ ସ୍ତୂପାକୃତି ମଣିଭଦ୍ରା ଶୈଳ,
ଟେକିଛି ମସ୍ତକ ସୁନୀଳ ବିଶାଳ ।
ମହାନଦୀ ଜଳେ ବଣା ନାବିକର,
ଦୀପସ୍ତମ୍ଭ ରୂପେ ହୁଏ ଦୁଃଖ ହର ।
ଅହିରାଜ, ଅଜଗର, ଶଙ୍ଖଚୂଡ଼,
ବୋଡା, ତମ୍ପ, କାଳକୂଟ, ମଣିଚୂଡ଼ ।
ଚିତି, ରଣା, ଲାଉଡଙ୍କିଆ, ଧାମଣା,
ସର୍ପସଂଖ୍ୟା ତହିଁ କେ କରେ ଧାରଣା ।"

(କବିଭୂଷଣ ଆନନ୍ଦଚନ୍ଦ୍ର ମିଶ୍ର)

ବାଣୀଗୋଛା ନିକଟବର୍ତ୍ତୀ ବାଇଶିପଲ୍ଲୀ ପର୍ବତମାଳା ଓ ଏହାର ବନାନୀ ଶୋଭିତ ପାର୍ବତ୍ୟାଞ୍ଚଳ ଓଡ଼ିଶା ସରକାରଙ୍କର ଅନ୍ୟତମ ସଂରକ୍ଷିତ ଜଙ୍ଗଲ ଓ ଅଭୟାରଣ୍ୟ । ଖଣ୍ଡପଡ଼ା ଅଞ୍ଚଳର ଗୋସିଂହ ପର୍ବତ ପୌରାଣିକ ଘଟଣାକୁ ବହନ କରି ଆସିଛି । ମହାଭାରତ ଯୁଗର ଗୋସିଂହ ଦୈତ୍ୟ ଏଠାରେ ଅବସ୍ଥାନ କରୁଥିବାର ଜନଶ୍ରୁତି ରହିଛି । ଖଣ୍ଡପଡ଼ା ସହରର ଉପକଣ୍ଠରେ ଏବଂ କଣ୍ଟିଲୋ ନିକଟବର୍ତ୍ତୀ ଅଞ୍ଚଳରେ ଶୂଳିଆ ପର୍ବତ ବିଦ୍ୟମାନ । ଏହି ପାହାଡର ନିମ୍ନସ୍ଥ ଉପତ୍ୟକାରେ ରହିଥିବା ବଡ଼ଟାସରାରେ ଖଣ୍ଡପଡ଼ାର ପୂର୍ବତନ ଦେଶୀୟ ରାଜା ନଟବର ସିଂହ 'ବର୍ଷା ନିବାସ' ନିର୍ମାଣ କରାଇଥିଲେ ଏବଂ ଏଠାରେ ବର୍ଷାକାଳୀନ ପ୍ରକୃତିକୁ ଉପଭୋଗ କରୁଥିଲେ ।

ଏହିସବୁ ସମସ୍ତ ପାହାଡ଼ ପର୍ବତ ନୟାଗଡ଼ ଜିଲ୍ଲାର ପ୍ରଧାନ ପ୍ରାକୃତିକ ସମ୍ପଦ । ଧରିତ୍ରୀ ବକ୍ଷରେ ଋତୁଚକ୍ରର ଆବର୍ତ୍ତନ କ୍ରମେ ଏହି ପର୍ବତମାଳା ବିଭିନ୍ନ ଶୋଭାଶ୍ରୀ ଧାରଣ କରନ୍ତି । ଗ୍ରୀଷ୍ମଋତୁରେ ରାତ୍ରିକାଳରେ ଏହି ପାହାଡ ପର୍ବତରେ ବନାଗ୍ନିର ଦୃଶ୍ୟ ସୃଷ୍ଟି କରିଥାଏ ରୋଷଣିର ଆକର୍ଷଣୀୟ ପଟୁଆର ।

ଖଣ୍ଡପଡ଼ାରେ ବହୁ ଆମ୍ର ବାଟିକା ରହିଛି । ଖଣ୍ଡପଡ଼ାରେ ରହିଥିବା ଆମ୍ରବାଟିକା ଗୁଡ଼ିକ ହେଉଛି- ନନ୍ଦନବନ, ଇନ୍ଦ୍ରବନ, କୌତୁକବନ, ମେଘମାଳା ଇତ୍ୟାଦି । ନନ୍ଦନବନରେ ୧୮,୦୦୦ ଆମ୍ବ ଓ ପଣସ ଗଛ ଥିଲା । ପୂର୍ବେ ଜ୍ୟେଷ୍ଠମାସରେ ଦୁଇ/ତିନି ଥର ଏକଲକ୍ଷ ପାଚିଲା ଆମ୍ବ ରାଜା ବା ଜଗନ୍ନାଥଙ୍କ ଅମୃତ ମଣୋହିପାଇଁ ଲାଗି ହେଉଥିଲା ।

Digitized by PPRACHIN, SOA

ନଦୀ ଓ ଝରଣା:

ନୟାଗଡ଼ ଜିଲ୍ଲାର ବକ୍ଷଦେଶରେ ବହୁ ନଦୀ ହାର ସଦୃଶ ଶୋଭାପାଉଛି । ଏହି ଜିଲ୍ଲାରେ ପ୍ରବାହିତ ମୁଖ୍ୟ ନଦୀ ଗୁଡ଼ିକ ହେଉଛନ୍ତି ନାଗଝର, ଦୁଆଣ୍ଟ, ଶୂଳିଆ, କୁସୁମୀ, କୁଆଁରିଆ, ବୃତଙ୍ଗ, ଡାହୁକା, କୁଆଖାଇ, ବାଘମାରୀ, ହଡ଼ାନଦୀ ଏବଂ ମଳାଗୁଣି (ମନ୍ଦାକିନୀ) । ଏମାନେ ଚିରସ୍ରୋତା ନ ହେଲେ ମଧ୍ୟ ବର୍ଷରେ ୭/୮ ମାସ ଖରସ୍ରୋତା ଅଟନ୍ତି । ମହାନଦୀ ବ୍ୟତୀତ ଅନ୍ୟାନ୍ୟ ନଦୀଗୁଡ଼ିକ ବର୍ଷର ଅବଶିଷ୍ଟ ସମୟରେ ଶୁଷ୍କ ରହନ୍ତି । ମଗୁଡ଼ି ସମୟରେ ଉକ୍ତ ନଦୀମାନଙ୍କରେ ଆଡ଼ି ବନ୍ଧ ପକାଯାଇ ଜଳସେଚନ କରାଯାଏ । ଗ୍ରୀଷ୍ମଋତୁରେ ନଦୀମାନଙ୍କରେ ବଡ଼ ବଡ଼ ଚୁଆ ଖୋଳାଯାଇ ଟେଣ୍ଡା ବା ପାଣିପମ୍ପ ସାହାଯ୍ୟରେ ଜଳସେଚନ କରାଯାଏ । ଲାସ୍ୟମୟୀ ନଦନଦୀ ମାନଙ୍କର ଛଇଳ ଚପଳ ଗତି, ବର୍ଷାକାଳୀନ ନଦୀବଢ଼ିର ଦୃଶ୍ୟ, ଶରତକାଳୀନ ଶୁଭ୍ରଧାର, ଗ୍ରୀଷ୍ମର ସାୟଂକାଳୀନ 'ନଈକୂଳିଆ ଧୀରପବନ' ଏକ ଏକ ଆକର୍ଷଣ । ନିମ୍ନରେ ନଦୀମାନଙ୍କର ବିବରଣୀ ପ୍ରଦାନ କରାଗଲା-

(କ) **ନାଗଝର:** ଏହି ନଦୀ ରତ୍ନମାଳା ପର୍ବତରୁ ବାହାରି ଅଛି । ଏହା କାନ୍ଦୁମାଳ ଓ ବଡଦେଶ ପ୍ରଗଣା ଦେଇ ପ୍ରବାହିତ । ଡିମିସରଠାରେ ଏହା ଦୁଆଣ୍ଟ ନଦୀ ସହିତ ମିଳିତ ହୋଇଛି । ଏହା ଏକ ସ୍ରୋତସ୍ୱିନୀ ନଦୀ । କୃଷିପାଇଁ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

(ଖ) **ଦୁଆଣ୍ଟ:** ଏହି ନଦୀ ମଧ୍ୟ ରତ୍ନମାଳା ପର୍ବତଶ୍ରେଣୀରୁ ବାହାରିଅଛି । ପଞ୍ଚୁପଲ୍ଲୀ ଓ କାନ୍ଦୁମାଳ ପ୍ରଗଣା ମଧ୍ୟଦେଇ ଏହା ଡିମିସରଠାରେ ନାଗଝର ସହ ମିଳିତ ହୋଇଛି । ଏଥି ଉତ୍ତାରୁ ବଡ଼ଦେଶ ପ୍ରଗଣା ମଧ୍ୟଦେଇ ଗଣ୍ଡିବେଢ଼ ପ୍ରଗଣାର ବରପାଟଣାଠାରେ କୁସୁମୀ ନଦୀ ସହିତ ମିଳିତ ହୋଇଛି ।

(ଗ) **ଶୂଳିଆ:** ଏହି ନଦୀଟି ଶୂଳିଆ ପର୍ବତରୁ ଉତ୍ପତ୍ତିଲାଭ କରିଛି । ତେଣୁ ଏହାର ନାମ ଶୂଳିଆ । କାନ୍ଦୁମାଳ ପ୍ରଗଣା ମଧ୍ୟଦେଇ ଏହା ପ୍ରବାହିତ । କୁସୁମୀ ନଦୀ ସହିତ ଏହା ମିଶିଅଛି ।

(ଘ) **କୁସୁମୀ:** ଏହା ନୟାଗଡ଼ର ବୃହତ୍ତମ ନଦୀ । ଗଞ୍ଜାମ ଘୁମୁସର ଅଞ୍ଚଳର ନରସିଂହ ପ୍ରସାଦ ପର୍ବତାଞ୍ଚଳରୁ ବାହାରିଅଛି । ଏହି ନଦୀ ଡାହୁକା, ବାଘମାରୀ, ନାଗଝର, ଦୁଆଣ୍ଟ ନଦୀର ଜଳକୁ ଧରି ଖେଡବାରଣାଠାରେ ଖଣ୍ଡପଡ଼ା ଅଞ୍ଚଳରେ ପ୍ରବେଶ କରିଛି ଏବଂ ମହାନଦୀ ସହିତ ମିଶିଅଛି ।

(ଙ) **କୁଆଁରିଆ:** ଏହା ବାଣୀଗୋଛା ଅଞ୍ଚଳର ବାରନାଳିଆଠାରୁ ବାହାରି ମହାନଦୀ ସହିତ ମିଳିତ ହୋଇଛି । ଦଶପଲ୍ଲାର ସାତପାଟଣାଠାରେ ଏହି ନଦୀ ଉପରେ ଲୁହାଶଙ୍ଖ ବା ରାମ୍‌ସେ ସେତୁ (Ramsay Bridge) ନିର୍ମାଣ କରାଯାଇଥିଲା ।

Digitized by PPRACHIN, SOA

(ଚ) **ବୃତ୍ତଙ୍ଗ:** ଏହି ନଦୀ ବାଣୀଗୋଛା ଅଞ୍ଚଳରୁ ବାହାରି ଦଶପଲ୍ଲା-ଟାକରାଠାରେ ପ୍ରବାହିତହୋଇ ଗଣିଆଁଠାରେ ମହାନଦୀ ସହିତ ମିଳିତ ହୋଇଛି । ଏହାକୁ ମଧ୍ୟ ବୀରତୁଙ୍ଗ ନଦୀ କୁହାଯାଏ । ଏହି ନଦୀ ବିଷୟରେ ଢଗଟିଏ ପ୍ରଚଳିତ ଅଛି-

"ଯାଇଥିଲି ବୃତ୍ତଙ୍ଗ,
ପାଣି ନାହିଁ କାଞ୍ଜି ନାହିଁ ବାଜୁଅଛି ମୃଦଙ୍ଗ ।"

ସାରଳା ମହାଭାରତର ମଧ୍ୟପର୍ବରେ ବୃତ୍ତଙ୍ଗ ନଦୀର ଉଲ୍ଲେଖ ରହିଛି ।

(ଛ) **ଡାହୁକା:** ଏହା କରଣ୍ଡାମାଳ ପର୍ବତରୁ ବାହାରି ଅଛି । ମହୀପୁର ଓ ଗଣ୍ଡିବେଡ଼ ପ୍ରଗଣାଦେଇ କୁସୁମୀ ସହିତ ମିଳିତ ହୋଇଛି । ବାଘମାରୀ ଏହାର ଉପନଦୀ । ଏହି ନଦୀ ସମ୍ପର୍କରେ କବି ଲେଖିଛନ୍ତି-

"ବକ୍ଷେ ଉପବୀତ ପରାଏ ଉତ୍ତରେ,
ଡାହୁକା ଆନନ୍ଦେ ଯହିଁ ଗତି କରେ ।
ଚପଳା-ସରଳା-ବାଳିକା ସମାନେ,
ନୀର ନାଚି ନାଚି ଯାଉ କଳେ ଗମେ ।
ରୋଗହୀନ-ସ୍ୱଚ୍ଛ-ଲଘୁ ପୟଃ ପାନ,
କରି କୂଳବାସୀ କରନ୍ତି ଆସ୍ଥାନ ।"

(ଜ) **ବାଘମାରୀ:** ଏହା ରାଜଗିରି ପର୍ବତରୁ ନିର୍ଗତ ହୋଇ ଧାମଣେଇଠାରେ ଡାହୁକା ନଦୀ ସହିତ ମିଶିଅଛି ।

(ଝ) **କୁଆଖାଇ:** ଏହା ଏକ କ୍ଷୁଦ୍ର ନଦୀ । ଏହା ରାଜଗିରି ପର୍ବତରୁ ନିସୃତ ହୋଇ ଡାହୁକା ନଦୀ ସହିତ ମିଳିତ ହୋଇଛି ।

(ଞ) **ମନ୍ଦାକିନୀ:** ଏହି ନଦୀର ଲୋକ କଥିତ ନାମ 'ମଲାଗୁଣି' । ଏହା ରଣପୁର ଅଞ୍ଚଳରେ ପ୍ରବାହିତ ହୋଇ ଚିଲିକାରେ ପଡିଅଛି । କବିବର ରାଧାନାଥ ରାୟ ଏ ନଦୀ ବିଷୟରେ ଲେଖିଛନ୍ତି-

"ନଦୀ ମନ୍ଦାକିନୀ ଅମନ୍ଦ ଗାମିନୀ,
ରଣପୁର ରାଷ୍ଟ୍ର ବନ ବିହାରିଣୀ ।"

ଏହା ବ୍ୟତୀତ ଶାକମା, ସୁନାମୁହିଁ, ପୋଡାନାଳ, କାଳିଗିରି ପ୍ରଭୃତି ନଦନଦୀ ନୟାଗଡ଼ ଜିଲ୍ଲାରେ ପ୍ରବାହିତ । ଓଡ଼ିଶାର ବୃହତ୍ତମ ନଦୀ ମହାନଦୀ ନୟାଗଡ଼ ଜିଲ୍ଲାର ଉତ୍ତରସୀମାରେ ପ୍ରବାହିତ । ଏହା ନୟାଗଡ଼ ଜିଲ୍ଲାର ବଡ଼ମୂଳଠାରୁ କରବର ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳରେ ପ୍ରବାହିତ ।

ପାହାଡ଼ର ଶଯ୍ୟାରୁ କଙ୍କରିଳ ପଥଦେଇ ବହୁ ଝରଣାର ମଧ୍ୟ ଉଦ୍ଗରଣ ଘଟିଛି । ଝରଣାମାନଙ୍କର କାଚକେନ୍ଦୁ ପରି ଶୁଭ୍ରଜଳ ଦର୍ଶକ ମନରେ ଆନନ୍ଦ ସୃଷ୍ଟି କରେ ।

Digitized by PPRACHIN, SOA

ଝରଣାମାନଙ୍କର ଗତିପଥରେ କେଉଁଠି କେଉଁଠି କ୍ଷୁଦ୍ର ପ୍ରପାତ ସୃଷ୍ଟି ହୋଇଛି । ପ୍ରପାତ ଜଳଧାରା ନିପତିତ ହେବା ସମୟରେ ବିଚ୍ଛୁରିତ ଜଳକଣିକା ମୁକ୍ତାର ଭ୍ରମ ସୃଷ୍ଟି କରିଥାନ୍ତି । ବିଭିନ୍ନ ପାହାଡ଼ ପର୍ବତରୁ ସୃଷ୍ଟି ହୋଇଥିବା ନିର୍ଝର ଗୁଡ଼ିକ ହେଉଛନ୍ତି କିସ୍କିନ୍ଦାଝର, ଗୁଲୁବାସଝର, କଳଲାଇଝର, ଲୋଧାଝର, ବାଢ଼େଣିଝର, ଗଡ଼ଦ୍ୱାରଝର ଓ ଉଆସଝର । ରାଜଗିରି ପର୍ବତର ଗୁଲୁବାସଝର ଓ ପ୍ରପାତ ଅତ୍ୟନ୍ତ ମନୋରମ ସ୍ଥାନ । ପଥରଗଣ୍ଡ ପର୍ବତର ସିପେଇଝର ନୟାଗଡ଼ର ଏକ ରମଣୀୟ ସ୍ଥାନ । ଖଣ୍ଡପଡ଼ାର ବଡଟାସରାର ବନଲକ୍ଷ୍ମୀଙ୍କ ଅଧିଷ୍ଠିତ ନିର୍ଝରର ଦୃଶ୍ୟ ଅନୁପମ । ସେହିପରି ସୁକରମଲ୍ଲ ପର୍ବତର ରାମଚନ୍ଦ୍ରଝର, ପଞ୍ଚୁପାଣ୍ଡବ ପର୍ବତରୁ ଝରିଆସିଥିବା ଖଜୁରିଆଝର ପ୍ରଭୃତି ଅନେକ ଅନେକ ଝରଣାର ଛନ୍ଦୋମୟୀ ପ୍ରବାହର ମନଲୋଭା ଶୋଭା ନୟାଗଡ଼ ଜିଲ୍ଲାରେ ସାଇତା ହୋଇ ରହିଛି ।

କୃଷି :

ନୟାଗଡ଼ ଜିଲ୍ଲାରେ ଚାଷଜମିର ପରିମାଣ ହେଉଛି ୧୩୯୩୪୨.୭୮ ହେକ୍ଟର । ଏହି ଜିଲ୍ଲାରେ ଲୋକମାନଙ୍କର ସାଧାରଣ ଜୀବିକା ହେଉଛି କୃଷି । କୃଷିପାଇଁ ଲୋକମାନେ ମୁଖ୍ୟତଃ ବର୍ଷାଜଳ ଉପରେ ନିର୍ଭର କରିଥାନ୍ତି । ଏହା ବ୍ୟତୀତ ନୟାଗଡ଼ ଜିଲ୍ଲାରେ କୃଷିର ଉନ୍ନତିପାଇଁ ଜଳସେଚନର ବ୍ୟବସ୍ଥା କରାଯାଇଛି । ଏଥିପାଇଁ ବହୁ ବନ୍ଧ, ଆନିକଟ୍, ଡ୍ୟାମ୍ ପ୍ରଭୃତି ନିର୍ମାଣ କରାଯାଇଛି । ସେ ଗୁଡ଼ିକ ମଧ୍ୟରେ ଡାହୁକା ନଦୀବନ୍ଧ ଯୋଜନା, ପାଣିପୋଇଲା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କୁଆଁରିଆ ଡ୍ୟାମ୍, ବୁଢାବୁଢିଆଣୀ ଡ୍ୟାମ୍, ସୁନାମୁହିଁ ଡ୍ୟାମ୍, କଟରାଝରି ବନ୍ଧ, ଧୂଳିପାଉଁଶିଆ ବନ୍ଧ, ବଲାଙ୍ଗି ବନ୍ଧ, ଜଗୁରାଉତରା ବନ୍ଧ, ମୋହନଗୁରୁ ବନ୍ଧ, ଦେଓ୍ୱାନ ବନ୍ଧ ନଂ. ୨, ଡିଆଁପଡା ବନ୍ଧ, ଦର୍ପନାରାୟଣପୁର ବନ୍ଧ ଇତ୍ୟାଦି । ଧାନ ଓ ଆଖୁ ନୟାଗଡ଼ ଜିଲ୍ଲାର ପ୍ରଧାନ କୃଷିଜାତ ଦ୍ରବ୍ୟ ।

ନୟାଗଡ଼ ଜିଲ୍ଲାରେ ତିନି ପ୍ରକାରର ଧାନ ଚାଷ କରାଯାଇଥାଏ । ତାହା ହେଉଛି- ଖରୁଡିବୁଣା, ବତୁରିବୁଣା ଓ ଅଛରାବୁଣା ପ୍ରଣାଳୀ । ଜମିର ଆର୍ଦ୍ରତା ଅନୁସାରେ ଏହି ବୁଣା ପ୍ରଣାଳୀ ଅନୁସୃତ ହୋଇଥାଏ । ରବି ଫସଲ ମଧ୍ୟରେ ମୁଗ, ବିରି, ଗହମ, ସୋରିଷ, ରାଶି, କୋଳଥ, କାଙ୍ଗୁଲ, ମସୁର, ପେଶୁ, ଚଣା ପ୍ରଭୃତି ପ୍ରଧାନ । ନୟାଗଡ଼ ଜିଲ୍ଲାରେ ପ୍ରଚୁର ଭାବରେ ପନିପରିବା ଚାଷ କରାଯାଏ । ମାଳଅଞ୍ଚଳର କୃଷିଜାତ ଦ୍ରବ୍ୟ ମଧ୍ୟରେ କାଙ୍ଗୁଲ, ରାଶି, ମକା, ସୋରିଷ, ବାଜରା, କୋଳଥ ପ୍ରଭୃତି ପ୍ରଧାନ । ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟ ମଧ୍ୟରେ ମସୁର, ପେଶୁ, ଚଣା, ମାଣ୍ଡିଆ ପ୍ରଭୃତି ପ୍ରଧାନ । ଏହି ଜିଲ୍ଲାରେ ପ୍ରଚୁର ପରିମାଣରେ ପନିପରିବା ଚାଷ ହୁଏ । ନୟାଗଡ଼ର ମାଳ ଅଞ୍ଚଳରେ ବାସ କରୁଥିବା କନ୍ଧମାନେ କାଙ୍ଗୁଲ, ରାଶି, ମକା, ସୋରିଷ, ଜହ୍ନା, ବାଜରା, କୋଳଥ ପ୍ରଭୃତି ଚାଷ କରିଥାନ୍ତି ।

Digitized by PPRACHIN, SOA

ଶିଳ୍ପ:

ଶିଳ୍ପ କ୍ଷେତ୍ରରେ ନୟାଗଡ଼ ଜିଲ୍ଲା ଆଶାନୁରୂପ ପ୍ରଗତି ଲାଭ କରିପାରିନାହିଁ । ଏହି ଜିଲ୍ଲାର ସମସ୍ତ ଅଞ୍ଚଳରେ ତନ୍ତ ସମବାୟ ସମିତି ଓ ଦୁଗ୍ଧ ସମବାୟ ସମିତି ରହିଛି । ଜିଲ୍ଲାର ପାଣିପଇଲାଠାରେ ୧୯୮୮ ମସିହାରେ ଗୋଟିଏ ଚିନି ଉତ୍ପାଦନ କେନ୍ଦ୍ର ଏବଂ ବାହାଡ଼ାଝୋଲାଠାରେ ଗୋଟିଏ ତେଲକଳ ପ୍ରତିଷ୍ଠିତ । ଶୁକଳଗାଡ଼ିଆର ତନ୍ତୁବାୟ ଶିଳ୍ପ ନୟାଗଡ଼ ଜିଲ୍ଲାର ବୃହତ୍ତମ ତନ୍ତୁବାୟ ଶିଳ୍ପାନୁଷ୍ଠାନ । କୁଟୀରଶିଳ୍ପ କ୍ଷେତ୍ରରେ କଣ୍ଟିଲୋର କଂସା ଓ ପିତଳ ବାସନ ଓଡ଼ିଶାରେ ପ୍ରସିଦ୍ଧି ଅର୍ଜନ କରିଛି । ହରିହରପୁର, ଇଟାମାଟି ଓ ପଦ୍ମାବତୀରେ କଂସାପିତଳ ବାସନଶିଳ୍ପ ରହିଛି । ଖଣ୍ଡପଡ଼ାର ବାଇଗୁଣିଆ ବସ୍ତ୍ରଶିଳ୍ପ ପାଇଁ ପ୍ରସିଦ୍ଧ । ଦଶପଲ୍ଲାର ଚମଡ଼ାଶିଳ୍ପ, ଖଳିସାହିର ପିତଳଖୋଦେଇ ମୂର୍ତ୍ତି ଓଡିଶାରେ ଖ୍ୟାତି ଅର୍ଜନ କରିଛି । ଖଣ୍ଡପଡ଼ାର ଶିଙ୍ଗ ଓ କାଠ କାମ ଓଡ଼ିଶା ବିଖ୍ୟାତ ।

ବାଣିଜ୍ୟ:

ବାଣିଜ୍ୟ କ୍ଷେତ୍ରରେ ନୟାଗଡ଼ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଛି । କୃଷିଜାତ ଶିଳ୍ପଜାତ ଓ ଅରଣ୍ୟଜାତ ପଦାର୍ଥର ବାଣିଜ୍ୟ କାରବାର ସହିତ ଅନ୍ୟ ସମସ୍ତ ଦ୍ରବ୍ୟର କ୍ରୟ ବିକ୍ରୟ କ୍ଷେତ୍ରରେ ଏହି ଜିଲ୍ଲାର ବଜାର ଗୁଡ଼ିକ ସୁଲଭ ଅଟେ । ବାଣିଜ୍ୟ ନିମିତ୍ତ ନୟାଗଡ଼ ବଜାର ଓ ଇଟାମାଟି ବଜାର ପ୍ରଧାନ । ନୟାଗଡ଼ ଜିଲ୍ଲାରେ ଇଟାମାଟି ବଜାର ଏକ ସମୃଦ୍ଧ ବଜାର ଅଟେ । ଗ୍ରାମୀଣ ଲୋକମାନଙ୍କର ସୁବିଧାପାଇଁ ନୟାଗଡ଼ ଜିଲ୍ଲାର ବାଲୁଗାଁ, ସାତପାଟଣା ଓ ମାଣିକପାଟଣାଠାରେ ସାପ୍ତାହିକ ହାଟ ବସେ । ଜିଲ୍ଲାର ବାଲୁଗାଁ ଏବଂ ମାଣିକପାଟଣା (ବାହାଡାଝୋଲା)ଠାରେ ଗୋ-ଛାଗଳ ପ୍ରଭୃତି ପଶୁସମ୍ପଦର ହାଟ ହୁଏ । ବାଣିଜ୍ୟର ଅଭିବୃଦ୍ଧି ପାଇଁ ନୟାଗଡ଼ ସହରରେ ଜୁବୁଲି ମାର୍କେଟ୍ କମ୍ପ୍ଲେକ୍ସ, ଅମରେନ୍ଦ୍ର ବଜାର ଏବଂ ରାଜୀବ ମାର୍କେଟ କମ୍ପ୍ଲେକ୍ସ ପ୍ରତିଷ୍ଠା କରାଯାଇଛି । ବିଭିନ୍ନ ଜଳଭଣ୍ଡାରରୁ ଧରାଯାଉଥିବା ମଧୁର ମାଛ ମଧ ଏଠାରେ ସୁଲଭ । ନୟାଗଡ଼ର ଛେନାପୋଡ଼ ଓଡ଼ିଶା ବିଖ୍ୟାତ । ନୟାଗଡ଼ ବଜାରରୁ ସ୍ୱାଦିଷ୍ଟ ଛେନାପୋଡ଼ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ପଠାଯାଇଥାଏ । ଓଡ଼ିଶା ବାହାରକୁ ଯଥା : ରାଞ୍ଚି, ଜାମସେଦ୍‌ପୁର ଓ କଲିକତାକୁ ମଧ ଛେନାପୋଡ଼ ପଠାଯାଉଛି ।

ଗମନାଗମନ:

ନୟାଗଡ଼ ଅଞ୍ଚଳର ଗମନାଗମନ ପଥ ଅତ୍ୟନ୍ତ ସୁଗମ ଓ ସୁବିଧାଜନକ । ନୟାଗଡ଼ ଟାଉନ୍ ରାଜ୍ୟ ରାଜପଥ ଦ୍ୱାରା ଓଡ଼ିଶାର ବିଭିନ୍ନ ସହର ସହିତ ସମ୍ବନ୍ଧାନ୍ୱିତ । ନୟାଗଡ଼କୁ ସଂଯୋଗ କରୁଥିବା ଏକନମ୍ବର ରାଜ୍ୟ ରାଜପଥ ଖୋର୍ଦ୍ଧା ଟାଉନ୍ ନିକଟରେ ପାଞ୍ଚନମ୍ବର ଜାତୀୟ ରାଜପଥର ସମ୍ମୁଖୀନ ହୋଇଛି । ଏହି ରାଜପଥ ବର୍ତ୍ତମାନ ଜାତୀୟ ରାଜପଥ ନଂ. ୨୨୪ର ମାନ୍ୟତା ଲାଭ କରିଛି । ଖୋର୍ଦ୍ଧା-ନୟାଗଡ଼

Digitized by PPRACHIN, SOA

ରାସ୍ତାର ବଡ଼ପଣ୍ଡୁସର ଗ୍ରାମ ନିକଟରେ କୁସୁମୀ ନଦୀ ଉପରେ ୧୯୧୪-୧୫ ମସିହାରେ ଏକ ଲୁହାଶଙ୍ଘ ନିର୍ମାଣ କରାଯାଇଥିଲା । ଏହାକୁ 'Ramsay Bridge' ବା 'ରାମ୍‌ସେ ସେତୁ' କୁହାଯାଇଛି । ଏହି ଲୌହ ସେତୁଟିର ନିର୍ମାଣରେ ଟ.୫୬,୮୩୯ ବ୍ୟୟିତ ହୋଇଥିଲା । ସେହିପରି ମହୀପୁର ବସ୍‌ଷ୍ଟାଣ୍ଡ୍ ନିକଟରେ ଡାହୁକା ନଦୀ ଉପରେ ଏବଂ ଦଶପଲ୍ଲାଠାରେ କୁଆଁରିଆ ନଦୀ ଉପରେ ଏହି ପ୍ରକାରର ଝୁଲା ଲୁହାସେତୁ ନିର୍ମାଣ କରାଯାଇଥିଲା । ନୟାଗଡ଼-ରଣପୁର ରାସ୍ତାରେ ମଦାଗ୍ନି ନଦୀ ଉପରେ ନିର୍ମିତ ହୋଇଥିବା ପୋଲଟିର ନିର୍ମାଣ ଖର୍ଚ୍ଚ ପାଇଁ ଟ.୮,୧୨୦ ବ୍ୟୟିତ ହୋଇଥିଲା । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଏବଂ ଓଡ଼ିଶାର ପଡ଼ୋଶୀରାଜ୍ୟ ବିହାର ଓ ପଶ୍ଚିମବଙ୍ଗରୁ ନୟାଗଡ଼ ମଧ୍ୟଦେଇ ମୋଟର ବସ୍ ଚଳାଚଳ ହୁଏ । ଓଡ଼ିଶା ରାଜ୍ୟ ପରିବହନ ଦ୍ୱାରା ପରିଚାଳିତ ବିଭିନ୍ନ ବସ୍ ଏବଂ ବିଭିନ୍ନ ଘରୋଇବସ୍ ଯଥେଷ୍ଟ ସଂଖ୍ୟାରେ ନୟାଗଡ଼ ଦେଇ ଯାତାୟତ କରନ୍ତି । ନୟାଗଡ଼ ଜିଲ୍ଲା ମଧ୍ୟଦେଇ ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳପଥ କାର୍ଯ୍ୟକାରୀ ହେଉଅଛି ।

ଶିକ୍ଷା :

ନୟାଗଡ଼ ଜିଲ୍ଲାରେ ଶିକ୍ଷାର ପ୍ରଗତି ଘଟିଅଛି । ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ଏ ଦିଗରେ ବିଶେଷ ସହାୟକ ହୋଇଛି । ଏ ଜିଲ୍ଲାରେ ଉଚ୍ଚଶିକ୍ଷାର ପ୍ରସାର ପାଇଁ ଯୁକ୍ତତିନି ଶ୍ରେଣୀ ପ୍ରଚଳନ ଥିବା ପନ୍ଦରଗୋଟି ମହାବିଦ୍ୟାଳୟ ଏବଂ ଯୁକ୍ତଦୁଇ ଶ୍ରେଣୀ ପ୍ରଚଳନ ଥିବା ବାଇଶିଗୋଟି ମହାବିଦ୍ୟାଳୟ ରହିଛି । ଏହି ଜିଲ୍ଲାର ସର୍ବପ୍ରଥମ ଓ ପ୍ରଧାନ ମହାବିଦ୍ୟାଳୟ ହେଉଛି ନୟାଗଡ଼ ମହାବିଦ୍ୟାଳୟ । ୧୯୬୩ ମସିହାରେ ପ୍ରତିଷ୍ଠିତ ଏହି ମହାବିଦ୍ୟାଳୟ ବର୍ତ୍ତମାନ ସ୍ୱୟଂଶାସିତ ଶିକ୍ଷାନୁଷ୍ଠାନରେ ପରିଣତ ହୋଇଛି । ସର୍ବୋପରି ଏହା ରାଷ୍ଟ୍ରୀୟ ମୂଲ୍ୟାଙ୍କନ ଓ ପ୍ରଣୟନ ପରିଷଦ ଦ୍ୱାରା 'B⁺' ଶ୍ରେଣୀ ମାନ୍ୟତାପ୍ରାପ୍ତ ମହାବିଦ୍ୟାଳୟ । ନୟାଗଡ଼ ଜିଲ୍ଲାରେ ଉଚ୍ଚଶିକ୍ଷାର ବିକାଶ କ୍ଷେତ୍ରରେ ଏହା ଏକ ପ୍ରଦୀପ୍ତ ଆଲୋକସ୍ତମ୍ଭ ସଦୃଶ । ବହୁ ବିଦ୍ୱାନ ଓ କୃତୀ ଅଧ୍ୟାପକ ଉନ୍ନତମାନର ଅଧ୍ୟାପନା ପ୍ରଦାନ କରି ଉଜ୍ଜ୍ୱଳ ପଦାଙ୍କ ସୃଷ୍ଟି କରିଯାଇଛନ୍ତି । ସେହିପରି ନୟାଗଡ଼ଠାରେ ୧୯୮୧-୮୨ ଶିକ୍ଷା ବର୍ଷରେ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ବେସରକାରୀ ଉଦ୍ୟମରେ ସ୍ଥାପନ କରାଯାଇଛି । ଏହା ବ୍ୟତୀତ ନୟାଗଡ଼ ଜିଲ୍ଲାରେ ଆଉ ଦୁଇଗୋଟି ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଛି । ସେହିପରି ଏହି ଜିଲ୍ଲାରେ ଦଶଗୋଟି ସରକାରୀ ଉଚ୍ଚ ବିଦ୍ୟାଳୟ, ପାଞ୍ଚଗୋଟି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଏକଶହ ଏକୋଇଶିଗୋଟି ସରକାରୀ ସାହାଯ୍ୟପ୍ରାପ୍ତ ଉଚ୍ଚ ବିଦ୍ୟାଳୟ, ଏକଶହ ପଚିଶିଗୋଟି ସରକାରୀ ମଧ୍ୟଇଂରାଜୀ ବିଦ୍ୟାଳୟ, ସତଷଠିଗୋଟି ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ ରହିଛି । ଜିଲ୍ଲାରେ ଛଅଶହ ପଞ୍ଚାନବେଟି ପ୍ରାଥମିକ ବିଦ୍ୟାଳୟ ରହିଛି । ଏହାବ୍ୟତୀତ

Digitized by PPRACHIN, SOA

ଚାରିଂଗୋଟି ସଂସ୍କୃତଟୋଲ୍, ଚବିଶଗୋଟି ସେବାଶ୍ରମ ଓ ତିନିଗୋଟି ଆବାସିକ ସେବାଶ୍ରମ ରହିଛି । ୨୦୧୧ ଜନଗଣନା ରିପୋର୍ଟ ଅନୁଯାୟୀ ନୟାଗଡ଼ ଜିଲ୍ଲାରେ ସାକ୍ଷର ସଂଖ୍ୟା ଶତକଡ଼ା ୮୦.୪୨% ଏବଂ ମହିଳା ସାକ୍ଷର ସଂଖ୍ୟା ଶତକଡ଼ା ୭୦ ।

ପ୍ରଶାସନ ବ୍ୟବସ୍ଥା:

ନୟାଗଡ଼ ଜିଲ୍ଲାରେ ଗୋଟିଏ ମାତ୍ର ସବ୍-ଡିଭିଜନ୍ ରହିଛି । ଏହା ହେଉଛି ନୟାଗଡ ସବ୍-ଡିଭିଜନ । ଏହି ଜିଲ୍ଲାରେ ଆଠଗୋଟି ତହସିଲ୍ ଏବଂ ଆଠଗୋଟି ବ୍ଲକ୍ ରହିଛି । ସେଗୁଡିକ ହେଉଛି ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା, ରଣପୁର, ଓଡଗାଁ, ନୂଆଗାଁ, ଗଣିଆଁ ଓ ଭାପୁର । ଏହି ଜିଲ୍ଲାରେ ଚାରିଗୋଟି ବିଧାନସଭା ମଣ୍ଡଳୀ ରହିଛି ଯଥା: ନୟାଗଡ଼, ରଣପୁର, ଖଣ୍ଡପଡ଼ା ଓ ଦଶପଲ୍ଲା ନିର୍ବାଚନ ମଣ୍ଡଳୀ । ଏହି ଜିଲ୍ଲାରେ ପାଞ୍ଚଗୋଟି ବିଜ୍ଞାପିତ ପରିଷଦ (Notified Area of Council) ରହିଛି, ଯଥା: ନୟାଗଡ଼ ବିଜ୍ଞାପିତ ପରିଷଦ ନିୟମ ୧୯୫୦ ଅନୁଯାୟୀ ୧୯୫୩ ମସିହାରେ ନୟାଗଡ ସହରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ରୂପେ ଘୋଷଣା କରାଗଲା । ସେହିପରି ୧୯୯୦ ମସିହାରେ ଖଣ୍ଡପଡ଼ା ସହରାଞ୍ଚଳକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ରୂପେ ଘୋଷଣା କରାଯାଇଛି । ଏହା ବ୍ୟତୀତ ଦଶପଲ୍ଲା, ଓଡ଼ଗାଁ ଓ ରଣପୁରକୁ ମଧ୍ୟ ବିଜ୍ଞାପିତ ଅଞ୍ଚଳ ପରିଷଦ ରୂପେ ଘୋଷଣା କରାଯାଇଛି । ନୟାଗଡ଼ ଜିଲ୍ଲାରେ ୧୬୮୦ ଗୋଟି ରାଜସ୍ୱ ଗ୍ରାମ (Revenue Village), ଏକଶହ ସତାନବେ ଗୋଟି ଗ୍ରାମପଞ୍ଚାୟତ ଏବଂ ଚଉରାଳିଶି ଗୋଟି ରାଜସ୍ୱ ନିରୀକ୍ଷକ ମଣ୍ଡଳ ରହିଛି । ଜିଲ୍ଲାରେ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ତଥା ପୋଲିସ୍ ପ୍ରଶାସନର ସୁବିଧାପାଇଁ ତେରଗୋଟି ପୋଲିସ୍ ଥାନା ଏବଂ ବାରଗୋଟି ପୋଲିସ୍ ଫାଣ୍ଡି ରହିଛି । ୨୦୧୯ ମସିହାରେ ନୟାଗଡ଼କୁ ପୌରାଞ୍ଚଳ ରୂପେ ଘୋଷଣା କରାଯାଇଛି ।

ଲୋକଜୀବନ:

ନୟାଗଡ଼ ମୁଖ୍ୟତଃ ଏକ କୃଷିପ୍ରଧାନ ଜିଲ୍ଲା । ଏହି ଜିଲ୍ଲାରେ ଚାଷଜମିର ପରିମାଣ ପ୍ରାୟ ୧୩୯୩୪୨.୭୮ ହେକ୍ଟର । ସୁତରାଂ କୃଷି ଲୋକମାନଙ୍କର ପ୍ରଧାନ ଜୀବିକା । ନୟାଗଡ଼ ଜିଲ୍ଲାର ପ୍ରଧାନ କୃଷିଜାତ ଦ୍ରବ୍ୟ ଧାନ । ଚାଷୀମାନେ ବଡ଼ଧାନ ଓ ଲଘୁଧାନ ଚାଷ କରିଥାନ୍ତି । ନୟାଗଡ଼ ଜିଲ୍ଲାରେ ଚାଷ ହେଉଥିବା ବିଭିନ୍ନ ଧାନର ନାମ ହେଉଛି- ବାଉଁଶମୁଠା, ବେଣାପଞ୍ଜର, ଗେଡ଼ିଆ ଚମ୍ପା, ଭାରିକୋଦମା, କୁସୁମକୁଣ୍ଡା, ମାଗୁରା, କାଇଁଚଫୁଲ, ମହୀପାଳ, ଗେଲେଇଗୋଟି, ହାତୀ ପଞ୍ଜର, ରତ୍ନଚୁଡ଼ି, ଇନ୍ଦ୍ରବଲ୍ଲଭ, ପାଣିକେଣ୍ଟି, ତୁଳସୀବାସ, ମରିଚପାଣି, ବଉଳମାଳ, ଅଳନ୍ଧୁକୁଟା, କଳାଜୀରା, ରାମଚନ୍ଦ୍ରଭୋଗ, ଗଙ୍ଗାବାଲି, ପାରିଜାତକ, ପିପଳବାସ, ପାଳୁଆଗୁଣ୍ଡି, ବଣୀପକ୍ଷୀ, ନବାବି, ରାଧାଭୋଗ, ସୋରିଷଫୁଲ, ବାଇକାନି, କାଳିଆଁସୁ, ଛୋଟ ଚମ୍ପା, ଦହିକେରା, ଆସିଣ ସୂତା, ମୁକ୍ତା,

Digitized by PPRACHIN, SOA

କଖାରୁଆ, ମାଛକଣ୍ଟା, କଦଳିଆଟମ୍ପା, ପଦ୍ମକେଶରୀ, ନୃପତିଭୋଗ, ହରିଶଙ୍କର, ହରିଭୋଗ, ହଳଦୀଗୁଣ୍ଡି, ନୀଳକଣ୍ଠାଇ, କଟକିଚମ୍ପା, ବେଲମଞ୍ଜିଆ, ମସୁରି, ମୟୂରକଣ୍ଠୀ, ଡଅଁର, ଚଢ଼େଇଗୋଡ଼ି, ମହୁଲପେଣ୍ଡି, କର୍ପୂରକେଳି, ଦୋଳଗୋବିନ୍ଦ, ପଥରା, ମହୁବାଙ୍କି, ମୁଗଜାଇ, ଆକାଶମଲ୍ଲୀ, ବଡ଼ଓଖା (ଚୋଖ ଓ ବଗଡ଼ା) ପକ୍ଷୀରା, ରତା, ମହୁଲବାଙ୍କି, ମରିଚପାଣି, ବଡ଼ମାଧୁଆ, ସୁନାପାଣି, କାବୁଲି ଇତ୍ୟାଦି । ସରକାରୀ ଧାନ ମଧ୍ୟରେ ୧୦୦୯, ୧୨୪୨, ଟାଇଚୁଙ୍ଗ ଇତ୍ୟାଦି ଉଲ୍ଲେଖଯୋଗ୍ୟ । ଏହା ସହିତ ଚାଷୀମାନେ ପର୍ଯ୍ୟାପ୍ତ ପରିମାଣରେ ଆଖୁ ଚାଷ କରନ୍ତି । ନୟାଗଡ଼ ଜିଲ୍ଲାରେ ଉନ୍ନତ କିସମର ଆଖୁଚାଷ କରାଯାଏ । କାର୍ତ୍ତିକ ମାସଠାରୁ ଫାଲଗୁନ ମାସ ମଧ୍ୟରେ ଚାଷୀମାନେ ଆଖୁଶାଳ କରି ଆଖୁ ପେଡ଼ନ୍ତି ଓ ଗୁଡ଼ ପ୍ରସ୍ତୁତ କରନ୍ତି । ନୟାଗଡ଼ର ଗୁଡ଼ ଉନ୍ନତମାନର ଅଟେ । ରବିଫସଲ ମଧ୍ୟରେ ମୁଗ, ବିରି, ଚଣା, ଗହମ, ପେଶୁ, କୋଳଥ, ମାଣ୍ଡିଆ, ରାଶି, ସୁଆଁ, କୁହୁଡ଼ି, ସୋରିଷ, ମସୁର, କାଙ୍ଗୁଲ, ଚିନାବାଦମ, ଜଡ଼ା, ସୂର୍ଯ୍ୟମୁଖୀ ପ୍ରଭୃତି ପ୍ରଧାନ । ନୟାଗଡ଼ର ମୁଗ ପ୍ରସିଦ୍ଧି ଲାଭ କରିଛି । ଏ ଜିଲ୍ଲାର ମୁଗଡ଼ାଲିର ସ୍ୱାଦ ସ୍ୱତନ୍ତ୍ର । ବିଶେଷତଃ, ଇଟିରି ଗ୍ରାମାଞ୍ଚଳର ମୁଗ ସର୍ବୋତ୍କୃଷ୍ଟ ବୋଲି ଲୋକପ୍ରବାଦ ରହିଛି । ନୟାଗଡ଼ ଜିଲ୍ଲାରେ ବସବାସ କରୁଥିବା ଆଦିବାସୀମାନେ (ମୁଖ୍ୟତଃ କନ୍ଧଜାତିର ଲୋକମାନେ) କାଙ୍ଗୁଲ, ଜହ୍ନା, ରାଶି, ସୋରିଷ, ମକା, କୋଳଥ, ବାଜରା, ମାଣ୍ଡିଆ ପ୍ରଭୃତି ଚାଷ କରନ୍ତି । ନୟାଗଡ଼ ଜିଲ୍ଲାରେ ବିଭିନ୍ନ ପ୍ରକାରର ପନିପରିବା ଚାଷ ହୁଏ । ଏହି ଜିଲ୍ଲାର ଓଡଗାଁ, ଗୋଡିପଲ୍ଲୀ, ରଙ୍ଗଣୀପାଟଣା, ଖଣ୍ଡୁଗାଁ, ପଦ୍ମପୁର, ଦଶପଲ୍ଲା ପ୍ରଭୃତି ଅଞ୍ଚଳରେ ପ୍ରାୟତଃ ବର୍ଷସାରା ବିଭିନ୍ନ ପନିପରିବା ଚାଷ କରାଯାଏ । ନୟାଗଡ଼ର ଗ୍ରାମାଞ୍ଚଳ ଲୋକମାନେ ଆଖୁ, ସାରୁ, ଚିନାବାଦାମକୁ ପ୍ରଧାନ ଅର୍ଥକାରୀ ଫସଲରୂପେ ଚାଷ କରିଥାନ୍ତି । ଏହି ଜିଲ୍ଲାରେ ଚାଷ ହେଉଥିବା ପନିପରିବା ହେଉଛି ଆଳୁ, ସାରୁ, ଖମ୍ବଆଳୁ, କଖାରୁ, ବାଇଗଣ, ବରଗୁଡ଼ି, କନ୍ଦମୂଳ, ପାଳୁଅ, ତରଭୁଜ, ଜହ୍ନି, ଭେଣ୍ଡି, ଶିମ୍ବ, କଦଳୀ, ଅମୃତଭଣ୍ଡା, ବିନ୍ସ, ଝୁଡଙ୍ଗ, ବନ୍ଧାକୋବି, ଫୁଲକୋବି, ମୂଳା, ଧନିଆଁ, ବିଲାତିବାଇଗଣ, କାକୁଡ଼ି, କଲରା, କୋଟଲ, କଟକୀପୋଟଳ, ଗୁଆଁର ଏବଂ ବିଭିନ୍ନ ପ୍ରକାରର ଶାଗ । ଏହାବ୍ୟତୀତ ଲୋକମାନେ ପିଆଜ, ରସୁଣ, ଅଦା, ହଳଦୀ ପ୍ରଭୃତି ଚାଷ କରିଥାନ୍ତି । କୃଷି ବ୍ୟତୀତ ବାଣିଜ୍ୟ, ପଶୁପାଳନ, କୁଟୀରଶିଳ୍ପ, ଫଳଚାଷ ଦ୍ୱାରା ମଧ୍ୟ ବହୁଲୋକ ଜୀବିକା ନିର୍ବାହ କରିଥାନ୍ତି । ଭାତ ଲୋକମାନଙ୍କର ପ୍ରଧାନ ଖାଦ୍ୟ । ଲୋକମାନେ ସାଧାରଣତଃ ଗାଈ, ମଇଁଷି ଗୃହପାଳିତ ପଶୁମାନଙ୍କୁ ପାଳନ କରୁଥିବାରୁ ଦୁଧ, ଦହି, ଘିଅ, ଛେନା ପ୍ରଭୃତି ପ୍ରାଣୀଜ ସାର ସୁବିଧାରେ ପାଇଥାନ୍ତି । ଏହି ଜିଲ୍ଲାରେ ମଧ୍ୟ ଗୋ-ସମ୍ପଦର ବିକାଶ ପାଇଁ ବିଭିନ୍ନ ଗୋ-ସମବାୟ ସମିତି ପ୍ରତିଷ୍ଠା କରାଯାଇ ଦୁଗ୍ଧ ଉତ୍ପାଦନକୁ ଉତ୍ସାହିତ କରାଯାଉଛି । ନୟାଗଡ଼ର ଛେନାପୋଡ଼ ଓଡ଼ିଶା ବିଖ୍ୟାତ ।

Digitized by PPRACHIN, SOA

ନୟାଗଡ଼ ଜିଲ୍ଲାର ଲୋକମାନଙ୍କ ମଧ୍ୟରେ ଆଦୃତ ପିଠାପଣା ମଧ୍ୟରେ ଚକୁଳି, ଏଣ୍ଡୁରି, ମଣ୍ଡା, ଗଇଁଠା, କାକରା, ଆରିଷା, ପୋଡପିଠା ପ୍ରଭୃତି ପ୍ରଧାନ । ଲୋକମାନେ ଜଳଖିଆ ଭାବରେ ମୁଢ଼ି, ଚୁଡ଼ା, ଚୁଡ଼ାଭଜା, ମୁଆଁ, ଉଖୁଡ଼ା, ବରା, ଫେକଡ଼ି, ଦୋସା, ଚପ୍, ସିଙ୍ଗଡ଼ା, ଉପମା ପ୍ରଭୃତି ବ୍ୟବହାର କରିଥାନ୍ତି । ଗ୍ରାମାଞ୍ଚଳରେ ଆଖୁଶାଳରେ ଗୁଡ଼ ପ୍ରସ୍ତୁତି ସମୟରେ ଶାଳଉଖୁଡ଼ା ତିଆରି କରାଯାଏ । ଏହି ଶାଳଉଖୁଡାର ସ୍ୱାଦ ଓ ଚାହିଦା ସ୍ୱତନ୍ତ୍ର । ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଭୋଗଲାଗି ହୋଇ ବିକ୍ରି ହେଉଥିବା ଥାଳିପଟ ପରି କାକରାର ଚାହିଦା ଲୋକମାନଙ୍କର ନିକଟରେ ରହିଛି । ସେହିପରି ଦକ୍ଷିଣକାଳୀ ମନ୍ଦିରର କାକରାପିଠା, ଗଜା, ଖୁରୁମା, ଗୋପାଳଖଜା, ବୁନ୍ଦି ବେଶ୍ ଲୋକପ୍ରିୟ । ଲଡୁବାବାଙ୍କ ମନ୍ଦିରର ଗଜା, କଦମ୍ବା, ନୟାଗଡ଼ର ବିଭିନ୍ନ ପ୍ରସିଦ୍ଧ ଶିବ, ବିଷ୍ଣୁ ଓ ଜଗନ୍ନାଥ ମନ୍ଦିରରେ ମଧ୍ୟ ଖଜା, ଖଇ, ଖୁରୁମା ପ୍ରଭୃତି ଭୋଗଲାଗି ହୋଇ ନିଃସଙ୍ଖୁଡ଼ି ପ୍ରସାଦ ଭାବରେ ଉପଲବ୍ଧ ହୁଏ ।

ଲୋକମାନେ ସାଧାରଣତଃ କାର୍ପାସ ପ୍ରସ୍ତୁତ ପୋଷାକ ବ୍ୟବହାର କରିଥାନ୍ତି । ଗ୍ରାମାଞ୍ଚଳରେ ପୁରୁଷ ଲୋକମାନଙ୍କର ସାଧରଣ ପରିଧାନ ହେଉଛି ଲୁଗା, ଲୁଙ୍ଗି, ଗାମୁଛା ଓ ଗେଞ୍ଜି । ମହିଳାମାନେ ହାତବୁଣା କିମ୍ବା କଳବୁଣା ଶାଢୀ, ସାୟା, ବ୍ଲାଉଜ୍ ଇତ୍ୟାଦି ବ୍ୟବହାର କରନ୍ତି । ମହିଳାମାନେ ସ୍ୱର୍ଣ୍ଣ ଏବଂ ରୌପ୍ୟରେ ନିର୍ମିତ ବିଭିନ୍ନ ପ୍ରକାରର ଅଳଙ୍କାର ବ୍ୟବହାର କରିଥାନ୍ତି । ସ୍ୱର୍ଣ୍ଣ ଅଳଙ୍କାର ମଧ୍ୟରେ କାନଫୁଲ, ପେଣ୍ଡି, ଝରା, ଇୟରରିଙ୍ଗ୍, ନୋଳି, ଟପ୍‌ଝରା, ପ୍ଲେଟଝରା, ପ୍ଲାଷ୍ଟରଝରା, ଷ୍ଟୋନ୍‌ସେଟିଂଝରା, ବ୍ରିଜ୍‌ପେଣ୍ଡି, ତାରକସି ପେଣ୍ଡି, ନୋଥ, ନାକଚଣା, ସୋରିଷିଆ ମାଳି, ଚମ୍ପାମାଳି, ନାଉଡ଼ଙ୍କିଆ ମାଳି, ଆମ୍ବକଷି ମାଳି, ଖାସୁଲ ମାଳି, ମଙ୍ଗଳସୂତ୍ର, ସୁନାମୁଦି, ସୁନାଚେନ୍, ହାର, ଇତ୍ୟାଦି । ରୌପ୍ୟ ଅଳଙ୍କାର ମଧ୍ୟରେ ରୂପାମୁଦି, ରୂପାଖଡ଼ୁ, ପାଉଞ୍ଜି, ଅଣ୍ଟାସୁତା, ଆର୍ମଲେଟ୍ ଇତ୍ୟାଦି । ଶିକ୍ଷିତ ଲୋକମାନେ ସୁଟ୍‌କୋଟ୍, କାମିଜ, ପାଇଜାମା ପ୍ରଭୃତି ବ୍ୟବହାର କରନ୍ତି । ବିବାହ, ବ୍ରତ, ଶୁଦ୍ଧକ୍ରିୟା ପ୍ରଭୃତି ସାମାଜିକ କ୍ରିୟାନୁଷ୍ଠାନ ସମାଜରେ ପ୍ରଚଳିତ । ପ୍ରସ୍ତାବିତ ବିବାହ ଓ ପ୍ରେମବିବାହ ସମାଜରେ ପ୍ରଚଳିତ । ଅନୁଲୋମ ଓ ପ୍ରତିଲୋମ ବିବାହ ପ୍ରଚଳନ ରହିଛି । ଛାଡପତ୍ର, ନିୟୋଗ ପ୍ରଭୃତି ମଧ୍ୟ ପ୍ରଚଳିତ ।

ନୟାଗଡ଼ ଜିଲ୍ଲାରେ ବସବାସ କରୁଥିବା ଆଦିବାସୀମାନଙ୍କର ଜୀବନଯାତ୍ରା ପ୍ରଣାଳୀ ସାଧାରଣ ବର୍ଗର ଲୋକମାନଙ୍କର ଜୀବନଯାତ୍ରା ପ୍ରାଣାଳୀଠାରୁ କିଞ୍ଚିତ୍ ପୃଥକ । ଜିଲ୍ଲାର କନ୍ଧମାନଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇଛି; ଯଥା: ଦେଶୁଆ କନ୍ଧ ଓ ମାଲୁଆ କନ୍ଧ । ଜିଲ୍ଲାର ମାଳ ଅଞ୍ଚଳରେ (କୋରଡାମାଳ, ଗୁମିମାଳ ଓ ବେତନଟୀମାଳ) ମାଲୁଆ କନ୍ଧମାନେ ବାସ କରନ୍ତି । ଓଡିଶା ଫ୍ୟୁଡାଟୋରୀ ଷ୍ଟେଟ୍‌ସ (Orissa

Digitized by PPRACHIN, SOA

Feudatory States) ଚିଠି ନଂ. ୨୧୫୫ / ତା. ୫/୫/୧୯୧୪ରିଖ ଅନୁଯାୟୀ କନ୍ଧମାନେ ଅଦ୍ୟାପି ସଭ୍ୟତାର ପଛରେ ଅଛନ୍ତି । ସେମାନଙ୍କର ଅନୁସୃତ କୃଷିପ୍ରଣାଳୀ ଉନ୍ନତମାନର ନୁହେଁ କିମ୍ବା ସେମାନେ ଯଥାର୍ଥରେ କୃଷକ ନୁହନ୍ତି । ସେମାନେ ମୁଖ୍ୟତଃ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରିଥାନ୍ତି । ସେମାନେ ମକା, ବାଜରା, ଆହାଡି, କୋଳଥ, ରାଶି, ପ୍ରଭୃତି ଶସ୍ୟ ଚାଷ କରନ୍ତି । ଏହି ମାଲୁଆ କନ୍ଧମାନେ ପୂର୍ବେ ନୟାଗଡ଼ ରାଜାଙ୍କୁ ନିମ୍ନ ଦ୍ରବ୍ୟ ଗୁଡିକ ବାର୍ଷିକ ଭେଟି ଆକାରରେ ପ୍ରଦାନ କରୁଥିଲେ-

(କ) କୋଳଥ-୩୧୭ ମହଣ, (ଖ) ଖାସି (ଛେଳି)- ୫୬ ଗୋଟା, (ଗ) କଖାରୁ- ୪୦୦ ଗୋଟା, (ଘ) ତେନ୍ତୁଳି- ୨୭ ମହଣ, (ଙ) ଝୁଣା- ୪ ସେର, (ଚ) ମକା- ୮୬ ପଣ, (ଛ) ଫୁଲ ଛାଞ୍ଚୁଣି- ୮୫ ବିଡା, (ଜ) ମାଧୋଇ (ଏକ ଜାତୀୟ ଔଷଧୀୟ ଗୁଳ୍ମ)- ୮୫ ବିଡ଼ା, (ଝ) ବାଗୁଲି- ୫୦୦୦ ବିଡ଼ା, (ଞ) ନଇ (Nai)- (ରଥ ଦଉଡ଼ି ନିର୍ମାଣ ପାଇଁ)- ୨୦୦୦ ମହଣ, (ଟ) ଗିର୍ଦ୍ଧିନି (Girdhini)- (ଔଷଧୀୟ ଦ୍ରବ୍ୟ)- ୨ ସେର ଏବଂ ତାଳପତ୍ର- ୪୦୦ ଗୋଟା ।

ନବଦୁର୍ଗ ରାଜାଙ୍କୁ ଉପର୍ଯ୍ୟୁକ୍ତ ଦ୍ରବ୍ୟଗୁଡିକୁ ଭେଟି ଦେଉଥିବା ମାଲୁଆ କନ୍ଧମାନେ ଗୂପାଦୁର୍ଗା ଠାକୁରାଣୀଙ୍କ ଘରକୁ ଛପର କରୁଥିଲେ ଏବଂ ଟ.୬ ମାତ୍ର ଭାତିଆ ବାବଦକୁ ଖର୍ଚ୍ଚ ପାଉଥିଲେ । ସେହିପରି ବର୍ଷକେ ଥରେ ରଥ ଦଉଡି ପ୍ରସ୍ତୁତ କରି ଭାତିଆ ବାବଦକୁ ଟ.୬/- ପାଉଥିଲେ । ରାଜତନ୍ତ୍ରର ଅବସାନ ପରେ ଏହି ପ୍ରଥାର ଅବସାନ ଘଟିଛି ।

ଗ୍ରାମାଞ୍ଚଳର ଦୃଶ୍ୟ:

ଇଂରାଜୀରେ କଥିତ ଅଛି- "Man has made the towns, but God has made the villages." ଅର୍ଥାତ୍ ମନୁଷ୍ୟ ସହର ସୃଷ୍ଟି କରିଅଛି, ମାତ୍ର ଭଗବାନ ଗ୍ରାମ ସୃଷ୍ଟି କରିଅଛନ୍ତି । ସୁତରାଂ ଗ୍ରାମ ସ୍ୱର୍ଗୀୟ ବିଭୂତିରେ ଐଶ୍ୱର୍ଯ୍ୟମୟ । ଗ୍ରାମ ହେଉଛି ଭାରତୀୟ ସଂସ୍କୃତିର ମୂଳାଧାର । ତେଣୁ କୁହାଯାଇଛି- "The real India lives in the villages" ଭାରତୀୟ ସାମାଜିକ ଜୀବନର ପ୍ରାଚୀନତମ ନିଦର୍ଶନ ଗ୍ରାମ । ଆର୍ଯ୍ୟ ସଂସ୍କୃତିର ଉନ୍ମେଷ ଓ ବିକାଶ ଗ୍ରାମୀଣ ସଂସ୍କୃତିରୁ । ଗ୍ରାମ ହେଉଛି ଭାରତୀୟ ପରମ୍ପରାର ପ୍ରଧାନ କ୍ଷେତ୍ର । ଜୀବନ ଏଠାରେ ଛନ୍ଦୋମୟ । ଚଳଣି ଏଠାରେ ଗୀତିମୟ । ସଂସ୍କୃତି ଏଇଠି ଭାବମୟ । ଏକବିଂଶ ଶତାବ୍ଦୀରେ ଆଧୁନିକ ମନୁଷ୍ୟ ଗ୍ରାମ୍ୟ ସଂସ୍କୃତି ଓ ଜୀବନପ୍ରତି ବୀତସ୍ପୃହ । ଗ୍ରାମ୍ୟ ଜୀବନର ସରଳତା, ସାବଲୀଳତା, ମଧୁରତା ମନୁଷ୍ୟ ପ୍ରାଣକୁ ଅନୁରଣିତ କରିପାରୁନାହିଁ । ମନୁଷ୍ୟ ଆଜି ସହରାଭିମୁଖୀ । ସହରୀଜୀବନ ପ୍ରତି ମନୁଷ୍ୟର ଦୁର୍ବାର ଆକର୍ଷଣ ସୃଷ୍ଟି ହୋଇଛି । ବାସ୍ତୁବାଦୀ, ଜଡବାଦୀ ଚେତନା ଆଜି ମନୁଷ୍ୟକୁ ଗ୍ରାସ କରିଛି । ଗ୍ରାମ୍ୟ ଜୀବନ ପ୍ରତି ଏବଂ ଗ୍ରାମକୁ ଫେରିଯିବା ପାଇଁ ମହା ମନୀଷୀ ଏବଂ ଜାତିର ପିତା ମହାତ୍ମାଜୀ କହିଥିଲେ- "Go back to village"

Digitized by PPRACHIN, SOA

ଅର୍ଥାତ୍ ଗ୍ରାମକୁ ଫେରିଚାଲ । ଗ୍ରାମ୍ୟ ଜୀବନ, ଗ୍ରାମ୍ୟ ଅର୍ଥନୀତିକୁ ସମୃଦ୍ଧ କରିପାରିଲେ ହିଁ ଭାରତ ସମୃଦ୍ଧଶାଳୀ ହୋଇପାରିବ- ସୃଷ୍ଟିହେବ ସମୁନ୍ନତ ଗ୍ରାମୀଣ ଭାରତ ।

ଗ୍ରାମ୍ୟ ଜୀବନ ଯେପରି ସରସ, ସୁନ୍ଦର, ବୈଚିତ୍ର୍ୟମୟ, ସେହିପରି ଗ୍ରାମ୍ୟ ପରିବେଶ ପ୍ରାକୃତିକ ଶୋଭାସମ୍ପଦରେ ବର୍ଣ୍ଣାଢ୍ୟ । ଗ୍ରାମ୍ୟ ପରିବେଶ ହେଉଛି ପ୍ରକୃତିର ମୁଗ୍ଧ ଲୀଳାକ୍ଷେତ୍ର । ପ୍ରକୃତିରାଣୀର ବିଲୋଳ ଭୂମି ହେଉଛି ଗ୍ରାମୀଣ ପରିବେଶ । ବିବିଧ ବୃକ୍ଷରାଜିର ସମାବେଶରେ ଗ୍ରାମାଞ୍ଚଳ ନୟନ ରଞ୍ଜନକାରୀ ହୋଇଥାଏ । ଗ୍ରାମ ଉପକଣ୍ଠରେ ଆମ୍ରକାନନ, ବଟବୃକ୍ଷ, ନିମ୍ବ ବୃକ୍ଷରାଜି, ତାଳବଣ, ତେନ୍ତୁଳିବୃକ୍ଷ ଇତ୍ୟାଦିର ଅବସ୍ଥିତି ଗ୍ରାମ୍ୟ ପରିବେଶକୁ ସୌନ୍ଦର୍ଯ୍ୟରୁ ସୌନ୍ଦର୍ଯ୍ୟତର କରିଥାଏ । ଗ୍ରାମର ନଦନଦୀ, ଝରଣା, ପୁଷ୍କରିଣୀ ଏବଂ ସେମାନଙ୍କର ନୟନ ମନଲୋଭା ସୁଷମା ପ୍ରାଣରେ ପୁଲକ ସୃଷ୍ଟିକରେ । ନଦୀତଟର କିଆବଣ, କଦମ୍ବ, କାଶତଣ୍ଡୀ ପ୍ରକୃତିର ଅପରୂପ ଉପହାର । ପୁଷ୍କରିଣୀର ନଳିନୀ, ନୀଳୋତ୍ପଳ, କୁମୁଦ, କହ୍ଲାର ଜନମନ ହରଣ କରେ । ଶରତକାଳରେ ନଦୀପଠାର ତରଙ୍ଗାୟିତ ସ୍ୱର୍ଣ୍ଣକାନ୍ତି ଜିଣା ଛଣପଟ କିଆରୀର ଦୃଶ୍ୟ ମନୁଷ୍ୟ ମନରେ ଭାବାନ୍ତର ସୃଷ୍ଟିକରେ । ଶରତ କାଳୀନ ଦିଗନ୍ତ ବିସ୍ତାରୀ ଧାନ୍ୟକ୍ଷେତ୍ରର ସବୁଜିମା ଉପରେ ମନ୍ଦସମୀରଣର ହିଲ୍ଲୋଳଗତି ଯେଉଁ ଶ୍ୟାମଳ ତରଙ୍ଗରାଜି ସୃଷ୍ଟିକରେ, ସେ ଦୃଶ୍ୟର ପଟାନ୍ତର ନାହିଁ । ଏହି ଋତୁରେ ଏକର ଏକର ବ୍ୟାପୀ ଆଖୁ କିଆରୀର ଦୃଶ୍ୟ ମଧ୍ୟ ଅପୂର୍ବ । ଶୀତକାଳୀନ ପାଚିଲା ଧାନ୍ୟକ୍ଷେତ୍ରର କାକରଭିଜା ସୁବର୍ଣ୍ଣ ଫସଲ ବେଶ୍ ରମଣୀୟ । ଧାନ୍ୟ କଳେଇକୁ କୃଷକ ଦମ୍ପତି ବାଡ଼ିକୁ ବୋହିଆଣିବାର ଦୃଶ୍ୟ, ଖଳାରେ ଧାନଗଦାର ଦୃଶ୍ୟ, ଧାନଖେତରେ ଧାନସାଉଁଟା ଝିଅର କରୁଣ ସ୍ୱର- ଏସବୁ ଅନନ୍ୟ । ମଧୁ ଋତୁରେ ସହକାର କୁଞ୍ଜରେ ମୁକୁଳିତ ବକୁଳର ଭୁରୁଭୁରୁ ଗନ୍ଧ, ବନପ୍ରିୟର କୁହୁତାନ, ପଳାଶ ବନରେ ରଙ୍ଗପସରା- ଏସବୁ ମଧୁଋତୁକୁ ଅପୂର୍ବ ମଧୁରିମାରେ ଭରି ଦିଅନ୍ତି । ଗ୍ରାମର ଶିବମନ୍ଦିର, ବିଷ୍ଣୁମନ୍ଦିର, ଦେବୀମନ୍ଦିର ଗ୍ରାମ୍ୟ ଧାର୍ମିକ ଜୀବନର ପ୍ରମାଣ ଦିଏ । ନାରିକେଳ, ନାଗେଶ୍ୱର, ଚନ୍ଦନ, ଚମ୍ପକ, କରବୀର ଇତ୍ୟାଦି ବୃକ୍ଷରାଜିର ସମାବେଶର ଏକ ପୁଣ୍ୟପୀଠ ହେଉଛି ଏହିସବୁ ଦେବାଳୟ । ଗ୍ରାମ ଶ୍ମଶାନ ଏକ ପବିତ୍ରପୀଠ । ଏଠାରେ ପୂର୍ବପୁରୁଷମାନଙ୍କର ପାର୍ଥିବ ଶରୀର ମାଟିରେ ମିଶିଯାଇଛି । ପଳାଶ, କୋଚିଲା, ଖଜୁରୀ, କଇଥ ବୃକ୍ଷ ସହିତ କିଆବଣର ଅବସ୍ଥିତି ଗ୍ରାମ୍ୟ ଶ୍ମଶାନର ଶିବତ୍ୱ ପ୍ରକଟନ କରେ । ଦିନନାଥ ଦିନର କାର୍ଯ୍ୟ ଶେଷକରି ଅସ୍ତାଚଳରେ ଅସ୍ତ ଯା'ନ୍ତି । ଅସ୍ତକାଳୀନ ବିକର୍ତ୍ତନଙ୍କର ରକ୍ତିମା ଆଭାରେ ଗ୍ରାମ୍ୟଶ୍ମଶାନର ପରିବେଶ ସଜୀବ ହୋଇଉଠେ । ସନ୍ଧ୍ୟା ନଇଁ ଆସେ । ତମସାରାଣୀ ଓହ୍ଲାଇ ଆସନ୍ତି । ଆକାଶରେ ଗୋଟିଏ ପରେ ଗୋଟିଏ ବେଶ୍ ତାରା ଉଙ୍କି ମାରନ୍ତି ।

Digitized by PPRACHIN, SOA

ସନ୍ଧ୍ୟାକାଳରେ ମୁରଲୀ ବଜାଇ ଗୋଠବାହୁଡ଼ା ଗଉଡ଼ ଗାଁକୁ ଫେରେ । ହମ୍ବାରଡ଼ି କରି ବାଛୁରୀ ଗାଈ ପଛେ ପଛେ ଗୋଠରେ ଫେରନ୍ତି । ଗାଈବେକର ଟିପାଧ୍ୱନିର 'ଟପ-ଟପ୍' ଶବ୍ଦରେ ଗାଁ ଦାଣ୍ଡ ମୁଖରିତ ହୁଏ । କୃଷକମାନେ ଗୃହକୁ ଫେରନ୍ତି । ଘରଅଗଣାରେ ଗୃହବଧୂ ଚଉରାମୂଳେ ସଞ୍ଜବତୀ ଜଳାଏ, ପରିବାର ପାଇଁ ଶୁଭ ମନାସିଥାଏ । ଅଶେଷ କରୁଣାବତୀ ସେ । ଗାଁ ମନ୍ଦିରରେ ଶଙ୍ଖ ଘଣ୍ଟ ଧ୍ୱନି ନିନାଦିତ ହୁଏ । ପୁରାଣପଣ୍ଡା ପୁରାଣ ପାଠ କରନ୍ତି । ଗାଁ ଆଖଡ଼ାଘରେ ଦ୍ୱାରୀନାଚ, ଦଣ୍ଡନାଚ, ରାମଲୀଳା, କୃଷ୍ଣଲୀଳାର ନୃତ୍ୟଗୀତର ଅଭ୍ୟାସ ଚାଲେ । ଜହ୍ନରାଣୀ ଆକାଶରେ ହସେ । ଗାଁ ନିକଟରେ ଥିବା ଗହଳିଆ ଆମ୍ବ ତୋଟାରୁ ପେଚା ପକ୍ଷୀ ପ୍ରହରକୁ ପ୍ରହର ବୋବାଏ । ପ୍ରହରୀ ସଦୃଶ ଦଣ୍ଡାୟମାନ ତାଳ ବୃକ୍ଷରେ ବସା ବାନ୍ଧିଥିବା ବାୟା ଚଢ଼େଇମାନେ ଖିଚିରି-ମିଚିରି କୋଳାହଳ କରିଥାନ୍ତି । ଦୂର ବାଟୋଇ ଶଗଡ଼ତଳେ ହାରିକେନ୍ ଜାଳି ବଳଦ ଓ ଡାଇ ଶଗଡ ବାହି ଗାଁର ଘୁମନ୍ତ ରାସ୍ତାକୁ ସଞ୍ଜୀବିତ କରାଏ । ଗାଁର ଟାଉଟରମାନେ ଗୁପ୍ତମନ୍ତ୍ରଣା କରନ୍ତି । କ୍ରମେ କୋଳାହଳ କମିଯାଏ । ଜହ୍ନ ମୁଣ୍ଡ ଉପରକୁ ଉଠେ । ରାତି ଦିର୍ଘ ହୁଏ । ଗାଁ ଶୂନ୍‌ଶାନ୍ ହୋଇଯାଏ । ଗାଁ ଦାଣ୍ଡରେ ପଲକୁ ପଲ ବୁଲା କୁକୁର ରଡି ଛାଡନ୍ତି । ମା'କୋଳରେ ଶୋଇଥିବା ଶିଶୁ ଚମକି ଉଠେ । କାନ୍ଦେ ! ମା' ଶିଶୁ ମୁଖରେ ଥନ ଧରାଏ । ଗାଁର ଚୌକିଦାର 'ବସ୍ତିଓ୍ୱାଲା ହୁସିଆର' କହି କହି ଗାଁର ଶୂନ୍‌ଶାନ୍‌କୁ ଭଙ୍ଗ କରେ । କ୍ରମେ ରାତି ଅତିବାହିତ ହୁଏ । ପାହାନ୍ତା ପହର ଆସେ । ପୂର୍ବାକାଶରେ ଫୁକିଆ ତାରା ଦପ୍ ଦପ୍ ହୋଇଉଠେ । କୂଳବଧୂ ଓ ଭୁଆସୁଣୀମାନେ ଡକାଡକି ହୋଇ ପୁଷ୍କରିଣୀକୁ ଗାଧୋଇବାକୁ ଯା'ନ୍ତି । ପୂର୍ବ ଦିଗରେ ଫସର ଫାଟେ । ରାତ୍ରିରେ ଉଜାଗର ରହି ଫସଲ ଜଗିଥିବା କୃଷକ ହାତରେ ଠେଙ୍ଗା ଓ ଲଣ୍ଠନ ଧରି ଭାଡିରୁ ଫେରେ । ମନ୍ଦିରରେ ଶଙ୍ଖ ଘଣ୍ଟ ଧ୍ୱନି ଶୁଭେ । ଗାଁ କୋଳାହଳମୟ ହୋଇଉଠେ । ଚକୁଳିଆ ପଣ୍ଡାମାନେ ତାଳପତ୍ର ଛତା ଧରି ଗୀତ ବୋଲି ବୋଲି ଭିକ୍ଷା କରନ୍ତି । କୃଷକମାନେ କ୍ଷେତକୁ ବାହାରି ପଡନ୍ତି । ଶିଶୁମାନେ ବିଦ୍ୟାଳୟକୁ ହସ ହସ ମୁଖରେ ଯାଆନ୍ତି । ଗୃହ ମଧ୍ୟରେ ଗୃହିଣୀ ରନ୍ଧନକାର୍ଯ୍ୟ ଆରମ୍ଭ କରନ୍ତି । ଘରର ଚାଳ ମଧ୍ୟଦେଇ ରନ୍ଧନଶାଳାରୁ ଧୂଆଁ ଘନୀଭୂତ ହୋଇ ଉପରକୁ ଉଠେ । ଯୋଗୀମାନେ କେନ୍ଦେରା ବଜାଇ ଦ୍ୱାର ଦ୍ୱାର ଭିକ୍ଷା କରନ୍ତି । ଏହିପରି ଅନେକ ମଧୁର ଦୃଶ୍ୟରାଜିକୁ ନେଇ ଗ୍ରାମ୍ୟଜୀବନ ଓ ପରିବେଶ ସଜୀବ ଓ ସରସ ହୋଇଉଠେ ।

❑■❑

Digitized by PPRACHIN, SOA

ଦ୍ୱିତୀୟ ପରିଚ୍ଛେଦ

ନୟାଗଡ଼ର ଐତିହାସିକ ପୃଷ୍ଠଭୂମି

Digitized by PPRACHIN, SOA

ଓଡ଼ିଶାର ମଣ୍ଡଳରାଜ୍ୟ ଓ ନୟାଗଡ଼ (ଐରାବଟ୍ଟମଣ୍ଡଳ, ଖିଞ୍ଜାଳି ମଣ୍ଡଳ), ସୋମବଂଶ, ଗଙ୍ଗବଂଶ, ମୋଗଲ ଶାସନରେ ନୟାଗଡ଼, ନୟାଗଡ଼ ଜିଲ୍ଲା ଅନ୍ତର୍ଗତ କରଦରାଜ୍ୟ, ନୟାଗଡ଼ର ନାମକରଣ, ନୟାଗଡ଼ ରାଜ୍ୟ ସ୍ଥାପିତ ହେବାର ସମୟ, ନୟାଗଡ଼ ରାଜ୍ୟ ସ୍ଥାପନ ସମ୍ପର୍କରେ ପ୍ରଚଳିତ ମତବାଦ, ନୟାଗଡ଼ ଗଡ଼ଜାତ, ନୟାଗଡ଼ ରାଜବଂଶର ସଙ୍କେତ, ରାଜବଂଶର ଇଷ୍ଟଦେବୀ, ରାଜବଂଶର ଇଷ୍ଟଦେବତା, ପ୍ରାକ୍ ସ୍ୱାଧୀନତା କାଳର ନୟାଗଡ଼, ସନନ୍ଦ ।

ଓଡ଼ିଶାର ମଣ୍ଡଳରାଜ୍ୟ ଓ ନୟାଗଡ଼:

ମଧ୍ୟଯୁଗରେ ଓଡ଼ିଶା ଭୂଖଣ୍ଡରେ କେତେକ ଅର୍ଦ୍ଧସ୍ୱାଧୀନ ରାଜ୍ୟ (Semi-independent) ଗଢି ଉଠିଥିଲା । ଏମାନଙ୍କୁ ମଣ୍ଡଳରାଜ୍ୟ (Mandal State) କୁହାଯାଉଥିଲା । ଧର୍ମଶାସ୍ତ୍ରରେ ଉଲ୍ଲେଖ କରାଯାଇଛି ଯେ ଯେତେବେଳେ କୌଣସି ରାଜ୍ୟ କୋଡ଼ିଏ ବର୍ଗ ଯୋଜନ କିମ୍ବା ଚାଳିଶି ବର୍ଗ ଯୋଜନ ବିଶିଷ୍ଟ ପରିମିତ ଅଞ୍ଚଳ ହେବ, ସେତେବେଳେ ତାହାକୁ ମଣ୍ଡଳରାଜ୍ୟ କୁହାଯିବ । ମଧ୍ୟଯୁଗୀୟ ଓଡ଼ିଶାର ଏହି ମଣ୍ଡଳରାଜ୍ୟ ଗୁଡ଼ିକ ହେଉଛି- କଙ୍ଗୋଦ ମଣ୍ଡଳ (Kangoda Mandal), ଶ୍ୱେତକ ମଣ୍ଡଳ (Svetak Mandal), କୋଦାଳକ ମଣ୍ଡଳ (Kodalak Mandal), ଯମଗର୍ତ୍ତ ମଣ୍ଡଳ (Yamagartta Mandal), ଐରାବଟ୍ଟ ମଣ୍ଡଳ (Airavatta Mandal), ଖିଞ୍ଜାଳି ମଣ୍ଡଳ (Khinjali Mandal), ଖିଜ୍ଜିଙ୍ଗ ମଣ୍ଡଳ (Khinjjing Mandal), ଦଣ୍ଡଭୁକ୍ତି ମଣ୍ଡଳ (Dandabhukti Mandal), ବଣାଇ ମଣ୍ଡଳ (Banai Mandal), ଖିଣ୍ଡିରସ୍ରଙ୍ଗ ମଣ୍ଡଳ (Khindirasranga Mandal) ଏବଂ ଚକ୍ରକୋଟ ମଣ୍ଡଳ (Chakrakotta Mandal) ।

ନୟାଗଡ଼ ରାଜ୍ୟ (Nayagarh State) ପ୍ରତିଷ୍ଠିତ ହେବାପୂର୍ବରୁ ଏହାର ସମଗ୍ର ଅଞ୍ଚଳ ଐରାବଟ୍ଟ ମଣ୍ଡଳ (Airavatta Mandal)ର ଅନ୍ତର୍ଗତ ଥିଲା । ପୂର୍ବେ ନନ୍ଦୋଦ୍‌ଭବ ରାଜାମାନେ ଐରାବଟ୍ଟ ମଣ୍ଡଳରେ ଶାସନ କରୁଥିଲେ ଏବଂ ଜୟପୁର ଏମାନଙ୍କର ରାଜଧାନୀ ଥିଲା । ଐରାବଟ୍ଟ ମଣ୍ଡଳର ରାଜଧାନୀ ଜୟପୁରକୁ

Digitized by PPRACHIN, SOA

ପଣ୍ଡିତ ବିନାୟକ ମିଶ୍ର, ଡକ୍ଟର ନବୀନ କୁମାର ସାହୁ ପ୍ରଭୃତି ଐତିହାସିକମାନେ ଢେଙ୍କାନାଳ ଜିଲ୍ଲାର ଦକ୍ଷିଣ ଭାଗରେ ଅବସ୍ଥିତ ନନ୍ଦପୁରକୁ ଚିହ୍ନଟ କରିଛନ୍ତି । ଏହି ରାଜଧାନୀର ନାମ ନନ୍ଦୋଦ୍‌ଭବ ବଂଶର ରାଜା ଜୟାନନ୍ଦଙ୍କ ନାମରେ ନାମିତ ହୋଇଥିବାର ଅନୁମାନ କରାଯାଏ । ଉକ୍ତ ବଂଶର ଏକ ତାମ୍ରଫଳକ ପ୍ରତିପାଦନ କରେ ଯେ ଐରାବଟ୍ଟ ମଣ୍ଡଳ ଏକ ବିଶାଳ ରାଜ୍ୟ ଥିଲା । ଏହି ମଣ୍ଡଳଟି ଢେଙ୍କାନାଳ ଜିଲ୍ଲାର ଦକ୍ଷିଣ ଭାଗ, ଅବିଭକ୍ତ କଟକ ଜିଲ୍ଲାର ପଶ୍ଚିମାଞ୍ଚଳ ଏବଂ ଅବିଭକ୍ତ ପୁରୀ ଜିଲ୍ଲାର ଅନ୍ତର୍ଗତ ଥିବା ସମଗ୍ର ନୟାଗଡ ସବ୍-ଡିଭିଜନ ଅଞ୍ଚଳକୁ ନେଇ ଗଠିତ ହୋଇଥିଲା ବୋଲି ପ୍ରମାଣ ରହିଛି-

୧-(କ) The copper plate records of the family indicate that Airavatta Mandal was an extensive territory comprising Southern part of Dhenkanal District, Western part of Cuttack District and almost the whole of the Nayagarh Sub-Division of Puri District.

Dr. N. K. Sahu, History of Orissa, Vol.-I, Utkal University, 1964.

(ଖ) The Nandas were rulling over the Airavatta Mandal as the feudatories of Bhaumakaras. The region Airavatta Mandal roughly consisted of modern Khandapara, Nayagarh and Ranpur tracts of Puri District.

Shishir Kumar Panda- New perspectives on the history and culture of Orissa.

ଏହି ମଣ୍ଡଳର ଉତ୍ତରପାର୍ଶ୍ୱରେ ଯମଗର୍ତ୍ତ ମଣ୍ଡଳ ଅବସ୍ଥିତ ଥିଲା ।

ପଣ୍ଡିତ ବିନାୟକ ମିଶ୍ର ଉଲ୍ଲେଖ କରିଛନ୍ତି ଯେ ରଣପୁର ରାଜ୍ୟ ଓ ନୟାଗଡ଼ ରାଜ୍ୟର ଦକ୍ଷିଣ ସୀମାରେ ରହିଥିବା ପର୍ବତମାଳା ଐରାବଟ୍ଟ ମଣ୍ଡଳର ଦକ୍ଷିଣ ଭାଗର ପ୍ରାକୃତିକ ସୀମାରେଖା ରୂପେ ଅବସ୍ଥିତ ଥିଲା । ସୁତରାଂ ଐତିହାସିକମାନଙ୍କ ମତାନୁସାରେ ଦଶମ/ଏକାଦଶ ଶତାବ୍ଦୀ ବେଳକୁ ନୟାଗଡ଼ ଓ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଐରାବଟ୍ଟ ମଣ୍ଡଳର ଅନ୍ତର୍ଭୁକ୍ତ ଥିଲା ।

ନନ୍ଦୋଦ୍‌ଭବ ରାଜବଂଶର ଇତିହାସ ସେହି ବଂଶର ଶେଷ ଦୁଇଜଣ ରାଜାଙ୍କ ଦ୍ୱାରା ପ୍ରଦତ୍ତ ତାମ୍ରଶାସନରୁ ସଂଗୃହୀତ ହୋଇଥାଏ । ଏହି ରାଜାଦ୍ୱୟ ହେଲେ ଦ୍ୱିତୀୟ ଦେବାନନ୍ଦ ଓ ଧ୍ରୁବାନନ୍ଦ । ଦ୍ୱିତୀୟ ଦେବାନନ୍ଦଙ୍କ ଦାନପତ୍ର ମଧ୍ୟରେ ବାରିପଦା

Digitized by PPRACHIN, SOA

ମ୍ୟୁଜିଅମ୍ ତାମ୍ରଶାସନ, କୁରେପୁର ତାମ୍ରଶାସନ, ଦଶପଲ୍ଲା ତାମ୍ରଶାସନ, ତମରା ତାମ୍ରଶାସନ ଓ ନରସିଂହପୁର ତାମ୍ରଶାସନ ଅନ୍ୟତମ । ଧ୍ରୁବାନନ୍ଦଙ୍କର ଏକମାତ୍ର ତାମ୍ରଶାସନ ମିଳିଛି । ଏହି ତାମ୍ରଶାସନରୁ ନନ୍ଦୋଦ୍‌ଭବ ରାଜବଂଶର ରାଜାମାନଙ୍କର ପରିଚୟ ମିଳିଥାଏ ।

ଐରାବଟ୍ଟ ମଣ୍ଡଳର ନନ୍ଦୋଦ୍‌ଭବ ରାଜବଂଶ

ଜୟାନନ୍ଦ
|
ପରମାନନ୍ଦଦେବ
|
ଶିବାନନ୍ଦ
|
ପ୍ରଥମ ଦେବାନନ୍ଦ
|
ଦ୍ୱିତୀୟ ଦେବାନନ୍ଦ (ବିଳାଶତୁଙ୍ଗ)
|
ଧ୍ରୁବାନନ୍ଦ

ଏଠାରେ ପ୍ରଦତ୍ତ ରାଜବଂଶରୁ ପ୍ରତୀତ ହୁଏ ଯେ ପ୍ରଥମ ଦେବାନନ୍ଦଙ୍କ ପୁତ୍ର ବିଳାଶତୁଙ୍ଗ ଐରାବଟ୍ଟ ମଣ୍ଡଳର ରାଜା ହେଲେ ଏବଂ ଦ୍ୱିତୀୟ ଦେବାନନ୍ଦ ନାମରେ ଅଭିହିତ ହେଲେ । ବିଳାଶତୁଙ୍ଗ ବା ଦ୍ୱିତୀୟ ଦେବାନନ୍ଦଙ୍କ ଜନନୀ ଯମଗର୍ତ୍ତ ମଣ୍ଡଳର ତୁଙ୍ଗବଂଶର ରାଜକନ୍ୟା ଥିଲେ । ଦ୍ୱିତୀୟ ଦେବାନନ୍ଦ ଭୌମକର ରାଣୀ ଦଣ୍ଡୀମହାଦେବୀ (୯୧୬ ଖ୍ରୀ.-୯୨୩ ଖ୍ରୀ.)ଙ୍କର ସାମନ୍ତ ଥିଲେ । ଦ୍ୱିତୀୟ ଦେବାନନ୍ଦଙ୍କ ଦ୍ୱାରା ଦଶପଲ୍ଲା ତାମ୍ରଶାସନ ସମ୍ବତ୍ ୧୮୪ ବା ୯୨୦ ଖ୍ରୀ.ରେ ପ୍ରଦତ୍ତ ହୋଇଥିଲା । ଦଶପଲ୍ଲା ତାମ୍ରଶାସନର ଦାନଗ୍ରହୀତା ଯଶୋଦତ୍ତ ଜଣେ ଧର୍ମପ୍ରାଣ ଗୃହସ୍ଥ (ସତ୍‌ଗେହୀ) ତଥା ସାମରିକ ଶିକ୍ଷକ (ଶାସ୍ତ୍ରୋପାଧ୍ୟାୟ) ଥିଲେ ।

(ସୂଚନା-ଐରାବଟ୍ଟ ମଣ୍ଡଳ ଢେଙ୍କାନାଳ ଜିଲ୍ଲାର ଦକ୍ଷିଣାଂଶରେ, କଟକର ପଶ୍ଚିମାଞ୍ଚଳରେ ଏବଂ ପୁରୀ ଜିଲ୍ଲାର ନୟାଗଡ଼ ଅଞ୍ଚଳରେ ପରିବ୍ୟାପ୍ତ ଥିଲା । ଡକ୍ଟର ଯଜ୍ଞ କୁମାର ସାହୁ- ଓଡ଼ିଶା ଇତିହାସ- ୧ମ ଭାଗ ।)

ସେହିପରି ନୟାଗଡ଼ ରାଜ୍ୟର କେତେକାଂଶ ନବମ / ଦଶମ ଶତାବ୍ଦୀରେ ଖିଞ୍ଜାଲୀ ମଣ୍ଡଳର ଅନ୍ତର୍ଗତ ଥିଲା । ଖିଞ୍ଜାଲୀ ମଣ୍ଡଳରେ ଏକଦା ଭଞ୍ଜ ରାଜାମାନେ ରାଜୁତି କରୁଥିଲେ । ଭଞ୍ଜ ରାଜାମାନଙ୍କର ତାମ୍ରଫଳକରୁ ଜଣାଯାଏ ଯେ ସୋନପୁର-ବୌଦ୍ଧ-ଦଶପଲ୍ଲା ଅଞ୍ଚଳକୁ ଖିଞ୍ଜାଲୀ ମଣ୍ଡଳ ନାମରେ ଅଭିହିତ କରାଯାଇଥିଲା । ଇତିହାସରୁ ଜଣାଯାଏ ଯେ ଖିଞ୍ଜାଲୀ ଭଞ୍ଜ ବଂଶର ପ୍ରାଚୀନତମ ରାଜା ହେଉଛନ୍ତି ଶୀଳ ଭଞ୍ଜ । ଶୀଳ ଭଞ୍ଜଙ୍କ ପରେ ତାଙ୍କର ପୁତ୍ର ଶତ୍ରୁ ଭଞ୍ଜ ରାଜା ହେଲେ । ଶତ୍ରୁ

Digitized by PPRACHIN, SOA

ଭଞ୍ଜଙ୍କ ପରେ ତାଙ୍କ ପୁତ୍ର ରଣ ଭଞ୍ଜ ରାଜା ହେଲେ । ଏହି ଉଭୟ ରାଜାଙ୍କର 'ରାଣକ' ଉପାଧି ଥିଲା । ବୌଦ୍ଧଗଡ଼ର ଭଞ୍ଜ ବଂଶୀୟ ତୃତୀୟ ରାଜା ହେଉଛନ୍ତି ରଣ ଭଞ୍ଜଦେବ ।

ବୌଦ୍ଧ ଭଞ୍ଜବଂଶ

ଶୀଳ ଭଞ୍ଜ
|
ଶତ୍ରୁ ଭଞ୍ଜ
|
ରଣ ଭଞ୍ଜଦେବ

ମହାରାଜା ରଣ ଭଞ୍ଜଙ୍କର ରାଜତ୍ୱକାଳ ହେଉଛି ଖ୍ରୀ. ୮୩୨ ରୁ ଖ୍ରୀ. ୮୯୨ ଅର୍ଥାତ୍ ଷାଠିଏ ବର୍ଷ । ସେ ଆଧୁନିକ ନୟାଗଡ଼ ଜିଲ୍ଲାର ମାଳିସାହି ଗ୍ରାମ (ନୟାଗଡ଼ ଟାଉନ୍‌ଠାରୁ ୧୨ କିଲୋମିଟର ଉତ୍ତର-ପଶ୍ଚିମରେ ଅବସ୍ଥିତ) ସ୍ଥାପନ କରି ଏଠାରେ ଗତୀଶ୍ୱର ମହାଦେବଙ୍କ ମନ୍ଦିର ନିର୍ମାଣ କରାଇଥିଲେ । ମାଳିସାହି ଗ୍ରାମର ପୂର୍ବଭାଗରେ ଅବସ୍ଥିତ ଗତୀଶ୍ୱର ମହାଦେବଙ୍କ ବେଢା ଭିତରେ ପାଞ୍ଚଫୁଟ ଉଚ୍ଚତା ବିଶିଷ୍ଟ ।

୨-(କ) ଡକ୍ଟର ଯଜ୍ଞ କୁମାର ସାହୁ, ଓଡିଶା ଇତିହାସ, ୧ମ ଭାଗ, ନାଲନ୍ଦା, ନୂତନ ସଂସ୍କରଣ ।

(ଖ) "King Devanandadev has called himself as Maharaja Ranaka is known from his Narasimhapur copper plates. His Daspalla plates record donation of a village named Indedda in the Jilonda Visaya of Airavatta Mandal to Jasodatta. The donee, was a resident of Vanlgotra but his family is stated to have hailed from a locality called Rahiyavada. He is described as the Samdhivigrahin, Sattvagehin, Sastrapadhyaya and Kayastha. So here the donee was not a Brahmin but a Kayastha and serving as a Minister of Peace and War. This grant proves that gradually land and villages were donated to the officials, ministers and non-Brahmanas. Donation of land to Kayastha shows that their growing importance in the society."

Digitized by PPRACHIN, SOA

Shishir Kumar Panda- New perspectives on the history and culture of Orissa, Punthi Pustak, Calcutta, 2000.

ଏକ ପ୍ରସ୍ତର ସ୍ତମ୍ଭ ଅଛି । ଏହା ଚତୁଷ୍କୋଣ ବିଶିଷ୍ଟ । ଏହି ପ୍ରସ୍ତର ସ୍ତମ୍ଭର ପଛପାର୍ଶ୍ୱର ଉପର ଅଂଶରେ 'ରଣଭଞ୍ଜ' ଓ 'ପାଣିଘାଟ' ବୋଲି ଖୋଦନ କରାଯାଇଛି । ଏହି ପ୍ରସ୍ତର ସ୍ତମ୍ଭର ଆଗପଟେ ତିନିଗୋଟି ଭରାଣ୍ଡି ବା ଠଣା ରହିଛି । ସ୍ତମ୍ଭଟିର ଉପର ଠଣା ଭିତରେ ଶିବ ଓ ପାର୍ବତୀଙ୍କର ମୂର୍ତ୍ତି ଖୋଦନ କରାଯାଇଛି । ଉପବେଶନରତ ଶିବ ଓ ପାର୍ବତୀଙ୍କର ପାଦଦେଶରେ ରହିଛନ୍ତି ଯଥାକ୍ରମେ ବୃଷଭ ଓ ସିଂହର ମୂର୍ତ୍ତି ।

ଏହି ମୂର୍ତ୍ତିତଳେ ଦ୍ୱିତୀୟ ଠଣାରେ ଆଣ୍ଠୁମାଡି ବସିଥିବା ଏକ ରାଜଦମ୍ପତିଙ୍କ ମୂର୍ତ୍ତି ଖୋଦନ କରାଯାଇଛି । ଏହି ରାଜଦମ୍ପତିଙ୍କୁ ମହାରାଜା ରଣଭଞ୍ଜ ଓ ମହାରାଣୀ ବିଜୟାଦେବୀ ବୋଲି ଚିହ୍ନଟ କରାଯାଇଛି । ଏହି ରାଜଦମ୍ପତିଙ୍କ ନିକଟରେ ଜଣେ ପୂଜାରିଣୀ ଶଙ୍ଖ ଫୁଙ୍କୁଥିବା ମୂର୍ତ୍ତି ଖୋଦନ କରାଯାଇଛି । ତୃତୀୟ ବା ତଳ ଠଣାରେ ଜଣେ ଦଣ୍ଡାୟମାନା ନାରୀର ମୂର୍ତ୍ତି ଖୋଦିତ ହୋଇଛି ଏବଂ ତା'ର ଦକ୍ଷିଣ ପାର୍ଶ୍ୱରେ ଗୋଟିଏ ତ୍ରିଶୂଳ ଖୋଦନ କରାଯାଇଛି । ଏହି ପ୍ରସ୍ତର ସ୍ତମ୍ଭଟି



ମାଳିସାହି ଗ୍ରାମସ୍ଥିତ ଗତୀଶ୍ୱର ମହାଦେବଙ୍କ ମନ୍ଦିର ବେଢା ଭିତରେ ସ୍ଥାନିତ ପ୍ରାଚୀନ ପ୍ରସ୍ତର ସ୍ତମ୍ଭ ।

Digitized by PPRACHIN, SOA

ବହୁଦିନର ଅଟେ ଏବଂ ଏହା ଖରା ଓ ବର୍ଷା ଖାଇ କ୍ଷୟିଷ୍ଣୁ ଅବସ୍ଥାରେ ରହିଛି । ଏହି ପ୍ରସ୍ତର ସ୍ତମ୍ଭଟି ପ୍ରମାଣ କରୁଅଛି ଯେ ମାଳିସାହି ଗ୍ରାମଟି ବୌଦ୍ଧନରେଶ ରଣଭଞ୍ଜଙ୍କର ରାଜ୍ୟର ଅନ୍ତର୍ଗତ ଥିଲା । ଏହା ମଧ୍ୟ ପ୍ରମାଣ କରେ ଯେ ମାଳିସାହି ଗ୍ରାମର ଗତୀଶ୍ୱର ମନ୍ଦିର ଓ ତତ୍ ସନ୍ନିକଟ ପୁଷ୍କରିଣୀର ନିର୍ମାତା ହେଉଛନ୍ତି ବୌଦ୍ଧ ମହାରାଜା ରଣ ଭଞ୍ଜଦେବ ।

(ଡକ୍ଟର ପ୍ରେମାନନ୍ଦ ମହାପାତ୍ର- ଉପେନ୍ଦ୍ର ଭଞ୍ଜ ଓ ସାରସ୍ୱତ ପୀଠ: ମାଳିସାହି, ପ୍ରଥମ ସଂସ୍କରଣ, ୨୦୦୮)

ମହାରାଜା ରଣ ଭଞ୍ଜଦେବ ଶିବଙ୍କର ଉପାସକ ଥିଲେ ଏବଂ ତାଙ୍କ ରାଜତ୍ୱର ଶେଷଭାଗ ବେଳକୁ ପ୍ରଦତ୍ତ ଦାନପତ୍ରରେ ସେ ନିଜକୁ 'ପରମମାହେଶ୍ୱର' ରୂପେ ଅଭିହିତ କରିଛନ୍ତି । ସେହିପରି ତାଙ୍କର ମହାରାଣୀ ବିଜୟା ମହାଦେବୀଙ୍କୁ 'ପରମମାହେଶ୍ୱରୀ' ରୂପେ ଅଭିହିତ କରିଛନ୍ତି । ରଣଭଞ୍ଜଙ୍କର ଅଭିଲେଖରୁ ଜଣାଯାଏ ସେ ପ୍ରାୟ ଷାଠିଏ ବର୍ଷ ରାଜତ୍ୱ କରିଥିଲେ । 'ଧୃତିପୁର' ଥିଲା ରଣଭଞ୍ଜଙ୍କର ରାଜଧାନୀ । ଏହା ଆଧୁନିକ ବଉଦ କିମ୍ବା ତତ୍ ସନ୍ନିକଟ ଅଞ୍ଚଳରେ ଅବସ୍ଥିତ ଥିଲା । ବୌଦ୍ଧ ରାଜା ରଣ ଭଞ୍ଜଦେବ ଭୌମ ରାଜା ଚତୁର୍ଥ ଶୁଭାକର ଦେବ (ରାଜତ୍ୱକାଳ ଆରମ୍ଭ ୮୮୧ ଖ୍ରୀ.ରୁ)ଙ୍କର ସମସାମୟିକ ଏବଂ ତାଙ୍କର କରଦ ରାଜା ଥିଲେ । କାରଣ ବୌଦ୍ଧରାଜ୍ୟ ବା ଖିଞ୍ଜାଲୀ ମଣ୍ଡଳ ଭୌମକର ରାଜାମାନଙ୍କର ଏକ କରଦ ରାଜ୍ୟ ଥିଲା । ଏହି ସୂତ୍ରରେ ବୌଦ୍ଧର ରାଜାମାନେ ଭୌମକର ରାଜାମାନଙ୍କୁ କର ଦେବାକୁ ଦାୟୀ ରହିଥିଲେ ।

ରଣଭଞ୍ଜ ତାଙ୍କର ରାଜତ୍ୱର ୨୬ ବର୍ଷରେ 'ଉଭୟ ଖିଞ୍ଜାଲ୍ୟାଧିପତି' ଉପାଧି ଧାରଣ କରିଥିଲେ । ସେହିପରି ତାଙ୍କର ରାଜତ୍ୱର ୫୪ ବର୍ଷରେ ପ୍ରଦାନ କରିଥିବା ତାମ୍ରଫଳକରେ ସେ ନିଜକୁ 'ଖିଞ୍ଜାଲୀ ମଣ୍ଡଳ ଅଧିପତି' ଏବଂ 'ମହାରାଜା' ଉପାଧିରେ ଭୂଷିତ କରିଥିଲେ । ଏହି ସମୟ ବେଳକୁ ରାଜା ରଣ ଭଞ୍ଜଦେବ ଭୌମକର ମାନଙ୍କର ଆଧିପତ୍ୟକୁ ମାନି ନ ଥିଲେ । ଖିଞ୍ଜାଲୀ ମଣ୍ଡଳକୁ ସେ ଗୋଟିଏ ସ୍ୱାଧୀନ ରାଜ୍ୟର ମର୍ଯ୍ୟାଦା ପ୍ରଦାନ କରିଥିଲେ ।

ଐତିହାସିକ ମାନଙ୍କ ଦ୍ୱାରା ସମର୍ଥିତ ଯେ ବୌଦ୍ଧରାଜା ରଣ ଭଞ୍ଜଦେବ ଚତୁର୍ଥ ଶୁଭାକର ଦେବଙ୍କର ସମସାମୟିକ । ଚତୁର୍ଥ ଶୁଭାକର ଦେବଙ୍କର ରାଜତ୍ୱକାଳ ଆରମ୍ଭକୁ ଐତିହାସିକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଖ୍ରୀ. ୮୮୧ ବୋଲି ଗ୍ରହଣ କରିଛନ୍ତି । ସେହିପରି ରଣଭଞ୍ଜଙ୍କର ସମସାମୟିକ ସୋମବଂଶୀ ରାଜା ପ୍ରଥମ ଜନ୍ମେଜୟଙ୍କର ରାଜତ୍ୱକାଳକୁ ଐତିହାସିକ ଡକ୍ଟର ବିଜୟ କୁମାର ରଥ ଖ୍ରୀ. ୮୮୫ ରୁ ଖ୍ରୀ. ୯୨୫ ମଧ୍ୟରେ ସ୍ଥିର କରିଛନ୍ତି । କିନ୍ତୁ ଡକ୍ଟର ବୀଣା କୁମାରୀ ଶର୍ମା ତାଙ୍କର

Digitized by PPRACHIN, SOA

'SomaVamsi Rule in Orissa', Calcutta, 1983 ପୁସ୍ତକରେ ଜନ୍ମେଜୟଙ୍କର ସମୟକୁ ଖ୍ରୀ. ୯୨୯ ରୁ ଖ୍ରୀ. ୯୬୩ ମଧ୍ୟରେ ସ୍ଥିର କରିଛନ୍ତି । ତେଣୁ ରଣଭଞ୍ଜଙ୍କର ସମୟକୁ ଖ୍ରୀ. ୮୫୦ ରୁ ଖ୍ରୀ. ୯୦୦ ପାଖାପାଖି ସମୟ ଭିତରେ ନିର୍ଣ୍ଣୟ କରାଯାଇପାରେ । ଐତିହାସିକ ଓ ଗବେଷକ ଡକ୍ଟର ବିଜୟ କୁମାର ରଥ 'Cultural History of Orissa' New Delhi, 1983 ପୁସ୍ତକରେ ରଣଭଞ୍ଜଙ୍କର ରାଜତ୍ୱକାଳକୁ ୬୦ ବର୍ଷ ବୋଲି ଉଲ୍ଲେଖ କରିଛନ୍ତି । ଡକ୍ଟର ରଥ ମଧ୍ୟ ରଣଭଞ୍ଜ ଖ୍ରୀ. ୮୯୨ରେ ନିହତ ହେଲେ ବୋଲି ଉଲ୍ଲେଖ କରିଛନ୍ତି । ତେଣୁ ରଣଭଞ୍ଜଙ୍କ ରାଜତ୍ୱକାଳ ହେଉଛି ଖ୍ରୀ. ୮୩୨ ରୁ ଖ୍ରୀ. ୮୯୨ । ସୁତରାଂ ନବମ ଶତାବ୍ଦୀରେ ରଣଭଞ୍ଜ ଖିଞ୍ଜାଲୀ ମଣ୍ଡଳରେ ଶାସନ କରୁଥିଲେ ।

ଉଲ୍ଲେଖଯୋଗ୍ୟ ଯେ ସୋମବଂଶୀ ରାଜା ମହାଭାବଗୁପ୍ତ ପ୍ରଥମ ଜନ୍ମେଜୟ (ଖ୍ରୀ. ୮୮୫-୯୨୫ ଖ୍ରୀ.) ରଣଭଞ୍ଜଙ୍କର ରାଜତ୍ୱର ଶେଷସମୟ ବେଳକୁ ବୌଦ୍ଧ ଆକ୍ରମଣ କଲେ । ଏହି ସମୟରେ ରଣଭଞ୍ଜ ଭୌମରାଜାଙ୍କଠାରୁ କୌଣସି ସାହାଯ୍ୟ ପାଇଲେ ନାହିଁ । ରଣଭଞ୍ଜ ଜନ୍ମେଜୟଙ୍କ ବିରୁଦ୍ଧରେ ପ୍ରବଳ ଯୁଦ୍ଧ କରିଥିଲେ । କିନ୍ତୁ ରଣଭଞ୍ଜ ଯୁଦ୍ଧରେ ପରାସ୍ତ ଓ ନିହତ ହେଲେ ଏବଂ ଭଞ୍ଜବଂଶ ବୌଦ୍ଧରୁ ବିତାଡିତ ହେଲେ । ରଣଭଞ୍ଜ ଖ୍ରୀ. ୮୯୨ରେ ନିହତ ହୋଇଥିଲେ ।

ଶ୍ରୀ ଗତୀଶ୍ୱର ମହାଦେବଙ୍କ ମନ୍ଦିର, ମାଳିସାହି ।

ମହାରାଜା ରଣ ଭଞ୍ଜଦେବ ନିଜେ ଶୈବ ଥିଲେ ଏବଂ ଶୈବଧର୍ମର ପ୍ରଚାରପାଇଁ ସେ ମାଳିସାହି ଗ୍ରାମରେ ଗତୀଶ୍ୱର ମହାଦେବଙ୍କ ମନ୍ଦିର ନିର୍ମାଣ

Digitized by PPRACHIN, SOA

କରାଇଥିଲେ । ପୁନଶ୍ଚ ଅନ୍ୟାନ୍ୟ କେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟରେ ରଣଭଞ୍ଜ ମାଳିସାହିଠାରେ ଗତୀଶ୍ୱର ମନ୍ଦିର ପ୍ରତିଷ୍ଠା କଲେ, ତାହାର ଐତିହାସିକ ସତ୍ୟତା ଖୋଜିବା ଆବଶ୍ୟକ । ବୌଦ୍ଧଗଡଠାରୁ ନୟାଗଡର ଦୂରତା ହେଉଛି ୧୪୫ କିଲୋମିଟର । ବୌଦ୍ଧଠାରୁ ମାଳିସାହି ଗ୍ରାମର ଦୂରତା ହେଉଛି ୧୪୧ କିଲୋମିଟର । ଅନୁମାନ କରାଯାଇପାରେ ଯେ ଖିଞ୍ଜାଲୀ ମଣ୍ଡଳର ପୂର୍ବସୀମା ହେଉଛି ମାଳିସାହି ଗ୍ରାମ । ତେଣୁ ରାଜ୍ୟର ସୀମାକୁ ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟରେ ଏବଂ ରାଜ୍ୟର ସୀମାନ୍ତ ଅଞ୍ଚଳର ପ୍ରଜାମାନଙ୍କ ମଧ୍ୟରେ ଶୈବଧର୍ମ ମାଧ୍ୟମରେ ରାଜନୈତିକ ଏକତା ଓ ରାଜା ଆନୁଗତ୍ୟ ସୃଷ୍ଟିକରିବା ପାଇଁ ରଣଭଞ୍ଜ ଏହି ମନ୍ଦିର ନିର୍ମାଣ କରାଇଥିଲେ । ଏହି ମନ୍ଦିର ପ୍ରତିଷ୍ଠା ସମ୍ପର୍କରେ ଏକ ମନୋଜ୍ଞ ଜନଶ୍ରୁତି ରହିଛି । ଜନଶ୍ରୁତି ମଧ୍ୟ କହେ ଯେ ଏହି ମନ୍ଦିରର ନିର୍ମାଣକର୍ତ୍ତା ହେଉଛନ୍ତି ବୌଦ୍ଧ ନରେଶ ରଣ ଭଞ୍ଜଦେବ । ସୁତରାଂ ଗତୀଶ୍ୱର ମହାଦେବଙ୍କର ମନ୍ଦିରର ନିର୍ମାଣ ସମୟ ନବମ ଶତାବ୍ଦୀ ଅଟେ ।

ତେବେ ନୟାଗଡ଼ର ଏହି ସମସ୍ତ ଅଞ୍ଚଳ ପର୍ଯ୍ୟନ୍ତ ନବମ/ଦଶମ ଶତାବ୍ଦୀ ବେଳକୁ ଖିଞ୍ଜାଲୀ ବା ବୌଦ୍ଧରାଜ୍ୟ ପରିବ୍ୟାପ୍ତ ଥିଲା ।

ଖିଞ୍ଜାଲୀ ମଣ୍ଡଳର ରାଜା ଶତ୍ରୁ ଭଞ୍ଜ ଓ ରଣ ଭଞ୍ଜଙ୍କର କିଛି ତାମ୍ରଫଳକ ଦଶପଲ୍ଲା ଅଞ୍ଚଳରୁ ପ୍ରାପ୍ତ ହୋଇଅଛି । ଏହି ତାମ୍ରଫଳକକୁ ପାଠୋଦ୍ଧାର କରାଯାଇଛି । ଡକ୍ଟର ଶିଶିର କୁମାର ପଣ୍ଡା ଲେଖିଛନ୍ତି- "The copper plates found in Daspalla region belonged to Satrubhanja and Ranabhanja. Ranabhanja was the last ruler of the Bhanjas in this region and after his death they left Kinjalimandal (comprising of Baud and Daspalla region).

They organised a new state consisting of Northern part of Ganjam District, Nayagarh and Ranapur tract of Puri District. They have invited Brahmanas from outside and donated villages and land to settle in their state which consisted of jungle and tribal belt of Orissa. The Daspalla plates of Satrubhanja record a grant of village named Konkaira in favour of a brahman, Named Bhatta Ajapala who originally hailed from Bhattagrama Khaduvavalli in Madhyadesh. D. C. Sircar has identified Madhyadesh with modern Uttar Pradesh. The donated village was made revenue free and was granted on the occasion of Visuva Sankranti."

Digitized by PPRACHIN, SOA

ସୋମବଂଶୀ ସାମ୍ରାଜ୍ୟ ଓ ନୟାଗଡ଼:

ଓଡ଼ିଶାରେ ଦଶମ / ଏକାଦଶ ଶତାବ୍ଦୀ ହେଉଛି ସୋମବଂଶୀ ରାଜାମାନଙ୍କର ଶାସନକାଳ । ସୋମବଂଶୀ ରାଜତ୍ୱକାଳରେ ନୟାଗଡ ଓ ନିକଟବର୍ତ୍ତୀ ଅଞ୍ଚଳ ସୋମବଂଶୀ ରାଜ୍ୟର ଅନ୍ତର୍ଗତ ଥିବାର ଯଥେଷ୍ଟ ପ୍ରମାଣ ରହିଛି । ସୋମବଂଶୀ ରାଜା ମହାଶିବଗୁପ୍ତ ଦ୍ୱିତୀୟ ଯଯାତି (ଖ୍ରୀ. ୧୦୨୪-୧୦୪୦ ଖ୍ରୀ.)ଙ୍କ ରାଜତ୍ୱର ପ୍ରଥମ ଭାଗରେ ସୋମବଂଶୀ ସାମ୍ରାଜ୍ୟ ୫ଟି ଦେଶରେ ବିଭକ୍ତ ଥିଲା; ଯଥା: କଳିଙ୍ଗ, କୋଙ୍ଗୋଦ, ଉତ୍କଳ, କୋଶଳ ଏବଂ ଓଡ୍ରଦେଶ । ପ୍ରଥମ ଚାରିଗୋଟି ଦେଶରେ ଚାରିଜଣ ପ୍ରଶାସକ ନିଯୁକ୍ତ ଥିଲେ ଏବଂ ଓଡ୍ରଦେଶ କେନ୍ଦ୍ରଶାସନାଧୀନ ଥିଲା । ଦ୍ୱିତୀୟ ଯଯାତିଙ୍କ ପୁତ୍ର ଅଭିମନ୍ୟୁ କୋଶଳର ପ୍ରଶାସକ ରୂପେ ସୁବର୍ଣ୍ଣପୁର ରାଜଧାନୀରେ ଅବସ୍ଥାପିତ ଥିଲେ ।

ଆଜିର ବଲାଙ୍ଗୀର, ସମ୍ବଲପୁର, ସୁନ୍ଦରଗଡ, କଳାହାଣ୍ଡି ଓ ଖଡ଼ିଆଳ ଅଞ୍ଚଳ କୋଶଳ ଅନ୍ତର୍ଗତ ଥିଲା । ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ମେଦିନୀପୁର (ପଶ୍ଚିମବଙ୍ଗ), ବାଲେଶ୍ୱର ଓ କଟକ ଜିଲ୍ଲା ଉତ୍କଳ ନାମରେ ପରିଚିତ ଥିଲା । ଏହା ଥିଲା ଭୌମ ରାଜତ୍ୱର ଉତ୍ତର ତୋଷାଳୀ । ପୁରୀ ଜିଲ୍ଲା ଓ ଗଞ୍ଜାମର ଉପକୂଳ ଅଞ୍ଚଳରେ ମହାନଦୀରୁ ଋଷିକୁଲ୍ୟା ପର୍ଯ୍ୟନ୍ତ କୋଙ୍ଗୋଦରାଜ୍ୟ ଏବଂ ଋଷିକୁଲ୍ୟାଠାରୁ ଗୋଦାବରୀ ପର୍ଯ୍ୟନ୍ତ କଳିଙ୍ଗ ରାଜ୍ୟ ପରିବ୍ୟାପ୍ତ ଥିଲା । ଓଡ୍ରଦେଶ ମହାନଦୀର ଦକ୍ଷିଣ ତୀରରେ ସମଗ୍ର ବୌଦ-ଫୁଲବାଣୀ ଜିଲ୍ଲା, ନୟାଗଡ଼ ଜିଲ୍ଲାର ସମଗ୍ର ଅଞ୍ଚଳ ଓ ଢେଙ୍କାନାଳର ଦକ୍ଷିଣର କେତେକ ଅଂଶକୁ ନେଇ ଗଠିତ ହୋଇଥିଲା ।

ଦଶମ ଶତାବ୍ଦୀର ନନ୍ଦୋଦ୍‌ଭବ ମାନଙ୍କ ଐରାବଟ୍ଟ ମଣ୍ଡଳ ଏକାଦଶ ଶତକରେ ସୋମବଂଶୀ ସାମ୍ରାଜ୍ୟରେ ଓଡ୍ରଦେଶର ଅଂଶବିଶେଷ ହୋଇ ରହିଲା । କୋଶଳ, ଉତ୍କଳ, କୋଙ୍ଗୋଦ, କଳିଙ୍ଗ ତଥା ତ୍ରିକଳିଙ୍ଗର କେନ୍ଦ୍ରସ୍ଥଳରେ ଓଡ୍ରଦେଶ ଅବସ୍ଥିତ ଥିଲା । ସୋମବଂଶୀ ସାମ୍ରାଜ୍ୟର ରାଜଧାନୀ ଯଯାତିନଗର କେନ୍ଦ୍ରଶାସିତ ଓଡ୍ରଦେଶରେ ଅବସ୍ଥିତ ଥିଲା ।

ଦ୍ୱିତୀୟ ଯଯାତିଙ୍କ ପରେ ତାଙ୍କ ପୁତ୍ର ମହାଭବଗୁପ୍ତ ଉଦ୍ୟୋତ କେଶରୀ (ଖ୍ରୀ. ୧୦୪୦-୧୦୬୫ ଖ୍ରୀ.) ସୋମବଂଶୀ ସାମ୍ରଜ୍ୟର ରାଜା ହେଲେ । ତାଙ୍କ ଦ୍ୱାରା ପ୍ରଦତ୍ତ ନରସିଂହପୁର ତାମ୍ରଶାସନ ରାଜତ୍ୱର ଚତୁର୍ଥ ବର୍ଷରେ ମାର୍ଗଶିର କୃଷ୍ଣପକ୍ଷ ଦଶମୀଦିନ ପ୍ରଦତ୍ତ ହୋଇଥିଲା । ଏହି ଦାନପତ୍ରରୁ ଜଣାଯାଏ ଯେ ଉଦ୍ୟୋତକେଶରୀ କୋଶଳ, ଉତ୍କଳ ଓ ଓଡ୍ରଦେଶର ରାଜା ଥିଲେ । ଏହି ଦାନପତ୍ରରେ ଐରାବଟ୍ଟ ମଣ୍ଡଳର ନାମୋଲ୍ଲେଖ ରହିବା ସହିତ ଓଡ୍ରଦେଶ କଣ୍ଠିଲୋ ଓ କରଡ ଗ୍ରାମର ସୂଚନା

Digitized by PPRACHIN, SOA

ରହିଛି । ଏହି ନରସିଂହପୁର ତାମ୍ରଶାସନରେ ଓଡ୍ରଦେଶ ଅନ୍ତର୍ଗତ ଐରାବଟ୍ଟ ମଣ୍ଡଳର ସଂସ'ଯାବଖଣ୍ଡର କୋଣ୍ଟଲଣ୍ଡ ଗ୍ରାମ ଓ ଲୋବାକରଡ ଗ୍ରାମଦ୍ୱୟକୁ ଦୁଇଜଣ ବ୍ରାହ୍ମଣ ଭ୍ରାତା ଯଥାକ୍ରମେ ଶଙ୍କର ଶର୍ମା ଓ ବଳଭଦ୍ର ଶର୍ମାଙ୍କୁ ପ୍ରଦାନ କରାଯାଇଥିଲା । ଶଙ୍କର ଶର୍ମା ମହାନଦୀର ନଦୀଶଯ୍ୟାର ଅର୍ଦ୍ଧେକ ସମେତ କୋଣ୍ଟଲଣ୍ଡ ଗ୍ରାମ ଲାଭ କରିଥିଲେ । ଏହି ଗ୍ରାମକୁ ଆଧୁନିକ କଣ୍ଟିଲୋ ସହିତ ଚିହ୍ନଟ କରାଯାଇଛି । ସେହିପରି ବଳଭଦ୍ର ଶର୍ମାଙ୍କୁ ଲୋବାକରଡ ଗ୍ରାମକୁ ପ୍ରଦାନ କରାଯାଇଥିଲା । ଏହାକୁ କରଡା ଗ୍ରାମ ସହିତ ଚିହ୍ନଟ କରାଯାଇଛି । ଏ ସମ୍ପର୍କରେ ଡକ୍ଟର ନବୀନ କୁମାର ସାହୁ ଏବଂ ଡକ୍ଟର ଶିଶିର କୁମାର ପଣ୍ଡାଙ୍କର ବକ୍ତବ୍ୟକୁ ମଧ୍ୟ ଅତିରିକ୍ତ ପ୍ରମାଣ ଭାବରେ ଗ୍ରହଣ କରାଯାଇପାରେ । ଯଥା—

(କ) "Airavatta Mandal also finds mention in the Narasinghpur Charter of Udyotkeshari (11th Century A.D.), where from it is known that the villages Kantalanda and Lavakarada, identified with modern Kantilo and Korada respectively in the Nayagarh Sub-Division of Puri District, were situated within this territory."

Dr. N. K. Sahu, History of Orissa, Vol.1, Utkal Unversity, 1964.

(ଖ) "Narasinghpur charter of Udyot Keshari is one of the important land grants issued by the Somavamsis in the second half of the eleventh century A.D. It records the grant of a village Kontalanda including half bed of Mahanadi with its boundaries and garttosira with various trees such as Sisu, Madhuka and Tala, with mines and minerals to brahmans Shankar Sharma. Further the grant empowered the donee with Hastidanda, baravalavonda, chatola, andharuva, pratyanadharuva, adatta padatijiva, ahidanda, antaravadi, bandha danda, vijayavandapana, margganika and with the right of collecting taxes, cesses and confiscation of land. The do-

Digitized by PPRACHIN, SOA

nee was an immigrant from palasa in Tirubhukti Mandal and a student of Rig Veda belonging to the Gargga gotra and pravara of the three sages. Another grant is also recorded in this copper plate. Here the donee was the uterine brother of Shankar Sharma named Balabhadra Sharma who received the village Lovakarada in Airavatta Mandal. The most important development was that the donee was given the right to enjoy mines and judicial power (bandha danda) which was the main basis of the state power."

(Dr. Shishir Kumar Panda, Inscription of Puri District.)

ସେହିପରି ନୟାଗଡ଼ ଟାଉନ୍‌ଠାରୁ ୮ କିଲୋମିଟର ଦୂରତାରେ ଅବସ୍ଥିତ ଗୋବିନ୍ଦପୁର ଗ୍ରାମର କେଦାରେଶ୍ୱର ମହାଦେବଙ୍କ ମନ୍ଦିର ଗାତ୍ର ଏବଂ କାଉଁରୀ ଠାକୁରାଣୀଙ୍କ ମନ୍ଦିର ଗାତ୍ରରେ ରହିଥିବା ପ୍ରାଚୀନ ଶିଳାଲିପିରୁ ସୋମବଂଶୀରାଜା ଉଦ୍ୟୋତକେଶରୀଙ୍କ ସମ୍ପର୍କରେ ଲିପିବଦ୍ଧ ରହିଛି ।

ଗୋବିନ୍ଦପୁର ଶାସନର କେଦାରେଶ୍ୱର ମହାଦେବଙ୍କ ମନ୍ଦିରରେ ଲିପିବଦ୍ଧ ରହିଥିବା ଶିଳାଲିପିରେ ଉଲ୍ଲେଖ ରହିଛି-

୧ମ ଧାଡ଼ି

ଶ୍ରୀ ଉଦ୍ୟୋତ କେ

୨ୟ ଧାଡ଼ି

ସ (ଶ) ରୀ ଦେବସ୍ୟ ବିଜୟ ରାଜ୍ୟେ

୩ୟ ଧାଡ଼ି

ଅମୀୟଂ ଖୋଦିତଂ ପୁଷ୍କରିଣୀ

ଗୋବିନ୍ଦପୁର ଶିଳାଲେଖ ।

ଏହାର ଅର୍ଥ ହେଉଛି- ଶ୍ରୀ ଉଦ୍ୟୋତ କେଶରୀଙ୍କ ବିଜିତ ରାଜ୍ୟରେ ଏହି ମଧୁମୟ ପୁଷ୍କରିଣୀ ଖୋଦିତ ହେଲା । ଏଥିରୁ ଜଣାଯାଉଅଛି ଯେ ଗୋବିନ୍ଦପୁର

Digitized by PPRACHIN, SOA

ଗ୍ରାମର ପଶ୍ଚିମମୁଖା ଶ୍ରୀ କେଦାରେଶ୍ୱର ମହାଦେବଙ୍କ ମନ୍ଦିର ଏବଂ ମଧୁରପାଣିଯୁକ୍ତ ପୁଷ୍କରିଣୀ କେଶରୀ ବଂଶର ରାଜା ଉଦ୍ୟୋତ କେଶରୀଙ୍କ କୀର୍ତ୍ତି ଅଟେ । ଉଲ୍ଲେଖଯୋଗ୍ୟ ଯେ ଗୋବିନ୍ଦପୁର ଗ୍ରାମର ଏହି କେଦାରେଶ୍ୱର ମନ୍ଦିରକୁ ଲାଗି ଏକ ଜଳାଶୟ ରହିଛି । ଏହାକୁ ଶାମୁକା ବୋଲି କୁହାଯାଉଛି । ଏହା ମଧ ସୋମବଂଶୀ ରାଜା ଉଦ୍ୟୋତ କେଶରୀଙ୍କ କୀର୍ତ୍ତି ଅଟେ । ଏଥିରୁ ଜଣାଯାଉଛି ଯେ ରାଜା ଉଦ୍ୟୋତକେଶରୀ ଶିବଙ୍କର ଉପାସକ ଥିଲେ । ଉଦ୍ୟୋତକେଶରୀଙ୍କ ରାଜତ୍ୱକାଳରେ ଏକ ସରୋବର ଖନନ ହୋଇଥିବା ବିଷୟ ଗୋବିନ୍ଦପୁର ଶିଳାଲେଖରୁ ସ୍ପଷ୍ଟ ପ୍ରତୀୟମାନ ହେଉଅଛି ।

ଗୋବିନ୍ଦପୁର ଗ୍ରାମ ଏକ ପୁରାତନ ଗ୍ରାମ । ଏହି ଗ୍ରାମର କେଦାରେଶ୍ୱର ମନ୍ଦିରକୁ ଲାଗି ସୋମନାଥଦେବଙ୍କର ମନ୍ଦିର ବିଦ୍ୟମାନ । ସୋମନାଥଦେବଙ୍କ ମନ୍ଦିରର ଦକ୍ଷିଣପାର୍ଶ୍ୱରେ କାଉଁରୀଦେବୀଙ୍କ ମନ୍ଦିର ବିଦ୍ୟମାନ । କାଉଁରୀ ଠାକୁରାଣୀ ନୟାଗଡ଼ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଦେବୀ । ତାଙ୍କ ସମ୍ପର୍କରେ ମନୋଜ୍ଞ ଜନଶ୍ରୁତି ରହିଛି । କାଉଁରୀଦେବୀଙ୍କ ମୂର୍ତ୍ତି ଅତି ପ୍ରାଚୀନ ଅଟେ । ଦେବୀଙ୍କର ମୁଖ ସିନ୍ଦୂର ମଣ୍ଡିତା ।

ଗୋବିନ୍ଦପୁର ଗ୍ରାମର କାମାକ୍ଷୀ ଠାକୁରାଣୀ ।

କାଉଁରୀ ଠାକୁରାଣୀ ପୀଠଟି ଅତିପ୍ରାଚୀନ ପୀଠ । ଏହା ତନ୍ତ୍ରସାଧନାର ଅନ୍ୟତମ ପୀଠ ଥିଲା । ତେବେ ଶିବ ଉପାସନା ସହିତ ଦେବୀ ଉପାସନାର ଏକ ସମନ୍ୱୟପୀଠ ହେଉଛି ଏହି ଗୋବିନ୍ଦପୁର ଗ୍ରାମ । କାଉଁରୀଦେବୀଙ୍କ ବିଗ୍ରହକୁ ଅନୁଧ୍ୟାନ କଲେ ଏହା ସପ୍ତମ / ଅଷ୍ଟମ ଶତାବ୍ଦୀର ମୂର୍ତ୍ତି ବୋଲି ବିଚାରକୁ ନିଆଯାଇପାରେ ।

ଗୋବିନ୍ଦପୁର ଗ୍ରାମର କାଉଁରୀ ଠାକୁରାଣୀଙ୍କ ମନ୍ଦିର

Digitized by PPRACHIN, SOA

ବାଡ଼ରେ ନିମ୍ନ ଶିଳାଲିପଟି ସଂଲଗ୍ନ ହୋଇରହିଛି । ତାହାର ପାଠୋଦ୍ଧାର ଏ ପର୍ଯ୍ୟନ୍ତ ହୋଇପାରିନାହିଁ ।

ଗଙ୍ଗବଂଶ ରାଜତ୍ୱ (୧୦୩୮ ଖ୍ରୀ. - ୧୪୩୪ ଖ୍ରୀ.):



ଗୋବିନ୍ଦପୁର ଗ୍ରାମର କାଉଁରୀ ଠାକୁରାଣୀ ମନ୍ଦିରର ଶିଳାଲେଖ ।

ଗଙ୍ଗବଂଶ ରାଜତ୍ୱ କାଳରେ ଓଡ଼ିଶାକୁ ୩୧ ଗୋଟି ଦଣ୍ଡପାଟରେ ବିଭକ୍ତ କରାଯାଇଥିଲା । ଯଥା: କଳିଙ୍ଗ ଦଣ୍ଡପାଟ, ରାଜମହେନ୍ଦ୍ରୀ ଦଣ୍ଡପାଟ, ଭୀମନଗର ଦଣ୍ଡପାଟ, ଚବିଶକୁଦ ଦଣ୍ଡପାଟ, ସିରାଇ ଦଣ୍ଡପାଟ, କୋଠଦେଶ ଦଣ୍ଡପାଟ, ଭଦ୍ରଖ ଦଣ୍ଡପାଟ, ସୋସେ ଦଣ୍ଡପାଟ, କାଏମା ଦଣ୍ଡପାଟ, ରେମୁଣା ଦଣ୍ଡପାଟ, ସୋର ଦଣ୍ଡପାଟ, ଭଞ୍ଜଭୂମି-ବାରିପଦା ଦଣ୍ଡପାଟ, ଟଣ୍ଡିଆ ଦଣ୍ଡପାଟ, ଜ୍ୟୋଷ୍ଠିଆ ଦଣ୍ଡପାଟ, ପୂର୍ବ ଦଣ୍ଡପାଟ, ପଶ୍ଚିମଦିଗ ଦଣ୍ଡପାଟ, ଆହାର ଦଣ୍ଡପାଟ, ପରଙ୍ଗ ଦଣ୍ଡପାଟ, ଆଦି ଦଣ୍ଡପାଟ ଇତ୍ୟାଦି ।

ଗୋବିନ୍ଦପୁର ଗ୍ରାମର ପଞ୍ଚଲିଙ୍ଗେଶ୍ୱର ।

Digitized by PPRACHIN, SOA

ମୋଗଲ ରାଜତ୍ୱ କାଳରେ ନୟାଗଡ଼:

ମୁକୁନ୍ଦଦେବଙ୍କ ମୃତ୍ୟୁପରେ ଗଜପତି ରାମଚନ୍ଦ୍ରଦେବ ୧ମ (ଖ୍ରୀ. ୧୫୬୮-ଖ୍ରୀ. ୧୬୦୭) ଓଡ଼ିଶାର ଶାସକ ହେଲେ । ୧୫୭୫ ଖ୍ରୀଷ୍ଟାବ୍ଦରେ ଆକବର ମୁନିମ୍ ଖାଁ ଏବଂ ତୋଡ଼ର ମଲ୍ଲଙ୍କୁ ପଠାଇ ତତ୍କାଳରେ ଶାସକ ଥିବା ସୁଲେମାନେ କରରାଣୀଙ୍କ ପୁତ୍ର ଦାଉଦଙ୍କ ମୁଣ୍ଡକାଟି ଓଡ଼ିଶାକୁ ନାମମାତ୍ର ମୋଗଲ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କଲେ । କିନ୍ତୁ "Orissa Historical Research Journal-Vol-V, ପୃ-୧୨୮ ମତାନୁସାରେ ବାରବାଟୀ ଦୁର୍ଗରେ ମୁନିମ୍ ଖାଁଙ୍କ ଦ୍ୱାରା ଦାଉଦ୍ ପରାଜିତ ହୋଇ ତରବାରୀ ଅର୍ପଣ କରିଥିଲେ । ଏହି ସମୟରେ ମୁନିମ୍ ଖାଁ କଟକ ଓ ଭୁବନେଶ୍ୱରକୁ ଦେଖି କହିଥିଲେ-

''ଏ ଦେଶ ମନୁଷ୍ୟର ଜୟପାଇଁ ନୁହେଁ, ଏହା ସାକ୍ଷାତ୍ ସ୍ୱର୍ଗ ପୁରୀ ।''

ରାମଚନ୍ଦ୍ରଦେବ ୧ମଙ୍କୁ ଓଡ଼ଶାର ୭୧ଟି ଦୁର୍ଗର ଶାସନଭାର ପ୍ରଦାନ କରାଗଲା । ସେ ମହାରାଜା ବୋଲାଇଲେ । ମହାନଦୀର ଦକ୍ଷିଣସୀମାଠାରୁ ଗଞ୍ଜାମର ଖେମିଡି ସୀମା ପର୍ଯ୍ୟନ୍ତ ଘୁମୁସର ଓ ମହୁରୀ ପ୍ରଭୃତି ଜମିଦାରୀମାନଙ୍କୁ ଲଗାଇ ୧୨୯ଟି ଜିଲ୍ଲାର କର ଆଦାୟ କ୍ଷମତା ତାଙ୍କୁ ପ୍ରଦାନ କରାଗଲା । ତିରିଶିଗୋଟି ଗଡଜାତ ମଧ ତାଙ୍କର ଶାସନାଧୀନରେ ରହିଲେ । ସେଗୁଡିକ ହେଲେ- ଖଲ୍ଲିକୋଟ, ଆଠଗଡ, ଘୁମୁସର, ରଣପୁର, ନୂଆଗଡ଼, ଖଣ୍ଡପଡ଼ା, ଦଶପଲ୍ଲା, ବାଙ୍କି, ଡୋମପଡ଼ା, ନରସିଂହପୁର, ଆଠଗଡ଼, ଢେଙ୍କାନାଳ, ତାଳଚେର, ଅନୁଗୁଳ, ତିଗିରିଆ ଇତ୍ୟାଦି ।

ମୋଗଲ ଅଧୀନକୁ ଓଡ଼ିଶା ଆସିବା ପରେ ୧୫୭୫ ଖ୍ରୀଷ୍ଟାବ୍ଦରେ ବନ୍ଦୋବସ୍ତ କରାଯାଇଥିଲା । ଏହି ସମୟରେ ଉତ୍ତରରେ ଗଙ୍ଗା କୂଳରୁ ଦକ୍ଷିଣକୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ଓଡ଼ିଶା ଭୂଖଣ୍ଡକୁ ୫ ଗୋଟି ସରକାରରେ ବିଭକ୍ତ କରାଯାଇଥିଲା । ସେଗୁଡିକ ହେଲେ ଜଳେଶ୍ୱର ସରକାର, ଭଦ୍ରଖ ସରକାର, କଟକ ସରକାର, କଳିଙ୍ଗ ଦଣ୍ଡପାଟ ସରକାର, ରାଜମାହେନ୍ଦ୍ରୀ ଦଣ୍ଡପାଟ ସରକାର ।

(୧) ଜଳେଶ୍ୱର ସରକାର:

ଏହା ଉତ୍ତରରେ ଭାଗିରଥୀ ଓ ରୂପନାରାୟଣ ନଦୀଠାରୁ ଦକ୍ଷିଣରେ କାଂସବାସ ନଦୀଯାଏ ବିସ୍ତୃତ ଥିଲା । ଏହି ସରକାରଟି ସବୁଠାରୁ ବଡଥିଲା । ଏହି ସରକାରରେ ସମଗ୍ର ମେଦିନୀପୁର ଜିଲ୍ଲା, ବାଙ୍କୁଡା ଜିଲ୍ଲା, ମାନଭୂମି ଜିଲ୍ଲା, ସିଂହଭୂମି ଜିଲ୍ଲା, ମୟୂରଭଞ୍ଜର କିୟଦଂଶ ଏବଂ ବାଲେଶ୍ୱର ସବ୍-ଡିଭିଜନ୍ ଅନ୍ତର୍ଗତ ଥିଲା ।

(୨) ଭଦ୍ରଖ ସରକାର:

ଏହି ସରକାର କାଂସବାଂସ ନଦୀକୂଳରୁ ବ୍ରାହ୍ମଣୀ ନଦୀ ପର୍ଯନ୍ତ ପରିବ୍ୟାପ୍ତ ଥିଲା ।

Digitized by PPRACHIN, SOA

(୩) **କଟକ ସରକାର:**

ଏହି ସରକାର ବ୍ରାହ୍ମଣୀ ନଦୀ କୂଳରୁ ଚିଲିକା ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ଏଥିରେ ପୁରୀ ଜିଲ୍ଲା, ଗଞ୍ଜାମର ଉତ୍ତରାଂଶ, ମହାନଦୀର ଉଭୟ ପାର୍ଶ୍ୱର ଗଡଜାତ ଯଥା: ଆଠଗଡ଼, ତିଗିରିଆ, ବଡ଼ମ୍ବା, ନରସିଂହପୁର, ବୌଦ୍ଧ, ଦଶପଲ୍ଲା, ଖଣ୍ଡପଡା, ଢେଙ୍କାନାଳ, ରଣପୁର, ନୂଆଗଡ଼ (ନୟାଗଡ଼), ସୁନ୍ଦରଗଡ଼ ପ୍ରଭୃତି ରହିଥିଲା ।

(୪) **କଳିଙ୍ଗ ଦଣ୍ଡପାଟ ସରକାର:**

ଏହି ସରକାର ଚିଲିକାଠାରୁ ମହେନ୍ଦ୍ରଗିରି ପର୍ଯ୍ୟନ୍ତ ଗଞ୍ଜାମର ସମଗ୍ର ଅଞ୍ଚଳ, ବିଶାଖାପାଟଣା ଜିଲ୍ଲାର ଉତ୍ତରାଂଶ, କଳାହାଣ୍ଡି, ପାଟଣାଗଡ଼, ସମ୍ବଲପୁର ଆଦି ଅଞ୍ଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ।

(୫) **ରାଜମାହେନ୍ଦ୍ରି ଦଣ୍ଡପାଟ ସରକାର:**

ଏହି ସରକାର ମହେନ୍ଦ୍ରଗିରିଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଆଧୁନିକ ଗୋଦାବରୀ ଜିଲ୍ଲା ଏବଂ ବିଶାଖାପାଟଣା ଜିଲ୍ଲାର ଦକ୍ଷିଣାଂଶ ଏହି ସରକାରର ଅନ୍ତର୍ଗତ ଥିଲା ।

ନୟାଗଡ଼ ଜିଲ୍ଲା ଅନ୍ତର୍ଗତ କରଦରାଜ୍ୟ:

୧୯୯୩ ମସିହା ଚୈତ୍ର ଶୁକ୍ଳ ଦଶମୀ ଅପ୍ରେଲ୍ ମାସ ଦୁଇ ତାରିଖରେ ନୟାଗଡ଼ ଜିଲ୍ଲା ସୃଷ୍ଟି ହେଲା । ଏହାପୂର୍ବରୁ ନୟାଗଡ଼ ପୁରୀ ଜିଲ୍ଲାର ଏକ ଅନୁବିଭାଗ ଥିଲା । ପୁରୀ ଜିଲ୍ଲାରେ ଏହି ସମୟରେ ଚାରିଗୋଟି ଅନୁବିଭାଗ ଥିଲା । ସେଗୁଡିକ ହେଉଛନ୍ତି ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା ଓ ନୟାଗଡ଼ । ୧୯୪୯ ମସିହାରେ ନୟାଗଡ଼ ଅନୁବିଭାଗର ଜନ୍ମ । ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା ଓ ରଣପୁର- ଏହି ଚାରିଗୋଟି ତହସିଲ୍‌କୁ ନେଇ ନୟାଗଡ଼ ଅନୁବିଭାଗ ସୃଷ୍ଟି ହୋଇଥିଲା । ସ୍ୱାଧୀନତା ପ୍ରାପ୍ତିର ପୂର୍ବରୁ ଏହି ଚାରିଗୋଟି ତହସିଲ୍ ଗୋଟିଏ ଲେଖାଏଁ ଗଡ଼ଜାତ ଥିଲେ ।

ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା ଓ ରଣପୁର- ଏହି ଚାରିଗୋଟି ଗଡ଼ଜାତ ପରସ୍ପରର ନିକଟବର୍ତ୍ତୀ । ଏମାନେ ଦେଶୀୟ ରାଜ୍ୟ ନାମରେ ପରିଚିତ ଥିଲେ । ଏମାନଙ୍କୁ ମଧ୍ୟ କରଦରାଜ୍ୟ କୁହାଯାଉଥିଲା । ଏହି ଗଡ଼ଜାତ ରାଜ୍ୟମାନଙ୍କର ସାଧାରଣ ସୀମାରେଖା ରହିଥିଲା । ନୟାଗଡ଼ ଓ ଖଣ୍ଡପଡ଼ା ରାଜ୍ୟର ସୀମା ପକ୍କାପିଲର ଦ୍ୱାରା ନିର୍ଦ୍ଧାରିତ ହୋଇଥିଲା । ନୟାଗଡ଼ ଓ ରଣପୁର ରାଜ୍ୟର ସୀମା ପ୍ରଥମେ କୋଇଲାଦ୍ୱାରା ଚିହ୍ନିତ ହୋଇଥିଲା । ପରବର୍ତ୍ତୀ ସମୟରେ ଏହା ପକ୍କା-ପିଲର ଦ୍ୱାରା ନିର୍ଦ୍ଧାରିତ ହେଲା । ନୟାଗଡ଼ ଓ ଦଶପଲ୍ଲା ରାଜ୍ୟର ସୀମା ତାଳଗଛ ଦ୍ୱାରା ନିର୍ଣ୍ଣୟ ହୋଇଥିଲା । ପରେ ଏହା ସିମେଣ୍ଟ ପିଲର୍ ଦ୍ୱାରା ଚିହ୍ନିତ ହେଲା ।

Digitized by PPRACHIN, SOA

ଓଡ଼ିଶା ଇଂରେଜ ଶାସନାଧୀନ ହେବାପୂର୍ବରୁ ଏହି ଚାରିଗୋଟି ଗଡ଼ଜାତ ପୁରୀ ଗଜପତି ମହାରାଜାଙ୍କ ଅଧୀନରେ ରହିଥିଲା । ପରେ ଇଂରେଜ ଶାସନ କାଳରେ ଏହି ଚାରିଗୋଟି ଗଡ଼ଜାତ କଟକ ଡିଭିଜନ (Cutttack Division) ଅଧୀନରେ ରହିଥିଲା । ଆଲୋଚନାର ସୁବିଧା ଦୃଷ୍ଟିରୁ ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା ଓ ରଣପୁର ଗଡ଼ଜାତ ଗୁଡ଼ିକୁ ସ୍ୱତନ୍ତ୍ର ଭାବରେ ଆଲୋକପାତ କରାଯାଇଛି-

ନୟାଗଡ଼ (ନବଦୁର୍ଗ):

'ନୟାଗଡ଼' ଶବ୍ଦଟି 'ନୂଆଗଡ଼' ଶବ୍ଦରୁ ସୃଷ୍ଟି ହୋଇଛି । ନୂତନ ଭାବରେ ଏବଂ ନୂଆ ସ୍ଥାନରେ ଗଡ ପ୍ରତିଷ୍ଠା ହୋଇଥିବାରୁ ଏହି ଗଡକୁ 'ନୂଆଗଡ' ବୋଲି ନାମିତ କରାଯାଇଥିଲା । ସଂସ୍କୃତ 'ନବ' ଶବ୍ଦର ତଦ୍‌ଭବ ରୂପ 'ନୂଆ' । 'ନୟା' ହେଉଛି ପାରସିକ ଶବ୍ଦ । ଏହା ସହିତ ସଂସ୍କୃତ 'ନବ' ଶବ୍ଦର ସମ୍ପର୍କ ରହିଛି । ଇଂରେଜମାନେ ଓଡ଼ିଶା ଅଧିକାର କରିବା ପୂର୍ବରୁ ପରସିକ ଭାଷା ଶାସନକଳର ଭାଷା ଥିଲା । ସୁତରାଂ ଏହି ଭାଷାର ପ୍ରଭାବ ଯୋଗୁଁ 'ନୂଆଗଡ଼' 'ନୟାଗଡ଼ରେ' ରୂପାନ୍ତରିତ ହୋଇଛି । ଓଡିଶା ଗଡ଼ଜାତ ଅନ୍ତର୍ଗତ ଦେଶୀୟ ରାଜ୍ୟ (Princely States) ଗୁଡିକ ମଧ୍ୟରେ ନୟାଗଡ଼ ଅନ୍ୟତମ । ଏହି ରାଜ୍ୟର ଆୟତନ ୫୮୮ ବର୍ଗମାଇଲ୍ ଥିଲା । ନୟାଗଡ଼ ରାଜ୍ୟ ୧୯°.୫୩' ଓ ୨୦°.୨୦' ଉତ୍ତର ଅକ୍ଷାଂଶ ଏବଂ ୮୪°.୪୮' ଓ ୮୫°.୧୫' ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ଏହି ରାଜ୍ୟର ପୂର୍ବରେ ରଣପୁର ଓ ବାଙ୍କୀ ରାଜ୍ୟ, ପଶ୍ଚିମରେ ଦଶପଲ୍ଲା ଗଡ଼ଜାତ, ଉତ୍ତରରେ ଖଣ୍ଡପଡ଼ା ଏବଂ ଦକ୍ଷିଣରେ ଘୁମୁସୁର ଓ ଗଞ୍ଜାମ ଅବସ୍ଥିତ । ଏହି ରାଜ୍ୟର ଲୋକ କଥିତ ନାମ ହେଉଛି 'ନୂଆଗଡ଼' । ଐତିହାସିକ ପଣ୍ଡିତ କୃପାସିନ୍ଧୁ ମିଶ୍ର ତାଙ୍କ ପ୍ରଣୀତ 'ଉତ୍କଳ ଇତିହାସ'ରେ 'ନୂଆଗଡ଼' ରାଜ୍ୟର ନାମ ଉଲ୍ଲେଖ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ଜ୍ଞାନକୋଷ ଗ୍ରନ୍ଥରେ ଏବଂ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ପ୍ରଣୀତ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ (୪ର୍ଥ ଖଣ୍ଡ, ପୃଷ୍ଠା- ୪୪୪୧)ରେ 'ନୂଆଗଡ଼' ଶବ୍ଦର ସଂଗ୍ରହ ଓ ବ୍ୟବହାର ରହିଛି । ମଧ୍ୟଯୁଗୀୟ କବି ଯଦୁମଣି ମହାପାତ୍ର 'ରାଘବ ବିଳାସ' କାବ୍ୟରେ 'ନୂଆଗଡ଼' ଶବ୍ଦର ସମାର୍ଥକ ଶବ୍ଦ 'ନବୀନ ଦୁର୍ଗ' ଓ 'ନବଦୁର୍ଗ'ର ବ୍ୟବହାର କରିଛନ୍ତି । 'ନୂଆଗଡ଼'କୁ ସଂସ୍କୃତରେ 'ନବଦୁର୍ଗ' ଭାବରେ ବ୍ୟବହାର କରାଯାଇଛି । ନୟାଗଡ଼ର ପଞ୍ଚଦଶ ରାଜା ଗଦାଧର ସିଂହ ମାନଧାତାଙ୍କ ଦରବାରୀ ସଂସ୍କୃତ କବି ପଣ୍ଡିତ ନିତ୍ୟାନନ୍ଦ 'ଶ୍ରୀକୃଷ୍ଣ ଲୀଳାମୃତମ୍' କାବ୍ୟରେ ତଦୀୟ ରାଜାଙ୍କ ବିଷୟରେ ନିମ୍ନମତେ ଲେଖିଛନ୍ତି-

"ଧୂତାରି ବର୍ଗ-ନବଦୁର୍ଗ-ମହୀ-ମହୀନ୍ଦ୍ରଃ ।"

Digitized by PPRACHIN, SOA

'ନୟାଗଡ଼'କୁ 'ନବଦୁର୍ଗ' କହିବା ମୂଳରେ ଆଉ ମଧ୍ୟ ଗୋଟିଏ କାରଣ ନିହିତ ରହିଛି । 'ନବଦୁର୍ଗ' ହେଉଛି ନଅଗୋଟି 'ଦୁର୍ଗ' ବା 'ଗଡ଼'ର ସମାହାର । ଜଣାଯାଏ ଯେ ରାଜ୍ୟର ସୁରକ୍ଷା ପାଇଁ ନଅଗୋଟି ସ୍ଥାନରେ ଦୁର୍ଗ ପ୍ରତିଷ୍ଠା କରାଯାଇଥିଲା । ସେଥିପାଇଁ କବି ଯଦୁମଣି ମହାପାତ୍ର 'ନବଦୁର୍ଗ' ରାଜ୍ୟକୁ 'ଅଷ୍ଟ ଏକ ଦୁର୍ଗ' ରାଜ୍ୟ ନାମରେ ଉଲ୍ଲେଖ କରଛନ୍ତି ।

ନୟାଗଡ଼ ରାଜ୍ୟ ସ୍ଥାପନ ହେବାର ସମୟ:

ନୟାଗଡ଼ ରାଜ୍ୟ ସ୍ଥାପନ ହେବାର ସମୟ ଚତୁର୍ଦ୍ଦଶ ଶତାବ୍ଦୀ ବା କିଞ୍ଚିତ୍ ପୂର୍ବବର୍ତ୍ତୀ ବୋଲି ନିର୍ଦ୍ଧିତ ହୋଇଛି । ଐତିହାସିକ ପଣ୍ଡିତ କୃପାସିନ୍ଧୁ ମିଶ୍ର ତାଙ୍କର 'ଉତ୍କଳ ଇତିହାସ' ପୁସ୍ତକରେ ନୟାଗଡ଼ ରାଜ୍ୟ ସ୍ଥାପିତ ହେବାର ସମୟ ଚତୁର୍ଦ୍ଦଶ ଶତାବ୍ଦୀ ବା ତାହାର କିଞ୍ଚିତ୍ ପୂର୍ବବର୍ତ୍ତୀ ବୋଲି ଉଲ୍ଲେଖ କରିଛନ୍ତି । ପୂର୍ଣ୍ଣଚନ୍ଦ୍ର ଭାଷା କୋଷରେ ଗୋପାଳଚନ୍ଦ୍ର ପ୍ରହରାଜ ଅନୁରୂପ ମତ ପ୍ରଦାନ କରିଛନ୍ତି । 'ବିଶ୍ୱ ପରିଚୟ' ଗ୍ରନ୍ଥର ସଙ୍କଳକ ରାମକୃଷ୍ଣ ନନ୍ଦ ନୟାଗଡ଼ ରାଜ୍ୟ ସ୍ଥାପନର ସମୟ ୧୪ଶ ଶତାବ୍ଦୀ ବୋଲି ଗ୍ରହଣ କରିଛନ୍ତି । ଏହିପରି ପ୍ରାକ୍ ସ୍ୱାଧୀନତା କାଳରେ ନୟାଗଡ଼ ଏକ ଦେଶୀୟ ରାଜ୍ୟ (Princely State) ରୂପେ ପରିଚିତ ଥିଲା । ଏହାକୁ ମଧ୍ୟ କରଦ ରାଜ୍ୟ (Feudatory State) କୁହାଯାଉଥିଲା । ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା ଓ ରଣପୁର- ଏହି ଚାରିଗୋଟି ଗଡ଼ଜାତ ଓଡ଼ିଶା ଗଡ଼ଜାତର ଅନ୍ତର୍ଭୁକ୍ତ ଥିଲା । ଏହି ଚାରିଗୋଟି ଗଡ଼ଜାତ ପରସ୍ପର ସୀମାକୁ ଲାଗି ରହିଥିଲେ । ଉକ୍ତ ରାଜ୍ୟମାନଙ୍କର ସାଧାରଣ ସୀମାରେଖା ରହିଥିଲା । ନୟାଗଡ଼ ଓ ଦଶପଲ୍ଲା ରାଜ୍ୟର ସୀମା ତାଳଗଛ ଦ୍ୱାରା ଚିହ୍ନିତ ହୋଇଥିଲା । କଥାରେ ଅଛି ''ତାଳ ଗଛ ତିନି ପୁରୁଷ'' । ତେଣୁ ତାଳ ବୃକ୍ଷର ଜୀବନ ଦୀର୍ଘତା ଦୃଷ୍ଟିରୁ ଏହାକୁ ସୀମା ରୂପେ ବ୍ୟବହୃତ ହୋଇଥିଲା । ନୟାଗଡ଼ ଓ ଖଣ୍ଡପଡ଼ା ଏବଂ ନୟାଗଡ଼ ଓ ରଣପୁର ରାଜ୍ୟର ସୀମା କୋଇଲା ଦ୍ୱାରା ଚିହ୍ନିତ ହୋଇଥିଲା । ପରବର୍ତ୍ତୀ କାଳରେ ଏହି ରାଜ୍ୟମାନଙ୍କର ସୀମା ପକ୍କା-ପିଲ୍ଲାର (Pillar) ଦ୍ୱାରା ନିର୍ଦ୍ଧାରିତ ହୋଇଥିଲା । ଓଡିଶା ଇଂରେଜ ଶାସନାଧୀନ ହେବା ପୂର୍ବରୁ ଏହି ଚାରିଗୋଟି ଗଡ଼ଜାତ ପୁରୀ ମହାରାଜାଙ୍କ ଅଧୀନରେ ରହିଥିଲେ ।

ନୟାଗଡ଼ ଗଡ଼ଜାତ ରାଜ୍ୟ:

ଓଡ଼ିଶା ଗଡ଼ଜାତ ଅନ୍ତର୍ଗତ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ନୟାଗଡ଼ ଅନ୍ୟତମ । ଏହି ରାଜ୍ୟର ଆୟତନ ୫୮୮ ବର୍ଗମାଇଲ ଥିଲା । ଏହି ରାଜ୍ୟଟି ୧୯°.୫୩' ଓ ୨୦°.୨୦' ଉତ୍ତର ଅକ୍ଷାଂଶ ଏବଂ ୮୪°.୪୮' ଓ ୮୫°.୧୫' ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ଏହି ରାଜ୍ୟର ପୂର୍ବରେ ରଣପୁର ଓ ବାଙ୍କୀ ରାଜ୍ୟ, ପଶ୍ଚିମରେ ଦଶପଲ୍ଲା, ଉତ୍ତରରେ ଖଣ୍ଡପଡ଼ା ରାଜ୍ୟ ଏବଂ ଦକ୍ଷିଣରେ

Digitized by PPRACHIN, SOA

ଘୁମୁସର ଏବଂ ଗଞ୍ଜାମ ଅବସ୍ଥିତ । ଏହି ରାଜ୍ୟର ଲୋକ କଥିତ ନାମ ହେଉଛି ନୂଆଗଡ଼ । ମଧ୍ୟପ୍ରଦେଶ ଅନ୍ତର୍ଗତ ରେୱା ଜିଲ୍ଲାର ବଘେଲ ବଂଶୀୟ ରାଜପୁତ ସୂର୍ଯ୍ୟମଣି ସିଂହ ଏହି ରାଜ୍ୟର ପ୍ରତିଷ୍ଠାତା । ନୂଆଗଡ଼ ରାଜ୍ୟକୁ ବାଘୁଆ ନୂଆଗଡ଼ କୁହାଯାଏ । ବାଘୁଆ ନୂଆଗଡ଼ ସମ୍ପର୍କରେ ଏବେ ମଧ୍ୟ ଗୋଟିଏ ପହଳି ଲୋକମୁଖରେ ପ୍ରଚଳିତ-

"ବାଘୁଆ ନୂଆଗଡ଼କୁ ଖଣ୍ଡିଆ ଖଣ୍ଡପଡ଼ା
ଦୁଇରାଜ୍ୟ ଏକ କିନ୍ତୁ ନୁହେଁ ଦୁହିଁଙ୍କୁ ବଡ଼ା ।"

ଖଣ୍ଡପଡ଼ା ରାଜ୍ୟ:

ଖଣ୍ଡପଡ଼ା ରାଜ୍ୟ ଓଡିଶାର ପୂର୍ବତନ ଗଡଜାତ ମାନଙ୍କ ମଧ୍ୟରେ ଅନ୍ୟତମ । ସଂସ୍କୃତରେ ଏହି ରାଜ୍ୟକୁ ଖଣ୍ଡପତ୍ତନ କୁହାଯାଏ । ପ୍ରଖ୍ୟାତ ଜ୍ୟୋତିର୍ବିଦ୍

ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କର ଜନ୍ମସ୍ଥାନ ଭାବରେ ଏହା ବିଖ୍ୟାତ । ଖଣ୍ଡପଡ଼ା ରାଜ୍ୟର ଉତ୍ତର-ସୀମାକୁ ନରସିଂହପୁର ଓ ବଡ଼ମ୍ବା ରାଜ୍ୟ ଅବସ୍ଥିତ ଥିଲା । ଏହି ରାଜ୍ୟର ଦକ୍ଷିଣରେ ନୟାଗଡ଼ ରାଜ୍ୟ ଅବସ୍ଥିତ । ଏହାର ପୂର୍ବରେ ବାଙ୍କୀ ଏବଂ ଖୋର୍ଦ୍ଧା ଅବସ୍ଥିତ । ଖଣ୍ଡପଡ଼ାର ପଶ୍ଚିମରେ ଦଶପଲ୍ଲା ରାଜ୍ୟ ଅବସ୍ଥିତ । ଏହି ରାଜ୍ୟର ଆୟତନ ୨୪୪ ବର୍ଗମାଇଲ ।

ଯଦୁନାଥ ମଙ୍ଗରାଜ ୧୫୯୯ ଖ୍ରୀଷ୍ଟାବ୍ଦରେ ଏହି ରାଜ୍ୟ ସ୍ଥାପନ କରିଥିଲେ । ନୟାଗଡ଼ର ଦ୍ୱାଦଶତମ ରାଜା ରଘୁନାଥ ସିଂହଙ୍କର ତିନିପୁତ୍ର ଥିଲେ । ଜ୍ୟେଷ୍ଠପୁତ୍ର ହରିହର ସିଂହ ନୟାଗଡ଼ ରାଜସିଂହାସନରେ ଅଧିଷ୍ଠିତ ହେଲେ, ମଧ୍ୟମପୁତ୍ର ଯଦୁନାଥ ସିଂହ ନୟାଗଡ଼ ରାଜ୍ୟରୁ ଖଣ୍ଡେ ଅଂଶ ନେଇ ଖଣ୍ଡପଡ଼ା ରାଜ୍ୟ ସ୍ଥାପନ କଲେ । କନିଷ୍ଠ ପୁତ୍ର କୃଷ୍ଣ ବଳିଆରସିଂହଙ୍କୁ କୃଷ୍ଣପ୍ରସାଦ ଗ୍ରାମରେ ଅଧିଷ୍ଠିତ କରାଗଲା ।

Digitized by PPRACHIN, SOA

ଯଦୁନାଥ ସିଂହ ଓଡ଼ିଶାର ମହାରାଜାଙ୍କଠାରୁ 'ମଙ୍ଗରାଜ' ଉପାଧି ଲାଭ କରିଥିଲେ । ମଙ୍ଗରାଜଙ୍କ ପରବର୍ତ୍ତୀ ବଂଶଧରମାନେ ଏହି ରାଜ୍ୟର ସୀମା ବୃଦ୍ଧି କରିଥିଲେ । ଏହାଫଳରେ ଖଣ୍ଡପଡ଼ା ପୂର୍ବରେ ବାଙ୍କୀ ପର୍ଯ୍ୟନ୍ତ, ପଶ୍ଚିମରେ ଦଶପଲ୍ଲା ରାଜ୍ୟର ବଳରାମ ପ୍ରସାଦ ପର୍ଯ୍ୟନ୍ତ, ଉତ୍ତରରେ କଣ୍ଟିଲୋ ଏବଂ ଦକ୍ଷିଣରେ ନୟାଗଡ଼ ରାଜ୍ୟର ଯୋଗିଆପଲ୍ଲୀ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା ।

ଖଣ୍ଡପଡ଼ା ରାଜ୍ୟରେ ଚଉଦଜଣ ରାଜା ରାଜତ୍ୱ କରିଥିଲେ । ଏହି ରାଜନ୍ୟବର୍ଗଙ୍କର ନାମ ନିମ୍ନରେ ଉଲ୍ଲେଖ କରାଗଲା:

୧. ଯଦୁନାଥ ସିଂହ ମଙ୍ଗରାଜ (୧୫୯୯-୧୬୭୩)
୨. ନାରାୟଣ ସିଂହ ମଙ୍ଗରାଜ (୧୬୭୩-୧୭୦୭)
୩. ବାଲୁଙ୍କେଶ୍ୱର ସିଂହ ମଙ୍ଗରାଜ (୧୭୦୭-୧୭୨୧)
୪. ବନମାଳୀ ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ (୧୭୨୧-୧୭୩୨)
୫. ବୈରାଗୀ ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ (୧୭୩୨-୧୭୬୮)
୬. ନୀଳାଦ୍ରି ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ (୧୭୬୮-୧୭୯୨)
୭. ନୃସିଂହ ମର୍ଦ୍ଦରାଜ ଭ୍ରମରବର ରାୟ (୧୭୯୨-୧୮୧୩)
୮. ପୁରୁଷୋତ୍ତମ ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ (୧୮୧୩-୧୮୧୯)
୯. କୃଷ୍ଣଚନ୍ଦ୍ର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ (୧୮୧୯-୧୮୪୦)
୧୦. କୁଞ୍ଜ ବିହାରୀ ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ (୧୮୫୪-୧୮୬୬)
୧୧. ନଟବର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ (୧୮୬୬-୧୯୦୫)
୧୨. ରାମଚନ୍ଦ୍ର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ (୧୯୦୫-୧୯୨୨)
୧୩. ହରିହର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ (୧୯୩୫-୧୯୪୭)
୧୪. ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ (୩.୯.୧୯୭୭-)

ଖଣ୍ଡପଡ଼ା ରାଜବଂଶ ବଘେଲ ବଂଶୀୟ ରାଜପୁତ । ବ୍ୟାଘ୍ରମସ୍ତକ ଏହି ରାଜ୍ୟର ସଙ୍କେତ ।

ଦଶପଲ୍ଲା ରାଜ୍ୟ:

ଓଡ଼ିଶାର ଦେଶୀୟ ରାଜ୍ୟମାନଙ୍କ ମଧ୍ୟରେ ଦଶପଲ୍ଲା ଅନ୍ୟତମ । ଏହା ୨୦°.୧୧' ଓ ୨୦°.୩୫' ଉତ୍ତର ଅକ୍ଷାଂଶ ଏବଂ ୮୪°.୨୯' ଓ ୮୫°.୭' ପୂର୍ବଦ୍ରାଘିମା ମଧ୍ୟରେ ଅବସ୍ଥିତ । ଦଶପଲ୍ଲା ରାଜ୍ୟର କ୍ଷେତ୍ରଫଳ ୫୬୮ ବର୍ଗମାଇଲ । ଏହି ରାଜ୍ୟର ଉତ୍ତରରେ ଅନୁଗୋଳ ଓ ନରସିଂହପୁର, ଦକ୍ଷିଣରେ ଘୁମୁସର ଅବସ୍ଥିତ । ଏହାର ପୂର୍ବରେ ଖଣ୍ଡପଡ଼ା ଓ ନୟାଗଡ଼ ରାଜ୍ୟ ଏବଂ ପଶ୍ଚିମରେ ବୌଦ୍ଧ ଅବସ୍ଥିତ । ଏହା ସମୁଦ୍ରପତ୍ତନଠାରୁ ପ୍ରାୟ ସାତଶହ ଫୁଟ ଉଚ୍ଚତାରେ ବର୍ତ୍ତମାନ ।

Digitized by PPRACHIN, SOA

ଦଶପଲ୍ଲା ରାଜ୍ୟଟି ସ୍ଥାପିତ ହେବାପୂର୍ବରୁ ଏହା ବୌଦ୍ଧରାଜ୍ୟ ଅନ୍ତର୍ଗତ ଥିଲା । ୧୪୯୫ ଖ୍ରୀଷ୍ଟାବ୍ଦରେ ବୌଦ୍ଧରାଜା ବୀର ଭଞ୍ଜଙ୍କ ଭ୍ରାତା ଶାଳଭଞ୍ଜ ଭାତୃବିବାଦ ଘଟାଇ ପୁରୀ ଜଗନ୍ନାଥ ଦର୍ଶନକୁ ଯାଇଥିଲେ । ତାଙ୍କର ଫେରିବା କାଳରେ ନୟାଗଡ଼ର ତତ୍କାଳୀନ ରାଜା ତାଙ୍କୁ ସମବେଦନା ପ୍ରକାଶକରି ବଡ଼ମୂଳଠାରେ ଆଶ୍ରୟ ଦେଲେ । ନୟାଗଡ଼ ରାଜା ଶାଳଭଞ୍ଜଙ୍କୁ ତାଙ୍କ ରାଜ୍ୟର କୋରଡା ଅଞ୍ଚଳ ପ୍ରଦାନ କରିଥିଲେ । ଖଣ୍ଡପଡ଼ା ରାଜା ମଧ୍ଯ ତାଙ୍କୁ ସାହାଯ୍ୟ ପ୍ରଦର୍ଶନ କରିଥିଲେ । ଶାଳଭଞ୍ଜ ତିନିବର୍ଷ ମଧ୍ୟରେ ଦଶଜଣ କନ୍ଧମୁଖ୍ୟଙ୍କୁ ପରାସ୍ତ କରିଥିଲେ ଓ ସେଠାରେ ନିଜକୁ ପ୍ରତିଷ୍ଠିତ କଲେ । ଦଶଗୋଟି କନ୍ଧପଲ୍ଲୀକୁ ନେଇ ସେ ନୂତନ ରାଜ୍ୟ ପ୍ରତିଷ୍ଠା କରି ଯଶ ଅର୍ଜିଥିବାରୁ ଏହି ରାଜ୍ୟ ପ୍ରଥମେ 'ଯଶପଲ୍ଲା' ନାମରେ ନାମିତ ହେଲା । କ୍ରମେ ଏହା 'ଦଶପଲ୍ଲା' ନାମରେ ଅଭିହିତ ହେଲା । ଦଶପଲ୍ଲା ରାଜ୍ୟର ସୀମା ପରବର୍ତ୍ତୀ କାଳରେ ବଢିବାରୁ ନୟାଗଡ଼ ରାଜା ତାଙ୍କର ଦେଇଥିବା କୋରଡ଼ା ଅଞ୍ଚଳକୁ ଫେରାଇ ଆଣିଥିଲେ ।

L.E.B. Cobden Ramsay ଲେଖିଛନ୍ତି– "Daspalla is said to be a corruption of Jaspalla, meaning a village or number of



ଦଶପଲ୍ଲା ରାଜବାଟୀ ।

villages acquired by conquest. The state was established about 516 years ago by Sal Bhanja, one of the brothers of the then Raja of Baud. The boundaries of the state at the time of its foundation cannot be ascertained. It is said that Sal Bhanja had some family quarrel in consequence of which he went to Puri to visit Jagannath. On his return the then Chief of

Digitized by PPRACHIN, SOA

Nayagarh took pity on him and gave him shelter at Baramul. The Raja of Khandapara joined the Chief of Nayagarh in helping Sal Bhanja. The latter gave him a part of his state named Korada, five kos (ten miles) in area, and the former gave him an equal area and made him the Raja thereof."

ଦଶପଲ୍ଲା ରାଜ୍ୟରେ ୧୯ ଜଣ ରାଜା ରାଜତ୍ୱ କରିଛନ୍ତି । ଦଶପଲ୍ଲା ରାଜବଂଶ ଭଞ୍ଜବଂଶୀୟ କ୍ଷତ୍ରିୟ । ଦଶପଲ୍ଲାର ରାଜନ୍ୟବର୍ଗଙ୍କର ପ୍ରସିଦ୍ଧି ରହିଛି । ଦଶପଲ୍ଲା ରାଜଗାଦିରେ ବସିଥିବା ସତରଜଣ ରାଜାଙ୍କର ନାମ ଓ କାଳ ପ୍ରଦାନ କରାଗଲା-

୧. ଶାଳ ଭଞ୍ଜ (୧୪୯୫-୧୪୯୮) - ୩ ବର୍ଷ
୨. ନାରଣ ଭଞ୍ଜ (୧୪୯୮-୧୫୩୦) - ୩୨ ବର୍ଷ
୩. ପ୍ରତାପ ଭଞ୍ଜ (୧୫୩୦-୧୫୫୨) - ୨୨ ବର୍ଷ
୪. ଗୋକୁଳ ଭଞ୍ଜ (୧୫୫୨-୧୫୬୪)- ୧୨ ବର୍ଷ
୫. ପରମାନନ୍ଦ ଭଞ୍ଜ (୧୫୬୪-୧୫୯୮) - ୩୪ ବର୍ଷ
୬. କୃଷ୍ଣ ଭଞ୍ଜ (୧୫୯୮-୧୬୫୩) - ୫୫ ବର୍ଷ
୭. ଚକ୍ରଧର ଭଞ୍ଜ (୧୬୫୩-୧୭୦୧)- ୪୮ ବର୍ଷ
୮. ପଦ୍ମନାଭ ଭଞ୍ଜ (୧୭୦୧-୧୭୫୩)- ୫୨ ବର୍ଷ
୯. ତ୍ରିଲୋଚନ ଭଞ୍ଜ (୧୭୫୩-୧୭୭୫) - ୨୨ ବର୍ଷ
୧୦. ମୁକୁନ୍ଦ ଭଞ୍ଜ (୧୭୭୫-୧୭୯୫) - ୨୦ ବର୍ଷ
୧୧. ଗୌରଚନ୍ଦ୍ର ଭଞ୍ଜ (୧୭୯୫-୧୮୦୫) - ୧୦ ବର୍ଷ
୧୨. କୃଷ୍ଣଚନ୍ଦ୍ର ଦେଓ ଭଞ୍ଜ (୧୮୦୫-୧୮୪୫) - ୪୦ ବର୍ଷ
୧୩. ମଧୁସୂଦନ ଦେଓ ଭଞ୍ଜ (୧୮୪୫-୧୮୬୧) - ୧୬ ବର୍ଷ
୧୪. ନରସିଂହ ଦେଓ ଭଞ୍ଜ (୧୮୬୧-୧୮୭୩) - ୧୨ ବର୍ଷ
୧୫. ଚୈତନ୍ୟ ଦେଓ ଭଞ୍ଜ (୧୮୭୩-୧୮୯୭) - ୨୪ ବର୍ଷ
୧୬. ନାରାୟଣ ଦେଓ ଭଞ୍ଜ (୧୮୯୭-୧୯୧୩) - ୧୬ ବର୍ଷ
୧୭. କିଶୋରଚନ୍ଦ୍ର ଦେଓଭଞ୍ଜ (୧୯୩୦-୧୯୫୯) - ୨୦ ବର୍ଷ
୧୮. ପୂର୍ଣ୍ଣଚନ୍ଦ୍ର ଦେଓଭଞ୍ଜ (୧୯୫୯-୨୦୧୩)
୧୯. ଦିଗ୍‌ବିଜୟୀ ଚନ୍ଦ୍ର ଦେଓଭଞ୍ଜ (୨୦୧୩ରୁ ଅବଧି)

ଦଶପଲ୍ଲା ରାଜ୍ୟର ସଂକେତ :

ଦଶପଲ୍ଲା ରାଜବଂଶ ଭଞ୍ଜବଂଶୀୟ କ୍ଷତ୍ରିୟ । ମୟୂର ହେଉଛି ଦଶପଲ୍ଲା ରାଜ୍ୟର ସଙ୍କେତ ।

Digitized by PPRACHIN, SOA

ରଣପୁର:

ଓଡିଶାର ଗଡଜାତ ମାନଙ୍କ ମଧ୍ୟରେ ରଣପୁର ପ୍ରାଚୀନତମ । L. E. B. Cobden Ramsay ତାଙ୍କର "The Feudatory States of Orissa" ପୁସ୍ତକରେ ଲେଖିଛନ୍ତି- "The Ranpur State claims to be the most ancient of all the States formly known as the Orissa Tributary Mahals." ଏହି ରାଜ୍ୟ ୧୯°.୫୦' ରୁ ୨୦°.୧୮' ଉତ୍ତର ଅକ୍ଷାଂଶ ମଧ୍ୟରେ ଏବଂ ୮୫°.୧୦' ରୁ ୮୫°.୩୦' ପୂର୍ବଦ୍ରାଘିମା ମଧ୍ୟରେ ଅବସ୍ଥିତ । ରଣପୁର ରାଜ୍ୟର ଉତ୍ତର, ଦକ୍ଷିଣ ଓ ପୂର୍ବରେ ଖୋର୍ଦ୍ଧା ଖାସମାହାଲ ଅବସ୍ଥିତ ଏବଂ ପଶ୍ଚିମରେ ନୟାଗଡ଼ ରାଜ୍ୟ ଅବସ୍ଥିତ । ରଣପୁର ରାଜ୍ୟର ଆକୃତି ଦେଖିବାକୁ ତ୍ରିଭୁଜ ସଦୃଶ । ଏହି ରାଜ୍ୟର ଆୟତନ ୨୦୩ ବର୍ଗମାଇଲ । ପ୍ରାଚୀନକାଳରେ ରଣାସୁର ନାମକ ରାକ୍ଷସ ଏଠାରେ ବାସ କରୁଥିଲା । ତାହାର ନାମାନୁସାରେ ରାଜ୍ୟର ନାମ ରଣପୁର ହୋଇଅଛି ।

ରଣପୁର ରାଜବଂଶର ଇତିହାସ ପ୍ରମାଣ କରେ ଯେ ବେଣୁରାଜାଙ୍କ ଦୁଇଭାଇ ବିଶ୍ୱାବସୁ ଓ ବିଶ୍ୱବାସବ ନୀଳଗିରି ପର୍ବତ ଅଞ୍ଚଳରେ ବାସ କରୁଥିଲେ । କିନ୍ତୁ ସେଠାରୁ ସେମାନେ ବିତାଡ଼ିତ ହେଲେ । ବିଶ୍ୱବାସବ କେତେକ ଅନୁଚର ସହ ସେହି ସ୍ଥାନ ପରିତ୍ୟାଗ କଲେ ଏବଂ ମଣିନାଗ ପର୍ବତର ଉପତ୍ୟକାରେ ଆଶ୍ରୟ ନେଲେ । ବିଶ୍ୱବାସବ ସେଠାରେ ଜଙ୍ଗଲ ସଫାକରି କୃଷି ଜମି ବାହାର କଲେ । ପରେ ସେ ନିକଟବର୍ତ୍ତୀ ଗ୍ରାମଗୁଡିକରେ ବାସ କରୁଥିବା ଭୂୟାଁମାନଙ୍କୁ ନିଜର ଅଧୀନକୁ ଆଣିଲେ । ଏକଦା ବିଶ୍ୱବାସବ ଅରଣ୍ୟ ମଧ୍ୟରେ ଯାଉଥିବା ସମୟରେ ଗୋଟିଏ ଦେବୀଙ୍କର ମୂର୍ତ୍ତି ଦେଖିଲେ । ତାଙ୍କୁ ସେ ମଣିନାଗ ପର୍ବତକୁ ଆଣି ପୂଜାକଲେ । ଦେବୀ ତାଙ୍କ ଉପରେ ସନ୍ତୁଷ୍ଟ ହେଲେ ଏବଂ ସ୍ୱପ୍ନରେ କହିଲେ- ''ବତ୍ସ ! ଏହି ରାଜ୍ୟ ରଣାସୁରର ଥିଲା । କିନ୍ତୁ ତୁମେ ବର୍ତ୍ତମାନ ଏଠାରେ ବସବାସ କର ଏବଂ ପର୍ବତର ପୂର୍ବପାର୍ଶ୍ୱରେ ଏକ ଗ୍ରାମ ସ୍ଥାପନ କର । ତୁମେ ଯୁଗଯୁଗ ଧରି ଏଠାରେ ରାଜତ୍ୱ କର ।'' ବିଶ୍ୱବାସବ ସେଠାରେ ଅବସ୍ଥାନ କଲେ ଏବଂ ଗୋଟିଏ ଗ୍ରାମ ସ୍ଥାପନ କରି ଏହାର ନାମ 'ରଣପୁର' ରଖିଲେ । କଳିଯୁଗ ଆରମ୍ଭ ହେବାର ୧୩୭୪ ବର୍ଷପରେ ଏହି ରାଜ୍ୟ ସ୍ଥାପିତ ହେଲା । **କଳିଯୁଗ ଖ୍ରୀ.ପୂ. ୩୧୦୨ ଫେବୃୟାରୀ ମାସ ୧୮ ତାରିଖରେ ଆରମ୍ଭ ହୁଏ** । ଏହାର ୧୩୭୪ ବର୍ଷପରେ ଅର୍ଥାତ୍ ଖ୍ରୀ.ପୂ. ୧୭୨୭ ରଣପୁର ରାଜ୍ୟ ପ୍ରତିଷ୍ଠା ହେଲା ।

L.E.B. Cobden Ramsya ଲେଖିଛନ୍ତି- "According to the family history, of this state, Biswabasu and Biswabasab,

Digitized by PPRACHIN, SOA

two brothers of the Benu Raja family, lived in the forest of the Nilgiri hills, but were driven out. The younger brother Biswabasab fled with a few attendants and took refuge in the valley of the Maninag hill, amidst vast forest tracts, sparsely inhabited. Biswabasab here established himself reclaiming the forests and gradually subdued the Bhuiyas of the neighbouring villages. It is related that one day when Biswabasab was walking in the forest he found an image of a goddess which he brought to Maninag hill and worshipped. The goddess being pleased with the worship appeared to him in a dream and said," "My son, this land belonged to once to Ranasur, but you may now live here and construct a village on the eastern side of the hill. Your supremacy may continue permanently." Biswabasab, accordingly established a state and built a village and called it Ranpur. It is mentioned in Kapil Sambita that 1374 years of the Kali Yuga had passed when this state was established."

ବିଶ୍ୱବାସବ ରଣପୁର ରାଜବଂଶର ପ୍ରତିଷ୍ଠାତା । ତାଙ୍କପରେ ୧୧୦ଜଣ ରାଜା ରଣପୁର ରାଜଗାଦିରେ ରାଜପଣ କରିଯାଇଛନ୍ତି । ସେମାନଙ୍କର ନାମ ଓ ରାଜତ୍ୱ ସମୟ ପ୍ରଦାନ କରାଗଲା ।

କ୍ରମିକ ସଂଖ୍ୟା	ରାଜାଙ୍କ ନାମ	ରାଜତ୍ୱ ସମୟ
୧.	ବିଶ୍ୱବାସବ	୩୫ ବର୍ଷ
୨.	ବିକ୍ରମ ସିଂହ	୨୧ ବର୍ଷ
୩.	ଅନନ୍ତ ସିଂହ	୩୫ ବର୍ଷ
୪.	ଗୋପାଳ ସିଂହ	୨୦ ବର୍ଷ
୫.	ଗୋବିନ୍ଦ ସିଂହ	୩୦ ବର୍ଷ
୬.	ବାସୁଦେବ ସିଂହ	୫୫ ବର୍ଷ
୭.	ନରହରି ସିଂହ	୧୭ ବର୍ଷ
୮.	ଗୌରାଙ୍ଗ ସିଂହ	୪୫ ବର୍ଷ

Digitized by PPRACHIN, SOA

୯.	ଗୋପବନ୍ଧୁ ସିଂହ	୩୬ ବର୍ଷ
୧୦.	ଗୋରହରି ସିଂହ	୩୬ ବର୍ଷ
୧୧.	ବିଷ୍ଣୁ ସିଂହ	୨୨ ବର୍ଷ
୧୨.	ରାମଚନ୍ଦ୍ର ସିଂହ	୫୦ ବର୍ଷ
୧୩.	କୃଷ୍ଣଚନ୍ଦ୍ର ସିଂହ	୪୭ ବର୍ଷ
୧୪.	ଦାମୋଦର ସିଂହ	୪୦ ବର୍ଷ
୧୫.	ଚନ୍ଦ୍ରଶେଖର ସିଂହ	୩୭ ବର୍ଷ
୧୬.	ସୁରପତି ସିଂହ	୪୧ ବର୍ଷ
୧୭.	ଧରଣୀଧର ସିଂହ	୩୫ ବର୍ଷ
୧୮.	ସାରଙ୍ଗଧର ସିଂହ	୧୫ ବର୍ଷ
୧୯.	ଶ୍ରୀଧର ସିଂହ	୩୨ ବର୍ଷ
୨୦.	ଦାମୋଦର ସିଂହ	୫୦ ବର୍ଷ
୨୧.	ଜନାର୍ଦ୍ଦନ ସିଂହ	୧୩ ବର୍ଷ
୨୨.	ଗଦାଧର ସିଂହ	୩୪ ବର୍ଷ
୨୩.	ଗୌତମ ସିଂହ	୫୬ ବର୍ଷ
୨୪.	ଲକ୍ଷ୍ମଣ ସିଂହ	୧୧ ବର୍ଷ
୨୫.	ଗୋବିନ୍ଦ ସିଂହ	୩୬ ବର୍ଷ
୨୬.	ପର୍ଶୁରାମ ସିଂହ	୪୧ ବର୍ଷ
୨୭.	ଈଶ୍ୱର ସିଂହ	୨୫ ବର୍ଷ
୨୮.	ଭରତ ସିଂହ	୨୧ ବର୍ଷ
୨୯.	ଗୋପୀନାଥ ସିଂହ	୪୦ ବର୍ଷ
୩୦.	ଚନ୍ଦ୍ରଶେଖର ସିଂହ	୩୨ ବର୍ଷ
୩୧.	ଗଙ୍ଗାଧର ସିଂହ	୨୭ ବର୍ଷ
୩୨.	ଆଦିକନ୍ଦ ସିଂହ	୧୮ ବର୍ଷ
୩୩.	କାମପାଳ ସିଂହ	୨୮ ବର୍ଷ
୩୪.	ବାସବ ସିଂହ	୪୪ ବର୍ଷ
୩୫.	ନଟବର ସିଂହ	୨୨ ବର୍ଷ
୩୬.	ସନକ ସିଂହ	୧୬ ବର୍ଷ
୩୭.	ଆଦିକନ୍ଦ ସିଂହ	୩୨ ବର୍ଷ
୩୮.	ଧନୁର୍ଜ୍ଜୟ ସିଂହ	୩୦ ବର୍ଷ

Digitized by PPRACHIN, SOA

୩୯.	ନରହରି ସିଂହ	୨୧ ବର୍ଷ
୪୦.	ଶିବ ସିଂହ	୪୦ ବର୍ଷ
୪୧.	ଅନାଥ ସିଂହ	୨୧ ବର୍ଷ
୪୨.	ବନମାଳୀ ସିଂହ	୩୩ ବର୍ଷ
୪୩.	କପିଳ ସିଂହ	୨୫ ବର୍ଷ
୪୪.	ନରୋତ୍ତମ ସିଂହ	୩୦ ବର୍ଷ
୪୫.	ମୋହନ ସିଂହ	୩୫ ବର୍ଷ
୪୬.	ସୁଦର୍ଶନ ସିଂହ	୩୦ ବର୍ଷ
୪୭.	କ୍ଷେତ୍ରିବର ସଂହ	୨୫ ବର୍ଷ
୪୮.	ଚତୁର୍ଭୁଜ ସିଂହ	୩୩ ବର୍ଷ
୪୯.	ଘନଶ୍ୟାମ ସିଂହ	୩୭ ବର୍ଷ
୫୦.	ଅଚ୍ୟୁତ ସିଂହ	୫୨ ବର୍ଷ
୫୧.	ମୁରାରି ସିଂହ	୪୦ ବର୍ଷ
୫୨.	ମକରଧ୍ୱଜ ସିଂହ	୪୨ ବର୍ଷ
୫୩.	ଅନନ୍ତ ସିଂହ	୫୪ ବର୍ଷ
୫୪.	ହରିହର ସିଂହ	୫୫ ବର୍ଷ
୫୫.	ଅର୍ଜ୍ଜୁନ ସିଂହ	୨୦ ବର୍ଷ
୫୬.	ଗୋପାଳ ସିଂହ	୧୨ ବର୍ଷ
୫୭.	ଧନେଶ୍ୱର ସିଂହ	୨୫ ବର୍ଷ
୫୮.	ନୀଳାଦ୍ରି ସିଂହ	୨୬ ବର୍ଷ
୫୯.	ପତିତପାବନ ସିଂହ	୩୭ ବର୍ଷ
୬୦.	ଅନଙ୍ଗ ସିଂହ	୧୯ ବର୍ଷ
୬୧.	ଲକ୍ଷ୍ମଣ ସିଂହ	୪୭ ବର୍ଷ
୬୨.	ଭଗବାନ ସିଂହ	୩୦ ବର୍ଷ
୬୩.	ମାଧବ ସିଂହ	୨୫ ବର୍ଷ
୬୪.	ମୀନକେତନ ସିଂହ	୩୬ ବର୍ଷ
୬୫.	ଲୋକନାଥ ସିଂହ	୩୧ ବର୍ଷ
୬୬.	ମୁରାରି ସିଂହ	୩୫ ବର୍ଷ
୬୭.	କରୁଣାକର ସିଂହ	୩୩ ବର୍ଷ
୬୮.	ଚକ୍ରପାଣି ସିଂହ	୪୦ ବର୍ଷ

Digitized by PPRACHIN, SOA

୭୫.	ମୁକୁନ୍ଦ ସିଂହ	୩୫ ବର୍ଷ
୬୯.	ଶତ୍ରୁଘ୍ନ ସିଂହ	୨୦ ବର୍ଷ
୭୦.	ପୁରୁଷୋତ୍ତମ ସିଂହ	୩୮ ବର୍ଷ
୭୧.	କପିଳ ସିଂହ	୩୭ ବର୍ଷ
୭୨.	ସୁରମଣି ସିଂହ	୫୦ ବର୍ଷ
୭୩.	ଦୈତାରି ସିଂହ	୩୨ ବର୍ଷ
୭୪.	ସଦାଶିବ ସିଂହ	୩୦ ବର୍ଷ
୭୫.	ମୁକୁନ୍ଦ ସିଂହ	୩୫ ବର୍ଷ
୭୬.	କୃତ୍ତିବାସ ସିଂହ	୨୫ ବର୍ଷ
୭୭.	ପରମାନନ୍ଦ ସିଂହ	୩୪ ବର୍ଷ
୭୮.	ନୀଳକଣ୍ଠ ସିଂହ	୪୦ ବର୍ଷ
୭୯.	କମଳ ସିଂହ	୩୭ ବର୍ଷ
୮୦.	ପଦ୍ମନାଭ ସିଂହ	୪୫ ବର୍ଷ
୮୧.	ଅଚ୍ୟୁତ ସିଂହ	୩୨ ବର୍ଷ
୮୨.	ଗଦାଧର ସିଂହ	୪୯ ବର୍ଷ
୮୩.	ବୈରାଗୀ ସିଂହ	୩୦ ବର୍ଷ
୮୪.	ବାଙ୍କନିଧି ସିଂହ	୨୭ ବର୍ଷ
୮୫.	ପୀତାମ୍ବର ସିଂହ	୫୫ ବର୍ଷ
୮୬.	ବୈକୁଣ୍ଠନାଥ ସିଂହ	୩୮ ବର୍ଷ
୮୭.	ଜଗନ୍ନାଥ ସିଂହ	୫୨ ବର୍ଷ
୮୮.	ସ୍କନ୍ଦ ସିଂହ	୫୧ ବର୍ଷ
୮୯.	ମର୍ଦ୍ଦଳ ସିଂହ	୫୦ ବର୍ଷ
୯୦.	କପର୍ଦ୍ଦି ସିଂହ	୫୨ ବର୍ଷ
୯୧.	ଅର୍ଜ୍ଜୁନ ସିଂହ	୩୦ ବର୍ଷ
୯୨.	ଅଭିମନ୍ୟୁ ସିଂହ	୨୨ ବର୍ଷ
୯୩.	ଉଦ୍ଧବ ସିଂହ ନରେନ୍ଦ୍ର	୨୩ ବର୍ଷ
୯୪.	ଚନ୍ଦ୍ରଶେଖର ସିଂହ ନରେନ୍ଦ୍ର	୧୨ ବର୍ଷ
୯୫.	ମୁକୁନ୍ଦ ସିଂହ ନରେନ୍ଦ୍ର	୯ ବର୍ଷ
୯୬.	ରାମଚନ୍ଦ୍ର ସିଂହ ନରେନ୍ଦ୍ର	୨୦ ବର୍ଷ
୯୭.	ପଦ୍ମନାଭ ସିଂହ ନରେନ୍ଦ୍ର	୨୬ ବର୍ଷ

Digitized by PPRACHIN, SOA

୯୮.	କୁଞ୍ଜବିହାରୀ ସିଂହ ନରେନ୍ଦ୍ର	୩୩ ବର୍ଷ
୯୯.	କୃଷ୍ଣଚନ୍ଦ୍ର ସିଂହ ନରେନ୍ଦ୍ର	୨୧ ବର୍ଷ
୧୦୦.	ଗିରିଧାରୀ ସିଂହ ନରେନ୍ଦ୍ର ମହାପାତ୍ର	୩୩ ବର୍ଷ
୧୦୧.	ବନମାଳୀ ସିଂହ ନରେନ୍ଦ୍ର ମହାପାତ୍ର	୩୫ ବର୍ଷ
୧୦୨.	ନାରାୟଣ ସିଂହ ନରେନ୍ଦ୍ର ମହାପାତ୍ର	୧୬ ବର୍ଷ
୧୦୩.	କୃପାସିନ୍ଧୁ ସିଂହ ନରେନ୍ଦ୍ର ମହାପାତ୍ର	୧ ୧/୨ ବର୍ଷ
୧୦୪.	ରାମଚନ୍ଦ୍ର ସିଂହ ନରେନ୍ଦ୍ର ମହାପାତ୍ର	୩୫ ବର୍ଷ
୧୦୫.	ସାରଙ୍ଗଧର ସିଂହ ବଜ୍ରଧର ନରେନ୍ଦ୍ର ମହାପାତ୍ର	୨୭ ବର୍ଷ
୧୦୬.	ନୃସିଂହ ବଜ୍ରଧର ନରେନ୍ଦ୍ର ମହାପାତ୍ର	୨୭ ବର୍ଷ
୧୦୭.	ବୃନ୍ଦାବନ ସିଂହ ବଜ୍ରଧର ନରେନ୍ଦ୍ର ମହାପାତ୍ର	୨୨ ବର୍ଷ
୧୦୮.	ବ୍ରଜସୁନ୍ଦର ସିଂହ ବଜ୍ରଧର ନରେନ୍ଦ୍ର ମହାପାତ୍ର	୨୧ ବର୍ଷ
୧୦୯.	ବେଣୁଧର ସିଂହ ବଜ୍ରଧର ନରେନ୍ଦ୍ର ମହାପାତ୍ର	୫.୬ ବର୍ଷ
୧୧୦.	କୃଷ୍ଣଚନ୍ଦ୍ର ସିଂହ ବଜ୍ରଧର ନରେନ୍ଦ୍ର ମହାପାତ୍ର	୪୬ ବର୍ଷ
୧୧୧.	ବ୍ରଜେନ୍ଦ୍ର ଚନ୍ଦ୍ର ସିଂହ ବଜ୍ରଧର ନରେନ୍ଦ୍ର ମହାପାତ୍ର	୩ ବର୍ଷ

ରଣପୁର ରାଜବଂଶର ସୁଖ୍ୟାତି ରହିଛି । ପୁରୀ ଗଜପତିଙ୍କ ସହିତ ରାଜାମାନଙ୍କର ସମ୍ପର୍କ ଉଲ୍ଲେଖଯୋଗ୍ୟ । ଏହି ରାଜ୍ୟର ବୟାନବେତମ ରାଜା ଅଭିମନ୍ୟୁ ସିଂହ ପୁରୀର ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚିକାବେରୀ ଯୁଦ୍ଧରେ ଯୋଗଦେଇ ସମ୍ମାନିତ ହୋଇଥିଲେ । ରାଜା ଉଦ୍ଧବ ସିଂହ ନରେନ୍ଦ୍ର ଗଜପତି ପ୍ରତାପରୁଦ୍ର ଦେବଙ୍କଠାରୁ 'ନରେନ୍ଦ୍ର' ଉପାଧି ଲାଭ କରିଥିଲେ । ସେହି ଦିନଠାରୁ ରଣପୁରର ରାଜନ୍ୟବର୍ଗ 'ନରେନ୍ଦ୍ର' ଉପାଧି ଧାରଣ କରିଆସୁଛନ୍ତି । ରଣପୁରର ସତାନବେତମ ରାଜା ପଦ୍ମନାଭ ସିଂହ ନରେନ୍ଦ୍ର (ଖ୍ରୀ. ୧୫୫୮ - ଖ୍ରୀ. ୧୫୮୪) ମୁକୁନ୍ଦଦେବଙ୍କ କନ୍ୟା କୁମାରୀ ଦେବଙ୍କୁ ବିବାହ କରିଥିଲେ । ସେ ପୁରୀର ଉତ୍ତରପାର୍ଶ୍ୱରେ ଥିବା ନଈରେ ଅଠରଟି ନଳା ନିର୍ମାଣ କରାଇଥିଲେ । ଏହି ବଂଶର ଶହେତମ ରାଜା ଗିରିଧାରୀ ସିଂହ ନରେନ୍ଦ୍ର ମହାପାତ୍ର ପୁରୀ ଗଜପତିଙ୍କଠାରୁ 'ମହାପାତ୍ର' ପଦ ଲାଭ କରିଥିଲେ । ରାଜା ସାରଙ୍ଗଧର ନରେନ୍ଦ୍ର ଗଜପତି ବୀରକିଶୋର ଦେବଙ୍କଠାରୁ 'ବଜ୍ରଧର' ଉପାଧି ଲାଭ କରିଥିଲେ । ତେଣୁ ପରବର୍ତ୍ତୀ ରାଜାମାନେ 'ବଜ୍ରଧର ନରେନ୍ଦ୍ର ମହାପାତ୍ର' ଉପାଧି ଧାରଣ କରିଥିଲେ ।

Digitized by PPRACHIN, SOA

ରଣପୁର ରାଜ୍ୟର ସଙ୍କେତ :

ତରବାରୀ ହେଉଛି ରଣପୁର ରାଜବଂଶର ସଙ୍କେତ ।

ରଣପୁର ରାଜବଂଶର କୃତିତ୍ୱ:

ରଣପୁର ରାଜବଂଶର ସୁଖ୍ୟାତି ରହିଛି । ପୁରୀ ଗଜପତିଙ୍କ ସହିତ ଏହି ଗଡ଼ଜାତ ରାଜାମାନଙ୍କର ସମ୍ପର୍କ ଉଲ୍ଲେଖଯୋଗ୍ୟ । ଏହି ବଂଶର ବୟାନବେତମ ରାଜା ଅଭିମନ୍ୟୁ ସିଂହ ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚିକାବେରୀ ଯୁଦ୍ଧରେ



ରଣପୁର ରାଜବାଟୀ ।

ଯୋଗଦେଇ ସମ୍ମାନିତ ହୋଇଥିଲେ । ରାଜା ଉଦ୍ଧବ ସିଂହ ନରେନ୍ଦ୍ର ଗଜପତି ପ୍ରତାପରୁଦ୍ର ଦେବଙ୍କଠାରୁ 'ନରେନ୍ଦ୍ର' ଉପାଧି ଧାରଣ କରି ଆସୁଛନ୍ତି । ରାଜା ପଦ୍ମନାଭ ସିଂହ ନରେନ୍ଦ୍ର ମୁକୁନ୍ଦ ଦେବଙ୍କ କନ୍ୟା କୁମାରୀ ଦେବୀଙ୍କୁ ବିବାହ କରିଥିଲେ । ସେ ପୁରୀରେ ନରେନ୍ଦ୍ର ସରୋବର ଖନନ କରାଇଥିଲେ ଏବଂ ଚନ୍ଦନଯାତ୍ରା ଆରମ୍ଭ କରିଥିଲେ । ସେ ପୁରୀର ଉତ୍ତରପାର୍ଶ୍ୱରେ ଥିବା ନଈରେ ଆଠରଟି ନଳା ନିର୍ମାଣ କରାଇଥିଲେ ବୋଲି କେହି କେହି ସ୍ୱୀକାର କରନ୍ତି । ରାଜା ସାରଙ୍ଗଧର ନରେନ୍ଦ୍ର ଗଜପତି ବୀରକିଶୋର ଦେବଙ୍କଠାରୁ 'ବ୍ରଜଧର' ଉପାଧି ଲାଭ କରିଥିଲେ ।

ଶାସନ ବ୍ୟବସ୍ଥା:

ଶାସନର ସୁବିଧା ଦୃଷ୍ଟିରୁ ରଣପୁର ରାଜ୍ୟକୁ ୧୯ଗୋଟି ଜିଲ୍ଲାରେ ବିଭକ୍ତ କରାଯାଇଥିଲା । ଏହି ଜିଲ୍ଲାଗୁଡ଼ିକ ହେଉଛି- କୋଟ, କାସନ୍ଦା, ବାଣୀକିଲୋ, ସାନବାଡ, ଚୀକିବେଢ, ପଞ୍ଚୁପଲ୍ଲୀ, ନିଜଗଡ, ଲତାର, ନରସିଂହପୁର, ମୟୂରଝାଲିଆ,

Digitized by PPRACHIN, SOA

ଗଣ୍ଡିବେଢ, କାନ୍ଥମାଳ, ନାକିଠଣା, ଚମ୍ପାଗଡ଼, କନ୍ଧ ନୟାଗଡ଼, ପଟିଆ, ଜିରିପଡ଼ା, ବଡ଼ମାଳ ଓ ସାନମାଳ । ପ୍ରତ୍ୟେକ ଜିଲ୍ଲାରେ କେତେଗୁଡିଏ ଗ୍ରାମ ରହିଥିଲା ।

'ନୟାଗଡ଼'ର ନାମକରଣ:

'ନୟାଗଡ' ଶବ୍ଦଟି ନୂଆଗଡ ଶବ୍ଦରୁ ସୃଷ୍ଟି ହୋଇଛି । ନୂତନଭାବରେ ଏବଂ ନୂଆ ସ୍ଥାନରେ ଗଡପ୍ରତିଷ୍ଠା ହୋଇଥିବାରୁ ଏହାର ନାମକରଣ 'ନୟାଗଡ଼' କରାଯାଇଛି । ଐତିହାସିକ ଏବଂ କାବ୍ୟକାର ମାନଙ୍କଦ୍ୱାରା 'ନୂଆଗଡ଼' ନାମଟି ବ୍ୟବହୃତ ହୋଇଛି । ଐତିହାସିକ ପଣ୍ଡିତ କୃପାସିନ୍ଧୁ ମିଶ୍ର ତାଙ୍କ ପ୍ରଣୀତ ''ଉତ୍କଳ ଇତିହାସ''ରେ ନୂଆଗଡ଼ ଶବ୍ଦର ବ୍ୟବହାର କରିଛନ୍ତି । 'ପ୍ରାଚୀନ ଉତ୍କଳ' ଗ୍ରନ୍ଥରେ ଜଗବନ୍ଧୁ ସିଂହ 'ନୂଆଗଡ଼' ଶବ୍ଦର ବ୍ୟବହାର କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକାଶିତ ଜ୍ଞାନକୋଷ ଗ୍ରନ୍ଥରେ ଏବଂ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ପ୍ରଣୀତ ପୂର୍ଣ୍ଣଚନ୍ଦ୍ର ଓଡିଆ ଭାଷାକୋଷ (୪ର୍ଥ ଖଣ୍ଡ, ପୃଷ୍ଠା-୪୪୪୧)ରେ ମଧ୍ୟ 'ନୂଆଗଡ଼' ଶବ୍ଦର ସଂଗ୍ରହ ଓ ବ୍ୟବହାର ରହିଛି । ମଧ୍ୟଯୁଗୀୟ କବି ଯଦୁମଣି ମହାପାତ୍ର 'ରାଘବ ବିଳାସ' କାବ୍ୟରେ 'ନୂଆଗଡ଼' ଶବ୍ଦର ସମାର୍ଥକ ଶବ୍ଦ 'ନବୀନ ଦୁର୍ଗ' ଓ 'ନବଦୁର୍ଗ'ର ବ୍ୟବହାର କରିଛନ୍ତି । 'ନୂଆଗଡ଼' ଶବ୍ଦକୁ ସଂସ୍କୃତ ସଂସ୍କୃତରେ 'ନବଦୁର୍ଗ' ଭାବରେ ବ୍ୟବହାର କରାଯାଇଛି । ନୟାଗଡ଼ର ପଞ୍ଚଦଶ ରାଜା ଗଦାଧର ସିଂହ ମାନଧାତା (୧୬୫୭-୧୬୮୯)ଙ୍କ ଦରବାରୀ ସଂସ୍କୃତ କବି ପଣ୍ଡିତ ନିତ୍ୟାନନ୍ଦ ଚୟନୀ ''ଶ୍ରୀକୃଷ୍ଣ ଲୀଳାମୃତ'' କାବ୍ୟରେ ତଦୀୟ ରାଜାଙ୍କ ବିଷୟରେ ଲେଖିଛନ୍ତି-

''ଧୂତାରିବର୍ଗ-ନବଦୁର୍ଗ-ମହୀ-ମହୀନ୍ଦ୍ରଃ ।''

'ନୂଆଗଡ଼' କିପରି ନୟାଗଡ଼ରେ ପରିଣତ ହେଲା ତାହା ଏଠାରେ ଉଲ୍ଲେଖ କରାଯାଇପାରେ । ୧୮୦୩ ମସିହା ପୂର୍ବରୁ ଓଡିଶା ଇଂରେଜ ଶାସନାଧୀନ ହେବାପୂର୍ବରୁ ମୋଗଲ ଓ ମରହଟ୍ଟା ଶାସକମାନଙ୍କ ପ୍ରଭାବରେ ପ୍ରଭାବିତ ହୋଇଛି । ଏହି ସମୟରେ ଓଡ଼ିଶାର ଗଡ଼ଜାତ ଗୁଡ଼ିକରେ ପାର୍ସିଭାଷାକୁ ସରକାରୀ କାଗଜପତ୍ରର ଭାଷାରୂପେ ବ୍ୟବହାର କରାଗଲା । ତେଣୁ ସମ୍ଭବତଃ ଏହି ଭାଷାର ପ୍ରଭାବଯୋଗୁଁ 'ନୂଆଗଡ଼' ନାମଟି ସରକାରୀ କାଗଜପତ୍ରରେ 'ନୟାଗଡ଼' ନାମରେ ବ୍ୟବହୃତ ହୋଇଛି । ଅର୍ଥଗତ ଦୃଷ୍ଟିରୁ 'ନୂଆଗଡ଼' ଏବଂ 'ନୟାଗଡ଼' ମଧ୍ୟରେ କୌଣସି ପ୍ରଭେଦ ନାହିଁ । 'ନୟା' ହେଉଛି ପାରସିକ ଶବ୍ଦ । ଏହା ସହିତ ସଂସ୍କୃତ 'ନବ' ଶବ୍ଦର ସମ୍ପର୍କ ରହିଛି । 'ନବ' ଶବ୍ଦର ତଦ୍ଭବ ରୂପ ହେଉଛି 'ନୂଆ' ।

ନୟାଗଡ଼ ରାଜ୍ୟସ୍ଥାପନ ସମ୍ପର୍କରେ ବିଭିନ୍ନ ଅଭିମତ:

ନୟାଗଡ଼ର ସୃଷ୍ଟି ଇତିବୃତ୍ତ ଅତୀବ ଚିତ୍ତାକର୍ଷକ । ପରମ୍ପରା କହେ ମଧ୍ୟପ୍ରଦେଶର ରେବା ଅଞ୍ଚଳର ଦୁଇ ରାଜପୁତ୍ର ସୂର୍ଯ୍ୟମଣି ସିଂହ ଓ ଚନ୍ଦ୍ରମଣି ସିଂହ ପୁରୁଷୋତ୍ତମକ୍ଷେତ୍ର

Digitized by PPRACHIN, SOA



ନୀଳାଚଳ ନାୟକ ଶ୍ରୀଜଗନ୍ନାଥଙ୍କ ସୁଦର୍ଶନ ନିମନ୍ତେ ପୁରୀକୁ ଆସିଥିଲେ । ପ୍ରତ୍ୟାଗମନ ସମୟରେ ଏକଦା ରାତ୍ରିଯାପନ ନିମନ୍ତେ ସେମାନେ ଘଞ୍ଚ ଅରଣ୍ୟାନୀ ପରିବେଷ୍ଟିତ ବେତନଟୀମାଳର ଗୁନାମାଟିଠାରେ ଆଶ୍ରୟ ଲୋଡ଼ିଲେ । ଗୁନାମାଟି ଅଞ୍ଚଳରେ ମହାବଳ ବ୍ୟାଘ୍ରର ଉପଦ୍ରବ ଜନମାନସରେ ପ୍ରବଳ ଭୀତି ସଞ୍ଚାର କରିଥିଲା । ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ପରାକ୍ରମଶାଳୀ ରାଜପୁତ ବଂଶଜ ଭାତୃଦ୍ୱୟ ଅନାୟାସରେ ନରଖାଦକ ବ୍ୟାଘ୍ରର ଗ୍ରୀବାଦେଶକୁ ଖଡ୍‌ଗଦ୍ୱାରା ଗଣ୍ଡିଠାରୁ ଛେଦନ କଲେ । ବ୍ୟାଘ୍ରର ନିଧନ ଜନମାନସରେ ଆନନ୍ଦର କଲ୍ଲୋଳ ଛୁଟାଇଦେଲା । ଗ୍ରାମବାସୀ ଅଗ୍ରଜ ସୂର୍ଯ୍ୟମଣି ସିଂହଙ୍କୁ ସେଠାରେ ରାଜା ହେବାପାଇଁ ଅନୁରୋଧ କଲେ । ସୂର୍ଯ୍ୟମଣି ସିଂହ ଗୁନାମାଟିଠାରେ ଅବସ୍ଥାନ କଲେ । ସେ ସେଠାରେ ଗୋଟିଏ ଗଡ଼ ପ୍ରତିଷ୍ଠା କଲେ । ପଣ୍ଡିତ କୃପାସିନ୍ଧୁ ମିଶ୍ର ଏକଥାକୁ ସ୍ୱୀକାର କରିଛନ୍ତି । ନୟାଗଡ଼ ରାଜ୍ୟ ସ୍ଥାପନ ସମ୍ପର୍କରେ ପ୍ରଚଳିତ ମତଗୁଡ଼ିକ ହେଉଛି-

୧. ପ୍ରଥମ ମତ : ପଣ୍ଡିତ କୃପାସିନ୍ଧୁ ମିଶ୍ର ଲେଖିଛନ୍ତି- "ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀ ବା କିଞ୍ଚିତ ପୂର୍ବରୁ ମଧ୍ୟଭାରତୀୟ ରେବା ବଂଶର ଜଣେ ରାଜପୁତ୍ର ମହାନଦୀ ବାଟେ ଜଗନ୍ନାଥ ଦର୍ଶନକୁ ଆସୁଥିଲେ । ନୂଆଗଡ଼ ରାଜ୍ୟ ସେତେବେଳକୁ ଭୟଙ୍କର ଜଙ୍ଗଲରେ ପୂର୍ଣ୍ଣଥିଲା । ଲୋକେ ବ୍ୟାଘ୍ର ଭୟରେ ବଡ ଆକୁଳ ହେଉଥିଲେ । ନୂଆଗଡ଼ର ରଳବ ଗ୍ରାମଠାରେ ଉକ୍ତ ରାଜପୁତ୍ର ବ୍ୟାଘ୍ର ବଧ କଲେ । ଆଦିମ ଅଧିବାସୀମାନେ କୃତଜ୍ଞତା ସ୍ୱୀକାର କରି ସେମାନଙ୍କର ରାଜା ହେବାକୁ ତାଙ୍କୁ ଅନୁରୋଧ କଲେ । ଉକ୍ତ ରାଜପୁତ୍ର ନୂଆଗଡ଼ ରାଜ୍ୟରେ ରାଜା ହେଲେ । ନୂଆଗଡ଼ ରାଜାଙ୍କ ସଙ୍କେତ ବର୍ତ୍ତମାନ ମଧ୍ୟ ବ୍ୟାଘ୍ର ମସ୍ତକ ଅଛି ।"

Digitized by PPRACHIN, SOA

୨. ଦ୍ୱିତୀୟ ମତ : 'ପ୍ରାଚୀନ ଉତ୍କଳ' ପୁସ୍ତକରେ ଜଗବନ୍ଧୁ ସିଂହ ଲେଖିଛନ୍ତି- "ମଧ୍ୟପ୍ରଦେଶର ରେବା ଜିଲ୍ଲାର ସୂର୍ଯ୍ୟମଣି ସିଂହ ଏ ରାଜ୍ୟ ସ୍ଥାପନ କରିଥିଲେ ଏବଂ ସେ ଗୋଟିଏ ମାଳୀର କନ୍ୟାକୁ ବିବାହ ହୋଇଥିଲେ । ସେ ମାଳୀ ଗ୍ରାମଦେବତୀଙ୍କ ସେବକ ଥିଲା ଏବଂ ବଗିଚା କାମ କରୁଥିଲା । ସେ ସ୍ତ୍ରୀ ମରିଯିବାରୁ ସେ କ୍ଷତ୍ରିୟ ସ୍ତ୍ରୀ ବିବାହ କଲେ ଏବଂ ସେମାନଙ୍କ ବଂଶଧରମାନେ ବର୍ତ୍ତମାନ ରାଜତ୍ୱ କରୁଛନ୍ତି ।"

୩. ତୃତୀୟ ମତ : 'ବିଶ୍ୱ ପରିଚୟ ଗ୍ରନ୍ଥ'ରେ ରାମକୃଷ୍ଣ ନନ୍ଦ ଲେଖିଛନ୍ତି- "୧୪ଶ ଶତାବ୍ଦୀରେ ରେବା ରାଜବଂଶର ଜଣେ ରାଜପୁତ୍ର ଜଗନ୍ନାଥ ଦର୍ଶନକୁ ଆସି ଏଠା ଲୋକମାନଙ୍କୁ ବ୍ୟାଘ୍ର ଭୟରୁ ରକ୍ଷା କରିଥିବାରୁ ଲୋକମାନେ ତାଙ୍କୁ ରାଜା କଲେ । ବାଘମୁଣ୍ଡ ଏହି ରାଜବଂଶର ସଙ୍କେତ ।"

୪. ଚତୁର୍ଥ ମତ : ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ୪ର୍ଥ ଖଣ୍ଡରେ ଗୋପାଳ ଚନ୍ଦ୍ର ପ୍ରହରାଜ ଉଲ୍ଲେଖ କରିଛନ୍ତି- "ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀ ବା କିଞ୍ଚିତ ପୂର୍ବରୁ ରେବା ରାଜବଂଶର ଜଣେ ରାଜପୁତ୍ର ମହାନଦୀ ବାଟେ ଜଗନ୍ନାଥ ଦର୍ଶନ କରିବାକୁ ଆସୁଥିଲେ । ପଥରେ ଏହି ଅଞ୍ଚଳର ଲୋକେ ବାଘ ଭୟରେ ବଡ଼ ଆତୁର ହେଉଥିବାର ଜାଣି ରାଜପୁତ୍ର ବାଘକୁ ମାଇଲେ । ଆଦିମ ଅଧିବାସୀମାନେ କୃତଜ୍ଞତା ସ୍ୱୀକାର କରି ସେମାନଙ୍କର ରାଜାହେବାକୁ ତାହାଙ୍କୁ ଅନୁରୋଧ କରିବାରୁ ସେ ଏ ରାଜ୍ୟର ରାଜା ହୋଇଥିଲେ । ବର୍ତ୍ତମାନ ସୁଦ୍ଧା ବାଘ ମସ୍ତକ ଏ ରାଜବଂଶର ସଙ୍କେତ ହୋଇଅଛି ।"

୫. ପଞ୍ଚମ ମତ : ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରକାଶିତ 'ଜ୍ଞାନକୋଷ' ତୃତୀୟ ଭାଗରେ ନୟାଗଡ଼ ବିଷୟରେ ଉଲ୍ଲେଖ ରହିଛି । ସେଥିରେ ଲେଖାଅଛି- "ପୁରୀ ଜିଲ୍ଲାର ପୂର୍ବତନ ନୂଆଗଡ଼ କରଦ ରାଜ୍ୟ । ଏହି ରାଜ୍ୟ ବର୍ତ୍ତମାନ ପୁରୀ ଜିଲ୍ଲାର ନୂଆଗଡ ସବ୍-ଡିଭିଜନର ଅନ୍ତର୍ଗତ । ଲୋକଶ୍ରୁତି ଅନୁଯାୟୀ ରେବା ରାଜ୍ୟର ସୂର୍ଯ୍ୟମଣି ସିଂହ ଏହି ରାଜବଂଶର ସ୍ଥାପୟିତା ।"

୬. ଷଷ୍ଠ ମତ : ନୟାଗଡ଼ ରାଜ୍ୟର ସ୍ଥାପନ ସମ୍ପର୍କରେ ବିଜୟ କୁମାର ବେବର୍ତ୍ତା ପଟ୍ଟନାୟକ ମତ ଦେଇଛନ୍ତି- "ତ୍ରୟୋଦଶ ଶତାବ୍ଦୀର ମଧ୍ୟ ଭାଗରେ ରେଓ୍ୱା ବା ରିମା ରାଜ୍ୟର ବଘେଲ ବଂଶଜାତ ଦୁଇଜଣ ରାଜପୁତ୍ର ସୂର୍ଯ୍ୟମଣି ସିଂହ ଓ ଚନ୍ଦ୍ରମଣି ସିଂହ ବୈମାତୃକ ମାନଙ୍କ ସହିତ ରାଜ୍ୟପ୍ରାପ୍ତିର କଳହଯୋଗୁଁ ବିତାଡିତ ହୋଇ ଦକ୍ଷିଣ-ପୂର୍ବ ଦିଗକୁ ଚାଲି ଆସିଲେ । ସେମାନେ କାଳକ୍ରମେ ବୌଦ୍ଧ ରାଜ୍ୟ ପାର ହୋଇ ନୟାଗଡ଼ର କୁରୁଡ଼ା ଓ ବେତନଟୀମାଳ ସଂଲଗ୍ନ ଗୁନାମାଟିଠାରେ ଆସି ରହିଲେ । ସେତେବେଳକୁ ଏହି ଅଞ୍ଚଳର ପଶ୍ଚିମରେ ବୌଦ୍ଧ ରାଜ୍ୟ, ପୂର୍ବରେ ଖୋରଧା ରାଜ୍ୟ, ଉତ୍ତରରେ ବାଙ୍କୀ ରାଜ୍ୟ ଓ ଦକ୍ଷିଣରେ ଘୁମୁସର ରାଜ୍ୟ ଥିଲା । ତେଣୁ ରାଜପୁତ୍ର ଦ୍ୱୟ ଏ ଅଞ୍ଚଳରେ ଥିବା ଆଦିମ ଅଧିବାସୀଙ୍କ ଉପରେ ନିଜର

Digitized by PPRACHIN, SOA

କର୍ତ୍ତୃତ୍ୱ ବିସ୍ତାର କରି ଏ ଅଞ୍ଚଳକୁ ନିଜର ଆୟତ୍ତାଧୀନ କରିପାରିଥିଲେ । ସେମାନେ କୁରୁଡା ଜିଲ୍ଲାର ଗଡତିଆକୁ ମାରି ସେ ଅଞ୍ଚଳରେ ନିଜକୁ ପ୍ରତିଷ୍ଠା କରାଇଲେ ଓ ଆସ୍ତେ ଆସ୍ତେ ରାଜ୍ୟ ବିସ୍ତାର କରିବାକୁ ଲାଗିଲେ । ସେମାନେ ଗୋଡିପଲ୍ଲୀ ଓ ହରିହରପୁର ଅଞ୍ଚଳକୁ ପ୍ରଥମେ ଅଧିକାର କଲେ । ହରିପୁରଠାରୁ ସାନଭାଇ ଚନ୍ଦ୍ରମଣି ସିଂହ ଯାଇ ଗଞ୍ଜାମର ଆଠଗଡ ରାଜ୍ୟ ସ୍ଥାପନ କଲେ ଓ ସୂର୍ଯ୍ୟମଣି ସିଂହ ରଜବରେ ନିଜର ବିଚକ୍ଷଣ ଯୋଦ୍ଧାର ପରିଚୟ ଦେଇ ସେଠାରେ ଗଡ ତିଆରି କରି ରହିଲେ ।''

୭. ସପ୍ତମ ମତ : **Feudatory States of Orissa** ପୁସ୍ତକରେ ଲେଖକ L. E. B. Cobden Ramsay, I. C. S ନୟାଗଡ଼ର ଇତିହାସ ପ୍ରସଙ୍ଗରେ ଲେଖିଛନ୍ତି- "According to tradition the founder of the family was one Suryamani Singh from the Rewah in the Central Provinces. He established a Garh (Fort) at a place called Gunamati in Nayagarh. He was elected by the people of the country as their Chief and received from them in marriage a daughter of a Mali, i.e. a guardener who was the priest of the village goddess. On her death he married again a kshattriya bride, whose descendants have since held the gadi of the two states of Nayagarh and Khandapara. xxx. The emblem of the state is the tiger's head."

୮. ଅଷ୍ଟମ ମତ : **Survey and settlement of Khandapara Feudatory States** (1928-1931)ର ସଙ୍କଳକ ବାବୁ ବିଶ୍ୱମ୍ଭର ମହାନ୍ତି ନୟାଗଡ଼ ରାଜ୍ୟ ସ୍ଥାପନ ସମ୍ପର୍କରେ ଏଥିରେ ଉଲ୍ଲେଖ କରିଛନ୍ତି । କିନ୍ତୁ ସେ ଚନ୍ଦ୍ରମଣି ସିଂହଙ୍କୁ ଅଗ୍ରଜ ଓ ସୂର୍ଯ୍ୟମଣି ସିଂହଙ୍କୁ ଅନୁଜ ଭାବରେ ବର୍ଣ୍ଣନା କରିଛନ୍ତି । ସେ ଲେଖିଛନ୍ତି- "It is alleged that the Raj-family of the state are descendants of the Raja of Rewah who beloged to Baghel class of Kshatriyas. Two of his sons Suryamani and Chandramani came on pilgrimage to Puri. On their way back they had to take rest one night in village Gunamati in Betanatimals in Nayagarh state. Both of them were great devotees of Goddess Chandi. The residents of the place were then passing anxious days on account of the havocs created by the mischiefs of two ferocious tigers. The two brothers took pity on the villagers and killed the tigers with their swords. The villagers approached them to be their rulers and to live with them permanently. Of them, Chandramani, the

Digitized by PPRACHIN, SOA

elder left the place and is said to have ruled Athagarh in the District of Ganjam. The youger Suryamani made up his mind to settle there. He founded the Nayagarh state and was succeded by his son Govind Singh."

୯. ନବମ ମତ : ଭାରତର ଅନ୍ୟତମ ପ୍ରଖ୍ୟାତ ଜ୍ୟୋତିର୍ବିଦ୍ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜ୍ୟେଷ୍ଠପୁତ୍ର ପୀତବାସ ସିଂହ ସାମନ୍ତ ତାଙ୍କ ପ୍ରଣୀତ 'କୃଷ୍ଣ କଳ୍ପଲତା' କାବ୍ୟରେ ନୟାଗଡ଼ ରାଜା ସ୍ଥାପନ ସମ୍ପର୍କରେ ଲେଖିଛନ୍ତି-

''ଅନଘ ବଘେଲ କୁଳେ ବେନି ବୀର ଉପୁଜିଲେ
ସୂର୍ଯ୍ୟମଣି ଚନ୍ଦ୍ରମଣି ସିଂହ ସେହି ଦୁର୍ଗ ଦରୀ ଆଚରିଲେ ।
ଚଣ୍ଡିକା ଚିତ୍ତ ତୋଷିଲେ ରାଜ ଆସନେ ବସିଲେ
ପ୍ରଖର ଖଡ୍‌ଗ ନଖର ଆଘାତେ ବଇରି ବ୍ୟାଘ୍ର ନାଶିଲେ ।
ରକତେ ପୂରିଲା ଧରା ସରାଗ ହୋଇଲା ପରା
ସାନ ଗଲେ ଅଷ୍ଟଦୁର୍ଗ, ଆନ କଲେ ନବଦୁର୍ଗ
ଗିରି ପାଚେରୀ ଘେରିବାକୁ ଅରିରେ ଅତି ଦୁର୍ଗମ ଯା ମାର୍ଗ ।''

ଏହିପରି ଭାବରେ ନୟାଗଡ଼ ରାଜ୍ୟ ସ୍ଥାପନ ସମ୍ପର୍କରେ ଉପର୍ଯ୍ୟୁକ୍ତ ମତାମତ ଗୁଡ଼ିକ ପ୍ରଚଳିତ ରହିଛି । ସୁତରାଂ ନୟାଗଡ଼ ରାଜବଂଶର ପ୍ରତିଷ୍ଠାତା ରୂପେ ରାଜା ସୂର୍ଯ୍ୟମଣି ସିଂହ ସ୍ମରଣୀୟ । ଆଜକୁ ପ୍ରାୟ ସାତଶହ ପଚାଶ ବର୍ଷ ତଳେ ନୟାଗଡ଼ ରାଜ୍ୟ ସ୍ଥାପିତ ହୋଇଥିଲା ଓ ସୂର୍ଯ୍ୟମଣି ସିଂହ ନୟାଗଡ଼ରେ ରାଜତ୍ୱର ଆରମ୍ଭ କରିଥିଲେ ।

ନୟାଗଡ଼ ରାଜବଂଶର ସଙ୍କେତ:

ବ୍ୟାଘ୍ରମୁଣ୍ଡ ହେଉଛି ନୟାଗଡ଼ ରାଜବଂଶର ସଙ୍କେତ । ଏହାର କାରଣ ହେଉଛି ରାଜା ସୂର୍ଯ୍ୟମଣି ସିଂହ ଗୁନାମାଟି ଅଞ୍ଚଳରେ ବ୍ୟାଘ୍ରକୁ ବଧକରି ଗଡ଼ ପ୍ରତିଷ୍ଠା କରିଥିଲେ । ସୁତରାଂ ହିଂସ୍ର ବ୍ୟାଘ୍ରଠାରୁ ପରାକ୍ରମଶାଳୀ ହୋଇଥିବାରୁ ବ୍ୟାଘ୍ରମୁଣ୍ଡକୁ ସଙ୍କେତ ରୂପେ ଗ୍ରହଣ କରିବା ନୟାଗଡ଼ ରାଜାମାନଙ୍କର ଏକ କାରଣ ହୋଇପାରେ । ପଣ୍ଡିତ

Digitized by PPRACHIN, SOA

କୃପାସିନ୍ଧୁ ମିଶ୍ର ଏହି ମତାମତକୁ ଗ୍ରହଣ କରିଛନ୍ତି । କିନ୍ତୁ କେହି କେହି ମତ ପ୍ରଦାନ କରନ୍ତି ଯେ ନୟାଗଡ଼ ରାଜବଂଶର ସଙ୍କେତ ଏହି ବ୍ୟାଘ୍ରମୁଣ୍ଡ ହେଉଛି ଏହି ରାଜବଂଶର ଇଷ୍ଟଦେବୀ ବାଉରୀ ଠାକୁରାଣୀଙ୍କ ବାହନର ମସ୍ତକ ।

ନୟାଗଡ଼ ରାଜବଂଶର ଇଷ୍ଟଦେବୀ:

ନୟାଗଡ଼ ରାଜନ୍ୟବର୍ଗ ଶକ୍ତି ଉପାସକ ଥିଲେ । ମାତୃଶକ୍ତିକୁ ବଂଶର ଇଷ୍ଟଦେବୀ ରୂପେ ନୟାଗଡ଼ ରାଜାମାନେ ଗ୍ରହଣ କରିଥିଲେ । ବାଉରୀ ଠାକୁରାଣୀ ସେମାନଙ୍କର ଉପାସ୍ୟଦେବୀ । ନୟାଗଡର ବିଭିନ୍ନ ରାଜା ଏହି ଅଞ୍ଚଳରେ ଶିବ ମନ୍ଦିର, ବିଷ୍ଣୁ ମନ୍ଦିର ପ୍ରତିଷ୍ଠା କରିଛନ୍ତି । ମାତ୍ର ବାଉରୀ ଠାକୁରାଣୀଙ୍କ ପୂଜାର୍ଚ୍ଚନା ଓ ସେବାବିଧିରେ ସେମାନେ ଅବହେଳା ପ୍ରଦର୍ଶନ କରି ନାହାନ୍ତି । ଅଦ୍ୟାପି ଦଶହରା ପର୍ବରେ ବାଉରୀ ଠାକୁରାଣୀ ଷୋଡଶ ଉପଚାରରେ ପୂଜିତା ହୁଅନ୍ତି । ନୟାଗଡ଼ର ପୁରୁଣା ରାଜବାଟୀରେ ବାଉରୀ ଠାକୁରାଣୀଙ୍କ ମସ୍ତକ ପୂଜା ପାଆନ୍ତି । ଗଣ୍ଡିଭାଗ ଖଣ୍ଡପଡ଼ା ରାଜବାଟୀରେ ପୂଜିତ ହୁଏ । ବାଉରୀ ଠାକୁରାଣୀଙ୍କ ଗଣ୍ଡିମୁଣ୍ଡ ବିଚ୍ଛିନ୍ନ ହେବା ସପକ୍ଷରେ ଗୋଟିଏ ମନୋଜ୍ଞ ଜନଶ୍ରୁତି ପ୍ରଚଳିତ ହୋଇଆସୁଛି ।

ଜନଶ୍ରୁତି ଅନୁସାରେ ସୂର୍ଯ୍ୟମଣି ଓ ଚନ୍ଦ୍ରମଣି ଶ୍ରୀଜଗନ୍ନାଥ ଦର୍ଶନାନ୍ତେ ଫେରିବା ବାଟରେ ଗୁନାମାଟିଠାରେ ନରଖାଦକକୁ ହତ୍ୟାକରି ସେଠାରେ ଗଡ ପ୍ରତିଷ୍ଠା କଲେ । ଏହାପରେ ସେ ରଳବଠାରେ ଆଉ ଏକ ନୂଆଦୁର୍ଗ ନିର୍ମାଣ କଲେ । ଏକଦା ରଳବ ଅଞ୍ଚଳରେ ରାତ୍ରିଯାପନ କାଳରେ ଚନ୍ଦ୍ରମଣି ନିଦ୍ରାଯାଇଥିଲେ । ଓ ଅଗ୍ରଜ ସୂର୍ଯ୍ୟମଣି ଖଡ୍‌ଗପାଣି ହୋଇ ବସିଥିଲେ । ଏହି ସମୟରେ ଜଣେ ଗର୍ଭବତୀ ନାରୀ ମାଠିଆଧରି ଜଳ ଆଣିବାପାଇଁ ଯାଉଥିବା ଦୃଶ୍ୟ ସୂର୍ଯ୍ୟମଣିଙ୍କର ଦୃଷ୍ଟିଗୋଚର ହେଲା । କିଛିକ୍ଷଣ ପରେ ସୂର୍ଯ୍ୟମଣି ଏକ ବିଚିତ୍ର ଦୃଶ୍ୟ ଦେଖିଥିଲେ । ସେ ଦେଖିଲେ ଯେ ନାରୀଟିର ଗର୍ଭାବସ୍ଥା ଦୂର ହୋଇଛି । ଦୁଇଗୋଟି ପୁତ୍ରକୁ ଘେନି ଜଳପୂର୍ଣ୍ଣ ମାଠିଆ ସହିତ ସେ ଫେରୁଛି । ଗୋଟିଏ ଶିଶୁ ନାରୀଟିର କାଖରେ ଅଛି ଏବଂ ଅନ୍ୟ ଶିଶୁପୁତ୍ରଟି ତାର ମା' ସହିତ ପାଦରେ ଚାଲିଆସୁଅଛି । ସୂର୍ଯ୍ୟମଣି ନାରୀଟିର ସମ୍ମୁଖୀନ ହେଲେ ଓ ତାଙ୍କର ପରିଚୟ ଜିଜ୍ଞାସା କଲେ । କିନ୍ତୁ ଆଶ୍ଚର୍ଯ୍ୟର କଥା ଏହି ଯେ ସେହି ନାରୀ ସୂର୍ଯ୍ୟମଣିଙ୍କୁ କହିଲେ, "ବତ୍ସ ! ମୋତେ ଖଡ୍‌ଗରେ ଦୁଇଗଡ଼ କରିଦେଲେ ମୋର ପରିଚୟ ଦେବି ।" ଏହାପରେ ସୂର୍ଯ୍ୟମଣି ଖଡ୍‌ଗଦ୍ୱାରା ନାରୀଟିର ଗଣ୍ଡି ଓ ମୁଣ୍ଡ ଅଲଗା କରିଥିଲେ । ଶୂନ୍ୟବାଣୀ ହେଲା- "ବତ୍ସ ! ମୁଁ ହେଉଛି ବାଉରୀ ଠାକୁରାଣୀ । ମୁଁ ରଳବ ଗ୍ରାମର ଦେବତୀ । ମୁଁ ତୋ ଉପରେ ଅତ୍ୟନ୍ତ ତୁଷ୍ଟ ହୋଇଛି । ମୋତେ ଇଷ୍ଟଦେବୀ ରୂପେ ଗ୍ରହଣ କରି ତୁ ଏଠାରେ ନୂତନ ରାଜ୍ୟ ପ୍ରତିଷ୍ଠା କର ।" ସେହିଦିନଠାରୁ ରାଜା ସୂର୍ଯ୍ୟମଣି ସିଂହ ବାଉରୀ ଠାକୁରାଣୀଙ୍କୁ ବଂଶର ଇଷ୍ଟଦେବୀ ରୂପେ ଗ୍ରହଣ କଲେ ।

Digitized by PPRACHIN, SOA

ନୟାଗଡ଼ ରାଜବଂଶର ଇଷ୍ଟଦେବତା: ଶ୍ରୀଶ୍ରୀ ଲଡୁକେଶ୍ୱର ମହାଦେବ-



ନୟାଗଡ଼ ରାଜନ୍ୟବର୍ଗ ଏକାଧାରରେ ଶିବ ଓ ଶକ୍ତିର ଉପାସକ ଥିଲେ । ଶକ୍ତିର ଉପାସକ ଭାବରେ ବାଉରୀ ଠାକୁରାଣୀଙ୍କୁ ସେମାନେ ବଂଶର ଇଷ୍ଟଦେବୀ ରୂପେ ପୂଜାର୍ଚ୍ଚନା କରି ଆସୁଛନ୍ତି । ସେହିପରି ଶରଣକୂଳଠାରେ ବିରାଜିତ ପ୍ରଭୁ ଶ୍ରୀ ଲଡୁକେଶ୍ୱର ମହାଦେବଙ୍କୁ ନୟାଗଡ଼ର ରାଜାମାନେ ପୁରୁଷାନୁକ୍ରମରେ ବଂଶର ଇଷ୍ଟଦେବତା ରୂପେ ପୂଜାକରି ଆସୁଛନ୍ତି । ନୟାଗଡର ଅଷ୍ଟାଦଶ ରାଜା ତଥା କବି ପୁରୁଷୋତ୍ତମ ସିଂହ ମାନଧାତା 'ଶୋଭାବତୀ' କାବ୍ୟରେ ଏହା ଉଲ୍ଲେଖ କରିଛନ୍ତି । ସେ ଲେଖିଛନ୍ତି-

''ପୂର୍ବେ ଯେ ରାମଚନ୍ଦ୍ରରେ ପୂଜିତ
ଲଡୁକେଶ୍ୱର ନାମେ ଲିଙ୍ଗ ଖ୍ୟାତ
ନବଦୁର୍ଗ ପାଳକର କରତା
ପରମ୍ପରା ତାଙ୍କ ଇଷ୍ଟ ଦେବତା
ତାଙ୍କ ପଦ ଚିନ୍ତି
ଭଣିଲେ ପୁରୁଷୋତ୍ତମ ନୃପତି ।''

ତେଣୁ ବାବା ଲଡୁକେଶ୍ୱର ମହାଦେବ ନୟାଗଡ଼ ରାଜବଂଶର ଇଷ୍ଟ ଦେବତା ଅଟନ୍ତି ।

ପ୍ରାକ୍ ସ୍ୱାଧୀନତା କାଳର ନୟାଗଡ଼:

ଭାରତ ସ୍ୱାଧୀନତା ପ୍ରାପ୍ତିର ପ୍ରାକ୍‌କାଳରେ ନୟାଗଡ଼ ଏକ ଦେଶୀୟ ରାଜ୍ୟରୂପେ ବିବେଚିତ ହେଉଥିଲା । ଓଡିଶାର ଅନ୍ୟାନ୍ୟ ଗଡଜାତରାଜ୍ୟମାନଙ୍କ ପରି ନୟାଗଡ଼ ପୁରୀ ଗଜପତିଙ୍କ ଅଧୀନରେ ଏକ ସନନ୍ଦଧାରୀ ଗଡ଼ଜାତ ରୂପେ ରହିଥିଲା ।

Digitized by PPRACHIN, SOA

ଗଜପତି ରାମଚନ୍ଦ୍ରଦେବ (ଖ୍ରୀ. ୧୫୬୮- ଖ୍ରୀ.୧୬୦୦)ଙ୍କ ରାଜତ୍ୱ କାଳରେ ବାଙ୍କୀ, ଡମପଡ଼ା, ବଡ଼ମ୍ବା, ତିଗିରିଆ, ନରସିଂହପୁର, ତାଳଚେର, ଢେଙ୍କାନାଳ, ଆଠଗଡ଼, ଖଣ୍ଡପଡ଼ା, ରଣପୁର, ଦଶପଲ୍ଲା ସହିତ ନୟାଗଡ଼ ରାଜ୍ୟ ଗଜପତି ମହାରାଜଙ୍କର ଏକ ଏକ କରଦ ରାଜ୍ୟରେ ପରିଣତ ହେଲେ । ନୟାଗଡ଼ ରାଜ୍ୟର ଆୟତନ ୫୮୮ ବର୍ଗମାଇଲ । ୧୯୦୬ ସେଟଲମେଣ୍ଟ ଅନୁଯାୟୀ ଏହି ରାଜ୍ୟର ଆୟତନ ୫୯୦ ବର୍ଗମାଇଲ ଥିଲା । ୧୯୩୧ ମସିହା ବେଳକୁ ରାଜ୍ୟର ୨୧୦ ବର୍ଗମାଇଲକୁ ହ୍ରାସ ପାଇଛି । ୫୬୬ ବର୍ଗମାଇଲ ଆୟତନ ବିଶିଷ୍ଟ ନୟାଗଡ଼ ରାଜ୍ୟର ୨୧୦ ବର୍ଗମାଇଲ କୃଷି ଜମି ରୂପେ ବ୍ୟବହୃତ ହେଉଥିଲା ଏବଂ ଅବଶିଷ୍ଟ ୩୫୬ ବର୍ଗମାଇଲ ଜଙ୍ଗଲ, ପାହାଡ଼, ମାଳଭୂମି, ନଦୀ, ଜଳାକୀର୍ଣ୍ଣ ଭୂମି ଏବଂ ଅନ୍ୟାନ୍ୟ ଅଦରକାରୀ ଭୂମିଦ୍ୱାରା ପରିପୂର୍ଣ୍ଣ ଥିଲା ।

ନୟାଗଡ଼ ରାଜାଙ୍କର ରାଜବାଟୀ ଗୁକ୍ଷିପାହାଡ଼ର ଉତ୍ତରପାର୍ଶ୍ୱରେ ଏବଂ ପାହାଡ଼ର ପାଦଦେଶରେ ଅବସ୍ଥିତ ଥିଲା । ବର୍ତ୍ତମାନ ଏହି ରାଜବାଟୀର ମୁଖ୍ୟଦ୍ୱାର ବ୍ୟତୀତ ଅନ୍ୟ ସମସ୍ତ ଗୃହଗୁଡ଼ିକ ଧ୍ୱଂସାଭିମୁଖୀ ।

ସନନ୍ଦ : (ନବଦୁର୍ଗ ରାଜା ମାନଧାତାଙ୍କର ସମ୍ବନ୍ଧୀୟ ସନନ୍ଦ)

ମୁକୁନ୍ଦଦେବ (୩ୟ)- (୧୮୦୭):

(୧) ଶ୍ରୀ ମାନ୍ଧାତାଙ୍କର । ମହିପୁର ଆଡ଼େଣି କାର୍ଯକରଣକୁ ମଧ୍ୟ ଆଜ୍ଞା । ୧୨ ଅଙ୍କ ଋଷଭ ଦି୫ନେ କାଶୀନାଥ ରାଏଗୁରୁଙ୍କୁ ଯେ ଖରଇ ପଟା ×××× ଫଜଲ ଭୂମି ଚାରି ବା୪ଟୀ ଡୀହ ଆଠ ବା୮ଖୁରୀ ଦାନକରି ଆଜ୍ଞା କଲୁଂ । ଏ ଭୂମି ଡିହ ଆଜ ଦିନାଦ୍ୟରୁ ଏହାଙ୍କୁ ମଡାଇଦେଇ ଦାନଭୋଗେ ଆୟ କରାଇବ । ଏ ଭୂମି ସାହି ପ୍ରମାଣ ଆୟ କରିବ । ଏ ପ୍ରମାଣେ । ବାଣ୍ଟି ଏହାକୁ ଚାରିବାଟୀ ମଡାଇଦେବ ।

ଏ ପ୍ରମାଣ ।

ଓ ମୁଣ୍ଡରେ ତିନୋଟି ବିନ୍ଦୁ ଏବଂ ତଳେ ଦୁଇଟି ଗାର (ସନ୍ତକ) ।

ମୁକୁନ୍ଦଦେବ (୩ୟ)-(୧୮୦୭):

(୨) ଶ୍ରୀ ମାନ୍ଧାତାଙ୍କର କାଶୀନାଥ ରାୟଗୁରୁ ମହାପାତ୍ରଙ୍କୁ ନମସ୍କାର ଦେଲା ଦାନଚୋପ ପତ୍ର ୧୨ ଅଙ୍କ ମିଥୁନ ଦି୨ନେ । ଏ ନିମିତ୍ତେ ଅବଧାନ କଲୁ । ତୁମ୍ଭଙ୍କୁ ଯେ ଶୁକଳଗାଡିଆ ଗ୍ରାମରୁ ସିନ୍ଧୁ ମହାପାତ୍ରଙ୍କ ପଶ୍ଚିମରୁ ମେଲା ରୟତି ଡିହ ତିନି ବ୩ଖୁରି ଦାନକରି ଦେବାକୁ ଅବଧାନ କଲୁଂ । ଏ ଡିହରେ ଘର ତୋଳି ରହିବ । ଏ ଡିହ ଯାବଚନ୍ଦ୍ରାର୍କେ ଭସ୍ମାନ୍ତକେ ଦାନଭୋଗେ ଭୋଗ କରିବ । (ସନ୍ତକ)

Digitized by PPRACHIN, SOA

(ଏହିପରି ମାନଧାତା ରାଜାଙ୍କର ୭ଗୋଟି ସନନ୍ଦ ପ୍ରାପ୍ତ ହୋଇଛି । ଏହା ଖୁରୁଧାର ଶେଷରାଜା ମୁକୁନ୍ଦଦେବଙ୍କ ସମୟର ବୋଲି ନିର୍ଣ୍ଣିତ । ଏଥିରୁ ମହିପୁର ଆଡେଣି, ରବିଗାଡିଆ, ବଧିସାହି, ବରସାହି ଆଦି ଗ୍ରାମର ନାମ ମିଳେ ।)

ମୁକୁନ୍ଦଦେବ (୩ୟ):

(୩) ଶ୍ରୀ ମାନ୍ଧାତାଙ୍କର କାଶୀନାଥ ରାୟଗୁରୁ ମହାପାତ୍ରଙ୍କୁ ନମସ୍କାର । ୧୦ଅଙ୍କ ସିଂହ ଦି୧୬ନେ । ଏ ନିମିତ୍ତେ ଆଜ୍ଞା କଲୁ । ତୁମ୍ଭଙ୍କୁ ଯେ ରବିଗାଡିଆ ଗ୍ରାମ ଦୁଇବାଡ ଦାନକxxx କଲୁଁ । ଆଜ ଦିନାଦ୍ୟରୁ ଏ ଗ୍ରାମଭୂମି ଡିହ ଗଛମାଛ ମଧ ଦାନ ଭୋଗେ ଅମଳ କରିବ । ଜମା ବେଉରା ସାଧନ କଉଡୀ ମଧ କିଛି ନ ଦେବ ।

ଗ୍ରାମ ଆଏ କରିବ (ରାଜଙ୍କ ଲେଖା) ଓ (ସନ୍ତକ)

ମୁକୁନ୍ଦଦେବ (୩ୟ):

(୪) ଶ୍ରୀମାଂଦ୍ଧାତାଙ୍କର । କାସୀନାଥ ରାୟଗୁରୁ ମହାପାତ୍ରଙ୍କୁ ନମସ୍କାର ୧୦ ଅଙ୍କ ସିଂହ ଦି୨୬ନେ । ତୁମ୍ଭଙ୍କୁ ଯେ ତୁମ୍ଭ କ୍ରୟ କଲାର ରଘୁନାଥ ମହାରଣା ସୁଧର ତିନି ବଖୁରୀ ଏ ପୂର୍ବ ମାଧବ ବେହେରା କେଉଟ ସୁଧର ଦୁଇ ବଖୁରୀ ଏ ରୂପେ ଡୀହ ପାଞ୍ଚ ବଃଖୁରୀ ଯେ ନିଜଗଡ ଭିତରେ ଦାନକରି ଅବଧାନ କଲୁ । ଆଦି ଦିନାଦ୍ୟରୁ ଏ ଡୀହ ଦାନଭୋଗେ ଅମଳ କରାଇବ ।

ପାଞ୍ଚ ବଖୁରୀ ଆୟ କରିବ (ରାଜାଙ୍କ ଶ୍ରୀହସ୍ତ ଲେଖା) ଓ (ସନ୍ତକ)

ଦଶପଲ୍ଲା ଷ୍ଟେଟ୍‌ର ରାଜା ଓ ରୁଲର୍ ଶ୍ରୀ ଶ୍ରୀ କିଶୋର ଚନ୍ଦ୍ର ଭଞ୍ଜଦେଓ ।

◻■◻

Digitized by PPRACHIN, SOA

ତୃତୀୟ ପରିଚ୍ଛେଦ

ନୟାଗଡ଼ ରାଜବଂଶ ଓ ରାଜକୀୟ ପରମ୍ପରା

Digitized by PPRACHIN, SOA

ନୟାଗଡ଼ ରାଜବଂଶ ବଘେଲ ବଂଶୀୟ ରାଜପୁତ । ନୟାଗଡ଼ ରାଜବଂଶ ପ୍ରତିଷ୍ଠା ସମୟରୁ ଏ ପର୍ଯ୍ୟନ୍ତ ୨୭ ଜଣ ରାଜାଙ୍କର ସୂଚନା ମିଳିଥାଏ । ଏହି ରାଜବଂଶର ତ୍ରୟୋଦଶ ପୁରୁଷ ପର୍ଯ୍ୟନ୍ତ ପ୍ରତ୍ୟେକ ରାଜା ପୈତୃକ ସିଂହ ଉପାଧି ଧାରଣ କରିଥିଲେ । ଚତୁର୍ଦ୍ଦଶ ରାଜା ଗୋକୁଳ ସିଂହ ଖୋର୍ଦ୍ଧା ଗଜପତିଙ୍କର ମାନ ରକ୍ଷା କରିଥିବାରୁ ସେ ତାଙ୍କୁ 'ମାନଧାତା' ଉପାଧିରେ ଭୂଷିତ କରିଥିଲେ । ତେଣୁ ତାଙ୍କ ସମୟରୁ ନୟାଗଡ଼ ରାଜନ୍ୟବର୍ଗ ନିଜର ପୈତୃକ ସିଂହ ଉପାଧି ସହିତ ଏହି ମର୍ଯ୍ୟାଦାପୂର୍ଣ୍ଣ 'ମାନଧାତା' ଉପାଧି ଧାରଣ କରିଥିବାର ଜଣାଯାଏ ।

ଏହି ରାଜବଂଶର ତ୍ରୟୋବିଂଶ ରାଜା ବଳଭଦ୍ର ସିଂହ ମାନଧାତା ହେଉଛନ୍ତି ସୂର୍ଯ୍ୟମଣିଙ୍କର ବଂଶଲତାର ଶେଷ ଦାୟାଦ । L.E.B. Cobden-Ramsay ଲେଖିଛନ୍ତି- "The twenty-third chief was the last of the lined descendants of Surymani Singh." ଏହାପରେ ଏହି ରାଜବଂଶର ଜଣେ ରକ୍ତ ସମ୍ପର୍କୀୟ ସାମନ୍ତ ନୟାଗଡ଼ ସିଂହାସନ ଆରୋହଣ କରିଥିଲେ । ତାଙ୍କର ପୁତ୍ରପୌତ୍ରାଦିମାନେ ପରବର୍ତ୍ତୀ କାଳରେ ନବଦୁର୍ଗ ସିଂହାସନ ଆରୋହଣ କରିଥିଲେ । ଓଡ଼ିଶାର ବିଭିନ୍ନ ରାଜବଂଶ ମଧ୍ୟରେ ନୟାଗଡ଼ ରାଜବଂଶର ଖ୍ୟାତି ଓ ପ୍ରସିଦ୍ଧି ରହିଛି । କବି ଯଦୁମଣି ମହାପାତ୍ର ଲେଖିଛନ୍ତି- "**ସୁବର୍ଣ୍ଣ ଗିନାରେ ଚନ୍ଦନ ଲେପନ୍ତି ବଘେଲର ରାଜା ନୂଆଗଡ଼ିଆ ।**" ସର୍ବୋପରି ନବଦୁର୍ଗ ରାଜନ୍ୟବର୍ଗ ଅତ୍ୟାଚାରୀ କିମ୍ବା ପ୍ରଜାପୀଡ଼କ ନ ଥିଲେ । କଳା, ସାହିତ୍ୟ, ସଙ୍ଗୀତ, ସଂସ୍କୃତି, ରାଜ୍ୟଜୟ ଓ ଶାସନକ୍ଷେତ୍ରରେ ଏହି ରାଜ୍ୟର ରାଜନ୍ୟବର୍ଗ ଉଲ୍ଲେଖନୀୟ ପଦାଙ୍କ ଅଙ୍କନ କରିଛନ୍ତି ।

ରାଜକୀୟ ପରମ୍ପରା :

ନୟାଗଡ଼ ରାଜଗାଦିରେ ରାଜପଣ କରିଥିବା ୨୭ ଜଣ ରାଜାମାନଙ୍କର ନାମ ଏଠାରେ ଉଲ୍ଲେଖ କରାଯାଇଛି:

୧. **ସୂର୍ଯ୍ୟମଣି ସିଂହ**

↓

୨. **ଗୋବିନ୍ଦ ସିଂହ**

↓

Digitized by PPRACHIN, SOA

୩. ଧୁନ୍‌କା ବା ଧେନୁକ ସଂହ
↓
୪. ସିଂହଳ ସିଂହ
↓
୫. ହରିହର ସିଂହ
↓
୬. ଭଦ୍ର ସିଂହ
↓
୭. ଗନ୍ଧ ସିଂହ
↓
୮. ଘନଶ୍ୟାମ ସିଂହ
↓
୯. ବାଘା ସିଂହ
↓
୧୦. କୃତଜନ ସିଂହ
↓
୧୧. ତନୁକୁଳ ବା ଟାଙ୍କୁଳ ସିଂହ
↓
୧୨. ରଘୁନାଥ ସିଂହ
↓
୧୩. ହରିହର ସିଂହ
↓
୧୪. ଗୋକୁଳ ସିଂହ ମାନଧାତା
↓
୧୫. ଗଦାଧର ସିଂହ ମାନଧାତା
↓
୧୬. ରାମଚନ୍ଦ୍ର ସିଂହ ମାନଧାତା
↓

Digitized by PPRACHIN, SOA

୧୭. ଚନ୍ଦ୍ରଶେଖର ସିଂହ ମାନଧାତା

↓

୧୮. ପୁରୁଷୋତ୍ତମ ସିଂହ ମାନଧାତା

↓

୧୯. ମୃତ୍ୟୁଞ୍ଜୟ ସିଂହ ମାନଧାତା

↓

୨୦. ବିନାୟକ ସିଂହ ମାନଧାତା (୧୭୮୮-୧୮୦୮)

↓

୨୧. ବ୍ରଜବନ୍ଧୁ ସିଂହ ମାନଧାତା (୧୮୦୮-୧୮୫୧)

↓

୨୨. ଲଡୁକିଶୋର ସିଂହ ମାନଧାତା(୧୮୫୧-୧୮୮୯)

↓

୨୩. ବଳଭଦ୍ର ସିଂହ ମାନଧାତା (୧୮୮୯-୧୮୯୦)

↓

୨୪. ରଘୁନାଥ ସିଂହ ମାନଧାତା (୧୮୯୦-୧୮୯୭)

↓

୨୫. ନାରାୟଣ ସିଂହ ମାନଧାତା (୧୮୯୭-୧୯୧୮)

↓

୨୬. କୃଷ୍ଣଚନ୍ଦ୍ର ସିଂହ ମାନଧାତା (୧୯୩୩-୧୯୮୩)

↓

୨୭. ବ୍ରଜେନ୍ଦ୍ର କିଶୋର ସିଂହ ମାନଧାତା(୧୯୮୩-୨୦୧୨)

* (ସୂଚନାଯୋଗ୍ୟ ଯେ ନୟାଗଡ଼ର ସମସ୍ତ ରାଜାମାନଙ୍କର ରାଜତ୍ୱକାଳ ସମ୍ପର୍କରେ ପ୍ରାମାଣିକ ତଥ୍ୟ ପର୍ଯ୍ୟନ୍ତ ମିଳିନାହିଁ । ସରକାରୀ ରେକର୍ଡରୁ ଯେଉଁ ରାଜାମାନଙ୍କର ତଥ୍ୟ ପ୍ରାପ୍ତ ହୋଇଅଛି, ତାହା ଏଠାରେ ପ୍ରଦାନ କରାଯାଇଛି । ନୟାଗଡ଼ ରାଜବଂଶର ପ୍ରଥମ ୧୯ ଜଣ ରାଜାଙ୍କର ରାଜତ୍ୱକାଳ ସମ୍ପର୍କରେ ଅଦ୍ୟାବଧି ପ୍ରାମାଣିକ ତଥ୍ୟ ନାହିଁ । ପରବର୍ତ୍ତୀକାଳରେ ଯଦି କୌଣସି ସରକାରୀ ରେକର୍ଡରୁ ରାଜତ୍ୱକାଳ ହସ୍ତଗତ ହେବ, ତେବେ ଏହାର ପରବର୍ତ୍ତୀ ସଂସ୍କରଣରେ ସଂଲଗ୍ନ କରାଯିବ ।)

Digitized by PPRACHIN, SOA

(୧) ସୂର୍ଯ୍ୟମଣି ସିଂହ :

ନୟାଗଡ଼ ରାଜବଂଶର ପ୍ରତିଷ୍ଠାତା ଏବଂ ନୟାଗଡ଼ର ପ୍ରଥମ ରାଜା ଭାବରେ ସୂର୍ଯ୍ୟମଣି ସିଂହ ସ୍ମରଣୀୟ । ସୂର୍ଯ୍ୟମଣି ସିଂହ ବଘେଲ ବଂଶୀୟ ରାଜପୁତ୍ର । ସେ ମଧ୍ୟପ୍ରଦେଶ ଅନ୍ତର୍ଗତ ରେବା ରାଜବଂଶଜ ଅଟନ୍ତି । ତାଙ୍କର ପୈତୃକ ରାଜ୍ୟ ହେଉଛି ରେବା । ରେବା ରାଜ୍ୟ ସୋନ ନଦୀର ଅବବାହିକାରେ ଅବସ୍ଥିତ । ବର୍ତ୍ତମାନ ଏହି ରେବା ରାଜ୍ୟ ରେବା ଜିଲ୍ଲା ନାମରେ ପରିଚିତ । ଏହି ରାଜ୍ୟରେ ବଘେଲ ବଂଶୀୟ ରାଜପୁତମାନେ ଶାସନ କରୁଥିଲେ । ରେବା ରାଜବଂଶର ପ୍ରଥମ ରାଜା ଭେଙ୍କଟରମଣ ସିଂହ ଏବଂ ଦ୍ୱିତୀୟ ରାଜା ଗୋଲାବ ସିଂହ । ଏହି ବଂଶର ତୃତୀୟ ରାଜା ରଘୁରମଣ ପ୍ରତାପ ସିଂହ ସୂର୍ଯ୍ୟମଣି ସିଂହଙ୍କର ପିତା ଅଟନ୍ତି ।

ରାଜା ରଘୁରମଣ ପ୍ରତାପ ସିଂହଙ୍କର ବାରଗୋଟି ପୁତ୍ର ଥିଲେ । ସେମାନଙ୍କ ମଧ୍ୟରେ ଏକାଦଶ ଓ ଦ୍ୱାଦଶପୁତ୍ର ଯଥାକ୍ରମେ ହେଉଛନ୍ତି ସୂର୍ଯ୍ୟମଣି ସିଂହ ଓ ଚନ୍ଦ୍ରମଣି ସିଂହ । ରେବା ରାଜ୍ୟର ବଘେଲ ବଂଶୀୟ ଏହି ଦୁଇ ରାଜକୁମାରଙ୍କର ଓଡ଼ିଶାକୁ ଆଗମନ ନିମ୍ନ ସମ୍ଭାବ୍ୟ କାରଣ ଗୁଡ଼ିକ ଉପରେ ପର୍ଯ୍ୟବସିତ-

ପ୍ରଥମତଃ, ଉତ୍କଳଦେଶର ପୁରୁଷୋତ୍ତମପୁରୀର ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଏହି ଭ୍ରାତୃଦ୍ୱୟ ଓଡ଼ିଶାକୁ ଆସିଥିଲେ ବୋଲି ପଣ୍ଡିତ କୃପାସିନ୍ଧୁ ମିଶ୍ର ପ୍ରଭୃତି ଲେଖକମାନେ ମତ ଦେଇଛନ୍ତି ।

ଦ୍ୱିତୀୟତଃ, ନୟାଗଡ଼ ରାଜାଙ୍କର ବେବର୍ତ୍ତା (ପ୍ରଧାନ ମନ୍ତ୍ରୀ) ବଂଶଜ ବିଜୟ କୁମାର ବେବର୍ତ୍ତା ପଟ୍ଟନାୟକ ମତପ୍ରଦାନ କରନ୍ତି ଯେ ବିମାତାଙ୍କ ଦ୍ୱାରା ଅପମାନିତ ଓ ବିତାଡ଼ିତ ହୋଇ ସୂର୍ଯ୍ୟମଣି ସିଂହ ଓ ଚନ୍ଦ୍ରମଣି ସିଂହ ରେବା ପରିତ୍ୟାଗ କରିଛନ୍ତି ।

ତୃତୀୟତଃ, ସୂର୍ଯ୍ୟମଣି ସିଂହ ଓ ଚନ୍ଦ୍ରମଣି ସିଂହ ପିତାଙ୍କର କନିଷ୍ଠପୁତ୍ର ହୋଇଥିବାରୁ ରାଜଗାଦି ଲାଭ କରିବାର ସମ୍ଭାବନା ନ ଥିଲା । ତେଣୁ ନୂତନରାଜ୍ୟ ଅନ୍ୱେଷଣ ଉଦ୍ଦେଶ୍ୟରେ ସେମାନେ ଓଡ଼ିଶା ମୁଲକକୁ ଆସିଥାଇ ପାରନ୍ତି ବୋଲି ମନେହୁଏ । ବୋଧହୁଏ, ଏହି ଲକ୍ଷ୍ୟନେଇ ବଘେଲ ବଂଶୀୟ ଏହି ଦୁଇ ରାଜକୁମାର ସେମାନଙ୍କର ଉପାସ୍ୟ ଦେବୀ ଦୁର୍ଗାଙ୍କର ଏକ ରୌପ୍ୟ ନିର୍ମିତ ମୂର୍ତ୍ତିକୁ ଧରି ରେବା ପରିତ୍ୟାଗ କରି ଚାଲିଆସିଥିଲେ ।

ଅଶ୍ୱପୃଷ୍ଠରେ ବହୁ ଦୁର୍ଗମ ଓ ଅରଣ୍ୟ ସଙ୍କୁଳ ପଥ ଅତିକ୍ରମ କରି ଏହି ସିଂହ ଭ୍ରାତୃଦ୍ୱୟ ବିଲାସପୁର ଓ ଛତିଶଗଡ଼ ପାରହୋଇ ସମ୍ବଲପୁର ଓ ବୌଦ୍ଧ ରାଜ୍ୟ ଦେଇ ଶ୍ରୀକ୍ଷେତ୍ର ପୁରୀକୁ ଆସିଥିଲେ । ଏହି ସମୟରେ ଓଡିଶାରେ ଗଙ୍ଗବଂଶୀ ରାଜା ତୃତୀୟ ଭାନୁଦେବ (ଖ୍ରୀ. ୧୩୫୨-ଖ୍ରୀ. ୧୩୭୮)ଙ୍କର ରାଜତ୍ୱକାଳ । ହୁଏତ ରାଜ୍ୟରୁ ବିତାଡ଼ିତ ହେବାପରେ ରାଜ୍ୟପ୍ରାପ୍ତିର ଆଶାରୁ ନିବୃତ୍ତ ହୋଇ ବିଫଳ ମନୋରଥ ଏହି

Digitized by PPRACHIN, SOA

ଭାତୃଦ୍ୱୟଙ୍କର ମନ ଶ୍ରୀକ୍ଷେତ୍ର ବଡ଼ଠାକୁରଙ୍କ ନିକଟକୁ ଉଡ଼ିଯାଇଥିବ । ଶ୍ରୀଜଗନ୍ନାଥଙ୍କୁ ଦର୍ଶନକରି ଫେରିବା ବାଟରେ ସେମାନେ ନୟାଗଡ଼ ରାଜ୍ୟର ଗୁନାମାଟିଠାରେ ରାତ୍ରିଯାପନ ପାଇଁ ଅବସ୍ଥାନ କରିଥିଲେ । ଏହି ଗୁନାମାଟି ଅଞ୍ଚଳ ସେତେବେଳେ ଏକ ସ୍ୱାଧୀନ ଭୂଖଣ୍ଡ ଥିଲା । ଏହା ରଣପୁର, ବାଙ୍କୀ କିମ୍ବା ବୌଦ୍ଧ ରାଜ୍ୟର ଅନ୍ତର୍ଗତ ନ ଥିଲା । ଅରଣ୍ୟସଙ୍କୁଳ ଗୁନାମାଟି ଗାଁର ଅଧିବାସୀମାନେ ନରଖାଦକ ମହାବଳ ବ୍ୟାଘ୍ର ଭୟରେ ଆତଙ୍କିତ ଥିଲେ । ସେମାନଙ୍କର ଅସହାୟତା ଦେଖି ସୂର୍ଯ୍ୟମଣି ଓ ଚନ୍ଦ୍ରମଣି ଦୁଃଖପ୍ରକାଶ କଲେ । ରାତ୍ରି ଉଜାଗର ରହି ସୂର୍ଯ୍ୟମଣି ସିଂହ ତାଙ୍କର ଶାଣିତ ତରବାରୀ ଦ୍ୱାରା ଜଙ୍ଗଲରାଜାଙ୍କୁ ବଧ କଲେ । ସୂର୍ଯ୍ୟମଣିଙ୍କର ରାଜକୀୟ ଦୀପ୍ତି ଓ ବୀରତ୍ୱରେ ଗ୍ରାମବାସୀମାନେ ମୁଗ୍ଧ ଚକିତ ହେଲେ । ସୂର୍ଯ୍ୟମଣି ସେମାନଙ୍କର ରାଜା ଭାବରେ ସେଠାରେ ରହିବାପାଇଁ ସେମାନେ ଇଚ୍ଛା କରିଥିଲେ । ଏଠାକାର ଅଧିବାସୀମାନଙ୍କର ଗଭୀର ଆତ୍ମପ୍ରତ୍ୟୟ ହେଲା ଯେ ଏହି ବୀରପୁଙ୍ଗବ ସେମାନଙ୍କୁ ଯଥେଷ୍ଟ ସୁରକ୍ଷା ଦେଇପାରିବେ । ତେଣୁ ସୂର୍ଯ୍ୟମଣିଙ୍କୁ ସେହି ଅଞ୍ଚଳରେ ରାଜା ହେବାକୁ ସେମାନେ ଅନୁରୋଧ କରିଥିଲେ । ସୂର୍ଯ୍ୟମଣି ସେଠାରେ ଅବସ୍ଥାନ କରିବାପାଇଁ ସିଦ୍ଧାନ୍ତ ନେଲେ । ଗୁନାମାଟି ଗାଁର ଅଧିବାସୀମାନେ ଏହି ଭାତୃଦ୍ୱୟଙ୍କୁ ଦେବତାତୁଲ୍ୟ ସେବା କରିବାକୁ ଲାଗିଲେ ।

ଦୈବୀ ଇଙ୍ଗିତ ଲାଭକରି ରାଜକୁମାର ସୂର୍ଯ୍ୟମଣି ସିଂହ ଗୁନାମାଟିଠାରେ ଏକ ଗଡ଼ ପ୍ରତିଷ୍ଠା କଲେ । ସେ ରାଜା ହେଲେ । ତାଙ୍କ ରାଜତ୍ୱର ଅୟମାରମ୍ଭ ହେଲା । ରୂପା ଦୁର୍ଗାଙ୍କୁ ସ୍ଥାପନା କରି ତାଙ୍କୁ ପୂଜାର୍ଚ୍ଚନା କରିବାକୁ ଲାଗିଲେ । ସାଥିରେ ଆଣିଥିବା ବେତନଟୀମାଳର ଗଡ଼ତିଆକୁ ପରାସ୍ତକରି ସେହି ଅଞ୍ଚଳ ଅକ୍ତିଆରକୁ ଆଣିଲେ । ସୂର୍ଯ୍ୟମଣି ଜଣେ ସ୍ଥାନୀୟ ଗ୍ରାମଦେବତୀଙ୍କ ପୂଜକ ମାଳୀର କନ୍ୟାକୁ ବିବାହ କରିଥିଲେ । ଏହି ମାଳି ସେବାୟତଙ୍କ ନାମ ହେଉଛି ଢୁଙ୍କା ରଣା । ଢୁଙ୍କା ରଣାଙ୍କ କନ୍ୟାଙ୍କର ନାମ ଥିଲା 'ସୁହାଗୀ' । ସେହି ମାଳୀକନ୍ୟା ଅକାଳ ମୃତ୍ୟୁ ଲଭିବାରୁ ସୂର୍ଯ୍ୟମଣି ଦ୍ୱିତୀୟବାର ଜଣେ କ୍ଷତ୍ରିୟ କନ୍ୟାଙ୍କୁ ବିବାହ କରିଥିଲେ । 'Orissa Feudatory sates' ପୁସ୍ତକରେ Cobden Ramsay ଲେଖିଛନ୍ତି— "According to tradition the founder of the family was one Suryamani Singh from Rewah in the central provinces. He established a Garh (fort) at a place called Gunamati in Nayagarh. He was elected by the people of the country as their Chief and received from them in marriage a daughter of Mali, i.e. a Gardener, who was the priest of the village Goddess. On her death he married again, a Kshatriya Bride, whose descedants

Digitized by PPRACHIN, SOA

have since held the gadi of the two states of Nayagarh and Khandapara."

'Survey and Settlement Report' (1928-1931) ସଂଖ୍ୟାରେ ବ.ବୁ ବିଶ୍ୱମ୍ଭର ଦାସ ଟିକିଏ ଭିନ୍ନ ମତପ୍ରଦାନ କରିଛନ୍ତି । ସେ ଚନ୍ଦ୍ରମଣି ସିଂହଙ୍କୁ ଜ୍ୟେଷ୍ଠ ଓ ସୂର୍ଯ୍ୟମଣି ସିଂହଙ୍କୁ କନିଷ୍ଠ ଭାବରେ ଉଲ୍ଲେଖ କରିଛନ୍ତି । ମାତ୍ର ଅନ୍ୟାନ୍ୟ ଘଟଣାକ୍ରମ ସମାନ । ସେ ଲେଖିଛନ୍ତି— "It is alleged that the Raj family of the state are descendants of the Raja of Rewah who belonged to Baghel class of Kshatriyas. Two of his sons Suryamani and Chandramani came on pilgrimage to Puri. On their way back they had to take rest one night in village Gunamati in Betanatimalas in Nayagarh state. Both of them were great devotees of Goddess Chandi. The residents of the place were then passing anxious days on account of the havocs created by the mischiefs of two ferocious tigers. The two brothers took pity on the villagers and killed the tigers with their swords. The villagers approached them to be their rulers and to live with them permanently. Of them Chandramani, the elder left the place and is said to have ruled Athagarh in the District of Ganjam. The younger Suryamani made up his mind to settle there. He founded the Nayagarh state and was succeeded by his son Govind Singh."

ଏହାପରେ ସୂର୍ଯ୍ୟମଣି ସିଂହ ରଳବ ଅଞ୍ଚଳକୁ ଅକ୍ତିଆରକୁ ଆଣିବା ପାଇଁ ଚିନ୍ତାକଲେ । ଶୁଳିଆ ପର୍ବତ ପାଦଦେଶରେ ଘଞ୍ଚ ଜଙ୍ଗଲ ମଧ୍ୟରେ ରଳବ ଅବସ୍ଥିତ । କୁହାଯାଏ 'ଶୁଳିଆ' ପର୍ବତ ହେଉଛି ଷୋହଳ କୋଶ ଲମ୍ବ । ତେବେ ପ୍ରଫେସର ବାସୁଦେବ ସାହୁଙ୍କ ମତରେ 'ରଳବ' ଅର୍ଥ ହେଉଛି ଅରଣ୍ୟ ପରିପୂର୍ଣ୍ଣ ସ୍ଥାନ । ସୂର୍ଯ୍ୟମଣି ସିଂହ ଏହି ରଳବ ଅଞ୍ଚଳକୁ ଅଗ୍ରସର ହେଲେ । ଏଠାରେ ଜଣେ ଗଡ଼ତିଆ ଅବସ୍ଥାନ କରୁଥିଲା । ସୂର୍ଯ୍ୟମଣି ସିଂହ ଏହି ଗଡ଼ତିଆକୁ ପରାସ୍ତ କରି ବିନାଶ କଲେ । ରଳବ ଗ୍ରାମ ଠାରେ ସେ ଦୁର୍ଗଟିଏ ପ୍ରତିଷ୍ଠା କଲେ । ଏହାକୁ ରଳବ ଗଡ଼ କୁହାଗଲା । ରାଜା ସୂର୍ଯ୍ୟମଣି ସିଂହ ରଳବଗ୍ରାମର ଠାକୁରାଣୀ ବାଉରୀ ଠାକୁରାଣୀ (ନାମାନ୍ତର-ବାଉରାଣୀ)ଙ୍କୁ ଇଷ୍ଟଦେବୀ ରୂପେ ଗ୍ରହଣ କଲେ । ବାଉରୀ ଠାକୁରାଣୀ ଥିଲେ ଏହି

Digitized by PPRACHIN, SOA

ଅଞ୍ଚଳର ସ୍ଥାନୀୟ ଦେବୀ । ସୂର୍ଯ୍ୟମଣି ଓ ଚନ୍ଦ୍ରମଣି ଅନନ୍ତର ଗୁନାମାଟି ପରିତ୍ୟାଗ କରି ରଳବଗଡ଼ଠାରେ ଅବସ୍ଥାନ କଲେ ।

ଗୁନାମାଟି ଗଡ଼ କ୍ରମେ ପରିତ୍ୟକ୍ତ ହୋଇ ଗଲା । ଏଣେ ରଳବଗଡ଼ଠାରେ ଅବସ୍ଥାନ କାଳରେ ଢୁଙ୍କା ରଣାଙ୍କର କନ୍ୟା ତଥା ସୂର୍ଯ୍ୟମଣିଙ୍କ ରାଣୀ ସୁହାଗୀଙ୍କର ଅକାଳ ମୃତ୍ୟୁ ଘଟିଲା । ତେଣୁ ରାଜା ସୂର୍ଯ୍ୟମଣି ଦ୍ୱିତୀୟବାର ଏକ କ୍ଷତ୍ରିୟ କନ୍ୟାଙ୍କୁ ବିବାହ କଲେ ।

ସୂର୍ଯ୍ୟମଣି ପ୍ରତିଷ୍ଠା କରିଥିବା ରଳବଗଡ଼ ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସ୍ୱାଧୀନ ଓ ମୁକ୍ତ ଥିଲା । ଏହା ବୌଦ୍ଧରାଜ୍ୟ କିମ୍ବା ରଣପୁର କିମ୍ବା ବାଙ୍କୀ ରାଜ୍ୟର ଅନ୍ତର୍ଭୁକ୍ତ ନ ଥିଲା । ସୂର୍ଯ୍ୟମଣିଙ୍କ ଦ୍ୱାରା ସ୍ଥାପିତ ଏହି ନୂତନ ରାଜ୍ୟର ଆୟତନ କ୍ଷୁଦ୍ର ଓ ସୀମିତ ଥିଲା । ଏହା କେବଳ ଗୁନାମାଟି, ବେତନଟୀ, ରଳବ ଓ ଅନ୍ୟକେତେକ କନ୍ଧ ଅଧ୍ୟୁଷିତ ଅଞ୍ଚଳକୁ ଘେନି ଗଢ଼ି ଉଠିଥିଲା । ସୂର୍ଯ୍ୟମଣିଙ୍କ ସମୟ ତ୍ରୟୋଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବୋଲି ନିର୍ଣ୍ଣୟ କରାଯାଇଛି । ତେଣୁ ନୟାଗଡ଼ ରାଜ୍ୟର ପ୍ରତିଷ୍ଠା ହେଲା ବେଳକୁ ଦିଲ୍ଲୀରେ ତୋଗଲକ ବଂଶର ରାଜତ୍ୱ ସମୟ ଏବଂ ଓଡ଼ିଶାରେ ଗଙ୍ଗବଂଶର ରାଜତ୍ୱ ରାଜତ୍ୱକାଳ । ତେଣୁ ନୟାଗଡ଼ ରାଜବଂଶ ଇତିହାସ ହେଉଛି ଦୀର୍ଘ ସାତ ଶହ ଷାଠିଏ ବର୍ଷର ଇତିହାସ ।

ସୂର୍ଯ୍ୟମଣି ସିଂହଙ୍କ ପରେ ଗୋବିନ୍ଦ ସିଂହ ସିଂହାସନ ଆରୋହଣ କଲେ ।

(୨) ଗୋବିନ୍ଦ ସିଂହ :

ସୂର୍ଯ୍ୟମଣି ସିଂହଙ୍କର ଦୁଇଜଣ ପୁତ୍ର ଥିଲେ । ଜ୍ୟେଷ୍ଠ ପୁତ୍ର ହେଉଛନ୍ତି ଗୋବିନ୍ଦ ସିଂହ ଏବଂ କନିଷ୍ଠ ପୁତ୍ର ଥିଲେ ମାଧବ ଚମ୍ପତି । ସୂର୍ଯ୍ୟମଣି ସିଂହଙ୍କ ପରେ ତାଙ୍କର ଜ୍ୟେଷ୍ଠ ପୁତ୍ର ଗୋବିନ୍ଦ ସିଂହ ରଳବଗଡ଼ରେ ରାଜା ହେଲେ । ସେ ଥିଲେ ଯୋଦ୍ଧା ପୁରୁଷ । ସୁତରାଂ ତାଙ୍କର ଶାସନାଧୀନ ଅଞ୍ଚଳକୁ ବଢ଼ାଇବା ଉଦ୍ଦେଶ୍ୟରେ ସେ ସେହି ଅଞ୍ଚଳର କେତେକ ଗ୍ରାମ ଦଖଲ କରି ନିଜ ରାଜ୍ୟର ସୀମା ବଢ଼ାଇଥିଲେ । ଡକ୍ଟର ଅରବିନ୍ଦ ପଟ୍ଟନାୟକ ଲେଖିଛନ୍ତି- "ସୂର୍ଯ୍ୟମଣିଙ୍କ ପରେ ତାଙ୍କର ପୁତ୍ର ଗୋବିନ୍ଦ ସିଂହ ରାଜପଣ କଲେ । ସେ ଅନ୍ୟ କେତେକ ଗ୍ରାମ ଦଖଲ କରି ନିଜ ରାଜ୍ୟର ସୀମା ବଢ଼ାଇଲେ । ନୟାଗଡ଼ର ମାଦଳାପାଞ୍ଜି ଭାଷାରେ- ସେ "ଅତି ଶୂରବନ୍ତ ଅଟନ୍ତି" ଏବଂ "ଏ ରାଣା ବୋଲାଉ ଥିଲେ ।" ତାଙ୍କର ପୁତ୍ର ଢୁଙ୍କା ସିଂହ ମଧ୍ୟ ଏହି ରାଣାପଦ ରଖିଥିଲେ ।

(୩) ଢୁଙ୍କା ସିଂହ :

ଏ ହେଉଛନ୍ତି ନୟାଗଡ଼ ରାଜବଂଶର ତୃତୀୟ ରାଜପୁରୁଷ । ରାଜା ଢୁଙ୍କା ସିଂହ ଥିଲେ ବଘେଲ ବଂଶର ଜଣେ ଶକ୍ତିଶାଳୀ ରାଜା । ଢୁଙ୍କା ସିଂହ ମଧ୍ୟ ଧୁନ୍‌କା ସିଂହ ନାମରେ ପରିଚିତ ଥିଲେ । ଢୁଙ୍କା ସିଂହ ହରିପୁର ଗ୍ରାମରେ ଆଉ ଗୋଟିଏ ଗଡ଼

Digitized by PPRACHIN, SOA

ସ୍ଥାପନ କରିଥିଲେ । ଏହି ହରିପୁର ଗଡ଼ରେ ସେ ଅବସ୍ଥାନ କରୁଥିଲେ । ତୁଙ୍ଗା ସିଂହ ଚଣ୍ଡୀଙ୍କର ଭକ୍ତ ଥିଲେ । ହରିପୁରର ଗଡ଼ଚଣ୍ଡୀ ଠାକୁରାଣୀଙ୍କୁ ସେ ସେବାପୂଜା କରି ତାଙ୍କର ଆଶିଷ ଲାଭ କରିଥିଲେ । ଗଡ଼ଚଣ୍ଡୀ ଠାକୁରାଣୀଙ୍କୁ ପ୍ରସନ୍ନ କରି ରଖି ଥିଲେ ବୋଲି ଜଣାଯାଏ । ତୁଙ୍ଗା ସିଂହ ଜଣେ ପ୍ରତାପୀ ଓ ବଳବାନ୍ ରାଜାଭାବରେ ସ୍ୱୀକୃତ ।

(୪) ସିଂହଳ ସିଂହ :

ନବଦୁର୍ଗ ରାଜ୍ୟର ଚତୁର୍ଥ ରାଜା ହେଉଛନ୍ତି ସିଂହଳ ସିଂହ । ଏହାଙ୍କୁ ମଧ୍ୟ 'ସିଂହବଳ ସିଂହ' କୁହାଯାଉଛି । ଅନୁମାନ କରାଯାଏ ଯେ 'ସିଂହବଳ'ରୁ ତାଙ୍କର ନାମ 'ସିଂହଳ'କୁ ରୂପାନ୍ତରିତ ହୋଇଛି । ସିଂହଳ ସିଂହ ଜଣେ ପରାକ୍ରମୀଶାଳୀ ରାଜା ଥିଲେ । ଡକ୍ଟର ଅରବିନ୍ଦ ପଟ୍ଟନାୟକ ଲେଖିଛନ୍ତି- "ସେ ଜଣେ ବୀର ପୁରୁଷ ଥିଲେ ।" ସିଂହଳ ସିଂହ ନିଜକୁ 'ବାଘା' ବୋଲି ପରିଚୟ ଦେଉଥିଲେ । ସିଂହଳ ସିଂହ ପିତାଙ୍କ ପରି ହରିପୁର ଗଡ଼ଠାରେ ଅବସ୍ଥାନ କରୁଥିଲେ । ସେ ତାଙ୍କର ପିତୃପିତାମହ ଅମଳର ରାଜ୍ୟର ସୀମାକୁ ବଢ଼ାଇବାରେ ସକ୍ଷମ ହୋଇଥିଲେ । ନୟାଗଡ଼ର ପୁରୁଣା ରାଜବାଟୀ ଯେଉଁଠାରେ ବର୍ତ୍ତମାନ ବିଦ୍ୟମାନ, ସେ ପ୍ରଥମେ ସେଠାରେ ଗୋଟିଏ ଗଡ଼ ପ୍ରତିଷ୍ଠା କରିଥିଲେ । ଏହାଙ୍କ ବିଷୟରେ Cobden Ramsay ଲେଖିଛନ୍ତି- "The Fourth Chief established a Garh (Fort) at Nayagarh and still further extended his dominions." ସିଂହଳ ସିଂହ ଦେବୀଙ୍କର ଉପାସକ ଥିଲେ । ଦୈବୀଶକ୍ତିରୁ ସେ ଅତ୍ୟନ୍ତ ଭାଗ୍ୟଶାଳୀ ଓ ବଳବାନ ଥିଲେ । ସେ ହରିପୁର ଗଡ଼ଚଣ୍ଡୀଙ୍କୁ ଆରାଧନା କରୁଥିଲେ ଏବଂ ଇଷ୍ଟଦେବୀ ବାଉରୀ ଠାକୁରାଣୀଙ୍କୁ ମଧ୍ୟ ସେବାପୂଜା କରୁଥିଲେ । ରାଜା ସିଂହଳ ସିଂହ ଶିକାର ପ୍ରିୟ ଥିଲେ । ଜଣେ କୁଶଳୀ 'ଶିକାରୀ' ଭାବରେ ତାଙ୍କର ଖ୍ୟାତି ଥିଲା ।

(୫) ହରିହର ସିଂହ :

ଏହି ରାଜା ହେଉଛନ୍ତି ନୟାଗଡ଼ ବଘେଲ ରାଜବଂଶର ପଞ୍ଚମ ରାଜ ପୁରୁଷ । ସିଂହଳ ସିଂହଙ୍କ ଅନ୍ତେ ହରିହର ସିଂହ ଅଭିଷିକ୍ତ ହେଲେ । ସେ ମଧ୍ୟ ପିତାଙ୍କ ପରି ପରାକ୍ରମୀ ଓ ଦୁର୍ଦ୍ଧର୍ଷ ଥିଲେ । ହରିହର ସିଂହ କୃଷ୍ଣକାୟ ଥିଲେ । ଏଣୁ ଲୋକ ମୁଖରେ ସେ "କାଳିଆ ବାଘା" ନାମରେ ପରିଚିତ ଥିଲେ । ହରିହର ସିଂହଙ୍କ ରାଜତ୍ୱ କାଳରେ ରାଜ୍ୟରେ ଆଖିଦୃଶିଆ ଘଟଣା ନାହିଁ । ତେବେ ରାଜ୍ୟର ସୁରକ୍ଷା ପ୍ରତି ସେ ବେଶ୍ ଧ୍ୟାନଶୀଳ ଥିଲେ ।

(୬) ଭଦ୍ର ସିଂହ :

ନୟାଗଡ଼ ବଘେଲ ରାଜବଂଶର ଷଷ୍ଠତମ ରାଜା ହେଉଛନ୍ତି ଭଦ୍ର ସିଂହ । ତାଙ୍କର ମୂଳନାମ ବଳଭଦ୍ର ସିଂହ ବୋଲି ଅନୁମାନ କରାଯାଇପାରେ । ବଳଭଦ୍ର ସିଂହ ଲୋକଭାଷାରେ ସଂକ୍ଷେପରେ 'ଭଦ୍ର ସିଂହ' । ତାଙ୍କ ରାଜତ୍ୱ କାଳରେ ମଧ୍ୟ କୌଣସି

Digitized by PPRACHIN, SOA

ଉଲ୍ଲେଖଯୋଗ୍ୟ ଘଟଣା ଘଟି ନାହିଁ । ପିତା ହରିହର ସିଂହଙ୍କ ପରେ ସେ ଗାଦିସୀନ ହେଲେ । ଭଦ୍ର ସିଂହଙ୍କର ସୌମ୍ୟକାନ୍ତ ଚେହେରା ଥିଲା । ସେ ମଧ୍ୟ ପୂର୍ବ ରାଜାଙ୍କ ପରି ଶାନ୍ତ ଥିଲେ । ଇଷ୍ଟଦେବୀ ବାଉରୀ ଠାକୁରାଣୀଙ୍କର ସେବାବିଧିକୁ ସେ ଯଥାରୀତି ପାଳନ କରୁଥିଲେ । ରାଜ୍ୟର ସୀମା ବଢ଼ାଇବା ପାଇଁ ସେ କୌଣସି ପଦକ୍ଷେପ ନେଇ ନ ଥିଲେ । ଡକ୍ଟର ଅରବିନ୍ଦ ପଟ୍ଟନାୟକ ଲେଖିଛନ୍ତି- "ତାଙ୍କର ବୀରତ୍ୱ ଓ ଜ୍ଞାନଗରିମା ବିଷୟରେ କିଛି ଶୁଣାଯାଏ ନାହିଁ ।" ଭଦ୍ର ସିଂହଙ୍କ ରାଜତ୍ୱ ବିଷୟରେ କୌଣସି ପ୍ରାମାଣିକ ତଥ୍ୟ ମିଳେ ନାହିଁ ।

(୭) ଗନ୍ଧ ସିଂହ :

ନୟାଗଡ଼ ରାଜ୍ୟର ସପ୍ତମ ରାଜା ହେଉଛନ୍ତି ଗନ୍ଧ ସିଂହ । ପିତା ଭଦ୍ର ସିଂହଙ୍କ ପରଲୋକ ଗମନ ପରେ ଗନ୍ଧସିଂହ ସିଂହାସନ ଆରୋହଣ କଲେ । ଗନ୍ଧ ସିଂହ ପୂର୍ବ ରାଜାଙ୍କ ପରି ଥିଲେ କେବଳ ଜଣେ ସ୍ଥାନୀୟ ମୁଖ୍ୟ (Local Chief) ବା ରାଜା । ସେହି ସମୟରେ ନୟାଗଡ଼ ଅଞ୍ଚଳ ଦୁର୍ଗମ ଅରଣ୍ୟରେ ପରିପୂର୍ଣ୍ଣ ଥିଲା । ବହୁଳ ଜନବସତି ନ ଥିଲା । ତେଣୁ ସୀମିତ ସଂଖ୍ୟକ ଗାଁକୁ ନେଇ ରାଜା ରାଜୁତି କରୁଥିଲେ । ପ୍ରଜାମାନଙ୍କ ପାଇଁ ଯାହା ହିତକର ବୋଲି ରାଜା ଭାବୁଥିଲେ, ସେହି ଅନୁଯାୟୀ ରାଜା ଗନ୍ଧସିଂହ ଶାସନ କରୁଥିଲେ ।

(୮) ଘନଶ୍ୟାମ ସିଂହ :

ପିତା ଗନ୍ଧ ସିଂହଙ୍କ ପରେ ଘନଶ୍ୟାମ ସିଂହ ନୟାଗଡ଼ ରାଜ୍ୟର ରାଜା ହେଲେ । ସେ ହେଉଛନ୍ତି ବଘେଲ ରାଜବଂଶର ଅଷ୍ଟମ ରାଜପୁରୁଷ । ଘନଶ୍ୟାମ ସିଂହ ନିଜକୁ 'ରାଣା' ବୋଲି ପରିଚୟ ଦେଉଥିଲେ । ଡକ୍ଟର ଅରବିନ୍ଦ ପଟ୍ଟନାୟକ ଲେଖିଛନ୍ତି- "ଗନ୍ଧ ସିଂହଙ୍କ ପରବର୍ତ୍ତୀ ରାଜା ଘନଶ୍ୟାମ ସିଂହ 'ରାଣା' ବୋଲାଉଥିଲେ । ସେ ହିନ୍ଦୁ ଶାସ୍ତ୍ର ଅନୁସାରେ ବ୍ରତ, ଧ୍ୟାନ, ତପସ୍ୟାଦି କରୁଥିଲେ ଏବଂ ଅତ୍ୟନ୍ତ ଧର୍ମ ପରାୟଣ ଥିଲେ ।" ଘନଶ୍ୟାମ ସିଂହ ଜଣେ ପ୍ରଜାବତ୍ସଳ ନରପତି ଥିଲେ ।

(୯) ବାଘା ସିଂହ :

ନୟାଗଡ଼ର ନବମ ରାଜା ହେଉଛନ୍ତି ବାଘା ସିଂହ । ସେ ମଧ୍ୟ 'ବାଘା ଚମ୍ପତି' ନାମରେ ପରିଚିତ ଥିଲେ । ପିତା ଘନଶ୍ୟାମ ସିଂହଙ୍କ ପରେ ସେ ସିଂହାସନ ପ୍ରାପ୍ତ ହେଲେ । ପୂର୍ବବର୍ତ୍ତୀ ରାଜାମାନଙ୍କ ଅପେକ୍ଷା ବାଘାସିଂହ ବୀର, ସାହସୀ ଓ ଦୂରଦୃଷ୍ଟିସମ୍ପନ୍ନ ରାଜପୁରୁଷ ଥିଲେ । ସେ ଭଲ ଶିକାରୀ ଥିଲେ । ଆଜିର ଯେଉଁ ନୟାଗଡ଼ ସହର ଗଢ଼ିଉଠିଛି, ବାଘା ସିଂହ ତା'ର ପ୍ରତିଷ୍ଠାତା । ତେଣୁ ନୟାଗଡ଼କୁ "ବାଘୁଆ ନୟାଗଡ଼" କୁହାଯାଏ ।

ଜନଶ୍ରୁତି ଅନୁସାରେ ଏକଦା ବାଘା ସିଂହ ସୈନ୍ୟଦଳ ସହିତ ରୁକ୍ଷି ପାହାଡ଼ ଅଞ୍ଚଳରେ ପାରିଧି (ଶିକାର) କରିବାକୁ ଆସିଥିଲେ । ବର୍ତ୍ତମାନ ଯେଉଁସ୍ଥାନରେ ପୁରୁଣା

Digitized by PPRACHIN, SOA

ରାଜବାଟୀ ରହିଛି, ସେହି ସ୍ଥାନରେ ବାଘା ସିଂହ ଏକ ବିଚିତ୍ର ଦୃଶ୍ୟ ଦେଖିଲେ । ରାଜା ଦେଖିଲେ ସେ ତାଙ୍କର ଶିକାରୀ କୁକୁରଟିକୁ ଗୋଟିଏ ଖରିଆ ମାଡ଼ି ବସି ବଳହୀନ କରିପକାଉଛି । ତେଣୁ ରାଜା ଏହି ସ୍ଥାନକୁ 'ବୀରମାଟି' ବୋଲି ସିଦ୍ଧାନ୍ତରେ ପହଞ୍ଚିଲେ ।

ଅନନ୍ତର ରାଜା ଏହି ଅଞ୍ଚଳରେ ରହିଥିବା ଘଞ୍ଚ ଅରଣ୍ୟାନୀକୁ କଟାଇ, ସଫା କରି ଗଡ଼ ପ୍ରତିଷ୍ଠା କଲେ । ନୂତନ ଭାବରେ ଏଠାରେ ଗଡ଼ ପ୍ରତିଷ୍ଠା କରିଥିବାରୁ ଏହି ସ୍ଥାନର ନାମ "ନୟାଗଡ଼" ରଖାଯାଇଥିଲା । ବାଘାସିଂହ ହିନ୍ଦୀ ଭାଷୀ ଥିବାରୁ ଏହି ସ୍ଥାନର ନାମ 'ନୟା+ଗଡ଼' **'ନୟାଗଡ଼'** ରଖିଥିଲେ ।

ଯେଉଁ ସ୍ଥାନରେ କୁକୁରକୁ ଖରିଆ ମାଡ଼ି ବସିଥିଲା, ତାହାକୁ "କୁକୁରଟାସରା" କୁହାଯାଉଛି ।

ବାଘା ସିଂହ ହିନ୍ଦୀ ଭାଷୀ ଥିବାରୁ ସ୍ଥାନର ନାମ "ନୟାଗଡ଼" ରଖିଥିଲେ । କିନ୍ତୁ ଲୋକମୁଖରେ ପ୍ରଚଳିତ ଏହାର ନାମ ହେଉଛି "ନୂଆଗଡ଼" ।

ସୁତରାଂ ରଳବଗଡ଼ରୁ ନୟାଗଡ଼ ଆଗମନ ଥିଲା ବାଘା ସିଂହଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ । ନୟାଗଡ଼ ପ୍ରତିଷ୍ଠା ସମୟ ଆନୁମାନିକ ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧ । ଡକ୍ଟର ଅରବିନ୍ଦ ପଟ୍ଟନାୟକ ଲେଖିଛନ୍ତି- "ବାଘା ସିଂହ ବା ବାଘା ଚଂପତି ଆନୁମାନିକ ଷୋଡ଼ଶ ଶତାବ୍ଦୀର ଶେଷାର୍ଦ୍ଧରେ ଏହି ଗଡ଼ ନିର୍ମାଣ କରିଥିଲେ ।"

ଏଠାରେ କିମ୍ବଦନ୍ତୀଟି ହୁଏତ ଗୋଟିଏ ପରିକଳ୍ପିତ କାହାଣୀ । କିନ୍ତୁ ବାସ୍ତବ ଘଟଣାଟି ଏୟା ଯେ ରଳବଗଡ଼ ଅପେକ୍ଷା ରୁକ୍ଷି ପାହାଡ଼ର ପାଦଦେଶ ଗଡ଼ ସ୍ଥାପନ ପାଇଁ ବେଶ୍ ଅନୁକୂଳ, ଉପଯୋଗୀ ଏବଂ ସ୍ୱାସ୍ଥ୍ୟକର ଥିଲା । ନିରାପତ୍ତା ଦୃଷ୍ଟିରୁ ଏହା ବେଶ୍ ଉତ୍କୃଷ୍ଟ ଥିଲା । କାରଣ ରୁକ୍ଷି, ବଳରାମ ଏବଂ ପୂର୍ବରେ ଜଙ୍ଗାଙ୍ଗି ପହାଡ଼- ଏହି ତିନିଗୋଟି ପାହାଡ଼ର ସୁରକ୍ଷା ବଳୟ ଭିତରେ ନୟାଗଡ଼ ରାଜ୍ୟ ଥିଲା । ନୀଳମଣି ସେନାପତି ଲେଖିଛନ୍ତି- "It is said that Bagha Singh, a former Raja named the place as 'Nuagarh' after establishing a new fort and making it his capital Nuagarh is now officially known as Nayagarh."

ତେବେ ବାଘାସିଂହ ଏଠାରେ ଗଡ଼ ପ୍ରତିଷ୍ଠା କରି ଅବସ୍ଥାନ କଲେ । ରଳବଗଡ଼ ପରିତ୍ୟକ୍ତ ଗଡ଼ ହେଲା । ଏହାପରେ ବାଘାସିଂହ ମହୀପୁର ଓ ଭାଟସାହିର ଡମ୍ବଗଡ଼ତିଆକୁ ପରାସ୍ତ କରି ମହୀପୁର ଓ ଭାଟସାହି ଅଞ୍ଚଳ ଅଧିକାର କଲେ । ସେ ଭାଟସାହିରେ ଗୋଟିଏ ଦୁର୍ଗ ପ୍ରତିଷ୍ଠା କଲେ । ନୟାଗଡ଼ର ଡମସର୍ଦ୍ଦାରଙ୍କୁ ନିଜ ଅଧୀନକୁ ଆଣିଲେ । ଡମସର୍ଦ୍ଦାରଙ୍କ ସାହାଯ୍ୟରେ ସେ ନୟାଗଡ଼ରେ ଦୁର୍ଗ ପ୍ରତିଷ୍ଠା କଲେ । ଡମ ସର୍ଦ୍ଦାର ଏହି ଅଞ୍ଚଳର ସ୍ଥାନୀୟ ବାସିନ୍ଦା ଥିବାରୁ ତାଙ୍କର ସାହାଯ୍ୟରେ ରାଜା ବାଘା ସିଂହ

Digitized by PPRACHIN, SOA

ବାଙ୍କୀ ରାଜାଙ୍କ ଅଧୀନରେ ରହିଥିବା ଖଣ୍ଡପଡ଼ା ଅଞ୍ଚଳକୁ ନିଜ ରାଜ୍ୟରେ ସାମିଲ କଲେ ।

ବାଘା ସିଂହ ତାଙ୍କର ଇଷ୍ଟଦେବୀ ବାଉରୀ ଠାକୁରାଣୀଙ୍କୁ ରଳବଗଡ଼ରୁ ନୟାଗଡ଼ ରାଜବାଟୀକୁ ସ୍ଥାନାନ୍ତର କଲେ । ଦେବୀଙ୍କୁ ରାଜବାଟୀରେ ସ୍ଥାପନା କଲେ । ବାଘା ସିଂହ ରୁକ୍ଷି ପର୍ବତର ପାଦଦେଶରେ ବିଶ୍ୱନାଥ ଶିବଲିଙ୍ଗ ପ୍ରତିଷ୍ଠା କରିଥିଲେ । ନୟାଗଡ଼ରେ ଶୂଳିଆ ଠାକୁରାଣୀ ଏବଂ ତରକାଇ ଠାକୁରାଣୀଙ୍କୁ ମଧ୍ୟ ରାଜା ବାଘା ସିଂହ ସ୍ଥାପନା କରିଥିଲେ । ସୁତରାଂ ଶୈବଧର୍ମ ଓ ଶାକ୍ତଧର୍ମର ପ୍ରଚାର କ୍ଷେତ୍ରରେ ରାଜା ବାଘା ସିଂହ ପ୍ରୟାସ ଜାରି ରଖିଥିଲେ ।

ରୁକ୍ଷି ପର୍ବତର ପାଦଦେଶରେ ନୟାଗଡ଼ ରାଜବାଟୀ (ଗଡ଼) ପ୍ରତିଷ୍ଠା କରି ରାଜା ବାଘା ସିଂହ ବହୁ ଯଶର ଅଧିକାରୀ ଥିଲେ ।

(୧୦) କୁତବନ ସିଂହ :

କୁତବନ ସିଂହ ନୟାଗଡ଼ର ଦଶମ ରାଜା । ପିତା ବାଘା ସିଂହଙ୍କ ପରେ ସେ ନୟାଗଡ଼ ରାଜଗାଦି ପ୍ରାପ୍ତ ହେଲେ । ରୁକ୍ଷି ପର୍ବତ ପାଦଦେଶରେ ନୂଆ କରି ରାଜଧାନୀ ଗଢ଼ି ଉଠିଥିବାରୁ ସେ କେତେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ । କାରଣ ଏହି ଅଞ୍ଚଳ ସେହି ସମୟରେ ଜନବସତି ପରିପୂର୍ଣ୍ଣ ନ ଥିଲା । ନୟାଗଡ଼ ଅଞ୍ଚଳ ଦୁର୍ଗମ ବଣଭୂମି, ଖାଲ ଓ ଖମାରେ ପରିପୂର୍ଣ୍ଣ ଥିଲା । ତେଣୁ ବଣଭୂମି ସଫା କରାଇ ସେ ଏଠାରେ ଜନବସତି ସ୍ଥାପନ କରାଇ ଥିଲେ । କୁତବନ ସିଂହଙ୍କ ରାଜତ୍ୱ କାଳରେ ପୁରୀ ନିକଟସ୍ଥ ଆମ୍ବରଙ୍ଗ ଗ୍ରାମର ପଟ୍ଟନାୟକ ସଂଜ୍ଞାଧାରୀ କରଣ ପରିବାରମାନେ ନୟାଗଡ଼ ରାଜ୍ୟକୁ ଆସି ସୁନାନଟିନୂଆଗାଁ, ଗୁଣ୍ଠୁଣୀ, ଚଢ଼ୟାମାନପୁର ପ୍ରଭୃତି ଗ୍ରାମମାନଙ୍କରେ ବସତି ସ୍ଥାପନ କଲେ । କ୍ରମେ କ୍ରମେ ନୟାଗଡ଼ ରାଜ୍ୟ କୁତବନ ସିଂହଙ୍କ ରାଜତ୍ୱ କାଳରେ ସଂଗଠିତ ହେବାକୁ ଲାଗିଲା ।

(୧୧) ଟାଙ୍କୁଳ ସିଂହ :

ଟାଙ୍କୁଳ ସିଂହ ନୟାଗଡ଼ ବଘେଲ ବଂଶୀୟ ଏକାଦଶ ରାଜା । ପିତା କୁତବନ ସିଂହଙ୍କ ପରେ ସେ ନୟାଗଡ଼ ରାଜ୍ୟର ରାଜା ହେଲେ । ତାଙ୍କର ନାମ ମଧ୍ୟ ତନୁକୁଳ ସିଂହ ଥିବାର ପ୍ରମାଣ ମିଳେ । ତନୁକୁଳ ସିଂହ ଶିକାର ପ୍ରିୟ ଥିଲେ । ସେ ନିଜକୁ ଜଣେ ଦକ୍ଷ ଶିକାରୀ ଭାବରେ ପରିଚିତ କରାଇଥିଲେ । ନୟାଗଡ଼ ରାଜ୍ୟର ଲୋକସଂଖ୍ୟା ବଢ଼ାଇବା ପାଇଁ ସେ ବହୁ ଲୋକଙ୍କୁ ନୟାଗଡ଼ ରାଜ୍ୟକୁ ଅଣାଇ ସେମାନଙ୍କର ବସବାସପାଇଁ ବନ୍ଦୋବସ୍ତ କରିଥିଲେ । ସେ ଜଗନ୍ନାଥଙ୍କ ଭକ୍ତ ଥିଲେ । ତେଣୁ ଶ୍ରୀକ୍ଷେତ୍ରକୁ ଯାତ୍ରା କରି ସେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରୁଥିଲେ । ସେ ଥିଲେ ଜଣେ ବିଚାରବନ୍ତ ରାଜା । ଦେବତା ଏବଂ ବ୍ରାହ୍ମଣମାନଙ୍କୁ ସେ ବରାବର ଭକ୍ତି କରୁଥିଲେ । କିନ୍ତୁ

Digitized by PPRACHIN, SOA

ଜଣାଯାଏ ଯେ ନୟାଗଡ଼ର ଏକାଦଶ ରାଜାଙ୍କ ପର୍ଯ୍ୟନ୍ତ ନୟାଗଡ଼ ଦରବାରରେ ହେଉ କିମ୍ବା ନୟାଗଡ଼ ଗଡ଼ଜାତରେ ହେଉ ଓଡ଼ିଆ ସାହିତ୍ୟ ରଚିତ ହୋଇ ନ ଥିଲା ।

(୧୨) ରଘୁନାଥ ସିଂହ :

ରଘୁନାଥ ସିଂହ ନୟାଗଡ଼ ବଘେଲ ରାଜବଂଶର ଦ୍ୱାଦଶତମ ରାଜା । ରଘୁନାଥ ସିଂହ ସିଂହାସନ ପ୍ରାପ୍ତି ପରେ ରାଜ୍ୟଜୟ ଅଭିଯାନ ଆରମ୍ଭ କରିଥିଲେ । ସେ ଯୁଦ୍ଧ ଅଭିଯାନ ଆରମ୍ଭ କରି ରଣପୁର, ବାଣପୁର, ଘୁମୁସର, ବୌଦର ରାଜାମାନଙ୍କୁ ପରାସ୍ତ କରି ସେମାନଙ୍କ ରାଜ୍ୟର କିଛି କିଛି ଅଂଶ ଜୟ କରି ନୟାଗଡ଼ ରାଜ୍ୟର ସୀମାକୁ ବଢ଼ାଇ ଥିଲେ । ତାଙ୍କ ସମ୍ପର୍କରେ L.E.B. Cobden Ramsay ଲେଖିଛନ୍ତି- "The twelveth Chief extended his boundaries by waging war against with the Chief of Baud, Banpur, Ranpur and Ghumsar."

ରଘୁନାଥ ସିଂହ ପରାକ୍ରମଶାଳୀ ନରପତି ଥିଲେ । ସେ ରଣପୁର ରାଜା ନାରାୟଣ ସିଂହ ନରେନ୍ଦ୍ର ମହାପାତ୍ରଙ୍କ ଠାରୁ ଓଡ଼ଗାଁ, ଶରଣକୁଳ, ବାଉଁଶିଆ, କେନ୍ଦୁଝିପି, ଖତିଆ ପ୍ରଭୃତି ଅଞ୍ଚଳ ଅଧିକ୍ କଲେ । ବୌଦରାଜାଙ୍କ ଠାରୁ ବର୍ତ୍ତମାନର ପୁରୁଣା ଦଶପଲ୍ଲା ପର୍ଯ୍ୟନ୍ତ ଅଧିକାର ଙ୍କଲେ । ଓଡ଼ିଶାର ଦକ୍ଷିଣ ଦିଗକୁ ରହିଥିବା ସୁନାମୁହିଁ ଅଞ୍ଚଳକୁ ଘୁମୁସର ରାଜାଙ୍କଠାରୁ ଅଧିକାର କରିନେଲେ । ବାଣପୁର ରାଜ୍ୟର କୁସୁମୀ ଓ ବାଣପୁର ଘାଟୀ ମଧ୍ୟବର୍ତ୍ତୀ ଅଞ୍ଚଳ ଅଧିକାର କଲେ । ନୟାଗଡ଼ର ପୂର୍ବ ଭାଗରେ ରହିଥିବା ଇଟାମାଟି ଅଞ୍ଚଳକୁ ନୟାଗଡ଼ ରାଜ୍ୟ ସହିତ ସାମିଲ କଲେ । ଫଳରେ ରଘୁନାଥ ସିଂହଙ୍କ ସମୟରେ ନୟାଗଡ଼ ରାଜ୍ୟ ପୂର୍ବରେ ଇଟାମାଟି ଠାରୁ ଆରମ୍ଭ କରି ପଶ୍ଚିମରେ ଆଜିର ପୁରୁଣା ଦଶପଲ୍ଲା ପର୍ଯ୍ୟନ୍ତ ଏବଂ ଉତ୍ତରରେ ଯୋଗିଆପଲ୍ଲୀ ଠାରୁ ଦକ୍ଷିଣରେ ସୁନାମୁହିଁ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ।

ରାଜ୍ୟ ଜୟ ପରେ ସୁଶାସନ ନିମିତ୍ତ ରଘୁନାଥ ସିଂହ ଧ୍ୟାନ ଦେଇଥିଲେ । ରାଜ୍ୟରେ ମଙ୍ଗଳ ବିଧାନ ନିମିତ୍ତ ସେ ତିନିଗୋଟି ବ୍ରାହ୍ମଣ ଶାସନ ପ୍ରତିଷ୍ଠା କରିଥିଲେ । ତାଙ୍କ ଦ୍ୱାରା ସ୍ଥାପିତ ଏହି ତିନିଗୋଟି ଶାସନୀ ବ୍ରାହ୍ମଣ ଗାଁ ସହିତ ନିଜର ନାମ ଯୁକ୍ତ କରିଥିଲେ । ଏହି ତିନିଗୋଟି ଗ୍ରାମ ହେଉଛି- ବାଉଁଶିଆ ରଘୁନାଥପୁର, କରଡ଼ା ରଘୁନାଥପୁର୍ ଏବଂ ଗୋବିନ୍ଦପୁର ରଘୁନାଥପୁର ଶାସନ ।

ଏହାପୂର୍ବରୁ ନୟାଗଡ଼ରେ ଚାରିଗୋଟି ବ୍ରାହ୍ମଣ ଶାସନ ସ୍ଥାପିତ ହୋଇଥିଲା । ଏହି ଚାରିଗୋଟି ବ୍ରାହ୍ମଣ ଶାସନ ରଣପୁରର ନରେନ୍ଦ୍ର ଉପାଧିଧାରୀ କୌଣସି ନରପତିଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । କାରଣ ଏହିସବୁ ବିଜିତ ଅଞ୍ଚଳ ରଣପୁର ରାଜାଙ୍କର ଅଧୀନରେ ରହିଥିଲା ଏବଂ ଏହି ଗ୍ରାମ ନାମ ସହିତ 'ନରେନ୍ଦ୍ର' ଯୁକ୍ତ ହୋଇଛି । ଏହି

Digitized by PPRACHIN, SOA

ଚାରିଗୋଟି ଗ୍ରାମ ହେଉଛି କଣ୍ଟାବଣିଆଁ ନରେନ୍ଦ୍ର ପୁର ଶାସନ, ରାବରା-ନରେନ୍ଦ୍ରପୁର ଶାସନ, ବାଉଁଶଗାଡ଼ିଆ ନରେନ୍ଦ୍ରପୁର ଶାସନ ଏବଂ ପଟ୍ଟିଖାରି ନରେନ୍ଦ୍ରପୁର ଶାସନ । ଉଲ୍ଲେଖଯୋଗ୍ୟ ଯେ ଶରଣକୁଳର ନରେନ୍ଦ୍ରପୁର ଶାସନ ରଣପୁରର ରାଜାଙ୍କ ଦ୍ୱାରା ସ୍ଥାପିତ । ରଘୁନାଥ ସିଂହଙ୍କର ତିନିଗୋଟି ପୁତ୍ର ଥିଲେ । ପ୍ରଥମପୁତ୍ର- ହରିହର ନରେନ୍ଦ୍ର, ଦ୍ୱିତୀୟପୁତ୍ର- ଯଦୁନାଥ-ମଙ୍ଗରାଜ ଏବଂ ତୃତୀୟପୁତ୍ର- କୃଷ୍ଣ ବଳିଆର ସିଂହ । ସେ ଜ୍ୟେଷ୍ଠପୁତ୍ର ହରିହର ସିଂହଙ୍କୁ ନୟାଗଡ଼ ରାଜ୍ୟ ପ୍ରଦାନ କଲେ । ମଧ୍ୟମ ପୁତ୍ର ଯଦୁନାଥ ସିଂହଙ୍କୁ ଖଣ୍ଡପଡ଼ାର ରାଜା କରାଇଲେ । ଯଦୁନାଥ ସିଂହ ନୟାଗଡ଼ରୁ କେତେଖଣ୍ଡ ପଡ଼ା ନେଇ ରାଜ୍ୟ ପ୍ରତିଷ୍ଠା କରିଥିବାରୁ ରାଜ୍ୟର ନାମ ଖଣ୍ଡପଡ଼ାଗଡ଼ (ସଂସ୍କୃତରେ ଖଣ୍ଡପତନ ଦୁର୍ଗ) ରଖାଗଲା । କନିଷ୍ଠ ପୁତ୍ରକୁ ଲକ୍ଷ୍ମୀପ୍ରସାଦ ଗଡ଼ ପ୍ରଦାନ କରିଥିଲେ । କନିଷ୍ଠପୁତ୍ର ସନ୍ତାନହୀନ ଥାଇ ମୃତ୍ୟୁବରଣ କରିବାରୁ ଲକ୍ଷ୍ମୀପ୍ରସାଦ ପୁନଃ ନୟାଗଡ଼ ରାଜ୍ୟ ସହିତ ମିଶିଗଲା, କିନ୍ତୁ ନୟାଗଡ଼ ଓ ଖଣ୍ଡପଡ଼ାର ସୀମାରେଖା ପୂର୍ବପରି ଅତୁଟ ରହିଲା । L.E.B. Cobden Ramsay ଲେଖିଛନ୍ତି- "He gave Nayagarh to his eldest son Harihara Singh Khandapara to his second son Jadunath Singh Mangaraj and Laxmiprasad to his third son. The third son dying heirless, Laxmiprasad was again included in Nayagarh and the boundaries of Nayagarh and Khandapara then fixed remained unchanged."

ଏଠାରେ ଉଲ୍ଲେଖଯୋଗ୍ୟ ଯେ ନୟାଗଡ଼ ରାଜ୍ୟକୁ ବେଶ୍ ସଙ୍ଗଠିତ କରି ରାଜା ରଘୁନାଥ ସିଂହ ମାନଧାତା ଏହାର ଏକ ସ୍ୱତନ୍ତ୍ର ରୂପରେଖ ପ୍ରଦାନ କରିଥିଲେ । ସେ ମଧ୍ୟ ଖଣ୍ଡପଡ଼ା ରାଜ୍ୟର ମୂଳଦୁଆ ପକାଇଥିଲେ । ଏହି ଦୃଷ୍ଟିରୁ ନୟାଗଡ଼ର ଇତିହାସରେ ସେ ହେଉଛନ୍ତି ଜଣେ କୀର୍ତ୍ତିମାନ ନରପତି ।

୧୩. ହରିହର ସିଂହ :

ନୟାଗଡ଼ ରାଜବଂଶର ତ୍ରୟୋଦଶ ରାଜା ହେଉଛନ୍ତି ହରିହର ସିଂହ । ପିତା ରଘୁନାଥ ସିଂହଙ୍କ ପରେ ହରିହର ସିଂହ ଗାଦି ପ୍ରାପ୍ତ ହେଲେ । ଏହି ରାଜାଙ୍କ ସମୟରେ ରୁକ୍ଷିପାହାଡର ଉତ୍ତର-ପାର୍ଶ୍ୱରେ ରାଜବାଟୀ ନିର୍ମାଣ କରାଯାଇଥିଲା । ଏହାକୁ ଏବେ ପୁରୁଣା ରାଜବାଟୀ କୁହାଯାଉଛି । ଏହି ରାଜବାଟୀର ଭଗ୍ନାବଶେଷ ଏବେ ରହିଛି । ସେ ପୁରୀ ଗଜପତି ପୁରୁଷୋତ୍ତମ ଦେବ (୧୬୦୭-୧୬୨୨)ଙ୍କଠାରୁ 'ନରେନ୍ଦ୍ର' ପଦ ପାଇଥିଲେ ।

ତାଙ୍କର ପିତା ରଘୁନାଥ ସିଂହ ବାଣପୁର ରାଜାଙ୍କଠାରୁ ଶରଣକୁଳ ଗ୍ରାମ ଓ ଲଡୁବାବାଙ୍କ ମନ୍ଦିର ଯୌତୁକ ପାଇଥିଲେ । ମାତ୍ର ସେ ରାଣୀଙ୍କର ମୃତ୍ୟୁ ହେବାରୁ ବାଣପୁର

Digitized by PPRACHIN, SOA

ରାଜା ତାହା ନେଇଗଲେ । ତେଣୁ ହରିହରଙ୍କ ସହିତ ବାଣପୁର ରାଜାଙ୍କର ଯୁଦ୍ଧ ହୋଇଥିଲା । ହରିହର ସିଂହ ଶରଣକୁଳ ସମେତ କେତେକ ଗ୍ରାମ ନିଜ ଅଧୀନକୁ ଆଣିଥିଲେ ।

ହରିହର ସିଂହ ବାଣପୁର ରାଜଜେମା ମଣ୍ଡାଦେବୀଙ୍କୁ ବିବାହ କଲେ । ସେ ବାଣପୁରରେ କାନ୍ଦୁମାଳ ଜିଲ୍ଲା ଜୟକରି ନୟାଗଡ଼ ରାଜ୍ୟ ସହିତ ସାମିଲ କରାଇଲେ । ସେହିଦିନ ଠାରୁ ଲଡୁକେଶ୍ୱର ମହାଦେବ ନବଦୁର୍ଗର ଇଷ୍ଟଦେବତା ରୂପରେ ପୂଜିତ ହେଲେ ।

ଲଡୁକେଶ୍ୱର ମହାଦେବଙ୍କ ନାମକରଣ ସମ୍ପର୍କରେ "କପିଳ ସଂହିତା"ରେ ଉଲ୍ଲେଖ ରହିଛି । ବହୁ ଅତୀତରେ ଶରଣକୁଳ ନିକଟସ୍ଥ ଅସୁରଢ଼ିପା ଠାରେ ଲୋହାସୁର ନାମରେ ଏକ ଦୈତ୍ୟ ବାସ କରୁଥିଲା । ସେ ଯୁଦ୍ଧରେ ପରାଜିତ ନ ହେବା ପାଇଁ ଗୋଟିଏ ଲୌହ ରୂପରେ ପଡ଼ି ରହୁଥିଲା । କିନ୍ତୁ ତାକୁ ବିନାଶ କରିବା ପାଇଁ ଶିବ 'ଲ୍ୟାହି' ଓ ବ୍ରହ୍ମା 'ହାତୁରା' ହେଲେ । ବିଷ୍ଣୁ ସେହି ଅସୁର ରୂପୀ ଲୁହାକୁ 'ଲ୍ୟାହି' ଉପରେ ରଖି ହାତୁରାରେ ପିଟି ପିଟି ମାରି ପକାଇଲେ । ଶିବ ଯେଉଁ ଲ୍ୟାହି ରୂପ ଧାରଣ କରିଥିଲେ, ସେ ସେହିଦିନ ଠାରୁ ଲଡୁବାବାଙ୍କ ଲିଙ୍ଗସ୍ୱରୂପ ପୂଜା ପାଇଲେ । "କପିଳସଂହିତା" ଅନୁସାରେ-

ବାଣ ଉବାଚ

"କଥ୍ୟତାଂ ଲଡୁକେଶସ୍ୟ ପ୍ରାଦୁର୍ଭାବଂ ସଦାଶିବ
ଶ୍ରୁତ୍ୱା ତସ୍ୟୈବ ମାହାତ୍ମ୍ୟଂ କୃତକୃତ୍ୟୋଭବାମ୍ୟହମ୍ ॥"

ଶ୍ରୀ ଶିବ ଉବାଚ

"ପୁରା ଲୋହାସୁରୋ ନାମ ସ୍ଥିତଃ କଶ୍ଚିଦ୍‌ଦିତେଃ ସୁତଃ
ସଂପୀଡୟାମାସ ଜଗଦତି ଦୁଷ୍ଟସ୍ତୁ ଦୁର୍ମଦଃ ।
ଉତ୍ତରେ ମଣିନାଗସ୍ୟ ଦୁର୍ଗଂ କୃତ୍ୱାତି ଦୁର୍ଜୟମ୍
ତତଃ ସ ଭଗବାନ୍ ବିଷ୍ଣୁସ୍ତଂ ହନ୍ତୁମୁପଚକ୍ରମେ ।
ଯୁଯୁଧେ ତେନସାର୍ଦ୍ଧଂ ସ ବର୍ଷଂ ନ ଚ ମମାରସଃ
ଲୋହାଙ୍ଗତ୍ୱାଦ୍ ବଭୂବାଽସୌଭୂମୌ ପ୍ରବିଷ୍ଟୁଂ ସ କ୍ଷମଃ ।
ବ୍ରହ୍ମାବିଷ୍ଣୁ ହରାସ୍ତସ୍ମାଦୁପାୟଂ ଚକ୍ରୁସ୍ତତ୍ର ତେ ।
ତତୋ ନୀତ୍ୱାସୁରଂ ବ୍ରହ୍ମାସ୍ଥଳଂ ନୀହାୟନାମକମ୍ ।
ମୁଚ୍ୟତେଽପ୍ୟଭବଂ ଚାହଂ ବିଶ୍ୱକର୍ମା ସ୍ୱୟଂ ହରିଃ
ନିହାୟୀ ବ୍ରାହ୍ମଣୋ ମୂର୍ତ୍ତି ମୁଦ୍‌ଗରାକାର ଏବ ଚ ।
ବିଶ୍ୱକର୍ମା ହରିସ୍ତଂତୁ ନିଜଘାନ ପରାକ୍ରମୀ
ହରିର୍ଯଯୌ ନୀଳଶୈଳଂ ସ୍ୱଲୋକଂ ଚ ପିତାମହଃ
ସ୍ଥାପୟିତା ହରଂ ତୌ ମାଂ ନାମ୍ନା ଶ୍ରୀଲଡୁକେଶ୍ୱରମ୍
ମୁଦ୍ଗରୋ ଲଡୁକାକାରୋ ମମନାମ ବଭୂବ ହ ।"

Digitized by PPRACHIN, SOA

ତେବେ ଅସୁରଢ଼ିପା ଗ୍ରାମର ମାଟିତଳୁ ଇଟା ଓ ଚୂନ ପ୍ରଭୃତି ବାହାରୁଥିବାରୁ ସେଠାରେ ଲୋହାସୁର ବାସ କରୁଥିଲା ବୋଲି ଲୋକମୁଖରୁ ଶୁଣାଯାଏ ।

ହରିହର ସିଂହ କାଙ୍ଗୁଲକଟା ଗଡ଼ର ଗଡ଼ତିଆକୁ କୌଶଳରେ ପରାସ୍ତ ଓ ନିହତ କରି ପଞ୍ଚୁପଲ୍ଲୀ ଜିଲ୍ଲା ଜୟ କଲେ । ଏହାପରେ ହରିହର ସିଂହ ପୋଡ଼ାଗଡ଼ର ଗଡ଼ତିଆକୁ ହତ୍ୟାକରି ସେହି ଗଡ଼କୁ ଅଗ୍ନି ସଂଯୋଗ କରି ପୋଡ଼ିଦେଲେ । ଏହାପରେ ବାଲୁଗାଁରେ ଅବସ୍ଥାନ କରୁଥିବା ଗଡ଼ତିଆକୁ ପରାସ୍ତ କଲେ । ଅନନ୍ତର ହରିହର ସିଂହ ନଅ ଗୋଟି ଗଡ଼ର ଅଧୀଶ୍ୱର ହେଲେ । ତାହା ହେଉଛି- (୧) ଗୁନାମାଟି, (୨) ହରିପୁର, (୩) ରଳବ, (୪) ଭାଟସାହି, (୫) ନିଜିଗଡ଼, (୬) ପୋଡ଼ାଗଡ଼, (୭) କଇନ୍ତେଇ, (୮) କାଙ୍ଗୁଲକଟା ଏବଂ (୯) ବାଲୁଗାଁ । ଏହି ନଅଗୋଟି ଗଡ଼ରୁ ରାଜ୍ୟର ନାମ 'ନବଦୁର୍ଗ' ହୋଇଛି ବୋଲି କେହି କେହି ଅନୁମାନ କରିଥା'ନ୍ତି ।

ରାଜା ହରିହର ସିଂହ ୧୫୨୯ ସାଲରେ ପୁରୀର ଗଜପତି ପ୍ରତାପରୁଦ୍ର ଦେବଙ୍କର ମିତ୍ରତା ଲାଭ କରିଥିଲେ । ଗଜପତିଙ୍କୁ ବାର୍ଷିକ ଟ ୧୦୦୦ ଲେଖାଏଁ କର ପ୍ରଦାନ କଲେ । ରାଜା ହରିହର ସିଂହ ନିଜ ନାମରେ ଭିଖାରୀପଡ଼ା ହରିହରପୁର ଶାସନ ପ୍ରତିଷ୍ଠା କରାଇ ଥିଲେ । ରାଜା ହରିହର ସିଂହଙ୍କର ମୃତ୍ୟୁ ସମୟକୁ ତାଙ୍କ ପୁତ୍ର ଗୋକୁଳ ସିଂହ ନାବାଳକ ଥିଲେ । ତେଣୁ ହରିହର ସିଂହଙ୍କ ରାଣୀ ମଣ୍ଡାଦେଈ ରାଜ୍ୟଭାର ସମ୍ଭାଳି ଥିଲେ । ସେ ଥିଲେ ଦୃଢ଼ମନା ଓ ବିଚକ୍ଷଣା । ଏହି ସମୟରେ କୋରଡ଼ା ଜିଲ୍ଲାରେ ପ୍ରଜାମେଳି ଦେଖାଦେଲା । ରାଣୀ ମଣ୍ଡାଦେଈ କୋରଡ଼ା ଜିଲ୍ଲାକୁ ଗସ୍ତ କରି ପ୍ରଜାମାନଙ୍କୁ ବୁଝାସୁଝା କରି ମେଳିର ଅବସାନ ଘଟାଇଥିଲେ । ସେଥିପାଇଁ ନୟାଗଡ଼ ଇତିହାସରେ ସେ ସ୍ମରଣୀୟ ହୋଇରହିଛନ୍ତି ।

୧୪. ଗୋକୁଳ ସିଂହ ମାନଧାତା :

ଏହାଙ୍କୁ ମଧ୍ୟ ଗୋକୁଳେଶ୍ୱର ସିଂହ ମାନଧାତା କୁହାଯାଏ । ସେ ହେଉଛନ୍ତି ନୟାଗଡ଼ର ଚତୁର୍ଦ୍ଦଶତମ ରାଜା । ଗୋକୁଳେଶ୍ୱର ସିଂହ ମାନଧାତା ରଣପୁର ରାଜା ବନମାଳୀ ନରେନ୍ଦ୍ର ଓ ନାରାୟଣ ସିଂହ ନରେନ୍ଦ୍ରଙ୍କ ସମସାମୟିକ । ରଣପୁର ରାଜା ନାରାୟଣ ନରେନ୍ଦ୍ର ମାଳ ଅଞ୍ଚଳରେ ଆତ୍ମଗୋପନ କରିଥିବା ସମୟରେ ନୟାଗଡ଼ ରାଜା ଗୋକୁଳେଶ୍ୱର ରଣପୁର ରାଜ୍ୟର ଶରଣକୁଳ, କେନ୍ଦୁଢିପ ଓ ଖଡିଆ ଅଞ୍ଚଳ ନିଜ ରାଜ୍ୟରେ ମିଶାଇଥିଲେ ।

ପୁରୀ ଗଜପତି ମୁକୁନ୍ଦଦେବ (୧୬୫୯-୧୬୮୮) ଗୋଲକୋଣ୍ଡାର ବନ୍ଦା ନାମକ ରାଜ୍ୟକୁ ବିବାହ ଉପଲକ୍ଷରେ ଯାଇଥିବା ସମୟରେ ଗୋକୁଳ ସିଂହ ତାଙ୍କ ରାଜ୍ୟର ସୁରକ୍ଷା ଦାୟିତ୍ୱରେ ରହିଥିଲେ ଏବଂ ଦକ୍ଷତାର ସହିତ ସେ ତାହା ସମ୍ପାଦନ

Digitized by PPRACHIN, SOA

କରିଥିବାରୁ ଗଜପତିଙ୍କଠାରୁ 'ମାନଧାତା' ପଦ ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସଦିଚ୍ଛାରୂପକ ସନନ୍ଦ ପାଇଥିଲେ । ପୁରୀ ଜିଲ୍ଲା ଗେଜେଟିୟରରେ ନୀଳମଣି ସେନାପତି ଲେଖିଛନ୍ତି- "The fourteenth chief Raja Gokul Singh temporarily took charge of the administration of Orissa in 1672 when Raja Mukunda Deva had gone to marry a princess in the South. The Raja of Orissa on his return was so much pleased with Gokul Singh's works that he conferred on him the title of 'Mandhata' which is still borne by the family." ସେ ମଧ୍ୟ ପୁରୀ ଗଜପତିଙ୍କଠାରୁ ପ୍ରଧାନ ସାମନ୍ତ ପଦ ଲାଭ କରିଥିଲେ । ଗଜପତି ମୁକୁନ୍ଦଦେବଙ୍କ ତ୍ରୟୋଦଶ ଅଙ୍କରେ ସେ 'ମାନଧାତା' ପଦ ପାଇଥିଲେ । ସେହିଦିନଠାରୁ ନୟାଗଡର ପରବର୍ତ୍ତୀ ରାଜାମାନେ 'ମାନଧାତା' ଉପାଧି ଧାରଣ କରିଆସୁଛନ୍ତି । ହରିହର ନନ୍ଦ ଲେଖିଛନ୍ତି- "ଯେଉଁ ସମୟରେ ରାଜା ଗୋକୁଳେଶ୍ୱର ସିଂହ ଓଡ଼ିଶାର ଚାର୍ଯ୍ୟ ରଖିଥିଲେ, ସେହି ସମୟରେ ଓଡ଼ିଶା ରାଜାଙ୍କର ଜଣେ କର୍ମଚାରୀ ଜଳପାଣି ସାନ୍ତରା ନୟାଗଡ଼ର ଚାର୍ଯ୍ୟ ରଖିଥିଲେ ।"

କବି ନିତ୍ୟାନନ୍ଦଙ୍କ 'ଶ୍ରୀ ଶିବଲୀଳାମୃତ' ଗ୍ରନ୍ଥରେ ଗୋକୁଳେଶ୍ୱରଙ୍କ ବିଷୟରେ ଉଲ୍ଲେଖ ଅଛି-

'ତତ୍‌ପୁତ୍ର ଗୋକୁଳେନ୍ଦ୍ରସ୍ୟ ତଦନୁବସୁମତି ମଣ୍ଡଳାଖଣ୍ଡଳ ଭୂତ
ଯସ୍ୟାସ୍ଥାନି ସୁଧର୍ମା-ଗୁରୁ-ବୁଦ୍ଧ କବିଭିଃ ଭାସମାନା ସଦୈବ ।'

ଅର୍ଥାତ୍ ରାଜା ହରିହରଙ୍କ ପୁତ୍ର ଗୋକୁଳେନ୍ଦ୍ରଙ୍କ ରାଜଦରବାରରେ ସୁଧର୍ମା ସଭାର ପଣ୍ଡିତ ଓ ବୁଦ୍ଧ କବିମାନଙ୍କ ତୁଲ୍ୟ ପଣ୍ଡିତ ଓ ବିଦ୍ୱାନ ଲୋକ ଅବସ୍ଥାନ କରୁଥିଲେ ।

ରାଜା ଗୋକୁଳେଶ୍ୱର ବିଦ୍ୟାନୁରାଗୀ ଥିଲେ ଏବଂ ରାଜ୍ୟରେ ଶିକ୍ଷାର ପୃଷ୍ଠପୋଷକତା କରିଥିଲେ । ଗୋକୁଳେଶ୍ୱର ସିଂହ ମାନଧାତା ନୟାଗଡ଼ର ମହୀୟାନ୍ ମହୀପାଳ । ସେ ବହୁ ଯଶର ଅଧିକାରୀ । ସେ "ମାନଧାତାପୁର" ବ୍ରାହ୍ମଣ ଶାସନ ପ୍ରତିଷ୍ଠା କରିଥିଲେ ।

ହରିହର ନନ୍ଦ ଲେଖିଛନ୍ତି- "ମହାରାଜା ମୁକୁନ୍ଦ ଦେବ ଗୋକୁଳେଶ୍ୱର ସିଂହଙ୍କ ଉପରେ ବିଶେଷ ସନ୍ତୁଷ୍ଟ ହୋଇ ଖଣ୍ଡିକିଦାର ପାଗ ପ୍ରଭୃତି ରାଜ ସମ୍ମାନ ଏବଂ ଇଟାମାଟି, ବାଉଁଶିଆପଡ଼ା ପ୍ରଭୃତି ଅନେକ ମୌଜା ପୁରସ୍କାର ସ୍ୱରୂପ ଦେଇଥିଲେ ।"

ନବଦୁର୍ଗର ଏହି ଯୋଗ୍ୟତମ ରାଜାଙ୍କର ସ୍ୱର୍ଗାରୋହଣ ପରେ ତାଙ୍କର ପବିତ୍ର ସମାଧି ସ୍ଥାନରେ ଗୋକୁଳେଶ୍ୱର ଶିବ ଲିଙ୍ଗ ସ୍ଥାପନା କରାଯାଇଛନ୍ତି ଏବଂ ଅଦ୍ୟାବଧି ପୂଜା ପାଇଆସୁଛନ୍ତି । ସୁମହାନ୍ କର୍ମଯୋଗୁଁ ମନୁଷ୍ୟ କିପରି ଦେବତା ହୁଅନ୍ତି, ରାଜା ଗୋକୁଳେଶ୍ୱର ସିଂହ ମାନଧାତା ତାହାର ସଫଳ ଉଦାହରଣ ।

Digitized by PPRACHIN, SOA

୧୫. ଗଦାଧର ସିଂହ ମାନଧାତା :

ଗଦାଧର ସିଂହ ମାନଧାତା ନୟାଗଡ଼ ରାଜବଂଶର ପଞ୍ଚଦଶ ରାଜପୁରୁଷ । ପିତା ଗୋକୁଳେଶ୍ୱର ସିଂହ ମାନଧାତାଙ୍କ ପରି ଗଦାଧର ସିଂହ ମାନଧାତା ଅତ୍ୟନ୍ତ ପ୍ରତାପୀ ଓ ପରାକ୍ରମଶାଳୀ ରାଜା ଥିଲେ । ସେ ଜଣେ ଦୁର୍ଜୟ ଶାସକ ଭାବରେ ପରିଚିତ ଥିଲେ । ସେ ପିତାଙ୍କଠାରୁ ଅନେକ ଗୁଣ ଆହରଣ କରିଥିଲେ ।

ସେ ଦଶପଲ୍ଲା ରାଜା ପଦ୍ମନାଭ ଭଞ୍ଜ (୧୭୦୧-୧୭୫୩)ଙ୍କ ସହିତ ଯୁଦ୍ଧକରି କୋରଡ଼ା ଅଞ୍ଚଳ ଫେରାଇ ଆଣିଥିଲେ । ଏହା ପ୍ରଥମେ ଦଶପଲ୍ଲା ରାଜାଙ୍କର ଗଡ଼ ଥିଲା । ଏହି ଅଞ୍ଚଳ ନୟାଗଡ଼ ରାଜ୍ୟସହ ସାମିଲ ହେବାପରେ ଦଶପଲ୍ଲା ରାଜା ପଦ୍ମନାଭ ଭଞ୍ଜ କୁଞ୍ଜବନଗଡରେ କୁଞ୍ଜ ମଳିକକୁ ହତ୍ୟା କୁଞ୍ଜବନଗଡ଼ ସ୍ଥାପନ କରିଥିଲେ । ଫଳରେ ଏହି କୋରଡ଼ା ଅଞ୍ଚଳ ପୁରୁଣା ଦଶପଲ୍ଲା ନାମରେ କଥିତ ହେଲା ।

ରାଜା ଗଦାଧର ସିଂହ ମାନଧାତାଙ୍କ ରାଜତ୍ୱ କାଳରେ ନୟାଗଡ଼-ରଣପୁର ଯୁଦ୍ଧ ସଂଘଟିତ ହୋଇଥିଲା । ରଣପୁର ଓ ନୟାଗଡ଼ର ରାଜ୍ୟର ଦୋ-ସୀମାଳି ଲାଠିପଡ଼ାଠାରେ ରଣପୁର ରାଜ୍ୟର ଗୋଟିଏ ଦୁର୍ଗ ଥିଲା । ସେହି ଦୁର୍ଗର ପ୍ରାଚୀରରେ କଂସାକବାଟ ଲାଗିଥିଲା । ବିଳମ୍ବିତ ରାତ୍ରିରେ ଏହି କଂସାକବାଟକୁ ବନ୍ଦ କରାଯାଉଥିଲା । ସେଥିରୁ ଝଣ୍ ଝଣ୍ କରି ବିରାଟ ଶବ୍ଦ ହେଉଥିଲା, ଯାହା ଫଳରେ ନୟାଗଡ଼ ରାଜାଙ୍କୁ ବିରକ୍ତିକର ବୋଧ ହେଉଥିଲା । ଏହାର ପ୍ରତିକାର ପାଇଁ ରଣପୁର ରାଜାଙ୍କୁ ଏହା ଜଣାଇବା ସତ୍ତ୍ୱେ ସେ ନୟାଗଡ଼ ରାଜାଙ୍କ ଅନୁରୋଧକୁ କର୍ଣ୍ଣପାତ କରି ନ ଥିଲେ । ଫଳରେ ଉଭୟ ରାଜ୍ୟ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇ ଯୁଦ୍ଧ ଅବଶ୍ୟମ୍ଭାବୀ ହୋଇପଡ଼ିଲା ।

ନୟାଗଡ଼ ରାଜାଙ୍କର ପାଇକସୈନ୍ୟମାନେ ରଣପୁର ସୈନ୍ୟମାନଙ୍କୁ ଲାଠିପଡ଼ାଠାରେ ସମ୍ମୁଖୀନ ହେଲେ । ନୟାଗଡ଼ ସୈନ୍ୟବାହିନୀର ଆକ୍ରମଣରେ ରଣପୁର ବାହିନୀ ଛତ୍ରଭଙ୍ଗ ଦେଲେ । ରଣବାଜ୍ ଖାଁ ନାମକ ଜନୈକ ମୁସଲମାନ ଏଥିରେ ରାଜାଙ୍କୁ ବିଶେଷ ସହାୟତା କରିଥିଲେ । କିମ୍ବଦନ୍ତୀ ଅଛି ଯେ ରଣବାଜ୍ ଖାଁ ଗୋଟିଏ ମଲା ଖଜୁରୀ ଗଛକୁ ଉପାଡ଼ି ତାକୁ ଧରି ଅଶ୍ୱପିଠିରେ ଦ୍ରୁତଗତିରେ ଆଗେଇଲେ । ଏମାନଙ୍କୁ ଦେଖି ରଣପୁରର ସେନାପତି "କି କଲା ଲୋ ମା" କହି ପଳାୟନ କଲେ । ତେଣୁ ସେଠାରେ ଗ୍ରାମର ନାମ "କାକଲମା" ରଖାଯାଇଛି ବୋଲି ଜନଶ୍ରୁତି ରହିଛି ।

ରଣପୁର ଓ ନୟାଗଡ଼ ମଧ୍ୟରେ ତିକ୍ତତା ଏତିକିରେ ତୁଟି ନ ଥିଲା । ଉଭୟ ରାଜ୍ୟ ମଧ୍ୟରେ ଏହି ଯୁଦ୍ଧ ତୀବ୍ରତର ହେଲା । ଏହି ଯୁଦ୍ଧରେ ନିଯିଗଡ଼ ବିଶ୍ୱନାଥ ବେବର୍ତ୍ତାଙ୍କ ପୂର୍ବ ପୁରୁଷ, ଗଣ୍ଡିବେଡ଼ ପ୍ରଗଣା ଅନ୍ତର୍ଗତ ସୁନାଲଟି ନୂଆଗାଁର ଲୋକନାଥ

Digitized by PPRACHIN, SOA

ପାଟସାହାଣୀଙ୍କ ପୂର୍ବପୁରୁଷ ଏବଂ କମଳଲୋଚନ ରାଉତରାୟଙ୍କ ପୂର୍ବପୁରୁଷ ଦକ୍ଷତାର ସହିତ ଲଢ଼େଇ କରିଥିଲେ । ସୁତରାଂ ସେମାନଙ୍କୁ ନୟାଗଡ଼ ରାଜାଙ୍କ ତରଫରୁ ରକ୍ତପଟା, ଲୋଥବର୍ତ୍ତନ, ମୁଣ୍ଡମରା ଓ ଗଡ଼ତିଆ ଜାଗିର ପ୍ରଦାନ କରାଯାଇଥିଲା ।

ଏହି ରାଜାଙ୍କ ସମୟରେ ରାମ, ଲକ୍ଷ୍ମଣ ପ୍ରଭୃତି କେତେଗୋଟି ତୋପ ପ୍ରସ୍ତୁତ ହୋଇଥିଲା । ଏହାବ୍ୟତୀତ ବାରୁଦଘର କାନ୍ଥ ଓ ଛାତ ଗୋଟିଏ ପଥର ଓ ଚୂନରେ ନିର୍ମିତ ହୋଇଥିଲା । ଅଦ୍ୟାପି ତାହା ପୁରୁଣା ରାଜବାଟୀ ଠାରେ ସୁରକ୍ଷିତ ରହିଛି ।

ରାଜା ଗଦାଧର ସିଂହ ମାନଧାତା ଶରଣକୁଳର ଲଡୁକେଶ୍ୱର ମହାଦେବଙ୍କର ଜଣେ ଏକନିଷ୍ଠ ଭକ୍ତ ଥିଲେ । ଏହାଙ୍କ ରାଜତ୍ୱକାଳରେ ଅଗ୍ନିଚିତ୍ କବି ପଣ୍ଡିତ ନିତ୍ୟାନନ୍ଦ ଚୟନୀ ଦରବାରୀ କବି ଥିଲେ । ସେ କୌଣ୍ଡିନ୍ୟ ଗୌତ୍ରୀୟ ଥିଲେ । ସେ ଅଗ୍ନିଚିତ୍ ବା ଅଗ୍ନିହୋତ୍ର ଶ୍ରେଣୀର ଅଟନ୍ତି । କବି ନିତ୍ୟାନନ୍ଦ ମଧ୍ୟ ଖଣ୍ଡପଡା ରାଜା ବନମାଳୀ ଜଗଦେବ (୧୭୨୩-୧୭୩୪)ଙ୍କ ଦରବାର ମଣ୍ଡନ କରୁଥିଲେ । ସେ ଉଭୟ ରାଜାଙ୍କର ପୃଷ୍ଠପୋଷକତା ଲାଭ କରିଥିଲେ । ଐତିହାସିକ କେଦାର ନାଥ ମହାପାତ୍ର ମଧ୍ୟ ଉଲ୍ଲେଖ କରିଛନ୍ତି ଯେ କବି ନିତ୍ୟାନନ୍ଦ ଗଦାଧର ସିଂହ ମାନଧାତାଙ୍କ ସମୟରେ ବିକଶିତ ହୋଇଥିଲେ । ସେ ଲେଖିଛନ୍ତି-"It can be concluded that the poet Nityananda patronised by Gadadhar Simha Mandhata flourished in the second half of seventeeth century."

କବି ନିତ୍ୟାନନ୍ଦ ଉଭୟ ସଂସ୍କୃତ ଓ ଓଡ଼ିଆ ଭାଷାରେ କାବ୍ୟ ରଚନା କରିଥିଲେ । ସେ ସଂସ୍କୃତ ଭାଷାରେ 'ଶିବଲୀଳାମୃତ ମହାକାବ୍ୟମ୍', 'ଶ୍ରୀକୃଷ୍ଣ ଲୀଳାମୃତ ମହାକାବ୍ୟମ୍' ଓ 'ନୀଳାଦ୍ରିନାଥ ଶତକମ୍' ରଚନା କରିଥିଲେ । କବି ନିତ୍ୟାନନ୍ଦଙ୍କର ଓଡ଼ିଆ ଭାଷାରେ ଏକମାତ୍ର କୃତି ହେଉଛି 'ଆରତ ଧ୍ୱଂସନ' । ଏହା ଅପ୍ରକାଶିତ । ଏହାର ଏକକିତା ପୋଥି ଉତ୍କଳ ବିଶ୍ୱବିଦ୍ୟାଳୟ ପାଠାଗାରରେ ସଂରକ୍ଷିତ ଏବଂ ଆଉ ଗୋଟିଏ ପୋଥି ଓଡ଼ିଶା ରାଜ୍ୟ ସଂଗ୍ରାହଳୟରେ ଗଚ୍ଛିତ ଅଛି । ଏହି ପୋଥି ନମ୍ବର ହେଉଛି- MS No. ORMS-164 । ଏଥିରେ କବି ନନ୍ଦନନ୍ଦନ ଶ୍ରୀକୃଷ୍ଣଙ୍କର ମହିମା ପ୍ରଖ୍ୟାପନ କରିଛନ୍ତି । 'ଆରତ ଧ୍ୱଂସନ' କାବ୍ୟର ଆରମ୍ଭରେ କବି ନିତ୍ୟାନନ୍ଦ ନନ୍ଦନନ୍ଦନ ଶ୍ରୀକୃଷ୍ଣଙ୍କର ବନ୍ଦନା କରି ଗାଇଛନ୍ତି-

"କୃପାସିନ୍ଧୁ ଦୀନବନ୍ଧୁ ଅଘତମଇନ୍ଦୁ ଆରତନାଶନ
ସେ ନନ୍ଦନ ପଦେ କରି ଧ୍ୟାନ କେବଣ ପତିତଜନ, ମହାପ୍ରଭୁ ହେ ।
ନବନୀଳଘନ ବରଣ ସୁନ୍ଦର, ଶ୍ରୀଅଙ୍ଗ ମାଧୁରୀ ଅତିଶୋଭା
ଶିରେ ଶିଖିଚୂଳ ମାଳତୀ ବକୁଳ, ଝଙ୍କାର ମଧୁପ କୁଳପ୍ରଭା ।"

Digitized by PPRACHIN, SOA

ଶ୍ରୀକୃଷ୍ଣଙ୍କର ମୁଖଶ୍ରୀ ବର୍ଣ୍ଣନା କରି କବି ଲେଖିଛନ୍ତି-

"ଅଳକାବଳିକି ଶିଶୁ ପଂକ୍ତି ଅଳି
ଶ୍ରୀମୁଖ ନୀଳ ନଳିନ ଜିଣି
କପାଳେ ଚନ୍ଦନ ବିନ୍ଦୁ ଶୋଭାବନ
ଉଦେ ହୋଇଛିକି ନିଶାମଣି !"

କବି ନିତ୍ୟାନନ୍ଦ 'ଶିବଲୀଳାମୃତ ମହାକାବ୍ୟ'କୁ ତାଙ୍କର ପୃଷ୍ଠପୋଷକ ନୟାଗଡ଼ର ରାଜା ଗଦାଧର ସିଂହ ମାନଧାତା ରଚନା କରିଛନ୍ତି ବୋଲି ମଧ୍ୟ ଉଲ୍ଲେଖ କରିଛନ୍ତି । ଅର୍ଥାତ୍ ତାଙ୍କ ନାମରେ ଭଣିତ କରିଛନ୍ତି–

''ଜୟତି ରସିକ ନବଦୁର୍ଗ ଧରାଧିପ ସୁକବି ଗଦାଧର ଗୀତମ୍ ।''

ଏହି କାବ୍ୟରେ କବି ଗଦାଧର ସିଂହ ମାନଧାତାଙ୍କ ବିଷୟରେ ଲେଖିଛନ୍ତି-

''ସାମାଦିନାପି ପରମଭିଭୁ ଜାମଜେୟଃ
ନାମାକୃତଃ ସତୁ ଗଦାଧର ନାମଧେୟଃ
ମାନ୍ଧାତୃତାନ୍ତ ସମତାମଧିଗମ୍ୟ ସମ୍ୟ-
ରାଗାତୃତା ବିଦିତ ପୌରୁଷମାପଭୂପଃ ।''

ଏହି କାବ୍ୟରେ ମଧ୍ୟ କବି ନିତ୍ୟାନନ୍ଦ ନୟାଗଡ଼ର ପ୍ରସିଦ୍ଧ ଶିବ ଲଡୁକେଶ ମହାପ୍ରଭୁଙ୍କୁ ଉଲ୍ଲେଖ କରିଛନ୍ତି । ଯେପରି—

''ଦିନାନାଥଦୟା ବଶମ୍ବଦ ତୟା ଖ୍ୟାତଃ କ୍ଷିତୌ ଜଗମୁଷୋ
ଦେଶେୟସ୍ୟ ବରି ବୃତୀତି ଭଗବାନ ଶ୍ରୀଲଡୁକେଶଃଶିବଃ ।
ତ୍ରୀବ୍ରାରାଧନ ସୁପ୍ରସନ୍ନ ମନସା ମାଙ୍ଗଲ୍ୟ ମୁନ୍‌ମୁଲୟମ୍
ନ୍ନିତ୍ୟଂ ରାଜ୍ୟ ଧୂରନ୍ଧରତ୍‌ମୁଖରୀ କୁର୍ବାଣ ଏଷ ପ୍ରଭୁଃ ।''

କବି ନିତ୍ୟାନନ୍ଦ ଶ୍ରୀଜଗନ୍ନାଥଙ୍କୁ ଉପଜୀବ୍ୟକରି ଦୁଇଗୋଟି ଉଚ୍ଚକୋଟୀର ଭଜନ ରଚନା କରିଛନ୍ତି । ତାହା ହେଉଛି—

"ପତିତଜନଙ୍କୁ ଉଦ୍ଧାରିବା ପାଇଁ ଉଡ଼ାଉଅଛ ପତାକା" ଏବଂ
"ତୁମ୍ଭେ ପରା ପ୍ରଭୁ ଥାଉଁ ଥାଉଁ ମୁଁ ଯେ ବୁଡ଼ିଲି ବିପଦ ଜଳେ ।"

୧୬. ରାମଚନ୍ଦ୍ର ସିଂହ ମାନଧାତା :

ରାମଚନ୍ଦ୍ର ସିଂହ ମାନଧାତା ନୟାଗଡ଼ ବଘେଲ ରାଜବଂଶର ଷୋଡ଼ଶତମ ରାଜା । ପିତା ଗଦାଧର ସିଂହଙ୍କ ବିୟୋଗ ପରେ ସେ ରାଜଗାଦି ପାଇଲେ । ସେ ଅତ୍ୟନ୍ତ ଧାର୍ମିକ ଏବଂ ଦାନଶୀଳ ରାଜା ଥିଲେ । ନୟାଗଡ଼ରେ ଜଗନ୍ନାଥ ଧର୍ମର ପ୍ରସାର ପାଇଁ ସେ ଉଦ୍ୟମ କରିଥିଲେ । ନୟାଗଡ଼ର ନବମ ରାଜା ବାଘା ସିଂହ ଯେଉଁ ଜଗନ୍ନାଥଙ୍କୁ ନୟାଗଡ଼ଠାରେ ପ୍ରତିଷ୍ଠା କରିଥିଲେ, ସେହି ବିଗ୍ରହକୁ ରାଜା ରାମଚନ୍ଦ୍ର

Digitized by PPRACHIN, SOA

ସିଂହ ଗଡ଼ ନିକଟବର୍ତ୍ତୀ ସିନ୍ଦୁରିଆଠାରେ ସ୍ଥାପନ କରିଥିଲେ । ତାଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ଜଗନ୍ନାଥ ବିଗ୍ରହକୁ ପଥରର ମଣ୍ଡପଟିଏ କରି ସ୍ଥାପନ କରାଇଥିଲେ ।

ରାମଚନ୍ଦ୍ର ସିଂହ ମାନଧାତା ପୁରୀରୁ କେତେକ ବ୍ରାହ୍ମଣ ଓ କରଣଙ୍କୁ ଅଣାଇ ସେମାନଙ୍କୁ ନୟାଗଡ଼ରେ ଥଇଥାନ କରାଇଲେ । ସେମାନଙ୍କୁ ଜାଗିରି ଜମି ଏବଂ ଦାନ ସୂତ୍ରରେ ସମ୍ପତ୍ତି ପ୍ରଦାନ କରିଥିଲେ । ସେମାନଙ୍କ ଦ୍ୱାରା ରାଜକାର୍ଯ୍ୟ ପରିଚାଳନା କରାଉଥିଲେ । ଏହି ରାଜାଙ୍କ ସମୟରେ ନୟାଗଡ଼ରେ ଛତିଶାନିଯୋଗର ପ୍ରଚଳନ କରାଗଲା । ପୁରୀ ମହାରାଜାଙ୍କ ଅନୁକରଣରେ ରାମଚନ୍ଦ୍ର ସିଂହ ରାଜକାର୍ଯ୍ୟ ପରିଚାଳନା କରୁଥିଲେ ।

ଅତିଥି ଅଭ୍ୟାଗତଙ୍କ ଅନ୍ନ ସଂସ୍ଥାନ ପାଇଁ ରାଜା ନୟାଗଡ଼ (ନିଜିଗଡ଼)ରେ ଥିବା ମଠ ଓ ମନ୍ଦିରମାନଙ୍କରେ ବ୍ୟବସ୍ଥା କରାଇଥିଲେ । ଗରିବ ପ୍ରଜାମାନଙ୍କର ଭୋଜନ ପାଇଁ ସେ ମଠମାନଙ୍କରେ ଖଏରାତ ଖାଇବାର ବ୍ୟବସ୍ଥା କରାଇଥିଲେ । ଗରିବ ବ୍ରାହ୍ମଣମାନଙ୍କ ପାଇଁ ମନ୍ଦିରରେ ମିଷ୍ଟାନ୍ନ ଖଏରାତ ଖାଇବାର ବ୍ୟବସ୍ଥା କରାଇଥିଲେ । ଯେଉଁମାନେ ଖଏରାତ ଖାଇବେ ନାହିଁ ସେମାନେ ଗୋଟିଏ ପଇସା (One paisa) ବିନିମୟରେ ଅନ୍ନ ଓ ଚାରି ତରକାରୀ ଖାଇବାର ବ୍ୟବସ୍ଥା କରାଇଥିଲେ । ଏଥିପାଇଁ ପ୍ରଚୁର ଦେବୋତ୍ତର ଜମି ଓ ଖଏରାତ୍ ଜମି ଖାତା କରିଥିଲେ ।

ନୟାଗଡ଼ ରାଜନ୍ୟବର୍ଗଙ୍କର ଉପାସ୍ୟ ଦେବୀ ଥିଲେ ଦୁର୍ଗା । ତେଣୁ ରାମଚନ୍ଦ୍ର ସିଂହ ଏକହଜାର ଆଠ ଟଙ୍କା ବିନିମୟରେ ଗୋଟିଏ ରୂପାର ଦୁର୍ଗାମୂର୍ତ୍ତି ନିର୍ମାଣ କରାଇ ପ୍ରତିଷ୍ଠା କରାଇଲେ । ରୂପାଦୁର୍ଗାଙ୍କ ନିକଟରେ ଆଶ୍ୱିନ ଓ ଚୈତ୍ର ପର୍ବ ପାଳନ ଆରମ୍ଭ କରିଥିଲେ । ଏହା ବ୍ୟତୀତ ଖଏରାତ ମଠ ପ୍ରତିଷ୍ଠା କରିଥିଲେ । ଶ୍ରୀକ୍ଷେତ୍ରର ମଠବାଡ଼ି ଅନୁକରଣରେ ଖଞ୍ଜାବାଡ଼ି ଯୋଗାଇ ଦେଇଥିଲେ । ଫଳରେ ନୟାଗଡ଼ରେ ପ୍ରଜାମାନେ ଆନନ୍ଦରେ କାଳାତିପାତ କରୁଥିଲେ । ଏହି ରାଜାଙ୍କ ରାଜତ୍ୱକାଳରେ ନୟାଗଡ଼ ପୁରୁଣା ସହର ସାଂସ୍କୃତିକ ବିଭବରେ ପରିପୂର୍ଣ୍ଣ ଥିଲା । ନୟାଗଡ଼ଠାରେ ବହୁ ସୁନାରୀ ଅବସ୍ଥାନ କରୁଥିଲେ । ହାତୀଦାନ୍ତର କାରୀଗରମାନେ ନୟାଗଡ଼ରେ ଅବସ୍ଥାନ କରୁଥିଲେ । ନିଜିଗଡ଼ର ସୁନାରୀମାନଙ୍କ ଦ୍ୱାରା ରାଜା ରାମଚନ୍ଦ୍ର ସିଂହ ଗୋଟିଏ କାରୁକାର୍ଯ୍ୟପୂର୍ଣ୍ଣ ସୁବର୍ଣ୍ଣ କୁଲେଇ ପଦକ ନିର୍ମାଣ କରାଇଥିଲେ । ସେହି କୁଲେଇ ପଦକର ମୂଲ୍ୟ ସେହି ସମୟରେ ଟ୫୦,୦୦୦/- ଥିଲା । ସେହି ପଦକ ମଧ୍ୟରେ ପୁଷ୍ପରାଗ ରତ୍ନ ତିନି ଖଣ୍ଡ ଖଚିତ ରହିଛି । ସେଥିରେ ଦେବନାଗରୀ ଲିପିରେ ବାଇଗଣି ରଙ୍ଗରେ ରାମତାରକ ମନ୍ତ୍ର, ତ୍ରମ୍ବକମନ୍ତ୍ର, ନୃସିଂହ ମନ୍ତ୍ର ବୀଜ ସମ୍ପୃଟ ହୋଇ ଲେଖାହୋଇଛି, ଯାହାକି ନୟାଗଡ଼ର କାରୁକାର୍ଯ୍ୟର ଶ୍ରେଷ୍ଠତା ପ୍ରତିପାଦନ କରେ । ରୂପାନିର୍ମିତ ଦୁର୍ଗା, ରୂପାନିର୍ମିତ୍ତ ଅନନ୍ତ ଶୟନ ମୂର୍ତ୍ତି, କୁଲେଇ ପଦକ ଏଗୁଡ଼ିକ ନୟାଗଡ଼ର ସ୍ୱର୍ଣ୍ଣ କାରିଗର ମାନଙ୍କର କଳାକୁଶଳତା ପ୍ରତିପାଦନ କରେ ।

Digitized by PPRACHIN, SOA

ଏହାବ୍ୟତୀତ ନିଜିଗଡ଼ଠାରେ ହାତୀଦାନ୍ତର କାରିଗରମାନେ ଥିଲେ । ସେମାନଙ୍କ ଦ୍ୱାରା ନିର୍ମିତ କଚ୍ଛପ ଏବଂ ଶ୍ରୀକୃଷ୍ଣ ମୂର୍ତ୍ତି ଅତ୍ୟନ୍ତ ଚମତ୍କାର । ୧୯୨୩-୨୪ ସାଲରେ ଇଂଲଣ୍ଡରେ ଯେଉଁ ପ୍ରଦର୍ଶନୀ ହୋଇଥିଲା, ନୟାଗଡ଼ର ତତ୍କାଳୀନ ସୁପରିଟେଣ୍ଡେଣ୍ଟ ବାବୁ ଅନିରୁଦ୍ଧ ପଟେଲ ଏହି ମହାନ୍ କାରୁକାର୍ଯ୍ୟ ପୂର୍ଣ୍ଣ ମୂର୍ତ୍ତିଦ୍ୱୟକୁ ଲଣ୍ଡନ ପ୍ରଦର୍ଶନୀକୁ ପଠାଇଥିଲେ । ନୟାଗଡ଼ର ଏହି ବିରଳ ମୂର୍ତ୍ତିଦ୍ୱୟ ବର୍ତ୍ତମାନ ଲଣ୍ଡନ ମ୍ୟୁଜିୟମରେ ସ୍ଥାନିତ । ଆଉ ନୟାଗଡ଼କୁ ଫେରିନାହିଁ । ରାଜା ରାମଚନ୍ଦ୍ର ସିଂହ ମାନଧାତା ନିଜ ନାମରେ ଦୁଇଗୋଟି ଗ୍ରାମ ପ୍ରତିଷ୍ଠା କରାଇଥିଲେ । ଏହି ଗ୍ରାମଦ୍ୱୟ ହେଉଛି ସିନ୍ଦୁରିଆ ରାମଚନ୍ଦ୍ରପୁର ଏବଂ ଗୋଠବଣ ରାମଚନ୍ଦ୍ରପୁର ଶାସନ ।

୧୭. ଚନ୍ଦ୍ରଶେଖର ସିଂହ ମାନଧାତା :

ନୟାଗଡ଼ର ସପ୍ତଦଶ ରାଜା ହେଉଛନ୍ତି ଚନ୍ଦ୍ରଶେଖର ସିଂହ ମାନଧାତା । ରାମଚନ୍ଦ୍ର ସିଂହ ପରଲୋକ ଗମନ କଲେ । ଅନନ୍ତର ତାଙ୍କର ପୁତ୍ର ଚନ୍ଦ୍ରଶେଖର ସିଂହ ମାନଧାତା ରାଜା ହେଲେ ।

ରାଜା ହେବାର ଅଳ୍ପଦିନ ପରେ ନୟାଗଡ଼ ଓ ଘୁମୁସର ମଧ୍ୟରେ ଯୁଦ୍ଧ ସଂଘଟିତ ହୋଇଥିଲା । ରାଜା ଚନ୍ଦ୍ରଶେଖର ସିଂହ କୁରାଳ ଗ୍ରାମର ପ୍ରସିଦ୍ଧ ଯୋଦ୍ଧା ବ୍ରଜ ପାଇକରାୟଙ୍କୁ ସେନାପତି ପଦରେ ବରଣ କରିଥିଲେ । ଏହି ଯୁଦ୍ଧରେ ନୟାଗଡ଼ ରାଜା ଜୟଲାଭ କରିଥିଲେ । ସମଗ୍ର ସୁନାମୁହିଁ ଅଞ୍ଚଳ ନୟାଗଡ଼ ରାଜ୍ୟକୁ ଆସିଲା । ବ୍ରଜ ପାଇକରାୟଙ୍କର ଯୁଦ୍ଧ ପରିଚାଳନାରେ ରାଜା ସନ୍ତୁଷ୍ଟ ହୋଇ ତାଙ୍କପାଇଁ କୁରାଳ ଗ୍ରାମରେ ବାସଗୃହ ଯୋଗାଇ ଦେବା ସହିତ ଦଣ୍ଡୋର ମୌଜାକୁ ରକ୍ତପଟା ଜାଗିରି ସ୍ୱରୂପ ପ୍ରଦାନ କରିଥିଲେ । ଏହାପରେ ରାଜା ଚନ୍ଦ୍ରଶେଖର ସିଂହ ମାନଧାତା ବୀର ବ୍ରଜ ପାଇକରାୟଙ୍କୁ ସୁନାମୁହିଁ ଜିଲ୍ଲାର ସର୍ଦ୍ଦାର ରୂପେ ଅବସ୍ଥାପିତ କରିଥିଲେ ।

ରାଜା ଚନ୍ଦ୍ରଶେଖର ସିଂହ ମାନଧାତା ସୁନାଲଟି ନୂଆଗାଁର ପ୍ରଦିଦ୍ଧ ବୀର ପୁରୁଷ ପଟ୍ଟସେନାନୀଙ୍କୁ ଜମି ଓ ଗ୍ରାମ ଜାଗିରି ସ୍ୱରୂପ ପ୍ରଦାନ କରିଥିଲେ । ତେଣୁ କୌଣସି ଅଜ୍ଞାତନାମା କବି ଲେଖିଛନ୍ତି—

''ଏ ହେତୁ ନୃପଚନ୍ଦ୍ର ଚନ୍ଦ୍ରଶେଖର
ସିଂହ ସେ ପଟ୍ଟସେନାନୀଙ୍କୁ ଜାଗିରି କରିଣ
ଦତ୍ତକଲେ ଆମ୍ଭ ବସତିଏ ନୂଆ ଗ୍ରାମକୁ
ତଥି ଉତ୍ତାରୁ, କେତେ ବରଷ ଗଲା ବହି
ଅସର ଯୁଦ୍ଧହେଲା ଘୁମୁସର ସହିତେ ଅବସର ନାହିଁ
ତହିଁରେ, ଆମ୍ଭ ପ୍ରପିତାମହ
ଶ୍ୟାମସୁନ୍ଦର ମଙ୍ଗରାଜ ବୀରମୁଣ୍ଡମଣ୍ଡନ କରି
ଯୁଦ୍ଧ ଦାଣ୍ଡରେ ଗମିଲେ ସେ ସ୍ୱର୍ଗ ସତ୍ତ୍ୱର ।''

Digitized by PPRACHIN, SOA

୧୮. ପୁରୁଷୋତ୍ତମ ସିଂହ ମାନଧାତା:

ପୁରୁଷୋତ୍ତମ ସିଂହ ନୟାଗଡ଼ର ଅଷ୍ଟାଦଶ ରାଜପୁରୁଷ । ସେ ଜଣେ ଯଶସ୍ୱୀ ରାଜା ଥିଲେ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଏହି ରାଜାଙ୍କର ସମସାମୟିକ ବୋଲି ଐତିହାସିକମାନେ ସ୍ୱୀକାର କରନ୍ତି । ଐତିହାସିକ ଡକ୍ଟର ହରେକୃଷ୍ଣ ମହତାବ ଲେଖିଛନ୍ତି- ‘‘ଯେଉଁ ସମୟରେ ଉପେନ୍ଦ୍ର ଭଞ୍ଜ ନିର୍ବାସିତ ହୋଇ ନୟାଗଡରେ ଥିଲେ, ସେହି ସମୟରେ ପୁରୁଷୋତ୍ତମ ସେଠାରେ ରାଜା ଥିଲେ ।’’ ସେ ଉପେନ୍ଦ୍ର ଭଞ୍ଜ ଏବଂ ତାଙ୍କ ପିତା ନୀଳକଣ୍ଠ ଭଞ୍ଜଙ୍କ ଦୁର୍ଦ୍ଦିନରେ ତାଙ୍କର ଆଶ୍ରୟଦାତା ଥିଲେ । ଉପେନ୍ଦ୍ରଙ୍କ ରହଣି ପାଇଁ ସେ ସମସ୍ତ ବନ୍ଦୋବସ୍ତ କରିଥିଲେ । ଅନନ୍ତର ଉପେନ୍ଦ୍ର ପୁରୁଷୋତ୍ତମଙ୍କ କନ୍ୟାକୁ ବିବାହ କରି ଗଡ ନିକଟବର୍ତ୍ତୀ ମାଳିସାହି ଗ୍ରାମର ଖମାର ଜମି ଗୁଡିକୁ ଯୌତୁକ ରୂପେ ପ୍ରାପ୍ତ ହୋଇଥିଲେ । ଉପେନ୍ଦ୍ରଙ୍କର ସାରସ୍ୱତ ସାଧନାର ପୁଣ୍ୟପୀଠ ହେଉଛି ମାଳିସାହି ଗ୍ରାମ । ସେ ଡେଙ୍କେଣାର ଶ୍ରୀରଘୁନାଥଜୀଉଙ୍କୁ ଉପାସନା କରି ରାମତାରକ ମନ୍ତ୍ର ସିଦ୍ଧ କରି ‘ବିଚିତ୍ର କବିତ୍ୱ’ ଶକ୍ତିର ଅଧିକାରୀ ହେଲେ । କବିସମ୍ରାଟ ଯେଉଁ ବିଶାଳ, ରସାଳ ଓ ପୁଷ୍କଳ ଭଞ୍ଜଭାରତୀ ସୃଷ୍ଟି କରିଯାଇଛନ୍ତି, ତାହାର ପୃଷ୍ଠଭୂମିରେ ରାଜା ପୁରୁଷୋତ୍ତମ ସିଂହଙ୍କ ଭୂମିକାକୁ ଅସ୍ୱୀକାର କରିହେବ ନାହିଁ । ରାଜକବି ପୁରଷୋତ୍ତମ ସିଂହ ମାନଧାତା ଉପେନ୍ଦ୍ରଙ୍କର କାବ୍ୟ ସାଧନା ଓ ଦୁର୍ଲ୍ଲଭ କବି ପ୍ରତିଭାରେ ମୁଗ୍ଧହୋଇ ନୟାଗଡ଼ ରାଜଦରବାରରୁ ତାଙ୍କୁ ‘ବୀରବର’ ଉପାଧିରେ ଭୂଷିତ କରିଥିଲେ । କାବ୍ୟକାର ଉପେନ୍ଦ୍ର ନବଦୁର୍ଗ ରାଜଦରବାରରୁ ପ୍ରାପ୍ତ ଏହି ଉପାଧିକୁ ତାଙ୍କର ବହୁକାବ୍ୟରେ ଅନେକତ୍ର ବ୍ୟବହାର କରିଛନ୍ତି ।

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ

(Copy-Right Reserved)

ପୁରୁଷୋତ୍ତମ ସିଂହ ମାନଧାତା କବି ଥିଲେ । ସେ ‘ଶୋଭାବତୀ’ କାବ୍ୟର ରଚୟିତା । ଏହି କାବ୍ୟରେ ରାଜକବି ପୁରୁଷୋତ୍ତମ ଶରଣକୁଳଠାରେ ବିଜେ କରିଥିବା ପରାତ୍ପର ମହାଦେବ ଶ୍ରୀଶ୍ରୀ ଲଡୁକେଶ ମହାଶଙ୍କୁ ନୟାଗଡ଼ ରାଜାଙ୍କର ଇଷ୍ଟଦେବତା ବୋଲି ବର୍ଣ୍ଣନା କରିଛନ୍ତି—

“ପୂର୍ବେ ଯେ ରାମଚନ୍ଦ୍ରରେ ପୂଜିତ
ଲଡୁକେଶ୍ୱର ନାମେ ଲିଙ୍ଗଖ୍ୟାତ

Digitized by PPRACHIN, SOA

ନବଦୁର୍ଗ ପାଳକର କରତା
ପରମ୍ପରା ତାଙ୍କ ଇଷ୍ଟଦେବତା
ତାଙ୍କ ପଦ ଚିନ୍ତି,
ଭଣିଲେ ପୁରୁଷୋତ୍ତମ ନୃପତି ।"

ସେ ନିଜ ନାମରେ ପୁରୁଷୋତ୍ତମପୁର, ରାଣୀଙ୍କ ନାମରେ ନକ୍ଷତ୍ର ଦେଈପୁର ଗ୍ରାମ ଓ ରାଜଜେମାଙ୍କ ନାମରେ ଜେମାଦେଈପୁର ଶାସନ ଗ୍ରାମ ବସାଇଥିଲେ ।

ରାଜା ପୁରୁଷୋତ୍ତମ ସିଂହ ମାନଧାତା ନିମ୍ନ ତିନିଗୋଟି ଗୀତିକାର ରଚୟିତା । ତାହା ହେଉଛି "ବିରହୋତ୍କଣ୍ଠିତା ନାୟିକା", "ବସନ୍ତେ ବିରହୀ" ଏବଂ "ନାୟକର ଚାଟୁ" । ଏଗୁଡ଼ିକ ଶୃଙ୍ଗାରରସ ଭିତ୍ତିକ ।

(୧) ବିରହୋତ୍କଣ୍ଠିତା ନାୟିକା -

(ରାଗ ଶଙ୍କର କାମୋଦୀ)

"ସୁରତେ ତୋଷିବି ନାହା
ଏ ଦୀନେ ମଦନେ ଦୁଃଖୀ ସଜନୀ ନାହିଁ ମୋ ସାହା ।୦।
ବରଷେ ରଜନୀ ଦିନ ସରସେ ଡାକଇ ଘନ
ତରସେ ମଦନ ହୀନ ବିରସେ ମୁଁ ହେଲି ଲୀନ
ନିରତେ ଡାକଇ କେକୀ ପୁରତେ ତା ପୁଚ୍ଛ ଟେକି
ତେଜିଲେ କେଉଁ ଦୋଷକୁ କାନ୍ତ ମଜିଲେ କେଉଁ ରମଣୀରେ ଆହା ।୧।
କହରେ କି ପ୍ରତିକାର ଅହରେ ହେଲା ଅନ୍ଧାର
ବହରେ ମୋ ଦୁଃଖ ଭାର ପ୍ରହାରେ କୁସୁମ ଶର
ଫୁଟିଲା କେତକୀ ନୀପ ତୁଟିଲା ମାନିନୀ ତାପ
ଘୋଟିଲା ଆସିକି ପାପ ହଟିଲା ମଦନ ଯାହା ।୨।
ବହିଲା ଝାଞ୍ଜି ମରୁତ ଦହିଲା ବିଯୋଗୀ ଚିତ୍ତ
ସହିଲା ଦେହ ଏମନ୍ତ ରହିଲା କାହିଁ ମୋ କାନ୍ତ
ବରଷେ ହେଲା ବିଦେଶ କି ରସେ ହେଲି ମୁଁ ବଶ
ପୁରୁଷୋତ୍ତମ ନରେଶ ସୁରସେ ଭଣିଲେ ଏହା" ।୩।

ପୁରୁଷୋତ୍ତମ ସିଂହ ମାନଧାତାଙ୍କର ଦ୍ୱିତୀୟ ଗୀତିକାଟି ହେଉଛି "ବସନ୍ତେ ବିରହୀ" । କବି ଲେଖିଛନ୍ତି-

"ମଳୟ ମରୁତ ମନ୍ଦେ ବହିଲାରେ
ନବଚୂତ ମୁକୁଳଦେଖି ହେଲେ ଆକୁଳ
କଳକଳ କୋକିଳ ବାଣୀ ଭାଷିଲାରେ ।୧।

Digitized by PPRACHIN, SOA

କି ରୂପରେ କାମିନୀ ବଞ୍ଚିବ ଏ ଯାମିନୀ
ମୋ ଗଜେନ୍ଦ୍ର ଗମନୀ ଦୂରେ ରହିଲାରେ ।୨।
କେତେ କେତେ ଯୋଗୀ କରାଇଲା ସଂଯୋଗୀ
ଯୋଗୀ ନୋହି ବିଯୋଗୀ କାମ ଦହିଲାରେ ।୩।
ଭଣେ ପୁରୁଷୋତ୍ତମ ନୃପ ଅନଙ୍ଗଭୀମ
ଅନଙ୍ଗ ବାଧା ଅଙ୍ଗେ କାମ ଦହିଲାରେ ।୪।

ରାଜା ପୁରୁଷୋତ୍ତମ ସିଂହ ମାନଧାତାଙ୍କର ଆଉ ଗୋଟିଏ ଆଦି ରସାତ୍ମକ ରଚନା ହେଉଛି- "ନାୟକର ଚାଟୁ ।" କବି ଗାଇଛନ୍ତି-

"ହୃଦୟ ମଣ୍ଡନାମୋତିହାରାରେ । ପଦ ।
ମନା କହିଲେ ଯେତେ ଅନାଇଲୁ ନାହିଁରେ
ଥରେ ହେଉ ପରମ୍ପରାରେ ।୧।
କହିଲେ ଯେତେକ ଚାଟୁ ନ ଘେନିଲୁ ଚିତ୍ତରେ
ପରାଣୁ ଅଧିକ ବୋଲୁ ପରାରେ ।୨।
ତୋ କର ଧରି ମୁଁ କିଣା କିଙ୍କର ବୋଲନ୍ତେ
ମୋହ ସପତଟି ନେତ୍ର ତାରାରେ ।୩।
ପୁରୁଷଉତ୍ତମ ନୃପ ମାନଧାତା ଭଣିରେ
ଶୁଣି ମାନ ତେଜିଲା ସେ ଧୀରାରେ" ।୪।

ହୁଏତ ପୁରୁଷୋତ୍ତମ ସିଂହ ମାନଧାତା ଆଉ କିଛି ଗୀତିକା ରଚନା କରିଥିବେ, ଯାହା କି ସଂରକ୍ଷଣ ଅଭାବରୁ ନଷ୍ଟ ହୋଇଯାଇ ଥାଇପାରେ । ତେବେ ପୁରୁଷୋତ୍ତମ ସିଂହ ମାନଧାତା ବିଶେଷ ଭାବରେ ସ୍ମରଣୀୟ ହୋଇ ରହିବେ ତାଙ୍କ କୃତ 'ଶୋଭାବତୀ' କାବ୍ୟ ପାଇଁ । ଏହି କାବ୍ୟଟି ଦଶ ଛାନ୍ଦ ସମ୍ବଳିତ କାବ୍ୟ । ଏହି ରାଜାଙ୍କ ସମ୍ପର୍କରେ Nilamani Senapati ଏବଂ Durga Charan Kuanr ଲେଖିଛନ୍ତି– "Purushottam Singh Mandhata, the Raja of the ex-state of Nayagarh which now forms a part of Puri district, wrote Sovabati (ଶୋଭାବତୀ), a Kavya in ten cantos, during the reign of Gajapati Divyasingh Deva (1688-1716 AD of Khurda"– (Orissa District Gazateer-Puri).

'ଶୋଭାବତୀ' ଶୃଙ୍ଗାରଭିତ୍ତିକ କାବ୍ୟ । ନାୟକ କାଶ୍ମୀରର ରାଜା ପଦ୍ମଧ୍ୱଜଙ୍କ ପୁତ୍ର ଏବଂ ନାୟିକା ଶୋଭାବତୀର ପ୍ରଣୟ, ବିଚ୍ଛେଦ ଏବଂ ପୁନର୍ମିଳନ ହେଉଛି କାବ୍ୟଟିର ବିଷୟବସ୍ତୁ । ନାୟକ ପ୍ରିୟାର ବିଚ୍ଛେଦରେ ଅତ୍ୟନ୍ତ ଶୋକାତୁର ହୋଇ ପ୍ରିୟାର ସ୍ମୃତିକୁ ମନେ ପକାଇଛି । କବିଙ୍କ ଭାଷାରେ–

Digitized by PPRACHIN, SOA

"ବସି ଏକାନ୍ତରେ ପୁଂସ ନିରନ୍ତରେ
ପ୍ରିୟାକୁ ଚିତ୍ତରେ ଗୁଣି
ମଦନ କାତରେ ଅତି ଆରତରେ
ବୋଲଇ ହା ହା ରମଣୀ ।
ନୀରଦ କେଶୀ ଶରଦ ଚନ୍ଦ୍ର ମୁଖୀ
ଦ୍ୱିରଦ ଗତି ନବୀନା
ସେ ମତ୍ତ କାଶିନୀ ପିୟୂଷ ହାସିନୀ
ବଞ୍ଚିବ ସେହି ମୋ ବିନା ।
କଷ୍ଟ ନୋହୁଥିବ ନିଶାରେ ନୟନ
ରସା ମଣ୍ଡନାର ମୋର
ଅରୁଣ ଅଧରୀ ସରୁ ମଧ୍ୟମାକୁ
ଗରୁ ହୋଇଥିବ ହାର ।"

ନାୟକ ପ୍ରୀତି ପ୍ରାଣଗତ । ସେ ନାୟିକା ସହିତ ରତିକାଳୀନ ସ୍ମୃତିକୁ ମନେ ପକାଇ ମଦନପୀଡ଼ା ପାଇଛି । ରାଜକବି ପୁରୁଷୋତ୍ତମ ସିଂହ ଲେଖିଛନ୍ତି–

"ଏମନ୍ତ ଭାବି କ୍ଷିତିରେ ପଡ଼ି ନର-
ପତିସୁତ ହେଲା ମୋହ
ସଖାଏ ପଲ୍ଲବେ ବିଞ୍ଚି ନୀର ସିଞ୍ଚି
ସଚେତନ କଲେ ଦେହ ।
ଚେତନା ବସେ ଅବଶେ ବସି ଶ୍ୱାସ
ଛାଡ଼ି ଚାହେଁ ସବୁ ଦିଶ
କହେ ମନ୍ତ୍ରୀ ସୁତ ହେ ମିତ ଆରତ
ନୁହଁ କାର୍ଯ୍ୟ ହେଲା ଶେଷ ।
କାହୁଁ ହରିକୁମର ଅନୁକୂଳ କଲାନି
ଆସେ ଯିବାକୁ ସ୍ୱଦେଶ
ଅତି ମନୋରମ ପରମ ରହସ୍ୟ
ଅଷ୍ଟ ଛାନ୍ଦ ହେଲା ଶେଷ ।
ତମ ବିପକ୍ଷ ରାଧାପତି ସୁନ୍ଦର
ସଦା ଯେ କମଳ କର
ସେ କୃଷ୍ଣ ଚନ୍ଦ୍ର ଭାବି ଛାନ୍ଦ ଭଣିଲେ
ମାନଧାତା ନୃପବର ।"

Digitized by PPRACHIN, SOA

ଅନୁରୂପ ଭାବରେ ନାୟିକା ମଧ୍ୟ ନାୟକର ଅନୁପସ୍ଥିତିରେ ବିରହ ଯନ୍ତ୍ରଣା ପାଇଛି । ରାଜା ଲେଖିଛନ୍ତି–

"ଏଣେ ବିରହେ ପଙ୍କଜବଦନୀ
କୁନ୍ଦ କୋରକ କରକ ରଦନୀ
ଚମ୍ପା ଶମ୍ପା ଦାହ ହେମ ଅଙ୍ଗିନୀ
କାନ୍ତ ଗୁଣଗୁଣି
ନିରତେ ଆକୁଳ ରମଣୀ ମଣି ।
ସ୍ତନ ପରେ ମୁଞ୍ଚି ନେତ୍ର ନୀରକୁ
ସାର୍ଥ କରି ଏ ଉପମା ସାରକୁ ।"

ନାୟକ ଓ ନାୟିକାର ମିଳନରେ କାବ୍ୟର ପରିସମାପ୍ତି ଘଟିଛି । ନାୟକ ଓ ନାୟିକାର ମିଳନ ରାଜାଙ୍କ ଲେଖନୀମୁନରେ ବେଶ୍ ମନୋଜ୍ଞ ଭାବରେ ବର୍ଣ୍ଣିତ–

"ସେ କାନ୍ତ କାନ୍ତା ଶ୍ରୀମୁଖ ଦର୍ଶନେ
ରହିଲେ ଦଣ୍ଡେ ସ୍ତବ୍ଧିତ ନୟନେ ।
ନାଗରବର ରସେ ହୋଇ ଭୋଳ
ବେଗେ କଲା ନିଜ ପ୍ରିୟାକୁ କୋଳ
ଆତୁର ହିଁ ଜଡ଼ି
ହୋଇଲେ ପରସ୍ପରେ ଭିଡ଼ାଭିଡ଼ି ।
ଦରିଦ୍ର ଜନେ ହଜିଲା ରତନ
ପାଇଲେ ଯଥା ହରଷ ତା' ମନ
ତହୁଁ ଅଧିକେ ରସ ଜାତ ହୋଇ
ପୁଣି ହୋଇଲେ ଚୁମ୍ବ ଦିଆଦେଇ
ଗଣ୍ଡି ବେନି ଚିରେ
ପକାଇ ଭିନ୍ନ-ନୋହିବା ବିଚାରେ ।"

ରାଜା ଗୁରୁଷୋତ୍ତମ ସିଂହ ମାନଧାତା ଥିଲେ କାବ୍ୟବିନୋଦ ନରପତି । ନୟାଗଡ଼ରେ କାବ୍ୟଚର୍ଚ୍ଚାର ଏକ ମହନୀୟ ଧାରା (trend) ସୃଷ୍ଟି କରି ରାଜା ପୁରୁଷୋତ୍ତମ କାଳଜୟୀ ନରପତି ରୂପେ ଚର୍ଚ୍ଚିତ ଓ ଚିରବନ୍ଦିତ ।

୧୯. ମୃତ୍ୟୁଞ୍ଜୟ ସିଂହ ମାନଧାତା :

ରାଜା ପୁରୁଷୋତ୍ତମ ସିଂହ ମାନଧାତାଙ୍କର ତିନିପୁଅ ଥିଲେ । ସେମାନେ ହେଉଛନ୍ତି- ମୃତ୍ୟୁଞ୍ଜୟ ସିଂହ ମାନଧାତା, ନୀଳମଣି ଜଗଦ୍ଦେବ ଓ ପଦ୍ମନାଭ ହରିଚନ୍ଦନ । ପିତାଙ୍କ ଅନ୍ତେ ମୃତ୍ୟୁଞ୍ଜୟ ସିଂହ ମାନଧାତା ରାଜା ହେଲେ ।

Digitized by PPRACHIN, SOA

ରାଜା ମୃତ୍ୟୁଞ୍ଜୟ ସିଂହ ମାନଧାତା ପାରିକୁଦ ଗଡର ରାଜକୁମାରୀ ହୀରା ଦେଈଙ୍କୁ ବିବାହ କରିଥିଲେ । ରାଣୀ ହୀରା ଦେଈଙ୍କ ଗର୍ଭରୁ ବିନାୟକ ସିଂହ ଜନ୍ମଗ୍ରହଣ କରିଥିଲେ । ରାଣୀ ହୀରା ଦେଈଙ୍କର ଅକାଳ ବିୟୋଗ ଘଟିଲା । ଏହାପରେ ମୃତ୍ୟୁଞ୍ଜୟ ସିଂହ ଘୁମୁସର ଶ୍ରୀକର ଭଞ୍ଜଙ୍କର ଭଗ୍ନୀ ମଣ୍ଡା ଦେଈଙ୍କୁ ବିବାହ କଲେ । ମଣ୍ଡା ଦେଈ ଯୌତୁକ ସ୍ୱରୂପ ଅଳସୁ, କମସର ଓ ମହୁଲିଆ ଗ୍ରାମକୁ ଆଣିଥିଲେ । ରାଜା ଜଳକୀର୍ତ୍ତି ସ୍ୱରୂପ ଦ୍ୱିତୀୟା ପତ୍ନୀ ମଣ୍ଡା ଦେଈଙ୍କ ନାମାନୁସାରେ 'ମଣ୍ଡା ପୁଷ୍କରିଣୀ' ଖନନ କରାଇଥିଲେ ।

ମୃତ୍ୟୁଞ୍ଜୟ ସିଂହ ଓ ରଣପୁରର ରାଜା ସାରଙ୍ଗଧର ବଜ୍ରଧର ନରେନ୍ଦ୍ରଙ୍କ ମଧ୍ୟରେ ବିବାଦ ଉପୁଜିଥିଲା । ରାଜା ସାରଙ୍ଗଧର ନୟାଗଡ ଅନ୍ତର୍ଗତ ଶରଣକୁଳକୁ ଜୟକରି ସେଠାରେ ପୂଜା ପାଉଥିବା ଅଷ୍ଟଭୁଜା ଦୁର୍ଗାମୂର୍ତ୍ତି ରଣପୁର ନେଇଯାଇଥିଲେ । ଏହାପରେ ମୃତ୍ୟୁଞ୍ଜୟ ସିଂହ ରଣପୁରର ସାମନ୍ତ ନୀଳାଦ୍ରି ରାଉତରାୟଙ୍କ ମଧ୍ୟସ୍ଥତାରେ ରାଜା ସାରଙ୍ଗଧରଙ୍କ ସହ ମିତ୍ରତା ସ୍ଥାପନ କରି ଚାରିହଜାର କଉଡି ବିନିମୟରେ ଶରଣକୁଳ ଅଞ୍ଚଳ ଫେରିପାଇଲେ ।

ରଣପୁର ଗଡଠାରେ ସାରଙ୍ଗଧରଙ୍କ ପରେ ତାଙ୍କ ପୁତ୍ର ନୃସିଂହ ବଜ୍ରଧର ନରେନ୍ଦ୍ର ରଣପୁରର ରାଜା ହେଲେ । ନୃସିଂହ ବଜ୍ରଧର ଓ ମୃତ୍ୟୁଞ୍ଜୟ ସିଂହ ମାନଧାତାଙ୍କ ମଧ୍ୟରେ ପୁନର୍ବାର ବିବାଦର ସୂତ୍ରପାତ ହେଲା । ରାଜା ନୃସିଂହ ବଜ୍ରଧରଙ୍କର ଦୁଇ କନିଷ୍ଠ ଭାଇ କମଳଲୋଚନ ଦେବେନ୍ଦ୍ର ସାମନ୍ତ ଓ ଶ୍ରୀଚନ୍ଦନ ସାମନ୍ତଙ୍କ ନେତୃତ୍ୱରେ ରଣପୁରର ସୈନ୍ୟମାନେ କେନ୍ଦୁଡ଼ିପ ଓ ଖତିଆଗଡ ଅଧିକାର କରିଥିଲେ । ନୟାଗଡ ରାଜା ମୃତ୍ୟୁଞ୍ଜୟ ସିଂହମାନଧାତା ମରହଟ୍ଟା ସୁବେଦାର ରାଜାରାମ ପଣ୍ଡିତଙ୍କୁ ୫୫୦୦ କଉଡି ଭେଟି ସ୍ୱରୂପ ଦେଇ ତାଙ୍କ ନିର୍ଦ୍ଦେଶରେ ରଣପୁର ରାଜାଙ୍କଠାରୁ କେନ୍ଦୁଡ଼ିପ ଓ ଖତିଆଗଡ଼ ଫେରି ପାଇଥିଲେ ।

ରାଜା ମୃତ୍ୟୁଞ୍ଜୟ ସିଂହ ମାନଧାତାଙ୍କ ସମୟରେ ରାମଭଟ୍ଟ ବ୍ରହ୍ମା ଏକ ବିଖ୍ୟାତ ତାନ୍ତ୍ରିକ ଥିଲେ । ସେ ନୟାଗଡ଼ର ନୂଆଗାଁଠାରେ ପଞ୍ଚୁପାଣ୍ଡବ ପାହାଡ଼ର ପାଞ୍ଚଟି ଶୃଙ୍ଗକୁ ବିରି ମନ୍ତ୍ର କରି ଫୋପାଡ଼ି ଭାଙ୍ଗି ଦେଇଥିଲେ ବୋଲି ପ୍ରବାଦ ରହିଛି । ସେ ବହୁ ଅଲୌକିକ ଘଟଣା କରିଥିଲେ ବୋଲି ଲୋକମୁଖରୁ ଜଣାଯାଏ ।

ମୃତ୍ୟୁଞ୍ଜୟ ସିଂହ ମାନଧାତାଙ୍କର ସମସାମୟିକ ନୟାଗଡ଼ ବେବର୍ତ୍ତା ବଂଶଜ ବୈରାଗୀ ବେବର୍ତ୍ତା ପଟ୍ଟନାୟକ ଓଡ଼ଗାଁଠାରେ ବିରାଜିତ ଶ୍ରୀରଘୁନାଥ ଜୀଉଙ୍କୁ ସ୍ଥାପନା କରିଥିଲେ । ଉକ୍ତ ବୈରାଗୀ ବେବର୍ତ୍ତା ପଟ୍ଟନାୟକ ଶ୍ରୀରାମଙ୍କର ସ୍ୱପ୍ନାଦେଶ ପାଇ ନିଜେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କର ମୂର୍ତ୍ତି ଗଠନ କରିଥିଲେ । ଶ୍ରୀରଘୁନାଥ ଜୀଉଙ୍କର ପଦ୍ମପୃଷ୍ଠରେ ଲିଖିତ ଅଛି-

Digitized by PPRACHIN, SOA

"ଶକାବ୍ଦ ଶର ମାଙ୍ଗଲ୍ୟ ଋତୁଷ୍ଟ ଉଡ୍‌ଡନାୟକଃ
ରାମଂ ଲକ୍ଷ୍ମଣଂ ସଂସ୍ଥାପ୍ୟ ବୈରାଗୀ ପଟ୍ଟନାୟକଃ ।"

ଏଠାରେ ଶର ହେଉଛି-୫, ମାଙ୍ଗଲ୍ୟ ହେଉଛି-୮ ଋତୁ ହେଉଛି-୬ ଉଡ୍‌ଡ ନାୟକ-ହେଉଛି ୧ । ଏହିପରି ହେଲା- ୫୮୬୧ । 'ଅଙ୍କାନାଂ ବାମତଃ ଗତିଃ' ତେଣୁ ଏହା ହେବ ୧୬୮୫ ଶକାବ୍ଦ ବା ୧୭୬୩ ଖ୍ରୀଷ୍ଟାବ୍ଦ । ସୁତରାଂ ୧୭୬୩ ଖ୍ରୀଷ୍ଟାବ୍ଦରେ ବୈରାଗୀ ପଟ୍ଟନାୟକଙ୍କ ଦ୍ୱାରା ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କର ମୂର୍ତ୍ତି ସ୍ଥାପନା କରାଗଲା । ଓଡଗାଁଠାରେ ଅବସ୍ଥିତ ପ୍ରସିଦ୍ଧ ରଘୁନାଥ ମନ୍ଦିର ରାଜା ମୃତ୍ୟୁଞ୍ଜୟ ସିଂହ ମାନଧାତାଙ୍କ ଦ୍ୱାରା ନିର୍ମିତ ହୋଇଥିଲା ।

ନୟାଗଡର ଶ୍ରୀଜଗନ୍ନାଥଙ୍କ ପ୍ରଥମ ମନ୍ଦିରଟି ରାଜା ମୃତ୍ୟୁଞ୍ଜୟ ସିଂହ ମାନଧାତାଙ୍କ କୀର୍ତ୍ତି ଅଟେ । ଏହି ମନ୍ଦିରଟି ୧୭୭୮ ଖ୍ରୀଷ୍ଟାବ୍ଦରେ ମୃତ୍ୟୁଞ୍ଜୟ ସିଂହ ମାନଧାତା ଦ୍ୱାରା ନିର୍ମିତ ହୋଇଥିଲା ।

ରାଜା ମୃତ୍ୟୁଞ୍ଜୟ ସିଂହ ମାନଧାତା ନୟାଗଡ଼ ପୁରୁଣା ସହର (ନିଜିଗଡ଼) ଠାରେ ଗୋପୀନାଥ ମନ୍ଦିର ପ୍ରତିଷ୍ଠା କରିଥିଲେ ଏବଂ ଠାକୁରଙ୍କ ପାଇଁ ଭୋଗ ଖଞ୍ଜା କରିଥିଲେ । କବି ଯଦୁମଣି ମହାପାତ୍ରଙ୍କ ପିତା ମୁକୁନ୍ଦ ମହାପାତ୍ର ଏହି ଗୋପୀନାଥ ବିଗ୍ରହକୁ ନିର୍ମାଣ କରିଥିଲେ ।

ମୃତ୍ୟୁଞ୍ଜୟ ସିଂହ ମାନଧାତା ନୟାଗଡ଼ରେ ସ୍ୱପ୍ନେଶ୍ୱର ମହାଦେବଙ୍କୁ ସ୍ଥାପନା କରିଥିଲେ । ଯେଉଁ ସ୍ଥାନରେ ସ୍ୱପ୍ନେଶ୍ୱର ମହାଦେବ ବିରାଜିତ, ସେଠାରେ ପୂର୍ବେ ଶ୍ମଶାନ ଥିଲା । ସେହି ସ୍ଥାନଟିକୁ ରଗଡ଼ ମୁଣ୍ଡିଆ କୁହାଯାଉଥିଲା । ତେଣୁ ସ୍ୱପ୍ନେଶ୍ୱର ମହାଦେବଙ୍କୁ ରଗଡ଼ି ମହାଦେବ କୁହାଯାଏ ।

ମୃତ୍ୟୁଞ୍ଜୟ ସିଂହ ମାନଧାତା ବାଦ୍ୟପ୍ରିୟ ଥିଲେ । ସେ ମର୍ଦ୍ଦଳ ବାଜା ବଜାଉ ଥିଲେ । ସେ ବଜାଉଥିବା "ମେଘା" ନାମକ ମର୍ଦ୍ଦଳ ବର୍ତ୍ତମାନ ଦୁର୍ଗାଦେବୀଙ୍କ ମନ୍ଦିରରେ ରହିଛି । ସେ ମର୍ଦ୍ଦଳ ବଜାଇବା ସମୟରେ ତାଙ୍କ ହାତର ସୁନାଖଡୁ କୋମଳତା ଯୋଗୁଁ ତାହା ବଙ୍କା ହୋଇଯାଉଥିଲା । ପରେ ସେ ସେଥିରେ ଟାଣ ସୁନା ମିଶାଇ କୃଷ୍ଣମୂର୍ତ୍ତି ନିର୍ମାଣ କରାଇଥିଲେ । ରାଜା ମୃତ୍ୟୁଞ୍ଜୟ ସିଂହ ମାନଧାତାଙ୍କୁ ପ୍ରଜାମାନେ 'ଜୟସିଂହ ମାନଧାତା' କହୁଥିଲେ । ତେଣୁ ତାଙ୍କ ଦ୍ୱାରା ସୁବର୍ଣ୍ଣରେ ନିର୍ମାଣ କରାଯାଇଥିବା କୃଷ୍ଣବିଗ୍ରହକୁ 'ଜୟମଙ୍ଗଳ' କୁହାଯାଉଥିଲା ।

ମୃତ୍ୟୁଞ୍ଜୟ ସିଂହ ମାନଧାତା ନିଜ ନାମରେ ମୃତ୍ୟୁଞ୍ଜୟପୁର ଶାସନ ଏବଂ ପଞ୍ଚୁମୁ ମୃତ୍ୟୁଞ୍ଜୟପୁର ଶାସନ ପ୍ରତିଷ୍ଠା କରିଥିଲେ । ରାଣୀଙ୍କ ନାମରେ ହୀରାଦେଈପୁର ଗ୍ରାମ ପ୍ରତିଷ୍ଠା କରିଥିଲେ ।

Digitized by PPRACHIN, SOA

୨୦. ବିନାୟକ ସିଂହ ମାନଧାତା (୧୭୮୮-୧୮୦୮) :

ପିତା ମୃତ୍ୟୁଞ୍ଜୟ ସିଂହଙ୍କ ଅନ୍ତେ ବିନାୟକ ସିଂହ ରାଜଗାଦି ଲାଭ କଲେ । ସେ ହେଉଛନ୍ତି ନୟାଗଡ଼ ରାଜବଂଶର ବିଂଶତମ ରାଜପୁରୁଷ । ବିନାୟକ ସିଂହ ନୟାଗଡ଼ର ବହୁଚର୍ଚ୍ଚିତ ରାଜା । ତାଙ୍କ ରାଜତ୍ୱକାଳ ଥିଲା ଘଟଣାବହୁଳ ।

ରାଜା ବିନାୟକ ସିଂହ ମାନଧାତା ସୁରଙ୍ଗୀ ରାଜକନ୍ୟା ସାବିତ୍ରୀ ଦେବୀଙ୍କୁ ବିବାହ କରିଥିଲେ । ସେ ରାଣୀଙ୍କ ନାମାନୁସାରେ ସାବିଦେଇପୁର ବ୍ରାହ୍ମଣ ଶାସନ ବସାଇଥିଲେ । ଏହା ବ୍ୟତୀତ ରାଜା ବିନାୟକ ସିଂହ ବିନାୟକପୁର ଶାସନ, ମାନଧାତାପୁର ଶାସନ ଓ ଘଡୁଆଳ ବ୍ରାହ୍ମଣ ଶାସନ ମଧ୍ୟ ବସାଇଥିଲେ ।

ସେ ନୟାଗଡର ଜଗନ୍ନାଥ ମନ୍ଦିରର ଉନ୍ନତିକରଣ କରିଥିଲେ ।

ରାଜା ବିନାୟକ ଜଳକୀର୍ତ୍ତି ପାଇଁ ସ୍ମରଣୀୟ । ସେ ସାଗର ପୁଷ୍କରିଣୀ ଓ ଶରଣକୁଳଠାରେ କଟରାଝରି ବନ୍ଧ ନିର୍ମାଣ କରାଇଥିଲେ । ସେ ରାଧାମୋହନ ମନ୍ଦିର ନିର୍ମାଣ କରାଇଥିଲେ ଏବଂ ଠାକୁରଙ୍କ ପାଇଁ ବହୁ ଜାଗିରି ଭୋଗ ବ୍ୟବସ୍ଥା କରାଇଥିଲେ ।

ରାଜା ବିନାୟକ ଥିଲେ ସାହିତ୍ୟପ୍ରାଣ । ସେ ଏକାଧାରରେ ଥିଲେ ରାଜା, କବି ଓ ସଙ୍ଗୀତଜ୍ଞ । ସେ କାବ୍ୟକାର ଯଦୁମଣିଙ୍କର ପୃଷ୍ଠପୋଷକ ଥିଲେ । ନୟାଗଡ ଓ ରାଜଦରବାରରେ ସାହିତ୍ୟର ଆଦର ଓ ଚର୍ଚ୍ଚାପାଇଁ ତାଙ୍କର ସଦୟ ଦୃଷ୍ଟି ରହିଥିଲା । ସାହିତ୍ୟର ପୃଷ୍ଠପୋଷକତା କରିବା ଦିଗରେ ତାଙ୍କର ଭୂମିକା ଥିଲା ଅନବଦ୍ୟ । ତାଙ୍କ ସମୟରେ ନୟାଗଡ ରାଜଦରବାର ସାହିତ୍ୟ ଚର୍ଚ୍ଚାର କ୍ଷେତ୍ରରୂପେ ପ୍ରସିଦ୍ଧି ଅର୍ଜନ କରିଥିଲା ।

ରାଜା ବିନାୟକ ଯଥାର୍ଥରେ ଥିଲେ ବିନାୟକ । ସେ ଥିଲେ ଜଣେ ଉତ୍କୃଷ୍ଟ କବି । ସେ 'ରସକଞ୍ଚଳତା' ନାମକ କାବ୍ୟଗ୍ରନ୍ଥ ରଚନା କରିଥିଲେ । ଏହି କାବ୍ୟଟି ଅଦ୍ୟାବଧି ଅପ୍ରକାଶିତ । ତାହାର ଏକ କିତା ପୋଥି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସଂଗ୍ରାହଳରେ ଗଚ୍ଛିତ ଅଛି । ଏହି ପୋଥିର କ୍ରମିକ ନମ୍ବର ହେଉଛି ୧୯୮ । ଏହା ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ରହିଛି । ଏହା ଏକ କାଳ୍ପନିକ କାବ୍ୟ । କାବ୍ୟର ନାୟକ ରସକଞ୍ଚଳତା । ନାୟିକା ନାମାନୁସାରେ କାବ୍ୟଟିର ନାମକରଣ ହୋଇଛି । କାବ୍ୟଟିର ପ୍ରତ୍ୟେକ ଛାନ୍ଦର ଶେଷରେ ବିନାୟକ ସିଂହଙ୍କର ନାମରେ ଭଣିତା ହୋଇଛି । ଯଥା-

କ) ଭଣିଲେ ବିନାୟକ ସିଂହ ମାନଧାତା
ରସିକବର ଉଦୟାରବିନ୍ଦ ପ୍ରମୁଦ ପଦକୁ ଏ ଛାନ୍ଦ ସବିତା ।

ଖ) ରାଧାପତି ରୁଚିହାସ ରାମକୃଷ୍ଣ ପଦ
ଚିନ୍ତି ବିନାୟକ ସିଂହ କ୍ଷିତୀଶ ଆନନ୍ଦ ଯେ । (ଇତ୍ୟାଦି)

ଏହା ବ୍ୟତୀତ ସେ 'କୃଷ୍ଣପ୍ରତି ସଖୀ', 'ଚୈତନ୍ୟରୂପ ବର୍ଣ୍ଣନା', 'ସଖୀପ୍ରତି ରାଧା', 'ବିପରୀତ ରତି ଲାଗି ଚାଟୁ' ପ୍ରଭୃତି ଚୌପଦୀ ରଚନା

Digitized by PPRACHIN, SOA

କରିଛନ୍ତି । ଏ ସମସ୍ତ ରଚନା ରାଧା-କୃଷ୍ଣଙ୍କ ଲୀଳା ବିଷୟକୁ ଭିତ୍ତିକରି ରଚିତ ।
ଏ ସମସ୍ତ ରଚନା ରାଧା-କୃଷ୍ଣଙ୍କ ଲୀଳା ବିଷୟକୁ ଭିତ୍ତିକରି ରଚିତ ହୋଇଛି ।
ଦୃଷ୍ଟାନ୍ତ ସ୍ୱରୂପ-

(କ) ନାୟକ ପ୍ରତି ସଖୀ

"ରସ ନାଗର ! ବସ ଯାଇ ବାରେ ରାଧା ଆଗର
ବାସର ନିଶିରେ ତାର   ପାଶରୁ ନୋହୁ ବାହାର
ଜାଳିଅଛୁ ଆମ୍ଭେ ଜାଗର ହେ ।
ଆଶାରେ ଜୀବନ ରଖି   ଆଶାରେ ନିବେଶି ଆଖି
ଅଛି ସଖୀ କୃପାସାଗର ହେ । xxx
ବିରହାନଳ ପ୍ରବଳ   ହୋଇ କଲାଣି ଦୁର୍ବଳ
ଅଧିକ ଜଳଇ ଦେଲେ ଅଗର ହେ
ନବଦୁର୍ଗପତି ଭଣି   କୁଞ୍ଜବନେ ବେଣୁ ପାଣି
ବିଳମ୍ବ ନକର ଚଳ ବେଗର ହେ ।"

(ଖ) ସଖୀପ୍ରତିରାଧା (ସ୍ୱପ୍ନ ମିଳନ)

"ମୁରଲୀପାଣି, କି କଲେ ଯେ ଗତି ରୟଣି
ଶୁଣଗୋ ପ୍ରାଣ ମିତଣି   କାହିଁଥିଲେ ତା' ନ ଜାଣି
ନଟବର ନାଗରମଣି ।
ସ୍ୱପ୍ନେ ମୁଁ ଦେଖିଲି କେଳି   ପୁର ଦେହଳୀ
ପାଶରେ ସେ ଗଲେ ମୋ ମିଳି
କି କହିବି ତନୁଛଳି   କୋଟି ଚନ୍ଦ୍ର କରୁବଳି
ଉଜ୍ଜ୍ୱଳରେ ପଡ଼ିଲା ବଳି ।
ଆସିଲେ ବସିଲେ ପାଶେ   ଲାବଣ୍ୟ ବେଶେ
ମନ୍ଦେ ହସି ମନ ଉଲ୍ଲାସେ
ପୀତାମ୍ବର କଟିଦେଶେ   ନବଘନେ ବିଦ୍ୟୁତ୍କି ସେ
ନିରୀକ୍ଷଣେ ନୟନେ ମିଶେ । xxx
ବଦତି ଏ ସପନ ରସ   ନବଦୁର୍ଗେଈଶ
ବିନାୟକ ସିଂହ ନରେଶ
ଠାକୁରାଣୀଙ୍କ ଆଦେଶ   ଜାଣି ଦୂତୀ ହସହସ
ବୃନ୍ଦାବନେ ହେଲେ ପ୍ରବେଶ ।"

Digitized by PPRACHIN, SOA

(ଗ) ସଖୀପ୍ରତି ରାଧା

"ହରି ତୁଳେ ମୋ ପ୍ରୀତି   କରିଦିଅ ଗୋ ଦୂତୀ
ନବତମାଳ ତନୁ   ନିନ୍ଦେ କୋଟି ଅତନୁ
ସଖୀ ଦେଖିଲା ଦିନୁ   ନ ଗଲେ ସେ ମୋ ମନୁ
ଆସିବା ବେଳେ କାହ୍ନୁ   ଧରି ମୋହନ ବେଣୁ
ସଙ୍ଗତେ ଘେନି ଗୋପ-   ସୁତ ସହିତେ ଧେନୁ
ଶ୍ରୀ ବୃନ୍ଦାବନେଶ୍ରୀପତି । ×××
ନ ପାଇଲେ ତା' ରତି   ନ ପାରଇ ବରତି
ନୀଳମଣି ସୁରତି   ନ ଦେଲେ ଯଦୁପତି
ନ ଜୀଅଇ ଶ୍ରୀମତି   ଜାଣିଥାଅ ଗୋ ଦୂତୀ
ବିନାୟକ କେଶରୀ   ମାନଧାତା ବଦତି
ଦେଇ ରଖାଅ କୀରତି ।"

(ଘ) ବିପରୀତ ରତି ଲାଗି ଚାଟୁ

"ମୁଗ୍‌ଧେ ଉନ୍ମାଦ ରଙ୍ଗରେ । ସାଜ ସାଜ ସୁବେଶ ତନୁକୁ ଆଜ
ବିରାଜ ମୋ ପୁରେ ଧନ ତୁ ।
କେ ଜାଣେ ଗୋ ଏହା ବୋଲିବାରେ ତୁ ଗେହ୍ଲାଇ
ତେତିକିବେଳେ ନିତମ୍ବ ଦେବୁ ଦୋହଲାଇ ।
କଟିରେ କିଙ୍କିଣୀ, ବାଜିବ କିଣି କିଣି
ନାସେ ନାସାମଣି ନର୍ତ୍ତନ କରି ପୁଣି
ବଦନ ନିଶାମଣି, ଦୋହଲିବାରେ ଅଣି-
ମାଦି ସୁଖକୁ କିଣି ଆଣିବ ଇକ୍ଷିତେ । ×××
ଭସାଇ ଭାସିବୁ ଯେବେ ସୁଖ ପାରାବାରେ
ସୁନାଶିର ହୋଇବି ମୁଁ ରସିକ ସଂସାରେ
ଘୋର ମାର ଶର ମାରଣ କରେ ଉର
ଦାରୁଣ ହେଉତୁ କି, କାରଣେ ରାମାବର
ଶରଣାଗତକୁ ତୁ ଉଦ୍ଧାରଣ କର
ବିନାୟକ ସିଂହ ଭୂପତି ବଦତି ।"

(ଙ) "ନୂଆ ଛଇଳା ମହିଳା କାହାର ଏ
ସୁ-ଆଳୀ ଗଣେ ଗହଣେ ବାହାର ଏ ।

Digitized by PPRACHIN, SOA

ଅବଳାମଣିର ବଳା ନୂପୁର ଶବଦ
ବଳାରାତି ପଦକୁ ତ କରିଅଛି ରଦ୍ଦ ।
ରାଜହଂସ ଗମନୀର ଛଟକ ଚାତୁରୀ
ସାଜଇକି ମନୋହର ବେଶଭୂଷା ଶିରୀ । xxx
ସତେ ରତେ ବସାଇବି କରିବ ବିଧାତା
ପ୍ରତେ ନାହିଁ କହେ ବିନାୟକ ମାନଧାତା ।"

(ଚ) "ରହିଯାରେ ବନ୍ଧୁ ହରିଯା'ରେ
ହସି କଥା ପଦେ କହିଯାରେ
ଅରୁଣାଧରୀତୁ ତରୁଣାଙ୍ଗି ବାଳୀ
ମୋଠାରେ କରୁଣା ବହିଯାରେ । xxx
ମୋ ଅଙ୍କ-ତଳପେ ଶୋଇଯାରେ
ମନମୋହୀ ଥରେ ମୋହିଯାରେ
କୀର୍ତ୍ତିକେତନକୁ ଉଡ଼ାଇ ଅଭୀତେ
ପ୍ରୀତି ନାବ ମଙ୍ଗ ବାହିଯାରେ ।
ନିର୍ଦ୍ଦୟାବତୀ ତୁ ନୋହିଯା ରେ
ଦୟାମ୍ବୁଧି ଏବେ ହୋଇଯାରେ
ନବଦୁର୍ଗରାଣ ପକାଉଛି ରାଣ
ନିଧୁବନ ରସ ଦେଇଯାରେ ।"

ରାଜା ବିନାୟକ ବିଷ୍ଣୁଙ୍କର ଉପାସନା କରୁଥିଲେ । ସେ ଉଭୟ ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କୁ ପୂର୍ଣ୍ଣ ବ୍ରହ୍ମରୂପେ ହୃଦୟରେ ଧାରଣ କରିଥିଲେ ।

ଯଦୁମଣି ମହାପାତ୍ର ଥିଲେ ବିନାୟକ ସିଂହ ମାନଧାତାଙ୍କର ଦରବାରୀ କବି । ରାଜାଙ୍କର ସଖ୍ୟ ଓ ପୃଷ୍ଠପୋଷକତା ଲାଭକରି ଯଦୁମଣି 'ରାଘବ ବିଳାସ' କାବ୍ୟଟିକୁ ବିନାୟକଙ୍କ ନାମରେ ଭଣିତା କରିଛନ୍ତି । ଯଥା-

(କ) ନବୀନ ଦୁର୍ଗେଶ ପ୍ରତାପୀ ବୀରାଧିବୀର ବର
ବିନାୟକ ସିଂହ ଶ୍ରୀମାନଧାତା ଗ୍ରନ୍ଥେ ପ୍ରଚାର ।
ଆହେ ସୀତାଧବ ମୋ ଖେଦ ବାରେ କର ମୋଚନ
ହୟଗ୍ରୀବ ହୃଦେ ଚିନ୍ତିଣ ବିନାୟକ ରଚନ ।

(ଖ) ନବୀନଦୁର୍ଗ ❖ ନାୟକ ବିନାୟକ
ସିଂହ-ମାନଧାତା-ରସିଣ

Digitized by PPRACHIN, SOA

ରାମ-ରସାମୃତକୁ ପ୍ରକାଶିଣ
'ରାଘବ ବିଳାସ' ରାଘବ ବିଳାସ
ରାଘବ ରସେ ଭାଷିଣ ହେ ସୁଜନେ ।

(ଗ) ସୀତାରାମ ଅଂଘ୍ରି ଅବ୍‌ଜକୁ
ହୃଦୟରେ ଧ୍ୟାୟିଣ
ରାଘବ ବିଳାସ ପ୍ରବନ୍ଧ
ରଚନାକୁ କରିଣ ।
ନବୀନ ଦୁର୍ଗେଶ ପ୍ରତାପୀ
ବିରାଧିବୀରବର
ବିନାୟକ ସିଂହ ଶ୍ରୀମାନ-
ଧାତା ଗ୍ରନ୍ଥେ ପ୍ରଚାର ।

(ଘ) ତବ ପାଦ ନ୍ୟାସେ ସୁଗତି ଲଭି
ଗମନ କଲା ଗୌତମ ବଲ୍ଲଭୀ
ଶୁଣିଣ ତୋଷ ବୀର ରାମଚନ୍ଦ୍ର
ଭାଷନ୍ତି ବିନାୟକ ନରଇନ୍ଦ୍ର ଯେ
ମାନଧାତା ବୀରବର ଯେ
ନବୀନ ଦୁର୍ଗେଶ ହୋଇ ମହାତୋଷ
ଛାନ୍ଦେ କରଇ ପ୍ରଚାର ଯେ ।

(ଙ) ନବଦୁର୍ବାଦଳ ଗାତ୍ର ଆଦିମୂଳ
ପଦକଞ୍ଜ ଧାୟି
ନବଦୁର୍ଗ ରାୟ ବିନାୟକ ସିଂହ
ପ୍ରବନ୍ଧରେ କହି ।

(ଚ) ନବଦୁର୍ଗମଣ୍ଡନ ବିରାଧି ବୀରବର
ଅଳଙ୍କୃତ ସର୍ବ ସୁଗୁଣର
ଭୂପତି ନାୟକ ସିଂହ ମାନଧାତା କରିରମ୍ଯ
ଧାୟି ବିନାୟକ ଶ୍ରୀପୟର ସେ ।

(ଛ) ବିନାୟକାଂଘ୍ରି ନଳିନ ଧାୟି
ବିନାୟକ ମାନଧାତା କହି
ବିନାୟକ ବିନା କେ ମୋର ନାହିଁନା
ବିପତ୍ତି ନାଶ ବିପତି ସେହି ସେ
ନିର୍ବିଘ୍ନରେ

Digitized by PPRACHIN, SOA

ସମ୍ପୂର୍ଣ୍ଣ ରାଘବ ବିଳାସରେ
ଆଶାପୂର୍ଣ୍ଣ କେବେ ହେବ ମୋରେ ସେ ।
(ଜ) ଅଷ୍ଟଦୁର୍ଗ ଏକ ଶ୍ରେଷ୍ଠ ମୁକୁଟ ମଣି ସମ୍ରାଟ
ଶ୍ରେଷ୍ଠ ଗିରିସୁତା ଚାଟ କେଶରୀ ଭଣି
ରାଘବେ ରାଘବ ତୋଷ ନାମ ରାଘବ ବିଳାସ
ଭାବ ଲାଭକୁ ପ୍ରକାଶ ବିଦୂଷ ଶ୍ରେଣୀ
ଧାୟିସାର ନଗ୍ର ଅଗ୍ରଣି
ତରଣି ବଂଶ ଉଭବ ଏ ରସେ ଭଣି ।" (ଇତ୍ୟାଦି)

ବିନାୟକ ସିଂହ ଥିଲେ ଜଣେ ଧାର୍ମିକ ଓ ପ୍ରଜାବତ୍ସଳ ରାଜା । କବି ଯଦୁମଣି ମହାପାତ୍ର ବିନାୟକ ସିଂହଙ୍କୁ 'ନବଦୁର୍ଗ ମଣ୍ଡନ', 'ଅଷ୍ଟଦୁର୍ଗ ଏକ ଶ୍ରେଷ୍ଠ ମୁକୁଟ ମଣି ସମ୍ରାଟ', 'ଶ୍ରୀ ବୀରାଧିରାଜ', 'ନବୀନ ଦୁର୍ଗ ଭୂପାଳ', 'କ୍ଷିତି ରକ୍ଷକ ବୀର ଶିରୋମଣି ମାନଧାତା', 'ନବୀନ ଦୁର୍ଗାଧିଶ୍ୱର', 'ବୀରାଧି ଶ୍ରୀ ବୀରବର ବିନାୟକ ସିଂହ', 'ନବୀନ ଦୁର୍ଗେଶ ପ୍ରତାପୀ ବୀରାଧି ବୀରବର', 'ନବଦୁର୍ଗ ମଣ୍ଡନ ବୀରାଧି ବୀରବର ଅଳଙ୍କୃତ ସର୍ବ ସୁଗୁଣର ଭୂପ ବିନାୟକ ସିଂହ' ଭାବରେ ବର୍ଣ୍ଣନା କରିଛନ୍ତି ।

ରାଜା ବିନାୟକ ସିଂହଙ୍କ ରାଜତ୍ୱ ସମୟରେ ନୟାଗଡ ରାଷ୍ଟ୍ରରେ କିଛି ଦୁର୍ଦ୍ଦଶା ପଡ଼ିଥିଲା । ତେଣୁ ନୟାଗଡ଼ ରାଷ୍ଟ୍ରର ଦଶା ଭଲ ନ ଥିଲା । ବୋଧହୁଏ ଏହି ସମୟରେ ନୟାଗଡ଼ ରାଜ୍ୟ ବ୍ରିଟିଶ ଶାସନ ହାତକୁ ଗଲା, କିମ୍ୱା ରାଜ୍ୟରେ ଅନାବୃଷ୍ଟି ହେତୁ ଅନ୍ନକ୍ଲିଷ୍ଟତା ଦେଖାଦେଇଥିଲା । ତେଣୁ ଏହି ଦୁର୍ଦ୍ଦଶା ଓ ସଙ୍କଟ ମୋଚନ ପାଇଁ କବି ଯଦୁମଣି 'ରାଘବ ବିଳାସ' କାବ୍ୟରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ନିବେଦନ କରିଛନ୍ତି-

'ଗରିଷ୍ଠ ଦଶା ଏ ରାଷ୍ଟ୍ରର କଷ୍ଟ ଫେଡ ଦୁସ୍ତର
ଚକ୍ରପେକ୍ଷି ଶକ୍ରବାହନ-ଭ୍ରାତ-ଅରି-ସଂହର ।'

ରାଜା ବିନାୟକଙ୍କ ରାଜତ୍ୱକାଳରେ ମାନଧାତାପୁର ଗ୍ରାମରେ ବିଦ୍ୟାକର ମହାପାତ୍ର ନାମରେ ଜଣେ ସଂସ୍କୃତ ପଣ୍ଡିତ ଓ ବ୍ୟାକରଣକାର ଅବସ୍ଥାନ କରୁଥିଲେ । ରାଜା ବିନାୟକ ସିଂହଙ୍କ ଦ୍ୱାରା ପ୍ରତିଷ୍ଠିତ ସଂସ୍କୃତ ଟୋଲରେ ସେ ମୁଖ୍ୟ ପଣ୍ଡିତ ଭାବରେ କାର୍ଯ୍ୟ କରୁଥିଲେ । ତାଙ୍କ ରଚିତ 'ବ୍ୟାକରଣରେ ସନ୍ଧିତତ୍ତ୍ୱ' ତାଙ୍କର ଏକ ଅପ୍ରକାଶିତ ବ୍ୟାକରଣ ଗ୍ରନ୍ଥ । ପଣ୍ଡିତ ବିଦ୍ୟାକର ମହାପାତ୍ର ଘଣ୍ଟକବି ଯଦୁମଣି ମହାପାତ୍ରଙ୍କର ଶିକ୍ଷାଗୁରୁ ଥିଲେ ।

Digitized by PPRACHIN, SOA

ରାଜା ବିନାୟକ ସିଂହଙ୍କ ସମକାଳୀନ କୁରାଳ ଗ୍ରାମର ପାଇକବୀର ଜଗୁ ରାଉତରା ନିଜର ବୀରତ୍ୱପାଇଁ ରାଜାଙ୍କର ଅତ୍ୟନ୍ତ ପ୍ରିୟପାତ୍ର ଥିଲେ । ସେ ରାଜବାଟୀରେ ଅବସ୍ଥାନ କରୁଥିଲେ । ସେ ରାଜାଙ୍କର ସୁରକ୍ଷା ଦାୟିତ୍ୱରେ ଥିଲେ । ତାଙ୍କର ଅମାପ ଶାରୀରିକ ଶକ୍ତି ଥିଲା । ଖଣ୍ଡିଏ ଦଉଡ଼ି ଓ ଖଣ୍ଡେ ଠେଙ୍ଗାରେ ସେ ଶତ୍ରୁ ପକ୍ଷକୁ କାବୁ କରାଉଥିଲେ । 'ବାନ୍ଧ୍ ବାନ୍ଧ୍ ଦଉଡ଼ି ଓ ପିଟ୍ ପିଟ୍ ଠେଙ୍ଗା' କହି ମନ୍ତ୍ର ଉଚ୍ଚାରଣକରି ସେ ଶତ୍ରୁ ପକ୍ଷକୁ ବାନ୍ଧି ଦେଉଥିଲେ ଏବଂ ଠେଙ୍ଗାରେ ପିଟୁଥିଲେ । ଏହି ଅଲୌକିକ ଶକ୍ତିପାଇଁ ସେ ଅତ୍ୟନ୍ତ ଜଣାଶୁଣା ଥିଲେ । ସେ ନୟାଗଡ଼ରେ ସାଗର ପୋଖରୀ ଖନନ କରାଇଥିଲେ । ସେ ମଧ୍ୟ ଗୋଟିଏ ଜଳାଶୟ ଖନନ କରାଇଥିଲେ । ଏହା ଜଗୁ ରାଉତରା ବନ୍ଧ ନାମରେ ପରିଚିତ ।

ବିନାୟକ ସିଂହ ମାନଧାତାଙ୍କର ସମକାଳରେ ରୁକ୍ଷିପାହାଡ ଉପରେ ଏକ ବିରାଟ ପଥର ଉପରେ ସାଧୁ ଗୋପାଳ ଦାଶ ଅବସ୍ଥାନ କରି ଶକ୍ତି ଆରାଧନା କରୁଥିଲେ । ସେ ତାଙ୍କର ସିଦ୍ଧି ବଳରେ ଅସାଧ୍ୟ ରୋଗୀକୁ ଆରୋଗ୍ୟ କରିପାରୁଥିଲେ । ସେ ନିଶାର୍ଦ୍ଧରେ ବାଘ ଉପରେ ବସି ବ୍ରାହ୍ମଣୀଦେବୀ ଠାକୁରାଣୀଙ୍କ ନିକଟକୁ ଆସୁଥିଲେ ।

୧୮୦୩ ମସିହା ଅକ୍ଟୋବର ମାସରେ ବ୍ରିଟିଶ ସୈନ୍ୟ ଓଡ଼ିଶା ଅଧିକାର କରିଥିଲେ । ୧୮୦୩ ମସିହା ନଭେମ୍ବର ମାସ ୨୨ ତାରିଖରେ ଇଷ୍ଟ-ଇଣ୍ଡିଆ କମ୍ପାନୀ ଅନ୍ତର୍ଗତ କଟକର କମିଶନର ଜର୍ଜ ହାରକୋର୍ଟ ଏବଂ ଜନ୍ ମେଲଭିଲ୍ ଓଡ଼ିଶାର ଏଗାରଗୋଟି ଗଡଜାତର ରାଜାମାନଙ୍କୁ ବ୍ରିଟିଶ୍ ସରକାରଙ୍କର ବଶତା ସ୍ୱୀକାର କରିବାପାଇଁ ପରାମର୍ଶ ଦେଇଥିଲେ । ଫଳରେ ନୟାଗଡ, ଆଠଗଡ, ବଡମ୍ବା, ଢେଙ୍କାନାଳ, ହିନ୍ଦୋଳ, ଖଣ୍ଡପଡା, ନରସିଂହପୁର, ନୀଳଗିରି, ରଣପୁର, ତାଳଚେର ଓ ତିଗିରିଆ-- ଏହି ଏଗାରଗୋଟି ଗଡଜାତର ମୁଖ୍ୟଙ୍କ ସହିତ ବ୍ରିଟିଶ୍ ସରକାରଙ୍କର ଚୁକ୍ତିନାମା ସ୍ୱାକ୍ଷରିତ ହେଲା । ୧୮୦୩ ମସିହା ନଭେମ୍ବର ୨୨ ତାରିଖରେ ବିନାୟକ ସିଂହ ମାନଧାତା ଇଷ୍ଟ-ଇଣ୍ଡିଆ କମ୍ପାନୀ ସହିତ ଚୁକ୍ତି ସ୍ୱାକ୍ଷର କଲେ । ଏହି ଚୁକ୍ତିନାମାରେ ଛଅଗୋଟି ଦଫା ଥିଲା :-

ଦଫା-୧ : ଓଡ଼ିଶା ସୁବା ଅନ୍ତର୍ଗତ ନୟାଗଡ଼ କିଲ୍ଲାର ରାଜା ବିନାୟକ ସିଂହ ମାନଧାତା ମାନ୍ୟବର ଇଷ୍ଟ-ଇଣ୍ଡିଆ କମ୍ପାନୀଙ୍କର ଆନୁଗତ୍ୟ ସ୍ୱୀକାର କରିବେ ଏବଂ ବିଶ୍ୱସ୍ତ ଆଜ୍ଞାନୁବର୍ତ୍ତୀ ହୋଇ ରହିବେ ।

ଦଫା-୨ : ବିନାୟକ ସିଂହ ବ୍ରିଟିଶ୍ ସରକାରଙ୍କୁ ବିନା ଦ୍ୱିଧାରେ ବର୍ଷକୁ ତିନି କିସ୍ତିରେ (ଚୈତ୍ର୍ୟ, ଜ୍ୟେଷ୍ଠ, ଆଷାଢ ମାସରେ) ବାର୍ଷିକ ପେସ୍‌କୁସ୍ ୨୬,୪୫୦ କାହାଣ କଉଡ଼ି ପୈଠ କରିବେ ।

Digitized by PPRACHIN, SOA

ଦଫା-୩:ତାଙ୍କ ରାଜ୍ୟର ଯେଉଁ ସ୍ଥାୟୀବାସିନ୍ଦା କମ୍ପାନୀର ଅନ୍ତର୍ଗତ ହୋଇଥିବେ ଏବଂ ନିଜ ଅଞ୍ଚଳକୁ ଲୁଚି ପଳାଇଯାଇଥିବେ, କମ୍ପାନୀ ସରକାରଙ୍କର ଚାହିଦା କ୍ରମେ ତାଙ୍କୁ ଗିରଫ କରି କମ୍ପାନୀ ହସ୍ତରେ ଅର୍ପଣ କରିବେ ।

ଦଫା-୪ :ତାଙ୍କ ରାଜ୍ୟର କୌଣସି ବ୍ୟକ୍ତି ଯଦି ମୋଗଲବନ୍ଦୀ ସୀମା ଭିତରେ ପ୍ରବେଶ କରି କୌଣସି ଅପରାଧ କରେ, ତେବେ ତାକୁ ଗିରଫ କରାଯାଇ ସରକାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ହସ୍ତାନ୍ତର କରାଯିବ ।

ଦଫା-୫:ଯେତେବେଳେ କମ୍ପାନୀ ସରକାରଙ୍କର ସୈନ୍ୟବାହିନୀ ତାଙ୍କ ରାଜ୍ୟ ମଧ୍ୟଦେଇ ଅତିକ୍ରମ କରିବେ, ସେତେବେଳେ ସୈନ୍ୟମାନଙ୍କ ପାଇଁ ଆବଶ୍ୟକୀୟ ଦ୍ରବ୍ୟ ପ୍ରଜାମାନେ ତାଙ୍କୁ ସେତେବେଳେ ଦେବାପାଇଁ ସେ ପ୍ରଜାମାନଙ୍କୁ ନିର୍ଦ୍ଦେଶ କରିବେ । କୌଣସି ପ୍ରକାରେ ହେଲେ ମଧ୍ୟ କମ୍ପାନୀ ସରକାରଙ୍କୁ ପ୍ରଜାମାନେ ଅଟକାଇ ପାରିବେ ନାହିଁ କିମ୍ବା ପ୍ରତିବନ୍ଧକ ସୃଷ୍ଟି କରିବେ ନାହିଁ ।

ଦଫା-୬:ସେ ତାଙ୍କର ସୈନ୍ୟ ଦଳର ଏକ ଅଂଶକୁ ବ୍ରିଟିଶ୍ ସେନାଦଳ ସହିତ ପଠାଇବେ । କାରଣ କାଳେ ହୁଏତ କୌଣସି ପଡ଼ୋଶୀରାଜା ବା କୌଣସି ବ୍ୟକ୍ତି ବ୍ରିଟିଶ୍ ସରକାରଙ୍କର ଦମନଲୀଳା କିମ୍ବା ତଦନ୍ତକାର୍ଯ୍ୟ ଚାଲୁ ରହିଥିବା ସମୟରେ କାଳେହେଁ ପ୍ରତିରୋଧ ସୃଷ୍ଟି କରିବେ ।

ଉପର୍ଯ୍ୟୁକ୍ତ ଦଫା ଗୁଡ଼ିକରୁ ଜଣାଯାଏ ଯେ ରାଜା ବିନାୟକ ସିଂହ ମାନଧାତା ଇଷ୍ଟ-ଇଣ୍ଡିଆ କମ୍ପାନୀ ନିକଟରେ ନୈତିକ, ଅର୍ଥନୈତିକ ଓ ସାମରିକ ଆନୁଗତ୍ୟ ସ୍ୱୀକାର କରିଥିଲେ ।

Treaty Engagement executed by the Raja of Killah Nayagarh, a Tributary Mahal Subordinate to Cuttack, to the Honourable East India Company's special Commissioners for the Soobah of Orissa Messers. Hercourt and Melville-1803.

I, Binayak Singh Mandhata, Rajah of Killah Nayagarh, in the Soobah of Orissa, engage faithfully and correctly to abide by this Engagement, entered into by me with the Honourable East India Company as contained in the following clauses,

Clause-1 :- I will always hold myself in submission and loyal obedience to the Honourable East India company aforesaid.

Digitized by PPRACHIN, SOA

Clause-2 :- I will continue to pay without demur, to the British Government, as my annual peshkus or tribute 2,6,450 Kahuns of Cowrees in three instalments Cheyt, Jeyt and Asara.

Clause-3 :- I will on demand to that effect, cause any person who is an inhabitant of the Soobah appertaing to the Honourable Company aforesaid, and who may have fleed and come in to my territory, to be forewith arrested and delivered over to the Government.

Clause-4 :- Should any person who is a resident in my territories, commit a crime within the limit of the Mugulbandi, I hereby engage, on demand to that effect, to cause such person to be arrested and delivered over to the Government Authority. Moreover, I further bind myself, in cases where I may possess any claim or demand on one who is an inhabitant of the Mogulbandi, not of my own authority to enforce such claim; but I will notify the same to the constituted authority and will act in accordance with such orders as may issue from the constituted authority.

Clause-5 :- I, engage that whatever the troups of the Honourable Company's Government shall pass through my territories, I will direct the people of my killah to supply, to the extent of their capabilities, all rasad and supplies which shall be sold at fair prices. Further I will on no manner of pretext whatever, ever stop or datain, or offer any let or hindrance to, any subject of the Honourable company's Government, to any other person whatever, who may be proceeding by land or water, with goods or oders, or with any perwannah on the part of the Government, through my boundaries and will rather take care that no less or mischief sall be fall such parties in life or goods.

Digitized by PPRACHIN, SOA

Clause-6 :- In case any neighbouring Rajah or any other person whatever shall disobey the British Government, I, engage on demand and without damur, to depute a contigent force of my own troops with the forces of Governemnt for the purpose of rebuking and chasting such rebel and bringing him under the subjection of the British Government such contigent to receive only agreeably to the preciously correct practice so long as the they should be present.

ଏହା ସହିତ ରାଜା ବିନାୟକ ସିଂହ ମାନଧାତାଙ୍କ ସହିତ ହାରକୋର୍ଟ ଏବଂ ମେଲଭିଲ୍ ଚୁକ୍ତିନାମାରେ ନିମ୍ନ ଭାବରେ ଅନୁବନ୍ଧିତ ହୋଇଥିଲେ- Kool-Namah executed to Rajah Binayak Singh Mandhata, Rajah of Nayagarh, by the Honourable East India Company's Commissioners for the Soobah of Cuttack-1803.

We, Lieutenant-Colonel Gearge Harcout, Commanding the victorious troops of the Honourable East Endia Company and commissioner of the Soobah of Orissa and John Melville, commissioner of the Soobah of Orissa, and John Melville, Commissioner of the same, appointed by the Most Noble the Manquis of Wellesley, Governor General for the settlement and pacification of the said Soobah, do, on behalf the East India Company, execute this acknowledgement as set forth in the following paras; to Rajah Binayak Singh Mandhata, Rajah of Killah Nayagarh, in the said Soobah of Orissa-

Clause-1 :- The annual peshkus payable by the Rajah for his Rajgee of the said killah, is fixed in perpetuity at 26,450 Kahuns.

Clause-2 :- No further demand, however small, shall be made on the said Rajah or received from him as, nuzzur, supplies or otherwise.

Digitized by PPRACHIN, SOA

Clause-3 :- The Government of the Honourable East India Company, it is well known, is ever gracious to those Rajahs who are always loyal and obedient to them, and constant in the impartial administaration of justice to all its subjects alike, and therefore in like manner extends the same impartiality to the Rajahs, such as have been indicated above, and seeks always their prosperity and peace. Therefore any just representation or complaints made to the Government by the said Rajah or Nayagarh, will meet with a decision in accord with justice.

Dated 22nd November, 1803
Sabun 6th 1211

(Sd) G. Harcourt, Lieut-Colonel Commissionors
(Sd) J. Melville Commissionor

ଘୁମୁସର ଜମିଦାରୀ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ବାଜ୍ୟାପ୍ତି ହେଲା । ଏହା ପୂର୍ବରୁ ଘୁମୁସର ଜମିଦାର ହରିବନ୍ଧୁ ଭଞ୍ଜ ନୟାଗଡ଼ରେ ରାଜା ବିନାୟକ ସିଂହ ମାନଧାତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ଯଦି ସେ ଘୁମୁସର ରାଜ୍ୟକୁ ବ୍ରିଟିଶ୍ ସରକାରଙ୍କର ବାଜ୍ୟାପ୍ତିକରଣରୁ ତାଙ୍କୁ ରକ୍ଷା କରିବାରେ ସାହାଯ୍ୟ କରିବେ, ତେବେ ଭଞ୍ଜ ରାଜା ମାନଧାତା ରାଜାଙ୍କୁ ତାଙ୍କ ରାଜ୍ୟର କିଛି ଅଂଶ ଦେବେ । ୧୮୧୭ ମସିହାରେ ଘୁମୁସର ଜମିଦାରୀ ପାଇବା ସକାଶେ ଘୁମୁସରରେ ଏକ ବିଦ୍ରୋହ ସୃଷ୍ଟି ହେଲା । ଘୁମୁସରର କନ୍ଧମାନେ ବ୍ରିଟିଶ୍ ସରକାରଙ୍କ ବିରୋଧରେ ବିଦ୍ରୋହ ପାଇଁ ପ୍ରୋତ୍ସାହିତ ହେଲେ । ଏହି ସମୟରେ ରାଜା ବିନାୟକ ସିଂହ ମାନଧାତା ତାଙ୍କୁ ସମର୍ଥନ ଜଣାଇଲେ । କିନ୍ତୁ ବ୍ରିଟିଶ୍ କର୍ମକର୍ତ୍ତା ଶ୍ରୀକର ଭଞ୍ଜଙ୍କୁ ଘୁମୁସର ଜମିଦାରୀ ପ୍ରଦାନ କରିଥିଲେ । ହରିବନ୍ଧୁ ଭଞ୍ଜ ନୟାଗଡ଼ ରାଜାଙ୍କ ନିକଟରେ ଅବସ୍ଥାନ କରୁଥିବାରୁ ତାଙ୍କୁ ଜମିଦାରୀ ଦିଆଗଲା ନାହିଁ ।

ରାଜା ବିନାୟକ ସିଂହ ମାନଧାତା ଘୁମୁସର ଜମିଦାରିରୁ ଦୁଇଗୋଟି ଗାଁକୁ ନିଜ ଅଧୀନରେ ରଖିଲେ । କାରଣ ପୂର୍ବରୁ ତାଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା ଯେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ଘୁମୁସର ରାଜ୍ୟ ବାଜ୍ୟାପ୍ତିକରଣରୁ ରକ୍ଷା କରିବାରେ ସାହାଯ୍ୟ କଲେ ସେ ଘୁମୁସରର କିଛି ଅଂଶ ପାଇବେ । ଉଭୟ ରାଜ୍ୟର ଦୁଇ

Digitized by PPRACHIN, SOA

ମୁଖ୍ୟଙ୍କ ଭିତରେ ଏହି ଦୁଇଗୋଟି ଗାଁ କଳିର ମଞ୍ଜି ଥିଲା । କ୍ରମେ ଉଭୟ ରାଜ୍ୟର ମୁଖ୍ୟଙ୍କ ମଧ୍ୟରେ ଶତ୍ରୁତା ବଢ଼ିବାକୁ ଲାଗିଲା । ସାମାନ୍ୟତମ କାରଣପାଇଁ ଉଭୟେ ଉଭୟଙ୍କୁ ଦୋଷାରୋପ କରୁଥିଲେ । ନୟାଗଡର ରାଜା ବିନାୟକ ସିଂହ ମାନଧାତା ବ୍ରିଟିଶ୍ କର୍ତ୍ତୃପକ୍ଷକଙ୍କ ନିକଟରେ ଅଭିଯୋଗ କଲେ ଯେ ଘୁମୁସରର ରାଜା କେତେକ କନ୍ଧ ପଠାଇ ନୟାଗଡ଼ ରାଜ୍ୟର ସାତଜଣ ମହିଳା ଓ ଚାରିଜଣ ଶିଶୁଙ୍କୁ ହତ୍ୟା କରିଛନ୍ତି । ସେହିପରି ଘୁମୁସର ରାଜା ବ୍ରିଟିଶ୍ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ଯେ ନୟାଗଡର ଜମିଦାର ଲୋକ ପଠାଇ ତାଙ୍କ ରାଜ୍ୟରୁ କେତେକ ଗାଈଗୋରୁ ନେଇ ଯାଇଛନ୍ତି । ଘୁମୁସର ପ୍ରଜାମାନେ ତାଙ୍କୁ ଫେରାଇ ଦେବାପାଇଁ କହିବାରୁ ତାଙ୍କୁ ଆକ୍ରମଣ କରି କ୍ଷତବିକ୍ଷତ କରାଯାଇଛି । ଏହି ସମୟରେ ଗଞ୍ଜାମର ମାଜିଷ୍ଟ୍ରେଟ୍ ଘୁମୁସରରେ ଘୋର ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରୁଥିବା ରାଜା ବିନାୟକ ସିଂହଙ୍କୁ ନିବୃତ୍ତ କରିବା ପାଇଁ କଟକର କମିଶନରଙ୍କୁ ଅନୁରୋଧ କରିଥିଲେ । ଏହି ଗଣ୍ଡଗୋଳକୁ ଦୁଇମୁଖ୍ୟଙ୍କ ମଧ୍ୟରେ ମଧ୍ୟସ୍ଥତା ଦ୍ୱାରା ସମାଧାନ କରିବାକୁ କମିଶନର ଉପଲବ୍ଧି କରିଥିଲେ । ତେଣୁ ସେ ଗଞ୍ଜାମର ମାଜିଷ୍ଟ୍ରେଟ୍‌ଙ୍କୁ ଏହାର ସମାଧାନ କରିବାକୁ କ୍ଷମତା ଦେଇଥିଲେ । ଗଞ୍ଜାମର ମାଜିଷ୍ଟ୍ରେଟ୍ ବିବାଦ ସ୍ଥଳକୁ ଆସି ଅନୁଧ୍ୟାନ କଲେ । ତାଙ୍କର ହୃଦ୍‌ବୋଧ ହେଲା ଯେ ଦୁଇରାଜ୍ୟର ମୁଖ୍ୟଙ୍କ ମଧ୍ୟରେ ଅବୁଝାମଣା ସୃଷ୍ଟି କରୁଥିବା ଏହି ଗ୍ରାମ ଦୁଇଟି ଘୁମୁସର ରାଜ୍ୟର ଅଟେ । ନୟାଗଡ ରାଜ୍ୟ ସହିତ ଏହି ଗ୍ରାମ ଦୁଇଟିର ମିଶ୍ରଣ ଆଇନତଃ ଅସିଦ୍ଧ ଅଟେ । ତେଣୁ ଏହି ଗ୍ରାମ ଦୁଇଟିକୁ ଘୁମୁସର ରାଜ୍ୟକୁ ଫେରାଇ ଦେବାପାଇଁ ଗଞ୍ଜାମର ମାଜିଷ୍ଟ୍ରେଟ୍ ରାଜା ବିନାୟକ ସିଂହଙ୍କୁ ପରାମର୍ଶ ଦେଇଥିଲେ । ଫଳରେ ଏହି ବିବାଦର ଅବସାନ ଘଟିଲା ।

ଏହାପରେ ଆଉଥରେ ୧୮୨୭ ମସିହାରେ ନୟାଗଡ଼ ରାଜ୍ୟର ଗୋଟିଏ ମୂଲ୍ୟବାନ୍ ଘର ଘୁମୁସର ରାଜା ନେଇ ଯାଇ ଆଉ ଫେରାଇଲେ ନାହିଁ । ନୟାଗଡ଼ ରାଜା ବିନାୟକ ସିଂହ ଘୁମୁସର ରାଜାଙ୍କୁ ସେହି ଗୃହ ଏବଂ ବନ୍ଦୀ କରିଥିବା ବଣିକମାନଙ୍କୁ ହସ୍ତାନ୍ତର କରିବା ପାଇଁ ଅଭିଯୋଗ ଆଣିଲେ । ଏହାପରେ ବ୍ରିଟିଶ୍ କର୍ମକର୍ତ୍ତା ସରିସ୍ତାଦାର ସେକ୍ ୱାଜିର ମହମ୍ମଦଙ୍କୁ ଏହାର ସମାଧାନ ପାଇଁ ପ୍ରେରଣ କଲେ । ୱାଜିର ମହମ୍ମଦ ଦୁଇପକ୍ଷଙ୍କୁ ପରୱାନା ଜାରି କଲେ । ନୟାଗଡ଼ ରାଜା ବିନାୟକ ସିଂହ ମାନଧାତା ଏଥିପାଇଁ ସମ୍ମତି ପ୍ରଦାନ କଲେ । ଘୁମୁସର ରାଜାଙ୍କୁ ଭେଟିବା ପାଇଁ ବିନାୟକ ସିଂହ ସମ୍ମତି ଦେଲେ । କିନ୍ତୁ ଘୁମୁସର ରାଜା ଅଭିଯୋଗ କଲେ ଯେ ନୟାଗଡ଼ ରାଜା ଲୁଣ୍ଡେବାଦଠାରେ ଗୋଟିଏ ଦୁର୍ଗ ପ୍ରତିଷ୍ଠା କରିଛନ୍ତି । ଏହା ଦୁଇ ରାଜ୍ୟ ମଧ୍ୟରେ ଶତ୍ରୁତା ସୃଷ୍ଟି କରିବ । କମିଶନର ଏହି ଦୁର୍ଗ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବାକୁ ନୟାଗଡ଼ ରାଜାଙ୍କୁ ନିର୍ଦ୍ଦେଶ ଦେଲେ । ଐତିହାସିକ ସୁବାସ ଚନ୍ଦ୍ର ପାଢ଼ୀ ଲେଖିଛନ୍ତି—

Digitized by PPRACHIN, SOA

"Ghumusar Chief petitioned against the Nayagarh Chief stating that a new fort was built at Lundebad which would be a new source of enimosity. It was a village in Nayagarh Zamidari where a kind of fortification or fence for protection was raised during the last trouble by the Ghumusar Raja. The Commissoner was asked to intervene and to stop the work."

ଏହି ରାଜାଙ୍କ ସମୟରେ ରଣପୁର ରାଜ୍ୟ ସହିତ ନୟାଗଡ ରାଜ୍ୟର ସୁସମ୍ପର୍କ ଥିଲା । ରାଜା ବିନାୟକ ସିଂହ ରଣପୁର ରାଜା ବୃନ୍ଦାବନ ସିଂହ ବଜ୍ରଧରଙ୍କ ସହିତ ସଙ୍ଗାତ ବସିଥିଲେ । ବୃନ୍ଦାବନ ସିଂହ ନୟାଗଡର ରାଜାଙ୍କୁ ପୋଡାସାହିଗଡ ପ୍ରଦାନ କରିଥିଲେ ।

ଖଣ୍ଡପଡ଼ା ରାଜା ନୃସିଂହ ଭ୍ରମରବର ଓ ନୟାଗଡ ରାଜା ବିନାୟକ ସିଂହ ମାନଧାତାଙ୍କ ମଧ୍ୟରେ ସୀମା ଗଣ୍ଡଗୋଳ ନେଇ ଯୋଗିଆପଲ୍ଲୀଠାରେ ବିବାଦ ଉପୁଜିଥିଲା । ପରେ କଟକରୁ କମିଶନରଙ୍କ ଲୋକ ଆସି ଯୁଦ୍ଧ ଗଣ୍ଡଗୋଳ ତୁଟାଇ ଦେଇଥିଲେ ।

ଦଶପଲ୍ଲା ରାଜା କୃଷ୍ଣଚନ୍ଦ୍ର ଦେଓ ଭଞ୍ଜ ଓ ନୟାଗଡ଼ ରାଜ୍ୟ ମଧ୍ୟରେ ରାଜ୍ୟର ସୀମାନେଇ ଗୋଳମାଳ ହେବାରୁ କୃଷ୍ଣଚନ୍ଦ୍ର ଦେଓ ଭଞ୍ଜ ତତ୍କାଳୀନ ଗଡ଼ଜାତ ସୁପରିଟେଣ୍ଡେଣ୍ଟଙ୍କୁ ଜଣାଇଥିଲେ । ଫଳରେ ସହକାରୀ ସୁପରିଟେଣ୍ଡେଣ୍ଟ୍ ଆସି ସମସ୍ତ ନିଷ୍ପତ୍ତି କରାଇଥିଲେ ।

ପାଇକ ବିଦ୍ରୋହ, ୧୮୧୭ ଓ ମହାନ୍ ବିପ୍ଳବୀ ବକ୍ସି ଜଗବନ୍ଧୁ :

୧୮୧୭ ପାଇକ ବିଦ୍ରୋହ ଓଡ଼ିଶା ଇତିହାସରେ ଏକ ସର୍ବପ୍ରଧାନ ଘଟଣା । ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବରରାୟ ଓରଫ ବକ୍ସି ଜଗବନ୍ଧୁ ଏହି ବିଦ୍ରୋହର ମୁଖ୍ୟ ଅଧିନାୟକ ଥିଲେ । ସେ ଖୋର୍ଦ୍ଧା ରାଜାଙ୍କର ବକ୍ସି ବା ପ୍ରଧାନ ସେନାପତି ଥିଲେ । ବକ୍ସି ଜଗବନ୍ଧୁ ପୁରଷାନୁକ୍ରମେ କେତେକ ନିଷ୍କର ଜମି ଭୋଗଦଖଲ କରୁଥିଲେ । ସେହି ଜମି ଗୁଡିକ ଖୋର୍ଦ୍ଧା ବ୍ୟତୀତ ଅନ୍ୟ ଚାରିଗୋଟି ପ୍ରଗଣା ଲେମ୍ବାଇ, ରାହାଙ୍ଗ, ସରାଇ ଓ ଚବିଶକୁଦରେ ଥିଲା । ରୋଡ଼ଙ୍ଗ ଜମିଦାରୀ ମଧ ସେ ଭୋଗ କରୁଥିଲେ । ୧୮୦୪-୧୮୦୫ ମସିହା ବେଳକୁ ସେ ତାଙ୍କର ସମସ୍ତ ଜମିଦାରୀ ହରାଇ ବସିଥିଲେ । ଏହି ସମୟରେ ଖୋର୍ଦ୍ଧାର ରୟତ ଓ ପାଇକମାନେ ଇଂରେଜ ଶାସକଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ବିଦ୍ରୋହୀ ହୋଇପଡିଥିଲେ । ପାଇକକୁଳର ମଉଡମଣି ବକ୍ସି ଜଗବନ୍ଧୁ ଏହାର ସୁଯୋଗ ନେଇ ଇଂରେଜ ଶାସନ ବିରୁଦ୍ଧରେ ବିଦ୍ରୋହ କରିଥିଲେ । ବିଦ୍ରୋହୀମାନେ କିଛିକାଳ ପାଇଁ ଖୁରୁଧା, ପୁରୀ ଓ କୁଜଙ୍ଗ ପ୍ରଭୃତି ଅଞ୍ଚଳରୁ ବ୍ରିଟିଶ୍ ଶାସନର ମୂଳୋତ୍ପାଟନ କରିଥିଲେ । ବିଦ୍ରୋହକୁ

Digitized by PPRACHIN, SOA

(ବକ୍ସି ଜଗବନ୍ଧୁ)

ଦମନ କରିବାପାଇଁ ବଙ୍ଗଳାରୁ ପାଞ୍ଚଗୋଟି ବ୍ରିଟିଶ୍ କମାଣ ବାହିନୀ ଓଡ଼ିଶାକୁ ଅଣାଗଲା ଓ ବିଦ୍ରୋହୀ ମାନଙ୍କୁ ପରାସ୍ତ କରି ପୁନଃ ବ୍ରିଟିଶ୍ ଶାସନ ପ୍ରତିଷ୍ଠା କରାଗଲା । ତେଣୁ ବିପ୍ଳବୀ ଜଗବନ୍ଧୁ ତାଙ୍କ ସହଯୋଗୀଙ୍କ ସହିତ ଏ ପରିସ୍ଥିତିରେ ଘଞ୍ଚ ଜଙ୍ଗଲକୁ ଯାଇ ଗରିଲା ରଣକୌଶଳ ପ୍ରୟୋଗକରି ବ୍ରିଟିଶ୍ ସରକାରଙ୍କୁ ବାରମ୍ବାର ହଇରାଣ ହରକତ କରିବାକୁ ଲାଗିଲେ । ବ୍ରିଟିଶ୍ ସରକାର ଶତଚେଷ୍ଟା କରି ମଧ୍ଯ ଜଗବନ୍ଧୁଙ୍କୁ ଧରିପାରି ନ ଥିଲେ । ୧୮୨୦-୨୧ ମଧ୍ୟରେ ବ୍ୟାପକ ଉଦ୍ୟମ ସତ୍ତ୍ୱେ ବ୍ରିଟିଶ୍ ସରକାର ଜଗବନ୍ଧୁଙ୍କୁ ଧରିପାରିଲେ ନାହିଁ ।

ତେଣୁ ଜଗବନ୍ଧୁଙ୍କ ପରିବାର ବର୍ଗଙ୍କୁ କଟକ ବାରବାଟୀ ଦୁର୍ଗରେ ଅଟକବନ୍ଦୀ ଭାବରେ ରଖାଗଲା । ତାଙ୍କ ପରିବାରରେ ଥିଲେ ବକ୍ସିଙ୍କ ପ୍ରଥମା ସ୍ତ୍ରୀ ରାଧାମଣି ଜେମାଦେଈ, ଦ୍ୱିତୀୟା ସ୍ତ୍ରୀ ଚତୁରାମଣି ଜେମାଦେଈ, ପୁଅ ଗୋପୀନାଥ ବିଦ୍ୟାଧର, ପୋଷ୍ୟପୁତ୍ର ଶାମସୁନ୍ଦର ରାୟ, ପୋଷ୍ୟ କନ୍ୟା ପଦ୍ମା ଦେଈ, ଝିଆରୀ ଅପର୍ଣ୍ଣା ଦେଈ ଓ ଭାଇଙ୍କ ରକ୍ଷିତା ସ୍ତ୍ରୀ ଗୁରୁବାରୀ-- ସର୍ବମୋଟ ୭ଜଣ । ସେମାନଙ୍କର ମାସିକ ଖର୍ଚ୍ଚପାଇଁ ସରକାର ଟ.୫୦/- ଦେଉଥିଲେ ।

ଏହିପରି ସଙ୍କଟକାଳରେ ବକ୍ସି ଜଗବନ୍ଧୁଙ୍କ ଆଶ୍ରୟଦାତା ଥିଲେ ନୟାଗଡ଼ର ରାଜା ବିନାୟକ ସିଂହ ମାନଧାତା । ବିନାୟକ ସିଂହଙ୍କ ଆଶ୍ରୟରେ ବିପ୍ଳବୀ ନେତା ବକ୍ସି ଜଗବନ୍ଧୁ ନୟାଗଡ଼ ରାଜ୍ୟରେ ଆତ୍ମଗୋପନ କରି ଅବସ୍ଥାନ କରିଥିଲେ । ୧୮୨୩ ମସିହା ଶେଷ ଆଡକୁ ଉଇଲକିନ୍ସନ କୌଣସି ସୂତ୍ରରୁ ଖବର ପାଇଲେ ଯେ

Digitized by PPRACHIN, SOA

ବକ୍ସି ଜଗବନ୍ଧୁ ନୟାଗଡ଼ ରାଜ୍ୟରେ ରାଜାଙ୍କ ଆଶ୍ରୟରେ ଆତ୍ମଗୋପନ କରି ରହିଛନ୍ତି । ତେଣୁ ଉଇଲକିନ୍ସନ କମିଶନରଙ୍କୁ ପ୍ରସ୍ତାବଦେଇ ଚିଠି ଲେଖିଲେ ଯେ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କୁ ନୟାଗଡ଼ ରାଜା ଗୋପନ ଆଶ୍ରୟ ଦେଇଥିବାରୁ ରାଜାଙ୍କୁ ବ୍ୟକ୍ତିଗତ ଭାବେ ଡକାଇ ପଚରାଯାଉ ଏବଂ ବକ୍ସି ଜଗବନ୍ଧୁଙ୍କୁ ଧରିବାପାଇଁ ନୟାଗଡ଼ ରାଜ୍ୟକୁ ସଶସ୍ତ୍ର ସୈନ୍ୟବାହିନୀ ପଠାଯାଉ ।

ସରକାରୀ ରେକର୍ଡ଼ରୁ ପ୍ରମାଣ ମିଳେ ଯେ ରାଜା ବିନାୟକ ସିଂହ ମାନଧାତା ୧୮୦୩ ମସିହା ପର୍ଯ୍ୟନ୍ତ ମରାଠା ରାଜାଙ୍କୁ ବାର୍ଷିକ ୨୦୭୧୯ କାହାଣ ଏବଂ ଏକ କଡା କଉଡି ପ୍ରଦାନ କରୁଥିଲେ । ଏହାପରେ ସେ ଇଷ୍ଟଇଣ୍ଡିଆ କମ୍ପାନୀକୁ ବାର୍ଷିକ ଟ.୫୧୭୯-୧୪-୧୬ (ସିକ୍କା) ପ୍ରଦାନ କଲେ । ଏହା ଉପର୍ଯ୍ୟୁକ୍ତ କଉଡିର ମୂଲ୍ୟ ସହିତ ସମାନ ଥିଲା । ଏହି ଅର୍ଥକୁ କଟକ ଟ୍ରେଜେରୀରେ ଜମା କରିବାକୁ ପଡୁଥିଲା ।

ରାଜା ବିନାୟକ ସିଂହଙ୍କ ରାଜତ୍ୱକାଳରେ ଓଡ଼ିଶାର ୧୬ ଗୋଟି ଗଡ଼ଜାତର ପ୍ରତ୍ୟେକ ରାଜାଙ୍କୁ ୨୫ ଗୋଟି ପ୍ରଶ୍ନ ବ୍ରିଟିଶ୍ ସରକାରଙ୍କ ତରଫରୁ ପଚରାଯାଇଥିଲା । ଏହି ୨୫ ଗୋଟି ପ୍ରଶ୍ନ (questions)ର ଉତ୍ତର (answers)କୁ ବିନାୟକ ସିଂହ ମାନଧାତା ମଧ୍ୟ ପ୍ରଦାନ କରିଥିଲେ । ଏହି ୨୫ ଗୋଟି ପ୍ରଶ୍ନୋତ୍ତର ଏଠାରେ ଉଲ୍ଲେଖ କରାଗଲା-

Twenty-five questions addressed to the Rajahs and Chiefs of the Regulation and Tributary Mahals. ନୟାଗଡ଼ର ତତ୍କାଳୀନ ରାଜା ବିନାୟକ ସିଂହ ମାନଧାତା ଏହାର ଉତ୍ତର ରଖିଥିଲେ ।

Question-I : Among the Gujrat Rajahs how many wives is it customary to take ?

Answer : by Rajah Binayak Singh Mandhata- It is by no means certain. Some Rajas marry four, some five, and others as many as seven.

WM A. LACEY
Assistant to Commissioner

Question-II : By what titles are the several Ranees distiguished ?

Answer : by Rajah Binayak Singh Mandhata—Manima and Ranee.

WM A. LACEY
Assistant to Commissioner

Digitized by PPRACHIN, SOA

Question-III : What titles do the sons born of the respective Ranees receive from their father ?

Answer : by Rajah Binayak Singh Mandhata—Gumbheer Sawant.

WM A. LACEY

Assistant to Commissioner

Question-IV : On the demise of the Rajah, which Ranee's son succeeds ?

Answer : by Rajah Binayak Singh Mandhata—on the death of the Rajah, his eldest son succeeds, whichever Ranee be his mother.

WM A. LACEY

Assistant to Commissioner

Question-V : In case the Pat Ranee has no son, which Ranee's son succeeds ?

Answer : by Rajah Binayak Singh Mandhata—the succession does not depend on the issue of the Pat Ranee. The eldest son, born of whichever Ranee, becomes Raja.

WM A. LACEY

Assistant to Commissioner

Question-VI : On what title does the succession depend ?

Answer : by Rajah of Nayagarh—on the title of "Gambheer Sawant.

WM A. LACEY

Assistant to Commissioner

Question-VII : Are all the Rajah's of the Same Caste, and what Rajas intermarry into each other's families ?

Answer : by Rajah Binayak Singh Mandhata—The Rajahs of Talcher, Ungool, Burumba, Nursinghpore, Hindole, Teghereah, Bankee, Duspallah, Nayagarh, Khundpara,

Digitized by PPRACHIN, SOA

Mudhoopore and Sukinda, these intermarry among themselves. But for some years past, intermarriage into the families of these Rajahs has not taken places, because there are no legitimate Rajahs.

WM A. LACEY
Assistant to Commissioner

Question - VIII : When there is no family of the same caste, from which a Rajah can marry where and how does he marry ?

Answer : by Rajah Binayak Singh Mandhata—In case there should be no daughter of the families of the Rajahs of Bissenpore, Kasurgur, Singhbhoom αc he marries a daughter of the Bughail Caste. Should the Rajah receive as a wife the daughter of any respectable person, not of his own caste, she is called a Phool Bahee.

WM A. LACEY
Assistant to Commissioner

Question - IX : After the demise of a Rajah, and his son succeeding him, what are the sources from which the Ex-Rajah, Ranees and brothers of the new Rajah, derive their maintenance; and what are their respective rights and the position they hold ?

Answer : by Rajah Binayak Singh Mandhata—After the Rajah's death it is usual for all Ranees to become suttees, but those who do not become suttee..... and the brothers, nephews of the deceased Rajah and the mothers of the new Rajah, receive maintenance and continue subordinate to the Rajah what rights have they.

WM A. LACEY
Assistant to Commissioner

Digitized by PPRACHIN, SOA

Question - X : On the death of the Rajah, suppose he leaves no son born of any of his Ranees, but leaves a brother(s) and sons by his Phool Bahees and concubines; and suppose his Ranees have not become "SUTTEE" who, in such a case would succeed ?

Answer : by Raja Binayak Singh Mandhata—In case the Rajah's demise, leaving no son by any of his Ranees, he is succeeded by his brother and if he leaves no brother, then the succession is the right of his brother's son. The son of concubine or slave girl has no right to the succession.

WM A. LACEY
Assistant to Commissioner

Question - XI : If a Raja dying leave sons by any of his Ranees save the Pat Ranee and by his Phool Bahees and concubines and also leave a brother (or brothers) and nephew(s); and his Ranees also survive him, who in such a case, would be succeed to the Rajah ?

Answer : by Rajah Binayak Singh Mandhata—If a Rajah demise, leaving no son by his Pat Ranee, but leaving sons by his other Ranees and concubines and slave girls, as well as also as a brother(s) and a nephew(s) and his Ranees survive him, the eldest son of which or Ranee born will succeed to the Rajah.

WM A. LACEY
Assistant to Commissioner

Question - XII : If at his demise a Rajah heave a son (s), born of a concubine, but none born of either his Phool Bahees or slave girls and neither brother nor brother's

Digitized by PPRACHIN, SOA

son, nor Pat Ranee, no daughter by a Pat Ranee, whose in this case, would be the successor ?

Answer : by Rajah Binayak Singh Mandhata—On the death of a Rajah, who leaves no son (by a Ranee?) nor brother, nor brother's son, though there may be sons born to him by his Phool Bahees, slave girls, and concubines, that one of the brethren of his grand father's, who is nearest of kin, will be rightful claimant of the Rajah. In default of any such the son of a Phool Baheen has the next right. But in time of the Maharattas it depended on the expenditure of money, and the side taken by the Sidars and Paiks; hence is it that in every Gurjat the son's of slave girls are now on the Guddee.

Note :- The word have translated 'Grand Father' is the original persian 'Judd', which is undoubtedly grandfather.

(Signed) WM A. LACEY
Assistant to Commissioner

Question - XIII : At the death of a Rajah, suppose he leave a brother, a nephew, a Pat Ranee and a daughter by the Pat Ranee- who would succeed ?

Answer : by Rajah Binayak Singh Mandhat—The Brother.

WM A. LACEY
Assistant to Commissioner

Question - XIV : At his death, suppose a Rajah leaves neither brother nor nephew, but that his Pat Ranee survive and he leave(a) daugher (s) by another Ranees, who would in such case succeed ?

Answer : by Rajah Binayak Singh Mandhata—That one of the Rajah is Grand Father's (JUDD) brothers (Or

Digitized by PPRACHIN, SOA

brethern) who might be nearest of kin would in such a case succeed.

WM A. LACEY
Assistant to Commissioner

Question - XV : Should a Rajah die, leaving neither brother, nor nephew and his Pat Ranee be also dead, but the other Ranees be alive, and have daughters, who would succeed ?

Answer : by Raja Binayak Singh Mandhata—Similar to that given to question XIV.

WM A. LACEY
Assistant to Commissioner

Question - XVI : In case a Rajah possessing (all) heirs, should during his life time, sell or give away his Raj, would such sale or gift be considered valid ? and has such a case ever occurred ?

Answer : by Raja Binayak Singh Mandhata—It would not be proper (Valid) : such a case has never occurred. If, however, the sale on gift be made in favour of his son, it would be proper (valid).

WM A. LACEY
Assistant to Commissioner

Question - XVII : Suppose a Rajah have no principal (or direct) heir whole alive, and disposes, by sale of gift of his Raj, would the transaction be valid ?

Answer : by Rajah Binayak Singh Mandhata—An instance of this kind has never occurred, but if any Rajah were to do so, it would be proper according to the shastras.

WM A. LACEY
Assistant to Commissioner

Digitized by PPRACHIN, SOA

Question - XVIII : After the death of a Rajah, has the party who (one may suppose) is in possession, of the Rajah by purchase or gift, the option either to confirm or resume the Jagheers αc allowed for the maintenance of the deceassed Rajah's paternal grand father's brethern ?

Answer : by Rajah Binayak Singh Mandhata—Such a case has never occurred; but supposing a case did occur the Jagheers allowed for the maintenance of the Rajahs brethern αc could not resumed while they lived.

WM A. LACEY

Assistant to Commissioner

Question - XIX : If a Rajah dispose of his Raj by gift or sale, do has brethern forfit thereby their rights.

Answer : by Rajah Binayak Singh Mandhata—Besides a certain allowance for maintenance, his brothers would have no rights in such case.

WM A. LACEY

Assistant to Commissioner

Question - XX : The Various (descriptions of) of Paiks, Sirdars and Ghatwalls of the Gurjat are they paid in money, or by Jagheers ?

Answer : by Rajah Binayak Singh Mandhata—Paiks and Sirdars are Jagheer servants, and the Ghatwalls are paid some in money and some by service lands.

WM A. LACEY

Assistant to Commissioner

Question - XXI : Is it the custom for such Jagheer Servants as are in the actual enjoyment of Jagheers, on an

Digitized by PPRACHIN, SOA

emergency, or their services being required, to present themselves of their own accord alone; or have the Sirdars authority, or is it customary for them to assemble Paiks αc when wanted, and according to the number required αc ?

Answer : by Rajah Binayak Singh Mandhata—They are present themselves of their own accord, and if more men are requred, collect and being them.

WM A. LACEY

Assistant to Commissioner

Question - XXII : If on death of a Rajah, he should leave brother, nephew, Pat Ranees and other Ranees, and also an adopted son, but no son born of his own body, whose, in such case, would be the right to the Rajah ?

Answer : by Rajah Binayak Singh Mandhata—The adopted son's.

WM A. LACEY

Assistant to Commissioner

Question - XXIII : If on demise of a Rajah, he leaving no son born of his own body, though a brother and nephew, Pat Ranee and other Ranees Service; but the Pat Ranee, in accordance with the Commander of the deceased Rajah, adopt a son, whose, in such a case, would be the succession ?

Answer : by Rajah Binayak Singh Mandhata—The Adopted son's.

WM A. LACEY

Assistant to Commissioner

Question - XXIV : If after the death of a Rajah, who leaves brothers, nephew, Pat Ranee and other Ranees, but no son born of his own body, the Pat Ranee should have,

Digitized by PPRACHIN, SOA

without the consent of the Rajah, adopted a son, whose would be the succession.

Answer : by Rajah Binayak Singh Mandhata—It would be the right of the brother.

WM A. LACEY
Assistant to Commissioner

Question - XXV : Should a Rajah have no son born, to him, and giving up the hope of having one, he should adopt a son and ofter that a son be born to him, then on his death, who would succeed him ?

Answer : by Rajah Binayak Singh Mandhata—A case of this kind has never happened, but under such circumstances the right would belong to the Raja's own son.

WM A. LACEY
Assistant to Commissioner

ବିନାୟକ ସିଂହ ମାନଧାତା ନୟାଗଡ଼ର ପ୍ରସିଦ୍ଧ ନରପତି ଥିଲେ । ବିନାୟକ ସିଂହ ପ୍ରଜାପୀଡ଼କ ରାଜା ନ ଥିଲେ । ସେ ରାଜ୍ୟକୁ ସୁଶାସନ ଦେଇଥିଲେ । ତାଙ୍କ ରାଜତ୍ୱକାଳରେ ନୟାଗଡ଼ର ଧାର୍ମିକ ପରିବେଶ ଓ ସାଂସ୍କୃତିକ ପରିବେଶ ବେଶ୍ ଉଚ୍ଚସ୍ତରକୁ ଯାଇପାରିଥିଲା । କର୍ପୂର ଉଡ଼ିଯାଇଛି, ମାତ୍ର କନା ପଡ଼ିଛି । ନୟାଗଡ଼ ଇତିହାସରେ ଏହି ବରେଣ୍ୟ ନରପତିଙ୍କ ସ୍ଥାନ ସ୍ୱତନ୍ତ୍ର ।

ବିନାୟକ ସିଂହଙ୍କ ମୃତ୍ୟୁକୁ ନେଇ ଏକ କିମ୍ବଦନ୍ତୀ ରହିଛି । ତାଙ୍କର ଅନ୍ତିମକାଳ ପୁରୀରେ କଟିଥିଲା । ରାଜା ବିନାୟକ ସିଂହ ଶ୍ରୀକ୍ଷେତ୍ରରେ ପ୍ରାଣତ୍ୟାଗ କରିଥିଲେ । ନୟାଗଡ଼ର ଏହି କୀର୍ତ୍ତିମାନ ରାଜା ଏବେ ମଧ୍ୟ ଲୋକମୁଖରେ ଚର୍ଚ୍ଚିତ ।

୨୧. ବ୍ରଜବନ୍ଧୁ ସିଂହ ମାନଧାତା: (୧୮୦୮-୧୮୫୧)

ବିନାୟକ ସିଂହଙ୍କ ପରେ ବ୍ରଜବନ୍ଧୁ ସିଂହ ୧୮୦୮ ମସିହାରେ ନୟାଗଡ଼ ରାଜସିଂହାସନରେ ଅଭିଷିକ୍ତ ହେଲେ । ସେ ଖଲ୍ଲିକୋଟ ରାଜକୁମାରୀ ନକ୍ଷତ୍ରମାଳୀ ଦେବୀଙ୍କୁ ବିବାହ କରିଥିଲେ । ରାଜା ନିଜ ନାମରେ ବ୍ରଜବଲ୍ଲଭପୁର ଓ ରାଣୀଙ୍କ ନାମରେ ନକ୍ଷତ୍ରଦେଈପୁର–ଏହିପରି ଦୁଇଗୋଟି ବ୍ରାହ୍ମଣ ଶାସନ ବସାଇଥିଲେ ।

ଏହି ରାଜାଙ୍କର ରାଜତ୍ୱର ପ୍ରାଥମିକ କାଳରେ ନୟାଗଡ଼ ଓ ଘୁମୁସର ଯୁଦ୍ଧ ହୋଇଥିଲା । ଏହି ତଥ୍ୟଟି କବି ହରେକୃଷ୍ଣ ପଟ୍ଟନାୟକଙ୍କର 'ଘୁମୁସର-ନୟାଗଡ଼

Digitized by PPRACHIN, SOA

ଯୁଦ୍ଧ ଗୀତ'ରୁ ଜଣାପଡିଥାଏ । କବି ହରେକୃଷ୍ଣ ପଟ୍ଟନାୟକ ୧୭୮୩ ମସିହାରେ ଶରଣକୂଳ ନିକଟବର୍ତ୍ତୀ ଗୁଞ୍ଜାବାରଣ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ କବି ଯଦୁମଣି ମହାପାତ୍ରଙ୍କର ସଙ୍ଗାତ ଥିଲେ । ସେ ନୟାଗଡ଼ର ରାଜା ବିନାୟକ ସିଂହ ମାନଧାତା ଓ ତାଙ୍କ ପୁତ୍ର ବ୍ରଜବନ୍ଧୁ ସିଂହ ମାନଧାତାଙ୍କର ସମୟର କବି । ନୟାଗଡ଼ ରାଜାଙ୍କର ପୃଷ୍ଠପୋଷକତା ଲାଭକରି ସେ ସାହିତ୍ୟ ସାଧନା କରୁଥିଲେ ।

କବି ହରେକୃଷ୍ଣ ପଟ୍ଟନାୟକଙ୍କର 'ଗୁମୁସର-ନୟାଗଡ଼ ଯୁଦ୍ଧ ଗୀତ'ଟି ପୋଥି ଆକାରରେ ସଂଗୃହୀତ ହୋଇପାରିଛି । ଏହି ଯୁଦ୍ଧ ଗୀତଟି ଏକଶହ ସାତପଦ ବିଶିଷ୍ଟ ଏକ ରଚନା । ଏହା ବସନ୍ତ ରାଗରେ ରଚିତ । ଏହା ଏକ ସମର ଗୀତିକା । ଘୁମୁସର ରାଜା ଶ୍ରୀକର ଭଞ୍ଜ ଓ ନୟାଗଡ଼ ରାଜା ବ୍ରଜବନ୍ଧୁ ସିଂହ ମାନଧାତାଙ୍କ ମଧ୍ୟରେ ଘଟିଥିବା ଯୁଦ୍ଧ ବିଷୟ ଏହାର କଥାବସ୍ତୁ । କବି ନୟାଗଡ଼ ରାଜାଙ୍କୁ ପ୍ରବଳ ପ୍ରତାପୀ ରାଜା ଭାବରେ ବର୍ଣ୍ଣନା କରିଛନ୍ତି । ରାଜା ବ୍ରଜବନ୍ଧୁ ସିଂହ ମାନଧାତାଙ୍କ ରାଜ୍ୟ ଅଭିଷେକ ପରେ ନୟାଗଡ ରାଜ୍ୟର ଶତ୍ରୁ ରାଜାମାନେ କିପରି ଆତ୍ମ ଗୋପନ କଲେ ତାହା କବି ଉଲ୍ଲେଖ କରିଛନ୍ତି । କବି ଲେଖିଛନ୍ତି-

''ପ୍ରଭା ପ୍ରଭା ବରି ବଳି ସର୍ବ ସନମତେ ତ ନୂଆଗଡ ଟେକ
ଶ୍ରୀବନ୍ତ ଶ୍ରବ୍ରଜବନ୍ଧୁ ସିଂହ ମାନଧାତା ହୁଅନ୍ତେ ଅଭିଷେକ
ମହୀର,
ଉଲ୍ଲାସ ହେଲେ ଅତିଶୟ
ଅହିର ଆଗେ ମଣ୍ଡୁକୀ ଦ୍ରାତ ବତ ଦେଖା ନ ଦେଲେ ଅରିଚୟ ।''

କବି ହରେକୃଷ୍ଣ ନୟାଗଡ ଓ ଘୁମୁସର ରାଜ୍ୟ ମଧ୍ୟରେ ଘଟିଥିବା ଯୁଦ୍ଧର କାରଣ ଦର୍ଶାଇ କହିଛନ୍ତି ଯେ ଭଞ୍ଜରାଜାଙ୍କ ଦର୍ପ ଅତିଶୟ ଅସହ୍ୟ ହେବାରୁ ଏହି ଯୁଦ୍ଧର ଆବଶ୍ୟକତା ଥିଲା । କବି ଏହି ଯୁଦ୍ଧ ଗୀତରେ ନୟାଗଡ ରାଜାଙ୍କ ସୈନ୍ୟବାହିନୀକୁ ପ୍ରଳୟ ଅମ୍ବୁଧି ସହିତ ତୁଳନା କରିଛନ୍ତି । ଯୋଦ୍ଧାମାନଙ୍କର ମସ୍ତକରେ ଥିବା ପଗଡିକୁ ଅମ୍ବୁଧିର ଫେନ ସହିତ ତୁଳନା କରିଛନ୍ତି । କବି ଏହି ଯୁଦ୍ଧର ପ୍ରତ୍ୟକ୍ଷ ଦ୍ରଷ୍ଟା ଥିଲେ । ତେଣୁ କବି ଶେଷରେ ଲେଖିଛନ୍ତି- ''ଦେଖିବା କଥା ଗୀତ ହେଲା ।''

ଏହି ରାଜାଙ୍କ ରାଜୁତି କାଳରେ ଖଣ୍ଡପଡାର ରାଜା ଥିଲେ ପୁରଷୋତ୍ତମ ଭ୍ରମରବର ରାୟ । ଏହି ସମୟରେ ନରସିଂହପୁରର ରାଜା ମହାନଦୀ କୂଳରେ କଣ୍ଟିଲୋଠାରେ ବିରାଜିତ ଶ୍ରୀନୀଳମାଧବଙ୍କୁ ନିଜ ରାଜ୍ୟର ଦେବତା ଭାବରେ ଗ୍ରହଣ କରିବା ପାଇଁ ଏକ ମଲ୍ଲଯୁଦ୍ଧର ବାଜି ରଖିଥିଲେ । ସର୍ତ୍ତ ଥିଲା ନରସିଂହପୁରର ମଲ୍ଲ ଷଣ୍ଢ ପାଇକକୁ ମଲ୍ଲ ଯୁଦ୍ଧରେ ପରାସ୍ତ କରି ନ ପାରିଲେ ଶ୍ରୀନୀଳମାଧବ ତାଙ୍କ ରାଜ୍ୟର ଦେବତା ବୋଲାଇବେ ଓ କଣ୍ଟିଲୋ ନରସିଂହପୁର ରାଜ୍ୟର ଅନ୍ତର୍ଭୁକ୍ତ

Digitized by PPRACHIN, SOA

ହେବ । ଏହି ସର୍ତ୍ତରେ ଖଣ୍ଡପଡା ରାଜା ସ୍ୱୀକୃତି ପ୍ରଦାନ କରି ତାଙ୍କ ମଲ୍ଲମାନଙ୍କୁ ଷଣ୍ଢ ପାଇକ ସହ ଲଢିବାପାଇଁ ନିଯୁକ୍ତ କଲେ । କିନ୍ତୁ ଖଣ୍ଡପଡାର ସମସ୍ତ ମଲ୍ଲ ହାରିଯିବାରୁ ଖଣ୍ଡପଡା ରାଜା ନୟାଗଡର ବ୍ରଜବନ୍ଧୁ ସିଂହ ମାନଧାତାଙ୍କର ସାହାଯ୍ୟ ଲୋଡିଲେ । ଏଣୁ ରାଜା ବ୍ରଜବନ୍ଧୁ ଲାଠିପଡା ଗ୍ରାମର ମଲ୍ଲ ଓ ବନ୍ଧାଣ ପାଇକ ମୋହନ ଗୁରୁଙ୍କୁ ଏହି ମଲ୍ଲଯୁଦ୍ଧ ପାଇଁ ପ୍ରେରଣ କରିଥିଲେ । ମଲ୍ଲଯୁଦ୍ଧ ସାତଦିନ ଧରି ଲାଗି ରହିଥିଲା । ଏହାପରେ ମୋହନ ଗୁରୁ ଷଣ୍ଢ ପାଇକର ମୁଣ୍ଡ କାଟି ଆଣିଥିଲେ ।

ରାଜା ବ୍ରଜବନ୍ଧୁ ସିଂହଙ୍କ ରାଜତ୍ୱ କାଳରେ ଖୁରୁଧାର ପାଇକ ବିଦ୍ରୋହୀ ନେତା ବକ୍ସି ଜଗବନ୍ଧୁ ବିଦ୍ୟାଧର ରଣପୁର ରାଜାଙ୍କ ସହାୟତାରେ ନୟାଗଡ ରାଜ୍ୟରେ ପ୍ରବେଶ କରି ଆତ୍ମଗୋପନ କରିଥିଲେ । ବିନାୟକ ସିଂହଙ୍କ ଜ୍ଞାତସାରରେ ବକ୍ସି ଜଗବନ୍ଧୁ ନୟାଗଡରେ ଲୁଚି ରହିଥିଲେ । ସୂଚନାଯୋଗ୍ୟ ଯେ ଖୁରୁଧାର ପାଇକ ବିଦ୍ରୋହ ଦମିତ ହୋଇଥିଲେ ମଧ୍ୟ ବିଦ୍ରୋହର କ୍ରାନ୍ତିକାରୀ ନେତା ବକ୍ସି ଜଗବନ୍ଧୁ ବିଦ୍ୟାଧର, ତାଙ୍କ ପୁତ୍ର କୃଷ୍ଣଚନ୍ଦ୍ର ଭ୍ରମରବର ଓ ତାଙ୍କ ଅନୁଗାମୀ ପନ୍ଦରଜଣ ବିଦ୍ରୋହୀ ସର୍ଦ୍ଦାରଙ୍କୁ ଇଂରେଜ ସେନାପତି କିମ୍ବା ଗଞ୍ଜାମର କଲେକ୍ଟର ଏବଂ ସମ୍ବଲପୁରରେ ଅବସ୍ଥାପିତ ମେଜର ରଫସେଜ୍ (Major Roughsedge) ଧରିବାକୁ ସମର୍ଥ ହୋଇ ନ ଥିଲେ । ସେମାନେ ଆଠବର୍ଷ ଧରି ଇଂରେଜ ବିରୋଧୀ ଲୋକମାନଙ୍କ ସାହାଯ୍ୟରେ ନାନା ଉପଦ୍ରବ ଚଳାଇଥିଲେ । ସେମାନଙ୍କୁ ଧରାଇଦେବା ପାଇଁ ପୁରସ୍କାର ଘୋଷିତ ହୋଇଥିଲା । ବକ୍ସି ଜଗବନ୍ଧୁଙ୍କ ପାଇଁ ପାଞ୍ଚହଜାର, କୃଷ୍ଣଚନ୍ଦ୍ରଙ୍କ ପାଇଁ ଦୁଇହଜାର ଏବଂ ଅନ୍ୟ ପନ୍ଦରଜଣଙ୍କ ମଧ୍ୟରୁ ପ୍ରତି ବିଦ୍ରୋହୀଙ୍କ ପାଇଁ ଏକହଜାର ଟଙ୍କା ଲେଖାଏଁ ଘୋଷଣା କରାଯାଇଥିଲା । କିନ୍ତୁ କେହି ହେଲେ ବିଦ୍ରୋହୀମାନଙ୍କୁ ଧରାଇ ଦେଲେନାହିଁ ।

୧୮୧୯ ମସିହା ଅପ୍ରେଲ ମାସରେ କମିଶନର୍ କେର୍ ସାହେବ ବକ୍ସିଙ୍କ ସହିତ ସମାଧାନ ପ୍ରସ୍ତାବ ଘୋଷଣା କଲେ । ଏହା ସଫଳ ନ ହେବାରୁ ଅକ୍ଟୋବର-ନଭେମ୍ବର ମାସରେ ବିଭିନ୍ନ ସ୍ଥାନରେ ବାସ କରୁଥିବା ବକ୍ସି ଜଗବନ୍ଧୁଙ୍କ ପରିବାର, ଗୁମାସ୍ତା ଓ ଚାକର ପ୍ରଭୃତି ୨୪ ଜଣ ଧରାହୋଇ ଖୁରୁଧାରେ ନଜରବନ୍ଦୀ ହେଲେ । ପରେ ସେମାନଙ୍କ ମଧ୍ୟରୁ ସାତଜଣଙ୍କୁ ବାରବାଟୀ ଦୁର୍ଗରେ ବନ୍ଦୀ କରାଗଲା । ଏସବୁ ସତ୍ତ୍ୱେ ବକ୍ସି ଜଗବନ୍ଧୁ ଆତ୍ମ ସମର୍ପଣ କରି ନ ଥିଲେ । ଏହାପରେ ଏକବର୍ଷ ପରେ ଏହି ବନ୍ଦୀମାନଙ୍କୁ ମୁକ୍ତ କରାଯାଇଥିଲା ।

ଇଂରେଜ ପ୍ରଶାସକ ବହୁପ୍ରକାର ଉଦ୍ୟମ କରି ସୁଦ୍ଧା ବକ୍ସି ଜଗବନ୍ଧୁଙ୍କୁ ଧରି ନ ପାରିବାରୁ ଶେଷରେ ଗଭର୍ଣ୍ଣର ଜେନେରାଙ୍କ ଅନୁମତି ନେଇ କଟକର କମିଶନର ନୟାଗଡ ରାଜା ବ୍ରଜବନ୍ଧୁ ସିଂହଙ୍କ ନିକଟକୁ କଡା ଭାଷାରେ ଲିଖିତ ଏକ ପରୱାନା ପଠାଇଲେ । ଏହି ପରୱାନାରେ ନିର୍ଦ୍ଦେଶ ଥିଲା ଯେ ଯଦି ରାଜା ବକ୍ସିଙ୍କ ପ୍ରତି ସମର୍ଥନ

Digitized by PPRACHIN, SOA

ପ୍ରତ୍ୟାହାର କରି ନ ନିଅନ୍ତି ଓ ତାଙ୍କୁ ଇଂରେଜ ପ୍ରଶାସକଙ୍କର ସର୍ତ୍ତ ଗ୍ରହଣ କରିବାପାଇଁ ପ୍ରବର୍ତ୍ତାଇ ନ ପାରନ୍ତି, ତେବେ ତାର ପରିଣାମ ଭୟାବହ ହେବ । ଏହି ପରଓ୍ୱାନା ଧରି ଖୋର୍ଦ୍ଧାର ମାଜିଷ୍ଟ୍ରେଟ୍ ଉଇଲିକିନ୍‌ସନ୍ (Wilkinson) ୧୮୨୫ ମସିହାରେ ନିଜେ ଯାଇ ନୟାଗଡର ରାଜା ବ୍ରଜବନ୍ଧୁ ସିଂହଙ୍କୁ ସାକ୍ଷାତ କରି ରାଜାଙ୍କ ହାତରେ ଏହା ପ୍ରଦାନ କଲେ ଏବଂ ସତର୍କବାଣୀ ଶୁଣାଇ କହିଥିଲେ ଯେ ଯଦି ୪ମାସ ଭିତରେ ବକ୍ସିଙ୍କୁ ଯେପରି ହେଉ ଇଂରେଜ ହାତରେ ଅର୍ପଣ କରିବେ, ଅନ୍ୟଥା ତାଙ୍କର ଦୁଷ୍କମରେ ସହଯୋଗ କରୁଥିବା ସମସ୍ତ ଘଟଣାକୁ ଇଂରେଜ ସରକାରଙ୍କୁ ଜଣାଇ ଦିଆଯିବ । ଏହାପରେ ରାଜା ବକ୍ସି ଜଗବନ୍ଧୁଙ୍କୁ ଯେଉଁ ସହାୟତା କରୁଥିଲେ, ତାହା ପ୍ରତ୍ୟାହାର କଲେ । ଏହା ସହିତ ତାଙ୍କର ବେବର୍ତ୍ତା (ପ୍ରଧାନ ମନ୍ତ୍ରୀ) ବରଜୁ ପାଇକରାୟଙ୍କୁ ବକ୍ସି ଜଗବନ୍ଧୁଙ୍କ ନିକଟକୁ ରାଜି କରାଇବା ପାଇଁ ପଠାଇଥିଲେ । ବରଜୁ ଏ କ୍ଷେତ୍ରରେ ସବୁ ପ୍ରକାର ଉଦ୍ୟମ ଚଳାଇଲେ । ବକ୍ସି ଆତ୍ମସମର୍ପଣ କଲେ ସରକାର ତାଙ୍କ ପ୍ରତି କୌଣସି ପ୍ରକାର ଶାସ୍ତିବିଧାନ କରାଯିବ ନାହିଁ ବୋଲି ନିର୍ଭର ପ୍ରତିଶ୍ରୁତି ଦେଲେ । ବେବର୍ତ୍ତା ବରଜୁ ପାଇକରାୟଙ୍କ ମଧ୍ୟସ୍ଥତାରେ ବକ୍‌ସିଙ୍କ ସହିତ ସମାଧାନ ହୋଇଥିଲା ।

ଏହାପରେ ସରକାର ବିପ୍ଳବୀ ବକ୍‌ସି ଜଗବନ୍ଧୁଙ୍କୁ କଟକକୁ ଆଣିବାପାଇଁ ସବୁପ୍ରକାର ବନ୍ଦୋବସ୍ତ କଲେ । ଓଡ଼ିଶା ଗଡ଼ଜାତ ମହଲର ସୁପରିଂଟେଣ୍ଡେଣ୍ଟଙ୍କର କାର୍ଯ୍ୟାଳୟର ସିରସ୍ତାଦାର ଓ୍ୱାଜ୍ ମହମ୍ମଦ (Waz-Muhammad) ବରଜୁ ପାଇକରାୟଙ୍କ ସହାୟତାନେଇ ବକ୍ସି ଜଗବନ୍ଧୁଙ୍କୁ ନୟାଗଡ ରାଜ୍ୟ ସୀମାବର୍ତ୍ତି ଏକ ଗ୍ରାମରୁ ସସମ୍ମାନେ ଆଣି ୧୮୨୫ ମସିହା ମେ ମାସ ୨୭ ତାରିଖରେ କଟକଠାରେ ପହଞ୍ଚାଇଲେ । ବକ୍‌ସି ଜଗବନ୍ଧୁ ମାସିକ ଟ.୧୦୦ ପେନ୍‌ସନ୍ ପାଇ କଟକରେ ଅବସ୍ଥାନ କଲେ । ବରଜୁ ପାଇକରାୟ ସହାୟତା କରିଥିବାରୁ ତାଙ୍କୁ ସରକାର ଟ.୨୦୦୦ ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ ଏବଂ ଓ୍ୱାଜ୍ ମହମ୍ମଦଙ୍କୁ ଟ.୧୦୦୦ ପୁରସ୍କାର ପ୍ରଦାନ କରାଗଲା । ନୟାଗଡ ରାଜ୍ୟର ଏକ ବର୍ଷର ପେସ୍‌କୁସ୍‌କୁ ଇଂରେଜ ସରକାର ଛାଡ କରାଇ ଦେଇଥିଲେ । ଡକ୍ଟର ପ୍ରଫୁଲ୍ଲ କୁମାର ପଟ୍ଟନାୟକ ତାଙ୍କର "A Forgotten chapter of Orissan History"ରେ ଲେଖିଛନ୍ତି- "Jagabandhu arrived at Cuttack on 27 May, 1825. He signed an agrement that he would not leave the station without permission. He was given a penson of Rs.100/- per month. One year's tribute of the Raja of Nayagarh was remited." Baraju Paikra was given Rs. 2,000/- as reward for persuading Jagabandhu to accept the terms of offer. Wax Muhammad was

Digitized by PPRACHIN, SOA

also granted Rs. 1,000/- as reward. The Commissioner afterwards recommended to the Government to increase the pension of Jagabandhu to Rs.150/- on account of extra expenses incurred by him for the maintenance of a large family." ବକ୍‌ସିଙ୍କ ସହିତ ତାଙ୍କର ପରିବାର ରହିବାରୁ ତାଙ୍କର ମାସିକ ପେନ୍‌ସନ୍ ଟ. ୧୫୦କୁ ବୃଦ୍ଧି କରାଯାଇଥିଲା । କଟକରେ ତାଙ୍କର ବାସସ୍ଥାନ ଏ ପର୍ଯ୍ୟନ୍ତ ବକ୍‌ସି ବଜାର ଓ ତାଙ୍କର ଗାଧୁଆ ପୋଖରୀ ବକ୍‌ସି ପୋଖରୀ ନାମରେ ଖ୍ୟାତ । W.W. Hunter and others "A History of Orissa" ପୁସ୍ତକରେ ଲେଖିଛନ୍ତି- "He spent his last days in Buxibazar, which has been named after him and an old tank named 'Buxi-Pokhari' indicates till to-day the location of the house of this great hero in the heart of Cuttack." ବୀର ବକ୍‌ସି ଜଗବନ୍ଧୁ ୧୮୨୯ ମସିହା ଜାନୁୟାରୀ ୨୪ ତାରିଖ ଶନିବାରଦିନ ସେଠାରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ । Dr. P. K. Pattanaik ଲେଖିଛନ୍ତି- "He died there on Saturday, the 24th January, 1829."

ଏହା ବ୍ୟତୀତ ୧୮୨୭ ମସିହାରେ ନୟାଗଡ ରାଜାଙ୍କର ଏକ ମୂଲ୍ୟବାନ ଗୃହକୁ ଘୁମୁସର ରାଜା ବଳପୂର୍ବକ ନିଜ ଅକ୍ତିଆରକୁ ନେଇ ଫେରାଇଲେ ନାହିଁ । ରାଜା ବ୍ରଜବନ୍ଧୁ ସିଂହ ବ୍ରିଟିଶ୍ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ଦାୟର କଲେ । ଏହି ଗୃହକୁ ଫେରିପାଇବାକୁ ଏବଂ ଗୃହରୁ ଘୁମୁସର ରାଜାଙ୍କ ଦ୍ୱାରା ଗିରଫ ହୋଇଥିବା ନୟାଗଡର ବଣିକମାନଙ୍କୁ ଶୀଘ୍ର ମୁକ୍ତ କରିବାକୁ ରାଜା ବ୍ରଜବନ୍ଧୁ ନିବେଦନ କରିଥିଲେ । ଘୁମୁସର ରାଜାଙ୍କର ଏହି ଦୌରାତ୍ମ୍ୟକୁ ବନ୍ଦ କରିବାକୁ ବ୍ରିଟିଶ୍ କର୍ତ୍ତୃପକ୍ଷ ଉପଲବ୍‌ଧି କଲେ । ତେଣୁ ଦୁଇରାଜ୍ୟ ମଧ୍ୟରେ ଯୁଦ୍ଧକୁ ଏଡାଇବା ପାଇଁ ସରକାରଙ୍କ ତରଫରୁ ସରିସ୍ତଦାର ଶେଖ୍ ଓ୍ୱାଜ୍ ମହମ୍ମଦଙ୍କୁ ନିଯୁକ୍ତି କରାଗଲା । ଉଭୟ ରାଜାଙ୍କ ମଧ୍ୟରେ ବହୁଦିନର ଶତ୍ରୁତାକୁ ଏଡାଇବା ପାଇଁ ଓ୍ୱାଜ୍ ମହମ୍ମଦ ଅନ୍ୟ ଉପାୟ ନ ପାଇ ଦୁଇରାଜଙ୍କ ମଧ୍ୟରେ ଏକ ବୁଝାମଣା ମୂଳକ ସାକ୍ଷାତକାର ବ୍ୟବସ୍ଥା କଲେ । ଦୁଇ ରାଜାଙ୍କ ନିକଟକୁ ପରଓ୍ୱାନା ପଠାଗଲା । ନୟାଗଡର ରାଜା ବ୍ରଜବନ୍ଧୁ ସିଂହ ଘୁମୁସର ରାଜାଙ୍କୁ ସାକ୍ଷାତ କରିବାକୁ ସମ୍ମତି ପ୍ରଦାନ କଲେ । କିନ୍ତୁ ଘୁମୁସର ରାଜା ଶ୍ରୀକର ଭଞ୍ଜ ଶେଖ୍ ଓ୍ୱାଜ୍ ମହମ୍ମଦଙ୍କୁ ଦରଖାସ୍ତ କରି ଜଣାଇଲେ ଯେ ନୟାଗଡର ରାଜା ବ୍ରଜବନ୍ଧୁ ସିଂହ ଲୁଣ୍ଡେବାଦଠାରେ ଏକ ନୂତନ ଦୁର୍ଗ ପ୍ରତିଷ୍ଠାକରି ଘୁମୁସର ରାଜାଙ୍କ ଉଦ୍ଦେଶ୍ୟରେ ପୁନର୍ବାର ଶତ୍ରୁମନୋଭାବର ପରିଚୟ ଦେଇଛନ୍ତି । ଲୁଣ୍ଡେବାଦ ନୟାଗଡ ରାଜାଙ୍କର ଏକ ଗ୍ରାମ ଥିଲା ଏବଂ ଶ୍ରୀକର

Digitized by PPRACHIN, SOA

ଭଞ୍ଜଙ୍କର ଶେଷ ଉପଦ୍ରବ ସମୟରେ ବ୍ରଜବନ୍ଧୁ ଏଠାରେ ଦୁର୍ଗ ପ୍ରତିଷ୍ଠା କରିଥିଲେ । ଏହାପରେ କମିଶନର ଏଥିରେ ହସ୍ତକ୍ଷେପ କରିଥିଲେ ଏବଂ ଦୁର୍ଗକାମ ବନ୍ଦ କରିବାକୁ ବ୍ରଜବନ୍ଧୁ ସିଂହ ମାନଧାତଙ୍କୁ ପରାମର୍ଶ ଦେଇଥିଲେ ।

୧୮୨୯ ମସିହାରେ ରଣପୁରର ରାଜା ବ୍ରଜସୁନ୍ଦର ନରେନ୍ଦ୍ର ନୟାଗଡ ରାଜ୍ୟର ପାଞ୍ଚଗୋଟି ଗ୍ରାମ ଉପରେ ଅତର୍କିତ ଭାବରେ ଏବଂ ଅତ୍ୟନ୍ତ ଗୁରୁତର ଭାବରେ ଆକ୍ରମଣ କଲେ । ଏହି ଘଟଣା ରାଜା ବ୍ରଜବନ୍ଧୁ ସିଂହ ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ୍ ଡବ୍ଲ. ୱିଲ୍‌କିନ୍‌ସନ୍ (W. Wilkinson)ଙ୍କୁ ଜଣାଇଲେ । ଏହି ଖବର ପାଇ ୱିଲ୍‌କିନ୍‌ସନ୍ ସେଠାକାର ପରିସ୍ଥିତି ଅନୁଧ୍ୟାନ ପାଇଁ ଏବଂ ସେଠାରେ ଆଉ ଅଧିକ ରକ୍ତପାତ ନ ଘଟାଇବା ପାଇଁ ଖୋର୍ଦ୍ଧାରୁ ଜଣେ ପୋଲିସ୍ ଅଧିକାରୀଙ୍କ ନେତୃତ୍ୱରେ ଦଳେ ସିପାହୀଙ୍କୁ ସେହି ଅଞ୍ଚଳକୁ ପଠାଇଲେ । ସେମାନେ ଅନୁସନ୍ଧାନ କରି ଜାଣିଲେ ଯେ ୧୮୨୯ ମସିହା ଅପ୍ରେଲମାସ ୨୦ ତାରିଖ ରାତିରେ ରଣପୁର ରାଜାଙ୍କର ୨୦୦୦ ପାଇକ ବିଶିଷ୍ଟ ଗୋଟିଏ ଦଳ ଆକ୍ରମଣ କରିଥିଲେ ଏବଂ ନୟାଗଡ ରାଜ୍ୟର ପାଞ୍ଚଗୋଟି ଗ୍ରାମକୁ ଅଧିକାର କରିଥିଲେ । ଏହି ପାଞ୍ଚଗୋଟି ଗ୍ରାମର ଅନେକ ବ୍ୟକ୍ତି ମୃତାହତ ହୋଇଥିଲେ । ସେମାନଙ୍କର ଧନସମ୍ପତ୍ତି ଲୁଣ୍ଠନ କରାଯାଇଥିଲା ଏବଂ ସେମାନଙ୍କର ଘର ସବୁ ନିଆଁ ଲଗାଇ ଧ୍ୱଂସ କରି ଦିଆଯାଇଥିଲା । ଏହି ଅଞ୍ଚଳକୁ ରଣପୁରର ପାଇକମାନେ ଦଖଲରେ ରଖିଥିଲେ । ରଣପୁର ରାଜା ବ୍ରଜସୁନ୍ଦର ପୋଲିସ୍ ଅଧିକାରୀଙ୍କ ନିକଟରେ ଏହିସବୁ ଅଭିଯୋଗକୁ ସ୍ୱୀକାର କରିଥିଲେ । ଏହି ଆକ୍ରମଣର ଯଥାର୍ଥତା ସମ୍ପର୍କରେ ସେ ବୟାନ ଦେଲେ ଯେ ଗତ ଚାଳିଶିବର୍ଷ ପୂର୍ବେ ତାଙ୍କ ଜେଜେବାବାଙ୍କ ରାଜତ୍ୱକାଳରେ ଏହି ପାଞ୍ଚଗୋଟି ଗ୍ରାମ ରଣପୁର ରାଜ୍ୟର ଥିଲା । ନୟାଗଡ ରାଜା ବଳପୂର୍ବକ ଏହି ପାଞ୍ଚଗୋଟି ଗ୍ରାମକୁ ରଣପୁର ରାଜ୍ୟରୁ ନେଇଯାଇଥିଲେ । କିନ୍ତୁ ରଣପୁର ରାଜା ବ୍ରଜସନ୍ଦରଙ୍କ ଯୁକ୍ତି କାଟ ଖାଇଗଲା ।

ଏହାପରେ କମିଶନର ରଣପୁର ରାଜାଙ୍କୁ ଅର୍ଥ ଦଣ୍ଡରେ ଦଣ୍ଡିତ କଲେ । ସେ ତାଙ୍କ ଆଦେଶନାମାରେ ଉଲ୍ଲେଖ କଲେ ଯେ ରଣପୁର ରାଜା ବ୍ରଜସୁନ୍ଦର ବଜ୍ରଧର ସରକାରଙ୍କୁ ଟ.୫,୦୦୦ ଜୋରିନାମା ଏବଂ ନୟାଗଡ ରାଜା ବ୍ରଜବନ୍ଧୁ ସିଂହଙ୍କୁ ଟ.୫,୦୦୦ କ୍ଷତିପୂରଣ ପ୍ରଦାନ କରିବେ । କିନ୍ତୁ ବ୍ରଜସୁନ୍ଦର ଜୋରିମାନାର କିଛି ଅଂଶ ମଧ୍ୟ ପ୍ରଦାନ କଲେନାହିଁ । ଜୋରିମାନା ଅର୍ଥ ଆଦାୟ ନ ହେବାଯାଏଁ ରଣପୁର ରାଜାଙ୍କୁ ବନ୍ଦୀ କରିବାକୁ ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ କ୍ଷମତା ପ୍ରଦାନ କରାଗଲା । ତଥାପି ପୁରୀ ମାଜିଷ୍ଟ୍ରେଟ୍ ଜୋରିମାନା ଅର୍ଥ ଆଦାୟ କରିବାରେ ଅସଫଳ ହେଲେ । ଏହାପରେ ତାଙ୍କର ସମଗ୍ର ରାଜ୍ୟକୁ ବ୍ରିଟିଶ୍ ସରକାରଙ୍କ ସହିତ ସାମିଲ୍ କରିବାପାଇଁ ତତ୍କାଳୀନ କମିଶନର ଜି.ଷ୍ଟକ୍‌ୱେଲ୍ (G. Stockwell)

Digitized by PPRACHIN, SOA

ସରକାରଙ୍କୁ ସିପାହୀପାଇଁ ମଗାଇଲେ । ଭାରତର ତତ୍କାଳୀନ ଗଭର୍ଣ୍ଣର ଜେନେରାଲ ରଣପୁର ରାଜ୍ୟକୁ ସାମରିକ ଦଳ ପ୍ରେରଣ କରିବାକୁ ଅନୁମୋଦନ କଲେ । ମାତ୍ର ପକ୍ଷାନ୍ତରେ ରାଜା ଏକ ସପ୍ତାହ ମଧ୍ୟରେ ଜୋରିମାନା ଅର୍ଥ ଦେବାକୁ ଅନୁମତି ପାଇଲେ । ସାମରିକ ଦଳ ପ୍ରେରଣପୂର୍ବରୁ ରାଜା ଦୁଇଗୋଟି କିସ୍ତିରେ ସମସ୍ତ ଜୋରିମାନା ଅର୍ଥକୁ ପ୍ରଦାନ କରିଥିଲେ ।

ରାଜା ବ୍ରଜବଲ୍ଲଭ ସିଂହ ଇଂରେଜଙ୍କ ବିରୋଧରେ ନୟାଗଡରେ ବିଦ୍ରୋହ କରିବାରୁ ଇଂରେଜ ସରକାର ୧୮୪୮ରୁ ନୟାଗଡ ରାଜ୍ୟକୁ କୋର୍ଟ ଅଫ୍ ୱାର୍ଡସ ଅଧୀନରେ ରଖିଲେ ଏବଂ ବ୍ରଜବଲ୍ଲଭଙ୍କୁ କଟକରେ ନଜରବନ୍ଦୀ ରଖିଥିଲେ । ସେହି ନଜରବନ୍ଦୀ ଅବସ୍ଥାରେ ସେ ୧୮୪୮ ମସିହାରେ ପ୍ରାଣତ୍ୟାଗ କଲେ ।

୨୨. ଲଡୁକେଶ୍ୱର ସିଂହ ମାନଧାତା (୧୮୫୧-୧୮୮୯):

ରାଜା ବ୍ରଜବଲ୍ଲଭ ସିଂହ ନିଃସନ୍ତାନ ଥିଲେ । ସେ ତାଙ୍କର ଭାଇ ଦାଶରଥି ଜଗଦେବଙ୍କର ଜ୍ୟେଷ୍ଠପୁତ୍ର ଲଡୁକେଶ୍ୱର ସିଂହଙ୍କୁ ସେ ପୋଷ୍ୟପୁତ୍ର କରିଥିଲେ । ୧୮୫୧ ମସିହା ପର୍ଯ୍ୟନ୍ତ ଲଡୁକେଶ୍ୱର ନାବାଳକ ଥିଲେ । ତେଣୁ ନୟାଗଡ ରାଜ୍ୟ ୧୮୪୮ ମସିହାରୁ ୧୮୫୧ ମସିହା ପର୍ଯ୍ୟନ୍ତ କୋର୍ଟ ଅଫ୍ ୱାର୍ଡ୍ସ ଥିଲା । ଏହି ସମୟରେ ସରକାରୀ ତହସିଲଦାର ରାୟ ହରମୋହନ ଲାଲା ନୟାଗଡ ରାଜ୍ୟଶାସନ ଦାୟିତ୍ୱରେ ଥିଲେ । ତା୨୬।୦୬। ୧୮୫୧ରେ ଲଡୁକେଶ୍ୱର ସିଂହ କ୍ଷମତା ଲାଭ କଲେ ।

ରାଜା ଲଡୁକେଶ୍ୱର ସିଂହ ମାନଧାତା ।

୧୮୫୨-୫୩ ମସିହାରେ ରାୟ ହରମୋହନ ଲାଲା ନୟାଗଡ ରାଜ୍ୟର ପ୍ରଥମ ଜମି ବନ୍ଦୋବସ୍ତ କରିଥିଲେ । ଏହି ବନ୍ଦୋବସ୍ତ ଅନୁସାରେ ରାଜାର କୃଷିଜମି ପରିମାଣ ୬୭,୯୮୧ ଏକର ନିର୍ଦ୍ଧାରିତ ହୋଇଥିଲା ଏବଂ ଭୂ-ରାଜସ୍ୱ ପରିମାଣ ଟ.୩୬,୯୪୦/- ସ୍ଥିରୀକୃତ ହେଲା । ଏହି ବନ୍ଦୋବସ୍ତ କାର୍ଯ୍ୟକାରିତା ପାଞ୍ଚବର୍ଷ ପାଇଁ ରହିଥିଲା । ୧୮୫୩ ମସିହାରେ ମୌଲବୀ ମହମ୍ମଦ ନାମକ ଜଣେ ସରକାରୀ କର୍ମଚାରୀ ନୟାଗଡ଼ ରାଜ୍ୟକୁ ପ୍ରତିନିଧିତ୍ୱରେ ଆସିଲେ । ସେ ରାଜ୍ୟର ଜମିଜମା ପୁନର୍ବାର ବନ୍ଦୋବସ୍ତ କଲେ । ଏହି ବନ୍ଦୋବସ୍ତ ଅନୁସାରେ ରାଜ୍ୟର କୃଷିଭିତ୍ତିକ

Digitized by PPRACHIN, SOA

ଜମିର ପରିମାଣ ୭୩,୬୧୯ ଏକର ନିର୍ଦ୍ଧାରିତ ହୋଇଥିଲା ଏବଂ ଭୂ-ରାଜସ୍ୱ ଟ.୩୯,୪୧୫କୁ ବୃଦ୍ଧି ପାଇଥିଲା । ୧୮୭୦ ମସିହାରେ ଓଡିଶା ଟ୍ରିବୁଟାରୀ ମହଲର ସରକାରୀ ସୁପରିଟେଣ୍ଡେଣ୍ଟ ବାବୁ ହରେକୃଷ୍ଣ ଦାସ ନୟାଗଡ ରାଜ୍ୟରେ ସୁମାରୀ ପ୍ରଣାଳୀ ପ୍ରଚଳନ କରିଥିଲେ । ଫଳତଃ ରାଜ୍ୟର ରାଜସ୍ୱ ଟ.୫୧,୫୦୧କୁ ବୃଦ୍ଧି ପାଇଥିଲା । ତେଣୁ ଲକ୍ଷ୍ୟ କରାଗଲା ଯେ ୧୩ବର୍ଷ ପରେ ରାଜ୍ୟର ଭୂ-ରାଜସ୍ୱ ଅଭିବୃଦ୍ଧିର ପରିମାଣ ଟ.୧୨,୦୮୬ ବା ୩୦% ପ୍ରତିଶତକୁ ବୃଦ୍ଧି ପାଇଥିଲା ।

ଏହାପରେ ରାଜା ଲଡୁକେଶ୍ୱର ତାଙ୍କର ଆତ୍ମୀୟ ଲୋକମାନଙ୍କୁ (ଯଥା:ମା'ମଣିମା, ଦ୍ୱିତୀୟା ସ୍ତ୍ରୀ, ଜେମାସାମନ୍ତ, କନ୍ୟା, ନୀଳକୋଠଲୋକ ଇତ୍ୟାଦି) ନିଷ୍କର ଜମି ପ୍ରଦାନ କରିଥିଲେ । ଏହା ଫଳରେ ଭୂ-ରାଜସ୍ୱ ପରିମାଣ ଟ.୫୧,୫୦୧/-ରୁ ଟ.୪୦,୦୦୦/- କୁ ହ୍ରାସ ପାଇଥିଲା । ୧୮୭୪ ମସିହାରେ ରାଜା ଜାଗିରୀ ଦେଇଥିବା କିଛି ଜମି ଏବଂ କେତେକ ଦେବୋତ୍ତର, ବ୍ରହ୍ମୋତ୍ତର ଜମି ପୁନର୍ଗ୍ରହଣ କଲେ । ଫଳରେ ଭୂ-ରାଜସ୍ୱ ଅଧିକ ଟ.୧,୫୦୦/-କୁ ବୃଦ୍ଧି ପାଇଥିଲା । ୧୮୮୫ ରୁ ୧୮୮୯ ମସିହା ମଧ୍ୟରେ ରାଜା ଲଡୁକେଶ୍ୱର ରାଜ୍ୟର 'ଉଦ୍‌ବାଟି' ନାମକ ଅନ୍ୟ ଏକ ବନ୍ଦୋବସ୍ତ ପ୍ରଚଳନ କରାଇଲେ । ଏହାଫଳରେ ଚାଷଜମିର ରାଜସ୍ୱ ଟ.୪୩,୬୭୩କୁ ବୃଦ୍ଧି ପାଇଥିଲା । ନୀଳମଣି ସେନାପତି ଲେଖିଛନ୍ତି- "During the time of Late Raja Ladukishore Singh Mandhata the assets of the state were reduced to Rs.40,000 from Rs.51,501 as some lands were granted by him as niskar to his favourites. This with the Jama paid since his death on reclamation till 1890 brought the net assets to Rs.43,673/o/q (or Rs.43,673.05) till the last regular settlement made by Government agents Babu Agoy Chandra Das and Rai Sahib Gour Shyam Mahanti."

Next settlement commenced on the 19th March, 1896, and continued for 10 years. The new rents were realised in the year 1902. The rent-paying aseas increased to 1,12,387 acres from 89,168 acres of 1890, i.e. increament of 23,219 acres or 26.04 percent. 45 rats of assessment for wet cultivation were fixed as far back as 1852. In this settlement the number was reduced to 9 only. There were 23 rates of assessment for the homestead lands according to the settlement of 1852. This was reduced to fun only."

Digitized by PPRACHIN, SOA

ଊନବିଂଶ ଶତାବ୍ଦୀ ଓଡିଶାରେ ନୟାଗଡ କରଦରାଜ୍ୟ ଥିଲା ଅନ୍ୟତମ ବିଶୃଙ୍ଖଳିତ ରାଜ୍ୟ । ଜମିଦାର ଓ ମହାଜନମାନଙ୍କର ଦମନ, ଶୋଷଣ ଓ ଅତ୍ୟାଚାର ଏବଂ ଦେବାନ ଓ ଅମଲାତନ୍ତ୍ରର ଦୁର୍ନୀତି ଓ ଅନ୍ୟାୟ ଯୋଗୁଁ ନିରୀହ ପ୍ରଜାକୁଳ ଅତିଷ୍ଠ ହୋଇପଡିଥିଲେ । ଏହା ସହିତ ଅତ୍ୟଧିକ ଭୂ-ରାଜସ୍ୱ ଆଦାୟ ଫଳରେ କୃଷିଜୀବୀ ପ୍ରଜାମାନେ ଅସନ୍ତୋଷ ପ୍ରକାଶ କରି ୧୮୫୨ ମସିହାରେ ଏକ ବିଦ୍ରୋହ ସୃଷ୍ଟି କରିଥିଲେ ।

ରାଜା ଲଡୁକେଶ୍ୱର କୋରପିଠା ସାମନ୍ତ ବଂଶର କନ୍ୟା ଘଷା ଦେଈଙ୍କୁ ବିବାହ କରିଥିଲେ । ରାଜା ଲଡୁକେଶ୍ୱର ସିଂହ ମାନଧାତା ଓ ଖଣ୍ଡପଡାର ତତ୍କାଳୀନ ରାଜା କୁଞ୍ଜବିହାରୀ ସିଂହ ମର୍ଦ୍ଦରାଜଙ୍କ ମଧ୍ୟରେ ଉଭୟ ରାଜ୍ୟର ସୀମା ବିଷୟକୁ ନେଇ ଗଣ୍ଡଗୋଳ ହେଲା । ରାଜା ଲଡୁକେଶ୍ୱରଙ୍କର ତରଫରୁ ସୀମା ଗଣ୍ଡଗୋଳ ନେଇ ମୋକଦ୍ଦମା ଦାୟର ହେଲା । ଲଡୁକେଶ୍ୱର ପଠାଣି ସାମନ୍ତଙ୍କ ବାପା ଶ୍ୟାମବନ୍ଧୁ ସିଂହଙ୍କୁ ସାକ୍ଷୀରୂପେ ଗ୍ରହଣ କଲେ । ଶ୍ୟାମବନ୍ଧୁ ସିଂହ ସାମନ୍ତ ଖଣ୍ଡପଡା ରାଜାଙ୍କର 'ଜେଜେ·ଦଦେଇ' ଲେଖା ହେବେ । ଖଣ୍ଡପଡା ଲୋକ ଆଗ ଗଣ୍ଡଗୋଳ ଭିଆଇଲେ ବୋଲି ଶ୍ୟାମବନ୍ଧୁ ସିଂହ ସାହେବଙ୍କ ଆଗରେ ସାକ୍ଷ୍ୟପ୍ରଦାନ କରିଥିଲେ । ସାହେବଙ୍କ ମଧ୍ୟସ୍ଥତାରେ ଏହି ସୀମାବିବାଦ ସମାଧାନ ହୋଇଥିଲା ।

୧୮୭୪ ମସିହା ମେ ମାସ ୨୧ ତାରିଖରେ ଲର୍ଡ ନର୍ଥ ବ୍ରୁକ୍‌ଙ୍କଠାରୁ ଲଡୁକେଶ୍ୱର ସିଂହ ମାନଧାତା ସନନ୍ଦ ପ୍ରାପ୍ତ ହେଲେ । ଏହି ସନନ୍ଦରେ ଲଡୁକେଶ୍ୱର ସିଂହ ମାନଧାତାଙ୍କୁ 'ରାଜା' ଉପାଧି ପ୍ରଦାନ କରାଯାଇଥିଲା । ଏହି ସନନ୍ଦରେ ଉଲ୍ଲେଖଥିଲା— **Sanad Granted to Ladukeswar Singh Mandhata of Nayagarh.** In recognition of your position I hereby confirm upon you the title 'Rajah' as a hereditary distinction to be assumed by your succeessors on formal recognition of their succession.

The 21 May, 1874. **(Sd) Northbrook**

ଏହିପରି ଭାବରେ ଉକ୍ତ ସନନ୍ଦରେ ମଧ୍ୟ ଉଲ୍ଲେଖ ରହିଥିଲା ଯେ ତାଙ୍କର ପୁତ୍ର ପୌତ୍ରାଦିମାନେ ରାଜ୍ୟାଭିଷେକ ସମୟରେ ଏହି ଉପାଧି ଧାରଣ କରିବେ ।

୧୮୭୯ ମସିହାରେ କ୍ଷେତ୍ରୀବର ସିଂହ ତାଙ୍କର ଦେବାନ ଭାବରେ ନିଯୁକ୍ତି ପାଇଲେ । ରାଜା ଲଡୁକେଶ୍ୱର ଜଣେ ଲମ୍ପଟ ଚରିତ୍ରର ବ୍ୟକ୍ତି ଥିଲେ । ସେ ବିଳାସୀ

Digitized by PPRACHIN, SOA

ଓ ଇନ୍ଦ୍ରିୟାସକ୍ତ ବ୍ୟକ୍ତି ଥିଲେ । ସେ ମଧ୍ୟ ଜଣେ ଦୁର୍ବଳ ଶାସକ ଥିଲେ । ତେଣୁ ଦେବାନ କ୍ଷେତ୍ରୀବର ସିଂହ ନିଯୁକ୍ତି ପାଇବା ପରେ ନୟାଗଡ ରାଜ୍ୟର ଶାସନ ବାସ୍ତବରେ ତାଙ୍କ ହସ୍ତରେ ହିଁ ନ୍ୟସ୍ତ ରହିଲା । ସରକାରୀ ରେକର୍ଡରେ ଉଲ୍ଲେଖ ରହିଛି– "Raja Ladukishore Singh was a man of profligate habits and proved to be a weak ruler. The administration of the state was practically run by his Dewan, Khetribar Singh who was appointed in 1879. ସେ ରାଜ୍ୟକୁ ଏକ ଲୌହଦଣ୍ଡରେ ଶାସନ କଲେ । ରାଜ୍ୟର ଦେଓ୍ୱାନୀ ଓ ଫୌଜଦାରୀ ଶାସନ ତାଙ୍କର ସ୍ୱେଚ୍ଛାଚାରୀ ଓ ମନମୁଖୀ ମନୋଭାବରେ ପରିଚାଳିତ ହେଲା । ରାଜାଙ୍କର ଅମଲାବର୍ଗ ଦୁର୍ନୀତି ପରାୟଣ ହୋଇପଡିଲେ । ରାଜ୍ୟ ଋଣଭାରରେ ବୁଡିଗଲା । ରାଜ୍ୟର ମହାଜନମାନେ ରାଜାଙ୍କୁ ଋଣପ୍ରଦାନ କଲେ । ସେମାନେ ପ୍ରଜାମାନଙ୍କଠାରୁ ଯେ କୌଣସି ପ୍ରକାରରେ ଏହି ଋଣ ଅର୍ଥ ଫେରିପାଇବା ପାଇଁ ରାଜାଙ୍କଠାରୁ ଅନୁମତି ପାଇଲେ । ଅନେକ ସମୟରେ ସେମାନେ ଗାଁ ଗଣ୍ଡାକୁ ଯାଇ ରୟତମାନଙ୍କର ଜମିରେ ଥିବା ଧାନ ଶସ୍ୟକୁ ବଳପୂର୍ବକ ଦଖଲ କରୁଥିଲେ । ଏପରିକି ପ୍ରଜାମାନଙ୍କର ମୂଲ୍ୟବାନ ସମ୍ପତ୍ତିକୁ ମଧ୍ୟ ଅଧିକାର କରୁଥିଲେ । କେତେକ ଗ୍ରାମର ଭୂ-ରାଜସ୍ୱ ସିଧାସଳଖ ମହାଜନ ମାନଙ୍କ ନିକଟକୁ ପଠାଇ ଦିଆଯାଉଥିଲା । ମହାଜନମାନଙ୍କର ପ୍ରାଦୁର୍ଭାବରେ ରୟତମାନେ ଅତିଷ୍ଠ ହୋଇପଡିଲେ ।

ରାଜା ଲଡୁକିଶୋର ସିଂହ ମାନଧାତା ୧୮୭୮ ସାଲ ଓ ୧୮୮୨ ସାଲରେ ଦୁଇଥର ଭାରତବର୍ଷ ପର୍ଯ୍ୟଟନରେ ଯାଇଥିଲେ । ୧୮୮୨ ସାଲରେ ରାଜା ସାହେବଙ୍କର କବିବର ରାଧାନାଥ ରାୟଙ୍କ ସହିତ ହୁଗୁଳିଠାରେ ଭେଟଭାଟ ହୋଇଥିଲା । ରାଜା ଲଡୁକେଶ୍ୱର ସିଂହ ଓ ରାଧାନାଥ ରାୟଙ୍କ ମଧ୍ୟରେ ଗଭୀର ବନ୍ଧୁଭାବ ସୃଷ୍ଟି ହୋଇଥିଲା । "ରାଧାନାଥ ଜୀବନୀ' ଗ୍ରନ୍ଥର ଲେଖକ ଦୁର୍ଗାଚରଣ ରାୟ ଲେଖିଛନ୍ତି- "ଭୂଦେବବାବୁଙ୍କ ଗୃହରୁ ପ୍ରତ୍ୟାଗମନ ସମୟରେ ରାଧାନାଥ ହୁଗୁଳିର ଗୋଟିଏ ଧର୍ମଶାଳାର ବାରଣ୍ଡାରେ ନୟାଗଡ଼ର ସୁପ୍ରସିଦ୍ଧ ରାଜା ଲଡୁକେଶ୍ୱର ମାନଧାତାଙ୍କୁ ଦଣ୍ଡାୟମାନ ହୋଇଥିବା ଦେଖି ହଠାତ୍ ଗାଡ଼ିରୁ ଓହ୍ଲାଇ ତାହାଙ୍କ ଆଗମନର କାରଣ ପଚାରିଲେ । ରାଜା ମହୋଦୟ କହିଲେ ସେ ଓ ରାଣୀସାହେବା ସମସ୍ତ ଭାରତବର୍ଷର ପ୍ରସିଦ୍ଧ ସ୍ଥାନସମୂହ ଭ୍ରମଣ କରି ସ୍ୱରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରୁଅଛନ୍ତି ଓ ହୁଗୁଳିର ପ୍ରସିଦ୍ଧ ଇମାମଦାତା ଦେଖିବାକୁ ହୁଗୁଳି ଆସିଅଛନ୍ତି । ସେଦିନ ସେମାନେ କଲିକତା ଯିବେ ବୋଲି ରାଧାନାଥଙ୍କୁ ସେଠାରେ ଅଧଘଣ୍ଟାଏ ଅଟକାଇଲେ । ରାଜା କହିଲେ, ରାଣୀ ରୋଷାଇ କରୁଛନ୍ତି, ଅଧଘଣ୍ଟା ମଧ୍ୟରେ

Digitized by PPRACHIN, SOA

ଆହାର ଶେଷ କରି ସମସ୍ତେ ଯିବାକୁ ପ୍ରସ୍ତୁତ ହେବେ । ରାଜା ଓ ରାଣୀଙ୍କ ଗହଣରେ କୌଣସି କର୍ମଚାରୀ, ଭୃତ୍ୟ କିମ୍ବା ଦାସୀ ପ୍ରଭୃତି ନ ଥିଲେ । କେବଳ ରାଜା ଓ ରାଣୀ ଉଭୟେ, ଏକତ୍ର ଭାରତବର୍ଷର ପ୍ରସିଦ୍ଧ ସ୍ଥାନ ସମୂହ ଦେଖି ଆସିଥିଲେ । ରାଧାନାଥ କଥା ପ୍ରସଙ୍ଗରେ ରାଜାଙ୍କୁ କହିଲେ, ଆପଣମାନେ ତ ପ୍ରଥମଶ୍ରେଣୀର ରେଳଗାଡ଼ିରେ ଯିବେ, ମୁଁ ମଧ୍ୟମ ଶ୍ରେଣୀର ଗାଡ଼ିରେ ଯିବି । ଟିକିଏ ପୂର୍ବରୁ ଷ୍ଟେସନକୁ ନ ଗଲେ ଟିକଟ୍ କିଣିବା କଠିନ ହେବ ।

ରାଜା କହିଲେ- "ରାଧାନାଥ ବାବୁ ! ଆପଣ କ'ଣ ମନେ କରନ୍ତି, ପ୍ରଜାଙ୍କ ତଣ୍ଟିଚିପା ଟଙ୍କାରେ ମୁଁ ପ୍ରଥମ ଶ୍ରେଣୀର ଟିକଟ କିଣି ଭ୍ରମଣ କରିବି ? ଦେଖନ୍ତୁ ଆମ ଟିକଟ ।" ଏହା କହି ରାଜା ଓ ରାଣୀଙ୍କର ଦୁଇଖଣ୍ଡ ତୃତୀୟ ଶ୍ରେଣୀର ଟିକଟ (ଯାହା ପୂର୍ବରୁ କିଣା ହୋଇଥିଲା) ଦେଖାଇଲେ । ରାଧାନାଥ ଏହି ଦୃଶ୍ୟ ଦେଖି ମୁଗ୍ଧ ହେଲେ ଏବଂ ସମସ୍ତେ ଏକ ସଙ୍ଗରେ ହୁଗୁଳିରୁ କଲିକତା ପ୍ରତ୍ୟାବର୍ତ୍ତନ କରି ସେଠାରୁ ଷ୍ଟିମରରେ କଟକ ଆସିଲେ ।"

ଦୁର୍ଗାଚରଣ ରାୟ ପୁନଶ୍ଚ ଲେଖିଛନ୍ତି- "ଏହି ରାଜା ଲଡୁକେଶ୍ୱର ମାନ୍ଧାତାଙ୍କ ଭଳି ଦାନଶୀଳ ଓ ପରଦୁଃଖକାତର ରାଜା ଅତି ବିରଳ । ରାଧାନାଥଙ୍କ ସହିତ ଏହାଙ୍କର ପ୍ରଗାଢ଼ ଘନିଷ୍ଠତା ଥିଲା । ଅନେକଥର ରାଜା ମହୋଦୟ ରାଧାନାଥଙ୍କ କଟକ ବସାରେ ପଦାର୍ପଣପୂର୍ବକ ମଣୋହି ବଢ଼ାଉଥିଲେ । ଅପରାହ୍ନ ଭ୍ରମଣରେ ବାହାରିବା ସମୟରେ ପ୍ରତ୍ୟହ ତାହାଙ୍କର କୋଟ୍ ପକେଟ୍ ଟଙ୍କା, ସୁକି ଅସୁଲି ପ୍ରଭୃତିରେ ସବୁବେଳେ ପୂର୍ଣ୍ଣ ଥାଏ ଏବଂ ବିତରଣ କରି ଭ୍ରମଣ ଶେଷରେ ଯାହା ଅବଶିଷ୍ଟ ଥାଏ, ତାହା ଭୃତ୍ୟମାନେ ନେଉଥିଲେ । ସେ ସବୁର କୌଣସି ହିସାବ ରହେ ନାହିଁ । ଏହି ଅତିରିକ୍ତ ଦାନଶୀଳତା ହେତୁରୁ ପ୍ରାୟ ପ୍ରତି ମାସରେ ରାଣୀଙ୍କର ଅଳଙ୍କାର ବନ୍ଧକ ପଡ଼ି ଟଙ୍କା ଋଣ ଆସୁଥାଏ । ରାଜା ଲଡୁକେଶ୍ୱରଙ୍କର ଦାନଶୀଳତାର ଗୋଟିଏ ଉଦାହରଣ ଏଠାରେ ଅପ୍ରାସଙ୍ଗିକ ହେବ ନାହିଁ । ଥରେ ଜଣେ ବ୍ରାହ୍ମଣଙ୍କର କନ୍ୟା ଦାୟ ଉପସ୍ଥିତ ହେବାରୁ ସେ ରାଜାଙ୍କ ନିକଟରେ ଗୁହାରି କଲେ- "ଛାମୁ ! ମୋତେ ସାହାଯ୍ୟ ନ କଲେ ମୁଁ ଏହି ୯ ବର୍ଷର କନ୍ୟାଟିର ବିବାହ ଦେଇ ପାରିବି ନାହିଁ ।" ରାଜା ପଚାରିଲେ, "ବିବାହ ଆଉ କେତେ ଦିନ ଅଛି ?" ବ୍ରାହ୍ମଣ କହିଲେ- "ଆଉ ତିନିମାସ ।" ରାଜା କହିଲେ, "ବିବାହ ୧୦/୧୫ ଦିନ ବାକି ଥିବ, ସେତେବେଳେ ଆସିବ ।" ଏହା ଉତ୍ତାରୁ ଦୁଇ ମାସରୁ ଅଧିକ ସମୟ ଗତ ହେଲା । ଦିନେ ବ୍ରାହ୍ମଣ ଆସି ପହଞ୍ଚିଗଲେ । ସେତେବେଳେ ଜଣେ ବ୍ରହ୍ମପୁରର ସୁନାରି କେତେଗୁଡ଼ିଏ ସୁନାର ଅଳଙ୍କାର ବିକ୍ରୟ କରିବାକୁ ଆଣି ରାଜାଙ୍କୁ

Digitized by PPRACHIN, SOA

ଦେଖାଉଥାନ୍ତି । ରାଜା ବ୍ରାହ୍ମଣଙ୍କୁ ଦେଖି କହିଲେ, "ବସନ୍ତୁ ।" ଇତିମଧ୍ୟରେ ଗୋଟିଏ ସୁନାର କ୍ଷୁଦ୍ରହାର ରାଜାଙ୍କର ପସନ୍ଦ ହେବାରୁ ରାଜା ତାହା ଗ୍ରହଣ କରି, ଗଳାରେ ପିନ୍ଧି ଅନ୍ତଃପୁରକୁ ଗଲେ । ହାରର ମୂଲ୍ୟ ଟ୧୫୦ଙ୍କା ନିର୍ଦ୍ଦିଷ୍ଟ ହୋଇଗଲା । ରାଜାଙ୍କ ହାତରେ ତ କେତେବେଳେ ଟଙ୍କା ନ ଥାଏ । ଏଣୁ ରାଣୀଙ୍କ ନିକଟକୁ ଟଙ୍କା ସକାଶେ ରାଜାଙ୍କୁ ଯିବାକୁ ହୋଇଥିଲା ।

ରାଣୀ କହିଲେ- "ଯେବେ ହାର ଆପଣଙ୍କର ପିନ୍ଧିବାକୁ ଇଚ୍ଛା ହୋଇଥାଏ, ତେବେ ମୁଁ ଟଙ୍କା ଦେଉଛି, ଆପଣ ଆର ମାସରେ ଟଙ୍କା ଦେବେ । ଏହା କହି ରାଣୀ ଟ୧୫୦ଙ୍କା ରାଜାଙ୍କୁ ଦେଲେ । ରାଜା ଟଙ୍କା ଗ୍ରହଣ କରି ଅନ୍ତଃପୁରରୁ ବାହାରକୁ ବିଜେ ହେବା ମାର୍ଗରେ ଗଳାରୁ ହାର କାଢ଼ି ସୁନାରିକୁ ଫେରାଇ ଦେଇ କହିଲେ, "ଏ ହାର ପସନ୍ଦ ହେଲା ନାହିଁ ।" ସଙ୍ଗେ ସଙ୍ଗେ ଆନୀତ ଟ୧୫୦ଙ୍କା ମଧ୍ୟରୁ ଟ୧୦୦ଙ୍କ କନ୍ୟାଦାୟ ବ୍ରାହ୍ମଣଙ୍କୁ ଦେଲେ, ଅବଶିଷ୍ଟ ଟ୫୦ଙ୍କା ହାତଖର୍ଚ୍ଚ ନିମିତ୍ତ ପାଖରେ ରଖିଲେ । ଏହା ଦାନଶୀଳତା ଓ ହୃଦୟବତ୍ତାର ପ୍ରକୃଷ୍ଟ ଉଦାହରଣ ନୁହେଁ କି ? ଇଚ୍ଛା ଥିଲେ ଅସମୟରେ କରଜ କରି ଦାନ କରିବାକୁ ହେବ । ଏହି ନୀତିକୁ ସଂସାର ଆଜିକାଲି extravagance (ସାହାଖରଚ) କହିଥାଏ ।

ତାଳଚେରର ରାଜା କିଶୋରଚନ୍ଦ୍ରଙ୍କର ମାତା ଏହି ଲଡୁକେଶ୍ୱର ରାଜାଙ୍କର ଜ୍ୟେଷ୍ଠ ଜେମା ଏବଂ କନିକାର ମାନ୍ୟବର ରାଜା ରାଜେନ୍ଦ୍ର ନାରାୟଣଙ୍କ ସହଧର୍ମିଣୀ କନିଷ୍ଠା ଜେମା ଅଟନ୍ତି ।"

ଲଡୁକିଶୋର ସିଂହଙ୍କ ରାଜତ୍ୱ କାଳରେ T.E. Ravenshaw କଟକର କମିଶନର ଥିଲେ । ରେଭେନ୍‌ସା ସାହେବ ଏକଦା ଶୀତକାଳୀନ ଗସ୍ତରେ ନୟାଗଡ଼ ଗଡ଼ଜାତକୁ ଆସିଥିଲେ । ରାଜବାଟୀରେ ରାଜା ଲଡୁକିଶୋରଙ୍କୁ କମିଶନର ସାକ୍ଷାତ କଲେ । ରେଭେନ୍‌ସା ସାହେବ ରାଜାଙ୍କୁ କହିଥିଲେ- "ରାଜା ସାହେବ ! ମୁଁ ଅନେକ ଗଡ଼ଜାତ ବୁଲି ଯେଉଁ ରାଜାମାନଙ୍କର ଯାହା ଉତ୍କୃଷ୍ଟ ସମ୍ପତ୍ତି ରଖିଛନ୍ତି, ଦେଖିଆସିଲି । ଆପଣ କ'ଣ ଉତ୍କୃଷ୍ଟ ସମ୍ପତ୍ତି ରଖିଛନ୍ତି, ଦେଖିବାକୁ ଚାହେଁ । କମିଶନରଙ୍କ କଥା ଶୁଣି ରାଜା ସମ୍ମତି ପ୍ରଦାନ କଲେ ।

ଏହାପରେ ଇନ୍‌ସପେକ୍‌ସନ ସମାପ୍ତ ହେଲା । ରାଜା ରାଜବାଟୀର ବାଡ଼ିଘର ଅଗଣାରେ ଗୋଟିଏ ରଙ୍ଗମହଲ ଘର ପ୍ରସ୍ତୁତ କରାଇ ସେଠାରେ ନାଚଗୀତର ଆୟୋଜନ କଲେ । ସେଠାରେ ବ୍ରାହ୍ମଣ, ପୁରୋହିତ, କରଣ ଜାତିର ବିଶିଷ୍ଟ ବ୍ୟକ୍ତି, ଗଡ଼ର କେତେକ ସମ୍ମାନାସ୍ପଦ ବ୍ୟକ୍ତି ଏବଂ ସର୍ବରାକାରମାନଙ୍କୁ ବସାଇଥିଲେ । ରେଭେନ୍‌ସା ସାହେବ ଆସି ଏହି ନାଚଗୀତ କାର୍ଯ୍ୟକ୍ରମକୁ ଦେଖିଲେ । ଏହି ସମୟରେ

Digitized by PPRACHIN, SOA

ରାଜା କହିଥିଲେ- "ସାହେବ ! ମୋର ରାଜ୍ୟ ସାନ, ଖର୍ଚ୍ଚ କିନ୍ତୁ ବେଶି । ଆପଣଙ୍କୁ ଦେଖାଇବାଭଳି ସେପରି କିଛି ଜିନିଷ ନାହିଁ । ତେବେ ମୋର ଏହି ସମବେତ ପ୍ରଜାମାନେ ଉତ୍କୃଷ୍ଟ ସମ୍ପତ୍ତି । ମୋର ଅଭାବ ହେଲେ ମୁଁ ଏମାନଙ୍କ ଠାରୁ ଆଣେ ଏବଂ ସେମାନଙ୍କର ଅଭାବ ପଡ଼ିଲେ ମୁଁ ଦେଇଥାଏ ।" ରାଜାଙ୍କର ଏହି କଥା ଶୁଣି ରେଭେନ୍‌ସା ସାହେବ ଖୁସି ହୋଇଗଲେ । କହିଥିଲେ- "ଆଛା । ଆଛା ! ମୁଁ ଏ ସମ୍ପତ୍ତି ଅନ୍ୟ କେଉଁଠାରେ ଦେଖିନାହିଁ ।"

ରାଜା ଲଡୁକିଶୋର ସିଂହ ଏହିପରି ବୁଦ୍ଧିମତ୍ତାରେ କମିଶନରଙ୍କୁ ଖୁସି କରାଇଥିଲେ ।

ରାଜା ଲଡୁକିଶୋରଙ୍କ ସମୟରେ ଦଶପଲ୍ଲାର ସମକାଳୀନ ରାଜାଥିଲେ ଚୈତନ୍ୟ ଦେଓ ଭଞ୍ଜ । ସେ ଉଚ୍ଚ ଜାତିର ଭଞ୍ଜ ବଂଶ ବୋଲି ଗର୍ବ ଅନୁଭବ କରୁଥିଲେ । ଲଡୁକିଶୋର ସିଂହ ମାନଧାତା ଦଶପଲ୍ଲା ରାଜାଙ୍କ ଗର୍ବକୁ ଚୂର୍ଣ୍ଣ କରିବା ପାଇଁ ଗୋଟିଏ କୌଶଳ ଅବଲମ୍ବନ କଲେ । ସେ ଚତୁରତାର ସହିତ ଦଶପଲ୍ଲା ରାଜାଙ୍କର ନାତି ନୀଳକଣ୍ଠ ଭଞ୍ଜଙ୍କୁ କରାୟତ କରି ଦଶପଲ୍ଲା ରାଜାଙ୍କ କନ୍ୟା ଶ୍ରୀମତୀ ମାଳୀ ଦେଈଙ୍କୁ ରାତାରାତି ସବାରି ପଠାଇ ରାଜବାଟୀର ବାଡ଼ି ଦ୍ୱାର ଦେଇ ନୟାଗଡ଼କୁ ଅଣାଇଥିଲେ ଏବଂ ତାଙ୍କୁ ବିବାହ କରିଥିଲେ । ଦଶପଲ୍ଲା ରାଜା ଏହି ଘଟଣାରେ ଲଜ୍ଜିତ ହୋଇଥିଲେ ।

ରାଜା ଲଡୁକିଶୋରଙ୍କ ସମୟରେ ବଡ଼ମ୍ବା ଷ୍ଟେଟ୍ କୋର୍ଟ ଅଫ୍ ୱାଡସ୍ ହେଲା । ରାଜା ଲଡୁକିଶୋର ବଡ଼ମ୍ବା ଷ୍ଟେଟ୍‌ର ୫ ଗୋଟି ହାତୀ, ୨୦ ଗୋଟି ଘୋଡ଼ା ନିଲାମରେ କ୍ରୟ କରିଥିଲେ । ବନାରସର ମହାଜନଙ୍କ ଠାରୁ ରୂପାଚୌକି, ରୂପାର ହାଉଦା, ରୂପା ଚମଦାନି, ୫ ଗୋଟି ବଡ଼ ବଡ଼ ଗାଲିଚା, ବଡ଼ଚାନ୍ଦୁଆ, ବାସନକୁସନ ଇତ୍ୟାଦି କ୍ରୟ କରିଥିଲେ ।

ରାଜା ଲଡୁକିଶୋର ସିଂହ ନିଜ ନାମରେ କୁମ୍ଭାରିଆ ଲଡୁକିଶୋରପୁର, କୁରୁଡ଼ା ଲଡୁକିଶୋରପୁର, ଡିଆଁପଡ଼ା ବିଜେମାନ୍ଧାତାପୁର, ପାଣହାଣ୍ଡିଆ ଲଡୁକିଶୋରପୁର ଗ୍ରାମ ପ୍ରତିଷ୍ଠା କରିଥିଲେ । ବଡ଼ରାଣୀଙ୍କ ନାମରେ ଘସାଦେଈପୁର ବ୍ରାହ୍ମଣ ଶାସନ ପ୍ରତିଷ୍ଠା କରିଥିଲେ ।

ରାଜା ଲଡୁକିଶୋର ସିଂହ ରୁକ୍ଷି ପାହାଡ଼ ଶୀର୍ଷରେ ରାଜବାଟୀ ନିର୍ମାଣ କରି ସେଠାରେ ବର୍ଷର ଅନେକ ସମୟ ବିତାଉ ଥିଲେ । ଗ୍ରୀଷ୍ମଋତୁରେ ତୁଳସୀପୁର, ଭାଟସାହି, ନବଘନପୁର ଓ ଜୟପୁର ମୌଜାର ପ୍ରଜାମାନେ ଜଳ ଯୋଗାଉଥିଲେ । ରୁକ୍ଷିପାହାଡ଼ ଉପରେ ହୋଇଥିବା ରାଜବାଟୀର ଭଗ୍ନାବଶେଷ ବର୍ତ୍ତମାନ ମୂକସାକ୍ଷୀ ସ୍ୱରୂପ ରହିଛି ।

ଲଡୁକିଶୋର ସିଂହଙ୍କ ରାଜତ୍ୱକାଳରେ ନୟାଗଡ଼ରେ ଭର୍ଣ୍ଣାକୁଲାର ସ୍କୁଲ, ସଂସ୍କୃତ ଟୋଲ, ଡାକ୍ତରଖାନା, ସଦରଥାନା, ସ୍ୱପ୍ନେଶ୍ୱରଦେବଙ୍କ ପାର୍ଶ୍ୱବର୍ତ୍ତୀ କୋଠି ଗୁଣ୍ଡିଚା ମଣ୍ଡପ ନିର୍ମାଣ କରାଇଥିଲେ । ଏହି ରାଜାଙ୍କ ରାଜତ୍ୱ ସମୟରେ ନୟାଗଡ଼-ବୋଲଗଡ଼ ରାସ୍ତା ଏବଂ ନୟାଗଡ଼-ଦଶପଲ୍ଲା ରାସ୍ତା ନିର୍ମାଣ ହୋଇଥିଲା ।

Digitized by PPRACHIN, SOA

ରାଜା ଲଡୁକେଶ୍ୱର ସିଂହ ମାନଧାତା ସାହିତ୍ୟ ରସିକ ଥିଲେ । ସେ "ଭାଗ୍ୟ ବିଡ଼ମ୍ବନା" ଶିରୋନାମାରେ ଗୀତିକାଟିଏ ରଚନା କରିଥିଲେ । ଗୀତିକାଟି ଏହିପରି-

"କରମକୁ ମୋର କନକ
ବଳିଗଲା କି ପଥର
କରକଶ ନବନୀତ ହୋଇଲା
କପିଳା ଦାନେ କଳୁଶ ଜନ୍ମିଲା ।
କରି କୁମ୍ଭସ୍ତନା ସହାୟ ଥିଲା
କୋପେ ମନସିଜ ବ୍ୟାକୁଳ କଲା ।୧।

କୁସୁମ କାର୍ମୁକ ପରଅର୍ଚ୍ଚନ
କରିଥିବା ଜନ ନ ପାଏ ଅନ୍ନ
କଳ୍ପତରୁ ତଳେ କରି ସଦନ
କରିବା ସଙ୍କଳ୍ପ ନୋହିଲା ପୂର୍ଣ୍ଣ ।୨।
କଂସ ଅରାତିକି କରି ସରଣ
କୃତାନ୍ତ ଦଣ୍ଡକୁ ହେଲି କାରଣ
କରି ନଉକାବର ଆରୋହଣ
କାଳନ୍ଦୀରେ ବୁଡ଼ି ଯାଉଛି ପ୍ରାଣ ।୩।

କନ୍ଦ ମିଶାସର ଅଶନୁ ଜାତ
କରାଉଅଛି ଯେ କଟୁ ତିକତ
କଳାକର ମୁଖୀ ଅଙ୍କରେ ସ୍ଥିତ
କରିଥିଲି କାମ ନେଲା ଜୀବିତ ।୪।
କରି ଅବଗାହ ଜାହ୍ନବୀ ନୀରେ
କଣ୍ଠ ନାଶ ଯାଉଅଛି ତୃଷାରେ
କର୍ପୂର ଚନ୍ଦନ ଥାଇ ଅଙ୍ଗରେ
କଳ୍ପାନ୍ତ ଖରା ସମ ବ୍ୟଥାକରେ ।୫।
କର କଳିତେ ଥିଲା ଚିନ୍ତାମଣି
କ୍ଳେଶ ମାତ୍ର ତେବେ ନ ଗଲା ପୁଣି
କହି କର୍ଣ୍ଣପ୍ରିୟ ମଧୁର ବାଣୀ
କି କଲେ ଲଡୁକେଶ ନୃପମଣି" ।୫।

Digitized by PPRACHIN, SOA

୧୮୮୭ ମସିହା ଭାଦ୍ରବମାସ ଶୁକ୍ଳପକ୍ଷ ଅଷ୍ଟମୀଦିନ ବଡ଼ରାଣୀ ଘସାଦେଈଙ୍କର ବିୟୋଗ ହୋଇଥିଲା । ଏହାପରେ ସାନରାଣୀ ପାଟ ମହାଦେଈ ହେଲେ । ସେ ନନ୍ଦିଘୋର ରଏତି ବାଡ଼ମଉଜା ପାଇଲେ । ନନ୍ଦିଘୋର ମୌଜାକୁ ବନ୍ଦାଣ ମୌଜା କୁହାଯାଏ ।

୧୮୮୯ ମସିହା ମାର୍ଚ୍ଚ ମାସ ୩୧ ତାରିଖରେ ରାଜା ଲଡୁକିଶୋର ସିଂହ କଟକ ଠାରେ ପରଲୋକ ଗମନ କଲେ ।

୨୩. ବଳଭଦ୍ର ସିଂହ ମାନଧାତା (୧୮୮୯-୧୮୯୦) :

ରାଜା ବଳଭଦ୍ର ସିଂହ ହେଉଛନ୍ତି ବଘେଲ ବଂଶର ଶେଷ ଦାୟାଦ । ରାଜା ହେବା ସମୟରେ ବଳଭଦ୍ର ସିଂହଙ୍କୁ ବାଇଶି ବର୍ଷ ହୋଇଥିଲା । ସେ କଟକ ଯାଇ କମିଶନରଙ୍କୁ ସାକ୍ଷାତ କରିଥିଲେ । ସେ ପୂରା କ୍ଷମତାପ୍ରାପ୍ତ ହୋଇଥିଲେ । ସେ ଧାର୍ମିକ ଓ ପ୍ରଜାବତ୍ସଳ ରାଜାଥିଲେ । ତାଙ୍କ ରାଜତ୍ୱ କାଳରେ ଦୁର୍ଭିକ୍ଷ ଦେଖାଦେଇଥିଲା । ସେ କେବଳ ଗୋଟିଏ ବର୍ଷ ପାଇଁ ରାଜା ଥିଲେ । ଏହାପରେ ଗୋଟିଏ ବର୍ଷପରେ ତାଙ୍କର ମୃତ୍ୟୁ ଘଟିଥିଲା । ୧୮୯୦ ମସିହା ମାର୍ଚ୍ଚ ମାସ ୧୦ ତାରିଖରେ ରାଜା ବଳଭଦ୍ର ସିଂହ ନିମୋନିଆ ରୋଗରେ ପଡ଼ି ମୃତ୍ୟୁବରଣ କଲେ । ତାଙ୍କ ସମ୍ପର୍କରେ L.E.B. Cobden Ramsay ଲେଖିଛନ୍ତି- "The twentythird Chief was the last of the lineal descendants of Surjyamani Singh. He hold the gadi for 12 months and was succeded by a Raja Raghunath Singh, a blood relation, who died without heirs in 1897, and on his death-bed authorised his younger Rani to adopt a son."

୨୪. ରଘୁନାଥ ସିଂହ ମାନଧାତା (୧୮୯୦-୧୮୯୭) :

ରଘୁନାଥ ସିଂହ ୧୦/୦୩/୧୮୯୦ରେ ସିଂହାସନ ଆରୋହଣ କଲେ । ଏହି ସମୟରେ ଖଣ୍ଡପଡ଼ାର ରାଜା ନଟବର ସିଂହ ମର୍ଦ୍ଦରାଜ ନୟାଗଡ଼ ରାଜଗାଦିକୁ ଦାବୀ କରିଥିଲେ । ସେଥିପାଇଁ ସେ ମକଦ୍ଦମା ଦାୟର କରିଥିଲେ । ତାଙ୍କର ଯୁକ୍ତି ଥିଲା ଯେ ରଘୁନାଥ ସିଂହ ସାମନ୍ତ ଜାତିଆ ସାମନ୍ତ ନୁହଁନ୍ତି । ମାତ୍ର ରଘୁନାଥ ସିଂହ ମାନଧାତା ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ଏ କ୍ଷେତ୍ରରେ ସାମନ୍ତ ଚନ୍ଦ୍ରଶେଖର ଓ ନୟାଗଡର ତ୍ତକାଳୀନ ଦେବାନଙ୍କ ସହାୟତା ଯୋଗୁଁ ରାଜା ଜୟ ଲାଭ କରିଥିଲେ । ଫଳରେ ଉଭୟ ରାଜାଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିଲା ।

ରଘୁନାଥ ସିଂହ ରାଜତ୍ୱର ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ଆର୍ଥିକ ଅବସ୍ଥାକୁ ସୁଧାରିବା ପାଇଁ କେତେଗୁଡିଏ ପଦକ୍ଷେପ ନେଇଥିଲେ । ସେ ତାଙ୍କର ଅସାଧୁ ଓ ଅଦମନୀୟ ଦେବାନ କ୍ଷେତ୍ରୀବର ସିଂହଙ୍କୁ କାର୍ଯ୍ୟରୁ ବହିଷ୍କାର କରିଥିଲେ ଏବଂ ତାଙ୍କ

Digitized by PPRACHIN, SOA

ସ୍ଥାନରେ ଗୋପାଳ ସାନ୍ତରାଙ୍କୁ ନିଯୁକ୍ତ କରିଥିଲେ । ସେ ରାଜ୍ୟର ପ୍ରତ୍ୟେକ ଚାଷୀ ଉପରେ ଆଠଅଣା ଲେଖାଏଁ ଏକ ନୂତନ କର ବସାଇଲେ । ରାଜ୍ୟର ପ୍ରତ୍ୟେକ ପ୍ରଜା ଜଙ୍ଗଲରୁ କାଠ ଆଣି ଜାଳେଣି ରୂପେ ବ୍ୟବହାର କରୁଥିଲେ । ସେହିପରି ଜଙ୍ଗଲରୁ ଗଛକାଟି ଶଗଡ ଓ ଘର ନିର୍ମାଣ କରୁଥିଲେ । ରାଜା ରଘୁନାଥ ସିଂହ ମାନଧାତା ସେମାନଙ୍କ ଉପରେ ଚାରିଅଣା ଲେଖାଏଁ କର ବସାଇଲେ । ଏହାଫଳରେ ରାଜ୍ୟର ନିରୀହ ପ୍ରଜାମାନେ ରାଜାଙ୍କର ଅମଲାବର୍ଗଙ୍କ ଦ୍ୱାରା ଶୋଷିତ ହେବାକୁ ଲାଗିଲେ । ଏତଦ୍‌ବ୍ୟତୀତ ନୟାଗଡ ରାଜ୍ୟରେ ବସବାସ କରୁଥିବା କନ୍ଧ ଉପଜାତିର ଲୋକମାନଙ୍କ ଉପରେ ରାଜା ରଘୁନାଥ ସିଂହ ଓ ତାଙ୍କର ମ୍ୟାନେଜର

ରାଜା ରଘୁନାଥ ସିଂହ ମାନଧାତା ।

ଅଧିକ କର ବସାଇଲେ । ଏହାପୂର୍ବରୁ କନ୍ଧମାନେ ରାଜାଙ୍କୁ କର ବାବଦରେ ନିର୍ଦ୍ଦିଷ୍ଟ ପରିମାଣର ଜହ୍ନା, ବାଜରା ଓ ପନିପରିବା ବାର୍ଷିକ ଭେଟି ଦେଉଥିଲେ । କିନ୍ତୁ ରଘୁନାଥ ସିଂହଙ୍କ ମ୍ୟାନେଜର କନ୍ଧ ଲୋକମାନଙ୍କ ଉପରେ ମନଇଚ୍ଛା କରର ପରିମାଣ ବଢାଇ ଦେଉଥିଲେ । ବନଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳୁଥିବା କନ୍ଧ ଲୋକମାନଙ୍କୁ ଏହା ଗଭୀର ଭାବରେ ମର୍ମାହତ କଲା । ରାଜା ଓ ତାଙ୍କର କର୍ମଚାରୀ ମାନଙ୍କୁ ଜଙ୍ଗଲଜାତ ଫଳମୂଳ, ପନିପରିବା, ମହୁ, ଅଣ୍ଡା, ପକ୍ଷୀ ଏବଂ ଛେଳି ମାଗଣାରେ ଯୋଗାଇବାକୁ କନ୍ଧମାନଙ୍କୁ ବାଧ୍ୟ କରାଗଲା । ଏହି ବେଆଇନ୍ ଧାର୍ଯ୍ୟ କନ୍ଧମାନଙ୍କ ମନରେ ଘୋର ଅଶାନ୍ତି ଓ ବିରକ୍ତିଭାବ ସୃଷ୍ଟିକଲା । ଯେହେତୁ କନ୍ଧମାନଙ୍କର ନିର୍ଦ୍ଧାରିତ ଆୟପନ୍ଥା ନାହିଁ, ସେମାନଙ୍କୁ ନୈତିକ ଦୃଷ୍ଟିକୋଣରୁ କରରୁ ମୁକ୍ତ କରିବା ଉଚିତ ଥିଲା । କିନ୍ତୁ ରାଜା ରଘୁନାଥ ସିଂହ କିମ୍ବା ତାଙ୍କର ଅଧିକାରୀମାନେ ଏହା ଉପଲବ୍ଧି କରି ନ ଥିଲେ । ଏହିସବୁ କାରଣ ଗୁଡିକ ପ୍ରଜାମାନଙ୍କ ମନରେ ଗଭୀର ଅସନ୍ତୋଷ ସୃଷ୍ଟି କରିଥିଲା । ତେଣୁ ୧୮୯୩ ମସିହାରେ ରାଜ୍ୟବ୍ୟାପୀ ବିଦ୍ରୋହ ଦେଖାଦେଲା । ରାଜା ରଘୁନାଥ ସିଂହଙ୍କୁ ମ୍ୟାନେଜର ଗୋପାଳ ସାନ୍ତରା ଭୁଲବାଟରେ ପରିଚାଳିତ କରୁଥିବାରୁ ରାଜା ପ୍ରଜାମାନଙ୍କ ପ୍ରତି ଅତ୍ୟନ୍ତ ଉଦାସୀନ ଥିଲେ । ।

Digitized by PPRACHIN, SOA

ରାଜାଙ୍କର ପୂର୍ବ ଦେବାନ କ୍ଷେତ୍ରୀବର ସିଂହ ସମଗ୍ର ରାଜ୍ୟରେ ଅଧିକ ପ୍ରଭାବ ପକାଇଥିଲେ । ତାଙ୍କୁ ମଧ୍ୟ ବହିଷ୍କାର କରାଯିବା ଘଟଣାଟି ବିଦ୍ରୋହର ଆଉ ଗୋଟିଏ କାରଣ ଥିଲା । ରାଜାଙ୍କର ଦେବାନ ଥିବା ସମୟରେ କ୍ଷେତ୍ରୀବର ସିଂହ ବହୁ ଧନସମ୍ପତ୍ତି କମାଇଥିଲେ । ରାଜ୍ୟରେ ତାଙ୍କର ଅନେକ ଅନୁଚର ଥିଲେ ଯେଉଁମାନେ କି ତାଙ୍କ ସମୟରେ ଅବୈଧ ଉପାୟରେ ବଳପୂର୍ବକ ଧନସମ୍ପତ୍ତି ଗ୍ରହଣ କରୁଥିଲେ । କ୍ଷେତ୍ରୀବର ସିଂହ ମଧ୍ୟ ରାଜା ରଘୁନାଥଙ୍କ ଶତ୍ରୁ ଖଣ୍ଡପଡା ରାଜା ନଟବର ସିଂହ ମର୍ଦ୍ଦରାଜଙ୍କ ସହିତ ଉତ୍ତମ ସମ୍ପର୍କ ରଖିଥିଲେ । ତେଣୁ କ୍ଷେତ୍ରୀବର ସିଂହ ତାଙ୍କର ଅନୁଗାମୀ ଏବଂ ଖଣ୍ଡପଡ଼ା ରାଜା ନଟବର ସିଂହ ମର୍ଦ୍ଦରାଜଙ୍କ ସହାୟତାରେ ରାଜା ରଘୁନାଥ ସିଂହ ମାନଧାତାଙ୍କ ବିରୋଧରେ ଚକ୍ରାନ୍ତ ଆରମ୍ଭ କରିଦେଇଥିଲେ । ଏହି ସମ୍ବାଦଟି ୧୮୯୪ ମସିହା ଏପ୍ରିଲ ୧୧ ଉତ୍କଳ ଦୀପିକାରେ ପ୍ରକାଶ ପାଇଥିଲା ।

ଇତିମଧ୍ୟରେ ନୟାଗଡ଼ ରାଜ୍ୟର ପ୍ରଜାମାନେ ନୂଆରାଜା ରଘୁନାଥ ସିଂହ ମାନଧାତା କିମ୍ବା ତାଙ୍କର ଦେବାନ ବାବୁ ଗୋପାଳ ସାନ୍ତରା ଯେ କି ଟ୍ରିବୁଟାରୀ ମହଲ୍ସର ଅଧିକ୍ଷକ, କଟକଙ୍କ ଦ୍ୱାରା ପ୍ରତିନିଧିତ୍ୱ କରୁଥିଲେ ତାଙ୍କ ଅଧୀନରେ ମଧ୍ୟ ସୁଖ ଓ ସୁବିଧାରେ କାଳାତିପାତ କରୁ ନଥିଲେ । ଲୋକମାନଙ୍କ ଉପରେ ଅସହ୍ୟ, ପୀଡାପୂର୍ଣ୍ଣ ନୀତି ପୂର୍ଣ୍ଣମାତ୍ରାରେ ରହିଥିଲା ଏବଂ ଲୋକମାନଙ୍କର ଶୋଚନୀୟ ଅବସ୍ଥା କହିଲେ ନ ସରେ । ରାଜାଙ୍କର ଅନ୍ୟାୟ ବିଚାର ଏବଂ ପୋଲିସ୍‌ର ଅତ୍ୟାଚାର ପ୍ରଜାମାନଙ୍କର ଦୁଃଖକୁ ଆହୁରି ବହୁଗୁଣିତ କରିଦେଇଥିଲା । ଏହା ଏକ ଅଦ୍ଭୁତ ବିଚାର ଥିଲା ଯେ ଯଦି କୌଣସି ବ୍ୟକ୍ତି ରାଜଦରବାରକୁ କୌଣସି ଅଭିଯୋଗ ନେଇ ଯାଉଥିଲା, ତେବେ ବିନା ତଦନ୍ତରେ ସେହି ବ୍ୟକ୍ତିକୁ କଠୋର ଭାବରେ ଦଣ୍ଡବିଧାନ କରାଯାଉଥିଲା । ଏପରିକି ରାଜ୍ୟର ରୟତମାନେ ସେମାନଙ୍କର ଦୁଃଖକୁ ରାଜାଙ୍କୁ ଜଣାଇବାପାଇଁ ସେମାନଙ୍କୁ ଅନୁମତି ମିଳୁ ନଥିଲା । ଅନ୍ୟପକ୍ଷରେ, ସେମାନଙ୍କୁ ନିର୍ଦ୍ଦୟ ଭାବରେ ମାଡ ଦିଆଯାଉଥିଲା ଏବଂ ରାଜାଙ୍କର ଅଧୀନସ୍ଥ ନିମ୍ନଶ୍ରେଣୀର କର୍ମଚାରୀମାନେ ସେମାନଙ୍କୁ ଜେଲରେ ବନ୍ଦୀକରି ରଖୁଥିଲେ । ଏତଦ୍‌ବ୍ୟତୀତ, ଏହି ସମୟରେ ନୟାଗଡଠାରୁ ମହିତମା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଗଲା । ଏହି ରାସ୍ତା ନିର୍ମାଣପାଇଁ ଗରିବ ଚାଷୀମାନେ ସେମାନଙ୍କ ଚାଷ ଜମିକୁ ହସ୍ତାନ୍ତର କଲେ । କିନ୍ତୁ ଯେଉଁ ଚାଷୀମାନେ ଜମି ହସ୍ତାନ୍ତର କଲେ ନାହିଁ, ମ୍ୟାନେଜର ସେମାନଙ୍କୁ ମନମୁଖୀ ଭାବରେ ଅର୍ଥ ଜୋରିମାନା କଲେ । ପୁନଶ୍ଚ ରାସ୍ତାକାମ ପାଇଁ ପ୍ରଜାମାନଙ୍କୁ ବିନା ପାରିଶ୍ରମିକରେ ବେଠି ଭାବରେ ନିଯୁକ୍ତି କରାଗଲା । ଯେଉଁ ଚାଷୀମାନେ ରାସ୍ତା ନିର୍ମାଣ ପାଇଁ ଜମି ଛାଡିଥିଲେ, ସେମାନଙ୍କୁ କ୍ଷତିପୂରଣ ମଧ୍ୟ ମିଳିଲା ନାହିଁ । ଏହା ନିଶ୍ଚିତ ଭାବରେ ଗରିବ

Digitized by PPRACHIN, SOA

ପ୍ରଜାଙ୍କ ପ୍ରତି ଘୋର ଅନ୍ୟାୟ ଥିଲା ଏବଂ ଗରିବ ଗ୍ରାମବାସୀମାନେ ସେମାନଙ୍କର ଦୁଃଖର ପ୍ରତିକାର କରିପାରୁ ନଥିଲେ ।

ରାଜା ରଘୁନାଥ ସିଂହ ମାନଧାତାଙ୍କ ରାଜତ୍ୱ ସମୟରେ ରାଜ୍ୟରେ ପୋଲିସ୍ ଜୁଲୁମ ଓ ଅତ୍ୟାଚାର ଶୀର୍ଷ ସ୍ଥାନରେ ପହଞ୍ଚିଲା । ଗ୍ରାମୀଣ ଲୋକମାନଙ୍କ ପ୍ରତି ପୋଲିସ୍‌ର ଅତ୍ୟାଚାର ଅତ୍ୟନ୍ତ ଅସହ୍ୟ ଥିଲା । ପୋଲିସ୍ କର୍ମଚାରୀମାନେ ଗାଁର ସରଳ ଓ ନିରୀହ ଲୋକମାନଙ୍କ ଠାରୁ ଉତ୍କୋଚ ଗ୍ରହଣ କରୁଥିଲେ । ଯଦି କୌଣସି ବ୍ୟକ୍ତି ପୋଲିସ୍ ମାଗୁଥିବା ଦ୍ରବ୍ୟ ଦେବାପାଇଁ ମନା କରୁଥିଲା, ତେବେ ତାକୁ ନିଷ୍ଠୁର ମାଡ ଦିଆଯାଉଥିଲା କିମ୍ବା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଉଥିଲା । ଏପରିକି ବେଳେବେଳେ ମିଥ୍ୟା ଅଭିଯୋଗରେ ସେମାନଙ୍କୁ ଜେଲ ମଧ୍ୟରେ ବନ୍ଦୀକରି ରଖାଯାଉଥିଲା । ଗାଁକୁ ପୋଲିସ୍ ଆସିବା ଖବର ଶୁଣିଲେ ସାଧାରଣ ଲୋକମାନଙ୍କର ଘରର ତାଟି କବାଟ ପଡିଯାଉଥିଲା କିମ୍ବା କେତେକ ଲୋକ ଜଙ୍ଗଲକୁ ଲୁଚିବା ପାଇଁ ପଳାଇଯାଉଥିଲେ । ନିରୀହ ଓ ସରଳ ଗ୍ରାମବାସୀମାନଙ୍କର ଏହି ଦୟନୀୟ ଓ ଶୋଚନୀୟ ଅବସ୍ଥାକୁ ୧୮୯୩ ମସିହା ମେ'ମାସ ୫ ତାରିଖରେ ଉତ୍କଳଦୀପିକା ପ୍ରକାଶ କରିଥିଲେ ।

ବହିଷ୍କୃତ ଦେବାନ କ୍ଷେତ୍ରୀବର ସିଂହ ନୟାଗଡ ରାଜ୍ୟରୁ ବିତାଡିତ ହେବାପରେ ଖଣ୍ଡପଡା ରାଜ୍ୟରେ ଅବସ୍ଥାନ କରୁଥିଲେ । ସେ ଖଣ୍ଡପଡାର ତତ୍କାଳୀନ ରାଜା ନଟବର ସିଂହ ମର୍ଦ୍ଦରାଜଙ୍କ ସହ ଗୁପ୍ତ ସମ୍ପର୍କ ରଖିଥିଲେ । ୧୮୯୩ ମସିହା ଅପ୍ରେଲ ମାସ ୧୦ ତାରିଖରେ କ୍ଷେତ୍ରୀବର ସିଂହ କେତେକ ମେଳିଆଙ୍କୁ ନେଇ ନୟାଗଡରେ ମେଳି ଆରମ୍ଭ କରିଥିଲେ । ସେମାନେ ପ୍ରଥମେ ନୟାଗଡ ଗଡଜାତରେ ମ୍ୟାନେଜର ଗୋପାଳ ସାନ୍ତରାଙ୍କୁ ଆକ୍ରମଣ କଲେ । ଆକ୍ରମଣକାରୀଙ୍କ ଭୟରେ ଗୋପାଳ ସାନ୍ତରା ଅତ୍ୟନ୍ତ ଚତୁରତାର ସହିତ ଖସି ପଳାଇଲେ । ୧୫ ଦିନ ମଧ୍ୟରେ କ୍ଷେତ୍ରୀବର ସିଂହ ପ୍ରାୟ ୫୦୦ ଜଣ ଅସନ୍ତୁଷ୍ଟ ମେଳିଆଙ୍କୁ ଏକାଠି କରି ଏପ୍ରିଲ ୨୫ ତାରିଖରେ ନୟାଗଡ ରାଜ୍ୟରେ ନାନା ବ୍ୟୁତ୍ପାତ ଘଟାଇଲେ । ବିଦ୍ରୋହୀମାନେ ନୟାଗଡରେ ଲୁଟତରାଜ, ହତ୍ୟା, ଲୁଣ୍ଠନ, ଗୃହଦାହ ପ୍ରଭୃତି ଅଭାବନୀୟ ଘଟଣାମାନ ଘଟାଇଥିଲେ । କ୍ରମେ ବିଦ୍ରୋହୀଙ୍କ ସଂଖ୍ୟା ୮୦୦କୁ ଛୁଇଁଗଲା । କ୍ଷେତ୍ରୀବର ସିଂହଙ୍କ ନେତୃତ୍ୱରେ ସେମାନେ ନୟାଗଡ-ଖଣ୍ଡପଡା ସୀମାରେ ଗୋଟିଏ ଗଡ ପ୍ରତିଷ୍ଠାକରି ଅବସ୍ଥାନ କଲେ ଏବଂ ନାନା ପ୍ରକାର ଉପଦ୍ରବ କରିବାକୁ ଲାଗିଲେ । ଫଳରେ ନୟାଗଡ ରାଜ୍ୟ ଏକ ବିଷମ ସଙ୍କଟରେ ସମ୍ମୁଖୀନ ହେଲା ।

ମେଳିଆଙ୍କ ଦ୍ୱାରା ଆକ୍ରାନ୍ତ ହୋଇଥିବା ମ୍ୟାନେଜର ଗୋପାଳ ସାନ୍ତରା ୧୮୯୩ ମସିହା ଏପ୍ରିଲ ୨୩ ତାରିଖରେ କଟକକୁ ପଳାୟନ କଲେ । ଏ ସମ୍ବାଦଟି ୧୮୯୩ ମସିହା ଅପ୍ରେଲ ୨୯ ତାରିଖ ଉତ୍କଳ ଦୀପିକାରେ ପ୍ରକାଶ ପାଇଥିଲା ।

Digitized by PPRACHIN, SOA

ରାଜ୍ୟର ପରିସ୍ଥିତିକୁ ସମ୍ଭାଳିବା ପାଇଁ ରାଜା ରାଜବାଟୀରେ ଏକୁଟିଆ ହୋଇଗଲେ । ତାଙ୍କ ଜୀବନପ୍ରତି ମଧ୍ୟ ବିପଦ ଘନେଇ ଆସିଲା । ତେଣୁ ସେ ତତ୍‌କ୍ଷଣାତ୍ କଟକରେ ରହୁଥିବା ଗଡଜାତ ମହଲର ସୁପରିଟେଣ୍ଡେଣ୍ଟ ନିକଟକୁ ତାର ବାର୍ତ୍ତା କରିଥିଲେ । ଫଳରେ ଅପ୍ରେଲ ମାସ ୨୯ ତାରିଖରେ କଟକରୁ ପୋଲିସ୍ ଫୋର୍ଶ ଆସି ନୟାଗଡ ରାଜ୍ୟରେ ପହଞ୍ଚିଲେ । ତଥାପି ବିଦ୍ରୋହ ଚାଲୁରହିଥିଲା । ୧୮୯୩ ମସିହା ମେ ୬ ତାରିଖର ଉତ୍କଳ ଦୀପିକାରେ ପ୍ରକାଶିତ ହେଲା-- "ନୟାଗଡ ଜିଲ୍ଲାର ଗୋଳମାଳ ଏ ପର୍ଯ୍ୟନ୍ତ ସ୍ଥଗିତ ହୋଇନାହିଁ । ଲୋକମାନେ ମେଳିବାନ୍ଧି ଖଣ୍ଡପଡା ଓ ନୟାଗଡ ସୀମା ସ୍ଥାନରେ ଏକତ୍ରିତ ହେବାର ଶୁଣାଯାଉଅଛି । ମ୍ୟାନେଜର ବାବୁ ଗୋପାଳ ସାନ୍ତରା କଟକକୁ ପଳାୟନ କରି ଆସିଛନ୍ତି ଏବଂ ସେଠା ଗୋଳମାଳର ବିବରଣମାନ ସୁପରିଟେଣ୍ଡେଣ୍ଟ ସାହେବଙ୍କୁ ଜଣାଇ ଅଛନ୍ତି । ଗୋଳମାଳର ପ୍ରଧାନ ନେତା ପୂର୍ବ ଦେବାନ ବୋଲି କଥିତ ହୁଏ । ବର୍ତ୍ତମାନ ତାଙ୍କୁ କଟକକୁ ଆସିବାର ଆଦେଶ ହୋଇଛି । ମ୍ୟାନେଜରଙ୍କ ବିରୁଦ୍ଧରେ ମେଳି ହୋଇଥିବାର ଜନରବ ଉଠିଅଛି । କେନ୍ଦୁଝରରେ ମ୍ୟାନେଜର ଘେନି ଯେ ରୂପ ଅବସ୍ଥା ହୋଇଛି, ତାହା ଆଜି ପର୍ଯ୍ୟନ୍ତ ସଜାଡି ହେଲା ନାହିଁ । ପୁଣି ଅନ୍ୟ ଏକ ଗଡରେ ମ୍ୟାନେଜର ଘେନି ଯଦ୍ୟପି ମେଳି ହୋଇଥାଏ, ତେବେ ମ୍ୟାନେଜରଙ୍କର ଶୀଘ୍ର ବିଦାୟ ଗ୍ରହଣ କରିବା ଉଚିତ । ଗଡଜାତିମାନେ ଏକ ବୁଝା । କାହାରିକୁ ଦୋଷୀ ବୁଝିଲେ ତାଙ୍କ ବିରୁଦ୍ଧରେ ଏକ ମେଳି ଥିବାର ଦେଖାଯାଉଅଛି । ଅତଏବ ମ୍ୟାନେଜରଙ୍କୁ ସ୍ଥାନାନ୍ତରିତ କରିବା ପକ୍ଷରେ ସୁପରିଟେଣ୍ଡେଣ୍ଟ ସାହେବ ହସ୍ତକ୍ଷେପ କରିପାରନ୍ତି । କିନ୍ତୁ ତତ୍‌ପୂର୍ବରୁ ପ୍ରକୃତ ଅବସ୍ଥା ବୁଝିବା ନିମନ୍ତେ ସୁପ୍ରଣ୍ଡ ସାହେବ ମହୋଦୟ ଅଥବା ଅନ୍ୟ କର୍ମଚାରୀ ସର୍ ଜମିନ୍‌କୁ ଯିବାର କର୍ତ୍ତବ୍ୟ ।"

ଏହି ସମସ୍ତ ଘଟଣାର ତଦନ୍ତ କରିବାପାଇଁ ସରକାର ଗଡ଼ଜାତ ମହଲ୍‌ସର ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ବାବୁ ସୁଦାମ ଚରଣ ନାୟକଙ୍କୁ ନୟାଗଡ଼ ପଠାଇଲେ । ୧୮୯୩ ମସିହା ମେ ମାସ ୧୪ ତାରିଖରେ ସୁଦାମ ଚରଣ ନୟାଗଡ଼ରେ ପହଞ୍ଚିଲେ । ଏହାର ସବିଶେଷ ବିବରଣୀଟି ୧୮୯୩ ମସିହା ମେ ମାସ ୧୩ ତାରିଖରେ 'ଉତ୍କଳଦୀପିକା'ରେ ପ୍ରକାଶ ପାଇଥିଲା— "ନୟାଗଡର ଗୋଳମାଳ ଅନୁସନ୍ଧାନ କରିବା ପାଇଁ ସହକାରୀ ଗଡ଼ଜାତ ସୁପ୍ରଣ୍ଟ ବାବୁ ସୁଦାମ ଚରଣ ପଟ୍ଟନାୟକ ଗତ ବୁଧବାର ଏଠାରୁ ଯାତ୍ରା କରିଅଛନ୍ତି । ବରଖାସ୍ତ ଦେବାନ ସୁପ୍ରଣ୍ଟ ସାହେବଙ୍କ ଆଦେଶମତେ ଏଠାକୁ ଆସିଥିଲେ ଏବଂ ଏଠାରେ ରହିବାର କଥା ଥିଲା । ସୁଦାମ ବାବୁ ଅନୁସନ୍ଧାନ କରିବାକୁ ଯିବାରୁ ଦେବାନ ସାହେବଙ୍କ ଅନୁମତିରେ ଓକୀଲ ଘେନି ଗଡକୁ ଯାଇଅଛନ୍ତି । ରାଜାଙ୍କ ପକ୍ଷରୁ ମଧ୍ୟ ଦୁଇଜଣ ଓକୀଲ ଯାଇଛନ୍ତି । ପୁଲିସ୍

Digitized by PPRACHIN, SOA

ବଦଳରେ ଓକୀଲମାନଙ୍କର ଲୋଡାହେବା ଶୁଭ ଲକ୍ଷଣ ଅଟଇ । କାରଣ ଏଥିରୁ ବୋଧ ହେଉଅଛି ଯେ ଲୋକମାନେ ବେଆଇନ୍ କାର୍ଯ୍ୟ ଛାଡି ବିଚାର ଲୋଡ଼ିବାକୁ ପ୍ରବୃତ୍ତ ହୋଇଅଛନ୍ତି । ପ୍ରଜାମାନେ ମ୍ୟାନେଜର ବାବୁ ଗୋପାଳ ସାନ୍ତରାଙ୍କ ଅତ୍ୟାଚାରମାନ ଦର୍ଶାଇ ତାହାଙ୍କୁ ବରଖାସ୍ତ ଓ ବରଖାସ୍ତି ଦେବାନଙ୍କୁ ନିଯୁକ୍ତି ନ କରିବାର ପ୍ରାର୍ଥନାରେ ଦରଖାସ୍ତମାନ ପଠାଇ ଅଛନ୍ତି । ପକ୍ଷାନ୍ତରେ ରାଜା ଗୁହାରି କରିଅଛନ୍ତି କି ସାବତ ଦେବାନ ପ୍ରଜାମାନଙ୍କୁ ତାହାଙ୍କ ବିରୁଦ୍ଧରେ ମତାଇ ଅଛନ୍ତି । ସୁପ୍ରଣ୍ଟ ସାହେବ ଆଗାମୀ ମାସରେ ଏସବୁ ବିଷୟ ଢେଙ୍କାନାଳ ଠାରେ ବିବେଚନା କରିବାର ଆଦେଶ ଦେଇଥିଲେ । ଏଥି ମଧ୍ୟରେ ପ୍ରଜାମାନେ ରାଜାଙ୍କ ବିରୁଦ୍ଧରେ ଅସ୍ତ୍ରଧାରଣ କରିବାର ସମ୍ବାଦ ଆସିବାରୁ ସମ୍ଭବତଃ ସମ୍ପ୍ରତି ତହିଁର ଅନୁସନ୍ଧାନ ହେବ । ଆମ୍ଭମାନଙ୍କ ବିବେଚନାରେ ସୁପ୍ରଣ୍ଟ ନୟାଗଡ଼କୁ ଯାଇ ଉଭୟ ପକ୍ଷର ମୋକଦ୍ଦମା ବିଚାର କଲେ ବଡ ସୁବିଧା ସହଜ ହେବ ।''

ଘଟଣାର ଅନୁସନ୍ଧାନ କରାଗଲା ଏବଂ ରାଜାଙ୍କର କ୍ଷମତାକୁ ସର୍ବୋଚ୍ଚ ଭାବରେ ରକ୍ଷା କରାଗଲା । ରାଜ୍ୟରେ କ୍ଷେତ୍ରୀବର ସିଂହଙ୍କ ପ୍ରତିପତ୍ତିକୁ ହ୍ରାସ କରାଯାଇଥିଲା । ରାଜା ଏବଂ କ୍ଷେତ୍ରୀବର ସିଂହଙ୍କ ମଧ୍ୟରେ ଏକ ପାରସ୍ପରିକ ବୁଝାମଣା ହେଲା । କ୍ଷତ୍ରୀବର ସିଂହ ରାଜାଙ୍କୁ କ୍ଷମା ମାଗିନେଲେ । ଏଥିସହିତ ଉଭୟ ନୟାଗଡ ଓ ଖଣ୍ଡପଡା ରାଜ୍ୟକୁ ଦୁଇବର୍ଷ ପର୍ଯ୍ୟନ୍ତ ନ ଆସିବାପାଇଁ ଆସିଷ୍ଟାଣ୍ଡ ସୁପରିଟେଣ୍ଡେଣ୍ଟ କ୍ଷେତ୍ରୀବର ସିଂହଙ୍କୁ ସତର୍କ କରାଇଲେ । ନୟାଗଡ ରାଜ୍ୟରେ ଶାନ୍ତିଭଙ୍ଗ ନ କରିବାପାଇଁ ତାଙ୍କର ଅନୁଚର ବିପ୍ଳବୀମାନଙ୍କୁ ମଧ୍ୟ କଡା ତାଗିଦା କରାଗଲା । ଖୋର୍ଦ୍ଧାର ପାଞ୍ଚଗଡ ମାଳିସାହି ଠାରେ କ୍ଷେତ୍ରୀବର ସିଂହ ଅବସ୍ଥାନ କରିବାପାଇଁ ଅନୁମତି ପାଇଲେ । ଏହାପରେ ରାଜା ବିଦ୍ରୋହୀମାନଙ୍କୁ ପ୍ରତିଶ୍ରୁତି ଦେଲେ ଯେ ଯଥାଯଥ ଅନୁସନ୍ଧାନ କରି ସେ ପ୍ରଜାମାନଙ୍କ ଉପରେ ଗୋପାଳ ସାନ୍ତରାଙ୍କ ଅତ୍ୟାଚାରକୁ ବନ୍ଦ କରିବେ । ୧୮୯୩ ମସିହା ମେ ମାସ ୨୭ ତାରିଖରେ 'ଉତ୍କଳଦୀପିକା'ରେ ନିମ୍ନ ସମ୍ବାଦଟି ପ୍ରକାଶ ପାଇଥିଲା ।

''ନୟାଗଡକୁ ଯାଇଥିବା ଓକିଲମାନେ ଫେରିଆସିଛନ୍ତି ଏବଂ ତୋଫାନ ନ ହୋଇଥିଲେ ଆସିଷ୍ଟାଣ୍ଡ ସୁପ୍ରଣ୍ଟ ଫେରିଆସିଥାନ୍ତେ । ଶୁଣି ଆନନ୍ଦିତ ହେଲୁ ଯେ ସେଠା ଗୋଳମାଳ ଆପୋସିରେ ମେଣ୍ଟିଗଲା । ଦେବାନ କ୍ଷମାପ୍ରାର୍ଥନା କରିବାରେ ରାଜା ତାହା ଗ୍ରହଣ କଲେ ଏବଂ ପ୍ରଜାମାନଙ୍କର ଯେ କିଛି ଗୁହାରି ଥିଲା, ତାହା ସବୁ ଜଣାଇ ସୁବିଚାର ପାଇବାର ଆଶ୍ୱାସ ରାଜାଙ୍କଠାରୁ ପାଇ ଆପଣା ଆପଣା ଘରକୁ ବାହୁଡିଗଲେ ।''

କିନ୍ତୁ ରାଜା ଏବଂ କ୍ଷେତ୍ରୀବର ସିଂହଙ୍କ ମଧ୍ୟରେ ପ୍ରସ୍ତୁତ ଏହି ରାଜିନାମା ନାମମାତ୍ର ରାଜିନାମା ଥିଲା । ଗୋପାଳ ସାନ୍ତରା ରାଜ୍ୟଶାସନ ଉପରେ ପ୍ରଭାବ ଜାରି

Digitized by PPRACHIN, SOA

ରଖିଲେ । କ୍ଷେତ୍ରୀବର ସିଂହ ନୟାଗଡର ଅସନ୍ତୁଷ୍ଟ ପ୍ରଜାମାନଙ୍କୁ ନେଇ ରାଜାଙ୍କ ବିରୁଦ୍ଧରେ ଚକ୍ରାନ୍ତ କରିବାକୁ ଲାଗିଲେ । ବହିଷ୍କୃତ ସର୍ବରାକାରମାନେ କ୍ଷେତ୍ରୀବର ସିଂହଙ୍କୁ ସମର୍ଥନ ଜଣାଇଥିଲେ। ରାଜ୍ୟର କନ୍ଧ ଅଧିବାସୀମାନେ ମଧ୍ୟ ଏଥିରେ ଯୋଗଦେଲେ । ୧୮୯୩ ମସିହା ନଭେମ୍ବର ୨୭ ତାରିଖରେ କନ୍ଧମାନଙ୍କଠାରୁ ଜଣେ ପୋଲିସ୍ କନେଷ୍ଟବଳ ସେମାନଙ୍କର କିଛି ବ୍ୟକ୍ତିଗତ ଜିନିଷ ଛଡାଇ ନେବାକୁ ଚେଷ୍ଟା କଲାବେଳେ କନ୍ଧମାନେ ତାଙ୍କୁ ହତ୍ୟାକଲେ । ୧୮୯୩ ଡିସେମ୍ବର ୧୬ ତାରିଖରେ ପୁଲିସମାନଙ୍କର ଗୁଇନ୍ଦାଗିରି କରୁଥିବା ଆନନ୍ଦ ରତନ ନାମକ ବ୍ୟକ୍ତିକୁ କନ୍ଧମାନେ ଅସ୍ତ୍ରରେ ଭୁଷି ହତ୍ୟାକଲେ । ପୁନଶ୍ଚ ଏହି ଘଟଣାର ପାଞ୍ଚଦିନ ପରେ ଜଣେ ଅତ୍ୟାଚାରୀ ପୁଲିସ୍ କର୍ମଚାରୀକୁ ହତ୍ୟା କରାଗଲା । ଡିସେମ୍ବର ୨୮ ତାରିଖରେ ତିନିଜଣ ପୁଲିସ୍ କନେଷ୍ଟବଳଙ୍କୁ ହତ୍ୟା କରାଯାଇଥିଲା । ସେହିଦିନ ପୁଣି ରାଜାଙ୍କର ଦୃଢ ସମର୍ଥକ ଜଣେ ଗାଁ ମହାଜନଙ୍କୁ ହତ୍ୟା କରାଯାଇଥିଲା । ଏହିପରି କ୍ରମାଗତ ରାଜନୈତିକ ହତ୍ୟାକାଣ୍ଡ ରାଜ୍ୟର ରାଜାଙ୍କୁ ଭୀତଚକିତ କରିଥିଲା ଏବଂ ରାଜ୍ୟର ଶାନ୍ତି ଓ ସ୍ଥିରତାକୁ ଦୋହଲାଇ ଦେଲା ।

ଏହି ସାଂଘାତିକ ଘଟଣା ଗୁଡିକ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ତେଣୁ ୧୮୯୪ ଜାନୁୟାରୀ ୨ ତାରିଖରେ କଟକ ଟ୍ରିବୁଟାରୀ ମହଲସ୍‌ର ସୁପରିଟେଣ୍ଡେଣ୍ଟ G. H. Cooke ଏବଂ ଗଡଜାତ ପୋଲିସ୍ ସୁପରିଟେଣ୍ଡେଣ୍ଟ ମିଷ୍ଟର ଦଣ୍ଡାସ ପୋଲିସ୍ ଫୋର୍ଶନେଇ ନୟାଗଡରେ ପହଞ୍ଚିଥିଲେ । ଏହି ସମ୍ବାଦଟି ୧୮୯୪ ଜାନୁୟାରୀ ୬ ତାରିଖ 'ଉତ୍କଳଦୀପିକା'ରେ ଛପାଯାଇଥିଲା-- "ନୟାଗଡ ଜିଲ୍ଲାରେ ପୁଣି ଗୋଳମାଳ ଆରମ୍ଭ ହେବାର ଜଣାଯାଏ । ଏଥିପୂର୍ବେ ଆମ୍ଭେମାନେ ଜଣାଇଥିଲୁଁ ଯେ ଜଣେ କନେଷ୍ଟବଲ ଗୁଳିଦ୍ୱାରା ହତ୍ୟା ହେବାରୁ ତହିଁର ତଦନ୍ତ ନିମନ୍ତେ ଆସିଷ୍ଟାଣ୍ଟ ସୁପ୍ରଟଣ୍ଡ ବାବୁ ସୁଦାମ ଚନ୍ଦ୍ର ନାୟକ ନୟାଗଡକୁ ଯାଇଅଛନ୍ତି । ଏ ସପ୍ତାହରେ ସ୍ୱୟଂ ଗଡଜାତ ସୁପ୍ରଟଣ୍ଡ ଶ୍ରୀଯୁକ୍ତ କୁକ୍ ସାହେବ ଏବଂ ଗଡଜାତ ପୁଲିସ୍ ସୁପ୍ରଟଣ୍ଟ ଦଣ୍ଡାସ୍ ସାହେବ ପୁଲିସି ଦଳ ସହିତ ସେହି କିଲ୍ଲାକୁ ଯାତ୍ରା କରିଅଛନ୍ତି । ଏଥିରୁ ଅନୁମାନ ହେଉଅଛି ଯେ କୌଣସି ପ୍ରକାର ଗୁରୁତର ମେଳି ହୋଇଅଛି ।"

ସୁପରିଟେଣ୍ଡେଣ୍ଟ କୁକ୍ ସାହେବ ନୟାଗଡ ଜିଲ୍ଲାରେ ତଦନ୍ତ ଆରମ୍ଭ କଲେ । ରାଜ୍ୟର ମେଳିଆମାନଙ୍କୁ ଭେଟିଲେ । ତଦନ୍ତରୁ ଜଣାପଡିଲା ଯେ ଗୋପାଳ ସାନ୍ତରା ଥିଲେ ଦୁର୍ନୀତିଗ୍ରସ୍ତ ଅତ୍ୟାଚାରୀ ବ୍ୟକ୍ତି । ତେଣୁ ତାଙ୍କୁ ମ୍ୟାନେଜର ପଦବୀରୁ ବରଖାସ୍ତ କରାଯାଇଥିଲା । ଏହାପରେ ରାଜା ଓ କ୍ଷେତ୍ରୀବର ସିଂହଙ୍କ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ ହେଲା ଏବଂ ପୁନର୍ବର ଦେବାନ ପଦ ପାଇଲେ । ଅବଶ୍ୟ ଏଥିପୂର୍ବରୁ ରାଜା ଦର୍ପନାରାୟଣ ଦାସଙ୍କୁ ମ୍ୟାନେଜର ପଦବୀରେ ନିଯୁକ୍ତ କରିଥିଲେ । ଏହି ସମ୍ବାଦ

Digitized by PPRACHIN, SOA

୧୮୯୪, ଜାନୁୟାରୀ 'ଉତ୍କଳଦୀପିକା'ରେ ପ୍ରକାଶ ପାଇଥିଲା- ''ନୟାଗଡରେ ଶାନ୍ତି ସ୍ଥାପନ ହୋଇଥିବାର ସମ୍ବାଦ ଶୁଣାଯାଏ । ତତ୍ରସ୍ଥ ମ୍ୟାନେଜର ବାବୁ ଗୋପାଳ ସାମନ୍ତରାୟ ବରଖାସ୍ତ ହୋଇଛନ୍ତି ଓ ତାଙ୍କ ସ୍ଥାନରେ ଗଡଜାତର ସିରସ୍ତାଦାର ବାବୁ ଦର୍ପନାରାୟଣ ଦାସ ମାସିକ ଟ.୨୦୦ଙ୍କା ବେତନରେ ନିଯୁକ୍ତ ହୋଇଅଛନ୍ତି ।'' ନବନିଯୁକ୍ତ ମ୍ୟାନେଜର ଦର୍ପନାରାୟଣ ଦାସ କେତେକ ଜନକଲ୍ୟାଣ ନୀତି ପ୍ରଚଳନ କଲେ । କନ୍ଧପ୍ରଜାମାନଙ୍କ ଠାରୁ ଦ୍ରବ୍ୟ ଆକାରରେ ଆଦାୟ ହେଉଥିବା ରାଜସ୍ୱକୁ ହ୍ରାସ କରିଥିଲେ । କନ୍ଧପ୍ରଜାମାନଙ୍କ ଠାରୁ ଆଦାୟ ହେଉଥିବା ରସଦକୁ ସେ ସମ୍ପୂର୍ଣ୍ଣରୂପେ ଉଠାଇ ଦେଇଥିଲେ । ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ରାଜା ସାମାନ୍ୟ ଅପରାଧରେ ଜଡିତ ଥିବା ମେଳିଆମାନଙ୍କୁ ରାଜକ୍ଷମା ଦେଇଥିଲେ ।

ଏସବୁ ସତ୍ତ୍ୱେ ରାଜ୍ୟରେ ଅଶାନ୍ତି କମି ନ ଥିଲା । ଏହି ସମୟରେ ଅର୍ଜୁନ ପାଇକ ରାୟଙ୍କ ନେତୃତ୍ୱରେ କିଛି ପ୍ରଜା 'କରଛାଡ ଆନ୍ଦୋଳନ' ଆରମ୍ଭ କରିଥିଲେ । କ୍ଷେତ୍ରୀବର ସିଂହ କନ୍ଧମାନଙ୍କୁ ଖଜଣା ନ ଦେବାପାଇଁ ପ୍ରବର୍ତ୍ତାଇଲେ । ଅପ୍ରେଲ ମାସରେ ଦଳେ ମେଳିଆ ରାଜାଙ୍କୁ ଦୃଢ ସମର୍ଥନ କରୁଥିବା ଜଣେ ସର୍ବରାକାରଙ୍କୁ ଆକ୍ରମଣ କରି ହତ୍ୟାକଲେ । ଏହାପରେ ସେମାନେ ମ୍ୟାନେଜର ଦର୍ପନାରାୟଣ ଦାସଙ୍କୁ ଆକ୍ରମଣ କଲେ । ମାତ୍ର ସେ ପଳାୟନ କରିଥିଲେ । ୧୮୯୪ ଏପ୍ରିଲ ୧୪ 'ଉତ୍କଳଦୀପିକା' କହନ୍ତି-- ''ନୟାଗଡ ମେଳି ପୁଣି ମାତି ଉଠିବାର ସମ୍ବାଦ ଆସିଅଛି । ଏକଦଳ ମେଳିଆ ମୁହଁରେ ଲୁଗାବାନ୍ଧି ଜଣେ ସର୍ବରାକାରଙ୍କ ଘରେ ପଶି ତାହାଙ୍କୁ ହାଣି ପକାଇ ଅଛନ୍ତି । ଗ୍ରାମବାସୀମାନେ ସେମାନଙ୍କ ମଧ୍ୟରୁ ଏକଜଣକୁ ଧରି ରାଜାଙ୍କ ନିକଟକୁ ପଠାଇବା ଏବଂ ଅନ୍ୟ ଦୁଇଜଣଙ୍କୁ ବରଖାସ୍ତି ଦେବାନ କ୍ଷେତ୍ରୀବର ସିଂହ ଧରାଇ ଦେବାରେ ସେମାନେ ବିଚାରାଧୀନରେ ଅଛନ୍ତି । କଥିତ ହୁଅଇ ଯେ ବରଖାସ୍ତି ଦେବାନଙ୍କ ଶିକ୍ଷାରେ ସେମାନେ ଏ କାର୍ଯ୍ୟ କରିବାର ଜବାବ ଦେଇଅଛନ୍ତି । ଆଉ ଏକ ଖୁଣ ମୋକଦ୍ଦମା ତଦାରଖ ଉପଲକ୍ଷରେ ମ୍ୟାନେଜର ମୋଫସଲକୁ ଯାଇ କେତେଜଣ ଆସାମୀକୁ ଧରି ଆଣିବାରେ ମେଳିଆମାନେ ମ୍ୟାନେଜରଙ୍କୁ ବଧକରି ଆସାମିମାନଙ୍କୁ ଛଡାଇ ନେବାର ଉଦ୍ୟମ କରିଥିଲେ । ମାତ୍ର ମ୍ୟାନେଜର କୌଶଳକ୍ରମେ ଅନ୍ୟବାଟେ ଆସାମିମାନଙ୍କୁ ନେଇ ଗଡକୁ ବାହାରି ଆସିବାରେ ସେ ଉଦଯୋଗ ସଫଳ ହେଲାନାହିଁ । ପୁରୀର ମାଜିଷ୍ଟ୍ରେଟ୍ ଅନୁସନ୍ଧାନ ନିମନ୍ତେ ଗଡକୁ ଯାଇଅଛନ୍ତି ।''

ନୟାଗଡ ରାଜ୍ୟରେ ପୁଣି ଏକ ନୂଆ ଗୋଳମାଳ ସୃଷ୍ଟି ହେଉଥିବାର ଖବରପାଇବା ସଙ୍ଗେ ସଙ୍ଗେ ଗଡଜାତ ମହଲର ସୁପରିଟେଣ୍ଡେଣ୍ଟ୍ ମେଳି ସୃଷ୍ଟି କରୁଥିବା କ୍ଷେତ୍ରୀବର ସିଂହଙ୍କ ବିରୁଦ୍ଧରେ ମାମଲା ରୁଜୁ କରୁବା ପାଇଁ ରାଜାଙ୍କୁ ନିର୍ଦ୍ଦେଶ

Digitized by PPRACHIN, SOA

ଦେଲେ । ତାଙ୍କ ନାମରେ ଦୁଇଟି ମାମଲା ରୁଜୁ କରାଗଲା । ପ୍ରଥମଟି ହେଉଛି ରାଜ୍ୟ ସମ୍ପତ୍ତି ଆତ୍ମସାତ୍ କରିବା ଏବଂ ଦ୍ୱିତୀୟଟି ହେଉଛି ରାଜାଙ୍କୁ ଅବଜ୍ଞା କରିବା । ଏହାକୁ ତଦନ୍ତ କରିବା ପାଇଁ ସୁଦାମ ଚରଣ ୧୮୯୪ ଜୁନ୍ ମାସରେ ନୟାଗଡ଼ ଯାଇଥିଲେ । ଘଟଣାର ଅନୁସନ୍ଧାନ କରାଗଲା । ତାଙ୍କ ନାମରେ ଆଗତ ପ୍ରଥମ ଅଭିଯୋଗଟି ମିଥ୍ୟାବୋଲି ପ୍ରମାଣିତ ହେଲା । କିନ୍ତୁ ଦ୍ୱିତୀୟ ଅଭିଯୋଗରେ ସେ ଦୋଷୀ ସାବ୍ୟସ୍ତ ହେଲେ । ତାଙ୍କୁ ଏକବର୍ଷ ପାଇଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଗଲା ଏବଂ ଟ.୨୦୦ଙ୍କା ଜୋରିମାନା କରାଗଲା । ମାତ୍ର କ୍ଷେତ୍ରୀବର ସିଂହଙ୍କ କାରାଦଣ୍ଡ ରାଜ୍ୟରେ ଅଶାନ୍ତ ବାତାବରଣ ସୃଷ୍ଟି କଲା । କ୍ଷେତ୍ରୀବର ସଂହଙ୍କ ଅନୁଚର ମେଳିଆମାନେ ତାଙ୍କର ଜେଲଦଣ୍ଡକୁ ଘୋର ବିରୋଧ କରିଥିଲେ । ଅର୍ଜ୍ଜୁନ ପାଇକରାୟ ଏହାର ନେତୃତ୍ୱ ନେଇଥିଲେ । ୧୮୯୪ ଅଗଷ୍ଟ ୪ ତାରିଖରେ ଦଳେ ମେଳିଆ ମହିତମାଠାରେ ପୋଲିସ୍ ଫାଣ୍ଡିକୁ ଆକ୍ରମଣ କଲେ ଓ ତାଙ୍କର ଜଣେ ବନ୍ଦୀ ସହଯୋଗୀ ବନ୍ଧୁଙ୍କୁ ମୁକୁଳାଇଥିଲେ । ସେମାନେ ଫାଣ୍ଡିରୁ ତିନିଜଣ କନେଷ୍ଟବଲକୁ ଅପହରଣ କଲେ ଏବଂ ଯେଉଁ ଲୋକମାନେ ସରକାରଙ୍କୁ ଆନୁଗତ୍ୟ ପ୍ରକାଶ କରୁଥିଲେ ତାଙ୍କୁ ହତ୍ୟା କଲେ । ସେହିବର୍ଷ ଅଗଷ୍ଟ ମାସରେ ଦଳେ ମେଳିଆ ଦୁରୁଦୁରା ଗ୍ରାମରେ ପଶିଥିଲେ ଏବଂ ସେଠାରେ ଲୁଟତରାଜ କରିଥିଲେ । ପ୍ରାୟ ୫୦୦ ମେଳିଆ ମହୀପୁରଠାରେ ପହଞ୍ଚିଲେ ଏବଂ ସେଠାକାର ପ୍ରଜାମାନଙ୍କୁ ଏଥିରେ ସାମିଲ ହେବାପାଇଁ କହିଲେ । ଯେଉଁମାନେ ଏହାର ବିରୋଧ କଲେ ସେମାନଙ୍କୁ ହତ୍ୟା କରିଥିଲେ କିମ୍ବା ମାଡମାରି ଦରମରା କରିଥିଲେ । ଏହି ଘଟଣା ଏତେ ସାଂଘାତିକ ଥିଲା ଯେ ଏହା ରାଜ୍ୟବ୍ୟାପୀ ପ୍ରଚାରିତ ହେଲା ।

୧୮୯୪ ନଭେମ୍ବର ୭ ତାରିଖରେ ନିଜେ ସୁପରିଟେଣ୍ଡେଣ୍ଟ୍ ନୟାଗଡ ଜିଲ୍ଲାରେ ପୁଲିସ୍ ଫୋର୍ସ ନେଇ ପହଞ୍ଚିଲେ । ଦୁମ୍‌କାରୁ ଆଉ ଗୋଟିଏ ମିଲିଟାରୀ ଫୋର୍ସ ନୟାଗଡରେ ପହଞ୍ଚିଲେ । ପୁନଶ୍ଚ ନଭେମ୍ବର ୨୩ ତାରିଖରେ ୨୩୦ ଜଣ ସଶସ୍ତ୍ର ପୋଲିସ୍ ବାହିନୀ ସହିତ ଚାରିଜଣ ୟୁରୋପୀୟ ଅଧିକାରୀ ମଧ୍ୟ ନୟାଗଡରେ ପହଞ୍ଚି ସୁପରିଟେଣ୍ଡେଣ୍ଟଙ୍କୁ ସାହାଯ୍ୟ କଲେ । ରାଜ୍ୟରେ ମିଲିଟାରୀ ଅଭିଯାନ ଫଳରେ ଗୋଳମାଳ ଓ ବିଶୃଙ୍ଖଳାର ପରିସମାପ୍ତି ଘଟିଲା । ମେଳିଆମାନଙ୍କୁ ଧରାଗଲା ଏବଂ ଜେଲ୍‌କୁ ପଠାଇ ଦିଆଗଲା । କେତେକ ମେଳିଆ ଦଶପଲ୍ଲା, ଖଣ୍ଡପଡା ଓ ପାର୍ଶ୍ୱବର୍ତ୍ତୀ ରାଜ୍ୟକୁ ପଳାଇଗଲେ । କିନ୍ତୁ ସେମାନେ କ୍ରମେ ଧରାପଡିଥିଲେ । ମେଳିଆ ସର୍ଦ୍ଦାର ଅର୍ଜୁନ ପାଇକରାୟଙ୍କୁ ୧୮୯୫ ଜାନୁୟାରୀ ୧୫ ତାରିଖରେ ଗିରଫ କରାଗଲା । ଏହାପରେ ନୟାଗଡ ମେଳିର ସମ୍ପୂର୍ଣ୍ଣ ଅବସାନ ଘଟିଲା ।

Digitized by PPRACHIN, SOA

ପ୍ରାୟ ୫୦ ଜଣ ମେଳିଆଙ୍କ ବିରୁଦ୍ଧରେ କେସ୍ ରୁଜୁ କରାଯାଇ ନୟାଗଡରେ ଥିବା ବିଚାରାଳୟରେ ବିଚାର କରାଗଲା । ସେମାନଙ୍କୁ ବିଭିନ୍ନ ଦଣ୍ଡରେ ଦଣ୍ଡିତ କରାଗଲା । ୧୬ ଜଣ ବିଦ୍ରୋହୀଙ୍କୁ ଫାଶି ଦିଆଗଲା ଏବଂ ୩୪ ଜଣ ମେଳିଆଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଗଲା । ଅର୍ଜୁନ ପାଇକରାୟଙ୍କୁ ରାଜ୍ୟରୁ ନିର୍ବାସିତ କରାଗଲା । କ୍ଷେତ୍ରୀବର ସିଂହଙ୍କୁ ଦେଶାନ୍ତରିତ କରାଗଲା ଏବଂ ତାଙ୍କର ସମସ୍ତ ସମ୍ପତ୍ତିକୁ ବାଜ୍ୟାପ୍ତି କରାଗଲା ।

ନୟାଗଡ଼ରେ ସୃଷ୍ଟି ହେଉଥିବା ମେଳିରେ ସଂପୃକ୍ତ ଥିବା ଖଣ୍ଡପଡ଼ା ରାଜା ନଟବର ସିଂହ ମର୍ଦ୍ଦରାଜଙ୍କୁ ସିଧା ସଳଖ ଅଭିଯୁକ୍ତ କରାଗଲା । ତାଙ୍କୁ ଜଣାଇ ଦିଆଗଲା ଯେ ସେ ସରକାରଙ୍କୁ ଘୋର ଅସନ୍ତୁଷ୍ଟ କରିଛନ୍ତି । ତେଣୁ ନୟାଗଡ ମେଳିକୁ ସମାଧାନ କରିବାପାଇଁ ନିଯୁକ୍ତି ପାଇଥିବା ପୁଲିସବାହିନୀରେ ସମସ୍ତ ଖର୍ଚ୍ଚକୁ ବହନ କରିବାପାଇଁ ତାଙ୍କୁ ନିର୍ଦ୍ଦେଶନାମା ଜାରି କରାଗଲା ।

ଖଣ୍ଡପଡ଼ା ରାଜା ନଟବର ସିଂହ ନୟାଗଡ଼ର ଏହି ମେଳିରେ ସଂପୃକ୍ତ ସାତଜଣ ଲୋକଙ୍କୁ ପ୍ରାଣଦଣ୍ଡ ଦେଇଥିଲେ । ଖଣ୍ଡପଡ଼ାରେ ଏହି ସମସ୍ତ ଜଘନ୍ୟ କାଣ୍ଡ ଘଟାଇ ରାଜା ନଟବର କଟକ ଚାଲିଆସିଲେ । ଏହି ସମୟରେ କଟକ ଅଦାଲତରେ ବାରିଷ୍ଟର ମଧୁସୂଦନ ଦାସ ବଡ ଓକିଲ ଭାବରେ ନାମ କମାଇଥିଲେ । ରାଜା ନଟବର ମଧୁବାବୁଙ୍କୁ ସାକ୍ଷାତ କଲେ ଏବଂ ତାଙ୍କ ସହିତ ସଙ୍ଗାତ ବସିଥିଲେ । ମଧୁବାବୁଙ୍କୁ ରାଜା ନଟବର କହିଥିଲେ– "ସଙ୍ଗାତ ! ଏ ଜୀବନଟା ତୁମର । ତୁମ ପାଖରେ ଶରଣ ପଶିଲି । ଖଣ୍ଡପଡ଼ା ରାଜା ତୁମର ।" ଅନନ୍ତର ମଧୁବାବୁ ତାଙ୍କୁ ନିଜ କୋଠିରେ ରଖିଲେ । ପ୍ରଥମେ ମଧୁବାବୁ କମିଶନର ସାହେବଙ୍କ ସହିତ ରାଜାଙ୍କୁ କୋର୍ଟ ସମର୍ପଣ କରାଇ ତାଙ୍କ ପାଇଁ ଲଢିଲେ । ମାତ୍ର ରାଜା ଦୋଷୀ ବୋଲି କଟକରେ ସାବ୍ୟସ୍ତ ହେଲେ । ମଧୁବାବୁ ଏହାପରେ କଲିକତା ହାଇକୋର୍ଟରେ ଅପିଲ କରି ତାଙ୍କୁ ଖଲାସ କରାଇଥିଲେ । ଓକିଲ ଭାବରେ ମଧୁବାବୁ ଏହି ମୋକଦ୍ଦମାରେ ସବୁଠାରୁ ବେଶି ଟଙ୍କା ରୋଜଗାର କରିଥିଲେ । ପ୍ରାୟ ଏକ ଲକ୍ଷ ଟଙ୍କା, ଅନେକ ମଣି, ମାଣିକ୍ୟ ଓ ସୁନା ଅଳଙ୍କାର ସେ ଖଣ୍ଡପଡ଼ା ରାଜା ନଟବରଙ୍କ ଠାରୁ ଉପହାର ସ୍ୱରୂପ ପାଇଥିଲେ ।

'ଉତ୍କଳ ଚିକିତ୍ସକ' ପତ୍ରିକାର ପ୍ରଚଳନ :– ରାଜା ରଘୁନାଥ ସିଂହ ମାନଧାତାଙ୍କ ପୃଷ୍ଟପୋଷକତାରେ ନୟାଗଡ଼ରୁ 'ଉତ୍କଳ ଚିକିତ୍ସକ' ନାମରେ ପତ୍ରିକାଟିଏ ପ୍ରକାଶ ପାଉଥିଲା । ଏହାର ସମ୍ପାଦନା କରୁଥିଲେ ରାମକୃଷ୍ଣ ସାହୁ । ଏହି ପତ୍ରିକାଟି କଟକର ରାୟପ୍ରେସ୍‌ରୁ ପ୍ରକାଶିତ ହେଉଥିଲା । ଉଲ୍ଲେଖଯୋଗ୍ୟ ଯେ ରାମକୃଷ୍ଣ ସାହୁ (୧୮୬୦-୧୯୧୫) 'ସୁଲୋଚନା' ଏବଂ 'ଲକ୍ଷ୍ମୀ' ନାମକ ଦୁଇଗୋଟି କାବ୍ୟ ରଚନା କରିଥିଲେ ।

Digitized by PPRACHIN, SOA

୨୫. ନାରାୟଣ ସିଂହ ମାନଧାତା (୧୮୯୭-୧୯୧୮) :

ରାଜା ରଘୁନାଥ ସିଂହ ମାନଧାତା ମୃତ୍ୟୁ ପରେ ତାଙ୍କ ପୋଷ୍ୟପୁତ୍ର ନାରାୟଣ ସିଂହ ମାନଧାତା ତା.୦୫/୦୯/୧୮୯୭ରେ ରାଜଗାଦି ଆରୋହଣ କଲେ । ଏହି ସମୟରେ ନୟାଗଡର ମ୍ୟାନେଜର ଥିଲେ ଦର୍ପନାରାୟଣ ଦାସ । ତା. ୨୭/୦୬/୧୮୯୭ରେ ଦର୍ପନାରାୟଣ ଦାସଙ୍କୁ ସରକାରଙ୍କର ଏଜେଣ୍ଟଙ୍କର କ୍ଷମତା ପ୍ରଦାନ କରାଗଲା । ସେ ତା.୩୦/୦୮/୧୯୦୦ରେ ତାଙ୍କର ସ୍ଥାୟୀ ସରକାରୀ ପଦବୀକୁ ଫେରିଆସିଲେ ଏବଂ ଅଜୟ ଚନ୍ଦ୍ର ଦାସ ତାଙ୍କଠାରୁ ଦାୟିତ୍ୱ ଗ୍ରହଣ କଲେ । ତା.୧୬/୧୨/୧୯୦୦ରେ ସୁଦର୍ଶନ ଦାସ ଅଜୟ ଚନ୍ଦ୍ର ଦାସଙ୍କ ଅଧୀନରେ ସହକାରୀ ମ୍ୟାନେଜର ଭାବରେ ନିଯୁକ୍ତି ପାଇଲେ । ୧୯୦୩ ସାଲ ମେ ମାସ ୧ ତାରିଖରେ ରାଜା ନାରାୟଣ ସିଂହ ମାନଧାତା ହିନ୍ଦୋଳ ରାଜ୍ୟର ରାଜକୁମାରୀ ପାଟଜେମା ବ୍ରଜକିଶୋରୀ ଦେବୀଙ୍କୁ ବିବାହ କଲେ । ବିବାହ ସାରି ଫେରିବା ବାଟରେ ବହୁଲୋକ ହଇଜା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ । ୧୯୦୪ ମସିହାରେ ନୟାଗଡ ରାଜ୍ୟରେ ନରବଳି ଦିଆଯାଉଛି ବୋଲି ଗୁଜବ ଉଠିଥିଲା । ତେଣୁ ଘୁମୁସର ଓ ଅନୁଗୁଳର ପୋଲିସ୍ ସୁପରିଟେଣ୍ଡେଣ୍ଟ, ଅନୁଗୁଳର ଡେପୁଟି କମିଶନର, ପୁରୀର କଲେକ୍ଟର ଏବଂ କଟକର ଟ୍ରିବ୍ୟୁଟାରୀ ମହଲସ୍ କମିଶନର ଏବଂ ସୁପରିଟେଣ୍ଡେଣ୍ଟ୍ ଏହାର ଅନୁସନ୍ଧାନ କରିଥିଲେ । ୧୯୦୪ ମସିହାରେ ଅଜୟ ଚନ୍ଦ୍ର ଦାସ ତାଙ୍କର ମୂଳ ସରକାରୀ ପଦବୀକୁ ଫେରିଗଲେ ଏବଂ ତାଙ୍କ ସ୍ଥାନରେ ଗୌରଶ୍ୟାମ ମହାନ୍ତି ତା୦୫/୧୨/୧୯୦୪ରେ ସରକାରୀ ଏଜେଣ୍ଟ ଦାୟିତ୍ୱ ଗ୍ରହଣ କଲେ । ୧୯୦୭ ମସିହାରେ ଗଭର୍ଣ୍ଣମେଣ୍ଟ ଏଜେଣ୍ଟ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ପଦବୀକୁ ଯଥାକ୍ରମେ ସୁପରିଟେଣ୍ଡେଣ୍ଟ ଓ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ପଦବୀକୁ ଉନ୍ନୀତ କରାଗଲା । ରାଜା ନାରାୟଣ ସିଂହଙ୍କର ଦୁଇଜଣ ବୈଧ ସନ୍ତାନଜାତ ହୋଇଥିଲେ-

(ରାଜା ନାରାୟଣ ସିଂହ ମାନଧାତା)

Digitized by PPRACHIN, SOA

ଯୁବରାଜ ଓ ସାନଦେଓ । ୧୫/୦୮/୧୯୧୧ରେ ଯୁବରାଜ କୃଷ୍ଣଚନ୍ଦ୍ର ସିଂହ ମାନଧାତା ଜନ୍ମଲାଭ କଲେ । ଯୁବରାଜଙ୍କର ଜନ୍ମୋତ୍ସବ ପାଳନ ପାଇଁ ଟ୨୦୦୦ ଖର୍ଚ୍ଚ ହୋଇଥିଲା । ଉତ୍ତମକାର୍ଯ୍ୟ ଓ ରାଜ୍ୟର ସୁପରିଚାଳନା ପାଇଁ ଗୌରଶ୍ୟାମ ମହାନ୍ତିଙ୍କୁ ୧୯୧୨ ମସିହାରେ 'ରାୟସାହେବ' ଉପାଧି ପ୍ରଦାନ କରାଗଲା । ଏହାପରେ ସେ ୧୯୧୩ ମସିହାରେ ପଦୋନ୍ନତି ପାଇ ପୁରୀ ଜଗନ୍ନାଥ ମନ୍ଦିରର ମ୍ୟାନେଜର ଭାବରେ ବଦଳି ହୋଇଥିଲେ । ରାଜା ନାରାୟଣ ସିଂହ ମାନଧାତା ତାଙ୍କ ଦ୍ୱିତୀୟପୁତ୍ର (ସାନଦେଓ)ଙ୍କୁ ତା.୨୮/୦୮/ ୧୯୧୪ରେ ଲାଭକଲେ । ୧୯୧୩ ମସିହାରେ ଅନିରୁଦ୍ଧ ପଟେଲ ନୟାଗଡ଼ ଷ୍ଟେଟ୍‌ର ସୁପରିଟେଣ୍ଡେଣ୍ଟ୍ ଭାବରେ ଯୋଗଦେଲେ । ସେ ନୟାଗଡ଼ରେ ୧୯୨୯ ମସିହା ପର୍ଯ୍ୟନ୍ତ ଅବସ୍ଥାପିତ ଥିଲେ । ତାଙ୍କୁ 'ନୟାଗଡ଼ର ବନ୍ଧୁ' ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ନାରାୟଣ ସିଂହ ମାନଧାତାଙ୍କ ରାଜତ୍ୱକାଳରେ ନୟାଗଡ-ଦିଘିରୀ ରାସ୍ତାର ବଡପଣ୍ଡୁସର ନିକଟସ୍ଥ କୁସୁମୀ ନଦୀ ଉପରେ ଏକ ଲୁହା-ସେତୁ ୧୯୧୪-୧୫ ମସିହାରେ ନିର୍ମାଣ କରାଯାଇଥିଲା । ଏହି ଲୁହା-ସେତୁ ମଧ୍ୟବର୍ତ୍ତୀ ଅଂଶ ୨୦୦ଫୁଟ ଥିଲା । ଏହାକୁ ରାମ୍‌ସେ ବ୍ରିଜ (Ramsay Bridge) କୁହାଯାଉଥିଲା । ଏହି ବ୍ରିଜ୍ ନିର୍ମାଣ ପାଇଁ ଟ.୫୬,୮୩୯ଙ୍କା ବ୍ୟୟ ହୋଇଥିଲା । ଲୋକ କଥିତ ଭାଷାରେ ଏହାକୁ 'ଲୁହାଶଙ୍ଖ' କୁହାଯାଉଥିଲା ।

ସେହିପରି ନୟାଗଡ-ରଣପୁର ରାଜ୍ୟ ମଧ୍ୟରେ ରହିଥିବା ମଦାଗ୍ନି (ମଲାଗୁଣି) ନଦୀ ଉପରେ ଏକ ବ୍ୟୟବହୁଳ ସେତୁ ନିର୍ମାଣ କରାଯାଇଥିଲା । ଏହି ସେତୁ ନିର୍ମାଣ ପାଇଁ ଟ.୭,୭୮୮/- ଖର୍ଚ୍ଚ ହୋଇଥିଲା । ଏହି ସେତୁନିର୍ମାଣ ଫଳରେ କାଲୁପଡାଘାଟ ରେଲଷ୍ଟେସନ୍ ପର୍ଯ୍ୟନ୍ତ ଗମନାଗମନ ସୁବିଧାଜନକ ହୋଇପାରିଥିଲା ।

ଏହି ରାଜାଙ୍କ ସମୟରେ ରାଜ୍ୟର ଋଣଭାର ନ ଥିଲା । ଷ୍ଟେଟ୍ ଫଣ୍ଡ (State Fund)ରୁ ଟ୬୦,୦୦୦/- ସରକାରଙ୍କୁ ଯୁଦ୍ଧ ଲୋନ୍ (War Loan) ଭାବରେ ଦିଆଯାଇଥିଲା । ୧୯୦୮ରୁ ୧୯୧୮ ମସିହା ଏହି ଦଶବର୍ଷ ମଧ୍ୟରେ ରାଜ୍ୟରେ ବହୁ ଉନ୍ନତିକର କାର୍ଯ୍ୟମାନ ହୋଇଥିଲା; ଯଥା- ପବ୍ଲିକ୍ ବିଲ୍ଡିଂ, ସଡ଼କ, ପୋଲ, ଜଳସେଚନ କାର୍ଯ୍ୟ, ରାଜବାଟୀରେ ପକ୍କାଗୃହ ଇତ୍ୟାଦି । ଏଥିନିମିତ୍ତ ଟ୩୯୦୪୦ଙ୍କା ଖର୍ଚ୍ଚ ହୋଇଥିଲା । ୧୯୧୩ ମସିହାରେ ଅନିରୁଦ୍ଧ ପଟେଲ ସେଟଲମେଣ୍ଟ କାର୍ଯ୍ୟ ଆରମ୍ଭ କଲେ । ଏହା ୧୯୧୮ ମସିହାରେ ଶେଷ ହେଲା । ଏ ବାବଦରେ ଅନିରୁଦ୍ଧ ପଟେଲ "Revision Settlement Report of Nayagarh State (1918) ପ୍ରସ୍ତୁତ କରିଥିଲେ ଓ ଏହା ପ୍ରକାଶ ପାଇଥିଲା ।"

ଡେମୋନ୍‌ଷ୍ଟ୍ରେସନ ଫାର୍ମ - ୧୯୦୬-୦୭ ମସିହା ବେଳକୁ ନୟାଗଡ଼ରେ ଡେମୋନ୍‌ଷ୍ଟ୍ରେସନ ଫାର୍ମ ପ୍ରସ୍ତୁତ କରାଗଲା । ଏହାଫଳରେ ଲୋକମାନେ ଗହମ,

Digitized by PPRACHIN, SOA

ଆଳୁ, ଝୋଟ, ଆମେରିକାନ୍ ଏବଂ ଇଜିପ୍ସିଆନ୍ କପା, ଚିନାବାଦାମ ପ୍ରଭୃତି ଅର୍ଥକାରୀ ଫସଲ ଚାଷ କରି ଲାଭବାନ ହେଲେ । କିନ୍ତୁ ରାଜ୍ୟର କୃଷି ପରିଦର୍ଶକ କିମ୍ବା ଅନ୍ୟକେହି ବ୍ୟକ୍ତି ଉନ୍ନତ କିସମର ପିଆଜ ଚାଷ ବିଷୟରେ ଅବଗତ ନ ଥିଲେ । ତେବେ ଷ୍ଟେଟ୍‌ର ସୁପରିଟେଣ୍ଡେଣ୍ଟ ଅନିରୁଦ୍ଧ ପଟେଲ ପିଆଜ ବିହନରୁ ପିଆଜ ତଳି ପ୍ରସ୍ତୁତ କରିବା, ପିଆଜ ଚାଷ ପ୍ରଣାଳୀ ନୟାଗଡ଼ ରାଜ୍ୟରେ ପ୍ରବର୍ତ୍ତନ କଲେ । ଅନିରୁଦ୍ଧ ପଟେଲ ଲେଖିଛନ୍ତି- "However neither the Agriculture Supervisor nor any person of this State had any idea of procreating seeds and seeding and transplanting onions, and no good onions were being grown in this state and the British districts. Since I assumed charge of this state, the method of procreating seeds, seedings and transplantation of onion has been introduced in the Demonstration farm of this State."

୧୯୧୮ ମସିହା ଡିସେମ୍ବର ମାସ ୬ ତାରିଖରେ ରାଜା ନାରାୟଣ ସିଂହ ମାନଧାତା ପରଲୋକ ଗମନ କଲେ । ୧୯୧୮ ଡିସେମ୍ବର ୨୭ ତାରିଖରେ ରାଣୀ ବ୍ରଜକିଶୋରୀ ଦେବୀଙ୍କର ଦେହାନ୍ତ ଘଟିଲା ।

୨୬. କୃଷ୍ଣଚନ୍ଦ୍ର ସିଂହ ମାନଧାତା (୧୯୩୩-୧୯୮୩) :

କୃଷ୍ଣଚନ୍ଦ୍ର ସିଂହ ମାନଧାତା ହେଉଛନ୍ତି ନୟାଗଡ଼ ଷ୍ଟେଟ୍‌ର ବହୁ ଚର୍ଚ୍ଚିତ ରାଜା । ତାଙ୍କ ପୂର୍ବବର୍ତ୍ତୀ ରାଜାମାନଙ୍କ ଅପେକ୍ଷା କୃଷ୍ଣଚନ୍ଦ୍ର ସିଂହ ଉଚ୍ଚଶିକ୍ଷିତ ରାଜା ଥିଲେ । ପିତା ନାରାୟଣ ସିଂହ ମାନଧାତା ଓ ମାତା ବ୍ରଜକିଶୋରୀ ଦେବୀଙ୍କର ସେ ହେଉଛନ୍ତି ଜ୍ୟେଷ୍ଠସନ୍ତାନ । ୧୯୧୧ ମସିହା ଅଗଷ୍ଟ ମାସ ୧୫ ତାରିଖ ଭାଦ୍ରବ ମାସ କୃଷ୍ଣପକ୍ଷ ଷଷ୍ଠୀ ତିଥିରେ ସେ ଭୂମିଷ୍ଠ ହେଲେ । ଭଗବାନ କୃଷ୍ଣଚନ୍ଦ୍ରଙ୍କର ପବିତ୍ର ଜନ୍ମାଷ୍ଟମୀ ତିଥି ଆଗକୁ ଦୁଇଦିନ ଥାଇ ସେ ଜନ୍ମଗ୍ରହଣ କରିଥିବାରୁ ତାଙ୍କର ନାମ କୃଷ୍ଣଚନ୍ଦ୍ର ରଖାଗଲା । ଯୁବରାଜ କୃଷ୍ଣଚନ୍ଦ୍ର ସିଂହଙ୍କର ଜନ୍ମ ଉତ୍ସବ ପାଳନରେ ଟ୭୦୦୦/- ଖର୍ଚ୍ଚ କରାଯାଇଥିଲା ।

୧୯୧୪ ମସିହା ଅଗଷ୍ଟ ମାସ ୨୮ ତାରିଖରେ କୃଷ୍ଣଚନ୍ଦ୍ର ସିଂହଙ୍କ ସାନଭାଇ ବୃନ୍ଦାବନ ସିଂହ ଜନ୍ମଗ୍ରହଣ କଲେ । ବୃନ୍ଦାବନ ସିଂହଙ୍କୁ 'ସାନଦେଓ' କୁହାଯାଏ । ୧୯୧୮ ମସିହାରେ ରାଜା ନାରାୟଣ ସିଂହ ମାନଧାତା ପରଲୋକଗମନ କଲେ । ଏହି ସମୟବେଳକୁ କୃଷ୍ଣଚନ୍ଦ୍ରଙ୍କ ବୟସ ମାତ୍ର ୭ ବର୍ଷ । ତେଣୁ ନୟାଗଡ଼ ଷ୍ଟେଟ୍ କୋର୍ଟ ଅଫ୍ ୱାର୍ଡସ୍‌ରେ ରହିଲା । ରାଜକୁମାର ଦ୍ୱୟ ପିତୃହୀନ ହୋଇପଡ଼ିବାରୁ

Digitized by PPRACHIN, SOA

(ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତା)

ସେମାନଙ୍କର ଦେଖାଶୁଣା କରିବାପାଇଁ ତାଙ୍କର ମାମୁ ହିନ୍ଦୋଳର ରାଜାସାହେବ ନବକିଶୋର ଚନ୍ଦ୍ର ମର୍ଦ୍ଦରାଜ ଜଗଦେବ (ଖ୍ରୀ.୧୯୦୬-୧୯୪୭) ସେମାନଙ୍କୁ ହିନ୍ଦୋଳ ଷ୍ଟେଟ୍‌କୁ ନେଇଗଲେ । କୃଷ୍ଣଚନ୍ଦ୍ର ସିଂହ ଏବଂ ବୃନ୍ଦାବନ ସିଂହ ଅନନ୍ତର ହିନ୍ଦୋଳ ରାଜବାଟୀରେ ଅବସ୍ଥାନ କଲେ । ହିନ୍ଦୋଳ ରାଜାସାହେବ ନବଦୁର୍ଗ ଷ୍ଟେଟ୍‌ର ଏହି ରାଜକୁମାର ଦ୍ୱୟଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟର ଯତ୍ନ ନେଇଥିଲେ । ସେମାନଙ୍କର ଶିକ୍ଷାପ୍ରତି ଧ୍ୟାନ ଦେଇଥିଲେ । ସ୍କୁଲ ଶିକ୍ଷା ସମାପ୍ତି ପରେ ଏହି ଭାତୃଦ୍ୱୟ ମଧ୍ୟପ୍ରଦେଶ ଅନ୍ତର୍ଗତ ରାୟପୁରସ୍ଥ ରାଜକୁମାର କଲେଜରେ ଅଧ୍ୟୟନ କରିବାପାଇଁ ରାୟପୁର ଗମନ କଲେ ଏବଂ ଉଚ୍ଚଶିକ୍ଷା ଲାଭ କଲେ ।

୧୯୩୩ ମସିହାରେ କୃଷ୍ଣଚନ୍ଦ୍ର ସିଂହ ମାନଧାତା ପୂର୍ଣ୍ଣକ୍ଷମତା ପ୍ରାପ୍ତ ହେଲେ । ବାଇଶି ବର୍ଷ ବୟସରେ କୃଷ୍ଣଚନ୍ଦ୍ର ରାଜଗାଦି ପ୍ରାପ୍ତ ହେଲେ । ନୟାଗଡ଼ ଷ୍ଟେଟ୍‌ର ତତ୍କାଳୀନ ଦେବାନ ଜନାର୍ଦ୍ଦନ ନନ୍ଦ ଲେଖିଛନ୍ତି- "Raja Krisha Chandra Singh Mandhata who was invested with rulling powers in the year 1933 at the age of 22, completed his twenty-eight year on 15.8.1939". ନୟାଗଡ଼ ଷ୍ଟେଟ୍ କୋର୍ଟ ଅଫ୍ ୱାର୍ଡସରୁ ମୁକ୍ତ ହେଲା । କୃଷ୍ଣଚନ୍ଦ୍ର ସିଂହଙ୍କର ଅଭିଷେକ ଉତ୍ସବ ମହାଡ଼ମ୍ବରେ ପାଳିତ ହେଲା । ୧୯୩୩ ମସିହା ଜୁଲାଇ ୨୦ ତାରିଖରେ କୃଷ୍ଣଚନ୍ଦ୍ର ସିଂହ ରାଜାଭିଷେକ ହେଲେ । ରାଜାଙ୍କର ଅଭିଷେକ ଉତ୍ସବ ପାଳନ ଅବସରରେ ପନ୍ଦରଦିନ ପର୍ଯ୍ୟନ୍ତ କଚେରୀ କାର୍ଯ୍ୟ ବନ୍ଦ ହୋଇଥିଲା । କୃଷ୍ଣଚନ୍ଦ୍ର ସିଂହ ଗାଦିରେ ବସିବାରୁ ନୟାଗଡ଼ ଲୋକମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଥିଲା । ରାଜା କୃଷ୍ଣଚନ୍ଦ୍ରଙ୍କର ନବ ଅଭିଷେକ ଉତ୍ସବ ପାଳନ ଅବସରରେ ଚାହାଳୀ ଗ୍ରାମର କବିଭୂଷଣ ଆନନ୍ଦ ଚନ୍ଦ୍ର ମିଶ୍ର ଗୋଟିଏ ଅଭିନନ୍ଦନିକା କବିତା ଲେଖିଥିଲେ । କବିତାର ଶୀର୍ଷକ ହେଉଛି- "ନବଦୁର୍ଗ ରାଜାଙ୍କର ନବ ଅଭିଷେକ ।" ଏହି କବିତାଟି ଏହିପରି-

Digitized by PPRACHIN, SOA

"ନାଚିଉଠ ଦେଶ ଭାଇ ହେ ମୋହର
କାଳଶୀତକାଳ ଗଲାଣି ହେ ଚଳି ଆଉ କି ଭୟ ତୁମ୍ଭର ?
ଥୁରୁଥୁରୁ ହୋଇ ଅଙ୍ଗେ ଲୁଗା ଦେଇ ଆଉ କି କାଟିବା ଦିନ
ଦେଶ ପ୍ରଭୁ ଏବେ ଲେଉଟି ଅଇଲେ ଆବର ନୋହିବା ଦୀନ ।
ସୁଦିନରେ ଆଜି ହୋଇଛି ପ୍ରକୃତି ଦେଖରେ ବିବିଧ ବେଶ
ମଙ୍ଗଳ ସଙ୍ଗୀତ ଗାଇ ବିହଙ୍ଗମ ବୁଲୁଅଛି ଦେଶ ଦେଶ ।

× × ×

ନବଦୁର୍ଗ ଇନ୍ଦ୍ର ଏବେ କୃଷ୍ଣଚନ୍ଦ୍ର ବିହାର କରିବେ ଏଥି
ଶୋଭାସମ୍ପଦରେ ଦୟା କ୍ଷମା ଦାନେ ଇନ୍ଦ୍ରପଦ ଦେବେମଥି ।
ଅଜ୍ଞାନ ତିମିର ହୋଇଯିବ ଦୂର କୃଷ୍ଣଚନ୍ଦ୍ରଙ୍କ ଆଗମେ
ହୁଳହୁଳି ଦିଅ ଜୟଗାନ କର ଦୁଃଖ ନ ରହିବ ମନେ ।
ଦେବଦେବୀକୁଳ ସର୍ବେ ହୋଇ ଠୁଳ ରାଜାରାଣୀଙ୍କୁ ଆମର
କର ଆଶୀର୍ବାଦ ପାଳନ୍ତୁ ପରଜା ସୁଖେ ଶତ ସମ୍ବତ୍ସର ।
ଆସ ପିତୃଗଣ ଆସ ହେ ବ୍ରାହ୍ମଣଗଣ ଦିଅ ପଦଧୂଳି
ଦୁଃଖ ଦୂରକରି ଆନନ୍ଦେ ବିହରି ସୁଖେ ରାଜ୍ୟଯାନ୍ତୁ ପାଳି ।"

କୃଷ୍ଣଚନ୍ଦ୍ରଙ୍କର ରାଜଗାଦି ପ୍ରାପ୍ତ ପୂର୍ବରୁ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା । ଯୁବରାଜ କୃଷ୍ଣଚନ୍ଦ୍ର ୧୯୩୧ ସାଲ ଜାନୁୟାରୀ ୨୯ ତାରିଖରେ ନେପାଳର ଚନ୍ଦ୍ରବଂଶୀ ରାଜାଙ୍କର ଦ୍ୱିତୀୟ ପୁତ୍ର ବାବର ସମସେରଜଙ୍ଗ ବାହାଦୂର ରାଣାଙ୍କର କନ୍ୟା ହେମରାଜ ଲକ୍ଷ୍ମୀଙ୍କୁ ବିବାହ କଲେ । ହେମରାଜଲକ୍ଷ୍ମୀ ତାଙ୍କ ପିତାଙ୍କର ଦ୍ୱିତୀୟ କନ୍ୟା ଥିଲେ । କୃଷ୍ଣଚନ୍ଦ୍ରଙ୍କର ଶଳା ହେଉଛନ୍ତି ମେଜର ଜେନେରାଲ ମୃଗେନ୍ଦ୍ର ସମସେରଜଙ୍ଗ ବାହାଦୂର ରାଣା । ଏହି ବିବାହ କାର୍ଯ୍ୟରେ ନେପାଳକୁ ବରଯାତ୍ରୀ ରୂପେ ଯାଇଥିଲେ ହିନ୍ଦୋଳର ରାଜା ସାହେବ, ତାଳଚେର ରାଜା ସାହେବ ଏବଂ କନିକାର ରାଜା । ବିବାହ ପରେ ହେମରାଜଲକ୍ଷ୍ମୀ ନୟାଗଡ଼ ରାଜବାଟୀକୁ ଆସିଲେ । ତାଙ୍କ ସହିତ ନିୟୋଗୀ ନାମକ ଜଣେ ବଙ୍ଗାଳୀ ଭକ୍ତ ବ୍ୟକ୍ତି ଆସିଥିଲେ । ସେ ରାଣୀଙ୍କର ପ୍ରାଇଭେଟ୍ ସେକ୍ରେଟାରୀ ଥିଲେ ।

କୃଷ୍ଣଚନ୍ଦ୍ର ସିଂହମାନଧାତାଙ୍କର ଅନୁଜ ବୃନ୍ଦାବନସିଂହ (ସାନଦେଓ ସାହେବ) ମଧୁପୁର ରାଜକନ୍ୟାଙ୍କୁ ବିବାହ କରିଥିଲେ ।

ହେମରାଜ ଲକ୍ଷ୍ମୀଙ୍କ ଗର୍ଭରୁ ୧୯୩୨ ମସିହା ସେପ୍ଟେମ୍ବର ୪ ତାରିଖରେ ଏକ ପୁତ୍ର ସନ୍ତାନ ଜାତ ହେଲା । ତାଙ୍କର ନାମକରଣ କରାଗଲା ବ୍ରଜେନ୍ଦ୍ର କିଶୋର ସିଂହ । ୧୯୩୯ ମସିହାବେଳକୁ ଯୁବରାଜ ବ୍ରଜେନ୍ଦ୍ରଙ୍କୁ ସାତ ବର୍ଷ ବୟସ ହୋଇଥିଲା ।

Digitized by PPRACHIN, SOA

ନୟାଗଡ଼ ଷ୍ଟେଟ୍‌ର ତତ୍କାଳୀନ ଦେଓ୍ୱାନ୍ ଜନାର୍ଦ୍ଦନ ନନ୍ଦ ଲେଖିଛନ୍ତି- "Jubraj Kumar Brajendra Kishore attained his seventh year on 4th September, 1939."

ରାଜାଙ୍କ ସହିତ ରାଣୀଙ୍କର ମନୋମାଳିନ୍ୟ ହେବାରୁ ରାଣୀ ପୁତ୍ର ବ୍ରଜେନ୍ଦ୍ରଙ୍କୁ ନେଇ ରାଞ୍ଚିରେ ରହୁଥିଲେ । ୧୯୩୯-୪୦ ମସିହା ବେଳକୁ ରାଜମାତା ହେମରାଜଲକ୍ଷ୍ମୀ ଏବଂ କୁମାର ବ୍ରଜେନ୍ଦ୍ର କିଶୋର ବର୍ଷସାରା ରାଞ୍ଚିରେ ରହୁଥିଲେ । Janardana Nanda ଲେଖିଛନ୍ତି- "He had to stay with his mother at Ranchi throughtout the year."

୧୯୩୩ ସାଲରେ ରାଜା କୃଷ୍ଣଚନ୍ଦ୍ର ଇଂଲଣ୍ଡ ଯାତ୍ରା କରିଥିଲେ । ୧୯୩୫ ସାଲରେ ଇଂଲଣ୍ଡରୁ ନୟାଗଡ଼ ପ୍ରତ୍ୟାବର୍ତ୍ତନ କଲେ ।

ବୃନ୍ଦାବନଚନ୍ଦ୍ର ସିଂହ

ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କର ସାନଭାଇ ବୃନ୍ଦାବନଚନ୍ଦ୍ର ସିଂହ କୃଷିରେ ଡିପ୍ଲୋମା ଡିଗ୍ରୀ ପଢ଼ିବା ପାଇଁ ଇଂଲଣ୍ଡ ଯାଇଥିଲେ । ସେ ଇଂଲଣ୍ଡରୁ ଡିପ୍ଲୋମା ପାସ୍ କରି ନୟାଗଡ଼ ଷ୍ଟେଟ୍‌କୁ ପ୍ରତ୍ୟାବର୍ତ୍ତନ କଲେ । ସେ ମହୀପୁର ପ୍ରଗଣାଠାରେ ରହିଥିବା କୃଷିଫାର୍ମ ଦାୟିତ୍ୱ ସମ୍ପାଦନ କଲେ । ସେ ପ୍ରାୟ ବର୍ଷସାରା ନୟାଗଡ଼ ଷ୍ଟେଟ୍ ମଧ୍ୟରେ ଅବସ୍ଥାନ କରୁଥିଲେ । ପୂର୍ବରୁ ତାଙ୍କର ରାଣୀ ହେମରାଜ ଲକ୍ଷ୍ମୀଙ୍କ ସହିତ ମନୋମାଳିନ୍ୟ ଘଟିଥିଲା । ତେଣୁ ସେ ରାଜବାଟୀ ପରିତ୍ୟାଗ କରି ରାଜାବଗିଚା ମଧ୍ୟରେ ଗୋଟିଏ ଟାଇଲ ଛପର ଘରେ ରହୁଥିଲେ । ଏହାପରେ ସାନଦେଓ ସାହେବଙ୍କର ନୂତନ କୋଠା ନିର୍ମାଣ କରାଗଲା । ବୃନ୍ଦାବନ ଚନ୍ଦ୍ର ସିଂହ ଏହି ନୂତନ ବିଲ୍‌ଡ଼ିଂରେ ଅବସ୍ଥାନ କଲେ ।

୧୯୩୯-୪୦ ମସିହା ମଧ୍ୟରେ ନୟାଗଡ଼ ଷ୍ଟେଟ୍‌କୁ ଅନେକ ସରକାରୀ ପଦସ୍ଥ ଅଧିକାରୀ ପରିଦର୍ଶନରେ ଆସିଥିଲେ । ୧୯୩୯ ମସିହା ଜୁଲାଇ ମାସ ୨୯ ତାରିଖରେ ପଲିଟିକାଲ ଏଜେଣ୍ଟ୍ Majar C. S. Searle, M.C. ନୟାଗଡ଼ ଷ୍ଟେଟ୍‌କୁ ପରିଦର୍ଶନରେ ଆସିଥିଲେ । Majar C.S. Searleଙ୍କ ପରେ Mr. L. C. L. Griffin, I.C.S. ପଲିଟିକାଲ ଏଜେଣ୍ଟ ଭାବରେ ନିଯୁକ୍ତି ପାଇଲେ । ସେ ୧୨।୧୨।୧୯୩୯ରେ ନୟାଗଡ଼ ଷ୍ଟେଟ୍‌କୁ ପରିଦର୍ଶନରେ ଆସିଥିଲେ ।

Digitized by PPRACHIN, SOA

Mr. J. Bowstead, M.C., I.C.S. ଅତିରିକ୍ତ ପଲିଟିକାଲ ଏଜେଣ୍ଟ ନୟାଗଡ଼ ଷ୍ଟେଟକୁ ୧୬।୧୧।୧୯୩୯ରେ ଆସିଥିଲେ । ସେ ୨୧।୧୧।୧୯୩୯ ପର୍ଯ୍ୟନ୍ତ ୫।୬ ଦିନ ଧରି ନୟାଗଡ଼ ଭିଜିଟ୍‌ରେ ଥିଲେ ।

ସେହିପରି ଲେଫ୍‌ଟନାଣ୍ଟ କୋଲୋନେଲ୍ L.E.Barton, Resident, Eastern States Agency ୧୯୪୦ ମସିହା ଜାନୁୟାରୀ ମାସ ୩୧ ତାରିଖରେ ତତ୍କାଳୀନ ପଲିଟିକାଲ ଏଜେଣ୍ଟ ଏବଂ ତାଙ୍କର ସଚିବ (Secretary)ଙ୍କ ସହିତ ନୟାଗଡ଼ ପରିବର୍ତ୍ତନରେ ଆସିଥିଲେ ।

୧୯୩୯-୪୦ ମସିହା ମଧ୍ୟରେ ନୟାଗଡ଼ ଷ୍ଟେଟ୍‌କୁ ପରିଦର୍ଶନରେ ଆସିଥିବା ତତ୍କାଳୀନ ଅନ୍ୟାନ୍ୟ ସ୍ୱନାମଧନ୍ୟ ଅଧିକାରୀ ହେଲେ- Lt. Colonel A.E.J.C., M.C. Dowell, C.I.E. Inspector General and Police Advisor, Mr. H. F. Mooney, M.A.I.Fs, Agency Forest Advisor, Mr. W.A.S. Lewis, Assistant Political Agent ଏବଂ Mr. A. C. Carter, O.B.E., I.P., Superintendent of Police, Eastern States' Joint Police Force.

୧୯୩୯-୪୦ ମସିହାର ଘଟଣା ! ଶରଣକୁଳର ନରେନ୍ଦ୍ରପୁରର ନିଃସ୍ୱମାଳୀ ସେବାୟତ ସମାଜ (ମହାଦେବ ଲଡୁବାବାଙ୍କ ପୂଜକ)ର ଅଧିକାର ଉପରେ ନୟାଗଡ଼ର ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତା ହସ୍ତକ୍ଷେପ କରିଥିବାରୁ ମାଳୀ ସେବାୟୀମାନେ ଲଡୁବାବାଙ୍କ ମନ୍ଦିର ତାଲାପକାଇ ବନ୍ଦ ରଖିଥିଲେ । ଫଳରେ ଠାକୁରଙ୍କ ନୀତିକାନ୍ତି ସମ୍ପାଦିତ ହୋଇପାରିଲା ନାହିଁ । ପଣ୍ଡିତ ବିନାୟକ ମିଶ୍ର ମାଳୀ ସେବାୟତ ଗୋଷ୍ଠୀର ଆନ୍ଦୋଳନର ଯଥାର୍ଥତା ହୃଦୟଙ୍ଗମ କରିଥିଲେ ଓ ଏହାର ନେତୃତ୍ୱ ନେଇଥିଲେ । ସେ ସେବାୟତ ସମାଜର କେତେକ ଦାବୀ ପ୍ରଶାସନ ନିକଟରେ ଉପସ୍ଥାପନ କରିଥିଲେ । ଫଳରେ ସେ ରାଜାଙ୍କର କ୍ରୋଧର ଶିକାର ହୋଇଥିଲେ । ଏହି ସମୟରେ ଜନାର୍ଦ୍ଦନ ନନ୍ଦ ନୟାଗଡ଼ ରାଜାଙ୍କର ଦେଓ୍ୱାନ୍ ଥିଲେ । ସେ ପୁରୀ ବଳଭଦ୍ରପୁର ନିବାସୀ ଥିଲେ । ସେ ପ୍ରଥମେ ସେଟଲମେଣ୍ଟ ଅଫିସ୍‌ର ହୋଇ ନୟାଗଡ଼ ଆସିଥିଲେ । ବନ୍ଦୋବସ୍ତ କାର୍ଯ୍ୟ ଶେଷ ହେବାପରେ ନୟାଗଡ଼ ରାଜା ତାଙ୍କୁ ରାଜ୍ୟର ଦେଓ୍ୱାନ୍ ଭାବରେ ନିଯୁକ୍ତ ଦେଇଥିଲେ । ଜନାର୍ଦ୍ଦନ ନନ୍ଦ ଶରଣକୁଳ ଆସି ଘଟଣାର ତଦନ୍ତ କଲେ ଓ ୨୪ ଘଣ୍ଟା ମଧ୍ୟରେ ନୟାଗଡ଼ ରାଜ୍ୟ ପରିତ୍ୟାଗ କରିବା ପାଇଁ ପଣ୍ଡିତ ବିନାୟକ ମିଶ୍ରଙ୍କୁ ରାଜାଦେଶ ହେଲା । ତାଙ୍କୁ ମଧ୍ୟ ଗିରଫ କରାଗଲା । ସିନ୍ଦୁରିଆ ଗ୍ରାମର ସାହେବ ଖାଁ ପଣ୍ଡିତ ମିଶ୍ରଙ୍କୁ ଜାମିନରେ ନେଇଥିଲେ ।

ଏହି ଘଟଣା ପଣ୍ଡିତ ମିଶ୍ରଙ୍କ ସ୍ୱାଭିମାନୀ ମନକୁ ଗଭୀର ଆଘାତ ଦେଲା । ସେ ନୟାଗଡ଼ ରାଜ୍ୟ ଛାଡ଼ିବାକୁ ମନସ୍ଥ କଲେ । ନୟାଗଡ଼ ରାଜ୍ୟମାଟି ନ ମାଡ଼ିବା ପାଇଁ

Digitized by PPRACHIN, SOA

ପ୍ରତିଜ୍ଞା କରିଥିଲେ । ଅବଶ୍ୟ ଏହାପରେ କର୍ତ୍ତୃପକ୍ଷଙ୍କ ଭ୍ରମସ୍ୱୀକାର ଓ ଅନେକ ଅନୁରୋଧସତ୍ତ୍ୱେ ସେ ନୟାଗଡ଼ରେ ଜଳସ୍ପର୍ଶ କରିବେ ନାହିଁ ବୋଲି ସଂକଳ୍ପ କରିଥିଲେ ଏବଂ ନୟାଗଡ଼କୁ ଆସୁ ନ ଥିଲେ । ୧୯୪୯ ମସିହାରେ ପଣ୍ଡିତ ମିଶ୍ର କଲିକତା ବିଶ୍ୱବିଦ୍ୟାଳୟରୁ ଅବସର ଗ୍ରହଣ କରିବାପରେ ଓଡ଼ିଶାକୁ ଫେରିଲେ । ସେ କିନ୍ତୁ ନୟାଗଡ଼କୁ ନ ଫେରି ବାଣପୁରଘରକୁ ଚାଲିଗଲେ । ଦେଶ ସ୍ୱାଧୀନ ହେଲାପରେ ରାଜରାଜୁଡ଼ା ଶାସନତନ୍ତ୍ରର ଅବସାନ ଘଟିଲା । ଏହାପରେ ବିନାୟକ ମିଶ୍ର ନିଜ ଗ୍ରାମ ଶରଣକୁଳକୁ ଫେରିଲେ । ସେହି ସମୟରେ ଶରଣକୁଳର ଗରିବ, ଭୂମିହୀନ ତଥା ଅବହେଳିତ ହରିଜନମାନଙ୍କ ଉପରେ ତେଲୀ, ବ୍ରାହ୍ମଣ ଓ ଅନ୍ୟାନ୍ୟ ସବର୍ଣ୍ଣ ମାନଙ୍କର ଶୋଷଣ ଓ ଅତ୍ୟାଚାର ବିରୋଧ କରି ପଣ୍ଡିତ ବିନାୟକ ମିଶ୍ର ଗାଁ ବାଲାଙ୍କ ବିରୋଧରେ ମାଲିମକଦ୍ଦମା କରିଥିଲେ । ଅନୁସନ୍ଧାନରୁ ଜଣାପଡ଼େ ଯେ ଶରଣକୁଳ ଗ୍ରାମର ପାହାଡ଼ ତଳିରେ ଥିବା ଅନାବାଦି, ଗୋଚର ଜମିକୁ ହରିଜନମାନେ ଚାଷ କରୁଥିଲେ । କିନ୍ତୁ ସବର୍ଣ୍ଣ ଜାତିର ଲୋକ ଏଥିରେ ପଶିବାରୁ ଗୋଳମାଳ ହୋଇଥିଲା ଏବଂ ବିନାୟକ ମିଶ୍ର ହରିଜନମାନଙ୍କର ନେତୃତ୍ୱ ନେଇଥିଲେ । ଏହିପରି ହରିଜନ ମାନଙ୍କୁ ଉପଯୁକ୍ତ ନ୍ୟାୟ ଦେବାକୁ ଯାଇ ଶେଷରେ ସେ 'ପାଣ ପଣ୍ଡିତ' ନାମରେ ଅଭିହିତ ହେଲେ । ଏହାହିଁ ଥିଲା ପଣ୍ଡିତ ବିନାୟକ ମିଶ୍ରଙ୍କ ଜୀବନରେ ଏକ ବିଡ଼ମ୍ବନା ।

ପଣ୍ଡିତ ବିନାୟକ ମିଶ୍ରଙ୍କ ଜୀବନର ଆଉ ଗୋଟିଏ ଘଟଣା । ବିନାୟକ ମିଶ୍ର ପ୍ରଥମେ ନୟାଗଡ଼କୁ English B.S.A. ସାଇକେଲଟିଏ ଆଣିଥିଲେ । ଏହାର ହାଣ୍ଡଲରେ ଚାବି ବ୍ୟବସ୍ଥା ରହିଥିଲା । ନୟାଗଡ଼ ଅଞ୍ଚଳର ଲୋକମାନେ ଏହି ସାଇକେଲଟିକୁ ଦେଖିବାକୁ ଆସୁଥିଲେ । ବିନାୟକ ମିଶ୍ର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଏହି ସାଇକେଲରେ ବସି ଗାଁକୁ ଗାଁ ପ୍ରଚାରରେ ଯାଉଥିଲେ ।

୧୯୩୯ ମସିହା ଜାନୁୟାରୀ ମାସ ୫ ତାରିଖ ଦିନ ନୟାଗଡ଼ ଷ୍ଟେଟ୍‌ର ପାର୍ଶ୍ୱବର୍ତ୍ତୀ ରାଜ୍ୟ ରଣପୁରଗଡ଼ଠାରେ ବେଜେଲଗେଟ୍ ହତ୍ୟାକାଣ୍ଡ ଘଟିଲା । ମେଜର ବେଜେଲଗେଟ୍‌ଙ୍କୁ ସାହାଯ୍ୟ କରିବା ପାଇଁ ନୟାଗଡ଼ ଷ୍ଟେଟ୍‌ରୁ ଜଣେ ପୋଲିସ୍ ସୁବେଦାର ରଣପୁର ଯାଇଥିଲେ । ବେଜେଲଗେଟ୍‌ଙ୍କ ହତ୍ୟାଦିନ ସେ ରଣପୁରରୁ ଫେରିବା ସମୟରେ ଉତ୍ତ୍ୟକ୍ତ ଜନତାଙ୍କ ଦ୍ୱାରା ଭୟଙ୍କର ଭାବରେ କ୍ଷତବିକ୍ଷତ ହୋଇଥିଲେ । ସେ ନୟାଗଡ଼କୁ ଯେତେବେଳେ ବୁହାହୋଇ ଆସିଲେ, ସେତେବେଳେ ପ୍ରାୟ ମୃତାବସ୍ଥାରେ ଥିଲେ । ନୟାଗଡ଼ଠାରେ ତାଙ୍କୁ ପ୍ରାଥମିକ ଚିକିତ୍ସାପରେ କଟକର ଜେନେରାଲ ହସ୍ପିଟାଲକୁ ପଠାଗଲା । ପ୍ରାୟ ମାସାଧିକ କାଳ ସେ ଚିକିତ୍ସାଧୀନ ରହିଲେ । ନୟାଗଡ଼ ଷ୍ଟେଟ୍‌ର ଏହି ସୁବେଦାର ହେଉଛନ୍ତି ଏ. ନୁର୍‌ଖାଁ (A. Noorkhan) । ଏହି ସୁବେଦାରଙ୍କୁ ତାଙ୍କର ଉତ୍କୃଷ୍ଟ ସେବାପାଇଁ ନୟାଗଡ଼ ଷ୍ଟେଟ୍ ତରଫରୁ "King's Police Medal" ପ୍ରଦାନ କରାଯାଇଥିଲା ।

Digitized by PPRACHIN, SOA

ଏଣେ ନୟାଗଡ଼ ଷ୍ଟେଟ୍‌ରେ ମଧ୍ୟ କେତେକ ବିପ୍ଳବୀ ଯୁବକ ସୋସିଆଲିଷ୍ଟିକ୍ ଚିନ୍ତାଧାରାଦ୍ୱାରା ପ୍ରଭାବିତ ହୋଇ ରାଜ୍ୟରେ ବିଶୃଙ୍ଖଳା ସୃଷ୍ଟି କଲେ । ତେବେ ରାଜା କୃଷ୍ଣଚନ୍ଦ୍ର ସିଂହ ଏହାର ମୁକାବିଲା କରିବା ପାଇଁ ଦେବାନ ଜନାର୍ଦ୍ଦନ ନନ୍ଦଙ୍କୁ ନିଯୁକ୍ତ କଲେ । କ୍ରମେ ମେଳିଆମାନେ ଆଉ ଗୋଟିଏ ପନ୍ଥା ବାଛିଲେ । ତାହା ହେଉଛି ପ୍ରଶାସନକୁ ବୟକଟ୍ କରିବା । କିନ୍ତୁ ରାଜା ନିଜେ ଗ୍ରାମକୁ ଗ୍ରାମ ଯାଇ ପ୍ରଶାସନର ଉଦାର ଦୃଷ୍ଟିକୋଣ ସମ୍ପର୍କରେ ଲୋକମାନଙ୍କୁ ବୁଝାଇଲେ । ୧୯୩୯ ମସିହା ଅପ୍ରେଲ ମାସରେ ରାଜା ତାଙ୍କର ଉଦାରତା ଓ ରିହାତି ମୂଳକ ପଦକ୍ଷେପ ଘୋଷଣା କଲେ । କ୍ରମେ ରାଜ୍ୟରେ ବୟକଟ୍ କାର୍ଯ୍ୟକ୍ରମ ହ୍ରାସ ପାଇଲା । ଲୋକମାନେ ରାଜାଙ୍କର ଶାସନସଂସ୍କାର, ରିହାତି ମୂଳକ ପଦକ୍ଷେପ ସମ୍ପର୍କରେ ଅବଗତ ହେଲେ । କ୍ରମେ ରାଜ୍ୟରେ ବୟକଟ୍ କାର୍ଯ୍ୟକ୍ରମ ହ୍ରାସ ପାଇଥିଲା । ଲୋକମାନେ ରାଜାଙ୍କର ଶାସନ ସଂସ୍କାର, ରିହାତି ଏବଂ ପ୍ରଗତିମୂଳକ କାର୍ଯ୍ୟକ୍ରମ ସଂପର୍କରେ ଅବଗତ ହେଲେ ।

ନୟାଗଡ଼ ଷ୍ଟେଟ୍‌ରେ ସିଭିଲ ଏବଂ ଫୌଜଦାରୀ ନ୍ୟାୟିକ ବ୍ୟବସ୍ଥା ତତ୍କାଳୀନ ବ୍ରିଟିଶ୍-ଇଣ୍ଡିଆରେ ପ୍ରଚଳିତ ଥିବା ଆଇନ କାନୁନ ଅନୁସାରେ କାର୍ଯ୍ୟକାରୀ ହେଉଥିଲା । ରାଜସ୍ୱ ପ୍ରଶାସନ ୧୯୩୨-୩୩ ସାଲର ରେଭିନ୍ୟୁ ସେଟଲମେଣ୍ଟ ନିୟମ ଅନୁସାରେ ପ୍ରଚଳିତ ଥିଲା । ନୟାଗଡ଼ରେ ପ୍ରଚଳିତ ଥିବା ରେଭିନ୍ୟୁ ଆଇନ୍ ସେଣ୍ଟ୍ରାଲ ପ୍ରୋଭିନ୍‌ସ ଲ୍ୟାଣ୍ଡ ରେଭିନ୍ୟୁ ଆଣ୍ଡ ଟେନାନ୍ସି ଆକ୍ଟରେ ରହିଥିବା ଧାରା ଅନୁସାରେ ତଥା କିଞ୍ଚିତ ପରିବର୍ତ୍ତିତ ଧାରାକୁ ଅନୁସୃତ କରାଯାଉଥିଲା । ସିଭିଲ୍ ଏବଂ ଫୌଜଦାରୀ ମାମଲାରେ ଇଣ୍ଡିୟାନ୍ ପେନାଲ୍ କୋର୍ଡ (The Indian Penal Code), କ୍ରିମିନାଲ ପ୍ରୋସିଡ୍ୟୋର କୋର୍ଡ (Criminal Procedure Code), ଦି ଏଭିଡେନ୍‌ସି ଆକ୍ଟ (The Evidence Act), ଲିମିଟେସନ୍ ଆକ୍ଟ (Limitation Act) ହିନ୍ଦୁ ଆଇନ (Hindu Law), ଦି ଷ୍ଟାମ୍ପ ଆଣ୍ଡ କୋର୍ଟ ଫିଜ୍ ଆକ୍ଟ (The Stamp and Court-Fees Act), ପୋଲିସ୍ ଆଇନ୍ (Police Act) ପୋଲିସ୍ ଏବଂ ଜେଲ୍ ମାନୁଆଲସ୍ (Police and Jail Manuals) ପ୍ରଭୃତିକୁ କଡ଼ାକଡ଼ି ଭାବରେ ଅନୁସରଣ କରାଯାଉଥିଲା ।

୧୯୩୯-୪୦ ମସିହାରେ ନୟାଗଡ଼ରେ ଗୋଟିଏ ସ୍ୱତନ୍ତ୍ର ବିଚାରପତି (Special Judge) ପଦବୀ ଖୋଲାଗଲା । ହାଇକୋର୍ଟ ଜଜ୍‌ଙ୍କ କ୍ଷମତା ସମ୍ପନ୍ନ ଏହି ବିଚାରପତିଙ୍କୁ ରାଜା ନିଯୁକ୍ତି ଦେଲେ । ରାୟ ବାହାଦୂର ଲୋକନାଥ ମିଶ୍ର ଏହି ପଦବୀରେ ନିଯୁକ୍ତି ପାଇଲେ । ଏଥିପୂର୍ବରୁ ସେ ପାଟଣା ହାଇକୋର୍ଟର ଓକିଲ ଥିଲେ ଏବଂ ପୁରୀର ପବ୍ଲିକ୍ ପ୍ରୋସେକ୍ୟୁଟର ଥିଲେ । ସେ ଏହି ବର୍ଷ ଛଅଗୋଟି ସିଭିଲ ମୋକଦ୍ଦମା ଏବଂ ବାଇଶି ଗୋଟି କ୍ରିମିନାଲ ଅପିଲ ବିଚାର କରିଥିଲେ ।

Digitized by PPRACHIN, SOA

ଏହି ସମୟରେ ଆଉ ଗୋଟିଏ ଉଲ୍ଲେଖଯୋଗ୍ୟ ପଦକ୍ଷେପ ଥିଲା ଯେ ରୁଲିଂ ଚିଫ୍ (Rulig Chief) ଏବଂ ରାଜା କୃଷ୍ଣଚନ୍ଦ୍ର ସେସନ୍ସ୍ ଜଜ୍ଙ୍କର ସମସ୍ତ କ୍ଷମତା ଦେବାନ୍ଙ୍କୁ ହସ୍ତାନ୍ତର କଲେ । ଦେୱାନ ଥିଲେ ପ୍ରଥମ ଅପିଲ୍ କୋର୍ଟ (First Appellete Court) । ତଳ କୋର୍ଟ ଗୁଡ଼ିକର ରାୟ ବିରୁଦ୍ଧରେ ସେ ଅପିଲ୍ ଶୁଣାଣି କରୁଥିଲେ । ଏହା ବ୍ୟତୀତ ରେଭିନ୍ୟୁ କ୍ଷମତା, ସର୍ବରାକାରୀ ଏବଂ ପୋଷ୍ୟ ପୁତ୍ର ମକଦ୍ଦମା (Adoption Case) ପ୍ରଭୃତି ମାମଲା ସଂପର୍କିତ କ୍ଷମତା ଗୁଡ଼ିକୁ ରାଜା ଦେୱାନଙ୍କୁ ପ୍ରଦାନ କରିଥିଲେ ।

ଏହା ବ୍ୟତୀତ ଷ୍ଟେଟ୍‌ର ଆସିଷ୍ଟାଣ୍ଟ ଦେୱାନଙ୍କୁ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ କ୍ଷମତା ପ୍ରଦାନ କରାଗଲା । ତାଙ୍କୁ ମଧ୍ୟ ସିଭିଲ୍ କ୍ଷମତା ପ୍ରଦାନ କରାଗଲା । ଏହା ସହିତ ଷ୍ଟେଟ୍‌ରେ ଆଉ ଗୋଟିଏ ଥାର୍ଡ ଅଫିସର (Third Officer) ପଦବୀ ଖୋଲାଗଲା । ତାଙ୍କୁ ଦ୍ୱିତୀୟ ଶ୍ରେଣୀ ମାଜିଷ୍ଟ୍ରେଟ୍ କ୍ଷମତା ପ୍ରଦାନ କରାଗଲା । ବାବୁ କେ.ସି. ଲାଲା (K. C. Lalla)ଙ୍କୁ ଥାର୍ଡ କ୍ଲାସ ମାଜିଷ୍ଟ୍ରେଟ୍ ଭାବରେ ନିଯୁକ୍ତି ଦିଆଗଲା । ରାଜ୍ୟରେ ରେଭିନ୍ୟୁ ପ୍ରଶାସନରେ ତହସିଲଦାର ଏବଂ ମ୍ୟୁଟେସନ୍ ଅଫିସର୍ ସହିତ ଅତିରିକ୍ତ ତହସିଲ୍‌ଦାର ପଦବୀ ସୃଷ୍ଟି ହେଲା । ସାର୍ଟିଫିକେଟ୍ କେଶ୍‌ଗୁଡ଼ିକୁ ବିଚାର କରିବାର କ୍ଷମତା ଅତିରକ୍ତ ତହସିଲଦାରଙ୍କର ରହିଲା ।

ସେହି ସମୟରେ ଷ୍ଟେଟ୍‌ର ମୋଟର କାରଗୁଡ଼ିକର ସର୍ଭିସିଂ ପାଇଁ ନୟାଗଡ଼ରେ ସୁବିଧା ନ ଥିଲା । ତେଣୁ ପୁରୁଣା ହୋଇଯାଇଥିବା ଏବଂ ସର୍ଭିସିଂ ହୋଇ ନ ଥିବା କାର୍‌ଗୁଡ଼ିକୁ ବିକ୍ରୟ କରାଯାଇଥିଲା । ନୟାଗଡ଼ ଷ୍ଟେଟ୍ ପାଇଁ ତିନିଗୋଟି ନୂଆ ମୋଟର କାର୍ କ୍ରୟ କରାଗଲା । ସେଥିରୁ ଗୋଟିଏ ଥିଲା ରାଜା କୃଷ୍ଣଚନ୍ଦ୍ର ସିଂହଙ୍କ ପାଇଁ, ଦ୍ୱିତୀୟଟି ହେଉଛି ଦେୱାନ୍‌ଙ୍କ ପାଇଁ ଏବଂ ତୃତୀୟଟି ହେଉଛି ସାନଦେଓ ବୃନ୍ଦାବନଚନ୍ଦ୍ର ସିଂହଙ୍କ ପାଇଁ । ୧୯୪୦ ମସିହାରେ ଏହି ତିନିଗୋଟି କାର୍‌କୁ ଟ୧୪,୩୦୦ରେ କ୍ରୟ କରାଯାଇଥିଲା ।

ନୟାଗଡ଼ ଷ୍ଟେଟ୍ ବାର୍ଷିକ ଟ୫,୫୨୫-୪-୧ କର ସ୍ୱରୂପ ପ୍ରଦାନ କରୁଥିଲେ । ନୟାଗଡ଼ ଷ୍ଟେଟ୍‌ର ନିଜସ୍ୱ ଖର୍ଚ୍ଚରେ ନୟାଗଡ଼ର ବିଭିନ୍ନ ସ୍ଥାନରେ କୂପ ଏବଂ ପୁଷ୍କରିଣୀ ଖନନ କରାଯାଇଥିଲା । କୃଷିକ୍ଷେତ୍ରରେ ଜଳସେଚନ ପାଇଁ ଏବଂ ଜନସାଧାରଣଙ୍କର ପାନୀୟ ଜଳର୍ ବ୍ୟବସ୍ଥା ପାଇଁ ଏହା ଉଦ୍ଦିଷ୍ଟ ଥିଲା ।

ନୟାଗଡ଼ ଷ୍ଟେଟ୍‌ର ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ, ବେକାରୀ ସମସ୍ୟାର ଦୂରୀକରଣ ପାଇଁ ଏବଂ କୃଷି ତଥା ଶିଳ୍ପର ଉନ୍ନତି ପାଇଁ ବିବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଏଲାହାବାଦ କଲେଜରୁ ଶିକ୍ଷାପ୍ରାପ୍ତ ଜଣେ କୃଷି ଓଭରସିଅରଙ୍କୁ ନିଯୁକ୍ତ କରାଗଲା । ସେ ନୟାଗଡ଼ ଷ୍ଟେଟ୍‌ର ବିଭିନ୍ନ ସ୍ଥାନ ବୁଲି ସେହି ସେହି ସ୍ଥାନର ମାଟିର ଗୁଣବତ୍ତାକୁ ଅନୁଧ୍ୟାନ

Digitized by PPRACHIN, SOA

କରୁଥିଲେ । ପୁରାତନ କୃଷି ପ୍ରଣାଳୀରେ ଉନ୍ନତି ଆଣିବା ପାଇଁ ସେ କୃଷକମାନଙ୍କୁ ପରାମର୍ଶ ଦେଉଥିଲେ । କୃଷକମାନଙ୍କୁ ମଧ୍ୟ ବିହନ ଓ ସାର ଯୋଗାଇ ଦେଉଥିଲେ ।

କୃଷକମାନଙ୍କୁ ତକାବି ଋଣ (Taccabi Loan) ଏବଂ ଜମି ଉନ୍ନତିକରଣ (Land Improvement) ଲୋନ୍ ଦିଆଯାଉଥିଲା । ୧୯୪୦ ମସିହାରେ ଷ୍ଟେଟ୍‌ରେ ଟ୧୧,୨୦୦ଙ୍କା ଋଣ ପ୍ରଦାନ କରାଯାଇଥିଲା । ଏହାବ୍ୟତୀତ ନୟାଗଡ଼ ଷ୍ଟେଟ୍ ତରଫରୁ ଗୋଟିଏ କୃଷି ଏବଂ ଇଣ୍ଡଷ୍ଟ୍ରିଆଲ ବ୍ୟାଙ୍କ୍ କୋ-ଅପରେଟିଭ୍ ଭିତ୍ତିରେ ଆରମ୍ଭ ହେଲା । ଏହା ପ୍ରାରମ୍ଭିକ ପର୍ଯ୍ୟାୟରେ ଟ୫୦,୦୦୦/- ମୂଳଧନ (Capital)ରେ ଆରମ୍ଭ ହେଲା । ନୟାଗଡ଼ ରାଜ୍ୟର କୃଷକମାନଙ୍କୁ ସାମାନ୍ୟ ସୁଧହାରରେ ଏଥିରୁ ଋଣ ଦିଆଗଲା । ଫଳରେ କୃଷକମାନେ ଶୋଷଣରୁ ରକ୍ଷା ପାଇଲେ । ଏହି ଋଣ ନେବା ପାଇଁ ବହୁ କୃଷକ ଆଗ୍ରହ ପ୍ରକାଶ କରିଥିଲେ । ଦେୱାନ୍ J. Nanda ଲେଖିଛନ୍ତି- "This Loan was practically acclaimed as a boon and blessing to the people who used to borrow money at the time of agricultural season from the local money lenders at an interest as high as 25 to 37 $^{1}/_{2}$ percent. This loan has been advanced only to those people who want to improve thair agriculture or to take up new industries, specially cottacge industries. The rush for these loans was very great and this indicates the eagerness of the people to avail of this oppurtunity."

ଗୋଟିଏ ଷ୍ଟେଟ୍ ଗେଜେଟ୍-କମ୍-ଜର୍ଣ୍ଣାଲ (State Gazatt-cum-Journal) ପ୍ରକାଶ କରିବା ପାଇଁ ସ୍ଥିରୀକୃତ ହେଲା ଏବଂ କାର୍ଯ୍ୟକାରୀ କରାଗଲା । ଏହାକୁ ପ୍ରତି ମାସରେ ଛପାଯାଇ ଡାକଦ୍ୱାରା ପ୍ରତ୍ୟେକ ଗ୍ରାମକୁ ପଠାଇବା ପାଇଁ ଡାକ ବିଭାଗର କର୍ମକର୍ତ୍ତାଙ୍କ ସହିତ ରେଜେଷ୍ଟ୍ରିଭୁକ୍ତ କରାଗଲା ।

୧୯୪୦ ମସିହ ଶେଷ ବେଳକୁ ଟ୫୦,୦୦୦ ବିନିମୟରେ ନୟାଗଡ଼ ସହରକୁ ବିଦ୍ୟୁତ୍‌କରଣ ପାଇଁ ପଦକ୍ଷେପ ନିଆଗଲା ।

୧୯୩୯-୪୦ ମସିହା ବେଳକୁ ନୟାଗଡ଼ ଗଡ଼ଜାତ ଅଞ୍ଚଳରୁ ବେଠି ପ୍ରଥାର ଉଚ୍ଛେଦୀକରଣ କରାଗଲା ।

କଜଲାଇପଲ୍ଲୀ ଠାରେ ଥିବା ପବ୍ଲିକ୍ ଲାଇବ୍ରେରୀ କୋଠାଘର ନିର୍ମାଣ ପାଇଁ ଟ୧୦୦୦ ପ୍ରଦାନ କରାଯାଇଥିଲା ।

ପୂର୍ବରୁ ରାଜାଙ୍କର ପ୍ରଥମା ରାଣୀ ହେମରାଜଲକ୍ଷ୍ମୀ ରାଜାଙ୍କୁ ଛାଡ଼ି ପଳାଇ ଯାଇଥିଲେ । ଅନନ୍ତର ରାଜା ୧୯୪୧ ମସିହା ଫେବୃୟାରୀ ମାସ ୧୪ ତାରିଖରେ

Digitized by PPRACHIN, SOA

ହିନ୍ଦୋଳ ରାଜକନ୍ୟା ତଥା ମାମୁଁଝିଅ ଭଉଣୀ ସୌଭାଗ୍ୟ ମଞ୍ଜରୀଙ୍କୁ ବିବାହ କଲେ । ସୌଭାଗ୍ୟ ମଞ୍ଜରୀଙ୍କ ଗର୍ଭରୁ ଗୋଟିଏ ପୁତ୍ର ଓ ତିନିଗୋଟି କନ୍ୟା ଜାତ ହୋଇଥିଲେ । ଏହି ପୁତ୍ରଙ୍କର ନାମ ଅମରେନ୍ଦ୍ର ସିଂହ ।

ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତା ନୟାଗଡ଼ରେ ନାରାୟଣ ପାର୍କ ସ୍ଥାପନ କଲେ । ସେଠାରେ ରେଡିଓ ଶୁଣିବାର ବ୍ୟବସ୍ଥା କଲେ । ରାଜା କୃଷ୍ଣଚନ୍ଦ୍ର ରାଣୀଙ୍କ ନାମରେ ସୌଭାଗ୍ୟ ମଞ୍ଜରୀ ଲାଇବ୍ରେରୀ ପ୍ରତିଷ୍ଠା କଲେ । ଏହାବ୍ୟତୀତ ଅନାଥାଶ୍ରମ, ଶିଳ୍ପାଗାର ପ୍ରଭୃତି ନୟାଗଡ଼ରେ ରାଜା ସ୍ଥାପନ କଲେ । ନୟାଗଡ଼ରେ ଏକ ଶିଳ୍ପ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ଏଠାରେ ହସ୍ତଶିଳ୍ପ ପ୍ରଦର୍ଶନୀ କରାଯାଇଥିଲା । ନୟାଗଡ଼ର M.E. Schoolକୁ High English Schoolରେ ପରିଣତ କରାଗଲା । ନୟାଗଡ଼ର ଯୁବରାଜଙ୍କ ନାମରେ ସ୍କୁଲର ନାମ ରଖାଗଲା Brajendra High English School- ଏହି ସ୍କୁଲର ପ୍ରଥମ ପ୍ରଧାନ ଶିକ୍ଷକ ଥିଲେ Mr. B.K. Das, ପୂରାନାମ ହେଉଛି Basant Kumar Das, B.A., Dip-in-Edn(Bristol), F.R.H.S., A-M.R.S.T.(Lond)- ଏହି ସ୍କୁଲକୁ ଗୋଟିଏ ପୂର୍ଣ୍ଣାଙ୍ଗ ସ୍କୁଲରେ ପରିଣତ କରିବାପାଇଁ ବିବିଧ ଉନ୍ନତିମୂଳକ କାର୍ଯ୍ୟ କରାଗଲା । ତତ୍କାଳୀନ D.P.I. ଏବଂ ଉତ୍ତର ଓଡ଼ିଶାର ସ୍କୁଲ ସମୂହର ପରିଦର୍ଶକ (Inspector of Schools, North Orissa) ଏହି ବିଦ୍ୟାଳୟକୁ ପରିଦର୍ଶନରେ ଆସିଥିଲେ । ସେମାନଙ୍କର ସୁପାରିଶ କ୍ରମେ Brajendra High English School କୁ ପାଟଣା ବିଶ୍ୱବିଦ୍ୟାଳୟ (Patna University) ସହିତ ସହବନ୍ଧିତ କରାଗଲା । ସେହି ସମୟରେ ଉକ୍ତ ହାଇସ୍କୁଲର ବହୁ ସୁନାମ ଥିଲା । Janardan Nanda ଲେଖିଛନ୍ତି- "The various activities of the school has attracted boys not only from the adjoining states but also from the districts of Puri, Cuttack and Balasore." ଏହି ବିଦ୍ୟାଳୟରୁ 'ବାସନ୍ତୀ' ନାମକ ତ୍ରୈମାସିକ ସାହିତ୍ୟପତ୍ରିକା ପ୍ରକାଶ ପାଉଥିଲା । ଏହି ସ୍କୁଲ ନିକଟରେ ରାଜମାତାଙ୍କ ନାମରେ "ବ୍ରଜକିଶୋରୀ ଛାତ୍ରାବାସ ପ୍ରତିଷ୍ଠା କରାଯାଇଥିଲା ।"

ବ୍ରଜେନ୍ଦ୍ର ହାଇସ୍କୁଲରେ ଘଟିଥିବା ବିବିଧ ଘଟଣାବଳୀ-

୧) ତା୧୦।୯।୧୯୩୮- ଏହିଦିନ ଯୁବରାଜଙ୍କ ଜନ୍ମଦିନ ଉପଲକ୍ଷେ ଏକ ଫାନ୍ସି ଫୁଟ୍‌ବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । କର୍ମଚାରୀ ଟିମ୍ ଓ ବ୍ରଜେନ୍ଦ୍ର ହାଇସ୍କୁଲର ଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ସ୍କୁଲ ପିଲା ବିଜୟୀ ହୋଇଥିଲେ । ଏହି ମ୍ୟାଚ୍‌ରେ ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତା ନିଜେ ରେଫ୍‌ରୀ ହୋଇଥିଲେ ।

୨) ତା୩୧।୩।୧୯୪୦- ବ୍ରଜେନ୍ଦ୍ର ହାଇସ୍କୁଲ ପ୍ରାଙ୍ଗଣରେ 'ଶ୍ରୀମନ୍ଦିର' ନାଟକ ଅଭିନୀତ ହୋଇଥିଲା ।

Digitized by PPRACHIN, SOA

୩) ତା୫।୮।୧୯୪୦- ଗୋପାଳଚନ୍ଦ୍ର ପ୍ରହରାଜ ଉକ୍ତ ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ ଓ ଛାତ୍ରମାନଙ୍କୁ ଭାଷଣ ପ୍ରଦାନ କରିଥିଲେ ।

୪) ତା୨୭।୧୧।୧୯୪୦- ଆନନ୍ଦ ଚନ୍ଦ୍ର ମିଶ୍ର ରାଜାଙ୍କର ଚିଠି ନଂ.୨୨।୧୦।୧୯୪୦ ଅନୁସାରେ ସ୍କୁଲରେ ସହକାରୀ ଶିକ୍ଷକ ରୂପେ ଯୋଗଦାନ କରିଥିଲେ ।

୫) ତା୧।୨।୧୯୪୧- ବିଦ୍ୟାଳୟରେ 'ସମନ ସହଚର' ନାଟକ ଅଭିନୀତ ହୋଇଥିଲା ।

୬) ତା୨।୨।୧୯୪୧- ବିଦ୍ୟାଳୟ ପରିସରରେ 'ମୀରକାଶୀମ୍' ନାଟକ ଅଭିନୀତ ହୋଇଥିଲା ।

୭) ତା୨୮।୨।୧୯୪୩- ଏହିଦିନ ଲକ୍ଷ୍ମୀନାରାୟଣ ସାହୁ ବ୍ରଜେନ୍ଦ୍ର ଉଚ୍ଚବିଦ୍ୟାଳୟକୁ ପରିଦର୍ଶନରେ ଆସିଥିଲେ ।

୮) ୧୯୪୩ ମସିହା- ଏହି ବର୍ଷ ଜୟପୁର ଗ୍ରାମର ସନାତନ ପ୍ରଧାନ ଏବଂ ଆଉ ଜଣେ ଛାତ୍ର ମଦନମୋହନ ମହାନ୍ତି ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରି ସ୍କୁଲ ପାଇଁ ଗୌରବ ଆଣିଥିଲେ ।

୯) ତା୨୧।୪।୧୯୪୫- ଏହି ଦିନ ଶଶିଭୂଷଣ ରାୟ ବ୍ରଜେନ୍ଦ୍ର ହାଇସ୍କୁଲକୁ ପରିଦର୍ଶନରେ ଆସିଥିଲେ ଏବଂ ଏଠାରେ "ବ୍ୟଥିତର ଅଭିସମ୍ପାତ" ପ୍ରବନ୍ଧ ପାଠ କରିଥିଲେ ।

୧୦) ତା୧୨।୯।୧୯୪୬- ଏହିଦିନ ଯୁବରାଜ ବ୍ରଜେନ୍ଦ୍ରଙ୍କ ଜନ୍ମଦିବସ ପାଳନ ଉପଲକ୍ଷେ ହାଇସ୍କୁଲ ଛାତ୍ରମାନଙ୍କୁ ରାଜାଙ୍କ ତରଫରୁ ଡିନର୍ (Dinner)ର ବ୍ୟବସ୍ଥା ହୋଇଥିଲା ।

୧୧) ତା୧।୭।୧୯୪୭- ଏହି ଦିନ ଆନନ୍ଦ ଚନ୍ଦ୍ର ମିଶ୍ର ରେସନିଂ ଅଫିସର ଭାବରେ ଯୋଗଦାନ କରିବା ପାଇଁ ଚାକିରିରୁ ଇସ୍ତଫା ଦେଇଥିଲେ ।

୧୨) ତା୩୧।୧।୧୯୪୮- ଏହିଦିନ ମହାତ୍ମାଗାନ୍ଧୀଙ୍କ ବିୟୋଗ ଯୋଗୁଁ ଏକ ଶୋକସଭା ଆୟୋଜନ କରାଯାଇଥିଲା ।

୧୩) ତା୮।୨।୧୯୪୮- ଏହିଦିନ ଶିକ୍ଷକମାନଙ୍କ ତରଫରୁ ମହାତ୍ମାଗାନ୍ଧୀଙ୍କ ବିୟୋଗ ଯୋଗୁଁ ୫୦୦ ହରିଜନଙ୍କୁ ଭୋଜନ ଦିଆଯାଇଥିଲା ।

୧୪) ତା୨୪।୨।୧୯୪୮- ଏହିଦିନ ଓଡ଼ିଶାର ରାଜ୍ୟପାଳ କୈଳାସ ନାଥ କାଟ୍‌ଜୁ ବିଦ୍ୟାଳୟକୁ ପରିଦର୍ଶନରେ ଆସିଥିଲେ ।

୧୫) ତା୨୮।୧୧।୧୯୪୮- ଏହିଦିନ ତତ୍କାଳୀନ ଡି.ପି.ଆଇ. ସ୍କୁଲ ପରିଦର୍ଶନରେ ଆସିଥିଲେ ।

Digitized by PPRACHIN, SOA

୧୬) ତା୧୧।୧।୧୯୪୯- ଏହିଦିନ ଡାଇରେକ୍ଟରଙ୍କ ଚିଠି ନଂ.୨୨୬(୧୩୬)/ ତା୫।୧।୧୯୪୯ ଅନୁସାରେ ଏନ୍.ସି.ସି. କାର୍ଯ୍ୟକାରୀ ହେଲା ।

୧୭) ତା୧୯।୧।୧୯୪୯- ଏହି ଦିନ ଓଡ଼ିଶାର ପ୍ରଧାନମନ୍ତ୍ରୀ ଡଃ ହରେକୃଷ୍ଣ ମହତାବ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନରେ ଆସିଥିଲେ ।

୧୮) ତା୧୫।୧୦।୧୯୪୯- ଏହିଦିନ ବ୍ରଜେନ୍ଦ୍ର ହାଇସ୍କୁଲରେ ହିନ୍ଦୀ ବିଷୟ ପ୍ରଚଳନ ହେଲା ।

୧୯) ତା୨୧।୧୨।୧୯୪୯- ଏହିଦିନ ରମାଦେବୀ, ଗୋପବନ୍ଧୁ ଚୌଧୁରୀ, କୃପାସିନ୍ଧୁ ହୋତା ସ୍କୁଲ ବୁଲିବାକୁ ଆସିଥିଲେ ।

୨୦) ତା୮।୨।୧୯୫୦- ଏହି ଦିନ ଓଡ଼ିଶାର ରାଜ୍ୟପାଳ ଆସଫ୍ ଅଲ୍ଲୀ ସ୍କୁଲ ପରିଦର୍ଶନରେ ଆସିଥିଲେ ।

୨୧) ତା୪।୭।୧୯୫୧- ଏହିଦିନ ବିଶ୍ୱନାଥ ଦାସ ବିଦ୍ୟାଳୟକୁ ପରିଦର୍ଶନରେ ଆସିଥିଲେ ।

୨୨) ତା୪।୧।୧୯୫୫- ଏହିଦିନ ଓଡ଼ିଶାର ରାଜ୍ୟପାଳ ପି.ଏସ୍. କୁମାରସ୍ୱାମୀ ରାଜା ବିଦ୍ୟାଳୟକୁ ପରିଦର୍ଶନରେ ଆସିଥିଲେ ।

୨୩) ତା୨୧।୪।୧୯୫୫- ଏହିଦିନ ବିନୋବାଭାବେ ବ୍ରଜେନ୍ଦ୍ର ଉଚ୍ଚବିଦ୍ୟାଳୟ ପରିସରରେ ବିଶ୍ରାମ ନେଇଥିଲେ ।

୨୪) ୧୯୬୦ ମସିହା - ଏହି ବର୍ଷ ବ୍ରଜେନ୍ଦ୍ର ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର ଖୋଲାଗଲା । କଟକ ରେଭେନ୍ସା କଲେଜର ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ଶଶାଙ୍କ ଶେଖର ପଟ୍ଟନାୟକ ସୁପରିଟେଣ୍ଡେଣ୍ଟ ଭାବରେ ତା୧୯।୨।୧୯୬୦ ରେ ସ୍କୁଲକୁ ଆସିଥିଲେ ।

୨୫) ତା୨୮।୧।୧୯୬୨- ଏହିଦିନ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳିତ ହେଲା । ତତ୍କାଳୀନ ଡି.ପି.ଆଇ. ସଦାଶିବ ମିଶ୍ର, କଟକ ରେଭେନ୍ସା କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପକ ଶ୍ରୀରାମ ଚନ୍ଦ୍ର ଦାଶ, କଳିଙ୍ଗ ଖବର କାଗଜର ସଂପାଦକ ମଦନମୋହନ ମିଶ୍ର ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ । ଏହିସବୁ ଘଟଣାବଳୀ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟକୁ ମହିମାମଣ୍ଡିତ କରିଛି ।

ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତା ସୁଶାସକ ଥିଲେ । ସେ ମଧ୍ୟ କ୍ରୀଡ଼ା ପ୍ରିୟ ଓ ସାହିତ୍ୟ ସଙ୍ଗୀତ ପ୍ରିୟ ଥିଲେ । ବ୍ରିଜ୍ ଓ ଚେସ୍ ଖେଳପ୍ରତି ତାଙ୍କର ଗଭୀର ଆଗ୍ରହ ଥିଲା । ନୟାଗଡ଼ର ବିଜ୍ଞଜନ, ବୁଦ୍ଧିଜୀବୀ ମାନଙ୍କ ସହିତ ସେ ବ୍ରିଜ୍ ଓ ଚେସ୍ ଖେଳ ଖେଳୁଥିଲେ । ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତା ଫୁଟବଲ ଖେଳର ପ୍ରଧାନ ପୃଷ୍ଠପୋଷକ ଥିଲେ । ସେହି ସମୟରେ ନୟାଗଡ଼ରେ ଆଠଗୋଟି ଫୁଟ୍‌ବଲ୍ ଟିମ୍ ଥିଲା ।

Digitized by PPRACHIN, SOA

କୃଷ୍ଣଚନ୍ଦ୍ର ସିଂହ ମାନଧାତା ଦୁଇ ଦୁଇ ଥର ଇଂଲଣ୍ଡ ଭ୍ରମଣର ଯାଇଥିଲେ । କୃଷ୍ଣଚନ୍ଦ୍ର ସିଂହ ରାଜକୀୟ କାଇଦାରେ ଜୀବନଯାପନ କରୁଥିଲେ । ସେ ଗୋଟିଏ କ୍ୟାଡ଼ିଲେକ୍ ଏବଂ ଗୋଟିଏ ଚେଭରଲେଟ୍- ଏହିପରି ଦୁଇଗୋଟି ମୋଟର କାର୍ ବ୍ୟବହାର କରୁଥିଲେ । ତାଙ୍କର ଦୈନନ୍ଦିନ ବ୍ୟବହାର୍ଯ୍ୟ ଜିନିଷ ଯୋଗାଇ ଦେବାପାଇଁ ଥାକର କମ୍ପାନୀର ଗୋଟିଏ ଦୋକାନ ନୟାଗଡ଼ ଥାନା ନିକଟରେ ମୁଖ୍ୟ ରାସ୍ତାରେ ଅବସ୍ଥିତ ଥିଲା ।

କୃଷ୍ଣଚନ୍ଦ୍ର ସିଂହ ମାନଧାତା ସାହିତ୍ୟପ୍ରାଣ ଥିଲେ । ସେ ଓଡ଼ିଆରେ ଗୋଟିଏ କାହାଣୀ ପୁସ୍ତକ ରଚନା କରିଥିଲେ । ଏହି ପୁସ୍ତକର ନାମ "ଅନୁଭୂତ କାହାଣୀମାଳା" । ରାଜା ସାହେବ ଲେଖିଛନ୍ତି- "ଗଳ୍ପଗୁଡ଼ିକ ପୂର୍ବତନ ଗଡ଼ଜାତ ନୟାଗଡ଼କୁ କେନ୍ଦ୍ର କରି ରଚିତ ହୋଇଛି । ଏହି ପୁସ୍ତକଟି ନୟାଗଡ଼ ନାରାୟଣ ପ୍ରେସ୍‌ରୁ ୧୯୭୪ ମସିହାରେ ପ୍ରକାଶିତ । ଏହି କାହାଣୀ ପୁସ୍ତକରେ ଦଶଗୋଟି ବିଷୟ ରହିଛି । ଏହି ବିଷୟ ଗୁଡ଼ିକ ହେଉଛି- 'ଗଙ୍ଗା ସତ କହୁଛି', 'ଅକୃତଜ୍ଞ ପୁତ୍ର', 'ବ୍ୟାଘ୍ର', 'ସାହାଯ୍ୟକାରୀ ମେସିନ୍', 'ବିଶ୍ୱାସର ଆଶୀର୍ବାଦ', 'ଓକିଲଙ୍କ ମହନୀୟତା', 'ଦୁଇବନ୍ଧୁ', 'ସତ୍ୟବାଦୀତାର ପୁରସ୍କାର', 'ହୀରାର ସନ୍ଧାନ' ଓ 'ପ୍ରତିଶୋଧ' ।

ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତା ରାମାୟଣର ବିଷୟବସ୍ତୁକୁ ନେଇ ଇଂରାଜୀ ଭାଷାରେ ରଚନା କଲେ "Foot Prints of Sri Ram" । ଏହା କଟକର ଓଡ଼ିଶା ମିଶନ୍ ପ୍ରେସ୍‌ରେ ମୁଦ୍ରିତ ହୋଇଥିଲା । ଏଥିରେ ୬୫ ଗୋଟି ଅଧ୍ୟାୟ ରହିଛି । ଏହି ଗ୍ରନ୍ଥର ପ୍ରାରମ୍ଭରେ ରାଜାସାହେବ "RAMA NAMA"- Its effects ପ୍ରସଙ୍ଗରେ ଲେଖିଛନ୍ତି- "The Letter (RA) means 'Agni' (Fire). The Letter (A) means Tapan (Sun). The Letter (MA) means Chandra (Moon). Thus the word Rama is the sum total of these Gods- Agni, Tapan and Chandra- Brahma, the creator, Vishnu, the Preserver and Shiva, the destroyer originates from the word Rama. So by uttering the word Rama one worships all the three gods together."

ତେବେ ରାଜା କୃଷ୍ଣଚନ୍ଦ୍ର ଥିଲେ ମହୀୟାନ ମହୀପାଳ । ନୟାଗଡ଼ର ବହୁବିଧ ଉନ୍ନତି ପାଇଁ ସେ ଧ୍ୟାନ ଦେଇଥିଲେ । ପାତ୍ର, ମନ୍ତ୍ରୀ, ରାଜକର୍ମଚାରୀ ସମସ୍ତଙ୍କ ପ୍ରତି ତାଙ୍କର ଦୟାଭାବ ଥିଲା । ଏହି ମହାନୁଭବ ରାଜାଙ୍କ ସମ୍ପର୍କରେ କବିଭୂଷଣ ଆନନ୍ଦ ଚନ୍ଦ୍ର ମିଶ୍ର "ଜୟ କୃଷ୍ଣଚନ୍ଦ୍ର" କବିତାରେ ଲେଖିଛନ୍ତି-

Digitized by PPRACHIN, SOA

"ଜୟ କୃଷ୍ଣଚନ୍ଦ୍ର ନବଦୁର୍ଗ ରାଜେନ୍ଦ୍ର
ବଘେଲ ବଂଶ ତିଳକ
ଧୀର ଧର୍ମପାଳ ତବ ହୃଦବିଶାଳ
ବ୍ରାହ୍ମଣ ଗୋରୁ ପାଳକ ହେ ।
ସୂର୍ଯ୍ୟମଣି ଦେବ- ବଂଶର ରାଜୀବ
ଗୋକୁଳ ଚନ୍ଦ୍ର ବଂଶଜ
ରାଜା ଲଡୁକେଶ ଦାନବୀର ବିଶେଷ
ଶ୍ରୀଛାମୁ ସେହି ଅଂଶଜ ।
ଧନ୍ୟ ନାରାୟଣ ସ୍ୱର୍ଗେ କରି ପ୍ରୟାଣ
ତୋଳିଲେ ଦୟା ମନ୍ଦିର
ସେଇ ରକ୍ତଧାରା ବହେ ଶିରା ପ୍ରଶିରା
ସେ ଗୁଣେ ଛାମୁ ସୁନ୍ଦର ।
ପ୍ରଜା କର୍ମଚାରୀ ବିଭୁପାଦେ ଗୁହାରି
ମାଗୁଛୁ ଏଇ ମାଗୁଣି
ଶତବର୍ଷ ମହୀ ପାଳ ଆନନ୍ଦରେ ହିଁ
ପୋଷି ଶତ ଜ୍ଞାନୀ ଗୁଣୀ ।
ଉଠୁ ଶାନ୍ତି ରାଜି ଯାଉ ଅଶାନ୍ତି ରାଜି
ଶୁଭେ ଥାନ୍ତୁ ପୁତ୍ର କନ୍ୟା
ପାଉ ଦୁଃଖ ରାତି ସୁଖ ସବିତା ଭାତି
ବୁହାଉ ସୁଖଶାନ୍ତି ବନ୍ୟା ।"

ଏହା ବ୍ୟତୀତ କବିଭୂଷଣ ଆନନ୍ଦ ଚନ୍ଦ୍ର ମିଶ୍ର ଏହି ରାଜାଙ୍କ ସମ୍ପର୍କରେ "ରାଜା କୃଷ୍ଣଚନ୍ଦ୍ର", "ନୟାଗଡ଼ ରାଜା" ଏବଂ "ଶ୍ରୀଛାମୁ" ଶିରୋନାମାରେ ତିନିଗୋଟି ପ୍ରଶସ୍ତି ମୂଳକ କବିତା ରଚନା କରିଛନ୍ତି । ଏହାବ୍ୟତୀତ କବିଭୂଷଣଙ୍କ ଅନ୍ୟତମ କାବ୍ୟ "କଳ୍ପନାଯାତ୍ରୀ"ରେ ପ୍ରସଙ୍ଗ କ୍ରମେ ରାଜା କୃଷ୍ଣଚନ୍ଦ୍ରଙ୍କର ଲୋକହିତକର କାର୍ଯ୍ୟଗୁଡ଼ିକୁ କବି ବର୍ଣ୍ଣନା କରିଛନ୍ତି-

"ଏ ରାଜ୍ୟ ଶାସକ କୃଷ୍ଣଚନ୍ଦ୍ର ସିଂହ
ସିଂହ୍ ବିକ୍ରମରେ ପ୍ରକାଶି ଆଗ୍ରହ ।
ନ୍ୟାୟ-ଦୟା-କ୍ଷମା ରାଜଦଣ୍ଡ ଧରି
ପାଳନ୍ତି ପରଜା କିଏ ତାଙ୍କ ସରି ?
ତଡ଼ିତ୍ ଆଲୋକ, ଟେଲିଫୋନ୍ ତାର
ହାଇସ୍କୁଲ, ପାର୍କ, କ୍ଳବ, ଶିକ୍ଷାଗାର

Digitized by PPRACHIN, SOA

ପ୍ରଦର୍ଶନୀ ଫାର୍ମ ଗୋଶାଳା ସମେତ
ସମସ୍ତ ବିଧାତା କୃଷ୍ଣଚନ୍ଦ୍ର ସତ ।
ଚନ୍ଦ୍ର ଉଦୟରେ ଯଥା ଅନ୍ଧକାର
ପଳାଏ ବିକଳେ ହୋଇ ତରତର ।
ତଥା ବେଠି ପ୍ରଥା ଅନ୍ୟାୟ ଶାସନ
ଏହାଙ୍କ ଶାସନେ ହେଲେ ଅବସାନ ।
ସୁଯୋଗ୍ୟ ଦେୱାନ୍ ମନ୍ତ୍ରୀ ନନ୍ଦବାବୁ
ଅଧର୍ମ ଶାସନେ କରିଛନ୍ତି କାବୁ ।"

କବିଭୂଷଣ ଆନନ୍ଦ ଚନ୍ଦ୍ର ମିଶ୍ର ନୟାଗଡ଼ର ଏହି ପ୍ରଜାହିତୈଷୀ ରାଜା ଶ୍ରୀକୃଷ୍ଣଚନ୍ଦ୍ର ସିଂହଙ୍କର "ଏକତ୍ରିଂଶ ବର୍ଷ ପୂର୍ଣ୍ଣ ଦରବାର" ଅବସରରେ ରାଜାଙ୍କର ଗୁଣଗାନ କରିଛନ୍ତି । ଏହି କବିତାଟିର ଶୀର୍ଷକ ହେଉଛି- "ନବଦୁର୍ଗ ରାଜାଙ୍କର ଏକତ୍ରିଂଶ ବର୍ଷ ପୂର୍ଣ୍ଣ ଦରବାର ।" କବି ଲେଖିଛନ୍ତି-

"ଡାହୁକା କୁସୁମୀ ଦୁଆଣ୍ଡ ଶୁଳିଆ ତାର କରି ଝନ୍‌ଝାନ୍
ରାଜଗିରି ରତ୍ନମାଳା ଶୁଳିଆଦି ଖୁଣ୍ଟକୁ କରିକି ଟାଣ
ହେ ସୋଦରେ, ନବଦୁର୍ଗ ବୀଣା ବାଇ
ରାଜଲକ୍ଷ୍ମୀ ଲୋକେ କୃଷ୍ଣଚନ୍ଦ୍ରେ ଧରି ସୁଖେ ହୋଇଛନ୍ତି ବାଇ ।

ମାଳତୀ ଚାମେଲି ହର ଗଉରାର ମୁଖେ ଆଙ୍କି ହାସ୍ୟ ରେଖା
ବୃକ୍ଷଲତା ଶସ୍ୟ ନୀଳଶାଟୀ ପିନ୍ଧି ପ୍ରକୃତି ଦିଅନ୍ତି ଦେଖା
ହେ ସୋଦରେ, ହେମ ପୀତ ମୁଖେ ଶୁଣ
'ଜୟ କୃଷ୍ଣଚନ୍ଦ୍ର' ରାଗିଣୀ ଧରନ୍ତି ଘୋଷି ରାଜାଙ୍କର ଗୁଣ ହେ ।

ରଘୁନାଥ ଲଡୁବାବା ଜଗନ୍ନାଥ ବାଉରାଣୀ ଆଦି ମିଳି
ଦେଖ ନଭାସନେ ବିରାଜି ତନ୍ମୟେ ଦେଉଛନ୍ତି ପାଦଧୂଳି
ହେ ସୋଦରେ, ଏକତ୍ରିଂଶ ବର୍ଷ ଆଜି
ପୂରିବାରୁ ମନ ଆନନ୍ଦେ ସରବେ ଉଠିଛନ୍ତି ପ୍ରାଣ ଜାଗି ହେ ।

ଆଜ ଶୁଭଦିନ ଆନନ୍ଦେ ମଗନ ନବଦୁର୍ଗବାସୀ ମନ
ପାଇ ପାର୍କ, ହାଇସ୍କୁଲ, ଶିକ୍ଷାଗାର ବିଦ୍ୟୁତାଦି ସୁଶାସନ
ହେ ସୋଦରେ, ଯାଇଅଛି ବେଠି ପ୍ରଥା
ରାଜାଙ୍କ ସୁଦୀର୍ଘ ଜୀବନ ନିମିତ୍ତ ବିଭୁରେ ନୁଆଁଅ ମଥା ହେ ।

Digitized by PPRACHIN, SOA

କ୍ରୂର ଚକ୍ରଶକ୍ତି ରାକ୍ଷସ ସଂସାରେ କରୁଅଛି ଯେ ହୁଙ୍କାର
ମିତ୍ରଶକ୍ତି ଦେବରାଜ ସାଜି ଆଣି ମୁଣ୍ଡକାଟି ଦେବ ତାର
ହେ ସୋଦରେ, ଦିଅ ମନ ଧନ ବଳ
ରଜାଙ୍କ ସହିତେ ଏକଜୋଟ ହୋଇ ଶତ୍ରୁକୁ କର କବଳ ।

ବନପିକ ବନତରୁ ଲତାକୁଳ ଦେଖ ଏ ବରଷା କାଳେ
ପତର ପତାକା ଫୁଲ ଛତି ଧରି ନାଚୁଛନ୍ତି ତାଳେ ତାଳେ
ହେ ସୋଦରେ, ଆମେ ପ୍ରଜା କର୍ମଚାରୀ
ବିଭୁକୁ ଡାକିବା ରାଜାଙ୍କୁ ଦିଅନ୍ତୁ ଧନଜନ ଆଦି ଚାରିହେ ।
ଆହେ କ୍ଷମାଶୀଳ ଦୟା ଅବତାର ଅମାୟିକ ଗୁଣବାନ
କାଳେ କାଳେ ସୁଖ ଦେଇ ଶ୍ରୀଛାମୁଙ୍କୁ ରଖିଥାନ୍ତୁ ଭଗବାନ
ହେ ରାଜନ, ଏଇ ଆମର କାମନା
ରାଜଭକ୍ତି ସ୍ନେହ ହୃଦ ଅରପୁଛୁ ସମାଦରେ ହେଉ ଘେନା ହେ ।"

ସେହିପରି କବିଭୂଷଣ ଆନନ୍ଦ ଚନ୍ଦ୍ର ମିଶ୍ରଙ୍କର ଆଉ ଗୋଟିଏ କବିତା ହେଉଛି- "ନବଦୁର୍ଗ ରାଜାଙ୍କ ଦ୍ୱାତ୍ରିଂଶ ବର୍ଷ ପୂର୍ଣ୍ଣଦରବାର ।" ରାଜାଙ୍କର ଦ୍ୱିତ୍ରିଂଶ ବର୍ଷ ପୂର୍ଣ୍ଣ ଦରବାରରେ ଏହା ଗାନ କରାଯାଇଥିଲା । ରାଜା କୃଷ୍ଣଚନ୍ଦ୍ର ସିଂହ, ଦୟାବାନ୍ ଏବଂ ଅତ୍ୟନ୍ତ ଅମାୟିକ ନରପତି ଥିବାର ପ୍ରସଙ୍ଗ ଏଥିରେ ଉଲ୍ଲେଖ ରହିଛି । କବିଭୂଷଣ ଶ୍ରୀ ମିଶ୍ର ଲେଖିଛନ୍ତି-

"ହେ ନର ରୂପଧାରୀ ଦେବତା
ନବ ଦୁର୍ଗ ଭାଗ୍ୟ ବିଧାତା ।
ଦୀର୍ଘ ଜୀବନ ପାଇ ପାଳ   ରାଜ୍ୟ, ଏଇ ଆମ
ହୃଦ ବାରତା
ସହାୟ ହୁଅନ୍ତୁ କରତା
ଆଜି କି ଶୁଭଦିନ   ନାଚି ଉଠଇ ମନ
ଧନ୍ୟ ହୋଇଛି ବେନି କର୍ଣ୍ଣ ।
ଆହେ ଯୋଗ୍ୟ ରାଜନ   ତୋଷି ସକଳ ଜନ
ଦ୍ୱାତ୍ରିଂଶ ବର୍ଷ କଲ ପୂର୍ଣ୍ଣ ହେ
ହେ ଦୟାବାନ
ଚନ୍ଦ୍ରୁ ବିମଳ ତବ କର୍ମ   ଉଦ୍ଧାର କଲ ପୁଣ୍ୟଧର୍ମ
କରନ୍ତୁ ଭଗବାନ, ବୃଦ୍ଧି ପାଉ ସମ୍ମାନ ।
ସର୍ବତ୍ର ଖ୍ୟାତ ହେଉ ନାମ ହେ ।

Digitized by PPRACHIN, SOA

ନବଦୁର୍ଗ ଗୋକୁଳ- ଚନ୍ଦ୍ର ହେ ମହୀପାଳ
ପୂତନା କଲ ନାଶି ପାପ
ଯାମଳା ଛନ୍ତି ସାକ୍ଷୀ ଛାମୁ ହୋଇଛି ବାନ୍ଧି
ଯଶଦା ମା' ଦୟା ଅମାପ
ହେ ବ୍ରଜ ବାପ
ଅମରେନ୍ଦ୍ରଙ୍କୁ କଲ ହାତ
ବକା ବେଠିକୁ କଲ ହତ
ଅଘ ଅଘା ବିନାଶି ସୁବଳ ପରକାଶି
ସୁଦାମା ଭକ୍ତି କର ମାପ ।
ତମ ଶାସନେ ଆଜି ହୃଦଦେଇଛୁ ମାଜି
ପାଇଛୁ ଜ୍ଞାନ ଦୀପାଲୋକ
ଯାଇଛି ବେଠି ପ୍ରଥା ଉତ୍କୋଚ ନେବା ପ୍ରଥା
ଶାନ୍ତିରେ ଛନ୍ତି ଦେଶ ଲୋକ
ହେ କ୍ଷମାଶୀଳ
ଶାନ୍ତ, ସୁଧୀର ଅମାୟିକ
ଛାମୁଙ୍କୁ ବଳିନାହିଁ ଲୋକ
ଏପରି ପାଇରାଜା ନବଦୁର୍ଗ ପରଜା
ଆନନ୍ଦେ ହୋଇଛନ୍ତି ଭୋଳ ।
କବି ପଣ୍ଡିତ ସୁଚତୁର ଲଭନ୍ତି ଛାମୁରୁ ଆଦର
ନ୍ୟାୟ ନିକିତି ଧରି ଶୁଣି ପ୍ରଜାଗୁହାରି
ଶତ ବରଷ ପାଳମହୀ ହେ । xxx
ହେ ଅମାୟିକ
ପୁତ୍ର ପରଜା ପ୍ରତି ପ୍ରୀତି
ରଖିଲେ ସଦା ଏ ମିନତି
ନବଦୁର୍ଗ ଜନନୀ ଛାମୁଙ୍କୁ କୋଳେ ଘେନି
ଜୀବନ କରୁଛି ସାର୍ଥକ ହେ ।"

କବି ଅର୍ଜୁନ ବାରିକ 'ବୃହତ୍ ଶ୍ରୀ ରଘୁନାଥ ପୁରାଣ'ରେ ଏହି ରାଜାଙ୍କ ସମ୍ପର୍କରେ ଲେଖିଛନ୍ତି-

"କୃଷ୍ଣଚନ୍ଦ୍ର ସିଂହ ମାନଧାତା ସିଂହାସନ
କୋଡ଼ିଏ ବର୍ଷ ବୟସେ କରିଲେ ଆରୋହଣ ।

Digitized by PPRACHIN, SOA

ମହା ଉତ୍ସବରେ ଅଭିଷେକ ତାଙ୍କ ହେଲା
ପନ୍ଦର ଦିନ କଚେରୀ ବନ୍ଦ ହୋଇଥିଲା ।
ଆନନ୍ଦ ଉଲ୍ଲାସେ ନୟାଗଡ଼ ଯେ ହସିଲା
ଧର୍ମ ମାର୍ଗେ ଅଭ୍ଵ ରାଜା ଶାସନ ଆସିଲା ।
ନେପାଳର ଚନ୍ଦ୍ର ବଂଶ ରାଜା ବାହାଦୂର
ଜେମା ହେମ ରାଜ ଲକ୍ଷ୍ମୀଙ୍କର ସହିତର ।
କୃଷ୍ଣଚନ୍ଦ୍ର ସିଂହଙ୍କର ହୋଇଲା ବିବାହ
ଜନ୍ମିଲେ ଜେମାଙ୍କ ଗର୍ଭୁ ଶ୍ରୀବ୍ରଜେନ୍ଦ୍ର ସିଂହ ।
କିଛିଦିନ ପରେ ହିନ୍ଦୋଳ ମାମୁଙ୍କ କନ୍ୟା
ସୌଭାଗ୍ୟ ମଞ୍ଜରୀକୁ ବିବାହ ହେଲେ ସିନା ।
ତିନୋଟି ସୁତା ଆବର ଏକ ଗୋଟି ପୁତ୍ର
ସୌଭାଗ୍ୟ ମଞ୍ଜରୀ ଗର୍ଭୁ ହୋଇଲେ କ ଜାତ ।
ଅମରେନ୍ଦ୍ର ସିଂହ ତାଙ୍କ ନାମ ଅଟେ ଜାଣ
ପିତା ପରେ ବ୍ରଜେନ୍ଦ୍ର ଯେ ହୋଇଲେ ରାଜନ ।
କୃଷ୍ଣଚନ୍ଦ୍ର ବହୁବାର ଇଂଲଣ୍ଡ ଭ୍ରମଣ
କରି ଇଂରାଜୀରେ ଲେଖିଥିଲେ ରାମାୟଣ ।”

୧୯୩୯-୪୦ ସାଲରେ ନୟାଗଡ଼ର ଶାସନ ବ୍ୟବସ୍ଥାକୁ ବିଭିନ୍ନ ପତ୍ରପତ୍ରିକା ବେଶ୍ କିଛି ପ୍ରଶଂସା କରି ଉଲ୍ଲେଖ କରିଥିଲେ । ତେଣୁ ତତ୍କାଳୀନ ଦେଓ୍ଵାନ୍ ଜନାର୍ଦ୍ଦନ ନନ୍ଦ ଲେଖିଛନ୍ତି- “It gives me great pleasure to mention that our administration for the year under report has been well commented by all sections of news papers of British Orissa, prominent among which are ‘The Samaj’, ‘New Orissa’, ‘Asha’, ‘The Oriya’, ‘Nabeen’, ‘Jyotsna’, ‘Lokamat’ practically speaking almost all the dailies and weeklies of Orissa.” ଏହା ବ୍ୟତୀତ ଦେଓ୍ଵାନ ଶ୍ରୀନନ୍ଦ ରାଜା କୃଷ୍ଣଚନ୍ଦ୍ର ସିଂହଙ୍କର ନେତୃତ୍ଵ ଓ ଦିଗ୍‌ଦର୍ଶନକୁ ପ୍ରଶଂସା କରିଛନ୍ତି । ସେ ଲେଖିଛନ୍ତି- “I am indebted to our Raja and Ruling Chief for his kind patronage and guidance in all matters of administration. It is needles to mention that it would have been impossible to make any improvement in the state during the year without his lead.”

Digitized by PPRACHIN, SOA

ଚାହାଳୀ ଗ୍ରାମର ଆନନ୍ଦ ଚନ୍ଦ୍ର ମିଶ୍ର ନୟାଗଡ଼ର ରାଜା ଶ୍ରୀ କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କର ପରମ ବନ୍ଧୁ ଥିଲେ। ଆନନ୍ଦ ଚନ୍ଦ୍ର ମିଶ୍ର ତାଙ୍କର ଆତ୍ମଜୀବନୀରେ ଲେଖିଛନ୍ତି– "ସେ ତାଙ୍କ ଯୁବରାଜ ଜନ୍ମପରେ ତାଙ୍କ ବଡରାଣୀଙ୍କ ଚରିତ୍ର ନେଇ କଳି କରି ତାଙ୍କୁ ବିଦାୟ ଦେଇଥାନ୍ତି। କିନ୍ତୁ ବଡ଼ରାଣୀ ନେପାଳୀ ରାଜକନ୍ୟା ଓ ସୁଚତୁରା। ସେ ରାଜବାଟୀର ସବୁ ସୁନା ନେଇ ପଳାଇଯାଇଥାନ୍ତି, ଯାହାର ମୂଲ୍ୟ କୋଟିଏ ଟଙ୍କା। ସେ କହନ୍ତି ରାଜାଙ୍କ ଚରିତ୍ର ନେଇ ସେ କଳି କରି ପଳାଇ ଯାଇଥିଲେ।

୧୯୪୧ରେ ନୟାଗଡ଼ ରାଜାସାହେବ ତାଙ୍କ ମାମୁ ଝିଅ ଭଉଣୀଙ୍କୁ ବିବାହ କଲେ। ପ୍ରସଙ୍ଗ ଆସିଥିଲା ସାନ ଦେଓଙ୍କ ବିଷୟ ନେଇ; କିନ୍ତୁ ରାଜା ଗୁଡିଆଣୀ ପାଲରୁ ଖସି ବିବାହ କଲେ। ଆମେ ହିନ୍ଦୋଳ ଯାଇ ବିବାହ କରାଇ ଦେଇ ଆସିଥିଲୁ; ହିନ୍ଦୋଳ ଏକ ଜଙ୍ଗଲ ମଧ୍ୟ ଗୁମ୍ଫା ପରି ବୋଧ ହେଲା। ଗ୍ରୀଷ୍ମକାଳରେ ମଧ୍ୟ ଥଣ୍ଡା ଓ କୁହୁଡ଼ି ସେଠାରେ ଦେଖାଯାଏ। ତେବେ ସେ ସ୍ଥାନର ଚମ୍ପାବଣ ଓ ଟଭା ଲେମ୍ବୁ ବଣ ମୁଁ ଭୁଲି ପାରିବି ନାହିଁ।

ରାଜାସାହେବ ମୋର କବିତା, ପରିଶ୍ରମ ଚତୁରୀ ଓ ପ୍ରତ୍ୟୁତ୍ପନ୍ନମତି ଭାବରେ ଖୁସି ଥାନ୍ତି। ତେଣୁ ସେ ମୋର ସମସ୍ତ ଲେଖା ବହିକୁ ନୟାଗଡ଼ ପ୍ରେସରେ ଛପାଇବାକୁ ହୁକୁମ ଦେଇଥାନ୍ତି। କାଗଜ ଖରଚ ପାଇଁ ମଧ୍ୟ ପଚିଶ ଟଙ୍କା ଦେଇଥାନ୍ତି। ପରୀକ୍ଷାବେଳେ ଟ.୨୦୦/- ଦେଇଥିଲେ। ମୋର ଘର ତିଆରି ପାଇଁ ଚରିଫୁଟିଆ ତିରିଶଟି ଶାଳ ଗଛ ଓ ପାଞ୍ଚଟା ପିଆଶାଳ ଗଛ ବିନା ଫିସରେ ଦେଇଥାନ୍ତି। ଏହାପରେ ରାଜା ସାହବ ଆମ ଗାଁରେ ଥିବା ତାଙ୍କ ଖମାରରୁ ପ୍ରାୟ ଛଅ ଏକର ଜମି ମୋ ନାମରେ କରିଦେଲେ। ଏସବୁ ଅନ୍ୟମାନଙ୍କୁ ବାଧିଲା ଓ ଅନେକ ପରଶ୍ରୀକାତର ହେଲେ।

୧୯୪୭ ଶେଷ ଦିନ ରାଜ୍ୟରୁ ରାଜା ଗଲେ। ରାଜପଦ ଲୋପ ହେଲା ଓ ନୟାଗଡ଼ ଓଡ଼ିଶା ସହିତ ମିଶିଗଲା। ସେଦିନ ରାତିରେ ରାଜବାଟୀରେ ଏକ କରୁଣ ଦୃଶ୍ୟ ଦେଖାଗଲା। ରାଜା ଓ ରାଣୀ ଭୋ ଭୋ କାନ୍ଦିଲେ। ରାଜବାଟୀରୁ ଏକ କରୁଣ ଅଜଣା କ୍ରନ୍ଦନ ଧ୍ୱନି ଶୁଣାଗଲା। ରାଜଲକ୍ଷ୍ମୀଙ୍କର ତାହା ବିକଳ ଓ ବିକଟ ଚିତ୍କାର।

୧୯୪୮ ଜାନୁୟାରୀ ପହିଲାଦିନ ଆଡମିନିଷ୍ଟ୍ରେଟର ରାଜ୍ୟଭାର ଗ୍ରହଣ କଲେ। ଆମେ ରାଜ୍ୟର ସରେଟ କର୍ମଚାରୀ ହେବାକୁ ଶପଥ ଗ୍ରହଣ କଲୁ। ମୁଁ କଚେରୀକୁ କାମ କରିବାକୁ ଆସିଲା ଦିନ ମୋ ମନରେ ବିଶେଷ ଭୟ ଥିଲା। କିପରି କାମ କରିବି? ମତେ ଅଫିସ କାମ ଆଦୌ ମାଲୁମ ନ ଥାଏ। ଏକା ଦିନକେ ମାଷ୍ଟରରୁ ମାଜିଷ୍ଟ୍ରେଟ୍।"

କବିଭୂଷଣ ଆନନ୍ଦ ଚନ୍ଦ୍ର ମିଶ୍ର ତାଙ୍କର "ରତ୍ନାଞ୍ଜଳୀ-ରତ୍ନାକର" କାବ୍ୟରେ ଲେଖିଛନ୍ତି–

Digitized by PPRACHIN, SOA

"ପୁରୀ ଜିଲ୍ଲା ନୟାଗଡ଼ ରହାଳି
ଡାହୁକା ଯେଠାରେ ଫୁଙ୍କେ କାହାଳୀ
ମୋ ପ୍ରିୟ ପାହାଡ଼ ନାମ କାଞ୍ଚିଆ
ମୋର ସୁଖ ଦୁଃଖର ସେ ପାଞ୍ଜିଆ ହେ
ସବୁ ଶ୍ରୀକୃଷ୍ଣ ପ୍ରସାଦୁ ହେ
ପାଇଛି ଜୀବନେ ମୋ ଭାଗ୍ୟ ସାଧନେ
ଦକ୍ଷ ଧନ୍ୟତା'ର ଯାଦୁ ହେ ।
ଗରିବ ବଳଦ ଚରାଗୁ ଉଠି
ତାଙ୍କ ବଳେ ହେଲି ମାଟିକ ସିଟି
କଲେଜ ନ ଛୁଇଁ ଜୀବନେ କେବେ
ଏମ୍.ଏ.ପି.ଏଲ୍. ଉପାଧି ସେବେ ହେ
କବିଭୂଷଣ ମୋ ପଦ ହେ,
ଦୁଇବାରବକ୍ତା ମଧ୍ୟେ ଶ୍ରେଷ୍ଠ କର୍ତ୍ତା କଲେ ନମେ ତାଙ୍କ ପଦ ହେ ।
ଶିକ୍ଷକତା କଲି ଚଉଦ ବର୍ଷ
ଯୋଗ ସାଧନାରେ ହରାଇ ହର୍ଷ
ଦିନ ରାତି ବସି ପଢ଼ଇ ବହି
ଟିଉସନ୍ ଦୁଃଖ ନ ପାରେ କହି ହେ
ଗଦ୍ୟପଦ୍ୟ ଲେଖୁ ଥାଇ ହେ
ସ୍କୁଲ ମାଗାଜିନ୍ ସମ୍ପାଦକ ବନି
ଶାଗ ପଖାଳକୁ ଖାଇ ହେ ।
ହେଲା ଜମି ଘର କୂଅ ବଗିଚ୍ଛ
ଗ୍ରାମରେ ବଢ଼ିଲେ ଲଡକୀ ବଚ୍ଛ
ବ୍ରିଜ ଚେସ୍ ଖେଳ କରିଲି ଚର୍ଚ୍ଚା
ରଜାଙ୍କର ହେଲି ସାଥୀ ମୁଁ ସଚ୍ଚା ହେ
ମାଷ୍ଟରରୁ ମାଜିଷ୍ଟ୍ରେଟ୍ ହେ
ହୋଇ 'ଲ' ପଢ଼ି ଭାଗ୍ୟଦୋଷେ ସଢ଼ି
ପାଇଛି ପ୍ରବଳ କଷ୍ଟ ହେ ।"

କୃଷ୍ଣଚନ୍ଦ୍ର ସିଂହ ମାନଧାତା ନୟାଗଡ଼ ରାଜ୍ୟ (Nayagarh State)ର ଶେଷ ରାଜା । ଏହି ମର୍ମରେ ପୁରୀ District Gazateerରେ ଉଲ୍ଲେଖ ରହିଛି- "Krishna Chandra Singh Mandhata was the last ruler of the state and

Digitized by PPRACHIN, SOA

during his rule Nayagarh along with other states mergered with Orissa in 1948."

(୨୬) ବ୍ରଜେନ୍ଦ୍ର କିଶୋର ସିଂହ ମାନଧାତା (୧୯୮୩-୨୦୧୨) :

ବ୍ରଜେନ୍ଦ୍ର କିଶୋର ସିଂହ ମାନଧାତା କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କର ଜ୍ୟେଷ୍ଠ ପୁତ୍ର । ୧୯୩୨ ସାଲ ସେପ୍ଟେମ୍ବର ମାସ ୪ ତାରିଖରେ ଜନ୍ମଗ୍ରହଣ କରିଥିଲେ । ୧୯୫୫ ମସିହାର ସେ ବିହାର ବିଶ୍ୱବିଦ୍ୟାଳୟରୁ ବି.ଏ. ପାଶ୍ କରିଥିଲେ । ଏହାପରେ ସେ ଆଇନ୍‌ରେ ସ୍ନାତକ ଡିଗ୍ରୀ ଲାଭ କରିଥିଲେ । ଛାତ୍ରାବସ୍ଥାରେ ସେ ଜଣେ ଦକ୍ଷ କ୍ରୀଡ଼ାବିତ୍ ରୂପେ ନିଜକୁ ପ୍ରତିଷ୍ଠା କରିଥିଲେ । ବ୍ରଜେନ୍ଦ୍ର କିଶୋର ୧୯୬୫ ମସିହାରେ ନେପାଳ ରାଜବଂଶର ରାଜା ଯୁମ୍ମୁଲାଙ୍କ ଦ୍ୱିତୀୟ ପୁତ୍ରଙ୍କର ଦ୍ୱିତୀୟା କନ୍ୟାକୁ ବିବାହ କରିଥିଲେ ।

ବ୍ରଜେନ୍ଦ୍ର କିଶୋର ସିଂହ ମାନଧାତା

ପିତା କୃଷ୍ଣଚନ୍ଦ୍ର ସିଂହ ମାନଧାତା ୧୯୮୩ ମସିହା ସ୍ନାନ ପୂର୍ଣ୍ଣିମା ଦିନ କଟକ ବକ୍ସିବଜାର ବଡ଼େଇ ସାହିରେ କନିଷ୍ଠ ପୁତ୍ର ଅମରେନ୍ଦ୍ର ସିଂହଙ୍କର ବାସଭବନ ଠାରେ ପରଲୋକ ଗମନ କଲେ । ବ୍ରଜେନ୍ଦ୍ର କିଶୋର ସିଂହ ରାଞ୍ଚିରୁ ନୟାଗଡ଼ ଆସିଲେ । ପିତାଙ୍କର ଦେହାନ୍ତ ହେବାର ଏଗାର ଦିନ ପରେ ପୁରୁଣା ରାଜବାଟୀ ଦୁର୍ଗା ମନ୍ଦିରରେ ବ୍ରଜେନ୍ଦ୍ରଙ୍କର ଅଭିଷେକ ଉତ୍ସବ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥିଲା । କୈଳାସଚନ୍ଦ୍ର ପାଣିଗ୍ରାହୀ 'ନୟାଗଡ଼ ଇତିହାସ'ରେ ଲେଖିଛନ୍ତି– "ରାଜାଙ୍କ ମୃତ୍ୟୁର ୧୧ ଦିନ ପରେ ମାନ୍ୟବର ବ୍ରଜେନ୍ଦ୍ର ବିଶିଷ୍ଟ ବ୍ୟକ୍ତିଙ୍କ ଗହଣରେ ପୂର୍ବପୁରୁଷାନୁକ୍ରମେ ପୁରୁଣା ରାଜବାଟି ନିକଟରେ ଥିବା ଦୁର୍ଗା ମନ୍ଦିରରେ ଅଭିଷେକ ଉତ୍ସବ ମହାସମାରୋହରେ ସମ୍ପୂର୍ଣ୍ଣ ହୋଇଅଛି ।" କବି ଅର୍ଜୁନବାରିକ "ବୃହତ୍ ଶ୍ରୀରଘୁନାଥ ପୁରାଣ"ରେ ଲେଖିଛନ୍ତି–

"ଊଣେଇଶ ତେୟାଅଶୀ ମସିହାରେ ପୁଣ
କଟକରେ ଦେବସ୍ନାନ ପୂର୍ଣ୍ଣମୀର ଦିନ ।
ବକ୍ସିବଜାର ବଡ଼େଇ ସାହିରେ ନରେଶେ
ସାନପୁତ୍ର ଅମରେନ୍ଦ୍ର ସିଂହଙ୍କର ବାସେ ।
ଶହ ଶହ ଲୋକ ନେତ୍ରୁ ଲୋତକ ଝରାଇ
କରିଲେ ସ୍ୱର୍ଗାରୋହଣ ନବଦୁର୍ଗ ପାଇଁ ।

Digitized by PPRACHIN, SOA

ତାଙ୍କ ପୂର୍ବୁ ହେମ ରାଜଲକ୍ଷ୍ମୀ ମରିଥିଲେ
ପିତାମୃତ ଶୁଣି ତହିଁ ବ୍ରଜେନ୍ଦ୍ର ଆସିଲେ ।
ପୂର୍ବ ରାଜବାଟୀ ପାଶ ଦୁର୍ଗା ମନ୍ଦିରରେ
ରାଜ ଅଭିଷେକ ହେଲେ ମାନ୍ଧାତା ପଦରେ ।"

ବ୍ରଜେନ୍ଦ୍ର ସିଂହ ବୃତ୍ତିରେ ଥିଲେ ଆଇନଜୀବୀ । ସେ ରାଞ୍ଚିରେ ଅବସ୍ଥାନ କରୁଥିଲେ । କିନ୍ତୁ ପ୍ରତ୍ୟେକ ବର୍ଷ ଦୁର୍ଗାପୂଜା ଓ ରଥଯାତ୍ରାରେ ଛେରାପହଁରା କାର୍ଯ୍ୟ ସମ୍ପାଦନ କରିବାକୁ ନୟାଗଡ଼ ଆସୁଥିଲେ । ୨୦୧୨ ମସିହାରେ ସେ ପରଲୋକ ଗମନ କଲେ ।

ନୟାଗଡ ପୁରୁଣା ରାଜବାଟୀ ଫାଟକରେ ରାଜାଙ୍କର ନାମ ଫଳକ ।

ବ୍ରଜେନ୍ଦ୍ର କିଶୋର ସିଂହ ମାନଧାତାଙ୍କ ନାମରେ ନୟାଗଡ଼ ଟାଉନରେ ବ୍ରଜେନ୍ଦ୍ର ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠିତ । ଏହା ଏ' ଗ୍ରେଡ୍‌ର ଉଚ୍ଚ ବିଦ୍ୟାଳୟ । ଏହି ଉଚ୍ଚବିଦ୍ୟାଳୟର ଦୁଇଗୋଟି ଛାତ୍ରାବାସ ରହିଛି । ଗୋଟିଏ ହେଉଛି ବ୍ରଜକିଶୋରୀ ଛାତ୍ରାବାସ ଏବଂ ଦ୍ୱିତୀୟଟି ହେଉଛି ଅମଲାପଡ଼ାରେ ସ୍ଥିତ 'ନିଉହଷ୍ଟେଲ' ।

ଅମରେନ୍ଦ୍ର ସିଂହ : ରାଜା କୃଷ୍ଣଚନ୍ଦ୍ରଙ୍କର କନିଷ୍ଠ ପୁତ୍ର ଅମରେନ୍ଦ୍ର ସିଂହ । ସେ କଟକ ବକ୍ସିବଜାର ବଢ଼େଇ ସାହିରେ ଅବସ୍ଥାନ କରୁଥିଲେ । ରାଜାଙ୍କର ଦ୍ୱିତୀୟା ପତ୍ନୀ ହିନ୍ଦୋଳ ରାଜଜେମା ସୌଭାଗ୍ୟମଞ୍ଜରୀ ତାଙ୍କର ମାତା । ଅମରେନ୍ଦ୍ରଙ୍କ ନାମରେ ନୟାଗଡ଼ରେ ରାଜାବଗିଚା ଅଞ୍ଚଳରେ ଗଢ଼ିଉଠିଥିବା ବଜାରକୁ 'ଅମରେନ୍ଦ୍ର ବଜାର' ନାମରେ ନାମିତ କରାଯାଇଛି । ବ୍ରଜେନ୍ଦ୍ର ସିଂହଙ୍କ ପୁତ୍ରମାନେ ରାଞ୍ଚିରେ ଅବସ୍ଥାନ କରୁଛନ୍ତି । ଅମରେନ୍ଦ୍ର ସିଂହଙ୍କ ପୁତ୍ରମାନେ ନୟାଗଡ଼ରେ ଅବସ୍ଥାନ କରୁଛନ୍ତି ।

ଅମରେନ୍ଦ୍ର ସିଂହ

Digitized by PPRACHIN, SOA

ରାମେଶ୍ୱର ପ୍ରସାଦ ସିଂହ

ଅମରେନ୍ଦ୍ର ସିଂହଙ୍କର ପୁତ୍ରଦ୍ୱୟ ହେଉଛନ୍ତି- ରାମେଶ୍ୱର ପ୍ରସାଦ ସିଂହ ଓ ଅମରେଶ୍ୱର ପ୍ରସାଦ ସିଂହ ।

ରାମେଶ୍ୱର ପ୍ରସାଦ ସିଂହ : ରାମେଶ୍ୱର ପ୍ରସାଦ ସିଂହ ଅମରେନ୍ଦ୍ର ସିଂହଙ୍କର ଜ୍ୟେଷ୍ଠପୁତ୍ର ଅଟନ୍ତି । ସମ୍ପ୍ରତି ସେ ନୟାଗଡ଼ର ନୂଆ ରାଜବାଟୀରେ ଅବସ୍ଥାନ କରୁଛନ୍ତି ।

◻◼◻



ନୂଆ ରାଜବାଟୀରେ ସ୍ଥାନୀତ ରାଜାଙ୍କ ସିଂହାସନ ଓ ତରବାରୀ ।

Digitized by PPRACHIN, SOA

ଚତୁର୍ଥ ପରିଚ୍ଛେଦ

ରାଜ୍ୟ ଶାସନ

Digitized by PPRACHIN, SOA

ଭାରତରେ ଦେଶୀୟ ରାଜ୍ୟମାନଙ୍କର ମିଶ୍ରଣ ପୂର୍ବରୁ ନୟାଗଡ ଗଡଜାତ ଓଡ଼ିଶାର ଅନ୍ୟାନ୍ୟ ଗଡ଼ଜାତ ପରି ଗଜପତିଙ୍କ ଅଧୀନରେ ଗୋଟିଏ ସନନ୍ଦଧାରୀ ଗଡ଼ଜାତ ଭାବରେ ରହିଥିଲା । ଗଜପତି ରାମଚନ୍ଦ୍ର ଦେବ (ଖ୍ରୀ.୧୫୬୮-ଖ୍ରୀ.୧୬୦୦)ଙ୍କ ରାଜତ୍ୱକାଳରେ ବାଙ୍କୀ, ଡମପଡା, ବଡମ୍ବା, ତିଗିରିଆ, ନରସିଂହପୁର, ତାଳଚେର, ଢେଙ୍କାନାଳ, ଆଠଗଡ, ଖଣ୍ଡପଡା, ରଣପୁର ଦଶପଲ୍ଲା ସହିତ ନୟାଗଡ଼ ରାଜ୍ୟ ଓଡିଶାର ଗଜପତି ମହାରାଜାଙ୍କର ଅଧୀନରେ ଗୋଟିଏ ଗୋଟିଏ କରଦରାଜ୍ୟରେ ପରିଣତ ହେଲେ ।

ଖୋର୍ଦ୍ଧାର ରାଜା ଓଡ଼ିଶାର 'ଗଜପତି' ରାଜା ଭାବରେ ସ୍ୱୀକୃତି ପାଇଲେ । ତାଙ୍କୁ ନୟାଗଡ଼ ସମେତ ୩୧ଗୋଟି ଦେଶୀୟ ରାଜା କର ପ୍ରଦାନ କରୁଥିଲେ । ଏହି ଦେଶୀୟ ରାଜ୍ୟଗୁଡ଼ିକ ହେଲେ- ନୟାଗଡ଼, ବାଙ୍କୀ, ଡମପଡ଼ା, ବଡ଼ମ୍ବା, ତିଗିରିଆ, ନରସିଂହପୁର, ଅନୁଗୁଳ, ତାଳଚେର, ମର୍ଦ୍ଦେଶ୍ୱର, ଆଠଗଡ଼, ଢେଙ୍କାନାଳ, ଶିରିଣ୍ଡା, ଅନ୍ଧିୟାରି, ବଜ୍ରକୋଟ, ଅଚଳକୋଟ, ଖଣ୍ଡପଡ଼ା, ରଣପୁର, ଦଶପଲ୍ଲା, ବାଣପୁର, ଘୁମୁସର, ଖଲ୍ଲିକୋଟ, କର୍ଲୋ, ଚିକିଟି, ମୋହରି, ଶେରଗଡ଼, ପାଲୁର, ଟିପାରୀ ଓ ରଘୁନାଥପୁର । ଐତିହାସିକ Arun Kumar Padhi ଲେଖିଛନ୍ତି- "The Raja of Khurdha was recognised as the 'Gajapati' king of Orissa to whom 31 Feudatory chiefs paid tribute- Banki, Damapada, Badamba, Tigiria, Narasingpur, Angul, Talcher, Mardeswar, Athagarh, Dhenkanal, Shirinda, Andhiyari, Bajrakat, Achalkot, Nayagarh, Khandapara, Ranapur, Daspalla, Banapur, Ghumusar, Khalikote, Kurlo, Chikiti, Mohiri, Shergarh, Paluar, Tipallry and Raghunathpur."

ନୟାଗଡ ରାଜ୍ୟର ଆୟତନ ୫୮୮ ବର୍ଗମାଇଲ ଥିଲା । ୧୯୦୬ ମସିହା ବନ୍ଦୋବସ୍ତ ଅନୁଯାୟୀ ଏହି ରାଜ୍ୟର ଆୟତନ ୫୯୦ ବର୍ଗମାଇଲ ଥିଲା । ୧୯୧୮

Digitized by PPRACHIN, SOA

ମସିହାବେଳକୁ ନୟାଗଡ ରାଜ୍ୟର ଆୟତନ ୫୯୦ ବର୍ଗମାଇଲ ଥିଲା । ଏଥିରୁ କୃଷିଜମି ପରିମାଣ ୨୦୯ ବର୍ଗମାଇଲ ଏବଂ ଅବଶିଷ୍ଟ ୩୮୧ ବର୍ଗମାଇଲ ପରିମିତି ଅଞ୍ଚଳ ସଂରକ୍ଷିତ ଜଙ୍ଗଲ, ପର୍ବତ, ଗୋଚରଭୂମି, ରାସ୍ତା, ନଦୀ, ନାଳ ଦ୍ୱାରା ଭରପୂର ଥିଲା । ୧୯୩୧ ମସିହା ବେଳକୁ ରାଜ୍ୟର ଆୟତନ ୫୬୬ ବର୍ଗମାଇଲକୁ ହ୍ରାସ ପାଇଥିଲା । ୫୬୬ ବର୍ଗମାଇଲ ଆୟତନ ବିଶିଷ୍ଟ ନୟାଗଡ ରାଜ୍ୟର ୨୧୬ ବର୍ଗମାଇଲ କୃଷିଜମି ରୂପେ ବ୍ୟବହୃତ ହେଉଥିଲା ଏବଂ ଅବଶିଷ୍ଟ ୩୫୦ ବର୍ଗମାଇଲ ଜଙ୍ଗଲ, ପାହାଡ, ମାଳଭୂମି, ନଦୀ, ଜଳାକୀର୍ଣ୍ଣ ଭୂମି ଏବଂ ଅନ୍ୟାନ୍ୟ ଅଦରକାରୀ ଭୂମିଦ୍ୱାରା ପରିପୂର୍ଣ୍ଣ ଥିଲା ।

ନୟାଗଡ ରାଜାଙ୍କର ରାଜବାଟୀ ରୁକ୍ଷି ପାହାଡର ଉତ୍ତରପାର୍ଶ୍ୱରେ ତଥା ପାହାଡର ପାଦ ଦେଶରେ ଅବସ୍ଥିତ ଥିଲା । ବର୍ତ୍ତମାନ ଏହି ରାଜବାଟୀର ମୁଖ୍ୟଦ୍ୱାର ବ୍ୟତୀତ ଅନ୍ୟ ସମସ୍ତ ଗୃହଗୁଡିକ ସମ୍ପୂର୍ଣ୍ଣରୂପେ ଧ୍ୱଂସ ହୋଇଯାଇଛି । ନୟାଗଡ ରାଜାଙ୍କର ନୂଆ ରାଜବାଟୀ ରୁକ୍ଷି ପାହାଡର ପୂର୍ବଦିଗରେ ନିର୍ମାଣ କରାଯାଇଥିଲା ।

ସିଭିଲ୍ ଶାସନ ବ୍ୟବସ୍ଥା (Civil Administration) :

(କ) ରାଜା (King) - ରାଜା ରାଜ୍ୟର ମୁଖ୍ୟ ଥିଲେ । ପୁରୁଷାନୁକ୍ରମରେ ରାଜା ହେବାର ବ୍ୟବସ୍ଥା ଥିଲା । ରାଜାଙ୍କର ଜ୍ୟେଷ୍ଠପୁତ୍ର, ଯିଏ କି 'ଯୁବରାଜ' ଭାବରେ ପରିଚିତ, ସେ ପିତାଙ୍କର ଉତ୍ତରାଧିକାରୀ ସୂତ୍ରରେ ରାଜା ହେଉଥିଲେ । ରାଜାଙ୍କୁ ସାହାଯ୍ୟ କରିବା ପାଇଁ କେତେଜଣ ପ୍ରଶାସନିକ ଦକ୍ଷତା ସମ୍ପନ୍ନ ଅଧିକାରୀ ରହୁଥିଲେ । ସେମାନଙ୍କର ମୁଖ୍ୟ ଦେୱାନ ଥିଲେ । ଐତିହାସିକ ଲେଖିଛନ୍ତି- "The Rajas were supreme in the system of administration. They (Rajas) rule," reported G.F. Cockburn, "their territory pretty much according to their own idea of what is right. The Raja was the privot of administraton and the fountain sources of all authoriies. In view of his wide powers he could be called the supreme custodian of his estate, the veritable guide and guardian of his subjects." ରାଜା କ୍ଷେଟର ମାମଲାଗୁଡ଼ିକୁ ବିଚାର କରୁଥିଲେ । ରାଜା ବିଚାର ବିଭାଗର ମୁଖ୍ୟ ଥିଲେ । ନୀଳମଣି ସେନାପତି ଲେଖିଛନ୍ତି– "During Durbar administration in the ex-state of Nayagarh, Daspalla, Ranpur and Khandapara, the respective rulers were the heads of justice. They were assisted by the Dewans or Superintendents and a number of subordinate officers to deal

Digitized by PPRACHIN, SOA

with the civil and criminal cases." ପ୍ରଜାମାନେ ରାଜାଙ୍କୁ ବିଷ୍ଣୁଅଂଶୀ ବୋଲି ବିଚାର କରୁଥିଲେ ।

(ଖ) ଦେଓ୍ୱାନ (Dewan) - ଷ୍ଟେଟର ସର୍ବୋଚ୍ଚ କର୍ମଚାରୀ ହେଉଛନ୍ତି ଦେଓ୍ୱାନ । ରାଜାଙ୍କ ପରେ ଷ୍ଟେଟ୍‌ର ପରବର୍ତ୍ତୀ କର୍ମକର୍ତ୍ତା ହେଉଛନ୍ତି ଦେଓ୍ୱାନ । ମର୍ଯ୍ୟାଦା (Rank) ଦୃଷ୍ଟିରୁ ସେ ପ୍ରଧାନମନ୍ତ୍ରୀ ସମକକ୍ଷ । ତେଣୁ ଐତିହାସିକ ଲେଖିଛନ୍ତି- "Dewan was the highest official in the state and as such he was next to the Raja, In rank his position was that of Prime Minister"- ଦେଓ୍ୱାନ ରାଜ୍ୟର ବହୁବିଧ କାର୍ଯ୍ୟ ସମ୍ପାଦନ କରୁଥିଲେ । ତାହା ହେଉଛି-

(୧) ସେ ପ୍ରତ୍ୟେକ ଗ୍ରାମର ଜମା ପରିମାଣ ସ୍ଥିର କରୁଥିଲେ ଓ ଜମିପଟ୍ଟା ପ୍ରଦାନ କରୁଥିଲେ ।

(୨) ବିଭିନ୍ନ ବିଭାଗର କାର୍ଯ୍ୟଗୁଡ଼ିକୁ ସେ ନିୟନ୍ତ୍ରଣ କରୁଥିଲେ ଏବଂ ଯୋଗସୂତ୍ର ରକ୍ଷା କରୁଥିଲେ ।

(୩) ପ୍ରତ୍ୟେକ କାର୍ଯ୍ୟାଳୟ ଏବଂ ଅନୁଷ୍ଠାନକୁ ସେ ତଦାରଖ(inspect) କରୁଥିଲେ ।

(୪) ରାଜାଙ୍କର ଅନୁପସ୍ଥିତିରେ ସେ ରାଜ୍ୟର ଦାୟିତ୍ୱରେ ରହୁଥିଲେ ।

(୫) ବ୍ରିଟିଶ ସରକାର ଓ ରାଜାଙ୍କ ମଧ୍ୟରେ ସେ ସମନ୍ୱୟ ରକ୍ଷା କରୁଥିଲେ ।

(୬) କୌଣସି ଅଧିକାରୀଙ୍କ ବିରୁଦ୍ଧରେ ଲିଖିତ କିମ୍ବା ମୌଖିକ ଅଭିଯୋଗକୁ ସେ ସିଧାସଳଖ ଗ୍ରହଣ କରୁଥିଲେ ।

ନୟାଗଡ଼ ରାଜଦରବାରରେ ପ୍ରଧାନମନ୍ତ୍ରୀ ପଦବୀଟି ଥିଲା 'ବେବର୍ତ୍ତା' । ନୟାଗଡ଼ ପୁରୁଣା ସହର ବେବର୍ତ୍ତା ପଟ୍ଟନାୟକଙ୍କ ପୂର୍ବଜମାନେ ଶାଢ଼ୀ ବନ୍ଧା ବେବର୍ତ୍ତା ଥିଲେ । ରାଜା ବ୍ରଜବନ୍ଧୁ ସିଂହ ମାନଧାତାଙ୍କ ସମୟରେ ବରଜୁ ପାଇକରା ବେବର୍ତ୍ତା ଥିବାର ପ୍ରମାଣ ମିଳେ ।

ତେବେ ୧୯୦୯ ମସିହାରେ ନୟାଗଡ଼ରେ ସହକାରୀ ଦେଓ୍ୱାନ (Assistant Dewan) ପଦବୀ ଥିଲା । ପରବର୍ତ୍ତୀ କାଳରେ ଏହି ପଦବୀକୁ ଦେଓ୍ୱାନ (Dewan) ପଦବୀକୁ ଉନ୍ନୀତ କରାଯାଇଥିଲା । ନୟାଗଡ଼ ଦରବାରର ଜଣାଶୁଣା ଦେବାନ ହେଉଛନ୍ତି ଏଚ୍.କେ. ସାମନ୍ତ(H. K. Samant)ଏବଂ ଜନାର୍ଦ୍ଦନ ନନ୍ଦ(Janardan Nanda) ।

ପୋଲିସ ପ୍ରଶାସନ (Police Administration) :

ନୟାଗଡ଼ ଷ୍ଟେଟ୍ ପୋଲିସ୍ ପ୍ରଶାସନ ଦୃଷ୍ଟିରୁ ଉନ୍ନତ ଥିଲା । ଷ୍ଟେଟ ମଧ୍ୟରେ ୭ ଗୋଟି ପୋଲିସ ତଦନ୍ତ କେନ୍ଦ୍ର, ଜଣେ ପୋଲିସ୍ ଇନ୍‌ସ୍‌ପେକ୍ଟରଙ୍କ ଅଧୀନରେ ରହିଥିଲା । ନୟାଗଡ଼ର ପୋଲିସ୍ ଫୋର୍ସ ନିମ୍ନ ପୋଲିସ୍ କର୍ମଚାରୀମାନଙ୍କୁ ନେଇ ଗଠିତ ହୋଇଥିଲା-

Digitized by PPRACHIN, SOA

ପଦବୀ	ସଂଖ୍ୟା
(୧) ଇନ୍‌ସପେକ୍ଟର -	୦୧
(୨) ସବ୍-ଇନସ୍‌ପେକ୍ଟର -	୦୬
(୩) ଆସିଷ୍ଟାଣ୍ଟ ସବ୍-ଇନସ୍‌ପେକ୍ଟର -	୦୯
(୪) ହାବିଲଦାର -	୦୪
(୫) ବଡି ଗାର୍ଡ -	୦୪
(୬) ରାଇଟର କନ୍‌ଷ୍ଟେବଲ୍ -	୦୯
(୭) କନଷ୍ଟେବଲସ୍ -	୯୦
ମୋଟ -	୧୨୩

ଉପର୍ଯ୍ୟୁକ୍ତ ଛଅଜଣ ସବ୍-ଇନ୍‌ସପେକ୍ଟରଙ୍କ ମଧ୍ୟରୁ ଚାରିଜଣ ସବ-ଇନସ୍‌ପେକ୍ଟର ହଜାରିବାଗ ପୋଲିସ୍ ଟ୍ରେନିଂ କଲେଜରୁ ଟ୍ରେନିଂ ପ୍ରାପ୍ତ । ରିଜର୍ଭ ସବ୍-ଇନ୍‌ପେକ୍ଟର (ସୁବେଦାର) ଏ. ନୁରଖାଁ ମିଲିଟାରୀ ଟ୍ରେନିଂ ପାଇଥିଲେ ।

ନୟାଗଡ଼ ଷ୍ଟେଟ୍‌ରେ ୩୮୪ ଜଣ ଚୌକିଦାର କାର୍ଯ୍ୟରତ ଥିଲେ । ସମସ୍ତ ଚୌକିଦାର ଜାଗିର ଜମି ଭୋଗ କରୁଥିଲେ । ମାଳ ଅଞ୍ଚଳରେ କାର୍ଯ୍ୟରତ ୨୦ଜଣ ଚୌକିଦାର ସେମାନଙ୍କ ଜାଗିର ଜମି ବ୍ୟତୀତ ମାସକୁ ଟ୨/- ଲେଖାଏଁ ଅତିରିକ୍ତ ପ୍ରାପ୍ୟ ପାଉଥିଲେ ।

ମିଲିଟାରୀ ପ୍ରଶାସନ (Military Administration) :

ରାଜ୍ୟରେ ମିଲିଟାରୀ ପ୍ରଶାସନ କ୍ଷେତ୍ରରେ ବହୁ ପଦବୀ ସୃଷ୍ଟି ହୋଇଥିଲା; ଯଥା- ଦଳେଇ, ଦଳବେହେରା, ନାୟକ, ପାଇକ, ଉତ୍ତରକବାଟ, ଦକ୍ଷିଣ କବାଟ, ପଶ୍ଚିମକବାଟ, ଚମ୍ପତି, ଚମ୍ପତିରାୟ, ପ୍ରଧାନ, ପଟ୍ଟସେନାନୀ, ଇତ୍ୟାଦି । ଆଜିର ଆର୍ମି କ୍ୟାଡରରେ ଦଳ ବେହେରା ସୁବେଦାର ସହ ତୁଳନୀୟ, ଦଳାଇ, ହାବିଲଦାର ମେଜର ସହ ତୁଳନୀୟ ଏବଂ ନାୟକ ହାବିଲଦାର ଏବଂ ପାଇକ ସୈନିକ ସହିତ ତୁଳନୀୟ ।

ଏହାବ୍ୟତୀତ ରାଜା ନିଜର ସୁରକ୍ଷା ପାଇଁ ଏବଂ ପ୍ରଜାମାନଙ୍କର ଧନ ଓ ଜୀବନ ରକ୍ଷା ପାଇଁ ଦୁର୍ଗ (Fort) ବା ଗଡ଼ ପ୍ରତିଷ୍ଠା କରୁଥିଲେ । ଏହି ଗଡ଼ ଦୁଇ ଭାଗରେ ବିଭକ୍ତ; ଯଥା-

(କ) କିଲ୍ଲା କିମ୍ବା ଗଡ଼ - ଏହି କିଲ୍ଲା ବା ଗଡ଼କୁ ରାଜବାଟୀ କୁହାଯାଏ । ରାଜବାଟୀ ମଧ୍ୟରେ ରାଜା ଅବସ୍ଥାନ କରନ୍ତି । ରାଜବାଟୀ ହେଉଛି ରାଜାଙ୍କର ବାସଭବନ । ରାଜବାଟୀ ଚାରିପଟେ ଚୌକିବେଢ ପାଇକମାନେ ରାତ୍ରିରେ ପହରା ଦେଉଥିଲେ ।

Digitized by PPRACHIN, SOA

(ଖ) ଅନ୍ୟାନ୍ୟ ଗଡ଼ - ନୟାଗଡ଼ ରାଜ୍ୟର ବିଭିନ୍ନ ସ୍ଥାନରେ ଗଡ଼ମାନ ପ୍ରତିଷ୍ଠା ହୋଇଥିଲା । ତାହା ହେଉଛି- ବାଲୁଗାଁ ଗଡ଼, ଲାଠିପଡ଼ାଗଡ଼, ପୋଡ଼ାଗଡ଼, ହରିପୁରଗଡ଼, ମହୀପୁରଗଡ଼, ଭାଟସାହିଗଡ଼, କାଙ୍ଗୁଲକଟାଗଡ଼, ବାଉଁଶଗଡ଼, ଗବନଳଗଡ଼, ରଳବଗଡ଼, ଗୁନାମାଟିଗଡ଼ ଇତ୍ୟାଦି । ଏହି ଗଡ଼ଗୁଡ଼ିକୁ ଦଳେଇ, ଦଳବେହେରା, ଗଡ଼ତିଆ ପ୍ରଭୃତି ମିଲିଟାରୀ ମୁଖ୍ୟମାନେ ହେଡ୍ କ୍ୱାର୍ଟରସ୍ ରୂପେ ବ୍ୟବହାର କରୁଥିଲେ । ୧୯୩୯-୪୦ ମସିହା ବେଳକୁ ନୟାଗଡ଼ ଷ୍ଟେଟ୍‌ରେ ୪୮ ଗୋଟି M.H. ଟାଇପ୍‌ର ସାଧାରଣ ହାତବନ୍ଧୁକ (Musket) ଥିବାର ପ୍ରମାଣ ମିଳେ । ନୟାଗଡ଼ ଷ୍ଟେଟ୍‌ର ସୁରକ୍ଷା ନିମିତ୍ତ ଏହା ଉଦ୍ଦିଷ୍ଟ ଥିଲା । ସରକାରୀ ରେକର୍ଡ଼ରେ ଉଲ୍ଲେଖ ଅଛି- "The State is in possession of 48 Muskets of M.H. type."

ବ୍ରାହ୍ମଣ - ରାଜ୍ୟ ଶାସନରେ ବ୍ରାହ୍ମଣମାନଙ୍କର ଭୂମିକା ଥିଲା । ଏମାନଙ୍କୁ ପୁରୋହିତ ବା ବୈଦିକ ବ୍ରାହ୍ମଣ କୁହାଯାଏ । ନୟାଗଡ଼ର ପ୍ରଥମ ରାଜା ସୂର୍ଯ୍ୟମଣି ସିଂହଙ୍କ ସମୟରେ ଘନଶ୍ୟାମ ଆଚାର୍ଯ୍ୟ ନାମରେ ଜଣେ ବ୍ରାହ୍ମଣ ରାଜାଙ୍କୁ ପରାମର୍ଶ ଦେଉଥିଲେ । ଘନଶ୍ୟାମ ଆଚାର୍ଯ୍ୟଙ୍କର ବଂଶଧରମାନେ ହେଉଛନ୍ତି କଣ୍ଟାବଣିଆ ଶାସନର ଆଚାର୍ଯ୍ୟ ବ୍ରାହ୍ମଣ ପରିବାର ବର୍ଗ । ସୂର୍ଯ୍ୟମଣି ସିଂହଙ୍କ ଠାରୁ ନଅ ପୁରୁଷ ପର୍ଯ୍ୟନ୍ତ କଣ୍ଟାବଣିଆ ଶାସନର ଆଚାର୍ଯ୍ୟ ବ୍ରାହ୍ମଣ ବଂଶ ରାଜପୁରୋହିତ କାର୍ଯ୍ୟ କରୁଥିଲେ ।

ନବମ ରାଜା ବାଘା ସିଂହଙ୍କ ସମୟରେ କର୍ମୀଜାତୀୟ ବ୍ରାହ୍ମଣ ରାଜପୁରୋହିତ କାର୍ଯ୍ୟ କରୁଥିଲେ । ଷୋଡ଼ଶ ରାଜା ରାମଚନ୍ଦ୍ରସିଂହ ମାନଧାତାଙ୍କ ସମୟରେ ଦାମୋଦର ପୁରୋହିତ ରାଜପୁରୋଧା କାର୍ଯ୍ୟ ସମାହିତ କଲେ । ଦାମୋଦର ପୁରୋହିତଙ୍କ ପରେ ଚକ୍ରଧର ପୁରୋହିତ, ତାଙ୍କପରେ ସୋମନାଥ ପୁରୋହିତ, ବୈଦ୍ୟନାଥ ମିଶ୍ର ଓରଫ ରାଜଗୁରୁ ମହାପାତ୍ର ରାଜପୁରୋହିତ କାର୍ଯ୍ୟ କରିଥିଲେ ।

ରାଜା ରଘୁନାଥ ସିଂହ ମାନଧାତାଙ୍କ ସମୟରେ ମୃତ୍ୟୁଞ୍ଜୟ ରାଜଗୁରୁ ରାଜପୁରୋଧା ହେଲେ । ତାଙ୍କ ପରେ ଗୋପୀନାଥ ମିଶ୍ର ରାଜପୁରୋଧା ହେଲେ । ରାଜା ଲଡୁକିଶୋର ସିଂହ ମାନଧାତାଙ୍କ ସମୟରେ ବୈଦ୍ୟନାଥ ରାଜଗୁରୁ ରାଜପୁରୋହିତ କାର୍ଯ୍ୟ କରୁଥିଲେ । ଏହିସବୁ ବ୍ରାହ୍ମଣମାନଙ୍କୁ ଦାନସୂତ୍ରରେ ଜମି ବା ମୌଜା ପ୍ରଦାନ କରାଯାଉଥିଲା ।

କରଣ - ବ୍ରାହ୍ମଣମାନଙ୍କ ପରି କରଣ ଜାତିର ଲୋକ ରାଜ୍ୟଶାସନରେ ସହାୟତା କରୁଥିଲେ । ଶିଷ୍ଟକରଣମାନେ ଚାରି ପ୍ରକାରର- ଖର, ପୁର, କୁଳିନ ଏବଂ ଚ୍ୟାଉ । ରାଜ୍ୟମାନେ ଏମାନଙ୍କ ଦ୍ୱାରା ରାଜକାର୍ଯ୍ୟ କରାଉଥିଲେ । ଏହି କରଣମାନେ

Digitized by PPRACHIN, SOA

ରାଜପରିଷଦ । ଏମାନଙ୍କର ପଦବୀ ଥିଲା ବେବର୍ତ୍ତା, ପାଞ୍ଜିଆ, ବେବର୍ତ୍ତା ପଟ୍ଟନାୟକ, ଛାମୁକରଣ, ଗୁମାସ୍ତା ବା ପଡ଼ିହସ୍ତ ଏବଂ ଗନ୍ତାଘର କରଣ । ଏହି କରଣମାନେ ଅନୁଗ୍ରହୀ ଜାଗିରି ଜମି ଭୋଗ କରୁଥିଲେ । ଏହି କରଣମାନେ ନିୟିଗଡ଼, ବଉଳସାହି, ନୂଆଗାଁ, ଶିଖରପୁର, ବିରୁଡ଼ା, ସଙ୍ଖେଇ, ପେଟାପଲି ପ୍ରଭୃତି ଗ୍ରାମମାନଙ୍କରେ ଅବସ୍ଥାନ କରନ୍ତି ।

ସାଧାରଣ ପ୍ରଶାସନ (General Administration) :

ନୟାଗଡ ରାଜ୍ୟକୁ ଭୌଗୋଳିକ ଭିତ୍ତିରେ ଦୁଇଭାଗରେ ବିଭକ୍ତ କରାଯାଇଛି; ଯଥା: ଦେଶ (Desh) ଓ ମାଳ (Mal) । ଦେଶ ଅଞ୍ଚଳରେ ବିଭିନ୍ନ ଜାତି ଓ ଉପଜାତିର ଲୋକ ବାସ କରନ୍ତି । ଶାସନର ସୁବିଧା ଦୃଷ୍ଟିରୁ 'ଦେଶ' ଅଞ୍ଚଳକୁ ନଅଗୋଟି ଜିଲ୍ଲାରେ ବିଭକ୍ତ କରାଯାଇଥିଲା । ସେଗୁଡିକ ହେଉଛି-

କ) କାନ୍ଧମାଳ ଜିଲ୍ଲା	ଘ) ଗୋଡିପଲ୍ଲୀ ଜିଲ୍ଲା	ଛ) ବରପଲ୍ଲୀ ଜିଲ୍ଲା
ଖ) କୋରଡା ଜିଲ୍ଲା	ଙ) ପଞ୍ଚୁପଲ୍ଲୀ ଜିଲ୍ଲା	ଜ) ମହୀପୁର ଜିଲ୍ଲା
ଗ) ଗଣ୍ଡିବେଢ଼ ଜିଲ୍ଲା	ଚ) ବଡଦେଶ ଜିଲ୍ଲା	ଝ) ସୁନାମୁହିଁ ଜିଲ୍ଲା

ପରବର୍ତ୍ତୀ ସମୟରେ ଏହି ଜିଲ୍ଲା ବିଭାଗୀକରଣକୁ ପ୍ରଗଣା ନାମରେ ନାମିତ କରାଗଲା । ନଅଗୋଟି ଜିଲ୍ଲା ସଂଖ୍ୟାରେ ପରିବର୍ତ୍ତନ କରାଗଲା । ବରପଲ୍ଲୀ ଓ ବଡଦେଶ ଜିଲ୍ଲା ଦୁଇଟି ମିଶି ବଡଦେଶ ପ୍ରଗଣା ହେଲା । ତେଣୁ 'ଦେଶ' ଅଞ୍ଚଳରେ ରହିଥିବା ନଅଗୋଟି ଜିଲ୍ଲା ଆଠଗୋଟି ପ୍ରଗଣା ହେଲା । ସେହିପରି 'ମାଳ' ଅନ୍ତର୍ଗତ କୋରଡା ମାଳ, ଗୁମି ମାଳ ଓ ବେତନଟୀ ମାଳକୁ ପ୍ରଗଣା ନାମରେ ନାମିତ କରାଗଲା । ଏହିପରି ଭାବରେ ନୟାଗଡ (Nayagarh State)ରେ ଏଗାରଗୋଟି ପ୍ରଗଣା ସୃଷ୍ଟି କରାଗଲା । ନିମ୍ନରେ ଏହି ଏଗାରଗୋଟି ପ୍ରଗଣା ସମ୍ପର୍କରେ ସୂଚନା ପ୍ରଦାନ କରାଗଲା:-

୧) କୋରଡା (Korada):

ଏହି ପ୍ରଗଣାର କ୍ଷେତ୍ରଫଳ ୧୯୧୨୦.୫୩ ଏକର । କୃଷିକ୍ଷେତ୍ର ୨୯୯୫.୬୩ ଏକର ଏବଂ ଅଣ କୃଷିକ୍ଷେତ୍ର ୯୧୨୪.୯୦ ଏକର । ଏହି ପ୍ରଗଣାର ଗ୍ରାମ ସଂଖ୍ୟା ୪୨ ଥିଲା ।

୨) କୋରଡା ମାଳ (Korada Mal):

ଉକ୍ତ ପ୍ରଗଣାର କ୍ଷେତ୍ରଫଳ ୯୧୮୩.୨୯ ଏକର । କୃଷିକ୍ଷେତ୍ର ୨୪୭୭.୦୯ ଏକର ଏବଂ ଅଣକୃଷିକ୍ଷେତ୍ର ୬୭୦୬.୨୦ ଏକର । ଏହି ପ୍ରଗଣାର ଗ୍ରାମ ସଂଖ୍ୟା ୨୭ ।

Digitized by PPRACHIN, SOA

୩) ଗୁମି ମାଳ (Gumi Mal):

ଏହି ପ୍ରଗଣାର କ୍ଷେତ୍ରଫଳ ୧୦୧୭୮.୪୬ ଏକର । କୃଷିକ୍ଷେତ୍ର ୩୪୦୧.୬୫ ଏକର ଓ ଅଣକୃଷିକ୍ଷେତ୍ର ୬୭୭୬.୩୧ ଏକର । ଏହି ପ୍ରଗଣାରେ ୨୨ଟି ଗ୍ରାମ ରହିଥିଲା ।

୪) ବେତନଟୀ ମାଳ (Betanati Mal):

ଏହି ପ୍ରଗଣାର କ୍ଷେତ୍ରଫଳ ୧୨୭୧୩.୪୧ ଏକର । କୃଷି ଜମିର ପରିମାଣ ୩୮୧୮.୨୨ ଏକର ଓ ଅଣକୃଷି ଜମି ୮୮୯୫.୧୯ ଏକର । ଏହି ପ୍ରଗଣାରେ ୨୭ଟି ଗ୍ରାମ ରହିଥିଲା ।

୫) ଗୋତିପଲ୍ଲୀ (Gotipalli):

ଏହି ପ୍ରଗଣାର କ୍ଷେତ୍ରଫଳ ୧୨୪୨୨.୯୯ ଏକର । ଏହି ପ୍ରଗଣାର ଚାଷଜମି ୭୨୦୪.୫୯ ଏକର ଓ ଅଣଚାଷ ଜମି ୫୨୧୮.୪୦ ଏକର । ଉକ୍ତ ପ୍ରଗଣାର ଗ୍ରାମସଂଖ୍ୟା ୩୦ ।

୬) ସୁନାମୁହିଁ (Sunamuhin):

ଏହି ପ୍ରଗଣାର କ୍ଷେତ୍ରଫଳ ୩୫୫୩୫.୧୪ ଏକର । କୃଷି ଜମି ପରିମାଣ ୨୬୨୬୬.୩୭ ଏକର ଓ ପଡିଆ ଜମି ପରିମାଣ ୯୨୬୮.୭୭ ଏକର । ଗ୍ରାମସଂଖ୍ୟା ୯୩ ।

୭) କାନ୍ଥ ମାଳ (Kanthamal):

ଏହି ପ୍ରଗଣାର କ୍ଷେତ୍ରଫଳ ୩୨୫୬୬.୨୭ ଏକର । କୃଷି ଜମି ପରିମାଣ ୨୩୫୧୪.୪୪ ଏକର ଏବଂ ଅଣକୃଷି ଜମି ୯୦୫୧.୮୩ ଏକର । ଏହି ପ୍ରଗଣାରେ ଗ୍ରାମସଂଖ୍ୟା ୭୯ ।

୮) ମହୀପୁର (Mahipur):

ଏହାର କ୍ଷେତ୍ରଫଳ ୨୦୭୧୧.୩୬ ଏକର । କୃଷିକ୍ଷେତ୍ର ୧୧୩୦୫.୬୬ ଏକର ଓ ଅଣକୃଷିକ୍ଷେତ୍ର ୮୮୦୫.୭୦ ଏକର । ଗ୍ରାମସଂଖ୍ୟା ୭୪ ।

୯) ଗଣ୍ଡିବେଢ (Gandibedha):

ଏହି ପ୍ରଗଣାର କ୍ଷେତ୍ରଫଳ ୩୫୯୫୮.୭୨ ଏକର । କୃଷିକ୍ଷେତ୍ର ଅଞ୍ଚଳ ୨୫୮୦୩.୮୮ ଏକର ଓ ଅଣକୃଷିକ୍ଷେତ୍ର ୧୦୧୫୪.୮୪ ଏକର । ଗ୍ରାମସଂଖ୍ୟା ୧୦୮ ।

୧୦) ବଡଦେଶ (Badadesh):

ଏହାର ଆୟତନ ୨୭୬୫୧.୦୨ ଏକର । କୃଷିଜମି ପରିମାଣ ୧୭୭୪୯.୨୬ ଏକର ଏବଂ ଅଣକୃଷି ଜମି ୭୯୦୧.୭୬ ଏକର । ଏହି ପ୍ରଗଣାରେ ୨୭ଟି ଗ୍ରାମ ରହିଥିଲା ।

Digitized by PPRACHIN, SOA

୧୧) ପଞ୍ଚୁପଲ୍ଲୀ (Panchupalli):

ଏହି ପ୍ରଗଣାର କ୍ଷେତ୍ରଫଳ ୧୩୯୪୯.୭୧ ଏକର । କୃଷିକ୍ଷେତ୍ର ୭୦୯୫.୮୫ ଏକର ଓ ଅଣକୃଷି ଜମି ୬୮୫୩.୮୬ ଏକର । ଏହି ପ୍ରଗଣାରେ ଗ୍ରାମସଂଖ୍ୟା ୪୨ ଥିଲା ।

ଷ୍ଟେଟର ରୟତମାନଙ୍କୁ ନିମ୍ନ ପାଞ୍ଚ ଭାଗରେ ବିଭକ୍ତ କରାଯାଇଥିଲା-

(୧) **ଥାନି (Thani)** - ଏମାନେ ଗ୍ରାମରେ ସ୍ଥାୟୀ ଭାବରେ ରହୁଥିବା କୃଷକ ।

(୨) **ପାହି (Pahi)** - ଏମାନେ ଗ୍ରାମରେ ଅସ୍ଥାୟୀ ଭାବରେ ରହୁଥିବା କୃଷକ ।

(୩) **ଚନ୍ଦନା (Chandana)** - ଏମାନେ ଗ୍ରାମରେ ସ୍ଥାୟୀ ଭାବରେ ରହୁଥିବା ଅଣକୃଷକ । ଏମାନେ କେବଳ ବାସଭୂମିର ଅଧିକାରୀ ।

(୪) **ଚନ୍ଦନା ଚାଷ (Chandana Chas)** - ଏମାନେ ଚନ୍ଦନା ରୟତ ଶ୍ରେଣୀୟ । ଏମାନଙ୍କର ବାସଭୂମି ନିକଟରେ ଆଦ୍ରଭୂମି ରହିଥାଏ ।

(୫) **ପାଇକାନ୍ ରୟତି (Paikan Royati)** - ଏମାନେ ଥାନି ରୟତ ଶ୍ରେଣୀୟ ।

ଏମାନେ ରାଜାଙ୍କୁ କୌଣସି ସେବା ଯୋଗାଇ ନ ଥା'ନ୍ତି ।

ରାଜକର୍ମଚାରୀ :

ନୟାଗଡ ରାଜ୍ୟରେ ଅନେକ ରାଜକର୍ମଚାରୀ ନିଯୁକ୍ତି ପାଇ କାର୍ଯ୍ୟ ସମ୍ପାଦନ କରୁଥିଲେ । ନୟାଗଡ ରାଜ୍ୟର ରାଜକର୍ମଚାରୀମାନେ ହେଉଛନ୍ତି-

୧) ହଜୁରୀ ପାଇକ (Hajuree-Paik)
୨) ନଗଦିଆ ପାଇକ (Nagadia Paik)
୩) ଚୌକିବେଡ ପାଇକ (Choukideda Paik)
୪) ଚୌକିଦାର (Choukidar)
୫) ଡାକୁଆ (Dakua), ଦେଶେଟା (Deshhetta) ଓ ନିଯୋଗୀଚକ୍ରନ (Nijogichakran)
୬) ସରବରାକାର (Sarbarakar)

୧) ହଜୁରୀ ପାଇକ (Hajuree-Paik):

ରାଜାଙ୍କର ହଜୁରୀ ପାଇକମାନେ ମୁସଲମାନ ସମ୍ପ୍ରଦାୟର ଲୋକଥିଲେ । ସିନ୍ଦୁରିଆର କେତେଜଣ ମୁସଲମାନ ହଜୁରୀ ପାଇକ ରୂପେ କାର୍ଯ୍ୟ କରୁଥିଲେ । ଏମାନେ ସାହସୀ ଓ ବଳଶାଳୀ । ଏମାନେ ସର୍ବଦା ରାଜାଙ୍କ ନିକଟରେ ରହୁଥିଲେ ।

Digitized by PPRACHIN, SOA

ରାଜା ଯେତେବେଳେ ବିଭିନ୍ନ ଶିବିରକୁ ଯାଆନ୍ତି, ସେତେବେଳେ ସେମାନେ ରାଜାଙ୍କ ସହିତ ଯାଉଥିଲେ । ବେଳେବେଳେ ସେମାନେ ରାଜାଙ୍କୁ ଜଗି ରହୁଥିଲେ । ଏମାନେ ଖଣ୍ଡା ବ୍ୟବହାର କରଥିଲେ । ସେମାନେ ରାଜାଙ୍କୁ ଟଙ୍କିକର ଦେଇ ଆସୁଥିଲେ । ସେମାନଙ୍କୁ ରାଜାଙ୍କଦ୍ୱାରା ପ୍ରଦତ୍ତ ଜାଗିରଜମିକୁ ସେମାନେ ବିକ୍ରି କରିବା, ବନ୍ଧା ପକାଇବା କିମ୍ବା ସୂତ୍ରରେ ଅନ୍ୟକୁ ପ୍ରଦାନ କରିବାର ଅଧିକାର ନ ଥିଲା ।

୨) ନଗଦିଆ ପାଇକ (Nagadia Paik):

ଏମାନେ ହେଉଛନ୍ତି ଘୁମୁସର ରାଜ୍ୟରୁ ଆସିଥିବା କାଳନ୍ଦୀ ପାଇକମାନଙ୍କର ବଂଶଧର । ଏମାନେ ରାଜାଙ୍କର ଅନ୍ତଃପୁର (Zenana)କୁ ଜଗୁଥିଲେ ଏବଂ ରାଜାଙ୍କର ଛୋଟ ଛୋଟ ଆଦେଶକୁ ପାଳନ କରୁଥିଲେ । ଏମାନେ ଖଣ୍ଡା ଧାରଣ କରୁଥିଲେ ।

୩) ଚୌକିବେଡ଼ ପାଇକ (Choukibed Paik):

ଏହି ଶ୍ରେଣୀର ପାଇକମାନେ ରାଜବାଟୀକୁ ଜଗି ରହୁଥିଲେ । ରାଜାଙ୍କର ରାଜବାଟୀ ଚାରିପାର୍ଶ୍ୱରେ ବାର ଗୋଟି ସ୍ଥାନରେ ପହରା ଦିଆଯାଉଥିଲା । ପହରା ସ୍ଥାନକୁ 'ଚଉକି' କୁହାଯାଏ । ବାରଗୋଟି ମୌଜାର ରାଜା ଏହି ପହରା କାର୍ଯ୍ୟ କରୁଥିଲେ । ସେଗୁଡ଼ିକ ହେଉଛି- ଲେଙ୍କୁଡ଼ିପଡ଼ା, ଜାମୁସାହି, ଗୋତିସାହି, କଲ୍ୟାଣପୁର, ଧବଳାଇ, ମଗରବନ୍ଧ, ଗାତେରି, ପୋଢ଼ାଗଡ଼, ଗମେଇ, କନ୍ଧଗମ୍ଭାରିଡିହି, ଗନ୍ଧବାରଣ ଓ ଛମୁଗାଡ଼ିଆ । ଏହା ବ୍ୟତୀତ ଓସ୍ତିଆ ଗ୍ରାମର କିଛି ପ୍ରଜା ଦାରୁଘର ପହରା କାର୍ଯ୍ୟ କରୁଥିଲେ । ସେମାନେ ସାଧାରଣ ରୟତମାନଙ୍କ ଅପେକ୍ଷା କିଞ୍ଚିତ କମ୍ ପରିମାଣର ଭୂରାଜସ୍ୱ ପ୍ରଦାନ କରୁଥିଲେ । ୧୯୧୮ ମସିହା ପୂର୍ବରୁ ଓଡ଼ିଶା ଟ୍ରିବ୍ୟୁଟାରୀ ମହଲସ୍ ସୁପରିଟେଣ୍ଡେଣ୍ଟ୍ ନିର୍ଦ୍ଦେଶକ୍ରମେ ନୟାଗଡ ରାଜ୍ୟର ନଗଡ଼ିଆ ପାଇକ ଏବଂ ଚୌକିବେଡ଼ ପାଇକମାନଙ୍କର ସଂଖ୍ୟାକୁ ସୀମିତ କରାଯାଇଥିଲା । ଜଣାଯାଇଛି ଯେ ଏହି ସମୟ ବେଳକୁ ନୟାଗଡ ରାଜାଙ୍କର ୭୨ଜଣ ନଗଡିଆ ପାଇକ ଏବଂ ୨୮୮ ଜଣ ଚୌକିବେଡ଼ ପାଇକ ଏହିପରି ମୋଟ ୩୬୦ଜଣ ପାଇକ ରହିଥିଲେ । ପ୍ରତ୍ୟେକ ପାଇକର ମାସିକ ଦରମା ଟ.୪/- ଥିଲା । ରାଜବାଟୀର ପ୍ରତିଦିନ ପ୍ରାୟ ୩୦ଜଣ ନଗଡିଆ ପାଇକ ଓ ଚୌକିବେଡ଼ ପାଇକ ପାଳି ଅନୁଯାୟୀ କାର୍ଯ୍ୟ କରୁଥିଲେ । ଏହି ପାଇକ ଗୋଷ୍ଠୀରୁ ଯଦି କୌଣସି ପାଇକ ମୃତ୍ୟୁ ମୁଖରେ ପଡେ କିମ୍ବା କାର୍ଯ୍ୟ କରିବା ପାଇଁ ଅକ୍ଷମ ହୋଇପଡେ, ତେବେ ସେମାନଙ୍କ ପରିବାର ମଧ୍ୟରୁ ଅନ୍ୟଜଣକୁ ନିଯୁକ୍ତି ପ୍ରଦାନ କରାଯାଉଥିଲା ।

Digitized by PPRACHIN, SOA

୪) ଚୌକିଦାର (Choukidar):

ଏମାନଙ୍କୁ ସାଧାରଣତଃ ଛାଟିଆ କୁହାଯାଉଥିଲା । କେବେଳ ପାଣ କିମ୍ବା ବେତ୍ରାପାଣ ଜାତିର ଲୋକ ଏହି ପଦବୀକୁ ଗ୍ରହଣ କରିବାର ପ୍ରଥା ଥିଲା । ଅନ୍ୟ କୌଣସି ଜାତିର ଲୋକ ଏହି ଚାକିରୀ କରୁ ନ ଥିଲେ । ଏମାନେ ଗ୍ରାମାଞ୍ଚଳରେ ପୋଲିସ୍ କର୍ମଚାରୀ ଏବଂ ସର୍ବରାକାରମାନଙ୍କୁ ସବୁମତେ ସାହାଯ୍ୟ କରୁଥିଲେ । ଜଣାଯାଏ ଯେ ରାଜ୍ୟର ୬୨୨ ଗୋଟି ଗ୍ରାମର ଚୌକିଦାରମାନଙ୍କୁ ପ୍ରାୟ ୧୭୦୪ ଏକର ଜମି ସେବାଜମି ରୂପେ ପ୍ରଦାନ କରାଯାଇଛି । ଅବଶିଷ୍ଟ ପଲ୍ଲୀଗ୍ରାମ କିମ୍ବା କନ୍ଧପଲ୍ଲୀର ଚୌକିଦାରମାନେ ପ୍ରତ୍ୟେକ ଚାଷୀଠାରୁ ଧାନ ଅମଳ ସମୟରେ ଧାନଶସ୍ୟ ପାଉଥିଲେ । ଧାନଚାଷ କରୁ ନ ଥିବା ଲୋକମାନେ ଚୌକିଦାରକୁ ମାସକେ ଥରେ କଂସାଏ ଭାତ ଏବଂ ଟ.୦.୧୬ ବାର୍ଷିକ ପ୍ରଦାନ କରୁଥିଲେ ।

୫) ଡାକୁଆ (Dakua):

ଏହାର ଆକ୍ଷରିକ ଅର୍ଥ ହେଲା ଯେ ଡାକେ ସେ ହେଉଛି ଡାକୁଆ । ଏମାନେ ସର୍ବରାକାରମାନଙ୍କୁ ରାଜସ୍ୱ ଆଦାୟ କାର୍ଯ୍ୟରେ ସାହାଯ୍ୟ କରୁଥିଲେ । ଅନ୍ୟାନ୍ୟ ରାଜସ୍ୱ ଆଦାୟ କ୍ଷେତ୍ରରେ ଏମାନେ ସାହାଯ୍ୟ କରୁଥିଲେ । ରାଜ୍ୟରେ ୯୭ଜଣ ଡାକୁଆ କାର୍ଯ୍ୟ କରୁଥିଲେ । ଏମାନେ ୨୪ ଏକର ଭୂ-ରାଜସ୍ୱ ମୁକ୍ତ ଜମି ଏବଂ ୧୩୮ ଏକର ସମ୍ପୂର୍ଣ୍ଣ କରଛାଡ ଜମି ଭୋଗ ଦଖଲ କରିଆସୁଥିଲେ ।

ଦେଶେଟା (Deshhetta):

ଏମାନେ ହେଉଛନ୍ତି ଘରୋଇ ଗ୍ରାମସେବକ ଯଥା: କମାର, କୁମ୍ଭାର, ଭଣ୍ଡାରୀ, ଧୋବା ଏବଂ ପାଣିଯୋଗାଉଥିବା ଲୋକ । ରାଜକର୍ମଚାରୀମାନେ ଯେତେବେଳେ ଗ୍ରାମାଞ୍ଚଳକୁ ଆସି ଶିବିର ପକାଇଥାନ୍ତି, ସେହି ସମୟରେ ଏମାନେ ତାଙ୍କୁ ସେବା ଯୋଗାଇ ଦେଇଥାନ୍ତି । ରାଜା ଯେତେବେଳେ ଗ୍ରାମ ପରିଦର୍ଶନରେ ଆସନ୍ତି, ସେହି ସମୟରେ ମଧ୍ୟ ଏମାନେ ତାଙ୍କୁ ସେବା କରିଥାନ୍ତି ।

ନିଯୋଗୀଚକ୍ରନ (Nijogichakran):

ଏହି ଶ୍ରେଣୀର କର୍ମଚାରୀମାନେ ରାଜାଙ୍କୁ ପ୍ରତ୍ୟହ ସେବା ପ୍ରଦାନ କରିଥାନ୍ତି । ଏହାବ୍ୟତୀତ ରାଜବାଟୀରେ ବିଭିନ୍ନ ଶ୍ରେଣୀର ଚକ୍ରନ କର୍ମଚାରୀମାନେ ରହିଥାନ୍ତି । ଏମାନେ ରାଜବାଟୀରେ କାମ କରନ୍ତି, ରାଜମନ୍ଦିର ମାନଙ୍କରେ ପୂଜାର୍ଚ୍ଚନା କରିଥାନ୍ତି ଏବଂ ବିଭିନ୍ନ ପର୍ବପର୍ବାଣି ଦିନମାନଙ୍କରେ ମଧ୍ୟ କାର୍ଯ୍ୟ କରିଥାନ୍ତି ।

୬) ସରବରାକାର (Sarabarakar):

ସରବରାକାରମାନେ ହେଉଛନ୍ତି ଗ୍ରାମମୁଖ୍ୟ । ଗ୍ରାମ ପରିଚାଳନା ପରିପ୍ରେକ୍ଷୀରେ ଏମାନେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ଏମାନେ

Digitized by PPRACHIN, SOA

ରୟତମାନଙ୍କଠାରୁ ରାଜସ୍ୱ ଆଦାୟ କରିଥାନ୍ତି । ପ୍ରଜାମାନେ ଟଙ୍କା କିମ୍ବା ଦ୍ରବ୍ୟ ଆକାରରେ ରାଜସ୍ୱ ଦେଇଥାନ୍ତି । ସରବରାକାରମାନେ ରାଜ୍ୟ କୋଷାଗାରରେ ଆଦାୟ ହୋଇଥିବା ଟଙ୍କାକୁ ପୈଠ କରନ୍ତି ଏବଂ ରାଜସ୍ୱରୂପେ ଆଦାୟ ହୋଇଥିବା ଦ୍ରବ୍ୟଗୁଡ଼ିକୁ ଖଞ୍ଜାଦାରମାନଙ୍କ ପାଖରେ ଜମା କରିଥାନ୍ତି । ୧୯୧୬-୧୮ ମସିହା ମଧ୍ୟରେ ନୟାଗଡ ରାଜ୍ୟରେ ୫୦୪ଜଣ ସରବରାକାର ୪୪୬୧.୧୮ ଏକର ସରବରାକାରୀ ଜମି ଭୋଗ ଦଖଲ କରି ଆସୁଥିଲେ । ଏହାବ୍ୟତୀତ ୩୭୧ ଜଣ ସରବରାକାରଙ୍କର ଜାଗିରୀ ଜମି ନ ଥିଲା । ରାଜ୍ୟର ସୁପରିଟେଣ୍ଡେଣ୍ଟଙ୍କ ହାତରେ ସରବରାକାରମାନଙ୍କୁ ନିଯୁକ୍ତି ପ୍ରଦାନ କରିବା କିମ୍ବା ନିଲମ୍ବନ କରିବା କାର୍ଯ୍ୟ ନ୍ୟସ୍ତ ଥିଲା । ସରବରାକାରମାନଙ୍କର କବ୍ୟୁଲିୟତ୍ ସମ୍ପର୍କିତ ଚୁକ୍ତି ଓଡ଼ିଶା ଡିଭିଜନର କମିଶନରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିଲା ।

ଲାଖରାଜ ଭୋଗାଧିକାର
(Lakharaj Tenures)

ନୟାଗଡ ରାଜ୍ୟରେ ଲାଖରାଜ ଭୋଗାଧିକାର ତିନିଗୋଟି ଧର୍ମୋତ୍ତର ସମ୍ପତ୍ତି (endowments)କୁ ନେଇ ଗଠିତ ହୋଇଥିଲା । ଯଥା :

କ) ଦେବୋତ୍ତର-ଖଇରାତ୍

ଖ) ପୀରୋତ୍ତର

ଗ) ବ୍ରହ୍ମୋତ୍ତର

କ) ଦେବୋତ୍ତର-ଖଇରାତ:

ଏହା ଧର୍ମୋତ୍ତର ସମ୍ପତ୍ତି ଏବଂ ଠାକୁରମାନଙ୍କର ସେବା ପୂଜାପାଇଁ ଉଦ୍ଦିଷ୍ଟ । ମଠ ପ୍ରଭୃତି ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଗୁଡ଼ିକର ପରିଚାଳନାପାଇଁ ମଧ୍ୟ ଦେବୋତ୍ତର-ଖଇରାତ ସମ୍ପତ୍ତି ଉଦ୍ଦିଷ୍ଟ । ଏହି ପ୍ରଥା ବହୁ ପୂର୍ବରୁ ନୟାଗଡ ରାଜାଙ୍କଦ୍ୱାରା ପ୍ରଚଳିତ ହୋଇଥିଲା ।

ଖ) ପୀରୋତ୍ତର (Pirottar):

ଏହି ସମ୍ପତ୍ତି ସ୍ୱଳ୍ପ । ଏହି ପ୍ରକାର ଜମି ସିନ୍ଦୂରିଆ ଓ ବିଜିପୁର ଗ୍ରାମରେ ରହିଥିଲା । ଏହା ମୁସଲମାନ ଲୋକମାନଙ୍କୁ ପ୍ରଦାନ କରାଯାଇଥିଲା । ସେମାନେ ରାଜାଙ୍କର ମଙ୍ଗଳ ବିଧାନ ପାଇଁ ସତ୍ୟପୀରଙ୍କୁ ସେବାପୂଜା କରିବାପାଇଁ ଏହି ଜମି ଭୋଗ ଦଖଲ କରୁଥିଲେ ।

ଗ) ବ୍ରହ୍ମୋତ୍ତର (Bramhottar):

ଏହି ପ୍ରକାର ଭୂସମ୍ପତ୍ତି ବ୍ରାହ୍ମଣମାନଙ୍କୁ ପ୍ରଦାନ କରାଯାଇଥିଲା । ସେମାନେ ସମଗ୍ର ଗ୍ରାମ ଓ ବିଚ୍ଛିନ୍ନ ଜମିକୁ ଭୋଗଦଖଲ କରୁଥିଲେ । ଏହି ଦାନ ଗୁଡ଼ିକ

Digitized by PPRACHIN, SOA

କେବଳ ଆଧ୍ୟାତ୍ମିକ ଓ ମାନସିକ ଅନ୍ୱେଷଣ କରୁଥିବା ବ୍ରାହ୍ମଣମାନଙ୍କୁ ପ୍ରଦାନ କରାଯାଇଥିଲା ।

ଘ) **ଗୁରୁଦକ୍ଷିଣା (Gurudakhina):**

ରାଜା ବିନାୟକ ସିଂହ ମାନଧାତା ଏବଂ ତାଙ୍କର ପୌତ୍ର ଲଡୁକେଶ୍ୱର ସିଂହ ମାନଧାତା ପଶ୍ଚିମବଙ୍ଗ ନବଦ୍ୱୀପରୁ ଆସି ଏଠାରେ ଅବସ୍ଥାନ କରୁଥିବା ଗୋସ୍ୱାମୀ ପରିବାରକୁ ଏହି ଭୂସମ୍ପତ୍ତି ଜାଗିରି ଖଞ୍ଜା କରିଥିଲେ । ଏହି ଗୋସ୍ୱାମୀ ପରିବାର ରାଜାଙ୍କର ଶିକ୍ଷକ ରୂପେ ପରାମର୍ଶ ଦେଉଥିଲେ । ରାଜା ଏମାନଙ୍କ ପ୍ରତି ଗଭୀର ଭକ୍ତି ପ୍ରଦର୍ଶନ କରୁଥିଲେ । ୧୯୩୨-୩୩ ମସିହା ବେଳକୁ ଆଶୁତୋଷ ଦେବତା ଏବଂ ତାଙ୍କର ଭ୍ରାତାଗଣ ଏହି ଜମି ଭୋଗକରି ଆସୁଥିଲେ । ସେମାନେ ମୁଖ୍ୟତଃ ଡିମିରିଝରି, ନବରତ୍ନପୁର, ନୋତରପଲ୍ଲୀ ଓ କୁରୁମୁଣ୍ଡଳୀ ଏହି ଚାରିଗୋଟି ଗାଁର ଜମିକୁ ଖଞ୍ଜାରୂପେ ପାଇଥିଲେ ।

ସେବା ଜାଗିରି: ପୂର୍ବେ ୬୦ ପ୍ରକାରର ସେବା ଜାଗିରୀ ପ୍ରଚଳିତ ଥିଲା । କ୍ରମେ ଏହା ୭କୁ ହ୍ରାସ ପାଇଥିଲା । ସେଗୁଡିକ ହେଉଛି-

୧) ସର୍ବରାକାରି
୨) ଚୌକିଦାରି
୩) ଡାକୁଆ
୪) ଛତ୍ରିଧର
୫) ଟୋକରି
୬) ଚର୍ଚ୍ଚବେହେରା
୭) ପ୍ରଧାନୀ

୪) ଛତ୍ରିଧର- ରାଜା ଯେତେବେଳେ ପଟୁଆରରେ ବାହାରକୁ ବାହାରିଥାନ୍ତି ସେହି ସମୟରେ ଛତ୍ରିଧର ଜାଗିରିଦାରମାନେ ରାଜଙ୍କ ନିକଟରେ ଛତି ଓ ଛତ୍ରି ଧାରଣ କରନ୍ତି ।

୫) ଟୋକରି- ଏହି ଶ୍ରେଣୀର ଜାଗିରଦାରମାନେ ବାଉରୀ ଠାକୁରାଣୀ ଯେତେବେଳେ ବାହାରକୁ ପଟୁଆରରେ ବାହାରିଥାନ୍ତି, ସେହି ସମୟରେ ତାଙ୍କ ସମ୍ମୁଖରେ ନୃତ୍ୟ କରିଥାନ୍ତି ।

୬) ଚର୍ଚ୍ଚା ବେହେରା- ଏହି ଜାଗିରିଦାରମାନେ ରାଜାଙ୍କର ଅତିଥି ଏବଂ ଆତ୍ମୀୟମାନଙ୍କୁ ରସଦ ଯୋଗାଇ ଦେଉଥିଲେ । ସେମାନଙ୍କର ବାହକ ଭାବରେ କାର୍ଯ୍ୟ କରୁଥିଲେ ।

Digitized by PPRACHIN, SOA

୭) ପ୍ରଧାନି- ବିଭିନ୍ନ ସାମାଜିକ ଓ ଧାର୍ମିକ ଅନୁଷ୍ଠାନ ସମୟରେ ପ୍ରଧାନି ଜାଗିରଦାରମାନେ ରାଜ୍ୟରୁ ବ୍ରାହ୍ମଣମାନଙ୍କୁ ଖୋଜିଥାନ୍ତି । ସେମାନେ ଧାର୍ମିକ କ୍ରିୟା କର୍ମାଣି କରୁଛନ୍ତି କି ନାହିଁ- ଏହା ତଦାରଖ କରିବା ତାଙ୍କର କାମ ଥିଲା ।

କୋରପିଠା ସାମନ୍ତ- ନୟାଗଡ଼ର ଅନ୍ୟତମ ବଡ଼ ଖଞ୍ଜାଦାର ହେଉଛନ୍ତି କୋରପିଠାର ସାମନ୍ତ ମଦନ ମୋହନ ଦେଓ । ତାଙ୍କୁ ୧୮୪୮.୦୬ ଏକର ଜମି ଖଞ୍ଜା ପ୍ରଦାନ କରାଯାଇଥିଲା । ଯଦିଓ ସେ ଇହ ଜଗତରେ ନାହାନ୍ତି, ତେବେ ସେ ପୋଷ୍ୟପୁତ୍ର ଗ୍ରହଣ କରିଥିଲେ ଏବଂ ସେମାନଙ୍କର ବଂଶଧର କାଳାତିପାତ କରୁଛନ୍ତି । ମଦନମୋହନ ମର୍ଦ୍ଦରାଜ ଭ୍ରମରବର ଦେଓ ଥିଲେ ଖଲ୍ଲିକୋଟ ରାଜପରିବାରର । ସାଂଘାତିକ ପାରିବାରିକ ଗଣ୍ଡଗୋଳର ସମ୍ମୁଖୀନ ହୋଇ ସେ ଖଲ୍ଲିକୋଟରୁ ବିତାଡିତ ହେଲେ ଏବଂ ନୟାଗଡ଼ ରାଜାଙ୍କର ଆଶ୍ରୟ ନେଲେ । ନୟାଗଡ଼ର ସମକାଳୀନ ରାଜା ତାଙ୍କର ସମ୍ପର୍କୀୟ ଥିଲେ ! ଏଣୁ ତାଙ୍କର ଥଇଥାନ ପାଇଁ ସେ ପାଞ୍ଚଗୋଟି ଗ୍ରାମ ଦାନ କରିଥିଲେ । ଏହାକୁ ଖଲ୍ଲିକୋଟ ଦାନ କୁହାଯାଏ ।

ରାଜ୍ୟରେ ପ୍ରଚଳିତ ଥିବା ଅନ୍ୟାନ୍ୟ ଜାଗିର

ନୟାଗଡ ରାଜ୍ୟରେ ନିମ୍ନ ଜାଗିରୀଧାରୀମାନେ ରହିଥିଲେ-

କ) ରକ୍ତପଟ୍ଟା-ଜାଗିର
ଖ) ନୋଥବର୍ତ୍ତନ-ଜାଗିର
ଗ) ଅନୁଗ୍ରହୀ-ଜାଗିର
ଘ) କରଣ-ଜାଗିର
ଙ) କନ୍ଧ-ଜାଗିର

କ) ରକ୍ତପଟ୍ଟା ଜାଗିର:

ଏହି ଜାଗିରକୁ ସେନାବାହିନୀର ମୁଖ୍ୟମାନଙ୍କୁ ପ୍ରଦାନ କରାଯାଇଥାଏ ଯେଉଁମାନେ କି ପଡୋଶୀ ରାଜ୍ୟସହିତ ଯୁଦ୍ଧକରି କୃତକାର୍ଯ୍ୟ ହୋଇଥିଲେ । ସେମାନଙ୍କୁ ପ୍ରଦାନ କରାଯାଇଥିବା ସନନ୍ଦରେ ଉଲ୍ଲେଖ ରହିଥିଲା ଯେ ସେମାନେ ଭୋଗ ଦଖଲ କରୁଥିବା ପର୍ଯ୍ୟନ୍ତ ସେହି ପୁରୁଣା ଦରରେ ପ୍ରାଚୀନ-ଟଙ୍କୀ କର ପ୍ରଦାନ କରିବେ । ଏହି କରର ଦରରେ ପରିବର୍ତ୍ତନ ଘଟିବ ନାହିଁ ।

ଖ) ନୋଥବର୍ତ୍ତନ ଜାଗିର:

ଏହି ଜାଗିର ଯୁଦ୍ଧକ୍ଷେତ୍ରରେ ମୃତ୍ୟୁବରଣ କରିଥିବା ସେନା, ସେନାନାୟକଙ୍କ ବିଧବା ପତ୍ନୀଙ୍କୁ ପ୍ରଦାନ କରାଯାଇଥିଲା । ସେମାନଙ୍କର ପୁରୁଣାଟଙ୍କୀ ପ୍ରଥା ଓ ଅଧିକାରରେ କୌଣସି ପରିବର୍ତ୍ତନ ନ ଥିଲା ।

Digitized by PPRACHIN, SOA

ଗ) ଅନୁଗ୍ରହୀ ଜାଗିର:

ଏହି ଜାଗିରକୁ ବୃଦ୍ଧ ରାଜାଙ୍କର ପ୍ରିୟବ୍ୟକ୍ତିମାନଙ୍କୁ ପ୍ରଦାନ କରାଯାଇଥାଏ ।

ଘ) କରଣ ଜାଗିର:

ଗ୍ରାମର ସର୍ବରାକାରଙ୍କୁ ହିସାବପତ୍ର ରଖିବା ଓ ଟଙ୍କାପଇସା ସଂଗ୍ରହ କରିବାରେ ସାହାଯ୍ୟ କରୁଥିବା କରଣ ଜାତିର ଲୋକମାନଙ୍କୁ ଏହି ଜାଗିର ପ୍ରଦାନ କରାଯାଉଥିଲା ।

ଙ) କନ୍ଧ ଜାଗିର:

ନୟାଗଡ ରାଜ୍ୟରେ ବସବାସ କରୁଥିବା କନ୍ଧମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଛି; ଯଥା:-

କ) ଦେଶୁଆ କନ୍ଧ

ଖ) ମାଲୁଆ କନ୍ଧ

କ) ଦେଶୁଆ କନ୍ଧ :

ଏହି ରାଜ୍ୟର ଦେଶୁଆ କନ୍ଧମାନେ ମାଳଅଞ୍ଚଳ ପରିତ୍ୟାଗ କରି ଜମି ଚାଷବାସ କରି ଜୀବିକା ନିର୍ବାହ କରନ୍ତି । ଅନ୍ୟାନ୍ୟ ଓଡିଆ ଜାତିର ଲୋକମାନଙ୍କର ଜୀବନଧାରା, ଚାଲିଚଳଣି, ପରମ୍ପରା ଓ ରୀତିନୀତିକୁ ସେମାନେ ଗ୍ରହଣ କରି ନେଇଛନ୍ତି । ନୟାଗଡର ୩୫ଗୋଟି ଗ୍ରାମରେ ସେମାନେ ବସବାସ କରୁଥିଲେ । କର ବାବଦକୁ ସେମାନେ ରାଜାଙ୍କୁ ଓ ଗ୍ରାମର ଅନ୍ୟାନ୍ୟ ଖଞ୍ଜାଦାରମାନଙ୍କୁ ଟଙ୍କା ବଦଳରେ ବିବିଧ ଘରୋଇ ବ୍ୟବହାର୍ଯ୍ୟ ଦ୍ରବ୍ୟ ପ୍ରଦାନ କରିଥାନ୍ତି । ଖଞ୍ଜାଦାରମାନେ ସେମାନଙ୍କୁ ମଧ ବେଠିକାର୍ଯ୍ୟରେ ନିୟୋଜିତ କରୁଥିଲେ । ଦେଶୁଆ କନ୍ଧମାନେ ରାଜ୍ୟର ଯେଉଁ ପତିତ ଜମି ଓ ଜଙ୍ଗଲ ଭୂମିକୁ ଚାଷଜମି ରୂପେ ବ୍ୟବହାର କରୁଥିଲେ, ସେଗୁଡିକ ରାଜସରକାର ନାମରେ ରେକର୍ଡଭୁକ୍ତ କରାଯାଇଥିଲା ।

ଖ) ମାଲୁଆ କନ୍ଧ:

ମାଲୁଆ କନ୍ଧମାନେ ମାଳଭୂମି ଅଞ୍ଚଳରେ ବସବାସ କରୁଥିଲେ । ସେମାନେ ରାଜାଙ୍କୁ କର ଦେଉନଥିଲେ । ସେମାନେ ରାଜାଙ୍କୁ ବହୁଦିନରୁ ନିମ୍ନ ବନଜାତ ଦ୍ରବ୍ୟଗୁଡିକୁ ସମ୍ମାନାର୍ଥେ ପ୍ରଦାନ କରୁଥିଲେ :-

୧)	କୋଳଥ	- ୩୧୭ ମହଣ (ଏକ ମହଣ ୪୦ ସେର)
୨)	ଖାସି (ଛେଳି)	- ୫୬ ଗୋଟା
୩)	କଖାରୁ	- ୪୦୦ ଗୋଟା
୪)	ତେନ୍ତୁଳି	- ୨୭ ମହଣ
୫)	ଝୁଣା	- ୪ ସେର

Digitized by PPRACHIN, SOA

୬)	ମକା	- ୮୬ ପଣ (ଏକ ପଣ=୮୦ ଗୋଟା)
୭)	ମାଧୋଇ (ଏକ ଜାତୀୟ ଔଷଧୀୟ ଗୁଳ୍ମ)	- ୮୫ ବିଡା
୮)	ଫୁଲ ଛାଞ୍ଚୁଣି	- ୮୫ ଟା
୯)	ବାଗୁଲି (ସବାଇ ଘାସ)	- ୫୦୦୦ ବିଡା
୧୦)	ଲଇ (ରଥଦଉଡି ପାଇଁ)	- ୨୦୦ ମହଣ
୧୧)	ଗିର୍ଦ୍ଦନି (ଔଷଧୀୟଦ୍ରବ୍ୟ)	- ୨ ସେର
୧୨)	ତାଳପତ୍ର	- ୪୦୦ (ଗୋଟା)

ମାଲୁଆ କନ୍ଧମାନେ ବର୍ଷକେ ଥରେ ଲେଖାଏଁ ରଥ ଦଉଡି ପ୍ରସ୍ତୁତ କରୁଥିଲେ ଏବଂ ଭାତିଆ ବାବଦକୁ ମାତ୍ର ଟ.୬/- ରାଜାଙ୍କଠାରୁ ଗ୍ରହଣ କରୁଥିଲେ । ସେହିପରି ଦୁର୍ଗାଦେବୀ ଠାକୁରାଣୀଙ୍କ ଗୃହକୁ ନଡାଛପର କରୁଥିଲେ ଏବଂ ଭାତିଆ ବାବଦକୁ ଟ.୬/- ମାତ୍ର ପାଉଥିଲେ । ପଲିଟିକାଲ୍ ଏଜେଣ୍ଟଙ୍କ ନିର୍ଦ୍ଦେଶକ୍ରମେ ନୟାଗଡ ରାଜ୍ୟର ମାଲୁଆ କନ୍ଧମାନଙ୍କର ଜମିଜମାକୁ ମାପଚୁପ କରାଯାଇ ନ ଥିଲା ।

ଲାଖରାଜଦାରମାନଙ୍କର ଅଧିକାର ଓ ଦାୟିତ୍ୱ:

ରାଜ୍ୟରେ ଲାଖରାଜଦାରମାନେ ତାଙ୍କପାଇଁ ଉଦ୍ଦିଷ୍ଟ ଗ୍ରାମ ଓ ଜମିଗୁଡିକରେ ନିମ୍ନ ଅଧିକାର ଗୁଡିକୁ ଉପଭୋଗ କରିଆସୁଥିଲେ: -

କ) ସେମାନେ ଦାବୀଦାର ନ ଥିବା ଫଳନ୍ତି ବୃକ୍ଷଗୁଡିକର (ଆମ୍ବ, ପଣସ ଇତ୍ୟାଦି) ଫଳକୁ ଅବାଧରେ ଉପଭୋଗ କରିପାରିବେ ଏବଂ ଏହି ବୃକ୍ଷଗୁଡିକ ମରିଗଲେ ସେମାନଙ୍କର କାଠକୁ କାଟି ନେଇପାରିବେ ।

ଖ) ସେମାନଙ୍କୁ ପ୍ରଦାନ କରାଯାଇଥିବା ଗ୍ରାମ କିମ୍ବା ଜମି ସରହଦ ଭିତରେ ଥିବା ପୋଖରୀ ଗୁଡିକର ମାଛ ଅଧିକାରକୁ ସେମାନେ ଉପଭୋଗ କରିପାରିବେ ।

ଗ) ସେମାନେ ତାଙ୍କ ନାମରେ ରେକର୍ଡଭୁକ୍ତ ହୋଇଥିବା ପତିତ ଜମିକୁ ଚାଷଜମିରେ ବ୍ୟବହାର କରିପାରିବେ ।

ଘ) ବ୍ରାହ୍ମଣମାନେ ସେମାନଙ୍କର ବ୍ରହ୍ମୋତ୍ତର ଗ୍ରାମ ବା ଜମିକୁ ବିକ୍ରି କରିପାରିବେ କିମ୍ବା ବନ୍ଧକ ରଖିପାରିବେ ।

ଖଞ୍ଜାବ୍ୟବସ୍ଥା :

ଖଞ୍ଜା ବ୍ୟବସ୍ଥାରେ ରାଜାଙ୍କ ଆତ୍ମୀୟ ଓ ଅବୈଧ ସମ୍ପର୍କୀୟମାନଙ୍କର ଭରଣପୋଷଣ ପାଇଁ ଜମିବାଡି ଯୋଗାଇ ଦିଆଯାଇଥାଏ । ଏହି ଖଞ୍ଜାଦାରମାନଙ୍କର ସଂଖ୍ୟା ୨୧ । ଏମାନେ ହେଲେ:-

Digitized by PPRACHIN, SOA

୧) ମା' ମଣିମା
୨) ଜେମା ସାମନ୍ତ
୩) ବଡ ମଣିମା
୪) ଜେମାଦେଇ ମଣିମା
୫) ମଦନମୋହନ ମର୍ଦ୍ଦରାଜ ଭ୍ରମରବର ଦେଓ
୬) ସରଘର
୭) ଭିତରତଳ
୮) ଅନାମ ଶ୍ରୀଚନ୍ଦନ ମହାପାତ୍ର
୯) କେଳାଇ ରାୟସିଂହ
୧୦) ଘନଶ୍ୟାମ ଛୋଟ୍ରା
୧୧) ନୀଳକୋଠ ଲୋକ
୧୨) ପଠାଣି ମର୍ଦ୍ଦରାଜ ସିଂହ
୧୩) ବୃନ୍ଦାବନ ରାୟ ପିତମ୍
୧୪) ମଦନମୋହନ ଦାସ
୧୫) ମଦାଇ କୋଠଲୋକ
୧୬) ରଘୁନାଥ ଶ୍ରୀଚନ୍ଦନ ରାୟ
୧୭) ରାମଚନ୍ଦ୍ର ମର୍ଦ୍ଦରାଜ ସିଂହ
୧୮) ଲକ୍ଷ୍ମଣ ରାଜେନ୍ଦ୍ର ସିଂହ
୧୯) ଲୋକନାଥ ଦାସ
୨୦) ଶତୃଘ୍ନ ନରେନ୍ଦ୍ର ମହାପାତ୍ର
୨୧) ସୀତାକୋଠ ଲୋକ

ସରଘର (ରାଜାଙ୍କ ଭଣ୍ଡାର ଘର)- ଏହା ରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିଥିଲା । ଏହାର ଆୟ, ରାଜା ଓ ରାଜାଙ୍କ ବନ୍ଧୁ ତଥା ଅତିଥିମାନଙ୍କ ପାଇଁ ଖର୍ଚ୍ଚ ହେଉଥିଲା ।

ଭିତର ତଳ- ସେହିପରି ଭିତର ତଳର ଆୟ ରାଜବାଟୀରେ ରହିଥିବା ମହିଳାମାନଙ୍କ ପାଇଁ ଖର୍ଚ୍ଚ ହେଉଥିଲା । ଏହା ମଧ୍ୟ ରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିଥିଲା । ଭିତରତଳର ଖର୍ଚ୍ଚ ଇତ୍ୟାଦି ପାଇଁ ଶିଖରପୁର, ଆଙ୍ଗିସିଙ୍ଗି, କାଳିକାପ୍ରସାଦ ଓ ପୋଡ଼ାଶରଣକୁଳ- ଏହି ଚାରିଗୋଟି ଗ୍ରାମ ଖଞ୍ଜା ଯାଇଥିଲା । ପ୍ରତ୍ୟେକ ବର୍ଷ ୨୦୦ ଭରଣରୁ ଊର୍ଦ୍ଧ୍ୱଧାନ ଏବଂ ଟଙ୍କା ଆଦାୟ ହୋଇ ରାଜବାଟୀର ସ୍ତ୍ରୀଲୋକମାନେ ପାଉଥିଲେ । ଭିତରତଳ ଜଣେ କାର୍ଯ୍ୟୀଦ୍ୱାରା ପରିଚାଳିତ ହେଉଥିଲା ।

Digitized by PPRACHIN, SOA

ଏତଦ୍ ବ୍ୟତୀତ ଅନ୍ୟ ଖଞ୍ଜାଦାରମାନେ ସେମାନଙ୍କର ଖଞ୍ଜାଜମି, ଖଞ୍ଜାଗ୍ରାମ ଇତ୍ୟାଦି ରାଜାଙ୍କ ପୂର୍ବପୁରୁଷଙ୍କ ଅମଳରୁ ପାଇଛନ୍ତି । ନିମ୍ନ ଖଞ୍ଜାଦାରମାନେ କେବଳ ବଞ୍ଚିଥିବାଯାଏ ଖଞ୍ଜା ପାଇପାରିବେ । ସେମାନେ ହେଲେ-

କ) ମା'ମଣିମା- ସ୍ୱର୍ଗତ ରାଜା ଲଡୁକିଶୋର ସିଂହ ମାନଧାତାଙ୍କ ଦ୍ୱିତୀୟା ପତ୍ନୀ ।

ଖ) ଜେମା ସାମନ୍ତ- ସ୍ୱର୍ଗତ ରାଜା ଲଡୁକିଶୋର ସିଂହ ମାନଧାତାଙ୍କ କନ୍ୟା ।

ଗ) ବଡ ମା'ମଣିମା- ସ୍ୱର୍ଗତ ରାଜା ରଘୁନାଥ ସିଂହ ମାନଧାତାଙ୍କର ପ୍ରଥମା ପତ୍ନୀ ।

ଘ) ଜେମାଦେଈ ମଣିମା- ସ୍ୱର୍ଗତ ରାଜା ରଘୁନାଥ ସିଂହ ମାନଧାତାଙ୍କର ଦ୍ୱିତୀୟ ପତ୍ନୀ ।

ଜଳସେଚନ ବ୍ୟବସ୍ଥା :

ନୟାଗଡ଼ ରାଜ୍ୟର ସର୍ବାଧିକ ପ୍ରଜା କୃଷି ଉପରେ ନିର୍ଭରଶୀଳ । ସୁତରାଂ ରାଜରାଜୁଡ଼ା ଶାସନ କାଳ ମଧ୍ୟରେ ନୟାଗଡ଼ କ୍ଷେତ୍ରରେ କୃଷି ଓ ଜଳସେଚନ ପାଇଁ ବିଶେଷ ଧ୍ୟାନ ଦିଆଯାଇଥିଲା । ୧୯୧୮ ମସିହା ବେଳକୁ ରାଜ୍ୟରେ ନୂତନ ଜଳଭଣ୍ଡାର ଖନନ କରାଯିବା ସହିତ ପୁରାତନ ଜଳଭଣ୍ଡାର ଗୁଡ଼ିକର ମରାମତି ପାଇଁ ଟ୮୦,୧୯୫ଙ୍କା ବ୍ୟୟବରାଦ ହୋଇଥିଲା । ନୂତନ ଭାବରେ ଖନନ କରାଯାଇଥିବା ଏବଂ ମରାମତି ହୋଇଥିବା ବନ୍ଧ ଓ ପୋଖରୀ ସଂଖ୍ୟା ସେତେବେଳେ ୩୩୩ ଗୋଟି ଥିଲା । ବନ୍ଧମାନଙ୍କ ମଧ୍ୟରୁ କେତେଗୋଟି ଉଲ୍ଲେଖଯୋଗ୍ୟ ବନ୍ଧ ହେଉଛି-(୧) ଜଗୁରାଉତରା ବନ୍ଧ, (୨) ଡିଆଁପଡ଼ା ବନ୍ଧ, (୩) ମୋହନଗୁରୁ ବନ୍ଧ, (୪) ଦେୱାନ ବନ୍ଧ ନଂ-୧, (୫) ଦେୱାନ ବନ୍ଧ ନଂ-୨, (୬) ଗୋପାଳପୁର ବନ୍ଧ, (୭) ଶରଧାପୁର ବନ୍ଧ, (୮) ଦର୍ପ ନାରାୟଣପୁର ବନ୍ଧ, (୯) ସମ୍ଭାରିଆ ବନ୍ଧ ଇତ୍ୟାଦି ।

ପଶୁ ସମ୍ପଦ ଗଣନା :

୧୯୧୮ ମସିହା ବେଳକୁ ନୟାଗଡ଼ ରାଜ୍ୟରେ ମୋଟ ଶଗଡ଼ସଂଖ୍ୟା ୫୦୪୭ ଥିଲା । ୧୯୧୫-୧୬ ମସିହାରେ ନୟାଗଡ଼ରେ ବଳଦ ସଂଖ୍ୟା ଥିଲା ୩୫୦୭୨ । ରାଜ୍ୟରେ ଧାନର ହାରାହାରି ଉତ୍ପାଦନ ଥିଲା ୨୨୮୩୮୮୧ ମହଣ । ୧୯୧୮ ମସିହାରେ ରାଜ୍ୟରେ ପଶୁ ସମ୍ପଦ ସଂଖ୍ୟା ଏହିପରି ଥିଲା-

(୧) ବଳଦ ସଂଖ୍ୟା - ୩୪୭୮୦

(୨) ଗାଈ ସଂଖ୍ୟା - ୩୪୬୩୨

(୩) ଅଣ୍ଡିରା ମଇଁଷି ସଂଖ୍ୟା - ୧୦୩୩୦

(୪) ମାଈ ମଇଁଷି ସଂଖ୍ୟା - ୬୩୮୯

(୫) ଛେଳି ସଂଖ୍ୟା - ୮୯୨୩

(୬) ମେଣ୍ଢା ସଂଖ୍ୟା - ୧୬୦୧

Digitized by PPRACHIN, SOA

ଜଙ୍ଗଲ ସମ୍ପଦ :

୧୯୧୮ ମସିହାରେ ନୟାଗଡ଼ରେ ଜଙ୍ଗଲ ଜମି ପରିମାଣ ଥିଲା ୧୬୮.୭୭ ମାଇଲ୍ । ରାଜ୍ୟରେ ଜଙ୍ଗଲ ଆଇନ ୧୯୧୨ ମସିହା ଅପ୍ରେଲ ମାସ ୧ ତାରିଖରୁ ବଳବତ୍ତର ଥିଲା । ଏହି ଜଙ୍ଗଲ ଆଇନ୍ ତତ୍କାଳୀନ ଓଡ଼ିଆ ଗଡ଼ଜାତ ରାଜ୍ୟ ସମୂହର ପଲିଟିକାଲ୍ ଏଜେଣ୍ଟ (Political Agent)ଙ୍କ ଦ୍ୱାରା ପ୍ରବର୍ତ୍ତିତ ହୋଇଥିଲା । ନୟାଗଡ଼ ଷ୍ଟେଟ୍‌ର ଜଙ୍ଗଲର କେତେକ ବୃକ୍ଷ ସଂରକ୍ଷିତ ବୃକ୍ଷ ଭାବରେ ଗୃହୀତ ହୋଇଥିଲା । ଏହି ୨୮ ପ୍ରକାରର ବୃକ୍ଷଗୁଡ଼ିକ ନାମ ହେଉଛି- ଶାଳ, ପିଆଶାଳ, ଶିଶୁ, ବାନ୍ଧଣ, ଘୋଷରାକେନ୍ଦୁ, ଗମ୍ଭାରି, ଖଇର, ଆମ୍ବ, କୋଚିଲା, ପଣସ, ତେନ୍ତୁଳି, ହରିଡ଼ା, ବାହାଡ଼ା, ଅଁଳା, ମହୁଲ, ଗୁଣ୍ଡି, ନିମ୍ବ, ବେଲ, କଇଥ, କୁସୁମ, ସୁନାରି, କରଞ୍ଜ, ସୁଆମ, ଚାର, ଅସନ, କୁରୁମ, ଜାମୁ ଓ ବର । ରାଜ୍ୟର ବିନାନୁମତିରେ କେହି ବୃକ୍ଷକାଟିବା ପାଇଁ ନିଷିଦ୍ଧ ଥିଲା । ସରକାରୀ ରେକର୍ଡରେ ଉଲ୍ଲେଖ ରହିଛି- "These trees are reserved and no one is allowed to cut the same without the previous sanction of the state."

ଜମିଜମା ବନ୍ଦୋବସ୍ତ :

୧୮୫୦ ମସିହା ପର୍ଯ୍ୟନ୍ତ ନୟାଗଡ଼ରେ ଜମିଜମା ବନ୍ଦୋବସ୍ତ କାର୍ଯ୍ୟକ୍ରମ ଯଥାରୀତି ହୋଇ ନ ଥିଲା । ଯାହା ଥିଲା କାମଚଳା । ତେଣୁ ଲୋକମାନଙ୍କର ଜମିରେ ରେକର୍ଡ ଅଫ୍ ରାଇଟ୍‌ସ (Record of Rights) ନ ଥିଲା । ରାଜ୍ୟରେ ନିୟମିତ ଭାବରେ ଜମିଜମା ନିର୍ଦ୍ଧାରଣ ପଦ୍ଧତି ନ ଥିଲା । ନୟାଗଡ଼ରେ ଲୋକମାନଙ୍କର ଜମିଜମା ରେକର୍ଡ ଅଫ୍ ରାଇଟ୍‌ସ ପାଇଁ ପ୍ରସ୍ତୁତିପର୍ବ ୧୮୫୩ ମସିହାରେ ଆରମ୍ଭ ହେଲା । ଏହି କାର୍ଯ୍ୟକ୍ରମ ବାବୁ ହରମୋହନ ଲାଲାଙ୍କ ଦ୍ୱାରା ପ୍ରଥମେ ଆରମ୍ଭ ହେଲା । ଏହି ସମୟରେ ଲଡୁକେଶ୍ୱର ସିଂହ ମାନଧାତା ନାବାଳକ ଥିବାରୁ ନୟାଗଡ଼ କୋର୍ଟ ଅଫ୍ ୱାର୍ଡ୍‌ସରେ ଥିଲା । ତେବେ ସରକାର ବାବୁ ହରମୋହନ ଲାଲଙ୍କୁ ନୟାଗଡ଼ ଷ୍ଟେଟ୍‌ର ତହସିଲ୍‌ଦାର ଭାବରେ ନିଯୁକ୍ତ କରିଥିଲେ । ଏହି ସମୟରେ ଜମିଜମା ମାପଚୁପ କରାଯିବାରୁ ଜଣାଗଲା ଯେ ୬୭,୯୮୨ ଏକର ଜମି ଚାଷପାଇଁ ବ୍ୟବହୃତ ହେଉଥିଲା । ଏଥିମଧ୍ୟରୁ କେବଳ ୩୨୪୧ ଏକର ଜମି ରୟତମାନଙ୍କର ଥିଲା । ଏଥିରୁ ଟ୩୦,୬୧୧ଙ୍କା ଖଜଣା ଆକାରରେ ଆଦାୟ ହେଉଥିଲା । ଏହି ବନ୍ଦୋବସ୍ତ ଯୋଗୁଁ ରାଜ୍ୟର ମୋଟ ଭୂ-ରାଜସ୍ୱ ଟ୩୬,୯୪୦ଙ୍କା ନିର୍ଦ୍ଧାରିତ ହେଲା । ଏହି ବନ୍ଦୋବସ୍ତର ଅବଧି ଥିଲା ପାଞ୍ଚ ବର୍ଷ । ୧୮୫୭ ମସିହାରେ ମୌଲବୀ ଗୋସମ ମହମ୍ମଦ ନାମକ ଜନୈକ ଅଫିସ୍‌ର ଚାଷ ଜମି ପରିମାଣ ନିର୍ଦ୍ଧାରଣ କଲେ । ଫଳରେ

Digitized by PPRACHIN, SOA

ରାଜ୍ୟରେ ଚାଷଜମିର ପରିମାଣ ୭୩,୬୧୯ ଏକରକୁ ବୃଦ୍ଧି ପାଇଲା ଏବଂ ଭୂ-ରାଜସ୍ୱ ପରିମାଣ ଟ୩୯,୪୧୫ଙ୍କା ନିର୍ଦ୍ଧାରିତ ହେଲା ।

୧୮୭୦ ମସିହା ବେଳକୁ ଏହି ଭୂ-ରାଜସ୍ୱ ପରିମାଣ ଟ୧୨,୦୮୬ଙ୍କା ବୃଦ୍ଧି ପାଇବାରୁ ମୋଟ ଭୂ-ରାଜସ୍ୱ ପରିମାଣ ଟ୫୧,୫୦୧ଙ୍କାରେ ପହଞ୍ଚିଥିଲା । ୧୮୭୦ ମସିହାରେ ଟ୍ରିବୁଟାରୀ ମାହାଲସ୍ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ୍ ବାବୁ ହରେକୃଷ୍ଣ ଦାସ ନୟାଗଡ଼ ଷ୍ଟେଟ୍ ପରିଦର୍ଶନରେ ଆସିଥିଲେ ।

୧୮୯୬ ସାଲରେ ନୟାଗଡ଼ ଷ୍ଟେଟ୍‌ରେ ପ୍ରଥମ କରି ନିୟମିତ ସେଟଲମେଣ୍ଟ ହେଲା । ଗଭମେଣ୍ଟ ଏଜେଣ୍ଟ ବାବୁ ଦର୍ପନାରାୟଣ ଦାସଙ୍କ ଦ୍ୱାରା ଏହା ହୋଇଥିଲା । ତାଙ୍କ ପରେ ଏହିପରି ନିୟମିତ ସେଟଲମେଣ୍ଟ ରାୟ ବାହାଦୂର ଅଜୟଚନ୍ଦ୍ର ଦାସଙ୍କ ଦ୍ୱାରା ହୋଇଥିଲା ।

୧୯୧୦ ମସିହାରେ ରାୟସାହେବ ଅନିରୁଦ୍ଧ ପଟେଲ ଆଉ ଗୋଟିଏ ସେଟଲମେଣ୍ଟ କଲେ । ଏହା ହେଉଛି ୧୯୦୩-୦୪ ମସିହା ରିଭିଜନ୍ ସେଟଲମେଣ୍ଟ । ଏହି ସେଟଲମେଣ୍ଟରେ ଚାଷ-ଉପଯୋଗୀ ଜମିର ପରିମାଣ ୧,୩୩,୭୬୪ ଏକରରେ ପହଞ୍ଚିଥିଲା ଏବଂ ଭୂ-ରାଜସ୍ୱ ପରିମାଣ ଟ୧,୦୦,୮୭୯-୪-୦ଙ୍କା ନିର୍ଦ୍ଧାରିତ ହୋଇଥିଲା ।

ଏହାପରେ ଅନିରୁଦ୍ଧ ପଟେଲ ୧୯୧୩ ମସିହାରେ ସେଟଲମେଣ୍ଟ ଆରମ୍ଭ କରିଥିଲେ । ଏହା ୧୯୧୮ ମସିହାରେ ଶେଷ ହେଲା । ଏହି ସେଟଲମେଣ୍ଟରେ ଯେଉଁସବୁ ବିଷୟ ନିର୍ଦ୍ଧାରିତ ହୋଇଥିଲା, ସେ ସମ୍ପର୍କରେ ତଥ୍ୟ ପ୍ରଦାନ କରି ନୀଳମଣି ସେନାପତି Gazetteer of India (Orissa, Puri) (1977)ରେ ଲେଖିଛନ୍ତି- "Anirudha Patel took up settlement in 1913 which was completed in 1918. It was a revision of the settlement and claimed to be better than the others." ନୀଳମଣି ସେନାପତି P. K. Ramdhyaniଙ୍କ ରିପୋର୍ଟକୁ ଭିତ୍ତିକରି ଲେଖିଛନ୍ତି- "Fields were measured in some detail and records prepared. The assessment was however made by crudely on the basis of a flat rate increase of 2 annas (Re. 0.12 paise) on all of the 9 rates which prevailed at the previous settlement. This amounted to 4 percent increase in the case of the highest rates and 33 percent increase in the case of the lowest rates; this flat rate was applied inspite of the fact that the settlement officer made an estimate of the profit from various kinds of land, the rates proposed show that the assessement was

Digitized by PPRACHIN, SOA

about 8 percent of the profit on the best land and about 25 percent on the worst land, an instance of how incapable settlement officers in the states have been of any thing more than routine- The rates were however sanctioned by the Political Agent. There was no classification of villages. Homestead Lands in this state were all assessed at various rates with the exception of lands granted free as minha at the previous settlements, but where these had been transferred, they were assessed at full ryoti rates; some poor people were allowed free homesteads." "After the expiry of this settlement, the 1828-33 settlement was taken up. This settlement was done on scientific basis by traverse and cadastral survey, Maps were prepared."

୧୯୧୩ ମସିହାରେ ଯୋଗେନ୍ଦ୍ର ମହାନ୍ତି ନୟାଗଡ଼ ଷ୍ଟେଟ୍‌ର ଆସିଷ୍ଟାଣ୍ଟ ସେଟଲମେଣ୍ଟ ଅଫିସର ଭାବରେ ଯୋଗଦେଲେ । ସେ ଅନିରୁଦ୍ଧ ପଟେଲଙ୍କ ତତ୍ତ୍ୱାବଧାନରେ ୧୯୧୩ ମସିହା ନଭେମ୍ବର ୧ ତାରିଖରୁ ଜମିଜମା ମାପଚୁପ ଏବଂ ଖାନାପୁରୀ କାର୍ଯ୍ୟ ଆରମ୍ଭ କଲେ । ଏହି କାର୍ଯ୍ୟ କ୍ରମେ ମହୀପୁର କିଲ୍ଲାରେ ଆରମ୍ଭ ହୋଇଥିଲା । କିନ୍ତୁ ଦେଖାଗଲା ଯେ କେବଳ ପାଣ ଏବଂ ହାଡ଼ି ସମ୍ପ୍ରଦାୟ ଲୋକବ୍ୟତୀତ ଆସିଷ୍ଟାଣ୍ଟ ସେଟଲମେଣ୍ଟ ଅଫିସର ଯୋଗେନ୍ଦ୍ର ମହାନ୍ତି, ତାଙ୍କର ଅଧସ୍ତନ କର୍ମଚାରୀମାନେ, ଅନିରୁଦ୍ଧ ପଟେଲଙ୍କ ଅଧସ୍ତନ କର୍ମଚାରୀ ଉପେନ୍ଦ୍ର ନାଥ ପଟ୍ଟନାୟକ ଏବଂ ତାଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଏବଂ ଅନ୍ୟ ଜାତିର ରୟତମାନେ ଏହାର ପ୍ରତିବାଦ କରିଥିଲେ । ସେମାନେ ଚାହୁଁଥିଲେ ଯେ ପ୍ରତ୍ୟେକ ଗ୍ରାମର ଚୌକିଦାର ଯେ କି ପାଣ ସମ୍ପ୍ରଦାୟର, ତାଙ୍କ ଦ୍ୱାରା କେବଳ ପଦିକା(ଏକ ନିର୍ଦ୍ଦିଷ୍ଟ ପରିମାଣର ଲମ୍ବର ବାଉଁଶ) ଦ୍ୱାରା ଜମି ମାପଚୁପ କରାଯାଉ । ଅନ୍ୟ କେଉଁ ଜାତିର ଲୋକମାନେ ଏହି ପଦିକାରେ ଜମି ମାପିଲେ, ଜାତିର ସ୍ୱାଭିମାନ ଓ ମର୍ଯ୍ୟାଦା ବ୍ୟାଘାତ ହେବ ବୋଲି ଲୋକବିଶ୍ୱାସ ଥିଲା । ତେବେ ଅନିରୁଦ୍ଧ ପଟେଲ ଲେଖିଛନ୍ତି- "According to the above mentioned objection I was obliged to pass order that the Chowkidars of every village will measure the lands by Padika." ଅବଶ୍ୟ ଏହାପରେ ବ୍ରାହ୍ମଣଜାତିର ଲୋକମାନେ ମଧ୍ୟ ପଦିକା ଦ୍ୱାରା ଜମି ମାପ କରିବାକୁ ଆରମ୍ଭ କଲେ । ଅନିରୁଦ୍ଧ ପଟେଲ ଲେଖିଛନ୍ତି- "Then I asked the Brahmin tenant whether he lost his dignity and

Digitized by PPRACHIN, SOA

there will be interruption in his caste custom, thereupon he replied that in the last settlement their houses and compounds and C. had been measured by them and there would be no harm if they would measure any kind of land."

ଏହା ପୂର୍ବରୁ ଯେଉଁ ସେଟଲମେଣ୍ଟ ହୋଇଥିଲା, ତାହାର ଅବଧି ଥିଲା ଦଶବର୍ଷ। ଏହା ୧୮୯୦ ମସିହାରୁ ଆରମ୍ଭ ହୋଇଥିଲା। ଏହାପରେ ଯେଉଁ ସେଟଲମେଣ୍ଟ ତାହା ୧୯୧୩ ମସିହାରୁ ଆରମ୍ଭ ହୋଇଥିଲା। ଏହାର ଅବଧି ଥିଲା ଚାରିବର୍ଷ।

ଏହା ପରବର୍ତ୍ତୀ ସେଟଲମେଣ୍ଟର ଅବଧି ଥିଲା ୧୫ ବର୍ଷ। ଏହାର ସମୟ ହେଉଛି ୧୯୧୭ ମସିହାରୁ ୧୯୩୨ ମସିହା। ଏହି ସେଟଲମେଣ୍ଟରେ ପଦିକା ମାପଚୁପ ପ୍ରଣାଳୀ ଉଠିଯାଇ ତା' ପରିବର୍ତ୍ତେ "Cadastral Survery" ପ୍ରଣାଳୀ ଅନୁସୃତ ହୋଇଥିଲା।

ଏହାପରେ Abdus Sattar Khan ୧୯୨୬ ମସିହାରୁ ୧୯୩୬ ମସିହା ପର୍ଯ୍ୟନ୍ତ ନୟାଗଡ଼ ଷ୍ଟେଟ୍‌ର ସୁପରିଟେଣ୍ଡେଣ୍ଟ ଥିଲେ। ଖାଁ ସାହେବ ଅବଦୁସ୍ ସତାର ଖାଁଙ୍କ ସମୟରେ ବୈଜ୍ଞାନିକ ଭିତ୍ତିରେ ସେଟଲ୍‌ମେଣ୍ଟ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ସରକାରୀ ରେକର୍ଡରେ ଉଲ୍ଲେଖ ରହିଛି- "The proposal first was broached by Khan Sahib Abdus Sattar Khan (State Superintendent) in his Letter No.1713-A-8-3 dated the 7th July 1928, addressed to the Political Agent and Commissioner in the Letter No.3540-W, dated the 18th August 1928, the new feauture of this settlement is that survey and settlement operation has been conducted on scientific basis by Traverse and Cadastral survey and the Mal area which was not surveyed before was taken up and rights thereof prepared."

ଶିକ୍ଷା ବ୍ୟବସ୍ଥା : ୧୯୦୭-୦୮ ମସିହାରେ ନୟାଗଡ଼ ରାଜ୍ୟରେ ୭୧ ଗୋଟି ନିମ୍ନ ପ୍ରାଥମିକ ବିଦ୍ୟାଳୟ ଥିଲା। ଏଗୁଡ଼ିକ ଷ୍ଟେଟ୍ ଫଣ୍ଡରୁ ବାର୍ଷିକ ଆର୍ଥିକ ସହାୟତା ପାଉଥିଲେ। ସଦର ମହକୁମାରେ ଗୋଟିଏ ବାଳିକା ବିଦ୍ୟାଳୟ ଥିଲା ଏବଂ ମଫସଲରେ ମଧ୍ୟ ଗୋଟିଏ ବାଳିକା ସ୍କୁଲ ଥିଲା। ଆଦିବାସୀ ପିଲାମାନଙ୍କ ପାଇଁ ଗୋଟିଏ ମଧ୍ୟ ଇଂରାଜୀ ସ୍କୁଲ, ତିନିଗୋଟି ଅପର ପ୍ରାଇମେରୀ ଏବଂ ଦୁଇଗୋଟି ମଡେଲ୍ ନିମ୍ନ ପ୍ରାଇମେରୀ ସ୍କୁଲ ଥିଲା। ଏଗୁଡ଼ିକ ଷ୍ଟେଟ୍ ଫଣ୍ଡ ଦ୍ୱାରା ପରିଚାଳିତ ହେଉଥିଲେ। ଏହାବ୍ୟତୀତ ରାଜ୍ୟରେ ଗୋଟିଏ ଆୟୁର୍ବେଦିକ ଅନୁଷ୍ଠାନ ଏବଂ ଗୋଟିଏ

Digitized by PPRACHIN, SOA

ଗୁରୁ-ଟ୍ରେନିଂ ସ୍କୁଲ ଥିଲା । ଗୋଟିଏ ସଂସ୍କୃତ ଟୋଲ ମଧ୍ୟ ଥିଲା । ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ ହେଉଥିବା ପରିମାଣ ହେଉଛି ଟ.୯୩୬୯.୦୦ । ଏହାବ୍ୟତୀତ ସରକାରଙ୍କ ଠାରୁ ନୟାଗଡ଼ ଷ୍ଟେଟ୍ ପ୍ରାଇମେରୀ ଶିକ୍ଷା ପାଇଁ ଟ.୨୧୧୩.୦୦ ସହାୟତା ପାଉଥିଲା । ୧୯୧୪-୧୫ ମସିହା ବେଳକୁ ନୟାଗଡ଼ ଷ୍ଟେଟ୍ ୯୬ ଗୋଟି ସ୍କୁଲକୁ ପରିଚାଳନା କରୁଥିଲା । ୧୯୨୨-୨୩ ବେଳକୁ ନୟାଗଡ଼ରେ ସ୍କୁଲ ସଂଖ୍ୟା ଥିଲା ୮୩ ।

୧୯୨୯-୩୦ ବେଳକୁ ଶିକ୍ଷାକ୍ଷେତ୍ରରେ ନୟାଗଡ଼ର ସ୍ଥାନ ଥିଲା ଶୀର୍ଷରେ । ନୀଳମଣି ସେନାପତି ଲେଖିଛନ୍ତି- "The introduction of the system of 'selective compulsion' in 1929-30 worked more effectively in Nayagarh ex-state than in any other ex-state in the province. The number of pupils during the year was 6458 which was more than double of what in was in 1922-23. There were 70 schools which included one Middle English School, one Middle vernacular school, Eight Upper Primasy Boys' Schools, 50 Lower Primary Boys School, Four Lower Primary Girls' School, Four schools for Low-caste children, one Guru Trainning School, and one Sanskrit Tol-" ଏହି ବର୍ଷ ଶିକ୍ଷା କ୍ଷେତ୍ରରେ ଟ୨୩,୩୯୫.୦୦ ଖର୍ଚ୍ଚ ହୋଇଥିଲା ।

◻■◻

Digitized by PPRACHIN, SOA

ପଞ୍ଚମ ପରିଚ୍ଛେଦ

ବ୍ରିଟିଶ୍ ଶାସନରେ ନୟାଗଡ଼

Digitized by PPRACHIN, SOA

Madax Report, Vol.-1, (P-418) ରୁ ଜଣାପଡ଼େ ଯେ ୧୮୭୨ ମସିହାରେ ନୟାଗଡ଼ ଗଡ଼ଜାତର କ୍ଷେତ୍ରଫଳ ଥିଲା ୫୮୮ ବର୍ଗ ମାଇଲ । ନୟାଗଡ଼ ଗଡ଼ଜାତର ଜନସଂଖ୍ୟା ଥିଲା ୮୩,୨୪୯ ।

୧୭୫୧ ମସିହାରେ ଓଡ଼ିଶା ମରହଟ୍ଟା ରାଜ୍ୟ ଅନ୍ତର୍ଗତ ହେଲା । ଓଡ଼ିଶାର ତତ୍କାଳୀନ ୨୪ ଗଡ଼ଜାତ ମଧ୍ୟ ମରହଟ୍ଟା ଶାସନାଧୀନ ହେଲେ । ନାଗପୁରର ଭୌଁସଲା ରାଜା ଓଡ଼ିଶାର ମରହଟ୍ଟା ମୁଖ୍ୟ ଭାବରେ ରହିଥିଲେ । ତାଙ୍କର ସୁବେଦାର କଟକ ଠାରେ ଅବସ୍ଥାପିତ ହୋଇ ଶାସନ ଚଳାଇଥିଲେ । ଆଠଗଡ଼, ଦଶପଲ୍ଲା, କନିକା, ଖଣ୍ଡପଡ଼ା, ରଣପୁର, ନରସିଂହପୁର ନୀଳଗିରି, ତାଳଚେର ଓ ନୟାଗଡ଼ ସମେତ ୨୪ ଗୋଟି ଗଡ଼ଜାତର ଶାସନ ତଦାରଖ ଏହି ମରହଟ୍ଟା ସୁବେଦାର କଟକ ଠାରେ ରହି ପରିଚାଳନା କରୁଥିଲେ । ନୟାଗଡ଼ର ରାଜା କଟକଠାରେ ତାଙ୍କର 'ପେସ୍‌କୁଶ୍' ପରିମାଣ ଜମା କରୁଥିଲେ ।

ନୟାଗଡର କୌଣସି ରାଜା ମରହଟ୍ଟା ପେଶବା କିମ୍ବା ମୋଗଲ ସମ୍ରାଟଙ୍କ ନିକଟରୁ ରାଜାଦେଶ ପାଇଥିବାର ପ୍ରମାଣ ମିଳିନାହିଁ । ନାଗପୁର ରାଜା ରଘୁଜୀ ଭୋନ୍‌ସଲା ପ୍ରଥମେ ଏକ ପତାକା ଦେଇ ନୟାଗଡ ରାଜାଙ୍କୁ ସମ୍ମାନିତ କରିଥିଲେ । ବ୍ରିଟିଶ୍ ସୈନ୍ୟ ୧୮୦୩ ମସିହା ଅକ୍ଟୋବର ମାସରେ ଓଡ଼ିଶା ଅଧିକାର କଲେ । ୧୮୦୩ ମସିହା ନଭେମ୍ବର ମାସ ୨୦ ତାରିଖରେ ଇଷ୍ଟ-ଇଣ୍ଡିଆ କମ୍ପାନୀ ଅନ୍ତର୍ଗତ କଟକର କମିଶନର ଜର୍ଜ ହାରକୋର୍ଟ (George Harcourt) ଏବଂ ଜନ୍ ମେଲ୍‌ଭିଲ୍ (John Melville) ଓଡିଶାର ଏଗାରଗୋଟି ଗଡଜାତର ରାଜାମାନଙ୍କୁ ବ୍ରିଟିଶ୍ ସରକାରଙ୍କର ଆନୁଗତ୍ୟ ସ୍ୱୀକାର କରିବାପାଇଁ ପରାମର୍ଶ ଦେଲେ । ଇତି ମଧ୍ୟରେ ୧୮୦୩ ମସିହା ସେପ୍ଟେମ୍ବର ୧୮ ତାରିଖରେ ଖୋର୍ଦ୍ଧାର ଗଜପତି ଇଷ୍ଟ-ଇଣ୍ଡିଆ କମ୍ପାନୀର ବଶତା ସ୍ୱୀକାର କରିଥିଲେ । ଏହା ପରେ ପରେ ନୟାଗଡ ସମେତ ଏଗାରଗୋଟି ଗଡଜାତ ରାଜ୍ୟ ସହିତ ବ୍ରିଟିଶ୍ ସରକାରଙ୍କର ଚୁକ୍ତି ସ୍ୱାକ୍ଷରିତ ହେଲା । ଏହି ଏଗାରଗୋଟି ଗଡଜାତ ରାଜ୍ୟ ହେଉଛନ୍ତି- ନୟାଗଡ, ଆଠଗଡ, ବଡମ୍ବା,

Digitized by PPRACHIN, SOA

ଢେଙ୍କାନାଳ, ହିନ୍ଦୋଳ, ଖଣ୍ଡପଡା, ନରସିଂହପୁର, ନୀଳଗିରି, ରଣପୁର, ତାଳଚେର ଓ ତିଗିରିଆ । ପ୍ରତ୍ୟେକ ଗଡ଼ଜାତରେ ମୁଖ୍ୟଙ୍କ ସହିତ ଏହି ଚୁକ୍ତିନାମା ସ୍ୱତନ୍ତ୍ର ଭାବରେ ସ୍ୱାକ୍ଷରିତ ହୋଇଥିଲା ।

ଏହି ସମୟରେ ନୟାଗଡର ରାଜା ଥିଲେ ବିନାୟକ ସିଂହ ମାନଧାତା । ସେ ଇଂରେଜମାନଙ୍କର ବଶତା ସ୍ୱୀକାର କଲେ । ୧୮୦୩ ମସିହା ନଭେମ୍ବର ୨୨ ତାରିଖରେ ବିନାୟକ ସିଂହ ମାନଧାତା ଇଷ୍ଟ-ଇଣ୍ଡିଆ କମ୍ପାନୀ ସହିତ ଚୁକ୍ତି ସ୍ୱାକ୍ଷର କଲେ । ଏହି ଚୁକ୍ତିନାମାରେ ନିମ୍ନ ଛଅଗୋଟି ସର୍ତ୍ତାବଳୀ ଥିଲା । ଏହି ସର୍ତ୍ତଗୁଡ଼ିକର ସଂକ୍ଷିପ୍ତସାର ହେଉଛି-

ସର୍ତ୍ତ-(୧):

ଓଡିଶା ସୁବା ଅନ୍ତର୍ଗତ ନୟାଗଡ ଜିଲ୍ଲାର ରାଜା ବିନାୟକ ସିଂହ ମାନଧାତା ମାନ୍ୟବର ଇଷ୍ଟ-ଇଣ୍ଡିଆ କମ୍ପାନୀଙ୍କର ଆନୁଗତ୍ୟ ସ୍ୱୀକାର କରିବେ ଏବଂ ବିଶ୍ୱସ୍ତ ଆଜ୍ଞାନୁବର୍ତ୍ତୀ ହୋଇ ରହିବେ ।

ସର୍ତ୍ତ-(୨):

ସେ ବ୍ରିଟିଶ୍ ସରକାରଙ୍କୁ ବିନାଦ୍ୱିଧାରେ ବର୍ଷକୁ ତିନିକିସ୍ତିରେ (ଚୈତ୍ର, ଜ୍ୟେଷ୍ଠ, ଆଷାଢ ମାସରେ) ବାର୍ଷିକ ପେସ୍‌କୁସ୍ ୨୬,୪୫୦ କାହାଣ କଉଡି ପୈଠ କରିବେ ।

ସର୍ତ୍ତ-(୩):

ତାଙ୍କ ରାଜ୍ୟର ଯେଉଁ ସ୍ଥାୟୀ ବାସିନ୍ଦା କମ୍ପାନୀର କର୍ମଚାରୀ ହୋଇ କାର୍ଯ୍ୟ କରୁଥିବେ, କିନ୍ତୁ ନିଜ ଅଞ୍ଚଳକୁ ଲୁଚି ପଳାଇଯାଇଥିବେ, କମ୍ପାନୀ ସରକାରଙ୍କର ଚାହିଦାକ୍ରମେ ରାଜା ତାଙ୍କୁ ଗିରଫ କରି କମ୍ପାନୀ ହସ୍ତରେ ଅର୍ପଣ କରିବେ ।

ସର୍ତ୍ତ-(୪):

ତାଙ୍କ ରାଜ୍ୟର ଯେ କୌଣସି ବ୍ୟକ୍ତି ଯଦି ମୋଗଲବନ୍ଦୀ ସୀମା ଭିତରେ କୌଣସି ଅପରାଧ କରେ, ତେବେ ତାକୁ ଗିରଫ କରାଯାଇ ସରକାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ହସ୍ତାନ୍ତର କରାଯିବ ।

ସର୍ତ୍ତ-(୫):

ଯେତେବେଳେ କମ୍ପାନୀ ସରକାରଙ୍କର ସୈନ୍ୟବାହିନୀ ତାଙ୍କ ରାଜ୍ୟ ମଧ୍ୟଦେଇ ଅତିକ୍ରମ କରିବେ, ସେତେବେଳେ ସୈନ୍ୟମାନଙ୍କ ପାଇଁ ଆବଶ୍ୟକୀୟ ଦ୍ରବ୍ୟ ପ୍ରଜାମାନେ ଦେବାପାଇଁ ରାଜା ନିର୍ଦ୍ଦେଶ କରିବେ । କୌଣସି ପ୍ରକାରେ ହେଲେ ମଧ୍ୟ କମ୍ପାନୀ ସରକାରଙ୍କୁ ରାଜା କିମ୍ବା ତାଙ୍କ ପ୍ରଜା ଅଟକାଇ ପାରିବେ ନାହିଁ କିମ୍ବା କୌଣସି ପ୍ରକାର ପ୍ରତିବନ୍ଧକ ସୃଷ୍ଟି କରିବେ ନାହିଁ ।

ସର୍ତ୍ତ-(୬):

Digitized by PPRACHIN, SOA

ଯେତେବେଳେ ରାଜା ଲକ୍ଷ୍ୟ କରିବେ ଯେ କୌଣସି ପଡୋଶୀରାଜ୍ୟ ବା କୌଣସି ବ୍ୟକ୍ତି ବ୍ରିଟିଶ୍ ସରକାରଙ୍କର ଦମନଲୀଳା କିମ୍ବା କୌଣସି ପ୍ରକାରର ତଦନ୍ତ ଚାଲୁଥିବା ସମୟରେ ପ୍ରତିରୋଧ ସୃଷ୍ଟି କରୁଛନ୍ତି, ସେତେବେଳେ ପରିସ୍ଥିତିକୁ ମୁକାବିଲା କରିବାପାଇଁ ରାଜା ତାଙ୍କ ରାଜ୍ୟର ସୈନ୍ୟବାହିନୀର ଏକ ଅଂଶକୁ ବ୍ରିଟିଶ୍ ସେନାଦଳର ସହାୟତାପାଇଁ ପଠାଇବେ ।

ଉପର୍ଯ୍ୟୁକ୍ତ ସର୍ତ୍ତାବଳୀ ଗୁଡିକ ସ୍ପଷ୍ଟ ପ୍ରତିପାଦନ କରେ ଯେ ରାଜା ବିନାୟକ ସିଂହ ମାନଧାତା ଇଷ୍ଟ-ଇଣ୍ଡିଆ କମ୍ପାନୀ ନିକଟରେ ନୈତିକ, ଅର୍ଥନୈତିକ ଓ ସାମରିକ ଆନୁଗତ୍ୟ ସ୍ୱୀକାର କରିଥିଲେ ।

ଇତି ମଧ୍ୟରେ କଟକ କଲେକ୍ଟରଙ୍କ ଦପ୍ତରରେ ଅଧୀନସ୍ଥ ଗଡଜାତ ରାଜ୍ୟ ଗୁଡିକର ବ୍ରିଟିଶ୍ ସରକାରଙ୍କୁ ବାର୍ଷିକ କର ଦେବାପାଇଁ ସ୍ଥିର କରାଗଲା । ଅବଶ୍ୟ ପରବର୍ତ୍ତୀ ସମୟରେ ଏଥିରେ ସାମାନ୍ୟ ପରିବର୍ତ୍ତନ ଅଣାଯାଇଥିଲା । ନିମ୍ନରେ ଗଡଜାତ ଗୁଡିକର ନାମ ଓ ସେମାନଙ୍କର ରାଜାମାନଙ୍କର ବର୍ଷିକ କର ଆକାରରେ ଦେବାକୁ ନିର୍ଦ୍ଧାରିତ କଉଡି ପରିମାଣର ଏକ ତାଲିକା ପ୍ରଦାନ କରାଗଲା-

	ଗଡଜାତ ଗୁଡିକର ନାମ	ରାଜାମାନଙ୍କର ନାମ	ବାର୍ଷିକ କାହାଣ ପରିମାଣର କଉଡି
୧.	ଆଠଗଡ଼	ରାଜା ଶ୍ରୀକରଣ ବେବର୍ତ୍ତା ପଟ୍ଟନାୟକ	୨୮,୧୧୧
୨.	ବଡମ୍ବା	ପିଣ୍ଡିକ ମଙ୍ଗରାଜ	୬,୩୪୦
୩.	ତୁଳୁମୋ ଓ ଦଶପଲ୍ଲା	ଗୌରୀ ଚରଣ ଦେଓ ଭଞ୍ଜ	୪,୫୦୦
୪.	ନରସିଂହପୁର	ମାନସିଂହ ହରିଚନ୍ଦନ	୬,୬୦୧
୫.	ତିଗିରିଆ	ଚୁମ୍ପେଡ ସିଂହ	୪,୦୦୦
୬.	ହିନ୍ଦୋଳ	କୃଷ୍ଣଚନ୍ଦ୍ର ମର୍ଦ୍ଦରାଜ ଜଗଦେବ	୨,୫୦୦
୭.	ଖଣ୍ଡପଡ଼ା	ଭ୍ରମରବର ମର୍ଦ୍ଦରାଜ ରାୟ	୨,୪୧୦
୮.	ଢେଙ୍କାନାଳ	ରାମଚନ୍ଦ୍ର ମହେନ୍ଦ୍ର ବାହାଦୂର	୨୩,୧୨୫
୯.	ରଣପୁର	ବଜ୍ରଧର ନରେନ୍ଦ୍ର ମହାପାତ୍ର	୬,୦୦୦
୧୦.	ନୟାଗଡ଼	ବିନାୟକ ସିଂହ ମାନଧାତା	୨୬,୪୫୦
୧୧.	ନୀଳଗିରି	ରାମଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ	୨୩,୪୦୦

ଓଡ଼ିଶା ଇଷ୍ଟ-ଇଣ୍ଡିଆ କମ୍ପାନୀର ଅଧୀନସ୍ଥ ହେବାପରେ କମ୍ପାନୀ ଓଡିଶାରେ ନୂଆ ନିୟମ, ବିଚାର ବିଭାଗ, ରାଜସ୍ୱ ବନ୍ଦୋବସ୍ତ ଏବଂ ସମସ୍ତ ଆଧୁନିକ ନୀତିପ୍ରଥାକୁ ପ୍ରଚଳନ କରିଥିଲେ । ଏହିପରି ଭାବରେ ୧୮୦୪ ମସିହାର ରେଗୁଲେସନ୍ IV ଅନୁସାରେ ବଙ୍ଗଳାରେ ପ୍ରଚଳିତ ଥିବା ଫୌଜଦାରୀ ନିୟମ ଗୁଡିକୁ କଟକ ଡିଭିଜନରେ

Digitized by PPRACHIN, SOA

ପ୍ରଚଳନ କରିବାର ବ୍ୟବସ୍ଥା କରାଗଲା । ସେହିପରି ବେଙ୍ଗଲ ଓ ବିହାରରେ ପ୍ରଚଳିତ ଥିବା ସାଧାରଣ ନିୟମ ଗୁଡ଼ିକୁ ଓଡ଼ିଶାରେ ପ୍ରଚଳନ କରିବାପାଇଁ ସ୍ଥିର କରାଗଲା ।

୧୮୦୫ରେ ରେଗୁଲେସନ୍ XII, XIII, XIV (ରାଜସ୍ୱ ଶାସନ, ଫୌଜଦାରୀ ଓ ଦେଓ୍ୱାନୀ ନ୍ୟାୟ) ଗୁଡିକୁ ନୂତନ ରେଗୁଲେସନ୍ ଭାବରେ ଗ୍ରହଣ କରାଗଲା । ରେଗୁଲେସନ୍ XIIଟି ଭୂରାଜସ୍ୱ ସମ୍ପର୍କିତ ଥିଲା । ଏଥିରେ ଉଲ୍ଲେଖ ଥିଲା-

"Nothing herein contained, shall be construed to empoy that any part of the said regulatioins are for the present, to be considered to be in force in certain jungle or hill Zamidars occupied by a rude and uncivilised race of people with the proprietors of which estates engagements were formed by the late Board of Commissioner for the payment certain quit-rent or tribute to Government."

ଏହି ନିୟମର ୩୬ ଧାରା ଅନୁସାରେ ଓଡ଼ିଶାର ୧୩ ଗୋଟି ଗଡ଼ଜାତ ଏହି ଆଇନର ଅନ୍ତର୍ଭୁକ୍ତ ହେଲେ । ସେଗୁଡ଼ିକ ହେଉଛନ୍ତି- ନୀଳଗିରି, ବାଙ୍କୀ, ତାଳଚେର, ନୟାଗଡ଼, ଅନୁଗୁଳ, ଖଣ୍ଡପଡ଼ା, ବଡ଼ମ୍ବା, ଆଠଗଡ଼, ଢେଙ୍କାନାଳ, ନରସିଂହପୁର, କେନ୍ଦୁଝର, ରଣପୁର ଓ ଦଶପଲ୍ଲା । ସେହିପରି ରେଗୁଲେଶନ୍ XIII (୧୮୦୫) ପୋଲିସ୍ ପ୍ରଶାସନ ସହିତ ସଂପୃକ୍ତ । ଏହି ନିୟମର କେବଳ ଧାରା ୧୩ ବ୍ୟତୀତ ଅନ୍ୟ ସମସ୍ତ ଧାରା କଟକ ଡିଭିଜନ୍‌ରେ ପ୍ରବର୍ତ୍ତନ କରାଗଲା ଏବଂ ଏହି ୧୩ଗୋଟି ଗଡଜାତ ପୋଲିସ୍ ପ୍ରଶାସନର ଏହି ଧାରା ସହିତ ଅନୁବନ୍ଧିତ ହେଲେ । ସେହିପରି ୧୮୦୫ର XIV ଆଇନ ଦେଓ୍ୱାନୀ ନ୍ୟାୟ ସହିତ ସଂପୃକ୍ତ । ଏହି ଆଇନ୍‌ର ୧୧ଧାରା ବ୍ୟତୀତ ଅନ୍ୟ ସମସ୍ତ କଟକ ଡିଭିଜନ୍ ପାଇଁ ଲାଗୁ ହୋଇଥିଲା । ଉପର୍ଯ୍ୟୁକ୍ତ ୧୩ଗୋଟି ଗଡଜାତ ଗୁଡିକରେ ଦେଓ୍ୱାନୀ ନ୍ୟାୟର ସମସ୍ତ ଧାରା (ଧାରା ୧୧ବ୍ୟତୀତ) ପ୍ରଚଳିତ ହୋଇଥିଲା । ୧୮୦୫ର ନିୟମ XIV ଅନୁଯାୟୀ କଟକର ବିଚାରପ୍ରତି ତଥା ମାଜିଷ୍ଟ୍ରେଟ୍ ଏହି ୧୩ଗୋଟି ଗଡ଼ଜାତ ଗୁଡିକର ଦେଓ୍ୱାନୀ ନ୍ୟାୟ ପ୍ରଶାସନ ଦାୟିତ୍ୱରେ ରହିଲେ ।

କଟକର ବିଚାରପତି ତଥା ମାଜିଷ୍ଟ୍ରେଟ୍‌ଙ୍କୁ ଏହି ସମୟରେ ସୁପରିଟେଣ୍ଡେଣ୍ଟ୍ କାର୍ଯ୍ୟ ତୁଲାଇବା ପାଇଁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଗଲା ଏବଂ ଏଥିପାଇଁ ତାଙ୍କୁ ଅତିରିକ୍ତ ଟ.୫୦୦/- ମାସିକ ପାଇବା ପାଇଁ କୁହାଗଲା । ଜି.ଓସ୍‌ୱାର୍ଡ୍ (G. Osward)ଙ୍କୁ କଟକର ବିଚାରପତି ଭାବରେ ନିଯୁକ୍ତି ଦିଆଗଲା ଏବଂ ସୁପରିଟେଣ୍ଡେଣ୍ଟ୍ କାର୍ଯ୍ୟ

Digitized by PPRACHIN, SOA

ସମ୍ପାଦନ କରିବା ପାଇଁ ପରାମର୍ଶ ଦିଆଗଲା । କିନ୍ତୁ ସେ ଏହି କାର୍ଯ୍ୟରେ ଯୋଗଦେଲେ ନାହିଁ ।

ଏହାପରେ ୧୮୮୪ ମସିହାରେ ଇ. ଇମ୍ପେ (Edward Empay) ସାହେବ ଓଡ଼ିଶାର କରଦରାଜ୍ୟ ସମୂହର ଅଧିକ୍ଷକ (Superintendent) ଏବଂ ବିଚାରପତି ଓ ମାଜିଷ୍ଟ୍ରେଟ୍ କ୍ଷମତା ପାଇଲେ । ଏହି ପଦବୀଟି ନୂଆଭାବରେ ସୃଷ୍ଟି ହେଲା ଏବଂ ଇମ୍ପେ ସାହେବ ଏହି ପଦବୀରେ ଯୋଗଦାନ କରିବାର ପ୍ରଥମ ବ୍ୟକ୍ତି । ଏହି ପଦବୀର କାର୍ଯ୍ୟଭାର ଗ୍ରହଣ କରିବାପରେ ଇମ୍ପେ ସାହେବ କରଦରାଜ୍ୟ ଗୁଡ଼ିକରେ 'ବେଙ୍ଗଲ୍ ରେଗୁଲେସନ୍' (Bengal Regulations) ପ୍ରବର୍ତ୍ତନ କରିବାପାଇଁ ସରକାରଙ୍କୁ ପ୍ରସ୍ତାବ ଦେଲେ । କିନ୍ତୁ ସରକାର ପ୍ରତ୍ୟୁତ୍ତରରେ ଲେଖିଥିଲେ ଯେ କରଦରାଜ୍ୟ ଗୁଡ଼ିକରେ 'ବେଙ୍ଗଲ ରେଗୁଲେସନ୍ସ' ପ୍ରଚଳନ କରାଗଲେ ଆନ୍ତଃ-ବିଶୃଙ୍ଖଳା ସୃଷ୍ଟି ହେବ । ଇମ୍ପେଙ୍କର କ୍ଷମତା ଲାଳସା ଅଧିକ ଥିଲା । ତେଣୁ ସେ ସରକାରଙ୍କୁ ପୁନର୍ବାର ଚିଠିଟିଏ ଲେଖିଥିଲେ ଯେ କରଦରାଜ୍ୟ ଗୁଡ଼ିକରୁ ବାର୍ଷିକ କର ଆଦାୟ କରିବାପାଇଁ କଟକର କଲେକ୍ଟର ପରିବର୍ତ୍ତେ ସୁପରିଟେଣ୍ଡେଣ୍ଟଙ୍କୁ କ୍ଷମତା ପ୍ରଦାନ କରାଯିବା ଉଚିତ୍ । କିନ୍ତୁ ସରକାର ଇମ୍ପେଙ୍କର ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରି ଦେଇଥିଲେ ।

ଗଡଜାତ ଅଞ୍ଚଳରେ ପୋଲିସ୍ ଆଇନର୍ ପ୍ରଚଳନ ପ୍ରସଙ୍ଗ ସରକାରଙ୍କର ବିଚାରାଧୀନ ଥିଲାବେଳେ ନୟାଗଡର ତତ୍କାଳୀନ ରାଜା ବିନାୟକ ସିଂହ ମାନଧାତା ବ୍ରିଟିଶ୍ ସରକାରଙ୍କ ନିକଟକୁ ଏକ ଦରଖାସ୍ତ ଆବେଦନ କରିଥିଲେ । ଏଥିରେ ସେ ଦର୍ଶାଇଥିଲେ ଯେ ମରହଟ୍ଟା ଶାସନ କାଳରେ କେବଳ ପେସ୍‌କୁସ୍ କିମ୍ବା ବାର୍ଷିକ କର (annual tribute) ଦାବୀ ବ୍ୟତୀତ ମରହଟ୍ଟା ସରକାର ତାଙ୍କ ଉପରେ କୌଣସି ପ୍ରଭୁତ୍ୱ ଜାହିର କରି ନ ଥିଲେ । ଏପରିକି ପୂର୍ବବର୍ତ୍ତୀ କମିଶନର୍ ମଧ୍ୟ ତାଙ୍କୁ ମୌଖିକ ଭାବରେ ଏବଂ ଲିଖିତ ପରୱାନା ଦ୍ୱାରା ମଧ୍ୟ ଅଙ୍ଗୀକାର କରିଥିଲେ ଯେ ସେ କେବଳ ପୂର୍ବବର୍ତ୍ତୀ ଶାସକମାନଙ୍କ ସମୟର ପ୍ରଥାପରି ନିୟମିତ ଭାବରେ ବ୍ରିଟିଶ୍ ସରକାରଙ୍କୁ କର ପ୍ରଦାନ କରିବେ ଏବଂ ତାଙ୍କ ଉପରେ ଅନ୍ୟ କୌଣସି ନିୟନ୍ତ୍ରଣ ରହିବ ନାହିଁ । ରାଜା ମଧ୍ୟ ଉଲ୍ଲେଖ କରିଥିଲେ ଯେ ମାଜିଷ୍ଟ୍ରେଟ୍ ଇମ୍ପେ ତତ୍କାଳୀନ କମିଶନରଙ୍କ ପରୱାନାକୁ ଉପେକ୍ଷାକରି ତାଙ୍କ ଜମିଦାରୀ ମଧ୍ୟରେ ପୋଲିସ୍ ଥାନା ସ୍ଥାପନ କରିବାକୁ ଇଚ୍ଛାପ୍ରକଟ କରିଥିଲେ । ଏହା ସହିତ ରାଜା ମଧ୍ୟ ମାଜିଷ୍ଟ୍ରେଟ୍ ଇମ୍ପେଙ୍କ ନିକଟକୁ ଆବେଦନ କରିଥିଲେ ଯେ ଇମ୍ପେଙ୍କର ଏପରି ପଦକ୍ଷେପ ଅଯଥାର୍ଥ ଓ ଅନୁଚିତ ଅଟେ । କାରଣ ପ୍ରଥମତଃ, ଏହା ଥିଲା ସରକାରଙ୍କର ଆଦେଶନାମାର ବିପରୀତ । ଦ୍ୱିତୀୟତଃ, ରାଜ୍ୟର ଅଧିବାସୀମାନେ ଜଙ୍ଗଲ ଅଞ୍ଚଳରେ ବସବାସ

Digitized by PPRACHIN, SOA

କରୁଥିବାରୁ ସେମାନଙ୍କର ରୀତି, ନୀତି ଓ ବ୍ୟବହାର ଉଚ୍ଛୃଙ୍ଖଳ ଏବଂ ହିଂସ୍ର । ସେମାନେ ଶାସନ କଳର ନିୟମ ଗୁଡ଼ିକୁ ବୁଝିବାକୁ ସମ୍ପୂର୍ଣ୍ଣ ଅସମର୍ଥ । ପକ୍ଷାନ୍ତରେ, ଲକ୍ଷ୍ୟ କରାଗଲା ଯେ ଇମ୍ପେ ଦୁଇଜଣ ଚପରାଶୀଙ୍କୁ ନୟାଗଡ ରାଜ୍ୟକୁ କାର୍ଯ୍ୟର ଅନୁସନ୍ଧାନ ପାଇଁ ପଠାଇଲେ ଏବଂ ପୋଲିସ୍ ସହ ସମ୍ପର୍କିତ ପ୍ରତ୍ୟେକ ଘଟଣାପାଇଁ ତାଙ୍କୁ ଦାୟୀ କରିଥିଲେ । ଇତିମଧ୍ୟରେ ଇମ୍ପେଙ୍କଠାରୁ କୌଣସି ସନ୍ତୋଷଜନକ ଉତ୍ତର ନ ପାଇ ଏହାର ବିଧିବଦ୍ଧ ତଦାରଖ ପାଇଁ ଏବଂ ମାଜିଷ୍ଟ୍ରେଟ୍ ଇମ୍ପେ ତାଙ୍କ ଉପରେ ଆଉ ଯେପରି ପ୍ରଭୁତ୍ୱ ବିସ୍ତାର ନ କରିବେ ସେଥିପାଇଁ ସରକାରଙ୍କଠାରୁ ମାଜିଷ୍ଟ୍ରେଟ୍ ଇମ୍ପେଙ୍କ ନିକଟକୁ ଏକ ଆଦେଶନାମା ପଠାଯାଉ ବୋଲି ରାଜା ବିନାୟକ ସିଂହ ମାନଧାତା ବ୍ରିଟିଶ୍ ସରକାରଙ୍କୁ ଆବେଦନ କରିଥିଲେ ।

କିନ୍ତୁ ଇମ୍ପେ ତାଙ୍କ ବିବୃତିରେ ଦର୍ଶାଇଥିଲେ ଯେ ଯେଉଁ ପରୱାନାରେ ରାଜାଙ୍କର ଯୁକ୍ତି ଉଲ୍ଲେଖ ଥିଲା, ସେଥିରେ କେବଳ ରାଜା କେତେ ପରିମାଣରେ ରକ୍ଷଣଦେୟ (tribute) ପ୍ରଦାନ କରିବେ, ସେ ବିଷୟ ସ୍ଥାୟୀ ଭାବରେ ସ୍ଥିରୀକୃତ ହୋଇଛି । କିନ୍ତୁ ଏହା କୌଣସି ପ୍ରକାରେ ସରକାରଙ୍କୁ ତାଙ୍କର ଆଇନସମ୍ମତ ପ୍ରଭୁତ୍ୱ କାର୍ଯ୍ୟକାରୀ କରିବାରେ ବାଧକ ହେବନାହିଁ ।

ଦ୍ୱିତୀୟତଃ, ରାଜାମାନେ ତାଙ୍କର ଆଚରଣ ପାଇଁ ମରହଟ୍ଟା ସରକାରଙ୍କ ନିକଟରେ ଉତ୍ତରଦାୟୀ ରହିଥିଲେ ଏବଂ ସେମାନଙ୍କର ଆଚରଣ ପାଇଁ ଯେତେବେଳେ ସରକାରଙ୍କର ହସ୍ତକ୍ଷେପ କରିବା ଦରକାର ପଡୁଥିଲା, ସେତେବେଳେ ହସ୍ତକ୍ଷେପ କାର୍ଯ୍ୟକାରୀ କରାଯାଉଥିଲା । ଇମ୍ପେ ଦର୍ଶାଇଥିଲେ ଯେ ସେ ରାଜାଙ୍କ ସହିତ ଯେଉଁ ଚୁକ୍ତି ଦାବୀ କରିଛନ୍ତି, ତାହା କୁଳନାମା ଓ ସନ୍ଧିର ଭାବାତ୍ମକୁ କ୍ଷୁର୍ଣ୍ଣ କରିବ ନାହିଁ । ସେ ଆଶା କରିଥିଲେ ଯେ ସରକାରଙ୍କର ଆଦେଶନାମା ଗଡଜାତ ରାଜାମାନଙ୍କୁ ଚୁକ୍ତି କାର୍ଯ୍ୟକାରୀ କରିବାକୁ ନିବେଦନ କରିବ ଓ ଏଥିସହିତ ସମସ୍ତ ରାଜା ସହମତ ହେବେ । ପୁନଶ୍ଚ ସେ ଲେଖିଥିଲେ-

"Not on opinion in favour of the Raja of Nayagarh will be received by His Excellency in council as the proposed Regulation has not been disapproved of and the expediency of erecting the same law has been allowed."

କିନ୍ତୁ ସରକାର ସେମାନଙ୍କର ପ୍ରଥମ ମତକୁ ଅଗ୍ରାଧିକାର ଦେଇଥିଲେ ଏବଂ ଲେଖିଥିଲେ-

"The ignorance and prejudices of the proprietors of some of the Tributary Mahals might induce them to oppose

Digitized by PPRACHIN, SOA

the introduction of the regulation and to resist all such orders of the court as they might consider to be discredited to their personal rank or calculated to weaken their influence and authority in their respective estates and it would not be expected that such resistance would, in every instance be subdued without the employment of military force."

ଏଡ୍‌ୱାଡ୍ ଇମ୍ପେ କଟକଠାରେ ଟ୍ରିବୁଟାରୀ ମହଲସ୍‌ର ଜଜ୍ ଏବଂ ମାଜିଷ୍ଟ୍ରେଟ୍ ତଥା ସୁପରିଟେଣ୍ଡେଣ୍ଟ ଭାବରେ ୧୮୧୪ ରୁ ୧୮୧୯ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଏହାପରେ ସେ ୧୮୧୯ ମସିହାରେ ନିଲମ୍ବିତ ହେଲେ ଏବଂ ଶେଷରେ ୧୯୨୨ ମସିହାରେ ଚାକିରିରୁ ବହିଷ୍କାର ହେଲେ । ତାଙ୍କ ବିରୁଦ୍ଧରେ ଏକ ସ୍ୱତନ୍ତ୍ର ଏନ୍‌କ୍ୱାରୀ କମିଟି ବସିଥିଲା ଏବଂ ସେ ଅନୁଗୁଳ, ବଡମ୍ବା, ତିଗିରିଆ ଏବଂ ଅନ୍ୟାନ୍ୟ ରାଜାଙ୍କୁ ପକ୍ଷ ସମର୍ଥନ କରିପାଇଁ ଉତ୍କୋଚ ଗ୍ରହଣ କରିଥିବାର ପ୍ରମାଣ ମିଳିଥିଲା । ଅନୁସନ୍ଧାନ ଚାଲୁ ରହିଥିବା ସମୟରେ ଇମ୍ପେ ସରକାରଙ୍କୁ ନ ଜଣାଇ ଇଂଲଣ୍ଡ ଚାଲିଯାଇଥିଲେ ଏବଂ ସରକାର ତାଙ୍କୁ ବହିଷ୍କାର କରିଥିଲେ ।

୧୮୧୭ ମସିହାରେ ଓଡ଼ଶାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହ ସଂଗଠିତ ହୋଇଥିଲା । ଏହି ପାଇକ ବିଦ୍ରୋହ ସରକାରଙ୍କୁ ଅବଗତ କରାଇଥିଲା ଯେ ପ୍ରଜାମାନେ ଦୀର୍ଘଦିନ ଧରି ଶୋଷଣ ଓ ଅତ୍ୟାଚାର ଭିତରେ ବଞ୍ଚି ରହିଛନ୍ତି । ସରକାର ମଧ୍ୟ ନିଜ ତ୍ରୁଟିକୁ ସୁଧାରିବା ପାଇଁ ଚେଷ୍ଟା କରିଥିଲେ । ଏହାପରେ ୧୮୧୮ ମସିହା ରେଗୁଲେସନ୍ ୫ ଅନୁସାରେ ଟ୍ରିବ୍ୟୁଟାରୀ ମହଲସ୍ ପାଇଁ ଏକ କମିଶନର ପଦବୀ ସୃଷ୍ଟି ହେଲା । ଫଳରେ ରବର୍ଟ କେର୍ (Robert Ker) କଟକଠାରେ କମିଶନର ଭାବରେ ନିଯୁକ୍ତି ହେଲେ । ଏହାଙ୍କ ପରେ ଉଇଲିୟମ୍ ବ୍ଲଣ୍ଟ (William Blunt) ୧୮୨୦ ମସିହାରେ କଟକର କମିଶନର ତଥା ଟ୍ରିବୁଟାରୀ ମହଲସ୍‌ର ସୁପରିଟେଣ୍ଡେଣ୍ଟ ଭାବରେ ଯୋଗଦେଲେ । ସେ ମଧ୍ୟ ରବର୍ଟ କେର୍‌ଙ୍କ ପରି ଟ୍ରିବୁଟାରୀ ମହଲସ୍ ପ୍ରତି ଗୁରୁତ୍ୱ ଦେଇଥିଲେ । ସେ ନୟାଗଡର ରାଜାଙ୍କୁ ବୃତ୍ତିଗତ ମନ୍ଦ ଆଚରଣ (misconduct)ରେ ଦୋଷାରୋପ କରିଥିଲେ । କାରଣ ନୟାଗଡର ରାଜା ୧୮୧୭ ମସିହା ପାଇକ ବିଦ୍ରୋହର ମୁଖ୍ୟନେତା ବକ୍‌ସି ଜଗବନ୍ଧୁଙ୍କୁ ସୁରକ୍ଷା ପ୍ରଦାନ କରିଥିଲେ । ଏହାବ୍ୟତୀତ ରାଜାଙ୍କର କେତେକ ବିଶ୍ୱସ୍ତ ପ୍ରଜା ଖୋର୍ଦ୍ଧାରୁ ଏବଂ ମୋଗଲ ବନ୍ଦୀ ଅଞ୍ଚଳରୁ ପଳାଇ ଆସିଥିବା ବିଦ୍ରୋହୀମାନଙ୍କୁ ସାହାଯ୍ୟ କରିଥିଲେ । କମିଶନର Willam Blunt ବ୍ରିଟିଶ୍ ସରକାରଙ୍କୁ ଏ ସଂକ୍ରାନ୍ତରେ ଲେଖିଥିଲେ-

"The Nayagarh Raja has likewise being, guilty of serious

Digitized by PPRACHIN, SOA

misconduct in harbouring and still continuing to protect the rebel Sardar Jagabandhu."

ଏହାପରେ ନୟାଗଡ ରାଜ୍ୟରେ ଫୌଜଦାରୀ ନ୍ୟାୟପାଳିକା (Criminal Court of Justice) ପ୍ରତିଷ୍ଠା ପାଇଁ (Willam Blunt) ଇଂରେଜ ସରକାରଙ୍କୁ ଚିଠି ଲେଖିଥିଲେ । ସେଥିରେ ଉଲ୍ଲେଖ ଥିଲା ଯେ ଏକଦା ଜଣେ ଇରୋପୀୟ ଅଫିସର ନୟାଗଡ ମଧ୍ୟଦେଇ ଯାତ୍ରା କରୁଥିବା ସମୟରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା, ମାତ୍ର ସେ ଅଳ୍ପକେ ବର୍ତ୍ତିଯାଇଥିଲେ । ସେହିପରି ରଣପୁରଠାରେ ମଧ୍ୟ ଏକ ଭୟଙ୍କର ଦୌରାତ୍ମ୍ୟ ଦେଖାଦେଇଥିଲା । ଜଣେ ସିପାହୀଙ୍କୁ ଆକ୍ରମଣ କରାଯାଇଥିଲା ଏବଂ ସେ ଶୋଚନୀୟ ଭାବରେ କ୍ଷତବିକ୍ଷତ ହୋଇଥିଲେ । Willam Blunt ସରକାରଙ୍କୁ ଲେଖିଥିଲେ ଯେ ଏହି ସବୁ ଗଡଜାତ ଗୁଡିକରେ ଆଇନ୍‌ର ବ୍ୟବସ୍ଥା ନ ଥିବାରୁ ଦୋଷୀମାନଙ୍କୁ ବିଚାରକରାଯାଇ ଦଣ୍ଡବିଧାନ କରାଯାଇ ପାରୁନାହିଁ ।

Willam Blunt ପୁନଶ୍ଚ ସରକାରଙ୍କୁ ପରାମର୍ଶ ଦେଇଥିଲେ ଯେ କମିଶନରଙ୍କୁ ସାହାଯ୍ୟ କରିବାପାଇଁ ଖୋର୍ଦ୍ଧା ଏବଂ ବାଲେଶ୍ୱରଠାରେ ଦୁଇଗୋଟି ମାଜିଷ୍ଟ୍ରେଟ୍ ତଥା ଡେପୁଟୀ କଲେକ୍ଟର ପଦବୀ ସୃଷ୍ଟି କରାଯାଉ ଯାହା ଫଳରେ କି ଏହି ଅଞ୍ଚଳର ନିକଟବର୍ତ୍ତୀ ଗଡଜାତ ଗୁଡିକର ଶାସନ ବ୍ୟବସ୍ଥାରେ ଉନ୍ନତି ସାଧିତ ହେବ । ଫଳତଃ, ସରକାରଙ୍କ ଅନୁମୋଦନ କ୍ରମେ କମିଶନର ଖୋର୍ଦ୍ଧା ଓ ବାଲେଶ୍ୱରଠାରେ ଦୁଇଗୋଟି ଜଏଣ୍ଟ ମାଜିଷ୍ଟ୍ରେଟ୍ ପଦବୀ ସୃଷ୍ଟି କଲେ । ଖୋର୍ଦ୍ଧାଠାରେ ଯୋଗଦାନ କରୁଥିବା Joint Magistrate କଟକର କମିଶନରଙ୍କର ପ୍ରଥମ ସହାୟକ ମାଜିଷ୍ଟ୍ରେଟ୍ ଭାବରେ କାର୍ଯ୍ୟକଲେ ଏବଂ ସେ ନୟାଗଡ, ରଣପୁର, ବାଙ୍କୀ ଓ ଖଣ୍ଡପଡା ଗଡଜାତ ଗୁଡିକର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିଲେ । ସେହିପରି ବାଲେଶ୍ୱରଠାରେ ଯୋଗଦାନ କରିଥିବା Joint Magistrate କଟକ କମିଶନରଙ୍କର ଦ୍ୱିତୀୟ ସହାୟକ ମାଜିଷ୍ଟ୍ରେଟ୍ ଭାବରେ କାର୍ଯ୍ୟ କଲେ ଏବଂ ସେ ମୟୂରଭଞ୍ଜ ଓ ନୀଳଗିରି ଦାୟିତ୍ୱରେ ରହିଲେ ।

Willam Blunt (୧୮୨୦-୧୮୨୮)ଙ୍କ ପରେ କଟକରୁ କଲେକ୍ଟର Thomas Pakenham କିଛିକାଳ ପାଇଁ ଗଡଜାତ ସମୂହର କାର୍ଯ୍ୟକାରୀ କମିଶନର ଭାବରେ ଦାୟିତ୍ୱ ସମ୍ପାଦନ କରିଥିଲେ । ତାଙ୍କପରେ George Stockwell ୧୮୨୯ ମସିହାରେ ଗଡଜାତ ମହଲର କମିଶନର ତଥା ସୁପରିଟେଣ୍ଡେଣ୍ଟ୍ ଭାବରେ ଯୋଗଦାନ କରିଥିଲେ । George Stockwellଙ୍କ ପରେ Robert Hunter ୧୮୩୩ ମସିହାରେ ସୁପରିଟେଣ୍ଡେଣ୍ଟ୍ ଭାବରେ ନିଯୁକ୍ତି ପାଇଲେ । ୧୮୩୪ ରୁ ୧୮୩୬ ମସିହା ମଧ୍ୟରେ Willam Wilkinson, J. Master ଏବଂ Henry Ricketts

Digitized by PPRACHIN, SOA

ସାମୟିକ ଭାବରେ କଟକଠାରେ କମିଶନର ଭାବରେ କାର୍ଯ୍ୟ କରିଥିଲେ । ଏହାପରେ ୧୮୩୬ ମସିହାରେ Henry Ricketts କଟକର କମିଶନର ତଥା ଗଡଜାତ ସମୂହର ସୁପରିଟେଣ୍ଡେଣ୍ଟ୍ ଭାବରେ ନିଯୁକ୍ତି ପାଇଲେ । ଗଡଜାତ ଗୁଡ଼ିକରେ ବ୍ୟାପକ ଦେୱାନୀ ଓ ଫୌଜଦାରୀ ନିୟମ ପ୍ରଚଳନ ପାଇଁ ସେ ବ୍ରିଟିଶ୍ ସରକାରଙ୍କର ନିକଟରେ ଏକ ଡ୍ରାଫ୍ଟ ଉପସ୍ଥାପନ କଲେ । ତାଙ୍କଦ୍ୱାରା ପ୍ରସ୍ତୁତ ୧୮୩୯ ମସିହାର ଏହି ଡ୍ରାଫ୍ଟର ସାରାଂଶ ନିମ୍ନରେ ପ୍ରଦାନ କରାଗଲା-

The Gist of the Penal Rules proposed by Ricketts

Section-I:

Rajas were not authorised to exercise the powers of life and death within the territories except in such wild mountains.

Section-II:

Rajas guilty of murder were liable to such punishment as the Government of Bengal deemed adequate extending to death and confiscating of his territories.

Section-III:

Rajas guilty of homicide or cruelty were liable to such punishment in person or property or both as the Government of Bengal deemed adequate except the punishment of death.

Section-IV:

Raja engaging in hostilities with another Raja was liable to such punishment as the superintendent of Tributary Mahals might consider except the punishment of death with the approval of the Government.

Section-V:

Murder by an inhabitant of the Gurhjat within the Gurhjat he would be liable to the punishment of death and other mitigated punishment as might be considered adequate to the offence.

Digitized by PPRACHIN, SOA

Section-VI:

An inhabitant of Gurhjat Mahal guilty of any criminal offence except murder within the territory of his chief, he was liable to such punishment as the superintendent of Tributary Mahals considered adequate except the punishment of death.

Section-VII:

An inhabitant of Gurhjat guilty of any criminal offence except murder in another Mahal, he was liable to such punishment except the punishment of death, as the superintendent considered adequate to the offence.

Section-VIII:

Superintendent of Tributary Mahals in passing sentence was to be guided by the regulation provinces.

Section-IX:

Criminal offences committed by foriegners in the Gurhjat Mahals were liable to such punishment as he would have been liable in the provinces subject to the Regulations.

Section-X:

Criminal offences committed by the inhabitants of the Gurhjat in the Regulation provinces were liable to such punishment as the laws allowed these.

Section-XI:

Rajas of the Tributary Mahals were to obey and execute the orders of the Superintendent.

Section-XII:

Rules were not to have effect in the more remote and with parts of the Tributary Mahals. Raja's authority in the wild parts was to continue as supreme.

Digitized by PPRACHIN, SOA

Section-XIII:

In all matters not distinctly provided for in these rules the Superintendent was to exercise discretionary interference and authority subject to the control of Government.

The Gist of the Proposed Civil Rules:

1. Claims of a Raja of Tributary Mahals against a Raja of Tributary Mahal would be placed before the Superintendent who was to decide according to the spirit of the Regulations for the administration of civil justice. The Decree passed by the Superintendent was to be final.
2. Claims by an inhabitant of Gurhjat against another inhabitant of the same Mahal, such suit was to be made before the Raja of the Mahal. The decision of the Raja was to be final.
3. Claim by an inhabitant of a Gurhjat Mahal against an inhabitant of another Mahal was to file before the Raja of the Mahal where he resided. The claimant was to be sent by his chief with an 'Urzee' mentioning the nature, if the party refused to hear or unjustly regretted. A claim being referred to Superintendent, his decree was to be final.
4. Suits between Rajas or inhabitants of Gurhjat Mahals and the inhabitants of Mughulbundi were to be instituted in the court of Superintendent. The Superintendent was to decide all cases according to the spirit of Regulations of the Government. But a Gurhjat Mahal was not to be sold in satisfaction of a decree.

Digitized by PPRACHIN, SOA

5. A Registry of transaction was to be kept in Superintendent's office. A fee of rupees four was to be levied on each deed. No claim arising from an unregistered transaction was to be heard in Superintendent's court.
6. Superintendent was to hold his court in such places as might be convenient.
7. Superintendent's authority might from time to time be vested in his instants.

ଏହିପରି ଭାବରେ ଉପର୍ଯ୍ୟୁକ୍ତ ବ୍ୟାପକ ଦେଓ୍ୱାନୀ ଓ ଫୌଜଦାରୀ ନିୟମଗୁଡ଼ିକୁ ଗଡଜାତ ମହଲରେ ପ୍ରଚଳନ କରିବାପାଇଁ କମିଶନର Henry Rickets ପ୍ରସ୍ତୁତ କରିଥିଲେ ଏବଂ ସରକାରଙ୍କର ବିଚାରବିମର୍ଷ ଓ ଅନୁମୋଦନ ପାଇଁ ପଠାଇଥିଲେ । ମାତ୍ର ବ୍ରିଟିଶ୍ ସରକାର Henry Rickettsଙ୍କର ଏହି ପ୍ରସ୍ତାବକୁ ଆଗ୍ରାହ୍ୟ କରି ଦେଇଥିଲେ । ମାତ୍ର ଉପର୍ଯ୍ୟୁକ୍ତ ସର୍ତ୍ତାବଳୀକୁ ଆଧାରକରି ଆବଶ୍ୟକୀୟ ନିୟମାବଳୀ ପ୍ରସ୍ତୁତ କରିବାପାଇଁ ସରକାର Henry Rickettsଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏହି କାର୍ଯ୍ୟ ପରବର୍ତ୍ତୀ କମିଶନର A. J. M. Millଙ୍କ ଉପରେ ପଡିଥିଲା । କାରଣ Rickettsଙ୍କ ପରେ A. J. M. Mills ୧୮୪୦ ମସିହାରେ କମିଶନର ତଥା ସୁପରିଟେଣ୍ଡେଣ୍ଟ୍ ଭାବରେ ଯୋଗ ଦେଇଥିଲେ ।

ସରକାରଙ୍କର ନିର୍ଦ୍ଦେଶ ଅନୁସାରେ କମିଶନର ମିଲ୍ ତାଙ୍କର ପୂର୍ବବର୍ତ୍ତୀ କମିଶନ୍‌ର Rickettsଙ୍କ ଦ୍ୱାରା ପ୍ରସ୍ତୁତ ଚିଠାକୁ ଭିତ୍ତିକରି ୧୮ଗୋଟି ନିୟମାବଳୀକୁ ଗଡଜାତ୍ ମହଲରେ ପ୍ରଚଳନ କରାଇବା ପାଇଁ ସରକାରଙ୍କ ନିକଟରେ ଉପସ୍ଥାପନ କଲେ । ନିମ୍ନରେ ସେଗୁଡିକୁ ଉଲ୍ଲେଖ କରାଗଲା-

1. Rajas were not to exercise the power of life and death.
2. The practice of suttee and human sacrifices declared as guilty of culpable homicide.
3. Rajas were prohibited to engage in hostilities with their neighbour.
4. Superintendent was empowered to try any crimes of enormity.

Digitized by PPRACHIN, SOA

5. Restricted the interference of Superintendent in other matters of criminal justice.

6. Rajas were to control their subjects with authority to Superintendent to interfere in extreme cases.

7. The Superintendent was to be vested with the cognizance of all criminal offences in attached killas as well as all offences committed by the inhabitants of any Gurhjat Mahal within the boundaries of another Gurhjat Mahal.

8. Rajas were to be liable to such punishment as the Government might been adequate.

9. In case of murder the proceedings were to be transmitted to the Government.

10. Rajas were to be answerable for all property stolen within their territories.

11. The conduct of the trial was to be made in the form and manners prescribed by the Regulations.

12. The Superintendent was to be given the power to sentence offender, not Rajas to imprisonment for seven years.

13. Sentences were to be carried in to executions of section-III, Regulation IX of 1822.

14. Any British subject committed any offence in Gurhjat was to be tried by the established court of justice.

15. The Superintendent was to be authorised to call on Rajas to appear before him in person or by mooktars to answer any charge.

Digitized by PPRACHIN, SOA

16. Without the permission of the Government the Superintendent was to be authorised to call on Raja for personal charged with heinous offence.

17. Rajas were to be required to deliver any fugitives charged with heinous offence.

18. The Superintendent was to be permitted to exercise descretionary interference and authority in cases not provided for in the Rules.

୧୯ବିଂଶ ଶତାବ୍ଦୀର ଶେଷବେଳକୁ ନୟାଗଡ ଏବଂ ତାର ପାର୍ଶ୍ୱବର୍ତ୍ତୀ ଗଡଜାତ ଗୁଡ଼ିକ ବ୍ରିଟିଶ୍ ସରକାରଙ୍କୁ କେତେ ପରିମାଣର ଅର୍ଥ ପ୍ରଦାନ କରିବେ, ତାହା ସ୍ଥାୟୀ ଭାବରେ ସ୍ଥିରୀକୃତ ହୋଇଥିଲା । ନିମ୍ନରେ ତା'ର ଏକ ସୂଚନା ପ୍ରଦାନ କରାଗଲା-

	ରାଜ୍ୟର ନାମ	ସରକାରଙ୍କୁ ଦେୟ ପରିମାଣ	ପ୍ରକୃତ ଆୟ
୧.	ନୟାଗଡ	ଟ. ୫,୧୭୯/-	ଟ.୩୫,୦୦୦/-
୨.	ଖଣ୍ଡପଡା	ଟ. ୩,୯୪୮/-	ଟ.୨୦,୦୦୦/-
୩.	ରଣପୁର	ଟ.୧,୩୧୩/-	ଟ.୧୧,୩୦୦/-
୪.	ଦଶପଲ୍ଲା	ଟ.୬୨୦/-	ଟ.୫,୦୦୦/-

ଲକ୍ଷ୍ୟ କରାଗଲା ଯେ କେତେକ ଗଡଜାତର ମୁଖ୍ୟମାନେ ସେମାନଙ୍କର ଦେୟ ପ୍ରଦାନରେ ଖିଲାପ କରିଥିଲେ । ତେଣୁ ବର୍ଷ ବର୍ଷ ଧରି ତାଙ୍କ ଉପରେ ବକେୟା ଅର୍ଥ ବାକି ରହିଲା । ତେଣୁ କମିଶନର ବକେୟା ଅର୍ଥ ଉପରେ ସୁଧ ନିର୍ଣ୍ଣୟ କରିଥିଲେ । ସେମାନେ ଠିକ୍ ସମୟରେ ସରକାରୀ ଦେୟ ପ୍ରଦାନ କରିବାପାଇଁ ତାଙ୍କ ସହିତ ଚୁକ୍ତିନାମା କରାଗଲା । ନିମ୍ନରେ ୧୮୧୩ ମସିହା ବେଳକୁ ନୟାଗଡ, ରଣପୁର ଓ ଦଶପଲ୍ଲା ରାଜ୍ୟ ଉପରେ କଷାଯାଇଥିବା ସୁଧ ଟଙ୍କାର ପରିମାଣ ଉଲ୍ଲେଖ କରାଗଲା-

	ରାଜ୍ୟ	ରାଜା	ସୁଧର ପରିମାଣ		
			ଟଙ୍କା	ଅଣା	ପୈସା
୧.	ନୟାଗଡ	ବିନାୟକ ସିଂହ ମାନଧାତା	୧୪୫	୧୧	୦
୨.	ରଣପୁର	ବ୍ରଜଧର ନରେନ୍ଦ୍ର	୧୨	୧୧	୦
୩.	ଦଶପଲ୍ଲା	କୃଷ୍ଣଚନ୍ଦ୍ର ଭଞ୍ଜ	୨୪	୦୨	୭

Digitized by PPRACHIN, SOA

୧୮୪୨ ମସିହାରେ ନୟାଗଡର ରାଜା ବ୍ରଜବନ୍ଧୁ ସିଂହ ମାନଧାତା ଇଂରେଜ କମିଶନରଙ୍କ ସହ ସତୀପ୍ରଥା ଉଚ୍ଛେଦ ପାଇଁ ଚୁକ୍ତିନାମାରେ ଆବଦ୍ଧ ହେଲେ । ଏହି ଚୁକ୍ତିରେ ଉଲ୍ଲେଖ ଥିଲା-

ସତୀ ପ୍ରଥାର ଉଚ୍ଛେଦ ପାଇଁ ନିର୍ଦ୍ଦେଶନାମା :

Prevention of the Practice of "SUTTEE"-1842 :

"It having been stated, in accordance with the commands or the Home Government and Governor- General, in clause 2 of the Rules of Practice issued by the Superintendent of the Tributory Mahals, that the Practice of "Suttee", or the burning of living Hindoo females, is altogether prohibited : we therefore and accordingly have forbidden this practice within the limits of this killars of Nayagarh, and we do bind ourselves never voluntarily, or under compulsion, to lend our aid to the performance of any such rite, so prohibited by the Superintendent of the Tributary Mahals, or to allow others to do so."

ତେବେ ୧୮୪୨ ସାଲରେ ଯେଉଁ ସବୁ ଗଡ଼ଜାତ ମୁଖ୍ୟ ସତୀପ୍ରଥା ଉଚ୍ଛେଦ ନିମିତ୍ତ ଚୁକ୍ତିପତ୍ରରେ ଦସ୍ତଖତ କରିଥିଲେ ତାହାର ବିବରଣୀ ଏଠାରେ ଉଲ୍ଲେଖ କରାଗଲା ।

ଐତିହାସିକ R.D. Banegjee ତାଙ୍କର "History of Orissa" ପୁସ୍ତକରେ ଲେଖିଛନ୍ତି- "In 1842 engagements were entered into with the following Chiefs to secure the prevention of the practice of 'Suttee'.

1. Narasinghpur
2. Nayagarh
3. Baramba
4. Hindol
5. Ranpur
6. Angul

10. Boudh
11. Talcher
12. Dhenkanal
13. Nilgiri
14. Mayurbhanja
15. Keunjhar

Digitized by PPRACHIN, SOA

7. Daspalla-Jormu
8. Athgarh
9. Tigiria
16. Athmallick
17. Pallahara.

ତେଣୁ ଏହି ଚୁକ୍ତିନାମା ଅନୁସାରେ ନୟାଗଡ଼ ରାଜା ନିଜ ରାଜ୍ୟ ଭିତରେ ଏହି ସତୀପ୍ରଥାକୁ କଡ଼ାକଡ଼ି ଭାବରେ ନିଷିଦ୍ଧ କରିଥିଲେ । କାରଣ ସରକାର ଏଥିପାଇଁ କଠୋର ଦଣ୍ଡବିଧାନ ବ୍ୟବସ୍ଥା ରଖିଥିଲେ । ୧୮୬୨ ମସିହାରେ ଭାରତର ବଡ଼ଲାଟ କ୍ୟାନିଂ (Canning) ଓଡ଼ିଶାର ଗଡଜାତମାନଙ୍କୁ ପୋଷ୍ୟପୁତ୍ର ସନନ୍ଦ ଅନୁମୋଦନ କରିଥିଲେ । ଏଥିରେ ଉଲ୍ଲେଖ ଥିଲା ଯେକୌଣସି ଗଡ଼ଜାତ ରାଜା ବ୍ରିଟିଶ୍ ସରକାରଙ୍କର ବିନାନୁମତିରେ ପୋଷ୍ୟପୁତ୍ର ଗ୍ରହଣ କରିପାରିବେ ନାହିଁ । ଐତିହାସିକ R. D. Benerjee ଲେଖିଛନ୍ତି- "On the 11th March, 1862, Lord Canning granted the Sanad to right of adoption to the following Chiefs of Orissa-

1. Mayurbhanj
2. Keunjhar
3. Nilgiri
4. Dhenkanal
5. Daspalla
6. Talcher
7. Hindol
8. Narasinghpur
9. Tigiria
10. Baramba
11. Khandapara
12. **Nayagarh**
13. Ranpur
14. Athgarh
15. Pal Lahara
16. Boudh
17. Athmallik

ବ୍ରିଟିଶ୍ ସରକାରଙ୍କ ପକ୍ଷରୁ ନୟାଗଡ଼ ରାଜାଙ୍କୁ ସରକାରୀ ଭାବରେ 'ରାଜା' ଉପାଧି ପ୍ରଦାନ :-

୧୮୭୪ ମସିହା ମେ' ମାସ ୨୧ ତାରିଖରେ ଲର୍ଡ ନର୍ଥ ବ୍ରୁକ୍‌ଙ୍କଠାରୁ ନୟାଗଡର ରାଜା ଲଡୁକେଶ୍ୱର ସିଂହ ମାନଧାତା ସନନ୍ଦପ୍ରାପ୍ତ ହେଲେ । ଏହି ସନନ୍ଦରେ ଲଡୁକେଶ୍ୱର ସିଂହ ମାନଧାତାଙ୍କୁ ସରକାରଙ୍କ ପକ୍ଷରୁ 'ରାଜା' ଉପାଧି ପ୍ରଦାନ କରାଗଲା ଏବଂ ଏହି ସନନ୍ଦରେ ମଧ୍ୟ ଉଲ୍ଲେଖ ଥିଲା ଯେ ତାଙ୍କର ପୁତ୍ର ପୌତ୍ରାଦିମାନେ ରାଜ୍ୟାଭିଷେକ ସମୟରେ ଏହି 'ରାଜା' ଉପାଧି ଧାରଣ କରିବେ ।

Sanad Granted to Ladukeswar Singh Mandhata of Nayagarh.

Digitized by PPRACHIN, SOA

In recognition of your position I hereby confirm upon you the title 'Rajah' as a hereditary distinction to be assumed by your successors on formal recognition of their succession.

The 21, May, 1874. **(Sd) North Brook.**

୧୮୯୪ ମସିହାରେ ନୟାଗଡ଼ ରାଜାଙ୍କୁ ପ୍ରଦତ୍ତ ସନନ୍ଦ :

୧୮୯୪ ମସିହା ଅକ୍ଟୋବର ୨୨ ତାରିଖରେ ଭାରତର ଭାଇସ୍‌ରାୟ ଲର୍ଡ ଏଲ୍‌ଗିନ୍ (Lord Elgin) ସିମଳା ଠାରୁ ନୟାଗଡର ତତ୍କାଳୀନ ରାଜା ରଘୁନାଥ ସିଂହ ମାନଧାତାଙ୍କ ନିକଟକୁ ସନନ୍ଦ ପ୍ରେରଣ କରିଥିଲେ । ଏହି ସନନ୍ଦରେ ନୟାଗଡ ରାଜାଙ୍କ ପଦମର୍ଯ୍ୟାଦା, କ୍ଷମତା, ବାର୍ଷିକ ଦେୟ ଇତ୍ୟାଦି ସମ୍ପର୍କରେ ଉଲ୍ଲେଖ ଥିଲା ।

Sanad granted to the chief of Nayagarh defining his status, powers and position with reference to the British Government-1894-

SANAD:

I. You Rajah Raghunath Singh Mandhata, successor of Rajah Balabhadra Singh are hereby formally recognised as the Feudatory chief of Nayagarh state, and you are permitted as heretofore, to generally administer the territory of the said Nayagarh state, subject to the conditions herein after prescribed. In like manner your heirs and successors shall become entitled to your privileges, and liable to your obligations, provided that no succession shall be valid until it has been recognised by His Excellency the Viceroy and Governor General in Council.

II. You shall continue to pay the tribute of peshkush of Rs. 5525-4-1 per annum, which you and your predecessors have heretofore paid.

III. You shall try in your courts all criminal cases occuring in your territory except (i) those in which Europeans are concerned, and (ii) heinous offences, such as murder,

—

Digitized by PPRACHIN, SOA

homicide, dacoiti, robbery and torture. You shall refer the cases excepted above for disposal to the Superintendent of the Tributary Mahals or to such of his assistants as he may indicate. Sentences passed by you on criminal offenders shall be regulated by the instructions issued from time to time for your guidance by this honour the Lt. Governor of Bengal and shall not exceed (Unless His Honour is pleased to entrust you with more extensive powers, in which case you shall be entitled to exercise such further powers, in the manners, to the extent, and subject to the conditions, if any, which his honour may prescribe) in the case of imprisonment, a term of two years, in the case of fines a sum of one thousand rupees, and in the case of whipping, thirty stripes. All orders passed by you in criminal cases shall be subject to revision by the Superintendent, to whom you shall send the records of any case for which he may call.

IV. You shall deliver up any offender from British or other territory who may take refuse in your state. You shall aid British Officers who may pursue criminals in to your territory and in the event of offenders from your own state taking refuse in British or other territory, you shall make a representation on the matter to the authorities concerned.

V. You shall administer justice fairly and impartially to all alike.

VI. You shall recognise and maintain the rights of all your people, and you shall on no account oppress them or suffer them to be in anyway oppressed.

VII. You shall levy no transit duties on grain, merchanise or any article of commerse passing through your state.

VIII. You shall consult the Superintendent of the Tributary

Digitized by PPRACHIN, SOA

Mahals in all important matters of administration, and comply with his wishes. The settlement and collection of the land revenue, the imposition of taxes, the administration of justice, arrangements connected with excise, salt and opium, the concession of mining, forest and other rights, disputes arising out of any such concession, and disputes in which other states are concerned, shall be regarded as specially important matters and in respect to them you shall at all times conform to such advice as the Superintendent of the Tributary Mahal may give you.

IX. The right to catch elephants in your state is granted to you as a personal concession and as a matter of favour, but this concession is liable to withdrawl whenever it may seem desirable, either on account of abuse or for other reasons, and it will not necessarily be granted to your successor.

X. All questions as to boundaries between your state and British Territory will be dealt with by the Superintendent of the Tributary Mahals or such other officer as His Honour the Lieutenant-Governor of Bengal may appoint, either generally or specially, in that behalf with two assessors, one to be appointed by yourself and the other by His Honour the Lieutenant-Governor, Unless in any such case you should prefer that the question should be decided by such Superintendent or other officer alone, in which case the question shall be referred for his decision accordingly.

SIMLA
The 22th October, 1894

Lord Elgin
Viceroy and Governor
General of India

ଐତିହାସିକ R. D. Benerjee ଲେଖିଛନ୍ତି– ଓଡ଼ିଶାର ୧୭ ଗୋଟି ଗଡ଼ଜାତର ରାଜାମାନଙ୍କ ନିକଟକୁ ଲର୍ଡ ଏଲଗିନ୍ ୧୮୯୪ ସାଲ ଅକ୍ଟୋବର ୨୨

Digitized by PPRACHIN, SOA

ତାରିଖରେ ସନନ୍ଦ ପ୍ରଦାନ କରିଥିଲେ । ସେ ଲେଖିଛନ୍ତି- "On the 22nd October, 1894 Lord Elgin granted fresh Sanads to the following chiefs of Orissa-

1. Athgarh
2. Athmallik
3. Baramba
4. Boudh
5. Daspalla
6. Dhenkanal
7. Hindol
8. Keunjhar
9. Khandapara
10. Mayurbhanj
11. Narasinghpur
12. **Nayagarh**
13. Nilgiri
14. Pal Lahara
15. Ranpur
16. Talcher
17. Tigiria

ଏହି ସନନ୍ଦଗୁଡ଼ିକରେ କେଉଁ କେଉଁ ରାଜ୍ୟର ରାଜାମାନଙ୍କର ସ୍ଥିତି କିପରି ରହିବ, ସେମାନେ କେଉଁ ହାରରେ ବ୍ରିଟିଶ୍ ସରକାରଙ୍କୁ କର ପୈଠ କରିବେ ତାହା ନିର୍ଦ୍ଧାରିତ ହୋଇଥିଲା । ଐତିହାସିକ R.D. Banarjeeଙ୍କ ଭାଷାରେ- "The frame work of all the Sanads of 1894 is the same. The preamble begins with the sentence that the position of all these Chiefs has hitherto been undefined and doubt existed from time to time about it. By these Sanads the tribute was raised to the following amounts–" କେଉଁ କେଉଁ ରାଜ୍ୟର ଦେୟପରିମାଣ କେତେ ଥିଲା, ତାହା ହେଉଛି–

୧. ଆଠଗଡ଼ - ଟ୨୮୦୦
୨. ଆଠମଲ୍ଲିକ - ଟ୪୦୧୦
୩. ବଡ଼ମ୍ବା - ଟ୧୩୯୭-୬-୧୧
୪. ବୌଦ୍ଧ - ଟ୮୦୦
୫. ଦଶପଲ୍ଲା - ଟ୬୬୧-୭-୧୧
୬. ଢେଙ୍କାନାଳ - ଟ୫୦୯୯-୦-୯
୭. ହିନ୍ଦୋଳ - ଟ.୫୫୧-୩-୧୧
୮. କେନ୍ଦୁଝର - ଟ୧୭୧୦-୧-୩
୯. ଖଣ୍ଡପଡ଼ା - ଟ୪୨୧୧-୮-୮

Digitized by PPRACHIN, SOA



ଦଶପଲ୍ଲାଠାରେ କୁଆଁରିଆ ନଦୀ ଉପରେ ନିର୍ମିତ ଲୁହା ଶଙ୍ଖ ।

୧୦. ମୟୂରଭଞ୍ଜ - ଟ୧୦୬୭-୧୧-୯
୧୧. ନରସିଂହପୁର - ଟ୧୪୫୫-୮-୩
୧୨. ନୟାଗଡ଼ - ଟ୫୫୨୫-୪-୧
୧୩. ନୀଳଗିରି - ଟ୩୯୦୦-୭-୮
୧୪. ପାଲଲହଡ଼ା - ଟ୨୬୬-୧୦-୮
୧୫. ରଣପୁର - ଟ୧୪୦୦-୧୩-୨
୧୬. ତାଳଚେର - ଟ୧୦୩୯-୧୦-୫
୧୭. ତିଗିରିଆ - ଟ୮୮୨

ବ୍ରିଟିଶ୍ ଶାସନକାଳରେ ବୋଲଗଡ଼ଠାରୁ ଦଶପଲ୍ଲା ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ତିନି ଗୋଟି ନଦୀ ଉପରେ ଲୁହାଶଙ୍ଖ ନିର୍ମିତ ହୋଇଥିଲା । କୁସୁମୀ ନଦୀ ଉପରେ ଯେଉଁ ଲୁହା ଶଙ୍ଖ ନିର୍ମିତ ହୋଇଥିଲା, ତାହାକୁ "Ramsay Bridge" କୁହାଯାଉଥିଲା । ଏହି ଲୁହାଶଙ୍ଖଟି ୧୯୧୪-୧୫ ମସିହାରେ ନିର୍ମିତ ହୋଇଥିଲା । ଏହି "ରାମସେ ସେତୁ" ନିର୍ମାଣରେ ଟ. ୫୬,୮୩୯/- ବ୍ୟୟିତ ହୋଇଥିଲା । ବାବା ଅନିରୁଦ୍ଧ ପଟେଲ ଲେଖିଛନ୍ତି- "The road is intervened by the river Kusumi near the village Badapandusara, at 6 miles

Digitized by PPRACHIN, SOA

distance from Nijgarh. It was unfordable and rendered the road traffic impracticable to cross the river during the rainy season. In the year 1914-1915, an iron Bridge of 200 feet span called 'Ramsay Bridge' has been constructed on the river. The cost of the construction of the bridge amounted to Rs.56,839-9-0. It gives facilities to the road traffic, the road is motorable."

ମହୀପୁର ଠାରେ ଡାହୁକା ନଦୀ ଉପରେ ଲୁହାଶଙ୍ଖ ନିର୍ମିତ ହୋଇଥିଲା । ଏହାକୁ 'Joseph & Sons Company' ନିର୍ମାଣ କରିଥିଲେ । ଦଶପଲ୍ଲା ଠାରେ ୧୯୨୩ ମସିହାରେ କୁଆଁରିଆ ନଦୀ ଉପରେ ଲୁହାଶଙ୍ଖ ନିର୍ମିତ ହୋଇଥିଲା । ଏହାକୁ ମଧ୍ୟ Joseph & Sons Company ନିର୍ମାଣ କରି ପଠାଇଥିଲେ । ଏହି ସେତୁ ନିର୍ମାଣ ପାଇଁ ଟ.୧,୧୦,୦୦୦/- ଖର୍ଚ୍ଚ ହୋଇଥିଲେ । ଏହି ଖର୍ଚ୍ଚ ଭାର୍ ବ୍ରିଟିଶ ସରକାର, ନୟାଗଡ଼ ଷ୍ଟେଟ୍ ଏବଂ ବୌଦ ଷ୍ଟେଟ୍ ବହନ କରିଥିଲେ । B. Biswal ଲେଖିଛନ୍ତି- "The Government, the Nayagarh State and the Baud State liverally contributed annually towards the cost of the Kuanria Bridge on the construction of which about a lac and ten thousand rupees was spent."

ଇଂରେଜ ଶାସନରେ ରଣପୁର :

ରାଜା ବୃନ୍ଦାବନ ସିଂହ ବ୍ରଜଧର ନରେନ୍ଦ୍ର ମହାପାତ୍ର (ଖ୍ରୀ. ୧୭୯୯-୧୮୨୧) ଇଷ୍ଟ-ଇଣ୍ଡିଆ କମ୍ପାନୀର ବଶତା ସ୍ୱୀକାର କଲେ । ୧୮୦୩ ମସିହା ନଭେମ୍ବର ମାସ ୨୨ ତାରିଖରେ ଇଷ୍ଟ-ଇଣ୍ଡିଆ କମ୍ପାନୀ ଅନ୍ତର୍ଗତ କଟକର କମିଶନର ଜର୍ଜ ହାରକୋର୍ଟ ଏବଂ ଜନ୍ ମେଲ୍‌ଭିଲ୍ ଓଡ଼ିଶାର ଗଡ଼ଜାତ ରାଜାମାନଙ୍କ ସହିତ ଚୁକ୍ତି ସ୍ୱାକ୍ଷର କଲେ । ଏହିଦିନ ରାଜା ବୃନ୍ଦାବନ ସିଂହ ବଜ୍ରଧର ନରେନ୍ଦ୍ର ଇଷ୍ଟ-ଇଣ୍ଡିଆ ସହିତ ଚୁକ୍ତି ସ୍ୱାକ୍ଷର କଲେ । ଏହି ଚୁକ୍ତିରେ ଉଲ୍ଲେଖ ଥିଲା ଯେ ରାଜା ତାଙ୍କର ବାର୍ଷିକ ଦେୟ ୬୦୦୦ କାହାଣ କଉଡ଼ି ଚୈତ୍ର, ଜ୍ୟେଷ୍ଠ ଓ ଆଷାଢ ତିନି କିସ୍ତିରେ ବ୍ରିଟିଶ୍ ସରକାରଙ୍କୁ ପୈଠ କରିବେ । ୧୮୭୪ ମସିହା ମେ ମାସ ୨୧ ତାରିଖରେ ଭାରତର ଭାଇସ୍‌ରାୟ ନର୍ଥ ବ୍ରୁକ୍ ରଣପୁର ରାଜା ବେଣୁଧର ବଜ୍ରଧର ନରେନ୍ଦ୍ରଙ୍କ ନିକଟକୁ ଏକ ସନନ୍ଦ ପ୍ରଦାନ କରିଥିଲେ ଏବଂ ଏଥିରେ ବେଣୁଧରଙ୍କୁ 'ରାଜା' ମାନ୍ୟତା ପ୍ରଦାନ କରାଯାଇଥିଲା । ତାଙ୍କର ପରବର୍ତ୍ତୀ

Digitized by PPRACHIN, SOA

ଦାୟାଦମାନେ ଏହି ରାଜା ଉପାଧି ଧାରଣ କରିବାର ବ୍ୟବସ୍ଥା ମଧ୍ୟ ଏହି ସନନ୍ଦରେ ରହିଥିଲା ।

୧୮୯୪ ମସିହା ଅକ୍ଟୋବର ୨୨ ତାରିଖରେ ଭାରତର ତତ୍କାଳୀନ ଭାଇସ୍ ରାୟ ଏଲ୍‌ଗିନ୍ ସିମଳାଠାରୁ ରଣପୁର ରାଜା ବେଣୁଧର ନରେନ୍ଦ୍ରଙ୍କ ନିକଟକୁ ସନନ୍ଦ ପଠାଇଥିଲେ । ଏଥିରେ ବ୍ରିଟିଶ୍ ଶାସନରେ ରଣପୁର ରାଜାଙ୍କ ପଦମର୍ଯ୍ୟାଦା, କ୍ଷମତା ଓ ସ୍ଥାନ ସମ୍ପର୍କରେ ଉଲ୍ଲେଖ ରହିଥିଲା । ରଣପୁର ରାଜା ବାର୍ଷିକ ଟ.୧୪୦୦ଙ୍କା ତେରଅଣା ଦୁଇ ପଇସା ପେସ୍‌କୁସ୍ ଆକାରରେ ବ୍ରିଟିଶ୍ ସରକାରଙ୍କୁ ପ୍ରଦାନ କରିବାର ନିର୍ଦ୍ଦେଶ ଥିଲା । ୧୯୦୮ ମସିହାରେ ରଣପୁର ରାଜା ଭାରତର ଭାଇସ୍ ରାୟ ଲର୍ଡ ମିଣ୍ଟୋଙ୍କଠାରୁ ଏହି କରଦ ରାଜ୍ୟ (Feudatory State) ରୂପେ ସ୍ୱୀକୃତି ଦିଆଯାଇଥିଲା । ରାଜାଙ୍କୁ ସାହାଯ୍ୟ କରିବାପାଇଁ ଜଣେ ଦେବାନ୍ ରହିବାର ବ୍ୟବସ୍ଥା କରାଗଲା । ୧୯୩୭ ମସିହାରେ ପୁନର୍ବାର ପରିବର୍ତ୍ତିତ ସନନ୍ଦ ଜାରି କରାଗଲା ଏବଂ ଏଥିରେ ରଣପୁର ରାଜ୍ୟକୁ 'C' ଶ୍ରେଣୀ କରଦ ରାଜ୍ୟର ଅନ୍ତର୍ଗତ କରାଗଲା ।

◻■◻

Digitized by PPRACHIN, SOA

ଷଷ୍ଠ ପରିଚ୍ଛେଦ

ରାଜରାଜୁଣ୍ଡା ଶାସନକାଳରେ ସାମାଜିକ ଜୀବନ, ଅର୍ଥନୈତିକ ଅବସ୍ଥା ଓ ସାମରିକ ବ୍ୟବସ୍ଥା

Digitized by PPRACHIN, SOA

ନୟାଗଡ଼ ରାଜ୍ୟର ଲୋକମାନଙ୍କ ମଧ୍ୟରେ ସର୍ବାଧିକ ଲୋକ କୃଷିଜୀବୀ । ରାଜ୍ୟର ଶତକଡ଼ା ୧୫ ଭାଗ ଲୋକ ପ୍ରାୟତଃ ଧନୀଶ୍ରେଣୀର ଏବଂ ଚଳନ୍ତି ପକ୍ଷ ଚାଷୀ । ଏମାନେ ପ୍ରାୟ ୨୦ ଏକର ଲେଖାଏଁ ଜମି ଚାଷ କରିଥାନ୍ତି । ଏମାନଙ୍କର ଜମି ଉନ୍ନତ କିସମର ଏବଂ ଜଳସେଚନ ପାଇଁ ପୋଖରୀ କିମ୍ବା ଜଳାଶ୍ରୟର ସୁବିଧା ଏମାନେ ପାଇଥାନ୍ତି । ଅନାବୃଷ୍ଟି କାଳରେ ଏମାନେ ହାରାହାରି ପରିମାଣର ଶସ୍ୟ ପାଇଥାନ୍ତି । ଏହାକୁ ସେମାନେ ସାଇତି ରଖିଥାନ୍ତି କିମ୍ବା ଚଢ଼ା ଦରରେ ବିକ୍ରି କରିଥାନ୍ତି । ଏମାନଙ୍କ ତଳକୁ ଦ୍ୱିତୀୟ ସ୍ତରର କୃଷିଜୀବୀ ଅଛନ୍ତି ଯେଉଁମାନେ କି ଶତକଡ଼ା ୩୦ ଭାଗ ଲୋକ ଅଟନ୍ତି । ଏମାନେ ଦଶରୁ କୋଡ଼ିଏ ଏକର ଲେଖାଏଁ ଜମି ଭୋଗ ଦଖଲ କରିଥାନ୍ତି । ଏହି ଶ୍ରେଣୀର ଲୋକମାନେ ଭଲଭାବରେ ବର୍ଷସାରା ଚଳିଥାନ୍ତି । ଏମାନଙ୍କର ଜମିରୁ ଉତ୍ପନ୍ନ ଧାନ ବଳକା ନ ଥାଏ କିମ୍ବା ନିଅଣ୍ଟ ହୁଏ ନାହିଁ । ଏମାନଙ୍କ ତଳକୁ ତୃତୀୟ ଶ୍ରେଣୀର କୃଷିଜୀବୀ ଅଛନ୍ତି, ଯେଉଁମାନଙ୍କର ଖାଦ୍ୟ ପ୍ରାୟ ବର୍ଷକେ ଆଠ ମାସରୁ ନଅ ମାସ ପର୍ଯ୍ୟନ୍ତ ଚଳିଯାଏ । ବାକି ତିନି ମାସରୁ ଚାରି ମାସ କରଜ କରି ଚଳିଯାନ୍ତି । ଏମାନଙ୍କର ସଂଖ୍ୟା ଶତକଡ଼ା ୧୫ ।

ପ୍ରାୟତଃ ଶତକଡ଼ା ୨୦ ଭାଗ ଲୋକ ସେମାନଙ୍କର ଉତ୍ପନ୍ନ ଶସ୍ୟରେ ବର୍ଷକର ଛଅମାସ ଚଳିଯାନ୍ତି ଏବଂ ଅବଶିଷ୍ଟ ଛଅମାସ କରଜ କରି କିମ୍ବା ଶ୍ରମ କରି ଚଳିଯାନ୍ତି । ଅବଶିଷ୍ଟ ୧୫ ଭାଗ ଲୋକ ଅର୍ଦ୍ଧଶ୍ରମିକ । ଏମାନେ ଶ୍ରମ କରି ଏବଂ ବିଶେଷ କରି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ସେମାନଙ୍କର ଗୁଜୁରାଣକୁ ମେଣ୍ଟାଇଥାନ୍ତି । କୃଷିଜୀବୀ ବ୍ୟତୀତ ନୟାଗଡ଼ ରାଜ୍ୟରେ ଭୂମିହୀନ ଶ୍ରମିକ ଅଛନ୍ତି । ଏମାନେ ଦିନ ମଜୁରିଆ ଭାବରେ ପରିବାର ପ୍ରତିପୋଷଣ କରିଥାନ୍ତି । ସେମାନେ ଧନୀଚାଷୀ କିମ୍ବା ଚଳନ୍ତି ପକ୍ଷ ଚାଷୀମାନଙ୍କର କୃଷିକ୍ଷେତ୍ରରେ ମୂଲିଆ କିମ୍ବା ହଳିଆ ଭାବରେ କାର୍ଯ୍ୟ କରିଥାନ୍ତି । ସରକାରୀ ରେକର୍ଡରୁ ଜଣାପଡ଼େ ୧୯୩୨-୩୩ ସାଲରେ ଶ୍ରମିକମାନଙ୍କୁ ଦୈନିକ ଦୁଇ ଅଣାରୁ ତିନି ଅଣା ପାରିଶ୍ରମିକ ମିଳୁଥିଲା । ସେହି ସମୟରେ ମଧ୍ୟ

Digitized by PPRACHIN, SOA

ହଳିଆମାନଙ୍କୁ ତିନିଭାଗରେ ବିଭକ୍ତ କରାଯାଇଥିଲା, ଯଥା- (୧) ବର୍ଷିକିଆ, (୨) ଛ'ମାସିଆ ଏବଂ (୩) ତିନିମାସିଆ । ସରକାରୀ ରେକର୍ଡରେ ଉଲ୍ଲେଖରହିଛି- "The average daily wages of a labourer is from 2 to 3 annas a day. In the months of July and August when the demand for labour is great for weeding and transplanting it goes to the maximum of 3 annas. These labourers are mostly hired temporarily for the work. The temporary hired labourer gets his daily wages either in cash or in kind equivalent to the above value. The permanent labourers are divided into three classes (i) Barsikia, (ii) Chhamasia, (iii) Tinimasia. According to the number of months for which they are engaged in the year and they get their wages at different rates."

(i) Barsikia (ବର୍ଷିକିଆ) : He is employed throughout the year (from the Dolapurnima to other). He reeceived Rs.20 to Rs.40 per annum according to the age and capacity of labour and a piece of Dhoti in addition. He gets no food.

(ii) Chhamasia (ଛ'ମାସିଆ) : He is employed for half year and receives pay from Rs.10 to Rs.20. He works one day at his master's house and the other day at his own house or at some other place.

(iii) Tinimasia (ତିନିମାସିଆ) : He is employed three months in a year and gets a pay of Rs.7 to Rs.10 a year. He works once in four days under his master's and for the rest in his own farm or elsewhere as a hired labourer.

ତେବେ ଲୋକମାନଙ୍କର ଅବସ୍ଥା ସାଧାରଣ ଭାବରେ ଉତ୍ତମ ନ ଥିଲା । କାରଣ ତତ୍କାଳୀନ ନୟାଗଡ଼ ଲୋକମାନେ ଅଳସୁଆ ଏବଂ ଚାଲାକ ଚତୁର ନ ଥିଲେ ।

ନୟାଗଡ଼ ଧାନ ଓ ମୁଗ ଉତ୍ପାଦନ ପାଇଁ ଜଣାଶୁଣା । ନୟାଗଡ଼ରେ ଯେଉଁ କିସମର ଧାନଚାଷ କରାଯାଏ, ତାହା ହେଉଛି- ବିଆଳି ଏବଂ ଶାରଦ । ସରକାରୀ ରେକର୍ଡରେ ଉଲ୍ଲେଖ ରହିଛି- "The State is prolific in the produce of paddy for which the lands are admirably suited. The varities

Digitized by PPRACHIN, SOA

of paddy are numerous but they fall under are of the two following heads according to the season at which they are harvested.

(A) Biali (Autumn rice) (ବିଆଳି) : is the earliest variety which is harvested in August and Septamber. Biali is grawn in raparian tracts of Gandhibedh and Kanthamal. It is also grown in the Kalamati soil in the vicinity of the village site.

(B) Saradh or winter rice is harvasted between October and December. Saradh is sub-divided into two varities, (1) Chhota Laghu or early variety and (2) Bada Laghu or Late variety.

(1) Saradh Chhota Laghu (ଶାରଦ ଛୋଟ ଲଘୁ) Chhota Laghu is grown early in the month of October and November.

(2) Saradha Bada Laghu (ଶାରଦ ବଡ଼ ଲଘୁ) : Bada Laghu is the main crop of the State and extensively grown. It has many varities some of which yield very fine rice, and finest of them being Karpurkeli and Paluagundi.

ନୟାଗଡ଼ ମୁଗଚାଷ ପାଇଁ ପ୍ରସିଦ୍ଧ । ସରକାରୀ ରେକର୍ଡରେ ଉଲ୍ଲେଖ ରହିଛି- "Mung, the next important crop in the State was grown on a large scale after the harvest of paddy." ଏହା ଦୋଫସଲି ଜମିରେ ଚାଷ କରାଯାଏ । ଲୋକମାନେ ଜମିରୁ ପ୍ରାୟ ୨୦ରୁ ୩୦ ନଉତି ମୁଗ ପାଇଥାନ୍ତି । ନୟାଗଡ଼ରେ ଗୋଟିଏ ପହଳି ଏବେ ମଧ୍ୟ ପ୍ରଚଳିତ ଅଛି-

"ସାକେରି ଚାଉଳ
ଇକିରି ମୁଗ
ପୋଡ଼ାଗଡ଼ ବାଇଗଣ
ଗୁଣ୍ଠୁଣି ଶାଗ ।"

ଅର୍ଥାତ୍ ସାକେରି ଗ୍ରାମର ଚାଉଳ ବେଶ୍ ସରସ । ଇକିରି ଗହୀରର ମୁଗ ବେଶ୍ ଉତ୍କୃଷ୍ଟ । ପୋଡ଼ାଗଡ଼ର ବାଇଗଣର ତୁଳନା ନାହିଁ । ଗୁଣ୍ଠୁଣି ଗାଁର ଶାଗ ଭାରି ସୁଆଦ ।

ନୟାଗଡ଼ ରାଜ୍ୟ ଆଖୁଚାଷ ପାଇଁ ପ୍ରସିଦ୍ଧ । ଏହା ହେଉଛି ଏକ ବିଶେଷ ଅର୍ଥକରୀ ଫସଲ । ତେଣୁ ଗାଁ ଗହଳିର ଲୋକମାନେ ସେମାନଙ୍କର ବିଲରେ ଆଖୁଚାଷ କରି ଗୁଡ଼ ପ୍ରସ୍ତୁତ କରି ବିକ୍ରି କରୁଥିଲେ । ନୟାଗଡ଼ ଗୁଡ଼ ଓଡ଼ିଶା ପ୍ରସିଦ୍ଧ । ଯେଉଁ

Digitized by PPRACHIN, SOA

କୃଷକମାନଙ୍କର ବେଶି ଜମି ନ ଥାଏ, ସେମାନେ ଜମିଥିଲା ବାଲା ଲୋକଙ୍କ ଠାରୁ ଜମି ଭାଗଚାଷ ସୂତ୍ରରେ ନେଇ ଆଖୁଚାଷ କରନ୍ତି ଓ ଜମି ମାଲିକକୁ ଉଚିତ୍ ମୂଲ୍ୟର ଟଙ୍କା 'ଇଜେରା' ଆକାରରେ ପ୍ରଦାନ କରିଥାନ୍ତି । ଏବେ ମଧ୍ୟ ନୟାଗଡ଼ରେ ଏହା ପ୍ରଚଳିତ ରହିଛି । ଆଖୁ ପାକଳ ହେଲାପରେ ଚାଷୀମାନେ ଆଖୁଶାଳ କରି ଆଖୁ ପେଡ଼ନ୍ତି । ଆଖୁ ରସରୁ ଗୁଡ଼ ରାନ୍ଧନ୍ତି । ହାଣ୍ଡି ହାଣ୍ଡି ଗୁଡ଼ ପ୍ରସ୍ତୁତ କରି ଶାଳଘରେ ରଖିଥାନ୍ତି ଓ ମହାଜନକୁ ବିକ୍ରି କରିଥାନ୍ତି । ବିଶେଷ କରି ନୟାଗଡ଼ ଜିଲ୍ଲାରେ ଆଖୁଶାଳରେ ପ୍ରସ୍ତୁତ 'ଶାଳଉଖୁଡ଼ା' ସମଙ୍କର ପ୍ରିୟ ଖାଦ୍ୟ । ଅନ୍ୟାନ୍ୟ ରବି ଫସଲ ମଧ୍ୟରେ ରହିଛି- ସୋରିଷ, ବିରି, କୋଳଥ, ଜଡ଼ା, ମାଣ୍ଡିଆ, ରାଶି, ସୁଆଁ, କୁହୁଡ଼ି, ଚଣା, କାଙ୍ଗୁଲ, ହରଡ଼, ଗହମ, ବରଗୁଡ଼ି, ବାଇଗଣ, କାକୁଡ଼ି, ସାରୁ ଓ ଧନିଆଁ । ଗରିବ ଚାଷୀମାନେ ପ୍ରାୟ ସାରୁ ଚାଷ କରିଥାନ୍ତି । ଏହି ସାରୁକୁ ସେମାନେ ତରକାରୀ, ପୋଡ଼ାପୋଡ଼ି କରି ଖାଆନ୍ତି । ସାରୁକୁ ମଧ୍ୟ ବିକ୍ରି କରିଥାନ୍ତି । ଅଧିକାଂଶ ଲୋକ କୁଜିସାରୁ କରନ୍ତି । କିନ୍ତୁ ଖଣ୍ଡୁଗାଁ, ଗୋଳଗୋଳା, ହୀରାଦେଇପୁରର, ପଦ୍ମପୁର ଏବଂ ଅନ୍ୟାନ୍ୟ କେତେକ ଅଞ୍ଚଳରେ ଶଙ୍ଖସାରୁ କରିଥାନ୍ତି ।

ଏହି କୃଷିଜାତ ଦ୍ରବ୍ୟ ପ୍ରତିବର୍ଷ ବିପୁଳ ପରିମାଣରେ ବାହାରକୁ ପଠାଯାଏ । ଲୋକମାନେ ସେମାନଙ୍କର ରାଜସ୍ୱ ବାବଦରେ ତୈଳବୀଜ ଓ ଶୀତଦିନିଆ ଶସ୍ୟ ପ୍ରଦାନ କରୁଥିଲେ । ଘରର ଅନ୍ୟାନ୍ୟ ଚଳଣିପାଇଁ ସେମାନେ ମୁଗ, ବିରି, କୋଳଥ ଏବଂ ତୈଳବୀଜ ବଦଳରେ କ୍ରୟ କରୁଥିଲେ ।

ନୟାଗଡ଼ର ପ୍ରଜାମାନେ ମଦ୍ୟ, ସୁରାପ୍ରତି ପ୍ରାୟ ଆସକ୍ତି ନ ଥିଲେ । କିଛି କିଛି ଲୋକ ଗଞ୍ଜେଇ ଟାଣୁଥିଲେ । କ୍ୱଚିତ୍ ଲୋକ ଅଫିମ ଖାଉଥିଲେ ।

ନୟାଗଡ଼ ରାଜ୍ୟର ଲୋକମାନେ କଳାପ୍ରିୟ । ସେମାନଙ୍କର ପ୍ରଧାନ ଆସକ୍ତି ଥିଲା ଲୋକନାଟକ ପାଇଁ । ଦଣ୍ଡନାଚ, ଦୁଆରି, ପାଲା, ଦାସକାଠିଆ, ରାମଲୀଳା, କୃଷ୍ଣଲୀଳା, ଭାରତଲୀଳା, ସଂକୀର୍ତ୍ତନ, ସଂଗୀତ, ଭାଗବତ ପ୍ରତି ସେମାନେ ଅଧିକ ଆସକ୍ତି ଥିଲେ । ଏହିସବୁ ସଙ୍ଗୀତ, ନାଟକ, ତାମସା, ସୁଆଙ୍ଗ ପ୍ରଭୃତି ଆମୋଦ ପ୍ରମୋଦ ଲୋକମାନଙ୍କୁ ଅଳସୁଆ କରି ଦେଇଥିଲା ।

ରାଜରାଜୁଡ଼ା ସମୟରେ ନୟାଗଡ଼ରେ ବାଇନାଚ ପ୍ରଚଳିତ ଥିଲା । ଏବେ ଅବଶ୍ୟ ସେ ନାଚ ନାହିଁ । କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ତାଙ୍କର ଖଣ୍ଡପଡ଼ା ରହଣିକାଳ ମଧ୍ୟରେ ନୟାଗଡ଼ର ବାଇନାଚ ଦେଖିଛନ୍ତି । କାଳୀଚରଣ ଲେଖିଛନ୍ତି- "ନୂଆଗଡ଼ରୁ ବାଇନାଚ ଦଳ ଅଣାଗଲେ । ସେତେବେଳେ ଏ ନାଚ ଥାଏ । ମନେଅଛି 'ରାଧା', 'ଦରିଆ' ଓ 'ଜଗନା' ନାମରେ ତିନି ଭଉଣୀ ନୂଆଗଡ଼ରୁ ଆସିଥିଲେ । ଗୀତ, ନାଚ, ଯାହା ହେଲା, ସେ ଯେ ଉଚ୍ଚକୋଟିର, ତାହା ମୁଁ କହିପାରିବି ନାହିଁ;

Digitized by PPRACHIN, SOA

ମାତ୍ର ଗରାଖତ କିସମଓ୍ୱାରୀ- କାହା ପସନ୍ଦ କେମିତି । ବାକି ରାଧାମଣିର ଦୈବୀଦତ୍ତ ଢଳା-ତଳା-କଳା ଆଖି ଯୋଡ଼ାଟି ବହୁତ ଲୋକଙ୍କ ମନ ଚହଲାଇ ଦେବାର ମୁଁ ଜାଣେ । ତାଙ୍କ ଗୀତର ଘୋଷା ପଦ ପଦେ ଅଧେ ଏବେ ବି ମୋର ହେତୁ ଅଛି- "ମୁଁ କାହା କର ଧରିବି" ଆଉ "କାନ୍ତ ବିନା ଦିବା ରଜନୀ ସଜନୀ କୋଟିଯୁଗ ସମ ହେଲାଟିରେ" ସବୁ ଆମ ପୁରୁଣା କବିଙ୍କ ରଚନା । ବାଇଆନା ନାଚ ତ ! ହେଲେ ବେଶ, ନାଚ, ଭଙ୍ଗି, ଗାଇବା ଢଙ୍ଗ ଅଭିନୟ ଚାତୁରୀ ସବୁଥିରେ ଓଡ଼ିଶୀ ଢଙ୍ଗରଙ୍ଗ ଲାଗି ରହିଥିଲା । ଖଣ୍ଡପଡ଼ା ବାସୀଏ ଗୀତ ରସିକ । କହିଛି ତ ସେଠାରେ ସଙ୍ଗୀତର ଚର୍ଚ୍ଚା ଥିଲା । ଓଡ଼ିଶୀ ଗୀତ ଓ ନାଚ ତାଙ୍କ ମନକୁ ପାଇଲା ।"

ଏହା ବ୍ୟତୀତ କାଳୀଚରଣ ପଟ୍ଟନାୟକ ଲେଖିଛନ୍ତି ଯେ ନୟାଗଡ଼ରେ ସେତେବେଳେ ରାସଗୀତର ବହୁ ଆଦର ଥିଲା । 'ନୂଆଗଡ଼ରେ ରାସ' ଶିରୋନାମାରେ ସେ ଲେଖିଛନ୍ତି- "ଡାହାଣ ବାଁ ଦି'ପଟରେ ଜଗୁଆଳ ପରି ମଥାଟେକି ପହରା ଦେଇ ନୂଆଗଡ଼କୁ ଚାହିଁ ରହିଛି 'ରୁଖୀ' ଆଉ 'ବଳରାମ' ଦୁଇଟି ପାହାଡ଼ । ଦୁହେଁ ରସିକପଣରେ କେହି କାହାକୁ ଊଣା ନୁହନ୍ତି । ନାଗେଶ୍ୱର ଆଉ ମାଳତୀ ଟାହିଆ ମଥାରେ ଖୋଷି, ଗଡ଼ଟାସାରା ମହକ ଚହଟାଇ ନୂଆଗଡ଼କୁ ପୁରୁଣାଗଡ଼ କରିଦେବାକୁ ଏ ଦୁହେଁ ଯେମିତି ନାରାଜ । ଭଞ୍ଜ କବି ଏଇଠି, ଯଦୁମଣି ଏଇଠି । କେତେଦିନରୁ ନୂଆଗଡ଼ ଦେଖିବାର ଗୋଟାଏ ବାଞ୍ଛା ଥିଲା । ଏ ପୁଣି ମୋର ମାମୁଘର ଗାଆଁ । ଏଠି ଗୋଟିଏ ଗୁରୁଟ୍ରେନିଂ ସ୍କୁଲ ଅଛି । ଖଣ୍ଡପଡ଼ାର ଇନିସ୍‌ପେକ୍‌ଟିଙ୍ଗ୍ ପଣ୍ଡିତ ଚତୁର୍ଭୁଜ ମିଶ୍ରଙ୍କ ଭାଇ ସନାତନ ମିଶ୍ର ଥାଆନ୍ତି ହେଡ୍ ପଣ୍ଡିତ । ମୋ ମାମୁ କୁଞ୍ଜବିହାରୀ ପଟ୍ଟନାୟକ (ଏବେ ସ୍ୱର୍ଗତ) ସେତେବେଳେ ନୂଆଗଡ଼ ସ୍କୁଲ ସମୂହର ପରିଦର୍ଶକ । ଯୋଗକୁ ପରୀକ୍ଷକ ରୂପେ ମୁତୟନ ହୋଇ ଖଣ୍ଡପଡ଼ାରୁ ମୁଁ ଗଲି ।

ଖଣ୍ଡପଡ଼ାରୁ ମନ ଉଡୁଉଡୁ ହେଲାବେଳକୁ ଏ ଯୋଗ ପଡ଼ିଥାଏ । ମନେକଲି ବାକିଥିବ କାହିଁକି ? ନୂଆଗଡ଼ଟା ଦେଖା ସରିଯାଉ । ସେତେବେଳେ ନୂଆଗଡ଼ କୋର୍ଟ ଅଫ୍ ଓ୍ୱାର୍ଡସ୍ ଅଧୀନରେ । ରାଜା ଗାଦି ପାଇ ନ ଥାନ୍ତି । ସମ୍ବଲପୁରୀଆ ପଟେଲ ବାବୁ ଥାଆନ୍ତି ପଲିଟିକାଲ ଏଜେଣ୍ଟଙ୍କ ନମୁଦୀ ଶାସକ । ଶସ୍ତାକାଳ । ଦେବୋତ୍ତର ବିଭାଗ ବଡ଼ ଭଲ ଚାଲିଥାଏ । ଭୋଗରାଗ ଭାରି ସରସା ।

'ମୁଣିକି ମୁଣି'– ଧୂଆପତ୍ରକୁ ମୁଣି । ମୁଁ ନୂଆଗଡ଼ ଯିବା ସଙ୍ଗେ ସଙ୍ଗେ ଜଣେ କେତେ ସଙ୍ଗୀତପାଗଳା ଛାଏଁ ଛାଏଁ ଜୁଟିଗଲେ । ପରୀକ୍ଷା ତ ଚାଲିଲା । ଗାଉଣା-ବାଜଣା ଭୋଜିଭାତ ମଧ୍ୟ ବନ୍ଦ ହେଲା ନାହିଁ । ନୂଆଗଡ଼ରୁ ସେତେବେଳେ ସୁଦ୍ଧା ଓଡ଼ିଶୀ ସଙ୍ଗୀତର ଚର୍ଚ୍ଚା ଉଭାଇ ଯାଇ ନ ଥାଏ । ଗଡ଼ର ସୋମନାଥ ପଟ୍ଟନାୟକ ଆଉ ବାଞ୍ଛାନିଧି

Digitized by PPRACHIN, SOA

ପଟ୍ଟନାୟକ (ପରେ ସମ୍ପର୍କରେ ମୋର ଭିଣୋଇ) ଓ ବ୍ରାହ୍ମଣ ସାଇର ଜଣକେତେ ଗାୟକ ଗୀତ ଗାଉଥାଆନ୍ତି ।"

ଏହିପରି ଭାବରେ କାଳୀଚରଣ ପଟ୍ଟନାୟକ ନୟାଗଡ଼ ସହରର ସଙ୍ଗୀତଚର୍ଚ୍ଚାକୁ ମନୋଜ୍ଞ ଭାବରେ ଚିତ୍ରଣ କରିଛନ୍ତି ।

୧୮୯୭ରୁ ୧୯୦୬- ଏହି ଦଶନ୍ଧି ମଧ୍ୟରେ ନୟାଗଡ଼ ରାଜ୍ୟରେ ୧୮୯୭, ୧୯୦୨ ଏବଂ ୧୯୦୩ ମସିହାରେ- ଏହିପରି ତିନିଥର ବିରାଟ ଅଭାବ ଅନଟନ ଦେଖାଦେଲା । ସେହିପରି ୧୯୦୭ ଓ ୧୯୦୮ରେ ଏହି ଅଭାବ ଅନଟନର ପୁନରାବୃତ୍ତି ଘଟିଥିଲା । ଏହି ଦୁର୍ଦ୍ଦଶା ୧୯୧୩-୧୪ ମସିହା ପର୍ଯ୍ୟନ୍ତ ରହିଥିଲା । କାରଣ ଅନାବୃଷ୍ଟି ଯୋଗୁଁ ଶସ୍ୟହାନି ଘଟିଥିଲା । ସର୍ବୋପରି ରାଜ୍ୟର ଧନୀଲୋକ ଏବଂ ମହାଜନମାନଙ୍କ ଦ୍ୱାରା ବିପୁଳ ପରିମାଣରେ ଧାନ ବାହାର ଗଡ଼ଜାତ ରାଜ୍ୟକୁ ପଠାଯାଇଥିଲା । ୧୯୦୫-୧୬ ମସିହାରେ ମହୀପୁର, ମହୀତମା ଓ ବାହାଡ଼ା ଝୋଲା ପୋଲିସ୍ ଫାଣ୍ଡି ଅଞ୍ଚଳ ଗୁଡ଼ିକରେ ଶସ୍ୟହାନି ଘଟିଥିଲା । ରାଜ୍ୟର କର୍ମକର୍ତ୍ତାମାନେ ରାଜ୍ୟ କୋଷାଗାରରୁ ଟ୧୫୦୦ ନେଇଥିଲେ ଏବଂ ନୟାଗଡ଼ ସଦର ଥାନା, ଓଡ଼ଗାଁ ପୋଲିସ୍ ଥାନା, ଶରଣକୁଳ, ଗୋଡ଼ିପଡ଼ା, ଇଟାମାଟି ପୋଲିସ ଥାନା ଅଧିକୃତ ଅଞ୍ଚଳରୁ ଧାନ କ୍ରୟ କରି ମହୀପୁର, ମହୀତମା ଓ ବାହାଡ଼ାଝୋଲା ପୋଲିସ ଥାନା ଅଞ୍ଚଳର ଲୋକମାନଙ୍କୁ ପର୍ଯ୍ୟାପ୍ତ ଦରରେ ଫେବୃୟାରୀ ମାସ ଠାରୁ ନଭେମ୍ବର ମାସ ପର୍ଯ୍ୟନ୍ତ ବିକ୍ରୟ କଲେ । ଫଳରେ ଜଣେ ମଧ ଦୁର୍ଦ୍ଦଶା ଭୋଗ କରି ନ ଥିଲେ । ସେହିପରି ୧୯୦୫-୧୬ ମସିହାରେ ୧୫୦ ଭରଣ ଧାନ ଟ୩୦୦୦ଙ୍କା ମୂଲ୍ୟ ବିନିମୟରେ ନରସିଂହପୁର ଗଡ଼ଜାତରାଜ୍ୟକୁ ନୟାଗଡ଼ରୁ ପଠାଯାଇଥିଲା । ୧୯୦୫ ମସିହାରୁ ୧୯୧୬ ମସିହା ମଧ୍ୟରେ ଟ୩,୯୦,୪୪୦ଙ୍କା ବ୍ୟୟରେ ନୟାଗଡ଼ ଗଡ଼ଜାତର କର୍ମକର୍ତ୍ତା ଜଳସେଚନ ପାଇଁ ବୃହତ୍ ଜଳଭଣ୍ଡାର ନିର୍ମାଣ ଏବଂ ରାଜ୍ୟର ଉନ୍ନତିକର କାର୍ଯ୍ୟରେ ବାୟ କରିଥିଲେ । ଯାହାଫଳରେ ଲୋକମାନେ ଯଥେଷ୍ଟ ପରିମାଣରେ ସାହାଯ୍ୟ ପାଇଲେ ଏବଂ କଷ୍ଟ ଓ ଦୁର୍ଦ୍ଦଶାକୁ ଅନୁଭବ କରିପାରି ନଥିଲେ । ସାଧାରଣ ଲୋକମାନଙ୍କର ମଙ୍ଗଳ ପାଇଁ ରାଜ୍ୟରେ କେତେକ ପଦକ୍ଷେପ ନିଆଗଲା । ପ୍ରଥମତଃ, ଉପଯୁକ୍ତ ପ୍ରଣାଳୀରେ ଚାଷ କରିବା ପ୍ରସ୍ତୁତି କରାଗଲା । ସମ୍ବଲପୁର ଓ ସୋନପୁର ଅଞ୍ଚଳର ଚାଷ କରିବା ପ୍ରଣାଳୀକୁ ଏଠାରେ ପ୍ରଚଳନ କରାଗଲା । ଦ୍ୱିତୀୟତଃ ଖରୁଡ଼ି ଓ ବତୁରି ପ୍ରଣାଳୀରେ ହେଉଥିବା ଧାନଚାଷକୁ ଗଭୀର ପ୍ରଣାଳୀରେ ପ୍ରକ୍ରିୟାକରଣ କରିବା । କାରଣ ଏହି ଗଭୀର ଚାଷପ୍ରଣାଳୀ (deep cultivation)ରେ ଧାନଗଛ ନଷ୍ଟ ହୁଏ ନାହିଁ । ତୃତୀୟତଃ, ଧାନବିଲର ହୁଡ଼ାଗୁଡ଼ିକୁ ପ୍ରାୟ ଏକଫୁଟ ଉଚ୍ଚତା ବିଶିଷ୍ଟ କରିବା ପାଇଁ ପରାମର୍ଶ ଦିଆଗଲା ଏବଂ ଅଗଷ୍ଟ ଓ

Digitized by PPRACHIN, SOA

ସେପ୍ଟେମ୍ବର ମାସର ଧାନ ବିଲରେ ପ୍ରାୟ ୬"ରୁ ୧୨" ପର୍ଯ୍ୟନ୍ତ ପାଣି ରଖିବାପାଇଁ ପରାମର୍ଶ ଦିଆଗଲା ।

ନୟାଗଡ଼ରେ ସେତେବେଳେ ଧାନଚାଷ ପ୍ରଣାଳୀ ଉନ୍ନତ କିସମର ନ ଥିଲା । ତେଣୁ ସୋନପୁର ଓ ସମ୍ବଲପୁର ଅଞ୍ଚଳରେ ହେଉଥିବା ଧାନଚାଷ ପ୍ରଣାଳୀକୁ ଏଠାରେ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବ ରହିଲା । ସରକାରୀ ରେକର୍ଡରେ ଉଲ୍ଲେଖଅଛି- "If the agricultural implements of the Sonepur and Sambalpur pattern will be introduced in this State, the idleness of the people will be much improved, and there will be no fear of hardship, the people of this side will get good taste of their rice and the number of the beggars will be much decreased. If the people of this side will continue their superficial cultivation and carry on earth works by their existing implements, i.e. plough, Kori, Katuri and Dola the production of Paddy and the taste of rice-will go down gradually and the number of beggers will go on increasing and consequently people of this side will feel scarcities even in the years of very little failure of crops for the want of rainfall in the month of October or November."

ରାଜରାଜୁଡ଼ା ସମୟରେ ଲୋକମାନଙ୍କର ଚଳଣି ସାଧାରଣ ସ୍ତରର ଥିଲା । ଲୋକମାନଙ୍କର ଖାଦ୍ୟ ଅତି ନିମ୍ନମାନର ଥିଲା । ସେମାନେ ସକାଳେ ରନ୍ଧା ଜଳଖିଆ ପ୍ରାୟ ଖାଉ ନ ଥିଲେ । ସେମାନେ ସକାଳେ ଜଳଖିଆ ରୂପେ ମୁଢ଼ି, ଚୁଡ଼ା, ଖଇଚଡ଼ା, ଉଖୁଡ଼ା, ଲିଆ, ଖଇ ଇତ୍ୟାଦି ଖାଉଥିଲେ । ତେଣୁ ସେମାନେ ପ୍ରାୟତଃ ଦୁର୍ବଳ ଥିଲେ । ଲୋକମାନଙ୍କର ସାଧାରଣ ଖାଦ୍ୟ ଥିଲା ଭାତ, ଲୁଣ ଏବଂ ଶୁଖୁଆ । ଲୋକମାନେ ବିବାହ ଓ ଅନ୍ୟାନ୍ୟ ବିଳାସ-ବ୍ୟସନରେ ଖର୍ଚ୍ଚ କରୁଥିଲେ । ଲୋକମାନେ ମଦ୍ୟପାନ କରୁ ନ ଥିଲେ । କିଛି ଲୋକ ଗଞ୍ଜେଇ ସେବନ କରୁଥିଲେ । କାଁ ଭାଁ ଲୋକ ଅଫିମ ଖାଉଥିଲେ । ଲୋକମାନଙ୍କର ପୋଷାକ ସାଧାରଣ ସ୍ତରର । ପୁରୁଷମାନେ ସ୍ଥାନୀୟ ହାତବୁଣା ମୋଟାଲୁଗା ଓ ଗାମୁଛା ବ୍ୟବହାର କରୁଥିଲେ । ମହିଳାମାନେ ମୋଟା ଶାଢ଼ୀ ଓ ଗାମୁଛା ବ୍ୟବହାର କରୁଥିଲେ । ମହିଳାମାନଙ୍କର ଲୁଗା ଅନେକ ସମୟରେ ମଇଳା, ତେଲିଆ ଓ ହଳଦୀଯୋଗୁଁ ଅପରିଷ୍କାର ଦେଖାଯାଉଥିଲା । ଲୋକମାନଙ୍କର ଆବଶ୍ୟକତା ପ୍ରାୟ ସୀମିତ ଥିଲା ।

Digitized by PPRACHIN, SOA

ଲୋକମାନଙ୍କର ଘରଗୁଡ଼ିକ ଖୁବ୍ ଖନ୍ଦାଖନ୍ଦି ହୋଇ ରହିଥିଲା । ବୋଧହୁଏ ହିଂସ୍ରଜନ୍ତୁ ଯଥା- ବାଘ, ଭାଲୁ, ପେଣ୍ଡେରା ପ୍ରଭୃତିଙ୍କର ଆକ୍ରମଣରୁ ରକ୍ଷା ପାଇବା ପାଇଁ ଲୋକମାନେ ପରସ୍ପର ଲଗାଲଗି ହୋଇ ଅବସ୍ଥାନ କରୁଥିଲେ । ଲୋକମାନଙ୍କର ଘରଗୁଡ଼ିକର କାନ୍ଥ ପ୍ରାୟତଃ ମାଟି ବୋଳା ହୋଇଥିବା ବାଉଁଶର ତାଟିରେ ନିର୍ମିତ ଥିଲା । ଘରଗୁଡ଼ିକର ଦ୍ୱାର ଦେଶରେ ବାଉଁଶ ତାଟିର କବାଟ ଲାଗିଥିଲା । ଗାଁ ଲୋକମାନେ ସେମାନଙ୍କର ଘରର ସାମ୍ନାପଟେ ଗାଈ, ବାଛୁରୀ, ବଳଦ ବାନ୍ଧୁଥିଲେ । ତେଣୁ କୌଣସି ବାହାର ବ୍ୟକ୍ତି ଘରଭିତରକୁ ପ୍ରବେଶ କରିବା ବେଳେ ଗୋବର ଓ ଗାଈମୁତକୁ କୁଦିକରି ଯାଇଥାନ୍ତି । ବେଳେବେଳେ ଦୁର୍ଦ୍ଦାନ୍ତ ବଳଦ ଓ ଗାଈମାନଙ୍କର ନାତ ମଧ୍ୟ ଖାଇଥାନ୍ତି ।

ଲୋକମାନଙ୍କର ଘରର ଆସବାବପତ୍ର ଅତି ଗରିବସ୍ତରର ଥିଲା । ଲୋକମାନେ ଘରର ଚଟାଣରେ ହେଁସ ବ୍ୟବହାର କରି ଶୋଇଥାନ୍ତି । ଯଦିବା କାହା ଘରେ ଖଟଟିଏ ଥାଏ, ତେବେ ତାହା ବାଉଁଶରେ ତିଆରି ଦଉଡ଼ିଆ ଖଟ ଥିଲା । ପ୍ରାୟ ପ୍ରତ୍ୟେକ ଘରେ ଗୋଟିଏ ଲେଖାଏଁ ପିତଳ ଗରା, ପିତଳ ଡାଳ, କଂସା, ଥାଳି, ବେଲା, ଶିଳପଥର, ଘୋରଣା ଓ ଢିଙ୍କି ପ୍ରଭୃତି ଦେଖିବାକୁ ମିଳୁଥିଲା । ଏକଦା କୌଣସି ଗୋଟିଏ ପରିବାରର ଦୁଇଭାଇ ଭିନ୍ନେ ହେଲେ । ସେମାନେ ଘରର ଜିନିଷପତ୍ରକୁ ସମାନ ସମାନ ଦୁଇଭାଗରେ ବାଣ୍ଟି ନେଲେ । କିନ୍ତୁ ଘରେ ରହିଥିବା ଢିଙ୍କିଟା କିଏ ନେବ- ତୁଟିଲା ନାହିଁ । ଘଟଣାଟି କଚେରୀକୁ ଗଲା । ବିଦେଶୀ ହାକିମ ଢିଙ୍କି କ'ଣ ବୁଝି ପାରିଲେ ନାହିଁ । ଓକିଲଙ୍କୁ ପଚାରିଲେ- "What do you mean by dhinki ?" ଓକିଲବାବୁ ହାକିମଙ୍କୁ ବୁଝାଇଦେଲେ- "Two women dhapar dhapar, one woman shuking, that is called dhinki."

ନୟାଗଡ଼ର ଲୋକମାନେ ପ୍ରାୟତଃ ଗୃହବିରହୀ (Home-Sick) ନ ଥିଲେ । ସେମାନେ ପ୍ରତିବର୍ଷ ଅଧିକ ଉପାର୍ଜନ ଲକ୍ଷ୍ୟରେ ବହୁସଂଖ୍ୟାରେ ରେଙ୍ଗୁନ, ଆସାମକୁ ବାହାରି ଯାଉଥିଲେ । ରେଙ୍ଗୁନ୍, ଆସାମ ଏବଂ ଅନ୍ୟାନ୍ୟ ଶିଳ୍ପାଞ୍ଚଳ କେନ୍ଦ୍ରକୁ ଉପାର୍ଜନ ନିମନ୍ତେ ଯାଉଥିବା ଲୋକସଂଖ୍ୟା ପ୍ରାୟ ହାରାହାରି ପରିମାଣର ଥିଲା । ରେଙ୍ଗୁନ୍‌କୁ ଯାଉଥିବା ଲୋକମାନେ ସେଠାରେ ପ୍ରାୟ ଚାରି/ପାଞ୍ଚ ବର୍ଷ ରହି ଆଖିଦୃଶିଆ ରୋଜଗାର କରି ଘରକୁ ଫେରୁଥିଲେ । ଏହା ଥିଲା ସେମାନଙ୍କର ଅତିରିକ୍ତ ଆୟ । ବେଳେବେଳେ କିଛିଲୋକ ରେଙ୍ଗୁନ୍‌ରେ ଦେହ ଦୁଃଖରେ ପଡ଼ି ପ୍ରାଣ ହରାଉଥିଲେ, ଆଉ ଘରକୁ ଫେରୁ ନଥିଲେ । ଏଣେ ଘରେ ଗୃହିଣୀ ବିଚାରୀ ରେଙ୍ଗୁନ୍ ଫେରନ୍ତା ସ୍ୱାମୀର ବାଟକୁ ଚାହିଁ ଚାହିଁ କେବଳ ଲୁହ ଝରାଉଥିଲେ । ସରକାରୀ ରେକର୍ଡରେ ଉଲ୍ଲେଖ ରହିଛି- "The peoples as a rule are not very home-sick. They go out in large number to Rangoon or Assam every year to earn

Digitized by PPRACHIN, SOA

better wages there as hired labourer. The annual immigration to Rangoon, Assam and other industrial centres is on the average. These people generally live in Rangoon for 4 to 5 years and return with handsome amount that serves as an additional source of income to their families."

ପରିସଂଖ୍ୟାନରୁ ଜଣାପଡ଼େ ଯେ ନୟାଗଡ଼ ଷ୍ଟେଟ୍‌ରେ ଜନସଂଖ୍ୟାରେ ହ୍ରାସ ଓ ବୃଦ୍ଧି ଘଟିଅଛି । ନିମ୍ନପ୍ରଦତ୍ତ ସାରଣୀରୁ ଏହା ପ୍ରତୀୟମାନ ହୁଏ-

ମସିହା		ଜନସଂଖ୍ୟା
(୧) ୧୯୧୧ ମସିହା	-	୧୫୧,୨୯୩
(୨) ୧୯୨୧ ମସିହା	-	୧୨୨,୮୪୩
(୩) ୧୯୩୧ ମସିହା	-	୧୪୨,୪୦୬

୧୯୨୧ ମସିହାରେ ସମଗ୍ର ଜନସଂଖ୍ୟାରୁ ୨୮,୪୫୦ ପରିମାଣ ହ୍ରାସ ପାଇଛି । ଏହାର କାରଣ ହେଉଛି ରାଜ୍ୟରେ ଖାଦ୍ୟଶସ୍ୟର ଘୋର ଅଭାବ ଥିଲା ଏବଂ ପରେ ପରେ ଅର୍ଥାତ୍ ୧୯୧୮ ସାଲରେ ହଇଜା ମହାମାରୀର ସଂକ୍ରମଣ । ଏହା ସହିତ ବହୁ ସଂଖ୍ୟାରେ ଲୋକ ଖାଦ୍ୟାଭାବରୁ ରେଙ୍ଗୁନ୍, କଲିକତା ଏବଂ ଅନ୍ୟାନ୍ୟ ଶିଳ୍ପ ସଂସ୍ଥାକୁ ରୋଜଗାର ପାଇଁ ପଳାଇ ଯାଉଥିଲେ । କିନ୍ତୁ ୧୯୩୧ ମସିହା ବେଳକୁ ସେମାନେ ପୁନଃ ନୟାଗଡ଼କୁ ପ୍ରତ୍ୟାବର୍ତ୍ତନ କରିଥିଲେ । ସେମାନେ ଫେରିବାର ମୁଖ୍ୟ କାରଣଟି ହେଲା ନୟାଗଡ଼ରେ ସେଟଲମେଣ୍ଟ କାର୍ଯ୍ୟ ୧୯୨୮ମସିହାରୁ ଆରମ୍ଭ ହୋଇଯାଇଥିଲା । ତେଣୁ ସେମାନଙ୍କର ଜମିଜମାର ବନ୍ଦୋବସ୍ତ ପାଇଁ ସେମାନେ ବାଧ ହୋଇ ନୟାଗଡ଼କୁ ଫେରି ଆସିଥିଲେ । ରେକର୍ଡରୁ ଜଣାପଡ଼େ- "The decrease in population of 28,450 in the census of 1921 was due to wide population scarcity and consequential cholera epidemic of the 1918-19, large number of the residents of this state went away to Rangoon, Calcutta and other industrial centres to earn their livelihood. The years from 1921 to 1931 were years of bumper crops and the state remained practically free from epidemics. Most of the emigrants returned to their homes, specially on account of the settlement operations which commenced from the year 1928. For the above reasons the state in the present decade has been able to recoupe the decrease in the population to a great extent."

Digitized by PPRACHIN, SOA

ଅତୀତରେ ନୟାଗଡ଼ରେ ବାରମ୍ବାର ଅନାବୃଷ୍ଟି ଓ ମରୁଡ଼ି ଦେଖାଦେଇଛି । ଫଳରେ ଲୋକମାନଙ୍କର ଅର୍ଥନୈତିକ ମାନଦଣ୍ଡ ଭୁଷୁଡ଼ି ପଡ଼ିଛି । ବହୁଲୋକ ବାସହରା ହୋଇଛନ୍ତି, ଅନ୍ୟତ୍ର ଚାଲିଯାଇଛନ୍ତି । ସରକାରୀ ରେକର୍ଡରୁ ମିଳେ- "The state had a very sad in past of famine and failure of crops in rapid succession, which told seriously upon the validity of the agricultural population, who were compelled to leave their houses in large numbers in search of employment elsewhere. Most of the tentants had to part with their anscentral holdings to tide over the emergency."

୧୮୮୬ ମସିହାରୁ ୧୯୧୬ ମସିହା ପର୍ଯ୍ୟନ୍ତ ନୟାଗଡ଼ରେ ଦୁର୍ଭିକ୍ଷ ଓ ଅଭାବଅନଟନ ପ୍ରାୟ ସାତ ଥର ଧରି ଦେଖାଦେଇଥିଲା । ସବୁଠାରୁ ଦୀର୍ଘଦିନ ଧରି ଦେଖାଦେଇଥିବା ଦୁର୍ଭିକ୍ଷ ଓ ଖାଦ୍ୟାଭାବ ୧୯୦୭-୦୮ ମସିହାଠାରୁ ୧୯୧୩-୧୪ ମସିହା ପର୍ଯ୍ୟନ୍ତ ଦୀର୍ଘ ଛଅ ବର୍ଷ ଧରି ଦେଖାଯାଇଥିଲା ।

କାହା ଭାଗ୍ୟରେ ଚିରଦିନ ଅନ୍ଧକାର ନ ଥାଏ । ସେହି ନ୍ୟାୟରେ ଲୋକମାନଙ୍କର ଭାଗ୍ୟ ବଦଳିଲା । ୧୯୨୨ରୁ ୧୯୩୨ ମସିହା ପର୍ଯ୍ୟନ୍ତ ନୟାଗଡ଼ରେ ଦୁର୍ଭିକ୍ଷ କିମ୍ବା ଅନ୍ନକଷ୍ଟ ନ ଥିଲା । ଲୋକମାନେ ଏହି ଦଶ ବର୍ଷ ଧରି ପ୍ରତ୍ୟେକ ବର୍ଷ ଆଶାତୀତ ଧାନ ଫସଲ ଉତ୍ପନ୍ନ କରୁଥିଲେ । ୧୯୩୦ ମସିହାରୁ ୧୯୩୨ ମସିହା- ଏହି ଦୁଇ ବର୍ଷ ମଧ୍ୟରେ ସମଗ୍ର ବିଶ୍ୱରେ ଅର୍ଥନୈତିକ ମାନ୍ଦାବସ୍ଥା ଯୋଗୁଁ ଧାନର ମୂଲ୍ୟ ପ୍ରାୟ ଶତକଡ଼ା ୫୦ ହ୍ରାସ ପାଇଲା । ଏହା ଫଳରେ ଲୋକମାନଙ୍କ ନିକଟରେ ଧାନ ବିକ୍ରି ହୋଇ ନ ପାରି ଗଚ୍ଛିତ ରହିଲା । ଲୋକମାନଙ୍କ ପାଖରେ ଟଙ୍କାର ଅଭାବ ଦେଖାଦେଲା । ଲୋକମାନେ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ଅସୁବିଧାର ସମ୍ମୁଖୀନ ହେଲେ । ଏପରିକି ଖଜଣା ଦେବାପାଇଁ ଲୋକମାନେ ଅସମର୍ଥ ହୋଇ ପଡ଼ିଲେ ।

ନୟାଗଡ଼ର ସର୍ବାଧିକ ଲୋକ କୃଷି ଉପରେ ନିର୍ଭରଶୀଳ । କୃଷି ସେମାନଙ୍କର ଏକମାତ୍ର ବଞ୍ଚିବାର ମାଧ୍ୟମ ଥିଲା । ଲୋକମାନଙ୍କର ଗୋଟିଏ ସାଧାରଣ ପ୍ରବୃତ୍ତି ଥିଲା ଯେ ସେମାନେ ଅଧିକ ଅମଳ ପାଇଁ ପତିତ ଜମିକୁ କୃଷି-ଉପଯୋଗୀକରଣ କରୁଥିଲେ । ତେଣୁ ଦେଖାଗଲା ପ୍ରାୟ ୨୦୦୦ ଏକର ପତିତ ଜମି କୃଷି ଉପଯୋଗୀକରଣ ହେଲା । ଫଳରେ ନୟାଗଡ଼ର ବିଭିନ୍ନ ଅଞ୍ଚଳରେ ବିଶେଷ କରି ଗଣ୍ଡିବେଢ଼ ପ୍ରଗଣା ଓ କାନ୍ଥମାଳ ପ୍ରଗଣାରେ ଗାଈଗୋରୁମାନଙ୍କ ପାଇଁ ଚରାଭୂଇଁର ଅଭାବ ଦେଖାଗଲା । ୧୯୨୨-୨୩ ମସିହାରେ ଖାଦ୍ୟଶସ୍ୟର ଦାମ୍ ବଢ଼ିଥିବାରୁ ଲୋକମାନେ ତାଙ୍କର ବଳକା କୃଷିଜାତ ଦ୍ରବ୍ୟକୁ ବେଶ୍ ଦାମ୍‌ରେ ବିକ୍ରି କଲେ । ଫଳରେ ତାଙ୍କର ଅର୍ଥନୈତିକ

Digitized by PPRACHIN, SOA

ଅବସ୍ଥାରେ ସୁଧାର ଆସିଲା । ରେକର୍ଡରେ ଉଲ୍ଲେଖ ଅଛି- "The general rise of price of the food grains from the year 1922-23 afforded a favourable oppurtunity to the people to sell their surplus agricultural produce at a very handsome price and this added considerably to their economic condition and prosperity. Really during these years the general condition of the people was very prosperous and steading improving."

ରାଜରାଜୁଡ଼ା ସମୟରେ ବେଠି ପ୍ରଥା ପ୍ରଚଳିତ ଥିଲା । ପ୍ରତ୍ୟେକ ଗ୍ରାମର ଘରମାନଙ୍କରୁ ଲୋକେ ବେଠି ଖଟୁଥିଲେ । ବେଠି ପ୍ରଥା ଦ୍ୱାରା ନୟାଗଡ଼ ଷ୍ଟେଟ୍‌ରେ ବହୁ ରାସ୍ତା ଓ ସଡ଼କ ପ୍ରସ୍ତୁତ ହୋଇଥିଲା । ନୟାଗଡ଼ ଷ୍ଟେଟ୍ ଅନ୍ତର୍ଗତ ପୋଡ଼ାଶରଣକୁଳ, କାଳିକାପ୍ରସାଦ, ଶିଖରପୁର, ଆଙ୍ଗିସିଙ୍ଗୀ– ଏହି ଚାରିଗୋଟି ମୌଜାର ପ୍ରଜା ରାଜବାଟୀ ଭିତରେ ଏବଂ ବାହାରେ ବାଡ଼ିଘର, ବିଭାମଣ୍ଡପ ପ୍ରଭୃତି ଯେତେ ସବୁ ଘର ଅଛି, ସେସବୁକୁ ଛପର ଓ ମରାମତି କରୁଥିଲେ । ରାଜବାଟୀ ଚାରିପଟ କାନ୍ଥ ପ୍ରଭୃତି ବେଠିରେ ନିର୍ମାଣ କରିଥିଲେ । ଶିଖରପୁର ଗ୍ରାମଟି ଗୋଟିଏ ବଡ଼ ମୌଜା । ଏହି ଗ୍ରାମରେ ସମସ୍ତ ପ୍ରକାର ଫସଲ ଭଲ ହୁଏ । ଏହି ଗ୍ରାମର ଲୋକମାନେ ଅଧିକ ସମୟ ଧରି ବେଠି ଖଟୁଥିଲେ । ତେଣୁ ନୟାଗଡ଼ରେ ଲୋକମୁଖରେ ଗୋଟିଏ ଉକ୍ତି ପ୍ରଚଳିତ ଅଛି– "ମୋତେ କ'ଣ ଶିଖରପୁର ବେଠିଆ ଦେଖିଲୁ କି ?"

ପ୍ରଜାମାନେ ରାଜାଙ୍କୁ ମାଗଣ, ରସଦ ଆଦି ଦେଉଥିଲେ । ଏପରିକି ଯେତେବେଳେ ରାଜବାଟୀରେ ଚାଳ ଘରଥିଲା, ସେହି ସମୟରେ ପ୍ରଜାମାନେ ନଡ଼ା ବାଉଁଶ, ଲଇ, ଗୋଜି ଆଦି ଯୋଗାଇ ଦେଉଥିଲେ । ପୁରୁଣା ରାଜବାଟୀ ଚାରିପଟରେ ରହିଥିବା ପାଚେରି ନିର୍ମାଣର ସମସ୍ତ ଖର୍ଚ୍ଚ ପୋଡ଼ାଶରଣକୁଳ, କାଳିକାପ୍ରସାଦ, ଶିଖରପୁର, ଆଙ୍ଗିସିଙ୍ଗୀ– ଏହି ଚାରିଗୋଟି ଗ୍ରାମ ବହନ କରିଥିଲେ ।

ନୟାଗଡ଼ରେ ବହୁ ପର୍ବପର୍ବାଣି ଚଳିଆସିଛି । ପର୍ବପର୍ବାଣିମାନଙ୍କରେ ଲୋକମାନଙ୍କ ଘରେ ନାନା ପ୍ରକାର ପିଠା ପ୍ରସ୍ତୁତ କରାଯାଉଥିଲା । ପ୍ରାୟ ସମସ୍ତଙ୍କ ଘରେ ବିରି ଓ ଚାଉଳରେ ଚକୁଳି ପିଠା କରୁଥିଲେ । ଏହାବ୍ୟତୀତ ରାଶିମଣ୍ଡା, ମୁଗମଣ୍ଡା, ଏଣ୍ଡୁରି, ଗଇଁଠା, ଆରିଷା, କାକରା ପିଠା କରୁଥିଲେ । ବିଭିନ୍ନ ପର୍ବପର୍ବାଣିରେ ଚାଉଳ ଚୂନାରେ ଅଟକାଳି କରି ଖାଉଥିଲେ । ଘରେ ଘରେ ଲୋକମାନେ କାଞ୍ଜି, ମଧୁରଗୁଣ୍ଡା ପ୍ରଭୃତି ପ୍ରସ୍ତୁତ କରି ଖାଉଥିଲେ । ଲୋକମାନେ ସୁଆଁ ଜାଉ ଖାଉଥିଲେ, ମାଣ୍ଡିଆ ଜାଉ ଖାଉଥିଲେ । ଗରିବ ଲୋକମାନେ ଘରେ ଭାତ ନ ଥିବାରୁ ଅଟା ପ୍ରସ୍ତୁତ କରି ରୁଟି ଖାଉଥିଲେ । ଲୋକମାନେ ରାତି ଓଳି ମଧ ଭାତ ଖାଉଥିଲେ । ଗାଁ

Digitized by PPRACHIN, SOA

ମାନଙ୍କରେ ଲୋକମାନେ ଜଙ୍ଗଲରୁ ପିଠଳ, ପାଣିଆଳୁ, ବାଉଁଶକରଡ଼ି, ଖଜୁରୀକନ୍ଦା, ପାହାଡ଼ି ପାଳୁଅ ପ୍ରଭୃତି ସଂଗ୍ରହ କରୁଥିଲେ । ଗରିବଘରର ଲୋକମାନେ ଖାରସୋଡ଼ା ଏବଂ ଚୁଲି ପାଉଁଶରେ ଲୁଗାସଫା କରୁଥିଲେ । ଗରିବ ଘରର ସ୍ତ୍ରୀଲୋକମାନେ ଚିକିଟା ମାଟି ମୁଣ୍ଡରେ ଲଗାଇ ମୁଣ୍ଡର କେଶସଫା କରୁଥିଲେ ।

ଗାଁମାନଙ୍କରେ ପାଳିତ ହେଉଥିବା ପର୍ବପର୍ବାଣି ମଧ୍ୟରେ ଦୋଳପୂର୍ଣ୍ଣିମା, କାଞ୍ଜିଅଁଳା, ସୋମନାଥବ୍ରତ, ଦାଣ୍ଡପହଁରା, ବାଟଓଷା, ଶୀତଳଷଷ୍ଠୀ, ଶିବରାତ୍ରି, କାର୍ତ୍ତିକ ପୂର୍ଣ୍ଣିମା, କାର୍ତ୍ତିକ ସୋମବାର ବ୍ରତ, ମାଣବସା, ରଜପର୍ବ, ମକର ସଂକ୍ରାନ୍ତି, ଦୀପାବଳି ପ୍ରଭୃତି ପ୍ରଧାନପର୍ବ । ଦୀପାବଳୀ ଅମାବାସ୍ୟା ଦିନ ଘରେ ଘରେ କାଉଁରିଆ କାଠି ଜାଳି ପିତୃ ପୁରୁଷଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଥିଲା । ପରିବାରର ଲୋକମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କାଉଁରିଆ କାଠି ଜାଳି ମିଳିତ କଣ୍ଠରେ କହିଥାନ୍ତି–

"ଆହେ ବଡ଼ବଡ଼ିଏ !
ଅନ୍ଧାରରେ ଆସି ଆଲୁଅରେ ଯାଅ ହେ ।
ଗଙ୍ଗା ଯାଅ, ଗୟା ଯାଅ
ବାଇଶି ପାହାଚରେ, ମହାପ୍ରସାଦ ଖାଇ
ଗଡ଼ଗଡଉଥାଅ ହେ, ବଡ଼ବଡ଼ିଏ !"

ଗାଁ ମାନଙ୍କରେ ଦଣ୍ଡଯାତ୍ରା ଖୁବ୍ ନିଷ୍ଠାର ସହିତ କରାଯାଏ । ଦଣ୍ଡଯାତ୍ରାର ଚାରିଗୋଟି ବିଭାଗ ରହିଛି, ଯଥା- ଧୂଳିଦଣ୍ଡ, ପାଣିଦଣ୍ଡ, ଅଗ୍ନିଦଣ୍ଡ ଏବଂ ପାତ୍ରପାତ୍ରୀ ନାଚ । ଗାଁ ମାନଙ୍କରେ ସନ୍ଧ୍ୟା ସମୟରେ ଦଣ୍ଡୁଆମାନେ ମା' କାଳୀଙ୍କ ପ୍ରଭା ଧରି ପୁଷ୍କରିଣୀରେ ସ୍ନାନଶୌଚ ହୋଇ ଶିବ ମନ୍ଦିରରେ ପ୍ରବେଶ କରନ୍ତି । ଗାଁ ଦାଣ୍ଡ ଝୁଣା ଧୂଆଁ ବାସ୍ନାରେ ମହକିଉଠେ । ଦଣ୍ଡୁଆମାନେ ଉଦାତ୍ତ କଣ୍ଠରେ ଗାଇଥାନ୍ତି–

"କଳାରୁଦ୍ର ମଣିଭଜେ
କପିଳାସ କନ୍ଦରରୁ ବିଜେ ହୁଅନ୍ତୁ
ଅବଧାନ ମଣିମା, ଶ୍ରୀ ଉମା ମହେଶ୍ୱର ହେ ।"

ବାଣିଜ୍ୟ – ନୟାଗଡ଼ ରାଜ୍ୟରୁ ଅନ୍ୟାନ୍ୟ ପଡ଼ୋଶୀ ଗଡଜାତମାନଙ୍କୁ ଯେଉଁ ସବୁ ଦ୍ରବ୍ୟ ରପ୍ତାନୀ କରାଯାଉଥିଲା, ତନ୍ମଧ୍ୟରେ ଥିଲା (୧) ଚାଉଳ, (୨) ମୁଗ, (୩) ବିରି, (୪) କୋଳଥ, (୫) ତେନ୍ତୁଳି, (୬) ଆହାଡ଼ି, (୭) ଝୋଟ, (୮) କପା, (୯) ସୋରିଷ, (୧୦) ଗୁଡ଼ ଏବଂ (୧୧) ଚମଡ଼ା । ନୟାଗଡ଼ରୁ ପ୍ରଚୁର ପରିମାଣରେ ମୁଢ଼ି(ଭୁଜା) ପ୍ରସ୍ତୁତ କରାଯାଇ ଗଞ୍ଜାମକୁ ପଠା ଯାଉଥିଲା । ନୟାଗଡ଼ର ବାଣିଜ୍ୟ ସମ୍ପର୍କରେ L.E.B. Cobden Ramsay ଲେଖିଛନ୍ତି- "Rice occupies the foremost place in the export trade of the state.

Digitized by PPRACHIN, SOA



ନୟାଗଡ଼ ପୁରୁଣା ରାଜବାଟୀର ତୋପ ।

Trade in timber is carried on by local men and some merchants from cuttack. The Sal (Shorea robusta) of Nayagarh is considered the best in Orissa. Cotton is exported Chiefly to Ganjam in the Madras Presidency."

୧୯୧୮ ମସିହା ବେଳକୁ ନିଜିଗଡ଼ କିମ୍ବା ହେଡ୍‌କ୍ୱାର୍ଟରସ୍‌ରେ ପ୍ରାୟ ୭୦୦ ଘର ଥିଲା ଏବଂ ଲୋକସଂଖ୍ୟା ପ୍ରାୟ ୩୫୦୦ ଥିଲା । ଷ୍ଟେଟ୍‌ରେ ତିନିଗୋଟି ସାପ୍ତାହକୀ ହାଟ ଥିଲା । ତାହା ହେଉଛି- ମାଣିକପାଟଣା ହାଟ, ଦୁର୍ଦ୍ଦୁରା ହାଟ ଓ ଇଟାମାଟି ହାଟ । ଏହା ବ୍ୟତୀତ ଓଡ଼ଗାଁ ଠାରେ ମଧ୍ୟ ଏକ ସାପ୍ତାହିକ ହାଟ ନୂତନ ଭାବରେ ସ୍ଥାପିତ ହୋଇଥିଲା । ଏହିସବୁ ହାଟମାନଙ୍କ ମଧ୍ୟରେ ମାଣିକପାଟଣା ହାଟ ମୁଖ୍ୟ ହାଟ ଥିଲା । ଏଠାରେ ଚାଉଳ, ଲୁଣ, ଗୁଡ଼, ନଡ଼ିଆ, କିରାସିନି ତେଲ, ମାଞ୍ଚେଷ୍ଟର ଏବଂ ସ୍ଥାନୀୟ ବୁଣାଲୁଗା, ଗାମୁଛା, ଡାଲି, ପନିପରିବା, ତେଲ, ତୈଳବୀଜ, ପିତଳ ଏବଂ କଂସା ନିର୍ମିତ ବାସନ, ବଳଦ୍, ଗାଈ, ଛେଳି ପ୍ରଭୃତି ବିକ୍ରୟ କରାଯାଉଥିଲା । ଏହି ହାଟର ଗୋଟିଏ ପ୍ରଧାନ ବିଶେଷତ୍ୱ ଥିଲା ଯେ ପ୍ରତିହାଟପାଳି ଦିନ ପ୍ରାୟ ୧୦୦ ଶଗଡ଼ ମୁଢ଼ି ଏଠାରେ ବିକ୍ରି କରାଯାଉଥିଲା ।

ଦୁର୍ଦ୍ଦୁରା ହାଟ ଗୋଟିଏ ଛୋଟ ହାଟ ଥିଲା । ଦୁର୍ଦ୍ଦୁରା ଗ୍ରାମର ହାଡ଼ି ପଡ଼ିଆ ଠାରେ ହାଟ ବସୁଥିଲା । ମହୀପୁର ଓ କୋରଡ଼ା ପ୍ରଗଣାର ଲୋକମାନେ ଦୁର୍ଦ୍ଦୁରା

Digitized by PPRACHIN, SOA

ହାଟରୁ କ୍ରୟ ବିକ୍ରୟ କରୁଥିଲେ । ୧୯୦୩ ମସିହାରେ ତତ୍କାଳୀନ ଷ୍ଟେଟ ଗଭର୍ଣ୍ଣରଙ୍କର ଏଜେଣ୍ଟ ରାୟ ବାହାଦୂର ଅଜୟ ଚନ୍ଦ୍ର ଦାସଙ୍କ ଦ୍ୱାରା ବାହାଡ଼ାଝୋଲା ବା ମାଣିକପାଟଣା ହାଟ ଆରମ୍ଭ ହୋଇଥିଲା । ବାହାଡ଼ାଝୋଲା ହାଟ ସମ୍ପର୍କରେ ସରକାରୀ ରେକର୍ଡରେ ଉଲ୍ଲେଖ ଅଛି- "The special feature of the Bahadajhola Hata is that it has practically the cattle market in the state to which live stock consisting of cows, bullocks, buffaloes and goats are brought in large numbers for sale. This place also lying as it on the border of Kandhamal tracts afforts oppurtunities to the backward Kondhas to enlarge their outlook and to sell their commodities at competitive prices."

ସେହି ସମୟରେ ନୟାଗଡ଼ ଷ୍ଟେଟ୍‌ରେ ବାଣିଜ୍ୟ ବ୍ୟବସାୟ ସାଧାରଣତଃ ମାରୱାଡ଼ି ବ୍ୟବସାୟୀ, ତେଲୀ ଏବଂ କୁମୁଟି ମହାଜନଙ୍କ ଦ୍ୱାରା ହେଉଥିଲା । ନୟାଗଡ଼ ଷ୍ଟେଟକୁ ଆମଦାନୀ ଦ୍ରବ୍ୟ ମଧ୍ୟରେ ଲୁଗା, କିରାସିନି, ଲୁଣ ଏବଂ ବିଳାସସାମଗ୍ରୀ ଅନ୍ତର୍ଭୁକ୍ତ ଥିଲା । ପିତଳ ଏବଂ କଂସା ତିଆରି ବାସନକୁସନ କଂସାରିମାନେ ପ୍ରସ୍ତୁତ କରୁଥିଲେ । କାର୍ପାସ ଲୁଗା ଇଟାମାଟିର ତନ୍ତ ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିଲା ଏବଂ ଏହାର ଚାହିଦା କେବଳ ନୟାଗଡ଼ରେ ନୁହେଁ, ପାର୍ଶ୍ୱବର୍ତ୍ତୀ ରାଜ୍ୟ ଏବଂ ବ୍ରିଟିଶ୍ ଜିଲ୍ଲାଗୁଡ଼ିକରେ ବିଶେଷ ଭାବରେ ଥିଲା । ବାହାଡ଼ାଝୋଲାର କମାରମାନେ, ମଶାବାରୀ ଏବଂ ବାଉଁଶ ଗାଡ଼ିଆର ବଢ଼େଇମାନେ, ନିଜିଗଡ଼ର ହସ୍ତୀଦନ୍ତ କାରୁକାର୍ଯ୍ୟ ଶିଳ୍ପୀମାନେ, ବଡ଼ପୁଟ, ସୁନାମୁହିଁ, ନନ୍ଦିଘର ଏବଂ ନିଜିଗଡ଼ର ସୁନାରୀମାନେ ହେଉଛନ୍ତି ନୟାଗଡ଼ର ଦକ୍ଷ କାରିଗରଶ୍ରେଣୀ, ଯେଉଁମାନଙ୍କୁ ନେଇ ନୟାଗଡ଼ ଗର୍ବ କରେ ।

ସାମରିକ ବଳ ଦୃଷ୍ଟିରୁ ନୟାଗଡ଼ ରାଜ୍ୟ ବେଶ୍ ସମର୍ଥ ଥିବାର ପ୍ରମାଣ ରହିଛି । ସେନାପତିମାନଙ୍କୁ ଷ୍ଟେଟ୍ ତରଫରୁ ପ୍ରଚୁର ଜାଗିର ପ୍ରଦାନ କରାଯାଉଥିଲା । ମୃତ ସୈନ୍ୟମାନଙ୍କ ପରିବାରକୁ ରକ୍ତପଟା ଜାଗିର, ନୋଥବର୍ତ୍ତନ ଜାଗିର ପ୍ରଦାନ କରାଯାଉଥିଲା । ରାଜା ଗଦାଧର ସିଂହ ମାନଧାତାଙ୍କ ରାଜତ୍ୱ କାଳରେ 'ପଞ୍ଚସେନାନୀ', 'ପାଟସାହାଣୀ', 'ସଂଗ୍ରାମ ସିଂହ', 'ଝପଟସିଂହ', 'ଉତ୍ତରକବାଟ', 'ଦକ୍ଷିଣକବାଟ', 'ପଶ୍ଚିମକବାଟ', 'ରଣହାନ୍ଦୋଳ' ପ୍ରଭୃତି ପଦବୀ ସୃଷ୍ଟି ହୋଇଥିଲା । ସୈନିକମାନଙ୍କୁ ଏହି ପଦବୀ ଦିଆଯାଇ ସେମାନଙ୍କୁ ଉତ୍ସାହିତ କରାଯାଉଥିଲା । ରାଜବାଟୀର ସୁରକ୍ଷା ପାଇଁ ରାମ, ଲକ୍ଷ୍ମଣ ତୋପ ତିଆରି କରାଯାଇଥିଲା, ଯାହା କି ବର୍ତ୍ତମାନ ପୁରୁଣା ରାଜବାଟୀ ଭିତରେ ସଂରକ୍ଷିତ ରହିଛି । ରାଜବାଟୀ ଭିତରେ ବାରୁଦ ଘର ନିର୍ମାଣ କରାଯାଇଥିଲା ।

Digitized by PPRACHIN, SOA

ଏହାବ୍ୟତୀତ ରାଜବାଟୀ ଚାରିପାର୍ଶ୍ୱରେ ବାରଗୋଟି ସ୍ଥାନରେ ରାତ୍ରିରେ ପହରାଥାଏ । ଯେଉଁ ସ୍ଥାନରେ ପହରା ଦିଆଯାଏ, ତାହାକୁ 'ଚଉକି' କୁହାଯାଏ । ୧୨ ଗୋଟି ମୌଜାର ବଛା ବଛା ପ୍ରଜାମାନେ ପହରା ଦେଇଥାନ୍ତି । ଏହି ୧୨ ଗୋଟି ମୌଜାର ନାମ ହେଉଛ- ଧବଳାଇ, ଗୋଡିସାହି, ମଗରବନ୍ଧ, କଲ୍ୟାଣପୁର, ଲେଙ୍କୁଡ଼ିପଡ଼ା, କନ୍ଧ ଗମ୍ଭାରିଡିହି, ଗମେଇ, ଛୁମୁଗାଡ଼ିଆ, ଗନ୍ଧବାରଣ, ଗାତିରି, ଜାମୁସାହି ଓ ପୋଡ଼ାଗଡ଼ । ଓସ୍ତିଆ ଗ୍ରାମର ପ୍ରଜା ଦାରୁଘର ପହରା କାମ କରିଥାନ୍ତି । ନୟାଗଡ଼ ଷ୍ଟେଟ୍‌ର କାଳିନ୍ଦୀଜାତିର ଲୋକମାନେ ଅଡ଼ରଲି ପାଏକ କାର୍ଯ୍ୟ ସମ୍ପାଦନ କରନ୍ତି । ଏମାନେ ହେଉଛନ୍ତି ନଗଦିଆ ପାଏକ । ସିନ୍ଦୁରିଆ ଗ୍ରାମର ମୁସଲମାନମାନେ ପୋଲିସ୍ କାର୍ଯ୍ୟ କରିଥାନ୍ତି । ଏମାନଙ୍କୁ ହଜୁରି ପାଏକ କୁହାଯାଏ ।

ଚଉକିବେଢ଼ ପାଇକମାନେ ଭାଲି ଧରିଥାନ୍ତି । ନଗଦିଆ ପାଏକ ଓ ହଜୁରି ପାଇକମାନେ ଖଣ୍ଡା ବ୍ୟବହାର କରିଥାନ୍ତି । ଏମାନେ ଖଣ୍ଡାଧରି ରାଜାଙ୍କ ଶିବିର ନିକଟରେ ଅବସ୍ଥାନ କରୁଥିଲେ । ରାତ୍ରିରେ ରାଜବାଟୀକୁ ଜଗି ରହୁଥିଲେ ।

◻■◻

Digitized by PPRACHIN, SOA

ସପ୍ତମ ପରିଚ୍ଛେଦ

ନୟାଗଡ଼ ମେଳି ଓ ସ୍ୱାଧୀନତା ଆନ୍ଦୋଳନ

Digitized by PPRACHIN, SOA

ରାଜା ରଘୁନାଥ ସିଂହ ମାନଧାତା ତା. ୧୦/୦୩/୧୮୯୦ରେ ସିଂହାସନ ଆରୋହଣ କଲେ । ଏହି ସମୟରେ ଖଣ୍ଡପଡା ରାଜା ନଟବର ସିଂହ ମର୍ଦ୍ଦରାଜ ନୟାଗଡ ରାଜଗାଦିକୁ ଦାବୀ କରିଥିଲେ । କିନ୍ତୁ ରଘୁନାଥ ସିଂହ ମାନଧାତା ଏହା ପ୍ରତ୍ୟାଖ୍ୟାନ କରିଥିଲେ । ଫଳରେ ଉଭୟ ରାଜାଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା । ରଘୁନାଥ ସିଂହ ରାଜତ୍ୱର ପ୍ରାଥମିକ ପର୍ବରେ ରାଜ୍ୟର ଆର୍ଥିକ ଅବସ୍ଥାକୁ ସୁଧାରିବାପାଇଁ କେତେଗୁଡିଏ ପଦକ୍ଷେପ ନେଇଥିଲେ । ସେ ପ୍ରଥମେ ତାଙ୍କର ଅସାଧୁ ଓ ଅଦମନୀୟ ଦେଓ୍ୱାନ କ୍ଷେତ୍ରୀବର ସିଂହଙ୍କୁ କାର୍ଯ୍ୟରୁ ବହିଷ୍କାର କରିଥିଲେ ଏବଂ ତାଙ୍କ ସ୍ଥାନରେ ଗୋପାଳ ସାନ୍ତରାଙ୍କୁ ନିଯୁକ୍ତ କରିଥିଲେ । ସେ ରାଜ୍ୟର ପ୍ରତ୍ୟେକ ଚାଷୀ ଉପରେ ଆଠଅଣା ଲେଖାଏଁ ଏକ ନୂତନ କର ବସାଇଥିଲେ । ପୁନଶ୍ଚ ଯେଉଁ ପ୍ରଜା ଜଙ୍ଗଲରୁ କାଠ ଆଣି ଜାଳେଣି ରୂପେ ବ୍ୟବହାର କରୁଥିଲେ କିମ୍ବା ଶଗଡ ତିଆରି କରୁଥିଲେ କିମ୍ବା ଘର ନିର୍ମାଣ କରୁଥିଲେ, ସେମାନଙ୍କ ଉପରେ ଆଉ ଅଧିକ ଚାରିଅଣା ଲେଖାଏଁ କର ବସାଗଲା । ଫଳରେ ରାଜ୍ୟର ନିରୀହ ପ୍ରଜାମାନେ ରାଜାଙ୍କର ଅମଲାବର୍ଗଙ୍କ ଦ୍ୱାରା ଶୋଷିତ ହେବାକୁ ଲାଗିଲେ ।

ଏହା ବ୍ୟତୀତ ନୟାଗଡ ରାଜ୍ୟରେ ବସବାସ କରୁଥିବା କନ୍ଧ ଉପଜାତିର ଲୋକମାନଙ୍କ ଉପରେ ରାଜା ଓ ତାଙ୍କର ମ୍ୟାନେଜର ଅଧିକ କର ବସାଇଲେ । ପୂର୍ବରୁ କନ୍ଧମାନେ ରାଜାଙ୍କୁ କର ବାବଦରେ ବାର୍ଷିକ ନିର୍ଦ୍ଦିଷ୍ଟ ପରିମାଣର ଜହ୍ନା, ବାଜରା ଓ ପନିପରିବା ଭେଟି ଦେଉଥିଲେ । କିନ୍ତୁ ମ୍ୟାନେଜର କନ୍ଧମାନଙ୍କ ଉପରେ ମନଇଚ୍ଛା କରର ପରିମାଣ ବଢାଇଥିଲେ । ବନଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳୁଥିବା କନ୍ଧମାନଙ୍କୁ ଏହା ଗଭୀର ଭାବରେ ପ୍ରଭାବିତ କରିଥିଲା । ରାଜା ଓ ତାଙ୍କର ପ୍ରତିନିଧିମାନଙ୍କୁ ଜଙ୍ଗଲଜାତ ଫଳ, ମୂଳ, ପନିପରିବା, ମହୁ, ଅଣ୍ଡା, ପକ୍ଷୀ ଏବଂ ଛେଳି ମାଗଣାରେ ଯୋଗାଇ ଦେବାକୁ କନ୍ଧମାନଙ୍କୁ ବାଧ୍ୟ କରାଗଲା । ଏହି ବେଆଇନ କାର୍ଯ୍ୟ କନ୍ଧମାନଙ୍କ ମନରେ ଘୋର ବିରକ୍ତିଭାବ ସୃଷ୍ଟି କଲା । ଯେହେତୁ କନ୍ଧମାନଙ୍କର ନିର୍ଦ୍ଧାରିତ ଆୟ ପନ୍ଥା ନାହିଁ, ତେଣୁ ସେମାନଙ୍କୁ ନୈତିକତଃ କର ଭାରରୁ ମୁକ୍ତ

Digitized by PPRACHIN, SOA

କରିବା ଉଚିତ ଥିଲା । କିନ୍ତୁ ରାଜା କିମ୍ବା ତାଙ୍କର ଅଧିକାରୀମାନେ ଏହା ଉପଲବ୍ଧି କରି ନ ଥିଲେ । ଏହିସବୁ କାରଣ ଯୋଗୁଁ ୧୮୯୩ ମସିହାରେ ରାଜ୍ୟବ୍ୟାପୀ ବିଦ୍ରୋହ ଦେଖାଦେଲା । ରଘୁନାଥ ସିଂହଙ୍କୁ ମ୍ୟାନେଜର ଗୋପାଳ ସାନ୍ତରା ଭୁଲବାଟରେ ପରିଚାଳିତ କରୁଥିବାରୁ ରାଜା ପ୍ରଜାମାନଙ୍କ ପ୍ରତି ଅତ୍ୟନ୍ତ ଉଦାସୀନ ଥିଲେ ।

ବହିଷ୍କୃତ ଦେବାନ କ୍ଷେତ୍ରୀବର ସିଂହ ନୟାଗଡ ରାଜ୍ୟରୁ ବିତାଡ଼ିତ ହେବାପରେ ଖଣ୍ଡପଡା ରାଜ୍ୟରେ ଅବସ୍ଥାନ କରୁଥିଲେ । ସେ ଖଣ୍ଡପଡାର ତତ୍କାଳୀନ ରାଜା ନଟବର ସିଂହ ମର୍ଦ୍ଦରାଜଙ୍କ ସହିତ ଗୁପ୍ତ ସମ୍ପର୍କ ରଖିଥିଲେ । ୧୮୯୩ ମସିହା ଅପ୍ରେଲ ମାସ ୧୦ ତାରିଖରେ କ୍ଷେତ୍ରୀବର ସିଂହ କେତେକ ଲୋକଙ୍କୁ ନେଇ ନୟାଗଡରେ ମେଳି ଆରମ୍ଭ କଲେ । ସେମାନେ ନୟାଗଡ ରାଜ୍ୟର ମ୍ୟାନେଜର ଗୋପାଳ ସାନ୍ତରାଙ୍କୁ ଆକ୍ରମଣ କଲେ । ଆକ୍ରମଣକାରୀଙ୍କ ଭୟରେ ଗୋପାଳ ସାନ୍ତରା ରାଜ୍ୟରୁ ଚତୁରତାର ସହିତ ଖସି ପଳାଇଲେ । ପନ୍ଦର ଦିନ ମଧ୍ୟରେ କ୍ଷେତ୍ରୀବର ସିଂହ ପ୍ରାୟ ପାଞ୍ଚଶହ ଅସନ୍ତୁଷ୍ଟ ପ୍ରଜାଙ୍କୁ ଏକତ୍ରି କରି ଅପ୍ରେଲ ମାସ ୨୫ ତାରିଖରେ ନୟାଗଡ ରାଜବାଟୀ ଆଡକୁ ମୁହାଁଇଲେ । ବିଦ୍ରୋହୀମାନେ ରାଜ୍ୟରେ ଲୁଟତରାଜ, ଲୁଣ୍ଠନ, ହତ୍ୟାକାଣ୍ଡମାନ ଘଟାଇଲେ । କ୍ରମେ ବିଦ୍ରୋହୀମାନଙ୍କ ସଂଖ୍ୟା ୮୦୦ ପାଖାପାଖି ହୋଇଥିଲା । ସେମାନେ ନୟାଗଡ ରାଜା ସୀମାନ୍ତରେ ଅବସ୍ଥାନ କରି ଅତ୍ୟନ୍ତ ଉପଦ୍ରବ କରିଥିଲେ । ଫଳରେ ରାଜା ରଘୁନାଥ ସିଂହ ଘୋର ଅସୁବିଧା ଓ ସଙ୍କଟର ସମ୍ମୁଖୀନ ହେଲେ । ପୂର୍ବରୁ ମେଳିଆଙ୍କ ଦ୍ୱାରା ଆକ୍ରାନ୍ତ ହୋଇଥିବା ମ୍ୟାନେଜର ଗୋପାଳ ସାନ୍ତରା ୧୮୯୩ ମସିହା ଅପ୍ରେଲ ୨୩ ତାରିଖରେ ଭୟରେ କଟକକୁ ପଳାଇଗଲେ । ଏ ସମ୍ବାଦ ୧୯୩୯ ମସିହା ଅପ୍ରେଲ ୨୯ ତାରିଖ 'ଉତ୍କଳ ଦୀପିକା'ରେ ପ୍ରକାଶ ପାଇଥିଲା । ପରିସ୍ଥିତିକୁ ସମ୍ଭାଳିବାପାଇଁ ରାଜା ଏକାକୀ ହୋଇଗଲେ, ତାଙ୍କ ଜୀବନପ୍ରତି ମଧ୍ୟ ବିପଦ ଥିଲା । ତେଣୁ ସେ ତତ୍କ୍ଷଣାତ୍ କଟକସ୍ଥିତ ଗଡଜାତ ମହଲର ଅଧୀକ୍ଷକଙ୍କ ନିକଟକୁ ତାରବାର୍ତ୍ତା କରିଥିଲେ । ଫଳରେ ଏପ୍ରିଲ ମାସ ୨୯ ତାରିଖରେ କଟକରୁ ପୋଲିସ୍ ଫୋର୍ସ ଆସି ନୟାଗଡ ରାଜ୍ୟରେ ପହଞ୍ଚିଲେ । ୧୮୯୩ ମସିହା ମେ ମାସ ୬ ତାରିଖ 'ଉତ୍କଳ ଦୀପିକା'ରେ ସମ୍ବାଦ ପ୍ରକାଶ ପାଇଥିଲା ଯେ ମ୍ୟାନେଜର ଗୋପାଳ ସାନ୍ତରାଙ୍କୁ ବହିଷ୍କାର କରିବାପାଇଁକି ରାଜା ରଘୁନାଥ ସିଂହ ମାନଧାତାଙ୍କୁ ହତ୍ୟାଧମକ ଦିଆଯାଇଥିଲା ।

ଏହି ସମସ୍ତ ଘଟଣାର ତଦନ୍ତ କରିବାପାଇଁ ସରକାର ଗଡଜାତ ମହଲର ଆସିଷ୍ଟାଣ୍ଟ୍ ସୁପରିଟେଣ୍ଡେଣ୍ଟ୍ ବାବୁ ସୁଦାମ ଚରଣ ନାୟକଙ୍କୁ ନୟାଗଡ ପଠାଇଲେ । ୧୮୯୩ ମେ ମାସ ୧୪ ତାରିଖରେ ସୁଦାମ ଚରଣ ନାୟକ ନୟାଗଡ ରାଜ୍ୟରେ ପହଞ୍ଚିଲେ । ଘଟଣାର ତଦନ୍ତକରି ସେ ରାଜାଙ୍କର କର୍ତ୍ତୃତ୍ୱକୁ ବଜାୟ ରଖିଲେ ଏବଂ

Digitized by PPRACHIN, SOA

ରାଜ୍ୟରେ କ୍ଷେତ୍ରୀବର ସିଂହଙ୍କ ପ୍ରଭାବକୁ ବନ୍ଦ କଲେ । ରାଜା ଏବଂ କ୍ଷେତ୍ରୀବର ସିଂହଙ୍କ ମଧ୍ୟରେ ଏକ ପାରସ୍ପରିକ ବୁଝାମଣା ହେଲା । କ୍ଷେତ୍ରୀବର ସିଂହ ରାଜାଙ୍କୁ କ୍ଷମା ମାଗିନେଲେ । ଏଥିସହିତ ଉଭୟ ନୟାଗଡ କିମ୍ବା ଖଣ୍ଡପଡା ରାଜ୍ୟକୁ ଦୁଇବର୍ଷ ପର୍ଯ୍ୟନ୍ତ ସେ ନ ଆସିବାପାଇଁ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ତାଙ୍କୁ ସତର୍କ କରାଇଦେଲେ । ରାଜ୍ୟରେ ଶାନ୍ତି ଭଙ୍ଗ ନ କରିବାପାଇଁ ତାଙ୍କର ଅନୁଚରମାନଙ୍କୁ ମଧ୍ୟ କଡା ତାଗିଦା କରାଗଲା । ଖୋର୍ଦ୍ଧାର ପାଞ୍ଚଗଡ ମାଳୀସାହିଠାରେ କ୍ଷେତ୍ରୀବର ସିଂହ ଅବସ୍ଥାନ କରିବାପାଇଁ ଅନୁମତି ପାଇଲେ । ଏହାପରେ ରାଜା ବିଦ୍ରୋହୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ଅନୁସନ୍ଧାନ କରି ପ୍ରଜାମାନଙ୍କ ଉପରେ ମ୍ୟାନେଜର ଗୋପାଳ ସାନ୍ତରାଙ୍କ ଅତ୍ୟାଚାରକୁ ବନ୍ଦ କରିବେ ।

କିନ୍ତୁ ଏହି ପ୍ରତିଶ୍ରୁତି ପାଣିର ଗାର ଥିଲା । ରାଜ୍ୟରେ ଶାନ୍ତି ବେଶିଦିନ ପର୍ଯ୍ୟନ୍ତ ତିଷ୍ଠି ପାରିଲା ନାହିଁ । ଶାସନର ଚାପରେ ପଡି ମ୍ୟାନେଜର ଗୋପାଳ ସାନ୍ତରା ପୁଣି ଉତ୍ପୀଡନ ଆରମ୍ଭ କଲେ । କ୍ଷେତ୍ରୀବର ସିଂହ ରାଜ୍ୟର ଅସନ୍ତୁଷ୍ଟ ପ୍ରଜା ଗୋଷ୍ଠୀଙ୍କୁ ନେଇ ପୁଣି ସମସ୍ୟା ଉପୁଜାଇଲେ । ପଦଚ୍ୟୁତ ସର୍ବରାକାରମାନେ ତାଙ୍କ ସହିତ ଯୋଗଦେଲେ । ମାଗଣ, ରସଦ ଦାଉରେ ପ୍ରପୀଡିତ ଅସନ୍ତୁଷ୍ଟ କନ୍ଧ ପ୍ରଜାମାନେ ମଧ୍ୟ ତାଙ୍କ ସହିତ ଯୋଗଦେଲେ । ୧୮୯୩ ମସିହା ନଭେମ୍ବର ମାସ ୨୭ ତାରିଖରେ ନୟାଗଡର ଜଣେ ପୋଲିସ୍ କନେଷ୍ଟବଳ କନ୍ଧମାନଙ୍କଠାରୁ ତାଙ୍କର ଜିନିଷ ଛଡାଇ ଆଣୁଥିବାବେଳେ କନ୍ଧମାନେ ତାଙ୍କୁ ହତ୍ୟା କଲେ । ସେହିବର୍ଷ ଡିସେମ୍ବର ୧୬ ତାରିଖରେ ଆନନ୍ଦ ରତନ ନାମକ ଜଣେ ଅତ୍ୟାଚାରୀ ପୋଲିସ୍ ସିପାହୀଙ୍କୁ କନ୍ଧମାନେ ଭୁଷି ହତ୍ୟା କଲେ । ଏହାର ପାଞ୍ଚଦିନ ପରେ ଜଣେ ଅତ୍ୟାଚାରୀ ପୋଲିସ୍ କର୍ମଚାରୀଙ୍କୁ ମଧ୍ୟ କନ୍ଧମାନେ ହତ୍ୟା କଲେ । ଡିସେମ୍ବର ୨୮ ତାରିଖରେ ଆଉ ତିନିଜଣ ପୋଲିସ୍ କନେଷ୍ଟବଳଙ୍କୁ ହତ୍ୟା କରାଗଲା । ସେହିଦିନ ମଧ୍ୟ ଜଣେ ବୃଦ୍ଧ ରାଜାନୁରକ୍ତ ଓ ରାଜ ସମର୍ଥକ ଗ୍ରାମ୍ୟ ମହାଜନଙ୍କୁ ହତ୍ୟା କରାଗଲା । ଏହିପରି ଭାବରେ ନୟାଗଡ ରାଜ୍ୟରେ ଧାରାବାହିକ ଭାବରେ ରାଜନୈତିକ ହତ୍ୟାକାଣ୍ଡମାନ ଘଟିଥିଲା । ଫଳରେ ଏହା ରାଜାଙ୍କ ସ୍ଥିତିକୁ ଦୋହଲାଇ ଦେଇଥିଲା ଏବଂ ରାଜ୍ୟରେ ଶାନ୍ତି ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିଲା ।

ଏହିସବୁ ଘଟଣା ସରକାରଙ୍କୁ ଦାରୁଣ ଧକ୍କା ଦେଇଥିଲା ଏବଂ ରାଜ୍ୟରେ ଜରୁରୀ ପଦକ୍ଷେପ ଆବଶ୍ୟକ ପଡୁଥିଲା । ଏହି ପରିପ୍ରେକ୍ଷୀରେ ପରିସ୍ଥିତିକୁ ସମ୍ଭାଳିବାପାଇଁ ୧୮୯୪ ମସିହା ଜାନୁୟାରୀ ୨ ତାରିଖରେ କଟକସ୍ଥିତ ଟ୍ରିବ୍ୟୁଟାରୀ ମାହାଲ୍‌ସ୍‌ର ମି. ଦଣ୍ଡାସ୍ ପୋଲିସ୍ ଫୋର୍ସ ନେଇ ନୟାଗଡ ରାଜ୍ୟରେ ପହଞ୍ଚିଲେ । ତା. ୧୦/୦୧/ ୧୮୯୪ ଉତ୍କଳଦୀପିକା କହନ୍ତି—"ନୟାଗଡ ଜିଲ୍ଲାର ପୁଣି ଗୋଳମାଳ ଆରମ୍ଭ ହେବାର ଜଣାଯାଏ । ଏଥିପୂର୍ବେ ଆମ୍ଭେମାନେ ଜଣାଇଥିଲୁ ଯେ ଜଣେ କନେଷ୍ଟବଳ

Digitized by PPRACHIN, SOA

ଗୁଳିଦ୍ୱାରା ହତ୍ୟା ହେବାରୁ ତହିଁର ତଦନ୍ତ ନିମନ୍ତେ ଆସିଷ୍ଟାଣ୍ଟ୍ ସୁପରିଟେଣ୍ଡେଣ୍ଟ୍ ବାବୁ ସୁଦାମ ଚରଣ ନାୟକ ନୟାଗଡକୁ ଯାଇଅଛନ୍ତି । ଏ ସପ୍ତାହରେ ସ୍ୱୟଂ ଗଡଜାତ ସୁପରିଟେଣ୍ଡେଣ୍ଟ୍ ଶ୍ରୀଯୁକ୍ତ କୁକ୍ ସାହେବ ଏବଂ ଗଡଜାତ ପୁଲିସ୍ ସୁପରିଟେଣ୍ଡେଣ୍ଟ୍ ଦଣ୍ଡାସ୍ ସାହେବ ପୁଲିସ୍ ଦଳ ସହିତ ସେହି ଜିଲ୍ଲାକୁ ଯାତ୍ରା କରିଅଛନ୍ତି । ଏଥିରୁ ଅନୁମାନ ହେଉଅଛି ଯେ କୌଣସି ପ୍ରକାର ଗୁରୁତର ମେଳି ହୋଇଅଛି । ବିସ୍ତାରିତ ବିବରଣୀ ଏ ପର୍ଯ୍ୟନ୍ତ ଆମେ ଜାଣିପାରିନାହୁଁ ।''

ସେମାନେ ନୟାଗଡରେ ପହଞ୍ଚି ଅସନ୍ତୁଷ୍ଟ ଓ ଉତ୍ତ୍ୟକ୍ତ ଜନତାଙ୍କୁ ବ୍ୟକ୍ତିଗତ ଭାବରେ ସାକ୍ଷାତ କଲେ । ଅନୁସନ୍ଧାନରୁ ଜଣାଗଲା ଯେ ମ୍ୟାନେଜର ଗୋପାଳ ସାନ୍ତରା ଦୁର୍ନୀତିରେ ଲିପ୍ତ ଅଛନ୍ତି ଏବଂ ପ୍ରଜାମାନଙ୍କୁ ଅତ୍ୟାଚାର କରିଆସୁଅଛନ୍ତି । ତେଣୁ ତାଙ୍କୁ ମ୍ୟାନେଜର ପଦବୀରୁ ବହିଷ୍କାର କରାଗଲା । ପୁନଶ୍ଚ ରାଜା ରଘୁନାଥ ସିଂହ ଓ କ୍ଷେତ୍ରୀବର ସିଂହଙ୍କ ମଧ୍ୟରେ ବୁଝାମଣା କରାଗଲା । କ୍ଷେତ୍ରୀବର ସିଂହଙ୍କୁ ପୁନର୍ବାର ନୟାଗଡ ରାଜ୍ୟର ଦେଓ୍ୱାନ ଭାବରେ ନିଯୁକ୍ତି ଦେବାପାଇଁ ପ୍ରସ୍ତାବ କରାଗଲା । କିନ୍ତୁ ଏଥିପୂର୍ବରୁ ରାଜା ଦର୍ପନାରାୟଣ ଦାସଙ୍କୁ ଦେଓ୍ୱାନ ଭାବରେ ନିଯୁକ୍ତି ଦେଇସାରିଥିଲେ ।

ରାଜ୍ୟରେ ଉତ୍ତେଜନା ଲାଗି ରହିଥିବାରୁ ଦେବାନ ଦର୍ପନାରାୟଣ ଦାସ କେତେକ ଆଶ୍ୱାସନାମୂଳକ ପଦକ୍ଷେପ ନେଇଥିଲେ । ପ୍ରଥମତଃ କନ୍ଧମାନେ ରାଜାଙ୍କୁ ଯେଉଁସବୁ ଦ୍ରବ୍ୟ କର ଆକାରରେ ଦେଉଥିଲେ, ସେ ତାହାର ପରିମାଣକୁ କମାଇ ଦେଇଥିଲେ । କନ୍ଧ ପ୍ରଜାମାନଙ୍କ ଉପରୁ ମାଗଣ ଓ ରସଦ ଉଠାଇଦେଲେ । ରାଜ୍ୟରେ ଶାନ୍ତି ସ୍ଥାପନ ପାଇଁ ରାଜା ତଥା ରୁଲର୍ ରଘୁନାଥ ସିଂହ ମାନଧାତା ଧର୍ତ୍ତବ୍ୟ ଅପରାଧରେ ଜଡିତ ନଥିବା ବିଦ୍ରୋହୀମାନଙ୍କୁ ରାଜକ୍ଷମା ଦେଇଥିଲେ ।

ରାଜାଙ୍କ ତରଫରୁ ଏହିସବୁ ପଦକ୍ଷେପ ସତ୍ତ୍ୱେ ରାଜ୍ୟରେ ପ୍ରବଳ ବିରୋଧଭାବ ସୃଷ୍ଟି ହେଲା । ରାଜ୍ୟର ଲୋକମାନେ ଅର୍ଜ୍ଜୁନ ପାଇକରାୟ ନାମକ ଜଣେ ବ୍ୟକ୍ତିଙ୍କ ନେତୃତ୍ୱରେ 'ଖଜଣାମୁକ୍ତ' ଅଭିଯାନ ଚଳାଇଲେ । ଏହି ସମୟରେ ଟଙ୍କା ଆକାରରେ କିମ୍ବା ଦ୍ରବ୍ୟ ଆକାରରେ ଖଜଣା ନ ଦେବାପାଇଁ କ୍ଷେତ୍ରୀବର ସିଂହ କନ୍ଧମାନଙ୍କୁ ପ୍ରବର୍ତ୍ତାଇଥିଲେ । ଫଳରେ ରାଜାଙ୍କ ତରଫରୁ ଚାଲିଥିବା ଶାନ୍ତି ଅଭିଯାନ ପଣ୍ଡ ହେବାକୁ ବସିଲା । ରାଜ୍ୟରେ ୧୮୯୪ ମସିହାରେ ପୁନର୍ବାର ମେଳି ଦେଖାଦେଲା । ଅପ୍ରେଲ ମାସରେ ଦଳେ ମେଳିଆ ରାଜାଙ୍କର ଜଣେ ଘନିଷ୍ଠ ସମର୍ଥକ ତଥା ସର୍ବରାକାରଙ୍କୁ ଆକ୍ରମଣ କଲେ । ତା'ପରେ ସେମାନେ ନୂତନ ଦେବାନ ଦର୍ପନାରାୟଣ ଦାସଙ୍କୁ ଆକ୍ରମଣ କଲେ । କିନ୍ତୁ ସେ ଅକ୍ଷତ ଅବସ୍ଥାରେ ଖସି ପଳାଇଥିଲେ । ନୟାଗଡ ଜିଲ୍ଲାରେ ପୁନର୍ବାର ମେଳି ହୋଇଥିବାର ସମ୍ବାଦପାଇ ଗଡଜାତ ମହଲର ସୁପରିଟେଣ୍ଡେଣ୍ଟ୍ ରାଜ୍ୟରେ ସମସ୍ୟା ସୃଷ୍ଟି କରୁଥିବା କ୍ଷେତ୍ରୀବର ସିଂହଙ୍କ ବିରୋଧରେ

Digitized by PPRACHIN, SOA

ଅଭିଯୁକ୍ତ ଫର୍ଦ୍ଦ ପ୍ରସ୍ତୁତ କରିବାପାଇଁ ରାଜାଙ୍କୁ ନିର୍ଦ୍ଦେଶ ଦେଲେ । ରାଜ୍ୟର ସମ୍ପତ୍ତି ଆତ୍ମସାତ୍ କରିବା ଏବଂ ରାଜାଙ୍କୁ ଅବମାନନା କରିବା ଅପରାଧରେ କ୍ଷେତ୍ରୀବର ସିଂହଙ୍କୁ ଅଭିଯୁକ୍ତ କରାଗଲା । ଏହାର ତଦନ୍ତପାଇଁ ୧୮୯୪ ଜୁନ୍ ମାସରେ ଆସିଷ୍ଟାଣ୍ଟ୍ ସୁପରିଟେଣ୍ଡେଣ୍ଟ୍ ସୁଦାମ ଚରଣ ନାୟକ ନୟାଗଡରେ ପହଞ୍ଚିଲେ । ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ ପରେ କ୍ଷେତ୍ରୀବର ସିଂହଙ୍କ ବିରୁଦ୍ଧରେ ରାଜ୍ୟର ସମ୍ପତ୍ତି ଆତ୍ମସାତ୍ କରିଥିବା ଅଭିଯୋଗଟି ମିଥ୍ୟା ପ୍ରମାଣିତ ହେଲା । କିନ୍ତୁ ରାଜ୍ୟ କର୍ତ୍ତୃପକ୍ଷଙ୍କୁ ଅବମାନନା କରିବା ଅଭିଯୋଗଟି ସତ୍ୟ ବୋଲି ପ୍ରମାଣିତ ହେଲା । ତାଙ୍କୁ ଏହି ଅପରାଧପାଇଁ ଏକବର୍ଷ ସଶ୍ରମ କାରାଦଣ୍ଡ ଓ ଦୁଇଶତ ଟଙ୍କା ଜୋରିମାନା କରାଗଲା । ଏ ଘଟଣାଟି ସମ୍ବାଦ ଆକାରରେ ତା.୦୪/୦୭/୧୮୯୪ ଓଡିଆ ଓ ନବସମ୍ବାଦରେ ପ୍ରକାଶ ପାଇଥିଲା । ‘‘ସମ୍ବାଦ ପ୍ରକାଶ ପାଇଛି ଯେ ଆସିଷ୍ଟେଣ୍ଟ୍ ସୁପରିଟେଣ୍ଡେଣ୍ଟ୍ ବାବୁ ସୁଦାମ ଚରଣ ନାୟକ ମାମଲା ବିଚାରକରି ପୂର୍ବ ଦେୱାନ କ୍ଷେତ୍ରୀବର ସିଂହଙ୍କୁ ଏକବର୍ଷ ଜେଲ ଓ ଦୁଇଶତ ଟଙ୍କା ଜୋରିମାନା କରିଅଛନ୍ତି ।’’

କ୍ଷେତ୍ରୀବର ସିଂହଙ୍କୁ ବନ୍ଦୀ କରିବା ଘଟଣାକୁ ତାଙ୍କ ସମର୍ଥକ ସହଚରମାନେ ଘୋର ବିରୋଧ କରିଥିଲେ । ସେମାନେ ଅର୍ଜ୍ଜୁନ ପାଇକରାୟଙ୍କ ନେତୃତ୍ୱରେ ମେଳି ଓ ବିଦ୍ରୋହ କରିଥିଲେ । ୧୮୯୪ ମସିହା ଅଗଷ୍ଟ ୪ ତାରିଖରେ ଦଳେ ମେଳିଆ ମହିତମାଠାରେ ଥିବା ପୋଲିସ୍ ଫାଣ୍ଡି ଆକ୍ରମଣ କଲେ ଏବଂ ତାଙ୍କର ଜଣେ ବନ୍ଦୀ ହୋଇଥିବା ସାଥୀଙ୍କୁ ମୁକ୍ତ କରିଥିଲେ । ସେମାନେ ମହିତମା ଫାଣ୍ଡିରୁ ତିନିଜଣ କନେଷ୍ଟବଳଙ୍କୁ ଅପହରଣ କରିନେଲେ । ଯେଉଁସବୁ ଲୋକ ସରକାରଙ୍କୁ ସମର୍ଥନ କରୁଥିଲେ, ସେମାନେ ତାଙ୍କୁ ହତ୍ୟା କଲେ । ୧୮୯୪ ନଭେମ୍ବର ୭ ତାରିଖରେ ସୁପରିଟେଣ୍ଡେଣ୍ଟ୍ ନୟାଗଡ ଜିଲ୍ଲାରେ ପହଞ୍ଚିଲେ । ଦୁମ୍କାରୁ ଆଉ ଗୋଟିଏ ପୋଲିସ୍ ଫୋର୍ସ ମଧ୍ୟ ନୟାଗଡରେ ପହଞ୍ଚିଲେ । ପୁନଶ୍ଚ ୧୩ ତାରିଖରେ ୨୩୦ ଜଣ ସଶସ୍ତ୍ର ପୋଲିସ୍ ସହିତ ୪ ଜଣ ୟୁରୋପୀୟ ଅଧିକାରୀ ମଧ୍ୟ ନୟାଗଡ ଯାଇ ସୁପରିଟେଣ୍ଡେଣ୍ଟଙ୍କୁ ସାହାଯ୍ୟ କଲେ । ରାଜ୍ୟରେ ମିଲିଟାରୀ ଅଭିଯାନ ଫଳରେ ଗୋଳମାଳ ଓ ବିଶୃଙ୍ଖଳାର ପରିସମାପ୍ତି ଘଟିଲା । ମେଳିଆମାନଙ୍କୁ ଧରାଗଲା ଏବଂ ଜେଲ୍‌କୁ ପଠାଇ ଦିଆଗଲା । କେତେକ ମେଳିଆ ଦଶପଲ୍ଲା, ଖଣ୍ଡପଡା ଓ ପାର୍ଶ୍ୱବର୍ତ୍ତୀ ରାଜ୍ୟକୁ ପଳାଇଗଲେ । କିନ୍ତୁ ସେମାନେ କ୍ରମେ ଧରାପଡିଥିଲେ । ମେଳିଆ ସର୍ଦ୍ଦାର ଅର୍ଜ୍ଜୁନ ପାଇକରାୟଙ୍କୁ ୧୮୯୫ ଜାନୁୟାରୀ ୧୫ ତାରିଖରେ ଗିରଫ କରାଗଲା । ଏହାପରେ ନୟାଗଡ ମେଳିର ସମ୍ପୂର୍ଣ୍ଣ ଅବସାନ ଘଟିଥିଲା ।

ପ୍ରାୟ ୫୦ ଜଣ ମେଳିଆଙ୍କ ବିରୁଦ୍ଧରେ କେସ୍ ରୁଜୁ କରାଯାଇ ନୟାଗଡଠାରେ ଥିବା ବିଚାରାଳୟରେ ବିଚାର କରାଗଲା । ସେମାନଙ୍କୁ ବିଭିନ୍ନ

Digitized by PPRACHIN, SOA

ଦଣ୍ଡରେ ଦଣ୍ଡିତ କରାଗଲା । ୧୬ ଜଣ ବିଦ୍ରୋହୀଙ୍କୁ ଫାଶି ଦିଆଗଲା ଏବଂ ୩୪ ଜଣ ମେଳିଆଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଗଲା । ଅର୍ଜୁନ ପାଇକରାୟଙ୍କୁ ରାଜ୍ୟରୁ ଜୀବନବ୍ୟାପୀ ନିର୍ବାସନ ଦଣ୍ଡ ଦିଆଗଲା । କ୍ଷେତ୍ରୀବର ସିଂହଙ୍କୁ ଦେଶାନ୍ତରିତ କରାଗଲା ଏବଂ ତାଙ୍କର ସମସ୍ତ ସମ୍ପତ୍ତିକୁ ବ୍ୟାଜ୍ୟାପ୍ତି କରାଗଲା । ନୟାଗଡରେ ସୃଷ୍ଟି ହୋଇଥିବା ମେଳି ପାଇଁ ଖଣ୍ଡପଡା ରାଜାଙ୍କୁ ମଧ୍ୟ ଅଭିଯୁକ୍ତ କରାଗଲା । ଖଣ୍ଡପଡା ରାଜା ନଟବର ସିଂହ ମର୍ଦ୍ଦରାଜଙ୍କୁ ଜଣାଇ ଦିଆଗଲା ଯେ ସେ ସରକାରଙ୍କୁ ଘୋର ଅସନ୍ତୁଷ୍ଟ କରିଛନ୍ତି । ତେଣୁ ନୟାଗଡ ମେଳିକୁ ସମାଧାନ କରିବାପାଇଁ ନିଯୁକ୍ତି ପାଇଥିବା ପୁଲିସ୍ ବାହିନୀର ସମସ୍ତ ଖର୍ଚ୍ଚକୁ ସେ ଭରଣା କରିବେ ।

ସୂଚନାଯୋଗ୍ୟ ଯେ ଓଡ଼ିଶାର ପୂର୍ବତନ କମିଶନର ରେଭେନ୍‌ସା ସାହେବ ନୟାଗଡ଼ର ଏହି ମେଳି ସମ୍ପର୍କରେ ଅବଗତ ଥିଲେ । ଉତ୍କଳଗୌରବ ମଧୁସୂଦନ ଦାସ ୧୮୯୭ ମସିହାରେ ବିଲାତ ଯାତ୍ରା କରିଥିଲେ । ସେଠାରେ ମଧୁବାବୁ ରେଭେନ୍‌ସା ସାହେବ (T. E. Ravenshaw)ଙ୍କ ସାକ୍ଷାତ କରିଥିଲେ । ରେଭେନ୍‌ସା ସାହେବଙ୍କୁ ସାକ୍ଷାତ କରିବା ପାଇଁ ମଧୁବାବୁ ପୂର୍ବରୁ ତାଙ୍କ ନିକଟକୁ ଗୋଟିଏ ଚିଠି ଲେଖିଥିଲେ । ସେହି ସମୟରେ ରେଭେନ୍‌ସା ସାହେବ ସସେକସ୍ (Sussex)ରେ ବାସ କରୁଥିଲେ । ମଧୁବାବୁ ଲେଖିଛନ୍ତି- "ମୁଁ ରେଳରୁ ଓହ୍ଲାଇବା ସାଙ୍ଗେ ସାଙ୍ଗେ ଧବଳ କେଶ ଖର୍ବକାୟ ବୃଦ୍ଧ ମୋ ନିକଟକୁ ଆସି ପଚାରିଲେ- "ମି. ଦାସ କି ?" କେଜାଣି କେଉଁ ପ୍ରାତଃ କାଳର ବନ୍ଧୁପରି ସେ କରମର୍ଦ୍ଦନ କଲେ । ମୁଁ କହିଲି- ମି. ରେଭେନ୍‌ସା, ଆପଣ ଏତେଦୂର ଆସିଥିବାରୁ ମୁଁ ଦୁଃଖିତ । ମୁଁ ନିଶ୍ଚୟ ଆପଣଙ୍କ ଘରକୁ ବାଟ ପାଇଥାଆନ୍ତି । ତାଙ୍କ ଘୋଡ଼ା ଗାଡ଼ିରେ ବସି ଦୁହେଁ ତାଙ୍କ ଘରକୁ ଚାଲିଗଲୁ ।

କେତେ ମିନିଟ୍ କଥାବାର୍ତ୍ତା ପରେ ସେ ମୋତେ କହିଲେ- "ମୋତେ କ୍ଷମା କରିବେ । ମୁଁ ଗୋଟିଏ ପ୍ରଶ୍ନ ପଚାରିବି । ଆପଣ କ'ଣ ପ୍ରକୃତ ଓଡ଼ିଆ ?" ମୁଁ କହିଲି- "ମୋର ପ୍ରତ୍ୟେକ ରକ୍ତବିନ୍ଦୁ ଓଡ଼ିଆ ରକ୍ତ ।" ସେ କହିଲେ- "ମୁଁ ଆପଣଙ୍କ ଜାତିକୁ ଅତି ଶ୍ରଦ୍ଧା କରେ ।" ରେଭେନ୍‌ସାକୁ ମୁଁ ଖଣ୍ଡିଏ ଖାଣ୍ଟି ଓଡ଼ିଆ ପିକା ବଢ଼ାଇଦେଲି ।" ମଧୁବାବୁ ଲେଖିଛନ୍ତି- "ରେଭେନ୍‌ସା ସବୁ ଗଡ଼ଜାତ ମାହାଲର କୁଶଳ ପଚାରିଥିଲେ । କେଉଁଝର ଓ ନୟାଗଡ଼ରେ ଯେଉଁ ମେଳି ହୋଇଥିଲା, ସେ ବିଷୟରେ ମଧ୍ୟ ପଚାରିଥିଲେ । ସୁତରାଂ ନୟାଗଡ଼ର ଏହି ମେଳି ବିଷୟ ରେଭେନ୍‌ସା ସାହେବଙ୍କ ମାନସ ପଟରେ ଥିଲା ।

ନୟାଗଡ ବିଦ୍ରୋହ (୧୮୪୯-୧୮୫୧):

ନୟାଗଡର ରାଜା ଏବଂ ପ୍ରଜାମାନଙ୍କ ମଧ୍ୟରେ ଥିବା ବିବାଦ ୧୮୪୩ ରୁ ଆରମ୍ଭ ହୋଇଥିଲା । ଯେତେବେଳେ କି ପ୍ରଜାମାନେ କଟକରେ ଅବସ୍ଥାପିତ ତତ୍କାଳୀନ

Digitized by PPRACHIN, SOA

କମିଶନର ଏ.ଜେ.ଏମ୍. ମିଲଙ୍କୁ ରାଜାଙ୍କ ଦ୍ୱାରା କଠୋରତାର ସହିତ ରାଜସ୍ୱ ଆଦାୟ କରାଯାଉଥିବାର ଅଭିଯୋଗ କରିଥିଲେ । ରାଜା ବ୍ରଜବନ୍ଧୁ ସିଂହ ମାନଧାତା ଥିଲେ ସ୍ୱେଚ୍ଛାଚାରୀ ଏବଂ ଅତୀବ ବଳଶାଳୀ । ସେ ବ୍ରିଟିଶ ସରକାରଙ୍କ ସହିତ ହୋଇଥିବା ଚୁକ୍ତିର ଷଷ୍ଠତମ ସର୍ତ୍ତକୁ ଉଲଙ୍ଘନ କରି ବିଦ୍ରୋହୀ ଜଗବନ୍ଧୁଙ୍କୁ ବହୁବର୍ଷ ପର୍ଯ୍ୟନ୍ତ ସୁରକ୍ଷା ପ୍ରଦାନ କରିଥିଲେ ଏବଂ ଯେତେବେଳେ ତାଙ୍କୁ କ୍ଷମା ପ୍ରଦାନ କରାଗଲା ସେତେବେଳେ ତାଙ୍କୁ ମୁକ୍ତ କରିଥିଲେ । ତାଙ୍କ ରାଜ୍ୟରେ ଅତ୍ୟାଚାର ଏବଂ ହିଂସା ଚରମ ସୀମାରେ ପହଞ୍ଚିଥିଲା- ଏଥିରେ ସନ୍ଦେହ ନାହିଁ । ରାଜା 'ମାଗତା' ନାମକ କର ବସାଇଥିଲେ । ଏହି ମନମୁଖୀ କର ବ୍ୟବସ୍ଥା ୧୮୪୩ ମସିହାରେ ରାଜାଙ୍କ ବିରୋଧରେ ଅଭିଯୋଗ ଆଣିଥିଲା ।

୧୮୪୯ ମସିହାରେ ପୁନର୍ବାର ରାଜା ଏବଂ ପ୍ରଜାଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା । ଏହି ବିବାଦରେ ମୂଳ କାରଣ ଥିଲା ରାଜାଙ୍କ ଦ୍ୱାରା ପାଇକମାନେ ଭୋଗ କରୁଥିବା ଜମି ଉପରେ କର ଧାର୍ଯ୍ୟ କରିବା । ରାଜାଙ୍କର ଏହି କାର୍ଯ୍ୟାନୁଷ୍ଠାନକୁ ଜମି ଭୋଗକାରୀମାନେ ବିରୋଧ କରିଥିଲେ । ହରିଗଜେନ୍ଦ୍ର ସିଂହ ଏବଂ ତାଙ୍କର ଅନ୍ୟ ପାଞ୍ଚଜଣ ସହକର୍ମୀ ରାଜାଙ୍କର ଏହି କାର୍ଯ୍ୟ ବିରୋଧରେ ସରକାରଙ୍କ ଆଗରେ ଆବେଦନ କରିଥିଲେ । ସେମାନେ ମୁଖ୍ୟତଃ ରାଜାଙ୍କ ଆଚରଣ ଦ୍ୱାରା କ୍ରୋଧାନ୍ୱିତ ହୋଇଥିଲେ । ପରେ ସେମାନଙ୍କ ପ୍ରରୋଚନାରେ ଜନସାଧାରଣ ସେମାନଙ୍କୁ ବିଦ୍ରୋହ କରିବାପାଇଁ ସମର୍ଥନ କରିଥିଲେ । ବିକ୍ଷୋଭ ବହୁମାତ୍ରାରେ ବ୍ୟାପିଗଲା । ରାଜା ଅନ୍ୟ ଉପାୟ ନ ପାଇ ବ୍ରିଟିଶ ସରକାରଙ୍କୁ ସାହାଯ୍ୟ ଭିକ୍ଷା କଲେ । ଟ୍ରିବ୍ୟୁଟାରୀ ମହଲମାନଙ୍କର ସୁପରିଟେଣ୍ଡେଣ୍ଟ ଉଭୟ ପକ୍ଷକୁ ସମାଧାନ ପାଇଁ ଆଦେଶ ଦେଲେ ଏବଂ ବିବାଦର ତଦନ୍ତ କରିବାପାଇଁ ବାବୁ ରାମ ପ୍ରସାଦ ରାୟଙ୍କୁ ନୟାଗଡ ପଠାଇଲେ । ରାଜା ତାଙ୍କ ରାଜ୍ୟର ସମ୍ମିଶ୍ରଣ ପାଇଁ ସୁପରିଟେଣ୍ଡେଣ୍ଟଙ୍କ ପ୍ରସ୍ତାବରେ ରାଜି ହେଲେ । ରାମଚନ୍ଦ୍ର ରାୟଙ୍କୁ ତହସିଲଦାର ଭାବେ ନିଯୁକ୍ତ କରାଗଲା । ରାଜାଙ୍କୁ କ୍ଷମତାଚ୍ୟୁତ କରା ନ ଯାଇ ତାଙ୍କର ଅନ୍ୟାୟକୁ ରୋକିବାପାଇଁ ଜଣେ ଅମିନ କିମ୍ବା ତହସିଲଦାରଙ୍କୁ ନିଯୁକ୍ତ କରାଗଲା ।

ଏହି ବ୍ୟବସ୍ଥା ବହୁଦିନ ତିଷ୍ଠି ପାରିଲା ନାହିଁ । ତହସିଲଦାର ତାଙ୍କୁ ଦିଆଯାଇଥିବା କ୍ଷମତାର ସୀମା ଲଂଘନକରି ରାଜାଙ୍କ ଅଧିକାର ଉପରେ ହସ୍ତକ୍ଷେପ କଲେ । ହରିଗଜେନ୍ଦ୍ର ସିଂହ ଏବଂ ତାଙ୍କ ସମର୍ଥକମାନେ ପୁଣି ଥରେ ସେରିସ୍ତାଦାର ପରି ଦୁର୍ନୀତିଗ୍ରସ୍ତ ଉଚ୍ଚ କର୍ମଚାରୀ ବାବୁ ରାମ ପ୍ରସାଦ ରାୟ, ରାମଚନ୍ଦ୍ର ରାୟ ଏବଂ ଜିଲ୍ଲାପାଳ ଜେ. ଡିନ୍ସ୍‌ଡାଲେଙ୍କ ବିରୋଧରେ ଅଭିଯୋଗ କରିଥିଲେ । କିନ୍ତୁ ସେ ଅଭିଯୋଗ ଗୁଡିକର ଉପଯୁକ୍ତ ବିଚାର କରାଗଲାନାହିଁ । ସୁପରିଟେଣ୍ଡେଣ୍ଟ, ଏଫ୍.

Digitized by PPRACHIN, SOA

ଗୋଲଡ୍‌ବ୍ୟୁରୀ ତାଙ୍କର ସ୍ଥାନୀୟ ପ୍ରତିନିଧିମାନଙ୍କ ପକ୍ଷ ସମର୍ଥନ କଲେ । ୧୮୪୯ ନଭେମ୍ବର ମାସରେ ବିଦ୍ରୋହୀ ନେତାମାନେ କର ନ ଦେବାପାଇଁ ଚାଷୀମାନଙ୍କୁ ପ୍ରବର୍ତ୍ତାଇଲେ । ହରିଗଜେନ୍ଦ୍ର ସିଂହ, କମଳ ଲୋଚନ ପାଇକରାୟ ଏବଂ ତାଙ୍କର ଦୁଇପୁଅ ଉଦ୍ଧବ ସାମନ୍ତରାୟ ଏବଂ ଶିବରାମ ସାମନ୍ତରାୟ ସରକାରଙ୍କ ବିରୁଦ୍ଧରେ ଆଇନ ଅମାନ୍ୟ ଆନ୍ଦୋଳନ କରିବାପାଇଁ ଖୋର୍ଦ୍ଧାଠାରେ ଏକଜୁଟ ହେବାକୁ ଆହ୍ୱାନ ଦେଲେ । ଫଳରେ ବିଦ୍ରୋହର ସୂତ୍ରପାତ ହେଲା । ଏହି ଚାରିଜଣ ନେତାଙ୍କୁ ନୟାଗଡରୁ ସ୍ଥାନାନ୍ତର କରିବାପାଇଁ ସୁପରିଟେଣ୍ଡେଣ୍ଟ୍ ଆଦେଶ ଦେଲେ ।

କମଳ ଲୋଚନ ପାଇକରାୟ ଓ ତାଙ୍କର ଦୁଇପୁଅ ଆନ୍ଦୋଳନର ମୁଖ୍ୟ ଭୂମିକା ଗ୍ରହଣ କଲେ । ଏହି ବିଦ୍ରୋହ ଘୁମୁସର ପର୍ଯ୍ୟନ୍ତ ବ୍ୟାପିଥିଲା । ନେତାମାନେ ତାଙ୍କର ସମର୍ଥକମାନଙ୍କ ସହିତ ନୟାଗଡ ଏବଂ ଘୁମୁସରର ପାହାଡ ଓ ଜଙ୍ଗଲମାନଙ୍କରେ କନ୍ଧ, ପାଣ, ସଉରା ଜାତିର ଅନେକ ସଶସ୍ତ୍ର ଅନୁଚରଙ୍କ ସହିତ ଲୁଚି ରହିଲେ । କମଳ ଲୋଚନ ପାଇକରାୟ ଏବଂ ତାଙ୍କର ଅନ୍ୟ ନେତାମାନେ କନ୍ଧନେତା ଚକରା ବିଶୋଇଙ୍କଠାରୁ ଲୋକ ଓ ଅସ୍ତ୍ରବଳ ସାହାଯ୍ୟ ପାଇଥିଲେ । ଗୁନାମାଟି ନାମକ ପାହାଡଠାରେ ନେତାମାନେ ତାଙ୍କର ସମର୍ଥକଙ୍କ ସହିତ ଠୁଳ ହେଲେ । ସେମାନଙ୍କ ମଧ୍ୟରୁ ୧୦୦ ଜଣ ବାସୁ ବିଶୋଇଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା କନ୍ଧ ଏବଂ ନୟାଗଡର ୫୦ ଜଣ ପାଣ ଥିଲେ । ବାହାଡାଝୋଲା ନାମକ ସ୍ଥାନରୁ ଆନ୍ଦୋଳନ ଆରମ୍ଭ କରିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା । ସେମାନେ ମଧ୍ୟ ସେମାନଙ୍କ ସହିତ ଯୋଗଦେବାପାଇଁ ଦଶପଲ୍ଲା ଓ ରଣପୁରର କନ୍ଧ ଓ ପାଣମାନଙ୍କୁ ପ୍ରବର୍ତ୍ତାଇଲେ । ପ୍ରାଥମିକ ସ୍ତରରେ ୬୦ ବା ୭୦ ଜଣ ଲୋକଙ୍କ ଦ୍ୱାରା ସେମାନେ ସମର୍ଥିତ ହୋଇଥିଲେ ।

ବିଦ୍ରୋହୀମାନେ ହତ୍ୟା, ଲୁଣ୍ଠନ ଏବଂ ଅଗ୍ନିକାଣ୍ଡ ଆଦି ଭିଆଇଲେ । ୧୮୫୦ ଡିସେମ୍ବର ୨ ତାରିଖରେ ରାଜାଙ୍କର ଜଣେ କର୍ମଚାରୀଙ୍କୁ ହତ୍ୟା କଲେ । ୧୮୫୦, ଅଗଷ୍ଟ ମାସରୁ ଏହା ଏକ ବିଧିବଦ୍ଧ ଯୋଜନା ଥିଲା । ୧୮୫୧ ଜାନୁୟାରୀ ୧୯ ରାତ୍ରରେ ଏକ ଗୁରୁତର ଉପଦ୍ରବ ଘଟିଲା । ସଶସ୍ତ୍ର ଲୋକମାନଙ୍କର ଏକ ଦଳ ଘୁମୁସର ଗ୍ରାମରେ ପ୍ରବେଶ କଲେ । ସେମାନେ ସରଦାର ନାରାୟଣ ସାନ୍ତରା ଏବଂ ଦଳବେହେରା ଦାସ ସାନ୍ତରାଙ୍କ ଘର ଲୁଣ୍ଠନ କରିବା ସହିତ ଦାସ ସାନ୍ତରା ଓ ତାଙ୍କ ପରିବାରବର୍ଗଙ୍କୁ ଧରିଆଣିଥିଲେ । ଦ୍ରୁତ ଗତିରେ ବଢି ଚାଲିଥିବା ଏହି ବିଦ୍ରୋହକୁ ରାଜା ଆୟତ୍ତ କରିବାକୁ ଅସମର୍ଥ ହେଲେ । ତେଣୁ ଏହି ବିଦ୍ରୋହ ବହୁମାତ୍ରାରେ ବଢିଚାଲିଲା ଓ ହିଂସାତ୍ମକ ହୋଇଉଠିଲା । କମଳ ଲୋଚନ ପାଇକରାୟ, ବାସୁ ବିଶୋଇ ଏବଂ ଘୁମୁସର ଓ ନୟାଗଡର ଅନ୍ୟ ଅସନ୍ତୁଷ୍ଟ ବ୍ୟକ୍ତିମାନଙ୍କ ସହିତ ଏକ ମେଣ୍ଟ ଗଠନ କଲେ ଏବଂ ସେ ଘୁମୁସର ରାଜ୍ୟର ସଶସ୍ତ୍ର ଲୋକଙ୍କଠାରୁ ସାହାଯ୍ୟ

Digitized by PPRACHIN, SOA

ପାଇଥିଲେ । ୧୮୫୧, ଜାନୁୟାରୀ ୨୫ ରାତ୍ରିରେ ଅନ୍ୟୂନ ୭୦୦ ଜଣ ବିଦ୍ରୋହୀ ସୁନାମୁହିଁ ଗ୍ରାମକୁ ଆକ୍ରମଣ କରି ସେହି ଗ୍ରାମକୁ ଧ୍ୱଂସ କରିଦେଇଥିଲେ । ରାଜାଙ୍କର ୭୦୦୦ ସଶସ୍ତ୍ର ପାଇକ ସେମାନଙ୍କର ଅପାରଗତା ଦେଖାଇଲେ । ଏହା ବୋଧହୁଏ ବିଦ୍ରୋହୀମାନଙ୍କ ପ୍ରତି ସେମାନଙ୍କର ଅନୁକମ୍ପା ଥିଲା ଯେଉଁ ସମ୍ପ୍ରଦାୟର କି ସେମାନେ ଅନ୍ତର୍ଭୁକ୍ତ ଥିଲେ, କିନ୍ତୁ ବ୍ୟକ୍ତିଗତ ସାହସିକତାର ଅଭାବ ନଥିଲା । ତା'ଛଡା ଘୁମୁସରର କନ୍ଧମାନଙ୍କର ନେତା ଚକରା ବିଶୋଇ, ନୟାଗଡର ସମସ୍ତ ଦଳବେହେରା ଓ ପାଇକଗଣ କମଳ ଲୋଚନ ପାଇକରାୟଙ୍କ ଦଳରେ ଥିଲେ ଏବଂ ଗ୍ରାମଗୁଡ଼ିକର ଅଧିବାସୀମାନେ ମଧ୍ୟ ଅଗ୍ନିକାଣ୍ଡରେ ସାହାଯ୍ୟ କରିଥିଲେ ।

ବିଦ୍ରୋହୀମାନେ ନୟାଗଡ ରାଜାଙ୍କର ବାରୁଦଖାନା, ଅସ୍ତ୍ରାଗାରକୁ ବ୍ୟବହାର କରିଥିଲେ । ଅସନ୍ତୋଷର ବହ୍ନି ନୟାଗଡ ସହିତ ବାହାରକୁ ଏପରିକି ଘୁମୁସର, ଦଶପଲ୍ଲା ଓ ଖୋର୍ଦ୍ଧା ପର୍ଯ୍ୟନ୍ତ ବ୍ୟାପିଗଲା । ନୟାଗଡର ଏହି ବିଶୃଙ୍ଖଳା ଏଣିକି ଏକ ସକ୍ରିୟ ଗଣବିକ୍ଷୋଭର ରୂପ ଧାରଣ କଲା । ବିଦ୍ରୋହୀମାନେ ନୟାଗଡରୁ ଦଶପଲ୍ଲା ରାସ୍ତାକୁ ଅବରୋଧ କଲେ ଏବଂ ବାଲିଆପଦରସ୍ଥ ମୁଖ୍ୟ ସ୍ଥାନକୁ ଅକ୍ତିଆର କଲେ । ପାଇକମାନଙ୍କର ଗୁପ୍ତ ମନ୍ତ୍ରଣାରେ ୧୩୨ଟି ଗ୍ରାମରେ ଅଗ୍ନିକାଣ୍ଡ ପରି ଦୁଷ୍କର୍ମ ବହୁ କନ୍ଧ ଓ ପାଣଙ୍କ ଦ୍ୱାରା କରାଯାଇଥିଲା ।

ଟ୍ରିବ୍ୟୁଟାରୀ ମହଲର ସୁପରିଟେଣ୍ଡେଣ୍ଟ୍ ୪୧ତମ ରେଜିମେଣ୍ଟ୍ ଏମ୍. ଏନ୍. ଆଇ. ଓ ଏ. ପି.ଙ୍କୁ ନିର୍ଦ୍ଦେଶଦେଇ ଘୁମୁସର ସୀମାରେ ବିଦ୍ରୋହକୁ ଦମନ କରିବାପାଇଁ ମେଜର ରକ୍ ପୋର୍ଟଙ୍କର ସାହାଯ୍ୟ କାମନା କଲେ । ସେ ନିଜେ ଏମ୍. ଏନ୍. ଆଇ.ର ୭୦ତମ ରେଜିମେଣ୍ଟର ୨ଟି ଦଳ ସହିତ ବିଦ୍ରୋହ ଆରମ୍ଭ ହୋଇଥିବା ଇଟାମାଟିକୁ ଗଲେ । ଡିସେମ୍ବର ୧୮୫୦ ଶେଷ ସମୟ ପର୍ଯ୍ୟନ୍ତ ବିଦ୍ରୋହୀ ନେତାମାନଙ୍କୁ ଧରିବାରେ ସୁପରିଟେଣ୍ଡେଣ୍ଟ୍ ବିଫଳ ହେଲେ । କିନ୍ତୁ ସେ ନୟାଗଡର ରାଜା ଏବଂ ତାଙ୍କ ଲୋକମାନଙ୍କୁ ଦୃଢତାର ସହିତ ପ୍ରେରଣା ଯୋଗାଇବାରେ ଲାଗିଲେ । ତାଙ୍କର ରହଣି ସମୟରେ ରାଜା ଏବଂ ସ୍ଥାନୀୟ କର୍ମଚାରୀଙ୍କ ବିରୁଦ୍ଧରେ କୌଣସି ଆପତ୍ତିକୁ ଗ୍ରହଣ କରାଗଲା ନାହିଁ ଏବଂ ସେ ସିଦ୍ଧାନ୍ତ କଲେ ଯେ ସବୁ ଠିକ୍ ଠିକ୍ ଚାଲିଛି । କିନ୍ତୁ ସେ ଭୁଲ୍ କରିବସିଲେ । ଯେହେତୁ ବିଦ୍ରୋହୀମାନଙ୍କର ଦୁଃଖ ଦୂର କରାଗଲା ନାହିଁ, ସେମାନେ ତାଙ୍କର ବିକ୍ଷୋଭ ମୂଳକ କାର୍ଯ୍ୟକଳାପ ବନ୍ଦ କଲେ ନାହିଁ ସୁପରିଟେଣ୍ଡେଣ୍ଟ୍ କଟକରେ ପହଞ୍ଚି ଯେତେବେଳେ ଜାଣିବାକୁ ପାଇଲେ ଯେ ତାଙ୍କର ନୟାଗଡରୁ ଫେରିବାପରେ ସେଠାରେ ପୁଣିଥରେ ବିକ୍ଷୋଭ ଆରମ୍ଭ ହୋଇ ତୀବ୍ର ରୂପ ଧାରଣ କରିଛି, ସେ ଆଶ୍ଚର୍ଯ୍ୟ ହୋଇଗଲେ । ବିଦ୍ରୋହ ଦେଖାଦେଇଥିବା ସ୍ଥାନର ପାଞ୍ଚକୋଶ ଦୂରରେ ଅବସ୍ଥିତ କୁରାଳକୁ ବାଲେଶ୍ୱର ଓ ଖୋର୍ଦ୍ଧାରୁ ପାଇକ ସୈନ୍ୟମାନଙ୍କୁ ପଠାଗଲା । କିନ୍ତୁ ବିଦ୍ରୋହୀ ନେତାମାନେ ଭୟଭୀତ

Digitized by PPRACHIN, SOA

ହୋଇ ନ ଥିଲେ । ତେଣୁ ସୁପରିଟେଣ୍ଡେଣ୍ଟ ମତପ୍ରକାଶ କଲେ ଯେ, ''ଏପରି ଲାଗୁଛି ଯେ କୌଣସି ସାମରିକ ଦଳ ଏହି ଧୂର୍ତ୍ତ ଆକ୍ରମଣ ଗୁଡିକ ବିପକ୍ଷରେ ସୁରକ୍ଷା ଯୋଗାଇ ପାରିବ ନାହିଁ ।''

ରାଜା ନିଜ ରାଜ୍ୟ ଚଳାଇବା ଏବଂ ସୁରକ୍ଷା କରିବାପାଇଁ ଅସମର୍ଥ ହେଲେ । ଅସ୍ତ୍ରଶସ୍ତ୍ର ଧାରଣ କରିଥିବା ତାଙ୍କ ପାଇକମାନେ ବିଦ୍ରୋହୀମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରୁଥିବାରୁ ସେମାନେ ଅଧିକ ନିର୍ଭୀକ ଓ ପ୍ରଚଣ୍ଡ ହୋଇଉଠିଲେ । ତେଣୁ ଅଧିକ ଗୁରୁତର ବିଦ୍ରୋହକୁ ଦମନ କରିବାପାଇଁ ସୁପରିଟେଣ୍ଡେଣ୍ଟ ୭୦ ରେଜିମେଣ୍ଟର ତିନୋଟି ଦଳକୁ ନୟାଗଡକୁ ପ୍ରେରଣ କଲେ । କ୍ୟାପ୍‌ଟେନ୍ ପାଇଣ୍ଡଲୀ ତାଙ୍କର କାର୍ଯ୍ୟାନୁଷ୍ଠାନ କଲାବେଳେ କୌଣସି ସାହାଯ୍ୟ ଦରକାର କଲେ ତାଙ୍କୁ ସାହାଯ୍ୟ କରିବାପାଇଁ ଦଶପଲ୍ଲା ଓ ରଣପୁରର ରାଜା ଓ ଖଣ୍ଡପଡାର ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଗଲା । ପାଇକମାନଙ୍କର ସେବାକୁ ନିଷିଦ୍ଧ କରିବା, ବାଙ୍କି ଓ ଅନୁଗୁଳ ଭଳି କମ୍ କର ହାରରେ ଜାଗିରି ଜମିକୁ ଅଧିକାର କରିବାପାଇଁ ସେମାନଙ୍କୁ ଅନୁମତି ଦେବା, ହିନ୍ଦୁ ସୈନ୍ୟ ଦଳର ସଂଖ୍ୟାକୁ ବୃଦ୍ଧି କରିବାପାଇଁ ଏବଂ ବିଦ୍ରୋହୀ ନେତାମାନଙ୍କର ଗିରଫଦାରି ପାଇଁ ପୁରସ୍କାର ପ୍ରଦାନ କରିବାପାଇଁ ରାଜ୍ୟର ପରିଚାଳନା ଦାୟିତ୍ୱ ନିଜ ହାତକୁ ନେବାପାଇଁ ସୁପରିଟେଣ୍ଡେଣ୍ଟ ପ୍ରସ୍ତାବ ଦେଲେ ।

କ୍ୟାପ୍‌ଟେନ୍ ପାଇଣ୍ଡଲି ନିଜର ଦଳ ସହିତ ୧୮୫୦ ଡିସେମ୍ବର ୭ରେ ଇଟାମାଟିଠାରେ ପହଞ୍ଚି ଗୁନିଘର, କୁରାଳ ଏବଂ ମହିପୁରଠାରେ ସାମରିକ କେନ୍ଦ୍ରମାନ ପ୍ରତିଷ୍ଠା କଲେ, ଯାହାର ନିକଟବର୍ତ୍ତୀ ଅଞ୍ଚଳରେ ହିଁ ନୟାଗଡ ରାଜାଙ୍କର ଜଣେ କର୍ମଚାରୀଙ୍କ ହତ୍ୟା ପରି ମୁଖ୍ୟ ଉପଦ୍ରବ ଘଟିଥିଲା । ଗଞ୍ଜାମରେ ଥିବା ପ୍ରତିନିଧି ବିଦ୍ରୋହୀ ନେତାମାନଙ୍କୁ ଧରିବାରେ ତାଙ୍କୁ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଲେ । କ୍ୟାପ୍‌ଟେନ୍ ପାଇଣ୍ଡଲି ଛଅଜଣ ବିଦ୍ରୋହୀଙ୍କୁ ବନ୍ଦୀ କଲେ । ଅଗ୍ନିକାଣ୍ଡ, ଲୁଣ୍ଠନ ଓ ହତ୍ୟାକାଣ୍ଡ ବହୁମାତ୍ରାରେ ବୃଦ୍ଧି ପାଇବାରୁ ୭୦ତମ ରେଜିମେଣ୍ଟର ଆଉ ଏକ ଦଳ ପାଇଁ ଆଦେଶ ଦେଲେ ଏବଂ ରାଜ୍ୟର ପରିଚାଳନା ଭାର ସମ୍ପୂର୍ଣ୍ଣ ଭାବରେ ରାଜାଙ୍କ ହସ୍ତରୁ ସେଠାର ଅଧିବାସୀଙ୍କ ହସ୍ତକୁ ହସ୍ତାନ୍ତର କରିବାପାଇଁ ଦର୍ଶାଯାଇ ଘୋଷଣାନାମ ପ୍ରସ୍ତୁତ କରିବାପାଇଁ ନିର୍ଦ୍ଦେଶ ଦେଲେ ।

ବିଦ୍ରୋହୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଚାଲିଥିବା ସମୟରେ କ୍ୟାପ୍‌ଟେନ୍ ପାଇଣ୍ଡଲି ଜଣେ ସୁବାଦର, ଜଣେ ହାବିଲଦାର, ୪ଜଣ ନାୟକ ଓ ୬୦ଜଣ ସିପାହୀଙ୍କ ସହାୟତାରେ କମଳ ଲୋଚନ ପାଇକରାୟଙ୍କ ମୁଖ୍ୟ କର୍ମଚାରୀ ଦାମ ଡାକୁଆଙ୍କ ସହିତ ଭୟଙ୍କର ଯୁଦ୍ଧ କଲେ । ଦାମ ଡାକୁଆଙ୍କୁ ଧରାଯାଇ ବନ୍ଦୀ ଭାବରେ ତାଙ୍କୁ କଟକକୁ ପଠାଇ ଦିଆଗଲା । ନିଜେ ସୁପରିଟେଣ୍ଡେଣ୍ଟ ରାଜ୍ୟର ପରିଚାଳନା

Digitized by PPRACHIN, SOA

ଭାର ନେବାପାଇଁ ନାୟଗଡ ଗଲେ । ସେଠାର ପରିସ୍ଥିତି ରାଜା ଏବଂ ତାଙ୍କର ଏଜେଣ୍ଟ୍ ମାନଙ୍କ ଦ୍ୱାରା ଅଣାୟତ୍ତ ଥିଲା । ବିଦ୍ରୋହ ମୂଳକ କାର୍ଯ୍ୟକଳାପ ଉପରେ ବିଚାର କରିବାକୁ ସାମରିକ ବାହିନୀକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଗଲା । ଖୋର୍ଦ୍ଧା ଏବଂ ଆଖପାଖ ଜିଲ୍ଲାଗୁଡିକରୁ ସଶସ୍ତ୍ର ବାହିନୀରେ ଏକ ଦଳ ସକ୍ରିୟ ହୋଇଉଠିଲା । ରଣପୁର, ଖଣ୍ଡପଡା ଓ ବାଙ୍କିରୁ ପାଇକମାନେ ଏବଂ ଘୁମୁସରର ୨୦୦ ଜଣ ଲୋକ ଦେଶକୁ ରକ୍ଷା କରିବାପାଇଁ ବାହାରିଲେ । ସମସ୍ତ ଦଳବେହେରା, ଦଳାଇ ଓ ପାଇକମାନଙ୍କ ମୁଖିଆଙ୍କୁ ଡକାଗଲା ।

କମଳ ଲୋଚନ ପାଇକରାୟଙ୍କ ପରିବାରବର୍ଗଙ୍କୁ ଧରାଯିବା ପରେ କଟକରେ ରହିବାପାଇଁ ଆଦେଶ ଦିଆଗଲା ଏବଂ କମ୍ ପରିମାଣରେ ଏକ ବୃତ୍ତି ଯୋଗାଇ ଦିଆଗଲା । ଅବସରପ୍ରାପ୍ତ ଡେପୁଟି କଲେକ୍ଟର ଲାଲା ହରମୋହନ ରାୟଙ୍କୁ ରାଜ୍ୟର ତହସିଲଦାର ରୂପେ ନିଯୁକ୍ତ କରାଗଲା । କମଳ ଲୋଚନ ପାଇକରାୟ ଓ ତାଙ୍କ ପୁତ୍ରମାନଙ୍କୁ ଗିରଫ କରାଯାଇ ପାରିଲାନାହିଁ । ତାଙ୍କର ପାଞ୍ଚଜଣ ବିଦ୍ରୋହୀ ସରଦାରଙ୍କୁ ଧରାଗଲା ଓ କଟକକୁ ବନ୍ଦୀକରି ନିଆଗଲା ।

ନୟାଗଡ ରାଜ୍ୟର ପରିଚାଳନା ଭାର ଗ୍ରହଣ କରିବାପାଇଁ ବଙ୍ଗ ସରକାରଙ୍କ ସୁପାରିଶ କ୍ରମେ ରାଜାଙ୍କୁ ଏହା ମାନିବାକୁ ଆଦେଶ ଦିଆଗଲା । ୧୮୫୧ ମାର୍ଚ୍ଚ ୨୦ ସୁଦ୍ଧା ବିଦ୍ରୋହକାରୀ ଏବଂ ପାଇକ ନେତାମାନେ ନିଜ ନିଜ ଘରକୁ ଫେରିଯିବା ପାଇଁ ଆଦେଶନାମା ପ୍ରକାଶ ପାଇଲା । ଭବିଷ୍ୟତରେ ଗଣ୍ଡଗୋଳକୁ ଦମନ କରିବାପାଇଁ ସଶସ୍ତ୍ର ବାହିନୀମାନଙ୍କୁ ନିଯୁକ୍ତି ଦିଆଗଲା । ୧୮୪୯ରେ ଆବେଦନକାରୀଙ୍କ ନେତା ହରିଗଜେନ୍ଦ୍ର ସିଂହ ତାଙ୍କର ଭୂମି ଓ ଜମିଦାରୀ ଫେରିପାଇଲେ । ମୁଖ୍ୟ ନେତାମାନଙ୍କର ସ୍ୱଇଚ୍ଛାରେ ଆତ୍ମ ସମର୍ପଣ ଘୋଷଣା ପରେ ପରେ ଅଗ୍ନିକାଣ୍ଡ ଘଟାଇଥିବା ଅଭିଯୁକ୍ତଙ୍କ ବ୍ୟତୀତ ସମସ୍ତଙ୍କୁ କ୍ଷମା ପ୍ରଦାନ କରାଗଲା । କମଳ ଲୋଚନ ପାଇକରାୟଙ୍କ ଆତ୍ମ ସମର୍ପଣ ମୁଖ୍ୟତଃ ପାଇକ ଦଳର ହାବିଲଦାର ଜଗନ୍ନାଥ ଦୋରାଙ୍କ ଉଦ୍ୟମରେ ହୋଇଥିଲା । ଜଗନ୍ନାଥ ଦୋରାଙ୍କୁ ୧୫ ଜଣ ସିପାହୀଙ୍କ ସହିତ ଗୋହିରିବାଡ୍ରର ନିକଟବର୍ତ୍ତୀ ଅଞ୍ଚଳକୁ ପଠାଗଲା ଯେଉଁଠି କି ବିଦ୍ରୋହୀମାନେ ବହୁସଂଖ୍ୟାରେ ଏକତ୍ରିତ ହୋଇ ସେମାନଙ୍କ ମଧ୍ୟରେ ଯୋଗାଯୋଗ ସ୍ଥାପନ କରନ୍ତି । ବିଦ୍ରୋହୀମାନେ ଜଗନ୍ନାଥ ଦୋରାଙ୍କର ଏହି ଛୋଟ ଦଳକୁ ଫେରିଗଲେ । ମାତ୍ର ଦୋରାଙ୍କ ଦୃଢ ଏବଂ ବିଚାର ସମ୍ପନ୍ନ ବ୍ୟବହାର ଯୋଗୁଁ ସଂଘର୍ଷକୁ ହଟାଇ ଦିଆଯାଇପାରିଲା ଏବଂ କମଳ ଲୋଚନ ପାଇକରାୟ ଆତ୍ମ ସମର୍ପଣ କରିବାକୁ ରାଜିହେଲେ ଏବଂ ମହିପୁରଠାରେ ଥିବା ଖୋର୍ଦ୍ଧା ପାଇକ ଦଳର ସୁବାଦରଙ୍କ ହସ୍ତରେ ନିଜକୁ ୧୮୫୧ ମାର୍ଚ୍ଚ ୩୧ ତାରିଖ ଦିନ ସମର୍ପଣ କଲେ ଏବଂ ପ୍ରହରୀ ଅଧୀନରେ କଟକରେ ଏପ୍ରିଲ ୧୭, ୧୮୫୧ରେ ପହଞ୍ଚିଲେ ।

Digitized by PPRACHIN, SOA

କମଳ ଲୋଚନ ପାଇକରାୟ କରିଥିବା ଅପରାଧ ସମ୍ପର୍କରେ ସୁପରିଟେଣ୍ଡେଣ୍ଟ କୌଣସି ପ୍ରମାଣ ପାଇଲେ ନାହିଁ ଏବଂ ସେଥିପାଇଁ ବଙ୍ଗ ସରକାରଙ୍କ ନିର୍ଦ୍ଦେଶାନୁକ୍ରମେ ତାଙ୍କୁ ସାର୍ବଜନୀନ କ୍ଷମାରେ ସାମିଲ କରାଗଲା । ପରେ କମଳ ଲୋଚନ ପାଇକରାୟଙ୍କ ମୋକଦ୍ଦମାର ପୁନର୍ବିଚାର କରି କଟକରେ କମିଶନର ଜି.ଏଫ୍. କକ୍‌ବର୍ଣ୍ଣ ତାଙ୍କୁ ଦିଆଯାଇଥିବା କ୍ଷମା ଉପରେ କଟୁ ସମାଲୋଚନା କରିଥିଲେ । ତାଙ୍କ ମତରେ ''ଲୋକଟି ନୟାଗଡରେ ତାର କାର୍ଯ୍ୟକଳାପ ଓ ଲୋକ ଓ ଦେଶ ଉପରକୁ ଆଣିଥିବା ଭୟାନକ ବିପତ୍ତି ପାଇଁ ଆଇନ ଦୃଷ୍ଟିରୁ ଫାଶି ପାଇବାକୁ ଥିଲା-- ସାର୍ବଜନୀନ କ୍ଷମାରେ ସାମିଲ କରିବା ବିଚାରହୀନ ଅଟେ ।'' ତଥାପି କମଳ ଲୋଚନ ପାଇକରାୟଙ୍କୁ ତାଙ୍କର ଗତିବିଧି ଉପରେ ବାଧା ଦିଆନଯାଇ ଘରକୁ ଫେରିବାପାଇଁ ଅନୁମତି ଦିଆଗଲା । ଯେହେତୁ କମିଶନରଙ୍କୁ ସୁନିଶ୍ଚିତ କରାଗଲା ଯେ ସେମାନଙ୍କ ପ୍ରତି ସଚେତନ ଓ ସନ୍ଦେହପୂର୍ଣ୍ଣ ଆଚରଣଠାରୁ ସେମାନଙ୍କ ଉପରେ ବିଶ୍ୱାସ ରଖିବାଦ୍ୱାରା ଅଧିକ କିଛି ପାଇହେବ ।

ସରକାର କଟକଠାରେ ଥିବା ରାଜାଙ୍କ ଭରଣପୋଷଣ ପାଇଁ ମାସିକ ୫୦୦ ଟଙ୍କା ସୁପାରିଶ କଲେ ଯାହାକି ମାର୍ଚ୍ଚ ୧, ୧୮୫୧ ମସିହାରୁ କାର୍ଯ୍ୟକାରୀ ହେଲା । ଅନୁଗୁଳର ଗାଦିଚ୍ୟୁତ ରାଜାଙ୍କ ପୁତ୍ର ଲୋକନାଥ ସିଂହ ଗମ୍ଭିର ସାମନ୍ତଙ୍କୁ ନୟାଗଡର ବାଳୁତ ରାଜା ଲଡୁକେଶ୍ୱର ସିଂହ ମାନଧାତାଙ୍କର ଅଭିଭାବକ ରୂପେ ନିଯୁକ୍ତ କରାଗଲା । ନାବାଳକ ରାଜା ଏବଂ ତାଙ୍କର ଅନୁଚରମାନଙ୍କ ପାଇଁ ମାସିକ ୨୦୦ ଟଙ୍କା ବୃତ୍ତି ଧାର୍ଯ୍ୟ କରାଗଲା । ରାଜା ବ୍ରଜବନ୍ଧୁ ସିଂହ ମାନଧାତା ଅଗଷ୍ଟ ୨୩, ୧୮୫୧ ମସିହାରେ କଟକଠାରେ ମୃତ୍ୟୁବରଣ କଲେ । ତାଙ୍କର ବିଧବା ପତ୍ନୀଙ୍କୁ ତାଙ୍କର ଅବୈଧ ଚରିତ୍ର ଓ କମଳ ଲୋଚନ ପାଇକରାୟଙ୍କର ଅନ୍ୟ ଜଣେ ପୁତ୍ର ଶିବରାମ ପାଇକରାୟଙ୍କ ସହିତ ଅବୈଧ ସମ୍ପର୍କ ହେତୁ ରାଜାଙ୍କ ରାଜକୋଷର ଅସ୍ଥାୟୀ ପରିଚାଳନା ଦାୟିତ୍ୱ ଏବଂ ଏଥିରେ ତାଙ୍କର ସମସ୍ତ ମାକାନାରୁ ୧୮୫୨ ମସିହା ଅଗଷ୍ଟ ମାସରେ ବଞ୍ଚିତ କରାଗଲା । ଡିସେମ୍ବର ୧୮୫୬ ମସିହାରେ କମଳ ଲୋଚନ ପାଇକରାୟଙ୍କର ଅନ୍ୟ ଜଣେ ପୁତ୍ର ଉଦ୍ଧବ ସାନ୍ତରା ଗଞ୍ଜାମ ପ୍ରତିନିଧିଙ୍କ ଦ୍ୱାରା ବନ୍ଦୀ ହେଲେ । ସେହିବର୍ଷ କମଳ ଲୋଚନ ପାଇକରାୟ ମୃତ୍ୟୁବରଣ କଲେ । କିନ୍ତୁ ବନ୍ଦୋବସ୍ତ ଯୋଜନା, ଋଣର ପରିମାଣ ଆଦି ସମ୍ପର୍କରେ ସରକାରଙ୍କ ବିରୁଦ୍ଧରେ କୃଷକମାନଙ୍କୁ ଶିବରାମ ରାଉତରାୟ ନିରବଚ୍ଛିନ୍ନ ଭାବରେ ଉତ୍ତେଜିତ କରାଇଲେ । ସରକାର ଶେଷରେ ତାଙ୍କୁ କଟକ ଆଣିଲେ ଏବଂ ସିପାହୀ ବିଦ୍ରୋହର ଶେଷ ପର୍ଯ୍ୟନ୍ତ ତାଙ୍କ ଗତିବିଧି ଉପରେ କଟକଣା କଲେ । ସେହିପରି ଉଦ୍ଧବ ସାମନ୍ତରାଙ୍କୁ କାରାଗାରରୁ ମୁକ୍ତ ହେବା ପରେ ନଜରବନ୍ଦୀରେ ରଖାଗଲା । ଏହି ପଦକ୍ଷେପମାନ ନୟାଗଡ ଏବଂ

Digitized by PPRACHIN, SOA

ଏହାର ନିକଟବର୍ତ୍ତୀ ରାଜ୍ୟମାନଙ୍କରେ ଶାନ୍ତି ଆଣିଥିଲା । ତାଙ୍କ ରାଜ୍ୟର ବ୍ୟାପାର ବିଷୟରେ ବାଳୁତ ରାଜାଙ୍କୁ ଅଗୋଚର ରଖାଗଲା । ତାଙ୍କର ଲୋକମାନେ ଯଥାଶୀଘ୍ର ନିଜ ରାଜ୍ୟର ପରିଚାଳନ କରିବାପାଇଁ ତାଙ୍କୁ ପ୍ରବର୍ତ୍ତାଇଲେ ଯେହେତୁ ସେମାନେ ବ୍ରିଟିଶ ଶାସନକୁ ଭଲପାଉଥିଲେ । ଅନ୍ୟପକ୍ଷରେ ସରକାର ସବୁବେଳେ ଏପରିକି ସିପାହୀ ବିଦ୍ରୋହ ସମୟରେ ମଧ୍ୟ ବାଳୁତ ରାଜାଙ୍କୁ ପ୍ରଶମିତ କରି ରଖିଥିଲେ । ତାଙ୍କୁ ତାଙ୍କ ରାଜ୍ୟର ଆୟବ୍ୟୟର ହିସାବ, ଦେୱାନୀ ଓ ଫୌଜଦାରୀ ମକଦ୍ଦମା ଭଳି କେତେକ ବ୍ୟାପାରରେ ନିୟୋଜିତ କରାଗଲା । ସିପାହୀ ବିଦ୍ରୋହ ପରେ ରାଜ୍ୟର ସମ୍ପୂର୍ଣ୍ଣ ପରିଚାଳନା ଦାୟିତ୍ୱ ତାଙ୍କ ହସ୍ତକୁ ହସ୍ତାନ୍ତର କରାଗଲା ।

ନୟାଗଡର ଏହି ବିଦ୍ରୋହ ସାମନ୍ତ ବିରୋଧୀ ଥିଲା । ଲୋକମାନଙ୍କୁ ଅତ୍ୟାଚାର କରୁଥିବାରୁ ଲୋକମାନେ ରାଜାଙ୍କୁ ପ୍ରତ୍ୟକ୍ଷ ଭାବରେ ଆଘାତ କଲେ । ସାଧାରଣ ଲୋକମାନେ ଯେଉଁମାନେ କି ମୁଖ୍ୟତଃ ହରି ଗଜେନ୍ଦ୍ର ସିଂହ, କମଳ ଲୋଚନ ପାଇକରାୟ ଓ ଅନ୍ୟମାନଙ୍କ ନେତୃତ୍ୱରେ ଆନ୍ଦୋଳନକୁ କୃଷକ ଆନ୍ଦୋଳନରେ ପରିଣତ କରାଯାଇ ଅଧିକ ଲୋକପ୍ରିୟ କରାଗଲା । ବ୍ରିଟିଶ ସରକାର ଏପରି ସମସ୍ୟାର ସମାଧାନ କରିପାରିଲେ ନାହିଁ । ନୟାଗଡଠାରେ ତାଙ୍କର ପ୍ରତିନିଧିମାନେ ଦୁର୍ନୀତିଗ୍ରସ୍ତ ହୋଇପଡିଲେ ଏବଂ ନୟାଗଡ ରାଜାଙ୍କର ବନ୍ଧୁ ହୋଇଗଲେ । ଲୋକମାନଙ୍କର ଅଭିଯୋଗ ଗୁଡିକ ପୂରଣ ହେଲାନାହିଁ । ତେଣୁ ସେମାନେ ବ୍ରିଟିଶ ମନୋଭାବ ପ୍ରତି ଅସନ୍ତୋଷ ପ୍ରଦର୍ଶନ କଲେ ଏବଂ ୧୮୫୧ ମସିହାରେ ବର୍ଷସାରା ପରୋକ୍ଷ ଭାବେ ବ୍ରିଟିଶ ବିରୋଧୀ ଆନ୍ଦୋଳନ ଚଳାଇଲେ ।

୧୮୫୧ ମସିହାରେ ବିଦ୍ରୋହକୁ ଦମନ କରିବାପାଇଁ ପଦକ୍ଷେପ ନେଇ ତତ୍କାଳୀନ କମିଶନର ଗୁଲ୍ଡ୍‌ସ୍‌ବୁରୀ ଭାରତ ସରକାରଙ୍କ ଦ୍ୱାରା କଠୋର ଭାବେ ସମାଲୋଚିତ ହୋଇଥିଲେ । ଗୁଲ୍ଡ୍‌ସ୍‌ବୁରୀ ନିଜେ ସ୍ୱୀକାର କରିଥିଲେ ଯେ ଏହା ସ୍ଥାନୀୟ ପ୍ରତିନିଧିମାନଙ୍କର ତ୍ରୁଟି ଥିଲା ଯେଉଁମାନଙ୍କୁ କି ଆବଶ୍ୟକତା ଅନୁଯାୟୀ ସେହି ପଦକ୍ଷେପ ଗୁଡିକୁ କାର୍ଯ୍ୟକାରୀ କରିବାପାଇଁ ନିଯୁକ୍ତ କରାଯାଇଥିଲା । ନୟାଗଡର ଏହି ବିଦ୍ରୋହ ପଡୋଶୀ ରାଜ୍ୟମାନଙ୍କ ନିଯୁକ୍ତ କରାଯାଇଥିଲା । ନୟାଗଡର ଏହି ବିଦ୍ରୋହ ପଡୋଶୀ ରାଜ୍ୟମାନଙ୍କ ବିନା ସହାୟତାରେ ହୋଇନଥିଲା । ୧୮୪୯ ମସିହାରୁ ୧୮୫୧ ପର୍ଯ୍ୟନ୍ତ ବିଦ୍ରୋହର ଅଗ୍ନିଶିଖାକୁ ପ୍ରଜ୍ୱଳନ କରିବାପାଇଁ ଘୁମୁସର ଏକ ସ୍ଥାୟୀ ସାହାଯ୍ୟକାରୀ ଉତ୍ସ ଥିଲା । ଯଦିଓ କମିଶନର ଦୃଢ ଭାବରେ ଅଗ୍ରାହ୍ୟ କରୁଥିଲେ ଯେ କନ୍ଧ ନେତା ଚକରା ବିଶୋଇ ବିଦ୍ରୋହକାରୀମାନଙ୍କ ମଧ୍ୟରେ ନଥିଲେ, ତଥାପି ସେ ସ୍ୱୀକାର କରୁଥିଲେ ଯେ ତାଙ୍କର ଅନୁଚର ଓ ବନ୍ଧୁମାନେ ଲୋକ ଏବଂ ଅସ୍ତ୍ରଶସ୍ତ୍ର ଯୋଗାଉଥିଲେ । ଶେଷରେ ଉଦ୍ଧବ ସାନ୍ତରା ଓ ଶିବରାମ ରାଉତରାୟ ଭଳି

Digitized by PPRACHIN, SOA

ନିର୍ବାସିତ ବିଦ୍ରୋହୀ ନେତାମାନେ ପଡୋଶୀ ରାଜ୍ୟମାନଙ୍କର ଲୋକମାନଙ୍କୁ ରାଜସ୍ୱ ଓ ବନ୍ଦୋବସ୍ତ ଯୋଜନା ସଂକ୍ରାନ୍ତରେ ବ୍ରିଟିଶ ସରକାରଙ୍କୁ ପ୍ରତିରୋଧ କରିବାପାଇଁ ପ୍ରବର୍ତ୍ତାଇଲେ ।

ନୂଆଗାଁ ଗୁଳିକାଣ୍ଡ ଓ ଶହୀଦ କଷ୍ଟିଡାକୁଆ

ନୟାଗଡ଼ର ବହୁଚର୍ଚ୍ଚିତ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଜାମଣ୍ଡଳ ଆନ୍ଦୋଳନର ତ୍ୟାଗୀ ପୁରୁଷ ତଥା ପ୍ରାଣପାତ କରିଥିବା ବ୍ୟକ୍ତି ହେଉଛନ୍ତି ଅମର ଶହୀଦ କଷ୍ଟିଡାକୁଆ । ୧୯୪୨ ମସିହା ଅକ୍ଟୋବର ମାସ ୧୦ ତାରିଖ ଦିନ ନୂଆଗାଁ ଥାନା ସମ୍ମୁଖରେ ପୋଲିସ୍ ଗୁଳିକାଣ୍ଡରେ ପ୍ରାଣପାତ କରି ସହୀଦ ହେଲେ । ଏହି ବୀରପୁରୁଷ ଆଦିବାସୀ ସଂପ୍ରଦାୟର ଯୁବକ । ମହୀପୁରଠାରୁ ୧୧ କିଲୋମିଟର ଦୂରରେ ଅବସ୍ଥିତ ପାଲବା ପର୍ବତର ପାଦଦେଶରେ ଅବସ୍ଥିତ କୁସୁବିଡ଼ା ଗ୍ରାମରେ ୧୮୯୭ ମସିହାରେ ଗୋଟିଏ ଆଦିବାସୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କର ନାମ ଅର୍ଜ୍ଜୁନ ଡାକୁଆ ଓ ମାତାଙ୍କ ନାମ ନାରବା ଦେଈ । କଷ୍ଟିଡାକୁଆ ତାଙ୍କ ପିତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । ତାଙ୍କ ଗାଁରେ ବିଦ୍ୟାଳୟ ନ ଥିବାରୁ ସେ ଶିକ୍ଷାରୁ ସେ ଶିକ୍ଷାରୁ ବଞ୍ଚିତ ଥିଲେ । ବିବାହ ବୟସ ହେବାରୁ କଷ୍ଟିଡାକୁଆ ଦ୍ରୁପତି ଦେଈଙ୍କୁ ବିବାହ କଲେ । ସେ ଦୁଇଗୋଟି ପୁତ୍ର ଓ ଗୋଟିଏ କନ୍ୟା ସନ୍ତାନର ଜନକ ହେଲେ । ତାଙ୍କ ଦୁଇ ପୁତ୍ରଙ୍କର ନାମ ହେଉଛି ସୁଦର୍ଶନ ଓ ସୁରେନ୍ଦ୍ର । କନ୍ୟାର ନାମ ସାବିତ୍ରୀ । କଷ୍ଟିଡାକୁଆଙ୍କର ୪ ଏକର ଜମି ଥିଲା । ମାତ୍ର ତାହା ପାହାଡ଼ିଆ ଭୂମି ହୋଇଥିବାରୁ ପ୍ରାୟତଃ ଚାଷୋପଯୋଗୀ ହୋଇପାରୁ ନ ଥିଲା ।

କଷ୍ଟିଡାକୁଆ ପ୍ରଜାମଣ୍ଡଳର ଜଣେ ସକ୍ରିୟ କର୍ମୀ ଥିଲେ । ଅକ୍ଟୋବର ୯ ତାରିଖ ଦିନ ନୟାଗଡ଼ର ପ୍ରଜାମଣ୍ଡଳ କର୍ମୀମାନେ ଗୋଟିଏ ସଭାର ଆୟୋଜନ କରିଥିଲେ । ଏହି ସଭାରେ କେତେଗୋଟି ପ୍ରସ୍ତାବ ଗୃହୀତ ହୋଇଥିଲା । ପ୍ରସ୍ତାବ ଥିଲା ଯେ ସେମାନେ ନୟାଗଡ଼ ରାଜ୍ୟରେ ରହିଥିବା ଥାନା, କଚେରି, ଜଙ୍ଗଲବିଭାଗ ଅଫିସ୍, ଫରେଷ୍ଟ ବିଟ୍, ଡାକବଙ୍ଗଳା ପ୍ରଭୃତିରେ ଅଗ୍ନି ସଂଯୋଗ କରିବେ । ନୟାଗଡ଼ ଯାଇ ସେଠାରେ ରାଜବାଟୀକୁ ଦଖଲ କରିବେ ଏବଂ ରାଜାଙ୍କୁ ବହିଷ୍କାର କରିବେ ।

ତା' ପରଦିନ ଅର୍ଥାତ୍ ଅକ୍ଟୋବର ମାସ ୧୦ ତାରିଖ ଦିନ ପ୍ରଜାମଣ୍ଡଳର ଗୋଟିଏ ଦଳ କର୍ମୀ ନୂଆଗାଁ ଥାନା ଅଭିମୁଖେ ଯାଉଥିଲେ । ସେହି ଦଳରେ କଷ୍ଟି ଡାକୁଆ ଓ ତାଙ୍କର କେତେଜଣ ଆଦିବାସୀ ଯୁବକବନ୍ଧୁ ସାମିଲ ହେଲେ । ସେମାନେ ନୂଆଗାଁ ଥାନା ସମ୍ମୁଖରେ ୧୦ ତାରିଖଦିନ ସକାଳ ଘ୭.୦୦ ସମୟରେ ପହଞ୍ଚିଲେ । ଥାନାରେ ଅଗ୍ନିସଂଯୋଗ କରି ପୋଡ଼ିଦେବା ଥିଲା ସେମାନଙ୍କର ଲକ୍ଷ୍ୟ । ସକାଳୁଆ କୁହୁଡ଼ି ପାଗ ଯୋଗୁଁ ଦିନର ସ୍ୱଷ୍ଟତା ବାରି ହେଉ ନ ଥିଲା । ସେହି ସମୟରେ

Digitized by PPRACHIN, SOA

ବେଣୁଧର ପଟ୍ଟନାୟକ ଥାନାର ସବ୍-ଇନିସ୍‌ପେକ୍ଟର ଥିଲେ । ତାଙ୍କ ସହିତ ସେତେବେଳେ ଥାନାରେ ରହିଥିଲେ ଛଅ ଜଣ କନେଷ୍ଟବଳ । ଏହି କର୍ମୀମାନଙ୍କୁ ଦେଖି ସେମାନଙ୍କୁ ଭୟଭୀତ କରାଇବା ପାଇଁ ସବ-ଇନିସ୍‌ପେକ୍ଟର ବେଣୁଧର ପଟ୍ଟନାୟକ ଫାଙ୍କା ଗୁଳିଚାଳନା କଲେ । କିନ୍ତୁ ବିପ୍ଳବୀମାନେ ଗୁଳିକୁ ଖାତିର ନକରି ଅପୂର୍ବ ସାହସର ସହିତ ଥାନା ଆଡ଼କୁ ମାଡ଼ି ଚାଲିଲେ । ସେମାନଙ୍କର ନେତୃତ୍ୱ ନେଉଥାନ୍ତି କଷ୍ଟିଡାକୁଆ । ବିପ୍ଳବୀମାନେ ସ୍ଲୋଗାନ୍ ଦେଇ ଆଗେଇ ଗଲା ବେଳକୁ ଥାନା ଭିତରୁ ଲିଙ୍ଗା ନାୟକ ଏମାନଙ୍କୁ ଲକ୍ଷ୍ୟକରି ଗୁଳି ଫୁଟାଇଲେ । ଫଳରେ ଗୁଳିଚୋଟ କଷ୍ଟିଡାକୁଆଙ୍କ ପେଟରେ ବାଜିଲା ଓ ତାଙ୍କର ଅନ୍ତବୁଜୁଳି ବାହାରି ପଡ଼ିଲା । କଷ୍ଟିଡାକୁଆ ଯନ୍ତ୍ରଣାରେ ଛଟପଟ ହେଉଥାନ୍ତି । ତାଙ୍କ ପେଟରୁ ରକ୍ତସ୍ରାବ ହେଉଥାଏ । ସେ ବିକଳରେ 'ପାଣି ପାଣି' ବୋଲି ଚିତ୍କାର କରୁଥିଲେ । କିନ୍ତୁ ସେଠାରେ ଥିବା ବର୍ବର ଓ ହୃଦୟହୀନ ସିପାହୀ ତାକୁ ଥାନା ଭିତରକୁ ଘୋଷାରି ଘୋଷାରି ନେଇଗଲା ।

ମୃତ୍ୟୁସହ ଲଢୁଥିବା କଷ୍ଟି ଡାକୁଆଙ୍କୁ ପାଣି କ'ଣ ଦେବେ, ବରଂ ନିଷ୍ଠୁର କନେଷ୍ଟବଳମାନେ କହୁଥିଲେ- ଯା ପାଟିରେ ପରିସ୍ରା କଲେ ଠିକ୍ ହେବ, ଇତ୍ୟାଦି ।

ଶହୀଦ୍ କଷ୍ଟିଡାକୁଆ

କଷ୍ଟିଡାକୁଆଙ୍କର ଏହି ଦୁରବସ୍ଥା ଦେଖି କମ୍ପାଉଣ୍ଡର ଯଦୁମଣି ମିଶ୍ର ତାଙ୍କ ପେଟ ସିଲେଇ କରିବାକୁ ସବ୍-ଇନିସ୍‌ପେକ୍ଟର ବେଣୁଧର ପଟ୍ଟନାୟକଙ୍କୁ କହିଥିଲେ । ମାତ୍ର ନିଷ୍ଠୁର ବେଣୁଧର ସଫା ସଫା ମନା କରିଦେଲେ । ଏହାପରେ ବିପ୍ଳବୀ କଷ୍ଟିଡାକୁଆ କ୍ଷୀଣସ୍ୱରରେ 'ମହାତ୍ମାଗାନ୍ଧୀଙ୍କ ଜୟ', 'ଅନ୍ଧାରୀଶାସନ ଲୋପହେଉ', 'ପ୍ରଜାମଣ୍ଡଳର ଜୟ ହେଉ' କହି ଶେଷ ନିଃଶ୍ୱାସ ତ୍ୟାଗ କଲେ ।

କଷ୍ଟିଡାକୁଆ ଦେଶପାଇଁ, ପ୍ରଜାମଣ୍ଡଳ ପାଇଁ ପ୍ରାଣ ବଳି ଦେଲେ । ସେ ହେଲେ ଅମର ଶହୀଦ ।

ତାଙ୍କର ଶବକୁ କାଞ୍ଜିଆହୁଦା ଘରେ ରଖାଗଲା । ସେହିଦିନ ପୋଲିସର ଅମାନୁଷିକ ପଦକ୍ଷେପ ଯୋଗୁଁ ଆଉ କେତେ ଜଣ ମଧ୍ୟ ଗୁଳିରେ ଆହତ ହୋଇଥିଲେ । ଆହତମାନଙ୍କ ମଧ୍ୟରେ ଥିଲେ ମଙ୍ଗୁ ଗୁରୁ, କ୍ଷେତ୍ରବାସୀ ପରିଡ଼ା, ବାଉରୀବନ୍ଧୁ ପରିଡ଼ା ।

ଏହି ଆଦିବାସୀ ଯୁବକ କଷ୍ଟି ଡାକୁଆ ନୟାଗଡ଼ ରାଜ୍ୟରେ ଜନ୍ମ ନେଇଥିଲେ । ପ୍ରଜାମଣ୍ଡଳ ପାଇଁ ପ୍ରାଣପାତ କରି ଶହୀଦ ହେଲେ । କିନ୍ତୁ ତାଙ୍କର ତ୍ୟାଗପୂତ ଜୀବନ, ପ୍ରାଣବଳି, ଉତ୍ସାହ, ଦେଶପ୍ରୀତି, ଓ ସ୍ୱାଧୀନତା ପ୍ରାପ୍ତିର ଯେଉଁ ସ୍ୱପ୍ନ ଥିଲା– ତାହା ବିପ୍ଳବୀମାନଙ୍କୁ ପ୍ରତ୍ୟକ୍ଷ ଭାବରେ ପ୍ରେରଣା ଦେଇଥିଲା । କଷ୍ଟିଡାକୁଆ କେବଳ ନୟାଗଡ଼

Digitized by PPRACHIN, SOA

ଇତିହାସରେ କାହିଁକି, ଓଡ଼ିଶା ଇତିହାସରେ ଅଲିଭା ପଦାଙ୍କ ସୃଷ୍ଟି କରି କାଳ କାଳ ପାଇଁ ଅମର ହେଲେ । ନୂଆ ଗାଁ ମାଟି ସେହି ସହୀଦ ପୁରୁଷଙ୍କୁ ନେଇ ଗର୍ବ କରେ । ଅଖ୍ୟାତ ପଲ୍ଲୀରେ ଜନ୍ମ ନେଇ କଷ୍ଟି ଡାକୁଆ ହେଲେ ନୟାଗଡ଼ର ପ୍ରଖ୍ୟାତ ପୁରୁଷ ଅମର ଶହୀଦ କଷ୍ଟି ଡାକୁଆ ।

ନୂଆଗାଁ ଗୁଳିକାଣ୍ଡ ପରେ ଦରବାର ତରଫରୁ ସବ୍-ଇନିସ୍‌ପେକ୍ଟର ବେଣୁଧର ପଟ୍ଟନାୟକଙ୍କୁ 'ବାହାଦୂର' ଏବଂ କନେଷ୍ଟବଳ ଲିଙ୍ଗା ନାୟକକୁ 'ଧପଟସିଂହ' ପଦବୀରେ ଭୂଷିତ କରାଯାଇଥିଲା ।

ଏହାପରେ ନୟାଗଡ଼ରେ ଆନ୍ଦୋଳନ ତେଜି ଉଠିଥିଲା । ସ୍ୱାଧୀନତା ସଂଗ୍ରାମୀମାନେ ନିମ୍ନ ସ୍ଲୋଗାନ୍ ଦେଇ ଗାଁକୁ ଗାଁ ପରିକ୍ରମା କରୁଥିଲେ-

"ଇଂରେଜ ସରକାର ଭାରତଛାଡ଼, ଭାରତଛାଡ଼
ବାଜିରାଉତ କରେ ପୁକାର, ଭାରତଛାଡ଼, ଭାରତଛାଡ଼
କଷ୍ଟିଡାକୁଆ କରେ ପୁକାର, ଭାରତଛାଡ଼, ଭାରତଛାଡ଼ ।"

ନୟାଗଡ଼ର ବିପ୍ଲବୀମାନେ ଅନେକ ବିପ୍ଲବୀ କବିତା ଲେଖିଥିଲେ । ବିପ୍ଲବୀ ନରସିଂହ ନନ୍ଦ ଅନେକ ବିପ୍ଲବୀ କବିତା ଲେଖିଥିଲେ ଏବଂ ସେହି ଗୀତ ଗାଇ ଗାଇ ରାସ୍ତାରେ ଯାଉଥିଲେ । ତାଙ୍କର ଗୋଟିଏ ଗୀତ ହେଉଛି-

"ଟାଙ୍ଗରା ଭୂଇଁରେ ମୋର ଘରରେ
ଗଡ଼ଜାତ ପାଇକଛୁଆ ।"

ନୟାଗଡ଼ରେ ପ୍ରଜାମଣ୍ଡଳ ଆନ୍ଦୋଳନ ଦ୍ୱି-ମୁଖୀ ଆଭିମୁଖ୍ୟ ନେଇ କାର୍ଯ୍ୟ କରୁଥିଲା; ପ୍ରଥମଟି ହେଉଛି ରାଜ୍ୟ ଶାସନର ବିଲୋପ ଏବଂ ଦ୍ୱିତୀୟଟି ହେଉଛି ସ୍ୱାଧୀନତା ଲାଭ । ଏଣେ ନୟାଗଡ଼ ଟାଉନ୍‌ରେ ଜନରବ ଶୁଣାଗଲା ଯେ ବିପ୍ଲବୀ ପ୍ରଜାମାନେ ନୟାଗଡ଼ ଟାଉନ୍‌କୁ ଆକ୍ରମଣ କରିବେ । କାଳେହେଁ ସେମାନେ ଲୁଟ୍‌ପାଟ୍ କରିବେ କିମ୍ବା ଘରଦ୍ୱାର ପୋଡ଼ିଦେବେ- ଏହି ଆଶଙ୍କାରେ ରାଜା ପଦକ୍ଷେପ ନେଇଥିଲେ ।

ଏହାପରେ ନୟାଗଡ଼ରେ ମନ୍ତ୍ରୀମଣ୍ଡଳ ଗଠନ କରାଗଲା । ପ୍ରଜାମଣ୍ଡଳର ଦୁଇଜଣ କର୍ମୀଙ୍କୁ ମନ୍ତ୍ରୀ ପଦ ଦିଆଗଲା । ରାଜା କୃଷ୍ଣଚନ୍ଦ୍ରଙ୍କ ସାନଭାଇ ବୃନ୍ଦାବନ ସିଂହ (ସାନଦେଓ) ମୁଖ୍ୟମନ୍ତ୍ରୀ ପଦବୀରେ ରହିଲେ । ଶ୍ରୀଧର ଦାଶଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଏବଂ ବାଞ୍ଛାନିଧି ସେନାପତିଙ୍କୁ ଅର୍ଥମନ୍ତ୍ରୀ ପଦବୀ ଦିଆଯାଇଥିଲା । ଏହି ମନ୍ତ୍ରୀମଣ୍ଡଳ ଭାରତର ସ୍ୱାଧୀନତା ଲାଭ ତଥା ଗଡ଼ଜାତ ମିଶ୍ରଣପର୍ବ ପର୍ଯ୍ୟନ୍ତ ନୟାଗଡ଼ରେ ଦାୟିତ୍ୱ ତୁଲାଉଥିଲେ ।

◻■◻

Digitized by PPRACHIN, SOA

ଅଷ୍ଟମ ପରିଚ୍ଛେଦ

ପ୍ରଜାମଣ୍ଡଳ ଆନ୍ଦୋଳନର ଇତିହାସ

Digitized by PPRACHIN, SOA

୧୯୩୧ ମସିହାରେ ଭୁବନାନନ୍ଦ ଦାସଙ୍କ ନେତୃତ୍ୱରେ ଓଡ଼ିଶାରେ ‘‘ଗଡଜାତ ପ୍ରଜାସମ୍ମିଳନୀ’’ ଗଠନ କରାଯାଇଥିଲା । ଗଡଜାତ ଅଞ୍ଚଳର ପ୍ରଜାମାନଙ୍କର ଦୁଃଖଦୁର୍ଦ୍ଦଶାର ମୋଚନ ପାଇଁ ୧୯୩୭ ମସିହାରେ ଡକ୍ଟର ପଟ୍ଟାଭି ସୀତାରାମାୟାଙ୍କ ଅଧ୍ୟକ୍ଷତାରେ ଏକ ଅନୁସନ୍ଧାନ କମିଟି ଗଠନ କରାଯାଇଥିଲା । ଇତିମଧ୍ୟରେ କେନ୍ଦୁଝର, ତାଳଚେର, ଦଶପଲ୍ଲା, ନୀଳଗିରି, ବଡମ୍ବା, ନରସିଂହପୁର, ବୌଦ୍ଧ, ବାମଣ୍ଡା, ଢେଙ୍କାନାଳ ଓ ନୟାଗଡ ଗଡଜାତଗୁଡ଼ିକର ପ୍ରଜାମାନେ ସେମାନଙ୍କ ଅଭିଯୋଗ ଓ ଜୁଲମକୁ ପଦାରେ ପକାଇବା ପାଇଁ ଚେଷ୍ଟା କରୁଥିଲେ ।

୧୯୩୮ ମସିହା ଜୁନ୍ ମାସ ୨୮ ତାରିଖରେ ନାରାୟଣ ନନ୍ଦଙ୍କ ସଭାପତିତ୍ୱରେ ନୟାଗଡ ପ୍ରଜାମଣ୍ଡଳ ଗଠନ କରାଯାଇଥିଲା । ଏଥିରେ ବିଭିନ୍ନ ପଦବୀ ନିର୍ବାଚିତ ହୋଇଥିବା ବ୍ୟକ୍ତିମାନେ ହେଲେ-

ସଭାପତି	- ନାରାୟଣ ନନ୍ଦ
ଉପ-ସଭାପତି	- କୁବେର ସାହୁ
ସମ୍ପାଦକ	- ଭରତ ନାୟକ
ପ୍ରମୁଖ ସଭ୍ୟ	- ଲକ୍ଷ୍ମଣ ମହାରଣା
	ବାଞ୍ଛାନିଧି ସେନାପତି
	ସୁଦର୍ଶନ ପୃଷ୍ଟି
	ଜନାର୍ଦ୍ଦନ ସୁବୁଦ୍ଧି
	ହରିବନ୍ଧୁ ଆଚାର୍ଯ୍ୟ
	ଲକ୍ଷ୍ମଣ ସାହୁ
	ଈଶ୍ୱର ପାଟଶାଣୀ

ପ୍ରଜାମଣ୍ଡଳର ଏହି କର୍ମୀମାନଙ୍କର ନେତୃତ୍ୱରେ ପ୍ରଜାମଣ୍ଡଳ ଆନ୍ଦୋଳନ କ୍ରମେ ନୟାଗଡରେ ତେଜି ଉଠିଲା ଏବଂ ପ୍ରଜାମାନଙ୍କ ଭିତରେ ରାଜନୈତିକ ଚେତନା ପ୍ରକାଶ ପାଇଥିଲା । ନୟାଗଡ ପ୍ରଜାମଣ୍ଡଳର ମୁଖ୍ୟ ଦାବୀ ଗୁଡିକ ଥିଲା-

Digitized by PPRACHIN, SOA

୧) ନୟାଗଡରେ ଲୋକପ୍ରତିନିଧି ମୂଳକ ଶାସନର ପ୍ରଚଳନ
୨) ବେଠି ବେଗାରୀର ଉଚ୍ଛେଦୀକରଣ
୩) ଜଙ୍ଗଲଜାତ ଦ୍ରବ୍ୟର ଅବାଧ ବ୍ୟବହାର
୪) ବନକରର ଉଚ୍ଛେଦୀକରଣ

ଏହା ପୂର୍ବରୁ ଲୋକମାନଙ୍କ ମଧ୍ୟରେ ଅତ୍ୟାଚାରୀ ଶାସନ ଓ ଜୁଲୁମ ବିରୋଧରେ ଜନସଚେତନତା ସୃଷ୍ଟି ହୋଇସାରିଥିଲା । ୧୯୨୩ ମସିହାରେ ଢେଙ୍କଣାଗ୍ରାମ ନିକଟବର୍ତ୍ତୀ କାଞ୍ଜିଆ ପାହାଡରେ ଜଣେ କୁଷ୍ଟରୋଗୀ ଦଉଡିଦେଇ ଆତ୍ମହତ୍ୟା କଲା । ଦୁଇ/ଚାରିଦିନ ପରେ ଏକଥା ପୁଲିସ ଜାଣିପାରି ଗଳିତ ଶବଟିର ବ୍ୟବଚ୍ଛେଦ ପାଇଁ ନୟାଗଡ ପଠାଇଦେଇ ପାର୍ଶ୍ୱବର୍ତ୍ତୀ ଗ୍ରାମମାନଙ୍କ ଉପରେ ଚଢାଉ କଲେ । ଦେଉଳିଗ୍ରାମର ଗାଈଚରା ପଡିଆରେ ନିରୀହ ପ୍ରଜାମାନଙ୍କୁ ଜବରଦସ୍ତ ଧରିଆଣି ଅତ୍ୟାଚାର କରାଯାଇଥିଲା । ହୀରାଦେଈପୁର ଗ୍ରାମର ବିପ୍ଳବୀ ଗତି ମଙ୍ଗରାଜ ପୋଲିସ୍‌ର ଏହି ଆମାନୁଷିକ କାର୍ଯ୍ୟର ତୀବ୍ର ପ୍ରତିବାଦ କରି ଏହି ଅତ୍ୟାଚାରର ମର୍ମନ୍ତୁଦ ବିବରଣୀ ଏବଂ ସୁପରିଟେଣ୍ଡେଣ୍ଟ୍ ଅନିରୁଦ୍ଧ ପଟେଲ ଓ ପୋଲିସ୍‌ର ଏହି ବେଆଇନ୍ କାର୍ଯ୍ୟର ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପଲିଟିକାଲ୍ ଏଜେଣ୍ଟଙ୍କ ନିକଟକୁ ଲେଖିଥିଲେ । ପଲିଟିକାଲ ଏଜେଣ୍ଟ୍ ଏହି ଦରଖାସ୍ତଟିର ବିଚାର ପାଇଁ ଅନିରୁଦ୍ଧ ପଟେଲଙ୍କ ନିକଟକୁ ପଠାଇଦେଲେ । ଅନିରୁଦ୍ଧ ପଟେଲ ଏହାର ଶୁଣାଣି କରିବାପାଇଁ ଗତି ମଙ୍ଗରାଜଙ୍କୁ ଡକାଇବାରୁ ସେ ଦିନବେଳେ ଲଣ୍ଠନଜାଳି ହୀରାଦେଈପୁର ଗ୍ରାମରୁ ଚାଲି ଚାଲି ଆସି ଅନିରୁଦ୍ଧ ପଟେଲଙ୍କ କୋର୍ଟରେ ପହଞ୍ଚିଲେ । ଲୋକମାନେ ମଧ୍ୟ ଗତି ମଙ୍ଗରାଜଙ୍କ ଏହିପରି ରୀତିଗତି ଦେଖି ଆଶ୍ଚର୍ଯ୍ୟ ହେଲେ । ରାଜପକ୍ଷ ଲୋକ ତାଙ୍କୁ ଏହାର କାରଣ ପଚାରିବାରୁ ସେ କହିଥିଲେ ଯେ ନୟାଗଡ ଦିନବେଳେ ଅନ୍ଧାର । ଏଠି ଅନ୍ଧାରି ଶାସନ ଚାଲିଛି ।

ସୁପରିଟେଣ୍ଡେଣ୍ଟ୍ ତାଙ୍କର ଦରଖାସ୍ତ ବିଚାରକରି ବିପ୍ଳବୀ ମଙ୍ଗରାଜଙ୍କୁ ଦୁଇବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କଲେ । ଜେଲ୍‌ମୁକ୍ତ ହେବାପରେ ସେ ଏକଥା ପଲିଟିକାଲ୍ ଏଜେଣ୍ଟଙ୍କୁ କହିବାକୁ ଗଲେ, ମାତ୍ର ତାଙ୍କୁ ସବୁଦିନ ପାଇଁ ରାଜ୍ୟରୁ ନିର୍ବାସିତ କରାଗଲ । ଏହାପରେ ଗତି ମଙ୍ଗରାଜଙ୍କ ଖୋଜଖବର ଆଉ ମିଳିଲା ନାହିଁ ।

୧୯୩୮ ମସିହାରେ ନୟାଗଡ଼ରେ କୃଷକ ଆନ୍ଦୋଳନ ବ୍ୟାପକ ଆକାର ଧାରଣ କଲା । ଏହି ଆନ୍ଦୋଳନକୁ ଭଣ୍ଡୁର କରିବାପାଇଁ ପ୍ରଜାମଣ୍ଡଳର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ କର୍ମୀମାନଙ୍କୁ ବନ୍ଦୀ କରାଗଲା । ପ୍ରଜାମଣ୍ଡଳ ସଙ୍ଗଠନକୁ ପଣ୍ଡ କରିବାପାଇଁ ଏକ ଅର୍ଡିନାନ୍‌ସ ଜାରି କରାଗଲା । ଅର୍ଡିନାନ୍‌ସ ବିରୁଦ୍ଧରେ ପ୍ରଜାମଣ୍ଡଳର କ୍ରିୟାନୁଷ୍ଠାନ କମିଟି ଗାଁରୁ ଗାଁକୁ ବୁଲି ସଙ୍ଗଠନକୁ ବ୍ୟାପକ କରିବାପାଇଁ ପ୍ରଜାମାନଙ୍କୁ

Digitized by PPRACHIN, SOA

ପ୍ରବର୍ତ୍ତାଇ ଥିଲେ । ୧୯୩୮ ମସିହା ସେପ୍ଟେମ୍ବର ମାସ ନଅ ତାରିଖରେ ନୟାଗଡ ପ୍ରଜାମଣ୍ଡଳର ପ୍ରଥମ ଅଧିବେଶନ ବିଧିବଦ୍ଧ ଭାବରେ ଅନୁଷ୍ଠିତ ହେଲା । ଶହ ଶହ ଲୋକ ନାନା ପ୍ରକାର ବାଜା ବଜାଇ ଶୋଭାଯାତ୍ରାରେ ଆସି ଓଡଗାଁଠାରେ ପ୍ରଜାମଣ୍ଡଳର ଅଧିବେଶନରେ ଯୋଗଦେଲେ । ଏଥିଲେ ବାଞ୍ଛାନିଧି ସେନାପତି ସଭାପତିତ୍ୱ କରିଥିଲେ । ଏଥିରେ ନୟାଗଡ ପ୍ରଜାମଣ୍ଡଳର ସତରଗୋଟି ଦାବୀ ପ୍ରସ୍ତାବ ଆଗତ କରାଯାଇଥିଲା-

୧) ନାଗରିକ ସ୍ୱାଧୀନତା ପ୍ରଦାନ କରାଯାଉ ।

୨) ବେଠି କର ଓ ପଥ କର ଉଚ୍ଛେଦ କରାଯାଉ ।

୩) ରାଜାଙ୍କ ବିଭା, ବ୍ରତ ବା ଶୁଦ୍ଧି କାର୍ଯ୍ୟରେ ନିଆଯାଉଥିବା ସମସ୍ତ ପ୍ରକାର ମାଗଣପ୍ରଥା ବନ୍ଦ କରାଯାଉ ।

୪) ପ୍ରଜାସ୍ୱତ୍ୱ ଆଇନର ପ୍ରଚଳନ କରାଯାଉ ।

୫) ଜଙ୍ଗଲ ଆଇନର ସଂସ୍କାର- ଚାଷୋପକରଣ, ଗୃହୋପକରଣ, ଜାଳେଣି କାଠ, ବାଉଁଶ ଓ ଲଇ ଇତ୍ୟାଦି ବିନା ମାହାସୁଲରେ ପାଇବା, ଚରାକର ଉଠାଇଦେବା । କବୁଲିୟତ୍ ଜାଗାରେ ଥିବା ଗଛମାନ ବିନା ଫିସ୍‌ରେ କାଟି କାଠ ବ୍ୟବସାୟ କରିବାର ଅଧିକାର ପ୍ରଦାନ କରାଯାଉ ।

୬) କୃଷିଜାତ ଦ୍ରବ୍ୟ ଦେଶବିଦେଶକୁ ନେଇ ଇଚ୍ଛାମତେ ବିକ୍ରି କରିପାରିବାର ସୁଯୋଗ ଦିଆଯାଉ ।

୭) ପାନ, ଟୋଲ, କୁସୁମ, କରଞ୍ଜ ପ୍ରଭୃତିର ଲାଇସେନ୍‌ସ୍ ଉଠାଇଦେବା, ଆଖୁ କର ଉଠାଇଦେବା ବ୍ୟବସ୍ଥା କରାଯାଉ ।

୮) ମଦ, ଅଫିମ ଓ ଗୁଲି ପ୍ରଭୃତି ନିଶାଦ୍ରବ୍ୟ ଖାଁ ସାହେବ ଅମଳରେ ଯେଉଳି କଟକଣା ହୋଇଥିଲା, ସେହିଭଳି କଟକଣା କରାଯାଉ ।

୯) ଗରିବ, ଦୁଃସ୍ଥ ତଥା କାଠ, ବାଉଁଶ ଏବଂ ଟୋକେଇ ଇତ୍ୟାଦି ତିଆରି କରି ପେଟ ପୋଷୁଥିବା ଲୋକଙ୍କଠାରୁ ଫିସ୍ ଉଠାଇନେବାର ବ୍ୟବସ୍ଥା କରାଯାଉ ।

୧୦) ଯେଉଁ କର୍ମଚାରୀମାନେ ବେଆଇନଭାବେ ପ୍ରଜାମାନଙ୍କଠାରୁ ପଇସାପତ୍ର ନେଉଛନ୍ତି, ସେମାନଙ୍କୁ ଜବତ କରାଯାଉ ।

୧୧) ବୃତ୍ତି କର ଉଠାଇ ଦିଆଯାଉ ।

୧୨) ଡାହୁକା ଓ ଶୂଳିଆ ନଦୀରେ କୂଳଘାଇ କରିବାର ବନ୍ଦୋବସ୍ତ ବ୍ୟବସ୍ଥା କରାଯାଉ ।

୧୩) ଦେଓ୍ୱାନୀ ଓ ଫୌଜଦାରୀ ମୋକଦ୍ଦମା ପ୍ରଭୃତିରେ ରାଜା ରଘୁନାଥ ସିଂହ ମାନଧାତାଙ୍କ ସମୟରେ ଯେପରି ଫିସ୍ ନିଆଯାଉଥିଲା, ସେପରି ରଖାଯାଉ ।

Digitized by PPRACHIN, SOA

୧୪) ଷ୍ଟେଟ୍‌ର ସମସ୍ତ ନିୟମ ଓଡ଼ିଆରେ ଛପାଇ ସର୍ବସାଧାରଣ ଜାଣିବାର ସୁବିଧା କରାଯାଉ ।

୧୫) ପୂର୍ବପରି ପ୍ରତ୍ୟେକ ପ୍ରଗଣାରେ ଧାନ ଅମାର ରଖାଯାଉ ।

୧୬) ପାଣିର ସୁବିଧା ନଥିବା ଜମିଗୁଡ଼ିକର ଫସଲ ଉତ୍ପନ୍ନ ନିମିତ୍ତ ଜଳସେଚନ ବ୍ୟବସ୍ଥା ଯୋଗାଇ ଦେବାର ସୁବିଧା ସୃଷ୍ଟି କରିବା ।

୧୭) ଦାୟିତ୍ୱବାନ ଶାସନକଳର ପ୍ରତିଷ୍ଠା କରାଯାଉ ।

ଏହି ଅଧିବେଶନରେ ଗୃହୀତ ପ୍ରସ୍ତାବ ଗୁଡ଼ିକର ବିଧିବଦ୍ଧ ବିଚାରକରି ଲୋକଙ୍କୁ ସୁଯୋଗ ଦେବାପାଇଁ ପ୍ରଜାମଣ୍ଡଳର ସଭାପତି ରାଜାଙ୍କ ନିକଟକୁ ପଠାଇଦେଲେ । ରାଜା ପ୍ରଜାମଣ୍ଡଳର ଦାବୀପତ୍ର ପାଇସାରିବା ପରେ ଏଥିରେ ଦର୍ଶାଯାଇଥିବା ଦାବୀଗୁଡ଼ିକୁ ବିଚାର ଆଲୋଚନା ନ କରି ପ୍ରଜାମଣ୍ଡଳର କର୍ମୀମାନଙ୍କ ଉପରେ ଦମନଲୀଳା ଆରମ୍ଭ କରିଦେଲେ । ରାଜା ଶାସନର ଅତ୍ୟାଚାର ପ୍ରଜାମଣ୍ଡଳ କର୍ମୀମାନଙ୍କ ଉପରେ ଦିନକୁ ଦିନ ବଢ଼ିବାକୁ ଲାଗିଲା । ପକ୍ଷାନ୍ତରେ ରାଜ୍ୟସାରା ଜନ ଅସନ୍ତୋଷ କୁହୁଳି ଉଠିଲା । ଏହି ଅତ୍ୟାଚାରୀ ଶାସନକୁ ବିରୋଧ କରି ତା. ୧୦/୦୯/୧୯୩୮ ଦିନ ବାହାଡ଼ାଝୋଲାଠାରେ ଏବଂ ତା.୧୩/୦୯/୧୯୩୮ ଦିନ ଗୋଡିପଡ଼ାଠାରେ ସଭା କରାଯାଇ ଏଭଳି ଅତ୍ୟାଚାରର ଦୃଢ଼ ନିନ୍ଦା କରାଯାଇଥିଲା । ପ୍ରଜାମଣ୍ଡଳର କର୍ମୀମାନେ ଗାଁକୁ ଗାଁ ବୁଲି ରାଜାଙ୍କର ଅତ୍ୟାଚାରୀ ଶାସନ ବିରୋଧରେ ଜନମତ ସୃଷ୍ଟିକଲେ ଓ ବିପ୍ଳବର ବାର୍ତ୍ତା ପ୍ରଚାର କଲେ ।

୧୯୩୮ ମସିହା ଡିସେମ୍ବର ମାସରେ କୃଷକମାନେ ରାଜାଙ୍କ ବିରୋଧରେ ବିପ୍ଳବ କରିଥିଲେ । ସର୍ବସାଧାରଣରେ ସଭା ସମିତି ନ କରିବା ପାଇଁ ଦରବାରରୁ ପରୱାନା ଜାରି କରାଗଲା । କିନ୍ତୁ ବିପ୍ଳବୀମାନେ ଏହି ପରୱାନାକୁ ଖାତିର ନ କରି ୧୯୩୮ ମସିହା ଡିସେମ୍ବର ମାସ ୨୭ ତାରିଖରେ ଗୋଟିଏ ସଭାର ଆୟୋଜନ କରିଥିଲେ । ପ୍ରଜାମଣ୍ଡଳର ଦୁଇଜଣ କର୍ମୀଙ୍କୁ ଗିରଫ କରାଗଲା । ଏହି ଗିରଫଦାରିର ପ୍ରତିବାଦରେ ପ୍ରଜାମଣ୍ଡଳର କର୍ମୀମାନେ ଡିସେମ୍ବର ମାସ ୩୦ ତାରିଖରେ ସତ୍ୟାଗ୍ରହ ପ୍ରଦର୍ଶନ କରିଥିଲେ । ଡକ୍ଟର ଅତୁଳ ଚନ୍ଦ୍ର ପ୍ରଧାନ ତାଙ୍କର "A study of History of Orissa" (୨୦୦୬) ପୁସ୍ତକରେ ଲେଖିଛନ୍ତି- "In December 1938, the peasants of Nayagarh started agitation against their ruler. The Chief of Nayagarh issued an ordinance, prohibiting meetings and processions the agitators violated the odinance. On 27 December, 1938 the leaders of Nayagarh Prajamandal held a meeting. Two prajamandal leaders were arrested on

Digitized by PPRACHIN, SOA

the change of the violation of the ordinance. Protesting against the arrest of the leaders, the people offered satyagraha on 30, December, 1938."

୧୯୪୦ ମସିହାରେ ରାଜାଙ୍କ ନିର୍ଦ୍ଦେଶରେ ପ୍ରଜାମଣ୍ଡଳର କର୍ମୀ ବାଞ୍ଛାନିଧି ସେନାପତି, ଲକ୍ଷ୍ମଣ ମହାରଣା, ନାରାୟଣ ନନ୍ଦ, ଶ୍ରୀଧର ଦାସ, ନରସିଂହ ନନ୍ଦ ଓ କୁବେର ସାହୁ ପ୍ରମୁଖଙ୍କୁ ନିଜ ଗ୍ରାମରେ ଗୃହବନ୍ଦୀ ହିସାବରେ ରହିବାକୁ ପଡିଲା । ପୋଲିସ୍ ଓ ଜଙ୍ଗଲ କର୍ମଚାରୀଙ୍କ ଦ୍ୱାରା ପ୍ରଜାମଣ୍ଡଳର ଅନ୍ୟାନ୍ୟ କର୍ମୀ ଓ ସହଯୋଗୀମାନଙ୍କୁ ମାଡଦେଇ ଦମନ କରିବାର ଉଦ୍ୟମ ଚାଲିଲା । ବହୁ କର୍ମୀଙ୍କୁ ଅନ୍ୟାୟ ଭାବରେ ନିସ୍ତୁକ ମାଡ ଦିଆଯାଇଥିଲା । ପ୍ରଜାମଣ୍ଡଳର ଅନ୍ୟତମ ନେତା ଶୁକ୍ର ବେହେରାଙ୍କୁ ଶରଣକୁଳ ପୋଲିସ୍ ଓ ଗୋଡିପଡା ପୋଲିସ୍ ନିସ୍ତୁକ ମାଡମାରି ତାଙ୍କ ନାମରେ ମିଥ୍ୟା ମୋକଦ୍ଦମା ରୁଜୁକରି ତାଙ୍କୁ ମାସାଧିକ କାଳ ଜେଲରେ ରଖିଥିଲେ ।

ଶହୀଦ୍ ସ୍ମୃତିସ୍ତମ୍ଭ, ଥୁଆବାରି ।

୧୯୪୨ ମସିହା ଜୁଲାଇ ମାସ ପ୍ରଥମ ସପ୍ତାହରେ ରାଜା ପ୍ରଜାମଣ୍ଡଳ କର୍ମୀମାନଙ୍କ ଉପରୁ ଗୃହବନ୍ଦୀ ରଖିବା ଆଇନ ପ୍ରତ୍ୟାହାର କଲେ । ଫଳରେ କର୍ମୀମାନେ ଆହୁରି ପ୍ରତ୍ୟକ୍ଷ ଭାବରେ ସଙ୍ଗଠନ କାର୍ଯ୍ୟ ଆରମ୍ଭ କଲେ । ଅଗଷ୍ଟ ମାସରେ ମହାତ୍ମାଗାନ୍ଧୀ 'ଭାରତ ଛାଡ' ଆନ୍ଦୋଳନର ଡାକରା ଦେଇଥିଲେ । ଏହି ସମ୍ବାଦ ଗାଁକୁ ଗାଁ ପ୍ରଚାରିତ ହେଲା । ଅତ୍ୟାଚାରିତ ପ୍ରଜା ସ୍ୱାଧୀନତାର ସ୍ୱାଦ ପାଇବାକୁ ଉତ୍ସାହିତ ହୋଇଉଠିଥିଲେ । ୧୯୪୨ ମସିହା ଅକ୍ଟୋବର ୮ ତାରିଖ ଦିନ ବାହାଡାଝୋଲା

Digitized by PPRACHIN, SOA

ନିକଟବର୍ତ୍ତୀ ଜଙ୍ଗଲ ମଧ୍ୟରେ ଥିବା ମଧୁଆଖଳି ପଡିଆରେ ପ୍ରଜାମଣ୍ଡଳ କର୍ମୀମାନଙ୍କ ଦ୍ୱାରା ଏକ ସଭା ଆହୂତ ହୋଇଥିଲା ଏବଂ ଏଥିରେ ସ୍ଥିର ହେଲା ଯେ ନୟାଗଡର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ପ୍ରଜାମଣ୍ଡଳର ଅକ୍ତିଆରକୁ ଆଣିବାପାଇଁ ପାଞ୍ଚଗୋଟି ବାହିନୀ ଗଠନ କରାଯିବ । ଏହି ପାଞ୍ଚଗୋଟି ବାହିନୀ ୯ ତାରିଖ ଦିନ ଏକ ସମୟରେ କାର୍ଯ୍ୟ ଆରମ୍ଭ କରିବେ । ପ୍ରଥମ ଦଳଟି ଆନନ୍ଦ ସ୍ୱାଇଁ ଓ ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ବରକୋଳାଠାରୁ ନୂଆଗାଁ ଦେଇ ନୟାଗଡରେ ପହଞ୍ଚିବେ, ଦ୍ୱିତୀୟ ଦଳ ବାହାଡାଝୋଲାଠାରୁ ବାହାରି ଲକ୍ଷ୍ମଣ ସାହୁ ଓ ସୁଦର୍ଶନ ପୃଷ୍ଟିଙ୍କ ନେତୃତ୍ୱରେ ମହୀପୁର ଦେଇ ନୟାଗଡ ଠାରେ ପହଞ୍ଚିବେ, ତୃତୀୟ ଦଳ ନାରାୟଣ ଉପାଧ୍ୟାୟଙ୍କ ନେତୃତ୍ୱରେ ଓଡଗାଁରୁ ବାହାରି ଶରଣକୁଳ ଦେଇ ନୟାଗଡ ଠାରେ ପହଞ୍ଚିବେ, ଚତୁର୍ଥ ଦଳ ସଦାଶିବ ଷଡଙ୍ଗୀଙ୍କ ନେତୃତ୍ୱରେ ଗୋଡ଼ିପଡ଼ାଠାରୁ ବାହାରି ଇଟାମାଟି ଦେଇ ନୟାଗଡ଼ ଠାରେ ପହଞ୍ଚିବେ ଏବଂ ପଞ୍ଚମ ଦଳ କଣ୍ଡୁରୀ ପରିଡା ଓ ସୁଦର୍ଶନ ସ୍ୱାଇଁଙ୍କ ନେତୃତ୍ୱରେ ମହୀପୁରଠାରୁ ବାହାରି ମାଳିସାହି, ବାଲୁଗାଁ ଦେଇ ନୟାଗଡ ଠାରେ ପହଞ୍ଚିବେ । ସମସ୍ତ ଦଳ ଏକତ୍ରିତ ହେବାପରେ ନୟାଗଡ ଟାଉନ୍ ଅବରୋଧ କରାଯିବାର କାର୍ଯ୍ୟକ୍ରମ ଥିଲା । ଏହାହିଁ ଥିଲା ପ୍ରଜାମଣ୍ଡଳର ନିଷ୍ପତ୍ତି ।

ପ୍ରଥମ ଦଳ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓ ଆନନ୍ଦ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ବରକୋଳାଠାରେ ସହସ୍ରାଧିକ ବିପ୍ଳବୀଙ୍କ ଗହଣରେ କାର୍ଯ୍ୟାରମ୍ଭ କଲେ । ସେମାନେ ବରକୋଳା ବଙ୍ଗଳାରେ ଅବସ୍ଥାନ କରୁଥିବା ଜଣେ ପୋଲିସ୍ ଏ.ଏସ୍.ଆଇ ଏବଂ ଚାରିଜଣ ବନ୍ଧୁକଧାରୀ କନେଷ୍ଟବଳଙ୍କଠାରୁ ବନ୍ଧୁକ ଛଡାଇଆଣି ଅଗ୍ନିସଂଯୋଗ କରି ସେଗୁଡିକୁ ପୋଡିଦେଲେ । ଅକ୍ଟୋବର ୧୦ ତାରିଖ ଦିନ ବିପ୍ଳବୀମାନେ ନୂଆଗାଁ ଥାନା ଆକ୍ରମଣ କଲାସମୟରେ ପୋଲିସ୍‌ର ଗୁଳି ଚୋଟରେ କଷ୍ଟି ଡାକୁଆ ନିହତ ହେଲେ । ଏହିପରି ଭାବରେ ପ୍ରଜାମଣ୍ଡଳ ପାଇଁ କଷ୍ଟି ଡାକୁଆ ପ୍ରାଣପାତ କରି ଶହୀଦ ହେଲେ ।

ନୟାଗଡ ପ୍ରଜାମଣ୍ଡଳର ତୃତୀୟ ଐତିହାସିକ ଅଧିବେଶନ ଗୋଡିପଡାଠାରେ ଅନୁଷ୍ଠିତ ହେଲା । ହଜାର ହଜାର ପ୍ରଜା ଏଥିରେ ଯୋଗ ଦେଇଥିଲେ । ସାରଙ୍ଗଧର ଦାସ, ମାଳତୀ ଚୌଧୁରୀ, ବିଶ୍ୱନାଥ ପଣ୍ଡିତ, କବି ବାଞ୍ଛାନିଧି ଦାସ ପ୍ରମୁଖ ଏହି ସଭାରେ ଅତିଥିରୂପେ ଯୋଗଦେଇ ପ୍ରଜାମାନଙ୍କୁ ସ୍ୱାଧୀନତାର ପଥ ଦର୍ଶାଇଥିଲେ । ଏଥିରେ ମଧ୍ୟ ଓଡ଼ିଶା ଗଡ଼ଜାତ ପ୍ରଜାମଣ୍ଡଳ ନେତାମାନଙ୍କ ମଧ୍ୟରୁ ହିନ୍ଦୋଳ ପ୍ରଜାମଣ୍ଡଳର ସଭାପତି ଦୀନବନ୍ଧୁ ଆଚାର୍ଯ୍ୟ, ଢେଙ୍କାନାଳ ସଭାପତି ମହେଶ୍ୱର ସୁବାହୁ ସିଂହ, ସମ୍ପାଦକ ନରୋତ୍ତମ ଦାସ, ନୀଳଗିରି ପ୍ରଜାମଣ୍ଡଳର ସଭାପତି କୈଳାସଚନ୍ଦ୍ର ମହାନ୍ତି, ସମ୍ପାଦକ ହାଡ଼ବନ୍ଧୁ ରାଜ, ପାଲଲହଡା ପ୍ରଜାମଣ୍ଡଳ ସଭାପତି ଫକୀର ମୋହନ ପ୍ରଧାନ, ତିଗିରିଆ ପ୍ରଜାମଣ୍ଡଳ

Digitized by PPRACHIN, SOA

ସଭାପତି ବିପିନ ବିହାରୀ ପଟ୍ଟନାୟକ, ଖଣ୍ଡପଡା ପ୍ରଜାମଣ୍ଡଳ ସଭାପତି ରଘୁନାଥ ସିଂହସାମନ୍ତ, କଳାହାଣ୍ଡି ପ୍ରଜାମଣ୍ଡଳ ସଭାପତି ଆପୁଡୁ ସାହୁ ଓ ସମ୍ପାଦକ କୃଷ୍ଣମୋହନ ପଟ୍ଟନାୟକ, କେନ୍ଦୁଝର ପ୍ରଜାମଣ୍ଡଳ ସଭାପତି ନାରାୟଣ ଚକ୍ର, ସମ୍ପାଦକ କୀର୍ତ୍ତନ ବିହାରୀ ମହାନ୍ତି, ରଙ୍ଗାଧର ଦାଶ, ଆଠମଲ୍ଲିକ ପ୍ରଜାମଣ୍ଡଳ ସଭାପତି ଦ୍ୱିତୀୟା ରାଉଳ, ତାଳଚେର ପ୍ରଜାମଣ୍ଡଳର ସଭାପତି ମଦନ ମୋହନ ପ୍ରଧାନ, କର୍ମୀ ବିଚ୍ଛନ୍ଦ ଚରଣ ପ୍ରଧାନ, ଗୌରୀଶଙ୍କର ପ୍ରଧାନ, ରଣପୁର ପ୍ରଜାମଣ୍ଡଳର ଉପ-ସଭାପତି ବାଞ୍ଛାନିଧି ସେନାପତି, ସମ୍ପାଦକ ମୂରଲୀଧର ଦାଶ, ମୟୂରଭଞ୍ଜ ପ୍ରଜାମଣ୍ଡଳର ସମ୍ପାଦକ ପ୍ରସନ୍ନ କୁମାର ଦାଶ, ବୌଦ ପ୍ରଜାମଣ୍ଡଳର ସମ୍ପାଦକ ଭଗବାନ ପଣ୍ଡା ପ୍ରମୁଖ ବହୁ କର୍ମୀ ଯୋଗଦେଇଥିଲେ । ନୟାଗଡ ପ୍ରଜାମଣ୍ଡଳର ଦ୍ୱିତୀୟ ଅଧିବେଶନ ଇଟାମାଟିଠାରେ ଅନୁଷ୍ଠିତ ହେଲା । ବିପ୍ଳବୀ ନେତା ସୁରେନ୍ଦ୍ରନାଥ ଦ୍ୱିବେଦୀ ଉକ୍ତ ସଭାରେ ଯୋଗ ଦେଇଥିଲେ ।

ଏହିପରି ଭାବରେ ନୟାଗଡ ପ୍ରଜାମଣ୍ଡଳର କର୍ମୀମାନେ ସେମାନଙ୍କର ଆନ୍ଦୋଳନକୁ ଅବ୍ୟାହତ ରଖି ଅସତ ଉପରେ ସତର ପ୍ରତିଷ୍ଠାପାଇଁ ଯେଉଁ ଆଶାନ୍ୱିତ ଆହ୍ୱାନ ଦେଇଥିଲେ, ତାହା ସମଗ୍ର ରାଜ୍ୟର ପ୍ରଜାମଣ୍ଡଳ ଆନ୍ଦୋଳନ ଇତିହାସର ଏକ ସ୍ମୃତିମୟ ପର୍ବ ହୋଇ ରହିବ ।

ଖଣ୍ଡପଡ଼ା ପ୍ରଜାମଣ୍ଡଳ :

ଓଡ଼ିଶାର ଅନ୍ୟାନ୍ୟ ଗଡଜାତ ଅଞ୍ଚଳର ପ୍ରଜାମଣ୍ଡଳ ଆନ୍ଦୋଳନ ସଙ୍ଗଠିତ ହେଉଥିବା ବେଳେ ଖଣ୍ଡପଡା ରାଜ୍ୟର ପ୍ରଜାମାନେ ଏହା ଅବଗତ ହୋଇଥିଲେ । ରାଜାମାନଙ୍କର ମନମୁଖୀ ଶାସନ ଓ ଏକଚ୍ଛତ୍ରବାଦ ସେମାନଙ୍କ ମଧ୍ୟରେ ଅଶାନ୍ତି ଭରି ଦେଇଥାଏ । ପ୍ରଜାମାନେ ରାଜାଙ୍କର ବେଠି ଖଟୁଥିଲେ । ସେମାନେ ରାଜା କିମ୍ବା ରାଜକର୍ମଚାରୀମାନଙ୍କ ମଫସଲ ଗସ୍ତ କାଳରେ ସେମାନଙ୍କୁ ଡାଲି, ଚାଉଳ, ଘିଅ, ପିନିପରିବା, ଖାସି, କୁକୁଡ଼ା, ଦୁଧ, ଦହି ପ୍ରଭୃତି ରସଦ ଆକାରରେ ଦେଉଥିଲେ । ପ୍ରଜାମାନେ ରାଜାଙ୍କୁ ମାଗଣ ଦେଉଥିଲେ । ପ୍ରଜାମାନଙ୍କ ଉପରେ ଏହି ଅତ୍ୟାଚାର ଓ ଶୋଷଣର ଅବସାନ ଘଟାଇବା ପାଇଁ ୧୯୩୭ ମସିହାରେ ରଘୁନାଥ ସିଂହ ସାମନ୍ତଙ୍କ ସଭାପତିତ୍ୱରେ ଖଣ୍ଡପଡ଼ା ପ୍ରଜାମଣ୍ଡଳ ଗଠନ କରାଗଲା । ଖଣ୍ଡପଡ଼ା ଦରବାରର ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ପ୍ରଜାମଣ୍ଡଳ ଆନ୍ଦୋଳନ ଚାଲୁ ରହିଲା । ମାତ୍ର କର୍ମୀମାନେ ରାଜାଙ୍କ କୋପ ଦୃଷ୍ଟିରେ ପଡିଲେ । ସେମାନଙ୍କୁ ଆରେଷ୍ଟ କରାଗଲା ଏବଂ ଜେଲ୍‌ଦଣ୍ଡ ଦିଆଗଲା । ୧୯୪୨ ମସିହାରେ ଚଉଦଜଣ ସଭ୍ୟଙ୍କୁ ନେଇ ପ୍ରଜାମଣ୍ଡଳ ପୁନର୍ଗଠନ କରାଗଲା । ଏହି ପୁନର୍ଗଠନରେ ସର୍ବସମ୍ମତିକ୍ରମେ କେତେଗୋଟି ପ୍ରସ୍ତାବ ଆଗତ କରାଗଲା ।

Digitized by PPRACHIN, SOA

ଦଶପଲ୍ଲା ବିଦ୍ରୋହ :

ଦଶପଲ୍ଲା ବିଦ୍ରୋହ ୧୯୧୩-୧୪ ମସିହାରେ ସଂଘଟିତ ହୋଇଥିଲା । ନାରାୟଣ ଦେଓ ଭଞ୍ଜ ନିଃସନ୍ତାନ ଥିଲେ । ତାଙ୍କ ପରେ ବୈଷ୍ଣବ ଦେଓ ଭଞ୍ଜ ନାମକ ସାମନ୍ତ ରାଜା ହେବାର ଥିଲା । କିନ୍ତୁ ଦେଓ୍ୱାନ ଭାବଗ୍ରାହୀ ବିଶ୍ୱାଳ ନାରାୟଣ ଦେଓ ଭଞ୍ଜଙ୍କ କନ୍ୟାର ପୁତ୍ର କିଶୋର ଚନ୍ଦ୍ରଙ୍କୁ ପାରିକୁଦରୁ ଅଣାଇ ତାଙ୍କୁ ରାଜାଙ୍କର ପୋଷ୍ୟପୁତ୍ର କରାଇଲେ । ଏକଦା ଦେବାନ ଭାବଗ୍ରାହୀ ବିଶ୍ୱାଳ ଏବଂ ସାମନ୍ତ ବୈଷ୍ଣବ ଦେଓ ଭଞ୍ଜ ଅନୁପସ୍ଥିତ ଥିବାବେଳେ ରାଜାଙ୍କର ମହାପ୍ରୟାଣ ଘଟିଲା । ସୁତରାଂ ଦେବାନଙ୍କ ସମର୍ଥକ ଲୋକମାନେ ପୋଷ୍ୟପୁତ୍ର କିଶୋରଚନ୍ଦ୍ର ଦେଓ ଭଞ୍ଜଙ୍କୁ ଗାଦିରେ ବସାଇଲେ । ତାଙ୍କୁ ସମର୍ଥନ କରି କେତେକ ପ୍ରଜା ମେଳି ଓ ବିଦ୍ରୋହ ଆରମ୍ଭ କଲେ । ଏହି ସମୟ ବେଳକୁ ଦେବାନ ଭାବଗ୍ରାହୀ ବିଶ୍ୱାଳଙ୍କ ଅନ୍ୟାୟ, ଅତ୍ୟାଚାର ଓ ଶୋଷଣ ଶେଷ ସୀମାରେ ପହଞ୍ଚିଥିଲା । ପ୍ରଜାମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ କନ୍ଧ ଓ ଖଇରା । କନ୍ଧମାନେ ସୁଯୋଗ ପାଇ ଦେବାନଙ୍କ ବିରୋଧରେ ମେଳି ଆରମ୍ଭ କଲେ । ଏହାକୁ ଦଶପଲ୍ଲା 'କନ୍ଧ ମେଳି' କୁହାଯାଏ । ବ୍ରିଟିଶ୍ ଫୋର୍ସ ମୁତୟନ କରାଯାଇ କନ୍ଧମାନଙ୍କର ଏହି ମେଳିକୁ ଦମନ କରିବାପାଇଁ ଚେଷ୍ଟା କରାଗଲା । ଅସଂଖ୍ୟ ପୁରୁଷ, ସ୍ତ୍ରୀ ଓ ଶିଶୁ ବ୍ରିଟିଶ୍ ଫୋର୍ସ ଦ୍ୱାରା ନିହତ ହେଲେ । ଅଧିକାଂଶ ପ୍ରଜାଙ୍କୁ ଫାଶି ଦଣ୍ଡ ଦିଆଗଲା । ଗାଁ ଗାଁ ଲୁଟତରାଜ କରାଗଲା । ଏହି ଅମାନୁଷିକ କ୍ରିୟାକଳାପର ଖବର ବାହାର ରାଜ୍ୟରେ ପ୍ରଚାରିତ ହେବା ସମ୍ଭବ ହେଉ ନ ଥିଲା । ଏହି ସମୟରେ ଗୋବିନ୍ଦ ଚନ୍ଦ୍ର ମିଶ୍ର କଟକରେ ଅଧ୍ୟୟନ କରୁଥିଲେ । ସେ ବାହାର ଜଗତକୁ ଏହି ଅମାନୁଷିକ ଲୀଳା ବିଷୟ ପ୍ରଘଟ କରାଇଥିଲେ । କିଛିଦିନ ପାଇଁ ସେ ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ନିକଟରେ ରହିଲେ ଏବଂ ପରେ ମହାତ୍ମାଗାନ୍ଧୀଙ୍କ ସାବରମତୀ ଆଶ୍ରମରେ ଅବସ୍ଥାନ କରିଥିଲେ ।

ଦଶପଲ୍ଲା ମେଳି ଏବଂ ପ୍ରଜାମାନଙ୍କୁ ଅମାନୁଷିକ କାର୍ଯ୍ୟଦ୍ୱାରା ଦମନ କରିବା କଥାଟି ପଣ୍ଡିତ ଗୋପବନ୍ଧୁ ଦାଶ ଦୈନିକ 'ଆଶା'ର ସମ୍ପାଦକ ଶଶିଭୂଷଣ ରଥଙ୍କୁ ଜଣାଇଲେ । ଶ୍ରୀ ରଥ 'ଆଶା' ଖବର କାଗଜରେ ବ୍ରିଟିଶ୍ ସରକାରଙ୍କ ଅମାନୁଷିକ କ୍ରିୟା କଳାପର ବୃତ୍ତାନ୍ତକୁ ଛପାଇ ଥିଲେ । ଦଶପଲ୍ଲା ବିଦ୍ରୋହ ଅତୀବ ଭୟଙ୍କର ଆକାର ଧାରଣ କରିଥିଲା । ସରକାରଙ୍କ ଦମନଲୀଳା ଯୋଗୁଁ ଏହା ହ୍ରାସ ପାଇଥିଲା । ଦଶପଲ୍ଲାମେଳି ଓଡିଶା ଗଡଜାତ ଇତିହାସରେ ଏକ ଉଲ୍ଲେଖନୀୟ ଘଟଣା ହୋଇ ରହିବ ।

'ଦଶପଲ୍ଲା ବିଦ୍ରୋହ' ସମ୍ପର୍କରେ ଡକ୍ଟର ରାଧାନାଥ ରଥ ତାଙ୍କର "History of the Freedom Movement in Orissa States" ପୁସ୍ତକରେ ଲେଖିଛନ୍ତି-

Digitized by PPRACHIN, SOA

"Of all the risings and rebellions so far occurred in these states the rising in Daspalla in 1913-14 was the most wide-spread and the brutal repression was the worst that have ever occurred. The then ruler of Daspalla Narayan Bhanja Deo was too old to look after the State affairs. He had a very cunning, tricky but skillful Dewan named Bhabagrahi Biswal. The said Dewan found to his interest to get the state under the court of wards so that he would become the supreme of the state as Superintendent diretly responsible to the political Department of the Government."

ଡକ୍ଟର ରାଧାନାଥ ରଥ ଦଶପଲ୍ଲା ବିଦ୍ରୋହର ଭୟାବହତା ସମ୍ପର୍କରେ ଲେଖିଛନ୍ତି- "There were public hangings. looting and arson on a large scale. The repression was so terrific that such an iron curtain was applied that it was difficult to get information about the inhuman brutalities perpetrated. There was a poor young student named Govinda Mishra, a resident of Daspalla then reading at Cuttack who somehow managed to get into the state and carried information to the outside would. Late Pandit Gopabandhu Das of hallowed memory and his co-workers took up this matter and brought to light some of the brutalities through the newspaper 'Asha', then published and edited by Sri Sashi Bhusan Rath at Berhampur. This informant youngman alongwith several others was declared as an absconding accused and had he been caught hold up he would probably have been sent to the gallows as many others were. He narrowly escaped the clutches of the terrorising police force and for sometime was under the care of Pt. Gopabandhu Das and later on went to Sabarmati to be under the shelter of Mahatma Gandhi with whose blessings he took to public work. It was only after 1919 Reforms that a general

Digitized by PPRACHIN, SOA

elemency was declared and Sri Mishra could return to Orissa as a free-man."

ରଣପୁର ପ୍ରଜାମଣ୍ଡଳ ଆନ୍ଦୋଳନ :

୧୯୩୮ ମସିହାରେ ରଣପୁରରେ ପ୍ରଜାମଣ୍ଡଳ ଗଠନ କରାଯାଇଥିଲା । ଏହି ପ୍ରଜାମଣ୍ଡଳରେ ବନମାଳୀ ରାମ ସଭାପତି, କୃପାସିନ୍ଧୁ ମିଶ୍ର ଉପ-ସଭାପତି, ରଘୁନାଥ ମହାନ୍ତି ସମ୍ପାଦକ ଓ ଦିବାକର ପରିଡା ସହସମ୍ପାଦକ ରୂପେ କାର୍ଯ୍ୟ କରୁଥିଲେ । ପ୍ରଜାମଣ୍ଡଳ ପକ୍ଷରୁ ବିଭିନ୍ନ ଦାବୀ ଉପସ୍ଥାପନ କରାଯାଇଥିଲା । ପ୍ରଜାମେଳିରେ ଆତଙ୍କିତ ହୋଇ ଦେବାନ ଜଗନ୍ନାଥ ମହାନ୍ତି ଲୁଚି ପଳାଇଗଲେ । କୃପାସିନ୍ଧୁ ମିଶ୍ରଙ୍କୁ ଗିରଫ କରାଗଲା । ଏହି ଗିରଫଦାରିରେ ପ୍ରତିବାଦ ସ୍ୱରୂପ ବିପ୍ଳବ ଘନୀଭୂତ ହେଲା । ବିଭିନ୍ନ ଅଞ୍ଚଳରୁ ପ୍ରଜାମାନେ ଦଳ ଦଳ ହୋଇ ଆସିଲେ । ରଣପୁରବାସୀଙ୍କର ହା-ହୁତାଶର ଅବସାନ ଘଟାଇବାକୁ ପ୍ରଜାମଣ୍ଡଳ ଆନ୍ଦୋଳନ ସକ୍ରିୟ ହେଲା । ରାଜା କୃଷ୍ଣଚନ୍ଦ୍ର ନରେନ୍ଦ୍ର ଆତଙ୍କିତ ହୋଇ ପଲିଟିକାଲ୍ ଏଜେଣ୍ଟଙ୍କ ସାହାଯ୍ୟ ଲୋଡିଲେ । ମେଜର ବେଜେଲଗେଟ୍ ପୂର୍ବାଞ୍ଚଳୀୟ ଦେଶୀୟ ରାଜ୍ୟ ସମୂହର ପଲିଟିକାଲ୍ ଏଜେଣ୍ଟ୍ ଥିଲେ । ୧୯୩୯ ମସିହା ଜାନୁୟାରୀ ୫ ତାରିଖରେ ସେ ଇଟାମାଟି ଶିବିରରୁ ଫୋର୍ସ ନେଇ ରଣପୁର ଅଭିମୁଖେ ଯାତ୍ରା କଲେ । ବେଜେଲଗେଟ୍ ରଣପୁର ଆସୁଥିବା ଖବର ସବୁଆଡେ ରାଷ୍ଟ୍ର ହେଲା । ବେଜେଲଗେଟ୍‌ଙ୍କୁ ପ୍ରତିରୋଧ କରିବାପାଇଁ ଅନେକ ବିପ୍ଳବୀ ରାଜସୁନାଖଳା-ରଣପୁର ରାସ୍ତାର ଲୋଧାଚୁଆଠାରେ ରାସ୍ତା ଅବରୋଧ କଲେ । ବେଜେଲଗେଟ୍‌ଙ୍କ ଜମାଦାର ସେଠାରେ ଭୋବନି ପୃଷ୍ଟି ଓ କାଶୀ ରାଉତଙ୍କୁ ରାସ୍ତା ଅବରୋଧ ଅଭିଯୋଗରେ ଭୀଷଣ ପ୍ରହାରକରି ରକ୍ତାକ୍ତ କରିଥିଲେ । ଏହାପରେ ବେଜେଲଗେଟ୍ ରଣପୁରରେ ପହଞ୍ଚିଲେ । ରଣପୁର ରାଜଦାଣ୍ଡର ଜନଗହଳି ମଧ୍ୟରୁ ଅର୍ଜ୍ଜୁନ ରାଉତ ବେଜେଲଗେଟ୍‌ଙ୍କୁ ପ୍ରତିରୋଧ କରିବାକୁ ଯାଇ ତାଙ୍କ ଗୁଳିଦ୍ୱାରା ମୃତ୍ୟୁ ମୁଖରେ ପଡିଲେ । ଏହି ନିର୍ମମ ଘଟଣାରେ ଶହ ଶହ ଉତ୍ୟକ୍ତ ଜନତା ବେଜେଲଗେଟ୍‌ଙ୍କୁ ଠେଙ୍ଗାଦ୍ୱାରା ପିଟିପିଟି ମାରିଦେଲେ । ଏହା ବେଜେଲଗେଟ୍ ହତ୍ୟାକାଣ୍ଡ ନାମରେ ନାମିତ ।

ବେଜେଲଗେଟ୍ ହତ୍ୟାପରେ ରଣପୁର ଅଞ୍ଚଳର ୧୦୪ଜଣ ପ୍ରଜାଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଏର କରାଗଲା । ବିଚାରପତି ଜି. ଜି. ସିଅରର ରଘୁନାଥ ମହାନ୍ତି ଓ ଦିବାକର ପରିଡାଙ୍କୁ ଦୋଷୀ ସାବ୍ୟସ୍ତକରି ମୃତ୍ୟୁଦଣ୍ଡରେ ଦଣ୍ଡିତ କଲେ । ବିପ୍ଳବୀଦ୍ୱୟଙ୍କୁ କାଲୁପଡାଠାରୁ ଭାଗଲପୁର ଜେଲ୍‌କୁ ନିଆଗଲା । ୧୯୪୧ ମସିହା ଏପ୍ରିଲ୍ ୪ ତାରିଖଦିନ ସେମାନେ ପ୍ରଜାମଣ୍ଡଳ ପାଇଁ ହସି ହସି ଫାଶୀ ବରଣ କଲେ । ପ୍ରଜାମଣ୍ଡଳ ପାଇଁ ରଘୁ-ଦିବାକରଙ୍କ ଆତ୍ମହତ୍ୟା ମୂଳର ଯେଉଁ ଦେଶପ୍ରୀତିର ଫଲ୍‌ଗୁ ନିହିତ ଥିଲା, ତାହା ଯୁଗେ

Digitized by PPRACHIN, SOA

ଯୁଗେ ରଣପୁରବାସୀଙ୍କ ମନରେ ଉଜ୍ଜ୍ୱଳ ଦେଶପ୍ରୀତିର ଭାବନା ସଞ୍ଚାର କରୁଥିବ । ବେଜେଲଗେଟ୍ ହତ୍ୟାକାଣ୍ଡ ପରେ ରଣପୁରବାସୀଙ୍କୁ ବହୁ ନିର୍ଯ୍ୟାତନା ଦିଆଯାଇଥିଲା । ରଣପୁରର ଏହି ଇତିହାସ ପ୍ରସିଦ୍ଧ ଘଟଣା ସମ୍ପର୍କରେ ଡକ୍ଟର ରାଧାନାଥ ରଥ ତାଙ୍କର "History of Freedom Movement in Orissa States" ପୁସ୍ତକରେ ଲେଖିଛନ୍ତି- "The death of the political agent was followed by a reign of terror. Police and Military forces almost seiged the state and there was virtual Martial Law promulgated and the civil life was completely paralysed. Thousands of people fled away from the state and took refuge outside in different parts of Orissa. In the wake of his ghastly murder under deplorable circumstances a special preliminary Enquiry Court was established with Mr. B. Sivaramlan, I.C.S. then joint Magistrate of Berhampur as the Enquiry Magistrate, his services having been lent to the Ranpur State to conduct the enquiry. The following 26 persons were arrested as accused in the case and were charged under section 302, 147, 149, 325 and 353 of the Indian Penal Code, the accured persons were Raghunath Mohanty, Dibakar Parida, Agadhu Baral, Magi Naik, Bhagaban Sahu, Bidya Sahu, Achut Das, Bansidhar Pattanaik, Krishna chandra Raut, Bhagabat Behera, Raghu Prusty, Bhabani Prusty, Hota Naik, Nath Bhol, Chaitan Chinara, Bidhar Mohapatra, Chinta Naik, Chakra Rout, Bansi Sawar, Narasingh Sahu, Dhobi Santra, Antak Kailas, Biswanath Panda, Madhab Kailas, Anand Rout and Kasi Rout. Finally the case was tried in a Sessions Court and Raghunath Mohanty was sentenced to death and many others suffered transportation for life and long terms of imprisonment. 10 more were subsequently arrested and some imprisoned for life and some were acquitted." କିନ୍ତୁ ରଣପୁରର ପ୍ରଜାମଣ୍ଡଳ ଏଥିରେ ଭାଙ୍ଗି ପଡି ନ ଥିଲା । ଏହାପରେ ସଙ୍ଗଠନ ଆହୁରି ବ୍ୟାପକ ହେଲା । ରଣପୁରଠାରୁ ଅନତି ଦୂରରେ ଅବସ୍ଥିତ ଚାନ୍ଦପୁରଠାରେ ତା. ୦୩/୧୧/

Digitized by PPRACHIN, SOA

୧୯୪୬ରିଖରେ ପ୍ରଜାମଣ୍ଡଳ ତରଫରୁ ଏକ ସମ୍ମିଳନୀ ଅନୁଷ୍ଠିତ ହେଲା । ଏଥିରେ ଓଡ଼ିଶାର ପ୍ରଜାମଣ୍ଡଳର ସଭାପତି ରାଧାନାଥ ରଥ ସଭାପତିତ୍ୱ କରିଥିଲେ । ଏଥିରେ ଓଡ଼ିଶାର ବିଭିନ୍ନ ପ୍ରଜାମଣ୍ଡଳର କର୍ମୀମାନେ ଯୋଗ ଦେଇଥିଲେ । ପ୍ରଜାମାନଙ୍କୁ ନାଗରିକ ଅଧିକାର ଦେବା, ଗଡଜାତମାନଙ୍କୁ ଓଡ଼ିଶା ପ୍ରଦେଶ ସହିତ ସାମିଲ କରାଇବା ଇତ୍ୟାଦି ଏହି ସମ୍ମିଳନୀର ପ୍ରମୁଖ ଲକ୍ଷ୍ୟ ଥିଲା ।

ଉଲ୍ଲେଖଯୋଗ୍ୟ ଯେ ମେଜର ବେଜେଲଗେଟ୍‌ଙ୍କ ହତ୍ୟାଘଟଣା ଇଂଲଣ୍ଡ ପାର୍ଲିଆମେଣ୍ଟରେ ଚର୍ଚ୍ଚାର ବିଷୟ ହୋଇଥିଲା । ଏ ପ୍ରସଙ୍ଗରେ ସତ୍ୟବାଦୀ ବଳିଆର ସିଂହ "ରଣପୁର ଇତିହାସ"ରେ ଲେଖିଛନ୍ତି- "ଏହି ଘଟଣା ନେଇ ବିରୋଧୀ ଦଳ ନିମ୍ନୋକ୍ତ ପ୍ରଶ୍ନ, ଅତିରିକ୍ତ ପ୍ରଶ୍ନମାନ ପଚାରି ସରକାରୀ ଦଳକୁ ବଡ଼ ଅଡୁଆରେ ପକାଇଥିଲେ ।

ପ୍ରଶ୍ନ ହେଲା - ବେଜଲଗେଟ୍ କିଭଳି ମଲେ ?

ଉତ୍ତର - ବାମ୍ବୋଷ୍ଟିକ୍ (Bamboo Stick) ଦ୍ୱାରା ।

ପ୍ରଶ୍ନ - ଏହା କ'ଣ ଷ୍ଟେନ୍‌ଗନ୍‌ଠାରୁ ଶକ୍ତିଶାଳୀ ?

ଉତ୍ତର - ଏହାର ଉତ୍ତର ବର୍ତ୍ତମାନ ସଂଗ୍ରହ କରାଯାଉଛି ।

ପ୍ରଶ୍ନ - ଏହି ବାମ୍ବୋଷ୍ଟିକ୍ ଆମେ ଦେଖିବାକୁ ଚାହୁଁ । ଶୀଘ୍ର ଏହା ପାର୍ଲାମେଣ୍ଟରେ ପ୍ରଦର୍ଶିତ ହେଉ ।

ଏହି ପ୍ରସ୍ତାବ ମତେ ରଣପୁର ଜଙ୍ଗଲରୁ ପାଞ୍ଚଶହ ବାଉଁଶ ମୂଳି କଟାଯାଇ ବିଲାତ ପାର୍ଲାମେଣ୍ଟକୁ ପଠାଯାଇଥିଲା । ବିରୋଧୀଦଳ ପକ୍ଷରୁ ଜଣେ ସଭ୍ୟ ବଜ୍ର ଗମ୍ଭୀର ସ୍ୱରରେ ଘୋଷଣା କଲେ- "The suppressed feelings of an oppressed nation found expression in the murder of Mr. Bazzelgatte" xxx ବେଜେଲଗଟ୍‌ଙ୍କୁ ମିଳିତଭାବେ ବହୁ ପ୍ରଜା ଠେଙ୍ଗାରେ ପିଟିପିଟି ମାରିଦେବା ଫଳରେ ଏହି ହତ୍ୟାକାଣ୍ଡକୁ ଇଂରେଜ ଲୋକେ "ନୃଶଂସ ହତ୍ୟା" ନାମରେ ଅଭିହିତ କଲେ । ଫଳରେ ଇଂରେଜ ଭାଷାବିତ୍‌ମାନେ ନୃଶଂସ ହତ୍ୟାକୁ 'Bazzelgatte' ନାମରେ ଅଭିଧାନରେ ଏକ ଶବ୍ଦରୂପେ ବ୍ୟବହାର କଲେ । ଏହାହିଁ ଆନ୍ତର୍ଜାତିକ ଇଂରେଜ ଭାଷାକୁ ରଣପୁରବାସୀଙ୍କର ଚିରନ୍ତନ ଉପହାର ।"

ଏହି ସମୟବେଳକୁ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ସର୍ବଭାରତୀୟ ସ୍ତରରେ ଭାରତ ଛାଡ ଆନ୍ଦୋଳନ ସଂଘଟିତ ହୋଇ ସାରିଥିଲା । ଇତିହାସ ପ୍ରସିଦ୍ଧ ଏହି ଆନ୍ଦୋଳନ ଇଂରେଜ ଶାସନର ମୂଳଦୁଆକୁ ଦୋହଲାଇ ଦେଇଥିଲା । ୧୯୪୬ ମସିହା ମାର୍ଚ୍ଚ ମାସରେ ବ୍ରିଟିଶ୍ ପ୍ରଧାନମନ୍ତ୍ରୀ କ୍ଲିମେଣ୍ଟ ରିଚାର୍ଡ ଆଟ୍‌ଲୀ ତାଙ୍କ ମନ୍ତ୍ରୀ ମଣ୍ଡଳର ତିନିଜଣ ସଭ୍ୟଙ୍କୁ ଭାରତ ପଠାଇଲେ ।

Digitized by PPRACHIN, SOA

ଭାରତକୁ କିପରି ଭାବରେ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯିବ, ସେହି ପ୍ରସଙ୍ଗ ନିର୍ଦ୍ଧାରଣ କରିବାପାଇଁ ସେମାନେ ଆସିଥିଲେ । ୧୯୪୭ ମସିହା ମାର୍ଚ୍ଚ ମାସରେ ଲର୍ଡ ମାଉଣ୍ଟବ୍ୟାଟେନ ଭାରତର ବଡଲାଟ ରୂପେ ଦାୟିତ୍ୱ ଗ୍ରହଣ କଲେ । ଭାରତକୁ ସ୍ୱାଧୀନତା ପ୍ରଦାନ କରିବାପାଇଁ ସେ ଯୋଜନା ପ୍ରସ୍ତୁତ କଲେ । ୧୯୪୭ ମସିହା ଜୁଲାଇ ମାସରେ ବ୍ରିଟିଶ୍ ପାର୍ଲିଆମେଣ୍ଟ୍‌ରେ ଏହି ଯୋଜନା ଅନୁମୋଦନ ଲାଭ କଲା । ଏହା ''୧୯୪୭ ମସିହାର ଭାରତ ସ୍ୱାଧୀନତା ଆଇନ୍'' ନାମରେ ଘୋଷିତ ହେଲା । ଏହି ଆଇନ୍ ବଳରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭ କଲା । ଭାରତ ସ୍ୱାଧୀନତା ଲାଭ କଲାପରେ ରଣପୁର ପ୍ରଜାମଣ୍ଡଳ ସ୍ୱପ୍ନ ଓ ଆଶା ସାକାର ହେଲା । ଦେଶ ସ୍ୱାଧୀନତା ଲାଭ କରିଥିବାରୁ ବେଢେଲଗେଟ୍ ହତ୍ୟାକାଣ୍ଡ ମୋକଦ୍ଦମାର ବନ୍ଦୀମାନେ ତା. ୧୯/୦୯/୧୯୪୭ରିଖ ଦିନ ବନ୍ଦୀଶାଳାରୁ ମୁକ୍ତିଲାଭ କଲେ । ରଣପୁର ଗଡଜାତର ପ୍ରଜାମାନେ ନୂତନ ଆଲୋକର ସନ୍ଧାନ ପାଇଲେ ।

◻■◻

ଶହୀଦ୍ ରଘୁ – ଦିବାକର ।

Digitized by PPRACHIN, SOA

ନବମ ପରିଚ୍ଛେଦ

ଆଧୁନିକ ନୟାଗଡ଼ର ଇତିହାସ

Digitized by PPRACHIN, SOA

ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ ଉଦ୍ଦେଶ୍ୟରେ ୧୯୩୧ ମସିହାରେ ସାର୍ ସାମୁଏଲ ଓଡୋନେଲ୍‌ଙ୍କ ଅଧ୍ୟକ୍ଷତାରେ ସୀମା ନିର୍ଦ୍ଧାରଣ କମିଟି ଗଠନ କରାଗଲା । ଏହି କମିଟିକୁ ଓଡୋନେଲ୍ କମିଟି କୁହାଯାଏ । ଏହି କମିଟିର ସଦସ୍ୟ ଥିଲେ ଏଚ୍.ଏମ୍. ମେହେଟ୍ଟା, ତରୁଣ ରାମ ଫୁକନ୍ । ସହଯୋଗୀ ସଦସ୍ୟ ଭାବରେ ରହିଥିଲେ ପାରଳାର ଗଜପତି କୃଷ୍ଣଚନ୍ଦ୍ର ଗଜପତି, ସଚ୍ଚିଦାନନ୍ଦ ସିଂହ୍ନା ଏବଂ ନରସିଂହ ରାଜୁ । ଏହି କମିଟିର ସଦସ୍ୟମାନେ ଜାମସେଦପୁର, ଚାଇଁବସା, ସମ୍ବଲପୁର, ରାୟପୁର, ମେଦିନୀପୁର, ଗୋପାଳପୁର, ୱାଲଟିୟର, କାକିନଡ଼ା, କଟକ ପ୍ରଭୃତି ବିଭିନ୍ନ ସ୍ଥାନ ବୁଲି ୪୧୦ ଜଣ ଲୋକଙ୍କଠାରୁ ମତାମତ ଗ୍ରହଣ କରିଥିଲେ । ଏହି କମିଟି ୧୯୩୨ ମସିହା ଏପ୍ରିଲ ୯ ତାରିଖରେ ସରକାରଙ୍କୁ ତାର ରିପୋର୍ଟ ପ୍ରଦାନ କଲା । ଓଡ଼ିଶା ଡିଭିଜନ୍, ଅନୁଗୁଳ, ପଦ୍ମପୁର, ଖଡ଼ିଆଳ ଜମିଦାରୀ, ଗଞ୍ଜାମ ଜିଲ୍ଲା ତଥା ବିଶାଖାପାଟଣା ଏଜେନ୍‌ସିର ଅଧିକାଂଶ ଅଞ୍ଚଳକୁ ମିଶାଇ ନୂତନ ଓଡ଼ିଶା ପ୍ରଦେଶ ଗଠନ କରିବାକୁ କମିଟି ସରକାରଙ୍କୁ ସୁପାରିଶ କଲା । କିନ୍ତୁ ଏହି କମିଟି ପାରଳା, ଜୟପୁର, ମଞ୍ଜୁଷା, ସିଂହଭୂମ୍, ଫୁଲଝର ଏବଂ ଦକ୍ଷିଣ-ପଶ୍ଚିମ ମେଦିନୀପୁର ଭଳି କେତେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଓଡ଼ିଶା ସହିତ ମିଶାଇ ନ ଥିବାରୁ ଘୋର ଜନ ଅସନ୍ତୋଷ ଦେଖାଦେଲା । ୧୯୩୨ ମସିହା ଅଗଷ୍ଟ ୨୪ ତାରିଖଦିନ ଉତ୍କଳ ସମ୍ମିଳନୀର ଏକ ବିଶେଷ ବିଶେଷ ଅଧିବେଶନ ବ୍ରହ୍ମପୁର ଠାରେ ଅନୁଷ୍ଠିତ ହେଲା ଏବଂ ଓଡୋନେଲ୍ କମିଟିର ସୁପାରିଶକୁ ବିରୋଧ କରାଯାଇଥିଲା । ବିହାର ଓଡ଼ିଶା ବ୍ୟବସ୍ଥାପକ ସଭାରେ ଏ ବିଷୟରେ ଆଲୋଚନା କରାଯାଇ ଓଡୋନେଲ କମିଟିର ସୁପାରିଶକୁ ଅବାନ୍ତର ବୋଲି ଦାବି ଉପସ୍ଥାପନ କରାଗଲା । ପାରଳା ମହାରାଜାଙ୍କ ନେତୃତ୍ୱରେ ଭାରତର ଭାଇସ୍‌ରାୟଙ୍କୁ ମଧ୍ୟ ଜଣାଇ ଦିଆଗଲା ।

୧୯୩୨ ମସିହା ଡିସେମ୍ବର ମାସ ୨୪ ତାରିଖଦିନ ଇଂଲଣ୍ଡର ବୈଦେଶିକ ମନ୍ତ୍ରୀ ସାମୁଏଲ୍ ହୋର୍ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ ସଂକ୍ରାନ୍ତରେ ଘୋଷଣା କଲେ । ୧୯୩୩ ମସିହାରେ ସରକାରଙ୍କ ତରଫରୁ ଏକ ଶ୍ୱେତପତ୍ର ପ୍ରକାଶ କରାଗଲା ।

Digitized by PPRACHIN, SOA

ଓଡ଼ିଶା ଏକ ରାଜ୍ୟପାଳ ଶାସିତ ପ୍ରଦେଶ ରୂପେ ଗଠିତ ହେବା ପାଇଁ ଏହି ଶ୍ୱେତପତ୍ରରେ ଉଲ୍ଲେଖ ଥିଲା । କିନ୍ତୁ ଏହା ଓଡୋନେଲ୍ କମିଟିର ସୁପାରିଶଠାରୁ ଆହୁରି ନୈରାଶ୍ୟଜନକ ଥିଲା । କାରଣ ପ୍ରସ୍ତାବିତ ଓଡ଼ିଶାର ଆୟତନ ୩୩,୦୦୦ ବର୍ଗ ମାଇଲରୁ ୨୧,୫୪୫ ବର୍ଗ ମାଇଲକୁ କମାଇ ଦିଆଗଲା । ବିହାର-ଓଡ଼ିଶା ବିଧାୟକ ସଭାରେ ଓଡ଼ିଶାର ପ୍ରତିନିଧି ଲୋକନାଥ ମିଶ୍ର ଶ୍ୱେତପତ୍ର ବିରୋଧରେ ଜନ ଅସନ୍ତୋଷ ବ୍ୟକ୍ତ କରିଥିଲେ । ୧୯୩୩ ମସିହା ଜୁଲାଇ ୩ ତାରିଖ ଦିନ ପାରଳାର ମହାରାଜାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଲଣ୍ଡନ ଠାରେ ସାର୍ ସାମୁଏଲ୍ ହୋର୍‌କୁ ସାକ୍ଷାତ କରି ଓଡ଼ିଆମାନଙ୍କ ଦାବି ଉପସ୍ଥାପନ କଲେ । ପାରଳା ଏବଂ ଜୟପୁର ଜମିଦାରୀକୁ ଓଡ଼ିଶା ସହିତ ମିଶାଇବା ପାଇଁ ଯୁକ୍ତି ବାଢ଼ିଥିଲେ ।

୧୦୩୪ ମସିହା ଫେବୃୟାରୀ ୪ ତାରିଖରେ ଉତ୍କଳ ଗୌରବ ମଧୁସୂଦନଙ୍କର ମହାପ୍ରୟାଣ ଘଟିଲା । ୧୯୩୪ ମସିହା ଉତ୍କଳ ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନରେ ମଧୁବାବୁଙ୍କ ବିୟୋଗରେ ଶୋକପ୍ରସ୍ତାବ ଆଗତ କରାଗଲା ଏବଂ ଜୟପୁର ଓ ପାରଳାଖେମୁଣ୍ଡି ଅଞ୍ଚଳ ଓଡ଼ିଶାର ବୋଲି ଦାବି କରାଯାଇଥିଲା । ଏହାପରେ ଜଏଣ୍ଟ ସିଲେକ୍ଟ କମିଟି ସୁପାରିଶ ଅନୁସାରେ ଭାରତ ଶାସନ ଆଇନ ୧୯୩୫ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ବ୍ୟବସ୍ଥା ରଖାଯାଇଥିଲା । ଫଳତଃ ୧୯୩୬ ମସିହା ଏପ୍ରିଲ୍ ୧ ତାରିଖରେ ନୂତନ ଓଡ଼ିଶା ପ୍ରଦେଶ ଗଠନ କରାଗଲା । କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ, ସମ୍ବଲପୁର ଓ କୋରାପୁଟ- ଏହି ଛଅଗୋଟି ଜିଲ୍ଲାକୁ ନେଇ ନୂତନ ଓଡ଼ିଶା ପ୍ରଦେଶ ଗଠନ କରାଗଲା । ଏହି ଐତିହାସିକ ଦିବସରେ କଟକର ରେଭେନ୍‌ସା କଲେଜ ହଲ୍‌ରେ ବିହାର-ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ କଟନିଟେଲ ଜନ୍ ଆଷ୍ଟିନ୍ ହବାକ୍‌ଙ୍କୁ ଓଡ଼ିଶାର ପ୍ରଥମ ରାଜ୍ୟପାଳ ରୂପେ ଶପଥପାଠ କରାଇଥିଲେ । ସୁତରାଂ ଅପ୍ରେଲ ପହିଲା ତାରିଖକୁ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ ଦିବସ ରୂପେ ପାଳନ କରାଯାଉଛି । ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନ କ୍ଷେତ୍ରରେ ଓଡ଼ିଶା ହେଉଛି ସମଗ୍ର ଭାରତବର୍ଷରେ ପ୍ରଥମ ରାଜ୍ୟ ।

୧୯୩୬ ମସିହାରେ ଇଷ୍ଟର୍ଣ୍ଣ ଷ୍ଟେଟସ୍ ଏଜେନ୍‌ସି (Eastern States Agency)କୁ ତିନିଭାଗରେ ବିଭକ୍ତ କରାଗଲା । ଓଡ଼ିଶା ଷ୍ଟେଟ୍ ଏଜେନ୍‌ସିରେ ଓଡ଼ିଶା ଡିଭିଜନ୍ ୨୬ ଗୋଟି ଗଡ଼ଜାତ ମଧ୍ୟରୁ ୨୩ ଗୋଟି ଗଡ଼ଜାତକୁ ଓଡ଼ିଶାରେ ରଖାଗଲା । ଅବଶିଷ୍ଟ ୩ ଗୋଟି ମଧ୍ୟରୁ ମୟୂରଭଞ୍ଜ ବେଙ୍ଗଲ ଏଜେନ୍‌ସି (Bengal Agency)ରେ ରହିଲା । କଳାହାଣ୍ଡି ଓ ପାଟଣା ଛତିଶଗଡ଼ ଏଜେନ୍‌ସି (Chhatishgarh Agency) ଅନ୍ତର୍ଭୁକ୍ତ ହେଲା ।

Digitized by PPRACHIN, SOA

୧୯୩୭ ମସିହାରେ ଏକ ନୂତନ ପଦକ୍ଷେପ ନିଆଯାଇଥିଲା । ଗଡ଼ଜାତ ଗୁଡ଼ିକର ଗୁରୁତ୍ୱ ଓ ମର୍ଯ୍ୟାଦା ଦୃଷ୍ଟିରୁ ସେମାନଙ୍କୁ 'A', 'B' ଓ 'C' ଅର୍ଥାତ୍ 'କ', 'ଖ' ଓ 'ଗ' ଶ୍ରେଣୀଭୁକ୍ତ କରାଗଲା ।

(i) 'କ' ଶ୍ରେଣୀଭୁକ୍ତ ଗଡ଼ଜାତ ('A' Category Garajat)- 'କ' ଶ୍ରେଣୀଭୁକ୍ତ ଗଡ଼ଜାତ ରାଜ୍ୟ ଗୁଡ଼ିକ ହେଲେ- ନୟାଗଡ଼, ବୌଦ, ସୋନପୁର, ବାମଣ୍ଡା, ଢେଙ୍କାନାଳ, ଗାଙ୍ଗପୁର, କଳାହାଣ୍ଡି, କେଉଁଝର, ମୟୂରଭଞ୍ଜ, ପାଟଣା ଏବଂ ଷଢ଼ଇକଳା । ଏହି ୧୧ ଗୋଟି ଗଡ଼ଜାତ ରାଜ୍ୟ ହେଉଛନ୍ତି 'କ' ଶ୍ରେଣୀଭୁକ୍ତ ।

(ii) 'ଖ' ଶ୍ରେଣୀଭୁକ୍ତ ଗଡଜାତ ('B' Category Garajat)- ଏଥିରେ ୧୨ ଗୋଟି ଗଡ଼ଜାତ ରାଜ୍ୟକୁ ଅନ୍ତର୍ଭୁକ୍ତ କରାଗଲା । ଏହି ଗଡ଼ଜାତ ରାଜ୍ୟଗୁଡ଼ିକ ହେଲେ- ଖଣ୍ଡପଡ଼ା, ଆଠଗଡ଼, ବଡ଼ମ୍ବା, ନରସିଂହପୁର, ଆଠମଲ୍ଲିକ, ହିନ୍ଦୋଳ, ଦଶପଲ୍ଲା, ଖରସୁଆଁ, ରେଢ଼ାଖୋଲ, ତାଳଚେର, ବଲାଙ୍ଗୀର ଓ ନୀଳଗିରି ।

(iii) 'ଗ' ଶ୍ରେଣୀଭୁକ୍ତ ଗଡ଼ଜାତ ('C' Category Garajat)- 'ଗ' ଶ୍ରେଣୀଭୁକ୍ତ ୩ ଗୋଟି ଗଡ଼ଜାତ ହେଲେ- ରଣପୁର, ପାଲଲହଡ଼ା ଓ ତିଗିରିଆ ।

ଗଡଜାତ ରାଜ୍ୟ ମିଶ୍ରଣ ପର୍ବ

୧୯୪୫ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଅବସାନ ଘଟିଲା । ଏହାପରେ ଓଡ଼ିଶା ପ୍ରଦେଶ ଲେଜିସ୍‌ଲେଟିଭ୍ ଆସେମ୍ବ୍ଲି ନିମିତ୍ତ ନିର୍ବାଚନ ଅନୁଷ୍ଠିତ ହେଲା । ଏଥିରେ କଂଗ୍ରେସର ବିପୁଳ ବିଜୟ ଘଟିଲା । ୧୯୪୬ ମସିହା ଅପ୍ରେଲ ମାସ ୩ ତାରିଖରେ ଡକ୍ଟର ହରେକୃଷ୍ଣ ମହତାବ ଓଡ଼ିଶାର ପ୍ରଧାନମନ୍ତ୍ରୀ ହେଲେ । ଏହି ବର୍ଷ କ୍ୟାବିନେଟ୍ ମିଶନ୍ ଭାରତ ପରିଦର୍ଶନରେ ଆସିଲେ । ଗଡ଼ଜାତ ରାଜ୍ୟଗୁଡ଼ିକର ନୂତନ ଓଡ଼ିଶାପ୍ରଦେଶ ସହିତ ମିଶ୍ରଣ ପ୍ରସଙ୍ଗ କ୍ୟାବିନେଟ୍ ମିଶନ୍ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ଡକ୍ଟର ମହତାବ ପ୍ରତିଶ୍ରୁତି ଦେଲେ ।

୧୯୪୬ ମସିହା ଅକ୍ଟୋବର ମାସ ୧୬ ତାରିଖରେ ପ୍ରଧାନମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ସମ୍ବଲପୁର ଠାରେ ଗଡ଼ଜାତମାନଙ୍କର ରାଜାମାନଙ୍କୁ ନେଇ ଏକ ଆଲୋଚନା ସଭା ଅନୁଷ୍ଠିତ କରାଇଥିଲେ । ଓଡ଼ିଶା ତଥା ଗଡ଼ଜାତ ଗୁଡ଼ିକରେ ଆଇନଶୃଙ୍ଖଳା ରକ୍ଷା କରିବା, ଶାନ୍ତି ବଜାୟ ରଖିବା ଏବଂ ସମୂହ ବିକାଶ ନିମିତ୍ତ ଓଡ଼ିଶା ପ୍ରଦେଶ ସହିତ ଗଡ଼ଜାତଗୁଡ଼ିକର ମିଶ୍ରଣ ଆବଶ୍ୟକ ବୋଲି ଡକ୍ଟର ମହତାବ ପ୍ରସ୍ତାବ ରଖିଲେ । ଏହି ପ୍ରସ୍ତାବ ସମ୍ପର୍କରେ ସେ ଭାରତର ତତ୍କାଳୀନ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଏକ ଦାବିପତ୍ର ପ୍ରଦାନ କଲେ ।

Digitized by PPRACHIN, SOA

୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭ କଲା ।

୧୯୪୭ ମସିହା ନଭେମ୍ବର ୨୦ ତାରିଖରେ ଭାରତର ତତ୍କାଳୀନ ଗୃହ ସଚିବ ଭି.ପି. ମେନନ୍‌ଙ୍କ ପ୍ରକୋଷ୍ଠରେ ଗୋଟିଏ ସଭାର ଆୟୋଜନ ହେଲା । ଏହି ସଭାରେ ଡକ୍ଟର ହରେକୃଷ୍ଣ ମହତାବ ଯୋଗଦାନ କରିଥିଲେ ।

୧୯୪୭ ମସିହା ଡିସେମ୍ବର ୨୪ରେ ହରେକୃଷ୍ଣ ମହତାବ କଟକଠାରେ ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣ ପାଇଁ ଗୋଟିଏ ସଭା ଡକାଇଲେ । ସର୍ଦ୍ଦାର ବଲ୍ଲଭଭାଇ ପଟେଲ ମହତାବବାବୁଙ୍କ ଅନୁରୋଧ କ୍ରମେ ଏହି ସଭାରେ ଉପସ୍ଥିତ ଥିଲେ । ସେ ୨୬ଗୋଟି ଗଡ଼ଜାତ ରାଜାମାନଙ୍କ ସହିତ ବ୍ୟକ୍ତିଗତ ଭାବରେ ଆଲୋଚନା କଲେ । ଓଡ଼ିଶା ପ୍ରଦେଶ ସହିତ ସେମାନଙ୍କର ରାଜ୍ୟଗୁଡ଼ିକୁ ମିଶ୍ରଣ କରାଇବା ପାଇଁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପରାମର୍ଶ ଦେଲେ । ସେମାନଙ୍କର ବ୍ୟକ୍ତିଗତ ପଦମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା, ସେମାନଙ୍କୁ ସୁବିଧା ସୁଯୋଗ, ଭତ୍ତା ପ୍ରଭୃତି ଦେବାପାଇଁ ସେ ପ୍ରତିଶ୍ରୁତି ଦେଲେ । ବହୁ ତର୍କବିତର୍କ ଚାଲିଲା । ତାପରେ 'ଖ' ଏବଂ 'ଗ' ଶ୍ରେଣୀ ଗଡ଼ଜାତ ସମୂହ ଯଥା- ଆଠଗଡ଼, ବଡ଼ମ୍ବା, ନରସିଂହପୁର, ଆଠମଲ୍ଲିକ, ହିନ୍ଦୋଳ, ଦଶପଲ୍ଲା, ଖଣ୍ଡପଡ଼ା, ଖରସୁଆଁ, ରେଢ଼ାଖୋଲ, ତାଳଚେର, ବଲାଙ୍ଗୀର, ନୀଳଗିରି, ରଣପୁର, ପାଲଲହଡ଼ା ଓ ତିଗିରିଆ ରାଜାମାନେ ମିଶ୍ରଣ ଦଲିଲରେ ଦସ୍ତଖତ କଲେ । ମାତ୍ର 'କ' ଶ୍ରେଣୀଭୁକ୍ତ ଗଡ଼ଜାତ ରାଜାମାନେ ଏହାକୁ ବିରୋଧ କଲେ ।

ଯଦିଓ 'କ' ଶ୍ରେଣୀଭୁକ୍ତ ଗଡ଼ଜାତର ରାଜାମାନେ ମିଶ୍ରଣ ଦଲିଲରେ ଦସ୍ତଖତ କରିବାକୁ ଅନିଚ୍ଛା ପ୍ରକାଶ କରୁଥିଲେ, କିନ୍ତୁ ପରିସ୍ଥିତିର ଗମ୍ଭୀରତାକୁ ଉପଲବ୍ଧି କରି ସେମାନେ ମିଶ୍ରଣ ଦଲିଲରେ ଦସ୍ତଖତ କଲେ । କେବଳ ମୟୂରଭଞ୍ଜ ରାଜା ଏଥିରେ ଦସ୍ତଖତ କରି ନ ଥିଲେ ।

୧୯୪୮ ମସିହା ଜାନୁୟାରୀ ୧ ତାରିଖରେ ଗଡ଼ଜାତ ରାଜ୍ୟ ସମୂହର ଓଡ଼ିଶା ପ୍ରଦେଶ ସହିତ ମିଶ୍ରଣ ଘଟିଲା । ଏହାର ଏକବର୍ଷ ପରେ ୧୯୪୯ ଜାନୁୟାରୀ ୧ ତାରିଖରେ ମୟୂରଭଞ୍ଜ ରାଜ୍ୟ ଓଡ଼ିଆ ପ୍ରଦେଶ ସହିତ ସାମିଲ ହେଲା ।

ସୁତରାଂ ନୟାଗଡ଼ ଗଡ଼ଜାତ ୧୯୪୮ ମସିହା ଜାନୁୟାରୀ ୧ ତାରିଖରେ ଓଡ଼ିଶା ପ୍ରଦେଶ ସହିତ ସାମିଲ ହେଲା । ନୀଳମଣି ସେନାପତି "Gazateer of India"ରେ ଲେଖିଛନ୍ତି– "The district of Puri includes the ex-state areas of Ranpur, Nayagarh, Khandapara and Daspalla. These ex-states merged with Orissa of the 1st January, 1948. The

Digitized by PPRACHIN, SOA

administration of the ex-states was taken over under the provisions of the Extra Provincial Jurisdictions Act, 1947."

ନୟାଗଡ଼ ସବ୍-ଡିଭିଜନ୍ ଗଠନ

୧୯୪୯ ମସିହାରେ ନୟାଗଡ଼ ଅନୁବିଭାଗ (Sub-division) ସୃଷ୍ଟି ହେଲା । ଏହାକୁ ପୁରୀ ଜିଲ୍ଲାର ଅନ୍ତର୍ଭୁକ୍ତ କରାଗଲା । ଉଲ୍ଲେଖଯୋଗ୍ୟ ଯେ ପୁରୀ ଜିଲ୍ଲାରେ ୪ ଗୋଟି ସବ୍-ଡିଭିଜନ୍ ରହିଥିଲା । ତାହା ହେଉଛି- ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା ଓ ନୟାଗଡ଼ । ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା ଓ ରଣପୁର- ଏହି ଚାରିଗୋଟି ତହସିଲକୁ ନେଇ ନୟାଗଡ଼ ସବ୍-ଡିଭିଜନ୍ ଗଠିତ ହୋଇଥିଲା । ସ୍ୱାଧୀନତା ପ୍ରାପ୍ତିର ପୂର୍ବରୁ ଏହି ଚାରିଗୋଟି ତହସିଲ୍ ଗୋଟିଏ ଲେଖାଏଁ ଗଡ଼ଜାତ ରାଜ୍ୟ ଥିଲେ । ନୟାଗଡ଼ ସବ୍‌ଡିଭିଜନ୍‌ର ସଦର ମହକୁମା ନୟାଗଡ଼ ଟାଉନ୍ । ଏହା ରୁକ୍ଷି ଓ ବଳରାମ ପାହାଡ଼ର କ୍ରୋଡ଼ ଦେଶରେ ଅବସ୍ଥିତ । ଏହାର ଆୟତନ ୧୫୫୪ ବର୍ଗ କିଲୋମିଟର ଥିଲା ।

ନୟାଗଡ଼ ସବ୍-ଡିଭିଜନ୍ ଗଠନ ହେଲାପରେ Administrator ନୟାଗଡ଼ ଶାସନ ଭାର ହାତକୁ ନେଲେ । A. G. Bhatacharya ୧/୧/୧୯୪୮ରୁ ନୟାଗଡ଼ର ଅନୁବିଭାଗୀୟ ଅଧିକାରୀ (S.D.O.) ଭାବରେ ଦାୟିତ୍ୱ ଗ୍ରହଣ କଲେ ।

ନୟାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ (Nayagarh Notified Area Council) :- ଦରବାର ପ୍ରଶାସନ ସମୟରେ ନୟାଗଡ଼ ଟାଉନ୍‌ରେ ଗୋଟିଏ ମୁନିସ୍‌ପାଲିଟି କାର୍ଯ୍ୟ କରୁଥିଲା । ନୟାଗଡ଼ର ରାଜା ତଥା ରୁଲିଂ ଚିଫ୍ କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କ ରାଜତ୍ୱ ସମୟରେ ତା୭।୭।୧୯୪୦ମସିହାରେ ନୟାଗଡ଼ରେ ମ୍ୟୁନିସ୍‌ପାଲିଟି ଗଠିତ ହୋଇଥିଲା । ନୟାଗଡ଼ ଗଡ଼ଜାତ ଓଡ଼ିଶା ରାଜ୍ୟ ସହିତ ମିଶ୍ରଣ ହେବା ପରେ ମଧ ଏହି ମୁନିସ୍‌ପାଲିଟି ୧୯୫୨ ମସିହା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିଲା । ଏହାପରେ ମୁନିସ୍‌ପାଲିଟିର କାର୍ଯ୍ୟ ପରିଚାଳନା ପାଇଁ ଗୋଟିଏ ଜଏଣ୍ଟ କମିଟି ଗଠନ କରାଗଲା, କିନ୍ତୁ ପରେ ଏହାକୁ ଉଠାଇ ଦିଆଗଲା । ୧୯୫୩ ମସିହା ପର୍ଯ୍ୟନ୍ତ ମୁନିସ୍‌ପାଲିଟି ଗୋଟିଏ ଆଡ଼ହକ୍ କମିଟିଦ୍ୱାରା ପରିଚାଳିତ ହେଉଥିଲା । ୧୯୫୩ ମସିହା ମେ' ମାସ ୧୩ ତାରିଖରେ ନୟାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ କରାଗଲା । ରାଜ୍ୟ ସରକାରଙ୍କ ୧୯୫୩ ମସିହା ମେ' ମାସ ୧୩ ତାରିଖ ଚିଠି ସଂଖ୍ୟା ୪୪୭୫ ଅନୁସାରେ ନୟାଗଡ଼ ସହର ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ କରାଗଲା । ଏହି ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରଶାସନ ବ୍ୟବସ୍ଥା ଚେୟାରମାନ୍ ଏବଂ ଭାଇସ୍ ଚେୟାରମାନଙ୍କ ଦ୍ୱାରା ପରିଚାଳିତ ହେଲା । ଇକ୍‌ଜ୍ୟୁକ୍ୟୁଟିଭ୍ ଅଫିସର କାଉନ୍‌ସିଲ୍ ଦ୍ୱାରା ପାରିତ ହେଉଥିବା ରିଜୋଲ୍ୟୁସନ(resolution) ଗୁଡ଼ିକୁ କାର୍ଯ୍ୟକାରୀ କରିଥାନ୍ତି ।

Digitized by PPRACHIN, SOA

ନୟାଗଡ଼ ଜିଲ୍ଲା ଗଠନ

୧୯୯୩ ମସିହା ଚୈତ୍ର ଶୁକ୍ଳ ଦଶମୀ ଅପ୍ରେଲ ମାସ ୨ ତାରିଖରେ ନୟାଗଡ଼ ଜିଲ୍ଲାର ସୃଷ୍ଟି ହେଲା । ନୟାଗଡ଼ ବାସୀଙ୍କର ବହୁଦିନର ସ୍ୱପ୍ନ ସାର୍ଥକ ହେଲା । ନୟାଗଡ଼ର ବହୁ ବୁଦ୍ଧିଜୀବୀ, ସମାଜସେବୀ, ରାଜନୀତିଜ୍ଞ, ବିଶିଷ୍ଟ ବ୍ୟକ୍ତିମାନେ ନୟାଗଡ଼କୁ ଜିଲ୍ଲାରୂପେ ପରିଣତ କରିବା ପାଇଁ ଆପ୍ରାଣ ଚେଷ୍ଟା ଚଳାଇଥିଲେ । ସେମାନଙ୍କର ନିରନ୍ତର ପ୍ରଚେଷ୍ଟା ଓ ସଂଗ୍ରାମ ଫଳରେ ନୟାଗଡ଼ ସବ୍-ଡିଭିଜନ୍ ଜିଲ୍ଲାରେ ପରିଣତ ହେଲା ।

ନୟାଗଡ଼ର ପୂର୍ବତନ ରାଜନୀତିଜ୍ଞ ଭାଗବତ ବେହେରା "ମୋ ସ୍ୱପ୍ନର ନୟାଗଡ଼ ପ୍ରବନ୍ଧରେ ଲେଖିଛନ୍ତି- "ସ୍ୱାଧୀନତା ପ୍ରାପ୍ତି ପରେ ନୟାଗଡ଼ ତାର ଐତିହ୍ୟ ଓ ସ୍ୱାଭିମାନ ନିମନ୍ତେ ଓଡ଼ିଶା ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ଥିଲା । ନିକଟରେ ଅବସ୍ଥିତ ଥିବା ସମସ୍ତ ଗଡ଼ଜାତର କେନ୍ଦ୍ରସ୍ଥଳୀ ଭାବରେ ନୟାଗଡ଼କୁ ବ୍ରିଟିଶ ଶାସକମାନେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇ ଆସୁଥିଲେ ଏବଂ ସ୍ୱାଧୀନୋତ୍ତର ଓଡ଼ିଶାରେ ମଧ୍ୟ ପୂର୍ବବତ୍ ନୟାଗଡ଼ର ଏହି ଗୁରୁତ୍ୱ ଅପରିବର୍ତ୍ତିତ ରହିଥିଲା । ମୋର ମନେଅଛି ଆମ୍ଭମାନଙ୍କର ଛାତ୍ର ଅବସ୍ଥାରେ ଓଡ଼ିଶାର ୧୩ ଜିଲ୍ଲା ମଧ୍ୟରେ ନୟାଗଡ଼ କାହିଁକି ସ୍ଥାନ ପାଇନାହିଁ ବୋଲି ଆମ୍ଭେମାନେ କ୍ଷୋଭପ୍ରକାଶ କରୁଥିଲୁ । ଛାତ୍ରଜୀବନରୁ ରାଜନୀତି ସହିତ ସଂଶ୍ଳିଷ୍ଟ ଥାଇ ମୁଁ ସେତେବେଳେ ମଧ୍ୟ ଆଠଟି ଗଡ଼ଜାତକୁ ନେଇ ନୟାଗଡ଼କୁ ଏକ ସ୍ୱତନ୍ତ୍ର ଜିଲ୍ଲା କରିବାର ପ୍ରସ୍ତାବ ବାଢ଼ିଥିଲି ଏବଂ ଏହି ପରିକଳ୍ପନା ଏକ ଯଥାର୍ଥ ଓ ଐତିହାସିକ ତଥା ଭୌଗୋଳିକ ଭିତ୍ତିଭୂମି ଉପରେ ପର୍ଯ୍ୟବେସିତ ଥିଲା ।

ନୟାଗଡ଼କୁ ଏକ ସ୍ୱତନ୍ତ୍ର ଜିଲ୍ଲା ରୂପେ ଦେଖିବାର ସ୍ୱପ୍ନ ଆଖିରେ ଲାଖି ରହିଥିଲା ସେହିଦିନଠାରୁ । କିନ୍ତୁ ସମୟ, ସୁବିଧା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏହି ପରିକଳ୍ପନାକୁ ସାକାର କରିବାରେ ସବୁବେଳେ ଅନ୍ତରାୟ ସୃଷ୍ଟି କରୁଥିଲା । ଏକ ସ୍ୱତନ୍ତ୍ର ଜିଲ୍ଲା କରିବା ନିମନ୍ତେ ଯେଉଁ ରାଜନୈତିକ ଇଚ୍ଛାଶକ୍ତି ଓ ବଳିଷ୍ଠ ନେତୃତ୍ୱର ଆବଶ୍ୟକ, ତାହାର ଅଭାବ ସେତେବେଳେ ଗଭୀର ଭାବରେ ଅନୁଭୂତ ହୋଇଥିଲା । ସେତେବେଳେ ମୁଁ ସେହି ରାଜନୀତି ଆରମ୍ଭ କରୁଥିବା ଜଣେ ଯୁବକ । ସେହି ଦିନଠାରୁ ମୁଁ ନୟାଗଡ଼କୁ ଏକ ସ୍ୱତନ୍ତ୍ର ଜିଲ୍ଲାରେ ପରିଣତ କରିବାକୁ ଉତ୍ସର୍ଗୀକୃତ ଓ ଅବିରତ ପ୍ରଚେଷ୍ଟା କରିବା ନିମନ୍ତେ ଶପଥ ନେଇଥିଲି ।

୧୯୭୭ରେ ବିଜୁବାବୁଙ୍କ ବଳିଷ୍ଠ ନେତୃତ୍ୱର ନିର୍ବାଚନରେ ଆମେ ଜନସାଧାରଣଙ୍କର ରାୟ ପାଇ ଲୋକପ୍ରତିନିଧି ହୋଇଥିଲୁ । ସେ ସମୟରେ ମୁଁ ନୟାଗଡ଼କୁ ଏକ ସ୍ୱତନ୍ତ୍ର ଜିଲ୍ଲାର ମର୍ଯ୍ୟାଦା ଦେବା ନିମନ୍ତେ ତତ୍କାଳୀନ ସରକାରଙ୍କ

Digitized by PPRACHIN, SOA

ନିକଟରେ ଦାବି କରିଥିଲି । କିନ୍ତୁ ସେ ସରକାର କିଛି ନିଷ୍ପତ୍ତି ନେବା ପୂର୍ବରୁ ଶାସନଗାଦିରୁ ବିଦାୟ ନେଇଥିଲେ । ପରବର୍ତ୍ତୀ ସରକାର ସମୟରେ ଏକ ଜିଲ୍ଲା ପୁନର୍ଗଠନ କମିଟି ଗଠିତ ହୋଇ ସେଥିରେ ଓଡ଼ିଶାରେ ୧୩ଟି ସ୍ଥାନରେ ୨୧ଟି ଜିଲ୍ଲା କରିବା ନିମନ୍ତେ ସୁପାରିଶ କରାଯାଇଥିଲା । ପୁନରାୟ ୧୯୯୦ରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ସରକାର ପ୍ରତିଷ୍ଠିତ ହେଲା ପରେ ନୟାଗଡ଼ ଜିଲ୍ଲା ଦାବୀକୁ ଦୋହରାଇବା ନିମନ୍ତେ ମୋର ମନୋବଳ ବୃଦ୍ଧି ପାଇଥିଲା ।

ବିଜୁବାବୁ ଥିଲେ ବାସ୍ତବ ଦୂରଦ୍ରଷ୍ଟା, ସ୍ୱାଭିମାନୀ ଏବଂ ଦୃଢ଼ମନା ବ୍ୟକ୍ତିତ୍ୱ । ମୋର ବାରମ୍ବାର ଦାବିକୁ ସେ ଗୁରୁତ୍ୱର ସହିତ ଗ୍ରହଣ କରିଥିଲେ ଏବଂ ଜଣେ ସ୍ୱାଭିମାନୀ ବ୍ୟକ୍ତି ହିସାବରେ ନୟାଗଡ଼ର ସ୍ୱାଭିମାନର ଉପଯୁକ୍ତ ମର୍ଯ୍ୟାଦା ଦେବା ନିମନ୍ତେ ସେ ମନେ ମନେ ସ୍ଥିର କରିନେଇଥିଲେ । ମୁଁ ତାଙ୍କ ମନ୍ତ୍ରୀମଣ୍ଡଳର ସଦସ୍ୟ ଥାଇ ନୟାଗଡ଼ ଜିଲ୍ଲା ନିମନ୍ତେ ଦାବୀ ଉପସ୍ଥାପନ କଲାବେଳେ ମନ୍ତ୍ରୀମଣ୍ଡଳ କାର୍ଯ୍ୟ ବିଧିରେ ତାହା ସ୍ଥାନ ପାଇ ନ ଥିବାରୁ ବିଜୁବାବୁଙ୍କ ନିକଟରେ ପ୍ରଚଣ୍ଡ କ୍ଷୋଭ ପ୍ରକାଶ କରିଥିଲି ଏବଂ ନୟାଗଡ଼କୁ ସ୍ୱତନ୍ତ୍ର ଜିଲ୍ଲା କରା ନ ଯାଇ ଖୋର୍ଦ୍ଧାଜିଲ୍ଲା ଅଧୀନରେ ରଖାଗଲେ ମୁଁ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେବା ନିମନ୍ତେ ବିଜୁବାବୁଙ୍କୁ ନିର୍ଭୀକ ଭାବରେ କହିଥିଲି । ସ୍ୱାଭିମାନୀ, ସ୍ୱାଧୀନଚେତା, ଦୃଢ଼ମନା ଓ ନିର୍ଭୀକ ବିଜୁବାବୁ ମୋର ଏହି ମନୋଭାବକୁ ଅହଂକାର ରୂପେ ଗ୍ରହଣ ନ କରି ସ୍ୱାଭିମାନ ଓ ନିର୍ଭୀକତା ବୋଲି ଗ୍ରହଣ କରିଥିଲେ । ରାଜ୍ୟବାସୀଙ୍କୁ ଏକ ମଜଭୁତ ଏବଂ ବିକେନ୍ଦ୍ରୀକୃତ ପ୍ରଶାସନ ଦେବା ନିମନ୍ତେ ବିଜୁବାବୁ ଥିଲେ ବଦ୍ଧ ପରିକର । ନୂତନ ଜିଲ୍ଲା ଗଠନ ନିମନ୍ତେ ବହୁ ବାଦବିସମ୍ବାଦ ସୃଷ୍ଟି ହୋଇଥିଲା ଏବଂ ମୁଁ ଦୃଢ଼ଭାବରେ କହିବି ଯେ ବିଜୁବାବୁଙ୍କ ବ୍ୟତୀତ ଅନ୍ୟ କେହି ମୁଖ୍ୟମନ୍ତ୍ରୀ ଥିଲେ ସେ ସମସ୍ୟାର ସମାଧାନ କେବେହେଲେ କରିପାରି ନ ଥାନ୍ତେ । ବିଜୁବାବୁଙ୍କ ସମସ୍ୟା ସମାଧାନର ପନ୍ଥା ଥିଲା ତାଙ୍କ ମାନସିକ ଦୃଢ଼ତା ଏବଂ ସ୍ଥିର ନିଷ୍ପତ୍ତି । ସେ ଯାହା କରିବାକୁ ଥରେ ନିଷ୍ପତ୍ତି ନେଉଥିଲେ, ସେଥିରେ ସେ ଥିଲେ ଅଟଳ ମହାମେରୁ । ବାଧାବିଘ୍ନ, ଘାତ ପ୍ରତିଘାତ ଓ ବାଦବିସମ୍ବାଦକୁ ସେ ଭ୍ରୂକ୍ଷେପ କରୁ ନ ଥିଲେ । ନିଜର ନିଷ୍ପତ୍ତିରେ ଅଟଳ ରହି ସେ ଦୃଢ଼ଭାବରେ ତାହାଙ୍କୁ କାର୍ଯ୍ୟକାରୀ କରାଉଥିଲେ । ବିଜୁବାବୁଙ୍କ ହୃଦୟରେ ନୟାଗଡ଼ର ସ୍ୱାଭିମାନ ଏକ ସ୍ୱତନ୍ତ୍ର ସ୍ଥାନର ମର୍ଯ୍ୟାଦା ପାଇସାରିଥିଲା । ପ୍ରଥମ ପର୍ଯ୍ୟାୟରେ ଯେଉଁ ସତେଇଶି ଜିଲ୍ଲା ଗଠନର ଘୋଷଣା କରାଯାଇଥିଲା, ସେଥିରେ ସ୍ଥାନ ପାଇଥିଲା ନୟାଗଡ଼ । ନୟାଗଡ଼ ପ୍ରତି ସେହି ଚିର ନମସ୍ୟ, ଦୃଢ଼ମନା ବ୍ୟକ୍ତିତ୍ୱଙ୍କର ସଦିଚ୍ଛା ଓ ଆଶୀର୍ବାଦ ସବୁବେଳେ ନୟାଗଡ଼ ବାସୀଙ୍କର ପାଥେୟ ହୋଇ ରହିବ ।”

Digitized by PPRACHIN, SOA

ତେବେ ୧୯୯୩ ମସିହା ଅପ୍ରେଲ ମାସ ୨ ତାରିଖରେ ନୟାଗଡ଼ ଉପଖଣ୍ଡକୁ ଜିଲ୍ଲାରୂପେ ଘୋଷଣା କରାଗଲା । ଶ୍ରୀ ଜି.ଭି.ଭି. ଶର୍ମା, ଆଇ.ଏ.ଏସ୍. ନୟାଗଡ଼ ଜିଲ୍ଲାର ପ୍ରଥମ ଜିଲ୍ଲାପାଳ ରୂପେ ଦାୟିତ୍ୱ ଗ୍ରହଣ କଲେ ।

ନୟାଗଡ଼ ବାସୀଏ ଓଡ଼ିଶାର ମହାନ୍ ବ୍ୟକ୍ତିତ୍ୱ ବିଜୁବାବୁଙ୍କୁ ସମ୍ମାନ ପ୍ରଦର୍ଶନ କରିବାରେ କାଣିଚାଏ ମାତ୍ର ତ୍ରୁଟି କରି ନ ଥିଲେ । ୧୯୯୪ ମସିହା ଅପ୍ରେଲ ମାସ ୨ ତାରିଖରେ ଲକ୍ଷାଧିକ ଲୋକଙ୍କର ଏକ ବିରାଟ ପଟୁଆରରେ କଳିଙ୍ଗର ଏହି ବରପୁତ୍ରଙ୍କୁ ଦେବରାଜ ଇନ୍ଦ୍ରଙ୍କ ଭଳି ଐରାବତ ହସ୍ତୀ ପୃଷ୍ଠରେ ବସାଇ ପରିକ୍ରମା କରାଇ ଥିଲେ ନୟାଗଡ଼ବାସୀ । ନୟାଗଡ଼ ଜିଲ୍ଲା ଗଠନ ହେବା ପ୍ରସଙ୍ଗ ଓଡ଼ିଶା ଇତିହାସରେ ଏକ ସ୍ୱତନ୍ତ୍ର ଅଧ୍ୟାୟ । ବାସ୍ତବରେ ବିଜୁବାବୁଙ୍କର ନୟାଗଡ଼ ଜିଲ୍ଲା ଗଠନ ପାଇଁ ଯେଉଁ ମହନୀୟ ଅବଦାନ ଥିଲା, ତାହା ଇତିହାସରେ ସ୍ମରଣୀୟ ପର୍ବ ହୋଇରହିବ ।

୨୦୧୯ ମସିହାରେ ନୟାଗଡ଼ ଏନ୍.ଏ.ସି.କୁ ସରକାର ପୌରାଞ୍ଚଳ (Municipality Area) ଭାବରେ ଘୋଷଣା କଲେ । ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗ ଚିଠି ସଂଖ୍ୟା ୩୧୦୬ ତା ୧୧।୨।୨୦୧୯ ଅନୁସାରେ ନୟାଗଡ଼ ଏନ୍.ଏ.ସି. ମ୍ୟୁନିସପାଲିଟିର ମାନ୍ୟତା ଲାଭ କଲା ।

ଅନ୍ୟାନ୍ୟ ଅଗ୍ରଗତି

ବିଜୁଳି ଯୋଗାଣ : ୧୯୪୦ ମସିହାରେ ନୟାଗଡ଼ର ତତ୍କାଳୀନ ରାଜାଙ୍କ ଉଦ୍ୟମ ଫଳରେ ପାୱାର ହାଉସ୍ ଦ୍ୱାରା ପ୍ରଥମ ବିଜୁଳି ଯୋଗାଣ ଆରମ୍ଭ ହେଲା । ନୟାଗଡ଼ ମ୍ୟୁନିସ୍‌ପାଲିଟି ଦ୍ୱାରା ରାସ୍ତା ପାର୍ଶ୍ୱରେ ବିଜୁଳି ଆଲୋକ ପ୍ରଦାନର ବ୍ୟବସ୍ଥା କରାଗଲା । ମ୍ୟୁନିସ୍‌ପାଲିଟି ଏହି ବାବଦ ବ୍ୟୟ ଭାର ବହନ କରିଥିଲେ ।

ନୟାଗଡ଼ ବାର୍ ଆସୋସିଏସନ୍ : ୧୯୪୮ ମସିହାରେ ନୟାଗଡ଼ ବାର୍-ଆସୋସିଏସନ୍ ପ୍ରତିଷ୍ଠା ହେଲା । ପ୍ରଥମେ ସାତ ଜଣ ସଦସ୍ୟଙ୍କୁ ନେଇ ଏହା ଗଠିତ ହୋଇଥିଲା । ସୂଚନାଯୋଗ୍ୟ ଯେ, ଖୋର୍ଦ୍ଧା ବାର୍ ଆସୋସିଏସନ୍ ସାତଜଣ ଓକିଲଙ୍କୁ ନେଇ ୧୯୫୪ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ଭୁବନେଶ୍ୱର ବାର୍ ଆସୋସିଏସନ୍ ଆଠଜଣ ସଦସ୍ୟଙ୍କୁ ନେଇ ୧୯୫୯ ମସିହାରେ ପ୍ରତିଷ୍ଠିତ ହୋଇଥିଲା ।

୧୯୫୭ ମସିହା ବେଳକୁ ପୁରୀ ଜଜ୍‌ସିପ୍‌ର ନାମ ଥିଲା– "Puri-Nayagarh Judgeship." ଏହାଥିଲା ଜିଲ୍ଲା ଜଜ୍‌କୋର୍ଟ । ଏହି ସମୟରେ ପୁରୀ, ଭୁବନେଶ୍ୱର ଓ ନୟାଗଡ଼ରେ ସବ୍‌ଜଜ୍ କୋର୍ଟ କାର୍ଯ୍ୟକାରୀ ହେଲା । ୧୯୯୪ ମସିହାରେ ନୟାଗଡ଼ରେ ଚିଫ୍ ଜୁଡ଼ିସିଆଲ୍ ମାଜିଷ୍ଟ୍ରେଟ୍ (C.J.M.) କୋର୍ଟ କାର୍ଯ୍ୟକାରୀ ହେଲା । ୧୯୯୭ ମସିହାରେ ନୟାଗଡ଼ରେ ଅତିରିକ୍ତ ଜିଲ୍ଲା ଜଜ୍ (A.D.J.) କୋର୍ଟ

Digitized by PPRACHIN, SOA

କାର୍ଯ୍ୟକାରୀ ହେଲା । ୨୦୧୧ ମସିହାରୁ ନୟାଗଡ଼ରେ ଜିଲ୍ଲା ଜଜ୍ କୋର୍ଟ (District Judge Court) କାର୍ଯ୍ୟକ୍ଷମ ହୋଇଅଛି । ବର୍ତ୍ତମାନ ନୟାଗଡ଼ ବାର ଆସୋସିଏସନ୍‌ର ସଦସ୍ୟ ସଂଖ୍ୟା ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ।

ନୟାଗଡ଼ ମହାବିଦ୍ୟାଳୟ ପ୍ରତିଷ୍ଠା : ୧୯୬୧ ମସିହା ଜୁଲାଇ ମାସ ୯ ତାରିଖ ହେଉଛି ନୟାଗଡ଼ ମହାବିଦ୍ୟାଳୟର ଜନ୍ମଲଗ୍ନ । ୧୯୫୨ ମସିହାରେ ନୟାଗଡ଼ର ତତ୍କାଳୀନ ଏସ୍.ଡି.ଓ. ଉଦୟ ନାଥ ପଟ୍ଟନାୟକ ନୟାଗଡ଼ ମହାବିଦ୍ୟାଳୟର ପରିକଳ୍ପନା କରିଥିଲେ । ତେବେ ନୟାଗଡ଼ର ପୂର୍ବତନ ଏସ୍.ଡି.ଓ. ଭ୍ରମରବର ଜେନା ନୟାଗଡ଼ ମହାବିଦ୍ୟାଳୟର ହେଉଛନ୍ତି ପ୍ରାଣ ପ୍ରତିଷ୍ଠାତା । ନୟାଗଡ଼ ମହାବିଦ୍ୟାଳୟକୁ ସାକାର କରିବା ପାଇଁ ଯେଉଁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହଯୋଗ ଜାରି ରହିଥିଲା, ସେମାନଙ୍କ ମଧ୍ୟରେ ଉଲ୍ଲେଖଯୋଗ୍ୟ କେତେଜଣ ହେଉଛନ୍ତି- ଅକ୍ରୁର ମହାପାତ୍ର (ଆଇନ୍‌ଜୀବୀ), ରଘୁନାଥ ମହାପାତ୍ର (କୃଷି ବିଶେଷଜ୍ଞ), ନରସିଂହ ପଟ୍ଟନାୟକ (ଆଇନ୍‌ଜୀବୀ), ରଘୁନାଥ ଦାସ (ଏନ୍.ଏ.ସି. ଚେୟାରମ୍ୟାନ୍), ଅଚ୍ୟୁତାନନ୍ଦ ମହାନ୍ତି (ପୂର୍ବତନ ବିଧାୟକ), ରାଜକିଶୋର ପଟ୍ଟନାୟକ (କବି), ରାଜକିଶୋର ପଟ୍ଟନାୟକ (ଓକିଲ), ଜଳଧର ବେହେରା (ଓକିଲ), ବେଣୁଧର ମହାପାତ୍ର (କୃଷିବିଶାରଦ), ହରିହର ସିଂହ ମର୍ଦ୍ଦରାଜ (ଖଣ୍ଡପଡ଼ା ରାଜା), ପୂର୍ଣ୍ଣଚନ୍ଦ୍ର ଦେଓଭଞ୍ଜ (ଦଶପଲ୍ଲା ରାଜା), ବ୍ରଜେନ୍ଦ୍ର ଚନ୍ଦ୍ର ସିଂହ (ରଣପୁର ରାଜା), କୃଷ୍ଣଚନ୍ଦ୍ର ସିଂହ ମାନଧାତା (ନୟାଗଡ଼ ରାଜା) । ତେବେ କଲେଜ ପ୍ରତିଷ୍ଠା କମିଟିରେ ୬୪ ଜଣ ସଦସ୍ୟ ରହିଥିଲେ । ଶ୍ରୀ ଗୋପାଳ ଚନ୍ଦ୍ର ପଟ୍ଟନାୟକ, ଓ.ଇ.ସ୍.(୧) ନୟାଗଡ଼ ମହାବିଦ୍ୟାଳୟ ପ୍ରଥମ ପ୍ରିନ୍‌ସିପାଲ ଭାବରେ ୬।୭।୧୯୬୧ ଠାରୁ ୫।୭।୧୯୬୭ ପର୍ଯ୍ୟନ୍ତ ଅବସ୍ଥାପିତ ଥିଲେ । ନୟାଗଡ଼ ମହାବିଦ୍ୟାଳୟର ନୂତନ କୋଠାକୁ ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ଶ୍ରୀଯୁକ୍ତ ଅଯୋଧ୍ୟା ନାଥ ଖୋସଲା ୧୯୬୩ ମସିହା ଫେବୃୟାରୀ ମାସ ୧୦ ତାରିଖରେ ଉଦ୍‌ଘାଟନ କରିଥିଲେ । ୨୦୦୬-୦୭ ଶିକ୍ଷାବର୍ଷରେ ନୟାଗଡ଼ ମହାବିଦ୍ୟାଳୟ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରିଣତ ହେଲା ।

ପ୍ରଥମ କଳପାଣି ଯୋଗାଣ : ୧୯୬୮ ମସିହା ଜାନୁୟାରୀ ୧୮ ତାରିଖରେ ନୟାଗଡ଼ ସହରରେ ପ୍ରଥମ କଳପାଣି ଯୋଗାଣ ଆରମ୍ଭ ହେଲା ।

ଜିଲ୍ଲାମୁଖ୍ୟ ଚିକିତ୍ସାଳୟ, ନୟାଗଡ଼ (District Hospital, Nayagarh) : ୧୯୦୭ ମସିହା ପୂର୍ବରୁ ନୟାଗଡ଼ ରାଜାଙ୍କ ଦ୍ୱାରା ଗୋଟିଏ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇଥିଲା । ଏଥିରେ ଅନ୍ତର୍ଗୃହ ବାସ ବ୍ୟବସ୍ଥା (Indoor-accomodation) ଥିଲା । ଏହାର ନାମକରଣ କରାଯାଇଥିଲା 'Phillips Dispensary' (ଫିଲିପସ୍ ଚିକିତ୍ସାଳୟ) । ୧୯୨୮ ମସିହାରେ ଏହାକୁ ହସ୍‌ପିଟାଲ୍‌ରେ ପରିଣତ କରାଗଲା ଏବଂ ଏହାର ନାମକରଣ କରାଗଲା 'ସଦର

Digitized by PPRACHIN, SOA

ହସ୍ପିଟାଲ, ନୟାଗଡ଼' (Sadar Hospital, Nayagarh) । ୧୯୪୮ ମସିହାରେ ନୟାଗଡ଼ ଗଡ଼ଜାତ ଓଡ଼ିଶା ପ୍ରଦେଶ ସହିତ ସାମିଲ ହେଲା । ତେଣୁ ଡାକ୍ତରଖାନାର ନାମକରଣ କରାଗଲା 'ସବ୍‌ଡିଭିଜନାଲ୍ ହସ୍ପିଟାଲ' (Sub-divisional Hospital) । ୧୯୯୩ ମସିହାରେ ନୟାଗଡ଼ ସବ୍-ଡିଭିଜନ୍ ଜିଲ୍ଲା ରୂପେ ଘୋଷିତ ହେଲା । ତେଣୁ ଡାକ୍ତରଖାନାକୁ ଉନ୍ନୀତ କରାଯାଇ 'ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନୟାଗଡ଼' (District Hospital, Nayagarh) ଭାବରେ ନାମିତ କରାଗଲା ।

ଏନ୍.ଏ.ସି.(N.A.C.) ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା : ୧୯୬୮ ମସିହାରେ ନୟାଗଡ଼ ସହରରେ ମଧ୍ୟ-ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା ହେଲା । ୧୯୭୪ ମସିହାରେ ଏହା ଉଚ୍ଚବିଦ୍ୟାଳୟକୁ ଉନ୍ନୀତ ହେଲା ।

ଦାଶରଥି ପଟ୍ଟନାୟକ ଲାଇବ୍ରେରୀ ଟ୍ରଷ୍ଟ : ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ନୂଆଗାଁ ଠାରୁ ୭ କିଲୋମିଟର ଦୂରତାରେ ଉଦୟପୁର ଗ୍ରାମ ଅବସ୍ଥିତ । ଏହି ଉଦୟପୁର ଗ୍ରାମରେ ଦାଶରଥି ପଟ୍ଟନାୟକ ତାଙ୍କ ପିତାଙ୍କ ନାମରେ ୧୯୫୯ ମସିହାରେ ବାଞ୍ଛାନିଧି ପାଠାଗାର ପ୍ରତିଷ୍ଠା କରିଥିଲେ । ୧୯.୫.୧୯୫୯ରେ ବାଞ୍ଛାନିଧି ପାଠାଗାରକୁ ଆନୁଷ୍ଠାନିକ ଭାବରେ ବିଶିଷ୍ଟ ନାରୀନେତ୍ରୀ ରମାଦେବୀ ଉଦ୍‌ଘାଟନ କରିଥିଲେ । ଏହି ବାଞ୍ଛାନିଧି ପାଠାଗାରକୁ ନେଇ ୧୯୯୫ ମସିହା ନଭେମ୍ବର ମାସ ୨୪ ତାରିଖରେ ସରକାରୀ ସହାୟତାରେ ଟ୍ରଷ୍ଟ ଗଠନ କରାଗଲା । ଏହାର ନାମକରଣ ରଖାଗଲା- "ଦାଶରଥି ପଟ୍ଟନାୟକ ଲାଇବ୍ରେରୀ ଟ୍ରଷ୍ଟ । ଦାଶରଥି ପଟ୍ଟନାୟକ ସଂଗ୍ରହ କରି ପାଠଗାରରେ ରଖିଛନ୍ତି ୪୦,୦୦୦ରୁ ଊର୍ଦ୍ଧ୍ୱ ପୁସ୍ତକ । ବିଭିନ୍ନ ପତ୍ରପତ୍ରିକା ଓ ସ୍ମରଣିକା ପ୍ରାୟ ୬୫,୦୦୦ରୁ ଊର୍ଦ୍ଧ୍ୱ ଏହା ପ୍ରାୟ ୨୬୦୦ ପ୍ରକାରର । ୪୦ଟି ଭାଷାରେ ସଂଗୃହୀତ ବହି ଓ ପତ୍ରପତ୍ରିକା ମଧ୍ୟରେ ରହିଛି ୩୫ଟି ଭାଷାର ଅଭିଧାନ । ୧୬୫ ପ୍ରକାର ଶିଶୁ ପତ୍ରିକା ଓ ୨୦୦ ପ୍ରକାରର କିଶୋର ଡାଇଜେଷ୍ଟ ରହିଛି । ଦାଶରଥି ପଟ୍ଟନାୟକଙ୍କ ଅନ୍ୟତମ ଅନୁଷ୍ଠାନଟି ହେଉଛି ଶ୍ରୀଅରବିନ୍ଦ ସଂଗ୍ରହାଳୟ । ପ୍ରାକ୍ ଐତିହାସିକ ଯୁଗରୁ ଆରମ୍ଭ କରି ଆଧୁନିକ ମଣିଷ ଦ୍ୱାରା ବ୍ୟବହୃତ ବିଭିନ୍ନ ଦ୍ରବ୍ୟର ନମୁନା ଏଠାରେ ସଂରକ୍ଷିତ । ବିଭିନ୍ନ ସଭ୍ୟତାର ଶିଳ୍ପ, ଭାସ୍କର୍ଯ୍ୟ, ହସ୍ତଶିଳ୍ପର ନମୁନା, ଭାରତ ଓ ବିଦେଶର ବହୁ ପ୍ରାଚୀନ ମୁଦ୍ରା, ଡାକଟିକେଟ୍, ସମୁଦ୍ରଭିତରେ ଲୁପ୍ତପ୍ରାୟ ବିଭିନ୍ନ ପ୍ରବାଳର ଅଂଶବିଶେଷ, ବିଭିନ୍ନ ସାମୁଦ୍ରିକ ଜୀବର ଅସ୍ଥି, ପୃଥିବୀର ବିଭିନ୍ନ ଖଣିର ଧାତୁପଥର, ଚନ୍ଦ୍ରପୃଷ୍ଠର ମୃତ୍ତିକା, ଜୟପୁର ମହାରାଜ ଓ ବଲାଙ୍ଗୀର ମହାରାଜାଙ୍କ ହସ୍ତୀଦନ୍ତ ନିର୍ମିତ ବାକ୍ସ, ପଣ୍ଡିତ ଗୋପବନ୍ଧୁ ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ବ୍ୟବହୃତ ଟିଣ ବାକ୍ସ, କବି ଯଦୁମଣି ମହାପାତ୍ରଙ୍କ କର୍ଣ୍ଣର ମୋତି ନିର୍ମିତ କୁଣ୍ଡଳ ଓ କଣ୍ଠିମାଳା ପ୍ରଭୃତି ଏଠାରେ ସାଇତା ହୋଇ ରହିଛି ।

Digitized by PPRACHIN, SOA

ଦାଶରଥି ପଟ୍ଟନାୟକଙ୍କ ଅନ୍ୟତମ ଅନୁଷ୍ଠାନଟି ହେଉଛି "ଯଦୁମଣି ସାହିତ୍ୟ ସଂସଦ, ଉଦୟପୁର"। ୧୯୭୫ ମସିହା ଜୁଲାଇ ମାସ ୯ ତାରିଖରେ ଏହି ଅନୁଷ୍ଠାନକୁ ପ୍ରତିଷ୍ଠା କରାଯାଇଛି।

ନୟାଗଡ଼ ଚିନିଶିଳ୍ପ : ୧୯୮୮ ମସିହାରେ ନୟାଗଡ଼ ଟାଉନ୍‌ଠାରୁ ଆଠ କିଲୋମିଟର ଦୂରତାରେ ପାଣିପୋଇଲା ଠାରେ ଚିନି କାରଖାନା ପ୍ରତିଷ୍ଠା କରାଯାଇଥିଲା। ଏଥିରୁ ଉତ୍କୃଷ୍ଟ ଧରଣର ଚିନି ଉତ୍ପାଦିତ ହେଉଥିଲା। ଏହା ଓଡ଼ିଶାର ପ୍ରମୁଖ ଚିନିକଳ ମଧ୍ୟରୁ ଅନ୍ୟତମ।

ପଠାଣି ସାମନ୍ତ ସଂଗ୍ରହାଳୟ, ଖଣ୍ଡପଡ଼ା : ସାମନ୍ତ ଚନ୍ଦ୍ରଶେଖର ଓରଫ୍ ପଠାଣି ସାମନ୍ତ ଖଣ୍ଡପଡ଼ା ଗଡ଼ରେ ଜନ୍ମଗ୍ରହଣ କରିଥିଲେ। ସେ ଥିଲେ ଉତ୍କଳ ମାତାଙ୍କର ଯୋଗ୍ୟତମ ପୁତ୍ର। 'ସିଦ୍ଧାନ୍ତ-ଦର୍ପଣ" ତାଙ୍କର ମହନୀୟ କୃତି। ବ୍ରିଟିଶ ସରକାର ତାଙ୍କୁ "ମହାମହୋପାଧ୍ୟାୟ" ଉପାଧିରେ ଭୂଷିତ କରିଥିଲେ। ଉତ୍କଳର ଏହି ଯୋଗ୍ୟତମ ସନ୍ତାନଙ୍କର ପବିତ୍ର ସ୍ମୃତିକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ତରଫରୁ ଖଣ୍ଡପଡ଼ା ଠାରେ "ପଠାଣି ସାମନ୍ତ ସଂଗ୍ରହାଳୟ" ପ୍ରତିଷ୍ଠା କରାଯାଇଛି। ତା୨୧।୧୨।୨୦୧୬ରେ ଏହି ସଂଗ୍ରହାଳୟ ମାନ୍ୟଗଣ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏହି ସଂଗ୍ରହାଳୟରେ ପଠାଣି ସାମନ୍ତଙ୍କ ଜୀବନୀ ଓ ଗବେଷଣା ସମ୍ପର୍କିତ ବିଭିନ୍ନ ଆକର୍ଷଣୀୟ ଗ୍ୟାଲେରୀ ରହିଛି।

ନୟାଗଡ଼ ମଡେଲ ଡିଗ୍ରୀ କଲେଜ : ନୟାଗଡ଼ ଜିଲ୍ଲାରେ ଉଚ୍ଚଶିକ୍ଷାର ପ୍ରସାର ନିମିତ୍ତ ଓଡ଼ିଶା ସରକାର ୨୦୧୬ ମସିହାରେ ନୟାଗଡ଼ ଜିଲ୍ଲାରେ ଗୋଟିଏ ମଡେଲ ଡିଗ୍ରୀ କଲେଜ ପ୍ରତିଷ୍ଠା କରିବା ନିମିତ୍ତ ସ୍ଥିର କଲେ ଏବଂ ନୟାଗଡ଼ ଟାଉନ୍ ନିକଟବର୍ତ୍ତୀ ଲାଠିପଡ଼ା ଠାରେ ଏହି ମଡେଲ ଡିଗ୍ରୀ କଲେଜ ପ୍ରତିଷ୍ଠା ହେଲା। ଏହା ହେଉଛି ନୟାଗଡ଼ ଜିଲ୍ଲାର ଏକମାତ୍ର ସରକାରୀ କଲେଜ।

ରେଳଷ୍ଟେସନ୍ ପ୍ରତିଷ୍ଠା : ନୟାଗଡ଼ ଜିଲ୍ଲାରେ ରେଳଲାଇନ୍ ଓ ରେଳଷ୍ଟେସନ୍ ପ୍ରତିଷ୍ଠା, ରେଳଗାଡ଼ି ଚଳାଚଳ ଅତ୍ୟନ୍ତ ଅଭିନନ୍ଦନୀୟ ପଦକ୍ଷେପ। ୨୦୧୯ ମସିହାରେ ନୟାଗଡ଼ ରେଳଷ୍ଟେସନ୍ ପ୍ରତିଷ୍ଠା ହେଲା। ପୁରୀଠାରୁ ନୟାଗଡ଼ ପର୍ଯ୍ୟନ୍ତ ନିୟମିତ ରେଳଚଳାଚଳ କରୁଅଛି। ବର୍ତ୍ତମାନ ନୟାଗଡ଼ ଜିଲ୍ଲାର ମହୀପୁର ଷ୍ଟେସନ ପର୍ଯ୍ୟନ୍ତ ରେଳ ଚଳାଚଳ କରୁଅଛି।

ବଳାଙ୍ଗୀବନ୍ଧ ପାର୍କ : ନୟାଗଡ଼ଠାରୁ ଦୁଇ କିଲୋମିଟର ଦୂରତାରେ ଅବସ୍ଥିତ ବଳାଙ୍ଗୀବନ୍ଧ ଠାରେ ଏକ ସୁଦୃଶ୍ୟ ଓ ବୃହତ୍ ପାର୍କ ରାଜ୍ୟସରକାରଙ୍କ ତରଫରୁ ନିର୍ମାଣ କରାଯାଇଛି। ନୟାଗଡ଼ ଜିଲ୍ଲାବାସୀ ଏହି ପାର୍କ ଦ୍ୱାରା ଉପକୃତ ହେବେ, ଏଥିରେ ସନ୍ଦେହ ନାହିଁ।

◻■◻

Digitized by PPRACHIN, SOA

ଦଶମ ପରିଚ୍ଛେଦ

ନୟାଗଡ଼ ଜିଲ୍ଲାର ଓଡ଼ିଆ ସାହିତ୍ୟ

Digitized by PPRACHIN, SOA

ସାହିତ୍ୟ ମାନବୀୟ ଚିନ୍ତା ଓ ଚେତନାର କମନୀୟ ଅଭିବ୍ୟକ୍ତି, ମଞ୍ଜୁଳ କଳାଶିଳ୍ପ । ସ୍ୱଚ୍ଛ ଅନୁଭବ, ଦିବ୍ୟଦର୍ଶନ, ଗଭୀର ଅନୁଶୀଳନ ଓ ବ୍ୟାପକ ଅନୁଚିନ୍ତାର ଏହା କଳାତ୍ମକ ଆଲେଖ୍ୟ । ସାହିତ୍ୟ ସ୍ରଷ୍ଟା ହୃଦୟର ମାର୍ମିକ ପରିପ୍ରକାଶ, ପୁଣି ଆବେଗସିକ୍ତ ହୃଦୟର ରସମୟ ସୃଷ୍ଟି । ସାହିତ୍ୟ ଅନୁଭୂତି ରଞ୍ଜିତ ହୃଦୟର ରସଘନ ରୂପ, ରସସିକ୍ତ ମନର ସୃଜନଧର୍ମୀ ଚାରୁକଳା ଏବଂ ପ୍ରଜ୍ଞାଦୀପ୍ତ ମସ୍ତିଷ୍କର ସ୍ନିଗ୍ଧ ସୌରଭ । ଏହାର ଉନ୍ମେଷ ଓ ବିକାଶମୂଳରେ ପ୍ରାଣପ୍ରାଚୁର୍ଯ୍ୟ ସୃଷ୍ଟିକରେ ସ୍ରଷ୍ଟାର ପଶ୍ଚାତ୍ ପଟରେ ଥିବା ସାରସ୍ୱତ ପୃଷ୍ଠଭୂମି, ଚତୁଃପାର୍ଶ୍ୱର ପରିବେଶ ଓ ବ୍ୟକ୍ତିପ୍ରେରଣା । ନୟାଗଡରେ ସାହିତ୍ୟ ସାଧନାର ନିର୍ଦ୍ଦିଷ୍ଟ ପୃଷ୍ଠଭୂମି, ପରିବେଶ ଓ ପ୍ରେରଣା ରହିଛି । ଓଡିଆ ସାହିତ୍ୟକୁ ନୟାଗଡ ଜିଲ୍ଲାର ଅବଦାନ ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ ।

ନୟାଗଡର କବି ଓ କାବ୍ୟକୃତି: ଏକ ସାଧାରଣ ପରିଚୟ

କାବ୍ୟ କବିତା ସୃଷ୍ଟି କ୍ଷେତ୍ରରେ ନୟାଗଡରେ ଏକ ଉନ୍ନତ ପରମ୍ପରା ରହିଆସିଛି । ଏହି ଭୂମି ବହୁ କବିଙ୍କର ସାରସ୍ୱତ ସାଧନାର କ୍ଷେତ୍ରରୂପେ ପରିଚିତ । ଏହି ଜିଲ୍ଲାରେ ବହୁ କବି ଜନ୍ମ ଗ୍ରହଣକରି ସେମାନଙ୍କର ସାଧନା ବଳରେ ଓଡିଆ କାବ୍ୟ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ଏହା ବ୍ୟତୀତ କେତେକ କବି ଜୀବିକା ନିର୍ବାହ ତଥା ଅନ୍ୟ କେତେକ କାରଣବଶତଃ ନୟାଗଡକୁ ଆଗମନ କରିଛନ୍ତି । ସେମାନଙ୍କର ନୟାଗଡ ରହଣି ମଧ୍ୟରେ ଯେଉଁ କାବ୍ୟକବିତା ସୃଷ୍ଟି ହୋଇଛି, ସେହି କୃତି ଗୁଡିକର ସ୍ରଷ୍ଟାମାନଙ୍କୁ ଏଠାରେ ଆଲୋଚନା କରାଯାଇଛି ।

ନୟାଗଡ ଜିଲ୍ଲାର କବିମାନଙ୍କୁ କାଳାନୁକ୍ରମିକ ରୀତିରେ ଆଲୋଚନା କରାଯାଇଛି । ପ୍ରାଚୀନ ଯୁଗଠାରୁ ଆରମ୍ଭକରି ଆଧୁନିକ ଯୁଗ ପର୍ଯ୍ୟନ୍ତ ଏହି ଜିଲ୍ଲାର କବିମାନଙ୍କୁ ସମୟକ୍ରମରେ ଅବସ୍ଥାପିତ କରିବାର ପ୍ରଯତ୍ନ ପ୍ରୟାସ କରାଯାଇଛି ।

ମାଧବ ପଟ୍ଟନାୟକ (ଷୋଡଶ ଶତାବ୍ଦୀ):

ମାଧବ ପଟ୍ଟନାୟକ ଶ୍ରୀଚୈତନ୍ୟଙ୍କ ସମସାମୟିକ ଜଣେ ବୈଷ୍ଣବ କବି । ତାଙ୍କର ଜନ୍ମସ୍ଥାନ ଖଣ୍ଡପଡ଼ା । ସେ ଏକୋଇଶିବର୍ଷ ବେଳେ ପିତୃମାତୃହୀନ

Digitized by PPRACHIN, SOA

ହୋଇପଡିଲେ । ଏହାପରେ ସେ ଜନ୍ମସ୍ଥାନ ପରିତ୍ୟାଗ କରି ଶ୍ରୀକ୍ଷେତ୍ରରେ ଅବସ୍ଥାନ କଲେ । ପୁରୀରେ ସେ ଗଦାଧର ପଣ୍ଡିତଙ୍କଠାରୁ ମନ୍ତ୍ର ଦୀକ୍ଷା ନେଇଥିଲେ । ପୁରୀରେ ତାଙ୍କର ଆଶ୍ରୟଦାତା ଥିଲେ ରାୟ ରାମାନନ୍ଦ । ସେ ପଞ୍ଚସଖା ଓ ଶ୍ରୀଚୈତନ୍ୟଙ୍କ ସଂକୀର୍ତ୍ତନ ଗୋଷ୍ଠୀରେ ଯୋଗଦେଇ କାଳଯାପନ କରୁଥିଲେ । ୧୫୩୩ ଖ୍ରୀଷ୍ଟାବ୍ଦରେ ଶ୍ରୀଚୈତନ୍ୟଙ୍କର ତିରୋଧାନ ଘଟିଲା । ପଞ୍ଚସଖା ମାନଙ୍କର ଆଉ ପୂର୍ବପରି ମେଳ ରହିଲା ନାହିଁ । ତେଣୁ ମାଧବ ପଟ୍ଟନାୟକ ଏହି ଦୁର୍ଯୋଗପୂର୍ଣ୍ଣ ମୁହୂର୍ତ୍ତରେ ଶ୍ରୀକ୍ଷେତ୍ର ତ୍ୟାଗକରି ତାଙ୍କ ଜନ୍ମସ୍ଥାନ ଖଣ୍ଡପଡାକୁ ଫେରିଆସିଲେ । ମାଧବ ପଟ୍ଟନାୟକ ଦୁଇଗୋଟି କାବ୍ୟର ସ୍ରଷ୍ଟା । ତାହା ହେଉଛି 'ଚୈତନ୍ୟ ବିଳାସ' ଓ 'ବୈଷ୍ଣବ ଲୀଳାମୃତ' । 'ଚୈତନ୍ୟ ବିଳାସ'ର ରଚନାକାଳ ୧୫୧୬ ଖ୍ରୀଷ୍ଟାବ୍ଦ । ଏଥିରେ ଶ୍ରୀଚୈନ୍ୟଙ୍କ ମୁଖ ନିସୃତ ତତ୍ତ୍ୱ ଉପଦେଶ ବର୍ଣ୍ଣିତ । ଏହା ଅଦ୍ୟାବଧି ଅପ୍ରକାଶିତ । 'ବୈଷ୍ଣବ ଲୀଳାମୃତ'ର ରଚନାକାଳ ୧୫୩୫ ଖ୍ରୀଷ୍ଟାବ୍ଦ । ଏହା ସମ୍ପାଦିତ ଏବଂ ପ୍ରକାଶିତ । ଏଥିରେ ଗଜପତି ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱକାଳରେ ସମବେତ ବୈଷ୍ଣବମାନଙ୍କ କାର୍ଯ୍ୟକଳାପର ବର୍ଣ୍ଣନା ପ୍ରଦତ୍ତ ହୋଇଛି । ବଲ୍ଲଭାଚାର୍ଯ୍ୟ, କବୀର, ରାୟରାମାନନ୍ଦ, ଶ୍ରୀଚୈତନ୍ୟ, ରୂପ, ସନାତନ, ପଞ୍ଚସଖା, ହରି ଦାସ ପ୍ରଭୃତି ବୈଷ୍ଣବମାନଙ୍କ ସମ୍ପର୍କରେ ଅନେକ ତଥ୍ୟ କବି ମାଧବ ପଟ୍ଟନାୟକ ଜଣେ ପ୍ରତ୍ୟକ୍ଷଦ୍ରଷ୍ଟା ରୂପେ ଏଥିରେ ଲିପିବଦ୍ଧ କରିଛନ୍ତି ।

ଅଚ୍ୟୁତାନନ୍ଦ ଦାସ (୧୪୮୫ ଖ୍ରୀ.):

ସିଦ୍ଧ କବି ଅଚ୍ୟୁତାନନ୍ତ ଦାସ ପଞ୍ଚସଖା ଯୁଗର ଅନ୍ୟତମ ସାରସ୍ୱତ ପ୍ରତିନିଧି । କଟକ ଜିଲ୍ଲାରେ ଚିତ୍ରୋତ୍ପଳା ନଦୀ ତଟରେ ଅବସ୍ଥିତ ପ୍ରସିଦ୍ଧ ନେମ୍ପାଳ ଗ୍ରାମ ନିକଟରେ ଥିବା ତିଳକଣା ଗ୍ରାମରେ ଅଚ୍ୟୁତାନନ୍ଦ ଦାସ ଜନ୍ମଗ୍ରହଣ କରିଥିଲେ । ସନ୍ଥକବି ଅଚ୍ୟୁତାନନ୍ଦଙ୍କ ରଣପୁର ଆଗମନ ଏକ ଜଣାଶୁଣା ବିଷୟ । ତାଙ୍କର ପବିତ୍ର ଧାର୍ମିକ ଜୀବନ ଓ ସାଧନାରେ ମୁଗ୍ଧହୋଇ ରଣପୁରର ରାଜା ପଦ୍ମନ ନରେନ୍ଦ୍ର (ପଦ୍ମନାଭ ନରେନ୍ଦ୍ର) ତାଙ୍କୁ ନିଜ ରାଜ୍ୟକୁ ନେଇଯାଇଥିଲେ । ଅଚ୍ୟୁତାନନ୍ଦ ଦାସଙ୍କର ରଣପୁରରେ ଅବସ୍ଥାନ କଥା ସମାଲୋଚକ ଓ ଐତିହାସିକମାନଙ୍କ ଦ୍ୱାରା ସମର୍ଥିତ । ରଣପୁରର ପ୍ରସିଦ୍ଧ ମଣିନାଗ ପର୍ବତରେ ଏକ ଯୋଜନ ଅନ୍ତରରେ ଅବସ୍ଥିତ ମଝିଆଖଣ୍ଡ ଗ୍ରାମରେ ରାଜା ପଦ୍ମନାଭ ତାଙ୍କୁ ସ୍ଥାନ ଦେଲେ ଏବଂ ଭରଣ ପୋଷଣ ପାଇଁ ବ୍ୟବସ୍ଥା କରିଥିଲେ । କବି ଲେଖିଛନ୍ତି-

'ରଣପୁର ମଧ୍ୟଗ୍ରାମେ ବାସ କରିଥାଇ
ପଦ୍ମ ନରେନ୍ଦ୍ର ପୋଷନ୍ତି ଅନ୍ନ ବସ୍ତ୍ର ଦେଇ ।'

Digitized by PPRACHIN, SOA

ଅଚ୍ୟୁତାନନ୍ଦ ମଝିଆଁଖଣ୍ଡ ଗ୍ରାମରେ ବାସ କରୁଥିବା ବେଳେ 'ହରିବଂଶ ପୁରାଣ', 'ଗୋପାଳ ଓଗାଳ ଓ ଲଉଡି ଖେଳ' ଏବଂ 'ଅନନ୍ତଗୋଇ' ରଚନା କରିଥିଲେ । 'ହରିବଂଶ' କୃଷ୍ଣଲୀଳା ପ୍ରଖ୍ୟାପକ ସର୍ବପ୍ରଥମ ଓ ସର୍ବବୃହତ୍ ଗ୍ରନ୍ଥ ହୋଇଥିବାରୁ ଓଡିଆ ସାହିତ୍ୟରେ ଏହାର ସ୍ଥାନ ଅନନ୍ୟ ।

ନୃସିଂହ :

କବି ନୃସିଂହ ଦ୍ୱିଜ ଖଣ୍ଡପଡାରେ ଜନ୍ମଗ୍ରହଣ କରିଥିଲେ । ସେ ଖଣ୍ଡପଡାର ରାଜା ଯଦୁନାଥ ମଙ୍ଗରାଜ (୧୫୯୯-୧୬୨୩)ଙ୍କ ସମସାମୟିକ । ତାଙ୍କ ରଚିତ 'କୃଷ୍ଣଭକ୍ତି ରସକଳ୍ପତରୁ' ଅଦ୍ୟାପି ଅପ୍ରକାଶିତ । ସେ ଯଦୁନାଥ ମଙ୍ଗରାଜଙ୍କର ପୃଷ୍ଠପୋଷକତା ଲାଭ କରିଥିଲେ । ତେଣୁ ସେ କାବ୍ୟର ପ୍ରତ୍ୟେକ ଛାନ୍ଦରେ ଯଦୁନାଥ ମଙ୍ଗରାଜଙ୍କ ନାମରେ ଭଣିତା କରିଛନ୍ତି । ଏହା ସାତଛାନ୍ଦ ବିଶିଷ୍ଟ କାବ୍ୟ । ଏଥିରେ ଶ୍ରୀକୃଷ୍ଣଙ୍କ ଶ୍ରେଷ୍ଠତ୍ୱ ଏବଂ ଉତ୍ତମ ସାଧୁର ଲକ୍ଷଣ ବର୍ଣ୍ଣିତ ।

ଦୀନବନ୍ଧୁ ଖାଡଙ୍ଗା :

ଭାଗବତକାର ଦୀନବନ୍ଧୁ ଖାଡଙ୍ଗା ଖଣ୍ଡପଡାର ରାଜା ବାଲୁଙ୍କେଶ୍ୱର ମଙ୍ଗରାଜ (୧୭୦୭-୧୭୨୧)ଙ୍କ ସାମସାମୟିକ । ସେ ପୁରୁଷୋତ୍ତମ ନିକଟ ବାମଦେବପୁର ବ୍ରହ୍ମଣ ଶାସନରୁ ଆସି ଖଣ୍ଡପଡାରେ ଅବସ୍ଥାନ କରିଥିଲେ । ରାଜ ପୃଷ୍ଠପୋଷକତା ଲାଭକରି ଦୀନବନ୍ଧୁ ସଂସ୍କୃତ ଭାଗବତକୁ ଓଡିଆରେ ନବାକ୍ଷରୀ ବୃତ୍ତରେ ଅନୁବାଦ କରିଥିଲେ । ତାଙ୍କ ଅନୂଦିତ ଭାଗବତ 'ଖାଡଙ୍ଗା ଭାଗବତ' ରୂପେ ଅଭିହିତ । ଖାଡଙ୍ଗାଙ୍କ ଭାଗବତ ଗୋସ୍ୱାମୀ ପ୍ରେସ୍‌ଦ୍ୱାରା ପ୍ରକାଶିତ । ଏକାଦଶ ସ୍କନ୍ଦଟି ପ୍ରାଚୀ ପ୍ରେସ୍‌ଦ୍ୱାରା ପ୍ରକାଶିତ ।

ବିପ୍ରକଣ୍ଣ ଦାସ :

ବୈଷ୍ଣବ କବିମାନଙ୍କ ମଧ୍ୟରେ ବିପ୍ର କଣ୍ଣ ଦାସ ଅନ୍ୟତମ । ସେ ରଣପୁର ଅଞ୍ଚଳର ଜଣେ ପ୍ରଖ୍ୟାତ ବ୍ୟକ୍ତି ଥିଲେ । କବି କଣ୍ଣ ଦାସ ଗୌଡୀୟ ବୈଷ୍ଣବ ଧର୍ମ ରାଗାନୁଗା ଭକ୍ତିର ଉପାସକ । 'ବ୍ରଜ ବିହାର'ର ରଚୟିତା ଦାଶରଥି ଦାସଙ୍କୁ ସେ ଶିକ୍ଷାପ୍ରଦାନ କରିଥିଲେ । ତେଣୁ ତାଙ୍କର ଶିଷ୍ୟ ଦାଶରଥି ଦାସ ସ୍ୱକୃତ 'ବ୍ରଜ ବିହାର' ଗ୍ରନ୍ଥରେ ତାଙ୍କ ଗୁରୁ କଣ୍ଣ ଦାସ ଗୋସାଇଁଙ୍କ ନାମ ଅତ୍ୟନ୍ତ ଭକ୍ତି ସହକାରେ ଉଲ୍ଲେଖ କରିଛନ୍ତି । ତାଙ୍କର ପ୍ରଧାନ କୃତି ହେଉଛି 'ନଅପୋଇ' । ଏଥିରେ ରାଧାକୃଷ୍ଣ ଲୀଳା ବର୍ଣ୍ଣିତ । ଏଥିରେ ନଅଗୋଟି ଛାନ୍ଦ ରହିଛି । କବିଙ୍କର ଅନ୍ୟାନ୍ୟ କୃତି ଗୁଡିକ ହେଉଛି 'ଶହେପଦିଆ', 'ପଦ୍ମତୋଳା', 'ସ୍ମରଣ ମଙ୍ଗଳ', 'ଭଜନ ମାଳିକା' ଇତ୍ୟାଦି ।

Digitized by PPRACHIN, SOA

ବନମାଳୀ ଦାସ :

କବି ବନମାଳୀ ଦାସ ରଣପୁରର ମଝିଆଁଖଣ୍ଡ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ଷୋଡଶ ଶତାବ୍ଦୀର ଶେଷଭାଗରେ ଆବିର୍ଭୂତ ହୋଇଥିଲେ । ସେ ରଣପୁରର ରାଜା ପଦ୍ମନାଭ ନରେନ୍ଦ୍ର ଓ ତାଙ୍କ ସାନଭାଇ ପୁରୁଷୋତ୍ତମ ମଙ୍ଗରାଜଙ୍କ ସମସାମୟିକ । ସେ ପଦ୍ମନାଭ ନରେନ୍ଦ୍ରଙ୍କ ସାନୁଜ ପୁରୁଷୋତ୍ତମ ମଙ୍ଗରାଜଙ୍କ ପୃଷ୍ଠପୋଷକତା ଲାଭ କରିଥିଲେ । କବି ବନମାଳୀଙ୍କର ଯେଉଁ ସାହିତ୍ୟ କୃତି ଗୁଡ଼ିକ ଲୋକଲୋଚନକୁ ଆସିଛି ତାହା ହେଉଛି 'ଚାଟ ଇଚ୍ଛାବତୀ' ଓ 'ବନମାଳୀ ରାସ' । 'ଚାଟ ଇଚ୍ଛାବତୀ' କବିଙ୍କର ପୂର୍ବାଶ୍ରମର ରଚନା ଏବଂ 'ବନମାଳୀ ରସ' ପରିଣତ ବୟସର ରଚନା ବୋଲି ମନେହୁଏ । କାଳ୍ପନିକ କାବ୍ୟ 'ଚାଟ ଇଚ୍ଛାବତୀ'ରେ ଦର୍ପକ ଦେଶର ରାଜକୁମାର ଚାରୁବ୍ରହ୍ମ ଓ ଭୋଜରାଜଙ୍କ କନ୍ୟା ଇଚ୍ଛାବତୀର ପ୍ରେମ, ବିରହ ଓ ମିଳନ ବର୍ଣ୍ଣିତ । ତାଙ୍କ କୃତ ରାସ ଗ୍ରନ୍ଥ ଓଡ଼ିଆ ରାସ ଗ୍ରନ୍ଥମାନଙ୍କ ମଧ୍ୟରେ ବୃହତ୍ତମ । ଏଥିରେ ଭଗବାନ ଶ୍ରୀକୃଷ୍ଣଚନ୍ଦ୍ରଙ୍କ ପବିତ୍ର ଲୀଳା ବର୍ଣ୍ଣିତ ।

ଦାଶରଥି ଦାସ :

କବି ଦାଶରଥି ଦାସ ରଣପୁର ମଝିଆଁଖଣ୍ଡ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବିରଚିତ ଗ୍ରନ୍ଥ ହେଉଛି 'ବ୍ରଜବିହାର' । ଏହି ଗ୍ରନ୍ଥ ରଚନା ଗଜପତି ରାମଚନ୍ଦ୍ର ଦେବଙ୍କ ଆଠଅଙ୍କରେ ଯୁଗାବ୍ଦ ୪୮୩୬ କିମ୍ବା ଶକାବ୍ଦ ୧୬୫୩ରେ ସମାପ୍ତ ହୋଇଥିଲା ବୋଲି କବି ଉଲ୍ଲେଖ କରିଛନ୍ତି । 'ବ୍ରଜ ବିହାର' କାବ୍ୟ ଦଶଗୋଟି ବୋଲୀରେ ବିଭକ୍ତ । ଏହି ଗ୍ରନ୍ଥଟିର ମୋଟ ପଦସଂଖ୍ୟା ହେଉଛି ତେରହଜାର ଏକଶହ ଏକଚାଳିଶି । ଏଥିରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ସଂକ୍ଷିପ୍ତ ଭାବରେ ଏବଂ ରାଧା ଓ ଗୋପୀମାନଙ୍କ ସହିତ ଲୀଳା ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । 'ବ୍ରଜ ବିହାର' କାବ୍ୟରୁ ଜଣାଯାଏ ଯେ କବି ଜଣେ ଆଦର୍ଶ କୃଷ୍ଣ ଭକ୍ତ ଥିଲେ ।

ପାର୍ଥ ଶ୍ରୀଚନ୍ଦନ :

ରଣପୁରର ରାଜା ପଦ୍ମନାଭ ନରେନ୍ଦ୍ରଙ୍କ ପୁତ୍ର ପାର୍ଥ ଶ୍ରୀଚନ୍ଦନ ପିତାଙ୍କ ପରି ସାହିତ୍ୟାନୁରାଗୀ ଥିଲେ । ପଦ୍ମନାଭ ନରେନ୍ଦ୍ର 'ପ୍ରଭାବତୀ' ନାମକ ଏକ କାଳ୍ପନିକ କାବ୍ୟ ଓ ଅନେକ ରାଧାକୃଷ୍ଣ ବିଷୟକ ସଙ୍ଗୀତ ରଚନା କରିଥିଲେ । ବର୍ତ୍ତମାନ ଏସବୁ ଦୁଷ୍ପ୍ରାପ୍ୟ । ପାର୍ଥ ଶ୍ରୀଚନ୍ଦନ 'କଳାବତୀ' ନାମକ କ୍ଷୁଦ୍ର କାଳ୍ପନିକ କାବ୍ୟ ରଚନା କରିଛନ୍ତି । ଏହା ସାତ ଛାନ୍ଦ ବିଶିଷ୍ଟ କାବ୍ୟ । ଏହି କାବ୍ୟରେ ଅଙ୍ଗଦେଶର ରାଜକୁମାରୀ 'କଳାବତୀ' ଓ ମଧୁବନ ନଗରର ରାଜକୁମାରଙ୍କର ପ୍ରଣୟ ଓ ବିବାହ ଅତ୍ୟନ୍ତ ଚମତ୍କାର ରୀତିରେ ବର୍ଣ୍ଣିତ । ଏହି କାବ୍ୟର ଭାଷା ସରଳ ଓ ସଂସ୍କୃତ ପ୍ରଭାବରୁ ଅଧିକ ମୁକ୍ତ ।

Digitized by PPRACHIN, SOA

ପୁରୁଷୋତ୍ତମ ସିଂହ ମାନଧାତା :

ପୁରଷୋତ୍ତମ ସିଂହ ମାନଧାତା ନୟାଗଡର ଅଷ୍ଟାଦଶ ରାଜା । ସେ କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ସମକାଳୀନ ଓ ତାଙ୍କର ପୃଷ୍ଠପୋଷକତା । କବି ଉପେନ୍ଦ୍ର ପୁରୁଷୋତ୍ତମଙ୍କ କନ୍ୟାକୁ ବିବାହ କରିଥିଲେ । ରାଜକବି ପୁରୁଷୋତ୍ତମ 'ଶୋଭାବତୀ' କାବ୍ୟର ରଚୟିତା । ନାୟକ ଓ ନାୟିକାର ବିରହାନୁଭୂତିର ମନୋଜ୍ଞ ବର୍ଣ୍ଣନାରେ ଏହି କାବ୍ୟଟି ରସାଳ ଓ ମଞ୍ଜୁଳ ।

ଉପେନ୍ଦ୍ର ଭଞ୍ଜ :

ଉପେନ୍ଦ୍ର ଭଞ୍ଜ ଓଡିଆ ରୀତିଯୁଗର ଶ୍ରେଷ୍ଠ ପ୍ରତିନିଧି । ସେ କବି ବୀରବର ଓ କାବ୍ୟ ମଙ୍ଗରାଜ । ସେ କବିସମ୍ରାଟ ଭାବରେ ସୁପରିଚିତ । ଓଡିଆ ସାହିତ୍ୟର ମଧ୍ୟଯୁଗରେ ସେ ବିପୁଳ ସାରସ୍ୱତ କୃତିର ସ୍ରଷ୍ଟା । ଏହି ମହାନ୍ ବାଣୀପୁତ୍ର ଘୁମୁସର ରାଜବଂଶର ଜନ୍ମଗ୍ରହଣ କରିଥିଲେ । ଉପେନ୍ଦ୍ର ଘୁମୁସରର ରାଜକବି ଧନଞ୍ଜୟ ଭଞ୍ଜଙ୍କର ପୌତ୍ର ଏବଂ ନୀଳକଣ୍ଠ ଭଞ୍ଜଙ୍କର ଜ୍ୟେଷ୍ଠପୁତ୍ର ଥିଲେ । ଭଞ୍ଜ ରାଜବଂଶର ଉତ୍ତରାଧିକାର ଘେନି ସେତେବେଳେ ନାରକୀୟ କାଣ୍ଡ ଘଟିଥିଲା । କିମ୍ବଦନ୍ତୀ କହେ ଯେ ରାଣୀ ମଣ୍ଡାଦେଇ ବ୍ରାହ୍ମଣୀ ନାନୀ ଦ୍ୱାରା ନିଜ ସ୍ୱାମୀଙ୍କୁ ହତ୍ୟାକଲେ । ଫଳରେ ନୀଳକଣ୍ଠ ଘୁମୁସରର ରାଜା ହେଲେ । ନୀଳକଣ୍ଠଙ୍କ ଶାସନକାଳ ମାତ୍ର ତିନିବର୍ଷ (୧୭୦୧-୧୭୦୪ ଖ୍ରୀ.) । କାରଣ ଧନଞ୍ଜୟ ଭଞ୍ଜଙ୍କ ସାନଭାଇ ଗୋବିନ୍ଦ ଭଞ୍ଜଙ୍କ ପୁତ୍ର ଘନ ଭଞ୍ଜ ନୀଳକଣ୍ଠଙ୍କୁ ଆକ୍ରମଣ କଲେ ଓ ରାଜ୍ୟରୁ ବିତାଡିତ ହେଲେ । ଏଣୁ ନୀଳକଣ୍ଠ ଭଞ୍ଜ ୧୭୦୪ ଖ୍ରୀ.ରେ ରାଜ୍ୟରୁ ନିର୍ବାସିତ ହୋଇ ତାଙ୍କର ମାତୁଳାଳୟ ନୟାଗଡ ରାଜାଙ୍କ ନିକଟରେ ଆଶ୍ରୟ ନେଲେ । ନୟାଗଡ ରାଜା ମାନଧାତା ନୀଳକଣ୍ଠ ଓ ତାଙ୍କ ପୁତ୍ର ଉପେନ୍ଦ୍ରଙ୍କ ଅବସ୍ଥାନପାଇଁ ନୟାଗଡ ନିକଟବର୍ତ୍ତୀ ମାଳୀସାହି ଗ୍ରାମରେ ସମସ୍ତ ଆୟୋଜନ କରିଦେଲେ । ନୟାଗଡ ରାଜଜେମାଙ୍କ ସହ ଉପେନ୍ଦ୍ରଙ୍କର ବିବାହ କାର୍ଯ୍ୟ ସମ୍ପନ୍ନ ହେଲା । ମାଳୀସାହି ଗ୍ରାମକୁ ଉପେନ୍ଦ୍ର ଯୌତୁକରୂପେ ଲାଭ କରିଥିଲେ ଓ ଏହି ଗ୍ରାମରେ ବସବାସ କରିଥିଲେ ।

ଏହିଠାରେ ତାଙ୍କର ପିତୃ, ମାତୃ ଓ ପତ୍ନୀ ବିୟୋଗ ଘଟିଲା । ପତ୍ନୀହରା, ପିତୃହରା ଓ ରାଜ୍ୟହରା ହୋଇ ଉପେନ୍ଦ୍ର ମାଳୀସାହି ଗଟୀଶ୍ୱର ମହାଦେବଙ୍କର ଶରଣାପନ୍ନ ହେଲେ । ଏହାପରେ ଢେଙ୍କେଣାଗ୍ରାମର ଶ୍ରୀ ରଘୁନାଥ ଠାକୁରଙ୍କୁ ଆରାଧନା କରି 'ବିଚିତ୍ର କବିତ୍ୱ' ଶକ୍ତି ଲାଭକଲେ । ଉପେନ୍ଦ୍ର ମଧ ଓଡ଼ଗାଁ ରଘୁନାଥଙ୍କୁ ଉପାସନା କରୁଥିଲେ । ବହୁ କାବ୍ୟର କବି ଭାବରେ ଉପେନ୍ଦ୍ର ଅସାମାନ୍ୟ ଗୌରବର ଅଧିକାରୀ । ସେ ଚିତ୍ରଲେଖା, ହେମମଞ୍ଜରୀ, ରସଲେଖା, କାମକଳା, ମନୋରମା, ପ୍ରେମଲତା, ଭାବବତୀ, ମୁକ୍ତାବତୀ, ବ୍ରଜଲୀଳା, ଛାନ୍ଦ ଭୂଷଣ,

Digitized by PPRACHIN, SOA

ଷଡରତ୍ନ, କଳାକଉତୁକ, ସୁଭଦ୍ରା ପରିଣୟ, ବୈଦେହୀଶ ବିଳାସ, ଅବନାରସ ତରଙ୍ଗ, ରାମ ଲୀଳାମୃତ, ଶେଷ ଚରିତ, ପ୍ରେମସୁଧାନିଧି, ରସିକ ହାରାବଳୀ, କୁଞ୍ଜବିହାର, ରସପଞ୍ଚକ, ଲାବଣ୍ୟବତୀ, ପୁରୁଷୋତ୍ତମମାହାତ୍ମ୍ୟ, ଗୀତାଭିଧାନ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ତ୍ରୈଲୋକମୋହିନୀ, ଚିତ୍ରକାବ୍ୟ ବନ୍ଧୋଦୟ ପ୍ରଭୃତି ବହୁ ପୌରାଣିକ, କାଳ୍ପନିକ ଓ ଆଳଙ୍କାରିକ କାବ୍ୟ ରଚନା କରିଛନ୍ତି । ଉପେନ୍ଦ୍ର ସାହିତ୍ୟ ରୀତି ସାହିତ୍ୟର କାବ୍ୟାଦର୍ଶରେ ଐଶ୍ୱର୍ଯ୍ୟମୟ ।

ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା :

ଓଡିଆ ସାହିତ୍ୟର ମଧ୍ୟଯୁଗରେ କବି ସଦାନନ୍ଦ ଜଣେ ପ୍ରତିଷ୍ଠିତ କବ୍ୟକାର । ସେ ଜଣେ ବୈଷ୍ଣବ କବି । ରାଧାକୃଷ୍ଣଙ୍କର ଲୀଳାର ମହତ୍ତ୍ୱ ପ୍ରକଟନ କରିବା ଥିଲା ତାଙ୍କର ପ୍ରଧାନ ଲକ୍ଷ୍ୟ । ସେ ନୟାଗଡ ରାଜ୍ୟର ଭିକାରୀପଡା ଶାସନରେ ଜନ୍ମଗ୍ରହଣ କରିଥିଲେ । ସେ ଖୋର୍ଦ୍ଧାରାଜା ବୀରକିଶୋର ଦେବ (୧୭୪୩-୧୭୭୯)ଙ୍କ ସମସାମୟିକ । ତାଙ୍କ ରଚିତ ଗ୍ରନ୍ଥ ଗୁଡିକ ହେଉଛି 'ଯୁଗଳ ରସାମୃତ ଲହରୀ', 'ଯୁଗଳ ରସାମୃତ ଭଉଁରୀ', 'ପ୍ରେମ ତରଙ୍ଗିଣୀ', 'ଲଳିତ ଲୋଚନା', 'ମୋହନ କଳ୍ପଲତା', 'ନାମ ଚିନ୍ତାମଣି', 'ନିଷ୍ଠା ନୀଳମଣି', 'ଉଜ୍ଜ୍ୱଳ ନୀଳମଣି', 'ପ୍ରେମ ଚିନ୍ତାମଣି', 'ପ୍ରୀତି ଚିନ୍ତାମଣି', 'ତତ୍ତ୍ୱ ତରଙ୍ଗିଣୀ', 'ପାଟ ରତ୍ନାବଳୀ', 'କୁଞ୍ଜବିହାର' ଇତ୍ୟାଦି । କବି ଚୈତନ୍ୟପନ୍ଥୀ ବୈଷ୍ଣବ ଥିବାରୁ ରାଧାକୃଷ୍ଣ ଲୀଳା ବର୍ଣ୍ଣନା କରିବା ସମୟରେ ସରଳ କୋମଳ ଶବ୍ଦାବଳୀ ବ୍ୟବହାର କରିଛନ୍ତି ।

ଭକ୍ତ ଚରଣ ଦାସ :

ସେ ସଂସାର ବିରାଗୀ ସନ୍ୟାସୀ ଓ ବ୍ରଜପନ୍ଥୀ ବୈଷ୍ଣବ କବି । ସେ ନୟାଗଡ ଜିଲ୍ଲାର ରାଜସୁନାଖଳା ଗ୍ରାମରେ ମଠ ସ୍ଥାପନ କରିଥିଲେ । ସେ ଦଶପଲ୍ଲାର ଗୌଡପାଟଣାଠାରେ ଆଉ ଅନ୍ୟ ଏକ ମଠ ସ୍ଥାପନ କରିଥିଲେ । 'ମଥୁରା ମଙ୍ଗଳ' କାବ୍ୟ, 'ମନବୋଧ ଚଉତିଶା' ଓ 'କଳାକଳେବର ଚଉତିଶା' ହେଉଛି କବିଙ୍କର ଜନପ୍ରିୟ ରଚନା । ତାଙ୍କର ପ୍ରଧାନ ରଚନା ହେଉଛି 'ମଥୁରାମଙ୍ଗଳ' । ଏହା ତିରିଶି ଛାନ୍ଦ ବିଶିଷ୍ଟ ରଚନା । ଏଥିରେ ଗୋପଲୀଳା ଅପେକ୍ଷା ମଥୁରା ଲୀଳାର ପ୍ରାଧାନ୍ୟ ପ୍ରକଟିତ ।

ବିନାୟକ ସିଂହ ମାନଧାତା :

ସେ ନୟାଗଡର ବିଂଶତମ ରାଜା । ସେ ଯଦୁମଣି ମହାପାତ୍ରଙ୍କ ପୃଷ୍ଠପୋଷକ । ସେ 'ରସକଳ୍ପଲତା' ନାମକ କାବ୍ୟଗ୍ରନ୍ଥ ରଚନା କରିଛନ୍ତି । ଏହାବ୍ୟତୀତ 'କୃଷ୍ଣପ୍ରତି ସଖୀ', 'ଚୈତନା ରୂପ ବର୍ଣ୍ଣନା', 'ସଖୀପ୍ରତି ରାଧା', 'ବିପରୀତ ରତି ଲାଗି ଚାଟୁ' ପ୍ରଭୃତି ଚୌପଦୀ ରଚନା କରିଛନ୍ତି ।

Digitized by PPRACHIN, SOA

ବ୍ରଜବନ୍ଧୁ ସିଂହ ମାନଧାତା :

ନୟାଗଡ଼ ରାଜବଂଶର ଏକବିଂଶତିତମ ରାଜପୁରୁଷ ହେଉଛନ୍ତି ବ୍ରଜବନ୍ଧୁ ସିଂହ ମାନଧାତା । ସେ ବିନାୟକ ସିଂହଙ୍କର ପୁତ୍ର ଥିଲେ । ବ୍ରଜବନ୍ଧୁ ସିଂହ ସାହିତ୍ୟର ପୃଷ୍ଠପୋଷକ ଥିଲେ । ତାଙ୍କ ଦରବାରରେ କବି ଯଦୁମଣି ମହାପାତ୍ର, କବି କାମପାଳ ମହାପାତ୍ର, କବି ହରେକୃଷ୍ଣ ପଟ୍ଟନାୟକ ପ୍ରଭୃତି ସ୍ଥାନ ପାଇଥିଲେ । ରାଜା ବ୍ରଜବନ୍ଧୁ ସିଂହ 'ଶରଦ ରାସ' ଶୀର୍ଷକ ରାସଲୀଳା ରଚନା କରିଥିଲେ । ବ୍ରଜବନ୍ଧୁ ସିଂହ ଲେଖିଛନ୍ତି-

"ବନ ଦୁର୍ଗ ମହୀପାଳ ବିନାୟକ ସିଂହ
ମାନଧାତା ତନୟ ଧୀର ବ୍ରଜବନ୍ଧୁ ସିଂହ ହେ ।
ଭନିଲେ ଶ୍ରୀକୃଷ୍ଣଚନ୍ଦ୍ର ରାମଲୀଳା ଗୀତ
ରାଧା ମଦନ ମୋହନ ପାଦେଦେଇ ଚିତ୍ତ ହେ ।"

(ଓଡ଼ିଶା ରାଜ୍ୟ ସଂଗ୍ରହାଳୟ-ପୋଥି ସଂଖ୍ୟା- OL/934)

ଯଦୁମଣି ମହାପାତ୍ର :

ଯଦୁମଣି ଆଶୁକବି ଓ ହାସ୍ୟରସିକ କବି । 'ଉତ୍କଳର ଘଣ୍ଟ' କବି ଭାବରେ ତାଙ୍କର ପ୍ରସିଦ୍ଧି । ନୟାଗଡ ନିକଟବର୍ତ୍ତୀ ଇଟାମାଟି ଗ୍ରାମ ତାଙ୍କର ବାସସ୍ଥାନ । ନୟାଗଡ ରାଜା ବିନାୟକ ସିଂହଙ୍କର ସେ ଥିଲେ ଦରବାରୀ କବି । ତାଙ୍କର ସୃଷ୍ଟି ହେଉଛି 'ରାଘବ ବିଳାସ' ଓ 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' । 'ରାଘବ ବିଳାସ' ରାମକାବ୍ୟ ଓ 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' କୃଷ୍ଣ କବ୍ୟ ।

ଆର୍ତ୍ତବନ୍ଧୁ ପଟ୍ଟନାୟକ :

ତାଙ୍କର ଜନ୍ମସ୍ଥାନ ଖଣ୍ଡପଡା । ଖଣ୍ଡପଡା ରାଜା କୃଷ୍ଣଚନ୍ଦ୍ର ସିଂହ ମର୍ଦ୍ଦରାଜଙ୍କ ସେ ସମସାମୟିକ । ତାଙ୍କର ରଚନା 'ବଂଶାନୁଚରିତ' । ଏହାର ପ୍ରଥମ ଛାନ୍ଦରେ ନୟାଗଡ ରାଜବଂଶ ଓ ଦ୍ୱିତୀୟ ଛାନ୍ଦରେ ଖଣ୍ଡପଡା ରାଜବଂଶର ଇତିହାସ ବର୍ଣ୍ଣିତ । ଏହା ପାହାଡିଆ କେଦାର ରାଗରେ ବର୍ଣ୍ଣିତ । ତାଙ୍କର ଏକଶହ ବାରଗୋଟି କବିତା 'କବିତାବଳୀ' ନାମକ ତାଳପତ୍ର ପୋଥିରେ ସ୍ଥାନିତ ! ସେ ମଧ୍ୟ ବାଉନଗୋଟି ଚୌପଦୀ ରଚନା କରିଛନ୍ତି । ଏହାବ୍ୟତୀତ ତାଙ୍କର ବହୁ ଚିଟାଉ ଓ ଚଉତିଶା ରହିଛି ।

କାମପାଳ ମହାପାତ୍ର :

କବି କାମପାଳ ନୟାଗଡର ବିସ୍ମୃତ ପ୍ରତିଭା । ସେ ନୟାଗଡ ରାଜା ବ୍ରଜବନ୍ଧୁ ସିଂହ ମାନଧାତାଙ୍କ ସମସାମୟିକ ଓ ନୟାଗଡ ରାଜ ସଭାର ଅନ୍ୟତମ ପଣ୍ଡିତ କବି । ଯଦୁମଣି ତାଙ୍କର ସଙ୍ଗାତ ଥିଲେ । ସେ ନୟାଗଡର କୋମଣ୍ଡ ଗ୍ରାମରେ

Digitized by PPRACHIN, SOA

ଜନ୍ମଗ୍ରହଣ କରିଥିଲେ । ବହୁ ଛାନ୍ଦ ଓ ଚଉପଦୀର ସ୍ରଷ୍ଟା ହେଉଛନ୍ତି କାମପାଳ । ସେ ମଧ୍ୟ ଚିତ୍ରକାବ୍ୟର ରଚୟିତା ଅଟନ୍ତି ।

ହରେକୃଷ୍ଣ ପଟ୍ଟନାୟକ :

ହରେକୃଷ୍ଣ ପଟ୍ଟନାୟକ ଯଦୁମଣି ମହାପାତ୍ରଙ୍କ ସମସାମୟିକ ଜଣେ ଗୌଣ କବି । ସେ ୧୭୮୭ ଖ୍ରୀ.ରେ ନୟାଗଡର ଗୁଞ୍ଜାବାରଣ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ 'ନୟାଗଡ-ଘୁମୁସର ଯୁଦ୍ଧଗୀତ' ରଚନା କରିଛନ୍ତି । ଏହା ବସନ୍ତ ରାଗରେ ରଚିତ ।

କୁଞ୍ଜବିହାରୀ ସିଂହ ମର୍ଦ୍ଦରାଜ :

କୁଞ୍ଜବିହାରୀ ସିଂହ ଖଣ୍ଡପଡା ରାଜ୍ୟର ଦଶମ ରାଜା । ସେ କେତେକ ଚୌପଦୀ ରଚନା କରିଛନ୍ତି । ସେ ଗୁଡିକ ମଧ୍ୟରେ 'ନାୟିକା ପ୍ରଶସ୍ତି', 'ନାୟିକା ନେତ୍ର ବର୍ଣ୍ଣନା', 'ବର୍ଷାକାଳରେ ନାୟକର ଚାଟୂ', 'ପ୍ରେମମୁଗ୍ଧ ନାୟକର ଉକ୍ତି', 'ସଖୀପ୍ରତି', 'ବାସକ ସଜ୍ଜା ନାୟିକା' ।

ସତ୍ୟବାଦୀ ଦାସ :

ସତ୍ୟବାଦୀ ଦାସ ଖଣ୍ଡପଡାର ବାଇଗୁଣିଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଏକମାତ୍ର କୃତି ହେଉଛି 'ରଘୁନାଥ ବେହାର' । ଏଥିରେ ତିରିଶିଗୋଟି ସଂକ୍ଷେପ (ଅଧ୍ୟାୟ) ରହିଛି । ଏହାର ପ୍ରତ୍ୟେକ ପାଦରେ ତେର ଅକ୍ଷର ରହିଛି । ଏଥିରେ ଆଦ୍ୟକାଣ୍ଡଠାରୁ ଉତ୍ତରାକାଣ୍ଡ ପର୍ଯ୍ୟନ୍ତ ରହିଛି ।

ଦାମୋଦର ବାହିନୀପତି :

ଦାମୋଦର ବାହିନୀପତି ଖଣ୍ଡପଡା ଅଞ୍ଚଳର ପ୍ରତିନିଧି ସ୍ଥାନୀୟ କବି । ଗୀତିକବି ଭାବରେ ସେ ଅଶେଷ ସଫଳତା ଲାଭ କରିଛନ୍ତି । ବହୁ ଚଉପଦୀ, ଚଉତିଶା, ପଦିଆ, ଚିଟାଉ ଓ ଭଜନ ଜଣାଣର ସ୍ରଷ୍ଟା ଭାବରେ ସେ ପରିଚିତ । ତାଙ୍କ ଚଉପଦୀ ଗୁଡିକ ପ୍ରେମ ପ୍ରଣୟ ଭିତ୍ତିକ; ଏହା ମାନବୀୟ ପ୍ରଣୟମୂଳକ ଓ ରାଧାକୃଷ୍ଣ ପ୍ରେମ ମୂଳକ । ସେ ମଧ୍ୟ ବାଲୁଙ୍କେଶ୍ୱର ସ୍ତୁତି, ବିମଳା ସ୍ତୁତି, ପ୍ରଭାତ ଅବକାଶ, ସଖୀର ରାଧାପ୍ରତି, ସଖୀର କୃଷ୍ଣପ୍ରତି, କୃଷ୍ଣଙ୍କର ସଖୀପ୍ରତି, କୃଷ୍ଣଙ୍କର ରାଧାପ୍ରତି ପ୍ରଭୃତି କବିତା ରଚନା କରିଛନ୍ତି ।

ସତ୍ୟବାଦୀ ସାମନ୍ତରାୟ :

ସତ୍ୟବାଦୀ ସାମନ୍ତରାୟ ନୟାଗଡ ଜିଲ୍ଲାର ହରିହରପୁର ଗ୍ରାମରେ ଜନ୍ମଲାଭ କରିଥିଲେ । ସେ 'ସୀତା ବିଳାସ' କାବ୍ୟ ରଚନା କରିଛନ୍ତି । ଏଥିରେ ରାବଣ ଜନ୍ମଠାରୁ ଆରମ୍ଭକରି ରାମସୀତାଙ୍କର ଅଯୋଧ୍ୟା ସିଂହାସନ ଆରୋହଣ ପର୍ଯ୍ୟନ୍ତ ବର୍ଣ୍ଣିତ । ଏହା 'ସ' ଆଦ୍ୟ ନିୟମରେ ରଚିତ । ଏହାର ୫୫ଗୋଟି ଛାନ୍ଦ କବିଙ୍କଦ୍ୱାରା

Digitized by PPRACHIN, SOA

ରଚିତ । ଶେଷ ଦୁଇଗୋଟି ଛାନ୍ଦ ତାଙ୍କ ଅନୁଜ ବ୍ରଜବନ୍ଧୁ ସାମନ୍ତରାୟଙ୍କ ଦ୍ୱାରା ରଚିତ ।

ବେଣୁଧର ପଟ୍ଟନାୟକ :

କବିଚନ୍ଦ୍ର ବେଣୁଧର ପଟ୍ଟନାୟକ ରଣପୁର ତହସିଲ୍ ଅନ୍ତର୍ଗତ ହିଞ୍ଜଳ ଗାଡିଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ କଟକ ଜିଲ୍ଲା ଟାଙ୍ଗୀ ଥାନା କୋଟସାହି ରାଧାଗୋବିନ୍ଦ ମଠର ମହନ୍ତ ରୂପେ ଅବସ୍ଥାପିତ ହୋଇ ନିଜର ନାମ ବୈଷ୍ଣବ ଚରଣ ଦାସ ଗୋସ୍ୱାମୀ ରଖିଥିଲେ । ତାଙ୍କ ରଚନାବଳୀ ହେଉଛି ରାସଗୀତ, ପୁରାଣ ଓ ଭଜନ, ସଙ୍ଗୀତ ଓ କଲ୍ଲୋଳ, ସଙ୍ଗୀତ କଳାନିଧି, ବିଦଗ୍ଧ ମାଧବ, ଦୁର୍ଜୟମାନ । ତାଙ୍କ ଚଉତିଶା ଗୁଡିକ ବୈଷ୍ଣବ ପଦାବଳୀ ୧ମ, ୨ୟ, ୩ୟ ଓ ୪ର୍ଥ ଭାଗ ନାମରେ ପ୍ରକାଶିତ । ତାଙ୍କର କବିତା ଗୁଡ଼ିକ 'ବେଣୁଧର ପଦାବଳୀ' ପ୍ରଥମ ଓ ଦ୍ୱିତୀୟ ଭାଗରେ ୧୯୧୫ ମସିହାରେ ପ୍ରକାଶିତ । କବିଚନ୍ଦ୍ରଙ୍କର ଆଉ କେତେଗୋଟି ଉଲ୍ଲେଖଯୋଗ୍ୟ କୃତି ହେଉଛି ଅଗ୍ନିପୁରାଣ, ମହାଲକ୍ଷ୍ମୀ ପୁରାଣ, ଜଗନ୍ନାଥ ପୁରାଣ ଇତ୍ୟାଦି ।

ନଟବର ସିଂହ ମର୍ଦ୍ଦରାଜ :

ଖଣ୍ଡପଡାର ରାଜା ନଟବର ସିଂହ ମର୍ଦ୍ଦରାଜ 'ନୃସିଂହ ରାସ'ର ରଚୟିତା । ଏଥିରେ ଅଠରଗୋଟି ଛାନ୍ଦ ରହିଛି । ପ୍ରଥମ ଏଗାରଗୋଟି ଛାନ୍ଦରେ ସେ ଉତ୍ସବ ଓ ଅବଶିଷ୍ଟ ସାତୋଟି ଛାନ୍ଦରେ ହିରଣ୍ୟକଶିପୁ ଜନ୍ମ, ପ୍ରହ୍ଲାଦର ଭକ୍ତିଭାବ ଓ ହିରଣ୍ୟ ବଧ ଇତ୍ୟାଦି ବର୍ଣ୍ଣିତ । ଏହାବ୍ୟତୀତ ସେ ରାଧାକୃଷ୍ଣ ପ୍ରେମ ଭିତ୍ତିକ ଚଉପଦୀ ମଧ୍ୟ ରଚନା କରିଛନ୍ତି । 'ରଘୁନାଥ ବିଳାସ' କାବ୍ୟର ସ୍ରଷ୍ଟା ହେଉଛନ୍ତି ନଟବର ସିଂହ ମର୍ଦ୍ଦରାଜ ।

ହରିହର ସିଂହ ଦେବ :

ହରିହର ସିଂହ ଦେବ ରଣପୁରର ରାଜା ବେଣୁଧର ବଜ୍ରଧର ନରେନ୍ଦ୍ର (୧୮୪୨-୧୮୯୯)ଙ୍କର ପୋଷ୍ୟପୁତ୍ର ଥିଲେ । ସେ 'ଅଚ୍ୟୁତାନନ୍ଦ ଚମ୍ପୂ'ର ରଚୟିତା । ଏଥିରେ ରାଧା, କୃଷ୍ଣ, ଲଳିତା ଓ ମଧୁମଙ୍ଗଳ-- ଏମାନଙ୍କର ଉକ୍ତି ପ୍ରତ୍ୟୁକ୍ତି ମୂଳକ ଗୀତରେ ନାଟକୀୟତା ପରିଲକ୍ଷିତ । ଏଥିରେ 'ଅ' ଠାରୁ 'ହ' ଅକ୍ଷର ପର୍ଯ୍ୟନ୍ତ କ୍ରମରେ ଗୀତ ରହିଛି ।

ପୀତବାସ ସିଂହ ସାମନ୍ତ :

ପୀତବାସ ସିଂହ ସାମନ୍ତ ପୁଣ୍ୟଶ୍ଳୋକ ସାମନ୍ତ ଚନ୍ଦ୍ରଶେଖରଙ୍କ ଜ୍ୟେଷ୍ଠପୁତ୍ର । ସେ 'ଶ୍ରୀକୃଷ୍ଣ କଳ୍ପଲତା' କାବ୍ୟ ରଚନା କରିଛନ୍ତି । ଏହା ଏକତିରିଶି ଛାନ୍ଦବିଶିଷ୍ଟ କାବ୍ୟ । ଏହା ଭାଗବତ ଓ କୃଷ୍ଣଯାମଳକୁ ଆଧାର କରି ରଚିତ । ଏହା ଖଣ୍ଡପଡାର ରାଜା ନଟବର ସିଂହ ମର୍ଦ୍ଦରାଜଙ୍କ ନାମରେ ଭଣିତ । ଏହା ବ୍ୟତୀତ ସେ 'ଘନ

Digitized by PPRACHIN, SOA

ବର୍ଣ୍ଣନା ଚଉତିଶା’, ‘ପିତୃବିୟୋଗ ବିଳାପ’ ‘ଅକ୍ଷମୟୀ କାଳୀଙ୍କ ସ୍ତୁତି’ ପ୍ରଭୃତି ରଚନା କରିଛନ୍ତି ।

ବିଦ୍ୟାଧର ଶତପଥୀ ରାୟଗୁରୁ :

ଖଣ୍ଡପଡା ନିବାସୀ କବି ବିଦ୍ୟାଧର ଶତପଥୀ ରାୟଗୁରୁ ‘ଝୁଲଣଚମ୍ପୂ’ କାବ୍ୟର ସ୍ରଷ୍ଟା । ଏଥିରେ ରାଧା ଓ କୃଷ୍ଣଙ୍କ ମାନଭଞ୍ଜନ ପୂର୍ବକ ମିଳନ ବିଷୟ ବର୍ଣ୍ଣିତ । ଏହା ବ୍ୟତୀତ ସେ ମାନବୀୟ ପ୍ରଣୟ ଭିତ୍ତିକ ଓ ରାଧାକୃଷ୍ଣ ପ୍ରେମ ଭିତ୍ତିକ ବହୁ ଚଉପଦୀ ରଚନା କରିଛନ୍ତି ।

ଗଦାଧର ସିଂହ ସାମନ୍ତ :

ବହୁ ଛାନ୍ଦ, ଚଉପଦୀ, ସଙ୍ଗୀତ, ଢୁମ୍ପା ସଙ୍ଗୀତ ଓ ଭଜନ ଜଣାଣର ସ୍ରଷ୍ଟା ଭାବରେ ଗଦାଧର ସିଂହ ସାମନ୍ତ ସୁପରିଚିତ । ସେ ବିଶିଷ୍ଟ ଜ୍ୟୋତିର୍ବିଦ ପୁଣ୍ୟଶ୍ଳୋକ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କର ମଧ୍ୟମପୁତ୍ର । ତାଙ୍କର କବିତା ଗୁଡ଼ିକ ‘ପ୍ରବନ୍ଧ ପଞ୍ଚାମୃତ’ ୧ମ ଭାଗ ଓ ୨ୟ ଭାଗରେ ସଙ୍କଳିତ । ପ୍ରଥମ ଭାଗରେ ଅଶିଗୋଟି କବିତା ଓ ଦ୍ୱିତୀୟ ଭାଗରେ ଚୌରାନବେଟି କବିତା ସ୍ଥାନିତ । କବିଙ୍କର ‘ଭ୍ରମର ଚଉତିଶା’, ‘ଭ୍ରମରୀ ଚଉତିଶା’ ଓ ‘ଦ୍ୱିତୀୟା ଚନ୍ଦ୍ର ବର୍ଣ୍ଣନା’ ଉଚ୍ଚକୋଟୀର ରଚନା ।

ମହେନ୍ଦ୍ର ସିଂହ ସାମନ୍ତ :

ମହେନ୍ଦ୍ର ସିଂହ ଖଣ୍ଡପଡା ରାଜକୁମାର ଅଟନ୍ତି । ତାଙ୍କ ଦ୍ୱାରା ରଚିତ ‘ବୃନ୍ଦାବନ ଚନ୍ଦ୍ର ବିନୋଦ ଚମ୍ପୂ’ ୧୮୯୫ରେ କଟକର ରାୟ ପ୍ରେସ୍‌ରୁ ପ୍ରକାଶିତ । ଏହି ଚମ୍ପୂକାବ୍ୟକୁ ସମାଲୋଚକ ପ୍ରଥମ ଓଡ଼ିଆ ଚମ୍ପୂ ଭାବରେ ବିଚାର କରିଛନ୍ତି । ଏହି ଚମ୍ପୂରେ ଚଉତିରିଶି ଗୋଟି ଓଡ଼ିଆ ଗୀତ ମଧ୍ୟରେ ରାଧା-କୃଷ୍ଣ-ଲଳିତା ଓ ମଧୁମଙ୍ଗଳ ପ୍ରଭୃତିଙ୍କ ଉକ୍ତି ପ୍ରତ୍ୟୁକ୍ତ ରହିଛି ।

ଗୋପୀନାଥ ସିଂହ ଦେବ :

ଗୋପୀନାଥ ସିଂହ ଦେବ ରଣପୁର ଗଡରେ ଜନ୍ମଗ୍ରହଣ କରିଥିଲେ । ସେ ସଂସ୍କୃତ ଭଟ୍ଟିକାବ୍ୟକୁ ଓଡ଼ିଆରେ ଅନୁବାଦ କରିଛନ୍ତି । ଏହା ଭଟ୍ଟିକାବ୍ୟ ନାମରେ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ୧୯୫୩ ସାଲରେ ପ୍ରକାଶିତ । ଏହା ଏକ ବ୍ୟାକରଣ କାବ୍ୟ । ଏଥିରେ ବାଇଶିଗୋଟି ଛାନ୍ଦ ରହିଛି । ଶ୍ରୀରାମଚନ୍ଦ୍ରଙ୍କ ଜନ୍ମଠାରୁ ଆରମ୍ଭ କରି ରାବଣବଧ ଓ ରାମାଭିଷେକ ପର୍ଯ୍ୟନ୍ତ ବିଷୟ ଭଟ୍ଟିକାବ୍ୟର ଉପଜୀବ୍ୟ । ଏହା ବ୍ୟତୀତ ସେ ମଧ୍ୟ ‘ନୈଷଧ’ ଓ ‘କୁମାର ସମ୍ଭବମ୍’ କାବ୍ୟକୁ ଓଡ଼ିଆରେ ଅନୁବାଦ କରିଛନ୍ତି ।

Digitized by PPRACHIN, SOA

ଚନ୍ଦ୍ରଶେଖର ମିଶ୍ର :

ସାମନ୍ତ ଚନ୍ଦ୍ରଶେଖରଙ୍କର ଜୀବନୀକାର ପଣ୍ଡିତ ଚନ୍ଦ୍ରଶେଖର ମିଶ୍ର ଖଣ୍ଡପଡା ନିବାସୀ ଅଟନ୍ତି । 'ଭଜନ ସଙ୍ଗୀତ' (୧୯୬୯) ତାଙ୍କର ଏକ ଭକ୍ତି ରସାଶ୍ରିତ ଗ୍ରନ୍ଥ । ଏହା ଓଡିଶା ସାହିତ୍ୟ ଏକାଡେମୀଦ୍ୱାରା ପ୍ରକାଶିତ । ଏଥିରେ ଚଉରାଳିଶି ଗୋଟି ସଙ୍ଗୀତାଶ୍ରୟୀ ଭଜନ ସଙ୍କଳିତ ।

କାହ୍ନୁଚରଣ ଦାଶ :

କବି କାହ୍ନୁଚରଣ ଦାଶ ଶରଣକୁଳର ଭିକାରୀପଡା ଶାସନରେ ଏକ କୁଳୀନ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । କାହ୍ନୁଚରଣ ଦାଶ ଦୁଇଗୋଟି ପୌରାଣିକ କାବ୍ୟର ସ୍ରଷ୍ଟା । 'ପରିମଳା ସତୀ' ଏଗାର ଛାନ୍ଦ ବିଶିଷ୍ଟ ଓ 'ଋଷ୍ୟଶୃଙ୍ଗ ବିଜୟ' ଚଉଦଗୋଟି ଛାନ୍ଦ ବିଶିଷ୍ଟ ରଚନା । ଏହି ଦୁଇଗୋଟି କାବ୍ୟରେ କବିଙ୍କର କବିତ୍ୱ ଓ ପ୍ରତିଭା ପରିସ୍ଫୁଟ ହୋଇଛି ।

ବିଶ୍ୱନାଥ ମିଶ୍ର :

ବିଶ୍ୱନାଥ ମିଶ୍ର ନୟାଗଡ ଜିଲ୍ଲାର ରଘୁନାଥପୁର ଶାସନରେ ୧୮୬୬ ମସିହାରେ ଜନ୍ମଲାଭ କରିଥିଲେ । ସେ 'ସର୍ବସାର ନାରାୟଣ ମହାପୁରାଣ' ପ୍ରଥମଭାଗ ଓ ଦ୍ୱିତୀୟ ଭାଗ ରଚନା କରିଛନ୍ତି । ଏଥିରେ ଦଶଅବତାରର ବର୍ଣ୍ଣନା ଓ ପ୍ରତ୍ୟେକ ଅବତାରର ଲୀଳା ମହାତ୍ମ୍ୟ ପ୍ରତିପାଦିତ ହୋଇଛି । ଏହି ଗ୍ରନ୍ଥ ପୁରାଣମାନଙ୍କ ମଧ୍ୟରେ ସାର । ଏଥିରେ ନାରାୟଣଙ୍କର ଚରିତ ବର୍ଣ୍ଣନା କରାଯାଇଥିବାରୁ ଏହା ଗଙ୍ଗାଜଳ ସଦୃଶ ପବିତ୍ର ।

ନରସିଂହ ସିଂହସାମନ୍ତ :

ନରସିଂହ ସିଂହ ସାମନ୍ତ ଖଣ୍ଡପଡ଼ାର ଜଣେ ପ୍ରତିନିଧି ସ୍ଥାନୀୟ କବି । ସେ ମୁଖ୍ୟତଃ ଜଣେ ଗୀତିକବି । ସେ ଶତାଧିକ ଚଉପଦୀ, ଢୁମ୍ପା ଗୀତ, ଭଜନ, ଜଣାଣ, ମନଃଶିକ୍ଷାମୂଳକ ବିକାଶ ରଚନା କରିଛନ୍ତି । ତାଙ୍କ ରଚିତ ସମସ୍ତ କବିତାକୁ ସଙ୍କଳନ କରାଯାଇ 'ନରସିଂହ ପଞ୍ଚାମୃତ' ଶୀର୍ଷକ ପୁସ୍ତକରେ ପ୍ରକାଶ କରାଯାଇଛି ।

ମାଧବ ଚୌଧୁରୀ :

ମାୟାଧର ମାନସିଂହଙ୍କ ସମସାମୟିକ ଏହି କବି ଜୀବନ ଜଞ୍ଜାଳରେ ଜଣେ ଆଇନଜୀବୀ ରୂପେ ପରିଚିତ ଥିଲେ ମଧ୍ୟ ସେ ଜଣେ କୃତୀ ସାହିତ୍ୟଶିଳ୍ପୀ । ତାଙ୍କର ପ୍ରକାଶିତ ଗ୍ରନ୍ଥ ଗୁଡିକ ହେଉଛି ଝଙ୍କାର (୧୯୩୪), ଅର୍ଘ୍ୟଦାନ (୧୯୬୦), ଗୀତାସାର (୧୯୭୬) ଓ ଅପହୃତା (୧୯୭୬) । ପୌରାଣିକତା, ଜାତୀୟତାବୋଧ, ପ୍ରଣୟ ଚେତନା, ପ୍ରକୃତି ପ୍ରୀତି ଓ ଈଶ୍ୱରୀୟ ଚେତନା ତାଙ୍କ କବିତାର ମୁଖ୍ୟ ଆବେଦନ ।

Digitized by PPRACHIN, SOA

ଆନନ୍ଦ ଚନ୍ଦ୍ର ମିଶ୍ର :

କବିଭୂଷଣ ଆନନ୍ଦ ଚନ୍ଦ୍ର ମିଶ୍ର ବହୁମୁଖୀ ପ୍ରତିଭାର ଅଧିକାରୀ । ନୟାଗଡ ଜିଲ୍ଲାର ଚାହାଳୀ ଗ୍ରାମ କବିଙ୍କର ଜନ୍ମସ୍ଥାନ । କବିଙ୍କର ପ୍ରକାଶିତ ପୁସ୍ତକ ଗୁଡିକ ହେଉଛି କଳ୍ପନାଯାତ୍ରୀ (୧୯୫୧), ଉତ୍ସ (୧୯୫୧), ରଣତାଣ୍ଡବ (୧୯୫୧), କଳ୍ପନା କୁଞ୍ଜେ (୧୯୫୨), ଚନ୍ଦ୍ରାବତୀ (୧୯୫୫), ରତ୍ନାଞ୍ଜଳୀ-ରତ୍ନାକର (୧୯୫୬) ଓ ଫୁଲଫଳ (୧୯୫୭) । ଏହି ସମସ୍ତ ପୁସ୍ତକ ନୟାଗଡର ମହାନୁଭବ ରାଜା କୃଷ୍ଣ ଚନ୍ଦ୍ର ସିଂହ ମାନଧାତାଙ୍କ ସାହଚର୍ଯ୍ୟରେ ପ୍ରକାଶ କରାଯାଇଛି । ଏହି କାବ୍ୟଗୁଡ଼ିକ ନୟାଗଡ଼ ଗଭର୍ଣ୍ଣମେଣ୍ଟ ପ୍ରେସ୍‌ରୁ ପ୍ରକାଶିତ ।

ରଘୁନାଥ ମହାନ୍ତି :

ରଘୁନାଥ ମହାନ୍ତି ରଣପୁର ତହସିଲ୍ ଅନ୍ତର୍ଗତ ବାଦଭୂଇଁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ରଣପୁର ପ୍ରଜା ଆନ୍ଦୋଳନର ଅନ୍ୟତମ ବିପ୍ଳବୀ । ୧୯୩୯ ମସିହାରେ ବେଜେଲଗେଟ୍ ହତ୍ୟା ଅଭିଯୋଗରେ ଦଣ୍ଡିତହୋଇ ୧୯୪୧ ମସିହା ଏପ୍ରିଲ ୪ ତାରିଖ ଦିନ ବିହାରର ଭାଗଲପୁର ଜେଲ୍‌ରେ ଫାଶୀବରଣ କଲେ । ସେ ସାତଖଣ୍ଡ ପୁସ୍ତକ ରଚନା କରିଥିଲେ । ସେଗୁଡ଼ିକ ହେଉଛି 'ମାରଣାଗଡ', 'ଶବରବାଳା', 'କ୍ରୋଧଲିପ୍‌ସା', 'ସଙ୍ଗୀତସୁଧା ସମୁଦ୍ର', 'ଶକୁନ୍ତଳା', 'ସଂଗୀତ ମୋହନ ଭୋଗ' ଏବଂ 'ଅହଲ୍ୟା ଓ ଇଳା' । ତାଙ୍କର ସମସ୍ତ କବିତାରେ ଜାତୀୟ ଚେତନା ପ୍ରକଟିତ ।

ଭୁବନେଶ୍ୱର ମିଶ୍ର :

ଶରଣକୁଳ ଗ୍ରାମର ଶିକ୍ଷକ କବି ଭୁବନେଶ୍ୱର ମିଶ୍ର 'ସମୀକ୍ଷା' ନାମକ କବିତାଗ୍ରନ୍ଥ ରଚନା କରିଛନ୍ତି । ଏହାର 'ପୂର୍ବାର୍ଦ୍ଧ' ଭାଗରେ ଏକତିରିଶି ଗୋଟି ଛନ୍ଦଯୁକ୍ତ କବିତା ଏବଂ 'ଉତ୍ତରାର୍ଦ୍ଧ' ଭାଗରେ ଚଉଦଗୋଟି ମୁକ୍ତ ଛନ୍ଦର କବିତା ରହିଛି । ତାଙ୍କ କବିତା ଗୁଡିକର ବିଷୟ ସଂଯୋଜନା, ପରିକଳ୍ପନା, ଆବେଗ ଓ ଅନୁଭୂତି ତାତ୍ପର୍ଯ୍ୟପୂର୍ଣ୍ଣ ।

ଦଣ୍ଡପାଣି ମିଶ୍ର :

ଦୈନିକ 'ଧରିତ୍ରୀ' ସମ୍ବାଦପତ୍ରର ପ୍ରକାଶକ ଦଣ୍ଡପାଣି ମିଶ୍ରଙ୍କର ତିନିଗୋଟି ଆଧୁନିକ କବିତା ସଙ୍କଳନ ହେଉଛି 'ଅସ୍ଥି ସଞ୍ଚୟନ' (୧୯୫୪) ଓ 'ଚଇତ ବିଜୁଳି' (୧୯୬୮) ଏବଂ 'ଯେ ଫୁଲ ମଉଳେ ନାହିଁ' । ତାଙ୍କର ଅଧିକାଂଶ କବିତାର ଅନ୍ତଃସ୍ୱର ପ୍ରଣୟଧର୍ମୀ ହେଲେ ହେଁ ଏଥିରେ ଭରି ରହିଛି ଅଶ୍ରୁର ଅଭିବ୍ୟକ୍ତି ଓ ବ୍ୟଥାର ରାଗିଣୀ । କବି ଦଣ୍ଡପାଣି ମିଶ୍ରଙ୍କ କବିତା ଗୁଡିକ ଜୀବନଧର୍ମୀ । ଭାବ ଓ ଶୈଳୀରୁ ଚମତ୍କାର କଳାତ୍ମକ ସମନ୍ୱୟରେ ତାଙ୍କର ପ୍ରତିଟି କବିତା ପାଠକମନରେ ସ୍ଥାୟୀଭାବ ସୃଷ୍ଟି କରିଥାଏ ।

Digitized by PPRACHIN, SOA

ପୂର୍ଣ୍ଣଚନ୍ଦ୍ର ଶୂରଦେଓ :

ଓଡିଶାର ଖ୍ୟାତନାମା ନାଟ୍ୟଶିଳ୍ପୀ ଗୋବିନ୍ଦ ଶୂରଦେଓଙ୍କ ପୁତ୍ର ପୂର୍ଣ୍ଣଚନ୍ଦ୍ର ଶୂରଦେଓ 'ଦକ୍ଷିଣକାଳୀଙ୍କ ମାହାତ୍ମ୍ୟ', 'ଜଗଜ୍ଜନନୀ ମା' ଦକ୍ଷିଣକାଳୀ', 'ମାନସୀ', 'ସମୟର ପୂର୍ଣ୍ଣଚ୍ଛେଦ' ପ୍ରଭୃତି କବିତାଗ୍ରନ୍ଥ ରଚନା କରିଛନ୍ତି । ସବୁ ଦୃଷ୍ଟିରୁ 'ମାନସୀ' ତାଙ୍କର ଶ୍ରେଷ୍ଠ କୃତି । ଏଥିରେ ଆଧୁନିକ କବିତା ସ୍ଥାନିତ ।

ବିଶ୍ୱନାଥ ଚମ୍ପତି :

ଶଙ୍ଖେଇ ଗ୍ରାମର ଶଙ୍ଖଶୁଭ୍ର ପରି ପ୍ରତିଭାର ଅଧିକାରୀ କବି ବିଶ୍ୱନାଥ ଚମ୍ପତି 'ବାଣୀ ଗୌରବ' ଉପାଧି ପ୍ରାପ୍ତ । ସେ ନୟାଗଡ ଜିଲ୍ଲାର ଦ୍ୱିତୀୟ ଭଞ୍ଜ । ତାଙ୍କ ରଚନାବଳୀ ମଧ୍ୟରେ 'ଦାଶରଥି ବିଳାସ' (ପ୍ରଥମ ଓ ଦ୍ୱିତୀୟ ଭାଗ), 'ପ୍ରବନ୍ଧ ସୁଧାକର', 'ସଂକ୍ଷିପ୍ତ ରାମାୟଣ', 'ମାଲ୍ୟବନ୍ତ ବିହାର', 'ନୀଳାଦ୍ରୀଶ ବିଳାସ' ପ୍ରଭୃତି ଉଲ୍ଲେଖଯୋଗ୍ୟ । ତାଙ୍କ ପ୍ରଣୀତ 'ଚିତ୍ରକାବ୍ୟ ବନ୍ଧ ପ୍ରବନ୍ଧ' ଓଡିଆ ସାହିତ୍ୟର ଏକ ପରମ ସମ୍ପଦ । ସେ ମଧ୍ୟ 'ଶ୍ରୀ ରଘୁନାଥ ଜଣାଣ', 'ପତିତ ପାବନ ଚଉତିଶା', 'କିଶୋର ଚନ୍ଦ୍ର ଚଉତିଶା' ଏବଂ କେତେକ ଭଜନ ଓ ଜଣାଣ ରଚନା କରିଛନ୍ତି ।

ନାରାୟଣ ସାହୁ :

କବି ନାରାୟଣ ସାହୁ ଯୋଗିଆପଲ୍ଲୀ ନିବାସୀ । ତାଙ୍କ ଦ୍ୱାରା ଲିଖିତ ରଚନା ଗୁଡ଼ିକ ହେଉଛି- 'ପ୍ରାର୍ଥନା ଓ ଜଣାଣ', 'ରାଜା ହରିଶ୍ଚନ୍ଦ୍ର', 'ହିତୋପଦେଶ', 'ମହାନଦୀ କର୍ଣ୍ଣ' ଏବଂ 'ଶ୍ରୀରାମ ଚରିତାମୃତ' । ନାରାୟଣ ସାହୁଙ୍କର ଶ୍ରେଷ୍ଠ କୃତି ହେଉଛି "ଶ୍ରୀରାମ ଚରିତାମୃତ" ।

ଦାମୋଦର ମହାପାତ୍ର :

ଦାମୋଦର ମହାପାତ୍ର ଶରଣକୁଳ ନିବାସୀ । ତାଙ୍କ ଦ୍ୱାରା ଲିଖିତ ପୁସ୍ତକ ଗୁଡ଼ିକ ହେଉଛି- 'ସରଳ ସଂକ୍ଷିପ୍ତ ରାମାୟଣ', 'ଦଣ୍ଡ ଗୀତିନାଟ୍ୟ', 'ଭାରତ ଓ ଉତ୍କଳ ପ୍ରଶସ୍ତି', 'ଯୋଜନା ସଙ୍ଗୀତ', 'ବଣଭୋଜି ଗୀତ' ଏବଂ 'ପଲ୍ଲୀଚିତ୍ର', 'ବର୍ଣ୍ଣମାତ୍ରିକ ଭଜନମାଳା', 'ବର୍ଣ୍ଣମାତ୍ରିକ ବିଚ୍ଛେଦ ଗୀତିକା ଓ ଭଜନମାଳା', 'ବର୍ଣ୍ଣମାତ୍ରିକ ଯୌତୁକବିରୋଧ ଓ ଅନ୍ୟାନ୍ୟ କବିତା' ଏବଂ 'ଶ୍ରୀଲଡୁକେଶ ମାହାତ୍ମ୍ୟ ଓ ଅନ୍ୟାନ୍ୟ ଦେବଦେବୀଙ୍କ ବନ୍ଦନା ।'

ମହେଶ୍ୱର ନନ୍ଦ :

ଓଡଗାଁ ନିବାସୀ ପଣ୍ଡିତ ମହେଶ୍ୱର ନନ୍ଦ ରଘୁନାଥ ମନ୍ଦିରର ପୂଜାପଣ୍ଡା ଓ ପ୍ରଚାରକ ଭାବରେ କାର୍ଯ୍ୟ କରୁଥିଲେ । 'ଓଡଗାଁ ରଘୁନାଥ ଦର୍ଶନ ସ୍ମୃତି' ତାଙ୍କର ରଚନା । ଏଥିରେ ମନ୍ଦିରର ଅତୀତ, ଐତିହ୍ୟ ଓ ମାହାତ୍ମ୍ୟ ବର୍ଣ୍ଣିତ ।

Digitized by PPRACHIN, SOA

ରାଜକିଶୋର ପଟ୍ଟନାୟକ :

ନୟାଗଡ ନିବାସୀ ରାଜକିଶୋର ପଟ୍ଟନାୟକ ଆଧୁନିକ କବି ଭାବରେ ସୁପ୍ରତିଷ୍ଠିତ । ତାଙ୍କର ପ୍ରକାଶିତ ପୁସ୍ତକ ହେଉଛି 'କବିପ୍ରିୟା' (୧୯୫୪), 'ମହାକବିର ସନ୍ଧ୍ୟା' (୧୯୫୪), 'ନୀଳ କବିତାର ଅଶ୍ରୁ' ଏବଂ 'ରାତ୍ରିର କବରୀ' (୨୦୦୬) ପ୍ରଥମଟି ଚବିଶିଟି କବିତାର ସମାହାର । 'ମହାକବିର ସନ୍ଧ୍ୟା' ଏକ ସଫଳ ଗାଥା କବିତା । ମହାକବି କାଳିଦାସଙ୍କର ଜୀବନ ସଂଧ୍ୟାର ବିଷୟବସ୍ତୁ ହେଉଛି ଏହାର ଉପଜୀବ୍ୟ ।

ଉଦୟନାଥ ଦାସ :

ଖଣ୍ଡପଡ଼ାର ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ କବି ଉଦୟନାଥ ଦାସ 'ପଲ୍ଲୀବଧୂ' (୧୯୫୯) କାବ୍ୟ, 'ଶିବସ୍ତୁତି', 'ଭଲପିଲା', 'ନୂଆଯୁଗର ଛୁଆ', 'ଉମାଦେଈ ଜଣାଣ', 'କୃଷ୍ଣପ୍ରେମ ତରଙ୍ଗିଣୀ' ଓ 'ଘାସ ଫୁଲର ଆଶା' (୧୯୯୪) ରଚନା କରି ଯଶସ୍ୱୀ । 'ଘାସ ଫୁଲର ଆଶା' ଏକ ସାର୍ଥକ କବିତା ଗ୍ରନ୍ଥ ।

ହରିହର ନାୟକ :

ନୟାଗଡ ଜିଲ୍ଲାର ଫାଶିପଡା ଗ୍ରାମର କବି ହରିହର ନାୟକ ପାରମ୍ପରିକ ଶୈଳୀରେ 'ରାବଣାରି ଚଉତିଶା' (୧୯୮୮) ରଚନା କରିଛନ୍ତି । ଏହା 'କ' ଠାରୁ 'କ୍ଷ' ଆଦ୍ୟ ଅକ୍ଷର ନିୟମରେ ରଚିତ । କାମୋଦୀ ରାଗରେ ରଚିତ ଏହି ଚଉତିଶାକୁ କବି ଶବ୍ଦାଡମ୍ବରରେ ବିଭୂଷିତ କରିଛନ୍ତି । ଶ୍ରୀରାମଚନ୍ଦ୍ରଙ୍କର ଅଲୌକିକତା ଏଥିରେ ପ୍ରତିପାଦିତ ।

ଗୋପାଳ ଚନ୍ଦ୍ର ମିଶ୍ର :

ପ୍ରବୀଣ ଶିକ୍ଷାବିତ୍ ଓ ପ୍ରଫେସର କବି ଗୋପାଳ ଚନ୍ଦ୍ର ମିଶ୍ର ରଣପୁର ଗଡର ଶାମୁକା ସାହିରେ ଜନ୍ମଲାଭ କରିଥିଲେ । ତାଙ୍କ କବିତା ଗ୍ରନ୍ଥ ଗୁଡିକ ହେଉଛି 'ବିଦ୍ରୋହୀ ଦିବାକର', 'ପାଟଶାଣୀ', 'ଭୀରୁଯୂଥିକା' (୧୯୫୧), 'ସେପାରେ ପ୍ରିୟାର ଗାଁ' (୧୯୫୮) ଓ 'କବିତା ଅନେକ ରତୁର' (୧୯୭୯) । କବି ଗୋପାଳ ଚନ୍ଦ୍ର ମିଶ୍ରଙ୍କ କାବ୍ୟ ମାନସ ପ୍ରେମ ଓ ପ୍ରଣୟର ଅନୁଭୂତିରେ ଯେତିକି ଆତ୍ମ ମଗ୍ନ, ବାସ୍ତବତା ପ୍ରତି ସେତିକି ସଚେତନ । ପଲ୍ଲୀପ୍ରାଣତା, ସୌନ୍ଦର୍ଯ୍ୟ ଚେତନା ଓ ଇତିହାସ୍ ଭିତ୍ତିକ ଜାତୀୟତା ବୋଧ ପ୍ରତି ସେ ମଧ୍ୟ ସମପରିମାଣରେ ଉନ୍ମୁଖ । ଆଧୁନିକ କାଳର କବିମାନଙ୍କ ମଧ୍ୟରେ ତାଙ୍କ ସ୍ଥାନ ସ୍ୱତନ୍ତ୍ର ।

ବାବାଜୀ ବେହେରା :

ବାବାଜୀ ବେହେରା ନୟାଗଡର ଲୋକପ୍ରିୟ ଗଣକବି । ସେ ନୟାଗଡ ନିକଟବର୍ତ୍ତୀ ନଛିପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପ୍ରକାଶିତ ପୁସ୍ତକ

Digitized by PPRACHIN, SOA

ଗୁଡ଼ିକ ହେଉଛି 'ଜଣାଣ ମାଳିକା', 'ପ୍ରତିଜ୍ଞା ଭ୍ରଷ୍ଟ' (୧୯୮୫) ଓ 'ଅଟଳ ବିଶ୍ୱାସ' (୧୯୮୭)। ଗଦାଧର କର 'ପ୍ରଣୟ ମନ୍ଦାକିନୀ' କାବ୍ୟକୁ ସଂସ୍କୃତ 'କାଦମ୍ବରୀ' ଅବଲମ୍ବନରେ ରଚନା କରିଛନ୍ତି। 'ପ୍ରୀତିମୁକ୍ତା' କାବ୍ୟ ମହାଭାରତର ବନପର୍ବ କାଳଞ୍ଜୀ ଉପାଖ୍ୟାନ ଉପରେ ଆଧାରିତ।

ରାଜକିଶୋର ମିଶ୍ର :

ରାଜକିଶୋର ମିଶ୍ର ଖଣ୍ଡପଡ଼ା ନିବାସୀ। ସେ ଥିଲେ ଜଣେ ସଫଳ ଶିକ୍ଷକ। ତାଙ୍କ ଦ୍ୱାରା ଲିଖିତ ପୁସ୍ତକ ଗୁଡ଼ିକ ହେଉଛି– 'ପାଦପଦ୍ମତଳେ', 'ପରିବାର ନିୟନ୍ତ୍ରଣ', 'ପିଲାଙ୍କ ସାହିତ୍ୟ', 'ଗୀତା-ସଙ୍ଗୀତା', 'ଶ୍ରଦ୍ଧାଞ୍ଜଳି' ଏବଂ 'ମାଙ୍ଗଳିକା'।

ବନମାଳୀ ଆଚାର୍ଯ୍ୟ :

କବି ବନମାଳୀ ଆଚାର୍ଯ୍ୟ ଖଣ୍ଡପଡା ନିବାସୀ ଅଟନ୍ତି। ତାଙ୍କର କୃତି ସମୂହ ହେଉଛି 'ଶ୍ରୀଜଗନ୍ନାଥ ଜଣାଣ ଚଉତିଶା', 'ଉତ୍କଳମଣି ମାଣିକ୍ୟ', 'ଲାଲାଜୀ' (୧୯୮୩) ଓ 'ବିଧିବିଡମ୍ବନା' (୧୯୮୬)। ଏଗୁଡ଼ିକରେ କବି ପ୍ରତିଭାର ନିଦର୍ଶନ ଭାସ୍ୱର।

ଦୁର୍ଗାମାଧବ ମିଶ୍ର :

ଉତ୍ତର ପଚାଶ କାଳର ଓଡିଆ କବିତା ଜଗତରେ ଦୁର୍ଗାମାଧବ ମିଶ୍ରଙ୍କ ନାମ ଉଲ୍ଲେଖଯୋଗ୍ୟ। ଦୁର୍ଗାମାଧବ କାବ୍ୟମାନସ ପ୍ରଥମେ ଥିଲା ରୋମାଣ୍ଟିକ୍ ଧର୍ମୀ। ପରବର୍ତ୍ତୀ କାଳରେ ତାଙ୍କ କବିତାର ସ୍ୱର ଓ ସ୍ୱାକ୍ଷର ହେଲା ବାସ୍ତବବାଦ। ତାଙ୍କ କବିତା ଗ୍ରନ୍ଥ ଗୁଡିକ ହେଉଛି 'ମୁଠିଏ ମାଟି ଚିନାଏ ଆକାଶ' (୧୯୬୧), 'ବୃତ୍ତ ଆବର୍ତ୍ତ' (୧୯୭୭), 'ଉଗ୍ରସେନ ଉବାଚ' (୧୯୮୫) ଓ 'ମୌନମୁଖର' (୧୯୮୬)। କବିଙ୍କର କବିତା ଜଗତର ପରିସର ବ୍ୟାପକ। ଏହା ବ୍ୟକ୍ତିଠାରୁ ପରିବାର ଏବଂ ସମାଜ ପର୍ଯ୍ୟନ୍ତ ପ୍ରସାରିତ।

ବନମାଳୀ ମିଶ୍ର :

ବନମାଳୀ ମିଶ୍ର ଖଣ୍ଡପଡା ନିବାସୀ। ତାଙ୍କ ଲେଖନୀ ମୁନରୁ ଯେଉଁ ଦୁଇଗୋଟି ଗ୍ରନ୍ଥ ସାକାର ରୂପେ ନେଇଛି, ତାହା ହେଉଛି 'ମୋ ତୀର୍ଥ କାହାଣୀ' ଓ 'ପ୍ରହ୍ଲାଦ ଚରିତ'। 'ମୋ ତୀର୍ଥ କାହାଣୀ' ମଙ୍ଗଳଗୁଜ୍ଜରୀ ରାଗରେ ରଚିତ ଏବଂ ଏଥିରେ କବିଙ୍କର ଉତ୍ତର ଭାରତ ତୀର୍ଥ ଭ୍ରମଣ ଜନିତ ଅନୁଭୂତି ରୂପାୟିତ। 'ପ୍ରହ୍ଲାଦ ଚରିତ' (୧୯୮୬) ଏକ ପୌରାଣିକ ଆଖ୍ୟାନ ମୂଳକ ଖଣ୍ଡକାବ୍ୟ। ଭାଷା, ଶୈଳୀ ଓ ଉପସ୍ଥାପନା ଦୃଷ୍ଟିରୁ ଏହା ଏକ ରସୋତ୍ତୀର୍ଣ୍ଣ ରଚନା।

ହରିହର ତ୍ରିପାଠୀ :

ଶିକ୍ଷକ କବି ହରିହର ତ୍ରିପାଠୀ ଭକ୍ତି ରସାତ୍ମକ କାବ୍ୟ କବିତା ରଚନା କରିବାରେ ମନୋନିବେଶ କରିଛନ୍ତି। ନୟାଗଡ ଜିଲ୍ଲାର ଦେଉଳି ଗ୍ରାମ କବିଙ୍କର

Digitized by PPRACHIN, SOA

ଜନ୍ମସ୍ଥାନ । 'ପାର୍ଥିବୀଶ ବିଳାସ' ଓ 'ବାସୁଦେବ ବିଳାସ' କାବ୍ୟ ରଚନା କରି ହରିହର ଆପଣାର ଦିବ୍ୟ କବିତ୍ୱ ଶକ୍ତିର ପରିଚୟ ଦେଇଛନ୍ତି । 'ପାର୍ଥିବୀଶ ବିଳାସ' 'ପ' ଆଦ୍ୟ ଅକ୍ଷର ନିୟମରେ ରଚିତ । ରାମଚରିତ ଉପରେ ଆଧାରିତ ଏହା ଏକ କମନୀୟ ସୃଷ୍ଟି । 'ବାସୁଦେବ ବିଳାସ' ବୟାଳିଶି ଛାନ୍ଦ ବିଶିଷ୍ଟ କାବ୍ୟ । ଏହା 'ବ' ଆଦ୍ୟ ଅକ୍ଷର ନିୟମରେ ରଚିତ । ଶ୍ରୀକୃଷ୍ଣଙ୍କର ଜନ୍ମଠାରୁ ବୈକୁଣ୍ଠ ଗମନ ପର୍ଯ୍ୟନ୍ତ ସମସ୍ତ ଘଟଣା ଏହି କାବ୍ୟରେ ବର୍ଣ୍ଣିତ । ଏହି କାବ୍ୟଦ୍ୱୟରେ କବିଙ୍କର ନିର୍ମଳ ଭକ୍ତି ଭାବନା ଓ ବିମଳ କବିତ୍ୱର ପରିଚୟ ମିଳିଥାଏ ।

ଅଗାଧୁ ଭଞ୍ଜ :

ଅଗାଧୁ ଭଞ୍ଜ ରଣପୁର ମଝିଆଁଖଣ୍ଡ ନିବାସୀ ଅଟନ୍ତି । ସେ ପାରମ୍ପରିକ କବି । ସେ ଛନ୍ଦଯୁକ୍ତ କାବ୍ୟ କବିତା ରଚନା କରିଛନ୍ତି । ତାଙ୍କ ସୃଷ୍ଟି ଗୁଡ଼ିକ ହେଉଛି 'ବାବା କମଳେଶ୍ୱର' (୧୯୬୮), 'ବୈଶାଳିନୀ' (ଛାନ୍ଦକାବ୍ୟ), 'ସଂକୀର୍ତ୍ତନ ଅର୍ଘ୍ୟସ୍ଥାଳୀ' (୧୯୭୮), 'ଶ୍ରୀଜଗନ୍ନାଥଙ୍କ ଭକ୍ତ ସଙ୍ଗୀତ' (୧୯୮୪, 'ରାଘବ ଚୌତିଶା' ଓ 'ଚିନ୍ତାର୍ଥୀ ଚୌତିଶା' । କବିଙ୍କର ଶ୍ରେଷ୍ଠ କାବ୍ୟକୃତି 'ବୈଶାଳିନୀ' । ନାୟକ ଅବୀକ୍ଷିତ ଓ ନାୟିକା ବୈଶାଳିନୀର ପ୍ରଣୟ, ମିଳନ ଓ ବିରହ ଉପରେ ଏହାର ବିଷୟବସ୍ତୁ ଆଧାରିତ । ଅଳଙ୍କାର, ରସ, ସଙ୍ଗୀତ, ଭାବ, ଭାଷା, ପ୍ରକୃତି, ରୂପବର୍ଣ୍ଣନା, ଶୈଳୀ ପ୍ରଭୃତି ଦୃଷ୍ଟିରୁ ଏହା ଏକ ବୈଶିଷ୍ଟ୍ୟ ପୂର୍ଣ୍ଣ କୃତି ଅଟେ ।

ସଦାନନ୍ଦ ପଟ୍ଟନାୟକ :

କବି ସଦାନନ୍ଦ ପଟ୍ଟନାୟକ ଅନେକ ଭଜନ ଓ ଜଣାଣର ସ୍ରଷ୍ଟା । ଏଗୁଡ଼ିକ ମୁଖ୍ୟତଃ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ରଚିତ । 'ଭକ୍ତି ଅର୍ଘ୍ୟ' (୧୯୮୮) ତାଙ୍କର ଏକମାତ୍ର କବିତା ସଙ୍କଳନ । ପ୍ରାୟ ଶହେଗୋଟି କବିତା ଏଥିରେ ସ୍ଥାନିତ । କବି ସଦାନନ୍ଦ ଉତ୍କଳୀୟ ବୈଷ୍ଣବଧର୍ମର ମାର୍ଗ ଅନୁସରଣ କରିଛନ୍ତି । ତାଙ୍କ ନିକଟରେ ଜଗତ ମିଥ୍ୟା ଓ ବ୍ରହ୍ମ ହିଁ ସତ୍ୟ । ଜୀବନରେ ଧନ, ଦାରା, ସୁତ ଇତ୍ୟାଦିର ଆସାରତାକୁ ଅନୁଭବ କରି ନିରନ୍ତର ସେହି ପାଦପଦ୍ମଙ୍କୁ ଭଜିବାପାଇଁ ଆଶାୟୀ ହୋଇଛନ୍ତି କବି ସଦାନନ୍ଦ ।

ଗଙ୍ଗାଧର ରଥ :

ଗଙ୍ଗାଧର ରଥ ନୟାଗଡର ବରପଲ୍ଲୀ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଶିକ୍ଷକତାକୁ ବୃତ୍ତିରୂପେ ଅବଲମ୍ବନ କରି ବାଣୀ ଆରାଧନାରେ ନିଜକୁ ନିୟୋଜିତ କରି ସେ ଲାଭ କରିଥାନ୍ତି ଚିନ୍ମୟାନନ୍ଦ । ତାଙ୍କର ପ୍ରକାଶିତ କୃତି ଗୁଡ଼ିକ ହେଉଛି

Digitized by PPRACHIN, SOA

'ରସପୀୟୂଷ', 'ସଙ୍ଗୀତ ରତ୍ନ ମଞ୍ଜରୀ', 'ସତୀ ଯାଚନିକା', 'ମଲ୍ଲୀକାର୍ଜୁନ' ଓ 'କାନନ କମଳା' । 'କାନନ କମଳା' (୧୮୮୯) କାବ୍ୟ କବିଙ୍କର ଶ୍ରେଷ୍ଠ କୃତି । ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କର ପ୍ରେମ, ବିରହ ଓ ମିଳନ ଏହି କାବ୍ୟର ବିଷୟବସ୍ତୁ । ଗଙ୍ଗାଧର ରଥ 'ପ୍ରଣୟ ବଲ୍ଲରୀ' କାବ୍ୟର କଥାବସ୍ତୁକୁ କେବଳ ଆହରଣ କରିଛନ୍ତି । ମାତ୍ର ପ୍ରକାଶ ଭଙ୍ଗୀ ଓ ଉପସ୍ଥାପନାରେ ତାଙ୍କର ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ।

ଦୟାନିଧି ଦାଶ :

କବି ଦୟାନିଧି ଦାଶ ଶରଣକୁଳ ନିକଟବର୍ତ୍ତୀ ବାଉଁଶିଆ ଗ୍ରାମ ନିବାସୀ । ପୁରାଣ ରଚନାରେ ତାଙ୍କର ପାରଦର୍ଶିତା ପରିଲକ୍ଷିତ । ସେ ଲେଖିଛନ୍ତି- 'ମୀମାଂସା ରାମାୟଣ', 'ଶ୍ରୀରାମ ରଚିତ ମାନସ' (ଓଡ଼ିଆ ଭାବାନୁବାଦ), 'କଳାରୁଦ୍ରମଣି', 'ମହାପ୍ରସ୍ଥାନ', 'ଶରଣକୁଳ ଶୈବପୀଠରେ ଲଡୁବାବା' ।

ନେତ୍ରୋତ୍ସବ ଦାଶ :

ନେତ୍ରୋତ୍ସବ ଦାଶ ବାଇଗୁଣିଆ ନିବାସୀ । ସେ 'ସୀତେଶ ବିଳାସ' କାବ୍ୟ ରଚନା କରିଛନ୍ତି ।

ଲୋକନାଥ ମିଶ୍ର :

ଲୋକନାଥ ମିଶ୍ର କବିତା ରଚନା କ୍ଷେତ୍ରରେ ମନୋନିବେଶ କରିଛନ୍ତି । 'ମନ ମରାଳ ଝୁରେ', 'ଉର୍ବଶୀ', 'ଏଠି ସବୁ ଚଳିବ', 'ପ୍ରଭୁ ରଘୁନାଥ ଭଜନମାଳା', 'ଜୟଶ୍ରୀ ରଘୁନାଥ', 'ଆ ଜହ୍ନମାମୁ' ପ୍ରଭୃତି ତାଙ୍କର ପ୍ରକାଶିତ ପୁସ୍ତକ ।

ଗୌରାଙ୍ଗ ପ୍ରଧାନ :

ଗୌରାଙ୍ଗ ପ୍ରଧାନ ନୟାଗଡ଼ର ବରିଷ୍ଠ କବି । ତାଙ୍କ ଦ୍ୱାରା ଲିଖିତ କବିତା ଗ୍ରନ୍ଥଗୁଡ଼ିକ ହେଉଛି- 'ଭିନ୍ନ ମାୟା ଅଭିନ୍ନ ମମତା', 'ଅନେକ ସ୍ମୃତି, ଏକ ସ୍ୱାଦ', 'ଅସଂଖ୍ୟ ପାଖୁଡ଼ା ଅମାନିଆଁ ଭଅଁର', 'ଯୋଡ଼ି ଯୋଡ଼ି କଥା ତ ଅଛିଣ୍ଡା ମମତା' ଇତ୍ୟାଦି । ସେ 'କବିମୁକୁଳ' ଉପାଧିପ୍ରାପ୍ତ ।

ଭାଗବତ ପ୍ରଧାନ :

ଭାଗବତ ପ୍ରଧାନ ନୟାଗଡର ଅନତି ଦୂରରେ ଥିବା ମାଳିସର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । 'ସୀମାନ୍ତ ଡାକେ' ତାଙ୍କର ପ୍ରଥମ ରଚନା । ଚୀନର ଭାରତ ଆକ୍ରମଣ ପରିପ୍ରେକ୍ଷୀରେ ଏହା ରଚିତ । ଶାନ୍ତିପ୍ରିୟ ଭାରତଭୂମି ଉପରେ ଚୀନର ଆକ୍ରମଣଙ୍କୁ ପ୍ରତିବାଦ କରି ଖଡ଼୍‌ଗଧାରକୁ ଚୀନାମାନଙ୍କ ରକ୍ତରେ ପାରଣା କରିବାପାଇଁ କବି ଓଡ଼ିଆମାନଙ୍କୁ ଦେଇଛନ୍ତି ଦୃପ୍ତ ଆହ୍ୱାନ । 'ସେତୁବନ୍ଧ ପ୍ରତିଷ୍ଠା' ତାଙ୍କର ଅନ୍ୟତମ କୃତି । ରାମାୟଣର ସେତୁବନ୍ଧ ପ୍ରତିଷ୍ଠା କାହାଣୀକୁ ରସାଳ ଓ କବ୍ୟିକ ରୂପ ପ୍ରଦାନ କରିଛନ୍ତି କବି ଭାଗବତ ।

Digitized by PPRACHIN, SOA

ପ୍ରଫୁଲ୍ଲ ମହାପାତ୍ର :

କବି ପ୍ରଫୁଲ୍ଲଚନ୍ଦ୍ର ମହାପାତ୍ର କଜଳାଇପଲ୍ଲୀ ଗ୍ରାମରେ ଜନ୍ମ ଗ୍ରହଣର କରିଥିଲେ । ତାଙ୍କର କବିତା ଗ୍ରନ୍ଥଗୁଡ଼ିକ ହେଉଛି- 'ପଲ୍ଲୀରାଣୀ', 'ସୁଟାଙ୍ଗୁଣୀ', 'ସୁଶୀଳା', 'ମାର୍ଗଦର୍ଶିକା' । ଛନ୍ଦୋବଦ୍ଧ ଧାରାରେ ଲିଖିତ ତାଙ୍କର ପ୍ରତ୍ୟେକଟି କାବ୍ୟ ରସୋତ୍ତୀର୍ଣ୍ଣ ହୋଇପାରିଛି ।

ବାଳକୃଷ୍ଣ ମିଶ୍ର :

ବାଳକୃଷ୍ଣ ମିଶ୍ର ନୟାଗଡ ଜିଲ୍ଲାର ପଦ୍ମାଦେଇପୁର ଗ୍ରାମରେ ଜନ୍ମଲାଭ କରିଥିଲେ । କବି ଶ୍ରୀ ମିଶ୍ର ପାଞ୍ଚଶହରୁ ଉର୍ଦ୍ଧ୍ୱ କବିତା ରଚନା କରିଛନ୍ତି । କେତେଗୋଟି ଉଲ୍ଲେଖଯୋଗ୍ୟ କବିତା ହେଉଛି 'ଆଉ କି ଫେରିବ ସତେ ବୋଉଟି ମୋର', 'ଅହ୍ୱାନ', 'ମୁଁ ତ ଡରିବି ନାହିଁ କାହାକୁ', 'ସମୟ', 'ସାନ ମୋର ଲଣ୍ଠନଟି', 'ଜାଗରଣ', 'କଷ୍ଟ', 'ଏଇ ଯେ ଦିଶୁଛି ମନ୍ଦିରଟି' ଇତ୍ୟାଦି । ବିଭିନ୍ନ ଅନୁଭୂତିରେ ତାଙ୍କ କବିତା ଗୁଡିକ ବର୍ଣ୍ଣାଢ୍ୟ । ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଏହି ଶିକ୍ଷକ କବି ନୟାଗଡର ଗର୍ବ ଓ ଗୌରବ । ଶିକ୍ଷକ କବି ବାଳକୃଷ୍ଣ ମିଶ୍ରଙ୍କର କବିତାଗ୍ରନ୍ଥ 'ମୋ ଗୀତି କଳିକା' ପ୍ରକାଶିତ ।

ଫକୀର ଦାଶ :

ଫକୀର ଦାଶ ଦଶପଲ୍ଲା ଘୋଳାହାଣ୍ଡି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର କୃତି ଗୁଡିକ ହେଉଛି 'ଆଦ୍ୟ ମହିମା', 'ହ୍ରଦ ମଙ୍ଗଳ', 'ନବଗ୍ରହ ମେଳା', 'ବିଶ୍ୱକର୍ମା ପୂଜା', 'ଅନନ୍ତ ନାରାୟଣ ବ୍ରତ', 'ଷଷ୍ଠୀ ଦେବୀପୂଜା', 'ଯମଦ୍ୱିତୀୟା ବ୍ରତ', 'ଲକ୍ଷ୍ମୀନାରାୟଣ ଅଭିଷେକ', 'ଶ୍ରୀଭୈରବୀ ପୂଜା', 'ସାବିତ୍ରୀ ବ୍ରତ' ଓ 'ଶାମ୍ୱଦଶମୀ ବ୍ରତ' । ଏହି ସମସ୍ତ ରଚନା ନବାକ୍ଷରୀ ବୃତ୍ତରେ ରଚିତ ।

ସନାତନ ମିଶ୍ର :

ସନାତନ ମିଶ୍ର ନୟାଗଡ଼ର ଜଣାଶୁଣା ସିଭିଲ୍ ଓକିଲ ଥିଲେ । 'ଭକ୍ତିଅର୍ଘ୍ୟ' ତାଙ୍କର ଏକମାତ୍ର ରଚନା । ଏହା ପ୍ରକାଶିତ ।

ଗୌରଚନ୍ଦ୍ର ମହାପାତ୍ର :

ଇଞ୍ଜିନିୟର ଗୌରଚନ୍ଦ୍ର ମହାପାତ୍ର ରଣପୁର ନିବାସୀ । ସେ ଉଭୟ ପଦ୍ୟ ଓ ଗଦ୍ୟ ଲେଖକ । ତାଙ୍କର କବିତା ଗ୍ରନ୍ଥ ଗୁଡ଼ିକ ହେଉଛି 'କବିତାର ସ୍ନେହ ପୁଷ୍ପଗୁଚ୍ଛ', 'କବିତାର ସ୍ପନ୍ଦନ' ଏବଂ 'ଝିଅ' ।

ବାସୁଦେବ ସାହୁ :

ଉତ୍ତର ପଚାଶ କାଳରେ ଓଡ଼ିଆ କବିତା କ୍ଷେତ୍ରରେ ଆତ୍ମପ୍ରକାଶ କରି କବି ଶ୍ରୀ ବାସୁଦେବ ସାହୁ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କାବ୍ୟଧାରାର ଜଣେ ସଫଳ ଶିଳ୍ପୀ

Digitized by PPRACHIN, SOA

ହୋଇପାରିଛନ୍ତି । ତାଙ୍କର କବିତା ସଙ୍କଳନ 'ସଂବିତ୍' ୧୯୭୭ ମସିହାରେ ପ୍ରକାଶ ପାଏ । 'ସଂବିତ୍' କବିତା ଗୁଡିକରେ କବି ଡକ୍ଟର ସାହୁ ଚିତ୍ରକଳ୍ପ ଓ ପ୍ରତୀକର ବ୍ୟବହାର କରିଛନ୍ତି । ଏହି କବିତା ଗୁଡିକ କବିଙ୍କର ବିଭିନ୍ନ ଅନୁଭୂତିର ଚିତ୍ରାଙ୍କନ ବହନ କରିଛି । କବିଙ୍କର ଦ୍ୱିତୀୟ କବିତାଗ୍ରନ୍ଥ 'ସ୍ୱପ୍ନର ଗବାକ୍ଷ' ତାଙ୍କ ଦେହାବସାନରେ ପ୍ରକାଶ ପାଇଛି ।

ହରିହର ମିଶ୍ର :

ହରିହର ମିଶ୍ର ବହୁଦିନ ଧରି ନୟାଗଡ଼ ମହାବିଦ୍ୟାଳୟରେ ଅଧ୍ୟାପନା କରି ଆସିଛନ୍ତି । କବି ହରିହର ମିଶ୍ର ଆଧୁନିକ ଓଡିଆ କବିତାର ଭାଷା, ଶୈଳୀ ଓ ଭାବ ବସ୍ତୁରେ ଚମକ ସୃଷ୍ଟି କରିପାରିଛନ୍ତି । ଓଡ଼ିଆ କବିତାରେ ବହୁ ପ୍ରାଚୀନ, ଚିତ୍ରକଳ୍ପ, ମିଥ୍ ପ୍ରୟୋଗରେ ସେ ବେଶ୍ ସଫଳତା ଲାଭ କରିଛନ୍ତି । ତାଙ୍କ କବିତାର ସ୍ୱର ଓ ସ୍ୱାଦ ଉଭୟ ଅଭିନବ । ତାଙ୍କର ଅନେକ କବିତା ସର୍‌ରିଆଲିଷ୍ଟିକ୍ । ତାଙ୍କର କବିତା ସଙ୍କଳନ ଗୁଡିକ ହେଉଛି 'ଶଙ୍ଖନାଭି', 'ଅକ୍ଷମ ଦେବତା', 'ଲାଲକଜର ତପସ୍ୟା', 'ଚନ୍ଦ୍ରବିମ୍ବ', 'ଚାହାଣି ମଣ୍ଡପ' ଓ 'ସୂକ୍ତ ଶତକ' ।

ଗୋଲୋକ ବିହାରୀ ନାୟକ :

ଗୋଲୋକ ବିହାରୀ ନାୟକ ନାୟାଗଡ଼ର ବର୍ଷୀୟାନ୍ କବି । ତାଙ୍କ ଦ୍ୱାରା ଲିଖିତ ପୁସ୍ତକଗୁଡ଼ିକ ହେଉଛି 'ବିରହ ଚଉତିଶା', 'ଦଳିତ ସଂହିତା', 'ଶ୍ରୀରାଧା ଉବାଚ', 'ଶ୍ରୀକୃଷ୍ଣ ପ୍ରେମାମୃତ', 'ଧାରା'(ଭଜନମାଳା), 'ଆମ ଗାଁ ଝିଅ କଇଁ', 'ମାଧବ ବିଳାସ'(କାବ୍ୟ) ଏବଂ 'କାଞ୍ଚନ ପରିଣୟ' ।

ବଂଶୀଧର ସାହୁ :

ନାୟାଗଡ଼ ନିକଟବର୍ତ୍ତୀ ଇଟାମାଟି ଗ୍ରାମ କବିଙ୍କର ଜନ୍ମସ୍ଥାନ । ତାଙ୍କର କବିତା ସଙ୍କଳନ 'ମୟୂଖ' (୧୯୬୧) ଏକ ରସୋତ୍ତୀର୍ଣ୍ଣ ରଚନା । ସ୍ୱଦେଶ ପ୍ରୀତି, ଜାତୀୟତାବାଦ, ବିଭୁପ୍ରାଣତା, 'ସୌନ୍ଦର୍ଯ୍ୟଚେତନା' ପ୍ରଭୃତି ତାଙ୍କ କବିତାର ମୁଖ୍ୟ ଆବେଦନ ।

ବ୍ରଜକିଶୋର ଜେନା :

ବ୍ରଜକିଶୋର ଜେନା ଗୋଡ଼ିପଲ୍ଲୀ ନିବାସୀ । ତାଙ୍କ ଦ୍ୱାରା ଲିଖିତ ପୁସ୍ତକ ହେଉଛି 'କବିତା ନିର୍ଝରିଣୀ' ଓ 'ଜାନକୀଶ ବିଳାସ' । 'ଜାନକୀଶ ବିଳାସ' କାବ୍ୟଟି ୬୮ ଛାନ୍ଦ ବିଶିଷ୍ଟ ରଚନା ।

ମାଧବ ସାମନ୍ତରାୟ :

କବି ମାଧବ ସାମନ୍ତରାୟ 'ସତ୍ୟବନ୍ଧ ସମ୍ବରଣ', 'ବୈଜୟନ୍ତୀ', 'ପ୍ରେମ ମନ୍ଦାକିନୀ', 'ସୀତା ଓ ଦ୍ରୌପଦୀ ସ୍ୱୟମ୍ବର', 'ଶିଶୁପାଳ ବଧ (ଅନୁବାଦ),

Digitized by PPRACHIN, SOA

'କିରାତାର୍ଜ୍ଜୁନୀୟ' (ଅନୁବାଦ), 'ପ୍ରେମ ପୀୟୂଷ', 'ମାନସୀରାଧା', 'ମହୀୟସୀ ପାଞ୍ଚାଳି' କାବ୍ୟ ରଚନା କରିଛନ୍ତି । ସେ 'କବି କଳ୍ପଦ୍ରୁମ' ଉପାଧିପ୍ରାପ୍ତ ।

ପଞ୍ଚାନନ ମିଶ୍ର :

ଡକ୍ଟର ପଞ୍ଚାନନ ମିଶ୍ର ଦଶପଲ୍ଲା କୁଞ୍ଜବନଗଡ଼ ଠାରେ ଜନ୍ମଗ୍ରହଣ କରିଥିଲେ । ସେ ହେଉଛନ୍ତି ପ୍ରଜ୍ଞାଦୀପ୍ତ ଆଧୁନିକ କବି । ତାଙ୍କର କବିତା ଗ୍ରନ୍ଥଗୁଡ଼ିକ ହେଉଛି- 'ହେ ମୋର ଅନୁଚ୍ଚାରିତ ଶବ୍ଦମାନେ', 'ସବ୍ୟସାଚୀର ଶୋକ', 'ସୀତାଙ୍କ ଶେଷରାତି', 'ଲବଙ୍ଗ ଦ୍ୱୀପର ଲାବଣ୍ୟବତୀ', 'ଅନ୍ଧାରେ ଆଲୋକ ରାସ', 'କବିତା କଦମ୍ବ', 'ଉଲଗ୍ନ ଆକାଶ' ଏବଂ 'ଆଦିନାରୀ' । କବି ପଞ୍ଚାନନ ମିଶ୍ର ମିଥ୍ ଧର୍ମୀ କବିତା ରଚନାରେ ସିଦ୍ଧହସ୍ତ । ୨୦୧୫ ମସିହା ପାଇଁ ଶ୍ରୀଯୁକ୍ତ ମିଶ୍ର ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ।

ଅର୍ଜ୍ଜୁନ ବାରିକ :

କବି ଅର୍ଜ୍ଜୁନ ବାରିକ ବଡ଼ଦେଶ ହରିପୁର ନିବାସୀ । ସେ ଲେଖିଛନ୍ତି- 'ବୃହତ୍ ରଘୁନାଥ ପୁରାଣ', 'ବୃହତ୍ ପର୍ଶୁରାମ ପୁରାଣ', 'ନୃସିଂହ ବିଳାସ' ପୁରାଣ । ସେ ରାମଚରିତ ମାନସକୁ ପଦ୍ୟାନୁବାଦ କରିଛନ୍ତି । ତାଙ୍କର ଅନ୍ୟାନ୍ୟ କ୍ଷୁଦ୍ର ରଚନା ହେଉଛି- 'ବିଜୟୀ ରାଘବ', 'ସଂକୀର୍ତ୍ତନ ମଣିମାଳା', 'କବିତା ରସମଞ୍ଜରୀ' ଏବଂ 'କଳ୍ପତରୁ ଚଉତିଶା' । ସେ କବିସମ୍ରାଟ ଉପେନ୍ଦ୍ରଭଞ୍ଜ ମହାବିଦ୍ୟାଳୟରୁ 'ବାଣୀସୌରଭ' ଉପାଧିପ୍ରାପ୍ତ ।

ଆନନ୍ଦ ଚନ୍ଦ୍ର ଦାଶ :

ଆନନ୍ଦ ଚନ୍ଦ୍ର ଦାଶ ପାରମ୍ପରିକ ଶୈଳୀରେ କାବ୍ୟକବିତା ରଚନା କରିଛନ୍ତି । ତାଙ୍କର ପ୍ରକାଶିତ ପୁସ୍ତକ ଗୁଡ଼ିକ ହେଉଛି 'ବାୟା ରାମାୟଣ', 'ବଡ଼ଦେଉଳ', 'ଆତ୍ମଜ୍ଞାନ ସ୍ତବକ', 'ମହାପ୍ରସାଦ', 'ଭକ୍ତି ପଞ୍ଚଶିଳା' ଏବଂ 'ଶ୍ରୀଜଗନ୍ନାଥ ମେଳା' । ଆଧ୍ୟାତ୍ମିକ ଓ ପୌରାଣିକ ଜ୍ଞାନ ସମ୍ବଳିତ ତାଙ୍କ ପୁସ୍ତକ ଗୁଡ଼ିକ ବେଶ୍ ଲୋକପ୍ରିୟତା ଲାଭ କରିଛି ।

ଅରୁଣଚନ୍ଦ୍ର ସାହୁ :

ପ୍ରଫେସର ଅରୁଣ ଚନ୍ଦ୍ର ସାହୁ ଇଟାମାଟି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର କବିତାଗ୍ରନ୍ଥ ଗୁଡ଼ିକ ହେଉଛି- 'ଶାଢ଼ି', 'ଅନ୍ଧାରରେ ଇନ୍ଦ୍ରଧନୁ', 'ନଷ୍ଟ ନକ୍ଷତ୍ର', 'ଶବ୍ଦମାନଙ୍କୁ ନେଇ ସ୍ୱପ୍ନ', 'ଅଦୃଶ୍ୟ ଚିତ୍ରପଟ' ଏବଂ 'ମଞ୍ଜୁରୀର ପ୍ରଜାପତି' ।

Digitized by PPRACHIN, SOA

ଅରୁଣ ରଞ୍ଜନ ମିଶ୍ର :

'ଚାରିପାଦ ଭୂଇଁ', 'ପରାସ୍ତ ବସନ୍ତ', 'ଅରଣ୍ୟର ସ୍ୱନ' କବିତାଗ୍ରନ୍ଥ ଗୁଡ଼ିକ କବି ଅରୁଣ ରଞ୍ଜନ ମିଶ୍ରଙ୍କର କୃତି ।

କୃଷ୍ଣପ୍ରିୟା ପଟ୍ଟନାୟକ :

କୃଷ୍ଣପ୍ରିୟା ପଟ୍ଟନାୟକ ପଚାଶଗୋଟି ଭଜନ ଓ ଜଣାଣ, କୋଡ଼ିଏ ଗୋଟି ଶିଶୁ କବିତା ଓ ଲୋକଗୀତ ଇତ୍ୟାଦି ରଚନା କରି ନିଜର ପ୍ରତିଭାର ପରିଚୟ ଦେଇଛନ୍ତି ।

ଗୋଦାବରୀଶ ମିଶ୍ର :

ଗୋଦାବରୀଶ ମିଶ୍ର ନୟାଗଡ଼ର କବି ମଣ୍ଡଳୀରେ ସୁପରିଚିତ । ତାଙ୍କର ପ୍ରକାଶିତ କବିତା ଗ୍ରନ୍ଥ ଗୁଡ଼ିକ ହେଉଛି- 'କସ୍ତୁରୀତିଳକ', 'ବୈଦେହୀ' ଓ 'ବସୁନ୍ଧରା' ।

ବାଳକୃଷ୍ଣ ଦାସ (୧୯୫୮) :

କବିଙ୍କର ଛଦ୍ମନାମ ବାଇଡଙ୍କ ଦାସ । ନୟାଗଡର ଭାଲିଆଡିହି ହେଉଛି ତାଙ୍କର ଜନ୍ମସ୍ଥାନ । ତାଙ୍କର ହାସ୍ୟବ୍ୟଙ୍ଗ କବିତା ସଙ୍କଳନ ହରଡ କମ୍ଭ (୨୦୦୦) ଫୁଲବାଣୀ ଅଭିନନ୍ଦନ ପ୍ରକାଶନୀ ଦ୍ୱାରା ପ୍ରକାଶିତ ହୋଇ ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିଛି ।

ଦୀନବନ୍ଧୁ ମହାପାତ୍ର :

ଦୀନବନ୍ଧୁ ମହାପାତ୍ରଙ୍କର 'ମୋହବନ୍ଧ' ଗୀତିକବିତା ପ୍ରକାଶ ପାଇଛି । ତାଙ୍କର ଆଧୁନିକ କବିତା 'ଶୂନ୍ୟତାର ପ୍ରତିଛବି' ମଧ୍ୟ ପ୍ରକାଶିତ ।

ନିର୍ମଳଚନ୍ଦ୍ର ଶୂରଦେଓ :

ବିଶିଷ୍ଟ ନାଟ୍ୟରଥୀ ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ ପୌତ୍ର ନିର୍ମଳଚନ୍ଦ୍ର ଶୂରଦେଓ ସାହିତ୍ୟ ସର୍ଜନା ଏବଂ ସାହିତ୍ୟ ସଙ୍ଗଠନରେ ଅଗ୍ରଣୀ । ତାଙ୍କର ଦୁଇଗୋଟି କବିତା ଗ୍ରନ୍ଥ ପ୍ରକାଶିତ । କବିତା ଗ୍ରନ୍ଥ ଦୁଇଟି ହେଉଛି- 'ରାଧିକା' ଏବଂ 'ଓଢ଼ଣା ତଳର ଶୀତ' ।

ହୃଷୀକେଶ ଦାଶ :

ଛାତ୍ରଜୀବନରୁ ସାହିତ୍ୟ ପ୍ରତି ରୁଚି ରଖି ଆସିଥିବା କବି ହୃଷୀକେଶ ଦାଶଙ୍କ ଦୁଇଗୋଟି କବିତାଗ୍ରନ୍ଥ ପ୍ରକାଶ ପାଇଛି । ପ୍ରଥମଟି ହେଉଛି- 'କୋଣାର୍କର ମୋହ" (୨୦୦୮) ଏବଂ ଦ୍ୱିତୀୟ ଗ୍ରନ୍ଥଟି ହେଉଛି- 'ସମର୍ପିତା'(୨୦୨୦) । 'ସମର୍ପିତା' ହେଉଛି ଗୀତିକବିତା ଗୁଚ୍ଛ । ଏଥିରେ ୯୨ ଗୋଟି ଗୀତିକବିତା ସ୍ଥାନ ପାଇଛି ।

ପ୍ରଭାକର ନାୟକ (୧୯୬୧) :

ଏହି କବିଙ୍କର ଛଦ୍ମନାମ ଶ୍ରୀଯୁକ୍ତ ସତ୍ୟାନାଶ । ତାଙ୍କର ହାସ୍ୟବ୍ୟଙ୍ଗ କବିତା ସଙ୍କଳନ ହେଉଛି 'ଅଜାଗା ଘା' ଓ 'ମଦୁଆର ଆତ୍ମକଥା', 'ମୂଷା ଓଷଦ',

Digitized by PPRACHIN, SOA

'ନିର୍ମଳଭାବମୂର୍ତ୍ତି', 'କୁକୁର ଲାଙ୍ଗୁଡ଼', 'ବ୍ୟଙ୍ଗବୋମା', '୨୪ କ୍ୟାରେଟ୍', 'ଶୀର୍ଷାସନ', 'ହାର୍ଟ ଅପରେସନ୍', 'ଖାଣ୍ଟିକବିତା' ଇତ୍ୟାଦି । ଶ୍ରୀ ନାୟକ ଜଣେ ଲୋକପ୍ରିୟ ବ୍ୟଙ୍ଗ କବି ।

କିଶୋର ଚନ୍ଦ୍ର ପଟ୍ଟନାୟକ (୧୯୬୨) :

କବି ଶ୍ରୀଯୁକ୍ତ ପଟ୍ଟନାୟକ ଜଣେ ପ୍ରତିଷ୍ଠିତ ଶିଶୁ ସାହିତ୍ୟିକ । ଏହି ଶିକ୍ଷକ କବିଙ୍କର କ୍ଷୁଦ୍ର ଶିଶୁ କବିତା ସଙ୍କଳନ 'ଘୋ ଘୋ ରାଣୀ' ଆତ୍ମପ୍ରକାଶ କରିଛି ।

ଗୌରଚରଣ ସାମନ୍ତସିଂହାର :

ଗୌରଚରଣ ସାମନ୍ତସିଂହାର ବିନୋଦପଡ଼ା ନିବାସୀ । ତାଙ୍କ ଦ୍ୱାରା ଲିଖିତ ପୁସ୍ତକ ଗୁଡ଼ିକ ହେଉଛି- 'ବାରିଦ ବିଳାସ'(କାବ୍ୟ), 'ରଘୁଅରକ୍ଷିତ'(କାବ୍ୟ), 'ରାମ ଦାସ ବିଳାସ' (କାବ୍ୟ), 'ରସତରଙ୍ଗ'(କବିତା) ଏବଂ 'ସୁଧାଧାରା'(ଭଜନ ଓ ଜଣାଣମାଳା) ।

ଚନ୍ଦ୍ରମଣି ପ୍ରଧାନ :

କବି ଚନ୍ଦ୍ରମଣି ପ୍ରଧାନଙ୍କର 'ଗଙ୍ଗାଗୋଲାପ' (ଗୀତିକବିତା), 'ଶୁକ ସମ୍ବାଦ' (ବ୍ୟଙ୍ଗ କବିତା) ଏବଂ 'ବାର୍ଷଭାନବୀ' (କାବ୍ୟ) ପ୍ରକାଶିତ । ସେ 'ମେଘଦୂତମ୍' କାବ୍ୟକୁ ପଦ୍ୟାନୁବାଦ କରିଛନ୍ତି ।

ହାଡ଼ିବନ୍ଧୁ ମହାକୁଡ଼ :

ହାଡ଼ିବନ୍ଧୁ ମହାକୁଡ଼ ସାହିତ୍ୟପ୍ରାଣ । ସେ ତିନିଗୋଟି ବିଷୟରେ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଛନ୍ତି । ତାଙ୍କର କବିତାଗ୍ରନ୍ଥ 'ଅନ୍ଧାରର ମୋହ' (୨୦୦୨) ପ୍ରକାଶିତ । ଏଥିରେ ୧୯ ଗୋଟି ଆଧୁନିକ କବିତା ସ୍ଥାନ ପାଇଛି । ଏହା ବ୍ୟତୀତ ସେ ବିକ୍ରମ ନରେନ୍ଦ୍ର ଭଣିତ ଶ୍ରୀରାମଲୀଳାକୁ ପୁନରୁଦ୍ଧାର ଓ ସଙ୍କଳନ କରି ଯଶସ୍ୱୀ ।

ଗୋବିନ୍ଦ ଚନ୍ଦ୍ର ଦାଶ :

ଗୋବିନ୍ଦ ଚନ୍ଦ୍ର ଦାଶ ଜଣେ ସଫଳ ଗବେଷକ । ସେ କୁମ୍ଭାରପଡ଼ା ନିବାସୀ କବି ହରେକୃଷ୍ଣ ଦାଶଙ୍କର ଗୀତିକବିତା ଗୁଡ଼ିକୁ ସଂକଳନ ଓ ସମ୍ପାଦନା କରିଛନ୍ତି ।

ସ୍ୱର୍ଣ୍ଣଲତା ଦାଶ :

ଲେଖିକା ସ୍ୱର୍ଣ୍ଣଲତା ଦାଶଙ୍କର 'ଭକ୍ତିକୁସୁମ' ଏବଂ 'ବଣମାଳତୀ' କବିତାଗ୍ରନ୍ଥ ପ୍ରକାଶ ପାଇଛି ।

ମୁନ୍‌ରାଣୀ ମିଶ୍ର :

ମୁନ୍‌ରାଣୀ ମିଶ୍ରଙ୍କର ଦୁଇଗୋଟି କବିତା ଗ୍ରନ୍ଥ ପ୍ରକାଶ ପାଇଛି । ତାହା ହେଉଛି 'ଲୁହର ଛାଇ' ଏବଂ 'ସବୁ ଋତୁ ଫଗୁଣ ଫଗୁଣ' ।

Digitized by PPRACHIN, SOA

ହରିଶ ପ୍ରଧାନ :

ହରିଶ ପ୍ରଧାନ ହରିଶ ଗୀତିକଙ୍କ ନାମରେ ପରିଚିତ । ତାଙ୍କର 'ନୟାଗଡ଼ ପୁରାଣ' (ଉଲବଖଣ୍ଡ) ପ୍ରକାଶ ପାଇଛି । ତାଙ୍କର ଦ୍ୱିତୀୟ କବିତା ଗ୍ରନ୍ଥଟି 'ସ୍ୱର୍ଗକୁବାଟ' ପ୍ରକାଶିତ ।

ଚନ୍ଦ୍ର ବିଜୟୀ ମିଶ୍ର :

ଚନ୍ଦ୍ର ବିଜୟ ମିଶ୍ର ଜଣେ ଉଦୀୟମାନ ଲେଖକ । ତାଙ୍କର ପ୍ରକାଶିତ କବିତା ଗ୍ରନ୍ଥ ଗୁଡ଼ିକ ହେଉଛି- 'ଶ୍ରୀଜ୍ଞାନ', 'ଶ୍ରୀଅଙ୍ଗଫିଟା', 'ନୀଳବର୍ଣ୍ଣ ଶୃଗାଳ', 'ବ୍ରହ୍ମକୁଣ୍ଡଳୀ' ଏବଂ 'ମୁଁ ବି କବିତା ଲେଖେ' ।

ଶରତ ଆଚାର୍ଯ୍ୟ :

ସାହିତ୍ୟ ସର୍ଜନା ଓ ସାହିତ୍ୟ ସଂଗଠନର ରୁଚି ରଖିଥିବା ଶ୍ରୀ ଆଚାର୍ଯ୍ୟଙ୍କର 'ବଢ଼ିଲା ଝିଅ' (୨୦୦୭) କବିତା ସଂକଳନ ପ୍ରକାଶିତ ।

ସୁରେଶ ଚନ୍ଦ୍ର ବରାଡ଼ :

ସୁରେଶ ଚନ୍ଦ୍ର ବରାଡ଼ ଛନ୍ଦୋବଦ୍ଧ କାବ୍ୟ ରଚନା କରିଛନ୍ତି । ତାଙ୍କର ପ୍ରକାଶିତ କାବ୍ୟଗ୍ରନ୍ଥଗୁଡ଼ିକ ହେଉଛି- 'ମହିମାମୟ ଲଡୁବାବା', 'ପୁରୁଷୋତ୍ତମ ସ୍ତବ', 'ଲଡୁବାବା ଭଜନମାଳା' ଏବଂ 'ଲଡୁବାବା ବିଳାସ' । ସେ 'କବିତିଳକ' ଉପାଧି ପ୍ରାପ୍ତ ।

ଗୋଦାବରୀ ବସନ୍ତିଆ :

କବି ଗୋଦାବରୀ ବସନ୍ତିଆଙ୍କର ଗୋଟିଏ କବିତାଗ୍ରନ୍ଥ ପ୍ରକାଶ ପାଇଛି । କବିତା ଗ୍ରନ୍ଥଟି ହେଉଛି 'କବିତା କଳହଂସ' ।

ଗୀତାଶ୍ରୀ ପ୍ରିୟମ୍ୱଦା :

ଗୀତାଶ୍ରୀ ପ୍ରିୟମ୍ୱଦାଙ୍କର କବିତା ଗ୍ରନ୍ଥଗୁଡ଼ିକ ହେଉଛି- (୧) ଗୀତାଶ୍ରୀର ଗୀତ, (୨) ପ୍ରିୟମ୍ୱଦାର ଗୀତ, (୩) ନୀରବତାର ଗୀତ ଏବଂ (୪) ଶ୍ରାବଣର ସ୍ୱପ୍ନ ।

ଗୁଣନିଧି ମହାପାତ୍ର :

ଗୁଣନିଧି ମହାପାତ୍ର ଯୁବକବି । ତାଙ୍କଦ୍ୱାରା ଲିଖିତ କବିତା ପୁସ୍ତକଗୁଡ଼ିକ ହେଉଛି- 'ମାନସ ମନ୍ଥନ'(୨୦୦୭), 'ସରାଗ ସାଗର' (୨୦୦୮), 'ତୁମେ ନାହଁ ବୋଲି' (୨୦୧୭) ।

ଏହା ବ୍ୟତୀତ ନୟାଗଡରେ ଆଉ କେତେଜଣ କବିଙ୍କର ରଚନା ଯତ୍ରତତ୍ର ଦେଖିବାକୁ ମିଳେ । ଦଶପଲ୍ଲାର କୌଣସି ରାଜା ଦଶପଲ୍ଲା ନରେଶ ନାମରେ କେତେଗୋଟି ଗୀତି କବିତା ରଚନା କରିଥିବାର ପ୍ରମାଣ ମିଳେ । ନୟାଗଡର ସୁନାଲଟି ନୂଆଗାଁ ଗ୍ରାମର କବି ଲୋକନାଥ ପାଟସାହାଣୀ ବନ୍ଧକାବ୍ୟ ରଚନା

Digitized by PPRACHIN, SOA

କରିଥିଲେ । ଅଧ୍ୟାପକ ସୋମନାଥ ପଟ୍ଟନାୟକ ବର୍ମା, ନିମାଇଁ ଚରଣ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମଧ୍ୟ ମୁଷ୍ଟିମେୟ ଆଧୁନିକ କବିତା ରଚନା କରିଛନ୍ତି ।

(ଢ) ନୟାଗଡର ଚିନ୍ତାମୂଳକ ପ୍ରାବନ୍ଧିକ ଓ ଭ୍ରମଣକାହାଣୀ ଲେଖକ :

ଚନ୍ଦ୍ରଶେଖର ମିଶ୍ର :

ଚନ୍ଦ୍ରଶେଖର ମିଶ୍ର ଓଡ଼ିଶାର ମହାମନୀଷୀ 'ସାମନ୍ତ ଚନ୍ଦ୍ରଶେଖର' ପୁସ୍ତକର ଜୀବନୀକାର । ଏହି ପୁସ୍ତକଟି ୧୯୩୨ ସାଲରେ କଟକ ସତ୍ୟବାଦୀ ପ୍ରେସ୍‌ଦ୍ୱାରା ପ୍ରକାଶିତ ।

ଗୋବିନ୍ଦ ଚନ୍ଦ୍ର ମିଶ୍ର :

ଜନ୍ମସ୍ଥାନ ଦଶପଲ୍ଲା । ସେ ସ୍ୱାଧୀନତା ସଂଗ୍ରାମୀ ଓ ସକ୍ରିୟ କଂଗ୍ରେସ କର୍ମୀ । ତାଙ୍କର ପୁସ୍ତକ ଗୁଡିକ ହେଉଛି 'ଜାତୀୟ ଜୀବନର ଆତ୍ମବିକାଶ ୧ମ ଭାଗ, ୨ୟ ଭାଗ ଓ ୩ୟ ଭାଗ' । ଏହା ବ୍ୟତୀତ ତାଙ୍କର ଅନ୍ୟାନ୍ୟ ରଚନା ହେଉଛି- ଦେଶର ଆହ୍ୱାନ, ଜାତିର ଆହ୍ୱାନ, ଗୀତା ଓ ସ୍ୱାରାଜ୍ୟ, କାରାଗାର କାହାଣୀ, ସତ୍ୟବାଣୀ, ମହାତ୍ମାଗାନ୍ଧୀ ଚରିତ ଓ ଅନାସକ୍ତି ଯୋଗ ଇତ୍ୟାଦି ।

ଯଜ୍ଞେଶ୍ୱର ନନ୍ଦ :

ଯଜ୍ଞେଶ୍ୱର ନନ୍ଦ ଶରଣକୁଳ ନିବାସୀ । ସେ 'ଭଣ୍ଡାର' ଏବଂ 'ଶ୍ରୀ ଶ୍ରୀ ଲଡୁକେଶ ମନ୍ଦିର ଓ ଶୈବତତ୍ତ୍ୱ' ପୁସ୍ତକ ରଚନା କରିଛନ୍ତି । ଉଭୟ ଗଦ୍ୟ ରଚନା ।

ଆନନ୍ଦ ଚନ୍ଦ୍ର ମିଶ୍ର :

ପ୍ରବନ୍ଧ ରଚନାରେ ଶ୍ରୀ ମିଶ୍ରଙ୍କର କୃତିତ୍ୱ ଉଲ୍ଲେଖଯୋଗ୍ୟ । ତାଙ୍କ ଲିଖିତ ଦୁଇଗୋଟି ପ୍ରବନ୍ଧ ପୁସ୍ତକ ହେଉଛି 'ତରଙ୍ଗ' (୧୯୪୨) ଏବଂ 'କବି ଯଦୁମଣି ଓ ଅନ୍ୟାନ୍ୟ ଗଦ୍ୟ' (୧୯୫୮) । ଆନନ୍ଦ ଚନ୍ଦ୍ର ମିଶ୍ର ପ୍ରାୟ ତିରିଶିଗୋଟି ପ୍ରବନ୍ଧ ରଚନା କରିଛନ୍ତି ।

ଭୁବନେଶ୍ୱର ମିଶ୍ର :

ସୁସାହିତ୍ୟିକ ଭୁବନେଶ୍ୱର ମିଶ୍ରଙ୍କର ସମାଜିକ ଜୀବନ ସମ୍ପର୍କିତ ସୁଚିନ୍ତିତ ପ୍ରବନ୍ଧ ସଙ୍କଳନ 'ଭାଇ ଭାଇ' ୧୯୫୮ ମସିହାରେ ସଦାନନ୍ଦ ସାହିତ୍ୟ ପରିଷଦଦ୍ୱାରା ପ୍ରକାଶିତ । ଏଥିରେ ସାତଗୋଟି ପ୍ରବନ୍ଧ ସ୍ଥାନିତ ।

ବୃନ୍ଦାବନ ଚନ୍ଦ୍ର ପଟ୍ଟନାୟକ :

ଜଣେ ସଫଳ ଗଦ୍ୟ ଲେଖକ ରୂପେ ବୃନ୍ଦାବନ ଚନ୍ଦ୍ର ପଟ୍ଟନାୟକଙ୍କର ପରିଚୟ ମିଳିଥାଏ । 'ପ୍ରେମ ପ୍ରକାଶ' ପୁସ୍ତକ ତାଙ୍କର ଅମୃତ ସୃଷ୍ଟି । ଏହା ପ୍ରେମ ସମ୍ପର୍କିତ ଏକ ସୁଚିନ୍ତିତ ଓ ସୁବିନ୍ୟସ୍ତ ପରିପ୍ରକାଶ ।

Digitized by PPRACHIN, SOA

ଉଦୟନାଥ ଦାସ :

ଉଦୟନାଥ ଦାସ ଜଣେ ନିଷ୍ଠାପର ଲେଖକ । 'ଖଣ୍ଡପଡ଼ା ଇତିହାସ', 'ସାମନ୍ତ ଚନ୍ଦ୍ରଶେଖର', 'ଉତ୍କଳଘଣ୍ଟ ଯଦୁମଣି', 'ଭକ୍ତକବି ମଧୁସୂଦନ', 'ଜବାହାରଲାଲ ନେହେରୁ', 'ଗଜପତି କୃଷ୍ଣଚନ୍ଦ୍ର ଦେବ' ପ୍ରଭୃତି ତାଙ୍କର ସୁଖପାଠ୍ୟ ଗଦ୍ୟ ରଚନା ।

ସୋମନାଥ ପଟ୍ଟନାୟକ ବର୍ମ୍ମା :

ସୋମନାଥ ପଟ୍ଟନାୟକ ବର୍ମ୍ମା 'ଭାରତରେ କଳକାରଖାନା', 'ପିତୁଳା ପୂଜା', 'ଅବତାରବାଦ', 'ଯୋଗ', 'ଜୀବନ', 'ମୃତ୍ୟୁ', 'କାମିନୀ କାଞ୍ଚନ ଓ କୀର୍ତ୍ତି' ଏବଂ 'ନାରୀ' ପ୍ରଭୃତି ଚିନ୍ତାମୂଳକ ପ୍ରବନ୍ଧ ରଚନା କରିଛନ୍ତି ।

ଗୌରଚନ୍ଦ୍ର ମହାପାତ୍ର :

ଗୌରଚନ୍ଦ୍ର ମହାପାତ୍ର ତିନୋଟି ଭ୍ରମଣ କାହାଣୀର ଲେଖକ । ଏହି ପୁସ୍ତକ ତ୍ରୟ ହେଉଛି– 'ସ୍ମୃତିର ଝଲକ', 'ସ୍ମୃତିରେ ଗୁଜୁରାଟ', 'ସ୍ମୃତିରେ ଗୁଜୁରାଟର କଚ୍ଛ ଅଞ୍ଚଳ' ।

ବଂଶୀଧର ସାହୁ :

ଜଣେ ଉଚ୍ଚକୋଟୀର ଗଦ୍ୟ ଲେଖକ ଭାବରେ ବଂଶୀଧର ସାହୁ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । 'ଦେଶବିଦେଶ' (ଭ୍ରମଣ କାହାଣୀ)ରୁ ତାଙ୍କର ସୁନ୍ଦର ସାବଲୀଳ ଗଦ୍ୟଶୈଳୀ ଓ ଅପୂର୍ବ କଥନ ଭଙ୍ଗୀର ସୂଚନା ମିଳିଛି । ଏହି ଗ୍ରନ୍ଥରେ ସେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ବାରଗୋଟି ଦେଶର ପରିବେଶ, ଶିକ୍ଷା, ସଭ୍ୟତା, ସଂସ୍କୃତି, କୃଷି ଓ ଅର୍ଥନୀତି ସହିତ ଭାରତ ତଥା ଓଡ଼ିଶାର ତୁଳନାତ୍ମକ ବିଶ୍ଳେଷଣ କରିଛନ୍ତି ।

ବିଦ୍ୟୁତଲତା ରାୟ :

ଶ୍ରୀଜଗନ୍ନାଥ ଧର୍ମ, ଦର୍ଶନ ଓ ତତ୍ତ୍ୱକୁ ଭିତ୍ତିକରି ମନୋଜ୍ଞ ପ୍ରବନ୍ଧ ରଚନା କରିବା କ୍ଷେତ୍ରରେ ଅଧ୍ୟାପିକା ବିଦ୍ୟୁତଲତା ରାୟ ବେଶ୍ ସଫଳତା ଲାଭ କରିଛନ୍ତି । ତାଙ୍କର ପ୍ରବନ୍ଧ ଗୁଡିକ 'କୈବଲ୍ୟରୁ କଣିକାଏ' (୧୯୯୨) ପୁସ୍ତକରେ ସନ୍ନିବିଷ୍ଟ ହୋଇଛି । ଏଗୁଡିକରେ ଲେଖିକାଙ୍କର ଗବେଷଣାଧର୍ମୀ ଚିନ୍ତାଧାରା, ମନନଶୀଳତା ଏବଂ ସୂକ୍ଷ୍ମ ବିଚାରବୋଧ ପ୍ରତିଫଳିତ ।

ସତ୍ୟବାଦୀ ବଳିଆରସିଂହ :

ପ୍ରାବନ୍ଧିକ ଶ୍ରୀ ବଳିଆରସିଂହଙ୍କର ରଚନା ଗୁଡିକ ହେଉଛି 'ବିପ୍ଳବୀ ରଘୁଦିବାକର', 'ଖୁରୁଧା ଐତିହ୍ୟ-ଏକ ଦୃଷ୍ଟିପାତ', 'ବଡମ୍ବାର ଐତିହ୍ୟ-ଏକ ଦୃଷ୍ଟିପାତ', 'ପାଞ୍ଚଗଡ ଐତିହ୍ୟ-ଏକ ବିହଙ୍ଗାବଲୋକନ', 'ଅନ୍ଧାରି ଶାସନ', 'କବିଚନ୍ଦ୍ର

Digitized by PPRACHIN, SOA

ବୈଷ୍ଣବଚନ୍ଦ୍ର ଦାସ’, ‘ବରୁଣାଇ ଦୁର୍ଗ’, ‘ଅମରଶହୀଦ କଷ୍ଟି ଡାକୁଆ’, ‘କି ଥିଲା ଏ ରାଜ୍ୟ କି ହୋଇଛି ଆଜ’, ‘ରଣପୁର ବିଦ୍ରୋହ’, ‘ଗଡଜାତର ମୁକ୍ତି ସଂଗ୍ରାମ’, ‘ବିଦ୍ରୋହୀ ଦିବାକର’, ‘ମଣିନାଗ-କାହାଣୀ ଓ କିମ୍ବଦନ୍ତୀ’ ଇତ୍ୟାଦି । ଏହାବ୍ୟତୀତ ତାଙ୍କର ତିନିଗୋଟି ଗଦ୍ୟପୁସ୍ତକ ହେଉଛି ‘ଶହୀଦ ରଘୁଦିବାକର’ (୧୯୮୨), ‘ରଣପୁର ବିଦ୍ରୋହ’ (୧୯୮୪) ଓ ‘ରଣପୁର ଇତିହାସ’ (୧୯୮୮)।

କୈଳାସ ଚନ୍ଦ୍ର ପାଣିଗ୍ରାହୀ :

ସେ ‘ନୟାଗଡ ଇତିହାସ’ (୧୯୮୫) ପୁସ୍ତକର ସ୍ରଷ୍ଟା । ଏଥିରେ ନୟାଗଡର ଇତିହାସ ଓ ପରମ୍ପରା ଉପରେ ଆଲୋକପାତ କରାଯାଇଛି ।

କୃଷ୍ଣପ୍ରିୟା ପଟ୍ଟନାୟକ :

କୃଷ୍ଣପ୍ରିୟା ପଟ୍ଟନାୟକ ‘ଦଶରଥଙ୍କ ଘରେ ରାମଚନ୍ଦ୍ର’, ‘ଶ୍ରୀକ୍ଷେତ୍ରର ମାର୍ଫତଦାର’, ‘କର୍ମ ଅନୁସାରେ ଫଳ’, ‘ରଜ୍ଜୁ ବନ୍ଧନ’, ‘ରଘୁପତି ରାମଚନ୍ଦ୍ର’ ପ୍ରଭୃତି ଆଧାତ୍ମିକ ମୂଳକ ପ୍ରବନ୍ଧ ରଚନା କରିଛନ୍ତି ।

ନିର୍ମଳ ଚନ୍ଦ୍ର ଶୂରଦେଓ :

ନିର୍ମଳ ଚନ୍ଦ୍ର ଶୂରଦେଓ ‘ନୟାଗଡ଼ର ଗର୍ବ ଓ ଗୌରବ’ ପୁସ୍ତକକୁ ସଂକଳନ କରିଛନ୍ତି ।

ହାଡ଼ିବନ୍ଧୁ ମହାକୁଡ଼ :

ହାଡ଼ିବନ୍ଧୁ ମହାକୁଡ଼ ଜଣେ ନିରଳସ ସାଧକ ଓ ଗବେଷକ। ତାଙ୍କ ଦ୍ୱାରା ପ୍ରକାଶିତ ଦୁଇଗୋଟି ପ୍ରବନ୍ଧ ପୁସ୍ତକ ହେଉଛି- “ଭାରତ ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା” ଏବଂ ‘ଦଶପଲ୍ଲାର ଜୀବନ ରେଖା କୁଆଁରିଆ’ ।

ଶରତ ଆଚାର୍ଯ୍ୟ :

ଶ୍ରୀଯୁକ୍ତ ଆଚାର୍ଯ୍ୟଙ୍କର ‘ଚିନ୍ତାରୁମୁକ୍ତି’ (୨୦୦୯) ଏବଂ ‘କଳା ସାହିତ୍ୟ ଓ ସଂସ୍କୃତି’ (୨୦୧୧) ପୁସ୍ତକ ଦ୍ୱୟ ପ୍ରକାଶିତ।

ଚନ୍ଦ୍ର ବିଜୟୀ ମିଶ୍ର :

ଚନ୍ଦ୍ରବିଜୟୀ ମିଶ୍ର ନୟାଗଡ଼ର ଅପ୍ରକାଶିତ ତଥ୍ୟକୁ ପ୍ରକାଶ କରିଛନ୍ତି। ତାଙ୍କର ‘ଆମ ଶେଷ ରାଜା’ ଏବଂ ‘ମୁକ୍ତି ସଂଗ୍ରାମରେ ନୟାଗଡ଼’ ପ୍ରକାଶିତ।

(ଖ) ସମାଲୋଚନା ମୂଳକ ପ୍ରବନ୍ଧ ଓ ପ୍ରାବନ୍ଧିକ :

ବିନାୟକ ମିଶ୍ର :

ପଣ୍ଡିତ ବିନାୟକ ମିଶ୍ର ‘ଓଡ଼ିଆ ସାହିତ୍ୟର ଇତିହାସ’, ‘ଓଡ଼ିଆ ସାହିତ୍ୟ ପ୍ରକାଶ’, ‘ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ’, ‘ଓଡ଼ିଆ ଭାଷାର ପୁରାତତ୍ତ୍ୱ’, ‘ଓଡ଼ିଆ ଛାନ୍ଦ ସାହିତ୍ୟ’, ‘ଭାରତୀୟ ଦର୍ଶନ ପ୍ରବେଶିକା’ ପ୍ରଭୃତି ସମାଲୋଚନାମୂଳକ

Digitized by PPRACHIN, SOA

ପୁସ୍ତକ ରଚନା କରି ଯଶସ୍ୱୀ ହୋଇଛନ୍ତି । ପଣ୍ଡିତ ବିନାୟକ ମିଶ୍ର ନୟାଗଡ଼ର ଗର୍ବ ଓ ଗୌରବ । ନୟାଗଡ଼ର ଏହି କୃତୀସନ୍ତାନଙ୍କ ନାମରେ ନୟାଗଡ଼ ଟାଉନ୍ ହଲକୁ 'ବିନାୟକ ଭବନ' ରଖାଯାଇଛି ।

ଆନନ୍ଦ ଚନ୍ଦ୍ର ମିଶ୍ର :

ଆନନ୍ଦ ଚନ୍ଦ୍ର ମିଶ୍ର 'କବି ଯଦୁମଣି ଓ ତାଙ୍କ ଲେଖା' ଏବଂ 'ଉତ୍କଳ ସାହିତ୍ୟ ଓ ନୟାଗଡ' ଶୀର୍ଷକ ଦୁଇଗୋଟି ସମାଲୋଚନାମୂଳକ ପ୍ରବନ୍ଧ ରଚନା କରିଛନ୍ତି । ହେ ଦୁଇଗୋଟି ପ୍ରବନ୍ଧ 'କବି ଯଦୁମଣି ଓ ଅନ୍ୟାନ୍ୟ ଗଦ୍ୟ' (୧୯୫୮) ପୁସ୍ତକରେ ସ୍ଥାନିତ ।

ଭୁବନେଶ୍ୱର ମିଶ୍ର :

ଭୁବନେଶ୍ୱର ମିଶ୍ର 'ଚନ୍ଦ୍ରଭାଗା' ଖଣ୍ଡକାବ୍ୟର ସମ୍ପାଦନା ଓ ସମାଲୋଚନା କରିଛନ୍ତି ।

ଗୋପାଳ ଚନ୍ଦ୍ର ମିଶ୍ର :

ଓଡିଆ ସମାଲୋଚନା ସାହିତ୍ୟ ଜଗତରେ ଗୋପାଳ ଚନ୍ଦ୍ର ମିଶ୍ର ଜଣେ ବିଶିଷ୍ଟ ସମାଲୋଚକ ରୂପେ ସ୍ୱୀକୃତ । ତାଙ୍କର ସମାଲୋଚନାଧର୍ମୀ ପୁସ୍ତକ ହେଉଛି 'ଚଳିତ ଶତାବ୍ଦୀର ଭାରତୀୟ ସାହିତ୍ୟ', 'ଗୋପବନ୍ଧୁ ସାହିତ୍ୟ ଓ ଜୀବନ ଦର୍ଶନ', 'ଟଲଷ୍ଟୟ ଓ ଗାନ୍ଧୀ', 'ଆଧୁନିକ ଓଡିଆ ସାହିତ୍ୟର ଗତିପଥ' ଇତ୍ୟାଦି । ତାଙ୍କର ଗଦ୍ୟଶୈଳୀ ମାର୍ଜିତ ଓ ରୁଚିପୂର୍ଣ୍ଣ ।

ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ :

ପ୍ରଫେସର ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ନୟାଗଡ଼ ଜିଲ୍ଲାର କଣ୍ଟାଗଣିଆଁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଆଲୋଚନାମୂଳକ ଗ୍ରନ୍ଥଗୁଡ଼ିକ ହେଉଛି- 'ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ', 'ଗୋଦାବରୀଶ ମହାପାତ୍ର ପରିକ୍ରମା', 'ରସିକଭକ୍ତ ଅଭିମନ୍ୟୁ', 'ସତ୍ୟବାଦୀଯୁଗ', 'ଓଡ଼ିଶାରେ କୃଷ୍ଣ ଉପାସନା' ଏବଂ 'ବିଚାର ଓ ବିବେଚନା' । ସେ ବୈଷ୍ଣବ କବି ମାଧବ ପଟ୍ଟନାୟକଙ୍କର 'ବୈଷ୍ଣବ ଲୀଳାମୃତ' ଗ୍ରନ୍ଥର ଶୁଦ୍ଧ ସମ୍ପାଦନା କରିଛନ୍ତି ।

ବାସୁଦେବ ସାହୁ :

ସାମ୍ପ୍ରତିକ କାଳରେ ଜଣେ ବିଶିଷ୍ଟ ଗବେଷକ ଓ ସମାଲୋଚକରୂପେ ପ୍ରଫେସର ଡକ୍ଟର ବାସୁଦେବ ସାହୁ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ଡକ୍ଟର ସାହୁ ଭାଷା ଓ ସାହିତ୍ୟ ସମ୍ପର୍କରେ ବହୁ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଛନ୍ତି । ତାଙ୍କର ସମାଲୋଚନା ପୁସ୍ତକ ଗୁଡ଼ିକ ହେଉଛି 'ସାହିତ୍ୟିକ ଦିଗ୍‌ଦର୍ଶନ', 'ଓଡ଼ିଆ ସାହିତ୍ୟର ସୃଷ୍ଟି ସମ୍ପଦ', 'ଅଳଙ୍କାର ତତ୍ତ୍ୱ', 'ଭାଷା ବିଜ୍ଞାନର ରୂପରେଖ', 'ଓଡ଼ିଆ ଭାଷାର

Digitized by PPRACHIN, SOA

ଉନ୍ମେଷ ଓ ବିକାଶ', 'ଓଡ଼ିଆ ଶବ୍ଦ ବ୍ୟୁତ୍ପତ୍ତି ବିଜ୍ଞାନ', 'ପୃଥିବୀର ଭାଷାଗୋଷ୍ଠୀ ଓ ଭାରତୀୟ ଆର୍ଯ୍ୟଭାଷା', 'କାଳଜୟୀ କାଳୀଚରଣ', 'ଭାଷା ବିଜ୍ଞାନ ଓ ଭାଷା ବିଜ୍ଞାନୀ', 'ଆଧୁନିକ ସାହିତ୍ୟ ଭାଷା', 'ଶ୍ରୀଜଗନ୍ନାଥ ଚେତନାର ଉଦ୍ଭବ ଓ ବିକାଶ', 'Descriptive Catalogue, Oriya. Manuscript- Vol. I ଏବଂ II.' ଭାଷା, ସାହିତ୍ୟ, ଧର୍ମ କ୍ଷେତ୍ରରେ ସେ ନୂତନ ଦିଗ୍‌ବଳୟର ସନ୍ଧାନଦେଇ ଯଶସ୍ୱୀ ହୋଇଛନ୍ତି ।

ହରିହର ମିଶ୍ର :

ଅଧ୍ୟାପକ ହରିହର ମିଶ୍ର 'ସପ୍ତମରତ୍ନ ରମାକାନ୍ତ ରଥଙ୍କ ଏକ ଅଜବ ଇଲାକା', 'ସମୁଦ୍ର ଓ କବି ସୀତାକାନ୍ତ ମହାପାତ୍ର', 'ଶବ୍ଦର ଆକାଶ ଓ କବି ସୀତାକାନ୍ତ ମହାପାତ୍ର' ପ୍ରଭୃତି ପ୍ରବନ୍ଧ ଗୁଡ଼ିକୁ ''ସ୍ୱର ଓ ସାଧକ'' ପୁସ୍ତକରେ ପ୍ରକାଶ କରିଛନ୍ତି ।

ମୃତ୍ୟୁଞ୍ଜୟ ନାୟକ :

ପ୍ରାଧ୍ୟାପକ ମୃତ୍ୟୁଞ୍ଜୟ ନାୟକ ଗୋଡିସାହି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ କଟକର ଖ୍ରୀଷ୍ଟ କଲେଜରେ ଅଧ୍ୟାପନା କରୁଥିଲେ । ତାଙ୍କ ଦ୍ୱାରା ଲିଖିତ ପୁସ୍ତକ ଗୁଡ଼ିକ ହେଉଛି- 'ଓଡ଼ିଆ ସାହିତ୍ୟର ଇତିହାସ' (ସଂକ୍ଷିପ୍ତ), 'ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଇତିବୃତ୍ତ', 'ଓଡ଼ିଆ ଗଦ୍ୟ ସାହିତ୍ୟର ବିକାଶ ଓ ବିସ୍ତୃତି', 'ଓଡ଼ିଆ ଗଦ୍ୟ ସାହିତ୍ୟର ଉଦ୍ଭବ ଓ ବିକାଶ' । ଏହା ବ୍ୟତୀତ ସେ 'ମାଦଳାପାଞ୍ଜି', 'ସନ୍ଥ କବି ଅଚ୍ୟୁତାନନ୍ଦଙ୍କ ଶୂନ୍ୟସଂହିତା', 'ରାମଚଣ୍ଡୀରେ ସକାଳ' ଓ 'ମାୟାଦେବୀ' (କୋଣାର୍କେ ଓ ପଣ୍ଡିତ ନୀଳକଣ୍ଠଙ୍କ ଶିରୋନାମା)ରେ ସମ୍ପାଦନା କରିଛନ୍ତି । ଓଡ଼ିଆ ଭାଷା ଓ ସାହିତ୍ୟର ଅଧ୍ୟାପକ ମୃତ୍ୟୁଞ୍ଜୟ ନାୟକ ଜଣେ ସଫଳ ସମାଲୋଚକ ଭାବରେ ସ୍ୱୀକୃତ । ତାଙ୍କର ଅନେକ ଉପାଦେୟ ସମାଲୋଚନାମୂଳକ ପ୍ରବନ୍ଧ ଖ୍ରୀଷ୍ଟ ମହାବିଦ୍ୟାଳୟ (କଟକ)ର ମୁଖପତ୍ର 'ସୃଷ୍ଟି ଓ ସମୀକ୍ଷା'ର ବିଭିନ୍ନ ସଂଖ୍ୟାରେ ପ୍ରକାଶିତ ହୋଇଛି ।

ନାରାୟଣ ରଥ :

ନାରାୟଣ ରଥ ଖଣ୍ଡପଡ଼ାର ଖୁଣ୍ଟୁପଡ଼ା ନିବାସୀ । ତାଙ୍କର 'ବିଦଗ୍ଧକବି ଗଦାଧର' ଏବଂ 'ଭଗବାନ ଶ୍ରୀରାମ' ପୁସ୍ତକ ପ୍ରକାଶିତ ।

ଉପେନ୍ଦ୍ର ପ୍ରସାଦ ଦଳାଇ :

ଡକ୍ଟର ଉପେନ୍ଦ୍ର ପ୍ରସାଦ ଦଳାଇଙ୍କ କେତେଗୋଟି ସମାଲୋଚନା ହେଉଛି 'ନୀଳଶୈଳ ଏକ ଐତିହାସିକ ବିଶ୍ଳେଷଣ', 'ଅନ୍ଧଦିଗନ୍ତ ଓ ଏହାର ରାଜନୈତିକ ପୃଷ୍ଠଭୂମି' । ଏହା ବ୍ୟତୀତ ତାଙ୍କର 'ଭାଷାତତ୍ତ୍ୱ ସମୀକ୍ଷା' (୧୯୮୪) ପୁସ୍ତକ ପ୍ରକାଶିତ ।

Digitized by PPRACHIN, SOA

ବିଜୟ କୁମାର ନନ୍ଦ :

ଡକ୍ଟର ବିଜୟ କୁମାର ନନ୍ଦଙ୍କର ଆଲୋଚନା ମୂଳକ ଗ୍ରନ୍ଥ ଗୁଡ଼ିକ ହେଉଛି- 'ସାହିତ୍ୟ ଓ ସଂସ୍କୃତି', 'ସାହିତ୍ୟ ସମାଲୋଚନା ଓ ସାହିତ୍ୟ ତତ୍ତ୍ୱ', 'ସାହିତ୍ୟ ବିଚାର ଭାବଭୂମି'। ଏହା ବ୍ୟତୀତ ସେ କବି ବିଦ୍ୟୁତ୍ ପ୍ରଭା ଦେବୀ ଏବଂ ସଚ୍ଚିରାଉତ ରାୟଙ୍କ 'ଜୀବନୀ ଓ କୃତି'କୁ ଇଂରାଜୀରେ ଲେଖିଛନ୍ତି। କାହ୍ନୁଚରଣଙ୍କ 'ଝଞ୍ଜା' ଉପନ୍ୟାସଟି ତାଙ୍କଦ୍ୱାରା 'The Storm' ନାମରେ N.B.T. କର୍ତ୍ତୃକ ପ୍ରକାଶିତ। ଡକ୍ଟର ନନ୍ଦ ମଧ୍ୟଖଣ୍ଡରେ ଜନ୍ମଗ୍ରହଣ କରିଥିଲେ।

ପଞ୍ଚାନନ ମିଶ୍ର :

ପ୍ରଫେସର ପଞ୍ଚାନନ ମିଶ୍ର ଦଶପଲ୍ଲା କୁଞ୍ଜବନଗଡ଼ରେ ଜନ୍ମଗ୍ରହଣ କରିଥିଲେ। 'ସାହିତ୍ୟ ସମାଲୋଚନା : ତାତ୍ତ୍ୱିକ ଓ ପ୍ରାୟୋଗିକ ପ୍ରସଙ୍ଗ'-୧ମ ଓ ୨ୟ ଭାଗ ଓଡ଼ିଆ ସମାଲୋଚନା ସାହିତ୍ୟ ଜଗତକୁ ଏକ ମହାନ୍ ଅର୍ଘ୍ୟ।

ଗିରୀଶ ଚନ୍ଦ୍ର ମିଶ୍ର :

ଅଧ୍ୟାପକ ଡକ୍‌ଟର ଗିରୀଶ ଚନ୍ଦ୍ର ମିଶ୍ର 'ଆଧୁନିକ ଓଡିଆ କବିତାରେ ମିଥ୍ ପ୍ରସଙ୍ଗ' ଏବଂ 'ଓଡିଆ ଏକାଙ୍କିକା: ଧରା ଓ ଧାରା' ଶୀର୍ଷକ ଦୁଇଗୋଟି ସମାଲୋଚନାଧର୍ମୀ ପୁସ୍ତକ ରଚନା କରିଛନ୍ତି।

ପ୍ରମୋଦ କୁମାର ଦାଶ :

ଡକ୍ଟର ପ୍ରମୋଦ କୁମାର ଦାଶଙ୍କର ଦୁଇ ଗୋଟି ସମାଲୋଚନା ଗ୍ରନ୍ଥ ପ୍ରକାଶିତ। ତାହା ହେଉଛି- 'ସାହିତ୍ୟ ବୀକ୍ଷଣ' (୧୯୭୯) ଏବଂ 'ସାହିତ୍ୟ ନିରୀକ୍ଷଣ' (୨୦୦୫)।

ଦୁର୍ଗାଚରଣ ସାହୁ :

ଦୁର୍ଗାଚରଣ ସାହୁ ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଭାବରେ କାର୍ଯ୍ୟ ସମ୍ପାଦନ କରି ସେବା ନିବୃତ୍ତ। ତାଙ୍କ ଦ୍ୱାରା ଲିଖିତ "ଗୀତ ଗୋବିନ୍ଦରେ ତୀବ୍ର ଶୃଙ୍ଗାର" ଏକ ଉଚ୍ଚକୋଟୀର ସମାଲୋଚନାତ୍ମକ ଗ୍ରନ୍ଥ। ତାଙ୍କ ଦ୍ୱାରା ଲିଖିତ ଅନ୍ୟାନ୍ୟ ଗ୍ରନ୍ଥ ଗୁଡ଼ିକ ହେଉଛି 'ଏଣୁତେଣୁ', 'ଭ୍ରମଣିକା-ଉତ୍ତର ପୂର୍ବ ଭାରତ', 'କିଛି କଥା', 'ଭ୍ରମଣିକା- ଉତ୍ତରାଖଣ୍ଡ ଓ ଉତ୍ତରପ୍ରଦେଶ'।

ବିଜୟ କୁମାର ଚୌଧୁରୀ :

ଡକ୍ଟର ବିଜୟ କୁମାର ଚୌଧୁରୀ ନୟାଗଡ଼ ମହାବିଦ୍ୟାଳୟରେ ଦୀର୍ଘଦିନ ଧରି ଅଧ୍ୟାପନା କରି ବର୍ତ୍ତମାନ ସେବା ନିବୃତ୍ତ। ତାଙ୍କର ପ୍ରକାଶିତ ଗ୍ରନ୍ଥଗୁଡ଼ିକ ହେଉଛି- "ପ୍ରବାଦପୁରୁଷ ଯଦୁମଣି', 'ବିଜୟ ମିଶ୍ରଙ୍କ ନାଟକରେ ପରୀକ୍ଷା ଓ

Digitized by PPRACHIN, SOA

ପ୍ରୟୋଗ', 'ସମକାଳର ନାଟ୍ୟବିବର୍ତ୍ତନ ଓ ନାଟକ ସବା ଶେଷ ଲୋକ', 'ଓଡ଼ିଆ ସାହିତ୍ୟର ଏକ ସଂକ୍ଷେପ ଆକଳନ' ।

ପ୍ରସନ୍ନ କୁମାର ପଟ୍ଟନାୟକ :

ପ୍ରସନ୍ନ କୁମାର ପଟ୍ଟନାୟକ 'ଆଧୁନିକ ଓଡିଆ କବିତାରେ ଶାସ୍ତ୍ରୀୟ ଚିନ୍ତାଧାରା', 'ସ୍ଥାପତ୍ୟର ଭଙ୍ଗୁରତା' ଶୀର୍ଷକ ଗବେଷଣାମୂଳକ ପୁସ୍ତକ ପ୍ରଣୟନ କରିଛନ୍ତି ।

ଉଦୟନାଥ ସାହୁ :

ପ୍ରଫେସର ଉଦୟନାଥ ସାହୁ ରଣପୁର ଅନ୍ତର୍ଗତ ଆମ୍ବଝର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପ୍ରକାଶିତ ଗ୍ରନ୍ଥଗୁଡ଼ିକ ହେଉଛି– 'ଭାଗବତର ଭାବଭୂମି', 'ଐତିହାସିକ କେଦାରନାଥ ମହାପାତ୍ର', 'ସମାଲୋଚକଙ୍କ ଦୃଷ୍ଟିରେ ଫକୀରମୋହନ', 'ଆଲୋଚନା ସମାଲୋଚନା', 'ଭାଗବତର ସୃଷ୍ଟିସୌରଭ', 'ଓଡ଼ିଆ ଦୀର୍ଘ କବିତା', 'ମହାଭାରତ ଐତିହ୍ୟ', 'ପୂର୍ବ ଭାରତର ମହାଭାରତ ପରମ୍ପରା' ଏବଂ 'ସାରଳା ମହାଭାରତ ସୃଷ୍ଟିର ଭୂମିପର୍ବ' ଇତ୍ୟାଦି ।

ପ୍ରେମାନନ୍ଦ ମହାପାତ୍ର :

ଡକ୍ଟର ପ୍ରେମାନନ୍ଦ ମହାପାତ୍ର ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ମାଳିସାହି ଗ୍ରାମ ନିବାସୀ । ତାଙ୍କ ପ୍ରକାଶିତ ପୁସ୍ତକଗୁଡ଼ିକ ହେଉଛି– 'ମନସ୍ୱୀସାଧକ ପଣ୍ଡିତ ବିନାୟକ ମିଶ୍ର' (ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ, ୨୦୦୯), 'ଉପେନ୍ଦ୍ରଭଞ୍ଜ ଓ ସାରସ୍ୱତ ପୀଠ ମାଳିସାହି', 'ନୟାଗଡ଼ ଜିଲ୍ଲାର କଥିତ ଭାଷା– ଏକ ସର୍ବେକ୍ଷଣ', 'କହେ ଟାଡିସରୁ ବାଇ', 'ଶ୍ରୀ ଗୀତଗୋବିନ୍ଦ ଓ ମହାକବି ଶ୍ରୀଜୟଦେବ', 'କାଳଜୟୀ ପ୍ରତିଭା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ', 'ଓଡ଼ିଶାର ଭାଷା ପରିକ୍ରମା', 'ଭଞ୍ଜୀୟ ଅଳଙ୍କାର ମାନସ', 'ଓଡ଼ିଶା ସାରସ୍ୱତ ସୌରଭ', 'ନୟାଗଡ଼ ବଘେଲ ରାଜବଂଶର ସାରସ୍ୱତ ସୌରଭ', 'ଭାଷା ଓ ଭାଷା ବିଜ୍ଞାନ', 'ସୃଜନ ମାଟିର ସାରସ୍ୱତ ସ୍ଥପତି', 'ଓଡ଼ିଆ ସାହିତ୍ୟର ଇତିହାସ', 'ନୟାଗଡ଼ ଇତିହାସ', 'ବିଦ୍ୟାନଗରୀର ମହାନ୍ ସାଧକ : ସାମନ୍ତ ଚନ୍ଦ୍ରଶେଖର', 'କୋଟି କୈବଲ୍ୟନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ', 'ଶତାବ୍ଦୀର ବିସ୍ମୟ : ବାରିଷ୍ଟର ମଧୁସୂଦନ ଦାସ', 'ନୀଳାଦ୍ରୀଶ ଚଉତିଶା', 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର', 'ରାଘବବିଳାସ', 'ଛ'ମାଣ ଆଠଗୁଣ୍ଠ', 'ମାମୁଁ' । ଏହା ବ୍ୟତୀତ ସେ 'ଲଛମା', 'ପ୍ରାୟଶ୍ଚିତ୍ତ' ଇତ୍ୟାଦିକୁ ସମ୍ପାଦନା କରିଛନ୍ତି ।

ପ୍ରଦୀପ୍ତ କୁମାର ଚୌଧୁରୀ :

'ବୈଷ୍ଣବଧର୍ମ ବିଚିତ୍ରା' ପ୍ରଦୀପ୍ତ କୁମାର ଚୌଧୁରୀଙ୍କର ଏକ ସାର୍ଥକ କୃତି । ଏଥିରେ ବୈଷ୍ଣବଧର୍ମର ଉତ୍ପତ୍ତିଠାରୁ ଆରମ୍ଭକରି ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ଓ

Digitized by PPRACHIN, SOA

ତାଙ୍କ ଧର୍ମ ପ୍ରଚାର, ଗୌଡୀୟ ବୈଷ୍ଣବ, ରାଧାକୃଷ୍ଣ ଓ ସଖୀତତ୍ତ୍ୱ ପର୍ଯ୍ୟନ୍ତ ଅଲୋଚନା କରାଯାଇଛି ।

ଶାଶ୍ୱତୀ ସୌମ୍ୟା ସାହୁ :

ଅଧ୍ୟାପିକା ଶାଶ୍ୱତୀ ସୌମ୍ୟା ସାହୁ ବିଦଗ୍ଧ କବି ଅଭିମନ୍ୟୁଙ୍କ କାବ୍ୟକୃତିକୁ ଆଧାର କରି 'ଅଭିମନ୍ୟୁଙ୍କ କାବ୍ୟ ସୃଷ୍ଟି: ଏକ ତାତ୍ତ୍ୱିକ ଦୃଷ୍ଟି' ଏବଂ ମାନସିଂହଙ୍କ ଉପରେ ଆଧାରିତ 'ମାନସିଂହଙ୍କ ସୃଷ୍ଟି ଜଗତ: ଦିଗ ଓ ଦିଗନ୍ତ' ପୁସ୍ତକ ରଚନା କରିଛନ୍ତି ।

ଶୁଭ୍ରଶ୍ରୀ ସୌମ୍ୟା ସାହୁ :

ଅଧ୍ୟାପିକା ଶୁଭ୍ରଶ୍ରୀ ସୌମ୍ୟା ସାହୁଙ୍କର ଦୁଇଗୋଟି ଗ୍ରନ୍ଥ ପ୍ରକାଶ ପାଇଛି । କଥାଶିଳ୍ପୀ ଗୋପୀନାଥ ମହାନ୍ତି(୨୦୧୪) ତାଙ୍କର ଗବେଷଣାମୂଳକ ଗ୍ରନ୍ଥ । 'ସ୍ରଷ୍ଟାଙ୍କ ସୃଷ୍ଟିରେ ନାରୀ' (୨୦୧୫) ତାଙ୍କର ଦ୍ୱିତୀୟ ପ୍ରକାଶିତ ।

(ଗ) ରମ୍ୟ ରଚନା :

ନୟାଗଡ ଜିଲ୍ଲାରେ ଏହାର ଲେଖକ ଦୁଷ୍ପ୍ରାପ୍ୟ । ସୋମନାଥ ପଟ୍ଟନାୟକ ବର୍ମା ଏହି ବିଭାଗର ଏକମାତ୍ର ଲେଖକ । ତାଙ୍କର ମାତ୍ର ଦୁଇଗୋଟି ରଚନା ହେଉଛି 'ମୋ ଗବେଷଣା' ଓ 'ତ୍ରିପଞ୍ଜିକା ସାଧନ ବିଦ୍ୟା' ।

ନୟାଗଡ଼ ଜିଲ୍ଲାର କଥା-ସାହିତ୍ୟ

କ୍ଷୁଦ୍ରଗଳ୍ପ :

ଆନନ୍ଦ ଚନ୍ଦ୍ର ମିଶ୍ର :

ଗାଳ୍ପିକ ଆନନ୍ଦ ଚନ୍ଦ୍ର ମିଶ୍ରଙ୍କର ପୁସ୍ତକ 'ରକ୍ତବିନ୍ଦୁ' ୧୯୫୫ ମସିହାରେ ପ୍ରକାଶ ପାଏ । ଏଥିରେ ପନ୍ଦରଗୋଟି ଗଳ୍ପ ସ୍ଥାନିତ ।

କୃଷ୍ଣଚନ୍ଦ୍ର ସିଂହ ମାନଧାତା :

କୃଷ୍ଣଚନ୍ଦ୍ର ସିଂହ ମାନଧାତା ରାମାୟଣର କଥାବସ୍ତୁକୁ ଆଧାରକରି "Foot-prints of Sri-Ram" ରଚନା କରିଛନ୍ତି । ତାଙ୍କର ଦ୍ୱିତୀୟ ପୁସ୍ତକଟି ହେଉଛି 'ଅନୁଭୂତ କାହାଣୀମାଳା' । ଏଥିରେ ଦଶଗୋଟି ବିଷୟ ରହିଛି । ସେଗୁଡ଼ିକ ହେଉଛି- 'ଗଙ୍ଗା ସତ କହୁଛି', 'ଅକୃତଜ୍ଞ ପୁତ୍ର', 'ବ୍ୟାଘ୍ର', 'ସାହାଯ୍ୟକାରୀ ମେସିନ୍', 'ବିଶ୍ୱାସର ଆଶୀର୍ବାଦ', 'ଓକିଲଙ୍କ ମହନୀୟତା', 'ଦୁଇବନ୍ଧୁ', 'ସତ୍ୟବାଦୀତାର ପୁରସ୍କାର', 'ହୀରାର ସନ୍ଧାନ' ଓ 'ପ୍ରତିଶୋଧ' ।

ଗୋପାଳ ଚନ୍ଦ୍ର ମିଶ୍ର :

ଗାଳ୍ପିକ ଗୋପାଳ ଚନ୍ଦ୍ର ମିଶ୍ର ସ୍ୱାଧୀନତା ପରବର୍ତ୍ତୀ କାଳର ଜଣେ ଯଶସ୍ୱୀ କଥାଶିଳ୍ପୀ । 'ବନମର୍ମର' କ୍ଷୁଦ୍ରଗଳ୍ପ ସଙ୍କଳନରେ ତାଙ୍କ ପ୍ରତିଭାର ବର୍ଣ୍ଣବିଭା ବିଚ୍ଛୁରିତ ।

Digitized by PPRACHIN, SOA

ଫକୀର ଚରଣ ପଟ୍ଟନାୟକ :

ଗାଳ୍ପିକ ଶ୍ରୀ ପଟ୍ଟନାୟକଙ୍କର କେତେଗୋଟି କ୍ଷୁଦ୍ରଗଳ୍ପ ହେଉଛି 'ସ୍ମୃତି', 'ଅଭିଶପ୍ତ ରାଜପୁରୀ', 'ଶେଷଲଗ୍ନର କାହାଣୀ', 'ଏବେ ବି ମନେପଡେ', 'ସଙ୍ଗମ' ଏବଂ 'ନର୍ଦ୍ଦମା ଜଳରୁ ପିଇବା ପାଣି' ଇତ୍ୟାଦି ।

ଦୁର୍ଗାମାଧବ ମିଶ୍ର :

ଗାଳ୍ପିକ ଶ୍ରୀ ମିଶ୍ରଙ୍କର ପ୍ରକାଶିତ ଗଳ୍ପ ସଙ୍କଳନ ଗୁଡିକ ମଧ୍ୟରେ 'ଜଉତିଷେ କହିଛନ୍ତି', 'ମନ୍ଦାକ୍ରାନ୍ତା', 'ଫଲଗୁରେ ବନ୍ୟା', 'ନିଷାଦର ନିଶବ୍ଦ ବାରଣ', 'ତାରା ଓ ତିମିର' ଏବଂ 'ଦୂରରୁ ଦୂରକୁ' ଇତ୍ୟାଦି ଉଲ୍ଲେଖଯୋଗ୍ୟ । ନିଖୁଣ କଳାତ୍ମକତା ଓ ବୌଦ୍ଧିକ ମନନଶୀଳତାର ଆଲେଖ୍ୟ ତାଙ୍କ ଗଳ୍ପ ଗୁଡିକର ଶିଳ୍ପ ସିଦ୍ଧିର ପରିଚାୟକ ।

ଶୈଳରାଣୀ ମିଶ୍ର :

ଶୈଳରାଣୀ ମିଶ୍ର 'ବିବର୍ତ୍ତିତ ପୃଥିବୀ', 'ଯୂଥଭ୍ରଷ୍ଟ', 'ଚକ୍ରବ୍ୟୂହ' ପ୍ରଭୃତି ଗଳ୍ପସଂଙ୍କଳନ ପ୍ରଣୟନ କରିଛନ୍ତି ।

ଉମାଶଙ୍କର ମିଶ୍ର :

ଶ୍ରୀ ମିଶ୍ରଙ୍କର ପ୍ରକାଶିତ ଗଳ୍ପସଂଙ୍କଳନ ଗୁଡିକ ହେଉଛି 'ଉମାଶଙ୍କର ମିଶ୍ରଙ୍କ କାହାଣୀ ସ୍ତବକ', 'ଶ୍ୱେତ ଅମୃତ', 'ତ୍ରିଶଙ୍କୁ', 'ବୋହୂ ବୋହୂକା', 'ନୂଆ ଶତାବ୍ଦୀର ଫଗୁଣ' ଓ 'ମୋକ୍ଷଚକ୍ର' । ଏଗୁଡିକର ସଙ୍କଳିତ ଗଳ୍ପ ଗୁଡିକ କବିତ୍ୱ, ବୌଦ୍ଧିକତା ଓ ବାଗ୍ମିତାରେ ଉଜ୍ଜ୍ୱଳ ।

ନିମାଇଁ ଚରଣ ପଟ୍ଟନାୟକ :

ଅଧ୍ୟାପକ ନିମାଇଁ ଚରଣ ପଟ୍ଟନାୟକ ଉତ୍ତର ପଚାଶ କାଳର ଜଣେ ଶକ୍ତିଶାଳୀ କଥାଶିଳ୍ପୀ । ତାଙ୍କର 'ପଦ୍ମତୋଳା' ଓ 'ଅନ୍ଧାରର ମୁହଁ' ଗଳ୍ପ ସଙ୍କଳନଦ୍ୱୟ ବିଶେଷ ଲୋକପ୍ରିୟ । ତାଙ୍କର ଅନ୍ୟ ଦୁଇଗୋଟି ଗଳ୍ପଗ୍ରନ୍ଥ ହେଉଛି- 'ନିଜ ସହ ନିଜର ସମ୍ପର୍କ' ଏବଂ 'ନୀଳ ସପନର ଅଭିଷେକେ' । ଗାଳ୍ପିକ ଶ୍ରୀ ପଟ୍ଟନାୟକଙ୍କର କେତେକ ଗଳ୍ପରେ ପଞ୍ଚତନ୍ତ୍ରୀୟ ଉତ୍ତରଣ ଘଟିଛି । ଏହି ଗଳ୍ପଗୁଡିକ ମୁଖ୍ୟତଃ 'ସୋସିଓ-ପଲିଟିକାଲ' ବ୍ୟଙ୍ଗକୁ ଭିତ୍ତିକରି ରଚିତ ।

ନୀଳମାଧବ ମିଶ୍ର :

ଶ୍ରୀ ମିଶ୍ରଙ୍କର କେତେଗୋଟି ସାର୍ଥକ ସୃଷ୍ଟି ହେଉଛି 'ନିଷିଦ୍ଧ ଇଲାକାର ନାୟକ', 'ବିବର୍ତ୍ତନ', 'ବହିସ୍ଥକୋଣ', 'କୁଟୀଳ ବନ୍ଧନୀ' ଇତ୍ୟାଦି ।

ବାସୁଦେବ ସାହୁ :

ଗାଳ୍ପିକ ବାସୁଦେବ ସାହୁଙ୍କର ଗଳ୍ପମାନସର ଅନୁପମ କୃତି ହେଉଛି 'ଜ୍ୱଳନରୁ ପୁନର୍ଜନ୍ମ' । ତାଙ୍କ ଗଳ୍ପ ଗୁଡିକ ଦାର୍ଶନିକ ସୁଲଭ ଚିନ୍ତାଧାରାର ମହିମ୍ନ ସ୍ପର୍ଶରେ ଅପୂର୍ବ କଳା କୁଶଳତା ଲାଭ କରିଛି ।

Digitized by PPRACHIN, SOA

ହରିହର ମିଶ୍ର :

ହରିହର ମିଶ୍ରଙ୍କର ନୟାଗଡ଼ କଲେଜରେ ଅଧାପନା ଓ ନୟାଗଡ଼ରେ ରହଣି । 'ବୃଷଭର ଏକ ପାଦ' ଓ 'ମୂକ ଡାହୁକ' ଗଳ୍ପ ଗ୍ରନ୍ଥରେ ଗାଳ୍ପିକ ହରିହର ମିଶ୍ରଙ୍କର ଗଳ୍ପ ପ୍ରତିଭାର ପରିଚୟ ମିଳିଥାଏ । ତାଙ୍କ ଗଳ୍ପ ଗୁଡିକରେ ଏକମାତ୍ର ଆହ୍ୱାନ ରହିଛି ଯେ ଜୀବନ ହେଉଛି ଜ୍ୱାଳାମୟ ତଥାପି ତାହା ଆନନ୍ଦ ଦାୟକ ।

ଗୋଲୋକ ବିହାରୀ ନାୟକ :

ଗୋଲୋକ ବିହାରୀ ନାୟକ ଦୁଇଗୋଟି ଗଳ୍ପ ଗ୍ରନ୍ଥର ସ୍ରଷ୍ଟା । ତାଙ୍କର ଗଳ୍ପ ଗ୍ରନ୍ଥ ଦ୍ୱୟ ହେଉଛି- 'ଚୋରା ଚଇତି' ଓ 'ଗଙ୍ଗୋତ୍ରୀ ବଣର ମୋହ' ।

ସୁଧାଂଶୁବାଳା ପଣ୍ଡା :

ଶ୍ରୀମତୀ ପଣ୍ଡା 'ଯେ ଅଛୁଆଁ ଛୁଇଁ ଦେଲା' ଗଳ୍ପ ସଙ୍କଳନର ସ୍ରଷ୍ଟା । ଆଧୁନିକ ସମାଜ ଜୀବନ ଓ ବ୍ୟକ୍ତି ଜୀବନର ବହୁ ଜଟିଳ ଘଟଣା ଏବଂ ନୈତିକ ଅଧାତ୍ମ ସଙ୍କଟ ସହିତ ବଞ୍ଚିବାର ବେଦନା ଓ ଆନନ୍ଦ ତାଙ୍କ କ୍ଷୁଦ୍ରଗଳ୍ପର ଉପଜୀବ୍ୟ ।

ଗୀତାଦେବୀ :

ଅଧାପିକା ଗୀତାଦେବୀ ବିଭିନ୍ନ ଐତିହାସିକ ଘଟଣାକୁ ଭିତ୍ତିକରି ରୋମାଞ୍ଚଧର୍ମୀ କ୍ଷୁଦ୍ରଗଳ୍ପ ରଚନା କରିଛନ୍ତି । 'ଅସ୍ତଭାନୁର ବସୁନ୍ଧରା' କ୍ଷୁଦ୍ରଗଳ୍ପ ସଙ୍କଳନ ତାଙ୍କ ଗଳ୍ପ ପ୍ରତିଭାର ଉଜ୍ଜ୍ୱଳ ପ୍ରମାଣ ଓ ପ୍ରତିଶ୍ରୁତି ।

ଦାଶବେନହୁର :

ଗଳ୍ପ ରଚନା କରିବାର ଅଫୁରନ୍ତ ଉତ୍ସାହ ନେଇ ଗାଳ୍ପିକ ଦାଶବେନହୁର ଓଡିଆ ଗଳ୍ପଜଗତକୁ ସମୃଦ୍ଧ କରିଛନ୍ତି । 'ନାଭି ସମୁଦ୍ର', 'ସମୟ ସମ୍ପର୍କ', 'ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି', 'ଚିତ୍ରିତ ଚଉପାଶ', 'ଛାଇନିଦ', 'କୁହୁଡ଼ିର ଘର', 'ଅକ୍ଷର ଅରଣ୍ୟ', 'ଡେଣା', 'ନିରୁକ୍ତିର ନେଳି' ଇତ୍ୟାଦି ତାଙ୍କର ସ୍ମରଣୀୟ ଗଳ୍ପ ସଙ୍କଳନ ।

ପ୍ରଦୀପ୍ତ କୁମାର ମିଶ୍ର :

'ଛଦ୍ମଘଟ' (୧୯୯୨) କ୍ଷୁଦ୍ରଗଳ୍ପ ଗ୍ରନ୍ଥର ପ୍ରକାଶନ ତାଙ୍କୁ ଜଣେ ସଫଳ ଗାଳ୍ପିକ ଭାବରେ ପରିଚୟ ଦେଇପାରିଛି । 'ଅଜା' କ୍ଷୁଦ୍ରଗଳ୍ପଠାରୁ 'ଛଦ୍ମଘଟ' ଗଳ୍ପ ପର୍ଯ୍ୟନ୍ତ ପ୍ରତ୍ୟେକ ସୃଷ୍ଟିର ଉପଜୀବ୍ୟ ହେଉଛି- ଜୀବନର କଥା, ବ୍ୟଥା, ଦ୍ୱନ୍ଦ୍ୱ ଓ ସଂଘର୍ଷ ଇତ୍ୟାଦି ।

ବିରଞ୍ଚି ମିଶ୍ର :

ବିରଞ୍ଚି ମିଶ୍ରଙ୍କର ପ୍ରକାଶିତ ପୁସ୍ତକ ଗୁଡ଼ିକ ହେଉଛି- 'ହନୁମାନଙ୍କ ଆତ୍ମକଥା', 'ରାମାୟଣ କଥା', 'ମହାଭାରତ କଥା' ଏବଂ 'ଗପଶତକ' ।

ହାଡ଼ିବନ୍ଧୁ ମହାକୁଡ଼ :

ଗଳ୍ପ ରଚନା କ୍ଷେତ୍ରରେ ହାଡ଼ିବନ୍ଧୁ ମହାକୁଡ଼ ବେଶ୍ ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି । ତାଙ୍କ ପ୍ରକାଶିତ ଗଳ୍ପ ପୁସ୍ତକ ହେଉଛି- 'ଏକାନ୍ତ କଥା', 'ନୀରବ କଥା',

Digitized by PPRACHIN, SOA

'ଅବନା କଥା', 'କଥା ହିଁ କଥା' 'ଭୂତ ସହିତ କିଛିଦିନ' ଏବଂ 'ସାନପିଲାଙ୍କ ବଡ଼କଥା'। ତାଙ୍କ ଗଳ୍ପ କଥନ ଭଙ୍ଗୀ ସ୍ୱତନ୍ତ୍ର।

ତପନ ମହାପାତ୍ର :

ତପନ ମହାପାତ୍ର ଜଣେ ଉଦୀୟମାନ ଗାଳ୍ପିକ। ତାଙ୍କର ଗଳ୍ପଗ୍ରନ୍ଥ ଗୁଡ଼ିକ ହେଉଛି- 'ଛବି ମଣିଷ', 'କାଉଁରି ପାନିଆଁ', 'ବିସ୍ମୟ କର ବିନ୍ଦୁ' ଏବଂ 'ଏଠି ପ୍ରଜାପତି ନାହିଁ'।

ସୀମାଞ୍ଚଳ ଦାଶ :

ସୀମାଞ୍ଚଳ ଦାଶଙ୍କର ଗଳ୍ପ ସଂକଳନ ଗୁଡ଼ିକ ହେଉଛି- 'ଦୁର୍ଗ', 'ଭାଗ୍ୟଖେଳ', 'ପାଟଶାଢ଼ି ଓ ବୋଉ' ଏବଂ 'ଦୁଃଖରେ ଅଛି ସୁଖଲତା'।

ଦେବାଶିଷ ସାମନ୍ତରାୟ :

ଦେବାଶିଷ ସାମନ୍ତରାୟଙ୍କର ଗଳ୍ପ ଗ୍ରନ୍ଥଗୁଡ଼ିକ ହେଉଛି- 'ସତମୁହଁ', 'ଭିନ୍ନ ସ୍ୱର', 'ରାହା' ଏବଂ 'ପ୍ରତିବିମ୍ବ'।

ଭାନୁମତୀ ସାହୁ :

ଜଣେ ନିରବଚ୍ଛିନ୍ନ ଲେଖିକା ଭାବରେ ଭାନୁମତୀ ସହୁଙ୍କର ଏଯାବତ୍ ଏଗାର ଗୋଟି ଗଳ୍ପ ସଂକଳନ ପ୍ରକାଶ ପାଇଛି। ତାଙ୍କ ଗଳ୍ପ ଗ୍ରନ୍ଥ ଗୁଡ଼ିକ ହେଉଛି- 'ଅବ୍ୟକ୍ତ ସ୍ୱର', 'ଯେ ମନ ଉଡ଼େ ଯେତେ ଦୂର', 'ଜୟନ୍ତ', 'ତୋ ମା' ଜିତି ଯାଇଛି', 'ଅଜଣା ଠିକଣା', 'ତର୍ପଣ', 'ଧୂମକେତୁର ଶୋଷ', 'ଅଜ୍ଞାତ ବାସ', 'ଛଞ୍ଚାଣର ଆଖି', 'ଲଜ୍ୟା', 'ରୁଦ୍ଧଦ୍ୱାରର ଶବ୍ଦ' ଏବଂ 'ଶୂନ୍ୟଭାବନା'।

ଶ୍ରୀଯୁକ୍ତ ସତ୍ୟାନାଶ :

ବ୍ୟଙ୍ଗଲେଖକ ଶ୍ରୀଯୁକ୍ତ ସତ୍ୟାନାଶଙ୍କର ବ୍ୟଙ୍ଗଧର୍ମୀ ଗଳ୍ପଗ୍ରନ୍ଥ ହେଉଛି- 'ହାତେ ମାପି ଚାଖଣ୍ଡେ' ଏବଂ 'ହାପି ଆନିଭର୍ସାରୀ'।

ଶରତ ଚନ୍ଦ୍ର ଆଚାର୍ଯ୍ୟ :

ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କର ପ୍ରଥମ ଗଳ୍ପଗ୍ରନ୍ଥଟି ହେଉଛି- 'କକ୍‌ଟେଲ୍'। ତାଙ୍କ ଦ୍ୱାରା ଅନୂଦିତ ଗଳ୍ପ ପୁସ୍ତକ ହେଉଛି- 'ଦୃଶ୍ୟଙ୍କ ଖେଳ', 'ଚିତ୍ର ଚରିତ୍ର' ଓ 'ରୂପାନ୍ତର'।

ଉପନ୍ୟାସ ସାହିତ୍ୟ

ଆନନ୍ଦ ଚନ୍ଦ୍ର ମିଶ୍ର :

ଆନନ୍ଦ ଚନ୍ଦ୍ର ମିଶ୍ର ଚାରିଗୋଟି ଉପନ୍ୟାସର ସ୍ରଷ୍ଟା। ଏହି ଉପନ୍ୟାସ ଗୁଡ଼ିକ ହେଉଛି 'ପ୍ରେମ ପରୀକ୍ଷା', 'ବିଷଫଳ', 'ରକ୍ତଚିତା' ଓ 'ନିଠୁର ଦୁନିଆଁ'। ପ୍ରତ୍ୟେକ

Digitized by PPRACHIN, SOA

ଉପନ୍ୟାସର ସାମାଜିକ ଆବେଦନ ରହିଛି । ସମାଜର ଏକ ଏକ ନିର୍ଦ୍ଦିଷ୍ଟ ସତ୍ୟକୁ ଆବିଷ୍କାର କରିବାରେ ତାଙ୍କର ପ୍ରତ୍ୟେକ ଉପନ୍ୟାସ ସାର୍ଥକତା ଲାଭ କରିଛି ।

ଉଦୟନାଥ ଦାସ :

'ଗଜପତି ପୁରୁଷୋତ୍ତମ ଦେବ' (୧୯୮୭) ଉଦୟନାଥ ଦାସଙ୍କର ଏକ ମହତ୍ତ୍ୱପୂର୍ଣ୍ଣ ସୃଷ୍ଟି । ଲେଖକଙ୍କର ଜାତୀୟତାବାଦର ଅକପଟ ମୁଦ୍ରାରେ ଏହାର ପ୍ରତ୍ୟେକ ପୃଷ୍ଠା ଉଜ୍ଜ୍ୱଳ ।

ଗଦାଧର କର :

ଗଦାଧର କର ଉଭୟ କବି ଓ ଔପନ୍ୟାସିକ । ତାଙ୍କର ଏକମାତ୍ର ଉପନ୍ୟାସ 'ଅମୃତର ଅପମୃତ୍ୟୁ' (୧୯୮୬) ଏକ ପ୍ରେମଭିତ୍ତିକ ଉପନ୍ୟାସ । ପାପ ପ୍ରଣୟର ପରିଣାମ କିପରି ଭୟାବହ, ତାହା ଏହି ଉପନ୍ୟାସର ଉପଜୀବ୍ୟ ।

ଅମୂଲ୍ୟ କୁମାରୀ ପଟ୍ଟନାୟକ :

ଲେଖିକା ଅମୂଲ୍ୟ କୁମାରୀ ପଟ୍ଟନାୟକ ନୟାଗଡର ଗୋଡିସାହି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସାମାଜିକ ଉପନ୍ୟାସ ରଚନା କ୍ଷେତ୍ରରେ ସେ କୃତିତ୍ୱ ପ୍ରଦର୍ଶନ କରିଛନ୍ତି । 'ମନର ମଣିଷ', 'ଧରିତ୍ରୀ', 'ଅର୍ପଣ', 'ସାନି' ତାଙ୍କର ସାର୍ଥକ ସାମାଜିକ ଉପନ୍ୟାସ । ତାଙ୍କର 'ଧରିତ୍ରୀ' ଉପନ୍ୟାସଟି ଚଳଚ୍ଚିତ୍ରରେ ରୂପାୟିତ ହୋଇଛି ।

ସୁଧାଂଶୁବାଳା ପଣ୍ଡା :

ସୁଧାଂଶୁବାଳା ପଣ୍ଡା ନୟାଗଡ଼ ପୁରୁଣା ସହରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଦ୍ୱାରା ଲିଖିତ ଉପନ୍ୟାସ ଗୁଡ଼ିକ ହେଉଛି- 'ମୋ ଲେଖା ଅଶ୍ରୁର କାଳିରେ', 'ନବବର୍ଷର ସକାଳ', 'ସଲୋନୀ', 'ଅଧିକରୁ କିଛି ଉର୍ଦ୍ଧ୍ୱ', 'ମା, ମାୟା ଓ ମମତା', 'ପୀଡ଼ାର ପରିଭାଷା', 'ଅବ୍ୟକ୍ତ ବେଦନା', 'ମନ ଉପତ୍ୟକାର ଉପାଖ୍ୟାନ' ।

ବଂଶୀଧର ରାଉତ :

ଓଡ଼ିଆ ଉପନ୍ୟାସ ସାହିତ୍ୟକୁ ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଦୃଷ୍ଟିରୁ ବଂଶୀଧର ରାଉତଙ୍କର ଅବଦାନ ଉଲ୍ଲେଖଯୋଗ୍ୟ । ତାଙ୍କର ଉପନ୍ୟାସ ଗୁଡ଼ିକ ଜୀବନଧର୍ମୀ ଏବଂ ଅତ୍ୟନ୍ତ ସୁଖପାଠ୍ୟ । ତାଙ୍କର ଉପନ୍ୟାସ ଗୁଡ଼ିକ ହେଉଛି 'ଲକ୍ଷ୍ମଣରେଖା', 'କଳାବର୍ତ୍ତ', 'ସେତୁବନ୍ଧ', 'ଅପହୃତ ଫୁଲବନ', 'ମୁଁ ଆଶ୍ରୟ ଚାହେଁ', 'ହଜିଲା ଚାନ୍ଦର ମାୟା', 'ଖେଳଘର', 'ବନଫୁଲର ସୁରଭି', 'ମନ ସମୁଦ୍ର', 'ପଶାଖେଳ', 'ଅନ୍ତରଙ୍ଗ ସକାଳ' ଇତ୍ୟାଦି ।

ଗୌରଚନ୍ଦ୍ର ମହାପାତ୍ର :

ଗୌରଚନ୍ଦ୍ର ମହାପାତ୍ର ବୃତ୍ତିରେ ଇଞ୍ଜିନିୟର, କିନ୍ତୁ ପ୍ରବୃତ୍ତି ତାଙ୍କର ସାହିତ୍ୟସାଧନା । ତାଙ୍କର ତିନିଗୋଟି ଉପନ୍ୟାସ ପ୍ରକାଶିତ । ଏହି ଉପନ୍ୟାସ ତ୍ରୟ ହେଉଛି- 'ଆହତ ମୂର୍ଚ୍ଛନା', 'ଅସ୍ତିତ୍ୱରେ ଅଣିକ୍ଷିତା' ଏବଂ 'ଗଙ୍ଗାର ବେଦନା' ।

Digitized by PPRACHIN, SOA

ବିଜୟିନୀ ଦାସ :

ଲେଖିକା ବିଜୟିନୀ ଦାସ ବାଉଁଶିଆପଡ଼ାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ଦ୍ୱାରା ଲିଖିତ ଉପନ୍ୟାସ ଗୁଡ଼ିକ ହେଉଛି- 'ପଙ୍କତିଳକ', 'ନିଷିଦ୍ଧ କାବ୍ୟ', 'ଶିଖା ପତଙ୍ଗ', 'ଦେବଦାସୀ', 'ଡାଏରୀ', 'ବାଗ୍‌ଦତ୍ତା', 'ତ୍ରିନୟନା' ଏବଂ 'ଦେବକୀ' ।

ଗିରୀଶ ଚନ୍ଦ୍ର ମିଶ୍ର :

ଡକ୍ଟର ଗିରୀଶ ଚନ୍ଦ୍ର ମିଶ୍ର ଅଧ୍ୟାପକ ଏବଂ ଅଧ୍ୟକ୍ଷ ଭାବରେ କାର୍ଯ୍ୟ ସମ୍ପାଦନ କରି ସେବାନିବୃତ୍ତ ! ତାଙ୍କ ପ୍ରକାଶିତ ଉପନ୍ୟାସ ତ୍ରୟ ହେଉଛି- 'ଦଧିଚି'(୨୦୧୭), 'ପୁରୁଷସୂକ୍ତ'(୨୦୧୮), 'ମତ୍ସ୍ୟଗନ୍ଧା'(୨୦୧୯) ଓ 'କାଳ କାଣ୍ଡାରୀ'(୨୦୨୦) ।

ହରେକୃଷ୍ଣ ସାହୁ :

ଅଧ୍ୟାପକ ହରେକୃଷ୍ଣ ସାହୁ "ଜୀଅନ୍ତା ଶବର ଆତ୍ମଚରିତ : ସମୟ ଉବାଚ" (୨୦୨୦) ଶିରୋନାମାରେ ଏକ ଦୀର୍ଘ ଉପନ୍ୟାସ ରଚନା କରିଛନ୍ତି ।

ମଞ୍ଜୁବାଳା ବେହେରା :

ଶ୍ରୀମତୀ ବେହେରାଙ୍କର 'ଦୀପଶିଖା' ଏକ ସାର୍ଥକ ସାମାଜିକ ଉପନ୍ୟାସ । ଏହି ଉପନ୍ୟାସରେ ଗାନ୍ଧୀବାଦ ଓ ବାସ୍ତବବାଦର ମିଳନ ଘଟିଛି ।

ବିଶ୍ୱନାଥ ମହାପାତ୍ର :

ବିଶ୍ୱନାଥ ମହାପାତ୍ରଙ୍କର ପ୍ରକାଶିତ ଉପନ୍ୟାସ ଗୁଡ଼ିକ ହେଉଛି 'ଯୁଗଯନ୍ତ୍ରଣାରେ ଜାନକୀ', 'କିଂବଦନ୍ତି କଳାପାହାଡ଼', 'ଲହୁରେ ଲାବଣ୍ୟବତୀ', 'ଅନ୍ଧମାଟିର ଆଦିମ', 'ଯୁଗାନ୍ତକାରୀ ଜାରା', 'କିମ୍ ବଦନ୍ତି କଳା ପାହାଡ଼', 'ଅତଏବ ଅନାମ ଦାସ', 'ଅର୍ଥାତ୍ ଆନନ୍ଦ', 'ଇତିବୃତ୍ତରେ ଅମର' ।

ସୌରାଂଶୁ ପଟ୍ଟନାୟକ :

ସୌରାଂଶୁ ପଟ୍ଟନାୟକଙ୍କ 'ଶ୍ୱେତପ୍ରଭା' ଉପନ୍ୟାସ ପାରିବାରିକ କାହାଣୀକୁ ନେଇ ଗଢିଉଠିଛି । ଏହି ଉପନ୍ୟାସରେ ଲେଖକ ନାୟିକା ଶ୍ୱେତପ୍ରଭାଙ୍କର ଜୀବନାଦର୍ଶ, ତ୍ୟାଗ, ସେବା ଓ ସହନଶୀଳତାକୁ ରୂପାୟିତ କରିଛନ୍ତି ।

ଅଳକା ନନ୍ଦ :

ସର୍ବଭାରତୀୟ ସେବାର ଅଧିକାରୀ ଅଳକା ନନ୍ଦ ତିନିଗୋଟି ସଫଳ ଉପନ୍ୟାସ ରଚନା କରିଛନ୍ତି । ଏହି ଉପନ୍ୟାସ ଗୁଡ଼ିକ ହେଉଛି- 'ବିଳମ୍ବିତ ସୂର୍ଯ୍ୟୋଦୟ',

Digitized by PPRACHIN, SOA

'ଭୀଷ୍ମ' ଏବଂ 'ମହୀରୁହ'। ଉପନ୍ୟାସ ଗୁଡ଼ିକରେ ଉଚ୍ଚକୋଟୀର ସର୍ଜନଶୀଳତା ପ୍ରତିଭାତ ।

ଭାନୁମତୀ ସାହୁ :

ଭାନୁମତୀ ସାହୁଙ୍କର ଉପନ୍ୟାସଗୁଡ଼ିକ ହେଉଛି- 'ମାୟା', 'ମରୁଭୂମିର ଶୋଷ', 'ଧୂମାୟିତ ଧରିତ୍ରୀ', 'ନିର୍ବାସନ', 'ବାଘର ପଞ୍ଜରା', 'ବିଷର୍ଣ୍ଣ ବୈଶାଖ' ଏବଂ 'ଅସପୂର୍ଣ୍ଣା'। ସେ ଚାରିଗୋଟି ଉପନ୍ୟାସିକା ଲେଖିଛନ୍ତି। ସେଗୁଡ଼ିକ ହେଉଛି- 'ଆରୋହଣ', 'ଅଦୃଶ୍ୟପ୍ରେମ', 'ପରପୁରୁଷ' ଏବଂ 'ଅବୁଝା ଆଖି'।

ହାଡ଼ିବନ୍ଧୁ ମହାକୁଡ଼ :

ହାଡ଼ିବନ୍ଧୁ ମହାକୁଡ଼ ଦୁଇଗୋଟି ଗୋଇନ୍ଦା ଉପନ୍ୟାସ ରଚନା କରିଛନ୍ତି। ଉପନ୍ୟାସ ଦ୍ୱୟ ହେଉଛି- 'ହତ୍ୟାକାରୀ ଶବ' ଏବଂ 'ଅଦୃଶ୍ୟ ହତ୍ୟାକାରୀ'।

ଓଡ଼ିଆ ନାଟ୍ୟ ସାହିତ୍ୟ ଓ ନୟାଗଡ଼

ଦଣ୍ଡନାଟ :

ନୟାଗଡ ଜିଲ୍ଲାରେ ଦଣ୍ଡନାଟ ଅତ୍ୟନ୍ତ ଲୋକପ୍ରିୟତା ଲାଭ କରିଛି । ଏଠାରେ ଦଣ୍ଡନାଟର ପ୍ରଚାର ଓ ପ୍ରସାର ପାଇଁ ଯେଉଁ କେତେଜଣ ଲେଖକ ସାଧୁ ଉଦ୍ୟମ କରିଛନ୍ତି, ସେମାନଙ୍କ ମଧ୍ୟରେ ରଘୁନାଥ ଦାସ, ହରେକୃଷ୍ଣ ଦାଶ, ଅଗାଧୁ ଭୀଣା, ହାତୀ ସଂଗ୍ରାମ ସିଂହ, ଭାଗବତ ପ୍ରଧାନ, ଦୀନବନ୍ଧୁ ରନ୍ତ, ରଘୁନାଥ ମୁଦୁଲି, ଏକାଦଶୀ ମହାପାତ୍ର, ମାଗୁଣି ଦାଶ, ସପନେଶ୍ୱର ମହାରଣା, ସୁଦର୍ଶନ ମହାପାତ୍ର ପ୍ରଭୃତି ଉଲ୍ଲେଖଯୋଗ୍ୟ ।

ପାଲା :

ଦଣ୍ଡନାଟ ପରି ପାଲାପ୍ରତି ମଧ୍ୟ ନୟାଗଡ ଜିଲ୍ଲାରେ ଲୋକମାନଙ୍କର ଆଗ୍ରହ ଅତୁଟ। ଏହି ଜିଲ୍ଲାର ପାଲା ଗାୟକମାନେ ସାଧାରଣତଃ ପାଲାର କଥାବସ୍ତୁ, ରାମାୟଣ, ମହାଭାରତ ଓ ବିବିଧ ପୁରାଣମାନଙ୍କରୁ ଆହରଣ କରି ପରିବେଷଣ କରିଥାନ୍ତି । ସମ୍ପ୍ରତି ନୟାଗଡ ଜିଲ୍ଲାର ପ୍ରତିଷ୍ଠିତ ପାଲା ଗାୟକମାନଙ୍କ ମଧ୍ୟରେ ରମାବିଲ ଗ୍ରାମର ଗାୟକସମ୍ରାଟ ବିଶ୍ୱନାଥ ପଟ୍ଟଯୋଶୀ, ଖଣ୍ଡପଡ଼ା କୁମ୍ଭାରପଡ଼ା ଗ୍ରାମର ଉଦୟନାଥ ରଥଶର୍ମା, ଜଗନ୍ନାଥ ବାରିକ, ଗୋବିନ୍ଦ ପଣ୍ଡା, ପ୍ରଫୁଲ୍ଲ ଷଡଙ୍ଗୀ, ଅଗାଧୁ ଭଞ୍ଜ, ଲକ୍ଷ୍ମଣ ବାରିକ, ଧନେଶ୍ୱର ପଲତା, ବିନାୟକ ମିଶ୍ର, ମୋହନ ମହାପାତ୍ର, ବୃନ୍ଦାବନ ଆଚାର୍ଯ୍ୟ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ।

ଦାସକାଠି :

ଦାସକାଠି ଏକ ଲୋକନାଟକ ଯାହା ରାମଧର୍ମକୁ ଭିତ୍ତିକରି ଗଢିଉଠିଛି । ଏହା ସାଧାରଣତଃ ଜନତାଙ୍କ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ଏକ ସାର୍ଥକ ଲୋକନାଟ୍ୟ।

Digitized by PPRACHIN, SOA

ଏହି ଜିଲ୍ଲାରେ ପ୍ରତିଷ୍ଠିତ ଦାସକାଠି ଗାୟକମାନଙ୍କ ହୃଷୀକେଶ ଆଚାର୍ଯ୍ୟ, କୈଳାସଚନ୍ଦ୍ର ସାହୁ, ମାଟିଆ ସାହୁ, ଲଡୁକେଶ୍ୱର ଶୁକ୍ଳ, ବିଜୟ କୁମାର ବେହେରା, ସୁଦର୍ଶନ ରାଉତରା, କାଳିନ୍ଦୀ ଚରଣ ବେହେରା, ଦାମୋଦର ମହାପାତ୍ର, ବ୍ରଜବନ୍ଧୁ ପ୍ରଧାନ ପ୍ରଭୃତିଙ୍କ ନାମ ସ୍ମରଣଯୋଗ୍ୟ ।

ରାମଲୀଳା :

ରାମ ଚରିତକୁ ଭିତ୍ତିକରି ସୃଷ୍ଟି ହୋଇଥିବା ଲୀଳାକୁ ରାମଲୀଳା କୁହାଯାଏ । ଏହା ଏକ ଭକ୍ତି ରସାତ୍ମକ ଲୋକନାଟ୍ୟ । ନୟାଗଡର କେତେଜଣ ରାମଲୀଳାକାର ହେଉଛନ୍ତି ରାଜା ନଟବର ସିଂହ ମର୍ଦ୍ଦରାଜ, ହରିହର ପାତ୍ର, ଗୌରହରି ସାହୁ, କୃଷ୍ଣଚନ୍ଦ୍ର ସାମନ୍ତ ସିଂହାର, ରଘୁନାଥ ଦାସ, ନୀଳକଣ୍ଠ ହରିଚନ୍ଦନ, ଦୈତାରି ଭୁଜବଳ ଇତ୍ୟାଦି ।

କୃଷ୍ଣଲୀଳା :

ରାମଲୀଳା ପରି କୃଷ୍ଣଲୀଳା ଏକ ଭକ୍ତି ରସାତ୍ମକ ଲୋକନାଟକ । ନୟାଗଡ ଜିଲ୍ଲାର କୃଷ୍ଣଲୀଳାକାର ମାନଙ୍କ ମଧ୍ୟରେ ଗୋବିନ୍ଦ ଚନ୍ଦ୍ର ଶୂରଦେଓ, ପରମାନନ୍ଦ ଶତପଥୀ, ଅଗାଧୁ ଶତପଥୀ, ଗଙ୍ଗାଧର ସାହୁ, ଶିବ ଦାସ, ଲୋକନାଥ କର ପ୍ରଭୃତି ସ୍ମରଣୀୟ ।

ଭାରତଲୀଳା :

ଭାରତଲୀଳାର ବିଷୟବସ୍ତୁ ମହାଭାରତରୁ ଗୃହୀତ । ମଧ୍ୟମ ପାଣ୍ଡବ ଅର୍ଜ୍ଜୁନ ଓ ଶ୍ରୀକୃଷ୍ଣଙ୍କର ଭଗ୍ନୀ ସୁଭଦ୍ରାଙ୍କ ମଧ୍ୟରେ ପ୍ରେମ ଓ ପ୍ରଣୟକୁ ଆଧାରକରି ଏହି ଲୀଳା ଗଢ଼ି ଉଠିଛି । ନୟାଗଡ ଜିଲ୍ଲାର ସ୍ୱନାମଧନ୍ୟ ଭାରତଲୀଳାକାର ହେଉଛନ୍ତି ନବକିଶୋର ସାମନ୍ତ, ଦୂତୀକେଶ୍ୱର ଦଳବେହେରା, ପାଣୁ ଚରଣ ପ୍ରଧାନ, ଗୋପୀନାଥ ପରିଡା, ଗଣେଶ ଚନ୍ଦ୍ର ଧଳ ।

ସଂକୀର୍ତ୍ତନ –

ନୟାଗଡ଼ ଜିଲ୍ଲାରେ ସଂକୀର୍ତ୍ତନ ଏକ ଧାର୍ମିକ ଲୋକକଳା ଭାବରେ ବିବେଚିତ । ନୟାଗଡ଼ ଜିଲ୍ଲାର ସଂକୀର୍ତ୍ତନ ଲେଖକ ଭାବରେ ମାଳିସର ଗ୍ରାମର ଭାଗବତ ପ୍ରଧାନ, ଗୋଡିପଡ଼ା ଗ୍ରାମର ଉଦୟନାଥ ପୃଷ୍ଟି, ସାଲୁଣୀଗ୍ରାମର ଯୋଗେଶ୍ୱର ସ୍ୱାଇଁ, ଶଙ୍ଖେଇ ଗ୍ରାମର ଗୋପୀନାଥ ଦଳବେହେରା, ନୋଡର ଗ୍ରାମର ଆନନ୍ଦ ନାୟକ, ଫାଶିପଡ଼ାର ହରିହର ନାୟକ, ବଡ଼ଦେଶ ହରିପୁର ଗ୍ରାମର ଅର୍ଜ୍ଜୁନ ବାରିକ, ରଣପୁର ମଝିଆଁଖଣ୍ଡ ଗ୍ରାମର ଅଗାଧୁ ଭଞ୍ଜ, ବାରବାଟୀ ଗ୍ରାମର ପୀତବାସ ପ୍ରଧାନ, ପାଣିଭଣ୍ଡାର ଗ୍ରାମର ଚନ୍ଦ୍ରମଣି ମାଝି, କାଦୁଆ ଗ୍ରାମର ଅକ୍ରୁର ସ୍ୱାଇଁ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ ।

Digitized by PPRACHIN, SOA

ପାରମ୍ପରିକ ନାଟକ :

ନୟାଗଡ଼ର ପାରମ୍ପରିକ ନାଟକ ରଚନାର ବଳିଷ୍ଠ ଧାରା ରହିଛି । ଯେଉଁ ନାଟ୍ୟକାରମାନେ ଓଡ଼ିଆ ନାଟ୍ୟ ସାହିତ୍ୟକୁ ସମୃଦ୍ଧ କରିଛନ୍ତି, ସେମାନଙ୍କୁ ଏଠାରେ ବିଚାର କରାଯାଇଛି–

ଗୋବିନ୍ଦ ଚନ୍ଦ୍ର ଶୂରଦେଓ :

ନାଟ୍ୟରଥୀ ଗୋବିନ୍ଦ ଚନ୍ଦ୍ର ଶୂରଦେଓ ଓଡ଼ିଆ ନାଟ୍ୟଜଗତରେ ଏକ ବିସ୍ମୟ । ସେ ପ୍ରାୟ ବାଇଶିଗୋଟି ନାଟକ, ଫାର୍ଶ, ଲୀଳା ଇତ୍ୟାଦି ରଚନା କରିଛନ୍ତି । ତାଙ୍କ ଦ୍ୱାରା ଲିଖିତ ପୌରାଣିକ ଐତିହାସିକ ନାଟକ ଏବଂ ପ୍ରହସନମାନଙ୍କ ମଧ୍ୟରେ ମାନଭଞ୍ଜନ, ସୁବଳ ମିଳନ, ସାକ୍ଷୀଗୋପାଳ, ମିବାରପୁତ୍ର, ଧ୍ରୁବ, ସୁଦାମା, ଗୋପେଶ୍ୱର ପୂଜା, ଇନ୍ଦ୍ରସଭା, ନରମେଧ ଯଜ୍ଞ, ନରକାସୁର ବଧ, ମାୟା ଶର୍ବରୀ, ଶ୍ରୀକୃଷ୍ଣ ମହିମା, ଉତ୍କଳ ରମଣୀ, ମୁକୁନ୍ଦଦେବ, ହିନ୍ଦୋଳ ବିଜୟ, ପାଠୋଇ ବୋହୂ, ମହନ୍ତ ଫାର୍ଶ, ହାଡ଼ୁବାବୁ ଫାର୍ଶ, ତାରାବାଈ ଫାର୍ଶ, କୁଳରକ୍ଷା ଫାର୍ଶ, ପ୍ରଭୃତି ଉଲ୍ଲେଖଯୋଗ୍ୟ । ଶୂରଦେଓଙ୍କ ନାଟକମାନ ଅତିକାୟ ନ ଥିଲା । ପରିମିତି ଅଙ୍କ ମଧ୍ୟରେ ଅଳ୍ପ ସଂଖ୍ୟକ ଦୃଶ୍ୟ ସନ୍ନିବେଶିତ କରି ସେ ଦର୍ଶକମନରେ ଆନନ୍ଦ, କରୁଣ ଓ ବିସ୍ମୟର ତରଙ୍ଗ ସୃଷ୍ଟି କରିପାରୁଥିଲେ ।

ଗୋପୀନାଥ ସିଂହଦେଓ :

ଗୋପୀନାଥ ସିଂହଦେଓ ଉଭୟ କବି ଓ ନାଟ୍ୟକାର । ତାଙ୍କ ରଚିତ ଓ ପ୍ରକାଶିତ ନାଟକ ହେଉଛି 'ପ୍ରଣୟ ପଲ୍ଲବ' (୧୯୨୭) । ଏହା ଏକ ପାଞ୍ଚଅଙ୍କ ବିଶିଷ୍ଟ ନାଟକ । ନାଟକର ନାୟକ ରସରାଜ ଶ୍ରୀକୃଷ୍ଣ ଓ ନାୟିକା ପ୍ରେମମୟୀ ଶ୍ରୀରାଧା । ଏଥିରେ ରାଧା ଏବଂ କୃଷ୍ଣଙ୍କର ବିରହ ଓ ମିଳନ ବର୍ଣ୍ଣିତ । ଏହି ନାଟକର ମଞ୍ଚମୂଲ୍ୟ ରହିଛି ।

କାହ୍ନୁଚରଣ ଦାଶ :

ପୌରାଣିକ ବିଷୟକୁ ଆଧାରକରି କାହ୍ନୁ ଚରଣ ଦାଶ 'କାର୍ତ୍ତବୀର୍ଯ୍ୟ ବଧ' ନାଟକ ରଚନା କରିଛନ୍ତି । ଏହି ନାଟକଟି ୧୯୩୧ ମସିହାରେ ସତ୍ୟବାଦୀ ପ୍ରେସ୍‌ଦ୍ୱାରା ପ୍ରକାଶିତ ହୋଇଛି । ପାଞ୍ଚଅଙ୍କ ବିଶିଷ୍ଟ ଏହି ନାଟକରେ ମାହେଶ୍ୱରୀ ନଗରୀର ରାଜାଧିରାଜ କାର୍ତ୍ତବୀର୍ଯ୍ୟ ଓ ପର୍ଶୁରାମଙ୍କ ଯୁଦ୍ଧ, ପର୍ଶୁରାମଙ୍କ ଦ୍ୱାରା କାର୍ତ୍ତବୀର୍ଯ୍ୟ ବଧ, ପର୍ଶୁରାମଙ୍କ ସିଂହାସନ ଆରୋହଣ ପ୍ରଭୃତି ବିଷୟ ବର୍ଣ୍ଣିତ ।

ଆନନ୍ଦ ଚନ୍ଦ୍ର ମିଶ୍ର :

ଆନନ୍ଦ ଚନ୍ଦ୍ର ମିଶ୍ରଙ୍କର 'ମିଳନ' (୧୯୪୩) ଏକ ପାରମ୍ପରିକ କାହାଣୀଧର୍ମୀ ନାଟକ । ନାଟକଟି ବେଶ ଉତ୍କଣ୍ଠାପୂର୍ଣ୍ଣ । ମିଳନରେ ହିଁ ଜୀବନର ପୂର୍ଣ୍ଣତା ପ୍ରାପ୍ତି– ଏହା 'ମିଳନ' ନାଟକର ପ୍ରତିପାଦ୍ୟ ବିଷୟ ।

Digitized by PPRACHIN, SOA

ଭୁବନେଶ୍ୱର ମିଶ୍ର :

ନାଟ୍ୟକାର ଶ୍ରୀ ମିଶ୍ରଙ୍କ ରଚିତ ନାଟକ ଗୁଡ଼ିକ ମଧ୍ୟରେ 'ପ୍ରତିଭାପୂଜା', 'ବୀର ଅଭିମନ୍ୟୁ', 'ଧରମା', 'ପଣରକ୍ଷା', 'କି ଥିଲା କି ହେଲା', 'ପାନ୍ନା', 'ସୁନା କୁକୁଡ଼ା', 'ମହାରଥୀ' ପ୍ରଭୃତି ପ୍ରଧାନ । ଶ୍ରୀ ମିଶ୍ରଙ୍କ ନାଟକ ଗୁଡ଼ିକୁ ପୌରାଣିକ, ଐତିହାସିକ ଓ ସାମାଜିକ- ଏହି ତିନିଭାଗରେ ବିଭକ୍ତ କରାଯାଇପାରେ ।

ରାମଚନ୍ଦ୍ର ମିଶ୍ର :

ସ୍ୱାଧୀନତା ପ୍ରାପ୍ତିର ଉତ୍ତର କାଳରେ ରାମଚନ୍ଦ୍ର ମିଶ୍ର ଜଣେ ଯଶସ୍ୱୀ ନାଟ୍ୟକାର । ସମାଲୋଚକ ଲେଖିଛନ୍ତି, ''ସ୍ୱାଧୀନତା ପ୍ରାପ୍ତିର ପରବର୍ତ୍ତୀ କାଳରେ ଯେଉଁ ନାଟ୍ୟକାରଗଣ ଉତ୍କଳ ଭାରତୀଙ୍କୁ ନବ ନବ ବସନ ଭୂଷଣରେ ମଣ୍ଡିତ କରାଇ ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧି ସାଧନରେ ସହାୟକ ହୋଇଛନ୍ତି, ସେମାନଙ୍କ ମଧ୍ୟରେ ରାମଚନ୍ଦ୍ର ମିଶ୍ର ଅଗ୍ରଗଣ୍ୟ ।'' ତାଙ୍କର ନାଟକ ଗୁଡ଼ିକ ହେଉଛି 'ଅଭିମାନ', 'ମ୍ୟାନେଜର', 'ମୂଲିଆ', 'କବିସୂର୍ଯ୍ୟ', 'ଘର ସଂସାର', 'ଭାଇ ଭାଉଜ', 'ସାଇପଡିଶା', 'ମମତା', 'ସେବିକା', 'ପୁଆଣି ଘର', 'ଗୋଧୂଳି ଲଗ୍ନ', 'ମଉଡମଣି', 'ଚାବୁକ', 'ସା'ନ୍ତଘର', 'ଅସ୍ତରାଗ', 'କିସ ପୁଣି ଦେଖା ନଯାଏ', 'ନାଟକ ରୀତିମତ', 'ମୃତ ଆସାମୀ', 'ନରୋତ୍ତମ ଦାସ କହେ', 'ଚାବୁକ' ଇତ୍ୟାଦି । ତାଙ୍କର ଅଧିକାଂଶ ନାଟକରେ ମହାତ୍ମାଗାନ୍ଧୀ ଓ ବିନୋବାଙ୍କ ଦର୍ଶନ ପ୍ରତିଫଳିତ । ସାହିତ୍ୟିକ ମୂଲ୍ୟ ସହିତ ମଞ୍ଚପୋଗିତାର ସୁମଧୁର ସମନ୍ୱୟ ଶ୍ରୀମିଶ୍ରଙ୍କର ନାଟକର ବିଶେଷତ୍ୱ ।

ପଦ୍ମାବତୀ ପ୍ରହରାଜ :

ପଦ୍ମାବତୀ ପ୍ରହରାଜ 'ଲକ୍ଷ୍ମୀପୂଜା' ଓ 'ପତି ଭକ୍ତି' ନାମକ ଦୁଇଗୋଟି ପୌରାଣିକ ନାଟକ ରଚନା କରିଛନ୍ତି ।

ନୀଳକଣ୍ଠ ମିଶ୍ର :

ନାଟ୍ୟକାର ନୀଳକଣ୍ଠ ମିଶ୍ରଙ୍କ ନାଟକ ଗୁଡ଼ିକ ମଧ୍ୟରେ 'ଶପଥ', 'ଖଇକଉଡି', 'ପାଷାଣ୍ଣୁ ଲୁହଝରେ', 'ଅମୃତ ଲଗ୍ନ', 'ନିଶାନ୍ତର ଅନ୍ଧକାର', 'ଶେଷ କେଉଁଠି', 'ତାମ୍ରଫଳକ', 'ବସନ୍ତ ଝଡ଼', 'ସେଇ ବଂଶୀ ସେଇ ସ୍ୱପ୍ନ', 'ଏବେ ବି ସେଇ ଅନ୍ଧକାର', 'ମରୁ ମନ୍ଦାକିନୀ' ଓ 'ଭୂଆଁ' ପ୍ରଭୃତି ଉଲ୍ଲେଖଯୋଗ୍ୟ । ତାଙ୍କର ସମସ୍ତ ନାଟକ ନୟାଗଡର ସଂସ୍କୃତି ସଂସଦ ଓ ରଣପୁର ଅଫିସର୍ସ କ୍ଲବଦ୍ୱାରା ଅଭିନୀତ ।

Digitized by PPRACHIN, SOA

ଘନଶ୍ୟାମ ତ୍ରିପାଠୀ :

ଶ୍ରୀ ମିଶ୍ର 'ବିଷ ନୁହେଁ ଅମୃତ', 'ରାଜଯୋଟକ' ଓ 'ସତୀ ଅଭିଶାପ' ପ୍ରଭୃତି ନାଟକ ରଚନା କରି ଯଶସ୍ୱୀ ହୋଇଛନ୍ତି ।

ଚଣ୍ଡେଶ୍ୱର ମିଶ୍ର :

ଚଣ୍ଡେଶ୍ୱର ମିଶ୍ର ରଣପୁର ତହସିଲ ଅନ୍ତର୍ଗତ ବୃନ୍ଦାବନପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ବୃତ୍ତି ତାଙ୍କର ଥିଲା ଶିକ୍ଷକତା । ଶିକ୍ଷକତାରୁ ଅବସର ନେବା ପରେ ସେ ରଣପୁର ଦଧୀମଠସ୍ଥ ରଘୁନାଥଜୀଉଙ୍କ କୃପାରୁ 'ଗୀତି ରାମାୟଣ' ରଚନା କରିଥିଲେ । 'ଗୀତି ରାମାୟଣ' ୧୯୮୮ ମସିହାରେ ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗରେ ପ୍ରକାଶିତ । ସଂଳାପଧର୍ମୀ ଏହି 'ଗୀତି ରାମାୟଣ'ର ନାଟକୀୟ ମୂଲ୍ୟ ଉଚ୍ଚ କୋଟୀର ।

ରାମଚନ୍ଦ୍ର ମିଶ୍ର :

ଅଧ୍ୟାପକ ରାମଚନ୍ଦ୍ର ମିଶ୍ର 'ଶୋଣିତ ସ୍ୱାକ୍ଷର' (୧୯୭୭) ଶୀର୍ଷକ ଏକ ସଫଳ ପୂର୍ଣ୍ଣାଙ୍ଗ ନାଟକ ରଚନା କରିଛନ୍ତି । ଏହାର କଥାବସ୍ତୁ ବଳିଷ୍ଠ, ଭାବଗର୍ଭକ ଓ ଆଦର୍ଶ ବ୍ୟଞ୍ଜକ ।

ହରିହର ମିଶ୍ର :

ନାଟ୍ୟକାର ଶ୍ରୀ ମିଶ୍ରଙ୍କର 'ଅଦୃଶ୍ୟ ନଟ' ଓ 'ନିନ୍ଦିତ ଗଜପତି' ନାଟକଦ୍ୱୟ ସାର୍ଥକ ସୃଷ୍ଟିରୂପେ ରଙ୍ଗମଞ୍ଚରେ ରସୋତ୍ତୀର୍ଣ୍ଣ ହୋଇଅଛି । ଏହି ଦୁଇଗୋଟି ନାଟକର ବିଷୟବସ୍ତୁର କାଳଗତ ପାର୍ଥକ୍ୟ ପ୍ରାୟ ଦୁଇଶହ ବର୍ଷ । ଏହି ଦୁଇ ଶତାବ୍ଦୀର ଓଡ ଇତିହାସ ଏକ କଳଙ୍କିତ ଇତିହାସ । ଏହି ସମୟରେ ଓଡିଶାର ରାଜନୈତିକ ଓ ସାମାଜିକ ଜୀବନରେ ଯେଉଁ ଅଧୋଗତି ଦେଖାଦେଇଥିଲା, ତାହାହିଁ ଏହି ନାଟକଦ୍ୱୟରେ ପ୍ରତିପାଦିତ ।

ଜଗନ୍ନାଥ ସ୍ୱାଇଁ :

ନଟ୍ୟକାର ଜଗନ୍ନାଥ ସ୍ୱାଇଁ ଜଣେ କୃତୀ ନାଟ୍ୟକାର ଭାବରେ ଖ୍ୟାତି ଅର୍ଜନ କରିଛନ୍ତି । ଏହି ନାଟ୍ୟସ୍ରଷ୍ଟାଙ୍କ ଲେଖନୀମୁନରୁ ଜନ୍ମ ନେଇଥିବା ନାଟକ ଗୁଡିକ ହେଉଛି 'ତପ୍ତଅଶ୍ରୁ', 'ଜବାବ', 'ପାଷାଣୀ ଅହଲ୍ୟା' ଓ 'ସେତୁବନ୍ଧ ପ୍ରତିଷ୍ଠା' । ତାଙ୍କ ନାଟକ ଗୁଡିକରେ ସଂଳାପ ମାର୍ଜିତ ଓ ଆଭିଜାତ୍ୟ ପୂର୍ଣ୍ଣ ।

ବଂଶୀଧର ସାହୁ :

ନାଟ୍ୟକାର ବଂଶୀଧର ସାହୁ 'ଆଇନ୍‌ର ହାତ', 'ଯୁଗଭେରୀ' ଓ 'ନୂଆ ସମାଜ' ପ୍ରଭୃତି ସମାଜ ସଂସ୍କାର ଭିତ୍ତିକ ନାଟକ ରଚନା କରିଛନ୍ତି ।

Digitized by PPRACHIN, SOA

ଗଦାଧର ନନ୍ଦ :

ଗଦାଧର ନନ୍ଦ ଜଣେ ସଫଳ ନାଟ୍ୟକାର । ତାଙ୍କର ପ୍ରକାଶିତ ନାଟକ ଗୁଡ଼ିକ ହେଉଛି- 'ଟଙ୍କାର ଦୁଇପାଖ', 'ସମ୍ପର୍କ, ଅସମ୍ପର୍କ, ବିସମ୍ପର୍କ', 'ପତିତପାବନ ବାନା ଆଉ କେତେ ବେଳକୁ', 'ସାଆନ୍ତେ ତମେ ଡରିଯାଇଛ' ଏବଂ 'ବିଦ୍ରୋହ ନିଜ ବିରୁଦ୍ଧରେ' ।

ଜନାର୍ଦ୍ଦନ ମିଶ୍ର :

ଜନାର୍ଦ୍ଦଶନ ମିଶ୍ର ପଦ୍ମାଦେଇପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସେ ଉତ୍କଳ ୟୁନିଭର୍ସିଟିରୁ ଏମ୍.ଏ. ପାଶ୍ କରିଥିଲେ । ସେ ଥିଲେ କଳାପ୍ରାଣ । ସେ କେତେକ ଯାତ୍ରାନାଟକ ରଚନା କରିଛନ୍ତି । ତାଙ୍କ କୃତିଗୁଡ଼ିକ ହେଉଛି- 'କହୁକହୁ କହିଦେଲି', 'ଆଖି ନାହିଁ ମୋର ସାକ୍ଷୀ ନାହିଁ', 'ଏକ ସୂର୍ଯ୍ୟ ଅନେକ ଅନ୍ଧାର', 'ଅସ୍ତ ସୂର୍ଯ୍ୟର ମହକ', 'ସୁନା ଝୁମୁକା', 'ଯା ଲୁହ ଯାର', 'ଡାହାଣୀ ଖୋଲିଛି କାହାଣୀ ପେଡ଼ି', 'ବୋହୂ ଆସିଥିଲା ବେଶ୍ୟାପଡ଼ାରୁ', 'ଟିକିଲି ଅପା', 'ମିନି ରାଣୀର ଶେଷ କବିତା', 'ମୁଠାଏ କଉଡ଼ି ଦି ମୁଠା ଖଇ', 'ଅଟକି ଗଲା ଅଧା ବାଟରେ', 'ମୋ ଭାଗ୍ୟ ମୋ ଭଗାରୀ', 'ବାଆ କଲେ ବସା ଦୋହଲୁଥାଏ', 'ଜଗନ୍ନାଥଙ୍କୁ ଖୋଲାଚିଠି' ଇତ୍ୟାଦି ।

ଶରତ ଚନ୍ଦ୍ର ଆଚାର୍ଯ୍ୟ :

ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କର 'ପଥର' ନାଟକ ପ୍ରକାଶ ପାଇଛି । ଏହି ନାଟକଟି ବିଭିନ୍ନ ସ୍ଥାନରେ ଅଭିନୀତ ହୋଇଛି ।

ବିଶ୍ୱନାଥ ମହାପାତ୍ର :

ନାଟ୍ୟକାର ଶ୍ରୀ ମହାପାତ୍ର 'ଅନ୍ଧମାଟିର ଦୀପ', 'ନିଆଁର ଆଖି' ନାମକ ଦୁଇଗୋଟି ପାରମ୍ପରିକ ନାଟକ ରଚନା କରିଛନ୍ତି । ଶ୍ରେଣୀହୀନ, ଶୋଷଣମୁକ୍ତ ଓ ଆଦର୍ଶ ସମାଜ ପ୍ରତିଷ୍ଠା କରିବାକୁ ସେ ଦେଇଛନ୍ତି ଆଶାନ୍ୱିତ ଆହ୍ୱାନ ।

ନିର୍ମଳ ଚନ୍ଦ୍ର ଶୂରଦେଓ :

ସାହିତ୍ୟ ପ୍ରେମୀ ନିର୍ମଳ ଚନ୍ଦ୍ର ଶୂରଦେଓ 'ଭକ୍ତର ଭଗବାନ' ଶୀର୍ଷକ ନାଟକଟିଏ ରଚନା କରିଛନ୍ତି । ସାତ ଅଙ୍କ ବିଶିଷ୍ଟ ଏହି ନାଟକଟି ରବୀନ୍ଦ୍ରମଣ୍ଡପ ଠାରେ ତା୩୧।୮।୨୦୧୨ରେ ମଞ୍ଚସ୍ଥ ହୋଇ ସଫଳତା ଲାଭ କରିଛି । ଏହି ନାଟକର ମଞ୍ଚମୂଲ୍ୟ ରହିଛି ।

Digitized by PPRACHIN, SOA

ରଣଜିତ ନାୟକ :

ରଣଜିତ ନାୟକ ଦୁଇଗୋଟି ସାମାଜିକ ଯାତ୍ରା ଧର୍ମୀ ନାଟକ ଲେଖିଛନ୍ତି । ଏହି ନାଟକ ଦ୍ୱୟ ହେଉଛି- 'କଥା ଦେଇଛି ମୁଁ ଆସିବି ଫେରି' ଏବଂ 'ମହୁଲ ଫୁଲ' ।

ଓଡିଆ ନବନାଟ୍ୟ ଆନ୍ଦୋଳନ ଓ ନୟାଗଡ

ହରିହର ମିଶ୍ର :

ଓଡିଆ ନବନାଟ୍ୟ ଆନ୍ଦୋଳନରେ ଜଣେ ସଫଳ ନାଟ୍ୟଶିଳ୍ପୀ ଭାବରେ ହରିହର ମିଶ୍ରଙ୍କ ପ୍ରସିଦ୍ଧି ଅବିସମ୍ବାଦିତ । ବିଭିନ୍ନ ପରୀକ୍ଷା ନିରୀକ୍ଷା ମଧ୍ୟରେ ନାଟକର ଆଙ୍ଗିକ ଓ ଆତ୍ମିକରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସେ ବିଶେଷ ଆଗ୍ରହୀ ଥିବାପରି ମନେହୁଅନ୍ତି । ତାଙ୍କ ରଚିତ 'କାଗଜ ଡଙ୍ଗା' (୧୯୭୪), 'ରାତିର ଦୁଇଟି ଡେଣା' (୧୯୭୪), 'ହେ ନିଷାଦ ନିବୃତ୍ତ ହୁଅ' (୧୯୭୭), 'ହଂସଧ୍ୱନି' (୧୯୭୮), 'ମଝି ଦରିଆ' (୧୯୭୮), 'ଗରିଲା' (୧୯୭୯), 'ମଧୁଲିତା' (୧୯୮୦) ପ୍ରଭୃତି ସାର୍ଥକ ମଞ୍ଚସଫଳ ନାଟକ । ଏହି ନାଟକଗୁଡ଼ିକ ଲେଖକଙ୍କର ନୟାଗଡ଼ ରହଣିକାଳ ମଧ୍ୟରେ ରଚିତ ।

ରାମଚନ୍ଦ୍ର ମିଶ୍ର :

ଅଧ୍ୟାପକ ରାମଚନ୍ଦ୍ର ମିଶ୍ର ଓଡିଆ ନବନାଟ୍ୟ ଜଗତରେ ଜଣେ ସମର୍ଥ ଶିଳ୍ପୀ । ସେ ବହୁ ଯୁଗପଯୋଗୀ ନାଟକ ରଚନାକରି ନବନାଟ୍ୟ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବାରେ ସହାୟକ ହୋଇଛନ୍ତି । ତାଙ୍କର ପ୍ରକାଶିତ ନାଟକ ଗୁଡିକ ହେଉଛି 'ଅନେକ ଛାଇ ଅସରନ୍ତି ଅନ୍ଧାର' (୧୯୮୧), 'ଉପତ୍ୟକାର ହସ' (୧୯୮୧), 'ନାୟିକାର ନାଁ ଲୁସି' (୧୯୮୯) ଓ 'ମରୁ ମନ୍ଥନ' (୧୯୮୩), 'ଆମେ ଅକିଞ୍ଚନ', 'ଏକାନ୍ତ ନିଜସ୍ୱ', 'ବାପା', 'ବାଲ୍ମୀକିଙ୍କ ଉବାଚ', 'ଏକ ସୂର୍ଯ୍ୟ ଅନେକ ପୃଥିବୀ' ଏବଂ 'ଏମିତି ଚାଲିଛି' ।

କୃଷ୍ଣପ୍ରସାଦ ମହାନ୍ତି :

କୃଷ୍ଣପ୍ରସାଦ ମହାନ୍ତିଙ୍କର ଏକମାତ୍ର ମନସ୍ତତ୍ତ୍ୱ ମୂଳକ ନାଟକ 'ଶୀତ ରାତିର କୋଇଲି' (୧୯୮୬) ପ୍ରକାଶିତ ।

ଏକାଙ୍କିକା

ରାମଚନ୍ଦ୍ର ମିଶ୍ର :

ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ରଚିତ ଏକାଙ୍କିକା ଗୁଡିକ ମଧ୍ୟରେ 'ପ୍ରତୀକ୍ଷା' 'ପ୍ରବାସୀ', 'ପଡୋଶୀ', 'ଆବିଷ୍କାର' ପ୍ରଭୃତି ଉଲ୍ଲେଖଯୋଗ୍ୟ ।

Digitized by PPRACHIN, SOA

ଗୋପାଳ ଚନ୍ଦ୍ର ମିଶ୍ର :

ନାଟ୍ୟକାର ଗୋପାଳ ଚନ୍ଦ୍ର ମିଶ୍ରଙ୍କର ଏକାଙ୍କିକା ପୁସ୍ତକ ଗୁଡ଼ିକ ହେଉଛି 'ସଂଶୋଧନ' (୧୯୬୦), 'ସତ୍ୟାଗ୍ରହ' (୧୯୬୨), 'ଚାକିରୀଠାରୁ ଦୂରେ' (୧୯୬୨) ଇତ୍ୟାଦି ।

ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର :

ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର 'ବ୍ରହ୍ମର୍ଷି', 'ସୁଦାମା', 'ଧ୍ରୁବ', 'ପୂର୍ଣ୍ଣାହୁତି' ପ୍ରଭୃତି ଏକାଙ୍କିକା ରଚନା କରିଛନ୍ତି ।

ନିମାଇଁ ଚରଣ ପଟ୍ଟନାୟକ :

ନାଟ୍ୟଶିଳ୍ପୀ ନିମାଇଁ ଚରଣ ପଟ୍ଟନାୟକ ତିନିଗୋଟି ଏକାଙ୍କିକା ରଚନା କରିଛନ୍ତି । ସେଗୁଡ଼ିକ ହେଉଛି 'ଗେଣ୍ଡା', 'ରକ୍ତଜବା' ଓ 'ମଣ୍ଡୁକ' ।

ହରିହର ମିଶ୍ର :

ନାଟ୍ୟକାର ହରିହର ମିଶ୍ରଙ୍କ ଏକାଙ୍କିକା ସଙ୍କଳନ 'ବହ୍ନିଗ୍ନି' (୧୯୭୮) ପାଞ୍ଚଗୋଟି ଏକାଙ୍କିକାର ସମାହାର । ସେ ଗୁଡ଼ିକ ହେଉଛି 'ବହ୍ନିଗ୍ନି', 'ଏ ଅମୃତ କାହାର', 'ଭଙ୍ଗା ସିଡ଼ି', 'ମରିବା ପୂର୍ବରୁ' ଓ 'ସିଗ୍ନାଲ' । ପ୍ରଥମଟି ସମ୍ପୂର୍ଣ୍ଣ ପୁରୁଷ ସମ୍ବଳିତ ଏକାଙ୍କିକା ।

ବଂଶୀଧର ସାହୁ :

ବଂଶୀଧର ସାହୁ 'ଉଦାମ ସିଂ' ନାମକ ଏକାଙ୍କିକା ରଚନା କରିଛନ୍ତି । ଏହା ଏକ ଦେଶାତ୍ମବୋଧକ ଏକାଙ୍କିକା ।

ହୃଷୀକେଶ ଦାଶ :

ହୃଷୀକେଶ ଦାଶ 'ଶେଷସ୍ମୃତି' ଶୀର୍ଷକ ଏକାଙ୍କିକା ରଚନା କରିଛନ୍ତି । ଏହି ଏକାଙ୍କିକାଟିର କଳାପକ୍ଷ ଓ ଭାବପକ୍ଷ ଉଚ୍ଚକୋଟୀର ।

କୃଷ୍ଣପ୍ରିୟା ପଟ୍ଟନାୟକ :

କୃଷ୍ଣପ୍ରିୟା ପଟ୍ଟନାୟକର ଗୋଟିସାହି ଗ୍ରାମରେ ଅବସ୍ଥାନ । ସେ ଲେଖିଥିବା ଗୀତିନାଟ୍ୟଗୁଡ଼ିକ ହେଉଛି- 'କାଞ୍ଚନମାଳା ପଦ୍ମାବତୀ', 'ଭଗ୍ନଜାନୁ ଦୁର୍ଯ୍ୟୋଧନ', 'ଲକ୍ଷ୍ମୀ ପରିଣୟ', 'ଅଭିମାନିନୀ ସୀତା', 'ତୁଳସୀ ପାଦପ', 'ଅପୂର୍ବ ମିଳନ', 'ତପସ୍ୱିନୀ ସାବିତ୍ରୀ', 'ନ୍ୟସ୍ତ ସମ୍ପତ୍ତି', 'ଅଭିଶାପ', 'ଗଣିକାର ମୁକ୍ତି' ଏବଂ 'ଭକ୍ତିଡୋରେ ବନ୍ଧା ସେତ' ।

ବିରଞ୍ଚି ତ୍ରିପାଠୀ :

ବିରଞ୍ଚି ତ୍ରିପାଠୀଙ୍କ ଗୀତିନାଟ୍ୟ 'ଦକ୍ଷିଣା' ପ୍ରକାଶିତ । ଏହା ଏକ ପୌରାଣିକ ଗୀତିନାଟ୍ୟ ।

Digitized by PPRACHIN, SOA

ଗୌରଚରଣ ସାମନ୍ତସିଂହାର :

ଗୌର ଚରଣ ସାମନ୍ତସିଂହାରଙ୍କ ଦ୍ୱାରା ରଚିତ ପାଞ୍ଚଗୋଟି ଗୀତିନାଟ୍ୟ 'ପଞ୍ଚାମୃତ' (୨୦୨୦) ନାମରେ ପ୍ରକାଶିତ । ଏଥିରେ ସ୍ଥାନିତ ଗୀତିନାଟ୍ୟ ଗୁଡ଼ିକ ହେଉଛି- 'ବଡ଼ଠାକୁର', 'ଅଭ୍ୟାସ', 'ସମସ୍ୟା', 'ଅଲୋଡ଼ାର ଗୁରୁତ୍ୱ' ଏବଂ 'ସ୍ୱଧର୍ମେ ନିଧନଶ୍ରେୟଃ' ।

ସୁକାନ୍ତି ମହାନ୍ତି :

ସୁକାନ୍ତି ମହାନ୍ତିଙ୍କର 'ସଚେତନ' ଶିରୋନାମାରେ ଗୋଟିଏ 'ଏକାଙ୍କିକା' ପୁସ୍ତକ ପ୍ରକାଶ ପାଇଛି । ଏଥିରେ ପାଞ୍ଚଗୋଟି ଏକାଙ୍କିକା ସ୍ଥାନିତ ।

ଶିଶୁସାହିତ୍ୟ

ବସିରନ୍ ବିବି :

ସାହିତ୍ୟରେ ରୁଚି ରଖିଥିବା ବସିରନ୍ ବିବିଙ୍କର କବିତା ଏବଂ ଶିଶୁକିଶୋର କବିତା ପୁସ୍ତକ ଗୁଡ଼ିକ ହେଉଛି- 'ଶତାବ୍ଦୀର ଅନ୍ତଃସ୍ୱର', 'ଶିଖିବାପାଇଁ ସକାଳଟି', 'ମମତାର ମଧୁଝର' । ଶିଶୁ ସାହିତ୍ୟରେ ଲେଖନୀ ଚାଳନା କରିଥିବା ବସିରନ୍ ବିବିଙ୍କର ଶିଶୁ କିଶୋର ଗଳ୍ପ ପୁସ୍ତକ ଗୁଡ଼ିକ ହେଉଛି- 'ସ୍ୱପ୍ନ ରାଇଜରେ କୁନୀ ବିଜ୍ଞାନ', 'ମହାପୁରୁଷ ଏବଂ ମହତକଥା', 'ପବିତ୍ର କୋରାନ୍ ଆଧାରିତ ସାରସତ୍ୟ ଗଳ୍ପ ଗୁଚ୍ଛ' । ଏହା ବ୍ୟତୀତ ତାଙ୍କର 'ପିଲାଙ୍କ ରଙ୍ଗମଞ୍ଚ' ପ୍ରକାଶ ପାଇଛି ।

ସୁକାନ୍ତି ମହାନ୍ତି :

ସୁକାନ୍ତି ମହାନ୍ତି ଗୁଞ୍ଜବାରଣ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ଦୁଇଗୋଟି ଶିଶୁକବିତା ପୁସ୍ତକ ରଚନା କରିଛନ୍ତି । 'ଆତ୍ମଛବି' ଓ 'ବ୍ରାହ୍ମୀପୁତ୍ର' ତାଙ୍କର ରଚନା । ଏହାବ୍ୟତୀତ ସେ 'କପିଳେଶ୍ୱର ଜଣାଣ' ରଚନା କରିଛନ୍ତି ।

ଦୀନବନ୍ଧୁ ମହାପାତ୍ର :

ଦୀନବନ୍ଧୁ ମହାପାତ୍ର ଶିକ୍ଷକତା କରୁଥିଲେ । ତାଙ୍କ ଦ୍ୱାରା ଲିଖିତ ଶିଶୁ କବିତା ହେଉଛି- 'ନାଚି ନାଚିକା ଗାଇବା ଗୀତ', 'ସୃଷ୍ଟି ଓ ସମ୍ଭାବନା' ଏବଂ 'ଆମ ଅଧିକାର ଆମକୁ ଦିଅ' । ଏହା ବ୍ୟତୀତ ତାଙ୍କର ଶିଶୁଗପ 'ନୂଆ ଭାବନାର ଗପ' ଆତ୍ମପ୍ରକାଶ କରିଛି ।

ଓଡ଼ିଆ ସାହିତ୍ୟରେ ନୟାଗଡ଼ ସାହିତ୍ୟିକମାନଙ୍କର ସ୍ଥାନ :

ଓଡ଼ିଆ ସାହିତ୍ୟରେ ନୟାଗଡ଼ ଜିଲ୍ଲାର ସାହିତ୍ୟିକମାନଙ୍କର ସ୍ଥାନ ମହତ୍ତ୍ୱପୂର୍ଣ୍ଣ । ଯୁଗେ ଯୁଗେ ବାଣୀପୀଠ ନୟାଗଡ ସାରସ୍ୱତ ସାଧକମାନଙ୍କର ଲେଖନୀଦ୍ୱାରା ଚଳଚଞ୍ଚଳ ହୋଇଉଠିଛି । ଓଡ଼ିଆ ସାହିତ୍ୟର କ୍ରମବିକାଶରେ ନୟାଗଡ଼ର ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ । ଗଦ୍ୟ ଓ ପଦ୍ୟ ସାହିତ୍ୟର ଅଭିବୃଦ୍ଧି ସାଧନରେ ଏହି ଜିଲ୍ଲାର ସ୍ରଷ୍ଟାମାନଙ୍କର ସାଧନା

Digitized by PPRACHIN, SOA

ପ୍ରଣିଧାନଯୋଗ୍ୟ । ଓଡ଼ିଆ କାବ୍ୟ କବିତା, ଉପନ୍ୟାସ, କ୍ଷୁଦ୍ରଗଳ୍ପ, ନାଟକ, ଏକାଙ୍କିକା, ପ୍ରବନ୍ଧ, ସମାଲୋଚନା ଓ ଭ୍ରମଣ ସାହିତ୍ୟ କ୍ଷେତ୍ରକୁ ନୟାଗଡ ଜିଲ୍ଲାର ଲେଖକମାନଙ୍କର ଅବଦାନ ସ୍ୱୀକାର୍ଯ୍ୟ । ପଞ୍ଚଦଶ ଶତାବ୍ଦୀଠାରୁ ସାମ୍ପ୍ରତିକ କାଳ ପର୍ଯ୍ୟନ୍ତ- ଏହି ସୁଦୀର୍ଘ ସମୟସୀମା ମଧ୍ୟରେ ଯେଉଁ ଯଶସ୍ୱୀ ଲେଖକମାନେ ଆବିର୍ଭାବ ହୋଇଛନ୍ତି, ସେମାନଙ୍କର ସାରସ୍ୱତ କୃତିର ସୂଚନା ଏହି ପ୍ରବନ୍ଧରେ ପ୍ରଦତ୍ତ ହୋଇଛି । ନୟାଗଡ଼ ଜିଲ୍ଲାର ଅନେକ ଲେଖକ ସମଗ୍ର ରାଜ୍ୟସ୍ତରରେ ପ୍ରତିଷ୍ଠା ଲାଭ କରିଛନ୍ତି । ଓଡ଼ିଆ ସାହିତ୍ୟରେ ସେମାନଙ୍କର ସ୍ଥାନ ସ୍ୱତନ୍ତ୍ର ।

କାବ୍ୟ କବିତା ସୃଷ୍ଟି କ୍ଷେତ୍ରରେ ନୟାଗଡ଼ର ଯେଉଁ କବିଗଣ ଓଡ଼ିଆ ସାହିତ୍ୟ ଜଗତରେ ଲବ୍ଧପ୍ରତିଷ୍ଠ, ସେମାନଙ୍କ ମଧ୍ୟରେ ମାଧବ ପଟ୍ଟନାୟକ, ବନମାଳୀ ଦାସ, ଦାଶରଥି ଦାସ, ପାର୍ଥ ଶ୍ରୀଚନ୍ଦନ, ପୁରୁଷୋତ୍ତମ ସିଂହ ମାନଧାତା, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ଭକ୍ତଚରଣ ଦାସ, ଯଦୁମଣି ମହାପାତ୍ର, ସତ୍ୟବାଦୀ ସାମନ୍ତରାୟ, ମହେନ୍ଦ୍ର ସିଂହ ସାମନ୍ତ, ହରିହର ସିଂହଦେବଙ୍କ ନାମ ଉଲ୍ଲେଖଯୋଗ୍ୟ । ଭାଗବତକାର ଦୀନବନ୍ଧୁ ଖାଡଙ୍ଗା 'ଖାଡଙ୍ଗା ଭାଗବତ'ର ସ୍ରଷ୍ଟା ଭାବରେ ସୁପରିଚିତ । ସେ ସଂସ୍କୃତ ଭାଗବତକୁ ଓଡ଼ିଆରେ ନବାକ୍ଷରୀ ବୃତ୍ତରେ ଅନୁବାଦ କରିଥିଲେ । ବନମାଳୀ ଦାସ 'ବନମାଳୀ ରାସ' ଓ 'ଚାଟ ଇଚ୍ଛାବତୀ'ର ରଚୟିତା । କବି ବନମାଳୀ ଦାସଙ୍କ 'ଚାଟ ଇଚ୍ଛାବତୀ' କାବ୍ୟର ପ୍ରଭାବ ପରବର୍ତ୍ତୀ କାଳର ଧନଞ୍ଜୟ ଭଞ୍ଜଙ୍କ 'ଇଚ୍ଛାବତୀ', କବି ପଦ୍ମନାଭ ଶ୍ରୀଚନ୍ଦନଙ୍କ 'ଶଶିରେଖା' ଏବଂ ପ୍ରତାପ ରାୟଙ୍କ 'ଶଶିଶେଣା' କାବ୍ୟରେ ସୁସ୍ପଷ୍ଟ । ନୟାଗଡ ଜିଲ୍ଲାର ଖଣ୍ଡପଡା ନିବାସୀ କବି ମାଧବ ପଟ୍ଟନାୟକ କିଛିଦିନ ପୁରୀରେ ଅବସ୍ଥାନ କରିଥିଲେ । ସେ ଶ୍ରୀଚୈନତ୍ୟଙ୍କ ମୁଖରୁ ଯେଉଁ ତତ୍ତ୍ୱ-ଉପଦେଶ ଶୁଣିଥିଲେ, ତାହା 'ଚୈତନ୍ୟ ବିଳାସ' ଗ୍ରନ୍ଥରେ ଲିପିବଦ୍ଧ କରିଛନ୍ତି । ସେହିପରି ତାଙ୍କ ରଚିତ 'ବୈଷ୍ଣବ ଲୀଳାମୃତ' ଗ୍ରନ୍ଥରେ ବଲ୍ଲଭାଚାର୍ଯ୍ୟ, କବୀର, ରୂପ, ସନାତନ ଗୋସ୍ୱାମୀଙ୍କ ସମାଗମଠାରୁ ଆରମ୍ଭ କରି ପଞ୍ଚସଖା ଓ ଶ୍ରୀଚୈତନ୍ୟ ଏବଂ ତାଙ୍କର ସଙ୍ଗୀ-ସହଚରଙ୍କ ସମ୍ପର୍କରେ ବହୁ ତଥ୍ୟ ଲିପିବଦ୍ଧ ରହିଛି ।

ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ମଧ୍ୟଯୁଗର ବିଶିଷ୍ଟ କବିମାନଙ୍କ ମଧ୍ୟରେ ଅନ୍ୟତମ । ସଦାନନ୍ଦ ଅଭିମନ୍ୟୁ ସାମନ୍ତ ସିଂହାରଙ୍କର ବାଲ୍ୟକାଳରେ ଶିକ୍ଷାଗୁରୁ ଏବଂ ଯୌବନରେ ଦୀକ୍ଷାଗୁରୁ ଥିଲେ । ଅଭିମନ୍ୟୁଙ୍କ କାବ୍ୟ ପ୍ରତିଭାକୁ ସଦାନନ୍ଦ ସାହିତ୍ୟ ଯଥେଷ୍ଟ ଭାବରେ ପ୍ରଭାବିତ କରିଅଛି । ଏହି କାଳର କବି ଯଦୁମଣି ମହାପାତ୍ର ସମଗ୍ର ଓଡିଶାରେ 'ଆଶୁକବି' ଓ 'ଘଣ୍ଟକବି' ଭାବରେ ସୁପରିଚିତ । 'ରାଘବ ବିଳାସ' ନାମକ ରାମକାବ୍ୟ ଓ 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ଶୀର୍ଷକ କୃଷ୍ଣକାବ୍ୟ ରଚନାକରି ସେ ଉତ୍କଳୀୟ ସାରସ୍ୱତ ଜଗତରେ ଚିର ଅମ୍ଳାନ ହୋଇ ରହିଛନ୍ତି ।

Digitized by PPRACHIN, SOA

ନବଦୁର୍ଗ ରାଜାଙ୍କର ପୃଷ୍ଠପୋଷକତା ଲାଭକରି କବିସମ୍ରାଟ ଉପେନ୍ଦ୍ରଭଞ୍ଜ ଗଡ଼ ନିକଟବର୍ତ୍ତୀ ମାଳିସାହି ଗ୍ରାମରେ ଅବସ୍ଥାନ କରି କାବ୍ୟରଚନାରେ ବ୍ୟାପୃତ ଥିଲେ । ନୟାଗଡ଼ ରାଜଦରବାରରୁ ସେ 'ବୀରବର' ଉପାଧି ପାଇଥିଲେ । ଉପେନ୍ଦ୍ରଭଞ୍ଜଙ୍କ ଯୋଗୁଁ ନୟାଗଡ଼ ରାଜଦରବାର ଛାନ୍ଦଚର୍ଚ୍ଚାର ଏକ କେନ୍ଦ୍ରସ୍ଥଳୀ ଥିଲା । ଉପେନ୍ଦ୍ରଭଞ୍ଜଙ୍କ 'ବୈଦେହୀଶ ବିଳାସ' ଏବଂ ଯଦୁମଣି ମହାପାତ୍ରଙ୍କ 'ରାଘବ ବିଳାସ' କାବ୍ୟ ଆଦର୍ଶରେ ସତ୍ୟବାଦୀ ସାମନ୍ତରାୟ 'ସୀତାବିଳାସ' କାବ୍ୟ ରଚନା କରିଥିଲେ । ଏହା 'ସ' ଆଦ୍ୟ ନିୟମରେ ରଚିତ । କବି ବିଶ୍ୱନାଥ ଚମ୍ପତି 'ଦାଶରଥି ବିଳାସ' ଏବଂ ଖଣ୍ଡପଡ଼ାର ରାଜା ନଟବର ସିଂହ ମର୍ଦ୍ଦରାଜ 'ରଘୁନାଥ ବିଳାସ' ରଚନା କରିଛନ୍ତି । କବି ଭକ୍ତଚରଣ ଦାସଙ୍କ 'ମଥୁରାମଙ୍ଗଳ' ଏକ କାଳଜୟୀ କୀର୍ତ୍ତି ।

ଆଧୁନିକ କାଳରେ ନୟାଗଡ଼ ଜିଲ୍ଲାର ପ୍ରତିଷ୍ଠିତ କବିମାନଙ୍କ ମଧ୍ୟରେ ଗୋପାଳ ଚନ୍ଦ୍ର ମିଶ୍ର, ଦୁର୍ଗାମାଧବ ମିଶ୍ର, ଦଣ୍ଡପାଣି ମିଶ୍ର, ମାଧବ ଚୌଧୁରୀ, ଆନନ୍ଦ ଚନ୍ଦ୍ର ମିଶ୍ର, ରାଜକିଶୋର ପଟ୍ଟନାୟକ, ଉଦୟନାଥ ଦାସଙ୍କ ନାମ ଉଲ୍ଲେଖ ଯୋଗ୍ୟ ।

ନୟାଗଡ଼ ଜିଲ୍ଲାର ଔପନ୍ୟାସିକମାନଙ୍କ ମଧ୍ୟରେ ଉଦୟନାଥ ଦାସ, ଗଦାଧର କର, ଅମୂଲ୍ୟ କୁମାରୀ ପଟ୍ଟନାୟକ, ବଂଶୀଧର ରାଉତ, ଅଳକା ନନ୍ଦ, ଗିରୀଶ ଚନ୍ଦ୍ର ମିଶ୍ର, ମଞ୍ଜୁବାଳା ବେହେରା ପ୍ରମୁଖ ବେଶ୍ ଲୋକପ୍ରିୟତା ହାସଲ କରିଛନ୍ତି ।

ନୟାଗଡ଼ ଜିଲ୍ଲାର ଯେଉଁ ଗାଳ୍ପିକମାନେ ଓଡ଼ିଆ ସାହିତ୍ୟ ଜଗତରେ ବିଶିଷ୍ଟ ସ୍ଥାନ ଅଧିକାର କରନ୍ତି, ସେମାନଙ୍କ ମଧ୍ୟରେ ଗୋପାଳ ଚନ୍ଦ୍ର ମିଶ୍ର, ଦୁର୍ଗାମାଧବ ମିଶ୍ର, ଉମାଶଙ୍କର ମିଶ୍ର, ନିମାଇଁ ପଟ୍ଟନାୟକ, ଶୈଳରାଣୀ ମିଶ୍ର, ସୁଧାଂଶୁବାଳା ପଣ୍ଡା, ବିଜୟିନୀ ଦାସ, ଦାଶବେନ୍‌ହୁର ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଓଡ଼ିଆ ନାଟ୍ୟସାହିତ୍ୟରେ ନୟାଗଡ଼ର ଗୋବିନ୍ଦ ଚନ୍ଦ୍ର ଶୂରଦେଓ, ରାମଚନ୍ଦ୍ର ମିଶ୍ର, ଅଧ୍ୟାପକ ରାମଚନ୍ଦ୍ର ମିଶ୍ର, ନୀଳକଣ୍ଠ ମିଶ୍ର, ଜଗନ୍ନାଥ ସ୍ୱାଇଁ ଲବ୍‌ଧପ୍ରତିଷ୍ଠ ।

ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ ଜଗତରେ ପଣ୍ଡିତ ବିନାୟକ ମିଶ୍ର, ପ୍ରଫେସର ଗୋପାଳ ଚନ୍ଦ୍ରମିଶ୍ର, ପ୍ରଫେସର ବାସୁଦେବ ସାହୁ, ଡକ୍ଟର ପ୍ରସନ୍ନ କୁମାର ପଟ୍ଟନାୟକ, ପ୍ରଫେସର ଉଦୟନାଥ ସାହୁଙ୍କ ନାମ ଉଲ୍ଲେଖଯୋଗ୍ୟ । ଗବେଷଣାମୂଳକ ସନ୍ଦର୍ଭ ରଚନା କରି ଡକ୍ଟର ଗିରୀଶ ଚନ୍ଦ୍ର ମିଶ୍ର, ଡକ୍ଟର ବାଳକୃଷ୍ଣ ପଟ୍ଟନାୟକ, ଡକ୍ଟର କୃଷ୍ଣ କୁମାର ପଟ୍ଟନାୟକ, ଡକ୍ଟର ପ୍ରସନ୍ନ କୁମାର ପଟ୍ଟନାୟକ ପ୍ରସିଦ୍ଧି ଅର୍ଜନ କରିଛନ୍ତି ।

◻◼◻

Digitized by PPRACHIN, SOA

ଏକାଦଶ ପରିଚ୍ଛେଦ

ସଂସ୍କୃତ ସାହିତ୍ୟ

Digitized by PPRACHIN, SOA

ନୟାଗଡ଼ ରାଜଦରବାରରେ ସଂସ୍କୃତ ସାହିତ୍ୟ ଚର୍ଚ୍ଚାର ଏକ ସମୃଦ୍ଧ ପରମ୍ପରା ରହିଥିଲା । ନୟାଗଡ଼ ରାଜ ଦରବାରରେ ସଂସ୍କୃତ କବିମାନଙ୍କର ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ରହିଥିଲା । କାଳେକାଳେ ନୟାଗଡ଼ ରାଜଦରବାର ବହୁ ପଣ୍ଡିତ କବିଙ୍କୁ ପୃଷ୍ଠପୋଷକତା କରିଆସିଥିଲା । ପ୍ରମାଣ ରହିଛି ଯେ ନୟାଗଡ଼ ରାଜଦରବାରରେ ସୁଧର୍ମା ସଭାର ପଣ୍ଡିତ ତୁଲ୍ୟ କବି ଥିଲେ । ବିଶେଷକରି ରାଜା ଗୋକୁଳ ସିଂହ ମାନଧାତାଙ୍କ ରାଜଦରବାର ବହୁ ପଣ୍ଡିତ କବିଙ୍କୁ ପୃଷ୍ଠପୋଷକତା ପ୍ରଦର୍ଶନ କରି ଆସିଥିଲା । "ଶ୍ରୀଶିବଲୀଳାମୃତ" ମହାକାବ୍ୟରେ ଉଲ୍ଲେଖ ରହିଛି-

"ତତ୍ପୁତ୍ର ଗୋକୁଳେନ୍ଦ୍ରସ୍ୟ ତଦନୁବସୁମତି ମଣ୍ଡଳାଖଣ୍ଡଳଭୂତ
ଯସ୍ୟାସ୍ଥାନି ସୁଧର୍ମା-ଗୁରୁ-ବୁଦ୍ଧ-କବିଭିଃ ଭାସମାନା ସଦୈବ ।"

କବି ପଣ୍ଡିତ ନିତ୍ୟାନନ୍ଦ ନୟାଗଡ଼ ରାଜଦରବାରର କବି ଥିଲେ । ସେ ନୟାଗଡ଼ର ରାଜା ଗଦାଧର ସିଂହ ମାନଧାତାଙ୍କ ଦରବାରୀ କବି ଥିଲେ । ଐତିହାସିକ କେଦାରନାଥ ମହାପାତ୍ର କବି ଅଗ୍ନିଚିତ୍ ପଣ୍ଡିତ ନିତ୍ୟାନନ୍ଦଙ୍କର ସମୟକୁ ସପ୍ତଦଶ ଶତାବ୍ଦୀ ବୋଲି ମତ ଦେଇଛନ୍ତି । ସେ ଲେଖିଛନ୍ତି- "It can be concluded that poet Nityananda patronised by Gadadhar Sinha Mandhata flourished in the second half of Seventeenth Century."

ଗବେଷକ ଭଗବାନ ପଣ୍ଡା ଲେଖିଛନ୍ତି- "The poet Pandit Nityananda has composed" Siva Lilamruta Mahakavyam, and attributed the authoriship of its songs to his patron Gadadhar Mandhata (1657-1689 AD), the Raja of Navadurga or the Ex-state of Nayagarh in the district of Puri" ତେବେ ପଣ୍ଡିତ ନିତ୍ୟାନନ୍ଦଙ୍କର ସମୟ ନିରୂପଣ କରିବାକୁ ଯାଇ ଭଗବାନ ପଣ୍ଡା ଲେଖିଛନ୍ତି- "From the facts discussed above the time of the poet Pandit Nityananda may tentatively be fixed between 1680-1734 AD. till more convincing historical data are available."

କବି ଅଗ୍ନିଚିତ୍ ପଣ୍ଡିତ ନିତ୍ୟାନନ୍ଦ ସଂସ୍କୃତରେ ଦୁଇ ଗୋଟି କାବ୍ୟ ଏବଂ ଗୋଟିଏ ଶତକ ଲେଖିଛନ୍ତି । ତାହା ହେଉଛି-

Digitized by PPRACHIN, SOA

(୧) ଶିବଲୀଳାମୃତ ମହାକାବ୍ୟମ୍

(୨) ଶ୍ରୀକୃଷ୍ଣଲୀଳାମୃତ ମହାକାବ୍ୟମ୍

(୩) ନୀଳାଦ୍ରିନାଥ ଶତକମ୍

କବି ଅଗ୍ନିଚିତ୍ ନିତ୍ୟାନନ୍ଦ ନୟାଗଡ଼ର ରାଜା ଗଦାଧର ସିଂହ ମାନଧାତାଙ୍କ ପୃଷ୍ଠପୋଷକତା ଲାଭ କରି 'ଶିବଲୀଳାମୃତ ମହାକାବ୍ୟ' ଏବଂ ଖଣ୍ଡପଡ଼ାର ରାଜା ବନମାଳୀ ସିଂହ ମର୍ଦ୍ଦରାଜଙ୍କ ପୃଷ୍ଠପୋଷକତାରେ "ଶ୍ରୀକୃଷ୍ଣ ଲୀଳାମୃତ ମହାକାବ୍ୟ" ରଚନା କରିଥିଲେ ।

କବି ନିତ୍ୟାନନ୍ଦ କୃତଜ୍ଞତା ପ୍ରଦାନ ସ୍ୱରୂପ 'ଶିବଲୀଳାମୃତ ମହାକାବ୍ୟ'ର ପ୍ରତ୍ୟେକ ସର୍ଗର ଭଣିତାରେ ଗଦାଧର ସିଂହ ମାନଧାତାଙ୍କର ନାମୋଲ୍ଲେଖ କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ-

(କ) "ଇତି ଧରବରତନୟାନୁନୟାକୁଳକୀର୍ତ୍ତିବାସସମୁଦାହୃତମ୍
ଜୟତି ରସିକ ନବଦୁର୍ଗଧରାଧିପ ସୁକବି ଗଦାଧର ଗୀତମ୍ ।"

(ଖ) "ଇତି ରମଣୀୟଗିରିଶରମଣୀଗଣରାସବିଳାସଚରିତ୍ରମ୍
ସୁଖୟତୁ ରସିକ ଗଦାଧର କବିବର ବର୍ଣ୍ଣିତମଖିଳ ପବିତ୍ରମ୍ ।"

(ଗ) "ସାମାଦିନାପି ପରଭୂଭିଭୁ ଜାମଜେୟଃ
ନାମାକୃତଃ ସ ତୁ ଗଦାଧର ନାମଧେୟଃ
ମାନ୍ଧାତୃତାନ୍ତସମତାମଧି ଗମ୍ୟ ସମ୍ୟ
ଗ୍ଗାତୃତା ବିଦିତପୌରୁଷ ମାପ ଭୂପଃ ।"

(ଘ) "ଇତି ରସିକମାନ୍ଧାତୃସରସଗୀତେ
ଲିଙ୍ଗରାଜଂ ନୌମିରତିମନ୍ତ ମମରେଶଗୀତେ ।"

(ଙ) "ରସିକ-ମନୋରମ-ବଚନ-ମୁଦୀତମ୍
ଜୟତି ଗଦାଧର କବିବର ଗୀତମ୍ ।"

(ଚ) "ସରସମସୃଣପଦସମ୍ପଦଦୁଦୀତମ୍
ଜୟତିଗଦାଧର କବିବର ଗୀତମ୍ ।"

(ଛ) "ଇତି ଶିତିକଣ୍ଠ ବଧୂଜନ ଗୀତମ୍
ଜୟତି ଗଦାଧର କବି ସମୁଦୀତମ୍ ।"

'ଶିବଲୀଳାମୃତ ମହାକାବ୍ୟ'ରେ ଦଶଗୋଟି ସର୍ଗ ଏବଂ ବୟାଳିଶି ଗୋଟି ଅଧ୍ୟାୟ ରହିଛି । ଏହି କାବ୍ୟର ସର୍ଗଗୁଡ଼ିକ ନାମ ନିମ୍ନରେ ପ୍ରଦାନ କରାଯାଇଛି-

(୧) ପ୍ରଥମ ସର୍ଗ - ପାର୍ବତୀସମ୍ଭବଃ

(୨) ଦ୍ୱିତୀୟ ସର୍ଗ - ଗୌରୀତପଃ ପରିପାକ

Digitized by PPRACHIN, SOA

(୩) ତୃତୀୟ ସର୍ଗ - ଶିବବିବାହଃ
(୪) ଚତୁର୍ଥ ସର୍ଗ - ସମ୍ପନ୍ନନନ୍ଦନାନନ୍ଦନଃ
(୫) ପଞ୍ଚମ ସର୍ଗ - କାଶୀପ୍ରବେଶଃ
(୬) ଷଷ୍ଠ ସର୍ଗ - ସତ୍ୟବତ୍ୟନୁଗ୍ରହଃ
(୭) ସପ୍ତମ ସର୍ଗ - ଏକାମ୍ରକାନନବର୍ଣ୍ଣନମ୍
(୮) ଅଷ୍ଟମ ସର୍ଗ - ଏକାମ୍ରବନବିହାରଃ
(୯) ନବମ ସର୍ଗ - ରକ୍ଷୋଗୁରୁବିପ୍ରଲମ୍ଭଃ
(୧୦) ଦଶମ ସର୍ଗ - ଶିବପ୍ରସାଦନମ୍

ଏହି କାବ୍ୟରେ ଶରଣକୁଳର ଲଡୁବାବା, ଭୁବନେଶ୍ୱରର ଲିଙ୍ଗରାଜ, ବ୍ରହ୍ମେଶ୍ୱର ମହାଦେବ ଏବଂ ଏକାମ୍ର କ୍ଷେତ୍ରର ବର୍ଣ୍ଣନା ରହିଛି ।

ଏହି ମହାକାବ୍ୟର ପ୍ରଥମ ସର୍ଗ ହେଉଛି- "ପାର୍ବତୀସମ୍ଭବଃ ।" କବି ନିତ୍ୟାନନ୍ଦ ଲେଖିଛନ୍ତି-

ପ୍ରଥମ ସର୍ଗଃ

ସ୍ଥାଣୌ ରାଗେଣ ପାଣୌ କୃତବତି ନୟନେ କିଞ୍ଚିତାକୁଞ୍ଚୟନ୍ତୀ
ରାମୋଞ୍ଚୋଦଞ୍ଚିତାଙ୍ଗୀ ବିଗଳଦବିରଳଖେ ଦଶାନ୍ଦୋତ୍ତରୀୟା ।
ମଜ୍ଜନ୍ତୀ ହନ୍ତ ଲଜ୍ଜାସରିତି ଗୁରୁଜନେ ବୀକ୍ଷ୍ୟମାଣେ ସମକ୍ଷଂ
ପାୟାଦ୍‌ଭୁଷାହିଦୋପ୍ରକଟିତକପଟତ୍ରାସଭାଜା ଭବାନୀ ।।
ମାୟାଭୋଗାମୟୋଧାକୁଳିତଜଗଦଳଙ୍କାରମାବୈକରକ୍ଷା-
ଦୀକ୍ଷାୟାଂ ଯାର୍ଯଜୁକଂ କ୍ଷିତିତଳ ଚଳନୋଦଗ୍ରପାଦାଗ୍ରାତମ୍ ।
ପ୍ରୋତ୍ସର୍ପଦ୍‌ଭୂରି ସର୍ପରୟ ଜୟନ୍ତାଣ୍ଡବୋ ଦୃଣ୍ଡବେଗଂ
ସମ୍ଭୋରମ୍ଭୋଜଶୋଭାହରଚରଣଯୁଗଂ ସୌଭଗଂ ନସ୍ତନୋନୁ ।।
ଶୋଣଂ ପାଣିତଳେ କଳେବରମିଦଂ ଗୌରଂ ଗଳେ ଋଯାମଳଂ
ବିଦ୍ୟୁତ୍ପିଙ୍ଗଳମୀକ୍ଷଣେ ନିଟିଳଗେ ନେତ୍ରଦ୍ୱୟେ ପାଟଳମ୍ ।
ରାଜକୁଣ୍ଡଳିରାଜକୁଣ୍ଡଳମଳଂ ସୀତାଂଶୁଖଣ୍ଡୋଜ୍ଜ୍ୱଳଂ
ବନ୍ଦେ କିଂଚନ ଶୈଳଭୂପତନୟାସୌଭାଗ୍ୟମୋଗ୍ୟଂମହଃ ।

× × ×

ସୁରଗିରିକୃତସଂଗମା ବୁଧ ଜନାନନ୍ଦଦାୟିନୀ ବିଷଦା ।
ଗୌରୀଶମନୁସରତି କବିତା ଗଙ୍ଗେବ ପାବୟନ୍ତୁ ଲୋକମ୍ ।।
ସୁମନଃ ସଞ୍ଚୟଃ ସୁରଭିର୍ବାଣୀ ସଂଫୁଲ୍ଲମାଳତୀଲତିକା ।
କା ନାମୋଦୟତି ଦିଗନ୍ତଂ କଥମିବ ହନ୍ତ ସ୍ଫୁରୟନ୍ତୀୟମ୍ ।।

Digitized by PPRACHIN, SOA

ମୁଦ୍ରୟତି ହୃଦୟପଦ୍ମଂ ସ୍ୱନ୍ଦୟତି ଜନଂ ବଳାଦରସ୍ୱୀରିଣା ।
ଅପି ଶଶିକାନ୍ତାଦ୍ୱଦନାଦକଳଙ୍କଃ କୀର୍ତ୍ତିଚନ୍ଦ୍ରମା ଯସ୍ୟ ।।
କ୍ୱାହଂ ରାମ୍ଭୋଷ୍ଟ ଗୁଣାଃ କ୍ୱେତି ନ ସୀଦାମି ଚିନ୍ତୟୋନ୍ନତଃ ।
ଗଣୟତି କୃତିସାଧ୍ୟତ୍ୱ ନ ଖଲୁ ପୁମାନିଷ୍ଟସାଧନତ୍ୱମତଃ ।।

ପ୍ରଥମଃ ପ୍ରବନ୍ଧଃ

ଏହି ପ୍ରବନ୍ଧରେ କବି ପଣ୍ଡିତ ନିତ୍ୟାନନ୍ଦ ଲେଖିଛନ୍ତି–

ଜୟ ଜୟ ଶାରଦଶଶଧରମଣ୍ଡଳଲଳିତାନନଚଳିତାକୁଣ୍ଡଳ ।
ନିରୂପମସୁଷମକପୋଳତଳାମଳସୁରତଟିନୀଜଳମୁକୁଳ ।।
ମୁନିଜନମାନସବତଂ ସକଦିତିସୁତମଂଶନୃଶଂ ସଦବାନଳ ।
କଂସମଥନସୁରଶଂସଦୁଦୀରିତଗୁଣଗଣାଲେଶ ମହେଶ ।।
।। ଧ୍ରୁବପଦମିଦମ୍ ।।
କାମିତନିଜରଣୀ ସନ୍ଧିଧୁରନ୍ଧରକୁନ୍ଦକୁମୁଦରଜନୀକର ସୁନ୍ଦର ।
ବପୁରବନୀଧରବରତନୟାବର ହରପୁରହରଷବିହାରା ।।

ଦ୍ୱିତୀୟଃ ପ୍ରବନ୍ଧଃ

ଏହି ପ୍ରବନ୍ଧରେ କବି ନିତ୍ୟାନନ୍ଦ ଲେଖିଛନ୍ତି–

ହୃଦୟସରସିଜକୋଷ ସଞ୍ଚର ଦହରମହରହରଭିନବମ୍ ।
ଏକତାନବିମାନମୁନିଜନ ଚିତଗୋଚରବୈଭବମ୍ ।।
ପ୍ରଥମ ପୁରୁଷମମିତ ପୌରୁଷସିନ୍ଧୁମିନ୍ଦୁକଳାଧରମ୍ ।।
ପ୍ରଳୟକାଳକରାଳଲୋଚନଦହନକୃତଜନଦାହନମ୍ ।।

ତୃତୀୟଃ ପ୍ରବନ୍ଧଃ

ତୃତୀୟ ପ୍ରବନ୍ଧରେ କବି ଲେଖିଛନ୍ତି–

ସମ୍ଭୋ ଚଳଦମ୍ଭୋରୁହଦଳ ସହଜମିତ୍ର ନେତ୍ର ।
ସଂ ଚାରୟ ସଦୟଦୃଗଞ୍ଚଳମୟି ହର ମମ ପରିପୁରୟ ।
ଦୈବତମେତମଥ ମନୋରଥ ବିତଥ ଫଳଦାୟକ ।
ଚଣ୍ଡୀଧବଚର୍ମାମ୍ବର ଭବ ଚନ୍ଦ୍ରହାସଖଣ୍ଡ ସଦାଶିବ ।
ଚଣ୍ଡରୋଚିରିନ୍ଦୁ ବିରୋଚନ ରୋଚମାନ ଲୋଚନ ।।
ଚୂର୍ଣ୍ଣ ଚୂର୍ଣ୍ଣ ରୁଚିର ତେନୋଚିତ ଭସ୍ମାଚିତରୁଚିର କଳେବର ।
ଚାମୀକର ପିଙ୍ଗଳ ନରୋଛୟ ଚକ୍ରିରଚିତ ବନ୍ଧନ ।।
ଚିର ସଞ୍ଚିତ ସୁଚରିତ ସଞ୍ଚୟକୃତ ବିନ୍ଦନ ଚରଣଚିରନ୍ତନ ।
ଚରାଚର ଚରମଗତିପ୍ରଦ ଚିତ ତାପ ମୋଚନ ।।

Digitized by PPRACHIN, SOA

ନିଗମାଞ୍ଚଳ ବଚନଗୋଚର ଚେତୋହର ଚିତ୍ର ଚରିତ୍ରକଖଣ୍ଡନ ।
ଶତ ଚିତ୍ରଶିଖଣ୍ଡିତ ଶିଖଣ୍ଡଜ ପଣ୍ଡିତଗୁରୁବର୍ଗକର କଙ୍କଣ ।।

ଚତୁର୍ଥ ପ୍ରବନ୍ଧଃ

ଏହି ପ୍ରବନ୍ଧର କିୟଂଦଶ ଏହିପରି–

ଦଳିତକୁନ୍ଦ କୁମୁଦ ମନ୍ଦ ହାସ ବିଷଦମାନମ୍ ।
ଲଳିତଶିଖରିଦନ୍ତନିକର ସନ୍ତତ କୃତମାନନମ୍ ।।
ବିଗଳିତାଙ୍କ ମୃଗଶଶାଙ୍କହାରି ଦଧତ ମୁଭମମ୍ ।।
ରଜତଶିଖରି-ତୁଙ୍ଗ-ଶୃଙ୍ଗ-ନିୟତନିଜନିକେତନମ୍ ।।
ସୌଭଗାମଧୁରାଙ୍ଗ-ଭଙ୍ଗଣନିର୍ଜିତ ଝସକେତନମ୍ ।।

ପଞ୍ଚମଃ ପ୍ରବନ୍ଧଃ

ଏହି ପ୍ରବନ୍ଧରେ କବି ନିତ୍ୟାନନ୍ଦ ଲେଖିଛନ୍ତି–

ଚରଣ ପରିଚରଣ ପରଗୋପନୁପନନ୍ଦନମ୍ ।।
ନଳିନ-ଭବକୃତ-ସତତ-ବନ୍ଦନମ୍ ।।
ନନ୍ଦୀଶାନନ୍ଦନଂ ପ୍ରଣତହରିଚନ୍ଦନମ୍ ।
ସ୍କନ୍ଦସିନ୍ଦୂର ବଦନନଳିନମ୍ ।।
ସୁଖିତସୁରଲୋକକୃତଶଷ୍ଟଦଭିନନ୍ଦନମ୍ ।
ନମତ-ତାପିତ ହୃଦୟ-ଚନ୍ଦନମ୍ ।।
ବିଷୟ ବିଷପରିମୁଷିତ ଲୋକନିବନ୍ଧନମ୍ ।
ନୟାଗଡ଼ ରାଜବଂଶ ଇଂରାଜୀ ସାହିତ୍ୟ ଚର୍ଚ୍ଚା କ୍ଷେତ୍ରରେ ନିଜର ସଫଳତା ପ୍ରଦର୍ଶନ କରିଛନ୍ତି । ଏ କ୍ଷେତ୍ରରେ ନୟାଗଡ଼ର ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କ କୃତିତ୍ୱ ପ୍ରଣିଧାନଯୋଗ୍ୟ । ନୟାଗଡ଼ ରାଜବଂଶର ଷଡ଼ବିଂଶତିତମ ରାଜା ହେଉଛନ୍ତି କୃଷ୍ଣଚନ୍ଦ୍ର ସିଂହ ମାନଧାତା । ସେ ନୟାଗଡ଼ର ରାଜନ୍ୟବର୍ଗମାନଙ୍କ ମଧ୍ୟରେ ଥିଲେ ବିଦ୍ୱାନ୍ ବ୍ୟକ୍ତିତ୍ୱ । କୃଷ୍ଣଚନ୍ଦ୍ର ରାୟପୁରର ରାଜକୁମାର କଲେଜରେ ଅଧ୍ୟୟନ କରିଥିଲେ । ସେ ତାଙ୍କର ଶେଷ ଜୀବନରେ ଦୀର୍ଘ ସମୟ ଅସୁସ୍ଥ ରହିଲେ । ତେଣୁ ସେ ଓଡ଼ଗାଁ ଠାରେ ବିରାଜିତ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କର ଶରଣାପନ୍ନ ହେଲେ । ଏହି ସମୟରେ ସେ ରାମାୟଣର ବିଷୟକୁ ଇଂରାଜୀ ଭାଷାରେ ରଚନା କଲେ । ସରଳ ଓ ସୁବୋଧ ଇଂରାଜୀ ଭାଷାରେ ସେ "Foot-Prints of Sri Ram" ପୁସ୍ତକ ରଚନା କଲେ । ଏହା ଓଡ଼ିଶା ମିଶନ୍ ପ୍ରେସ୍, କଟକରୁ ମୁଦ୍ରିତ ହୋଇଥିଲା । ଏଥିରେ ୬୫ ଗୋଟି ଅଧ୍ୟାୟ ସନ୍ନିବେଶିତ । ପ୍ରତ୍ୟେକ ଅଧ୍ୟାୟର ବିଷୟବସ୍ତୁକୁ ଏଠାରେ ଉଲ୍ଲେଖ କରାଯାଇଛି- 'Magnetic force of the word Rama', 'Odagaon Raghunath Jew', Family tree of the Solar Dynasty', 'Seeds of the Epic', 'Ayodhya', 'Viswamitra', 'Redemption of Ahalya', 'Janaki's wedding', 'Parasurama realises', 'Manthara', 'Rama embraces forest life', 'Urmila', 'Dasharatha passes away', 'Bharat reaches Ayodhya', Bharat meets Rama', 'Mandavi', 'Seeta's curse', 'Sages Blessed', 'Panchavati', 'Ravana', 'Seeta is attracted by the golden stag', 'Seeta abducted', 'Rama returns to the hermitage', 'Redemption of Kabandha', 'Sugreeva made friend', 'The Felling of the Seven Sala trees', 'Sugreeva Crowned', 'Swayamprabha', 'Hanuman crosses the Sea', 'Hanuman discovers Seeta', 'Lanka Dahana, Departure for Lanka', 'Rama's sound judgement', 'Appreciation of humble sympathy', The conflict begins', 'Kumbhakarna Badha', 'Mahiravan Badha', 'Indrajit Badha', 'Sulochana', 'Ravana Badha', 'Back in Ayodhya', Hanuman's Delusion',

Digitized by PPRACHIN, SOA

'Vibheeshana Immoratised', 'Seeta exiled', 'Aswamedha', 'Lakshman departs', 'Back to heaven', 'Lakshman explains', 'Seet's Grace', 'Hanuman rewarded', 'Rama Rajya', 'The Dog', 'Saradiya Durgapuja', 'Valmiki', 'Hanuman first author of Ramayan', 'Ekadasi', 'The wise minister', 'Influence of Vaishmavi Maya', 'The Valture and the owl', 'The Saraju River', 'Grace of Laxman', 'Sage Janaka', 'Bharata exonerated', 'The Frog' ଏବଂ 'Rama's grace'.

ଏହି ଗ୍ରନ୍ଥର ଆରମ୍ଭରେ ରାଜା ସାହେବ 'Rama Nama' - its effect ପ୍ରସଙ୍ଗରେ ଲେଖିଛନ୍ତି- 'The letter (RA) means Agni (Fire). The letter (A) means Tapan (Sun), The Letter (MA) means Chandra (Moon). Thus the word Rama is the Sum total of these gods- Agni, Tapan and Chandra. Agni Brahmaa the Creator, Vishnu the Preservor, and Shiva the Destroyer originiate from the word Rama. So by uttering the word Rama one worships all the three gods together."

ଏହି ଗ୍ରନ୍ଥଟିର ପ୍ରଥମ ଅଧ୍ୟାୟଟି (Chapter-1)ହେଉଛି- "Magnetic force of the word Rama" ଏହି ପ୍ରସଙ୍ଗରେ ରାଜା ସାହେବ ପ୍ରଥମେ ଓଡ଼ଗାଁ ଠାରେ ବିରାଜିତ ଶ୍ରୀରଘୁନାଥ ଜୀଉଙ୍କର ମଙ୍ଗଳ ଆରତି ଦୃଶ୍ୟକୁ ବର୍ଣ୍ଣନା କରିଛନ୍ତି- "With the decay of darkness, and the approach of dawn, where the Mangal Arati Circulates around the image of Lord Raghunath, Odagaon, accompanied by the incantation of the Mahamatra by the priest, in spontancous magnetic tone springing out from the core of his heart, and the resplendent reflcation on the locket over the chest of the image of Lord Raghunath capturing the imagination of the devotee, and illuminating his soul with its lusture, the heart, and soul of the devotee is lifted to a higher region of imaginary, bliss. The jewel that beautifies the Chest of Lord Raghunath and removes the darkness of ignorance of the devotee's mind to the symbol of the Kaustubha Mani."

Digitized by PPRACHIN, SOA

ଏହି ଗ୍ରନ୍ଥର ଦ୍ୱିତୀୟ ଅଧ୍ୟାୟ (Chapter-2)ଟି ହେଉଛି- "Odagaon Raghunathjew" ଏହି ଅଧ୍ୟାୟରେ ରାଜା କୃଷ୍ଣଚନ୍ଦ୍ର ଓଡ଼ଗାଁ ପ୍ରାଚୀନ କାଳରେ ଅତ୍ରିମୁନିଙ୍କ ଆଶ୍ରମ ଥିଲା ବୋଲି ବର୍ଣ୍ଣନା କରିଛନ୍ତି । ରାଜାସାହେବ ଲେଖିଛନ୍ତି- "The village Odagaon is said to have been in Olden times the thick forest area where Atrimuni had his hermitage. In their forest life Rama, Lakshman and Seeta happened to come their and received the cordial hospitality of the said sage. His wife Anasuya consoled Ma Seeta by giving her necessary instructions of leading an ideal Chaste and virtuous life. Seeta being much younger to her, showed her due respect and welcomed her instructions and begged her blessings to pass the ideal life of fourteen years exile. The Amalanavastra was given to Maa Seeta by the wife of the sage, that could guard the body against cold, rain, fire and the like. The salagram of Raghunath was being worshipped here since years long gone by."

ରାଜା ଦଶରଥଙ୍କ ସମ୍ପର୍କରେ କୃଷ୍ଣଚନ୍ଦ୍ର ସିଂହ ଲେଖିଛନ୍ତି- "In Olden days there was a very famous king named Dasharatha. He ruled over a kingdom called Koshala, north of the river Ganga. The river Saraju flowed through the Kingdom and made it fertile. Ayodhya was the capital of the kingdom of Koshala. Dasarath was the scion of the solar dynastry. King Dasaratha ruled the kingdom ably, justly and well from the capital city of Ayodhya." ରାଜା ସାହେବ ଲେଖିଛନ୍ତି- "Dasarath married Kausalya and in courses of time, had a daughter named Shanta through her. As he did not has any male issue he took more wives one after another. Thus his three queens were Kausalya, Kaikeyi and Sumitra.

ରାଜା କୃଷ୍ଣଚନ୍ଦ୍ର 'Birth of Seeta' ପ୍ରସଙ୍ଗରେ ଲେଖିଛନ୍ତି- "King Janak having no issue arranged for a Yajna along the beach with the

Digitized by PPRACHIN, SOA

advice of the damsel Menak. He was further advised to till the land himself with a golden plough, in the course of which the plough point which is known as Seets struck against a casket. On opening the casket to the surprise of all present the aforesaid drivine child was found lying inside. She was laken by the King Janak whose queen fostered her up as her fostered daughter and named her Seeta after the plough point.

This Seeta was in future found to be the key of the Epic, in otherwords the heroine and was the cause of fulfilling the mission.

ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନଙ୍କର ଜନ୍ମ ରାଜାଙ୍କ ଲେଖନୀରେ ନିମ୍ନ ଭାବରେ ପ୍ରତିପାଦିତ । ରାଜା ଲେଖିଛନ୍ତି- "This was the nineth day of the lunar fortnight of the month of Chaitra, when in day time Rama was born to Kausalya. The hour was lucky for the world indeed. Now followed all the royal celebrations of mirth and pleasure. All the good signs were noticed on the person of the new born babe, who looked as bright as the Sun, whose eyes could defeat the blue lotus in beauty, whose complexion was like that of new grown grass, whose lips assumed the colour of the promogranate, the hands descending as far as the knees, the feet surpassing the beauty of the new leaves and his appearance defeating that of the Cupid. xxx This birth was followed by the birth of Bharata to queen Kaikeyi who had been in pain all the while. This secosed child resembled the first in all features. When in the apartment of Kaikeyi, Dasaratha learnt of the births of two more twin sons to queen Sumitra. They want by the names of Lakshman and Shatrughana. The king now felt as it were the four great virtues Dharma, Artha, Kaama and Moksha came at his clutches."

Digitized by PPRACHIN, SOA

ଏହି ପୁସ୍ତକର ସପ୍ତମ ଅଧ୍ୟାୟ (Chapter-VII)ରେ ସ୍ଥାନିତ ବିଷୟଟି ହେଉଛି- 'Rademption of Ahalya'. ରାଜା ଲେଖିଛନ୍ତି- 'Brahmaa had a daughter named Ahalya. She had nintynine sisters, but she surpassed them all in beauty. Brahmaa finding no other sister to match with Ahalya, gave her in marriage with sage Gautama. In spiritual plain this sage was very powerful. He attained Brahmagyan. Indra happened to be his disaple and learned how to attain Brahmagyan at his residence. Indra and Ahalya were much attracted by the beauty of the other. Once in the absence of Gautama, Indra in the guise of the sage outraged the modesty of Ahalya, but unfortunately at the time of his departure Indra met his Guru Gautam who by his second sight came to know of the conspiracy and pronounced curse on his disciple. The sage failed not to curse his own consort Ahalya, that she should carry on her penance for the attonment of her sins like a stone statue without speech food, water or sleep. She had to bear the rain, cold, heat, day and night when the last Rama the incarnation of Lord Vishnu, the son of Dasaratha, would come to the spot and by the touch of his feet her sins would be washed away."

ଏହାପରେ ରାଜା ପରବର୍ତ୍ତୀ ଘଟଣାକୁ ଏହିପରି ବର୍ଣ୍ଣନା କରିଛନ୍ତି- "Immediately the curse took effect on them both and to the desire of the sage Gautam the birds, beasts, serpents, ants and all living creatures deserted the forest and te sage too left his heamitage for austerities in the Himalayas. Hence the entire forest looked dreary like a body without a soul."

ରାଜା ଲେଖିଛନ୍ତି- "The flowers, the festoons, the green leaves on the trees, the perinial streams all were left deserted having no attractions. In their wanderings over several places of note Rama, Lakshman and sage Vishamitra accompanied by other

Digitized by PPRACHIN, SOA

sages came there. Rama was surprised to see the peculiar attractive site of the untented spot. In order to satisfy his curiosity sage Viswamitra related the lamentable incident of the sad fate of Ahalya, whose stone figure was shown to Rama. The sage did not fail to suggest to Rama the remedy in the words of Gautam. The Compassionate Rama spared no time to touch the stone image at the spot. By means of his toe-touch which worked miracle indeed, the stone image forthwith turned into the beautiful form of Ahalya."

ଅହଲ୍ୟା ଉଦ୍ଧାର ପ୍ରସଙ୍ଗକୁ ରାଜା ଶ୍ରୀକୃଷ୍ଣଚନ୍ଦ୍ର ଏହିପରି ମଞ୍ଜୁଳ ଭାଷାରେ ବର୍ଣ୍ଣନା କରିଛନ୍ତି । ଏହାପରେ ଅହଲ୍ୟା ଶ୍ରୀରାମଚନ୍ଦ୍ରଙ୍କୁ ସ୍ତବ କହିଛନ୍ତି । ଏହି ପ୍ରାର୍ଥନା ଥିଲା ଅନନ୍ୟ । ଏହି ସମୟରେ ଗୌତମ ଋଷି ପହଞ୍ଚିଛନ୍ତି । ରାଜା ଲେଖିଛନ୍ତି- "When all of a sudden sage Gautama coming to know of this monentous occurance by intution arrived at the spot and both the couple was reunited."

ଦେବୀ ଅହଲ୍ୟା ପୁଣ୍ୟବତୀ, ମହିମାମୟୀ ଭାରତୀୟ ଆର୍ଯ୍ୟନାରୀ । ତାଙ୍କ ପବିତ୍ର ନାମ ଉଚ୍ଚାରଣ କଲେ ବହୁ ସୁଫଳ ମିଳିଥାଏ । ଏ ସମ୍ପର୍କରେ ରାଜା ଲେଖିଛନ୍ତି- "A man who sings the praises by Ahalya can easily attain Baikuntha. His family descendents multiply more and more. The ravages caused by the evil stars never affecting. A man with a desire to have a son can have it fulfilled in a year's time provided he recites it on vow. This prayer enables man to attain Dharma, Artha, Kama and Moksha through the blessings of Rama." ରାଜା କୃଷ୍ଣଚନ୍ଦ୍ର ଏହିପରି ଭାବରେ ଅହଲ୍ୟାଙ୍କର ମହିମାକୁ ପ୍ରତିପାଦନ କରିଛନ୍ତି ।

'Janaki's Wedding' ଅଧ୍ୟାୟରେ ରାଜା କୃଷ୍ଣଚନ୍ଦ୍ର ସିଂହ ମାନ୍ଧାତା ଶ୍ରୀରାମଙ୍କର ଶିବଧନୁ ଭଙ୍ଗ ପ୍ରସଙ୍ଗକୁ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି- "The Sage Viswamitra now asked Rama to lift and string the bow and remove the anxiety of king Janak. Obeying, Rama proceeded to the spot where the bow was. All looked at him

Digitized by PPRACHIN, SOA

with wistful expectation. He lifted the bow with the least effort as it were a garland of flowers and then resting one end of it against his toe, bent the bow and strung it. As Rama drew the string, the great bow snapped, on the impact of his strength, into two, with a tremendous noise that shook the three worlds. The denizens of heaven now showered flowers on Rama. Janake who was witnessing the incidents in speechless wonder now felt relieved and with a broad smile which lighted up his face informed his daughter Seeta to step forward and place the garland of flowers around the neck of Rama. Janaki castingsly glances at Rama accompanied by her hand maidens approached him and coyly placed the garland of flowers round his neck to the blooming of a thousand counches. The assembly now dispersed in orderly queue to their respective quarters."

ସୀତା ଓ ରାମଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହେଲା । ଏହି ବିବାହ ଉତ୍ସବରେ ସରସ୍ୱତୀ ଏବଂ ପାର୍ବତୀ ମାନବୀ ରୂପେ ଅବତୀର୍ଣ୍ଣା ହୋଇଥିଲେ । ରାଜା ଲେଖିଛନ୍ତି- "Other religous rites soon followed the Kanyadana in which the goddesses Saraswati and Parvati in human from sat on both sides of the bride and bridegroom and made them perform the different rites pertaining to the nuptial ceremony. xxx At the end of the wedding functions this game is played on the ground. The bride and the groom are made to play this game. Parvati took the side of Seeta giving instructons to her about the worldly customs, while Saraswati took the side of Rama imparting vadic instructions to him."

ରାଜା ଲେଖିଛନ୍ତି- "The wedding of Seeta and Rama was the most glamarous and alluring one that had ever been witnessed in the three worlds."

ରାମାୟଣର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସୀତାଚୋରୀ ପ୍ରସଙ୍ଗ । ରାଜା କୃଷ୍ଣଚନ୍ଦ୍ର "Seeta abducted" ପ୍ରସଙ୍ଗରେ ଲେଖିଛନ୍ତି- "This was the

Digitized by PPRACHIN, SOA

opportune moment for Ravan. He lost no time to alight from the air just at the cottage door. He guised himself as an mendicant looking perfectly holy with saffron clothes on and a begging howl in his hand. Evidently external granduer without internal worth works like a shadow without substance. In no time the hipocracy of Ravana revealed. He asked for alms. Seeta's simple mind could not get into his plots. She fetched fruits and roots in a basket, but Ravana would not accept the offer in as much as it ought to be given in an open space. It was the belief that if a holy man is turned back disappointed, all the good luck of the family follow him. At the refusal to accept the offer of Seeta from within the limit bound, she felf forced to step out of the limit in honour of the spirit of hospitality. This was a golden opportunity for the craftly demon who began to utter alluring words to win over Seeta's mind to be his wife. Seeta now lost all her regard for the false mendicant. All at once she rose into a fury and firy words of reproch and hatred started bursting forth from her lips."

ଏହାପରେ ରାଜା ଲେଖିଛନ୍ତି- "Finding no other way Ravana assumed another form. He looked as big as a hill, very dreadful, everyone was frightened at this sight of him. He now applied his physical force and dragged Seeta into the Chariot. He did not fail to use harsh words to hurt her. He sat in the Chariot with Seeta on his lap. This sight made the gods in heaven glad at heart to think that Ravana was soon to die."

ଏହି ପୁସ୍ତକର ଷଷ୍ଟିତମ ଅଧ୍ୟାୟ (Chapter-XL)ରେ ରହିଛି- 'Ravana Badha'. ବୀର ହନୁମାନ ରାବଣ ଗୃହରୁ କୌଶଳରେ ବ୍ରହ୍ମାସ୍ତ୍ର ଆଣିଲେ । ହନୁମାନ ଶ୍ରୀରାମଙ୍କ ହସ୍ତରେ ବ୍ରହ୍ମାସ୍ତ୍ର ପ୍ରଦାନ କଲାବେଳେ ରାବଣ ଏହା ଦେଖିଲେ । ରାଜା ଲେଖିଛନ୍ତି- "When Ravana noticed the Astra in the hands of

Digitized by PPRACHIN, SOA

Rama, he was puzzled and realised his end was near. Rama now fitted the Astra to his bow and let in fly at Ravana's breast. The arrows hit its mark and Ravana rolled unconscious on the battlefield. The Vanaras were beside themselves with joy, while the rements of Ravana's army turned tail and fled pell mell into the fortress. Thus concluded the great battle with Ravana.

ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କର "Fort Points of Sri Rama" ଗ୍ରନ୍ଥ ଏକ ଉଚ୍ଚକୋଟୀର ସୃଷ୍ଟି । ରାମାୟଣର କଥାବସ୍ତୁକୁ ଇଂରାଜୀ ଭାଷାରେ ରୂପାୟନ କରିବାରେ ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କର ସାଧୁ ଉଦ୍ୟମ ଯଥାର୍ଥରେ ଅଭିନନ୍ଦନୀୟ । ଏଥିପାଇଁ ନୟାଗଡ଼ ମାଟି ତାଙ୍କୁ କାଳ କାଳ ପାଇଁ ମନେ ରଖିବ ।

ଚାହାଳୀ ଗ୍ରାମର କବିଭୂଷଣ ଆନନ୍ଦଚନ୍ଦ୍ର ମିଶ୍ର କେତେଗୋଟି ଇଂରାଜୀ କବିତା ରଚନା କରିଥିଲେ । ତାଙ୍କ ଦ୍ୱାରା ରଚିତ ଇଂରାଜୀ କବିତା ଗୁଡ଼ିକ ହେଉଛି- "The Half Naked Fakir", "Beauty", "A fare-well", "Love" and " where is that time" । The Half-Naked Fakir କବିତାଟି ଜାତିର ପିତା ମହାତ୍ମାଗାନ୍ଧୀଙ୍କୁ ଉପଜୀବ୍ୟ କରି ରଚିତ । କବିଭୂଷଣ ଶ୍ରୀ ମିଶ୍ର ଲେଖିଛନ୍ତି-

"A half-Naked Fakir is he, aged and old
Without a Shirt he moves, in heat and cold.
A calm in form, but a volcano in heart.
Though simple in birth, yet well up in art.
A Lion is he of Gujarat deserts
Possesses kindness and sympanthy of all sorts.
A moving spirit is he in our country
Cruelty and bloodshed to his heart have no entry.
A soldier in birth, but fights with slippers
wears a coarse napkin, knows no wrappers.

× × ×

A second Christ or Buddha, has come to us
So he has purchased the mind of the mass."

Digitized by PPRACHIN, SOA

କବି ଆନନ୍ଦ ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ରଚିତ 'Beauty' କବିତାଟିର କିୟଦଂଶ ଏଠାରେ ଉଦ୍ଧାରଯୋଗ୍ୟ-

"Beauty of creatures is the vain
It is only a likely fun
It is only a temporary thing
But Charmed at it the living being
Beauty of youth will not last
It will once be a matter past.
You are all the nice rose
These will be once a saddy fosse.

× × ×

Never attempt for beauty brother
For this at last you shall suffer.

କବି ଆନନ୍ଦଚନ୍ଦ୍ର ମିଶ୍ର ପ୍ରେମକୁ ଉପଜୀବ୍ୟ କରି 'Love' କବିତା ରଚନା କରିଛନ୍ତି । ଯେପରି-

"Love is the best among all
For this creatures always fall
The power of love can succeed
Everyday gladly the danger
For love Bilwamangal was mear
At last death, but him fear.

× × ×

Never try for love you creature
Without this be good for ever."

ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲର ପ୍ରଥମ ପ୍ରଧାନ ଶିକ୍ଷକ Mr. B. K. Das ଲଣ୍ଡନଫେରନ୍ତା ଶିକ୍ଷକ ଥିଲେ । ସେ ଇଂରାଜୀରେ ଗୋଟିଏ ପ୍ରବନ୍ଧ ଲେଖିଥିଲେ । ପ୍ରବନ୍ଧଟିର ଶୀର୍ଷକ ଥିଲା- "The study of Novels". ଏହି ପ୍ରବନ୍ଧଟି ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲର ମାଗାଜିନ୍ 'ବାସନ୍ତୀ' (ହେମନ୍ତ ସନ୍ଧ୍ୟା, ୧୯୪୦)ରେ ପ୍ରକାଶ ପାଇଥିଲା । ଏହି ପ୍ରବନ୍ଧରେ Mr. Das ଲେଖିଛନ୍ତି- "A novel, is in the broadest definition, an impression of life", so says a Critic,

Digitized by PPRACHIN, SOA

H. James. It is directly concerned with life– with men and women, their relationships, their thoughts and feelings, passions and motives, their joys and sorrows, their struggles, success and failures. The great and eminent novelists of all ages and times are thinkers about the problems of life and are observers of them too. "xxx The novelist depict the society as it is, and we readers formulate abstract moral ideas out of it. The novelist no doubt, like ordinary human beings, makes up a conception of life; and that conception of life by him guides him in making proper arrangment of his plot and the treatment of his characters. So, he is concerned not with abstract questions, but with the concrete facts of life."

ତେବେ ନଭେଲ୍ ସମ୍ପର୍କରେ Mr. Das ଗୋଟିଏ ରୁଚିପୂର୍ଣ୍ଣ ମନ୍ତବ୍ୟ ଲେଖିଛନ୍ତି । ତାଙ୍କ ଭାଷାରେ– "The end is as the biginning. The novelist deals with life. The more we dissect the novels, we see it more in a better light. It is the finest art which serves as rest and refreshment an object for the tea-table, arm-chair, and bed stead. No art can afford as such reposy pleasure as the novel, and "it has no equal among all the kinds of Art itself", in Prof. Saintsbury's words".

ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କ ଅନୁଜ ବୃନ୍ଦାବନ ଚନ୍ଦ୍ର ସିଂହ ଇଂରାଜୀରେ "Romance and Life" ଶିରୋନାମାରେ ଗୋଟିଏ ପ୍ରବନ୍ଧ ଲେଖିଛନ୍ତି । ପ୍ରବନ୍ଧର କିୟଦଂଶ– "Literature has nothing more so extensively displayed in life as it has done in romance. When we speak about romance the general trend of human thought brings to our minds the obvious conclusion 'romances', that is, love between two persons of the opposite sex.

Although it is the primary meaning of romance, still romance can be found in any sphere of life, became anything which is difficult to achive and from which human life derives

Digitized by PPRACHIN, SOA

pleasur and happiness can be termed romance. So when you read books like "Romance of Electricity" or Romance of the "Stream Engine" it is romance in the sense that the development of Electricity or Stream Engine from its instant state to its present state provided thrill, pleasure, adventure and Joy to the inventors and so it can be termed "Romance".

ତେବେ କୁମରସାହେବ B.C. Singh ଯଥାର୍ଥରେ ଲେଖିଛନ୍ତି- "Real Romance can not be brought by riches and makes no discrimination between human beings. High, Low, rich and poor are all alike and brings heavenly bliss. It is spontaneous and universal and so during the blissful allurement of romance everyone attains the blissful delight and supreme happiness and the pinnacle of their imaginations."

Master Purna Chandra Jena ଇଂରାଜୀରେ ଗୋଟିଏ ପ୍ରବନ୍ଧ ଲେଖିଛନ୍ତି । ପ୍ରବନ୍ଧଟିର ଶୀର୍ଷକ- "Dreams of London" । ସେ ଲେଖିଛନ୍ତି- "The 1st October, 1940. It was a fullmoon night and the gay moon was smiling on the night like a lovely flower from the "heaven's high-bower" Engrossed as I was in gazing at the silvery sky sleep silently into my tired eyes and I fell fast asleep. I then roamed about the famous city of London in my dream and in the dream I visualised the celestial city as I heard of it on my general knowledge class.

My delightful dream opened with my learning over the famous Bridge of London, with the poet W. Wordsworth has so magnificiently portrayed. The soft and gentle breaze was sparkling in the red glow of the setting sun, on the wrinkled river, Thames. I was simply charmed with the exquisite splendour of the spot-several boats were moving to and fro and I was all along gazing at the splendied beauty of the distant horizon; but alone as I was, I was all the while feeling

Digitized by PPRACHIN, SOA

the absence of a "Perfect Company", xxx London was seeming pale for the prevailing of fog and mist. xxx.

Thus as a Vagrand gipsy I advanced more and came to one end of the city where I noticed the Buckingham Palace, the emperor's residence. I returned and watched the movements of the people. Now and again, messengers, labouring men, advertisers, newspaper sellers and business men went by quickly being deeply busy in their engagements and I was moving there like a battered stroller. I after a long time, arrive at the St. Paul's Cathedral, the oldest Church in London and at once the immortal lines of Ralph Hudgson flashed in my memory-

× × ×

Morning and in the caush
Under Paul's dome;
Under Paul's dail
You tighten your rein

× × ×

I fell fast asleep till woke up "in a deep dream of peace" and found that I was far away from the city of London, the Mistress of the world far away from the din and bustle, in a lovely corner of the B. K. Hostel quadrargle."

ନୟାଗଡ଼ର ନାଟ୍ୟଲେଖକ ନାଟ୍ୟଭୂଷଣ ରାମଚନ୍ଦ୍ର ମିଶ୍ରଙ୍କର ଚାରିଗୋଟି ନାଟକକୁ ଇଂରାଜୀଭାଷାରେ ଅନୂଦିତ କରାଯାଇଛି । ନାଟ୍ୟଭୂଷଣ ଶ୍ରୀଯୁକ୍ତ ମିଶ୍ରଙ୍କର ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ନାଟକ "ଏକାନ୍ତ ନିଜସ୍ୱ"କୁ ସୁଜିତ୍ ପଟ୍ଟନାୟକ "Ekanta Nijaswa-(My very own)" ଶିରୋନାମାରେ ଅନୁବାଦ କରିଛନ୍ତି । ତାଙ୍କର "ମରୁ ମନ୍ଥନ" ନାଟକକୁ ପ୍ରାଧ୍ୟାପକ ମୋହିନୀକାନ୍ତ ମିଶ୍ର "Churning of the Desert" ନାମରେ ଅନୁବାଦ କରିଛନ୍ତି । ନାଟ୍ୟକାର ଶ୍ରୀ ମିଶ୍ରଙ୍କର "ଅନେକ ଛାଇ, ଅସରନ୍ତି ଅନ୍ଧାର"କୁ ରଜନୀକାନ୍ତ ମିଶ୍ର "Many shadows, unending dankness" ଶୀର୍ଷକରେ ଅନୁବାଦ କରିଛନ୍ତି । ତାଙ୍କର

Digitized by PPRACHIN, SOA

'ଉପତ୍ୟକାର ହସ' ନାଟକକୁ ଡକ୍ଟର ଆଶୁତୋଷ ମିଶ୍ର "Smile of the Valley" ଶିରୋନାମାରେ ଅନୁବାଦ କରିଛନ୍ତି ।

ଡକ୍ଟର ପ୍ରସନ୍ନ କୁମାର ପଟ୍ଟନାୟକ ନୟାଗଡ଼ର ସନ୍ତାନ । ସେ ଓଡ଼ିଶାର ବିଭିନ୍ନ ସରକାରୀ କଲେଜରେ ଶିକ୍ଷାଦାନ କରି ଯଶସ୍ୱୀ । ତାଙ୍କ ଦ୍ୱାରା ଲିଖିତ ଗବେଷଣାତ୍ମକ ସନ୍ଦର୍ଭ "A study of the Siddhanta Darpan" ୨୦୦୫ ମସିହାରେ ଦିଲ୍ଲୀସ୍ଥିତ ମିନର୍ଭା ପ୍ରକାଶନୀ ସଂସ୍ଥାଦ୍ୱାରା ପ୍ରକାଶିତ । ଡକ୍ଟର ପଟ୍ଟନାୟକ ଲେଖିଛନ୍ତି– "Samanta Chandra Sekhar, the rara avis, who gave his countrymen 'an upturned face and bade contemplate the heavens raise looks to the stars' was a phenomenon. Born in a decaying aristocratic royal family, on 13 December, 1935 (Vide date of birth of Samanta Chandrasekhar, P.C. Naik, Indian Journal of History of Science 35.2, 2000, PP-149-160) in he tributary chiefdom of Khandapara, Orissa, he was green with ancestral honours to stand Athanasius against the world. Many brave men lived before Agamennon, but there was a happy man who far removed from business..... tilled with his own oxen the fields that were his father's. The stars were bis camp, God was his lamp. From being the Pathani of the remote recesses of the hilly 'garhjat' to the holder of permanently glowing and glorious accolades and appellations. Like Harichandan Mahapatra, Mahamahopadhyaya, Bhaskar-II of Orissa, the tulsi plant of the graveyard etc., his was a long arduous journey of cramming and craftsmanslip."

ଏହିପରି ଭାବରେ ନୟାଗଡ଼ ଜିଲ୍ଲାରେ ଇଂରାଜୀ ଭାଷାରେ ସାହିତ୍ୟ ରଚନାର ଧାରା ପ୍ରଚଳିତ ରହିଛି ।

◻■◻

Digitized by PPRACHIN, SOA

ତ୍ରୟୋଦଶ ପରିଚ୍ଛେଦ

ନୟାଗଡ଼ର ମାନ୍ଧାତା ପ୍ରେସ୍, ସାହିତ୍ୟିକ ଅନୁଷ୍ଠାନ ଓ ପତ୍ରପତ୍ରିକା

Digitized by PPRACHIN, SOA

ରାଜା ନାରାୟଣ ସିଂହ ମାନଧାତାଙ୍କ ଶାସନ କାଳରେ ବାବୁ ଅନିରୁଦ୍ଧ ପଟେଲ ତା ୧୩।୯।୧୯୧୩ରେ ନୟାଗଡ଼ ଷ୍ଟେଟ୍‌କୁ ସୁପରିଟେଣ୍ଡେଣ୍ଟ୍ ହୋଇ ଆସିଲେ । ୧୯୨୬ ମସିହାରେ ଅନିରୁଦ୍ଧ ପଟେଲ ନରସିଂହପୁରକୁ ସୁପରିଟେଣ୍ଡେଣ୍ଟ ପଦବୀରେ ପୁନଃ ନିଯୁକ୍ତ ହେଲେ । ଅନିରୁଦ୍ଧ ପଟେଲ ନୟାଗଡ଼ ଷ୍ଟେଟ୍‌ରେ କେତେକ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ । ୧୯୨୪ ମସିହାରେ ଅନିରୁଦ୍ଧ ପଟେଲ ନୟାଗଡ଼ରେ ଗୋଟିଏ ମୁଦ୍ରଣଯନ୍ତ୍ରର ଆବଶ୍ୟକତାକୁ ଅନୁଭବ କଲେ । ଇତିମଧ୍ୟରେ ୧୯୨୨ ମସିହାରେ ଗୋବିନ୍ଦ ଚନ୍ଦ୍ର ଶୂରଦେଓ ନୟାଗଡ଼କୁ ପ୍ରତ୍ୟାବର୍ତ୍ତନ କରି ଅବସ୍ଥାନ କରୁଥିଲେ । ଅନିରୁଦ୍ଧ ପଟେଲଙ୍କ ପରାମର୍ଶ କ୍ରମେ ଗୋବିନ୍ଦ ଚନ୍ଦ୍ର ଶୂରଦେଓ ନୂତନ ଭାବରେ ନିର୍ମିତ ଗୋଟିଏ କ୍ୱାଟରରେ ରହିଲେ । ଏହି କ୍ୱାଟରଟି ଜଣେ ପୋଲିସ୍ ଇନ୍‌ସପେକ୍ଟରଙ୍କ ନିମିତ୍ତ ଉଦ୍ଦିଷ୍ଟ ଥିଲା । କିଛି ଦିନପରେ ଶୂରଦେଓ ଝୁମ୍ପୁରୀ ଗ୍ରାମର ଖମାର ଉଆସରେ ରହିଲେ । ଏହାପରେ ଶୂରଦେଓ ଅନିରୁଦ୍ଧ ପଟେଲଙ୍କ ଅନୁଗ୍ରହରୁ ଝୁମ୍ପୁରୀ ଖମାରର ସର୍ବରାକାର ହେଲେ ।

ନୟାଗଡ଼ରେ ଗୋଟିଏ ଛାପାଖାନା ପ୍ରତିଷ୍ଠା ପାଇଁ ସୁପରିଟେଣ୍ଡେଣ୍ଟ ଅନିରୁଦ୍ଧ ପଟେଲ ଗୋବିନ୍ଦ ଶୂରଦେଓଙ୍କୁ କହିଥିଲେ । ଏଥିପାଇଁ ଗୋବିନ୍ଦ ଚନ୍ଦ୍ର ଶୂରଦେଓ ଅବଶ୍ୟ ଚିନ୍ତା କରିଥିଲେ । କିନ୍ତୁ ହାତରେ ଧନ ନ ଥିଲା । ଏହାପରେ ସେ ଏହି ବିଷୟରେ ପତ୍ନୀ ଚନ୍ଦ୍ରପ୍ରଭାଙ୍କ ସହିତ ଆଲୋଚନା କଲେ । ଚନ୍ଦ୍ରପ୍ରଭା ଥିଲେ କେନ୍ଦ୍ରାପଡ଼ାର ସ୍ୱନାମଧନ୍ୟ ଜମିଦାର ଶ୍ୟାମସୁନ୍ଦର ନରେନ୍ଦ୍ରଙ୍କର ଏକମାତ୍ର କନ୍ୟା । ଅଗତ୍ୟା ଚନ୍ଦ୍ରପ୍ରଭା ପିତାଙ୍କ ନିକଟକୁ ଯାଇ ନଗଦ ପନ୍ଦର ହଜାର ଟଙ୍କା ଆଣିଲେ । ଏହାପରେ ଶୂରଦେଓ ଏବଂ ମୁକୁରପ୍ରେସ୍‌ର ଜଣେ କର୍ମଚାରୀ କଲିକତା ଅଭିମୁଖେ ଯାତ୍ରା କଲେ । ସେହି ସମୟରେ କଲିକତାର ଏଲଗିନ୍ ରୋଡ୍‌ରେ ସୁବାଷଚନ୍ଦ୍ର ବୋଷ ଅବସ୍ଥାନ କରୁଥିଲେ । ଗୋବିନ୍ଦ ଶୂରଦେଓ କଟକ କଲେଜରେ ଅଧ୍ୟୟନ କରୁଥିବା ସମୟରେ ସୁଭାଷବୋଷ ଏବଂ ତାଙ୍କ ଭାଇ ଶରତ ବୋଷଙ୍କ ସହିତ ପରିଚିତ ଥିଲେ । ସୁତରାଂ କଲିକତାରେ ସୁଭାଷ ବୋଷଙ୍କ ଗୃହରେ ଶୂରଦେଓ

Digitized by PPRACHIN, SOA

ଅବସ୍ଥାନ କଲେ । ସେ ମୁକୁର ପ୍ରେସ୍‌ର କର୍ମଚାରୀଙ୍କ ସହାୟତାରେ କଲିକତାରୁ Royal Crown Size ର ହସ୍ତଚାଳିତ (Hand Pressed) ମୁଦ୍ରାଯନ୍ତ୍ର କ୍ରୟ କରିଥିଲେ । ଅନ୍ୟାନ୍ୟ ଉପକରଣ ମଧ୍ୟ କ୍ରୟ କରିଥିଲେ ।

ଏହାପରେ ନୟାଗଡ଼ରେ ମୁଦ୍ରଣଯନ୍ତ୍ର ପ୍ରତିଷ୍ଠା କରାଗଲା । ମୁଦ୍ରଣଯନ୍ତ୍ରର ନାମକରଣ କରାଗଲା 'ମାନ୍ଧାତା ପ୍ରେସ୍' । ସୁପରିଟେଣ୍ଡେଣ୍ଟ୍ ଅନିରୁଦ୍ଧ ପଟେଲ ଏହି ପ୍ରେସ୍‌କୁ ଶୁଭ ଉଦ୍‌ଘାଟନ କରିଥିଲେ । ନୟାଗଡ଼ ମାନ୍ଧାତା ପ୍ରେସ୍‌ର ପରିଚାଳନା ପାଇଁ ଉପଯୁକ୍ତ ବ୍ୟକ୍ତି ବିଶେଷଙ୍କୁ ବଛାଗଲା ଏବଂ ପ୍ରେସ୍‌ର ପରିଚାଳନା କାର୍ଯ୍ୟ ଶିକ୍ଷା କରିବା ପାଇଁ ସେମାନଙ୍କୁ କଟକସ୍ଥିତ 'ଉତ୍କଳ ସାହିତ୍ୟ ପ୍ରେସ୍' ଏବଂ 'ମୁକୁର' ପ୍ରେସ୍‌କୁ ପଠାଗଲା । ପ୍ରେସ୍‌ରେ ଚାକିରି କରିବା ପାଇଁ 'ଉତ୍କଳ ଦୀପିକା'ରେ ବିଜ୍ଞାପନ ପ୍ରକାଶ ପାଇଲା । ପୁରୀ ଏବଂ କଟକରୁ ସାତଜଣ ବ୍ୟକ୍ତିଙ୍କୁ ବଛାଯାଇଥିଲା । ପୁରୀର ଚାରିଜଣ କମ୍ପୋଜିଟର, କଟକର ମେସିନ୍‌ମ୍ୟାନ୍, ଇଙ୍କ୍ ମ୍ୟାନ୍, ଜଣେ ଦପ୍ତରୀ ଏବଂ ଜଣେ ମ୍ୟାନେଜର- ଏହିପରି ଆଠଜଣ ବ୍ୟକ୍ତିଙ୍କୁ ନେଇ ନୟାଗଡ଼ର 'ମାନ୍ଧାତା ପ୍ରେସ୍' କାର୍ଯ୍ୟକାରୀ ହେଲା ।

ମାନ୍ଧାତା ପ୍ରେସ୍‌ରେ ନୟାଗଡ଼ ଷ୍ଟେଟ୍‌ର ଛଅଗୋଟି ବିଭାଗର ଫର୍ମ ଛପା ଯାଉଥିଲା । ନୟାଗଡ଼ ଷ୍ଟେଟ୍ ବ୍ୟତୀତ ଖଣ୍ଡପଡ଼ା, ରଣପୁର ଏବଂ ଦଶପଲ୍ଲା ଷ୍ଟେଟ୍‌ର ସରକାରୀ କାଗଜପତ୍ର ମାନ୍ଧାତା ପ୍ରେସ୍‌ରୁ ଛପାଯାଉଥିଲା । ଶୂରଦେଓଙ୍କ ରଚିତ 'ରାସଗୀତ' ମାନଧାତା ପ୍ରେସ୍‌ରୁ ୧୯୨୬ ମସିହାରେ ପ୍ରକାଶ ପାଇଥିଲା । ଏହି ଗ୍ରନ୍ଥରେ ଉଲ୍ଲେଖ ଅଛି- "Printed by G.C.S. Deo, MANADHATA, PRESS, NAYAGARH, 1926." ।

ଏହା ପରେ ନୟାଗଡ଼ରେ Orissa Government Press ପ୍ରତିଷ୍ଠା କରାଯାଇଥିଲା । ଏହି ସରକାରୀ ପ୍ରେସ୍‌ଟି ନୟାଗଡ଼ର ରାଜା କୃଷ୍ଣଚନ୍ଦ୍ର ସିଂହଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଥିଲା । ଏହି ପ୍ରେସ୍‌ରେ କବିଭୂଷଣ ଆନନ୍ଦ ଚନ୍ଦ୍ର ମିଶ୍ରଙ୍କର କବିତାଗ୍ରନ୍ଥ 'ଉତ୍ସ' (୧୯୫୧), 'କଳ୍ପନାଯାତ୍ରୀ' (୧୯୫୧), 'ରଣତାଣ୍ଡବ' (୧୯୫୧), 'କଳ୍ପନାକୁଞ୍ଜେ' (୧୯୫୨), 'ଚନ୍ଦ୍ରାବତୀ' (୧୯୫୫) ପ୍ରଭୃତି କାବ୍ୟଗ୍ରନ୍ଥ ପ୍ରକାଶ ପାଇଥିଲା ।

ଓଡ଼ିଶାର ଗୌରବମୟ ସାରସ୍ୱତ ପୀଠମାନଙ୍କ ମଧ୍ୟରେ କଳାତୀର୍ଥ ନୟାଗଡ଼ ଅନ୍ୟତମ । କଳା, ସଂସ୍କୃତି ଓ ସାହିତ୍ୟ- ଏହି ତ୍ରିବେଣୀଧାରାର ମହାସଙ୍ଗମ ନୟାଗଡ଼ର ସାଂସ୍କୃତିକ ଇତିହାସକୁ ମହିମାନ୍ୱିତ କରିପାରିଛି । ନୟାଗଡ଼ବାସୀଏ କଳାର ପୂଜାରୀ, ସଂସ୍କୃତିର ପୃଷ୍ଠପୋଷକ ଓ ସାହିତ୍ୟର ଉପାସକ । ଏକଦା ସାହିତ୍ୟ ଚର୍ଚ୍ଚାର ଏକ ପ୍ରଧାନ ପୀଠରୂପେ ନୟାଗଡ଼ ରାଜଦରବାର ସମଗ୍ର ଉତ୍କଳରେ ପ୍ରସିଦ୍ଧି ଅର୍ଜନ

Digitized by PPRACHIN, SOA

କରିପାରିଥିଲା । ସେହିପରି ରଣପୁର, ଖଣ୍ଡପଡ଼ା ଓ ଦଶପଲ୍ଲାର ରାଜଦରବାର ଗୁଡ଼ିକରେ ସାହିତ୍ୟ ଚର୍ଚ୍ଚାର ପରମ୍ପରା ସୃଷ୍ଟି ହୋଇଥିଲା । ରାଜରାଜୁଡ଼ା କାଳରେ ସଂସ୍କୃତ ଓ ଛନ୍ଦୋବଦ୍ଧ ଓଡ଼ିଆ କାବ୍ୟକବିତା ରାଜ ଦରବାରରେ ଆଲୋଚିତ ହେଉଥିଲା ।

ଭାରତ ସ୍ୱାଧୀନତା ଲାଭ କଲାପରେ ଦେଶରୁ ରାଜତନ୍ତ୍ରର ବିଲୋପ ଘଟିଲା । ସାହିତ୍ୟ ରାଜଦରବାର ଭିତରେ ସୀମାବଦ୍ଧ ନ ହୋଇ କ୍ରମେ ଗଣାଭିମୁଖୀ ହେଲା । ପାଶ୍ଚାତ୍ୟ ଶିକ୍ଷା ଓ ସାହିତ୍ୟଦ୍ୱାରା ଓଡ଼ିଆ ସାହିତ୍ୟ ପ୍ରଭାବିତ ହେଲା । ସାହିତ୍ୟିକମାନଙ୍କର ରୁଚିବୋଧରେ ପରିବର୍ତ୍ତନ ଦେଖାଦେଲା । ଗଣଜୀବନର କଥା ସାହିତ୍ୟରେ ରୂପାୟିତ ହେଲା । ସାଧାରଣ ଜନତା କ୍ରମେ ସାହିତ୍ୟ ପ୍ରତି ଆକୃଷ୍ଟ ହେଲେ । ସେମାନଙ୍କର ସାହିତ୍ୟିକ ଉନ୍ମାଦନା ଓ ଉତ୍ସାହରୁ ବିଭିନ୍ନ ସ୍ଥାନରେ ସ୍ଥାନୀୟ ସାହିତ୍ୟିକ ଅନୁଷ୍ଠାନ ଗଢ଼ିଉଠିଲା । କେତେକ ସ୍ଥାନରେ ସ୍ଥାନୀୟ ବିଶିଷ୍ଟ କବି ବା ଲେଖକଙ୍କ ନାମରେ ସାହିତ୍ୟିକ ଅନୁଷ୍ଠାନ ଗଢ଼ିଉଠିଲା । ପୁନଶ୍ଚ ଅନ୍ୟ କେଉଁ ସ୍ଥାନରେ ଅନ୍ୟନାମରେ ସାହିତ୍ୟିକ ଅନୁଷ୍ଠାନ ଜନ୍ମନେଲା । ସାହିତ୍ୟର ପ୍ରଚାର, ପ୍ରସାର ଏବଂ ସାହିତ୍ୟିକ ଆଲୋଡ଼ନ ସୃଷ୍ଟି କରିବା ହେଲା ଏହି ସାହିତ୍ୟିକ ଅନୁଷ୍ଠାନମାନଙ୍କର ଆଭିମୁଖ୍ୟ । ନୟାଗଡ଼ ଜିଲ୍ଲା ଏକ ଉନ୍ନତ ସାରସ୍ୱତ କ୍ଷେତ୍ର । ଏହି ଜିଲ୍ଲାର ବିଭିନ୍ନ ସ୍ଥାନମାନଙ୍କରେ ବିଭିନ୍ନ ସମୟରେ ସାହିତ୍ୟିକ ଅନୁଷ୍ଠାନମାନ ଗଢ଼ିଉଠିଛି । ନୟାଗଡ଼ର ବିଭିନ୍ନ ସ୍ଥାନରେ ପାଠାଗାରମାନ ପ୍ରତିଷ୍ଠା କରାଯାଇଛି । ଏହି ପାଠାଗାରମାନଙ୍କର ଆନୁକୂଲ୍ୟରେ ବିଭିନ୍ନ ସମୟରେ ମଧ୍ୟ ସାହିତ୍ୟ ସଭା ଆୟୋଜନ କରାଯାଇଥାଏ । ନୟାଗଡ଼ର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ହୋଇଥିବା ସାହିତ୍ୟିକ ଅନୁଷ୍ଠାନଗୁଡ଼ିକୁ କାଳକ୍ରମେ ଉଲ୍ଲେଖ କରାଯାଇଛି ।

କୃଷ୍ଣଚନ୍ଦ୍ର କ୍ଲବ୍, ନୟାଗଡ଼ :

୧୯୨୬ ମସିହାରେ କୃଷ୍ଣଚନ୍ଦ୍ର କ୍ଲବ୍ ପ୍ରତିଷ୍ଠା କରାଯାଇଥିଲା । ଏହି ସମୟ ଥିଲା ରାଜାରାଜୁଡ଼ା ଶାସନକାଳ । ୧୯୪୦ ମସିହାରେ ଏହି କ୍ଲବ୍ ନିଜସ୍ୱ କୋଠାରେ କାର୍ଯ୍ୟକାରୀ ହେଲା । ଏହି କ୍ଲବ୍ ପ୍ରଥମେ ତତ୍କାଳୀନ ସୁପରିଟେଣ୍ଡେଣ୍ଟ୍ ମୁନ୍‌ସି ଅବଦୁସ୍ ସତାର ଖାଁଙ୍କ ଦ୍ୱାରା ସଂଗଠିତ ହୋଇଥିଲା । ତତ୍କାଳୀନ ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କ ନାମରେ ଏହା ନାମିତ ହୋଇଥିଲା । ଏହାର ସୁପରିଚାଳନା ନିମିତ୍ତ ଗୋଟିଏ ଏକ୍‌ଜୁକ୍ୟୁଟିଭ୍ କମିଟି ଗଠନ କରାଯାଇଥିଲା । ଏହି କମିଟି ଦ୍ୱାରା ବିଭିନ୍ନ ସାଧାରଣ ସଭା, ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା । କୃଷ୍ଣଚନ୍ଦ୍ର କ୍ଲବ୍ ଅଧୀନରେ ଗୋଟିଏ ପାଠାଗାର ଅଛି । ପାଠାଗାରଟିର ନାମ ହେଉଛି 'ସୌଭାଗ୍ୟମଞ୍ଜରୀ ପାଠାଗାର' । Puri District Gazatteer ଉଲ୍ଲେଖ ରହିଛି– "The Krushna Chandra Club, Nayagarh, came into being in

Digitized by PPRACHIN, SOA

1926 during the ex-state rule-xxx The Club was at first organised by the then Superintendent of Nayagarh State, the Late Mansi Abdus Sattar Knan and was named after the then ruling Chief Sri Krushna Chandra Singh Mandhata. xxx It is managed by an executive committee which organises public meetings, social and cultural activities and other social service measures from time to time."

କୃଷ୍ଣଚନ୍ଦ୍ର କ୍ଲବ୍‌ର ମୁଖପତ୍ର 'ଶ୍ରଦ୍ଧା' ସାମୟିକ ପ୍ରକାଶିତ ହେଉଛି । ସୂଚନାଯୋଗ୍ୟ ଯେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଠାରେ 'ଭୁବନେଶ୍ୱର କ୍ଲବ୍‌' ୧୯୪୯ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବେନେଟ୍ (Bennett)ଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ।

ସୌଭାଗ୍ୟ ମଞ୍ଜରୀ ପାଠାଗାର:

ଏହି ପାଠାଗାର ନୟାଗଡ଼ଠାରେ ଅବସ୍ଥିତ । ନୟାଗଡ଼ର ତତ୍କାଳୀନ ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କର ରାଣୀଙ୍କ ନାମରେ ଏହି ପାଠାଗାରଟି ନାମିତ ହୋଇଥିଲା । ରାଜାଙ୍କ ପୃଷ୍ଠପୋଷକତା ଲାଭକରି ଏହି ଅନୁଷ୍ଠାନ ୧୯୪୨ ମସିହାଠାରୁ ୧୯୪୮ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା । ରାଜା କୃଷ୍ଣଚନ୍ଦ୍ର ସିଂହଙ୍କର କଳା ଓ ସାହିତ୍ୟ ପ୍ରତି ଗଭୀର ଅନୁରାଗ ଥିଲା । ନୟାଗଡ଼ର ସାହିତ୍ୟପ୍ରେମୀ ତଥା ବୟୋଜ୍ୟେଷ୍ଠ ବ୍ୟକ୍ତି ଶ୍ରୀ ଫକୀର ଚରଣ ପଟ୍ଟନାୟକ ଲେଖିଛନ୍ତି, "ସ୍ୱାଧୀନତା ପ୍ରାପ୍ତିର ଦଶବର୍ଷ ପୂର୍ବର କଥା । ଇଂରେଜ ଶାସନର ଶେଷପାଦ, ନୟାଗଡ଼ରେ ତତ୍କାଳୀନ ରାଜା କୃଷ୍ଣଚନ୍ଦ୍ର ସିଂହଙ୍କ ସୂକ୍ଷ୍ମକଳାର ଏକ ଅନୁରାଗୀ ପୃଷ୍ଠପୋଷକ ଥିଲେ । ତତ୍କାଳୀନ ନୟାଗଡ଼କୁ ଏକ ସାଂସ୍କୃତିକ କ୍ଷେତ୍ରରେ ପରିଣତ କରିବାରେ ତାଙ୍କର ଅବଦାନ ଯଥାର୍ଥରେ ସ୍ମରଣୀୟ ।"

ସୌଭାଗ୍ୟ ମଞ୍ଜରୀ ପାଠାଗାରର ସଙ୍ଗଠକ ଥିଲେ ଲିଙ୍ଗରାଜ ମିଶ୍ର । ଏହି ପାଠାଗାର ପରିସରରେ ସାହିତ୍ୟ ସଭା ଆୟୋଜିତ ହେଉଥିଲା । ବିଭିନ୍ନ ସମୟରେ ମଧ୍ୟ କବିତା ଆସର ଆୟୋଜିତ ହେଉଥିଲା । ପାଠାଗାରର ସଭ୍ୟମାନଙ୍କୁ ନେଇ ବର୍ଷର ବିଭିନ୍ନ ସମୟରେ ନାଟକ ମଞ୍ଚସ୍ଥ କରାଯାଉଥିଲା ।

ଜାଗରଣ ଛାତ୍ରସଂଘ:

ନୟାଗଡ଼ ପୁରୁଣା ସହରରେ ତତ୍କାଳୀନ ଛାତ୍ରମାନେ ୧୯୪୫ ମସିହାରେ 'ଜାଗରଣ ଛାତ୍ରସଂଘ' ନାମକ ଏକ ସାଂସ୍କୃତିକ ସଙ୍ଗଠନ ଗଠନ କରିଥିଲେ । ସଂସ୍କୃତି ଓ ସାହିତ୍ୟର ପ୍ରସାର ଏହା ମୂଳ ଲକ୍ଷ୍ୟ ଥିଲା । 'ଜାଗରଣ ଛାତ୍ରସଂଘ'ର

Digitized by PPRACHIN, SOA

ସଙ୍ଗଠକ ଥିଲେ ଫକୀର ଚରଣ ପଟ୍ଟନାୟକ । ସେ ଲେଖିଛନ୍ତି, "ଏହି ସଙ୍ଗଠନର ମୂଳ ଉଦ୍ଦେଶ୍ୟ ଥିଲା ନୟାଗଡ଼ ଟାଉନରେ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରସାର । ଏହି ଛାତ୍ରମାନେ 'ଜାଗରଣ' ନାମରେ ଏକ ସାହିତ୍ୟ ପତ୍ରିକା ପାଣ୍ଡୁଲିପି ଆକାରରେ ପ୍ରକାଶ କରିଥିଲେ । କବିତା, ଗଳ୍ପ, ପ୍ରବନ୍ଧ, ଏବଂ ଅନ୍ୟାନ୍ୟ ସାହିତ୍ୟିକ ରଚନା ଏଥିରେ ସ୍ଥାନ ପାଇବା ସଙ୍ଗେ ସଙ୍ଗେ ହସ୍ତ ଅଙ୍କିତ ଚିତ୍ରକଳା ମଧ୍ୟ ଏଥିରେ ସନ୍ନିବେଶିତ ହେଉଥିଲା । ଏତଦ୍‌ବ୍ୟତୀତ କୁମାର ପୂର୍ଣ୍ଣିମା ପ୍ରଭୃତି କେତେକ ଉତ୍ସବ ଏମାନେ କଳାତ୍ମକ ଭାବରେ ପାଳନ କରୁଥିଲେ । ପ୍ରତି ଶନିବାର ଏହାର ସଭ୍ୟମାନେ ନାନା ଯୁଗୋପଯୋଗୀ ପ୍ରସଙ୍ଗର ମଧ୍ୟ ଆଲୋଚନା କରୁଥିଲେ । ଲେଖକ ସେତେବେଳକୁ କଲେଜରେ ପଢୁଥିଲେ ମଧ ଏହି ଅନୁଷ୍ଠାନର ପୃଷ୍ଠପୋଷକତାର ଦାୟିତ୍ୱ ଗ୍ରହଣ କରିଥିଲେ ।"

ଏହି ଜାଗରଣ ଛାତ୍ରସଂଘର ଅନ୍ୟ କେତେଜଣ ସକ୍ରିୟ ସଭ୍ୟ ହେଉଛନ୍ତି ଦୁର୍ଗାମାଧବ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଓ କବି ରାଜକିଶୋର ପଟ୍ଟନାୟକ ।

ବାଞ୍ଛାନିଧି ପାଠାଗାର ଓ ଯଦୁମଣି ସାହିତ୍ୟ ସଂସଦ:

କର୍ମଯୋଗୀ ଦାଶରଥି ପଟ୍ଟନାୟକଙ୍କ ସାଧୁ ଉଦ୍ୟମରେ ନୟାଗଡ଼ଠାରୁ ପଚିଶି କିଲୋମିଟର ଦୂରତାରେ ଅବସ୍ଥିତ ନୂଆଗାଁ ନିକଟବର୍ତ୍ତୀ ଉଦୟପୁରଠାରେ ବାଞ୍ଛାନିଧି ପାଠାଗାର, ଯଦୁମଣି ସାହିତ୍ୟ ସଂସଦ ଓ ଶ୍ରୀ ଅରବିନ୍ଦ ସଂଗ୍ରହାଳୟ ପ୍ରତିଷ୍ଠିତ ହୋଇଛି । ତାଙ୍କର ଜୀବନବ୍ୟାପୀ ସାଧନାବଳରେ ଏହି ଅନୁଷ୍ଠାନ ସମଗ୍ର ରାଜ୍ୟର ଅନ୍ୟତମ ବୃହତ୍ତମ ଅନୁଷ୍ଠାନରେ ପରିଣତ ହୋଇପାରିଛି । ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ଏବଂ ରକ୍ଷଣାବେକ୍ଷଣରେ ଏହି ଅନୁଷ୍ଠାନ ଆଶାତୀତ ଭାବରେ କାର୍ଯ୍ୟ କରି ଆସୁଅଛି । ଓଡ଼ିଶାର ପ୍ରାଚୀନ ପରମ୍ପରା, ଐତିହ୍ୟ ଓ ସଂସ୍କୃତିର ପ୍ରସାର, ସାହିତ୍ୟ ଆଲୋଚନାଚକ୍ର ଏବଂ ଗବେଷଣାଧର୍ମୀ, ଏକ ପୂର୍ଣ୍ଣାଙ୍ଗ ଅନୁଷ୍ଠାନ ଭାବରେ ଏହା ସମଗ୍ର ଓଡ଼ିଶାରେ ଏକ ବିପ୍ଳବ ଆଣି ପାରିଛି ।

ବାଞ୍ଛାନିଧି ପାଠାଗାର ୧୯୪୯ ମସିହାରେ ପ୍ରତିଷ୍ଠାଲାଭ କରେ । ଏହା ଓଡ଼ିଶାର ଏକ ବୃହତ୍ତମ ପାଠାଗାର । ଏଥିରେ ୪୬୦୦ ପୁସ୍ତକ, ୫୦୦୦ ପୋଥି ଏବଂ ୨୦୦୦ ପତ୍ରପତ୍ରିକା ସଂରକ୍ଷିତ । ପତ୍ରପତ୍ରିକା ମଧରେ 'ସହକାର', 'ଉତ୍କଳ ସାହିତ୍ୟ', 'ନବ ଭାରତ' ଆଦି ପୁରାତନ ପ୍ରକାଶନର ପତ୍ରପତ୍ରିକା ସଂଗୃହୀତ । Puri District Gazatteer ରେ ଉଲ୍ଲେଖ ରହିଛି– "The Banchhanidhi Pattagar of village Udayapur in Nuagaon Police Station of Nayagarh Sub-division, is a unique institution of its kind in the rural area having a museum and a palaeography section attached to it.

Digitized by PPRACHIN, SOA

The pathagar has a large collection of magazines and periodicals numbering about 12,000. This institution in a far off village has been possible mainly due to the individual efforts of one Shri Dasarathi Pattanaik."

ବାଞ୍ଛାନିଧି ପାଠାଗାରର ଯଦୁମଣି ସାହିତ୍ୟ ସଂସଦ ବିଭାଗ ଦ୍ୱାରା ବିଭିନ୍ନ ସମୟରେ ସାହିତ୍ୟ ଆଲୋଚନା ଚକ୍ର, ୍ଭାସମିତି, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନୀ ଆୟୋଜନ, ଦୁସ୍ଥ ସାହିତ୍ୟିକ, କଳାକାର, ଶିଳ୍ପୀ ଏବଂ ପ୍ରତିଭା ସମ୍ପନ୍ନ ଦୁସ୍ଥମାନଙ୍କୁ ସାମୟିକ ଆର୍ଥିକ ସାହାଯ୍ୟ ପ୍ରଦାନ, ପ୍ରତିଭା ପୂଜା ଆଦି କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଏହି ଅନୁଷ୍ଠାନ ତରଫରୁ ୧୯୭୫ ମସିହାରୁ ସାମ୍ବତ୍ସରିକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇ ଆସୁଅଛି । ଏଥିରେ ଏକ ବିଶେଷ ସମ୍ବର୍ଦ୍ଧନା ଉତ୍ସବରେ ପ୍ରତିବର୍ଷ ରାଜ୍ୟର କେତେଜଣ ବିଶିଷ୍ଟ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଅଛି ।

ଓଡ଼ିଆ ସାହିତ୍ୟର ବିକାଶ ଓ ସଂସ୍କୃତିର ରକ୍ଷଣାବେକ୍ଷଣରେ ଯଦୁମଣି ସାହିତ୍ୟ ସଂସଦର ଭୂମିକା ଅନବଦ୍ୟ । ସହରାଞ୍ଚଳଠାରୁ ଦୂରରେ ଉଦୟପୁର ଗ୍ରାମରେ ପ୍ରତିଷ୍ଠିତ ଏହି ସଂସଦ ଓଡ଼ିଆ କଳା, ସାହିତ୍ୟ, ସଂସ୍କୃତି, ଶିଳ୍ପ ଓ ସ୍ଥାପତ୍ୟର ବିକାଶ ସଙ୍ଗେ ସଙ୍ଗେ ସ୍ରଷ୍ଟା, ଶିଳ୍ପୀ, ଓ କଳାକାରମାନଙ୍କ ମଧ୍ୟରେ ଭାବଗତ ସଂହତି ସ୍ଥାପନ ପାଇଁ ପ୍ରଶଂସନୀୟ ପ୍ରଚେଷ୍ଟା କରି ଆସିଅଛି । କଳା, ସାହିତ୍ୟ, ଶିଳ୍ପ, ସ୍ଥାପତ୍ୟ, ଶିକ୍ଷା, ସମାଜସେବା ଆଦି ବିଭିନ୍ନ କ୍ଷେତ୍ରରେ ପ୍ରତିଭାଶାଳୀ ବ୍ୟକ୍ତିମାନଙ୍କୁ ପ୍ରୋତ୍ସାହିତ କରି ପ୍ରତିଭା ପୂଜା ଦିଗରେ ବିଶେଷ ପଦକ୍ଷେପ ନେଇଅଛି ।

କିଶୋର କ୍ଲବ, ଭଞ୍ଜ ପାଠାଗାର ଓ ଉପେନ୍ଦ୍ର ସାହିତ୍ୟ ସଂସଦ:

ନୟାଗଡ଼ ସହରଠାରୁ ବାର କିଲୋମିଟର ଉତ୍ତର-ପଶ୍ଚିମରେ ପ୍ରାକୃତିକ ପରିବେଶ ମଧ୍ୟରେ ମାଳୀସାହି ଗ୍ରାମ ଅବସ୍ଥିତ । ଏହା ନୟାଗଡ଼ ଜିଲ୍ଲାର ଏକ ପୁରାତନ ଗ୍ରାମ । ଏହି ଗ୍ରାମର ପୂର୍ବ ଦିଗରେ ଅବସ୍ଥିତ ପ୍ରଭୁ ଗତୀଶ୍ୱର ମହାଦେବଙ୍କ ମନ୍ଦିର ବୌଦରାଜା ରଣଭଞ୍ଜଙ୍କ କୀର୍ତ୍ତି ଅଟେ । ଏହି ମାଳିସାହି ଗ୍ରାମ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ସାହିତ୍ୟ ସାଧନାର ପୀଠ ଥିଲା । ୧୯୫୮ ମସିହାରେ ଏହି ଗ୍ରାମରେ କେତେଜଣ ଉତ୍ସାହୀ ଯୁବକଙ୍କ ନେତୃତ୍ୱରେ କିଶୋର କ୍ଲବ ଓ ଭଞ୍ଜ ପାଠାଗାର ପ୍ରତିଷ୍ଠା କରାଗଲା । ଏହାର ଦିଗ୍‌ଦର୍ଶକ ଥିଲେ କ୍ଷେତ୍ରବାସୀ ମହାପାତ୍ର । ଏହି ଗ୍ରାମର ଉତ୍ସାହୀ ଯୁବକ, ସାହିତ୍ୟପ୍ରାଣ ଶିକ୍ଷକ ତ୍ରିନାଥ ମହାପାତ୍ରଙ୍କ ସମ୍ପାଦକତ୍ୱରେ ଉପେନ୍ଦ୍ର ସାହିତ୍ୟ ସଂସଦ କାର୍ଯ୍ୟକାରୀ ହୋଇଥିଲା । ପ୍ରତିବର୍ଷ ଏହି ଗ୍ରାମର ଗତୀଶ୍ୱର

Digitized by PPRACHIN, SOA

ମହାଦେବଙ୍କ ବେଢ଼ା ପରିସରରେ ଭଞ୍ଜ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୁଏ । ଓଡ଼ିଶାର ବିଭିନ୍ନ ସାହିତ୍ୟିକମାନେ ଏଠାକୁ ଆମନ୍ତ୍ରିତ ହୋଇ ଆସନ୍ତି । ଭଞ୍ଜ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚକମାନେ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରନ୍ତି । ଏହି ଗ୍ରାମର ଅନ୍ୟତମ ସାଂସ୍କୃତିକ ଅନୁଷ୍ଠାନ ଭଞ୍ଜ ଡ୍ରାମାଟିକ୍ କ୍ଲବ(୧୯୬୦) ଆନୁକୂଲ୍ୟରେ ପ୍ରତିବର୍ଷ ଗୋଟିଏ ଲେଖାଏଁ ନାଟକ ମଞ୍ଚସ୍ଥ କରାହୁଏ ।

ସଦାନନ୍ଦ ସାହିତ୍ୟ ସଂସଦ:

ସଦାନନ୍ଦ ସାହିତ୍ୟ ସଂସଦ ୧୯୫୮ ମସିହାରେ ଶରଣକୁଳଠାରେ ପ୍ରତିଷ୍ଠିତ ହୁଏ । ଏହାର ମୁଖ୍ୟ ପୃଷ୍ଠପୋଷକ ଥିଲେ ଶିକ୍ଷକ ତଥା ସାହିତ୍ୟିକ ଭୁବନେଶ୍ୱର ମିଶ୍ର । ଏହି ସଂସଦ ତରଫରୁ ପ୍ରତିବର୍ଷ ସାହିତ୍ୟସଭାର ଆୟୋଜନ କରାଯାଉଅଛି । ସଦାନନ୍ଦ ସାହିତ୍ୟର ପ୍ରଚାର ଓ ପ୍ରସାର ଏହି ସଂସଦର ମୁଖ୍ୟ ଲକ୍ଷ୍ୟ । ଏହି ସଂସଦ କେତେକ ସ୍ଥାନୀୟ ସାହିତ୍ୟିକମାନଙ୍କୁ ପ୍ରୋତ୍ସାହନ ଯୋଗାଇଛି । ସାହିତ୍ୟିକ ଭୁବନେଶ୍ୱର ମିଶ୍ରଙ୍କର କେତେଗୋଟି ପୁସ୍ତକ ଏହି ସଂସଦ ଦ୍ୱାରା ପ୍ରକାଶିତ ।

ଯଦୁମଣି କ୍ଲବ ଓ ସାହିତ୍ୟ ସଂସଦ:

ଏହା ଇଟାମାଟିଠାରେ ୧୯୬୦ ମସିହାରେ ପ୍ରତିଷ୍ଠାଲାଭ କରେ । ଏହି କ୍ଲବ ମାଧ୍ୟମରେ ଏକ ବାର୍ଷିକ ସାହିତ୍ୟ ସଭା ଅନୁଷ୍ଠିତ ହୁଏ । ଏଠାକୁ ଆମନ୍ତ୍ରିତ ଅତିଥିମାନେ ଯଦୁମଣି କାବ୍ୟପ୍ରତିଭାର ଆକଳନ କରନ୍ତି । ଏହି କ୍ଲବ ଆନୁକୂଲ୍ୟରେ ପ୍ରତିବର୍ଷ ଗୋଟିଏ ଲେଖାଏଁ ନାଟକ ମଞ୍ଚସ୍ଥ ହୁଏ । ସମ୍ପ୍ରତି ଆଲୋକ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହି ଅନୁଷ୍ଠାନ ସୁଚାରୁରୂପେ କାର୍ଯ୍ୟ କରୁଅଛି । ଅଧ୍ୟାପକ ଅଶୋକ କୁମାର ନାୟକଙ୍କ ଦିଗ୍‌ଦର୍ଶନରେ ଏହା କାର୍ଯ୍ୟ କରୁଅଛି ।

ମଣିନାଗ ସାହିତ୍ୟ ସଂସଦ:

୧୯୮୦ ମସିହାରେ ରଣପୁରଠାରେ ଏହି ସାହିତ୍ୟିକ ଅନୁଷ୍ଠାନ ଜନ୍ମନେଇଥିଲା । ରଣପୁର ଅଞ୍ଚଳରେ ସାହିତ୍ୟିକ ପରିବେଶ ସୃଷ୍ଟିପାଇଁ ଏହି ସଂସଦ ନିୟମିତ ଭାବରେ କାର୍ଯ୍ୟ କରୁଅଛି । ଏହି ସଂସଦଦ୍ୱାରା ବିଭିନ୍ନ ସମୟରେ ସାହିତ୍ୟ ଆସର ଅନୁଷ୍ଠିତ ହେଉଅଛି । ସେଥିମଧ୍ୟରୁ ଶାରଦୀୟ ମିଳନ, ବିଷୁବ ମିଳନ ପ୍ରଭୃତି ଉଲ୍ଲେଖଯୋଗ୍ୟ । ରଣପୁରର ତରୁଣ ପ୍ରତିଭାମାନଙ୍କୁ ଏହି ସଂସଦ ମଧ୍ୟ ପୃଷ୍ଠପୋଷକତା କରି ଆସୁଅଛି ।

ପଲ୍ଲୀ ନିଳୟ ସାହିତ୍ୟ ସଂସଦ:

ରଣପୁର ତହସିଲ ଅନ୍ତର୍ଗତ ସାରଙ୍ଗଧରପୁର ଗ୍ରାମରେ ଏହି ସାହିତ୍ୟ ସଂସଦ ୧୯୮୧ ମସିହାରୁ କାର୍ଯ୍ୟ କରୁଅଛି । ଏହି ସଂସଦର କର୍ମକର୍ତ୍ତାମାନଙ୍କ ଦ୍ୱାରା ବିଭିନ୍ନ

Digitized by PPRACHIN, SOA

ସାହିତ୍ୟ ଆସରମାନ ଆୟୋଜିତ ହେଉଅଛି । ଏହାବ୍ୟତୀତ ପ୍ରତିବର୍ଷ ଏକ ସାହିତ୍ୟ ସାହିତ୍ୟିକ ଅଭିଭାଷଣଦ୍ୱାରା ଏହି ଅଞ୍ଚଳର ସାହିତ୍ୟପ୍ରେମୀମାନଙ୍କ ମନରେ ଆଲୋଡ଼ନ ସୃଷ୍ଟି କରନ୍ତି ।

କୁସୁମୀ ସାହିତ୍ୟ ସଂସଦ:

ଖଣ୍ଡପଡ଼ାଗଡ଼ରେ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ କୁସୁମୀ ସାହିତ୍ୟ ସଂସଦ ୧୯୮୨ରେ ପ୍ରତିଷ୍ଠିତ ହୁଏ । ଖଣ୍ଡପଡ଼ା ଅଞ୍ଚଳର ଲେଖକମାନଙ୍କୁ ନେଇ ଏହି ସାହିତ୍ୟ ସଂସଦ କାର୍ଯ୍ୟ କରୁଅଛି । ବର୍ଷର ବିଭିନ୍ନ ସମୟରେ ଏହି ସଂସଦଦ୍ୱାରା ସାହିତ୍ୟସଭା, ଆଲୋଚନା ଚକ୍ର, ସାହିତ୍ୟ ଆସରମାନ ଅନୁଷ୍ଠିତ ହୁଏ । ଏହି ସାହିତ୍ୟ ସଂସଦର ଏକ ତ୍ରୈମାସିକ ମୁଖପତ୍ର 'କୁସୁମୀ' ପ୍ରକାଶ ପାଇ ଆସୁଥିଲା । ଖଣ୍ଡପଡ଼ା ଅଞ୍ଚଳର ଲେଖକମାନଙ୍କୁ ପ୍ରୋତ୍ସାହନ ଯୋଗାଇବାରେ 'କୁସୁମୀ' ସାହିତ୍ୟ ସଂସଦର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଗଦାଧର ଚ୍ଛୁମ୍ପା ସଙ୍ଗୀତ ପରିଷଦ:

୧୯୮୫ ମସିହାରେ ଏହି ଅନୁଷ୍ଠାନଟି ଖଣ୍ଡପଡ଼ାଗଡ଼ରେ ପ୍ରତିଷ୍ଠାଲାଭ କରେ । ଏହି ଅନୁଷ୍ଠାନ ଖଣ୍ଡପଡ଼ାର ବିଶିଷ୍ଟ କବି ଗଦାଧର ସିଂହ ସାମନ୍ତଙ୍କ ନାମରେ ନାମିତ । ଗଦାଧର ସିଂହ ଚ୍ଛୁମ୍ପା ସଙ୍ଗୀତ ରଚନାରେ ଅସାଧାରଣ କୃତିତ୍ୱ ଲାଭ କରିଥିଲେ । ଏହି ଅନୁଷ୍ଠାନ ଆନୁକୂଲ୍ୟରେ ସ୍ୱର୍ଗୀୟ କବି ଗଦାଧର ସିଂହ ସାମନ୍ତଙ୍କ ବିରଚିତ ସମସ୍ତ ଚ୍ଛୁମ୍ପା ସଙ୍ଗୀତ ସଂଗୃହୀତ ହୋଇପାରିଛି । ଏହି ଅନୁଷ୍ଠାନ ଦ୍ୱାରା ଆୟୋଜିତ ବାର୍ଷିକ ସାହିତ୍ୟ ସମାରୋହରେ ଗଦାଧରଙ୍କ ପ୍ରତିଭାର ସ୍ମୃତିଚାରଣ କରାଯାଏ ।

ଆଞ୍ଚଳିକ ସାହିତ୍ୟ ସମାଜ:

ନୟାଗଡ଼ରେ ଅଧ୍ୟାପକ ହରିହର ମିଶ୍ରଙ୍କ ଦିଗ୍‌ଦର୍ଶନରେ ଏହି ସାହିତ୍ୟିକ ଅନୁଷ୍ଠାନ ୧୯୮୫ ମସିହାରେ ପ୍ରତିଷ୍ଠାଲାଭ କରେ । ଏହା ନୟାଗଡ଼ର ଟାଉନ୍‌ହଲଠାରେ କାର୍ଯ୍ୟ କରୁଅଛି । ନୟାଗଡ଼ରେ ସାହିତ୍ୟ ସୃଷ୍ଟି ଏବଂ ସାହିତ୍ୟର ପ୍ରସାର ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାର ଲକ୍ଷ୍ୟ ନେଇ ଏହି ସାହିତ୍ୟ ସମାଜ ଗଢ଼ିଉଠିଛି । ଏହି ସାହିତ୍ୟିକ ଅନୁଷ୍ଠାନ ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା, ରଣପୁର ଅଞ୍ଚଳର ଲେଖକମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଆସୁଅଛି । ବର୍ଷରେ ପ୍ରାୟ ତିନି/ ଚାରି ଥର ଏହି ଅନୁଷ୍ଠାନ ତରଫରୁ ନୟାଗଡ଼ ଟାଉନ୍ ହଲ୍‌ଠାରେ ସାହିତ୍ୟ ଆସର, ଆଲୋଚନାଚକ୍ର, ବିଷୁବମିଳନ ପ୍ରଭୃତି ଆୟୋଜିତ ହେଉଅଛି । ଅଧ୍ୟାପକ ବିଜୟକୁମାର ଚୌଧୁରୀ, ଅଧ୍ୟାପକ ଅନ୍ନଦା ପ୍ରସାଦ ମିଶ୍ରଙ୍କ ସକ୍ରିୟ ସହଯୋଗ ଫଳରେ ଏହି ସାହିତ୍ୟ ସାମଜ ବେଶ୍ ସଫଳତାର ସହ କାର୍ଯ୍ୟ

Digitized by PPRACHIN, SOA

କରୁଅଛି । ଏହି ସାହିତ୍ୟ ସମାଜ ତରଫରୁ 'ମୁଖପତ୍ର' ନାମକ ଏକ ପତ୍ରିକା ପ୍ରକାଶ ପାଏ ।

ତୁଳସୀ ସାହିତ୍ୟ ସଂସଦ:

ରଣପୁର ତହସିଲ୍ ଅନ୍ତର୍ଗତ ଗଡ଼ବାଣୀକିଲୋ ଗ୍ରାମରେ ଏହି ସାହିତ୍ୟିକ ଅନୁଷ୍ଠାନ ୧୯୮୮ ମସିହାରୁ କାର୍ଯ୍ୟ କରୁଅଛି । ସତ୍ୟବାଦୀ ବଳିଆର ସିଂହ ଓ ସାଧୁଚରଣ ପରିଡ଼ାଙ୍କ ସକ୍ରିୟ ତତ୍ତ୍ୱାବଧାନରେ ଏହି ସଂସଦ ତରଫରୁ ବର୍ଷର ବିଭିନ୍ନ ସମୟରେ ସାହିତ୍ୟସଭା ଓ ଆସର ଅନୁଷ୍ଠିତ ହୁଏ । ରଣପୁରର ଦୁଇ ବିପ୍ଳବୀ ଶହୀଦ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ପବିତ୍ର ସ୍ମୃତି ଉପଲକ୍ଷେ ଏଠାରେ ମଧ୍ୟ ପ୍ରତିବର୍ଷ ଆଲୋଚନା ଚକ୍ରମାନ ଅନୁଷ୍ଠିତ ହୁଏ । ସାଧୁଚରଣ ପରିଡ଼ାଙ୍କ ସମ୍ପାଦନାରେ 'ଶିଖା' ନାମକ ଏକ ତ୍ରୈମାସିକ ପତ୍ରିକା ଏହି ଗ୍ରାମରୁ ପ୍ରକାଶ ପାଏ ।

ହୃଦବାକ୍ୟ ସାହିତ୍ୟିକ ଅନୁଷ୍ଠାନ:

୧୯୯୧ ମସିହାରୁ ଏହି ଅନୁଷ୍ଠାନ ନୟାଗଡ଼ ପୁରୁଣା ସହରରେ କାର୍ଯ୍ୟ କରୁଅଛି । ପ୍ରକାଶ ସାମନ୍ତରାୟ ଓ ବିଭୂତି ଜେନାଙ୍କ ଯୁଗ୍ମ ସମ୍ପାଦନାରେ ଏହି ଅନୁଷ୍ଠାନ ସକ୍ରିୟ ଭାବରେ କାର୍ଯ୍ୟ କରୁଅଛି । ଏହି ସାହିତ୍ୟିକ ଅନୁଷ୍ଠାନର ଉପଦେଷ୍ଟା ଭାବରେ ଅଧ୍ୟାପକ ହରିହର ମିଶ୍ର ଓ ଡଃ ପ୍ରସନ୍ନ ପାଟଶାଣୀ ରହିଛନ୍ତି । ଏହି ଅନୁଷ୍ଠାନ ତରଫରୁ ସାହିତ୍ୟ ସଭା, ଆଲୋଚନା ଚକ୍ର ପ୍ରଭୃତି ଅନୁଷ୍ଠିତ ହୁଏ । ରାଜ୍ୟର ପ୍ରତିଷ୍ଠିତ ଲେଖକମାନଙ୍କୁ ଏହି ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଏ । ଏହି ଅନୁଷ୍ଠାନର ଏକ ତ୍ରୈମାସିକ ମୁଖପତ୍ର 'ହୃଦବାକ୍ୟ' ନିୟମିତ ଭାବରେ ପ୍ରକାଶ ପାଇ ଆସୁଅଛି ।

ସାରସ୍ୱତ ସାହିତ୍ୟ ସଂସଦ:

ନୟାଗଡ଼ ସବ୍-ଡିଭିଜନ ଅନ୍ତର୍ଗତ କଣ୍ଟାବଣିଆ ଗ୍ରାମରେ ୧୯୯୩ ମସିହାରେ ସାରିସ୍ୱର ସାହିତ୍ୟ ସଂସଦ ପ୍ରତିଷ୍ଠିତ ହୁଏ । ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ସମ୍ପାଦନାରେ ଏହି ଅନୁଷ୍ଠାନ ତରଫରୁ 'ପ୍ରତୀତି' ନାମକ ଦ୍ୱିମାସିକ ଚେତନାଧର୍ମୀ ସାହିତ୍ୟ ପତ୍ରିକା ପ୍ରକାଶ ପାଉଅଛି । ଏହି ଅନୁଷ୍ଠାନ ତରଫରୁ ସାମୟିକ ଭାବରେ ସାହିତ୍ୟସଭା, ଆଲୋଚନା ଚକ୍ର ପ୍ରଭୃତି ଆୟୋଜନ କରାଯାଇ ନୂତନ ଲେଖକମାନଙ୍କୁ ପ୍ରୋତ୍ସାହିତ କରାଯାଉଅଛି ।

ନାଟ୍ୟକାର ରାମଚନ୍ଦ୍ର ସ୍ମୃତି ସଂସଦ:

ବିଶିଷ୍ଟ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ଜନ୍ମସ୍ଥାନ ଦଶପଲ୍ଲାଠାରେ ଏହି ସ୍ମୃତି ସଂସଦ ୧୯୯୩ ମସିହାରେ ପ୍ରତିଷ୍ଠା କରାଯାଇଛି । ଏହି ସଂସଦର ସଭାପତି ମହେନ୍ଦ୍ର ସାହୁ ଓ ସମ୍ପାଦକ ଶରତ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ

Digitized by PPRACHIN, SOA

ପ୍ରତିବର୍ଷ ଜୁନ୍ ମାସ ୨୬ ତାରିଖଠାରୁ ତିନି ଦିନ ପର୍ଯ୍ୟନ୍ତ ଦଶପଲ୍ଲାଠାରେ "ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଓ ଓଡ଼ିଆ ନାଟ୍ୟ ସାହିତ୍ୟ" ଉପରେ ଆଲୋଚନା ଚକ୍ରମାନ ଆୟୋଜନ କରାଯାଉଛି । ଓଡ଼ିଶାର ବିଶିଷ୍ଟ ସାହିତ୍ୟିକମାନେ ଏଥିରେ ଅଂଶଗ୍ରହଣ କରି ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ନାଟ୍ୟ ପ୍ରତିଭାର ବିଭିନ୍ନ ଦିଗ ଉପରେ ଆଲୋକପାତ କରନ୍ତି ।

ନୟାଗଡ଼ ଜିଲ୍ଲା ଲେଖକ ପରିଷଦ:

୧୯୯୪ ମସିହାରେ ନୟାଗଡ଼ ଜିଲ୍ଲା ଲେଖକ ପରିଷଦ ଗଠନ କରାଯାଇଛି । ଏହାର ମୁଖ୍ୟ ଆବାହକ ହେଉଛନ୍ତି ରାଜକିଶୋର ପଟ୍ଟନାୟକ, ଅମୂଲ୍ୟ ସ୍ୱାଇଁ ଓ ପାଣ୍ଡବ ନାୟକ । ନୟାଗଡ଼ ଜିଲ୍ଲାସ୍ତରୀୟ ନୂତନ ଲେଖକମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବା ହେଉଛି ଏହି ପରିଷଦର ମୂଳଲକ୍ଷ୍ୟ । ବର୍ଷରେ ଥରେମାତ୍ର ନୟାଗଡ଼ର ଲେଖକମାନଙ୍କୁ ନେଇ ନୟାଗଡ଼ ଟାଉନ୍‌ହଲ୍‌ଠାରେ ବିଷୁମ ମିଳନର ଆୟୋଜନ କରାଯାଏ । ଆଗାମୀ ଦିନମାନଙ୍କରେ ଏହି ପରିଷଦ ସଫଳତାର ସହ କାର୍ଯ୍ୟ କରିବ ବୋଲି ଆଶା କରାଯାଏ ।

ପରଂପରା ସାହିତ୍ୟ ଓ ସଂସ୍କୃତି ପରିଷଦ:

ନୟାଗଡ଼ରେ ୧୯୯୫ ମସିହାରେ ସାହିତ୍ୟପ୍ରାଣ ନିର୍ମଳ ଚନ୍ଦ୍ର ଶୂରଦେଓଙ୍କ ସାଧୁ ଉଦ୍ୟମରେ 'ପରଂପରା ସାହିତ୍ୟ ଓ ସଂସ୍କୃତି ପରିଷଦ' ଗଠିତ ହୋଇଥିଲା । ଏହି ଅନୁଷ୍ଠାନ ଦ୍ୱାରା ବିଭିନ୍ନ ସମୟରେ ସାହିତ୍ୟିକ ସମାବେଶ ଅନୁଷ୍ଠିତ ହୋଇଥାଏ ।

ନୟାଗଡ଼ର ପତ୍ରପତ୍ରିକା:

ଆଧୁନିକ କାଳରେ ସାହିତ୍ୟର ପ୍ରସାର ଓ ପ୍ରଚାରର ଶ୍ରେଷ୍ଠମାଧ୍ୟମ ହେଉଛି ପତ୍ରପତ୍ରିକା । ଇଂରାଜୀ ଶିକ୍ଷା ଓ ସଭ୍ୟତାର ପ୍ରଚଳନ ଫଳରେ ଓଡ଼ିଶାରେ ବିଭିନ୍ନ ପତ୍ରପତ୍ରିକାର ଅଭ୍ୟୁଦୟ ହୋଇଥିଲା । ଓଡ଼ିଶାରେ ପ୍ରଥମେ କଟକଠାରେ ଖ୍ରୀଷ୍ଟିଆନ ପାଦ୍ରୀମାନଙ୍କ ଦ୍ୱାରା ୧୮୩୭ ଖ୍ରୀ.ରେ ମିସନ୍ ପ୍ରେସ୍ ସ୍ଥାପିତ ହେଲା । ଖ୍ରୀଷ୍ଟିଆନ ପାଦ୍ରୀମାନନେ କଟକ ମିସନ ପ୍ରେସ୍‌ରୁ ୧୮୪୯ ମସିହାରେ 'ଜ୍ଞାନାରୁଣ' ନାମକ ଏକ ମାସିକ ପତ୍ରିକା ରେଭରେଣ୍ଡ ସି.ଲେସିଙ୍କ ସମ୍ପାଦନାରେ ପ୍ରକାଶ କରିଥିଲେ । ଏହାପରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ବିଭିନ୍ନ ସାହିତ୍ୟ ପତ୍ରିକା ପ୍ରକାଶ ପାଇଥିଲା ।

ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବିଭିନ୍ନ ସମୟରେ ଅନେକ ପତ୍ରପତ୍ରିକା ପ୍ରକାଶ ପାଇଛି । ନୟାଗଡ଼, ଖଣ୍ଡପଡ଼ା, ରଣପୁର ପ୍ରଭୃତି ଅଞ୍ଚଳରେ ଛପାଖାନାର ପ୍ରତିଷ୍ଠା ଫଳରେ ପତ୍ରପତ୍ରିକା ପ୍ରକାଶନ କ୍ଷେତ୍ରରେ ବିଶେଷ ସୁବିଧା ହୋଇପାରିଛି । ନୟାଗଡ଼ ଅଞ୍ଚଳରେ ପ୍ରକାଶିତ ପତ୍ରପତ୍ରିକା ଗୁଡ଼ିକୁ ଉଲ୍ଲେଖ କରାଗଲା ।

Digitized by PPRACHIN, SOA

ବାସନ୍ତୀ: (୧୯୩୮)

୧୯୩୭ ମସିହାରେ ନୟାଗଡ଼ଠାରେ ବ୍ରଜେନ୍ଦ୍ର ଉଚ୍ଚ ଇଂରାଜୀ ବିଦ୍ୟାଳୟ ସ୍ଥାପିତ ହେଲା । ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟର ତତ୍କାଳୀନ ଶିକ୍ଷା କେବଳ ଶ୍ରେଣୀ ପ୍ରକୋଷ୍ଠର ଶିକ୍ଷାଦାନରେ ଆବଦ୍ଧ ନ ହୋଇ ଛାତ୍ରମାନଙ୍କର ପୂର୍ଣ୍ଣ ବିକାଶର ସହାୟକ ହୋଇଥିଲା । ଏହି ଶିକ୍ଷାନୁଷ୍ଠାନ ମଧ୍ୟ ଥିଲା ନୟାଗଡ଼ର ଏକ ସାଂସ୍କୃତିକ ପୀଠସ୍ଥଳୀ । ଏହି ବିଦ୍ୟାଳୟର ସାହିତ୍ୟ ପତ୍ରିକା 'ବାସନ୍ତୀ' ୧୯୩୮ ମସିହାରେ ଆତ୍ମପ୍ରକାଶ କଲା । ଏହି ପତ୍ରିକା ନୟାଗଡ଼ ସରକାରୀ ପ୍ରେସ୍‌ରୁ ମୁଦ୍ରିତ ହେଉଥିଲା । ଏହା ନିଦାଘ ସଂଖ୍ୟା, ପ୍ରାବୃଟ ସଂଖ୍ୟା, ଶିଶିର ସଂଖ୍ୟା, ବସନ୍ତ ସଂଖ୍ୟା ଭାବରେ ବର୍ଷରେ ଏକାଧିକ ବାର ପ୍ରକାଶିତ ହେଉଥିଲା । ଏହି ପତ୍ରିକାର ଅନେକ ସଂଖ୍ୟାରେ ପ୍ରଚ୍ଛଦପଟ୍ଟରେ ନୟାଗଡ଼ର ତତ୍କାଳୀନ ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କର ଫଟୋଚିତ୍ର ସ୍ଥାନ ପାଇଥିଲା । ଏହି ପତ୍ରିକାର ମଙ୍ଗଳାଚରଣରେ ଉଲ୍ଲେଖ ରହୁଥିଲା:

''ଯା ହ୍ୟେଷା ନବଦୁର୍ଗସ୍ୟ ଶିକ୍ଷା ସୋପାନବର୍ଦ୍ଧିକା
ସେୟଂ ପୋଷୟତୁ ସ୍ୱାଙ୍ଗ ବସନ୍ତୋଦ୍ଭବ ପତ୍ରିକା ।''

'ବାସନ୍ତୀ' ପତ୍ରିକାର ବିଭିନ୍ନ ସଂଖ୍ୟାରେ ପ୍ରକାଶିତ କେତେଗୋଟି ଉଲ୍ଲେଖଯୋଗ୍ୟ ରଚନା ହେଉଛି ସୋମନାଥ ପଟ୍ଟନାୟକଙ୍କର 'ପିତୁଳା ପୂଜା', 'ଅବତାରବାଦ', 'ଭାରତରେ କଳକାରଖାନା', ନବକିଶୋର ଶତପଥୀଙ୍କର 'ସାର୍ ଉଇଲିୟାମ୍ ଜୋନ୍‌ସ', କାଶୀନାଥ ମହାନ୍ତିଙ୍କର 'ମିତ୍ରତା', ରାଜକିଶୋର ପଟ୍ଟନାୟକଙ୍କର 'ବାରବାଟୀ ଦର୍ଶନେ', ଜଗନ୍ନାଥ ସାହୁଙ୍କର 'କଜଳାଇ ପଲ୍ଲୀ ଶାସନରେ ବିଧବା ବିବାହ ସମ୍ବନ୍ଧରେ ଆନ୍ଦୋଳନ', ଫକୀର ଚରଣ ପଟ୍ଟନାୟକଙ୍କର 'ପୂର୍ବ ପୁରୁଷର ଦେବଦର୍ଶନ', ଦାମୋଦର ମହାପାତ୍ରଙ୍କର 'ମହାତ୍ମା ଦୀନବନ୍ଧୁ ଆଣ୍ଡ୍ରୁଜ', ଗଣେଶଚନ୍ଦ୍ର ମିଶ୍ରଙ୍କର 'ସହଶିକ୍ଷା', ମଦନ ମୋହନ ମହାନ୍ତିଙ୍କର 'ନିଜର ଧର୍ମ ହିଁ ପ୍ରକୃତ ଧର୍ମ' ଏବଂ ବୃନ୍ଦାବନ ଚନ୍ଦ୍ର ପଟ୍ଟନାୟକଙ୍କର 'କଳା' । ଏହିପରି ଭାବରେ 'ବାସନ୍ତୀ' ପତ୍ରିକାଟି ଛାତ୍ରମାନଙ୍କର ସୃଜନଶୀଳ ପ୍ରତିଭାର ବିକାଶ କ୍ଷେତ୍ରରେ ପ୍ରଧାନ ଭୂମିକା ଗ୍ରହଣ କରିଥିଲା ।

ନବଦୁର୍ଗ ପ୍ରଦୀପ: (୧୯୪୧)

ଏହା ଏକ ହାତଲେଖା ପତ୍ରିକା ଥିଲା । ବ୍ରଜେନ୍ଦ୍ର ହାଇସ୍କୁଲରେ 'ବାସନ୍ତୀ'ର ପ୍ରକାଶନ ପରେ ୧୯୪୧ ମସିହାରେ ନୟାଗଡ଼ ପୁରୁଣା ସହରର ଛାତ୍ରମାନଙ୍କ ସହଯୋଗରେ ଏହି ପତ୍ରିକା ପାଣ୍ଡୁଲିପି ଆକାରରେ ଆତ୍ମପ୍ରକାଶ କରିଥିଲା । ଏହି ପତ୍ରିକାର ସମ୍ପାଦକ ଥିଲେ ଫକୀର ଚରଣ ପଟ୍ଟନାୟକ । ଏହା ଏକ ମାସିକ ପତ୍ରିକା

Digitized by PPRACHIN, SOA

ଥିଲା । ଏହି ପତ୍ରିକାର ସମ୍ପାଦନା ଓ ଲେଖା କାର୍ଯ୍ୟ ସମ୍ପାଦକ ଶ୍ରୀ ପଟ୍ଟନାୟକଙ୍କ ବୈଠକ ଘରେ ଅନୁଷ୍ଠିତ ହେଉଥିଲା । ପ୍ରତ୍ୟେକ ମାସର ଦ୍ୱିତୀୟ ସପ୍ତାହ ଶେଷ ବେଳକୁ ଏହା ପ୍ରକାଶିତ ହେଉଥିଲା । ଏହି ପତ୍ରିକାଟିକୁ ନୟାଗଡ଼ର ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀରେ ସୀମିତ ସମୟ ପାଇଁ ପଢ଼ିବାକୁ ସୁଯୋଗ ଦିଆଯାଉଥିଲା । ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ସୁଚିନ୍ତିତ ମନ୍ତବ୍ୟ ପାଇଁ ଏହି ପତ୍ରିକାରେ କେତେକ ପୃଷ୍ଠା ସଂରକ୍ଷିତ ରହୁଥିଲା । ଏହି ପତ୍ରିକା ୧୯୪୪ ମସିହା ପର୍ଯ୍ୟନ୍ତ ପ୍ରକାଶ ପାଇଥିଲା ।

ଜାଗରଣ: (୧୯୪୫)

୧୯୪୫ ମସିହାରେ ନୟାଗଡ଼ ପୁରୁଣା ସହରରେ 'ଜାଗରଣ ଛାତ୍ର ସଂଘ' ନାମକ ଏକ ସଙ୍ଗଠନ ଗଢ଼ି ଉଠିଥିଲା । ଏହି ସଙ୍ଗଠନର ପ୍ରଧାନ ଲକ୍ଷ୍ୟ ଥିଲା ନୟାଗଡ଼ ଟାଉନ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରସାର । ଏହି ସଂଗଠନର ମୁଖ୍ୟ ଆବାହକ ଥିଲେ ଫକୀର ଚରଣ ପଟ୍ଟନାୟକ ଓ ଦୁର୍ଗାମାଧବ ମିଶ୍ର । ଏହି ଜାଗରଣ ଛାତ୍ରସଂଘ ପକ୍ଷରୁ 'ଜାଗରଣ' ନାମକ ଏକ ହାତଲେଖା ସାହିତ୍ୟ ପତ୍ରିକା ଜନ୍ମନେଲା । ଫକୀର ଚରଣ ପଟ୍ଟନାୟକ ଏହାର ସମ୍ପାଦନା ଦାୟିତ୍ୱରେ ଥିଲେ । ଏହି ପତ୍ରିକାରେ କବିତା, ଗଳ୍ପ, ପ୍ରବନ୍ଧ ଇତ୍ୟାଦି ସହିତ ହସ୍ତ ଅଙ୍କିତ ଚିତ୍ରକଳା ମଧ୍ୟ ସ୍ଥାନ ପାଉଥିଲା । ଶ୍ରୀ ଫକୀର ଚରଣ ପଟ୍ଟନାୟକ କହନ୍ତି ଯେ ନୟାଗଡ଼ ପୁରୁଣା ସହରରେ ଅବସ୍ଥିତ ଶ୍ରୀ ଗୋପୀନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ଜାଗରଣ ଛାତ୍ର ସଂଘ ତରଫରୁ ଓଡ଼ିଆ ତର୍କପ୍ରତିଯୋଗିତାର ଆୟୋଜନ କରାଯାଉଥିଲା । ପ୍ରତି ଶନିବାର ଦିନ ସଂଘର ସଭ୍ୟମାନେ ବିଭିନ୍ନ ପ୍ରସଙ୍ଗ ଉପରେ ଏଠାରେ ମଧ୍ୟ ଆଲୋଚନା କରୁଥିଲେ ।

ପାରିଜାତ: (୧୯୪୫)

ନୟାଗଡ଼ ପୁରୁଣା ସହରର ଛାତ୍ରମାନଙ୍କ ସହଯୋଗରେ 'ଜାଗରଣ' ପ୍ରତିକାର ଆତ୍ମପ୍ରକାଶ ଦେଖି ନୂଆ ରାଜବାଟୀ ସନ୍ନିକଟ ଅମଲାପଡ଼ାରେ ରହୁଥିବା ଛାତ୍ରମାନେ ସେହିବର୍ଷ 'ପାରିଜାତ' ନାମକ ଏକ ହାତଲେଖା ପତ୍ରିକା ପ୍ରକାଶ କଲେ । ଏହାର ସମ୍ପାଦକ ଥିଲେ ଗଦାଧର ପଟ୍ଟନାୟକ ।

ସାଥୀ: (୧୯୪୫)

'ଜାଗରଣ'ର ଲେଖକ ସଭ୍ୟ ଓ 'ପାରିଜାତ' ପତ୍ରିକାର ଲେଖକ ସଭ୍ୟମାନେ ମିଳିତ ଭାବରେ ଏକ ନୂତନ ପତ୍ରିକା ପ୍ରକାଶ କରିବାକୁ ମନସ୍ଥ କଲେ । ସେମାନଙ୍କର ମିଳିତ ଉଦ୍ୟମରେ 'ସାଥୀ' ନାମକ ଏକ ନୂତନ ସାହିତ୍ୟ ପତ୍ରିକା ୧୯୪୫ ମସିହାରେ ଆତ୍ମପ୍ରକାଶ ଲାଭ କଲା । ଏହା ମଧ୍ୟ ଏକ ହାତଲେଖା ପତ୍ରିକା ଥିଲା । ଏହାର

Digitized by PPRACHIN, SOA

ସମ୍ପାଦନା ଦାୟିତ୍ୱରେ ଥିଲେ ଫକୀର ଚରଣ ପଟ୍ଟନାୟକ । ଏହି ପତ୍ରିକାଟି ବେଶିଦିନ ପର୍ଯ୍ୟନ୍ତ ତିଷ୍ଠିପାରି ନ ଥିଲା ।

ଜ୍ୟୋତ୍ସ୍ନା: (୧୯୪୬)

ନୟାଗଡ଼ର ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କ ପୃଷ୍ଠପୋଷକତାରେ ଏହି ପତ୍ରିକା ନୟାଗଡ଼ ଷ୍ଟେଟ ପ୍ରେସ୍‌ରୁ ପ୍ରକାଶ ପାଇଥିଲା । ଏହା ଏକ ବାର୍ଷିକ ପତ୍ରିକା ଥିଲା । ଏହି ପତ୍ରିକାର ସମ୍ପାଦକ ଥିଲେ ଫକୀର ଚରଣ ପଟ୍ଟନାୟକ । ଶ୍ରୀ ପଟ୍ଟନାୟକ କହନ୍ତି ଯେ 'ସାଥୀ' ପତ୍ରିକାର ତରୁଣ ଲେଖକମାନେ ରାଜା କୃଷ୍ଣଚନ୍ଦ୍ର ସିଂହଙ୍କ ନିକଟରେ ଏକ ସାହିତ୍ୟ ପତ୍ରିକାର ମୁଦ୍ରଣ ପାଇଁ ନିବେଦନ କଲେ । ଗୁଣଗ୍ରାହୀ ରାଜା ଏହି ଅନୁରୋଧ କ୍ରମେ 'ଜ୍ୟୋତ୍ସ୍ନା' ପତ୍ରିକାର ମୁଦ୍ରଣଭାର ବହନ କଲେ । ଫଳରେ ଏହି ପତ୍ରିକା ଆତ୍ମପ୍ରକାଶ ଲାଭ କଲା । ଏହି ପତ୍ରିକାର ମଙ୍ଗଳାଚରଣରେ ଉଲ୍ଲେଖ ଥିଲା:

> ''ଜ୍ୟୋତ୍ସ୍ନେତି ନାମ୍ନୀ ନବପତ୍ରିକେୟ
> ମନ୍ତଃ ପ୍ରବୃତ୍ତିଂ ବିମଳାଂ ବିଧାୟ
> ଭାବଂ ବିଶୁଦ୍ଧଂ ମିଥଃ ସନ୍ନିବେଶ୍ୟ
> ଜ୍ୟୋତ୍ସ୍ନେବ ଭାତୁ ହୃଦି ଭାବୁକାନାଂ ।''

ଏହି ପତ୍ରିକା ମାଧ୍ୟମରେ ନୟାଗଡ଼ ତଥା ଓଡ଼ିଶାର ବିଭିନ୍ନ ଅଞ୍ଚଳର ତରୁଣ ଲେଖକମାନେ ସାହିତ୍ୟ ଚର୍ଚ୍ଚା କରୁଥିଲେ । ଏହି ପତ୍ରିକାର ପ୍ରଥମ ସଂଖ୍ୟାର ସମ୍ପାଦକୀୟ ପୃଷ୍ଠାରେ ଉଲ୍ଲେଖ ରହିଛି, ''ଜ୍ୟୋତ୍ସ୍ନାର ପୂର୍ଣ୍ଣ ଉଦ୍ଦେଶ୍ୟ ସାହିତ୍ୟ ଚର୍ଚ୍ଚା । ଅନ୍ୟାନ୍ୟ ସାହିତ୍ୟ ତୁଳନାରେ ଯେ ଓଡ଼ିଆ ସାହିତ୍ୟ ବହୁପଛରେ, ସେ କଥା ଓଡ଼ିଶାର ପ୍ରତ୍ୟେକ ସାହିତ୍ୟସେବୀ ହୃଦୟଙ୍ଗମ କରିପାରିଛନ୍ତି । ଆମ୍ଭମାନଙ୍କର ତା' ଉପରେ ଟୀକା ଟୀପ୍‌ପଣୀ ଦେବା ବାହୁଲ୍ୟ ମାତ୍ର । ଆମ୍ଭେମାନେ କେବଳ ଓଡ଼ିଆ ସାହିତ୍ୟ ପଛରେ ପଡ଼ିଛି ବୋଲି ଝୁରି କଲେ ଆମ୍ଭମାନଙ୍କର ଅବସ୍ଥା ଯେ ସୁଧୁରିଯିବ ସେ କଥା କଳ୍ପନା କରିବା ଅର୍ବାଚୀନତା । ଆମ୍ଭମାନଙ୍କୁ ସାହିତ୍ୟ ସାଧନା କରିବାକୁ ହିଁ ପଡ଼ିବ ।''

'ଜ୍ୟୋତ୍ସ୍ନା' ପତ୍ରିକାର ପ୍ରଥମ ସଂଖ୍ୟାରେ ଯେଉଁ ଲେଖକମାନଙ୍କର ଲେଖା ପ୍ରକାଶ ପାଇଥିଲା, ସେମାନେ ହେଲେ ସର୍ବଶ୍ରୀ ଦୁର୍ଗାମାଧବ ମିଶ୍ର, ବନମାଳୀ ସାହୁ, ସୋମନାଥ ପଟ୍ଟନାୟକ, ଗୋବିନ୍ଦଚନ୍ଦ୍ର ମିଶ୍ର, ଫକୀର ଚରଣ ପଟ୍ଟନାୟକ, ଗଦାଧର ପଟ୍ଟନାୟକ ଓ ଦୀନବନ୍ଧୁ ରଥ । ୧୯୪୭ ମସିହାରେ 'ଜ୍ୟୋତ୍ସ୍ନା'ର ଦ୍ୱିତୀୟ ସଂଖ୍ୟା ପ୍ରକାଶ ପାଇଥିଲା । ୧୯୪୮ ମସିହା ବେଳକୁ ନୟାଗଡ଼ରୁ ରାଜୁତ୍ୱ ଶାସନର ଅବସାନ ଘଟିଥିଲା । ତେଣୁ 'ଜ୍ୟୋତ୍ସ୍ନା'ର ଦ୍ୱିତୀୟ ପ୍ରକାଶନ ପରେ ରାଜପୃଷ୍ଠପୋଷକତା ଅଭାବରୁ ତାହା ଆଉ ପ୍ରକାଶିତ ହୋଇପାରିଲା ନାହିଁ ।

Digitized by PPRACHIN, SOA

ଦେଶବାର୍ତ୍ତା: (୧୯୪୨)

ଏହା ମୁଖ୍ୟତଃ ଏକ ସମ୍ବାଦଧର୍ମୀ ପତ୍ରିକା ଥିଲା । ଏହା ୧୯୪୨ ମସିହାରେ ନୟାଗଡ଼ ରାଜ ଦରବାରରୁ ପ୍ରକାଶିତ ହେଉଥିଲା । ଏହାର ସମ୍ପାଦକ ଥିଲେ ଦଣ୍ଡପାଣି ମିଶ୍ର । ଏହି ପତ୍ରିକା ୧୯୪୮ ମସିହା ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିଲା ।

ଶିଳାଲିପି: (୧୯୬୯)

ନୟାଗଡ଼ ମହାବିଦ୍ୟାଳୟର ଓଡ଼ିଆ ସାହିତ୍ୟ ପରିଷଦର ମୁଖପତ୍ର 'ଶିଳାଲିପି' ୧୯୬୯ ମସିହାରେ ପ୍ରକାଶ ପାଏ । ଏହାର ସଙ୍କଳକ ଥିଲେ ଅଧ୍ୟାପକ ନିମାଇଁ ଚରଣ ପଟ୍ଟନାୟକ ଓ ଅଧ୍ୟାପକ ହରିହର ମିଶ୍ର । ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ମଧ୍ୟରେ ଥିବା ସୃଜନଶୀଳ ପ୍ରତିଭାର ଇସ୍ତାହାର ହେଉଛି ଏହି 'ଶିଳାଲିପି' । 'ଶିଳାଲିପି'ର ପ୍ରଥମ ସଂଖ୍ୟାଟିରେ କବିତା, ଗଳ୍ପ ଓ ଗୋଟିଏ ଏକାଙ୍କିକା ସ୍ଥାନ ପାଇଥିଲା ।

'ଶିଳାଲିପି'ର ଦ୍ୱିତୀୟ ସଂଖ୍ୟା ୧୯୮୧ ମସିହାରେ ପ୍ରକାଶ ପାଇଥିଲା । ଏହା ଥିବା ପ୍ରବନ୍ଧ ବିଶେଷାଙ୍କ । ଏହି ଦ୍ୱିତୀୟ ସଂକଳନର ସଙ୍କଳକ ଥିଲେ ପ୍ରଶାନ୍ତ କୁମାର ରାଉତ ଓ ନିର୍ମଳ ଚନ୍ଦ୍ର ଶୂରଦେଓ । ଏହାର ମୁଖ୍ୟ ଉପଦେଷ୍ଟା ଥିଲେ ଅଧ୍ୟାପକ ହରିହର ମିଶ୍ର । ଏହି ପତ୍ରିକାଟିରେ ସ୍ଥାନିତ ପ୍ରବନ୍ଧଗୁଡ଼ିକ ହେଉଛି କୃଷ୍ଣକୁମାର ପଟ୍ଟନାୟକଙ୍କ 'ମଧ୍ୟଯୁଗୀୟ ଓଡ଼ିଆ କୃଷ୍ଣକାବ୍ୟ : ଏକ ଅଧ୍ୟୟନ', ବିଜୟ କୁମାର ଚୌଧୁରୀଙ୍କର 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ରେ ଶିଳ୍ପକଳା', ସୁଦର୍ଶନ ମିଶ୍ରଙ୍କର 'ମହାପୁରାଣରେ ନାରୀ ଓ ନରୀଶିକ୍ଷା', ବିଦ୍ୟୁତ୍ ଲତା ରାୟଙ୍କର 'ପ୍ରାଚୀନ ଓଡ଼ିଶାର ଭୌଗୋଳିକ ସୀମାରେଖା ଓ କାଳିଦାସ', ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କର 'ଓଡ଼ିଆ ସାହିତ୍ୟରେ ଶାକ୍ତ ଧର୍ମର ପ୍ରଭାବ', ଚିନ୍ମୟ କବିଙ୍କର 'ଭୀମଭୋଇଙ୍କ ରଚନାରେ ବିଶ୍ୱଭାବ ଓ ମାନଭାବ', କୁମୁଦ ଚନ୍ଦ୍ର ଦାଶଙ୍କର 'ଓଡ଼ିଆ କବିତାରେ ଆଧୁନିକତାର ପ୍ରବର୍ତ୍ତକ', କଲ୍ୟାଣୀ ମହାପାତ୍ରଙ୍କ 'ଆତ୍ମଜୀବନୀ ସାହିତ୍ୟ', ନିର୍ମଳ ଚନ୍ଦ୍ର ଶୂରଦେଓଙ୍କର 'ଓଡ଼ିଆ ନାଟ୍ୟ ଇତିହାସରେ ଉଜ୍ଜ୍ୱଳମୟ ବ୍ୟକ୍ତିତ୍ୱ ଗୋବିନ୍ଦ ଚନ୍ଦ୍ର ଶୂରଦେଓ', ପ୍ରଫୁଲ୍ଲ କୁମାର ମିଶ୍ରଙ୍କର 'ଆଳଙ୍କାରିକ ବିଶ୍ୱନାଥ କବିରାଜ ଓ ସାହିତ୍ୟ ଦର୍ପଣ' ଏବଂ ହରିହର ମିଶ୍ରଙ୍କର 'ନାଟକରେ ସାହିତ୍ୟିକ ମୂଲ୍ୟବୋଧ' । ଏହିସବୁ ପ୍ରବନ୍ଧଗୁଡ଼ିକ ଗବେଷଣା ଭିତ୍ତିକ ଓ ପାଣ୍ଡିତ୍ୟପୂର୍ଣ୍ଣ ।

ଏହାପରେ 'ଶିଳାଲିପି' ପତ୍ରିକାର ଆଉ ପ୍ରକାଶନ ହୋଇନାହିଁ ।

ଦ୍ରାଘିମା: (୧୯୭୧)

ଏହି ପତ୍ରିକା ୧୯୭୧ ମସିହା ଅଗଷ୍ଟ ମାସରେ ଆତ୍ମପ୍ରକାଶ କଲା । ଏହା ଏକ ସାମୟିକ ସାହିତ୍ୟ ସଙ୍କଳନ ପତ୍ରିକା ଥିଲା । ଏହ ପତ୍ରିକାର ସମ୍ପାଦକ ଥିଲେ

Digitized by PPRACHIN, SOA

ଅଧ୍ୟାପକ ପ୍ରଫୁଲ୍ଲଚନ୍ଦ୍ର ମହାନ୍ତି । ଏହି ପତ୍ରିକାର ପ୍ରଥମ ସଂଖ୍ୟାର ସମ୍ପାଦକୀୟ ପୃଷ୍ଠାରେ ଉଲ୍ଲେଖ ଅଛି, ''ଲେଖକର ବ୍ୟକ୍ତିଗତ ଚେତନା ଓ ଗଣତାନ୍ତ୍ରିକ ଚେତନାଭିତରେ ସଂଯୋଜନା କରିବାର ଦାୟିତ୍ୱ ଉନ୍ନତ ସମ୍ପାଦନା ଜରିଆରେ ବେଳେବେଳେ ସମ୍ଭବ ହୋଇଥାଏ । ଏକ ଅଦୃଶ୍ୟ ଅଗୋଚର ଓ ଅନ୍ୟଲୋକର କଳ୍ପନା କରିବା ମଣିଷର ଅତ୍ୟନ୍ତ ଆଦିମ ଚେତନା । ପ୍ରକୃତି, ବାହ୍ୟ ପରିବେଶ ଓ ତାର ଅସ୍ତିତ୍ୱର ଋରଣଭୂମି ପ୍ରତି ଆବଶ୍ୟକୀୟ ଆଗ୍ରହ ମଣିଷର ପରବର୍ତ୍ତୀ ସଚେତନତା । ଗୋଟିଏ ଅକ୍ଷାଂଶ ହେଲେ, ଅନ୍ୟଟି ଦ୍ରାଘିମା । ଆମେ ଗୋଟିକୁ ଗ୍ରହଣ କରିଛୁ । ଏକ ଶୃଙ୍ଖଳିତ ଅଥଚ ବୈଚିତ୍ର୍ୟପୂର୍ଣ୍ଣ ମଣିଷର ଜୀବନଧାରା... ଯେଉଁଠାରୁ ପଳାୟନ ଜୀବଧର୍ମ ବିରୋଧୀ ।''

'ଦ୍ରାଘିମା' ପତ୍ରିକାରେ କବିତା, ଗଳ୍ପ, ପ୍ରବନ୍ଧ ଓ ଅନୁବାଦ ଇତ୍ୟାଦି ସ୍ଥାନ ପାଉଥିଲା । ଏହାର ପ୍ରଥମ ସଂଖ୍ୟାରେ ଉପେନ୍ଦ୍ର ପ୍ରସାଦ ଦଳାଇଙ୍କ ପ୍ରବନ୍ଧ 'ନୀଳଶୈଳ : ଏକ ଐତିହାସିକ ବିଶ୍ଳେଷଣ', ଅଧ୍ୟାପକ ନକୁଳ ରଥଙ୍କ ପ୍ରବନ୍ଧ 'ଈଶ୍ୱର ସ୍ଥିତି   ଏକ ତାର୍କିକ ବିଶ୍ଳେଷଣ', ଅଧ୍ୟାପକ ଅରବିନ୍ଦ ପଟ୍ଟନାୟକଙ୍କ ପ୍ରବନ୍ଧ 'ନୟାଗଡ଼ର ଇତିବୃତ୍ତ', ହରିହର ମିଶ୍ରଙ୍କ କବିତା 'ରଥଯାତ୍ରା-୧୯୭୧', 'ନୋଳିଆ' ଓ 'ଅପଭ୍ରଂଶ', ପ୍ରସନ୍ନ କୁମାର ପଟ୍ଟନାୟକଙ୍କର ଗଳ୍ପ 'ଅପଦେବତାର ସଂଳାପ' ପ୍ରଭୃତି ସ୍ଥାନ ପାଇଥିଲା । ଏଥିରେ ମଧ୍ୟ ଶୁଭେନ୍ଦୁ ମୁଣ୍ଡଙ୍କ କବିତା 'ବନ୍ଦୀକୁ ଉପଦେଶ', ଭଗବାନ ଜୟସିଂହଙ୍କ କବିତା 'ଜନ୍ମଦିନ', କମଳାକାନ୍ତ ପଣ୍ଡାଙ୍କ କବିତା 'ସୂଚନା' ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ଅନୂଦିତ କବିତା, 'ବାସିନ୍ଦା : ଏକ ଦ୍ୱୀପର', ହୁସେନ ରବିଗାନ୍ଧୀଙ୍କ କବିତା 'ଅବୋଲା ଗୀତ' ପ୍ରଭୃତି ସ୍ଥାନ ପାଇଥିଲା । ୧୯୭୧ ମସିହାରୁ ୧୯୭୨ ମସିହା ମଧ୍ୟରେ ଏହି ପତ୍ରିକାର ମାତ୍ର ତିନିଗୋଟି ସଂଖ୍ୟା ପ୍ରକାଶ ପାଇଥିଲା ।

ପଣ୍ଡିତ ବିନାୟକ ସ୍ମରଣିକା: (୧୯୭୨)

ଏହି ପତ୍ରିକାଟି ୧୯୭୨ ମସିହାରେ ଅଧ୍ୟାପକ ପ୍ରଫୁଲ୍ଲଚନ୍ଦ୍ର ମହାନ୍ତି ଓ ଅରବିନ୍ଦ ପଟ୍ଟନାୟକଙ୍କ ସମ୍ପାଦନାରେ ପ୍ରକାଶ ପାଇଛି । ପଣ୍ଡିତ ବିନାୟକ ମିଶ୍ରଙ୍କର ପ୍ରତିଭା ଓ ପାଣ୍ଡିତ୍ୟକୁ ଭିତ୍ତିକରି ଓଡ଼ିଶାର ସ୍ୱନାମଧନ୍ୟ ବିଦ୍ୱାନଙ୍କର ପ୍ରବନ୍ଧ ଓ କବିତା ଏଥିରେ ସ୍ଥାନିତ । ଏହି ପତ୍ରିକାର ସମ୍ପାଦକୀୟ ପୃଷ୍ଠାରେ ଯାହା ଉଲ୍ଲେଖ ଅଛି, ତାହା ଯଥାର୍ଥ । ''ପଣ୍ଡିତ ବିନାୟକ ମିଶ୍ର ଏ ଜାତିର ଏକ ଅବହେଳିତ ପ୍ରତିଭା । ପୂଜ୍ୟପୂଜାରେ ବ୍ୟତିକ୍ରମ ଏ ମାଟିରେ କିଛି ନୂଆ କଥା ନୁହେଁ । ପ୍ରତିଭାକୁ ପ୍ରତ୍ୟକ୍ଷରେ ସ୍ୱୀକାର କରିବା ଦୂରେଥାଉ, ପରୋକ୍ଷରେ ସ୍ମରଣ କରିବା ଏଠି ଲଙ୍କାରେ ହରିଣଙ୍କ ଭଳି । କିନ୍ତୁ ପଣ୍ଡିତ ବିନାୟକଙ୍କର ପ୍ରତିଭା ଓଡ଼ିଶାର ଭୌଗୋଳିକ ସୀମା ସରହଦ ଭିତରେ

Digitized by PPRACHIN, SOA

ସୀମିତ ନ ଥିଲା । ସେ ଥିଲେ ଜଣେ ଜାତୀୟ ଖ୍ୟାତି ସମ୍ପନ୍ନ ଐତିହାସିକ ତଥା ମୌଳିକ ଗବେଷକ ଏବଂ ସେ ଦୃଷ୍ଟିରୁ ତାଙ୍କର ସୁନାମ ଥିଲା ସୁଦୂରପ୍ରସାରୀ । ଏହି ସ୍ୱନାମଧନ୍ୟ ନୀରବ ସାଧକଙ୍କ ପ୍ରତି ଆମର ସ୍ମରଣିକା ଏକ ବିନମ୍ର ଭେଟି ।'' ଏହି ସ୍ମରଣିକାକୁ ସଂଯୋଜନା କରିଥିଲେ ନୟାଗଡ଼ର ଗୋବିନ୍ଦଚନ୍ଦ୍ର ଶୂରଦେଓ ସାଂସ୍କୃତିକ କଳାସଂଯୋଗ ।

ଗୋବିନ୍ଦ୍ରଚନ୍ଦ୍ର ଶୂରଦେଓ ସ୍ମରଣିକା: (୧୯୭୭)

ଏହି ସ୍ମରଣିକା ପୂର୍ଣ୍ଣଚନ୍ଦ୍ର ଶୂରଦେଓଙ୍କ ସମ୍ପାଦନାରେ ନୟାଗଡ଼ରୁ ପ୍ରକାଶିତ ହୋଇଛି । ନାଟ୍ୟରଥୀ ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ ନାଟ୍ୟ ପ୍ରତିଭାକୁ ଆଧାର କରି ଓଡ଼ିଶାର ଯେଉଁ ବିଶିଷ୍ଟ ବ୍ୟକ୍ତିମାନେ ସେମାନଙ୍କର ଲେଖାଦ୍ୱାରା ଏହି ପତ୍ରିକାର ପୃଷ୍ଠାଗୁଡ଼ିକୁ ମଣ୍ଡନ କରିଛନ୍ତି, ସେମାନେ ହେଲେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ବୀରକିଶୋର ଦାସ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ଡକ୍ଟର ହରେକୃଷ୍ଣ ମହତାବ, ନିତ୍ୟାନନ୍ଦ କାନୁନଗୋ, ଗୋପୀନାଥ ମିଶ୍ର, ସରଳାଦେବୀ, ନିମାଇଁ ଚରଣ ହରିଚନ୍ଦନ, ଦୀନବନ୍ଧୁ ସାହୁ, ଡଃ କୁଞ୍ଜବିହାରୀ ଦାଶ, ସାରଦା ପ୍ରସାଦ ଦଳବେହେରା ଓ ଚିନ୍ତାମଣି ଆଚାର୍ଯ୍ୟ ।

ଗ୍ରହରାଜ: (୧୯୮୦)

ଏହା ହରିହର ମହାପାତ୍ରଙ୍କ ସମ୍ପାଦନାରେ ନୟାଗଡ଼ରୁ ୧୯୮୦ ମସିହା ଅକ୍ଟୋବରଠାରୁ ପ୍ରକାଶିତ । ଏହା ଏକ ମାସିକ ସମାଲୋଚନାମୂଳକ ପତ୍ରିକା । ଏହି ପତ୍ରିକାର ପ୍ରଧାନ ଲକ୍ଷ୍ୟ ହେଉଛି ସମାଜ ସଂସ୍କାର ଓ ସମାଜରୁ ଦୁର୍ନୀତିର ବିଲୋପ ସାଧନ । ଏହା ଧାରାବାହିକ ଭାବରେ ଦୁଇବର୍ଷ ପର୍ଯ୍ୟନ୍ତ ପ୍ରକାଶିତ ହୋଇ ୧୯୮୨ ମସିହାରେ ବନ୍ଦ ହୋଇଯାଇଅଛି । 'ଗ୍ରହରାଜ' ପତ୍ରିକାଟି ନୟାଗଡ଼ ଅଞ୍ଚଳରେ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲା ।

ଶହୀଦ ରଘୁ-ଦିବାକର ସ୍ମରଣିକା: (୧୯୮୧)

ଏହି ସ୍ମରଣିକା ୧୯୮୧ ମସିହାରେ ଗିରିଜାକାନ୍ତ ମହାପାତ୍ରଙ୍କ ସମ୍ପାଦନାରେ ରଣପୁରଗଡ଼ରୁ ପ୍ରକାଶ ପାଇଥିଲା । ଏଥିରେ ପ୍ରବନ୍ଧ, କବିତା ସ୍ଥାନ ପାଇଥିଲା । ଏହି ସ୍ମରଣିକାର ପ୍ରଥମ ସଂଖ୍ୟାରେ ପ୍ରକାଶିତ କେତେଗୋଟି ଉଲ୍ଲେଖଯୋଗ୍ୟ ରଚନା ହେଉଛି ସତ୍ୟବାଦୀ ବଳିଆର ସିଂହଙ୍କର 'ବିପ୍ଲବୀ ରଘୁ-ଦିବାକର' ପ୍ରବନ୍ଧ, ଗିରିଜାକାନ୍ତ ମହାପାତ୍ରଙ୍କର ପ୍ରବନ୍ଧ 'ବେଳେଗେଟ ହତ୍ୟାକାଣ୍ଡ ଓ ରଘୁ ଦିବାକର' ଓ ତ୍ରିନାଥ ମହାପାତ୍ରଙ୍କର କବିତା 'ରଘୁ ଦିବାକର' । ଏହି ସ୍ମରଣିକାର ଦ୍ୱିତୀୟ ସଂଖ୍ୟା ୧୯୯୪ ମସିହାରେ ପ୍ରକାଶ ପାଏ । ଏହାର ସମ୍ପାଦକ ହେଉଛନ୍ତି ବ୍ରଜବନ୍ଧୁ ପରିଡ଼ା । ଏହା ଶହୀଦ ରଘୁ ଦିବାକର ସ୍ମୃତିସଂସଦ,

Digitized by PPRACHIN, SOA

ଗଡ଼ବାଣୀକିଲୋରୁ ପ୍ରକାଶ ପାଇଥିଲା । ଏଥିରେ ପ୍ରକାଶିତ କେତେଗୋଟି ଉଲ୍ଲେଖଯୋଗ୍ୟ ପ୍ରବନ୍ଧ ହେଉଛି ସତ୍ୟବାଦୀ ବଳିୟାର ସିଂହଙ୍କର 'ଶହୀଦ ରଘୁ ଦିବାକର', ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କର 'ବେଜେଲଗେଟ୍ ହତ୍ୟାକାଣ୍ଡର ଐତିହାସିକ ପୃଷ୍ଠଭୂମି' , ଡକ୍ଟର ପ୍ରସନ୍ନ କୁମାର ମିଶ୍ରଙ୍କର 'ରଣପୁର ବିଦ୍ରୋହ, ରଘୁ-ଦିବାକରଙ୍କ ଆତ୍ମୋତ୍ସର୍ଗ' ଏବଂ ଗଙ୍ଗାଧର ପାଇକରାୟଙ୍କର 'ରଣପୁର ପ୍ରଜା ଆନ୍ଦୋଳନ ଓ ରଘୁ-ଦିବାକରଙ୍କ ଫାଶୀ ।'

କୁସୁମୀ: (୧୯୮୨)

'କୁସୁମୀ' ସାହିତ୍ୟ ପତ୍ରିକା ଖଣ୍ଡପଡ଼ା ଗଡ଼ରୁ ୧୯୮୨ ମସିହାରେ ଅଧ୍ୟାପକ ପଦୀପ୍ତ କୁମାର ମିଶ୍ରଙ୍କ ସମ୍ପାଦନାରେ ପ୍ରକାଶିତ । ଏହା ଏକ ତ୍ରୈମାସିକ ସାହିତ୍ୟ ପତ୍ରିକା । 'କୁସୁମୀ' ପତ୍ରିକାର ସୁପ୍ରତିଷ୍ଠା ପାଇଁ ଏହାର ପ୍ରତ୍ୟେକ ସଂଖ୍ୟାର ଦ୍ୱିତୀୟ ପୃଷ୍ଠାରେ ଉଲ୍ଲେଖ ରହିଛି-

''ଶ୍ରୀଖଣ୍ଡପତ୍ତନଧରା ବୃହଦଙ୍ଗ ଶୋଭା
ସାହିତ୍ୟ ନିସୃତିମୟୀ କୁସୁମୀ ସଦୃଶ୍ୟା
ଶ୍ରୀ ବାଲୁକେଶ୍ୱର ସଦାଶିବ ସୁପ୍ରସାଦାତ୍
ନୃଣାଂ ସମାଜ ଉଚିତାଂ ଲଭତାଂ ପ୍ରତିଷ୍ଠାମ୍ ।''

'କୁସୁମୀ' ଏକ ଉଚ୍ଚକୋଟୀର ସାହିତ୍ୟ ପତ୍ରିକା । ଏହାର ପ୍ରାୟ ପ୍ରତ୍ୟେକ ସଂଖ୍ୟାରେ ପ୍ରବନ୍ଧ ବିଭାଗ, କବିତା ବିଭାଗ, ଗଳ୍ପ ବିଭାଗ ରହିଛି । ଏହାର ୧୯୮୪ ମସିହା ପ୍ରଥମ ସଂଖ୍ୟାଟି ସାମନ୍ତ ଚନ୍ଦ୍ରଶେଖରଙ୍କର ସ୍ମୃତି ବିଶେଷାଙ୍କ ରୂପେ ପ୍ରକାଶିତ ହୋଇଥିଲା । 'କୁସୁମୀ' ପତ୍ରିକା ୧୯୮୫ ମସିହା ପର୍ଯ୍ୟନ୍ତ ପ୍ରକାଶିତ ହୋଇ ବନ୍ଦ ହୋଇ ଯାଇଅଛି ।

ନୟାଗଡ଼ ବାର୍ତ୍ତା: (୧୯୮୩)

ଏହା ଏକ ସାପ୍ତାହିକ ପତ୍ରିକା । ଏହା ନୟାଗଡ଼ ଜିଲ୍ଲାର ଯଦୁମଣି ସାହିତ୍ୟ ସଂସଦ, ଉଦୟପୁରରୁ ପ୍ରକାଶ ପାଏ । ପ୍ରବୀର କୁମାର ପଟ୍ଟନାୟକଙ୍କ ସମ୍ପାଦନାରେ ଏହି ପତ୍ରିକାଟି ପ୍ରକାଶିତ । ଏହା ଏକ ସାହିତ୍ୟ ଓ ସମ୍ବାଦଧର୍ମୀ ପତ୍ରିକା ଅଟେ ।

ଦାରୁଭୂତ: (୧୯୮୩)

ଏହି ପତ୍ରିକାର ସମ୍ପାଦକ ଅଧ୍ୟାପକ ଦୁଃଖୀଶ୍ୟାମ ଦାଶ । ଏହି ପତ୍ରିକାଟି ନୟାଗଡ଼ରୁ ପ୍ରକାଶ ପାଉଥିଲା । ଏହା ଏକ ତ୍ରୈମାସିକ ପତ୍ରିକା ଥିଲା । ଏହି ପତ୍ରିକାଟିକୁ ପୃଷ୍ଠପୋଷକତା କରିଥିଲେ ପ୍ରାଧ୍ୟାପକ ନାଟ୍ୟକାର ରାମଚନ୍ଦ୍ର ମିଶ୍ର । ଏହି ପତ୍ରିକାଟିରେ ମୁଖ୍ୟତଃ କବିତା ଓ ପ୍ରବନ୍ଧ ସ୍ଥାନ ପାଇଥିଲା । ଏହି ପତ୍ରିକାର ମୁଖ୍ୟ ଆଭିମୁଖ୍ୟ ହେଉଛି: ସାଂସ୍କୃତିକ ଚେତନା ସୃଷ୍ଟି, ସଂସ୍କାରମୂଳକ କାର୍ଯ୍ୟକ୍ରମର ଗବେଷଣା, ସାମାଜିକ

Digitized by PPRACHIN, SOA

ମୂଲ୍ୟବୋଧର ପ୍ରତିଷ୍ଠା, ବଞ୍ଚିତ ପ୍ରତିଭାର ଆବିଷ୍କାର, ବିଶ୍ୱପ୍ରେମ, ସର୍ବଧର୍ମ ସମନ୍ୱୟ ଓ ଜାତୀୟ ସଂହତିର ପ୍ରଚାର । ନୟାଗଡ଼ର ଲେଖକମାନଙ୍କୁ ଏହି ପତ୍ରିକା ଯଥେଷ୍ଟ ପ୍ରେରଣା ଯୋଗାଇଥିଲା ।

ଶିଖା: (୧୯୮୪)

ଏହି ପତ୍ରିକାଟି ରଣପୁରର ଗଡ଼ବାଣୀକିଲୋ ଗ୍ରାମରୁ ସାଧୁଚରଣ ପରିଡ଼ାଙ୍କ ସମ୍ପାଦନାରେ ପ୍ରକାଶିତ । ଏହା ଏକ ତ୍ରୈମାସିକ ପତ୍ରିକା ଥିଲା । ଏହାର ତିନିଗୋଟି ସଂଖ୍ୟା ପ୍ରକାଶ ପାଇ ଏହା ବନ୍ଦ ହୋଇଯାଇଥିଲା ।

ମୁଖପତ୍ର: (୧୯୮୫)

'ମୁଖପତ୍ର' ପତ୍ରିକାଟି ନୟାଗଡ଼ ଆଞ୍ଚଳିକ ସାହିତ୍ୟ ସମାଜ ତରଫରୁ ୧୯୮୫ ମସିହାରୁ ପ୍ରକାଶ ପାଇ ଆସୁଅଛି । ଅଧ୍ୟାପକ ଅନ୍ନଦା ପ୍ରସାଦ ମିଶ୍ର ଏହି ପତ୍ରିକାର ସମ୍ପାଦନା କରନ୍ତି । ନୟାଗଡ଼ ଆଞ୍ଚଳିକ ସାହିତ୍ୟ ସମାଜର 'ମୁଖପତ୍ର' ବର୍ଷରେ ଚାରି ପର୍ଯ୍ୟାୟରେ ପ୍ରକାଶ ପାଏ । ପ୍ରଥମ ସଂଖ୍ୟା ଶ୍ରୀପଞ୍ଚମୀ, ଦ୍ୱିତୀୟ ସଂଖ୍ୟା ବିଷୁବ ସଂକ୍ରାନ୍ତି, ତୃତୀୟ ସଂଖ୍ୟା ରଥଯାତ୍ରା ଏବଂ ଚତୁର୍ଥ ସଂଖ୍ୟା ଶାରଦୀୟ ପୂଜା । ନୟାଗଡ଼ ଜିଲ୍ଲାରେ ସାହିତ୍ୟର ବିକାଶ, ପ୍ରସାର ଓ ଲେଖକମାନଙ୍କର ସୃଜନଶୀଳ ପ୍ରତିଭାର ପରିପ୍ରକାଶ ପାଇଁ ଏହି ପତ୍ରିକାଟି ଏକ ଉପଯୁକ୍ତ ମାଧ୍ୟମ ବୋଲି ମନେହୁଏ ।

ବିଚାର : (୧୯୮୬)

ଏହା ଏକ ମାସିକ ପତ୍ରିକା ଥିଲା । ସୁରେଶ ଚନ୍ଦ୍ର ମିଶ୍ର ଏହାର ସମ୍ପାଦନା ଦାୟିତ୍ୱରେ ଥିଲେ । ଏହା ରଣପୁରଗଡ଼ରୁ ୧୯୮୬ ମସିହା ଜାନୁୟାରୀ ମାସରେ ପ୍ରକାଶିତ ହୋଇଥିଲା । ଏହାର ଅଷ୍ଟମ ସଂଖ୍ୟା ପର୍ଯ୍ୟନ୍ତ ପ୍ରକାଶ ପାଇ ଏହା ବନ୍ଦ ହୋଇଯାଇଥିଲା । ଏହି ପତ୍ରିକାରେ କବିତା, ଗଳ୍ପ, ପ୍ରବନ୍ଧ ଓ ରମ୍ୟ ରଚନା ପ୍ରଭୃତି ସ୍ଥାନ ପାଉଥିଲା ।

ହୃଦବାକ୍ୟ: (୧୯୯୧)

ବିଭୂତି ଜେନା ଓ ପ୍ରକାଶ ସାମନ୍ତରାୟଙ୍କ ଯୁଗ୍ମ ସମ୍ପାଦନାରେ ଏହି ପତ୍ରିକା ନୟାଗଡ଼ରୁ ୧୯୯୧ ମସିହାରୁ ପ୍ରକାଶ ପାଏ । ଏହି ପତ୍ରିକାର ଉପଦେଷ୍ଟା ଭାବରେ ରହିଛନ୍ତି ପ୍ରାଧ୍ୟାପକ ହରିହର ମିଶ୍ର ଓ ଡଃ ପ୍ରସନ୍ନ ପାଟଶାଣୀ । ଏହା ପ୍ରଥମେ ଏକ ତ୍ରୈମାସକ ପତ୍ରିକା ଥିଲା । ୧୯୯୨ ମସିହା ବେଳକୁ ଏହା ଏକ ବାର୍ଷିକ ପତ୍ରିକା ରୂପେ ପ୍ରକାଶିତ ହୋଇଥିଲା । ଗଳ୍ପ, କବିତା ଓ ପ୍ରବନ୍ଧ ବିଭାଗଦ୍ୱାରା ଏହି ପତ୍ରିକାଟି ସମୃଦ୍ଧ । ଏହି ପତ୍ରିକାଟିର ଉଜ୍ଜ୍ୱଳ ଭବିଷ୍ୟତ ରହିଛି ।

Digitized by PPRACHIN, SOA

କଳାତୀର୍ଥ ସ୍ମରଣିକା: (୧୯୯୧)

ନୟାଗଡ଼ର ସାଂସ୍କୃତିକ ଅନୁଷ୍ଠାନ 'କଳାତୀର୍ଥ' ୧୯୯୧ ମସିହାରେ ପ୍ରତିଷ୍ଠାଲାଭ କରେ। ଏହି ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଏକ ବାର୍ଷିକ ମୁଖପତ୍ର 'କଳାତୀର୍ଥ ସ୍ମରଣିକା' ପ୍ରକାଶିତ ହେଉଅଛି। ଅଧ୍ୟାପକ ପ୍ରଫୁଲ୍ଲଚନ୍ଦ୍ର ମହାନ୍ତିଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ଏହି ପତ୍ରିକା ଓଡ଼ିଶାର ବୁଦ୍ଧିଜୀବୀ ମହଲରେ ବେଶ୍ ଆଲୋଡ଼ନ ସୃଷ୍ଟି କରିପାରିଥିଲା। ଓଡ଼ିଶୀ ସଙ୍ଗୀତ ଏବଂ ସାହିତ୍ୟର ପ୍ରସାର ଦିଗରେ ଏହି ପତ୍ରିକାଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଅଛି।

ଅଂଶୁମତୀ: (୧୯୯୩)

ଏହି ପତ୍ରିକାଟି ରଣପୁରର ଗୋପବନ୍ଧୁ ପାଠାଗାର ତରଫରୁ ପ୍ରକାଶିତ ହୋଇଥିଲା। ଏଥିରେ ପ୍ରବନ୍ଧ, କବିତା ଓ କ୍ଷୁଦ୍ରଗଳ୍ପ ବିଭାଗ ସ୍ଥାନ ପାଇଥିଲା। ଏହି ପତ୍ରିକାରେ ବିଭିନ୍ନ ଅଞ୍ଚଳର ଲେଖକମାନଙ୍କର ଲେଖା ସ୍ଥାନିତ ହୋଇଥିଲା। ଏହି ପତ୍ରିକାରେ ପ୍ରକାଶିତ କେତୋଟି ଉଲ୍ଲେଖଯୋଗ୍ୟ ରଚନା ହେଉଛି: ଅଧ୍ୟାପକ ନକୁଳ ରଥଙ୍କ ପ୍ରବନ୍ଧ 'ଆମ ସମାଜ ଓ ଆମ ସାଙ୍ଗିଆ', ଅଧ୍ୟାପକ ଗୋଦାବରୀଶ ଶତପଥୀଙ୍କ ପ୍ରବନ୍ଧ 'ପରଶମଣି', ସତ୍ୟବାଦୀ ବଳିଆରସିଂହଙ୍କର ପ୍ରବନ୍ଧ 'ମଣିନାଗ : କାହାଣୀ ଓ କିମ୍ବଦନ୍ତୀ' ଏବଂ ସୁଧାଂଶୁବାଳା ପଣ୍ଡାଙ୍କର ପ୍ରବନ୍ଧ 'ଚରିତ୍ର ସଂସ୍କାର ମୂଲ୍ୟାୟନ'। ଏହି ପତ୍ରିକାଟି ଗୋପବନ୍ଧୁଙ୍କ ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ।

ନୟାଗଡ଼ ଜିଲ୍ଲା ଉଦ୍‌ଘାଟନ ସମାରୋହ ସ୍ମରଣିକା: (୧୯୯୩)

ଏହି ସ୍ମରଣିକା ଗିରୀଶ ଚନ୍ଦ୍ର ମହାନ୍ତିଙ୍କ ସମ୍ପାଦନାରେ ୧୯୯୩ ମସିହା ଅପ୍ରେଲ ଦୁଇ ତାରିଖରେ ପ୍ରକାଶ ପାଏ। ନୟାଗଡ଼ ନୂତନ ଜିଲ୍ଲା ରୂପେ ଗଠିତ ହେବାର ଶୁଭ ଅବସରରେ ଏହି ସ୍ମରଣିକା ପ୍ରକାଶ ପାଏ। ଏହି ପତ୍ରିକାର ପ୍ରଥମ ଭାଗରେ ନୟାଗଡ଼ ଜିଲ୍ଲାର ବିରଳ ପ୍ରତିଭା ରଘୁ-ଦିବାକର, ପଠାଣି ସାମନ୍ତ, ଯଦୁମଣି ମହାପାତ୍ର, କଷ୍ଟି ଡାକୁଆ, ଗୋବିନ୍ଦ ଚନ୍ଦ୍ର ଶୂରଦେଓ, ଗୋବିନ୍ଦ ଚନ୍ଦ୍ର ମିଶ୍ର, ଶୁକ୍ର ବେହେରା, ଲକ୍ଷ୍ମଣ ମହାରଣା, ରଘୁନାଥ ସିଂହ ସାମନ୍ତ, ଦାଶରଥି ପଟ୍ଟନାୟକ ଓ ନାରାୟଣ ବେହେରାଙ୍କର ଫଟୋଚିତ୍ର ସହିତ ସେମାନଙ୍କର ସଂକ୍ଷିପ୍ତ ପରିଚୟ ପ୍ରଦାନ କରାଯାଇଛି।

ଏହି ସ୍ମରଣିକାରେ ରାଜକିଶୋର ପଟ୍ଟନାୟକଙ୍କର କବିତା 'ନୟାଗଡ଼ ନୂତନ ରାଜବାଟୀରେ ସନ୍ଧ୍ୟା', ସୁରେନ୍ଦ୍ର ଭଞ୍ଜଙ୍କର କବିତା 'ଆସ ନୟାଗଡ଼ ଜିଲ୍ଲା', ଗୋଦାବରୀଶ ମିଶ୍ରଙ୍କର କବିତା 'ଲୋଟିବି ଚରଣ ତଳେ' ଓ ବଂଶୀଧର ଷଡ଼ଙ୍ଗୀଙ୍କର 'ଦିନେ ନା ଦିନେ' କବିତା ସ୍ଥାନିତ। ଏଥିରେ ପ୍ରକାଶିତ

Digitized by PPRACHIN, SOA

କେତେଗୋଟି ଉଲ୍ଲେଖଯୋଗ୍ୟ ପ୍ରବନ୍ଧ ହେଉଛି ପ୍ରାଧ୍ୟାପିକା ଗୀତାଦେବୀଙ୍କର 'ଓଡ଼ିଆ ଜାତିର ଭାଷା ସାହିତ୍ୟକୁ ନୟାଗଡ଼ର ଅବଦାନ', ବିଭୂତି ଜେନାଙ୍କର ପ୍ରବନ୍ଧ 'ନୟାଗଡ଼ର ପତ୍ରପତ୍ରିକା', ଗଣେଶ୍ୱର ମିଶ୍ରଙ୍କର 'ଛପି ରହିଥିବା ଛବି', ପ୍ରଫେସର ଡଃ ଜଗନ୍ନାଥ ପଟ୍ଟନାୟକଙ୍କର 'ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା ଓ ରଣପୁରର କରଦରାଜ୍ୟ: ଏକ ସିଂହାବଲୋକନ', ଅଜିତ କୁମାର ଷଡ଼ଙ୍ଗୀଙ୍କର 'ଓଡ଼ିଆ ଲୋକନାଟ୍ୟ ପରମ୍ପରା ଓ ନୟାଗଡ଼', ଡଃ ଶାନ୍ତନୁ କୁମାର ପଟ୍ଟନାୟକଙ୍କର ନୟାଗଡ଼ ଜିଲ୍ଲାର ଦେଶୀୟ ରାଜ୍ୟମାନଙ୍କର ଇତିହାସ ଏବଂ ଗିରିଜା ଶଙ୍କର ତରାସିଆଙ୍କର 'ଓଡ଼ିଶା ଇତିହାସରେ ଖଣ୍ଡପଡ଼ାର ସ୍ଥାନ' ଇତ୍ୟାଦି। ଏହି ସ୍ମରଣିକାଟି ବେଶ୍ ତଥ୍ୟଭିତ୍ତିକ ଓ ଗବେଷଣାଧର୍ମୀ ଅଟେ।

ପ୍ରତୀତି (୧୯୯୪) :

ଏହି ସାହିତ୍ୟ ପତ୍ରିକାଟି ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ସମ୍ପାଦନାରେ ୧୯୯୪ ମସିହାରୁ ପ୍ରକାଶିତ ହୋଇ ଆସୁଥିଲା। ଏଥିରେ ଗଳ୍ପ, କବିତା, ପ୍ରବନ୍ଧ ପ୍ରଭୃତି ସ୍ଥାନ ପାଉଥିଲା।

ପ୍ରାଚ୍ୟପରମ୍ପରା (୧୯୯୫) :

ଏହା ଏକ ତ୍ରୈମାସିକ ସାହିତ୍ୟ ପତ୍ରିକା। ଏହାର ସଂପାଦକ ହେଉଛନ୍ତି ନିର୍ମଳ ଚନ୍ଦ୍ର ଶୂରଦେଓ। ଏହାରେ ରାଜ୍ୟସ୍ତରୀୟ ଲେଖକମାନଙ୍କର ଲେଖା ପ୍ରକାଶ ପାଏ। ଏହି ପତ୍ରିକାଟି ୧୯୯୫ ମସିହାରୁ ନିୟମିତ ଭାବରେ ପ୍ରକାଶ ପାଇଆସୁଅଛି। ଏହି ସାରସ୍ୱତ ପତ୍ରିକାରେ କବିତା, ଗଳ୍ପ, ପ୍ରବନ୍ଧ, ଛୋଟ ନାଟକ, ପୁସ୍ତକ ସମୀକ୍ଷା ପ୍ରଭୃତି ପ୍ରକାଶ ପାଇଥାଏ। ଏହି ପତ୍ରିକାଟି ବହୁ ଲେଖକ ସୃଷ୍ଟି କରିଛି। ଏହି ପତ୍ରିକାଟିର ଉଜ୍ଜ୍ୱଳ ଭବିଷ୍ୟତ ରହିଛି।

ଆରଣ୍ୟକ (୧୯୯୬) :

ନୟାଗଡ଼ ଜିଲ୍ଲା ମହୋତ୍ସବ ମୁଖପତ୍ର 'ଆରଣ୍ୟକ' ନିୟମିତ ଭାବରେ ପ୍ରକାଶ ପାଇ ଆସୁଅଛି। ନୟାଗଡ଼ ଜିଲ୍ଲାର ଐତିହ୍ୟ, ସଂସ୍କୃତି, ସାହିତ୍ୟ, କଳା ସମ୍ପର୍କିତ ବହୁ ଗବେଷଣାଧର୍ମୀ ପ୍ରବନ୍ଧ ଏଥିରେ ସ୍ଥାନ ପାଇ ଆସୁଅଛି। ଏହା ବ୍ୟତୀତ ଏଥିରେ କବିତା, ଗଳ୍ପ ଏବଂ ସାହିତ୍ୟର ଅନ୍ୟାନ୍ୟ ବିଭାଗ ମଧ୍ୟ ସ୍ଥାନ ପାଇଥାଏ।

ମୁକୁଳିତ ରଜନୀଗନ୍ଧା (୧୯୯୬) :

୧୯୯୬ ମସିହା ଜାନୁଆରୀ ମାସ ହେଉଛି ଏହି ପତ୍ରିକାର ଜନ୍ମଲଗ୍ନ। ସୀମାଞ୍ଚଳ ଦାଶଙ୍କ ସୁସମ୍ପାଦନାରେ ଏହି ସାହିତ୍ୟ ପତ୍ରିକାଟି ପ୍ରକାଶ ପାଇ ଆସୁଅଛି। ଏହି ପତ୍ରିକାଟି ମଧ୍ୟ ବହୁ ଲେଖକ ସୃଷ୍ଟି କରିପାରିଛି।

Digitized by PPRACHIN, SOA

କୁଞ୍ଜବନଧାରା (୧୯୯୫) :

ମହାବୀର କ୍ଷେତ୍ର ଦଶପଲ୍ଲାଗଡ଼ରୁ କୁଞ୍ଜବନଧାରା ପତ୍ରିକା ୧୯୯୫ ମସିହାରୁ ପ୍ରକାଶ ପାଉଥିଲା । ଏହା ହେଉଛି ଦଶପଲ୍ଲା ବିବେକାନନ୍ଦ ପଠନ କେନ୍ଦ୍ରର ମୁଖପତ୍ର । ଏହା ଏକ କ୍ଷୁଦ୍ର ପତ୍ରିକା । ଏହାର ସମ୍ପାଦନା କରୁଛନ୍ତି ହାଡ଼ିବନ୍ଧୁ ମହାକୁଡ଼ । ମୁଖ୍ୟ ସମ୍ପାଦକ ହେଉଛନ୍ତି ଶରତ ଚନ୍ଦ୍ର ଆଚାର୍ଯ୍ୟ ।

କୁରାଳଶ୍ରୀ (୨୦୦୧) :

ଏହି ପତ୍ରିକାଟି ଗୌରଚନ୍ଦ୍ର ସାହୁଙ୍କ ସମ୍ପାଦନାରେ ପ୍ରକାଶିତ । ଏହାର ପ୍ରକାଶକ ହେଉଛନ୍ତି କୁରାଳ ଗ୍ରାମବାସୀ ବୃନ୍ଦ ।

ଚୟନିକା (୧୯୯୯) :

ଚୟନିକା ସାହିତ୍ୟ ପତ୍ରିକାଟି ୧୯୯୯ ମସିହାରୁ ପ୍ରକାଶ ପାଇ ଆସୁଥିଲା । ଏହା ଏକ ବାର୍ଷିକ ପତ୍ରିକା । କବିମୁକୁଳ ଗୌରାଙ୍ଗ ପ୍ରଧାନ ଏହାର ପ୍ରତିଷ୍ଠାତା ସମ୍ପାଦକ ଥିଲେ ।

ପଦଚିହ୍ନ (୨୦୦୬) :

ନୟାଗଡ଼ ଜିଲ୍ଲା ଲେଖକ ପରିଷଦର ମୁଖପତ୍ର 'ପଦଚିହ୍ନ' ବାର୍ଷିକ ବିଶେଷାଙ୍କ ୨୦୦୬ରୁ ପ୍ରକାଶିତ । ଏହି ପତ୍ରିକାରେ ପ୍ରକାଶ ପାଇଥିବା କେତୋଟି ପ୍ରବନ୍ଧ ହେଉଛି– ନିର୍ମଳ ଚନ୍ଦ୍ର ଶୂରଦେଓଙ୍କର 'ଶବ୍ଦ ବ୍ରହ୍ମର ଦାରୁବ୍ରହ୍ମ : କବି କୁଳମଣି', ଡକ୍ଟର ପ୍ରେମାନନ୍ଦ ମହାପାତ୍ରଙ୍କର 'ବୈଦେହୀଶ ବିଳାସ ଓ ରାଘବ ବିଳାସ କାବ୍ୟ-ଏହି ତୁଳନାତ୍ମକ ବିଚାର', ଦୀନବନ୍ଧୁ ମିଶ୍ରଙ୍କର 'ସାରଳା ମହାଭାରତରେ ନୟାଗଡ଼ର ଚିତ୍ର' ଇତ୍ୟାଦି । ଏଥିରେ ମଧ୍ୟ କବିତା ଓ ଗଳ୍ପ ସ୍ଥାନ ପାଇଛି ।

ସେତୁବନ୍ଧ (୨୦୦୭) :

'ସେତୁବନ୍ଧ' ପତ୍ରିକାଟି ୨୦୦୭ ମସିହାରୁ ଉଷାରାଣୀ ମିଶ୍ରଙ୍କ ସମ୍ପାଦନାରେ ପ୍ରକାଶିତ ହୋଇ ଆସୁଅଛି । ଏହା ଏକ ତ୍ରୈମାସିକ ପତ୍ରିକା । ଏଥିରେ କବିତା, କ୍ଷୁଦ୍ରଗଳ୍ପ, ପ୍ରବନ୍ଧ, କ୍ଷୁଦ୍ର ନାଟକ, ସାକ୍ଷାତକାର ଏବଂ ସମୀକ୍ଷା ପ୍ରକାଶ ପାଇଥାଏ ।

ଶ୍ରଦ୍ଧା (୨୦୦୮) :

ନୟାଗଡ଼ କୃଷ୍ଣଚନ୍ଦ୍ର କ୍ଲବର ବାର୍ଷିକ ମୁଖପତ୍ର 'ଶ୍ରଦ୍ଧା' ୨୦୦୮ ମସିହାରୁ ପ୍ରକାଶ ପାଇ ଆସୁଅଛି । ଏହି ପତ୍ରିକାର ସମ୍ପାଦନା ମଣ୍ଡଳୀର ସଦସ୍ୟମାନେ ହେଉଛନ୍ତି– କମଳ ଦାସ, ପ୍ରଶାନ୍ତ କୁମାର ସାମନ୍ତରାୟ ଏବଂ ରଜତ କୁମାର ଚମ୍ପତିରାୟ । ଏହି ପତ୍ରିକାରେ ପ୍ରବନ୍ଧ, କବିତା, ଗଳ୍ପ ପ୍ରଭୃତି ସ୍ଥାନ ପାଇଥାଏ ।

ରଣଶ୍ରୀ (୨୦୦୮) :

ରଣପୁର ମହୋତ୍ସବର ମୁଖପତ୍ର 'ରଣଶ୍ରୀ' ୨୦୦୮ ମସିହାରୁ ପ୍ରକାଶ ପାଇ ଆସୁଅଛି । ଏଥିରେ ରଣପୁରର କଳା, ସାହିତ୍ୟ, ସଂସ୍କୃତ ବିଷୟକ ଆଲୋଚନା ସ୍ଥାନ ପାଇଥାଏ ।

Digitized by PPRACHIN, SOA

ପାଞ୍ଚାଳୀ (୨୦୧୬) :

ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ନୂଆଗାଁ ବ୍ଲକ୍‌ର ନୂଆଗାଁ ମହୋତ୍ସବର ମୁଖପତ୍ର ରୂପେ 'ପାଞ୍ଚାଳୀ' ପ୍ରକାଶ ପାଇଆସୁଅଛି । ଏଥିରେ ପ୍ରବନ୍ଧ, କବିତା ପ୍ରଭୃତି ସ୍ଥାନ ପାଇଥାଏ ।

ଅକ୍ଷ (୨୦୧୬) :

ଏହି ତ୍ରୈମାସିକ ସାହିତ୍ୟ ପତ୍ରିକାଟି ୨୦୧୯ ମସିହାରୁ ଦଶପଲ୍ଲାଗଡ଼ରୁ ପ୍ରକାଶ ପାଇଆସୁଅଛି । ଏହି ପତ୍ରିକାଟିର ନାମକରଣ କରାଯାଇଛି– ପ୍ରଣବ ଓଁକାରରୁ ଅକ୍ଷ । ଏହାର ସୁଯୋଗ୍ୟ ସଂପାଦକ ହେଉଛନ୍ତି ସୁସାହିତ୍ୟିକ ହାଡ଼ିବନ୍ଧୁ ମହାଖୁଡ଼ । ସହ-ସମ୍ପାଦକ ଭାବରେ କାର୍ଯ୍ୟ କରୁଛନ୍ତି ସୂର୍ଯ୍ୟମଣି ମହାପାତ୍ର ଓ ବିଘ୍ନେଶ୍ୱର ବେହେରା । ଏହି ପତ୍ରିକାରେ ପ୍ରବନ୍ଧ, କବିତା ଓ ଗଳ୍ପ ସ୍ଥାନ ପାଇଥାଏ ।

ପୁଷ୍ପାଞ୍ଜଳି (୨୦୨୧) :

ଏହି ମାସିକ ପତ୍ରିକାଟି ନିର୍ମଳ ଚନ୍ଦ୍ର ଶୂରଦେଓଙ୍କ ସମ୍ପାଦନାରେ ୨୦୨୧ ମସିହା ଜାନୁଆରୀ ମାସରୁ ପ୍ରକାଶ ପାଇଛି ।

ନୟାଗଡ଼ ଜିଲ୍ଲାରେ ପ୍ରକାଶ ପାଉଥିବା ଏହି ପତ୍ରପତ୍ରିକାଗୁଡ଼ିକ ସାହିତ୍ୟର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ସ୍ଥାନୀୟ ଲେଖକମାନଙ୍କୁ ଏହି ପତ୍ରପତ୍ରିକା ଗୁଡ଼ିକ ଯେ ନିଶ୍ଚିତ ଭାବରେ ପ୍ରୋତ୍ସାହନ ଯୋଗାଇବ, ଏଥିରେ ସନ୍ଦେହ ନାହିଁ । ଆଗାମୀ ଦିନରେ ଏହି ପତ୍ରପତ୍ରିକାଗୁଡ଼ିକ ପୁନଶ୍ଚ ନୂତନ ସାହିତ୍ୟ ପତ୍ରିକା ସୃଷ୍ଟି ହେବାପାଇଁ ପ୍ରେରଣା ପ୍ରଦାନ କରିବ, ଏକଥା ସର୍ବାଦୌ ସ୍ୱୀକାର୍ଯ୍ୟ ।

□■□

Digitized by PPRACHIN, SOA

ଚତୁର୍ଦ୍ଦଶ ପରିଚ୍ଛେଦ

ମନୀଷୀ ସାମନ୍ତଚନ୍ଦ୍ରଶେଖର ଓ 'ସିଦ୍ଧାନ୍ତ ଦର୍ପଣ'

Digitized by PPRACHIN, SOA

"ହେ ଉତ୍କଳମାତା ଯୋଗ୍ୟତମ ସୁତ,
ତୁମ୍ଭ ଯୋଗୁଁ ଆମ୍ଭେ ସର୍ବେ ହେଲୁ ପୂତ !
ଗୋଦାବରୀଠାରୁ ଗଙ୍ଗାଯାଏ ବ୍ୟାପି,
କୀର୍ତ୍ତିମାଳା ଯାର ବିରାଜେ ଅଦ୍ୟାପି !
ଏକାମ୍ର କୋଣାର୍କେ ଯା କୀର୍ତ୍ତି ଭାସ୍ୱର,
ଯୋଗ୍ୟପୁତ୍ର ତୁମ୍ଭେ ସେହି ଉତ୍କଳର ।"

ଉତ୍କଳ ଜନନୀଙ୍କର ଯୋଗ୍ୟତମ ସୁତ, ଭାରତର ଦ୍ୱିତୀୟ ଭାସ୍କର, ସିଦ୍ଧାନ୍ତ ଦର୍ପଣକାର ଜ୍ୟୋତିର୍ବିଜ୍ଞାନୀ ମହାମନୀଷୀ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତଙ୍କ ପ୍ରତି ଏହା ହେଉଛି କବିବର ରାଧାନାଥ ରାୟଙ୍କର ଶ୍ରଦ୍ଧା ଅର୍ଘ୍ୟ । ସାମନ୍ତ ଚନ୍ଦ୍ରଶେଖର ଓରଫ ପଠାଣି ସାମନ୍ତ ପ୍ରସିଦ୍ଧ ସିଦ୍ଧାନ୍ତ ଗ୍ରନ୍ଥ 'ସିଦ୍ଧାନ୍ତ ଦର୍ପଣ'ର ରଚୟିତା । ସେ ଖଣ୍ଡପଡା ରାଜବଂଶୀୟ ଅଟନ୍ତି । ଖଣ୍ଡପଡ଼ା ରାଜବଂଶ ମଧ୍ୟପ୍ରଦେଶ ରେୱାର ବଘେଲ ବଂଶୀୟ କ୍ଷତ୍ରିୟ ବଂଶଧର । ଚନ୍ଦ୍ରଶେଖର ଖଣ୍ଡପଡା ରାଜ୍ୟର ସପ୍ତମ ରାଜା ନୃସିଂହ ଭ୍ରମରବର ରାୟଙ୍କର ପଞ୍ଚମପୁତ୍ର ଶ୍ୟାମବନ୍ଧୁ ସିଂହ ସାମନ୍ତଙ୍କ ଯଶସ୍ୱୀ ସନ୍ତାନ । ତାଙ୍କର ମାତା ବିଷ୍ଣୁମାଳୀ ଦେବୀ ଧରାକୋଟ ରାଜବଂଶୀୟ । ଶ୍ୟାମବନ୍ଧୁ ସିଂହ ସଂସ୍କୃତ ସାହିତ୍ୟ ଓ ଜ୍ୟୋତିଷ ଶାସ୍ତ୍ରରେ ପ୍ରବୀଣ ଥିଲେ । ତାଙ୍କର ପାଣ୍ଡିତ୍ୟର ପରାକାଷ୍ଠା ସମଗ୍ର ଖଣ୍ଡପଡା ରାଜ୍ୟରେ ପରିବ୍ୟାପ୍ତ ଥିଲା । ସାମନ୍ତ ଚନ୍ଦ୍ରଶେଖର ତାଙ୍କର ପିତା ଓ ବଂଶର ଗାରିମା ସମ୍ପର୍କରେ ଲେଖିଛନ୍ତି-

"କ୍ଷତ୍ରାବ୍ଧିଶ୍ରୀବଘେଲାନ୍ୱୟପୟ ଉଦଧିପ୍ରୋଦ୍ୟଦାପୂର୍ଣ୍ଣଚନ୍ଦ୍ରା
ଜ୍ୟୋତିଃ ସନ୍ଧାନ ସିନ୍ଧୁ ସ୍ତତ ଉଦୟ ମଗଚ୍ଛଦ୍ ବୁଧଃ ଶ୍ୟାମବନ୍ଧୁଃ ।
ସ୍ୱାନ୍ତୋଦ୍ୟଦ୍ଦୀନବନ୍ଧୁ ପ୍ରପଦନଖମହଃସଂହୃତାହସ୍ତମିସ୍ରଃ
ଶ୍ରୀମାନ୍ ସିଂହାନ୍ତନାମୋତ୍କଳନିଳୟଭରଦ୍ୱାଜ ଗୋତ୍ରାବ୍ଜମିତ୍ରଃ ।"

ଅର୍ଥାତ୍ ବଘେଲ ବଂଶୀୟ କ୍ଷତ୍ରିୟ ଜାତିରେ ଲକ୍ଷ୍ମୀ ବାସ କରନ୍ତି । ତେଣୁ ଏହି ବଂଶ କ୍ଷୀର ସାଗର ପରି ଶୁଭ୍ର ଓ ସୁନ୍ଦର । ସେଥିରୁ ପୂର୍ଣ୍ଣଚନ୍ଦ୍ର ଉଦୟ ହେଲାପରି

Digitized by PPRACHIN, SOA

ଶ୍ରୀନୃସିଂହ ଜନ୍ମଲାଭ କରିଥିଲେ । ଏହି ଶ୍ରୀନୃସିଂହଙ୍କ ଔରସରୁ ଶ୍ୟାମବନ୍ଧୁଙ୍କର ଜନ୍ମ । ଶ୍ୟାମବନ୍ଧୁ ଗ୍ରହ ନକ୍ଷତ୍ରମାନଙ୍କ ପର୍ଯ୍ୟବେକ୍ଷଣ ଜ୍ଞାନରେ ସମୁଦ୍ର ସ୍ୱରୂପ ଥିଲେ । ସେ ହୃଦୟରେ ଦୀନବନ୍ଧୁ ଭଗବାନଙ୍କର ଧ୍ୟାନ କରୁଥିଲେ । ତେଣୁ ଭଗବାନଙ୍କର ପାଦ ନଖର ତେଜରେ ତାଙ୍କର ପାପାନ୍ଧକାରପୂର୍ଣ୍ଣ ରାତ୍ରି ନଷ୍ଟ ହୋଇଯାଇଥିଲା । ସେ ଆମରି ଓଡିଶା ପ୍ରଦେଶରେ ବାସ କରୁଥିଲେ । ସେ ଭରଦ୍ୱାଜ ଗୋତ୍ରର ଥିଲେ ମଧ୍ୟ ଭରଦ୍ୱାଜ କୁଳ ସ୍ୱରୂପ ପଦ୍ମର ସୂର୍ଯ୍ୟ ସ୍ୱରୂପ ଥିଲେ । ତାଙ୍କ ଯୋଗେ ଏହି ବଂଶର ପ୍ରକାଶ ଓ ପ୍ରତିଷ୍ଠା ହୋଇପାରିଥିଲା । ତାଙ୍କର ସ୍ୱୋପାଧିକ ନାମ ଶ୍ୟାମବନ୍ଧୁ ସିଂହ । ସେ ଅତ୍ୟନ୍ତ ପଣ୍ଡିତ ଥିଲେ । ଚନ୍ଦ୍ରଶେଖର ପୁନଶ୍ଚ ଲେଖିଛନ୍ତି-

"ତଜ୍ଜଃ ଶ୍ରୀମଧୁସୂଦନାଭିଧ ମହାପାତ୍ରାଦ୍‌ଗୁରୋଦୀକ୍ଷିତୋ
ବିଦ୍ୟାମୁଦ୍ୟତ ଖଡ୍ଗରାୟ ସୁପଦାଦାନନ୍ଦ ମିଶ୍ରାଦ ଗତଃ
ସୋଽହଂ ବ୍ରହ୍ମଗିରୀଶ ମାଧବ ପଦାବାସଃ ସ୍ୱଧର୍ମାଧମଃ
ସିଦ୍ଧାନ୍ତଗ୍ରଥନଂଚକାର ଯଦିଦଂ ସ୍ୟାତ୍କୃଷ୍ଣ ପାଦାର୍ପିତମ୍ ।"

ଅର୍ଥାତ୍ ମୁଁ ଏହି ଶ୍ୟାମବନ୍ଧୁ ସିଂହଙ୍କ ପୁତ୍ର । ମଧୁସୂଦନ ମହାପାତ୍ରଙ୍କଠାରୁ ମୁଁ ଦୀକ୍ଷା ନେଇଅଛି । ଖାଡଙ୍ଗା ଆନନ୍ଦ ମିଶ୍ରଙ୍କ ପାଖରେ ମୁଁ ପାଠ ପଢିଅଛି । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କର ପାଦ ହିଁ ମୋର ଆଶ୍ରୟ ସ୍ଥଳ । ନିଜର କୁଳଧର୍ମ ପାଳନ କରିବାରେ ମୁଁ ବରାବର ତ୍ରୁଟିକରି ଆସିଛି । ମୁଁ ଅଧମ । ତଥାପି ଯେ ମୁଁ ଏ ସିଦ୍ଧାନ୍ତ ଗ୍ରନ୍ଥ ରଚନା କଲି ଏହାକୁ ସେହି ଭଗବତ ଚରଣାରବିନ୍ଦରେ ଅର୍ପଣ କରୁଅଛି ।

୧୮୩୫ ମସିହା ପୌଷମାସ କୃଷ୍ଣାଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଜନ୍ମଗ୍ରହଣ କରିଥିଲେ । ସେ ଉଲ୍ଲେଖ କରିଛନ୍ତି ଯେ କଳିଗତାବ୍ଦ ୪୯୩୬ରେ ସେ ଜନ୍ମଲାଭ କରିଥିଲେ । କଳିଯୁଗ ଆରମ୍ଭ ହୁଏ ଫେବୃୟାରୀ ମାସ ୧୮ ତାରିଖ ଖ୍ରୀ.ପୂ. ୩୧୦୨ରେ । ଚନ୍ଦ୍ରଶେଖର ସିଂହ ଖଣ୍ଡପଡାର ରାଜା କୁଞ୍ଜବିହାରୀ ସିଂହ ମର୍ଦ୍ଦରାଜ (୧୮୫୪-୧୮୬୬) ଓ ନଟବର ସିଂହ ମର୍ଦ୍ଦରାଜ (୧୮୬୬-୧୯୦୫)ଙ୍କ ସମସାମୟିକ । ୧୯୦୪ ମସିହା ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଦ୍ୱାଦଶୀ ଦିନ ତାଙ୍କର ମହାପ୍ରୟାଣ ଘଟେ । ଚନ୍ଦ୍ରଶେଖରଙ୍କର ଜୀବନକାଳ ହେଉଛି ୬୯ ବର୍ଷ । ତାଙ୍କର ସମଗ୍ର ଜୀବନ ଥିଲା ସାଧନାମୟ । ଦାରିଦ୍ର୍ୟ, ଅଭାବ, ଋଣଭାର, ଦୁରାରୋଗ୍ୟ, ରୋଗକଷ୍ଟ ଇତ୍ୟାଦି ଥିଲା ତାଙ୍କର ଚିର ସହଚର । ରାଜପରିବାରର ହୋଇ ମଧ୍ୟ ଉତ୍କଟ ଅଭାବ ଓ ଋଣଭାରରେ ସେ ଥିଲେ ଜର୍ଜରିତ । ସେ ଥିଲେ ରାଜ ଅନୁକମ୍ପାରୁ ବଞ୍ଚିତ । ଏ ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଚନ୍ଦ୍ରଶେଖର ନିଜର ସାଧନାରେ ଅଟଳ ଥିଲେ । ସେ ତାଙ୍କର ଆରାଧ୍ୟ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ନିଜକୁ ସମ୍ପୂର୍ଣ୍ଣରୂପେ ଆତ୍ମସମର୍ପଣ କରିଥିଲେ । ଚନ୍ଦ୍ରଶେଖର ଥିଲେ ସତ୍ୟନିଷ୍ଠ,

Digitized by PPRACHIN, SOA

ମହାମହୋପାଧ୍ୟାୟ ସାମନ୍ତଚନ୍ଦ୍ରଶେଖର ।

Digitized by PPRACHIN, SOA

ଧର୍ମପରାୟଣ, କଷ୍ଟସହିଷ୍ଣୁ ସାଧକ । ତାଙ୍କର ଦାନଶୀଳତାର ପଟାନ୍ତର ନାହିଁ । ଦେବତା, ବ୍ରାହ୍ମଣ, ଅତିଥି ଓ ଅଭ୍ୟାଗତ ମାନଙ୍କ ପାଇଁ ତାଙ୍କର ବଦାନ୍ୟତା ଥିଲା ଆଦର୍ଶସ୍ଥାନୀୟ । ଚନ୍ଦ୍ରଶେଖର ନୀତିପୂର୍ଣ୍ଣ ଜୀବନଯାପନ କରୁଥିଲେ । ସେ ଥିଲେ ଶାସ୍ତ୍ରଜ୍ଞ ପଣ୍ଡିତ । ଉଭୟ ସଂସ୍କୃତ ଓ ଓଡ଼ିଆ ଶାସ୍ତ୍ରରେ ସେ ଥିଲେ ପାରଙ୍ଗମ । ଶ୍ରୀହର୍ଷଙ୍କ ନୈଷଧ, ମାଘକବିଙ୍କର 'ଶିଶୁପାଳବଧ', ଭାରବୀଙ୍କର 'କିରାତାର୍ଜ୍ଜୁନୀୟ', ଅନର୍ଘରାଘବ ଏବଂ ଭାଗବତର ଅଷ୍ଟାଦଶ ସହସ୍ର ଶ୍ଳୋକ ତାଙ୍କର ମୁଖସ୍ଥ ଥିଲା । କୋଷଗ୍ରନ୍ଥରେ ସେ ପାଣ୍ଡିତ୍ୟ ଅର୍ଜନ କରିଥିଲେ । ଓଡ଼ିଆ କାବ୍ୟଯୁଗର କବିଗୁରୁ ଉପେନ୍ଦ୍ରଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ଅଭିମନ୍ୟୁ ସାମନ୍ତସିଂହାରଙ୍କ କାବ୍ୟଗ୍ରନ୍ଥ ସହିତ ସନ୍ଥକବି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଏବଂ ଖଣ୍ଡପଡାର ପରମ ଭାଗବତୀ ଦୀନବନ୍ଧୁ ଖାଡଙ୍ଗାଙ୍କ ଭାଗବତ ତାଙ୍କର ଅତ୍ୟନ୍ତ ପ୍ରିୟ ଥିଲା । ଚନ୍ଦ୍ରଶେଖର ଈଶ୍ୱର ବିଶ୍ୱାସୀ ଓ ଗଭୀର ଧର୍ମ ବିଶ୍ୱାସୀ ଥିଲେ । ସେ ଥିଲେ ଜଗନ୍ନାଥପ୍ରାଣ । ଶ୍ରୀଜଗନ୍ନାଥଙ୍କ ପ୍ରତି ସେ ତାଙ୍କର ଗଭୀର ଭକ୍ତି ନିବେଦନ କରିଛନ୍ତି । ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ସେ ଅଭେଦତ୍ୱ ପ୍ରତିପାଦନ କରିଛନ୍ତି ।

"ଶ୍ରୀଭୂମାଧବଚକ୍ରଚକ୍ର୍ୟ ବନିଭୃଭଦ୍ରାଭିରଭ୍ୟୁଜ୍ଜ୍ୱଳଂ
ଶ୍ରୀକଣ୍ଠ ପ୍ରମୁଖାଖିଳାମରଶିଖା ଜୁଷ୍ଟାଘ୍ରିଂ ପୀଠୋପଳମ୍ ।
ଶ୍ରୀନୀଳାଚଳମୌଳିମଣ୍ଡନ ମହାନୀଳାୟମାନଂ ମହଃ
ଶ୍ରୀଭୂମାଧରିତସ୍ମରଂ ଭବତୁନଃ ପ୍ରତ୍ୟୁହ ହତ୍ୟୁଦ୍ୟତମ୍ ।
ଗାଙ୍ଗେୟ ଦ୍ୟୁତିଭଙ୍ଗଦାଙ୍ଗଲତୟା ଶ୍ରୀରାଧାୟା ଲିଙ୍ଗିତଂ
ବିଦ୍ୟୁଷ୍ଠାଙ୍ଗି ଘନା ଘନାପଘନ ରୁକ୍ ପ୍ରେମାମୃତୈ କାଶ୍ରୟମ୍
ସହଂ ବିସ୍ମୁଖ ମକ୍ଷର କ୍ଷରପରଂ ପୂର୍ଣ୍ଣାତି ପୂର୍ଣ୍ଣୋତ୍ତମଂ
ଶ୍ରୀକୃଷ୍ଣାଖ୍ୟ ମୁପାସ୍ମହେ ସୁରୁଚିରଂ ବେଦାନ୍ତ ବେଦ୍ୟଂମହଃ ।"

ଅର୍ଥାତ୍ ଶ୍ରୀ ନୀଳାଚଳର ଶିରୋଭୂଷଣ ହେତୁ ଅତିମାତ୍ରାରେ ନୀଳ ଦେଖାଯାଉଥିବା ତେଜ (ଶ୍ରୀଜଗନ୍ନାଥ) ଆମର ସମସ୍ତ ବିଘ୍ନ ବିନାଶ କରିବା ନିମନ୍ତେ ଜାଗ୍ରତ ରହନ୍ତୁ । ଲକ୍ଷ୍ମୀ, ଭୂଦେବୀ, ମାଧବ (ଦୁର୍ଗାମାଧବ) ସୁଦର୍ଶନ ଚକ୍ର, ନାରାୟଣ, ବଳଭଦ୍ର ଓ ସୁଭଦ୍ରା- ଏହି ସାତ ଦେବତାଙ୍କର ସହଯୋଗରେ ଏହି କାନ୍ତି ଉଜ୍ଜ୍ୱଳତର ହୋଇଅଛି । ପୁଣି ମହାଦେବଙ୍କ ଗହଣରେ ଦେବତାମାନେ ଆସି ପଥରରେ ନିର୍ମିତ ରତ୍ନସିଂହାସନରେ ମଥା ଲଗାଇ ଏହି ତେଜକୁ ପ୍ରଣାମ କରୁଅଛନ୍ତି । ପ୍ରଭୁଙ୍କର ସୌନ୍ଦର୍ଯ୍ୟାତିଶୟ କନ୍ଦର୍ପକୁ ପରାଜିତ କରୁଅଛି ।

ଶ୍ରୀକୃଷ୍ଣଙ୍କର ମନୋହର କାନ୍ତିକୁ ମୁଁ ଉପାସନା କରୁଅଛି । ଏହି କାନ୍ତି ଅତ୍ୟନ୍ତ କମନୀୟ ଓ ସୁନ୍ଦର । ବେଦାନ୍ତ ଶାସ୍ତ୍ରଦ୍ୱାରା ହିଁ ଏହି କାନ୍ତିର ମହତ୍ତ୍ୱ ଉପଲବ୍ଧ

Digitized by PPRACHIN, SOA

କରାଯାଇପାରେ । ଏହି କାନ୍ତି ସ୍ୱୟଂ ସମ୍ପୂର୍ଣ୍ଣ- ଏହାର ଆଉ ପରିପୂରକ ନାହିଁ । ଏଣୁ ଏହା ଅତୁଳନୀୟ । ଏହା ଜୀବଗତ ନୁହେଁ କି ପଞ୍ଚଭୂତ ମଧ୍ୟ ନୁହେଁ- ଦୁର୍ଲ୍ଲଭ । ଏହା ସତ୍, ଚିତ୍ ଓ ଆନନ୍ଦ ରୂପନେଇ ଅଛି । ପ୍ରେମରୂପକ ଅମୃତ ଏହି କାନ୍ତିକୁ ହିଁ ଆଶ୍ରୟ କରି ରହିଅଛି । ସୁନାର ତେଜକୁ ନିନ୍ଦା କରୁଥିବା ଶ୍ରୀରାଧାଙ୍କର ଅଙ୍ଗଲତା ଏହି ତେଜକୁ (କୃଷ୍ଣଙ୍କୁ) ଆଲିଙ୍ଗନ କରି ରହିଥିବାରୁ ଏହା ବିଜୁଳି ମାରୁଥିବା କଳାହାଣ୍ଡିଆ ବର୍ଷୁକ ମେଘର କାନ୍ତିକୁ ଧାରଣ କରିଅଛି ।

ଚନ୍ଦ୍ରଶେଖରଙ୍କର ଶ୍ରୀଜଗନ୍ନାଥଙ୍କଠାରେ ଅଚଳାଚଳ ଭକ୍ତି ଥିଲା । ଅହୋରାତ୍ର ସେ ହରିନାମ ସ୍ମରଣ କରୁଥିଲେ । ପ୍ରତ୍ୟହ ଦେବାର୍ଚ୍ଚନା, ସ୍ତୋତ୍ରପାଠ, ଜପ, ତପ, ଧ୍ୟାନ ଏବଂ ଧର୍ମଗ୍ରନ୍ଥ ପାଠ ଓ ଶ୍ରବଣରେ ସେ ବ୍ୟାପୃତ ରହୁଥିଲେ । ସାମନ୍ତଙ୍କର ଠାକୁରଘରେ ଶ୍ରୀଜଗନ୍ନାଥଙ୍କ ନିକଟରେ ସଦାସର୍ବଦା ଦୀପଟିଏ ପ୍ରଜ୍ୱଳିତ ହୋଇ ରହୁଥିଲା । ସାମନ୍ତଙ୍କ ମତରେ ଶ୍ରୀଜଗନ୍ନାଥ ପରବ୍ରହ୍ମ ଓ ଅବତାରୀ ପୁରୁଷ । ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ନୀଳାଚଳଧାମର ମହାତ୍ମ୍ୟକୁ ସେ ସେ ଉପଲବ୍ଧି କରିଥିଲେ । ତେଣୁ ସେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଖଣ୍ଡପଡା ଗଡଠାରୁ ଶ୍ରୀକ୍ଷେତ୍ରକୁ ଚାଲି ଚାଲି ଯାତ୍ରା କରୁଥିଲେ । ଖଣ୍ଡପଡାଠାରୁ ସିଂହଦ୍ୱାର ୧,୫୧,୨୦୦ ପାହୁଣ୍ଡ ବୋଲି ସେ ଉଲ୍ଲେଖ କରିଥିଲେ ।

''ଜଗନ୍ନାଥଙ୍କୁ ଦେଖିବାପାଇଁ ସେ ଚାଲି ଚାଲି ପୁରୀ ଯାଉଥିଲେ । ଥରେ ଚନ୍ଦ୍ରଶେଖର ପତିତପାବନଙ୍କ ଦର୍ଶନପରେ କହିଥିଲେ, ନନ୍ଦେ ଆମ ଘରଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ୧,୫୧,୨୦୦ ପାହୁଣ୍ଡ ହେଲା ।'' ପବିତ୍ର ପୁରୁଷୋତ୍ତମ ଧାମରେ ଦେହତ୍ୟାଗ କରିବାପାଇଁ ସାମନ୍ତଙ୍କର ଥିଲା ଐକାନ୍ତିକ ଅଭିଳାଷ । ତେଣୁ ସେ ଲେଖିଛନ୍ତି-

''ବେଳୋଦ୍ୟ ଦସିତ ଗୋତ୍ରେ ସ୍ୱତ୍ରାମାଦି ସ୍ତବାବଳୀ ପାତ୍ରେ
ଗାତ୍ରଂ ମମ ସୁପବିତ୍ରେ ନିପତତୁ ପୁରୁଷୋତ୍ତମ କ୍ଷେତ୍ରେ ।''

ଅର୍ଥାତ୍ ପୁରୁଷୋତ୍ତମ କ୍ଷେତ୍ରରେ ମୋର ଶରୀରପଡୁ- ଅର୍ଥାତ୍ ମୋର ମୃତ୍ୟୁ ଏହି ପୁରୀରେ ହେଉ, ଏହା ମୋର ଇଚ୍ଛା । ଏହି କ୍ଷେତ୍ରର ନୀଳପର୍ବତ ତୀର୍ଥରାଜ ସମୁଦ୍ରର ବେଳାଭୂମିରେ ଉତ୍ଥିତ ହୋଇଅଛି । ଇନ୍ଦ୍ର ଆଦି ଦେବତାମାନଙ୍କର ସ୍ତୋତ୍ର ସବୁକୁ ଏହି କ୍ଷେତ୍ର ପାତ୍ରରୂପରେ ଧରି ରଖିଅଛି । ଏଣୁ ଏହା ଅତି ପବିତ୍ର କ୍ଷେତ୍ର ଅଟେ । ପୁରୁଷୋତ୍ତମ କ୍ଷେତ୍ରର ସ୍ତୁତିକରି ସାମନ୍ତ ମହାଶୟ ଲେଖିଛନ୍ତି-

''ନାନୋଦ୍ୟାନୋଦ୍ୟତାନୋ କହବହଳ ଦଳଚ୍ଛାୟ ଶାନ୍ତାତପାର୍ତ୍ତି
ର୍ନିତ୍ୟପ୍ରତ୍ୟଗ୍ର ସୌଧା ବଳିଦଳିତ କଳାନାଥଭୃତ୍ ଶୈଳକାନ୍ତିଃ ।
ଅଶ୍ରାନ୍ତ ଭ୍ରାନ୍ତ ବାତ ପ୍ରମଥିତ ପଥିକ ଶ୍ରାନ୍ତି ରକ୍ଷେମ ଶାନ୍ତିଂ
କୁର୍ଯ୍ୟାପୂର୍ଯ୍ୟନ୍ତ ଗର୍ଜ୍ଜଜ୍ଜଳଧି ରଧିରୁଚିଃ କମ୍ବୁଭାଃକାପି ପୁର୍ନଃ ।''

Digitized by PPRACHIN, SOA

ଅର୍ଥାତ୍ ଅସଂଖ୍ୟ ଉଦ୍ୟାନ ଓ ତହିଁରେ ଥିବା ବୃକ୍ଷସମୂହର ଗହଳପତ୍ର ଛାୟାରେ ଯେଉଁ ପୁରୀ କ୍ଷେତ୍ର ସୂର୍ଯ୍ୟ ଆତପ ଜନିତ ପୀଡାକୁ ଶାନ୍ତକରେ, ଯାହାର ନିତ୍ୟ ନୂତନ ସୌଧାବଳୀ କୈଳାସ ପର୍ବତର ଶୋଭାକୁ ପରାଜିତ କରେ, ଯାହାର ଅନବରତ ବାୟୁପ୍ରବାହ ପଥିକମାନଙ୍କର କ୍ଳାନ୍ତି ଅପନୋଦନ କରେ, ଯାହାର ଗୋଟିଏ ପାର୍ଶ୍ୱରେ ଶବ୍ଦାୟମାନ ସମୁଦ୍ର ରହିଅଛି, ଶଙ୍ଖର ଦୀପ୍ତିପରି ଯାହାର ଦୀପ୍ତି ଏବଂ ଯେଉଁ ପୁରୀକ୍ଷେତ୍ର ଅତ୍ୟନ୍ତ ଶୋଭାଶାଳିନୀ, ସେ ଆମ୍ଭମାନଙ୍କ ନିର୍ବାଣଶାନ୍ତି ବିଧାନ କରୁ । ଏହି ପୁରୀ (ପୁରୁଷୋତ୍ତମ) ଅନିର୍ବଚନୀୟ ।

ଗ୍ରହରୂପୀ ଜନାର୍ଦ୍ଦନ ଶ୍ରୀଜଗନ୍ନାଥଙ୍କ ପ୍ରତି ଅତୁଟ ଭକ୍ତିଭାବ ରଖି ମନୀଷୀ ଚନ୍ଦ୍ରଶେଖର ଗ୍ରହ ଓ ନକ୍ଷତ୍ରମାନଙ୍କର ଗତିବିଧି ଅନୁଧ୍ୟାନ କରିଥିଲେ । ଶରତଋତୁ ଓ ହେମନ୍ତଋତୁରେ ଆକାଶ ନିର୍ମଳ ଥାଏ । ଚନ୍ଦ୍ର, ତାରକାପୁଞ୍ଜ, ଗ୍ରହ ଓ ଗ୍ରହାଣୁପୁଞ୍ଜ ଏହି ଋତୁରେ ପରିଷ୍କାର ଦେଖାଯାନ୍ତି । ଚନ୍ଦ୍ରଶେଖର ନିଜ ଅଗଣାର ଚଉପାଠୀ ଉପରେ ବସି ଚାଳରେ କଣାକରି କ୍ଷୁଦ୍ର ବାଉଁଶନଳୀ ସାହାଯ୍ୟରେ ବୁଧ, ମଙ୍ଗଳ, ବୃହସ୍ପତି, ଶୁକ୍ର ପ୍ରଭୃତି ଗ୍ରହ, ଧ୍ରୁବତାରା, ସପ୍ତର୍ଷି ମଣ୍ଡଳ, କାଳପୁରୁଷ, ସତେଇଶି ନକ୍ଷତ୍ର, ଚନ୍ଦ୍ର ପ୍ରଭୃତି ଉପଗ୍ରହମାନଙ୍କର ଗତି, ଉଦୟ ଓ ଅସ୍ତର ସମୟ ତାଳପତ୍ରରେ ଟିପି ରଖୁଥିଲେ । ରାତ୍ରିରେ ଗ୍ରହ ନକ୍ଷତ୍ରଙ୍କ ଗତିବିଧି ଜାଣିବାପାଇଁ ସେ ଗୋଳଯନ୍ତ୍ର ବ୍ୟବହାର କରୁଥିଲେ । ସେ ଦୁଇ ପ୍ରକାରର ଗୋଳଯନ୍ତ୍ର ବ୍ୟବହାର କରୁଥିଲେ । ପ୍ରଥମଟି ହେଉଛି ଏକକକ୍ଷ ବିଶିଷ୍ଟ ଗୋଳଯନ୍ତ୍ର ଏବଂ ଦ୍ୱିତୀୟଟି ବହୁକକ୍ଷ ବିଶିଷ୍ଟ ଗୋଳଯନ୍ତ୍ର । ପ୍ରଥମଟି ବିଷୟରେ ପୂର୍ବାଚାର୍ଯ୍ୟମାନେ କହିସାରିଛନ୍ତି । ଦ୍ୱିତୀୟଟି ଚନ୍ଦ୍ରଶେଖରଙ୍କ ନିଜସ୍ୱ କୃତି । ଏହାବ୍ୟତୀତ ସେ ନଳିକାଯନ୍ତ୍ର, ମାନଯନ୍ତ୍ର, ଶଙ୍କୁଯନ୍ତ୍ର, ସ୍ୱୟଂବହଯନ୍ତ୍ର ପ୍ରଭୃତି ଯନ୍ତ୍ର ବ୍ୟବହାର କରୁଥିଲେ । 'ଉଲମ୍ୱୀଚକ୍ର' ସାହାଯ୍ୟରେ ସେ ସମୟ ଜାଣିପାରୁଥିଲେ । ସୂର୍ଯ୍ୟଙ୍କର ଛାୟା ଅବଲମ୍ୱନରେ ସେ ସୂର୍ଯ୍ୟଘଡି ନିର୍ମାଣ କରିଥିଲେ ।

ଚନ୍ଦ୍ରଶେଖର ତାଙ୍କର ନିର୍ଭୁଲ ଗଣନାଦ୍ୱାରା ସ୍ୱଦେଶ ଓ ବିଦେଶରେ କ୍ରମେ ଖ୍ୟାତି ଅର୍ଜନ କରିଥିଲେ । ସେ ମଞ୍ଜୁଷାଠାରେ ମହେନ୍ଦ୍ର ପର୍ବତର ଉଚ୍ଚତା ମାପି ନିର୍ଣ୍ଣୟ କରିଥିଲେ । କଟକ କିଲ୍ଲାପଡିଆର ପଶ୍ଚିମ ଦିଗକୁ ଦେଖାଯାଉଥିବା ଢେଙ୍କାନାଳର ସପ୍ତଶଯ୍ୟା ପର୍ବତର ଉଚ୍ଚତା ମାନଯନ୍ତ୍ର ସାହାଯ୍ୟରେ ମାପି ପର୍ବତର ପ୍ରକୃତ ଉଚ୍ଚତା ୧୧୭୮ ହାତ ୧୬ ଆଙ୍ଗୁଳି ବୋଲି କହି ତତ୍କାଳୀନ ଓଡିଶାର କମିଶନର କୁକ୍‌ସାହେବଙ୍କର ଶ୍ରଦ୍ଧାର ପାତ୍ର ହୋଇଥିଲେ । ସୂର୍ଯ୍ୟୋପରାଗ ଏବଂ ଚନ୍ଦ୍ରଗ୍ରହଣ ସମ୍ୱନ୍ଧରେ ତାଙ୍କର ଗଣନା ନିର୍ଭୁଲ ଥିଲା । ସେ ଗଣନାଦ୍ୱାରା ଏକଦା ସୂର୍ଯ୍ୟୋପରାଗ ବିଲାତରେ ଦୃଶ୍ୟ ହେବ ବୋଲି ମାନ୍ଦ୍ରାଜ ଲାଟ୍‌ଙ୍କ ନିକଟକୁ ଜଣାଇଥିଲେ । ମାନ୍ଦ୍ରାଜର ଗଣକମାନେ ଏହା ବିଲାତରେ ଦୃଶ୍ୟ ହେବନାହିଁ ବୋଲି ମତ ପ୍ରଦାନ କରିଥିଲେ ।

Digitized by PPRACHIN, SOA

କିନ୍ତୁ ବିଲାତରେ ଚନ୍ଦ୍ରଶେଖରଙ୍କ ଗଣନାନୁଯାୟୀ ଏହି ସୂର୍ଯ୍ୟୋପରାଗ ଘଟିଥିଲା ଏବଂ ତାଙ୍କର ଗଣନା ଅଭ୍ରାନ୍ତ ବୋଲି ପ୍ରମାଣିତ ହେଲା । ବିଶାଖାପାଟଣାର ବିଶିଷ୍ଟ ଜ୍ୟୋତିର୍ବିଦ ରଘୁନାଥ ଆଚାର୍ଯ୍ୟ ସାମାନ୍ତଙ୍କର ପ୍ରତିଭାକୁ ଖାତିର କରୁ ନ ଥିଲେ । ଚନ୍ଦ୍ରଶେଖର ଶୁକ୍ରଗ୍ରହ ଦ୍ୱାରା ସୂର୍ଯ୍ୟୋପରାଗ ଘଟିବ ବୋଲି ନିର୍ଦ୍ଦିଷ୍ଟଦିନ ଗଣନାକରି ତାଙ୍କ ନିକଟକୁ ଲେଖି ପଠାଇଥିଲେ । ଉକ୍ତ ପରାଗ ନିର୍ଦ୍ଧାରିତ ସମୟରେ ଘଟିବା ଫଳରେ ରଘୁନାଥ ଆଚାର୍ଯ୍ୟଙ୍କର ମୋହ ଭାଙ୍ଗିଗଲା ଏବଂ ସେ ସାମନ୍ତଙ୍କର ଐଶୀ ପ୍ରତିଭାକୁ ସମ୍ମାନ ଜଣାଇଥିଲେ । ରେଭେନ୍‌ସା କଲେଜର ପଦାର୍ଥ ବିଜ୍ଞାନର ଅଧ୍ୟାପକ ଯୋଗେଶଚନ୍ଦ୍ର ରାୟ ସାମନ୍ତଙ୍କର ପରମ ମିତ୍ର ଓ ହିତାକାଙ୍‌କ୍ଷୀ ଥିଲେ । ଏହାପରେ ଚନ୍ଦ୍ରଶେଖର ଗୋଟିଏ ଚନ୍ଦ୍ରଗ୍ରହଣ ଗଣନାକରି ତାହା ଆମେରିକାରେ ଦୃଶ୍ୟ ହେବ ବୋଲି ଭବିଷ୍ୟବାଣୀ କଲେ । ଏହା ବିଷୟରେ ସେ କଟକର ଯୋଗେଶଚନ୍ଦ୍ରଙ୍କ ନିକଟକୁ ଲେଖିଥିଲେ । ଏ ବିଷୟରେ ମଧ୍ୟ ଆମେରିକାର ଜ୍ୟୋତିର୍ବିଦ୍‌ମାନଙ୍କୁ ଜଣାଇ ଦିଆଯାଇଥିଲା । ତାହା ନିର୍ଦ୍ଧାରିତ ସମୟରେ ଘଟିବାରୁ ସମଗ୍ର ଆମେରିକା, ଇଂଲଣ୍ଡ ଓ ଭାରତର ଚନ୍ଦ୍ରଶେଖରଙ୍କର ପ୍ରତିଭାର ପରିଚୟ ପ୍ରସାରିତ ହୋଇଥିଲା । ଗ୍ରହ, ନକ୍ଷତ୍ର ସମ୍ବନ୍ଧୀୟ ଗଣନା ଏବଂ ପୃଥିବୀଠାରୁ ସୂର୍ଯ୍ୟଙ୍କର ଦୂରତ୍ୱ ଗଣନାରେ ସେ ଜୀବନର ବହୁତ ସମୟ ଅତିବାହିତ କରିଥିଲେ । ସୌରଜଗତର ଚିନ୍ତାରେ ସେ ନିତ୍ୟନିରନ୍ତର ବ୍ୟାପୃତ ରହୁଥିଲେ ।

'ସିଦ୍ଧାନ୍ତ ଦର୍ପଣ' ସାମନ୍ତ ଚନ୍ଦ୍ରଶେଖରଙ୍କର ଆବିଷ୍କୃତ ଜ୍ୟୋତିର୍ବିଜ୍ଞାନ ଗଣିତ ଗ୍ରନ୍ଥ । ସାମନ୍ତଙ୍କୁ ଯେତେବେଳେ ୩୪ ବର୍ଷ ହୋଇଥିଲା, ସେତେବେଳେ ସେ ଏହି ଗ୍ରନ୍ଥ ରଚନା କରିଥିଲେ । ଚନ୍ଦ୍ରଶେଖର ଲେଖିଛନ୍ତି-

> "ମୁକୁନ୍ଦ ଦେବସ୍ୟ ଚତୁର୍ଦ୍ଦଶାଙ୍କେ
> କାଳେ ବୃଷାଷ୍ଟେନ୍ଦୁ ୧୮୧୪ ସମେ ଚ ଶାକେ ।
> ବାରେଶନେ ମାର୍ଗ ପୁରୋନବମ୍ୟା-
> ମିଦଂମୟା ପୁସ୍ତକ ମାସ୍ତ ପୂର୍ଣ୍ଣମ୍ ।"

ଅର୍ଥାତ୍ ୧୮୧୪ ଶକାବ୍ଦ ମୁକୁନ୍ଦଦେବଙ୍କ ୧୪ଶ ଅଙ୍କ ମାର୍ଗଶୀର ମାସ କୃଷ୍ଣ ପକ୍ଷୀୟ ନବମୀ ତିଥିରେ ଶନିବାରରେ ମୋର ଏହି ପୁସ୍ତକ ରଚନା ଶେଷ ହୋଇଅଛି ।

ଚନ୍ଦ୍ରଶେଖରଙ୍କ ଠାରୁ ଜ୍ୟୋତିଷଶାସ୍ତ୍ର ଅଧ୍ୟୟନ କରିବାପାଇଁ ଓଡ଼ଶା ଓ ଓଡ଼ଶା ବାହାରୁ ବହୁ ଆଗ୍ରହୀ ଛାତ୍ର ତାଙ୍କ ନିକଟକୁ ଆସି ସିଦ୍ଧାନ୍ତ ଦର୍ପଣ ପାଠ କରିଥିଲେ । ସେମାନଙ୍କ ମଧ୍ୟରେ ମେଦିନୀପୁରର ରୁଦ୍ରନାରାୟଣ ଭଟ୍ଟାଚାର୍ଯ୍ୟ, ମଞ୍ଜୁଷାର ବଲ୍ଲଭ ବିଦ୍ୟାଭୂଷଣ, ଶ୍ରୀଧର ପ୍ରହରାଜ ଓ ଗଦାଧର ବିଦ୍ୟାଭୂଷଣ, ତାଳଚେରର ଦାମୋଦର ବାଣୀଭୂଷଣ, ଖୋର୍ଦ୍ଧାର ସାଦାଶିବ ଖଡ଼ୀରତ୍ନ, ଘୁମୁସରର ହରିହର ତ୍ରିପାଠୀ ଏବଂ

Digitized by PPRACHIN, SOA

କଟକ ଅଡ଼ଙ୍ଗ ଗ୍ରାମର ଆଦିକନ୍ଦ ତ୍ରିପାଠୀ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ପଠାଣିସାମନ୍ତଙ୍କ ଗଣନା ନିର୍ଭୁଲ ବୋଲି ପ୍ରମାଣିତ ହେଲା । ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗ ଠିକ୍ କେଉଁ ସମୟରେ ଘଟିବ, କେତେବେଳେ ସ୍ପର୍ଶ ହେବ ଓ କେତେବେଳେ ମୋକ୍ଷ ହେବ- ଏ ବିଷୟରେ ତାଙ୍କର ସିଦ୍ଧାନ୍ତ ନିର୍ଭୁଲ ବୋଲି ଲୋକମାନେ ଜାଣିବାକୁ ପାଇଲେ । ଏହାପରେ ସେ ତାଙ୍କର ପଞ୍ଜିକା ପ୍ରସ୍ତୁତ କରିଥିଲେ । ଶ୍ରୀଜଗନ୍ନାଥଙ୍କର ପୂଜାପର୍ବ ତାଙ୍କର ପଞ୍ଜିକା ଅନୁସାରେ ମୁକ୍ତିମଣ୍ଡପର ସୁପାରିଶକ୍ରମେ ୧୮୭୬ ମସିହାଠାରୁ ଆସୁଅଛି ।

ଆଧୁନିକ ଶିକ୍ଷିତ ସମ୍ପ୍ରଦାୟ ମଧ୍ୟରୁ ତତ୍କାଳୀନ ଓଡିଶାର ଶିକ୍ଷା ବିଭାଗୀୟ ଇନ୍‌ସପେକ୍ଟର ତଥା କବିବର ରାଧାନାଥ ରାୟ ସର୍ବପ୍ରଥମେ ପଠାଣି ସାମନ୍ତଙ୍କର ସାଧନା ଓ ଅସାମାନ୍ୟ ପ୍ରତିଭାର ପରିଚୟ ପାଇଥିଲେ । ଶିକ୍ଷା ବିଭାଗର ଯୁଗ୍ମ ପରିଦର୍ଶକ ଭାବରେ ସେ ଯେତେବେଳେ ଖଣ୍ଡପଡା ଯାତ୍ରା କରୁଥିଲେ, ସେତେବେଳେ ସାମନ୍ତଙ୍କ ସାନ୍ନିଧ୍ୟ ସେ ଲାଭ କରିଥିଲେ । ଚନ୍ଦ୍ରଶେଖରଙ୍କର ବିରାଟ ପ୍ରତିଭାକୁ ଖଣ୍ଡପଡ଼ା ଗଡ଼ର ବଣପାହାଡ଼ ଘେରା ଅଞ୍ଚଳରୁ ଆବିଷ୍କାର କରି ଓଡ଼ିଶା ଓ ବଙ୍ଗଦେଶର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ନିକଟକୁ ଚିଠିଲେଖି ସେ ତାଙ୍କୁ ଅବଗତ କରାଇଲେ । ଫଳରେ କଲିକତା ସଂସ୍କୃତ କଲେଜର ଅଧ୍ୟକ୍ଷ ମହେଶଚନ୍ଦ୍ର ନ୍ୟାୟରତ୍ନ, ଓଡ଼ିଶା ଗଡ଼ଜାତ ମହଲର କମିଶନର କେ. ଜି. ଗୁପ୍ତ, କଟକ ରେଭେନ୍‌ସା କଲେଜ ପଦାର୍ଥ ବିଜ୍ଞାନର ଅଧ୍ୟାପକ ରାୟବାହାଦୂର ଯୋଗେଶଚନ୍ଦ୍ର ରାୟ, ଗଡ଼ଜାତର ସୁପରିନ୍‌ଟେଣ୍ଡେଣ୍ଟ୍ ସୁଦାମ ଚନ୍ଦ୍ର ନାୟକ, ଭକ୍ତକବି ମଧୁସୂଦନ ରାଓ, ଗୌରୀଶଙ୍କର ରାୟ ପ୍ରମୁଖ ମନୀଷୀମାନେ ଚନ୍ଦ୍ରଶେଖରଙ୍କର ପ୍ରତିଭା ପାଣ୍ଡିତ୍ୟ ଏବଂ ସାଧନା ବିଷୟରେ ଅବଗତ ହେଲେ । କଲିକତା ସଂସ୍କୃତ କଲେଜର ଅଧ୍ୟକ୍ଷ ମହେଶଚନ୍ଦ୍ର ନ୍ୟାୟରତ୍ନ ୧୮୯୩ ମସିହାରେ କଟକ ଆସି ଖଣ୍ଡପଡ଼ା ଗଡ଼ରୁ ସାମନ୍ତଙ୍କୁ ଡକାଇ କଟକ ପ୍ରିଣ୍ଟିଂ କମ୍ପାନୀ ଗୃହରେ ରାଧାନାଥଙ୍କ ଉପସ୍ଥିତିରେ ତାଙ୍କୁ ଭେଟିଥିଲେ । ସାମନ୍ତଙ୍କ ଅସାଧାରଣ ବିଦ୍‌ବତ୍ତା, ଅସାମାନ୍ୟ ପ୍ରତିଭା ଏବଂ ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ ଗଭୀର ଜ୍ଞାନ ସହିତ ଋଷି ପ୍ରତିମ ବ୍ୟକ୍ତିତ୍ୱ ନ୍ୟାୟରତ୍ନ ମହୋଦୟଙ୍କୁ ମୁଗ୍ଧଚକିତ କରିଥିଲା । ଅଧ୍ୟକ୍ଷ ନ୍ୟାୟରତ୍ନ ସମ୍ପୂର୍ଣ୍ଣରୂପେ ଅବଗତ ହେଲେ ଯେ ଏହି ନୀରବ ଓ ନିରବଚ୍ଛିନ୍ନ ସାଧକଙ୍କର ଭାରତୀୟ ଜ୍ୟୋତିର୍ବିଜ୍ଞାନକୁ ଅବଦାନ ଅବିସ୍ମରଣୀୟ । ତେଣୁ ତାଙ୍କୁ 'ମହାମହୋପାଧ୍ୟାୟ' ଉପାଧିରେ ଭୂଷିତ କରିବାପାଇଁ ସେ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ ।

କବିବର ରାଧାନାଥ ରାୟ, ରାୟ ବାହାଦୂର ଯୋଗେଶ ଚନ୍ଦ୍ର ରାୟ, ଅଧ୍ୟକ୍ଷ ମହେଶ ଚନ୍ଦ୍ର ନ୍ୟାୟରତ୍ନଙ୍କ ମିଳିତ ସାଧୁ ଉଦ୍ୟମରେ ସିଦ୍ଧାନ୍ତ ଦର୍ପଣ କଲିକତାଠାରେ ୧୮୯୪ ମସିହାରେ ମୁଦ୍ରଣ କାର୍ଯ୍ୟ ଆରମ୍ଭ ହୋଇ ୧୮୯୯ ମସିହାରେ ସମ୍ପୂର୍ଣ୍ଣ ହେଲା । ଏହି ପୁସ୍ତକର ମୁଖବନ୍ଧକୁ ଯୋଗେଶ ବାବୁ ଇଂରାଜୀ ଭାଷାରେ ଲେଖିଥିଲେ ।

Digitized by PPRACHIN, SOA

ପ୍ରଥମ ମୁଦ୍ରଣରେ ୫୦୦୦ ଖଣ୍ଡ ପୁସ୍ତକ ପ୍ରକାଶିତ ହେଲା । ଏଥିରୁ ଜର୍ମାନୀ ୧୦୦୦ ଖଣ୍ଡ, ଇଂଲଣ୍ଡ ୭୦୦ ଖଣ୍ଡ, ଫ୍ରାନ୍ସ ୩୦୦ ଖଣ୍ଡ ଏବଂ ଆମେରିକା ୮୦୦ ଖଣ୍ଡ ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥ ସେମାନଙ୍କର ପୁସ୍ତକାଗାରକୁ ନେଇଥିଲେ । ସେଥିରୁ କେତେକ ବିକ୍ରି ହେବାପରେ ଅବଶିଷ୍ଟ ବହୁବର୍ଷ ପର୍ଯ୍ୟନ୍ତ ପଡିରହି କୀଟଦ୍ରଂଷ୍ଟ ହୋଇଥିଲା ।

ସାମନ୍ତଙ୍କ ଅସାମାନ୍ୟ ପ୍ରତିଭାକୁ ସମ୍ମାନଦେଇ ବ୍ରିଟିଶ ସରକାର ତାଙ୍କୁ 'ମହାମହୋପାଧ୍ୟାୟ' ଉପାଧିରେ ଭୂଷିତ କରି ତାଙ୍କ ନିକଟକୁ ୧୮୯୩ ମସିହା ସେପ୍ଟେମ୍ବର ମାସ ୨୮ ତାରିଖରେ ସନନ୍ଦ ପଠାଇଲେ । ୧୮୯୪ ମସିହା ସେପ୍ଟେମ୍ବର ୩ ତାରିଖ ସୋମବାର ଦିନ ତତ୍କାଳୀନ କମିଶନର କୁକ୍ ସାହେବ ତାଙ୍କ କୋଠିରେ ଦରବାର ବସାଇ ସାମନ୍ତଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପୂର୍ବକ ସନନ୍ଦ ପ୍ରଦାନ କଲେ । ସେହି ସନନ୍ଦରେ ଲେଖାଥିଲା- ''ଓଡ଼ିଶାର ଖଣ୍ଡପଡ଼ା କରଦରାଜ୍ୟ ନିବାସୀ ପଣ୍ଡିତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର, ଏତଦ୍ଦ୍ୱାରା ମୁଁ ଆପଣଙ୍କର ବ୍ୟକ୍ତିଗତ କୃତିତ୍ୱପାଇଁ ଆପଣଙ୍କୁ ମହାମହୋପାଧ୍ୟାୟ ଉପାଧିରେ ଭୂଷିତ କରୁଅଛି । -ଲ୍ୟାନସ୍‌ଡାଉନ୍, ଭାରତର ଭାଇସ୍‌ରାୟ ଓ ଗଭର୍ଣ୍ଣର ଜେନେରାଲ ।'' ଏହି ଉପାଧି ଲାଭ କରିବାରେ ସେ ହେଉଛନ୍ତି ଓଡିଶାର ସର୍ବପ୍ରଥମ ବ୍ୟକ୍ତି ।

SANAD

To

Pandit Chandra Sekhar Sinho
Harichandan Mahapatra Samanta
of the Feudatory state of Khandapara of Orissa

I hereby confer upon you the title of Mahamahopadhya as a personal distinction.

Simla — **Lansdown**

The 28th Sept., 1893 — **Viceroy and Gover General of India**

ଅର୍ଥାତ୍ "ଓଡ଼ିଶାର ଖଣ୍ଡପଡ଼ା କରଦରାଜ୍ୟ ନିବାସୀ ପଣ୍ଡିତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର, ଏତଦ୍ଦ୍ୱାରା ମୁଁ ଆପଣଙ୍କର ବ୍ୟକ୍ତିଗତ କୃତିତ୍ୱ ପାଇଁ ଆପଣଙ୍କୁ ମହାମହୋପାଧ୍ୟାୟ ଉପାଧିରେ ଭୂଷିତ କରୁଅଛି ।"

- ଲ୍ୟାନ୍‌ସଡାଉନ୍

ଭାରତର ଭାଇସ୍‌ରାୟ ଓ ଗଭର୍ଣ୍ଣର ଜେନେରାଲ

ସୂଚନାଯୋଗ୍ୟ ଯେ ଏହି ଉପାଧି ଲାଭ କରିବାରେ ସାମନ୍ତ ହେଉଛନ୍ତି ଓଡ଼ିଶାର ସର୍ବପ୍ରଥମ ବ୍ୟକ୍ତି ।

Digitized by PPRACHIN, SOA

କବିବର ରାଧାନାଥ ରାୟ ବଣପାହାଡଘେରା ଅନ୍ଧାରି ମୁଲକ ଖଣ୍ଡପଡା ଗଡଜାତରୁ ଯେଉଁ 'ଶ୍ମଶାନ ତୁଳସୀ'ଙ୍କୁ ଆବିଷ୍କାର କରି ସମସ୍ତଙ୍କୁ ପରିଚୟ କରାଇଥିଲେ, ସେହି ମହୀୟାନ୍ ବ୍ୟକ୍ତିତ୍ୱ ତାଙ୍କର ଦିବ୍ୟ ସୁରଭିରେ ଜଗତବାସୀଙ୍କୁ ଆମୋଦିତ କରିଥିଲେ । 'ସିଦ୍ଧାନ୍ତ ଦର୍ପଣ' ଗ୍ରନ୍ଥ ପ୍ରକାଶନ ପାଇଁ ଯେଉଁ ବଦାନ୍ୟ ବ୍ୟକ୍ତିମାନେ ଆଗେଇ ଆସିଥିଲେ, ସେମାନଙ୍କ ମଧ୍ୟରେ ଆଠମଲ୍ଲିକର ରାଜା ମହେନ୍ଦ୍ରଦେବ ଅନ୍ୟତମ । ଏହାବ୍ୟତୀତ ନୟାଗଡର ରାଜା ଲଡୁକେଶ୍ୱର ସିଂହ ମାନଧାତା, ମଞ୍ଜୁଷାର ଜଗନ୍ନାଥ ରାଜମଣି, ବାମଣ୍ଡାର ବାସୁଦେବ ସୁଢଳ ଦେବ ଏବଂ ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ପ୍ରଭୃତି ସାମନ୍ତଙ୍କର ପାଣ୍ଡିତ୍ୟ ଏବଂ ସୌରଜଗତର ଜିଜ୍ଞାସା ମନୋବୃତ୍ତିରେ ମୁଗ୍ଧହୋଇ ତାଙ୍କୁ ବହୁବାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

ସାମନ୍ତ ଚନ୍ଦ୍ରଶେଖର ସିଂହ କୃତ 'ସିଦ୍ଧାନ୍ତ ଦର୍ପଣ' ଗ୍ରନ୍ଥ ଭାରତୀୟ ଜ୍ୟୋତିର୍ବିଜ୍ଞାନ ଜଗତରେ ଏକ ଅନବଦ୍ୟ କୃତି । ଏହା ସାମନ୍ତଙ୍କର ଦୀର୍ଘ ୨୦ ବର୍ଷ ବ୍ୟାପି ଅକ୍ଲାନ୍ତ ସାଧନାର ଏକ ଅମୃତମୟ ଫଳ । ଏହା ବ୍ୟତୀତ ସେ 'ଦର୍ପଣସାର' ଓ 'ଦର୍ଶ-ଦୀପିକା' ନାମକ ଦୁଇଗୋଟି କ୍ଷୁଦ୍ର ଗ୍ରନ୍ଥ ରଚନା କରିଥିଲେ । 'ଦର୍ପଣସାର' ୧୯୦୨ ମସିହାରେ କଟକ ରାୟ ପ୍ରେସ୍‌ରେ ମୁଦ୍ରିତ ହୋଇଛି । ଏହି ପୁସ୍ତକରେ ପର୍ବତ ମାପିବା, ସ୍ୱୟଂବହ ଯନ୍ତ୍ର ପ୍ରସ୍ତୁତ କରିବାର ପ୍ରଣାଳୀ, ଗ୍ରହମଣ୍ଡଳ ନିର୍ଣ୍ଣୟ, ଋତୁ ଓ ମେଘ ସମ୍ଭବ ଏବଂ ଫଳାଶ କଥନ ପ୍ରଭୃତି ବିଷୟ ଉଲ୍ଲେଖ ରହିଛି । ସୂକ୍ଷ୍ମ ପଞ୍ଜିକାରେ ଚନ୍ଦ୍ରଙ୍କର କିପରି ବିଶେଷ ଆବଶ୍ୟକ ରହିଛି, ତାହା ମଧ୍ୟ ଏଥିରେ ଉଲ୍ଲିଖିତ । 'ଦର୍ଶ-ଦୀପିକା' ଏପର୍ଯ୍ୟନ୍ତ ପ୍ରକାଶିତ ହୋଇପାରିନାହିଁ ।

''ସିଦ୍ଧାନ୍ତ ଦର୍ପଣ'' ୨୫୦୦ ସଂସ୍କୃତ ଶ୍ଳୋକ ବିଶିଷ୍ଟ ଏକ ରଚନା । ଏହି ୨୫୦୦ ଶ୍ଳୋକ ମଧ୍ୟରୁ ୨୨୮୪ଟି ଶ୍ଳୋକ ସାମନ୍ତଙ୍କ ନିଜସ୍ୱ ରଚନା ଏବଂ ୨୧୬ଟି ଶ୍ଳୋକ ଭାସ୍କରାଚାର୍ଯ୍ୟଙ୍କର 'ସିଦ୍ଧାନ୍ତ ଶିରୋମଣି', ଆର୍ଯ୍ୟଭଟ୍ଟଙ୍କର 'ସୂର୍ଯ୍ୟସିଦ୍ଧାନ୍ତ' ଏବଂ ଅନ୍ୟ କେତେକ ସିଦ୍ଧାନ୍ତ ଗ୍ରନ୍ଥରୁ ସଂଗୃହୀତ ।

> ''ଶ୍ଳୋକାଃ ସ୍ୱକ୍ଳୃପ୍ତା ଇହ ବେଦନାଗ-
> ପକ୍ଷାକ୍ଷି ସଂଖ୍ୟା ୨୨୮୪ ଅଧଭୂପାକ୍ଷାଃ ୨୧୬ ।
> ଗ୍ରନ୍ଥାନ୍ତ ରୋତଥାଃ ଖଖବାଣପକ୍ଷାଃ ୨୫୦୦
> ସମ୍ଭୂୟ ଭବ୍ୟାୟ ଭବନ୍ତୁ ଦକ୍ଷାଃ ।''

ଅର୍ଥାତ୍- ଏହି ଗ୍ରନ୍ଥରେ ମୋର ନିଜ ରଚିତ ଶ୍ଳୋକ ସଂଖ୍ୟା-	୨୨୮୪
ଅନ୍ୟ ଗ୍ରନ୍ଥମାନଙ୍କରୁ ଗୃହୀତ-	୨୧୬
ମୋଟ ଶ୍ଳୋକ ସଂଖ୍ୟା ମିଶି-	୨୫୦୦

Digitized by PPRACHIN, SOA

ଏହି ସବୁ ଶ୍ଳୋକ ଉତ୍ତମ ଓ ଅତି ଭଲଭାବରେ ନିର୍ମିତ ହୋଇଅଛି । ଏଣୁ ଏଗୁଡ଼ିକ ଶୁଭଦାୟକ ହୁଅନ୍ତୁ ।

'ସିଦ୍ଧାନ୍ତ ଦର୍ପଣ' ଏକ ପବିତ୍ର ଗ୍ରନ୍ଥ । ଏହି ଶାସ୍ତ୍ର ଯଶ ଓ ଚତୁର୍ବର୍ଗଫଳ (ଧର୍ମ, ଅର୍ଥ, କାମ ଓ ମୋକ୍ଷ) ପ୍ରଦାନ କରେ । ତେଣୁ ଏହା ପବିତ୍ର ଓ ପଠନୀୟ । ସାମନ୍ତ ଲେଖିଛନ୍ତି-

''ଯଶଶ୍ଚତୁର୍ବର୍ଗ ଫଳପ୍ରଦଂ ଶ୍ରୁତଂ ପବିତ୍ର ମେତତ୍ପଠନୀୟମେବ ତତ୍ ।
ଅହର୍ପତିଃ ପ୍ରାହ ରହସ୍ୟ ମିତ୍ୟତଃ ପ୍ରଦେୟମେତତ୍ପ୍ରବ୍ରଣାୟ ସାଧବେ ।''

ଚନ୍ଦ୍ରଶେଖର ''ସିଦ୍ଧାନ୍ତ-ଦର୍ପଣ'' ଗ୍ରନ୍ଥର ନାମକରଣର ଯଥାର୍ଥତା ପ୍ରତିପାଦନ କରିବାକୁଯାଇ ଲେଖିଛନ୍ତି-

''ଯତ୍ର ତୃଷ୍ଟ୍ୟାଦିକାଳଃ ପ୍ରଳୟଚରମକଃ ଖେଚରାଣାଂ ପ୍ରଚାରଃ
ପ୍ରଶ୍ନାଶ୍ଚୈବୋତ୍ତରାଣି ଦ୍ୱିବିଧ ଗଣିତ ମପ୍ୟୁଦ୍‌ଭବୋ ଭୂତରାଶେଃ ।
ସ୍ଥାନଂଭୂ ଭଗ୍ରହାଦେର୍ଗ୍ରହଣ ଖଗଯୁତି ଜ୍ୟା ଧନୁଷ୍କର୍ମଯନ୍ତ୍ର
କ୍ଷେତ୍ରାଦ୍ୟଂ ଗଦ୍ୟତେ ସଦ୍‌ଗଣକଗଣବରୈଷ ସିଦ୍ଧାନ୍ତଉକ୍ତଃ ।''

ଅର୍ଥାତ୍ ଯେଉଁ ଗ୍ରନ୍ଥରେ ସୃଷ୍ଟିଠାରୁ ଆରମ୍ଭକରି ପ୍ରଳୟ ପର୍ଯ୍ୟନ୍ତ ସମୟର ଚର୍ଚ୍ଚା ଅଛି, ଯେଉଁଥିରେ ଗ୍ରହଗତି, ପ୍ରଶ୍ନ ଓ ସେଗୁଡ଼ିକର ଉତ୍ତର ରହିଛି, ଯେଉଁଥିରେ ପାଟୀ ଓ ବୀଜ ଗଣିତ ଆଲୋଚିତ ହୋଇଅଛି, ଯେଉଁ ଗ୍ରନ୍ଥ ଚର୍ଚ୍ଚା କରିଛି, ଯେଉଁଥିରେ ପୃଥିବୀ ଗ୍ରହ ଓ ନକ୍ଷତ୍ର ଆଦିର କକ୍ଷକଥା, ଗ୍ରହଣ ଓ ଗ୍ରହଯୋଗର ଆଲୋଚନା ଅଛି ଏବଂ ଯେଉଁଥିରେ ଜ୍ୟା, ଧନୁ, ନାନା ରକମର ଯନ୍ତ୍ର ଓ କ୍ଷେତ୍ରର ତତ୍ତ୍ୱ ବିଚାର କରାଯାଇଛି, ସଜ୍ଜନ ଗଣକବୃନ୍ଦ ତାହାକୁ **ସିଦ୍ଧାନ୍ତଗ୍ରନ୍ଥ** କହନ୍ତି ।

ଶାସ୍ତ୍ରଜ୍ଞ ପଣ୍ଡିତମାନେ କହନ୍ତି ଯେ ସମସ୍ତ ଶାସ୍ତ୍ର ମଧ୍ୟରେ ଜ୍ୟୋତିଷଶାସ୍ତ୍ର ଶ୍ରେଷ୍ଠ । ଜ୍ୟୋତିଷରେ ସିଦ୍ଧାନ୍ତ ଶ୍ରେଷ୍ଠ, ସିଦ୍ଧାନ୍ତରେ ଗୋଲ ଶ୍ରେଷ୍ଠ ଅଟେ । ଗୋଲୋକ ବିଦ୍ୱାନ ଯେଉଁ ଦେଶରେ ରହିଥା'ନ୍ତି, ସେହି ଦେଶକୁ ବିଦ୍ୱାନମାନେ ପୂଜା କରନ୍ତି ।

''ଶ୍ରେଷ୍ଠଂ ସର୍ବଶ୍ରୁତାନାଂ ଶ୍ରୁତମିତି କୃତିଭି ର୍ଜ୍ୟୋତିଷଂ ତତ୍ରସାରଃ
ସିଦ୍ଧାନ୍ତ ସ୍ତତ୍ର ଗୋଳସ୍ତଦବଗତି କୃତୋବର୍ତ୍ତତେ ଯତ୍ର ମର୍ତ୍ତ୍ୟଃ ।
ବିଦ୍‌ବତପୂଜ୍ୟଃସଦେଶଃ ସକଳ କଳୁଷ ହୃଦ୍‌ଧର୍ମ୍ମ ଶର୍ମ୍ମାଶ୍ରୟଃସ୍ୟାଦ୍
ଯତ୍ରାସ୍ତେ ନୈଷ ତସ୍ମିନ୍ ପଶୁ ଚରିତପରେ ପାପଜାପପ୍ରତାପଃ ।''

ପୁନଶ୍ଚ 'ସିଦ୍ଧାନ୍ତ ଦର୍ପଣ' ଗ୍ରନ୍ଥରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଭଗବାନ ଶ୍ରୀକୃଷ୍ଣଙ୍କର ବର୍ଣ୍ଣନା ରହିଥିବାରୁ ଏହା ଅଧିକ ଶୁଦ୍ଧ, ଶୁଭ୍ର ଏବଂ ପବିତ୍ର ।

'ସିଦ୍ଧାନ୍ତ-ଦର୍ପଣ' ଗ୍ରନ୍ଥର ସମୁଦାୟ ବିଷୟକୁ ୫ଗୋଟି 'ଅଧିକାର'ରେ ବିଭକ୍ତ କରାଯାଇଛି । ଯଥା- (୧) ମଧ୍ୟମାଧିକାର, (୨) ସ୍ଫୁଟାଧିକାର,

Digitized by PPRACHIN, SOA

(୩) ତ୍ରିପଶ୍ନାଧିକାର, (୪) ଗୋଲାଧିକାର, (୫) କାଳାଧିକାର । 'ସିଦ୍ଧାନ୍ତ-ଦର୍ପଣ'ରେ ୨୪ଟି ଉପବିଭାଗ ବା ପ୍ରକାଶ ରହିଛି । ଏହା ହେଉଛି 'ପ୍ରଥମ ପ୍ରକାଶ', 'ଦ୍ୱିତୀୟ ପ୍ରକାଶ', ତୃତୀୟ ପ୍ରକାଶ... ଓ ଚତୁର୍ବିଂଶ ପ୍ରକାଶ ।

'ସିଦ୍ଧାନ୍ତ ଦର୍ପଣ' ଗ୍ରନ୍ଥରେ ପ୍ରତିପାଦ୍ୟ ବିଷୟ:

ସାମନ୍ତ ଚନ୍ଦ୍ରଶେଖର 'ସିଦ୍ଧାନ୍ତ ଦର୍ପଣ' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି ଯେ ଏହି ଗ୍ରନ୍ଥକୁ ପୂର୍ବାର୍ଦ୍ଧ ଏବଂ ଉତ୍ତରାର୍ଦ୍ଧ- ଏହି ଦୁଇଭାଗରେ ବିଭକ୍ତ କରାଯାଇଛି । ପୂର୍ବାର୍ଦ୍ଧରେ କାଳପରିମାଣ, ଆହର୍ଗଣ, ଭଗଣ, ଗ୍ରହ ଆନୟନ, ଜ୍ୟା, କୋଟିଜ୍ୟା ଆଦି ସ୍ୱକ୍ଷଶର, ତ୍ରିପ୍ରଶ୍ନ, ଗ୍ରହଣ, ଗ୍ରହଯୁତି ଓ ନକ୍ଷତ୍ରଯୁତି, ଉଦୟ ଓ ଅସ୍ତ, ଚନ୍ଦ୍ରଶୃଙ୍ଗୋନ୍ନତି, ଅତିପାତ ଏବଂ ଉତ୍ତରାର୍ଦ୍ଧରେ ପ୍ରଶ୍ନ, ଉତ୍ତର, ନାନାମତର ଚର୍ଚ୍ଚା, ସୃଷ୍ଟି ଓ ତାର ଲୟ, ଗୋଲ, ପୃଥିବୀ, କକ୍ଷା, ଯନ୍ତ୍ର, ଦେଶବିଦେଶ, ଜଗନ୍ନାଥ ସ୍ତୁତି ଓ କୌତୁକ ପଞ୍ଜିକାର ଆଲୋଚନା କରାଯାଇଅଛି । ସଜ୍ଜନମାନେ ଦୟାକରି ଏସବୁ ଦେଖିବା ହେବେ ।

ନିମ୍ନରେ ଏହିସବୁ ବିଷୟରେ ଆଲୋଚନା କରାଯାଇଛି ।

୧) **କାଳନିର୍ଣ୍ଣୟ:**

'କାଳ'ର ଦୁଇଗୋଟି ଅର୍ଥ ରହିଛି- ପଞ୍ଚଭୂତର ସଂହାରରୂପୀ ଏକ କାଳ ଏବଂ ଦ୍ୱିତୀୟଟି ହେଉଛି କଳନାକାରକ କାଳ । କଳନାକାରକ କାଳ ସ୍ଥୁଳ ଓ ସୂକ୍ଷ୍ମ ଭେଦରେ ଦୁଇଭାଗରେ ବିଭକ୍ତ । ଯେଉଁ କାଳ ପରିମାଣ ବ୍ୟବହାରରେ ଲାଗେ ତାହା ସ୍ଥୁଳ ବା ମୂର୍ତ୍ତ, ଯଥା- ବର୍ଷ, ମାସ, ଦିନ, ଦଣ୍ଡ, ଲିତା ଓ ବିଲିତା ଇତ୍ୟାଦି । ଯେଉଁକାଳ ପରିମାଣକୁ ବ୍ୟବହାରରେ ଲଗାଇ ହୁଏନାହିଁ, ତାହା ସ୍ୱପ୍ନ ବା ଅମୂର୍ତ୍ତ, ଯଥା- ତ୍ରୁଟି ଆଦି । ତ୍ରୁଟି ଏକ ସେକେଣ୍ଡର ୩୪,୦୦୦ ଭାଗରୁ ଏକ ଭାଗ । ଗୋଟିଏ କଅଁଳ ଛନଛନିଆ ନୂଆ ପଦ୍ମପତ୍ରକୁ ଅତି ମୁନିଆ ଛୁଞ୍ଚି ଅଗରେ ଫୋଡିଦେବାକୁ ଯେତିକି ସମୟ ଲାଗେ, ତାହାକୁ ତ୍ରୁଟି କହନ୍ତି ।

୧୦୦ ତ୍ରୁଟି	= ୧ ଲବ / ତତ୍ପର
୩୦ ଲବ	= ୧ ନିମେଷ
୧୮ ନିମେଷ	= ୧ କାଷ୍ଠା
୨୭ ନିମେଷ	= ୧ ଗୁରୁ ବର୍ଣ୍ଣର ଉଚ୍ଚାରଣ ସମୟ
୧୦ ଗୁରୁବର୍ଣ୍ଣ ଉଚ୍ଚାରଣ କାଳରେ	= ୧ ପ୍ରାଣ
୨ ପ୍ରାଣ	= ୧ କଳା
୩ କଳା	= ୧ ବିଘଟିକା ବା ପଳ
୧୦ ବିଘଟୀ	= ୧ କ୍ଷଣ

Digitized by PPRACHIN, SOA

୬ କ୍ଷଣ	=	୧ ଘଟୀ ବା ଦଣ୍ଡ
୨ ଦଣ୍ଡ	=	୧ ମୁହୂର୍ତ୍ତ
୩୦ ମୁହୂର୍ତ୍ତ	=	୧ ନାକ୍ଷତ୍ରଦିନ
୩୦ ସାବନ ଦିନ	=	୧ ସାବନମାସ
୩୦ ତିଥି	=	୧ ଚାନ୍ଦ୍ରମାସ

୨) ସାବନଦିନ:

ସୂର୍ଯ୍ୟୋଦୟରୁ ପୁଣି ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ସମୟକୁ ସାବନଦିନ କହନ୍ତି ।

୩) ଭାରତୀୟ ମାଧ୍ୟନ୍ଦିନ ରେଖା:

ଆଧୁନିକ ଯୁଗରେ ଗ୍ରୀନୱିଚ (Greenwich) ଦେଇ ଯେଉଁ ମାଧନ୍ଦିନ ରେଖା ଯାଇଛି, ତାହାକୁ ସମଗ୍ର ପୃଥିବୀର ମାଧନ୍ଦିନରେଖା ବୋଲି ଗ୍ରହଣ କରାଯାଇଛି । ଏହି ଗ୍ରୀନୱିଚ୍‌ଠାରୁ ବିଭିନ୍ନ ଦେଶ ନିଜନିଜର ସମୟ ନିର୍ଦ୍ଧାରଣ କରୁଛନ୍ତି । ଚନ୍ଦ୍ରଶେଖର ଉଜ୍ଜୟିନୀ ଦେଇ ଯାଇଥିବା ମାଧନ୍ଦିନ ରେଖାକୁ ଭାରତର ମୁଖ୍ୟ ମାଧନ୍ଦିନ ରେଖାରୂପେ ଗ୍ରହଣ କରିଛନ୍ତି । ଭାରତୀୟ ମାଧଦିନ ରେଖାଠାରୁ ଭାରତର / ଓଡ଼ିଶାର ନିମ୍ନ କେତୋଟି ସ୍ଥାନ ନିମ୍ନ ଲିପ୍ତାତ୍ମକ ଦେଶାନ୍ତର ଓ ଅକ୍ଷକଳାରେ ଅବସ୍ଥିତ ।

କ୍ର. ନଂ	ଭାରତୀୟ ମାଧନ୍ଦିନରେଖାଠାରୁ	ଲିପ୍ତାତ୍ମକ ଦେଶାନ୍ତର	ଅକ୍ଷକଳା
୧.	ବମ୍ବେ	ପୂ. ୨୩	୧୧୩୭ଉ.
୨.	କଲିକତା	ପୂ. ୧୭୭	୧୩୫୪ଉ.
୩.	ଅଯୋଧ୍ୟା	ପୂ. ୧୧୫	୧୬୦୫ଉ.
୪.	କନ୍ୟାକୁମାରୀ	ପୂ. ୬୮	୪୨୮ଉ.
୫.	ବିଶାଖାପତ୍ତନ	ପୂ. ୧୨୭	୧୦୬୨ଉ.
୬.	ଶ୍ରୀନୀଳାଚଳ	ପୂ. ୧୫୨	୧୧୮୮ଉ.
୭.	ଭୁବନେଶ୍ୱର	ପୂ. ୧୫୨	୧୨୧୪ଉ.
୮.	କଟକ	ପୂ. ୧୫୨/୩୦	୧୨୨୮ଉ.
୯.	ବାଲେଶ୍ୱର	ପୂ. ୧୬୧	୧୨୯୨ଉ.
୧୦.	ବୌଦ୍ଧ	ପୂ. ୧୩୭	୧୨୫୦ଉ.
୧୧.	ମଞ୍ଜୁଷା	ପୂ. ୧୪୦	୧୧୩୫ଉ.
୧୨.	ଅନୁଗୁଳ	ପୂ. ୧୪୪	୧୨୪୭ଉ.
୧୩.	**ନୟାଗଡ**	**ପୂ. ୧୪୫**	**୧୨୦୭ଉ.**
୧୪.	ଖଣ୍ଡପଡା	ପୂ. ୧୪୬	୧୨୧୬ଉ.
୧୫.	ତାଳଚେର	ପୂ. ୧୪୬	୧୨୫୮ଉ.

Digitized by PPRACHIN, SOA

୧୬.	ରଣପୁର	ପୃ. ୧୪୭	୧୨୦୫ଉ.
୧୭.	ଢେଙ୍କାନାଳ	ପୃ. ୧୫୦	୧୨୩୮ଉ.
୧୮.	କୋଣାର୍କ	ପୃ. ୧୫୫	୧୧୯୩ଉ.
୧୯.	ଯାଜପୁର	ପୃ. ୧୫୮	୧୨୫୧ଉ.
୨୦.	ମୟୂରଭଞ୍ଜ	ପୃ. ୧୫୮	୧୩୧୨ଉ.

(ଇତ୍ୟାଦି)

ପୃଥିବୀର ଘନଫଳ = (ପୃଥିବୀ ପୃଷ୍ଟଫଳ × ପୃଥିବୀର ବ୍ୟାସ) / ୬

= (୮୦୪୧୮୮୫ × ୧୬୦୦) / ୬

=୨୧୪୪୫୦୨୬୬୬।୪୦ ଯୋଜନ ।

୫) ପୃଥିବୀ ପୃଷ୍ଠ ପରିମାଣ ନିର୍ଣ୍ଣୟ:

କ) ପୃଥିବୀର ଉତ୍ତରାର୍ଦ୍ଧ ସ୍ଥଳ ପରିମାଣ =୧୫୫୫୧୭୫ ଯୋଜନ

ଖ) ପୃଥିବୀର ଉତ୍ତରାର୍ଦ୍ଧ ଜଳ ପରିମାଣ =୨୪୫୬୩୨୦ ଯୋଜନ

ଗ) ପୃଥିବୀର ଦକ୍ଷିଣାର୍ଦ୍ଧ ସ୍ଥଳ ପରିମାଣ = ୫୫୨୩୯୦ ଯୋଜନ

ଘ) ପୃଥିବୀର ଦକ୍ଷିଣାର୍ଦ୍ଧ ଜଳ ପରିମାଣ =୩୪୭୮୦୦୦ ଯୋଜନ

ମୋଟ ପୃଥିବୀ ପୃଷ୍ଠ ଯୋଜନ ପରିମାଣ =୮୦୪୧୮୮୫ ଯୋଜନ

୬) ଚନ୍ଦ୍ରର ଗତି ବୈଚିତ୍ର୍ୟ:

ଚନ୍ଦ୍ରଶେଖର ପ୍ରଥମ ଭାରତୀୟ ଜ୍ୟୋତିର୍ବିଜ୍ଞାନୀ ଯେ କି ପ୍ରମାଣ କରିଯାଇଛନ୍ତି ଯେ ଚନ୍ଦ୍ରର ଗତିରେ ବୈଚିତ୍ର୍ୟ ବା ବିଶୃଙ୍ଖଳା ରହିଛି । ସୂର୍ଯ୍ୟଙ୍କର ମହାକର୍ଷଣ ଶକ୍ତି ଯୋଗୁଁ ଚନ୍ଦ୍ରର ଗତିରେ ଏହି ବିଶୃଙ୍ଖଳା ଘଟିଥାଏ । ଏହି ବୈଚିତ୍ର୍ୟ ବା ବିଶୃଙ୍ଖଳା ତିନି ପ୍ରକାରର, ଯଥା- ତୁଙ୍ଗାନ୍ତର, ପାକ୍ଷିକ ଓ ଦିଗଂଶ । ତୁଙ୍ଗାନ୍ତର ହେଉଛି ଚନ୍ଦ୍ରର କକ୍ଷପଥରେ ଏକ ସାମୟିକ ପରିବର୍ତ୍ତନ । ଏହାଦ୍ୱାରା ଚନ୍ଦ୍ର ୧° ଆଗକୁ ବା ପଛକୁ ଘୁଞ୍ଚିଯାଆନ୍ତି । ୩୧୮ ଦିନରେ ଥରେ ଏହାର ପୁନରାବୃତ୍ତି ହୋଇଥାଏ । ପାକ୍ଷିକ ଚନ୍ଦ୍ରକଳାର ହ୍ରାସବୃଦ୍ଧିକୁ ପ୍ରଭାବିତ କରେ । ଏହାଦ୍ୱାରା ଅମାବାସ୍ୟା ଓ ପୂର୍ଣ୍ଣିମା ଶୀଘ୍ର ହୁଏ ଏବଂ ଅର୍ଦ୍ଧଚନ୍ଦ୍ର ବିଳମ୍ବରେ ହୁଏ । ଦିଗଂଶ ଯୋଗୁଁ ସୂର୍ଯ୍ୟଠାରୁ ଆମର ଦୂରତାରେ ପରିବର୍ତ୍ତନ ଲକ୍ଷିତ ହୁଏ ।

୭) ସୂର୍ଯ୍ୟ ଓ ଚନ୍ଦ୍ରଗ୍ରହଣ:

ସାମନ୍ତ ଚନ୍ଦ୍ରଶେଖର ସୂର୍ଯ୍ୟ ଓ ଚନ୍ଦ୍ରଗ୍ରହଣ ସଂକ୍ରାନ୍ତରେ ନିର୍ଭୁଲ ସଠିକ ଗଣନା କରିଯାଇଛନ୍ତି । ସାମନ୍ତ ଉଲ୍ଲେଖ କରିଛନ୍ତି ଯେ ପୃଥିବୀର ଛାୟା ଚନ୍ଦ୍ରକୁ ଢାଙ୍କିଲେ ଚନ୍ଦ୍ରଗ୍ରହଣ ଓ ଚନ୍ଦ୍ର ସୂର୍ଯ୍ୟଙ୍କୁ ଢାଙ୍କିଲେ ସୂର୍ଯ୍ୟଗ୍ରହଣ ହୋଇଥାଏ । ଚନ୍ଦ୍ରଗ୍ରହଣରେ

Digitized by PPRACHIN, SOA

ସ୍ପର୍ଶ ପ୍ରାୟ ପୂର୍ବଦିଗରେ ଏବଂ ମୋକ୍ଷ ପ୍ରାୟ ପଶ୍ଚିମଦିଗରେ ହୋଇଥାଏ । ମାତ୍ର ସୂର୍ଯ୍ୟଗ୍ରହଣରେ ପ୍ରାୟ ପଶ୍ଚିମ ଦିଗରେ ସ୍ପର୍ଶ ଓ ପୂର୍ବଦିଗରେ ମୋକ୍ଷ ଗଣନା କରାଯାଏ । ଯେତେ ସମୟଧରି ଗ୍ରାହକବିମ୍ବ ଗ୍ରାହ୍ୟ ବିମ୍ବକୁ ଘୋଡାଇ ରଖେ, ତାହାହିଁ ନିମୀଳନ ସମୟ । ଗ୍ରାହକବିମ୍ବରୁ ଗ୍ରାହ୍ୟବିମ୍ବ ମୁକ୍ତିଲାଭ କରିବା ସମୟକୁ ଉନ୍ମୀଳନ କାଳ କହନ୍ତି । ନିମୀଳନ ଓ ଉନ୍ମୀଳନର ମଧ୍ୟବର୍ତ୍ତୀ ସମୟକୁ ମର୍ଦ୍ଦ ବା ବିମର୍ଦ୍ଦ ସମୟ କହନ୍ତି । ଏହି ସମୟରେ ଗ୍ରାହ୍ୟବିମ୍ବ ଆଦୌ ଦେଖାଯାଏ ନାହିଁ ।

ଅତି ଅଳ୍ପ ଚନ୍ଦ୍ରଗ୍ରହଣ ହେଲେ ଗ୍ରସ୍ତାଂଶ ଆକାଶ ନୀଳ ଦେଖାଯାଏ । ଅର୍ଦ୍ଧଗ୍ରହଣରେ କଳା ଦେଖାଯାଏ । ଅର୍ଦ୍ଧାଧିକ ଗ୍ରହଣରେ ଲାଲକଳା ଦେଖାଯାଏ । ପୂର୍ଣ୍ଣଚନ୍ଦ୍ର ଗ୍ରହଣରେ ଗ୍ରସ୍ତାଂଶ ପାଟଳ ପଡିଯାଏ । ପୃଥିବୀ ଛାୟା ମଧ୍ୟରେ ଚନ୍ଦ୍ର ରହିଲେ ତାର ବର୍ଣ୍ଣ ପିଙ୍ଗଳ ଦେଖାଯାଏ । ସୂର୍ଯ୍ୟଗ୍ରହଣରେ ଏସବୁ ନ ହୋଇ ସବୁବେଳେ ଗ୍ରସ୍ତାଂଶ କଳା ହୋଇଥିବାର ଦେଖାଯାଏ । ଚନ୍ଦ୍ରଗ୍ରହଣ ବେଳେ ଜପ କଲେ ମନ୍ତ୍ରସିଦ୍ଧ ହେବା କଥା ଅତି ପ୍ରସିଦ୍ଧ । ସାମନ୍ତଙ୍କ ଦର୍ଶିତ ପନ୍ଥାରେ ଗ୍ରହଣ ସାଧନକଲେ ସମୟର କୌଣସି ପ୍ରଭେଦ ଆସେନାହିଁ ।

୮) ପୂର୍ବାଚାର୍ଯ୍ୟମାନେ ନକ୍ଷତ୍ରର ସଂଖ୍ୟା ୨୭ ବୋଲି ନିରୂପଣ କରିଛନ୍ତି । ଚନ୍ଦ୍ରଶେଖର ଅଭିଜିତ ନକ୍ଷତ୍ରକୁ ଯୋଗକରି ନକ୍ଷତ୍ରର ସଂଖ୍ୟା ୨୮ ବୋଲି ନିର୍ଦ୍ଧାରଣ କରିଛନ୍ତି । ବର୍ତ୍ତମାନ ନକ୍ଷତ୍ର ପୁଞ୍ଜର ତାରା ସଂଖ୍ୟା ଓ ଆକୃତି ବର୍ଣ୍ଣନା କରାଯାଉଛି ।

କ୍ର.ନଂ.	ନକ୍ଷତ୍ରର ନାମ	ତାରାସଂଖ୍ୟା	ଆକୃତି
୧.	ଅଶ୍ୱିନୀ	୩	ଘୋଡାମୁହଁ ପରି
୨.	ଭରଣୀ	୩	ତ୍ରିଭୁଜାକାର
୩.	କୃତ୍ତିକା	୬	ଅଗ୍ନିଶିଖା ବା ଖୁରାପରି
୪.	ରୋହିଣୀ	୫	ଶକଟାକାର
୫.	ମୃଗଶିରା	୩	ବିରାଡିପାଦ ବା ମୃଗ ମୁଖପରି
୬.	ଆର୍ଦ୍ରା	୧	ପ୍ରବାଳପରି
୭.	ପୁନର୍ବସୁ	୫	ଧନୁପରି
୮.	ପୁଷ୍ୟା	୩	ଖଡୀଗୁଣ୍ଡ ପରି
୯.	ଅଶ୍ଳେଷା	୫	କୁକୁରଲାଞ୍ଜ ପରି
୧୦.	ମଘା	୫	ଲଙ୍ଗଳ ପରି
୧୧.	ପୂର୍ବ-ଫାଲ୍‌ଗୁନୀ	୨	ଭାର ପରି
୧୨.	ଉତ୍ତର-ଫାଲ୍‌ଗୁନୀ	୨	ଖଟ ପରି
୧୩.	ହସ୍ତା	୫	ହାତପରି

Digitized by PPRACHIN, SOA

୧୪.	ଚିତ୍ରା	୧	ମୁକ୍ତାପରି
୧୫.	ସ୍ୱାତୀ	୧	ମାଣିକ୍ୟପରି/ପ୍ରବାଳପରି
୧୬.	ବିଶାଖା	୫	ତୋରଣପରି
୧୭.	ଅନୁରାଧା	୬	ସାପପରି ବା ଭାତଗଦାପରି
୧୮.	ଜ୍ୟେଷ୍ଠା	୩	ବରାହ ଦାନ୍ତ ପରି
୧୯.	ମୂଳା	୯	ଶଙ୍ଖପରି/ସିଂହଲାଙ୍ଗୁଳ ପରି
୨୦.	ପୂର୍ବାଷାଢ଼ା	୪	କୁଳାପରି
୨୧.	ଉତ୍ତରାଷାଢ଼ା	୪	କୁଳାପରି
୨୨.	ଅଭିଜିତ୍	୩	ଅଗ୍ନିବିମ୍ବପରି
୨୩.	ଶ୍ରବଣା	୩	ଶରପରି/ବାମନପରି
୨୪.	ଧନିଷ୍ଠା	୫	ମର୍ଦ୍ଦଳପରି
୨୫.	ଶତଭିଷା	୧୦୦	ତୋରଣପରି
୨୬.	ପୂର୍ବାଭାଦ୍ରପଦ	୨	ଭାରପରି/ମଞ୍ଚପରି
୨୭.	ଉତ୍ତରଭାଦ୍ରପଦ	୨	ଭାରପରି
୨୮.	ରେବତୀ	୩୨	ମାଛପରି

ସାମନ୍ତ ଚନ୍ଦ୍ରଶେଖର ଏ ମାଟିର ବିରଳ ଏବଂ ଅବିସ୍ମରଣୀୟ ପ୍ରତିଭା । ସେ ଥିଲେ ବିଧି ପ୍ରେରିତ ମାନବ । କବିବର ରାଧାନାଥ ରାୟ ଏହି ମହାନ ପ୍ରତିଭାଙ୍କୁ ଯେଉଁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ, ତାଙ୍କର ଇଂରାଜୀ ରୂପାନ୍ତର କରି ଅଧ୍ୟାପିକା ଡକ୍ଟର କନକଲତା ମହାପାତ୍ର ଲେଖିଛନ୍ତି-

"Oh ! the worthy son of mother Utkal'
We all have become sacred by you
Stretching from Godavari to the Ganga
Whose noble deeds are still present
Whose deeds are shining in Konark and Ekamra.
You are the great son of that Great Utkal."

ସାମନ୍ତ ଚନ୍ଦ୍ରଶେଖରଙ୍କ ସମକାଳରେ ଉତ୍କଳ ଗୌରବ ମଧୁସୂଦନ ଦାସ ଓରଫ୍ ମଧୁବାବୁ ଓଡ଼ିଶାର ଜଣେ ନାମଜାଦା ଓକିଲ ଭାବରେ ପରିଚିତ ଥିଲେ । ମଧୁ ବାରିଷ୍ଟର ନାମରେ ସେ ଖ୍ୟାତି ଅର୍ଜନ କରିଥିଲେ । ଖଣ୍ଡପଡ଼ାର ତତ୍କାଳୀନ ରାଜା ନଟବର ସିଂହ ମର୍ଦ୍ଦରାଜ ମଧୁବାବୁଙ୍କର ସଙ୍ଗାତ ବନ୍ଧୁ ଥିଲେ । ଏକଦା ମଧୁବାବୁ ରାଜାଙ୍କୁ ବଡ଼ ବିପଦରୁ ଉଦ୍ଧାର କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ଖଣ୍ଡପଡ଼ାର ରାଜା ନଟବର ସିଂହ ମର୍ଦ୍ଦରାଜ ତାଙ୍କ ରାଜ୍ୟର ସାତଜଣ ଲୋକଙ୍କୁ ପ୍ରାଣଦଣ୍ଡ ଦେଇଥିଲେ । ଖଣ୍ଡପଡ଼ାରେ ଏ ସମସ୍ତ

Digitized by PPRACHIN, SOA

ଘଟଣା ଘଟାଇ ରାଜା କଟକ ଚାଲିଯାଇ ମଧୁବାବୁଙ୍କୁ ସାକ୍ଷାତ କଲେ । ମଧୁବାବୁଙ୍କ ସହିତ ସଙ୍ଗାତ ବସି କହିଥିଲେ– "ସଙ୍ଗାତ, ଏ ଜୀବନଟା ତୁମର । ତୁମ ପାଖରେ ଶରଣ ପଶିଲି । ଖଣ୍ଡପଡ଼ା ରାଜା ତୁମର ।" ମଧୁବାବୁ ରାଜାଙ୍କୁ କିଛିଦିନ ନିଜ କୋଠିରେ ରଖିଲେ । ପ୍ରଥମେ ମଧୁବାବୁ କମିଶନର ସାହେବଙ୍କ ସଙ୍ଗେ ରାଜାଙ୍କୁ ଦେଖା କରାଇ ତାଙ୍କ ପାଇଁ ଲଢ଼ିଲେ; ମାତ୍ର ରାଜା ଦୋଷୀ ବୋଲି କଟକରେ ସାବ୍ୟସ୍ତ ହେଲେ । ଏହାପରେ ମଧୁବାବୁ କଲିକତା ହାଇକୋର୍ଟରେ ଅପିଲ୍ କରି ଶେଷରେ ରାଜାଙ୍କୁ ଖଲାସ କରିଦେଲେ । ତେଣୁ ଖଣ୍ଡପଡ଼ା ରାଜା ଖୁସି ହୋଇ ମଧୁବାବୁଙ୍କୁ ପ୍ରାୟ ଏକଲକ୍ଷ ଟଙ୍କା, ଅନେକ ମଣିମାଣିକ୍ୟ ଏବଂ ସୁନା ଅଳଙ୍କାର ଉପହାର ସ୍ୱରୂପ ପ୍ରଦାନ କରିଥିଲେ ।

ଅନନ୍ତର ମଧୁବାବୁ ଖଣ୍ଡପଡ଼ା ଗଡ଼ଜାତକୁ ବେଳେବେଳେ ଯାତ୍ରା କରୁଥିଲେ । ପ୍ରଥମତଃ, ରାଜା ତାଙ୍କର ସଙ୍ଗାତ ଥିଲେ ଏବଂ ଦ୍ୱିତୀୟତଃ, ଉତ୍କଳ ଟ୍ୟାନେରୀ ପାଇଁ ଖଣ୍ଡପଡ଼ା ଅଞ୍ଚଳରୁ ଚମଡ଼ା ସଂଗ୍ରହ କରାଯାଉଥିଲା । ଏକଦା ମଧୁବାବୁ ଖଣ୍ଡପଡ଼ା ଆସିଥିବାରୁ ତାଙ୍କୁ ରାଜାଙ୍କ ତରଫରୁ ସମ୍ବର୍ଦ୍ଧନା ଦେବାପାଇଁ ଗୋଟିଏ ସଭାର ଆୟୋଜନ କରାଯାଇଥିଲା । ସେହି ସଭାରେ ସାମନ୍ତ ଚନ୍ଦ୍ରଶେଖର ଉପସ୍ଥିତ ଥିଲେ । ସଭାରେ ପଣ୍ଡିତମାନେ ପ୍ରଶଂସାସୂଚକ ଶ୍ଳୋକ ପାଠ କଲେ । ମଧୁବାବୁ ନିଜ ପ୍ରଶଂସା ଶୁଣି କହିଥିଲେ- "ପଣ୍ଡିତମାନେ ପାଠ ସିନା ପଢ଼ିଛନ୍ତି; ମାତ୍ର ସେମାନଙ୍କର ବୁଦ୍ଧି ନାହିଁ ।" ମଧୁବାବୁ ଏ ସମ୍ପର୍କରେ ଆହୁରି ଅନେକ କଳ୍ପିତ ଗଳ୍ପ କହି ପଣ୍ଡିତମାନଙ୍କୁ ଅପମାନିତ କଲେ । ଏହାପରେ ସାମନ୍ତ ଚନ୍ଦ୍ରଶେଖର ସଙ୍ଗେ ସଙ୍ଗେ ସଭାସ୍ଥଳକୁ ଉଠିଯାଇ ଗମ୍ଭୀର ଭାବରେ ଗୋଟିଏ ଶ୍ଳୋକ ବୋଲି ମଧୁବାବୁଙ୍କ କଥାକୁ ଖଣ୍ଡନ କରିଥିଲେ । ସାମନ୍ତ ଗାଇଥିଲେ–

"ଧୀରୋଽପ୍ୟ ଧୀରୀକୃତ ଧୀରବର୍ଗୋମୂଢ଼ାତ୍ ପରାଭୂତିମଜଶ୍ୟମେତି
ହୀରୋଽପି ନୀର ପ୍ରତିମାସ୍ମ ଲୋହୋମେଷସ୍ୟ ଶୃଙ୍ଗଦପିଯାତିଭଙ୍ଗମ୍ ।"

ମଧୁବାବୁ ଶ୍ଳୋକର ଅର୍ଥ କ'ଣ ବୋଲି ପଚାରିବାରୁ ସାମନ୍ତ କହିଥିଲେ- "ଅନେକ ପଣ୍ଡିତଙ୍କୁ ପରାଜିତ କରିଥିବା ମହାପଣ୍ଡିତ ମଧ ବେଳେବେଳେ ମୂର୍ଖଠାରୁ ପରାଜୟ ଲାଭ କରିଥାଏ; ଯେପରି ପଥର ଓ ଲୁହାକୁ ଫଟାଇ ଦେଉଥିବା ହୀରାଖଣ୍ଡଟିଏ ସମୟେ ସମୟେ ମେଣ୍ଢା ଶିଙ୍ଗରେ ଭାଙ୍ଗିଯାଏ । ଏହାଶୁଣି ରାଜା ନଟବର ସିଂହ ଓ ମଧୁବାବୁଙ୍କ ମୁହଁ କଳାକାଠ ପଡ଼ିଗଲା ।

ତା'ପରଦିନ ମଧୁବାବୁ ସାମନ୍ତଙ୍କ ଘରକୁ ଆସି ପଣ୍ଡିତମାନଙ୍କ ପ୍ରତି କଟୁ ମନ୍ତବ୍ୟ ଦେଇଥିବାରୁ କ୍ଷମାମାଗି କହିଥିଲେ- "ଆପଣ ଉତ୍କଳର ଚନ୍ଦ୍ରମା ସ୍ୱରୂପ, ମୁଁ କ'ଣ ଆପଣଙ୍କ ସଙ୍ଗେ ଯୁକ୍ତି କରିପାରିବି ? ମଧୁବାବୁ ସାମନ୍ତଙ୍କର ବିସ୍ମୟକର ପ୍ରତିଭାକୁ ଦେଖି ମନେମନେ ଚିନ୍ତାକଲେ ଯେ ଏପରି ଅଞ୍ଚଳରେ କ'ଣ ଏହିପରି ବିଦ୍ୱାନ ଥାଇପାରନ୍ତି !"

□■□

Digitized by PPRACHIN, SOA

ପଞ୍ଚଦଶ ପରିଚ୍ଛେଦ

ନୟାଗଡ଼ର ମନ୍ଦିର ଶିଳ୍ପ, ଦେବଦେବୀ ଓ ସାଂସ୍କୃତିକ ପରମ୍ପରା

Digitized by PPRACHIN, SOA

ନୟାଗଡ଼ ଜିଲ୍ଲାରେ ବହୁ ପୂଜିତ ଦେବଦେବୀ ବାସ୍ତବିକ୍ ଏହି ଜିଲ୍ଲାର ଆଧ୍ୟାତ୍ମିକ ପରମ୍ପରାର ସଙ୍କେତ ବହନ କରନ୍ତି । ନୟାଗଡ଼ରେ ବିଭିନ୍ନ ଧର୍ମଧାରାର ପ୍ରଚଳନ ବହୁ ଅତୀତ କାଳରୁ ଚଳି ଆସିଛି । ଏହି ଜିଲ୍ଲାର ପ୍ରମୁଖ ଧର୍ମଧାରା ହେଉଛି- ଶୈବଧର୍ମ, ବୈଷ୍ଣବ ଧର୍ମ ଏବଂ ଶାକ୍ତ ଧର୍ମ । ଏହି ସବୁ ଧର୍ମଧାରାକୁ ଆଧାର କରି ନୟାଗଡ଼ରେ ବହୁ ମଠ ଓ ମନ୍ଦିର ଗଢ଼ି ଉଠିଛି । ଅନେକ ମଠ ଓ ମନ୍ଦିର ରାଜପୃଷ୍ଠପୋଷକତା ଲାଭ କରିଛି । ନୟାଗଡ଼ର ବିଭିନ୍ନ ଗ୍ରାମରେ, ବିଭିନ୍ନ ସ୍ଥାନରେ ବହୁ ଲୋକ ଦେବତା ଓ ପ୍ରତିଷ୍ଠିତ ଦେବତା ପୂଜା ପାଇ ଆସୁଛନ୍ତି । ଜନସାଧାରଣଙ୍କର ଆଧ୍ୟାତ୍ମିକ ଭାବନା ଓ ଚିନ୍ତନରେ ଏହି ଦେବଦେବୀ ବିଶେଷ ସ୍ଥାନ ପାଇଛନ୍ତି । ବହୁ ଦେବଦେବୀଙ୍କୁ କେନ୍ଦ୍ର କରି ସାରସ୍ୱତ ସାଧକମାନେ କାବ୍ୟକବିତା ସର୍ଜନା କରିଛନ୍ତି । ଆଲୋଚନାର ସୁବିଧା ଦୃଷ୍ଟିରୁ ନୟାଗଡ଼ର ଦେବଦେବୀଙ୍କୁ ଏଠାରେ ଉଲ୍ଲେଖ କରାଯାଇଛି ।

ଶୈବଧର୍ମ ଓ ବିଭିନ୍ନ ଶିବ ମନ୍ଦିର :

ଶୈବଧର୍ମ ଏକ ପ୍ରାଚୀନ ଧର୍ମ । ଏହି ଧର୍ମର ଉପାସ୍ୟ ଦେବତା ମହାଦେବ ଶିବ । ସେ ଅକର୍ମ କର୍ମ ଦାୟକ, ଅସାଧାରଣ ଓ ଶକ୍ତିଶାଳୀ ଦେବତା । ସେ ପୁଣି ଆଶୁତୋଷ । ସେ ସମସ୍ତ ପାପବିନାଶକାରୀ ଦେବତା । ସେ ମହାଯୋଗୀ, ତପସ୍ୱୀ । କଠୋର ତପସ୍ୟାରତ ଏବଂ ପ୍ରଗାଢ଼ ଧ୍ୟାନରତ ଏହି ଦେବତା ଶୀର୍ଷତମ ସଫଳତା ଓ ସିଦ୍ଧିଲାଭର ପରାକାଷ୍ଠା ବହନ କରନ୍ତି । ତ୍ରିଦେବଙ୍କ ମଧ୍ୟରେ ତାଙ୍କର ସ୍ଥାନ ଅନନ୍ୟ । ସେ ସର୍ବଦ୍ରଷ୍ଟା, ସର୍ବ ବ୍ୟାପକ ବ୍ରହ୍ମ ଏବଂ 'ଓଁ'ର ପରିପ୍ରକାଶ । ଯେପରି-

"ଓଁକାରବିନ୍ଦୁ ସଂଯୁକ୍ତ ନିତ୍ୟ ଧ୍ୟାୟନ୍ତି ଯୋଗିନଃ
କାମଦଂ ମୋକ୍ଷଦଂ ଚୈବ 'ଓଁ' କାରାୟ ନମୋନମଃ ।"

ଶୈବଧର୍ମ ନୟାଗଡ଼ରେ ବହୁଳ ଭାବରେ ପ୍ରସାରିତ । ନୟାଗଡ଼ରେ ଶିବ ବିଭିନ୍ନ ନାମରେ ପୂଜିତ ହେଉଛନ୍ତି- ନୀଳକଣ୍ଠେଶ୍ୱର, ବାଲୁଙ୍କେଶ୍ୱର, ସିଦ୍ଧେଶ୍ୱର,

Digitized by PPRACHIN, SOA

ଗତୀଶ୍ୱର, ଚନ୍ଦ୍ରଶେଖର, ବେଲେଶ୍ୱର, ରାମେଶ୍ୱର, ସ୍ୱପ୍ନେଶ୍ୱର, ମୁକ୍ତେଶ୍ୱର, କପିଳେଶ୍ୱର ଇତ୍ୟାଦି । ନୟାଗଡ଼ରେ ଛୋଟ ବଡ଼, ନୂତନ ଓ ପୁରାତନ ବହୁ ଶିବମନ୍ଦିର ରହିଛି । ଏହି ମନ୍ଦିର ଗୁଡ଼ିକ ମଧ୍ୟରେ ଦ୍ୱାଦଶାର୍ଦ୍ଧ ଶମ୍ଭୁ ପ୍ରଧାନ । ଏମାନେ ସ୍ୱୟଂଲିଙ୍ଗ । ଏହି ଦ୍ୱାଦଶାର୍ଦ୍ଧ ଶମ୍ଭୁ ନିମ୍ନ ଶ୍ଳୋକରେ ପ୍ରତିପାଦିତ-

"ଉଗ୍ରେଶ ଧବଳେଶ୍ୱର ପ୍ରତିଦିଶଂ ଶୀନୀଳକଣ୍ଠ ସ୍ତଥା
ମୁକ୍ତେଶଂ କପିଳେଶ୍ୱର ବିଜୟତେ ଶ୍ରୀଲଡ୍ଡୁକେଶ ପ୍ରଭୁ
ତତ୍‌ପଶ୍ଚାତ୍ ମଧୁଦୂତୀ ଫୁଲଗତିକାସିଂହେଶ୍ୱର ଶ୍ରୀ
ନବଦୁର୍ଗେ ଦ୍ୱାଦଶାର୍ଦ୍ଧୟୋ ମହାଶିବ ଶ୍ରୀ ସୋମନାଥ ପୁନଃ ।"

ଅର୍ଥାତ୍ ବଡ଼ପଣ୍ଡୁସର ଗ୍ରାମର ଉଗ୍ରେଶ୍ୱର, ବାଘେରାଗ୍ରାମର ଧବଳେଶ୍ୱର, ଲାଠିପଡ଼ାଗ୍ରାମର ନୀଳକଣ୍ଠେଶ୍ୱର, ଗୁଞ୍ଜାବାରଣ ଗ୍ରାମର କପିଳେଶ୍ୱର, ଶରଣକୁଳର ଲଡ୍ଡୁକେଶ୍ୱର, ବାହାଡ଼ାଝୋଲାର ଫୁଲେଶ୍ୱର, ଯଦୁପୁରର ସିଂହେଶ୍ୱର, ରାବେରାଗ୍ରାମର ମଧୁକେଶ୍ୱର, ଗୋବିନ୍ଦପୁର ଗ୍ରାମର ସୋମନାଥ ଦେବ, ଗୋଡିସାହି ଗ୍ରାମର ମୁକ୍ତେଶ୍ୱର, ଜାମୁପାଟଣାର ଦୂତୀକେଶ୍ୱର, ମାଳିସାହି ଗ୍ରାମର ଗତୀଶ୍ୱର ମହାଦେବ ଓ ପାଞ୍ଚଗଡ଼ ଦିବ୍ୟସିଂହପୁରର ଅର୍ଦ୍ଧଶମ୍ଭୁ ସୋମନାଥ ଦେବ-ହେଉଛନ୍ତି ନୟାଗଡ଼ର ଦ୍ୱାଦଶାର୍ଦ୍ଧ ଶମ୍ଭୁ ।

ନୟାଗଡ଼ର ପ୍ରସିଦ୍ଧ ଶିବମନ୍ଦିର ଗୁଡ଼ିକ ସମ୍ପର୍କରେ ନିମ୍ନରେ ସୂଚନା ପ୍ରଦାନ କରାଯାଇଛି ।

୧. ଶରଣକୁଳର ଶ୍ରୀଲଡ୍ଡୁକେଶ୍ୱର ମହାଦେବ ମନ୍ଦିର :



ଶରଣକୁଳର ଶ୍ରୀଲଡ୍ଡୁବାବାଙ୍କ ମନ୍ଦିର ।

ଶୈବପୀଠ ଶରଣକୁଳ ନୟାଗଡ଼ଠାରୁ ଓଡ଼ଗାଁ ରାସ୍ତାରେ ବାର କିଲୋମିଟର ଦୂରତାରେ ଅବସ୍ଥିତ । ଲଡ୍ଡୁବାବାଙ୍କର ମନ୍ଦିର ପଞ୍ଚଦଶ ଶତାବ୍ଦୀରେ ନିର୍ମାଣ କରାଯାଇଛି ବୋଲି ଗ୍ରହଣ କରାଯାଏ । ରଣପୁର ରାଜବଂଶର କୌଣସି ରାଜା ଏହି ମନ୍ଦିରର ନିର୍ମାତା ଅଟନ୍ତି । ଲଡ୍ଡୁକେଶ୍ୱର ମହାଦେବ ଲୋକ କଥିତ ଭାଷାରେ ଲଡ୍ଡୁବାବା ନାମରେ ଖ୍ୟାତ । ଲଡ୍ଡୁବାବାଙ୍କୁ ଉପଜୀବ୍ୟ କରି ଏକ ମନୋଜ୍ଞ କାହାଣୀ ରହିଛି ।

Digitized by PPRACHIN, SOA

ତାହା ହେଉଛି କପିଳାଗାଈର କ୍ଷୀର ଦେବା ପ୍ରସଙ୍ଗ । ଶରଣକୁଳର ଲଡୁବାବା ଉଭୟ ହରି ଓ ହର ଅଟନ୍ତି । ତେଣୁ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ପରି ଏହା ହରିହର ପୀଠ ଅଟେ । ଲଡୁବାବା ଶିବଲିଙ୍ଗ 'ଛତ୍ରାକାର ଲିଙ୍ଗ' ନାମରେ ଖ୍ୟାତ । ଲଡୁବାବାଙ୍କର ମୁଖ୍ୟ ମନ୍ଦିରର ଉଚ୍ଚତା ପ୍ରାୟ ୭୦ ଫୁଟ । ଏହା ଓଡ଼ିଶୀ ସ୍ଥାପତ୍ୟ ଶୈଳୀରେ ନିର୍ମିତ । ଲଡୁବାବା ନବଦୁର୍ଗ ରାଜବଂଶର ଇଷ୍ଟଦେବତା ଅଟନ୍ତି । ନୟାଗଡ଼ର ରାଜା ଗଦାଧର ସିଂହ ମାନଧାତାଙ୍କ ଦରବାରୀ ସଂସ୍କୃତ କବି ପଣ୍ଡିତ ନିତ୍ୟାନନ୍ଦ ଚୟନୀ ତାଙ୍କ କୃତ ''ଶିବଲୀଳାମୃତ ମହାକାବ୍ୟମ୍'ରେ ଲଡୁବାବାଙ୍କର ଉଲ୍ଲେଖ କରିଛନ୍ତି-

''ଦିନାନାଥ ଦୟାବଶୟଦ ତୟାଖ୍ୟାତଃ କ୍ଷିତୌ ଜଗମୁକ୍ଷୋ
ଦେଶେୟସ୍ୟ ବରିବୃତୀତି ଭଗବାନ ଶ୍ରୀ ଲଡୁକେଶଃ ଶିବଃ
ତୀବ୍ରାରାଧନ ସୁପ୍ରସନ୍ନ ମନସା ମାଙ୍ଗଲ୍ୟ ମୁନ୍‌ମୁଲୟମ୍
ନ୍ନିତ୍ୟଂ ରାଜ୍ୟ ଧୂରନ୍ଧରତ୍ୱମୁଖରୀ କୁର୍ବାଣ ଏଷ ପ୍ରଭୁଃ ।''

(ଶ୍ରୀ ଶିବଲୀଳାମୃତ ମହାକାବ୍ୟମ୍)

ଏହା ବ୍ୟତୀତ ନୟାଗଡ଼ର ଅଷ୍ଟାଦଶତମ ରାଜା ପୁରୁଷୋତ୍ତମ ସିଂହମାନଧାତା । ତାଙ୍କର 'ଶୋଭାବତୀ' କାବ୍ୟରେ ଲଡୁବାବାଙ୍କୁ ତାଙ୍କର ଇଷ୍ଟଦେବତା ରୂପେ ଉଲ୍ଲେଖ କରିଛନ୍ତି । ଶରଣକୁଳର ଭିକାରୀପଡ଼ା ଶାସନର ପ୍ରସିଦ୍ଧ ବୈଷ୍ଣବ କବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ତାଙ୍କର ଜନ୍ମସ୍ଥାନ ଶୈବପୀଠ ଶରଣକୁଳ ସମ୍ପର୍କରେ ଉଲ୍ଲେଖ କରିଛନ୍ତି-



ଶ୍ରୀଲଡୁକେଶ୍ୱର ମହାଦେବ ।

Digitized by PPRACHIN, SOA

ଶ୍ରୀଲଡୁକେଶ୍ୱର ମହାଦେବଙ୍କ ଗର୍ଭଗୃହ ମନ୍ଦିର ।

''ନବଦୁର୍ଗ ବୋଲି ନୀଳ
କନ୍ଦର ନିକଟେ
ସେ ରାଜ୍ୟ ନରେଶ ପଦ
ମାନଧାତା ଅଟେ ।
ତହିଁରେ ଶରଣକୁଳ ବୋଲି
ଯେ ନଗର
ଯହିଁ ବିଜେ ଲଡୁକେଶ
ନାମେ ମହେଶ୍ୱର ।
ନବଲକ୍ଷ ରୁଦ୍ରଗଣ ଖଟନ୍ତି
ଯା' ପାଦ
ଯାହାଙ୍କ ପ୍ରସାଦେ ପାଇ
ସକଳ ସମ୍ପଦ ।''

'କପିଳ ସଂହିତା' ଗ୍ରନ୍ଥରେ ମଧ୍ୟ ଶୈବପୀଠ ଲଡୁକେଶ୍ୱରଙ୍କର କ୍ଷେତ୍ର ମାହାତ୍ମ୍ୟ ବର୍ଣ୍ଣନା ରହିଛି ।

ଯଥା- ''ଉତ୍ତରେ ମଣିନାଗସ୍ୟ ନାମ୍ନାହଂ ଲଡୁକେଶ୍ୱରଃ
ତତ୍କ୍ଷେତ୍ରମୁତ୍ତରେ କ୍ରୋଶାଦ୍ଧଶୈତଦଶ ପଶ୍ଚିମେ
ମଣିନାଗସ୍ୟ ସୀମାପ୍ତି ତତ୍ପର୍ଯ୍ୟନ୍ତୋତ୍ତରେଽସୁର
ନାଗକ୍ଷେତ୍ରଂ ତଦେବେହ ଭବତ୍ୟପି ନ ସଂଶୟଃ ।''

(କପିଳ ସଂହିତା-ଦ୍ୱିତୀୟ ଭାଗ)

ଅର୍ଥାତ୍ ସଦାଶିବ କହୁଛନ୍ତି ଯେ ମଣିନାଗର ଉତ୍ତର-ପଶ୍ଚିମ ଦିଗରେ ଏକ କ୍ଷେତ୍ର ଅଛି । ସେଠାରେ ମୁଁ ଲଡୁକେଶ୍ୱର ନାମରେ ରହିଅଛି । ମଣିନାଗର ଉତ୍ତରରେ ଦଶକ୍ରୋଶ ପଶ୍ଚିମଦିଗ ପର୍ଯ୍ୟନ୍ତ ଯେଉଁ ସୀମା ଅଛି, ତାହା ନାଗକ୍ଷେତ୍ର ରୂପେ ବିବେଚିତ ।

ପୁନଶ୍ଚ କୁହାଯାଇଛି-

''ସା ନଦୀ କୁସୁମୀ ପୁଣ୍ୟାନଦୀଂ ମନ୍ଦାକିନୀଂ ପ୍ରତି
ସଂଗଚ୍ଛତି ପୁଣ୍ୟତମା ଚୈକରୂପା ସ୍ମୃତା ତତଃ ।
ରୂପାନ୍ତରେଣ ତତ୍ରୈବ କ୍ଷେତ୍ରେ ଶ୍ରୀଲଡୁକେଶ୍ୱରଃ
ମତଙ୍ଗ ନାମ୍ନା ବିଖ୍ୟାତୋ ବର୍ତ୍ତତେ ବହୁପୁଣ୍ୟଦଃ ।''

(କପିଳସଂହିତା-ଦ୍ୱିତୀୟ ଭାଗ)

Digitized by PPRACHIN, SOA

ଅର୍ଥାତ୍ ସେହି କୁସୁମୀ ନଦୀ ମନ୍ଦାକିନୀ ଅର୍ଥାତ୍ ଚିତ୍ରୋତ୍ପଳାରେ ମିଶିଅଛି । ସେହି ପୁଣ୍ୟତମା ନଦୀର କ୍ଷେତ୍ରରେ ଶ୍ରୀଲଡୁକେଶ୍ୱର ବିରାଜମାନ ହୋଇଛନ୍ତି । ତେବେ ଏହାବ୍ୟତୀତ ବହୁ ଓଡ଼ିଆ କବି ଲଡୁବାବାଙ୍କ ଭଜନ, ଜଣାଣ ରଚନା କରିଛନ୍ତି ।

୧୯୩୨-୩୩ ସେଟଲମେଣ୍ଟ ରିପୋର୍ଟ ଅନୁଯାୟୀ ଲଡୁବାବାଙ୍କର ଖଞ୍ଜାଜମି ପରିମାଣ ହେଉଛି ୩୧୫୪ ଏକର ଏବଂ ୮୧ ଡ଼ିସିମିଲ୍ । ଲଡୁବାବାଙ୍କର ପ୍ରଧାନ ଯାତ୍ରା ହେଉଛି ଜାଗରଯାତ୍ରା ।

ଏହାବ୍ୟତୀତ ଲଡୁବାବାଙ୍କ ଠାରେ ପାଳିତ ହେଉଥିବା ପର୍ବପର୍ବାଣିଗୁଡ଼ିକ ହେଉଛି- ଅଶୋକାଷ୍ଟମୀ, ଚନ୍ଦନଯାତ୍ରା, ଚତୁର୍ଦ୍ଦଶୀ ଯାତ୍ରାଙ୍ଗୀ, ବୈଶାଖ ମାସର ଶେଷ ସୋମବାର, ଶିବବିବାହ ବା ଶୀତଳଷଷ୍ଠୀ, କାର୍ତ୍ତିକ ପୂର୍ଣ୍ଣିମା, ଯମ ଦ୍ୱିତୀୟା, ବସନ୍ତପଞ୍ଚମୀ, ମାଘସପ୍ତମୀ, ଦୋଳପୂର୍ଣ୍ଣିମା, ପଣାସଂକ୍ରାନ୍ତି, କାର୍ତ୍ତିକମାସ ସୋମବାର ବେଢ଼ା, ଚତୁର୍ଦ୍ଦଶୀ ବେଢ଼ା, ସାତପୁରୀ ଅମାବାସ୍ୟା, ଜନ୍ମାଷ୍ଟମୀ, ଝୁଲଣଯାତ୍ରା, ବାସନ୍ତୀପୂଜା, ନବାଙ୍କବେଢ଼ା, (ମକରସଂକ୍ରାନ୍ତି ଦିନ), ନବାନ୍ନ (ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ଦିନ), ଧନୁ ସଂକ୍ରାନ୍ତି, ଇତ୍ୟାଦି । ଏହା ବ୍ୟତୀତ ମହାପ୍ରଭୁଙ୍କ ପାଖରେ ଧନୁ ସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଏକମାସ ବ୍ୟାପୀ ପହିଲି ଭୋଗ ଲାଗିହୁଏ । ଏହି ପହିଲି ଭୋଗରେ କାନିକା, ଖେଚେଡ଼ି, କ୍ଷିରୀ, ତରକାରୀ, ଡାଲି, ଖଟା, ପ୍ରଭୃତି ପ୍ରସ୍ତୁତ କରାଯାଇ ପୂର୍ବାହ୍ନ ୭ଟାରେ ଠାକୁରଙ୍କୁ ଲାଗି କରାଯାଏ ।

୨) ଗୋବିନ୍ଦପୁରର ସୋମନାଥଦେବ ଓ କେଦାରେଶ୍ୱର ମନ୍ଦିର :



ଗୋବିନ୍ଦପୁର ଗ୍ରାମଠାରେ ବିଜେ ସୋମନାଥଦେବ ମନ୍ଦିର ।

ଗୋବିନ୍ଦପୁର ଏକ ପ୍ରାଚୀନ ଗ୍ରାମ । ଏହି ଗ୍ରାମରେ କେଶରୀ ବଂଶର କୀର୍ତ୍ତିରାଜି ରହିଛି । ଏହି ଗ୍ରାମରେ ଦୁଇଗୋଟି ଶିବ ମନ୍ଦିର ରହିଛି । ଗୋଟିଏ ହେଉଛି କେଦାରେଶ୍ୱରଙ୍କ ମନ୍ଦିର ଏବଂ ଅପରଟି ହେଉଛି ସୋମନାଥ ଦେବଙ୍କ ମନ୍ଦିର । ସୋମନାଥ ଦେବଙ୍କ ମନ୍ଦିରଟି ହେଉଛି ପଶ୍ଚିମ ମୁଖା ଓ କେଦାରେଶ୍ୱରଙ୍କ ମନ୍ଦିରଟି ହେଉଛି ଦକ୍ଷିଣମୁଖା । ଉଭୟ ମନ୍ଦିର କେଶରୀ ବଂଶ ରାଜାଙ୍କ କୀର୍ତ୍ତି । କେଦାରେଶ୍ୱର ମହାଦେବଙ୍କ ମନ୍ଦିରର

Digitized by PPRACHIN, SOA

ଗୋବିନ୍ଦପୁର ଗ୍ରାମଠାରେ ବିଜେ ଶ୍ରୀକେଦାରେଶ୍ୱରଙ୍କ *ମନ୍ଦିର* ।

ଭିତର ପାର୍ଶ୍ୱ ଦ୍ୱାରବନ୍ଧ ନିକଟରେ ପ୍ରସ୍ତରରେ ଖୋଦିତ ପ୍ରାଚୀନ ଶିଳାଲେଖ ରହିଛି । ଏହି ଶିଳାଲେଖ ସମ୍ପର୍କରେ ଡକ୍ଟର ହରେକୃଷ୍ଣ ମହତାବ ତାଙ୍କର ଓଡ଼ିଶା ଇତିହାସରେ ସାମାନ୍ୟ ସୂଚନା ଦେଇଛନ୍ତି । ଶିଳାଲେଖଟିକୁ ଡକ୍ଟର ସତ୍ୟ ନାରାୟଣ ରାଜଗୁରୁ ଏବଂ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ନିମ୍ନମତେ ପାଠ କରିଛନ୍ତି-

୧ମ ଧାଡ଼ି- ଶ୍ରୀ ଉଦ୍ୟୋତ କେ

୨ୟ ଧାଡ଼ି- ସ(ଶ)ରୀ ଦେବସ୍ୟ ବିଜୟ ରାଜ୍ୟେ

୩ୟ ଧାଡ଼ି- ଅମିୟଂ ଖୋଦିତ ପୁଷ୍କରିଣୀ

ଏହାର ଅର୍ଥ ହେଉଛି- ଶ୍ରୀ ଉଦ୍ୟୋତ କେଶରୀଙ୍କ ବିଜିତ ରାଜ୍ୟରେ ଏହି ମଧୁମୟ ପୁଷ୍କରିଣୀ ଖୋଦିତ ହେଲା । ଉଲ୍ଲେଖଯୋଗ୍ୟ ଯେ ଗୋବିନ୍ଦପୁର ଗ୍ରାମରେ କେଦାରେଶ୍ୱର ମହାଦେବଙ୍କ ମନ୍ଦିରର ପୂର୍ବ ପାଶ୍ୱରେ ପଥରରେ ସୁସଜ୍ଜିତ ଏକ କ୍ଷୁଦ୍ର ଜଳାଶୟ ରହିଛି । ଲୋକମୁଖରେ ଏହା ଶାମୁକା ନାମରେ ଅଭିହିତ । ଏହି ଜଳାଶୟଟି ହେଉଛି ଶିଳାଲେଖରେ ଉଲ୍ଲେଖଥିବା ପୁଷ୍କରିଣୀ । ତେଣୁ ଏହା ପ୍ରମାଣ କରେ ଯେ ଗୋବିନ୍ଦପୁର ଗ୍ରାମର ଦକ୍ଷିଣ ମୁଖା ଶ୍ରୀକେଦାରେଶ୍ୱର ମହାଦେବଙ୍କ ମନ୍ଦିର ଏବଂ ତତ୍‌ସଂଲଗ୍ନ ଜଳାଶୟ କେଶରୀ ବଂଶର ରାଜା ଉଦ୍ୟୋତକେଶରୀ (ଖ୍ରୀ ୧୦୪୦-୧୦୬୫)ଙ୍କ ଦ୍ୱାରା ନିର୍ମିତ ।

ସୋମନାଥ ମନ୍ଦିରର ଶ୍ରୀଗଣେଶ ।

Digitized by PPRACHIN, SOA

୧୯୩୨-୩୩ ସେଟଲମେଣ୍ଟ ରିପୋର୍ଟ ଅନୁଯାୟୀ ଗୋବିନ୍ଦପୁର ଗ୍ରାମର ସୋମନାଥ ମହାଦେବଙ୍କର ଖଞ୍ଜା ଜମି ପରିମାଣ ୧୧ ଏକର ୮୩ ଡ଼େସିମିଲ୍ । ଗୋବିନ୍ଦପୁର ମନ୍ଦିର ବେଢ଼ାରେ କେଦାରେଶ୍ୱର ଓ ସୋମନାଥଦେବଙ୍କ ବ୍ୟତୀତ କାଉଁରୀ ଠାକୁରାଣୀ (କାମାକ୍ଷାଦେବୀ)ଙ୍କ ମନ୍ଦିର ବିଦ୍ୟମାନ । 'କପିଳ ସଂହିତା' ଗ୍ରନ୍ଥରେ ଏହି ଦେବଦେବୀ ମାନଙ୍କର ନାମୋଲ୍ଲେଖ ରହିଛି-

"ସନ୍ତ୍ୟଷ୍ଟୌ ଶମ୍ଭବସ୍ତେଷାଂ ବ୍ୟକ୍ତଂ ଲିଙ୍ଗଦ୍ୱୟଂ ଶୁଭମ୍
ଏକଃ ସୋମେଶ୍ୱରୋ ନାମ୍ନା ଲୋକେଶସ୍ତ୍ୱପରଃ ସ୍ମୃତଃ
ଷଟ୍‌ସନ୍ତି ଭୂତଳେ ତତ୍ର ସୁଗୁପ୍ତାଃ ଶମ୍ଭବଃ ଶୁଭାଃ
ତୟୋଃ ପାର୍ଶ୍ୱେଽସ୍ତି କାମାଖ୍ୟା ଦେବୀ କାମପ୍ରଦା ଶିବା ।"

(କପିଳ ସଂହିତା-ଦ୍ୱିତୀୟ ଭାଗ)

ଅର୍ଥାତ୍ ତାଙ୍କର ପଶ୍ଚିମଭାଗରେ ଏକକ୍ରୋଶରେ ଲିଙ୍ଗଦ୍ୱୟ ଅଛନ୍ତି । ଏହି ଲିଙ୍ଗଙ୍କ ନାମ ସୋମେଶ୍ୱର ଓ ଅପର ଶିବଲିଙ୍ଗ ଲୋକେଶ୍ୱର । ତାଙ୍କ ପାର୍ଶ୍ୱରେ କାମାଖ୍ୟାଦେବୀ ବିରାଜମାନ କରିଛନ୍ତି । ସେହି ସିଦ୍ଧପୀଠରେ ସର୍ବକାର୍ଯ୍ୟ ଫଳପ୍ରଦ ହୁଏ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଉପର୍ଯ୍ୟୁକ୍ତ ଶ୍ଳୋକରେ ନିହିତ ଲୋକେଶ୍ୱର ଶିବଲିଙ୍ଗଙ୍କୁ ଗୋବିନ୍ଦପୁର ଗ୍ରାମ ସନ୍ନିକଟ ଗଦାଧରପ୍ରସାଦ ଗ୍ରାମର ଲୋକନାଥ ଦେବଙ୍କୁ ନିର୍ଣ୍ଣୟ କରାଯାଇପାରେ ।

ଗୋବିନ୍ଦପୁର ଗ୍ରାମର ମନ୍ଦିର ବେଢ଼ା ଭିତରେ ପଞ୍ଚଲିଙ୍ଗେଶ୍ୱର ଠାକୁର ପୂଜା ପାଉଛନ୍ତି । ଏହି ପଞ୍ଚଲିଙ୍ଗ ହେଉଛନ୍ତି- ସୋମନାଥଦେବ, କେଦାରେଶ୍ୱର, ବୈଦ୍ୟନାଥ, ବେଲେଶ୍ୱର ଓ କାର୍ତ୍ତିକେଶ୍ୱର ମହାଦେବ ।

୩. ମାଳିସାହିର ଗତୀଶ୍ୱର ମନ୍ଦିର:

ମାଳିସାହି ଗ୍ରାମ ନୟାଗଡ଼ ଟାଉନ୍ ଠାରୁ ୧୧ କିଲୋମିଟର ଉତ୍ତର-ପଶ୍ଚିମରେ ଅବସ୍ଥିତ । ଏହି ଗ୍ରାମଟି ବାଲୁଗାଁ-ମହୀପୁର ରାସ୍ତାରେ ପଡ଼େ । ଏହି ଗ୍ରାମର ଗତୀଶ୍ୱର ମନ୍ଦିରଟି ବୌଦ୍ଧରାଜା ରଣଭଞ୍ଜଙ୍କର କୀର୍ତ୍ତି ଅଟେ । ଏହି ମନ୍ଦିର ବେଢ଼ାରେ ରହିଥିବା ପ୍ରତ୍ନତାତ୍ତ୍ୱିକ ଅବଶେଷରୁ ମନ୍ଦିର ସମ୍ପର୍କରେ ତଥ୍ୟ ମିଳିଥାଏ । ଗତୀଶ୍ୱର ମନ୍ଦିର ସମ୍ପର୍କରେ ଏକ ମନୋଜ୍ଞ ଜନଶ୍ରୁତି ରହିଛି ।

ଗତୀଶ୍ୱର ମହାଦେବଙ୍କ ବେଢ଼ା ଭିତରେ ୫ଫୁଟ ଲମ୍ବ ଉଚ୍ଚତା ବିଶିଷ୍ଟ ଏକ ଲିଙ୍ଗାକୃତି ପ୍ରସ୍ତର ସ୍ତମ୍ଭ ଅଛି । ଏହା ଚତୁଷ୍କୋଣ ବିଶିଷ୍ଟ । ଏହି ପ୍ରସ୍ତର ସ୍ତମ୍ଭର ଉପର ଠଣାରେ ଶିବ ଓ ପାର୍ବତୀଙ୍କ ମୂର୍ତ୍ତି ଖୋଦନ କରାଯାଇଛି । ଉପବେଶନ ରତ ଏହି ଶିବ ଓ ପାର୍ବତୀଙ୍କ ପାଦଦେଶରେ ରହିଛନ୍ତି ଯଥାକ୍ରମେ ବୃଷଭ ଓ ସିଂହ । ଏହି ମୂର୍ତ୍ତିତଳେ ଦ୍ୱିତୀୟ ଠଣାରେ ଆଣ୍ଠୁମାଡ଼ି ବସିଥିବା ଏକ ରାଜଦମ୍ପତିଙ୍କ ମୂର୍ତ୍ତି ଖୋଦନ କରାଯାଇଛି । ଏହି ରାଜଦମ୍ପତିଙ୍କୁ ରାଜା ରଣଭଞ୍ଜ ଓ ତାଙ୍କ ପତ୍ନୀ ବିଜୟା ଦେବୀଙ୍କୁ

Digitized by PPRACHIN, SOA



ମାଳିସାହିର ଗତୀଶ୍ୱର ମନ୍ଦିର ।

ଚିହ୍ନଟ କରାଯାଇପାରେ । ଏଥିରେ ଜଣେ ପୂଜାରିଣୀ ଶଙ୍ଖ ଫୁଙ୍କୁଥିବାର ଦୃଶ୍ୟ ରହିଛି । ତୃତୀୟ ବା ତଳ ଠଣାରେ ଜଣେ ଦଣ୍ଡାୟମାନ ନାରୀମୂର୍ତ୍ତି ଖୋଦନ କରାଯାଇଛି ଏବଂ ଏହାର ଦକ୍ଷିଣ ପାର୍ଶ୍ୱରେ ଗୋଟିଏ ତ୍ରିଶୂଳ ଖୋଦନ କରାଯାଇଛି ।

ଏହି ସ୍ତମ୍ଭର ପଛପାର୍ଶ୍ୱରେ ଦେବନାଗରୀ ଲିପିରେ 'ରଣଭଞ୍ଜ' ଓ 'ପାଣିଘାଟ' ବୋଲି ଖୋଦିତ ହୋଇଛି । ତେଣୁ ଏହି ପ୍ରସ୍ତର ସ୍ତମ୍ଭରେ ଖୋଦିତ ହୋଇଥିବା 'ରଣଭଞ୍ଜ' ଯେ ଜନଶ୍ରୁତିରେ ରହିଥିବା ବୌଦ୍ଧ ନରେଶ ରଣଭଞ୍ଜ ଅଟନ୍ତି, ଏଥିରେ ଦ୍ୱିମତ ନାହିଁ । ଗତୀଶ୍ୱର ମନ୍ଦିରର ପଶ୍ଚିମ ପାର୍ଶ୍ୱରେ ଗୋଟିଏ ପୁଷ୍କରିଣୀ ଅଛି । ଏହି ପୁଷ୍କରିଣୀଟି ପ୍ରସ୍ତର ସ୍ତମ୍ଭଟିର ପଛରେ ଖୋଦିତ ହୋଇଥିବା 'ପାଣିଘାଟ' ବୋଲି ଅନୁମେୟ । ସୁତରାଂ ଏହି ଲିଙ୍ଗାକୃତି ପୁରାତନ ପ୍ରସ୍ତର ସ୍ତମ୍ଭଟି ପ୍ରମାଣ କରେ ଯେ ମାଳିସାହି ଗ୍ରାମର ଶିବମନ୍ଦିର ଓ ତତ୍ ସନ୍ନିକଟ ପୁଷ୍କରିଣୀର ନିର୍ମାତା ହେଉଛନ୍ତି ବୌଦ୍ଧ ବା ଖିଞ୍ଜାଲୀ ରାଜବଂଶର ମହାରାଜା ରଣଭଞ୍ଜ ଦେବ ।

ଗତୀଶ୍ୱର ମନ୍ଦିରର ନିର୍ମାଣ କୌଶଳ :

ଶିଳ୍ପଶାସ୍ତ୍ର ଅନୁସାରେ ମନ୍ଦିର ଗଠନଶୈଳୀ ଚାରିପ୍ରକାରର, ଯଥା: ନାଗର, କଳିଙ୍ଗ, ଦ୍ରାବିଡ଼ ଓ ବେସର । ଗତୀଶ୍ୱର ମହାଦେବଙ୍କ ମନ୍ଦିରର ଗଠନ କୌଶଳ କଳିଙ୍ଗ ଓ ଦ୍ରାବିଡ଼ ଦେଉଳର ଗଠନ କୌଶଳ ଦ୍ୱାରା ପ୍ରଭାବିତ । ଦ୍ରାବିଡ଼ ଶୈଳୀ ଅନୁସରଣରେ ଏଠାରେ ଦୁଇଗୋଟି ସଂଲଗ୍ନ ମନ୍ଦିର ଦେଖିବାକୁ ମିଳେ । ଯଥା–

Digitized by PPRACHIN, SOA

(କ) ମୁଖ୍ୟ ବା ପ୍ରଧାନ ଦେଉଳ, ଗର୍ଭଗୃହ ବା ବିମାନ

(ଖ) ଗୌଣ ମନ୍ଦିର ବା ଭୋଗ ମନ୍ଦିର ବା ଜଗମୋହନ

ଶିଳ୍ପଶାସ୍ତ୍ର ଅନୁସାରେ ଗଠନ ପ୍ରଣାଳୀ ଭିତ୍ତିରେ ମନ୍ଦିର ମାନଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇଛି; ଯଥା- ରେଖ ଦେଉଳ ଓ ପୀଢ ଦେଉଳ । ଗଡୀଶ୍ୱର ମନ୍ଦିରର ବିମାନ ଏବଂ ଜଗମୋହନ ପୀଢ଼ ଦେଉଳ ଅନ୍ତର୍ଗତ । ଜଗମୋହନର ସମ୍ମୁଖଭାଗକୁ ଲାଗି ୨୫×୧୫×୩ ଘନ ଫୁଟର ଏକ ମଣ୍ଡପ ନିର୍ମିତ ହୋଇଛି । ଏହାର ଉପର ଅଂଶ ଟିଣ ସିଟ୍ ଦ୍ୱାରା ଆଚ୍ଛାଦିତ । ଏହା ହେଉଛି ନାଟ ମଣ୍ଡପ ।

(କ) ପ୍ରଧାନ ମନ୍ଦିର ବା ଗର୍ଭଗୃହ :



ଗଡିଶ୍ୱର ମନ୍ଦିରର ଗର୍ଭଗୃହ ।

ଏହା ହେଉଛି ଗଡୀଶ୍ୱର ମନ୍ଦିରର ମୁଖ୍ୟ ଦେଉଳ । ଏହାର ଉଚ୍ଚତା ୪୫ ଫୁଟ । ଏହା ଆୟତାକାର ଶୈଳୀରେ ନିର୍ମିତ । ଏହି ମନ୍ଦିରଟିରେ ଭୂ-ପତ୍ତନଠାରୁ ଶୀର୍ଷ ଭାଗରେ ରହିଥିଲା । ପତାକା ପର୍ଯ୍ୟନ୍ତ ଯଥାକ୍ରମେ ନିମ୍ନ ଅଂଶଗୁଡ଼ିକ ଦେଖିବାକୁ ମିଳିଥାଏ- (୧) ପୀଠ, (୨) ବାଡ଼, (୩) ରେଖ, ଚାଳ ବା ଗଣ୍ଡି, (୪) ବେକି, (୫) ଆମଳକ ଶିଳା ବା ଅଁଳା ପୀଢ଼, (୬) ଖପୁରୀ, (୭) କଳସପାଦ, (୮) କଳସ, (୯) କଳସଡୋରି, (୧୦) କଳସଘଡ଼ି, (୧୧) ତ୍ରିଶୂଳ ଏବଂ (୧୨) ଧ୍ୱଜା ବା ପତାକା ।

(୧) ପୀଠ :- ଏହା ମନ୍ଦିରର ସର୍ବନିମ୍ନ ଅଂଶ । ଏହା ଭୂମିତଳୁ ନିର୍ମିତ ହୋଇ ଭୂପତ୍ତନ ଉପରେ ରହିଛି । ଏହାର ଦୈର୍ଘ୍ୟ ୨୪.୯ ଫୁଟ, ପ୍ରସ୍ଥ ୨୨.୯

Digitized by PPRACHIN, SOA

ଫୁଟ ଏବଂ ଉଚ୍ଚତା ୩ ଫୁଟ । ଏହି ପୀଠ ଉପରେ ଆଉ ଗୋଟିଏ ଅଳ୍ପ ଉଚ୍ଚତା ବିଶିଷ୍ଟ ପୀଠ ରହିଛି । ଏହାର ଦୈର୍ଘ୍ୟ ୧୭ ଫୁଟ ଓ ପ୍ରସ୍ଥ ୧୬ ଫୁଟ । ଏହା ଉପରେ ପ୍ରଧାନ ମନ୍ଦିରଟି ଅବସ୍ଥିତ ।

(୨) ବାଡ଼ :- ଏହା ପୀଠର ଉପର ଭାଗରେ ଏବଂ ରେଖ ବା ଚାଳର ନିମ୍ନ ଭାଗରେ ରହିଛି । ଏହାର ଉଚ୍ଚତା ୩ ଫୁଟ । ଏହାର ଦୈର୍ଘ୍ୟ ଓ ପ୍ରସ୍ଥ ୧୫ ଫୁଟ ଲେଖାଏଁ ଅଟେ । ବିମାନ ବାଡ଼ର ପଶ୍ଚିମ, ଉତ୍ତର ଓ ଦକ୍ଷିଣ ପାର୍ଶ୍ୱ ପାଞ୍ଚ ଭାଗରେ ବିଭକ୍ତ । ବାଡ଼ର ଦକ୍ଷିଣ ପାର୍ଶ୍ୱରେ କଳାମୁଗୁନି ପଥରରେ ନିର୍ମିତ ଶ୍ରୀଗଣେଶ ମୂର୍ତ୍ତି ପୂଜା ପାଉଛନ୍ତି । ବାଡ଼ର ଏହି ଦକ୍ଷିଣ ପାର୍ଶ୍ୱରେ 'ଭରାଣ୍ଡି' ବା 'ଠଣା' ଭିତରେ ପ୍ରାଚୀନ ବରାହ ମୂର୍ତ୍ତି ରହିଛି । ଏହା ବ୍ୟତୀତ ଏହି ଦକ୍ଷିଣ ପାର୍ଶ୍ୱରେ ନବଗୁଞ୍ଜର, ଭାରଣ୍ଡ ପକ୍ଷୀ, ମୟୂର, ବକପକ୍ଷୀ ଓ ସର୍ପ ଇତ୍ୟାଦିର କମନୀୟ ଚିତ୍ର ରହିଛି । ବାଡ଼ର ପଶ୍ଚିମ ପାର୍ଶ୍ୱ 'ଠଣା'ରେ ହିରଣ୍ୟକଶ୍ୟପୁ ବିନାଶକାରୀ ନୃସିଂହ ମୂର୍ତ୍ତି ସ୍ଥାନିତ । ନୃସିଂହ ମୂର୍ତ୍ତି ବାମପାର୍ଶ୍ୱରେ ଏକ କ୍ଷୁଦ୍ର 'ଠଣା'ରେ ବ୍ରହ୍ମାଙ୍କର ମୂର୍ତ୍ତି ଏବଂ ଦକ୍ଷିଣପାର୍ଶ୍ୱରେ ବିଷ୍ଣୁଙ୍କର ମୂର୍ତ୍ତି ରହିଛି । ବାଡ଼ର ଉତ୍ତରପାର୍ଶ୍ୱ ମଧ୍ୟ ଭାଗରେ ଉପବେଶନରତ ଶିବ ଓ ପାର୍ବତୀଙ୍କର ଯୁଗଳ ନଗ୍ନ ମୂର୍ତ୍ତି ରହିଛି ।

(୩) ରେଖ : ମନ୍ଦିରଟିର ବାଡ଼ ଉପରୁ ବେକି ପର୍ଯ୍ୟନ୍ତ କାନ୍ଥକୁ 'ରେଖ' କୁହାଯାଏ । ଏଥିରେ ପାଞ୍ଚଗୋଟି 'ପାଗ' ବା 'ଭାଗ' ରହିଛି ।

(୪) ବେକି :- ରେଖର ଉପର ଅଂଶ ହେଉଛି ବେକି । ମନ୍ଦିରର ବେକିର ଐଶାନ୍ୟ, ଆଗ୍ନେୟ, ନୈରତ ବା ବାୟୁକୋଣରେ ଗୋଟିଏ ଲେଖାଏଁ ଏହିପରି ଚାରିଗୋଟି ଶାର୍ଦ୍ଦୂଳ ଏବଂ ଚାରି ଦିଗରେ ଜଣେ ଲେଖାଏଁ ଏହିପରି ଚାରିଜଣ ନଗ୍ନ ସ୍ତ୍ରୀ ଦୁଇହାତ ଓ ମୁଣ୍ଡରେ ଆମଳକକ ଧାରଣ କରିଥିବାର ମୂର୍ତ୍ତି ରହିଛି ।

(୫) ଆମଳକ :- ଏହି ଶିଳାର ଗଠନ ଅଁଳା ଫଳ ପରି ହୋଇଥିବାରୁ ଏହାକୁ ଆମଳକ ଶିଳା ବା ଅଁଳାପୀଢ଼ କୁହାଯାଏ । ଦେଉଳର ଗଣ୍ଡି ବା ରେଖର ପ୍ରସ୍ତରଗୁଡ଼ିକୁ ଦୃଢ଼ ଭାବରେ ଧରି ରଖିବା ପାଇଁ ବେକି ଉପରେ ଏହି ଆମଳକ ଶିଳା ରଖାଯାଇଛି ।

(୬) ଖପୁରୀ :- ଆମଳକ ଶିଳା ଉପରେ ଖପୁରୀ ରହିଛି । ଏହି ଖପୁରୀ ଦ୍ୱାରା ମଧ୍ୟ ଗୃହର ମୁଣ୍ଡ ବନ୍ଧା ଯାଇଛି । ଏହାକୁ ମଧ୍ୟ ଦେଉଳ ମୁଦ କୁହାଯାଏ । ଆମଳକ ଶିଳା ଉପରେ ଏବଂ ଖପୁରୀ ତଳେ ଧନରତ୍ନ ଦେଇ ଦେଉଳ ମୁଦ କରାଯାଇଛି ।

(୭) କଳସପାଗ :- ଏହା ଖପୁରୀ ଉପରେ ଓ କଳସର ନିମ୍ନ ଭାଗରେ ରହିଛି । ଏହା କଳସର ଏକ ଅଂଶ ରୂପେ ରହିଛି ।

Digitized by PPRACHIN, SOA

(୮) **କଳସ ଡୋର :-** କଳସର ମଧ୍ୟ ଭାଗରେ ଚାରିପଟେ ଗୋଟିଏ ବଳୟ ସଦୃଶ ଗଠନ ରହିଛି । ଏହାକୁ କଳସ ଡୋର କୁହାଯାଏ ।

(୯) **କଳସ ବା ଦଧିନଉତି :-** କଳସପାଗ ଉପରେ ମନ୍ଦିରର ଚୂଡ଼ାରେ ଏହା ଅବସ୍ଥିତ । ଏହା ଦେଖିବାକୁ କଳସ ପରି । ଏହାକୁ ମଧ୍ୟ 'କୁମ୍ଭ ପଥର' କୁହାଯାଏ । ଏହାର ଚାରିକୋଣରେ ଚାରିଗୋଟି 'ଅର୍ଦ୍ଧ ଚନ୍ଦ୍ର' ରହିଛି ।

(୧୦) **କଳସ ଘଡ଼ି :-** ଏହା କଳସ ଉପରେ ରହିଛି । ଏଥିରେ ରହିଥିବା ଗର୍ଭ ଦେହରେ ତ୍ରିଶୂଳ ପୋତା ଯାଇଛି । ଏଠାରେ ମଧ୍ୟ ବିମାନର ପତାକା ବା ଧ୍ୱଜା ଦଣ୍ଡଦ୍ୱାରା ରଖାଯାଇଛି ।

(ଖ) ଭୋଗ ମନ୍ଦିର ବା ଜଗମୋହନ ବା ମୁଖଶାଳା :

ପ୍ରଧାନ ମନ୍ଦିରର ପୂର୍ବଦିଗରେ ଜଗମୋହନ ଅବସ୍ଥିତ । ଏହାକୁ ମଧ୍ୟ ଭୋଗ ମନ୍ଦିର, ମୁଖଶାଳା ବା ଅନ୍ତରାଳ କୁହାଯାଏ । ଏହାର ଉଚ୍ଚତା ବଡ଼ ଦେଉଳର ଉଚ୍ଚତା ଠାରୁ କମ୍ । ଏହାର ଉଚ୍ଚତା ୩୮ ଫୁଟ ।

ମୁଖଶାଳାର ବିଭିନ୍ନ ଅଂଶ :

(୧) **ପୀଠ :-** ଏହାର ଦୈର୍ଘ୍ୟ ହେଉଛି ୨୨ ଫୁଟ୍ ଏବଂ ପ୍ରସ୍ଥ ୨୦ ଫୁଟ । ଏହାର ଉଚ୍ଚତା ଭୂମି ପତନ ଠାରୁ ୧/୨ ଫୁଟ । ଏହାର ଉପରେ ମୁଖଶାଳାର ବାଡ଼ ରହିଛି ।

(୨) **ଦ୍ୱାର :-** ମୁଖଶାଳାରେ ଦୁଇଗୋଟି ଦ୍ୱାର ଯଥାକ୍ରମେ ପୂର୍ବ ଓ ପଶ୍ଚିମ ପାଖକୁ ରହିଛି । ପଶ୍ଚିମ ଦ୍ୱାର ଦେଇ ବିମାନ ମଧ୍ୟରେ ପ୍ରବେଶ କରାଯାଏ ।

(୩) **ବାଡ଼ :-** ବିମାନ ପରି ମୁଖଶାଳାର ବାଡ଼ ପୀଠ ଉପରେ ଅବସ୍ଥିତ । ଏହା ଚତୁଷ୍କୋଣ ବିଶିଷ୍ଟ । ଏହାର



ଗତିଶ୍ୱର ମନ୍ଦିରର ମୁଖଶାଳା ।

Digitized by PPRACHIN, SOA

ଦୈର୍ଘ୍ୟ ୧୭ ଫୁଟ ଓ ପ୍ରସ୍ଥ ୧୭ ଫୁଟ । ଏହାର ଉଚ୍ଚତା ୬ ଫୁଟ । ଏହାର ଉତ୍ତର-ପାର୍ଶ୍ୱ ବାଡ଼ର ମଧ୍ୟ ଭାଗରେ ଭରାଣ୍ଡି ଭିତରେ ପ୍ରସ୍ତର ନିର୍ମିତ ଉପବେଶନରତ ନଗ୍ନ ହର-ପାର୍ବତୀଙ୍କର ମୂର୍ତ୍ତି ରହିଛି । ବାଡ଼ର ଦକ୍ଷିଣ ପାର୍ଶ୍ୱ ମଧ୍ୟ ଭାଗରେ ଭରାଣ୍ଡି ଭିତରେ ପ୍ରାଚୀନ ବରାହ ମୂର୍ତ୍ତି ରହିଛି । ଏହି ବରାହମୂର୍ତ୍ତି ସହିତ ଭୁବନେଶ୍ୱରର ମଣିଭଦ୍ରେଶ୍ୱର ମନ୍ଦିରର ବରାହ ମୂର୍ତ୍ତିର ଅବିକଳ ସାଦୃଶ୍ୟ ରହିଛି ।

(୪) ଛାତ ବା ପୀଢ :- ଏହା ବାଡ଼ ଉପରେ ରହିଛି । ଏଥିରେ ତିନିଗୋଟି ସ୍ତର ବା ପୀଢ ରହିଛି । ପ୍ରତ୍ୟେକ ସ୍ତର ମଧ୍ୟରେ ଯେଉଁ ଅଳ୍ପ ବ୍ୟବଧାନ ରହିଛି, ତାହାକୁ ପାରା କୁହାଯାଏ । ଏଥିରେ ଦ୍ୱିତୀୟ ଓ ତୃତୀୟ ପୀଠ କ୍ରମଶଃ ଭିତରକୁ ମାଡ଼ି ହୋଇଯାଇଛି । ଏହା 'ପଞ୍ଚରଥ' ଆକାରରେ ନିର୍ମିତ ହୋଇଥିବାରୁ ଏହାର ପ୍ରତ୍ୟେକ ପାର୍ଶ୍ୱରେ ଗୋଟିଏ ଲେଖାଏଁ ରାହାପାଗ, ଦୁଇଗୋଟି ଅନର୍ଥ ପାଗ ଏବଂ ଦୁଇଗୋଟି କୋଣକ ପାଗ ରହିଛି । ଏହାର ତୃତୀୟ ପୀଢର ପୂର୍ବ, ଉତ୍ତର ଓ ଦକ୍ଷିଣ ପାର୍ଶ୍ୱର ରାହାପାଗରେ ଗୋଟିଏ ଲେଖାଏଁ ଗଜ-ଶାର୍ଦ୍ଦୂଳ ପ୍ରତିମୂର୍ତ୍ତି ରହିଛି ।

(୫) ଛାତ ଉପରର ଅନ୍ୟାନ୍ୟ ଅଂଶ :- ମୁଖଶାଳାର ଛାତ ଉପରେ ନିମ୍ନ କେତେଗୋଟି ଅଂଶ କ୍ରମାନ୍ୱୟରେ ତଳରୁ ଉପରକୁ ରହିଛି, ଯଥା:- (୧) ଶ୍ରୀବେକି, (୨) ଶ୍ରୀ, (୩) ଶ୍ରୀଖପୁରୀ, (୪) ଡୋରୀ, (୫) ଆମଳକ ଶିଳା, (୬) ଆଳକ ଖପୁରୀ, (୭) କଳସପାଦ, (୮) କଳସ, (୯) କଳସଘଡ଼ି, (୧୦) ତ୍ରିଶୂଳ । କଳସର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ଆମଳକ ଖପୁରୀ ଉପରେ ଦୁଇଗୋଟି ବଡ଼ ଶୁଆ ପ୍ରତିମୂର୍ତ୍ତି ରହିଛି ।

ଗତୀଶ୍ୱର ମହାଦେବ ଶିବଲିଙ୍ଗ ପ୍ରଧାନ ମନ୍ଦିର ବା ଗର୍ଭଗୃହ ଭିତରେ ଅବସ୍ଥିତ । ଗତୀଶ୍ୱର ମହାଦେବ ଶିବଲିଙ୍ଗରେ ଖଣତି ଆଘାତ ଚିହ୍ନ ରହିଛି । ବର୍ଷାଋତୁରେ ଆଷାଢ଼ ମାସ ଠାରୁ ଆଶ୍ୱିନ ମାସ ପର୍ଯ୍ୟନ୍ତ ମୁଖ୍ୟ ଦେଉଳ ଓ ଜଗମୋହନ ଭିତର ଜଳମଗ୍ନ ହୋଇ ରହେ । ୧୯୩୨-୩୩ ମସିହା ସେଟଲମେଣ୍ଟ ଅନୁଯାୟୀ ଗତୀଶ୍ୱର ମହାଦେବଙ୍କର ଖଞ୍ଜାଜମି ପରିମାଣ ୧୧୮ ଏକର ୯୦ ଡ଼େସିମିଲ୍ ।

ଗତୀଶ୍ୱର ପୀଠ ମାଳିସାହିରେ ପ୍ରଧାନ ଯାତ୍ରା ଶୀତଳ ଷଷ୍ଠୀ ପ୍ରତ୍ୟେକ ବର୍ଷ ମହାସମାରୋହରେ ପାଳିତ ହୁଏ ।

୪. ଦୁତୀକେଶ୍ୱର ମହାଦେବ ମନ୍ଦିର (ଜାମୁପାଟଣା):

ଦୁତୀକେଶ୍ୱର ମହାଦେବ ନୟାଗଡ଼ ଜିଲ୍ଲାରେ ଅତ୍ୟନ୍ତ ପ୍ରସିଦ୍ଧ ଓ ଜନପ୍ରିୟ ଦେବତା । ଦୁତୀକେଶ୍ୱର ମହାଦେବ ଜାମୁପାଟଣାରେ ପୂଜା ପାଉଛନ୍ତି । ଜାମୁପାଟଣା ଗ୍ରାମଟି ଓଡ଼ଗାଁ-ବାହାଡ଼ା ଝୋଲା ରାସ୍ତାରେ ପଡ଼େ । ଦୁତୀକେଶ୍ୱରଙ୍କୁ କେନ୍ଦ୍ରକରି ଏକ କିମ୍ବଦନ୍ତୀ ରହିଛି । ଏହି କିମ୍ବଦନ୍ତୀଟି ମାଳିସାହି ଗତୀଶ୍ୱର ମହାଦେବଙ୍କୁ କେନ୍ଦ୍ରକରି

Digitized by PPRACHIN, SOA



ଦୂତୀକେଶ୍ୱର ମହାଦେବ ମନ୍ଦିର ।

ପ୍ରଚଳିତ ଥିବା କିମ୍ବଦନ୍ତୀ ସହିତ ସାମ୍ୟ ରହିଛି । ଦୂତିକା ନାମ୍ନୀ ଶୂଳିଆ ପର୍ବତରେ ଏକ ବିଲ୍ୱବୃକ୍ଷ ନିକଟରେ ଥିବା ପିଠଳ କନ୍ଦ ଖୋଳୁ ଖୋଳୁ ମହାଦେବ ଆବିର୍ଭୂତ ହୋଇଥିଲେ । ଦୂତୀକେଶ୍ୱର ମହାଦେବଙ୍କର ମସ୍ତକରେ କନ୍ଧୁଣୀର ଖଣତି ବାଜି ରକ୍ତ ଝରିଥିଲା ଏବଂ ମହାଦେବ ଆବିର୍ଭୂତ ହୋଇଥିବା କଥା ନୟାଗଡ଼ ରାଷ୍ଟ୍ରରେ ପ୍ରଚରିତ ହେଲା । ଏହି ପ୍ରସଙ୍ଗକୁ ଉପଜୀବ୍ୟ କରି କବି ସୁଧାକର ଜେନା 'ଦୂତୀକେଶ୍ୱର ପୁରାଣ'ରେ ଲେଖିଛନ୍ତି-

''ସେ ବିଲ୍ୱଗଛେ କନ୍ଦ ଲତା । ପତ୍ର ଗହଳେ ଆଚ୍ଛାଦିତା ॥
ପିଠଳ ମୂଳ ଚିହ୍ନେ ଦୂତୀ । ଅତି ଆନନ୍ଦ ତା'ର ମତି ॥
ବିଧାତା ସୁମରି ଶବରୀ । ଆଜ ମୋ କ୍ଷୁଧା ତାପ ହରି ॥
ଏତେ ବେଷ୍ଟିତ କନ୍ଦଲତା । ଖନନ ହେବ ପ୍ରଚୁରତା ॥
ଅତି ଆନନ୍ଦ ତାର ମତି । ବସିଲା ପୂର୍ବେ ମୁଖ ପୋତି ॥
ଖଣତା ଘେନି ଖୋଳୁ ଗାତ । ମୃତ୍ତିକା କାଢ଼ି ଅପ୍ରମିତ ॥
କନ୍ଦର ସନ୍ଦେଶ ନ ପାଇ । ଘର୍ମେ ଜର୍ଜର ତାର ଦେହୀ ॥
ବୋଲେ ଏ ହୋଇଲା କେସନ । ଅତି ଆଶ୍ଚର୍ଯ୍ୟ ତ ଏମାନ ॥
ଏ ବନେ କ୍ଷୁଦ୍ର ଗଛ ଖୋଳି । ବିଶେଷ କନ୍ଦ ହିଁ ନିକିଳି ॥
ଏମନ୍ତ ଦେଖିଲାତ ନାହିଁ । କିସ କରିବି ଅବା କାହିଁ ॥
ଯେସନ ବିଟପୀ ରମଣୀ । ପତି ଲୋଡ଼ଇ ପୁଣି ପୁଣି ।
ଅର୍ଥର ଲୋଭେ ଛନ ଛନ । ବିଟପେ ଖୋଜେ ମନେମନ ॥
ରସିକ ନପାଇ ବିରସ । ବୃତ୍ତିର ପୋଷଣେ ନିରାଶ ॥
ତେସନ ଦୂତୀକାର ମନ । ସଂଗ୍ରହେ ନାହିଁ ଉପାଦାନ ॥

Digitized by PPRACHIN, SOA

ନିରେଖି ଗର୍ତ୍ତେ କନ୍ଦ ଚେର । ଦେଖି ଖୋଳନ୍ତେ ନାରୀବର ।।
ଅପୂର୍ବ ଶିଳା ଶକ୍ତି ପରେ । ଖଣତା ବାଜି ରକ୍ତ ଝରେ ।।



ଦୂତୀକେଶ୍ୱର ମନ୍ଦିରରେ ଶ୍ରୀଗଣେଶ ।

ବିଚାରେ ପଥର ଶିଉଳୀ । ରଙ୍ଗ ଦିଶଇ କିବା ଝଳି ।।
ଦେଖୁ ଦେଖୁ ସେ ରକ୍ତ ଧାର । ବାଜିଣ ଖଣତା ପ୍ରହାର ।।
ରୁଧିରେ ଗର୍ତ୍ତ ହେଲା ପୂର୍ଣ୍ଣ । ଦୂତୀର ବ୍ୟାକୁଳିତ ମନ ।।
ଦଇବେ ଏକାକିନୀ ସେହି । କାହାକୁ ଦେଖାଇବା ପାଇଁ ।।"

ଦୂତୀକେଶ୍ୱରଙ୍କ ମନ୍ଦିରଟି ଶୂଳିଆ ପର୍ବତର ପାଦ ଦେଶରେ ଅବସ୍ଥିତ । ମନ୍ଦିରଟିର ଉଚ୍ଚତା ପ୍ରାୟ ୪୦ ଫୁଟ । ଭକ୍ତମାନେ ମାନସିକ ପୂରଣ ପାଇଁ ନିଷ୍ଠାର ସହିତ ଉପବାସ କରି ଶରୀରକୁ କଷ୍ଟଦେଇ ଗୁହାରିଆ ପଡ଼ନ୍ତି । ଆଶୁତୋଷ ଦୂତୀକେଶ୍ୱର ମହାଦେବଙ୍କ କରୁଣାରୁ ଗୁହାରିଆ ମାନଙ୍କର ମନସ୍କାମନା ପୂର୍ଣ୍ଣ ହୁଏ । ଏହି କ୍ଷେତ୍ରର ପ୍ରସିଦ୍ଧ ବାରେଡ଼ି ଯାତ୍ରା କାର୍ତ୍ତିକ ମାସ ପୂର୍ଣ୍ଣିମା ଦିବସରେ ଅନୁଷ୍ଠିତ ହୁଏ । କବି ସୁଧାକର ଜେନା ଏହି ମହାଦେବଙ୍କୁ ଉପଜୀବ୍ୟ କରି 'ଦୂତୀକେଶ୍ୱର ପୁରାଣ' ରଚନା କରିଛନ୍ତି ।

ମହାଦେବଙ୍କ ଖଞ୍ଜା ଜମି ପରିମାଣ ହେଉଛି ୮୯ ଏକର ୯୭ ଡେସିମିଲ୍ ।

Digitized by PPRACHIN, SOA

୫. ବଡ଼ପଣ୍ଡୁସର ଗ୍ରାମର ଉଗ୍ରେଶ୍ୱର ମହାଦେବ:

ବଡ଼ପଣ୍ଡୁସର ଗ୍ରାମ ନୟାଗଡ଼-ଭୁବନେଶ୍ୱର ରାଜପଥରେ ନୟାଗଡ଼ଠାରୁ ୭ କିଲୋମିଟର ଦୂରତାରେ ଅବସ୍ଥିତ । ଏହି ମନ୍ଦିରଟିର ନିର୍ମାତା ହେଉଛନ୍ତି ନୟାଗଡ଼ର ୨୫ତମ ରାଜା ନାରାୟଣ ସିଂହ ମାନଧାତା । ୧୯୩୨-୩୩



ଶ୍ରୀଉଗ୍ରେଶ୍ୱର ମହାଦେବଙ୍କ ମନ୍ଦିର ।

ମସିହା ସେଟଲମେଣ୍ଟ ରିପୋର୍ଟ ଅନୁଯାୟୀ ଉଗ୍ରେଶ୍ୱର ମହାଦେବଙ୍କ ଖଞ୍ଜାଜମି ପରିମାଣ ହେଉଛି ୯୩ ଏକର ୪୩ ଡେସିମିଲ୍ । ଏଠାରେ ପାଳିତ ହେଉଥିବା ପ୍ରଧାନ ପର୍ବପର୍ବାଣି ମଧ୍ୟରେ କାର୍ତ୍ତିକ ପୂର୍ଣ୍ଣିମା ପ୍ରଧାନ ।

୬. ସିଂହେଶ୍ୱର ମନ୍ଦିର, ଯଦୁପୁର:

ନୟାଗଡ଼ ସହରଠାରୁ ଖଣ୍ଡପଡ଼ା ଯିବା ରାସ୍ତାରେ ଯଦୁପୁର ଗ୍ରାମଟି ପଡ଼େ । ଯଦୁପୁର ଗ୍ରାମ ନୟାଗଡ଼-ଖଣ୍ଡପଡ଼ା ରାସ୍ତାରେ ନୟାଗଡ଼ଠାରୁ ୪ କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମର ପୂର୍ବ ଦିଗରେ ଏକ ସୁରମ୍ୟ ପୁଷ୍କରିଣୀ ତଟରେ ସିଂହେଶ୍ୱର ମହାଦେବଙ୍କ ମନ୍ଦିର ବିଦ୍ୟମାନ । ଏହି ମନ୍ଦିରର ଉଚ୍ଚତା ୩୫ ଫୁଟ । ଏହି ମନ୍ଦିରର ପାବଛ ନିକଟରେ ଏକ ପୁଷ୍କରିଣୀ ରହିଛି । ଏଠାରେ ଯାତ୍ରାଙ୍ଗି ପର୍ବ ପାଳନ କରାଯାଏ । ଏହା ବ୍ୟତୀତ

ସିଂହେଶ୍ୱର ମହାଦେବଙ୍କ ମନ୍ଦିର ।

Digitized by PPRACHIN, SOA

କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ବ୍ରତ ଏଠାରେ ପାଳିତ ହୁଏ । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏଠାରେ ଠାକୁରଙ୍କ ଦର୍ଶନ ନିମିତ୍ତ ଏକତ୍ରିତ ହୁଅନ୍ତି । ସିଂହେଶ୍ୱର ମହାଦେବଙ୍କ ଖଞ୍ଜା ଜମି ପରିମାଣ ହେଉଛି ୩୦ ଏକର ୪୭ ଡେସିମିଲ୍ ।

୭. ବାଘେରା ଗ୍ରାମର ଧବଳେଶ୍ୱର ମନ୍ଦିର:

ଶ୍ରୀ ଶ୍ରୀ ଧବଳେଶ୍ୱର ମହାଦେବ ।

ନୟାଗଡ଼ ଟାଉନ୍‌ଠାରୁ ୧୮ କିଲୋମିଟର ଦୂରତାରେ ବାଘରା ଗ୍ରାମ ଅବସ୍ଥିତ । ଏହି ଗ୍ରାମ ନିକଟସ୍ଥ ଏକ କ୍ଷୁଦ୍ର ପାହାଡ଼ ଶୀର୍ଷରେ ଧବଳେଶ୍ୱର ମହାଦେବଙ୍କ ମନ୍ଦିର ଏକ ରମ୍ୟ ପରିବେଶରେ ଅବସ୍ଥିତ । 'କପିଳସଂହିତା'ରେ ଉଲ୍ଲେଖ ଅଛି-

"ଧବଳେଶ୍ୱର ନାମାସୌ
ପର୍ବତୋପରି ସିଦ୍ଧିଦଃ ।"

ଏହି ପାହାଡ଼ର ସମସ୍ତ ପଥର ଧଳା ବର୍ଣ୍ଣ ଅଟେ । ବୋଧହୁଏ ସେହି ଦୃଷ୍ଟିରୁ ମହାଦେବଙ୍କ ନାମ ଧବଳେଶ୍ୱର ରଖାଯାଇଛି । ଧବଳେଶ୍ୱର ଫୁଟା ଲିଙ୍ଗ ଅଟନ୍ତି । ଧବଳେଶ୍ୱର ମହାଦେବଙ୍କ ମନ୍ଦିର ପଶ୍ଚିମ ମୁଖା । ସୁତରାଂ ଧବଳେଶ୍ୱର ପଶ୍ଚିମ ମୁଖା ଶିବ ଅଟନ୍ତି । ମୁଖ୍ୟ ମନ୍ଦିରର ଉଚ୍ଚତା ପ୍ରାୟ ୩୫ ଫୁଟ । ଧବଳେଶ୍ୱର ମନ୍ଦିରକୁ ଯିବାପାଇଁ ପାହାଡ଼ ପାଦ ଦେଶରୁ ମନ୍ଦିର ପର୍ଯ୍ୟନ୍ତ ୧୯୦ ଗୋଟି ପାବଚ୍ଛ ରହିଛି । ଧବଳେଶ୍ୱର ମନ୍ଦିରକୁ ନୟାଗଡ଼ ଜିଲ୍ଲାର କପିଳାସ କହିଲେ ଅତ୍ୟୁକ୍ତି ହେବନାହିଁ ।

ଶ୍ରୀ ଧବଳେଶ୍ୱର ମନ୍ଦିରର ପାବଚ୍ଛ ଶ୍ରେଣୀ ।

Digitized by PPRACHIN, SOA

ପାହାଡ଼ ଉପରେ ଶ୍ରୀଧବଳେଶ୍ୱର ମନ୍ଦିରର ଦୃଶ୍ୟ ।

ଶ୍ରୀଧବଳେଶ୍ୱର ମନ୍ଦିରଠାରେ ବିରାଟ ବୃଷଭ ମୂର୍ତ୍ତି ।

ଏହି ମହାଦେବ ରାଜ ପ୍ରତିଷ୍ଠିତ । ଲୋକ ବିଶ୍ୱାସ ରହିଛି ଯେ ଧବଳକୁଷ୍ଠ ରୋଗାକ୍ରାନ୍ତ ବ୍ୟକ୍ତି ଏହି ମହାଦେବଙ୍କ ଶରଣାପନ୍ନ ହେଲେ ରୋଗରୁ ମୁକ୍ତ ହୁଅନ୍ତି । ଏହି ମହାଦେବଙ୍କ ଆବିର୍ଭାବ ସମ୍ପର୍କରେ କାଳିଗାଇ କ୍ଷୀରଦେବା ଉପାଖ୍ୟାନଟି ଜଡ଼ିତ ।

ଠାକୁରଙ୍କର ଖଞ୍ଜାଜମି ପରିମାଣ ୬୮ ଏକର ୮୧ ଡ଼ିସମିଲ୍ । ଏଠାରେ ପାଳିତ ହେଉଥିବା ପର୍ବପର୍ବାଣି ମଧ୍ୟରେ କାର୍ତ୍ତିକ ମାସର ପ୍ରତି ସୋମବାର ବ୍ରତ, ବଡ଼ଓଷା ଓ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା ପ୍ରଧାନ ।

୮. **ଗୋଡିସାହି ଗ୍ରାମର ମୁକ୍ତେଶ୍ୱର ମହାଦେବ :** ଗୋଡିସାହି ଗ୍ରାମର ଆରାଧ୍ୟ ଦେବତା ହେଉଛନ୍ତି ମୁକ୍ତେଶ୍ୱର ମହାଦେବ । ଗୋଡିସାହି ଗ୍ରାମଟି ନୟାଗଡ଼-ଓଡ଼ଗାଁ ରାସ୍ତାରେ ପଡ଼େ । ଗୋଡିସାହି ଗ୍ରାମର ପୂର୍ବ ଦିଗରେ ରାଜାଙ୍କର ଚିନାମାଳି ଧାନ ଗହୀର ମଧ୍ୟରେ ମୁକ୍ତେଶ୍ୱର ମହାଦେବଙ୍କ ମନ୍ଦିର ବିଦ୍ୟମାନ । ନୟାଗଡ଼ର ଦ୍ୱାଦଶ ଶମ୍ଭୁ ମଧ୍ୟରେ

ଶ୍ରୀମୁକ୍ତେଶ୍ୱର ମହାଦେବଙ୍କ ମନ୍ଦିର

Digitized by PPRACHIN, SOA

ମୁକ୍ତେଶ୍ୱର ମହାଦେବ ଅନ୍ୟତମ । କିମ୍ବଦନ୍ତୀ ଅନୁସାରେ ମୁକ୍ତା ନାମକ କନ୍ଧ କନ୍ୟା କନ୍ଦ ଖୋଳୁଥିବା ସମୟରେ ମହାଦେବଙ୍କ ମସ୍ତକରେ ଖଣତି ଆଘାତ ଲାଗି ରକ୍ତ ଝରିଥିଲା । ଏହି ବିଚିତ୍ର ଘଟଣା ସେହି ଅଞ୍ଚଳରେ ଚର୍ଚ୍ଚିତ ଥିଲା । ସେହିପରି ଗୋଡିସାହି ଗ୍ରାମରେ ଠାକୁର ଆବିର୍ଭୂତ ହୋଇଥିବା କଥା ନୟାଗଡ଼ ରାଷ୍ଟ୍ରରେ ଚହଳ ପଡିଲା । ନୟାଗଡ଼ ରାଜା ଏହି ବିଷୟ ଅବଗତ ହେଲେ ଓ ଏଠାରେ ମନ୍ଦିର ନିର୍ମାଣ କରାଇଲେ ।

ଏହି ମହାଦେବଙ୍କର ସେବାପୂଜା ଲାଗି ରାଜା ୩୬ ଏକ ୬୭ ଡିସିମିଲି ଜମି ଖଞ୍ଜା ବ୍ୟବସ୍ଥା କରିଛନ୍ତି । ଏଠାରେ କାର୍ତ୍ତିକ ପୂର୍ଣ୍ଣମା ଦିନ ଅନ୍ନକୂଟ ହୁଏ ।

୯. ବାହାଡ଼ାଝୋଲାର ଫୁଲେଶ୍ୱର ମହାଦେବ: ଓଡ଼ଗାଁ ତହସିଲ୍ ଅନ୍ତର୍ଗତ ବାହାଡ଼ଝୋଲା ଗ୍ରାମରେ ଫୁଲେଶ୍ୱର ମହାଦେବଙ୍କ ମନ୍ଦିର ଅବସ୍ଥିତ । ଫୁଲେଶ୍ୱର ମହାଦେବ ମଧ୍ୟ ହେଉଛନ୍ତି ସ୍ୱୟଂ ଲିଙ୍ଗ । ଫୁଲେଶ୍ୱର ମହାଦେବଙ୍କ ମନ୍ଦିରଟି ଅନୁଚ୍ଚ ହେଲେ ମଧ୍ୟ ବେଶ୍ ରମଣୀୟ । ଏଠାରେ ଶିବ ଚତୁର୍ଦ୍ଦଶୀ, କାର୍ତ୍ତିକ ସୋମବାର ବ୍ରତ, ମହାସମାରୋହରେ ପାଳିତ ହୁଏ ।



ଶ୍ରୀ ଫୁଲେଶ୍ୱର ମହାଦେବ ମନ୍ଦିର ।

ଏହି ମହାଦେବଙ୍କର ଖଞ୍ଜାଜମି ହେଉଛି ୧୫ ଏକର ୯୮ ଡିସିମିଲି ।

୧୦. ରାବେରାଗ୍ରାମର ମଧୁକେଶ୍ୱର ମହାଦେବ: ନୟାଗଡ଼ର ଦ୍ୱାଦଶ ଶମ୍ଭୁ ମଧ୍ୟରେ ମଧୁକେଶ୍ୱର ମହାଦେବ ଅନ୍ୟତମ । ଓଡ଼ଗାଁ ନିକଟବର୍ତ୍ତୀ ରାବରା ଗ୍ରାମରେ ପ୍ରଭୁ ଶ୍ରୀ ମଧୁକେଶ୍ୱର୍ ମହାଦେବ ବିରାଜିତ । ଏହି ମହାଦେବଙ୍କ ଆବିର୍ଭାବକୁ କେନ୍ଦ୍ରକରି ଏକ ମନୋଜ୍ଞ କିମ୍ବଦନ୍ତୀ ରହିଛି ।

ଶ୍ରୀ ମଧୁକେଶ୍ୱର ମହାଦେବ ମନ୍ଦିର ।

Digitized by PPRACHIN, SOA

୧୧. ଗୁଞ୍ଜବାରଣ ଗ୍ରାମର କପିଳେଶ୍ୱର ମହାଦେବ: ନୟାଗଡ଼ର ପ୍ରସିଦ୍ଧ ଶୈବପୀଠ ଶରଣକୁଳ ନିକଟବର୍ତ୍ତୀ ଗୁଞ୍ଜବାରଣ ଗ୍ରାମଠାରେ କୁସୁମୀ ନଦୀ ତଟରେ ଏବଂ ତାଳସାହି ମୁଣ୍ଡିଆ ନିକଟରେ, ଚିନାମାଳି ଗହୀର ମଧ୍ୟରେ କପିଳେଶ୍ୱର ମହାଦେବ ବିରାଜିତ । କିମ୍ବଦନ୍ତୀ ଅନୁସାରେ କପିଳା ଗାଈ ନାମରେ ଠାକୁରଙ୍କ ନାମ ନାମିତ କରାଯାଇଛି । ଜନଶ୍ରୁତି ରହିଛି ଯେ କପିଳା ନାମକ ଗାଈ ପ୍ରତ୍ୟହ ଏହି ଶିବ ଲିଙ୍ଗଙ୍କ ଉପରେ କ୍ଷୀର ବର୍ଷଣ କରୁଥିଲା । ତେଣୁ ଠାକୁରଙ୍କନାମ କପିଳେଶ୍ୱର । କପିଳେଶ୍ୱର ମହାଦେବଙ୍କ ପ୍ରଥମ ମନ୍ଦିରଟି ନୟାଗଡ଼ର ରାଜା ଚନ୍ଦ୍ରଶେଖର ସିଂହ ମାନଧାତାଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ବର୍ତ୍ତମାନର ମନ୍ଦିରଟି ରାଜା ବିନାୟକ ସିଂହଙ୍କ ଦ୍ୱାରା ନିର୍ମିତ ହୋଇଛି । ଏଠାରେ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା, ଜାଗର ଯାତ୍ରା, ଶୀତଳ ଷଷ୍ଠୀ ଯାତ୍ରା, ପ୍ରଭୃତି ଅନୁଷ୍ଠିତ ହୁଏ । କପିଳେଶ୍ୱର ମହାଦେବଙ୍କୁ ଉପଜୀବ୍ୟ କରି ବହୁ କବି ଭଜନ ଓ ଜଣାଣ ରଚନା କରିଛନ୍ତି ।

ଶ୍ରୀ କପିଳେଶ୍ୱର ମହାଦେବ ମନ୍ଦିର ।

୧୨. ନୀଳକଣ୍ଠେଶ୍ୱର ମହାଦେବ: ନୟାଗଡ଼ର ଲାଠିପଡ଼ା ଗ୍ରାମଠାରେ ନୀଳକଣ୍ଠେଶ୍ୱର ମହାଦେବ ପୂଜା ପାଉଛନ୍ତି । ଏଠାରେ ଅନୁଚ୍ଚ ମନ୍ଦିରଟି ବେଶ୍ ରମଣୀୟ । ମନ୍ଦିର ପାର୍ଶ୍ୱକୁ ଲାଗି ପୁଷ୍କରିଣୀଟିଏ ଅଛି । ଏଠାରେ ପାଳନ କରାଯାଉଥିବା ପର୍ବପର୍ବାଣି ମଧ୍ୟରେ ଯାତ୍ରାଙ୍ଗି, କାର୍ତ୍ତିକ



ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ।

Digitized by PPRACHIN, SOA

ସୋମବାର, ଜାଗର ପ୍ରଭୃତି ପ୍ରଧାନ । ଏଠାରେ ଶିବଙ୍କର ବିବାହ ଉତ୍ସବକୁ କେନ୍ଦ୍ରକରି ଶୀତଳଷଷ୍ଠୀ ଯାତ୍ରା ଯାକଜମକରେ ପାଳିତ ହୁଏ । ନୀଳକଣ୍ଠେଶ୍ୱର ମହାଦେବଙ୍କ ମହିମା ଅନିର୍ବଚନୀୟ ।

୧୩. ଅର୍ଦ୍ଧଶମ୍ଭୁ ସୋମନାଥଦେବ: ସୋମନାଥ ଦେବ ମହାଦେବ ଖୋର୍ଦ୍ଧା ଏବଂ ନୟାଗଡ଼ର ସୀମାରେ ବିରାଜିତ । ଠାକୁରଙ୍କର ଅର୍ଦ୍ଧଭାଗ ନୟାଗଡ଼ ରାଜ୍ୟରେ ଏବଂ ଅନ୍ୟ ଅର୍ଦ୍ଧଭାଗ ଖାସମାହାଲରେ ଥିବାରୁ ତାଙ୍କୁ ଅର୍ଦ୍ଧଶମ୍ଭୁ ନାମରେ ଲୋକମାନେ କହିଥାନ୍ତି । ପାଞ୍ଚଗଡ଼ ଦିବ୍ୟସିଂହପୁର ଗ୍ରାମର ସୋମନାଥ ଦେବଙ୍କ ମନ୍ଦିର ବିଦ୍ୟମାନ । ଏହି ଠାକୁରଙ୍କ ଆବିର୍ଭାବ ପ୍ରସଙ୍ଗଟି ଗାଈ କ୍ଷୀର ଢ଼ାଳିବା ପ୍ରସଙ୍ଗ ଉପରେ ଆଧାରିତ । ଏଠାରେ ତିନି ଦୋଳଯାତ୍ରା ଅନୁଷ୍ଠିତ ହୁଏ ।

ଶ୍ରୀ ସୋମନାଥ ଦେବଙ୍କ ମନ୍ଦିର ।

ନୟାଗଡ଼ର ଅନ୍ୟାନ୍ୟ ପ୍ରମୁଖ ଦେବଦେବୀଙ୍କର ଖଞ୍ଜାଜମି -

୧. ଶ୍ରୀ ଜଗନ୍ନାଥଜୀଉ- ନୟାଗଡ଼	୪୨୦୩ ଏକର । ୪୮ ଡିସିମିଲି
୨. ଶ୍ରୀ ରଘୁନାଥଜୀଉ- ନୟାଗଡ଼	୮୬୭ ଏକର । ୪୯ ଡିସିମିଲି
୩. ଦୁର୍ଗାଦେବୀଜୀ- ନୟାଗଡ଼	୧୧୬୫ ଏକର । ୬୪ ଡିସିମିଲି
୪. ଗୋପୀନାଥଜୀଉ- ନୟାଗଡ଼	୨୧୫ ଏକର । ୨୦ ଡିସିମିଲି
୫. ରାଧାମୋହନଜୀଉ- ନୟାଗଡ଼	୪୯୨ ଏକର । ୩୯ ଡିସିମିଲି
୬. ରାଧାନାଥଜୀ- ନୟାଗଡ଼	୭୦୮ ଏକର । ୨୮ ଡିସିମିଲି
୭. ବିଶ୍ୱନାଥ ଦେବ- ନୟାଗଡ଼	୫୬ ଏକର । ୪୧ ଡିସିମିଲି
୮. ରାମେଶ୍ୱର ମହାଦେବ- ନୟାଗଡ଼	୫୨ ଏକର । ୯୬ ଡିସିମିଲି
୯. ସ୍ୱପ୍ନେଶ୍ୱର ମହାଦେବ- ନୟାଗଡ଼	୫୨ ଏକର । ୪୧ ଡିସିମିଲି
୧୦. ମହିମାମେରୁ- ନୟାଗଡ଼	୧୨୨ ଏକର । ୬୩ ଡିସିମିଲି
୧୧. ରଘୁନାଥଜୀଉ- ଓଡ଼ଗାଁ	୮୪୯ ଏକର । ୧୨ ଡିସିମିଲି
୧୨. ଲଡୁକେଶ୍ୱର ମହାଦେବ- ଶରଣକୁଳ	୩୧୫୪ଏକର । ୮୧ ଡିସିମିଲି

Digitized by PPRACHIN, SOA

ଅନ୍ୟାନ୍ୟ ଦେବଦେବୀଙ୍କର ଖଞ୍ଜାଜମି -

୧. ଜଗନ୍ନାଥଜୀ- ଇଟାମାଟି	୨୬ ଏକର।	୨୮ ଡିସିମିଲ
୨. ଦଧିବାମନଜୀ- ଶିଖରପୁର	୩୦ ଏକର।	୧୦ ଡିସିମିଲ
୩. ଦଧିବାମନଜୀ- ଶରଣକୁଳ	୦୬ ଏକର।	୮୮ ଡିସିମିଲ
୪. ତୃତୀୟାଦେବ- ପଞ୍ଚରିଡ଼ା ମାନପୁର	୬୩ ଏକର।	୬୭ ଡିସିମିଲ
୫. ଦଧିବାମନଜୀ- କୋରଡ଼ା	୬୭ ଏକର।	୮୮ ଡିସିମିଲ
୬. ବାଲୁଙ୍କେଶ୍ୱର ମହାଦେବ- କୋରଡ଼ା	୩୭ ଏକର।	୪୯ ଡିସିମିଲ
୭. ଦଧିବାମନଜୀ- ଚମ୍ପତିପୁର	୧୮ ଏକର।	୧୬ ଡିସିମିଲ
୮. ନୀଳକଣ୍ଠେଶ୍ୱର- ଲାଠିପଡ଼ା	୧୭୨ ଏକର।	୦୪ ଡିସିମିଲ
୯. ଦଧିବାମନଜୀ- ବିରୁଡ଼ା	୨୮ ଏକର।	୮୯ ଡିସିମିଲ
୧୦. ଗୋପୀନାଥଜୀ- ଇଟାମାଟି	୪୩ ଏକର।	୩୩ ଡିସିମିଲ
୧୧. ଜଗନ୍ନାଥଜୀଉ- ସିନ୍ଦୁରିଆ	୨୭ ଏକର।	୧୬ ଡିସିମିଲ
୧୨. ଦଧିବାମନଜୀ- ବାହାଡ଼ାଝୋଲା	୧୨୧ ଏକର।	୯୪ ଡିସିମିଲ
୧୩. ଦଧିବାମନଜୀ- ଡମସାହି	୨୭ ଏକର।	୩୩ ଡିସିମିଲ
୧୪. ଲଡୁକେଶ୍ୱର ମହାଦେବ- ପାଟ୍ରା	୧୨ ଏକର।	୪୭ ଡିସିମିଲ
୧୫. ଦଧିବାମନଜୀ- କୁରାଳ	୫୬ ଏକର।	୧୪ ଡିସିମିଲ
୧୬. ରାମେଶ୍ୱର ମହାଦେବ- କୁରାଳ	୪୨ ଏକର।	୧୨ ଡିସିମିଲ
୧୭. ଡଙ୍କନାଶନ- କୋମଣ୍ଡ	୪୩ ଏକର।	୮୦ ଡିସିମିଲ
୧୮. ସିଂହେଶ୍ୱର ମହାଦେବ- ଯଦୁପୁର	୩୦ ଏକର।	୪୭ ଡିସିମିଲ
୧୯. ସୋମନାଥ ମହାଦେବ- ଗୋବିନ୍ଦପୁର	୧୧ ଏକର।	୮୩ ଡିସିମିଲ
୨୦. ଉଗ୍ରେଶ୍ୱର ମହାଦେବ- ବଡ଼ପଣ୍ଡୁସର	୯୩ ଏକର।	୪୩ ଡିସିମିଲ
୨୧. ଦୂତୀକେଶ୍ୱର ମହାଦେବ- ଜାମୁପାଟ୍‌ଣା	୮୯ ଏକର।	୯୭ ଡିସିମିଲ
୨୨. ଧବଳେଶ୍ୱର ମହାଦେବ- ବାଘେରା	୬୮ ଏକର।	୮୧ ଡିସିମିଲ
୨୩. ଫୁଲେଶ୍ୱର ମହାଦେବ- ବାହାଡାଝୋଲା	୧୫ ଏକର।	୯୮ ଡିସିମିଲ
୨୪. ମୁକ୍ତେଶ୍ୱର ମହାଦେବ- ଗୋଡିସାହି	୩୬ ଏକର।	୬୭ ଡିସିମିଲ
୨୫. ଗତୀଶ୍ୱର ମହାଦେବ- ମାଳିସାହି	୧୧୮ ଏକର।	୯୦ ଡିସିମିଲ

ନୟାଗଡ଼ ଜିଲ୍ଲାର ବୈଷ୍ଣବ ପୀଠ

(୧) କଣ୍ଟିଲୋ ଶ୍ରୀନୀଳମାଧବ ଜୀଉ :

ନୟାଗଡ଼ ଜିଲ୍ଲାର ସଦର ମହକୁମାର ନୟାଗଡ଼ ଟାଉନଠାରୁ ପ୍ରସିଦ୍ଧ ପୀଠ କଣ୍ଟିଲୋ ତେତିଶ କିଲୋମିଟର ଦୂରତାରେ ଅବସ୍ଥିତ। ଶ୍ରୀ ନୀଳମାଧବ ଜୀଉଙ୍କ

Digitized by PPRACHIN, SOA

ଶ୍ରୀନୀଳମାଧବ ଜୀଉ, କଣ୍ଟିଲୋ ।

ପୀଠ ପୁଣ୍ୟତୋୟା ମହାନଦୀ ତଟରେ ଅବସ୍ଥିତ । କଣ୍ଟିଲୋକୁ ମାଧବକ୍ଷେତ୍ର କୁହାଯାଏ । ଶ୍ରୀ ନୀଳମାଧବଜୀଉଙ୍କ ମନ୍ଦିର ବ୍ରହ୍ମାଦି ପର୍ବତ ଉପରେ ଅବସ୍ଥିତ । ପୁରାଣ ପ୍ରସିଦ୍ଧ ଏହି ବ୍ରହ୍ମାଦି ଉପରେ ପ୍ରଥମେ ବ୍ରହ୍ମା ଭଗବାନ ମାଧବଙ୍କୁ ପୂଜା କରୁଥିବାରୁ ଏହାର ନାମ ବ୍ରହ୍ମାଦ୍ରି । ନୀଳମାଧବଙ୍କ ଆବିର୍ଭାବ ସମ୍ପର୍କରେ କିମ୍ବଦନ୍ତୀ ଅଛି ଯେ ସତ୍ୟ ଯୁଗରେ ନାମାସୁର ଓ କାମାସୁର ନାମକ ଦୁଇଟି ଅସୁରଙ୍କର ଉତ୍ପୀଡ଼ନରେ ଅତିଷ୍ଠ ହୋଇ ଦେବତାମାନେ ଭଗବାନ ବିଷ୍ଣୁଙ୍କୁ ଅସୁରଦ୍ୱୟର ନିଧନ ପାଇଁ ପ୍ରାର୍ଥନା କଲେ । କିନ୍ତୁ ନାମାସୁର ଓ କାମାସୁର ଶିବଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରି ବରଲାଭ କରିଥିଲେ ଯେ କୌଣସି ରକ୍ତ-ମାଂସଧାରୀ ବ୍ୟକ୍ତି ଦ୍ୱାରା ତାଙ୍କର ନିଧନ ହେବନାହିଁ । ତେବେ ଭଗବାନ ବିଷ୍ଣୁ ଦେବତାମାନଙ୍କ ଅନୁରୋଧକ୍ରମେ ନୀଳମାଧବ ନାମରେ ପାଷାଣ ଶରୀର ଧାରଣ କରି ଅସୁରଦ୍ୱୟର ନିଧନର କାରଣ ହୋଇଥିଲେ ।



ଶ୍ରୀ ନୀଳମାଧବଜୀଉଙ୍କ ମନ୍ଦିର, କଣ୍ଟିଲୋ ।

କଣ୍ଟିଲୋ ନୀଳମାଧବ ପୁରାଣ ପ୍ରସିଦ୍ଧ ଦେବତା । ତାଙ୍କ କନିଷ୍ଠ ଅଙ୍ଗୁଳିରୁ ଜଳଧାର ନିର୍ଗତ ହେଉଅଛି । ନୀଳମାଧବଙ୍କ ବିଗ୍ରହଙ୍କ ଉଚ୍ଚତା ୮୧ ଆଙ୍ଗୁଳି ବିଶିଷ୍ଟ । ନୀଳମାଧବଙ୍କ ଉପର ହସ୍ତଦ୍ୱୟରେ ଶଙ୍ଖ

Digitized by PPRACHIN, SOA

ଓ ଚକ୍ର ରହିଛନ୍ତି । ତଳହସ୍ତ ଦ୍ୱୟରେ ଉଭୟ ବରଦ ମୁଦ୍ରାଙ୍କିତ । କିମ୍ୱଦନ୍ତୀର ଲଳିତା, ବିଦ୍ୟାପତି ଓ ବିଶ୍ୱାବସୁ ଶବର ପ୍ରସଙ୍ଗ ପୁରାଣର ବିଷୟ ରୂପେ ଗୃହୀତ । କଣ୍ଟିଲୋର ନୀଳମାଧବଙ୍କୁ ନେଇ କିମ୍ୱଦନ୍ତୀଟି ଗଢ଼ିଉଠିଛି । ଏହି ପ୍ରସିଦ୍ଧ ମାଧବ କ୍ଷେତ୍ରର ଉଲ୍ଲେଖ 'କପିଳ ସଂହିତା'ରେ ଦେଖିବାକୁ ମିଳେ । ଯଥା-

''ତତୋଽଷ୍ଟା ବିଂଶତି କ୍ରୋଶେ ପଶ୍ଚିମେ ଦ୍ୱିଜେ ସତ୍ତମ
ଦକ୍ଷିଣେତୁ ମହାନଦ୍ୟା ମଣିନାଗଚୋତ୍ତରେ ତଥା
ତତ୍ରମଧ୍ୟେ ବସାମେବ ବାଧବୋଽହଂ ସଦା ଦ୍ୱିଜ
ମଦୀୟେ ମାଘମାସେଽପି କାରୟାମି ମହୋତ୍ସବଂ ।
ଯେ ଦ୍ରକ୍ଷନ୍ତି ଜନାତତ୍ର ମାଂଶୁକ୍ଳୋକାଦଶୀଦିନେ
ମାଘେ ସ୍ନାତ୍ୱା ମହାନ୍ୟାଂ ତେ ଯସ୍ୟନ୍ତିମଦନ୍ତିକମ୍ ।''

କଣ୍ଟିଲୋ ନୀଳମାଧବ ଯୋଗୁଁ ଏକ ପବିତ୍ର ତୀର୍ଥ ରୂପେ ସ୍ୱୀକୃତ । ଏଠାରେ ଅନୁଷ୍ଠିତ ହେଉଥିବା ମାଘ ସପ୍ତମୀ ମେଳା ଓଡ଼ିଶା ପ୍ରସିଦ୍ଧ । ଏହାର ଆଧ୍ୟାତ୍ମିକ ଦିଗ ଅନିର୍ବଚନୀୟ । ଏହାବ୍ୟତୀତ ନୀଳମାଧବଙ୍କ ବେଢ଼ା ପରିସରରେ ପଦ୍ମାଦ୍ରି ପର୍ବତରେ ଶ୍ରୀରାମଚନ୍ଦ୍ରଙ୍କର ଭକ୍ତ ଶ୍ରୀହନୁମାନ ବିଦ୍ୟମାନ ।

୨. ଓଡ଼ଗାଁର ଶ୍ରୀରଘୁନାଥ :

ପ୍ରଭୁ ଶ୍ରୀରଘୁନାଥଜୀଉ, ଓଡ଼ଗାଁ ।

ନୟାଗଡ଼ର ଅନ୍ୟତମ ପ୍ରଧାନ ବୈଷ୍ଣବ ପୀଠ ହେଉଛି ରଘୁନାଥ ପୀଠ ଓଡ଼ଗାଁ । ଓଡ଼ଗାଁ ବା ଓଡ଼ଗ୍ରାମ ନୟାଗଡ଼ ସହରଠାରୁ ୨୭ କିଲୋମିଟର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ । ଏହା ହେଉଛି ରାମ ଉପାସନାର ଅନ୍ୟତମ ପ୍ରଧାନ ପୀଠ । ଏଠାରେ ଶ୍ରୀରଘୁନାଥଙ୍କର ମନ୍ଦିର ଉପରେ ତିନିଗୋଟି ସୁବର୍ଣ୍ଣ କଳସ ବିରାଜିତ । ଏହି ମନ୍ଦିରଟି ନୟାଗଡ଼ର ଊନବିଂଶତମ ରାଜା ମୃତ୍ୟୁଞ୍ଜୟ ସିଂହ ମାନଧାତାଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ମୃତ୍ୟୁଞ୍ଜୟ ସିଂହ ମାନଧାତା ତାଙ୍କର

Digitized by PPRACHIN, SOA

ସମସାମୟିକ ବେବର୍ତ୍ତା ବଂଶଜ ବୈରାଗୀ ପଟ୍ଟନାୟକ ଓଡ଼ଗାଁଠାରେ ବିରାଜିତ ଶ୍ରୀରଘୁନାଥ ଜୀଉ, ପ୍ରଭୁ ଲକ୍ଷ୍ମଣ ଓ ଦେବୀ ସୀତାଙ୍କୁ ସ୍ଥାପନା କରିଥିଲେ । କଥିତ ଅଛି ଯେ ଉକ୍ତ ବୈରାଗୀ ପଟ୍ଟନାୟକ ପ୍ରଭୁ ଶ୍ରୀ ରଘୁନାଥଙ୍କର ସ୍ୱପ୍ନାଦେଶ ପାଇ ନିଜେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କର ମୂର୍ତ୍ତି ଗଠନ କରିଥିଲେ । ଶ୍ରୀଜୀଉମାନଙ୍କର ପଦ୍ମପୃଷ୍ଠରେ ଲିଖିତ ଅଛି-

''ଶକାବ୍ଦ ଶରମାଙ୍ଗଲ୍ୟେ ଋତୁଷ୍ଟ ଉଡ୍‌ଡ଼ନାୟକଃ
ରାମଂ ଲକ୍ଷ୍ମଣଂ ସଂସ୍ଥାପ୍ୟ ବୈରାଗୀ ପଟ୍ଟନାୟକଃ ।''

ଅର୍ଥାତ୍ 'ଶର' ହେଉଛି ୫, ମାଙ୍ଗଲ୍ୟ ହେଉଛି ୮, ଋତୁ ୬ ଏବଂ ଉଡ଼ଡ଼ାୟକ ହେଉଛି ୧ । ଏହିପରି ହେଲା- ୫୮୬୧ । କିନ୍ତୁ 'ଅଙ୍କାନାଂ ବାମେନ ଗତିଃ' । ତେଣୁ ଏହା ହେବ ୧୬୮୫ ଶକାବ୍ଦ ବା ୧୭୬୩ ଖ୍ରୀଷ୍ଟାବ୍ଦ । ସୁତରାଂ ୧୭୬୩ ଖ୍ରୀଷ୍ଟାବ୍ଦରେ ଓଡଗାଁଠାରେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କର ବିଗ୍ରହ ସ୍ଥାପିତ ହେଲା । ଏହା ପୂର୍ବରୁ ଏଠାରେ ଶାଳଗ୍ରାମ ପୂଜା ପାଉଥିଲେ ବୋଲି ପୁରୁଖା ବ୍ୟକ୍ତିମାନେ କରିଥାନ୍ତି । ଏକଦା ଏହା ଥିଲା ଅତ୍ରିମୁନିଙ୍କର ଅନ୍ୟତମ ପୀଠ ।


ଶ୍ରୀରଘୁନାଥଜୀଉଙ୍କ ମନ୍ଦିର, ଓଡ଼ଗାଁ ।

ଓଡ଼ଗାଁର ଶ୍ରୀରଘୁନାଥଙ୍କ ବିଭିନ୍ନ ଯାତ୍ରା ମଧ୍ୟରେ ଶ୍ରୀରାମନବମୀ ପ୍ରଧାନ ଯାତ୍ରା । ଏହି ଯାତ୍ରା ଏଗାର ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୁଏ । ବିଭିନ୍ନ ଦିବସରେ ଶ୍ରୀରଘୁନାଥଙ୍କର ତାଡକାବଧ, ଅହଲ୍ୟା ଉଦ୍ଧାରଣ, ଗଙ୍ଗାପାର, ଶିବଧନୁଭଙ୍ଗ, ବନବାସ, ଚିତ୍ରକୂଟ, ଅଷ୍ଟବଧାନ, ଯୁଦ୍ଧଯାତ୍ରା, ରାଜ୍ୟାଭିଷେକ ବେଶ ପ୍ରଭୃତି ଅନୁଷ୍ଠିତ ହୁଏ । ଏହିସବୁ ବେଶ ଦେଖିବା ପାଇଁ ଭକ୍ତମାନଙ୍କର ପ୍ରବଳ ସମାଗମ ହୋଇଥାଏ । ଏହାବ୍ୟତୀତ ଏଠାରେ ଶୟନୋତ୍ସବ, କର୍ଣ୍ଣିକାଉତ୍ସବ, ବିଜୟା ଉତ୍ସବ, ଜାଗରଣ ଉତ୍ସବ, ତ୍ରିପୁରା ଉତ୍ସବ, ଦୋଳ ଉତ୍ସବ, ଦମନକ ଉତ୍ସବ, ଚିତାଲାଗି ଅମାବାସ୍ୟା, ଝୁଲଣଯାତ୍ରା, ଜନ୍ମାଷ୍ଟମୀ, କୁମାର ପୂର୍ଣ୍ଣିମା ପ୍ରଭୃତି ପର୍ବପର୍ବାଣି ମହାସମାରୋହରେ ପାଳିତ ହୋଇଥାଏ ।

Digitized by PPRACHIN, SOA

ଓଡ଼ଗାଁର ଶ୍ରୀରଘୁନାଥଜୀଉ ମହିମାବନ୍ତ ଠାକୁର । ଓଡ଼ିଶାର ଦକ୍ଷିଣ ଅଞ୍ଚଳରେ ଶ୍ରୀରଘୁନାଥଙ୍କର ପ୍ରସିଦ୍ଧି ସର୍ବାଧିକ । ଏକଦା ଓଡ଼ଗାଁର ଶ୍ରୀରଘୁନାଥଙ୍କର ପୀଠ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ଅନ୍ୟତମ ସାଧନାର ପୀଠ ଥିଲା । ଏହି ରଘୁନାଥଙ୍କୁ ଉପଜୀବ୍ୟ କରି କବି ଅର୍ଜ୍ଜୁନ ବାରିକ 'ବୃହତ ରଘୁନାଥ ପୁରାଣ' ରଚନା କରିଛନ୍ତି । ସେହିପରି ବାଣୀଗୌରବ ବିଶ୍ୱନାଥ ଚମ୍ପୁ 'ଦାଶରଥି ବିଳାସ' କାବ୍ୟ ରଚନା କରିଛନ୍ତି । ନୟାଗଡ଼ର ଛବିଶତମ ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତା ତାଙ୍କର 'Foot-Prints of Sri Ram' ପୁସ୍ତକରେ ଓଡ଼ଗାଁର ଶ୍ରୀରଘୁନାଥଙ୍କର ମହିମାକୁ ବର୍ଣ୍ଣନା କରିଛନ୍ତି । ଓଡ଼ଗାଁଠାରେ ରଘୁନାଥ ବନବାସୀ ରୂପେ ପୂଜା ପାଇଥାନ୍ତି । କାରଣ ରାମ, ଲକ୍ଷ୍ମଣ ଓ ସୀତା ତାଙ୍କର ବନବାସ ସମୟରେ ଏହି କ୍ଷେତ୍ରକୁ ଆସିଥିଲେ । ରାଜା କୃଷ୍ଣଚନ୍ଦ୍ର ସିଂହ ଲେଖିଛନ୍ତି- "The village Odagaon is said to have been in olden times the thick forest area where Artri Muni had his hermitage. In their forest life Rama, Lakshman and Seeta happened to come there and received the cordial hospitality of the said sage. His wife Anasuya consoled Ma Seeta by giving her necessary instructions of leading an ideal chaste and virtous life. Seeta beeing much younger to her, showed her due respect and welcomed her instructions and begged her blessings to pass the ideal life of fourteen years exile. The Amalanavastra was given to Ma Seeta by the wife of the sage, that could guard the body against cold, rain fire and the like. The Salagram of Raghunath was being worshipped here since years long gone by."

ବୈଷ୍ଣବ କ୍ଷେତ୍ର ଓଡ଼ଗାଁକୁ ଶ୍ରୀକ୍ଷେତ୍ର ବୋଲି କୁହାଯାଏ । ତେବେ ଜଗନ୍ନାଥ ଓ ରଘୁନାଥଙ୍କ ମଧ୍ୟରେ ଅଭିନ୍ନତା ପ୍ରତିପାଦନ କରିବାକୁ ଯାଇ କବି ମର୍ଦ୍ଦରାଜ ରାୟ ଲେଖିଛନ୍ତି-

''ଜଗନ୍ନାଥ ରଘୁନାଥ
ପରମ ପୁରୁଷ ଏ ଦୁହେଁ ଏକ, ହେ ସୀତାରମଣ
ବେଦ ତ କହେ ଏମନ୍ତ ହେ, ସୀତାରମଣ
କମଳିନୀ, ସୀତା ଏକ
ପ୍ରକୃତି ଅଟନ୍ତି ଏ ଦୁହେଁଯାକ, ହେ ସୀତାରମଣ
ବେଦ ଶାସ୍ତ୍ରର ଏ ଡାକ, ହେ ସୀତାରମଣ ।''

Digitized by PPRACHIN, SOA

ନୟାଗଡ଼ର ବିଶିଷ୍ଟ ପୁରାଣକାର କବି ଅର୍ଜ୍ଜୁନ ବାରିକ ଓଡ଼ଗାଁର ରଘୁନାଥଙ୍କୁ ଉପଜୀବ୍ୟ କରି 'ନୟାଗଡ଼ ଓଡ଼ଗାଁ ବୃହତ୍ ଶ୍ରୀ ରଘୁନାଥ ପୁରାଣ' ରଚନା କରିଛନ୍ତି । ଏହି ପୁରାଣର ପ୍ରାରମ୍ଭରେ କବିସୌରଭ ଅର୍ଜ୍ଜୁନ ବାରିକ ମର୍ଯ୍ୟାଦା ପୁରୁଷୋତ୍ତମଙ୍କୁ ବନ୍ଦନା କରି ଗାଇଛନ୍ତି-

''ବନ୍ଦଇ ହେ ରଘୁନାଥ କୋଦଣ୍ଡ ଧାରଣ
କଟି ତଟରେ ତୂଣୀର ଭାର ଶୋଭାବନ ।
ନବଘନ ଶ୍ୟାମଳ ସୁନ୍ଦର ଶୋଭା ତନୁ
ପରିଧାନ ପୀତାମ୍ବର ଦଶରଥ ସୁନୁ ।
କନକ ଚମ୍ପା ବରନୀ ସୀତା ପ୍ରାଣ ପତି
ଛବିକି କୋଟି କାମ ଦବିବ କରି ଭୀତି ।
ରବିବଂଶ ବିଭୂଷଣ ରାଜୀବ ଲୋଚନ
ଜଟାଭାର ମସ୍ତକରେ ବିଶେ ଶୋଭାବନ । xxx
ପବିତ୍ର ନବଦୁର୍ଗରେ ସାର କରି ଧାମ
ବିଜୟ ଦାରୁ ବିଗ୍ରହେ ପ୍ରଭୁ ଓଡ଼ଗ୍ରାମ ।
ସୁନ୍ଦର ସିଂହାସନରେ ବିଜେ ତିନିମୂର୍ତ୍ତି
ବାମଭାଗେ ସୀତାଦେବୀ ଡାହାଣେ ସୌମିତ୍ରୀ ।
ଦେଉଳ ଚୂଡାରେ ସୁନା କଳସ ଉପର
ଆରତ ନାଶନ ବାନା ଉଡ଼େ ଫରଫର ।
ବ୍ୟଗ୍ରେ ଅଗ୍ରେ ବସି ପାଦ କରନ୍ତି ବନ୍ଦନ
ଭକତ ବୃନ୍ଦ ବନ୍ଦନ ଅଞ୍ଜନା ନନ୍ଦନ ।
ସେହି ଧାମ ସେହି ଭୂମି ବିଜୟରୁ ରାମ
ପବିତ୍ର ଦ୍ୱିତୀୟ ନୀଳାଚଳ ଯାହା ନାମ ।
ହୁଅନ୍ତି ପାପୀ ମୁକତି ଯାହା ଦର୍ଶନରେ
ଯେ ଭୂମି ସ୍ମରଣେ ମହାପାତକକୁ ହରେ ।''

୩. ଢ଼େଙ୍କଣାର ଶ୍ରୀରଘୁନାଥଜୀଉ :

ନୟାଗଡ଼ର ଅନ୍ୟତମ ବୈଷ୍ଣବପୀଠ ତଥା ରଘୁନାଥପୀଠ ହେଉଛି ଢ଼େଙ୍କଣାଗ୍ରାମ । ନୟାଗଡ଼ ଟାଉନଠାରୁ ୧୩ କିଲୋମିଟର ଦୂରତାରେ ଗତୀଶ୍ୱର ପୀଠ ମାଳିସାହି ନିକଟରେ ଢ଼େଙ୍କଣା ଗ୍ରାମ ଅବସ୍ଥିତ । ଏହି ଗ୍ରାମର ଶ୍ରୀରଘୁନାଥଙ୍କର ମନ୍ଦିର ଓ ମଠ ରହିଛି । ଜନଶ୍ରୁତି ଅନୁସାରେ ଏଠାରେ ଶରଭଙ୍ଗ ଋଷିଙ୍କର ଆଶ୍ରମ ରହିଥିଲା । ଏହି ମଠରେ ମଠାଧୀଶ ଓ ମହନ୍ତ ପରମ୍ପରା

Digitized by PPRACHIN, SOA

ରହିଆସିଛି । ଏଠାରେ ଅବସ୍ଥାନ କରିଥିବା ବାବାଜୀମାନଙ୍କ ମଧ୍ୟରେ ବାବାଜି ଭାଗବତ ଚରଣ ଦାସ, ପଦ୍ମଚରଣ ଦାସ, ଦିଲ୍ଲୀପ ଚନ୍ଦ୍ର ଦାସ, ଯୁଗଳ ଚନ୍ଦ୍ର ଦାଶ, ରାମନାରାୟଣ ଦାସ, ରାଧାଗୋବିନ୍ଦ ଦାସ, ବଦ୍ରିନାରାୟଣ ଦାସ, ପର୍ଶୁରାମ ଦାସ ପ୍ରଭୃତି ସ୍ମରଣୀୟଯୋଗ୍ୟ ।


ଶ୍ରୀରଘୁନାଥଜୀଉଙ୍କ ମନ୍ଦିର, ଢେଙ୍କେଣା ।

ରାମ ଉପାସନା ପରମ୍ପରା ଏହି ଗ୍ରାମରେ ବହୁ ଅତୀତ କାଳରୁ ପ୍ରତିଷ୍ଠିତ । ପୁରୁଖା ଲୋକମାନେ କହନ୍ତି ଯେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ବିଗ୍ରହ ପୂଜାବିଧାନ ପୂର୍ବରୁ ଏଠାରେ ମଧ୍ୟ ଶାଳଗ୍ରାମ ପୂଜା ପାଉଥିଲା । ତେବେ ଏହି ରଘୁନାଥ ପୀଠ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ସାଧନାର ପୀଠ ଥିଲା । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଯେତେବେଳେ ମୃତ୍ୟୁଞ୍ଜୟପୁର ଶାସନ (ମାଳିସାହିଗ୍ରାମ)ରେ ଅବସ୍ଥାନ କରୁଥିଲେ ସେତେବେଳେ ସେ ପ୍ରତ୍ୟହ ପ୍ରାତଃକାଳରେ ମାଳିସାହି ଗ୍ରାମର ଗତୀଶ୍ୱର ମହାଦେବଙ୍କୁ ଦର୍ଶନ କରୁଥିଲେ ଏବଂ ସାୟଂକାଳରେ ଢ଼େଙ୍କଣାର ଶ୍ରୀରଘୁନାଥଙ୍କୁ ଦର୍ଶନ କରୁଥିଲେ । ସୁତରାଂ ଉପେନ୍ଦ୍ର ଭଞ୍ଜଙ୍କର ସାଧନାର ପୀଠ ଏହି ଢ଼େଙ୍କଣାଗ୍ରାମ ରାମ ଉପାସନାର ଏକ ପୁରାତନ ପୀଠ । କବି ହରିହର ତ୍ରିପାଠୀ ଢ଼େଙ୍କଣା ଗ୍ରାମର ଶ୍ରୀରଘୁନାଥ ଜୀଉଙ୍କୁ ଉପଜୀବ୍ୟ କରି 'ପାର୍ଥିବୀଶ ବିଳାସ' କାବ୍ୟ ରଚନା କରିଛନ୍ତି ।

୪. ମହାବୀର କ୍ଷେତ୍ର ଦଶପଲ୍ଲା:

ନୟାଗଡ଼ଠାରୁ ୪୦ କିଲୋମିଟର ପଶ୍ଚିମରେ ଅବସ୍ଥିତ ଦଶପଲ୍ଲା ମହାବୀର କ୍ଷେତ୍ର ରୂପେ ସୁବିଦିତ । ଦଶପଲ୍ଲାର ଲଙ୍କାପୋଡ଼ି ଯାତ୍ରା ଭରତ ପ୍ରସିଦ୍ଧ । ଦଶପଲ୍ଲା

Digitized by PPRACHIN, SOA

ରାଜ୍ୟର ଅଷ୍ଟମ ରାଜା ପଦ୍ମନାଭ ଭଞ୍ଜ ତାଙ୍କ ରାଜଧାନୀ ପୁରୁଣା ଦଶପଲ୍ଲାଠାରୁ ବର୍ତ୍ତମାନ ଦଶପଲ୍ଲା ଗଡକୁ ପରିବର୍ତ୍ତନ କରିଥିଲେ । ତାଙ୍କର ପୁତ୍ର ତ୍ରିଲୋଚନ ଭଞ୍ଜ ଦଶପଲ୍ଲାଗଡଠାରେ ରାଧାକାନ୍ତ, ଜଗନ୍ନାଥ ଏବଂ ରଘୁନାଥଙ୍କ ବିଗ୍ରହ ପ୍ରତିଷ୍ଠା କରିଥିଲେ । ରାଜା ତ୍ରିଲୋଚନ ଭଞ୍ଜ କୁଞ୍ଜନବନଗଡ଼ଠାରେ ରାଧାକାନ୍ତଙ୍କ ଉଦ୍ଦେଶ୍ୟରେ ରାସଲୀଳା, ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ରଥଯାତ୍ରା ଏବଂ ରଘୁନାଥଙ୍କ ସମ୍ମାନାର୍ଥେ ରାମଲୀଳା ଯାତ୍ରା ପ୍ରଚଳନ କରିଥିଲେ । ଏହାପରେ ସ୍ୱପ୍ନବାଣୀ ଯୋଗୁଁ ରାଜା କୁଞ୍ଜନଗଡ଼ ନିକଟବର୍ତ୍ତୀ ବରଦାମଣି ପର୍ବତରୁ ଶ୍ରୀହନୁମାନଙ୍କର ବିଗ୍ରହ ଆଣି ଶ୍ରୀରଘୁନାଥଙ୍କ ମନ୍ଦିର ନିକଟରେ ପ୍ରତିଷ୍ଠା କରାଇଲେ । ଦଶପଲ୍ଲାଗଡ଼ର ଶ୍ରୀହନୁମାନ 'ମହାବୀର' ନାମରେ ପୂଜା ପାଉଛନ୍ତି । ଦଶପଲ୍ଲାର ରାଜା ଗୌରବଚନ୍ଦ୍ର ଭଞ୍ଜ (୧୭୯୫-୧୮୦୫) ଏଠାରେ ଲଙ୍କାପୋଡ଼ି ଯାତ୍ରା ପ୍ରଚଳନ କରାଇଥିଲେ । ପରେ କୃଷ୍ଣଚନ୍ଦ୍ର ଭଞ୍ଜ ଏହାର ନୂତନ ରୂପରେଖର ପରିକଳ୍ପନା କରିଥିଲେ । ଲଙ୍କାପୋଡ଼ି ଯାତ୍ରାରେ କାଷ୍ଠରେ ନିର୍ମିତ ୩୫ ଫୁଟର ଦଶମୁଣ୍ଡଧାରୀ ରାବଣ ମୂର୍ତ୍ତି ଏହାର ବିଶିଷ୍ଟ ଆକର୍ଷଣ ।

୫. ଶ୍ରୀଜଗନ୍ନାଥ ମନ୍ଦିର ନୟାଗଡ଼ :

ନୟାଗଡ଼ଠାରେ ଅବସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ।

ନୟାଗଡ଼ ଠାରେ ଅବସ୍ଥିତ ଜଗନ୍ନାଥ ମନ୍ଦିର ୧୭୮୮ରୁ ୧୮୦୮ ଖ୍ରୀଷ୍ଟାବ୍ଦରେ ରାଜା ବିନାୟକ ସିଂହ ମାନଧାତାଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଏହି କଳିଙ୍ଗ ଶୈଳୀ ସ୍ଥାପତ୍ୟର ନିଦର୍ଶନ । ମନ୍ଦିରଟି ତିନିଭାଗରେ ବିଭକ୍ତ, ଯଥା- (୧) ମୁଖ୍ୟମନ୍ଦିର, (୨) ଜଗମୋହନ ଏବଂ (୩) ନାଟମନ୍ଦିର । ମୁଖ୍ୟ ମନ୍ଦିରର ଉଚ୍ଚତା ୧୨୦ ଫୁଟ । ନୟାଗଡ଼ ଜଗନ୍ନାଥମନ୍ଦିର ଉପରେ ତା୩।୫।୨୦୧୦ରେ ବଜ୍ରପାତ ହୋଇଥିଲା । ନୀଳଚକ୍ର ଓ ବାନା ପୋଡ଼ିଯାଇଥିଲା । ଅଁଳାବେଢ଼ା ଚାରିପଟୁ ଭାଙ୍ଗି ଖାଲ ହୋଇଯାଇଥିଲା ।

Digitized by PPRACHIN, SOA

ନୟାଗଡ଼ ଜିଲ୍ଲାର ପ୍ରସିଦ୍ଧ ଦେବୀ ପୀଠ

ନୟାଗଡ଼ ଜିଲ୍ଲାରେ ଶକ୍ତି ଉପାସନାର ଏକ ବଳିଷ୍ଠ ପରମ୍ପରା ରହିଛି । ନୟାଗଡ଼ ରାଜନ୍ୟବର୍ଗ ଥିଲେ ମାତୃଶକ୍ତିର ଉପାସକ । ସୁତରାଂ ନୟାଗଡ଼ରେ ବହୁ ଦେବୀ ପ୍ରତିଷ୍ଠିତ ହୋଇ ପୂଜା ପାଉଛନ୍ତି । ନୟାଗଡ଼ ଜିଲ୍ଲାର ପ୍ରମୁଖ ଦେବୀମାନଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି–

(କ) ବାଉରୀ ଠାକୁରାଣୀ– ବାଉରୀ ଠାକୁରାଣୀ ନୟାଗଡ଼ ରାଜବଂଶର ଇଷ୍ଟଦେବୀ । ନୟାଗଡ଼ର ପୁରୁଣା ରାଜବାଟୀରେ ବାଉରୀ ଠାକୁରାଣୀଙ୍କ ମସ୍ତକ ପୂଜା ପାଉଛନ୍ତି । ବାଉରୀ ଠାକୁରାଣୀଙ୍କ ଗଣ୍ଡିଭାଗ ଖଣ୍ଡପଡ଼ା ରାଜବାଟୀରେ ପୂଜିତ ହେଉଛନ୍ତି । ବାଉରୀ ଠାକୁରାଣୀଙ୍କ ଗଣ୍ଡିମୁଣ୍ଡ ଅଲଗା ହେବା ସମ୍ପର୍କରେ ଗୋଟିଏ କିମ୍ବଦନ୍ତୀ ପ୍ରଚଳିତ । ଜନଶ୍ରୁତି ଅନୁସାରେ ସୂର୍ଯ୍ୟମଣି ସିଂହ ଓ ଚନ୍ଦ୍ରମଣି ସିଂ (ମଧ୍ୟପ୍ରଦେଶର ରେବା ରାଜବଂଶର ରାଜପୁତ୍ରଦ୍ୱୟ) ଶ୍ରୀ ଜଗନ୍ନାଥଙ୍କ ଦର୍ଶନାନ୍ତେ ଫେରିବା ବାଟରେ ନୟାଗଡ଼ ଗୁନାମାଟିଠାରେ ନରଖାଦକ ବ୍ୟାଘ୍ରକୁ ହତ୍ୟାକରି ସେଠାରେ ଗଡ଼ ପ୍ରତିଷ୍ଠା କଲେ । ଏହାପରେ ସେମାନେ ରଳବଠାରେ ଆଉ ଗୋଟିଏ ନୂଆ ଦୁର୍ଗ ନିର୍ମାଣ କଲେ । ଦିନେ ରଳବଠାରେ ରାତ୍ରିଯାପନ କାଳରେ ଚନ୍ଦ୍ରମଣି ନିଦ୍ରା ଯାଇଥାନ୍ତି ଓ ସୂର୍ଯ୍ୟମଣି ଖଡ଼୍‌ଗପାଣି ହୋଇ ବସିଥାନ୍ତି । ସୂର୍ଯ୍ୟମଣି ଦେଖିଲେ ଏହି ସମୟରେ ଜଣେ ଗର୍ଭବତୀ ନାରୀ ମାଠିଆ ଧରି ପାଣି ଆଣିବା ପାଇଁ ଯାଇଥିଲେ । କିଛି କ୍ଷଣ ପରେ ସୂର୍ଯ୍ୟମଣି ସିଂହ ଏକ ବିଚିତ୍ର ଦୃଶ୍ୟ ଦେଖିଲେ । ସେ ଦେଖିଲେ ଯେ ନାରୀ ଜଣକ ଜଳପୂର୍ଣ୍ଣ ମାଠିଆ ଧରି ଫେରୁଛନ୍ତି । ତାଙ୍କର ଗର୍ଭାବସ୍ଥା ଦୂର ହୋଇଛି । ଦୁଇଗୋଟି ଶିଶୁକୁ ଘେନି ସେ ଫେରୁଛନ୍ତି । ଗୋଟିଏ ଶିଶୁ ନାରୀଙ୍କର କାଖରେ ଏବଂ ଅନ୍ୟ ଶିଶୁପୁତ୍ରଟି ତା'ର ମା' ସହିତ ପାଦରେ ଚାଲି ଆସୁଅଛି । ସୂର୍ଯ୍ୟମଣି ନାରୀଟିର ସମ୍ମୁଖୀନ ହେଲେ ଏବଂ ତାଙ୍କର ପରିଚୟ ଜିଜ୍ଞାସା କଲେ । କିନ୍ତୁ ଆଶ୍ଚର୍ଯ୍ୟର କଥା ଏହି ଯେ ସେହି ନାରୀ ସୂର୍ଯ୍ୟମଣିଙ୍କୁ କହିଲେ– "ବତ୍ସ ! ମୋତେ ଖଡ଼୍‌ଗରେ ଦୁଇଗଡ଼ କରିଦେଲେ ମୋର ପରିଚୟ ଦେବି ।" ଏହାପରେ ସୂର୍ଯ୍ୟମଣି ଖଡ଼୍‌ଗ ଦ୍ୱାରା ସେହି ଦେବୀଙ୍କର ଗଣ୍ଡି ଓ ମୁଣ୍ଡ ଅଲଗା କରିଦେଲେ । ଅନନ୍ତର ଶୂନ୍ୟବାଣୀ ହେଲା– "ବତ୍ସ ! ମୁଁ ହେଉଛି ବାଉରୀ ଠାକୁରାଣୀ । ମୁଁ ରଳବ ଗ୍ରାମଦେବୀ । ମୁଁ ତୋ' ଉପରେ ଅତ୍ୟନ୍ତ ତୁଷ୍ଟ ହୋଇଛି । ମୋତେ ଇଷ୍ଟଦେବୀ ରୂପେ ଗ୍ରହଣ କରି ତୁ ଏଠାରେ ନୂତନ ରାଜ୍ୟ ପ୍ରତିଷ୍ଠା କର ।" ସେହି ଦିନଠାରୁ ରାଜା ସୂର୍ଯ୍ୟମଣି ସିଂହ ବାଉରୀ ଠାକୁରାଣୀଙ୍କୁ ଇଷ୍ଟଦେବୀ ରୂପେ ଗ୍ରହଣ କଲେ । ଅଦ୍ୟାପି ଦଶହରା ପର୍ବରେ ବାଉରୀ ଠାକୁରାଣୀ ଷୋଡ଼ଶ ଉପଚାରରେ ପୂଜିତା ହୁଅନ୍ତି ।

Digitized by PPRACHIN, SOA

(ଖ) କାମାକ୍ଷୀ ଠାକୁରାଣୀ- ନୟାଗଡ଼ ଟାଉନ୍‌ଠାରୁ ୮ କିଲୋମିଟର ଦୂରତାରେ ଗୋବିନ୍ଦପୁର ଗ୍ରାମ ଅବସ୍ଥିତ । ଏହି ଗ୍ରାମରେ ଉଭୟ ଶିବ ଓ ଶକ୍ତି

ଗୋବିନ୍ଦପୁର ଗ୍ରାମଠାରେ ବିଜେ ଶ୍ରୀ କାଉଁରୀ (କାମାକ୍ଷୀ) ଠାକୁରାଣୀ ।

Digitized by PPRACHIN, SOA

ଉପାସନାର ଏକ ଐତିହାସିକ ପୀଠ ରହିଛି । ଗୋଟିଏ ବେଢ଼ା ଭିତରେ ବାବା ସୋମନାଥ ଦେବ, ବାବା କେଦାରେଶ୍ୱର ଏବଂ କାମାକ୍ଷୀ ଦେବୀ ପୂଜା ପାଉଛନ୍ତି । କେଦାରେଶ୍ୱର ମହାଦେବଙ୍କ ମନ୍ଦିରର ଦ୍ୱାରବନ୍ଧର ଉପରିଭାଗରେ ପ୍ରସ୍ତରରେ ଖୋଦିତ ଅଛି-

୧ମ ଧାଡ଼ି- ଶ୍ରୀ ଉଦ୍ୟୋତ କେ

୨ୟ ଧାଡ଼ି- ସ (ଶରୀ ଦେବସ୍ୟ ବିଜୟ ରାଜ୍ୟେ)

୩ୟ ଧାଡ଼ି- ଅମୀୟଂ ଖୋଦିତ ପୁଷ୍କରିଣୀ ।

ଏହାର ଅର୍ଥ ହେଉଛି- ଶ୍ରୀ ଉଦ୍ୟୋତ କେଶରୀଙ୍କ ବିଜିତ ରାଜ୍ୟରେ ଏହି ମଧୁମୟ ପୁଷ୍କରିଣୀ ଖୋଦିତ ହେଲା ।

ଏହି କେଦାରେଶ୍ୱରଙ୍କ ମନ୍ଦିରକୁ ଲାଗି ସୋମନାଥ ଦେବଙ୍କର ମନ୍ଦିର ବିଦ୍ୟମାନ । ସୋମନାଥ ଦେବଙ୍କ ମନ୍ଦିରର ଦକ୍ଷିଣପାର୍ଶ୍ୱରେ କାଉଁରୀ ଦେବୀ ବା କାମାକ୍ଷୀ ଠାକୁରାଣୀଙ୍କ ମନ୍ଦିର ବିଦ୍ୟମାନ । କାଉଁରୀ ଠାକୁରାଣୀ ନୟାଗଡ଼ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଦେବୀ । ଦେବୀଙ୍କର ମୁଖମଣ୍ଡଳ ଅସ୍ୱଷ୍ଟ ରହିଛି । କିମ୍ବଦନ୍ତୀ ଅନୁସାରେ କାମାକ୍ଷୀ ଦେଶରୁ ଦେବୀ ଆସୁ ଆସୁ ଏହି ସ୍ଥାନରେ ପୂର୍ବରୁ ରହିଥିବା ମହାଦେବ ସୋମନାଥଦେବ ତାଙ୍କ ସହିତ ଭେଟାଭେଟି ହୋଇ କଥାବାର୍ତ୍ତା ହେଉ ହେଉ ରାତି ପାହିଗଲା । ତେଣୁ ଠାକୁରାଣୀ ଏହି ସ୍ଥାନରେ ରହିଗଲେ । ଏହାପରେ ରାଜାଙ୍କୁ ସ୍ୱପ୍ନାଦେଶ ହେଲା । ତେଣୁ ଏଠାରେ ମନ୍ଦିର ନିର୍ମାଣ କରାଗଲା । କାଉଁରୀ ଠାକୁରାଣୀଙ୍କ ପାର୍ଶ୍ୱଦେବୀମାନେ ହେଉଛନ୍ତି କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଛିନ୍ନମସ୍ତା, ଭୈରବୀ, ଧୂମାବତୀ, ବଗଳା, ମାତଙ୍ଗୀ ଓ କମଳା ।

କାଉଁରୀଦେବଙ୍କ ମୂର୍ତ୍ତି ଅତି ପ୍ରାଚୀନ ଅଟେ । ଦେବୀ କଳା ମୁଗୁନି ଶିଳା ବିଗ୍ରହ । ଦେବୀଙ୍କର ମୁଖ ସିନ୍ଦୂର ମଣ୍ଡିତା । କାଉଁରୀ ଠାକୁରାଣୀଙ୍କ ପୀଠ ଅତି ପ୍ରାଚୀନ ପୀଠ । ଏହା ତନ୍ତ୍ର ସାଧନାର ଅନ୍ୟତମ ପୀଠ । କାଉଁରୀଦେବୀଙ୍କ ବିଗ୍ରହକୁ ଅନୁଧ୍ୟାନ କଲେ ଏହା ୭ମ / ୮ମ ଶତାବ୍ଦୀର ମୂର୍ତ୍ତି ବୋଲି ଅନୁମାନ କରିହୁଏ ।

ଗୋବିନ୍ଦପୁର ଗ୍ରାମର କାଉଁରୀ ଠାକୁରାଣୀଙ୍କ ମନ୍ଦିର ବାଡ଼ରେ ଚିତ୍ରରେ ପ୍ରଦତ୍ତ ଶିଳାଲିପିଟି ସଂଲଗ୍ନ ହୋଇ ରହିଛି । ତାହାର ପାଠୋଦ୍ଧାର ଏପର୍ଯ୍ୟନ୍ତ ହୋଇପାରି ନାହିଁ ।

(ଗ) ଦକ୍ଷିଣ କାଳୀ- ନୟାଗଡ଼ ପୁରୁଣା ସହରଠାରେ ବଳରାମ ପର୍ବତର ପାଦ ଦେଶରେ ମା' ଦକ୍ଷିଣକାଳୀଙ୍କର ମନୋରମ ମନ୍ଦିର ବିଦ୍ୟମାନ । ମା' ଦକ୍ଷିଣକାଳୀ ସିନ୍ଦୂର ବିଭୂଷିତା । ଦକ୍ଷିଣ ଦିଗକୁ ମା'ଙ୍କର ମୁଖ । ତେଣୁ ଦେବୀଙ୍କର ନାମ ଦକ୍ଷିଣକାଳୀ । ମା' ପ୍ରତ୍ୟକ୍ଷ ଦେବୀ । ବାଟବଣା ବ୍ୟକ୍ତିଙ୍କୁ କୃପାମୟୀ ମା' ମାର୍ଗପ୍ରଦର୍ଶନ

Digitized by PPRACHIN, SOA

ମା' ଦକ୍ଷିଣକାଳୀ ।

କରିଥାନ୍ତି । ପୂର୍ବେ ଦେବୀ ଖଣ୍ଡପଡ଼ା ଗଡ଼ଠାରେ ପୂଜା ପାଉଥିଲେ । ବିଧାର ସାମନ୍ତ ନାମକ ଜନୈକ ତନ୍ତ୍ର ସାଧକ ମା'ଙ୍କୁ ଖଣ୍ଡପଡ଼ା ଗଡ଼ରୁ ଆଣି ନୟାଗଡ଼ରେ ପ୍ରତିଷ୍ଠା କରାଇଥିଲେ । ମା' ଦକ୍ଷିଣକାଳୀ ରାଜପୂଜିତ ଦେବୀ । ନୟାଗଡ଼ର ରାଜା ଲଡୁକେଶ୍ୱର ସିଂହ ମାନ୍ଧାତାଙ୍କ ରାଜତ୍ୱ ସମୟରେ ଠାକୁରାଣୀଙ୍କୁ ଏଠାରେ ସଂସ୍ଥାପିତ କରାଇଥିଲେ । ନାଟ୍ୟରଥୀ ଗୋବିନ୍ଦ ଶୂରଦେଓ ପୁତ୍ର ପୂର୍ଣ୍ଣଚନ୍ଦ୍ର ଶୂରଦେଓ ଦକ୍ଷିଣକାଳୀଙ୍କ ସମ୍ପର୍କରେ ଲେଖିଛନ୍ତି-

''ସମସ୍ତଙ୍କୁ ଦିଏ ଦକ୍ଷିଣା ସ୍ୱରୂପ
ଧର୍ମ, ଅର୍ଥ, କାମ, ମୋକ୍ଷ
ତେଣୁ ତା'ର ନାମ ଦକ୍ଷିଣକାଳୀକା
ମୃତ୍ୟୁ ନିବାରିଣୀ ସଖ୍ୟ ।''

ଦକ୍ଷିଣକାଳୀଙ୍କଠାରେ ଦଶହରା ସମୟରେ ଷୋଡ଼ଶ ଉପଚାରରେ ପୂଜା ବିଧାନ ହୁଏ । ଏହା ବ୍ୟତୀତ ପ୍ରତ୍ୟେକ ବର୍ଷ ପଣାସଂକ୍ରାନ୍ତି ତିଥିରେ ଏଠାରେ ବିରାଟ ଯାତ୍ରାର ଆୟୋଜନ କରାଯାଏ । ଦକ୍ଷିଣକାଳୀଙ୍କ ପଣାଯାତ୍ରା ମହା ଜାକଜମକରେ ପାଳିତ

Digitized by PPRACHIN, SOA

ହୁଏ । ଏହି ପଣାଯାତ୍ରା ଉତ୍ସବ ଦିନ ଗଛବାଣ ଫୁଟାଇବାର ପ୍ରତିଯୋଗିତା ହୁଏ । ବିଶେଷ କରି ମାନସିକ କରିଥିବା ବ୍ୟକ୍ତିମାନେ ଏହି ଗଛବାଣ ଫୁଟା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥାନ୍ତି ।

(ଘ) ନାରାୟଣୀ ଠାକୁରାଣୀ- ନୟାଗଡ଼ଠାରୁ ୧୩ କିଲୋମିଟର ଦୂରତାରେ ମାଳିସାହି ଗ୍ରାମ ଅବସ୍ଥିତ । ଏହି ଗ୍ରାମର ପୂର୍ବନାମ ହେଉଛି ମୃତ୍ୟୁଞ୍ଜୟପୁର ଶାସନ । ଏହି ଗ୍ରାମରେ ଶ୍ରୀ ଗତୀଶ୍ୱର ମହାଦେବଙ୍କ ମନ୍ଦିର ବେଢ଼ା ଭିତରେ ମା’ ନାରାୟଣୀ ଠାକୁରାଣୀ ପୂଜା ପାଉଛନ୍ତି । ଦେବୀ ଉତ୍ତର ମୁଖା ଭାବରେ ସଂସ୍ଥିତା । ଦେବୀଙ୍କର ବିଗ୍ରହ କଳା ମୁଗୁନି ପଥରରେ ନିର୍ମିତ । ଦେବୀଙ୍କ ମୂର୍ତ୍ତିଙ୍କ ଅନୁଧ୍ୟାନ କଲେ ଏହା ୮ମ/ ୯ମ ଶତାବ୍ଦୀର ମୂର୍ତ୍ତି ବୋଲି ଜଣାପଡ଼େ । ଦେବୀଙ୍କର ବିଗ୍ରହ ବେଶ୍ କମନୀୟ । ଗଠନ ପରିପାଟୀ ଅତୀବ ମନୋଜ୍ଞ । ଦୁର୍ଲ୍ଲଭ ବିଗ୍ରହ । ଦେବୀ ଅଷ୍ଟଭୂଜା ବିଶିଷ୍ଟା ଦୁର୍ଗା ।

ମା’ ନାରାୟଣୀ ଠାକୁରାଣୀ ।

ଦୁର୍ଗାପୂଜା ସମୟରେ ମହାସପ୍ତମୀଠାରୁ ମହାନବମୀ ପର୍ଯ୍ୟନ୍ତ ଦେବୀ ପର୍ବରେ ବସନ୍ତି । ଏହି ସମୟରେ ଠାକୁରାଣୀଙ୍କୁ ନାନା ଅଳଙ୍କାରରେ ବିଭୂଷିତ କରାଯାଏ ।

Digitized by PPRACHIN, SOA

ନୟାଗଡ଼ ରାଜବାଟୀ ସନ୍ନିକଟ ମନ୍ଦିର

ବେଲେଶ୍ୱର ମହାଦେବ : ନୟାଗଡ଼ର ପୁରୁଣା ରାଜବାଟୀ ନିକଟରେ ଦୁର୍ଗାଦେବୀଙ୍କ ମନ୍ଦିରକୁ ଲାଗି ବେଲେଶ୍ୱର ମହାଦେବଙ୍କ ମନ୍ଦିର ବିଦ୍ୟମାନ। କିମ୍ବଦନ୍ତୀ ଅନୁସାରେ ନୟାଗଡ଼ର ନବମ ରାଜା ବାଘା ସିଂହ ଯେତେବେଳେ ରଳବଗଡ଼ରୁ



ବେଲେଶ୍ୱର ମହାଦେବ ମନ୍ଦିର ।

ନୟାଗଡ଼କୁ ସ୍ଥାନାନ୍ତର ହେଲେ ସେହି ସମୟରେ ରାଜା ହରିପୁର ଗ୍ରାମର ଗୋଟିଏ ମାଳିବଂଶର ସୁନ୍ଦରୀ କନ୍ୟାକୁ ଆଣିଥିଲେ। ତାର ନାମ ହେଉଛି ବେଲ। ମାତ୍ର ଅଳ୍ପଦିନ ପରେ ଏହି ମାଳିକନ୍ୟା ବସନ୍ତ ରୋଗରେ ପଡି ମୃତ୍ୟୁବରଣ କରିଥିଲା। ଏହି ସମୟରେ ଜନୈକ ବ୍ରାହ୍ମଣଙ୍କ ମନ୍ତ୍ରପାଠଦ୍ୱାରା ପୁନର୍ବାର ଏହି କନ୍ୟାଟି ଜୀବନ୍ୟାସ ପାଇଥିଲା। ପୁନଶ୍ଚ ଏହି ମାଳିକନ୍ୟାର ଦେହରେ ବାଉରୀ ଠାକୁରାଣୀ ଆବିର୍ଭୂତା ହୋଇ କହିଥିଲେ ଯେ ସେ ରାଜାଙ୍କ ଉପରେ ସନ୍ତୁଷ୍ଟ ଏବଂ ନୟାଗଡ଼ ରାଜବଂଶକୁ ଆଦୌ ମହାମାରୀ ସ୍ପର୍ଶ କରିବନାହିଁ।

ରାଜବାଟୀ ସନ୍ନିକଟ ଯେଉଁ ସ୍ଥାନରେ ବେଲର ଶବ ସଂସ୍କାର କରାଯାଇଥିଲା ସେଠାରେ ରାଜା ବାଘାସିଂହ ଗୋଟିଏ ଶିବ ଲିଙ୍ଗ ସ୍ଥାପନ କରି ତାହାଙ୍କର ନାମ ବେଲେଶ୍ୱର ରଖିଥିଲେ। କିମ୍ବଦନ୍ତୀ ଯାହା ହେଉନା କାହିଁକି ବେଲେଶ୍ୱର ମହାଦେବ ରାଜା ବାଘା ସିଂହଙ୍କର ଉପାସ୍ୟ ଦେବ। ଅଦ୍ୟାବଧି ସେହି ସ୍ଥାନରେ ବେଲେଶ୍ୱର ମହାଦେବ ପୂଜା ପାଉଛନ୍ତି। ଦୁର୍ଗାଦେବୀ, ବାଉରୀ ଠାକୁରାଣୀଙ୍କ ମନ୍ଦିର ପରି ବେଲେଶ୍ୱର ମହାଦେବଙ୍କ ମନ୍ଦିର ମଧ୍ୟ ଟିଣର ଛାତ ସଂଲଗ୍ନ ଗୋଟିଏ ପକ୍‌କା ଗୃହ।

ଦୁର୍ଗାଦେବୀ ଠାକୁରାଣୀ: ପୁରୁଣା ରାଜବାଟୀ ନିକଟରେ ଦୁର୍ଗାଦେବୀ ଠାକୁରାଣୀଙ୍କ ମନ୍ଦିର ଅବସ୍ଥିତ। ଯଦିଓ ବାଉରୀ ଠାକୁରାଣୀ ନୟାଗଡ଼ ରାଜବଂଶର

Digitized by PPRACHIN, SOA

ଇଷ୍ଟଦେବୀ, ତେବେ ଦୁର୍ଗାଦେବୀ ହେଉଛନ୍ତି ତାଙ୍କ ରାଜଭବନର ଦେବୀ । ରୌପ୍ୟ ନିର୍ମିତ ଦୁର୍ଗାଦେବୀଙ୍କୁ ଚନ୍ଦ୍ରମଣି ସିଂହ ଓ ସୂର୍ଯ୍ୟମଣି ସିଂହ ରେବାରୁ ସାଥିରେ ଧରି ଆଣିଥିଲେ । ରଳବଗଡ଼ ଠାରେ ଏକ ଚାଳଘରେ ଦେବୀ ପୂଜା ପାଉଥିଲେ । ନୟାଗଡ଼ର ରୁକ୍ଷି ପାହାଡ଼ ପାଦଦେଶରେ ରାଜବାଟୀ ନିର୍ମିତ ହୋଇସାରିଲା ପରେ ନୟାଗଡ଼ର ରାଜା ତାଙ୍କ କୁଳଦେବୀ ଦୁର୍ଗାଦେବୀଙ୍କୁ ରାଜବାଟୀ ସନ୍ନିକଟ ପୁଷ୍କରିଣୀ କୂଳରେ ସ୍ଥାପନା କରି ପୂଜାର୍ଚ୍ଚନା କରୁଥିଲେ । ଦୁର୍ଭାଗ୍ୟବଶତଃ ରୌପ୍ୟ ଦୁର୍ଗା ମୂର୍ତ୍ତି ଚୋରି ହୋଇଯାଇଛନ୍ତି । ବର୍ତ୍ତମାନ ସେଠାରେ ଏକ ପିତ୍ତଳ ଦୁର୍ଗାମୂର୍ତ୍ତି ପୂଜା ପାଉଛନ୍ତି । ମାତ୍ର ଦୁର୍ଗା ଦେବୀଙ୍କର ପୁରାତନ ଆସ୍ଥାନ ପୂର୍ବବତ୍ ରହିଛି । ଦେବୀଙ୍କର ପ୍ରସ୍ତର ଆସ୍ଥାନର ଦୈର୍ଘ୍ୟ ଓ ପ୍ରସ୍ଥ ୪ ଫୁଟ ଲେଖାଏଁ ଏବଂ ଉଚ୍ଚତା ୬ ଫୁଟ । ଦେବୀଙ୍କ ପାର୍ଶ୍ୱରେ ସାଇତାହୋଇ ରହିଛନ୍ତି ଖଡ୍‌ଗ, ବର୍ଚ୍ଛା, ଅଙ୍କୁଶ ପ୍ରଭୃତି ଅସ୍ତ୍ରଶସ୍ତ୍ର । ପାର୍ଶ୍ୱରେ ରହିଛନ୍ତି ଏକ ଶକ୍ତିସଂଯୁକ୍ତ ଶିବଲିଙ୍ଗ । ଗୋଟିଏ ପୀଢ଼ ଉପରେ ଦୁର୍ଗାଦେବୀଙ୍କ ମନ୍ଦିର ବିଦ୍ୟମାନ । ୨୦ଗୋଟି ବିଶାଳକାୟ ପ୍ରସ୍ତର ଖମ୍ବ ଉପରେ କାଠଭରା ଟିଣ ଛାତକୁ ଧରି ରଖିଛନ୍ତି । ପ୍ରାୟ ଛ'ଶହ ବର୍ଷରୁ ଊର୍ଦ୍ଧ୍ୱ ଏହି ଦୁର୍ଗାଦେବୀଙ୍କ ଆସ୍ଥାନ ଅଦ୍ୟାବଧି ନିଖୁଣ ଭାବରେ ବିରାଜିତ ।

ରାଧାମୋହନ ମନ୍ଦିର: ନୟାଗଡ଼ ପୁରୁଣା ରାଜବାଟୀ ପ୍ରାଚୀରକୁ ଲାଗି ରାଧାମୋହନ ଜୀଉଙ୍କ ମନ୍ଦିର ଅବସ୍ଥିତ । ନୟାଗଡ଼ର ରାଜା ବିନାୟକ ସିଂହ ମାନଧାତା ଏହି ମନ୍ଦିର ନିର୍ମାଣ କରିଥିଲେ । ଏହି ମନ୍ଦିରରେ ରହିଛି ଦେଉଳ, ଜଗମୋହନ ଓ ନାଟମନ୍ଦିର । ମନ୍ଦିର କାନ୍ଥରେ ଶ୍ରୀକୃଷ୍ଣଙ୍କର ବିବିଧ ଲୀଳା ଚିତ୍ରିତ । ମନ୍ଦିରଟି ବଉଳମାଳ ପଥରରେ ନିର୍ମିତ । ମନ୍ଦିରର କଳେବର ବର୍ତ୍ତମାନ ଜୀର୍ଣ୍ଣଶୀର୍ଣ୍ଣ । ମନ୍ଦିର ବେଢ଼ାଭିତରେ ଏକ ପ୍ରାଚୀନ କୂପ ରହିଛି । ଏହି କୂପଟି ମଧ୍ୟ ରାଜା ବିନାୟକ ସିଂହଙ୍କ ରାଜତ୍ୱ କାଳରେ ପ୍ରତିଷ୍ଠା କରାଯାଇଥିଲା ।

ରାଧାନାଥ ମନ୍ଦିର : ରାଜା ବିନାୟକ ସିଂହଙ୍କ ଦ୍ୱାରା ରାଧାନାଥଙ୍କ ବିଗ୍ରହ ସ୍ଥାପିତ ହୋଇଥିଲେ । ଗଡ଼ ତଳକୁ ରାଧାନାଥଙ୍କ ମନ୍ଦିର ।

ଗୋକୁଳେଶ୍ୱର ମହାଦେବ : ରାଧାନାଥ ମନ୍ଦିର ଠାରୁ ଆଉ ଟିକିଏ ତଳକୁ ଗଲେ ରାଜପରିବାରର ଶ୍ମଶାନ ପଡ଼େ । ସେଠାରେ ଗୋକୁଳେଶ୍ୱର ମହାଦେବଙ୍କ ଆସ୍ଥାନ । ନୟାଗଡ଼ର ରାଜା ଗୋକୁଳ ସିଂହ ମାନଧାତାଙ୍କର ମୃତ୍ୟୁପରେ ତାଙ୍କର ପୁତ୍ର ଗଦାଧର ସିଂହ ମାନଧାତା ପିତା ଗୋକୁଳେଶ୍ୱରଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ସମାଧିଠାରେ ଏକ ଶିବଲିଙ୍ଗ ସ୍ଥାପନା କଲେ ଏବଂ ତାଙ୍କୁ ଗୋକୁଳେଶ୍ୱର ନାମରେ ପୂଜାର୍ଚ୍ଚନା କଲେ । କାଳକ୍ରମେ ମନ୍ଦିରଟି ଭାଙ୍ଗି ଯିବାରୁ ଗୋକୁଳେଶ୍ୱର ଶିବଲିଙ୍ଗ ପୋଲିସ୍ ଟ୍ରେନିଂ ସ୍କୁଲ ପାଖରେ ଏକ ମନ୍ଦିରରେ ପୂଜା ପାଉଛନ୍ତି ।

Digitized by PPRACHIN, SOA

ବିଶ୍ୱନାଥ ଦେବ ମନ୍ଦିର : ନୟାଗଡ଼ କରଣ ସାହିରେ ଥିବା ବଡ଼ମଠ ନିକଟରେ ବିଶ୍ୱନାଥ ମହାଦେବଙ୍କ ମନ୍ଦିର ବିଦ୍ୟମାନ। ଏହି ମନ୍ଦିରଟି ନୟାଗଡ଼ ରାଜାଙ୍କର କୀର୍ତ୍ତି। ୩୯ ଫୁଟ ଦୈର୍ଘ୍ୟ ଏବଂ ୧୭ ଫୁଟ ପ୍ରସ୍ଥ ବିଶିଷ୍ଟ ଏକ ପିଣ୍ଡି ଉପରେ ବିଶ୍ୱନାଥ ମହାଦେବଙ୍କ ମନ୍ଦିର ବିଦ୍ୟମାନ।

ବ୍ରାହ୍ମଣୀଦେବୀ ମନ୍ଦିର : ବିଶ୍ୱନାଥ ଦେବଙ୍କ ମନ୍ଦିର ନିକଟରେ ବ୍ରାହ୍ମଣୀ ଦେବୀଙ୍କ ମନ୍ଦିର ରହିଛି। ଶୁଣାଯାଏ ବଡ଼ମଠର ମହନ୍ତ ମଙ୍ଗୁଳି ଚରଣ ଦାସ ଜଣେ ବିଶିଷ୍ଟ ତାନ୍ତ୍ରିକ ଥିଲେ। ସେ ତନ୍ତ୍ର ସାଧନା ନିମନ୍ତେ ବ୍ରାହ୍ମଣୀ ଦେବୀଙ୍କୁ ଏଠାରେ ପ୍ରତିଷ୍ଠା କରିଥିଲେ। ବ୍ରାହ୍ମଣୀ ଦେବୀ କଳା ମୁଗୁନି ପ୍ରସ୍ତରରେ ନିର୍ମିତ।

ରାମେଶ୍ୱର ମନ୍ଦିର : ନୟାଗଡ଼ ସହରର ମଧ୍ୟଭାଗରେ ରୁକ୍ଷି ପାହାଡ଼ ପାଦଦେଶରେ ରାମେଶ୍ୱର ମହାଦେବଙ୍କ ମନ୍ଦିର ଅବସ୍ଥିତ। ରାମେଶ୍ୱର ମନ୍ଦିରର ଦୈର୍ଘ୍ୟ ୧୪ ଫୁଟ ଓ ପ୍ରସ୍ଥ ମଧ୍ୟ ୧୪ ଫୁଟ। ଜଗମୋହନର ଲମ୍ବ ୧୮ ଫୁଟ ଓ ପ୍ରସ୍ଥ ୧୪ ଫୁଟ। ଦେଉଳଟିର ଉଚ୍ଚତା ପ୍ରାୟ ୨୦ ଫୁଟ। ଏହି ମନ୍ଦିରର ପାର୍ଶ୍ୱଦେବତା ରୂପେ ରହିଛନ୍ତି ନୃତ୍ୟରତ ଗଣେଶ, ତ୍ରିଶୂଳ ଡମ୍ବରୁଧାରୀ କାର୍ତ୍ତିକେୟ, ଏବଂ ଦେବୀ ପାର୍ବତୀ। ରାମେଶ୍ୱର ମହାଦେବଙ୍କୁ ନୟାଗଡ଼ର ୨୪ତମ ରାଜା ରଘୁନାଥ ସିଂହ ମାନଧାତା ପ୍ରତିଷ୍ଠା କରିଥିଲେ।



ଶ୍ରୀ ଗୋପୀନାଥ ମନ୍ଦିର।

ଗୋପୀନାଥ ମନ୍ଦିର : ନୟାଗଡ଼ ପୁରୁଣା ସହର ଠାରେ

Digitized by PPRACHIN, SOA

ମା' ଦକ୍ଷିଣକାଳୀଙ୍କ ମନ୍ଦିର ନିକଟରେ ଏବଂ ମୁଖ୍ୟରାସ୍ତା ପାର୍ଶ୍ୱରେ ଗୋପୀନାଥଜୀଉଙ୍କ ମନ୍ଦିର ବିଦ୍ୟମାନ । ଏହି ମନ୍ଦିରରେ ଦେଉଳ, ଜଗମୋହନ ଓ ମୁଖଶାଳା ରହିଛି । ମନ୍ଦିରଟି ୫୮ ଫୁଟ ଦୈର୍ଘ୍ୟ, ୨୮ ଫୁଟ ପ୍ରସ୍ଥ ଏବଂ ୬ ଫୁଟ ଉଚ୍ଚତା ବିଶିଷ୍ଟ ଏକ ପିଣ୍ଡି ଉପରେ ଅବସ୍ଥିତ । ଗୋପୀନାଥ ମନ୍ଦିରର ନିର୍ମାତା ହେଉଛନ୍ତି ନୟାଗଡ଼ର ଊନବିଂଶତମ ରାଜା ମୃତ୍ୟୁଞ୍ଜୟ ସିଂହ ମାନଧାତା (ଖ୍ରୀ.୧୭୫୫-୧୭୮୮)। ମନ୍ଦିରରେ ଶ୍ରୀକୃଷ୍ଣ, ଶ୍ରୀରାଧା, ରୁକ୍ମିଣୀ, ଓ ଲଳିତାଙ୍କର କମନୀୟ ଦାରୁ ବିଗ୍ରହ ରହିଛି । କବି ଯଦୁମଣି ମହାପାତ୍ରଙ୍କର ପିତା ମୁକୁନ୍ଦ ମହାପାତ୍ର ଏହି ଦାରୁବିଗ୍ରହ ଗୁଡିକୁ ନିର୍ମାଣ କରିଥିଲେ ।

ଶୂଳିଆ ଓ କାଠି ଠାକୁରାଣୀ: ଶୂଳିଆ ଏବଂ କାଠି ଠାକୁରାଣୀଙ୍କ ଆସ୍ଥାନ ଉଭୟ ଉପଜିଲ୍ଲାପାଳଙ୍କ ବାସଗୃହର ପଛ ପାର୍ଶ୍ୱରେ ଅବସ୍ଥିତ । ଶୂଳିଆ ମୂଳତଃ ଆଦିବାସୀ ପୂଜିତା ଦେବୀ । ସେ କାଠି ଠାକୁରାଣୀଙ୍କ ସହ ଦଶହରା ସମୟରେ ନିମନ୍ତ୍ରିତ ହୋଇ ରାଜବାଟୀକୁ ଯାଆନ୍ତି ଏବଂ ପୁଣି ଦୁର୍ଗାଦେବୀଙ୍କ ସହ ପ୍ରତ୍ୟାବର୍ତ୍ତନ କରନ୍ତି ।

ସ୍ୱପ୍ନେଶ୍ୱର ମହାଦେବ : ଏ ହେଉଛନ୍ତି ରାଜ ପ୍ରତିଷ୍ଠିତ ଦେବତା । ସାଗର ପୋଖରୀ ହୁଡ଼ାରେ ଶୂଳିଆ ଠାକୁରାଣୀଙ୍କ ନିକଟରେ ସ୍ୱପ୍ନେଶ୍ୱର ମନ୍ଦିର ବିଦ୍ୟମାନ । ଏହି ମନ୍ଦିରଟି ଏକ ଗୃହ ସଦୃଶ । ଏହାକୁ ନିର୍ମାଣ କରିଥିଲେ ରାଜା ମୃତ୍ୟୁଞ୍ଜୟ ସିଂହ ମାନଧାତା । ପାର୍ଶ୍ୱଦେବତା ରୂପେ ନୃତ୍ୟରତ ଷଡ଼ଭୁଜା ଶ୍ରୀଗଣେଶଙ୍କ ବିଗ୍ରହ ରହିଛନ୍ତି । ଏହି ଶିବଙ୍କୁ ରଗଡ଼ି ମହାଦେବ କୁହାଯାଏ ।

ରଘୁନାଥ ମନ୍ଦିର : ମାଉସୀମା ମନ୍ଦିର ବେଢ଼ା ମଧ୍ୟରେ ରଘୁନାଥଙ୍କ ମନ୍ଦିର ଅବସ୍ଥିତ । ଏହା ଏକ ଅସମ୍ପୂର୍ଣ୍ଣ ଇଟା ମନ୍ଦିର । ଦେଉଳର ଭୂମି ୧୮ x ୧୮ ଫୁଟ । ଜଗମୋନର ଦୈର୍ଘ୍ୟ ୨୦ x ୨୦ ଫୁଟ । ଦେଉଳ ମଧ୍ୟରେ ରାମ, ଲକ୍ଷ୍ମଣ, ସୀତାଙ୍କର ଦାରୁ ବିଗ୍ରହ ଅବସ୍ଥାପିତ । ମନ୍ଦିର ପରିସରରେ ଏକ ପ୍ରାଚୀନ ମଠର ଭଗ୍ନାବଶେଷ ଦେଖିବାକୁ ମିଳେ ।

ରାମଚଣ୍ଡୀ ମନ୍ଦିର : ନୟାଗଡ଼ ରାମଚଣ୍ଡୀ ଏକ ତନ୍ତ୍ର ଦେବୀ ଓ ତାଙ୍କ ପୀଠ ଏକ ତନ୍ତ୍ର ପୀଠ । ତାନ୍ତ୍ରିକ ବିଧାର ସାମନ୍ତଙ୍କ ଗୁରୁ ଜଣେ ମହାନ ତନ୍ତ୍ରସାଧକ ଥିଲେ । ସେ ଗୋପୀନାଥ ଜୀଉଙ୍କ ମନ୍ଦିର ପରିସରରେ ଅବସ୍ଥାନ କରୁଥିଲେ ଏବଂ ନୟାଗଡ଼ର ଅଧିଷ୍ଠାତ୍ରୀ ଦେବୀ ରାମଚଣ୍ଡୀଙ୍କୁ ମନ୍ତ୍ର ଦ୍ୱାରା ବଶୀଭୂତ କରିଥିଲେ । କିନ୍ତୁ ଦେବୀଙ୍କ ଠାରୁ ବର ପାଇବାରୁ ବିଳମ୍ୱ ହେବାରୁ ସନ୍ନ୍ୟାସୀ କ୍ରୋଧାନ୍ୱିତ ହୋଇ ରାମଚଣ୍ଡୀଙ୍କ ପାଷାଣ ବିଗ୍ରହକୁ ସ୍ନାନ ତୁଠରେ ଘଷା ପଥର କରିଦେଲେ । ସାଧକ ସନ୍ୟାସୀ ବିଧାର ସାମନ୍ତଙ୍କ ଉପରେ ସନ୍ତୁଷ୍ଟ ଥିଲେ । ଦିନେ କୌଣସି କାରଣ ବଶତଃ ସାଧକ କହିଉଠିଲେ, ବିଧାର, ମୁଁ ଏ ସ୍ଥାନ ପରିତ୍ୟାଗ କରି ଚାଲିଯିବି । କି ବର ମାଗୁଛୁ ମାଗ । ବିଧାର

Digitized by PPRACHIN, SOA

ସାମନ୍ତ ରାମଚଣ୍ଡୀଙ୍କର ବିଗ୍ରହ ଫେରାଇ ଦେବାକୁ ବର ମାଗିଥିଲେ । ସାଧକ ରାମଚଣ୍ଡୀଙ୍କୁ ବନ୍ଧନ ମୁକ୍ତକରି ବିଧାର ସାମନ୍ତଙ୍କୁ ପ୍ରଦାନ କରିଥିଲେ । ରାମଚଣ୍ଡୀ ପ୍ରତ୍ୟକ୍ଷ ଦେବୀ । ରାମଚଣ୍ଡୀଙ୍କ ମନ୍ଦିର ଏକ କ୍ଷୁଦ୍ର ମନ୍ଦିର । ଲମ୍ବ ୭ ଫୁଟ ୪ ଇଞ୍ଚ ଓ ପ୍ରସ୍ଥ ୭ ଫୁଟ ୪ ଇଞ୍ଚ । ଉଚ୍ଚତା ୧୫ ଫୁଟ । ନୟାଗଡ଼ର ଏହା ସବୁଠାରୁ କ୍ଷୁଦ୍ର ମନ୍ଦିର ।

ମହିମାମେରୁ ଦେବ : ନୂଆ ରାଜବାଟୀ ପରିସର ଭିତରେ ଉତ୍ତର-ପୂର୍ବ କୋଣରେ ମହିମା ମେରୁ ମହାଦେବଙ୍କ ଆସ୍ଥାନ । ତାଙ୍କର କୌଣସି ସ୍ୱତନ୍ତ୍ର ମନ୍ଦିର ନ ଥିଲା । ସେ ରାଜବାଟୀର ଏକ କୋଠରୀରେ ପୂଜା ପାଉଥିଲେ । ଠାକୁର ବର୍ତ୍ତମାନ ନୂତନ ନିର୍ମିତ ମନ୍ଦିରରେ ବିରାଜିତ ।

ଗୁଣ୍ଡିଚା ମନ୍ଦିର : ନୟାଗଡ଼ର ବିଂଶତମ ରାଜା ବିନାୟକ ସିଂହ ମାନଧାତା ଗୁଣ୍ଡିଚାମନ୍ଦିର ନିର୍ମାଣ କରାଇଥିଲେ ।

ଖଣ୍ଡପଡ଼ା ପଦ୍ମାବତୀ ନିକଟସ୍ଥ ମହାନଦୀ ଗର୍ଭରୁ ଆବିଷ୍କୃତ ପ୍ରାଚୀନ ମନ୍ଦିର : ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଅନ୍ତର୍ଗତ ପଦ୍ମାବତୀ ନିକଟରେ ପ୍ରବାହିତ ମହାନଦୀର ଗର୍ଭରୁ ବାଲିରେ ଅଧା ପୋତି ହୋଇପଡ଼ିଥିବା ଏବଂ ଅବଶିଷ୍ଟାଂଶ ନଦୀ ପାରିରେ ବୁଡ଼ି ରହିଥିବା ଗୋଟିଏ ମନ୍ଦିର ଆବିଷ୍କୃତ ହୋଇଛି । ମନ୍ଦିରର ଅଁଳାବେଢ଼ା ପାଣିଧାର ମଧ୍ୟରେ ଦୃଶ୍ୟମାନ ହେଉଛି ମନ୍ଦିରର ଉପରି ଭାଗର ପ୍ରାୟ ୨୦ ଫୁଟ ପାଣି ଧାର ମଧ୍ୟରେ ରହିଛି । ନିମ୍ନାଂଶ ବାଲିରେ ପୋତି ହୋଇଯାଇଛି । ଏହାକୁ ମୁଖ୍ୟ ମନ୍ଦିର କୁହାଯାଉଛି । ଏହି ମନ୍ଦିରଟି ୫୦୦/୬୦୦ ବର୍ଷର ପୁରୁଣା ବୋଲି ମତ ପାଇଛି । ଏହା ଗୋପୀନାଥ ଦେବଙ୍କର ମନ୍ଦିର ବୋଲି ପୁରୁଣା ଲୋକମାନେ କହିଥାନ୍ତି । ତେବେ ୧୯୦୦ ମସିହା ବେଳକୁ ଏଠାରେ ଗୋଟାଏ ଗାଁ ଥିଲା ଏବଂ ଗାଁର ନାମ ବାରେହୀ ଥିଲା । କାଳକ୍ରମେ ମହାନଦୀରେ ପ୍ରତିବର୍ଷ ବାରମ୍ବାର ବନ୍ୟା ଆସିବାରୁ ବାରେହୀ ଗ୍ରାମଟି ନଦୀ ଗର୍ଭରେ ଲୀନ ହୋଇଗଲା । ଏହି ଗ୍ରାମର ଲୋକମାନେ ଉଚ୍ଚସ୍ଥାନକୁ ଚାଲିଆସି ନୂତନ ଗ୍ରାମ ସ୍ଥାପନ କରିଥିଲେ । ଏହି ବାରେହୀ ଗ୍ରାମରୁ କାଳକ୍ରମେ ସାତଗୋଟି ଗ୍ରାମ ପରିଣତ ହୋଇଥିବା କଥା ପୁରୁଣା ଲୋକମାନେ କହିଥାନ୍ତି ।


ସିଦ୍ଧେଶ୍ୱର ମହାଦେବ, କଣ୍ଟିଲୋ

ସିଦ୍ଧେଶ୍ୱର ମହାଦେବ ମନ୍ଦିର, କଣ୍ଟିଲୋ : ଶ୍ରୀ ନୀଳମାଧବଙ୍କ ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ସିଦ୍ଧେଶ୍ୱର ମନ୍ଦିର ବିଦ୍ୟମାନ । ଏଠାରେ ଶିବଲିଙ୍ଗଙ୍କ ନିକଟରେ ଏକ ବୈଚିତ୍ର୍ୟ ପରିଲକ୍ଷିତ ହୁଏ । ସୂର୍ଯ୍ୟଦେବଙ୍କର ଉତ୍ତରାୟଣ ଗତି ସମୟରେ

Digitized by PPRACHIN, SOA

ବାଲୁଗାଁରୁ ମାଟିତଳୁ ପ୍ରାପ୍ତ କମନୀୟ ବିଷ୍ଣୁ ମୂର୍ତ୍ତି ।

ଶିବଲିଙ୍ଗ ଦକ୍ଷିଣକୁ ଢଳିଥାନ୍ତି । ସେହିପରି ସୂର୍ଯ୍ୟଦେବଙ୍କର ଦକ୍ଷିଣାୟନ ଗତି ସମୟରେ ଶିବଲିଙ୍ଗ ଉତ୍ତର ଦିଗକୁ ଢଳିଥାନ୍ତି । ଏହି ଶିବଲିଙ୍ଗଙ୍କଠାରେ ଯେତେ ଅଧିକ ପରିମାଣରେ ଜଳାଭିଷେକ କଲେ, ଜଳ ମୁହୂର୍ତ୍ତକ ମଧ୍ୟରେ ପାତାଳଗାମୀ ହୋଇଥାଏ ।

ବାଲୁଗାଁରୁ ମାଟିତଳୁ ପ୍ରାପ୍ତ କମନୀୟ ବିଷ୍ଣୁ ମୂର୍ତ୍ତି : ନୟାଗଡ଼ ଟାଉନ୍ ଠାରୁ ଛଅ କିଲୋମିଟର ଦୂରତାରେ ବାଲୁଗାଁ ଅବସ୍ଥିତ । ପୂର୍ବେ ଏହା ଗୋଟିଏ ଗଡ଼ ଥିଲା । ୧୯୫୪ ମସିହାରେ ବାଲୁଗାଁ ଠାରେ ଘର ନିର୍ମାଣ ପାଇଁ ନିଅଁ ଖୋଳିବା ସମୟରେ ମାଟିତଳୁ ଗୋଟିଏ କଳାମୁଗୁନି ପଥରରେ ନିର୍ମିତ ବିଷ୍ଣୁ ମୂର୍ତ୍ତି ମିଳିଥିଲା । ଏହି ବିଷ୍ଣୁ ବିଗ୍ରହର ଉଚ୍ଚତା ଦଶଫୁଟ ଏବଂ ଏହା ଏକ କମନୀୟ ଚତୁର୍ଭୁଜ ବିଶିଷ୍ଟ ମୂର୍ତ୍ତି । ବର୍ତ୍ତମାନ ଏହି ଦୁର୍ଲଭ ବିଷ୍ଣୁ ମୂର୍ତ୍ତି ବାଲୁଗାଁ ଚଣ୍ଡୀ ପୋଖରୀର ଉତ୍ତର-ପୂର୍ବ କୋଣରେ ସ୍ଥାପିତ ହୋଇ ପୂଜାପାଉଛନ୍ତି ।

□■□

Digitized by PPRACHIN, SOA

ଷୋଡ଼ଶ ପରିଚ୍ଛେଦ

ନୟାଗଡ଼ର ନାଟ୍ୟ ପରମ୍ପରା

Digitized by PPRACHIN, SOA

ରଙ୍ଗମଞ୍ଚରେ ଅଭିନୟ ଉପଯୋଗୀ ମାନବ ଜୀବନର ପ୍ରତିଚ୍ଛବିପୂର୍ଣ୍ଣ ରଚନାକୁ ନାଟକ କୁହାଯାଏ । ନାଟକ ଏକ ଜୀବନ୍ତ କଳା । ଏହା ସାହିତ୍ୟର ଏକ ମନୋରମ ବିଭାଗ । ନାଟକ କେବଳ ପାଠ୍ୟ ନୁହେଁ, ଏହା ମଧ୍ୟ ଦୃଶ୍ୟ । ତେଣୁ ନାଟକକୁ 'ଦୃଶ୍ୟକାବ୍ୟ' କୁହାଯାଏ । ସଂସ୍କୃତରେ କୁହାଯାଇଛି- ''କାବ୍ୟେଷୁ ନାଟକଂ ରମ୍ୟମ୍' । ଏହାକୁ ମଧ୍ୟ ପଞ୍ଚମ ବେଦ ଭାବରେ ଅଭିହିତ କରାଯାଇଛି । ମହାକବି କାଳିଦାସ କହନ୍ତି- 'ପ୍ରୟୋଗ ପ୍ରଧାନଭିଃ ନାଟ୍ୟଶାସ୍ତ୍ରମ୍ ।' ସୁତରାଂ ନାଟକ ହେଉଛି ପ୍ରୟୋଗ ପ୍ରଧାନ । ନାଟକର ପ୍ରୟୋଗ କ୍ଷେତ୍ର ହେଉଛି ରଙ୍ଗମଞ୍ଚ । ନାଟକର ସଫଳତା କିମ୍ବା ବିଫଳତା ରଙ୍ଗମଞ୍ଚରେ ହିଁ ନିର୍ଣ୍ଣିତ ହୋଇଥାଏ । ନାଟକ ସମ୍ପର୍କରେ ଇଂରାଜୀରେ କୁହାଯାଇଛି- 'It is a literature that wallks and talks before our eyes.' ସେହିପରି ନାଟକ ସମ୍ପର୍କରେ Rickett କହନ୍ତି- 'Drama may be defined as an articulate story presented in action'. ନାଟକ ହେଉଛି ମିଶ୍ରକଳା, ଏହା ଗଣ ସାହିତ୍ୟ । ଏହା ସାହିତ୍ୟର ସବୁଠାରୁ ଚେତନଶୀଳ ବିଭାଗ ।

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ଓଡ଼ିଆ ନାଟକର ଉନ୍ମେଷ କାଳ ୧୮୭୭ ମସିହା ଜଗନ୍ମୋହନ ଲାଲଙ୍କର 'ବାବାଜୀ' ନାଟକର ଆତ୍ମପ୍ରକାଶ । ଏହାହିଁ ପ୍ରଥମ ଓଡ଼ିଆ ନାଟକ ଭାବରେ ନାଟ୍ୟ-ସମାଲୋଚକ ମାନଙ୍କ ଦ୍ୱାରା ସମର୍ଥିତ । ଏହା ପୂର୍ବରୁ ଓଡ଼ିଆ ଲୋକନାଟକର ଏକ ସୁଦୀର୍ଘ ପରମ୍ପରା ରହିଛି । ଲୋକନାଟକ ହିଁ ସାହିତ୍ୟିକ ନାଟକର ଭିତ୍ତିଭୂମି ଓ ପଥପ୍ରସ୍ତୁତକାର ସୋପାନ ରୂପେ ଗୃହୀତ । ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଆ ନାଟ୍ୟ ସର୍ଜନାର ପ୍ରେରଣାର ଉତ୍ସ ଥିଲା ମୁଖ୍ୟତଃ ସେକ୍ସପିୟରୀୟ ନାଟକ । ଏହି ସମୟରେ ପୁନାର ସାଙ୍ଗଲି ଥିଏଟର୍ସ ଓ ବମ୍ବେର ପର୍ସିଆନ୍ ଥିଏଟର୍ସ ଓଡ଼ିଶାର ବିଭିନ୍ନ ଗଡ଼ଜାତରେ ବୁଲି ବୁଲି ଦୃଶ୍ୟ ପରିବେଷଣ କରୁଥିଲେ । ୧୯୪୦ ମସିହା ବେଳକୁ ଓଡ଼ିଆ ନାଟକରେ ବାସ୍ତବବାଦୀ ନାଟ୍ୟଆନ୍ଦୋଳନର ଧାରା ଦେଖାଦେଲା । ଏହି ଧାରାର ପ୍ରବକ୍ତା ହେଉଛନ୍ତି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ । ୧୯୩୯

Digitized by PPRACHIN, SOA

ମସିହାରେ କାଳୀବାବୁଙ୍କ ଦ୍ୱାରା ଓଡ଼ିଶା ଥିଏଟର୍ସ ପ୍ରତିଷ୍ଠିତ ହେଲା । କାଳୀବାବୁଙ୍କ ନାଟକର ପରିଦୃଶ୍ୟମାନ୍ ବାସ୍ତବତାକୁ ମଞ୍ଚରେ ରୂପାୟନ କରାଗଲା ।

ଓଡ଼ିଆ ନାଟ୍ୟ ସାହିତ୍ୟ ପରିପ୍ରେକ୍ଷୀରେ କଳାତୀର୍ଥ ନୟାଗଡ଼ ଜିଲ୍ଲାର ନାଟ୍ୟ ପରମ୍ପରା ବିଚାରଯୋଗ୍ୟ । ନୟାଗଡ଼ ଜିଲ୍ଲାରେ ନାଟ୍ୟ ସାହିତ୍ୟ ଓ ମଞ୍ଚକଳାର ପ୍ରମୁଖ ବିକାଶ ଘଟିଛି । ନୟାଗଡ଼ ଜିଲ୍ଲାରେ ଓଡ଼ିଆ ନାଟ୍ୟ ପରମ୍ପରାର ଯେପରି ସମୁଜ୍ଜ୍ୱଳ ଐତିହ୍ୟ ରହିଛି, ସେହିପରି ମଧ୍ୟ ନିଖୁଣ ଭବିଷ୍ୟତ ରହିଛି । ଦଣ୍ଡନାଟ, ରାମଲୀଳା, କୃଷ୍ଣଲୀଳା, ଭାରତଲୀଳା (ଦ୍ୱାରୀ ନାଟକ), ପାଲା ଦାସକାଠି ପ୍ରଭୃତି ଲୋକନାଟ୍ୟ ଏହି ଜିଲ୍ଲାର ସାଂସ୍କୃତିକ ଜୀବନଧାରାର ଏକ ଅବିଚ୍ଛେଦ୍ୟ ଅଙ୍ଗ । ସାମ୍ପ୍ରତିକ ଯୁଗରେ ଆଧୁନିକ ନାଟକ ଓ ମଞ୍ଚକଳାର ବହୁଳ ପ୍ରସାର ସତ୍ତ୍ୱେ ଲୋକନାଟକର ମର୍ଯ୍ୟାଦା ଓ ଜନପ୍ରିୟତା ହ୍ରାସ ହୋଇନାହିଁ ।

ସାହିତ୍ୟିକ ନାଟକ ସର୍ଜନା ଓ ମଞ୍ଚାୟନ କ୍ଷେତ୍ରରେ ନୟାଗଡ଼ ଜିଲ୍ଲାର ଗୌରବପୂର୍ଣ୍ଣ ଭୂମିକା ସ୍ୱୀକାର୍ଯ୍ୟ । ଉଭୟ ପାରମ୍ପରିକ ଓ ନବନାଟ୍ୟ ଆନ୍ଦୋଳନ ଧାରା ସହିତ ସାମିଲ ହୋଇ ଏହି ଜିଲ୍ଲାର ନାଟ୍ୟକାରମାନେ ଓଡ଼ିଆ ନାଟ୍ୟଭାରତୀକୁ ଋଦ୍ଧିମନ୍ତ କରିଛନ୍ତି । ନୟାଗଡ଼ ଟାଉନ୍ ନାଟକ ମଞ୍ଚାୟନର ଏକ ଉତ୍କୃଷ୍ଟ କ୍ଷେତ୍ର । ନୟାଗଡ଼ ଟାଉନ୍ ତଥା ଏହି ଜିଲ୍ଲାର ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ଅନେକ ସ୍ଥାୟୀ ଓ ଅସ୍ଥାୟୀ ରଙ୍ଗମଞ୍ଚ ସହିତ ବହୁ ଡ୍ରାମାଟିକ୍ କ୍ଲବର ପ୍ରତିଷ୍ଠା ସତରେ ନାଟ୍ୟକାରମାନଙ୍କୁ ନାଟକ ରଚନା ପାଇଁ ପ୍ରେରଣା ଯୋଗାଇ ଆସିଛି । ଓଡ଼ିଶାରେ ଏବେ ନାଟକ ରଙ୍ଗମଞ୍ଚର ଦୁର୍ଦ୍ଦିନ । ତଥାପି ନାଟକ ବଞ୍ଚିବ ଏବଂ ପଞ୍ଚମବେଦ ପରି ଏହା ମାନବର ବନ୍ଦନା ଗାନ କରିବ । ନୟାଗଡ଼ବାସୀଏ ଏହି ମହତୀ ଚିନ୍ତାଧାରାରେ ବିଶ୍ୱାସୀ ନିଶ୍ଚୟ । ନୟାଗଡ଼ର ନାଟ୍ୟ ପରମ୍ପରାକୁ ଆଲୋଚନାର ସୁବିଧା ଦୃଷ୍ଟିରୁ ତିନିଗୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ । ଯଥା:-

(କ) ସ୍ୱାଧୀନତା ପୂର୍ବବର୍ତ୍ତୀ ନାଟ୍ୟପରମ୍ପରା (୧୯୪୭ ମସିହା ପର୍ଯ୍ୟନ୍ତ)
(ଖ) ସ୍ୱାଧୀନତା ପରବର୍ତ୍ତୀ ନାଟ୍ୟପରମ୍ପରା (୧୯୪୭ ମସିହା ପରବର୍ତ୍ତୀ)
(ଗ) ସମକାଳୀନ ନାଟ୍ୟପରମ୍ପରା (୧୯୮୦ ମସିହା ପରବର୍ତ୍ତୀ)

(କ) ସ୍ୱାଧୀନତା ପୂର୍ବବର୍ତ୍ତୀ ନାଟ୍ୟପରମ୍ପରା (୧୯୪୭ ମସିହା ପର୍ଯ୍ୟନ୍ତ):

ସ୍ୱାଧୀନତା ପ୍ରାପ୍ତିର ପୂର୍ବରୁ ନୟାଗଡ଼ ଗୋଟିଏ ଗଡ଼ଜାତ ରୂପେ ବିବେଚିତ ହେଉଥିଲା । ଇଂରେଜ ସରକାରଙ୍କ ଅଧୀନରେ ଏହା ଏକ କରଦରାଜ୍ୟ ଥିଲା । ସେହିପରି ରଣପୁର, ଦଶପଲ୍ଲା ଓ ଖଣ୍ଡପଡ଼ା ରାଜ୍ୟ ମଧ୍ୟ ଗଡ଼ଜାତ ରୂପେ ବିବେଚିତ ହେଉଥିଲେ । ଏହି ଗଡ଼ଜାତ ଗୁଡ଼ିକରେ ସାହିତ୍ୟିକ ନାଟକର ଅଭିନୟ ପୂର୍ବରୁ ଲୋକନାଟକ ପ୍ରଚଳିତ ଥିଲା । ଏହିସବୁ ଅଞ୍ଚଳରେ ଲୋକମାନଙ୍କର ଲୋକନାଟ୍ୟ ପ୍ରତି ଅତୁଟ ଆଗ୍ରହ ରହିଥିଲା ।

Digitized by PPRACHIN, SOA

ଏଠାରେ ପ୍ରଚଳିତ ଲୋକନାଟକ ମଧ୍ୟରେ ଦଣ୍ଡନାଟ, ପାଲା, ଦାସକାଠି, ଲୀଳା, (ରାମଲୀଳା, କୃଷ୍ଣଲୀଳା ଓ ଭାତରଲୀଳା), ରାସ, ଘୁଡୁକୀ ପ୍ରଭୃତି ଉଲ୍ଲେଖଯୋଗ୍ୟ । ଏହିସବୁ ଲୋକନାଟକ ପରିବେଷଣ ପାଇଁ ମୁକ୍ତାକାଶ ରଙ୍ଗମଞ୍ଚ, ଚତୁର୍ମୁଖୀ ରଙ୍ଗମଞ୍ଚ ବ୍ୟବହୃତ ହେଉଥିଲା । ନୟାଗଡ଼ ଜିଲ୍ଲାରେ ଓଡ଼ିଆ ଲୋକନାଟକର ସମୃଦ୍ଧ ପରମ୍ପରା ପରିଲକ୍ଷିତ ହୁଏ । ଲୋକନାଟକ ସାହିତ୍ୟିକ ନାଟକଠାରୁ ପ୍ରାଚୀନତର । ସାହିତ୍ୟିକ ନାଟକର ଉନ୍ମେଷ ପୂର୍ବରୁ ଲୋକନାଟକ ଜନ୍ମ ନେଇଛି । ଲୋକନାଟକ ସାହିତ୍ୟିକ ନାଟକର ପୂର୍ବସୂରୀ, କିନ୍ତୁ ଏହା ଏବେ ମଧ୍ୟ ସାହିତ୍ୟିକ ନାଟକ ସହିତ ସମାନ୍ତରାଳ ଭାବରେ ଗତିକରିଛି । ଲୋକନାଟକରେ ଜନସାଧାରଣଙ୍କ ଆଶା, ଆକାଂକ୍ଷା, ରୀତିନୀତି, ଚାଲିଚଳଣି, ଧାରଣା ଓ ବିଶ୍ୱାସ ସବୁକିଛି ଏଥିରେ ପ୍ରତିବିମ୍ବିତ ହୋଇଥାଏ । ଲୋକନାଟକ ଧର୍ମୀୟ ଚେତାନ ସହିତ ନିବିଡ଼ ଭାବରେ ସମ୍ବନ୍ଧାନ୍ୱିତ । ବିଭିନ୍ନ ସମୟରେ ବିଭିନ୍ନ ଧର୍ମକୁ କେନ୍ଦ୍ରକରି ଲୋକନାଟକ ପ୍ରତିଷ୍ଠା ଲାଭ କରିଛି । ସୁତରାଂ ଧର୍ମୀୟ ଭାବନା ହିଁ ଲୋକନାଟକର ପ୍ରାଣସତ୍ତା । ନିମ୍ନରେ କେତେକ ଲୋକନାଟକ ସମ୍ପର୍କରେ ସଂକ୍ଷିପ୍ତ ଆଲୋଚନା କରାଯାଇଛି-

ଦଣ୍ଡନାଟ :

ଶିବପୂଜାକୁ କେନ୍ଦ୍ରକରି ଏହି ନାଟକ ଗଢ଼ି ଉଠିଛି । ସୁତରାଂ ଏହି ନାଟ ଜରିଆରେ ମହାଦେବ ଶିବଙ୍କର ଆରାଧନା କରାଯାଏ । ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳ ପରି ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା ଓ ରଣପୁର- ଏହି ଗଡ଼ଜାତ ଅଞ୍ଚଳରେ ଦଣ୍ଡନାଟ ବିଶେଷ ଭାବରେ ପ୍ରସାର ଲାଭ କରିଛି । ଦଣ୍ଡନାଟର ଉତ୍ପତ୍ତିକାଳ ଏ ପର୍ଯ୍ୟନ୍ତ ନିରୂପିତ ହୋଇପାରିନାହିଁ । ତେବେ ଏହାର ପ୍ରାଚୀନତ୍ୱ ସ୍ୱୀକାର୍ଯ୍ୟ । ଦଣ୍ଡନାଟର ନାମକରଣ ସମ୍ପର୍କରେ ଅନେକ ମତ ରହିଛି । ସେଥିମଧ୍ୟରୁ ଏଠାରେ ଗୋଟିଏ ମତକୁ ବିଚାରକୁ ନିଆଯାଇପାରେ । ଦଣ୍ଡନାଟରେ ଯେଉଁମାନେ ଅଂଶଗ୍ରହଣ କରନ୍ତି, ସେମାନଙ୍କୁ ଭୋକ୍ତା କୁହାଯାଏ । ଗ୍ରାମାଞ୍ଚଳରେ ଏମାନଙ୍କୁ 'ଭଗତା' କୁହାଯାଏ । ଏମାନଙ୍କ ସଂଖ୍ୟା ତେର । ଏମାନଙ୍କ ମଧ୍ୟରେ ଜଣେ 'ପାଟ ଭଗତା' ଥାଆନ୍ତି । ଏହି ଭଗତାମାନେ ଦଣ୍ଡପାଇଲା ପରି କଠୋର ଆରାଧନା ଏବଂ ସଂଯମ ଆଚରଣ କରି ନାଟ ମାଧ୍ୟମରେ ମହାଦେବ ଶିବଙ୍କର ମହିମା ପ୍ରଚାର କରୁଥିବାରୁ ଏହାକୁ ଦଣ୍ଡନାଟ କୁହାଯାଏ । ଦଣ୍ଡନାଟର ଚାରିଗୋଟି ପର୍ଯ୍ୟାୟ ରହିଛି; ସେଗୁଡ଼ିକ ହେଉଛି– ଧୂଳିଦଣ୍ଡ, ପାଣିଦଣ୍ଡ, ଅଗ୍ନିଦଣ୍ଡ ଓ ପାତ୍ରପାତ୍ରୀନାଚ ।

ଦଣ୍ଡନାଟ ଚୈତ୍ରମାସର ବିଷୁବସଂକ୍ରାନ୍ତି (ପଣାସଂକ୍ରାନ୍ତି)ର ୧୩ ଦିନ ଆଗରୁ ଆରମ୍ଭ ହୁଏ ଓ ପଣାସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । କେଉଁଠି କେଉଁଠି ମଧ୍ୟ ୨୧ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ । ଶେଷ ଦିନଟିକୁ ମେରୁ କୁହାଯାଏ ।

Digitized by PPRACHIN, SOA

ଦଣ୍ଡନାଟର ସବୁଠାରୁ ଲୋକପ୍ରିୟ ଓ ଆକର୍ଷଣୀୟ ବିଭାଗଟି ହେଉଛି ପାତ୍ରପାତ୍ରୀନାଚ । ନୟାଗଡ଼ ଅଞ୍ଚଳରେ ଏହା ଏତେ ଲୋକପ୍ରିୟ ଯେ ଲୋକମାନେ ସାରାରାତି ଉଜାଗର ରହି ଏଥିରେ ବାହାରୁଥିବା ପରଭା, ଶିବ-ପାର୍ବତୀ, ଚଢ଼େୟା-ଚଢ଼େୟାଣୀ, କେଳା-କେଳୁଣୀ, ଧୋବା-ଧୋବଣୀ, ଯୋଗୀ-ଯୋଗୀଆଣି, ବୀଣାକାର-କାରୁଆଣୀ, ଶବର-ଶବରୁଣୀ, ହାଡ଼ି-ହାଡ଼ିଆଣୀ, ପ୍ରଭୃତି ସୁଆଙ୍ଗଗୁଡ଼ିକୁ ଉପଭୋଗ କରନ୍ତି । ଏହି ନାଟକର ଏକ ବିଶେଷତ୍ୱ ହେଉଛି ଯେ ବିଭିନ୍ନ ଚରିତ୍ର ସେମାନଙ୍କର ନିଜ ନିଜର ପରିଚୟ ଗୀତରେ ଗାଇ ଗାଇ ପ୍ରଦାନ କରିଥାନ୍ତି । ଏହି ନାଟର ସବୁଠାରୁ କୌତୁକପ୍ରଦ ଚରିତ୍ର ହେଉଚି ମଉସା ଚରିତ୍ର । ଦଣ୍ଡୁଆମାନେ ବରଣ ଅନୁସାରେ ଗାଁ ଗାଁ ବୁଲି ଦଣ୍ଡନାଟ ପ୍ରଦର୍ଶିତ କରନ୍ତି । ଦଣ୍ଡନାଟର ପ୍ରତ୍ୟେକ ସୁଆଙ୍ଗ ଉପଭୋଗ୍ୟ । ଦଣ୍ଡନାଟ ସୁଆଙ୍ଗ ଗୁଡ଼ିକର ଗୀତଗୁଡ଼ିକ ଶ୍ରୁତିରଞ୍ଜକ, ଲାଳିତ୍ୟ ପୂର୍ଣ୍ଣ ଓ ମନଛୁଆଁ । ହାସ୍ୟରସ ସୃଷ୍ଟି କରିବାପାଇଁ ପ୍ରତ୍ୟେକ ସୁଆଙ୍ଗରେ ଯଥେଷ୍ଟ ଖୋରାକ ରହିଛି ।

ପାଲା :

'ପାଲା' ଶବ୍ଦଟି ସଂସ୍କୃତ ପର୍ଯ୍ୟାୟରୁ ଆସିଥିବାର ଅନୁମାନ କରାଯାଏ । ଏହାର ଅର୍ଥ ହେଉଛି 'ପାଳି' । ପାଲାରେ ମୁଖ୍ୟ ଗାୟକ ପ୍ରଥମେ ଗାଆନ୍ତି ଏବଂ ପରେ ପାଳିଆମାନେ ପାଳିଧରି ଉକ୍ତଗୀତର ପୁନାରାବୃତ୍ତି କରନ୍ତି । ଏହି କାରଣରୁ ଏହାର ନାମ ପାଲା ହୋଇଥିବା ଅନୁମେୟ । ପ୍ରତି ପାଲା ଦଳରେ ପାଞ୍ଚ/ ଛଅ ଜଣ କଳାକାର ଥାଆନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଗାୟକ ଏବଂ ଅନ୍ୟମାନେ ତାଙ୍କର ସହଯୋଗୀ ପାଳିଆ । ଗାୟକ ହାତରେ ଗିନି ଓ ଚଅଁର ଧରି ପାଲାର ପଦମାନ ବୋଲନ୍ତି । ପାଲାର ପ୍ରାରମ୍ଭରେ ପଞ୍ଚଦେବତା (ଗଣେଶ, ନାରାୟଣ, ରୁଦ୍ର, ଅମ୍ବିକା ଓ ଭାସ୍କର)ଙ୍କର ବନ୍ଦନା ଗାନ କରାଯାଏ । ଗାୟକ ସତ୍ୟନାରାୟଣଙ୍କର ବନ୍ଦନା ଗାଇବା ସହିତ ସରସ୍ୱତୀ, ସାରଳା ଠାକୁରାଣୀ ଓ ଅନ୍ୟ ଦେବାଦେବୀଙ୍କର ବନ୍ଦନା ଗାନ କରନ୍ତି । ନାୟାଗଡ଼ ଜିଲ୍ଲାର ନୟାଗଡ଼, ଖଣ୍ଡପଡ଼ା, ରଣପୁର ଓ ଦଶପଲ୍ଲା ପ୍ରଭୃତି ଅଞ୍ଚଳରେ ସତ୍ୟପୀର ପୂଜା ଓ ପାଲା ପରିବେଷଣ ଅତୀତରୁ ରହିଆସିଛି । ଦଣ୍ଡନାଟ ପରି ପାଲା ପ୍ରତି ମଧ୍ୟ ଏଠାକାର ଲୋକମାନଙ୍କର ଆଗ୍ରହ ଅତୁଟ ରହିଛି । ସାଧାରଣତଃ ସନ୍ତାନ କାମନା ପାଇଁ କିମ୍ବା ଜନ୍ମିତ ସନ୍ତାନର ଏକୋଇଶି ଦିନ ପୂରଣ କିମ୍ବା ଏକ ବର୍ଷ ପୂରଣ ଉପଲକ୍ଷେ୍ୟ ପାଲା କର୍ତ୍ତା ପାଲା କରାଇଥାନ୍ତି । ଏହା ବ୍ୟତୀତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ପାଲା ପରିବେଷଣ କରାଯାଏ । ନୟାଗଡ଼ ଜିଲ୍ଲାର ପାଲାଗାୟକମାନେ ସାଧାରଣତଃ ପାଲାର କଥାବସ୍ତୁ ରାମାୟଣ, ମହାଭାରତ ଓ ବିବିଧ ପୁରାଣମାନଙ୍କରୁ ଆହରଣ କରି ପରିବେଷଣ କରିଥାନ୍ତି ।

Digitized by PPRACHIN, SOA

ଦାସକାଠି:

ଦାସକାଠି ଏକ ଲୋକନାଟକ ଯାହା ରାମଧର୍ମକୁ ଭିତ୍ତିକରି ଗଢ଼ି ଉଠିଛି। ଭଞ୍ଜଭୂମି ଗଞ୍ଜାମ ଏହାର ଲୀଳାସ୍ଥଳୀ ହେଲେ ହେଁ ଏହା ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ସଞ୍ଚରିତ ହୋଇଛି। ଏହା ସାଧାରଣ ଲୋକମାନଙ୍କର ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ଏକ ସାର୍ଥକ ଲୋକନାଟକ। ଖୋଲାମଞ୍ଚରେ ଅଭିନୀତ ହେଉଥିବା ଏହା ଅନ୍ୟତମ ଲୋକନାଟକ। ଯେଉଁମାନେ ଦାସକାଠି ବଜାନ୍ତି, ତାଙ୍କ ଦାସକାଠିଆ କୁହାଯାଏ। ଦାସକାଠି ପାଇଁ ଦୁଇଖଣ୍ଡ କାଠି ଦରକାର ହୁଏ। ଏହି ଦାସକାଠିରେ ଝୁମୁକା ଲାଗିଥାଏ। ଦାସକାଠିଆମାନେ ଦାସକାଠି ଯୋଡ଼ିକୁ ଏକ ହାତରେ ଧରି ହାତକୁ ମୁଠାଇଲେ ଓ ମେଲାଇଲେ ଏହା ବାଜେ। ହାତରେ ଧରି ରଖିବା ପାଇଁ ଏହି କାଠି ଦ୍ୱୟରେ କଣା ଥାଏ। ଦୁଇଜଣଙ୍କୁ ନେଇ ଦାସକାଠିଆ ଦଳ ଗଠିତ। ସେଥିରୁ ଜଣେ ଗାୟକ ଓ ଅନ୍ୟଜଣେ ପାଳିଆ। ଗାୟକର ଦାସକାଠିକୁ 'ରାମତାଳ' ଓ ପାଳିଆର ଦାସକାଠିକୁ 'ଲକ୍ଷ୍ମଣତାଳ' କୁହାଯାଏ। ସାଧାରଣତଃ ହଳୁଆ ବ୍ରାହ୍ମଣମାନେ ଦାସକାଠି ବଜାଇଥାନ୍ତି। କିନ୍ତୁ ପରବର୍ତ୍ତୀ କାଳରେ ଯେ କୌଣସି ଜାତିର ଲୋକ ଦାସକାଠି କରୁଥିବାର ଲକ୍ଷ୍ୟ କରାଯାଏ। ଦାସକାଠିଆମାନେ ନାଟ୍ୟୋପଯୋଗୀ ପୋଷାକ ପିନ୍ଧନ୍ତି ଓ ମଥାରେ ପଗଡ଼ି ଭିଡ଼ିଥାନ୍ତି। ଦାସକାଠିକୁ ବଜାଇ ବାଜାର ତାଳେ ତାଳେ ଖୋଲା ପାଦ ପକାଇ ସେମାନେ ନାଚନ୍ତି। ନୟାଗଡ଼ ଜିଲ୍ଲାରେ ଦାସକାଠିର ଆଦର ରହିଛି। ମଞ୍ଚ ଚାରିପାଖେ ଲୋକମାନେ ସମବେତ ହୋଇ ଦାସକାଠି ଉପଭୋଗ କରନ୍ତି। ଗାୟକ ପ୍ରଥମେ ଶ୍ରୀରାମଚନ୍ଦ୍ର, ଶାରଳା ଠାକୁରାଣୀ, ସରସ୍ୱତୀ, ନାରାୟଣ ଓ ପଞ୍ଚଦେବତାଙ୍କର ବନ୍ଦନା ଗାନ କରନ୍ତି। ଏହାପରେ ବିଷୟବସ୍ତୁ ଆରମ୍ଭ ହୁଏ। ସାଧାରଣତଃ ନୟାଗଡ଼ ଅଞ୍ଚଳରେ ଦାସକାଠି ଗାୟକ ମହାଭାରତର ସଚଳାହରଣ, ନୀଳେନ୍ଦ୍ରୀ ହରଣ, ଶଶିରେଖା ହରଣ, ଚନ୍ଦ୍ରକଳା ହରଣ, ଚନ୍ଦ୍ରାବତୀ ହରଣ, ଉଷାହରଣ, ଅଭିମନ୍ୟୁ ବଧ, ରାମାୟଣର ସେତୁବନ୍ଧ ପ୍ରତିଷ୍ଠା, ମାୟାମୃଗ, ରାମହନୁମାନ ଭେଟ ପ୍ରଭୃତି ବିଷୟ ବର୍ଣ୍ଣନା କରିଥନ୍ତି।

ଘୁଡୁକୀ ନାଟ:

ନୟାଗଡ଼ ଜିଲ୍ଲାର ଗ୍ରାମାଞ୍ଚଳରେ ଘୁଡୁକୀନାଟର ବହୁଳ ପ୍ରଚଳନ ରହିଛି। ଘୁଡୁକୀ ଏକ ବାଦ୍ୟଯନ୍ତ୍ର ବିଶେଷ। ଲାଉତୁମ୍ବା କିମ୍ବା କାଠଖୋଳରେ ତାର ବାନ୍ଧି ଘୁଡୁକୀ ବାଦ୍ୟ ପ୍ରସ୍ତୁତ କରାଯାଏ। ଏହି ବାଦ୍ୟଯନ୍ତ୍ରରୁ ଘୁଡୁ ଘୁଡୁ ଶବ୍ଦ ବାହାରୁ ଥିବାରୁ ଏହାକୁ ଘୁଡୁକୀ ବାଦ୍ୟ କୁହାଯାଏ। ଜଣେ ବାଦକ ଘୁଡୁକୀ ବଜାନ୍ତି। ତାହାକୁ ଘୁଡୁକିଆ କୁହାଯାଏ। ଘୁଡୁକିଆ ସହିତ ଦୁଇଜଣ ନର୍ତ୍ତକୀ ନୃତ୍ୟାଭିନୟ କରି ରସାଳ ସଙ୍ଗୀତମାନ ଗାନ କରି ଦର୍ଶକମାନଙ୍କୁ ବିମୁଗ୍ଧ କରାନ୍ତି। ଏମାନଙ୍କ ମଧ୍ୟରେ ପଦ୍ୟରେ ପଦ୍ୟରେ କଥୋପକଥନ ଚାଲେ। ରାମାୟଣ ଏବଂ ମହାଭାରତର ବିଭିନ୍ନ ଆଖ୍ୟାନକୁ ଏମାନେ

Digitized by PPRACHIN, SOA

ପରିବେଷଣ କରି ଦର୍ଶକମାନଙ୍କ ମନୋରଞ୍ଜନ କରିଥାନ୍ତି । ଗ୍ରାମର ମୁକ୍ତାକାଶ ତଳେ ଏହି ଲୋକନାଟ୍ୟ ପରିବେଷଣ କରାଯାଏ ।

ଚତୁର୍ମୁଖୀ ରଙ୍ଗମଞ୍ଚ ଓ ଲୀଳା ନାଟକ:

ଗ୍ରାମାଞ୍ଚଳରେ ନାଟ୍ୟ ପ୍ରଦର୍ଶନ ପାଇଁ ଚତୁର୍ମୁଖୀ ରଙ୍ଗମଞ୍ଚ ବ୍ୟବହାର କରାଯାଏ । ଚତୁର୍ମୁଖୀ ରଙ୍ଗମଞ୍ଚର ପ୍ରୟୋଗ ବିଧି ସରଳ ଓ ସାବଲୀଳ । ଏହି ମଞ୍ଚ କାଠପଟାରେ ନିର୍ମିତ ଏକ ମଞ୍ଚ । ଏହି ମଞ୍ଚର ଚତୁଃପାର୍ଶ୍ୱରେ ଦର୍ଶକମାନେ ରହିଥାନ୍ତି । ସାଧାରଣତଃ ଲୀଳାନାଟକ ଯଥା: ରାମଲୀଳା, କୃଷ୍ଣଲୀଳା, ଭାରତଲୀଳା (ଦ୍ୱାରୀନାଚ) ଏହି ଚତୁର୍ମୁଖୀ ରଙ୍ଗମଞ୍ଚରେ ପରିବେଷଣ କରାଯାଏ ।

ରାମଲୀଳା:

ରାମଚରିତକୁ ଭିତ୍ତିକରି ସୃଷ୍ଟି ହୋଇଥିବା ଲୀଳାକୁ ରାମଲୀଳା କୁହାଯାଏ । ରାମଲୀଳା ଏକ ଭକ୍ତି ରସାତ୍ମକ ଲୋକନାଟ୍ୟ । ଓଡ଼ିଶାରେ ଯେତେସବୁ ଲୀଳା ପ୍ରଚଳିତ, ସେମାନଙ୍କ ମଧ୍ୟରେ ରାମଲୀଳା ହିଁ ପ୍ରାଚୀନତମ । ଓଡ଼ିଶାରେ ରାମଚେତନା ପଞ୍ଚଦଶ ଶତାବ୍ଦୀବେଳକୁ ସୃଷ୍ଟି ହୋଇସାରିଲାଣି । ସାରଳାଦାସଙ୍କ 'ବିଲଙ୍କା ରାମାୟଣ' ଏହାର ବଳିଷ୍ଠ ପ୍ରମାଣ । ନୟାଗଡ଼ ଜିଲ୍ଲାରେ ରାମଲୀଳାର ଏକ ବଳିଷ୍ଠ ପରମ୍ପରା ରହିଛି । ନୟାଗଡ଼ ଜିଲ୍ଲାର ଓଡ଼ଗାଁଠାରେ ଏବଂ ଗଡ଼ନିକଟବର୍ତ୍ତୀ ଢେଙ୍କଣାଗ୍ରାମରେ ପ୍ରାଚୀନ ରଘୁନାଥ ମନ୍ଦିର ଦେଖିବାକୁ ମିଳେ । ଏହି ଉଭୟ ସ୍ଥାନରେ ଚୈତ୍ରମାସ ଶୁକ୍ଳ ନବମୀ ଦିନଠାରୁ ଆରମ୍ଭ ହୋଇ ଏକୋଇଶି ଦିନ ପର୍ଯ୍ୟନ୍ତ ରାମନବମୀ ଯାତ୍ରା ମହାସମାରୋହରେ ପାଳିତ ହୁଏ । ନୟାଗଡ଼ ଜିଲ୍ଲାର ମହାବୀର କ୍ଷେତ୍ର ଦଶପଲ୍ଲାଠାରେ ଭାରତ ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା ପାଳିତ ହୁଏ । ଏହି ଲୋକନାଟକରେ ବ୍ୟବହୃତ ହେଉଥିବା କାଠନିର୍ମିତ ଦଶମୁଣ୍ଡ ଓ କୋଡ଼ିଏ ହାତ ବିଶିଷ୍ଟ ପ୍ରକାଣ୍ଡକାୟ ରାବଣମୂର୍ତ୍ତି ଏହି ଯାତ୍ରାର ବିଶେଷ ଆକର୍ଷଣ । ଏହା ବ୍ୟତୀତ ନୟାଗଡ଼ର ବିଭିନ୍ନ ଗ୍ରାମଗୁଡ଼ିକରେ ରହିଥିବା ଶ୍ରୀରାମ ମନ୍ଦିର ନିକଟରେ ଏହି ଲୀଳା ଅନୁଷ୍ଠିତ ହୁଏ । ନୟାଗଡ଼ ନିକଟବର୍ତ୍ତୀ ବାଙ୍କୋଇଗଡ଼ର ଅନଙ୍ଗ ନରେନ୍ଦ୍ରକୃତ ରାମଲୀଳା ଏହି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବେଶ୍ ଆଦୃତ । ନୟାଗଡ଼ ଜିଲ୍ଲାରେ ଯେଉଁ କେତେଜଣ ରାମଲୀଳାକାର ଅଛନ୍ତି, ସେମାନଙ୍କ ମଧ୍ୟରେ ଖଣ୍ଡପଡ଼ା ରାଜା ନଟବର ସିଂହ ମର୍ଦ୍ଦରାଜ ଅନ୍ୟତମ । ତାଙ୍କଦ୍ୱାରା ରଚିତ ଶ୍ରୀରାମ ଲୀଳା ସମଗ୍ର ଖଣ୍ଡପଡ଼ା ଅଞ୍ଚଳରେ ବେଶ୍ ଲୋକପ୍ରିୟତା ଅର୍ଜନ କରିଛି । ପରବର୍ତ୍ତୀ କାଳରେ ଅନେକ ବ୍ୟକ୍ତି ରାମଲୀଳା ରଚନା କରିଛନ୍ତି ।

କୃଷ୍ଣଲୀଳା:

ରାମଲୀଳା ପରି କୃଷ୍ଣଲୀଳା ଏକ ଭକ୍ତି ରସାତ୍ମକ ଲୋକନାଟକ । ନୟାଗଡ଼ର ବିଭିନ୍ନ ଗ୍ରାମରେ ରାଧାକୃଷ୍ଣ, ଗୋପୀକୃଷ୍ଣ, ଅନନ୍ତ ବାସୁଦେବ, ଗୋପୀନାଥ ମନ୍ଦିର

Digitized by PPRACHIN, SOA

ଓ ମଠ ରହିଛି । ଏହିସବୁ ମନ୍ଦିର ମାନଙ୍କରେ କୃଷ୍ଣ ଚରିତକୁ ଭିତ୍ତିକରି ଅନେକ ଲୀଳା ଅଭିନୀତ ହୁଏ । ନୟାଗଡ଼ ଜିଲ୍ଲାରେ ଅଭିନୀତ ହୋଇ ଆସୁଥିବା କୃଷ୍ଣଲୀଳା ମଧ୍ୟରେ 'ଶ୍ରୀକୃଷ୍ଣଜନ୍ମ', 'ଭୂତକେଳି', 'ଗିରିଗୋବର୍ଦ୍ଧନ', 'କାଳୀୟଦଳନ', 'ଅକ୍ରୁରଗମନ', 'କଂସବଧ', 'ପ୍ରଭାଯଜ୍ଞ', 'ଅର୍ଜ୍ଜୁନକଳା ହରଣ' ପ୍ରଭୃତି ଉଲ୍ଲେଖଯୋଗ୍ୟ । କୃଷ୍ଣଲୀଳା ସାଧାରଣତଃ ଚତୁର୍ମୁଖୀ ରଙ୍ଗମଞ୍ଚରେ ଅଭିନୀତ ହୋଇଥାଏ ।

ରାସଲୀଳା :

ରାଧାକୃଷ୍ଣ ଓ ଗୋପାଙ୍ଗନାମାନଙ୍କୁ ନେଇ ରାସଲୀଳା ସୃଷ୍ଟି ହୋଇଛି । ରାସଲୀଳା ଚତୁର୍ମୁଖୀ ରଙ୍ଗମଞ୍ଚରେ ପରିବେଷଣ କରାଯାଏ । ରାସଲୀଳା ବିଭିନ୍ନ ପ୍ରକାରର, ଯଥା:- ଶରତରାସ, ବସନ୍ତରାସ, ମହାରାସ, କୁଞ୍ଜରାସ ଓ ନିତ୍ୟରାସ । ରଣପୁର ମଝିଆଁଖଣ୍ଡର ଶିଶୁବନମାଳୀ ଦାସ ଏକ ବୃହତ୍ ରାସଗ୍ରନ୍ଥ ରଚନା କରିଥିଲେ । ଏହା ବନମାଳୀରାସ ନାମରେ ପରିଚିତ । ଖଣ୍ଡପଡ଼ା ରାଜ୍ୟର ମର୍ଦ୍ଦବାଡ଼ି ଗ୍ରାମର ବାବାଜୀ ରାମଦାସ ରାଜା କୁଞ୍ଜବିହାରୀ ସିଂହ ମର୍ଦ୍ଦରାଜଙ୍କ ସମୟରେ ଅବସ୍ଥାନ କରି ବ୍ରଜଲୀଳା, ଶରତ ରାସ ଓ ବସନ୍ତ ରାସ ରଚନା କରିଥିଲେ । ରଣପୁର ରାଜା ବେଣୁଧର ନରେନ୍ଦ୍ରଙ୍କ କନିଷ୍ଠ ଭ୍ରାତା ଟିକାୟତ ରାମଚନ୍ଦ୍ର ଭ୍ରମରବର ରାୟ ସାମନ୍ତ 'ଦୁର୍ଜ୍ଜୟମାନ' ଲୀଳା ରଚନା କରିଥିଲେ । ଏହା ୧୮୯୮ରେ କଟକ ରାୟ ପ୍ରେସ୍‌ରୁ ପ୍ରକାଶିତ ହୋଇଥିଲା । ନାଟ୍ୟରଥୀ ଗୋବିନ୍ଦ ଶୂରଦେଓ ଓଡ଼ିଆ ରାସଲୀଳରେ ନବଜୀବନ ସଞ୍ଚାର କଲେ । ସେ ହେଉଛନ୍ତି ଓଡ଼ିଶାର ପ୍ରଥମ ପରିମାର୍ଜିତ ରାସସ୍ରଷ୍ଟା । ସେ ପ୍ରଥମେ ରାସରେ ଗଦ୍ୟସଂଳାପ, ଦୃଶ୍ୟପଟ୍ଟର ପ୍ରଚଳନ କରିଥିଲେ । ତାଙ୍କର ରାସଗୀତ 'ଶୂରଦେଓଙ୍କ ରାସଗୀତ' ନାମରେ ପରିଚିତ । ଶୂରଦେଓଙ୍କ ସମ୍ପର୍କରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ତାଙ୍କର ଖଣ୍ଡପଡ଼ା ରହଣି ସମୟର ସ୍ମୃତିକୁ ''କୁମ୍ଭାର ଚକ'ରେ ଏହିପରି ଲେଖିଛନ୍ତି:-

''ଏହି ସମୟରେ ନୂଆଗଡ଼ ଭଣଜା ମୋର ଅନ୍ତରଙ୍ଗ ବନ୍ଧୁ ସମଧର୍ମୀ ଗୋବିନ୍ଦ ଶୂରଦେଓ ତାଙ୍କ ରାସଦଳ ସହ ଖଣ୍ଡପଡ଼ା ଆସିବାକୁ ପତ୍ର ଦେଲେ । ସେ ବାସ୍ତବରେ ନୂଆଢ଼ଙ୍ଗର ରାସ ଅଭିନୟ ପ୍ରଚାର ଓ ପ୍ରଦର୍ଶନର ଆଗୁଆଲୋକ ××× ଶୂରଦେଓ ଖଣ୍ଡପଡ଼ା ଆସିଲେ ସଦଳବଳେ । ଉଆସ ମେଲାରେ ବନ୍ଧାହେଲା ରଙ୍ଗମଞ୍ଚ । ଅମଳ ପୁଣି ଝାଙ୍କିଲା ମୋତେ । ଦଳଭିତରେ ସେଇ ପୁରୁଣା ଚିହ୍ନାଜଣା ଫକୀରା, ପାଣୁଆ, ଟୁଷା- ଅପୂର୍ବ ଯାହାଙ୍କର ଅଭିନୟ । ଏବେ ଯଦି ସେ ଅମଳର କଥା ହେତୁରଖି କେହି ଏ ଦୁନିଆଁରେ ଥିବେ, ସେ କେବେ ଫକୀରା (କୃଷ୍ଣ ଭୂମିକା)ର ସେ ମହୁଝରା କଣ୍ଠ ପାଶୋରି ପାରି ନ ଥିବେ । ଶୂରଦେଓ ସାତ ଆଠଦିନ ରହିଲେ ।''

Digitized by PPRACHIN, SOA

ସେହିପରି ରଣପୁରର କବିଚନ୍ଦ୍ର ବେଣୁଧର ପଟ୍ଟନାୟକଙ୍କ ରାସଲୀଳା ଗୀତ ରଣପୁରଗଡ଼ରେ ପ୍ରସିଦ୍ଧି ଅର୍ଜନ କରିଥିଲା । ସେ ମାନମାଧୁରୀ, ମାନଭଞ୍ଜନ, ବିଦଗ୍ଧ ମାଧବ, ଚନ୍ଦ୍ରାବଳୀ ବିଳାସ ପ୍ରଭୃତିର ରାସଲୀଳାର ରଚନାକାର ।

ଭାରତଲୀଳା (ଦ୍ୱାରୀନାଚ) :

ଚତୁର୍ମୁଖୀ ରଙ୍ଗମଞ୍ଚରେ ପରିବେଷିତ ଅନ୍ୟତମ ଲୋକପ୍ରିୟ ଲୋକନାଟକ ହେଉଛି ଭାରତଲୀଳା ବା ଦ୍ୱାରୀନାଚ । ଏହି ଲୀଳାର ବିଷୟବସ୍ତୁ ମହାଭାରତରୁ ଗୃହୀତ । ଭାରତଲୀଳାର ମୁଖ୍ୟ ଚରିତ୍ରଦ୍ୱୟ ହେଉଛନ୍ତି ମଧ୍ୟମ ପାଣ୍ଡବ ଅର୍ଜ୍ଜୁନ ଓ ଶ୍ରୀକୃଷ୍ଣଙ୍କର ଭଗ୍ନୀ ସୁଭଦ୍ରା । ଏହି ଉଭୟଙ୍କ ମଧ୍ୟରେ ପ୍ରଣୟଭିତ୍ତିକ ସମ୍ପର୍କ ସ୍ଥାପନ ପାଇଁ ଏହି ଲୀଳା ଉଦ୍ଦିଷ୍ଟ । ଏହି ଉଭୟ ଚରିତ୍ର ମଧ୍ୟରେ ଯୋଗସୂତ୍ର ସ୍ଥାପନ କରୁଥିବା ଚରିତ୍ରଟି ହେଉଛି ଦ୍ୱାର ରକ୍ଷକ ବା ଦ୍ୱାରୀ । ଏହି ଲୀଳାରେ ଦ୍ୱାରୀ କେବଳ ସାଧାରଣ ଦ୍ୱାରୀ ନୁହେଁ । ସେ ସକଳ ଶାସ୍ତ୍ରପ୍ରବୀଣ ଓ ବିଚକ୍ଷଣ ମଧ୍ୟ । ସୁଭଦ୍ରା ଓ ଅର୍ଜ୍ଜୁନଙ୍କର ମିଳନରେ ହିଁ ଏହି ଲୀଳା ନାଟକର ପରିସମାପ୍ତି ।

ପାରମ୍ପରିକ ନାଟକ ଓ ଏକମୁଖୀ ରଙ୍ଗମଞ୍ଚ:

ଏକମୁଖୀ ରଙ୍ଗମଞ୍ଚ ବା ପ୍ରସେନିୟମ୍ ଥିଏଟର୍‌କୁ ପାରମ୍ପରିକ ନାଟକ ପରିବେଷଣ ପାଇଁ ବହୁଳଭାବରେ ବ୍ୟବହାର କରାଯାଇଥାଏ । ସ୍ୱାଧୀନତା ପୂର୍ବରୁ ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା ଓ ରଣପୁର ଅଞ୍ଚଳରେ ଏକମୁଖୀ ରଙ୍ଗମଞ୍ଚ ଜରିଆରେ ନାଟକ ପରିବେଷଣ କରାଯାଇଛି । ଏହି ସମୟରେ ମଧ୍ୟ ପୁନାର ସାଙ୍ଗଲି ଥିଏଟର୍ସ ଏବଂ ବମ୍ବେର ପର୍ସିଆନ୍ ଥିଏଟର୍ସ ଓଡ଼ିଶାର ବିଭିନ୍ନ ଗଡ଼ଜାତରେ ବୁଲିବୁଲି ଦୃଶ୍ୟ ପରିବେଷଣ କରୁଥିଲେ । ସ୍ୱାଧୀନତା ପୂର୍ବବର୍ତ୍ତୀ କାଳରେ ନୟାଗଡ଼ର ନାଟ୍ୟ ପରମ୍ପରା ସମ୍ପର୍କରେ ନିମ୍ନରେ ପ୍ରଦତ୍ତ ହୋଇଛି:-

ନାଟ୍ୟରଥୀ ଗୋବିନ୍ଦ ଚନ୍ଦ୍ର ଶୂରଦେଓ (୧୮୮୪-୧୯୩୯):

ନୟାଗଡ଼ ଜିଲ୍ଲାର ପ୍ରଥମ ନାଟ୍ୟକାର ଭାବରେ ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କୁ ଗ୍ରହଣ କରାଯାଇଥାଏ । ଓଡ଼ିଆ ନାଟ୍ୟକଳାର ବିକାଶ, ଓଡ଼ିଆ ଲୀଳାଯାତ୍ରାର ସଂସ୍କାର ଏବଂ ମଞ୍ଚକଳାର ଅଭିବୃଦ୍ଧି ସାଧନରେ ଶୂରଦେଓଙ୍କ ଦାନ ଅବିସ୍ମରଣୀୟ । ଶୂରଦେଓ ବାଇଶିଗୋଟି ନାଟକର ସ୍ରଷ୍ଟା । ତାଙ୍କଦ୍ୱାରା ଲିଖିତ ପୌରାଣିକ, ଐତିହାସିକ ଏବଂ ପ୍ରହସନମାନଙ୍କ ମଧ୍ୟରେ ମାନଭଞ୍ଜନ, ସୁବଳମିଳନ, ସାକ୍ଷୀଗୋପାଳ, ମିବାରପୁତ୍ର, ଧ୍ରୁବ, ସୁଦାମା, ଗୋପେଶ୍ୱରପୂଜା, ଇନ୍ଦ୍ରସଭା, ନରମେଧ ଯଜ୍ଞ, ନରକାସୁର ବଧ, ମାୟାଶବରୀ, ଶ୍ରୀକୃଷ୍ଣ ମହିମା, ଉତ୍କଳରମଣୀ, ମୁକୁନ୍ଦଦେବ, ହିନ୍ଦୋଳ ବିଜୟ, ପାଠୋଇବୋହୂ, ମହନ୍ତଫାର୍ଶ, ହାଡୁବାବୁ ଫାର୍ଶ, ତାରାବାଇ ଫାର୍ଶ, କୁଳରକ୍ଷାଫାର୍ଶ ଓ

Digitized by PPRACHIN, SOA

ହସକୌତୁକ ପ୍ରଭୃତି ଉଲ୍ଲେଖଯୋଗ୍ୟ । ଏହାବ୍ୟତୀତ ସେ ଫକୀରମୋହନଙ୍କର 'ଲଛମା' ଉପନ୍ୟାସ, ଉମେଶ ଚନ୍ଦ୍ର ସରକାରଙ୍କର 'ପଦ୍ମମାଳୀ' ଉପନ୍ୟାସକୁ ନାଟ୍ୟରୂପ ଦେଇଥିଲେ । ଫକୀର ମୋହନଙ୍କର 'ପେଟେଣ୍ଟ ମେଡ଼ିସିନ୍' ଗଳ୍ପକୁ ସେ ନାଟ୍ୟରୂପ ଦେଇଥିଲେ । ଏହା 'ପେଟେଣ୍ଟ ମେଡ଼ିସିନ୍' ବା 'ତାରାବାଈ ଫାର୍ଶ' (୧୯୩୯) ନାମରେ ପ୍ରକାଶିତ ହୋଇଥିଲା ।

ନରେନ୍ଦ୍ର ଥିଏଟର (ରଣପୁରଗଡ଼):

ରଣପୁରର ରାଜା କୃଷ୍ଣଚନ୍ଦ୍ର ସିଂହ ଦେଓ (୧୮୯୯-୧୯୪୫) କଳା ଓ ସାହିତ୍ୟର ପୃଷ୍ଠପୋଷକ ଥିଲେ । ତାଙ୍କ ସମୟରେ ନାଟ୍ୟାଭିନୟ ପ୍ରତି ବିଶେଷ ଧ୍ୟାନ ଦିଆଯାଇଥିଲା । ରାଜା କୃଷ୍ଣଚନ୍ଦ୍ର ରଣପୁର ଅଞ୍ଚଳରେ ବିଭିନ୍ନ ଥିଏଟର ଗଠନ କରିବାପାଇଁ ପ୍ରୋତ୍ସାହନ ଯୋଗାଇଥିଲେ । ନାଟକ ଅଭିନୟ ପାଇଁ ସେ ନରେନ୍ଦ୍ର ଥିଏଟର ପ୍ରତିଷ୍ଠା କରିଥିଲେ । ଏଥିରେ ବୃନ୍ଦାବନ ବିହାରୀ ଦାଶ ଶର୍ମା ଥିଏଟର୍ ମାଷ୍ଟର ରୂପେ କାର୍ଯ୍ୟ କରୁଥିଲେ । ସେହି ସମୟରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ନାଟ୍ୟଦଳମାନ ଆସି ରଣପୁରଠାରେ ନାଟକ ପରିବେଷଣ କରି ରାଜା କୃଷ୍ଣଚନ୍ଦ୍ରଙ୍କ ଦ୍ୱାରା ପୁରସ୍କୃତ ହେଉଥିଲେ । ରାଜା କୃଷ୍ଣଚନ୍ଦ୍ର ସିଂହଦେଓ ଚିକିଟିର ରାଜା ରାଧାମୋହନ ରାଜେନ୍ଦ୍ରଦେବଙ୍କ ଭଗ୍ନୀ ରାମେଶ୍ୱରୀ ଦେବୀଙ୍କୁ ବିବାହ କରିଥିଲେ । ସୁତରାଂ ଏହି ସୂତ୍ରରେ ଚିକିଟୀ ସଙ୍ଗୀତକଳାର ପ୍ରଭାବ ରଣପୁରରେ ପଡ଼ିଥିଲା । ପ୍ରତ୍ୟେକବର୍ଷ ଚିକିଟୀରୁ ସଙ୍ଗୀତଦଳ ରଣପୁର ଆସି ସଙ୍ଗୀତ ପରିବେଷଣ କରୁଥିଲେ । ଏହିପରି ଏକ ଅନୁକୂଳ ପରିବେଶ ରଣପୁରଗଡ଼ର ରାଜବଂଶ ଗୋପୀନାଥ ସିଂହଦେଓଙ୍କୁ ନାଟକ ରଚନା କରିବାପାଇଁ ପ୍ରେରଣା ଯୋଗାଇଥିଲା । ତାଙ୍କଦ୍ୱାରା ଲିଖିତ ନାଟକଟି ହେଉଛି 'ପ୍ରଣୟ ପଲ୍ଲବ' (୧୯୨୭) । ଏହି ନାଟକଟିକୁ ସେ 'ରଣପୁରାଧୀଶ୍ୱର ଶ୍ରୀକୃଷ୍ଣଚନ୍ଦ୍ର ସିଂହଦେଓ ବଜ୍ରଧର ନରେନ୍ଦ୍ର ମହାପାତ୍ର'ଙ୍କ ନାମରେ ଉତ୍ସର୍ଗ କରିଛନ୍ତି । ପାଞ୍ଚଅଙ୍କ ବିଶିଷ୍ଟ ଏହି ନାଟକଟିର ନାୟକ ରସରାଜ ଶ୍ରୀକୃଷ୍ଣ ଓ ନାୟିକା ପ୍ରେମମୟୀ ଶ୍ରୀରାଧା । 'ପ୍ରଣୟ ପଲ୍ଲବ' ନାଟକ ବ୍ରଜେଶ୍ୱର ଶ୍ରୀକୃଷ୍ଣଙ୍କର ଚରିତକୁ ଭିତ୍ତିକରି ରଚିତ ହୋଇଥିବାରୁ ଏଥିରେ ଭକ୍ତିରସ ଓ ଶାନ୍ତରସ ପ୍ରାଧାନ୍ୟଲାଭ କରିଛି । 'ପ୍ରଣୟପଲ୍ଲବ' ନାଟକଟି ବହୁବାର ନରେନ୍ଦ୍ର ଥିଏଟର୍‌ରେ ଅଭିନୀତ ହୋଇଥିଲା ।

•ନୟାଗଡ଼ର ବାଇନାଚ:

ସାହିତ୍ୟ, ସଙ୍ଗୀତ ଓ କଳାର ରାଜ୍ୟ ନୟାଗଡ଼ ଗଡ଼ଜାତର ମହିମା ଗାନ କହିଲେ ନ ସରେ । ନୟାଗଡ଼ ସମ୍ପର୍କରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଲେଖିଛନ୍ତି- ''ଡାହାଣ ବାଁ ଦି' ପଟରେ ଜଗୁଆଳ ପରି ମଥାଟେକି ପହରାଦେଇ

Digitized by PPRACHIN, SOA

ନୂଆଗଡ଼କୁ ଚାହିଁ ରହିଛି 'ରୁଖୀ' ଆଉ 'ବଳରାମ' ଦୁଇଟି ପାହାଡ଼ । ଦୁହେଁ ରସିକ ପଣରେ କେହି କାହାକୁ ଊଣା ନୁହଁନ୍ତି । ନାଗେଶ୍ୱର ଆଉ ମାଳତୀ ଟାହିଆ ମଥାରେ ଖୋଷି ଗଡ଼ଟାସାରା ମହକ ଚହଟାଇ ନୂଆଗଡ଼କୁ ପୁରୁଣାଗଡ଼ କରିଦେବାକୁ ଦୁହେଁ ଯେମିତି ନାରାଜ । ଭଞ୍ଜକବି ଏଇଠି, ଯଦୁମଣି ଏଇଠି ।'' ଏହି ସମୟରେ ନୟାଗଡ଼ରେ ବାଇନାଚ ପ୍ରଥାଟି ଚାଲୁ ରହିଥିଲା । ରାଧା, ଦରିଆ ଓ ଜଗନା ନାମରେ ତିନିଭଉଣୀ ଚମତ୍କାର ବାଈନାଚ ପରିବେଷଣ କରୁଥିଲେ । କବିଚନ୍ଦ୍ର କାଳୀଚରଣ ଲେଖିଛନ୍ତି ଯେ ଏକଦା ନୟାଗଡ଼ର ଏହି ବାଇନାଚ ଖଣ୍ଡପଡ଼ା ରାଜବାଟୀରେ ଅନୁଷ୍ଠିତ ହେଲା । କାଳୀବାବୁ ଲେଖିଛନ୍ତି- ''ନୂଆଗଡ଼ରୁ ବାଇନାଚ ଦଳ ଅଣାଗଲା । ସେତେବେଳେ ଏ ନାଟ ଥାଏ । ମନେ ଅଛି ରାଧା, ଦରିଆ ଓ ଜଗନା ନାମରେ ତିନିଭଉଣୀ ନୂଆଗଡ଼ରୁ ଆସିଥିଲେ । ଗୀତନାଚ ଯାହାହେଲା ସେ ଯେ ଉଚ୍ଚକୋଟୀର, ତାହା ମୁଁ କହିପାରିବି ନାହିଁ, ମାତ୍ର ଗରାଖ ତ କିସମଓ୍ୱାରୀ-କାହା ପସନ୍ଦ କେମିତି । ମାତ୍ର ରାଧାମଣିର ଦୈବୀଦତ୍ତ କଳା-ଚଳା-କଳା ଆଖି ଯୋଡ଼ଟି ବହୁତ ଲୋକଙ୍କ ମନ ଚହଲାଇ ଦେବାର ମୁଁ ଜାଣେ । ତାଙ୍କ ଗୀତର ଘୋଷାପଦ ପଦେଅଧେ ଏବେ ବି ମୋର ହେତୁଅଛି- ''ମୁଁ କାହା କର ଧରିବି'', ଆଉ ''କାନ୍ତ ବିନା ଦିବା ରଜନୀ ସଜନୀ କୋଟିଯୁଗ ସମ ହେଲାଟିରେ''- ସବୁ ଆମ ପୁରୁଣା କବିଙ୍କ ରଚନା । ବାଈଆନା ନାଚ ତ ! ହେଲେ ବେଶ, ନାଚ, ଭଙ୍ଗି, ଗାଇବା ଢ଼ଙ୍ଗ ଅଭିନୟ ଚାତୁରୀ- ସବୁଥିରେ ଓଡ଼ିଶୀ ରଙ୍ଗଢ଼ଙ୍ଗ ଲାଗି ରହିଥିଲା । ଖଣ୍ଡପଡ଼ାବାସୀଏ ଗୀତ ରସିକ । ଓଡ଼ିଶୀ ଗୀତ ଓ ନାଚ ତାଙ୍କ ମନକୁ ପାଇଲା ।'' ତେବେ ସମୟ ସ୍ରୋତରେ ନୟାଗଡ଼ର ବାଇନାଚ ବହୁଦିନୁ ତିରୋହିତ ହେଲାଣି ।

ଖଣ୍ଡପଡ଼ାଗଡ଼ରେ କବିଚନ୍ଦ୍ର କାଳୀଚରଣ:

କବିଚନ୍ଦ୍ର କାଳୀଚରଣ ଚାକିରି ଜୀବନ କାଳ ଭିତରେ ଦିନାକେତେ ଖଣ୍ଡପଡ଼ାରେ ଅବସ୍ଥାନ କରିଥିଲେ । ସେ ଲେଖିଛନ୍ତି- ''ଖଣ୍ଡପଡ଼ା ସ୍ମୃତି ଅପାଶୋରା ।'' ଶୂରଦେଓଙ୍କ ଦଳ ଖଣ୍ଡପଡ଼ା ଆସିବାରେ ତାଙ୍କର ଡଙ୍ଗାମଙ୍ଗ ମୋଡ଼ା ବଦଳାଇଲା । ଖଣ୍ଡପଡ଼ାରୁ ଦଳେ ନିପଟ ଅରଣାବଳଦ ଯୋଗାଡ଼ି ସେ ରାସଦଳ ଆରମ୍ଭରେ ଲାଗିପଡ଼ିଲେ । ଖଣ୍ଡପଡ଼ା ବ୍ରାହ୍ମଣ ସାହିର ଗୋପୀବ୍ରହ୍ମା ତାଙ୍କୁ ସହାୟତା କରିଥିଲେ । ଉଭୟେ ମିଶି ଖଣ୍ଡପଡ଼ା ଶିଖରପୁର ଗ୍ରାମରୁ ବଗ-ସାମଲ ଓ ମୟୂର ଚନ୍ଦ୍ରିକା ପ୍ରଭୃତି ସଂଗ୍ରହ କରିଥିଲେ । ଏହାପରେ ଖଣ୍ଡପଡ଼ାରେ ବହି ଲେଖାହେଲା- 'କଳଙ୍କଭଞ୍ଜନ' । କାଳୀବାବୁ ନିଜେ ଅଭିନୟ, ନାଚ, ଗୀତ ସବୁ ଶିଖାଇଲେ । କାଳୀବାବୁ ମଧ୍ୟ ହାତେ ହାତେ ରଙ୍ଗ ତୁଳୀ ଧରି ସିନ୍, ଉଇଙ୍ଗସ୍ ତିଆରି କରିଥିଲେ । ଖଣ୍ଡପଡ଼ାଗଡ଼ରେ ରାସ ଅଭିନୀତ ହେବାକୁ ଲାଗିଲା । ଏହାପରେ କାଳୀଚରଣ କିଛିଦିନ ପାଇଁ ବଡ଼ମ୍ବା ଚାଲିଗଲେ । ସେଠାରେ

Digitized by PPRACHIN, SOA

୩/୪ ରାତି ଅଭିନୟ କରାଗଲା । ଏହି ସମୟକୁ କାଳୀବାବୁ 'ଦାରିଦ୍ର୍ୟଭଞ୍ଜନ' ଲେଖି ଅଭିନୟ ଶିଖାଇ ସାରିଲେଣି । ଏହାପରେ ସେ ୫/୬ ଦିନ ପରେ ଖଣ୍ଡପଡ଼ାକୁ ବାହୁଡ଼ିଲେ । ବାଟରେ ଖଣ୍ଡପଡ଼ା ରାଜ୍ୟର ପଦ୍ମାବତୀ ଓ କଣ୍ଟିଲୋ ଇତ୍ୟାଦି ଗ୍ରାମ ମାନଙ୍କରେ ମଞ୍ଚ ବନ୍ଧାହୋଇ ଅଭିନୟ ହେଲା । ଏଠାରେ ଦର୍ଶକମାନଙ୍କ ପାଇଁ ଟିକଟ କାଟିବା ବ୍ୟବସ୍ଥା କରାଯାଇଥିଲା ।''

(ଖ) ସ୍ୱାଧୀନତା ପରବର୍ତ୍ତୀ ନାଟ୍ୟ ପରମ୍ପରା:

ଜୁଭେନାଇଲ୍ ଡ୍ରାମାଟିକ୍ କ୍ଲବ୍, ନୟାଗଡ଼ (୧୯୪୨-୪୩) :

ନୟାଗଡ଼ରେ ୧୯୪୨-୧୯୪୩ରେ ଜୁଭେନାଇଲ୍ ଡ୍ରାମାଟିକ୍ କ୍ଲବ୍ ପ୍ରତିଷ୍ଠା କରାଯାଇଥିଲା । ଏହାର ମୁଖ୍ୟ ପୃଷ୍ଠପୋଷକ ଥିଲେ ନୟାଗଡ଼ର ରାଜାସାହେବ କୃଷ୍ଣଚନ୍ଦ୍ର ସିଂହ ମାନଧାତା । ଏହି କ୍ଲବ୍‌ର ସମ୍ପାଦକ ଭାବରେ ଲଡୁକିଶୋର ନନ୍ଦ କାର୍ଯ୍ୟ କରୁଥିଲେ । ଏହି କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା କେତେଗୋଟି ନାଟକ ହେଉଛି– 'ଶିବାଜୀ', 'ଘରସଂସାର', 'ଭାଇଭାଉଜ', 'ମୂଲିଆ', 'ମୀରକାଶୀମ', 'କାର୍ତ୍ତବୀର୍ଯ୍ୟ', 'ଭାତ', 'ଭୀଷ୍ମଅର୍ଜୁନ', 'ଖାରବେଳ', 'ବକ୍‌ସି ଜଗବନ୍ଧୁ', 'ସମ୍ରାଟ ଚନ୍ଦ୍ରଗୁପ୍ତ' ଇତ୍ୟାଦି । ନାଟକଗୁଡ଼ିକୁ ବିଭିନ୍ନ ସମୟରେ ନିର୍ଦ୍ଦେଶନା ଦେଇଥିଲେ ଲଡୁକିଶୋର ନନ୍ଦ (ବରଡ଼ିହିଶାସନ), ଡାକ୍ତର ରାଧାନାଥ ରଥ (ଆଠଗଡ଼) ଏବଂ ନୟାଗଡ଼ର ଓକିଲ ଗଦାଧର ପଟ୍ଟନାୟକ । ନାଟକଗୁଡ଼ିକରେ ସଙ୍ଗୀତ ସଂଯୋଜନା କରୁଥିଲେ ରୁବେନ୍ ସିଂ ଓ ବାଞ୍ଛାନିଧି ପଟ୍ଟନାୟକ । ସ୍ଥାୟୀ ରଙ୍ଗମଞ୍ଚ ଅଭାବରୁ ନାଟକ ଗୁଡ଼ିକୁ ନୟାଗଡ଼ ପୁରୁଣା ସହର ମଣ୍ଡାବାଗାନ ପଡ଼ିଆ ଏବଂ ନୟାଗଡ଼ ଡାକ୍ତରଖାନା ପଡ଼ିଆରେ ଅଭିନୀତ କରାଯାଉଥିଲା । ନାଟକଗୁଡ଼ିକର ରୂପସଜ୍ଜା ଓ ମଞ୍ଚପାଇଁ ସିନ୍‌ସିନେରୀ କ୍ଷେତ୍ରମୋହନ ଦାସ ଓ ଜଗନ୍ନାଥ ବେହେରା ପ୍ରସ୍ତୁତ କରୁଥିଲେ । ସେତେବେଳେ ବିଜୁଳି ଶକ୍ତି ପରିବର୍ତ୍ତେ Day Light ଦ୍ୱାରା ନାଟକ ପରିବେଷଣ କରାଯାଉଥିଲା । ନାରୀ ଭୂମିକାରେ ପୁରୁଷମାନେ ଅଭିନୟ କରୁଥିଲେ । ଜୁଭେନାଇଲ୍ ଡ୍ରାମାଟିକ୍ କ୍ଲବ୍‌ର କେତେଜଣ କଳାକାର ହେଉଛନ୍ତି– ଗୌରହରି ମିଶ୍ର, ଉମା ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, କିଶୋର ପଟ୍ଟନାୟକ, ଫକୀର ପଟ୍ଟନାୟକ, ଶ୍ରୀମନ୍ତ ଦାସ, ରଘୁନାଥ ଦାସ, ଗୋପାଳଚନ୍ଦ୍ର ପଟ୍ଟନାୟକ ଇତ୍ୟାଦି ।

(୧) ଦଶପଲ୍ଲା ଯୁବନାଟ୍ୟ ସଂସ୍ଥା (୧୯୫୦ ମସିହା ପୂର୍ବରୁ)

ସ୍ୱାଧୀନତାର ଉତ୍ତରକାଳରେ ଦଶପଲ୍ଲାଗଡ଼ରେ ଦଶପଲ୍ଲା ଯୁବନାଟ୍ୟ ସଂସ୍ଥା ପ୍ରତିଷ୍ଠା କରାଯାଇଥିଲା । ସେହି ସମୟରେ ଏହାର କଳାକାରମାନେ ଥିଲେ ପଦ୍ମଚରଣ ମିଶ୍ର, ଦୟାନିଧି ମିଶ୍ର, ରାଧାମୋହନ ସୁବୁଦ୍ଧି, ମହେଶ୍ୱର ମିଶ୍ର ଇତ୍ୟାଦି । ଦଶପଲ୍ଲାଗଡ଼କୁ

Digitized by PPRACHIN, SOA

ସେହି ସମୟରେ ମୋହନ ଗୋସ୍ୱାମୀ ବରାବର ଆସୁଥିଲେ । ତାଙ୍କଦ୍ୱାରା ପରିଚାଳିତ ମୋହନ ଗୋସ୍ୱାମୀ ଥିଏଟର ଏଠାରେ ପନ୍ଦର କି କୋଡ଼ିଏ ଦିନ ପର୍ଯ୍ୟନ୍ତ ଚାଲୁ ରହୁଥିଲା । ଦଶପଲ୍ଲା ଯୁବନାଟ୍ୟ ସଂସ୍ଥା ତରଫରୁ ସେଠାରେ 'ଦଶଭୁଜା', 'ରାଜା ହରିଶ୍ଚନ୍ଦ୍ର' ପ୍ରଭୃତି ପୌରାଣିକ ନାଟକ ମଞ୍ଚସ୍ଥ ହେଉଥିଲା । ଦଶପଲ୍ଲାର ବିଶିଷ୍ଟ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର 'ମ୍ୟାନେଜର', 'ମୂଲିଆ', 'କବିସୂର୍ଯ୍ୟ', 'ଘରସଂସାର', 'ସାଇପଡ଼ିଶା', 'ଭାଇଭାଉଜ', 'ସେବିକା', 'ମମତା', 'ଚାବୁକ୍', 'ପଡ଼ୋଶୀ', 'ପୁଆଣିଘର', 'ନରୋତ୍ତମ ଦାସକହେ' ପ୍ରଭୃତି ନାଟକ ଦଶପଲ୍ଲା ଯୁବନାଟ୍ୟ ସଂସ୍ଥାଦ୍ୱାରା ଅଭିନୀତ ହେଉଥିଲା ।

୧୯୫୭ ମସିହା ବେଳକୁ ଶରଣକୁଳ ନିବାସୀ ନାଟ୍ୟକାର ଭୁବନେଶ୍ୱର ମିଶ୍ର ଦଶପଲ୍ଲା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ । ତାଙ୍କଦ୍ୱାରା ରଚିତ ପୌରାଣିକ ନାଟକ 'ପଣରକ୍ଷା' ତା ୩୧/୦୮/୧୯୫୭ରେ ପ୍ରଥମ ଥର ପାଇଁ ଦଶପଲ୍ଲା ହାଇସ୍କୁଲ ପରିସରରେ ଅଭିନୀତ ହୋଇଥିଲା । ସେହିପରି 'କି ଥିଲା କି ହେଲା', 'ପାନ୍ନା', 'ସୁନା କୁକୁଡ଼ା' ପ୍ରଭୃତି ତାଙ୍କଦ୍ୱାରା ରଚିତ ନାଟକଗୁଡ଼ିକ ସେଠାରେ ଅଭିନୟ କରାଯାଇଥିଲା ।

(୨) ଉପେନ୍ଦ୍ର ଭଞ୍ଜ ସାହିତ୍ୟ ସଂସଦ ଓ ଭଞ୍ଜ ଡ୍ରାମାଟିକ୍ କ୍ଲବ୍, ମାଳିସାହି (୧୯୫୮):

ନୟାଗଡ଼ ଟାଉନ୍ ଠରୁ ବାର କିଲୋମିଟର ଉତ୍ତର-ପଶ୍ଚିମରେ ମାଳିସାହି ଗ୍ରାମ ଅବସ୍ଥିତ । ଏହି ଗ୍ରାମଟି ନୟାଗଡ଼ ଜିଲ୍ଲାର ଏକ ପୁରାତନ ଗ୍ରାମ । ଏହି ମାଳିସାହି ଗ୍ରାମ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ସାଧନାର ପୀଠ ଥିଲା । ୧୯୫୮ ମସିହାରେ ଏହି ଗ୍ରାମର କେତେଜଣ ଉତ୍ସାହୀ ବ୍ୟକ୍ତି ଉପେନ୍ଦ୍ର ଭଞ୍ଜ ସାହିତ୍ୟ ସଂସଦ ଓ ଭଞ୍ଜ ଡ୍ରାମାଟିକ୍ କ୍ଲବ୍ ପ୍ରତିଷ୍ଠା କରିଥିଲେ । ଏହାର ନେତୃତ୍ୱ ନେଇଥିଲେ କ୍ଷେତ୍ରବାସୀ ମହାପାତ୍ର, ଶିକ୍ଷକ ତ୍ରିନାଥ ମହାପାତ୍ର, ବିଚ୍ଛେଦ ମହାପାତ୍ର, ଦାଶରଥୀ ସାହୁ, ବନମାଳୀ ପ୍ରଧାନ, ବନମାଳୀ ଦାସ ଇତ୍ୟାଦି । ସେହି ବର୍ଷଠାରୁ ପ୍ରତିବର୍ଷ ଏହି ଗ୍ରାମର ଗତୀଶ୍ୱର ମହାଦେବଙ୍କ ବେଢ଼ା ଭିତରେ ଭଞ୍ଜଜୟନ୍ତୀ ଉତ୍ସବ ପାଳିତ ହୋଇ ଆସୁଛି । ଏହି ଗ୍ରାମର ଅନ୍ୟତମ ସାଂସ୍କୃତିକ ଅନୁଷ୍ଠାନ ଭଞ୍ଜ ଡ୍ରାମାଟିକ୍ କ୍ଲବ୍ ଆନୁକୂଲ୍ୟରେ ପ୍ରତିବର୍ଷ ଗୋଟିଏ ଲେଖାଏଁ ନାଟକ ମଞ୍ଚସ୍ଥ କରାଯାଉଛି । ଏଠାରେ ଏକମୁଖୀ ରଙ୍ଗମଞ୍ଚ, ଦ୍ୱି-ମୁଖୀ ରଙ୍ଗମଞ୍ଚ ମାଧ୍ୟମରେ ନାଟକ ପରିବେଷଣ କରାଯାଉଛି । ଏଠାରେ ମଞ୍ଚସ୍ଥ ହୋଇଥିବା କେତେଗୋଟି ଉଲ୍ଲେଖଯୋଗ୍ୟ ନାଟକ ହେଉଛି- 'ସୀତାବିବାହ', 'ହରିଶ୍ଚନ୍ଦ୍ର', 'କଳାପାହାଡ଼', 'ଭାତ', 'ବିଷପୀୟୁଷ', 'ମୂଲିଆ', 'ଘର ସଂସାର', 'ଭାଇଭାଉଜ', 'ସାଇପଡ଼ିଶା', 'ଭରସା', 'ଶଙ୍ଖାସିନ୍ଦୂର', 'ବଜ୍ରକବାଟ', 'ତୋଳାକନିଆଁ', 'ବୈରାଗୀର ସଂସାର', 'ମାଣିକଯୋଡ଼ି', 'କଂସାକବାଟ', 'ଶେଷ

Digitized by PPRACHIN, SOA

ଶ୍ରାବଣ', 'ଜନନୀ', 'ବନ୍ଦିତା', 'ମାଟିର ମଣିଷ', 'ଶେଷ ଅଶ୍ରୁ', 'ରାମଦାସ ତୁମେ ହାରିଗଲ', 'ଖଇକଉଡ଼ି', 'ତୁମ୍ଭ' ଇତ୍ୟାଦି । ମାଳିସାହି ଗ୍ରାମର ନାଟ୍ୟକାର ବିଶ୍ୱନାଥ ମହାପାତ୍ରଙ୍କର ଦୁଇଗୋଟି ନାଟକ 'ଅନ୍ଧ ମାଟିର ଦୀପ' ଓ 'ନିଆଁର ଆଖି' ଉଭୟ ଭଞ୍ଜ ଡ୍ରାମାଟିକ୍ କ୍ଲବ୍ ଆନୁକୂଲ୍ୟରେ ଯଥାକ୍ରମେ ୧୯୮୪ ଓ ୧୯୮୬ ମସିହାରେ ଅନୁଷ୍ଠିତ ହୋଇଛି । ସେହିପରି ଶ୍ରୀ ମହାପାତ୍ରଙ୍କର 'ସହସ୍ରନାଦ', 'କମାର ଶାଳ', 'କାଳବୈଶାଖୀ' ପ୍ରଭୃତି ନାଟକ ଓ ଧର୍ମପଦ ଏକାଙ୍କିକା ଏହି ମଞ୍ଚରେ ଅଭିନୀତ ହୋଇଛି ।

(୩) ବ୍ରାହ୍ମଣୀଦେବୀ ନାଟ୍ୟସଂସଦ, ଗୋଡିସାହି (୧୯୬୨):

ଗୋଡିସାହି ଗ୍ରାମରେ ୧୯୬୨ ମସିହାରୁ ବ୍ରାହ୍ମଣୀଦେବୀ ନାଟ୍ୟସଂସଦ କାର୍ଯ୍ୟ କରୁଅଛି । ଏହାର ମୁଖ୍ୟ ପୃଷ୍ଠପୋଷକ ହେଉଛନ୍ତି ସୁରେନ୍ଦ୍ର ପଟ୍ଟନାୟକ ଓ ପାଣ୍ଡବ ନାୟକ । ଏଠାରେ ଅଭିନୀତ ହୋଇଥିବା ନାଟକ ଗୁଡ଼ିକ ହେଉଛି- 'ରଘୁଅରକ୍ଷିତ', 'ଭାଇଭଗାରି', 'ଜନନୀ', 'ବିଷପୀୟୂଷ', 'ଭଗ୍ନଜାନୁ ଦୁର୍ଯ୍ୟୋଧନ', 'ଝିମିଟିଖେଳ', 'ଶହୀଦ ପୃଥ୍ୱୀରାଜ', 'ଫୋରାର', 'ବାଣା ପରାଜୟ', 'ଉପହାର', 'ଗଣିକାର ମୁକ୍ତି', 'କିଏ ଯୋଡ଼ିଦେଲା ଭଙ୍ଗାଚଡ଼ିକୁ', 'ବାବୁ ମୋତେ ଭୁଲିଗଲା', 'ଶଙ୍ଖା ଭାଙ୍ଗିଦେଲି ସଉତୁଣୀର', 'ନରେ ବା ଗୁଞ୍ଜରେ ଅଶ୍ୱତ୍ଥାମା ହତ' । ଗୋଡିସାହି ଗ୍ରାମ ନିବାସୀ କୃଷ୍ଣପ୍ରିୟା ପଟ୍ଟନାୟକ ଓଡ଼ିଆ ଗୀତିନାଟ୍ୟ ରଚନା କରିବାରେ ଜଣେ ଲବ୍ଧ ପ୍ରତିଷ୍ଠିତ ଓ ଅପ୍ରତିଦ୍ୱନ୍ଦୀ ଲେଖିକା । ତାଙ୍କଦ୍ୱାରା ରଚିତ ଗୀତିନାଟ୍ୟ ଗୁଡ଼ିକ ହେଉଛି - ଅଭିମାନିନୀ ସୀତା (୧୯୮୧), ତୁଳସୀପାଦପ (୧୯୮୨), ତପସ୍ୱିନୀ ସାବିତ୍ରୀ (୧୯୮୨), ଭଗ୍ନଜାନୁ ଦୁର୍ଯ୍ୟୋଧନ (୧୯୮୪), କାଞ୍ଚୀଯେମା ପଦ୍ମାବତୀ (୧୯୮୪), ଅଭିଶାପ (୧୯୮୫), ଅପୂର୍ବମିଳନ (୧୯୮୬), ଲକ୍ଷ୍ମୀ ପରଣୟ (୧୯୮୭), ଗଣିକାର ମୁକ୍ତି (୧୯୯୦), ଭକ୍ତିଡୋରେ ବନ୍ଧା ସତେ (୨୦୦୨), ନରେ ବା ଗୁଞ୍ଜରେ ଅଶ୍ୱତ୍ଥାମା ହତ (୨୦୦୮) ଇତ୍ୟାଦି । ଏହି ଗୀତିନାଟ୍ୟ ଗୁଡ଼ିକ ମଧ୍ୟ ଗୋଡିସାହି ବ୍ରାହ୍ମଣୀଦେବୀ ନାଟ୍ୟ ସଂସଦ ଦ୍ୱାରା ପରିବେଷଣ କରାଯାଇଛି । 'ଭଗ୍ନଜାନୁ ଦୁର୍ଯ୍ୟୋଧନ' ଗୀତିନାଟ୍ୟଟି ୧୯୮୪ ମସିହାରେ ରାଜ୍ୟସ୍ତରୀୟ ଗୀତିନାଟ୍ୟ ପ୍ରତିଯୋଗତାରେ ବୋଲଗଡ଼ ଠାରେ ଅଭିନୀତ ହୋଇଥିଲା ଏବଂ ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ପ୍ରଥମ ପୁରସ୍କାର ଲାଭ କରିଥିଲା । ସେହିପରି ବ୍ରାହ୍ମଣୀଦେବୀ ନାଟ୍ୟ ସଂସଦର କଳାକାରମାନଙ୍କ ଦ୍ୱାରା 'ଗଣିକାର ମୁକ୍ତି' ଗୀତିନାଟ୍ୟଟି ୧୯୮୯ ମସିହାରେ ସଙ୍ଗୀତନାଟକ ଏକାଡ଼େମୀ ପରିସରରେ ଅଭିନୀତ ହୋଇ ପୁରସ୍କୃତ ହୋଇଥିଲା ।

Digitized by PPRACHIN, SOA

(୪) ଯଦୁମଣି କଳାକେନ୍ଦ୍ର, ନୟାଗଡ଼ (୧୯୬୦-୧୯୬୧) :

ନୟାଗଡ଼ ପୋଲିସ୍ ପଡ଼ିଆ ନିକଟରେ ୧୯୬୦-୬୧ ଯଦୁମଣି କଳା କେନ୍ଦ୍ର ପ୍ରତିଷ୍ଠା ଲାଭ କଲା । ଏହି କେନ୍ଦ୍ରରେ ସଙ୍ଗୀତ ଶିକ୍ଷା ପ୍ରଦାନ କରାଯାଉଥିଲା ଏବଂ ମଞ୍ଚ ନାଟକ ମଧ୍ୟ ଅଭିନୀତ କରାଯାଉଥିଲା । ଯଦୁମଣି କଳାକେନ୍ଦ୍ର ଦ୍ୱାରା ପରିବେଷିତ କେତୋଟି ନାଟକ ହେଉଛି- 'ସମାଧି', 'ମୋତିମହଲ', 'ମଲାଜହ୍ନ', 'କିଶୋର ଚନ୍ଦ୍ରାନନ୍ଦଚମ୍ପୂର ଗୀତିନାଟ୍ୟ ରୂପ', 'ମାନଭଞ୍ଜନ' ଇତ୍ୟାଦି । 'ସମାଧି', 'ମୋତିମହଲ' ଓ 'ମଲାଜହ୍ନ'ରେ ଆଇନଜୀବୀ କିଶୋର ଚନ୍ଦ୍ର ଶତପଥୀଙ୍କ ଅଭିନୟ ବେଶ୍ ସଫଳତା ଲାଭ କରିଥିଲା । ନାଟକଗୁଡ଼ିକୁ ବିଭିନ୍ନ ସମୟରେ ନିର୍ଦ୍ଦେଶନା ଦେଇଥିଲେ ମନମୋହନ ରାୟ, ଓକିଲ ଗଦାଧର ପଟ୍ଟନାୟକ ଓ ଅଧ୍ୟାପକ ନିମାଇଁ ପଟ୍ଟନାୟକ । ଅଧ୍ୟାପକ ନିମାଇଁ ପଟ୍ଟନାୟକ ଏହି କଳାକେନ୍ଦ୍ରର ସମ୍ପାଦକ ଭାବରେ କାର୍ଯ୍ୟ କରୁଥିଲେ । ନୟାଗଡ଼ର କଳାପ୍ରିୟ ଝିଅମାନଙ୍କୁ ସେ ମଞ୍ଚକୁ ଆଣିବାରେ ପ୍ରଥମ ବ୍ୟକ୍ତି । କାଳୀବାବୁଙ୍କ ଲିଖିତ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର ଗୀତିନାଟ୍ୟଟି କେବଳ ନୟାଗଡ଼ର କତିପୟ କିଶୋରୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା । ଏହି ନାଟକରେ ଯମୁନାନଦୀ, ନୀଳ ଆକାଶ, ନଈକୂଳର କଦମ୍ବଗଛ ଓ ପୂର୍ଣ୍ଣିମାର ଚନ୍ଦ୍ରର ସେଟିଂ ଅତ୍ୟନ୍ତ ଚମତ୍କାର ହୋଇ ଦର୍ଶକମାନଙ୍କୁ ବିମୋହିତ କରିଥିଲା । ଏହାର ମଞ୍ଚସଜ୍ଜା ଥିଲା ଅଭୁଲା ଓ ଅପାସୋରା ।

(୫) ସଂସ୍କୃତିସଂସଦ, ନୟାଗଡ଼ (୧୯୬୪):

ନୟାଗଡ଼ ଟାଉନ୍‌ରେ ୧୯୬୪ ମସିହାରେ ସଂସ୍କୃତି ସଂସଦ ଗଠନ କରାଯାଇଥିଲା । ସ୍ୱର୍ଗୀୟ ଗୋପୀନାଥ ସାମନ୍ତରାୟ, ସ୍ୱର୍ଗୀୟ ପୂର୍ଣ୍ଣଚନ୍ଦ୍ର ମିଶ୍ର, ସ୍ୱର୍ଗୀୟ କିଶୋର ପଟ୍ଟନାୟକ, ସ୍ୱର୍ଗୀୟ ଶ୍ରୀଚରଣ ସାହୁ, ଭଗବତୀ ଚରଣ ପଟ୍ଟନାୟକ ପ୍ରମୁଖଙ୍କ ମିଳିତ ପ୍ରଚେଷ୍ଟାରେ ସଂସ୍କୃତିସଂସଦ ଜନ୍ମଲାଭ କଲା । ସଂସ୍କୃତି ସଂସଦ ଆନୁକୂଲ୍ୟରେ ନୟାଗଡ଼ ଠାରେ ବହୁ ନାଟକ ମଞ୍ଚସ୍ଥ ହୋଇଛି । ନୟାଗଡ଼ର ଭଗବତୀ ଚରଣ ପଟ୍ଟନାୟକ ସଂସ୍କୃତିସଂସଦର ଜଣେ ଅଗ୍ରଗଣ୍ୟ କଳାକାର । ସେ ହେଉଛନ୍ତି ବିଶିଷ୍ଟ ନାଟ୍ୟକାର କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଭଗିନେୟ । ସଂସ୍କୃତି ସଂସଦ ଆନୁକୂଲ୍ୟରେ ମଞ୍ଚସ୍ଥ ହେଲା ପ୍ରଥମ ନାଟକ 'ପ୍ରତିଶୋଧ' । ଏହି ନାଟକଟି ଗୋପୀନାଥ ସାମନ୍ତରାୟଙ୍କ କଲ୍ଲୋଳ ଟକିଜ୍‌ରେ ମଞ୍ଚସ୍ଥ ହୋଇଥିଲା । ଏହି ସଂସଦ ତରଫରୁ ପ୍ରାୟ ପ୍ରତିବର୍ଷ ନାଟକ ମଞ୍ଚସ୍ଥ ହୋଇ ଆସୁଅଛି । ସଂସ୍କୃତିସଂସଦ ମଞ୍ଚରେ ଅଭିନୀତ ହୋଇଥିବା କେତେଗୋଟି ନାଟକ ହେଉଛି- 'କଂସାବାକଟ', 'ଖଇକଉଡ଼ି', 'ବାଡୁଅ ଝିଅ', 'ଭାନୁମତୀର ଖେଳ', 'ନରୋତ୍ତମ ଦାସ କହେ', 'ବସନ୍ତ ଝଡ଼', 'ଅପରାଧୀ କିଏ', 'ତାମ୍ରଫଳକ', 'ଶେଷ କେଉଁଠି', 'ନିଶାନ୍ତର ଅନ୍ଧକାର', 'ଭାଇଭାଉଜ',

Digitized by PPRACHIN, SOA

'ସେଇବଂଶୀ ସେଇସ୍ୱନ', 'ଅଭିଶପ୍ତ ଘୁଙ୍ଗୁର', 'ଫୁଲଶେଯରେ ମଲାହଂସ'। ଏତଦ୍‌ବ୍ୟତୀତ ନୟାଗଡ଼ ମହାବିଦ୍ୟାଳୟର ଅଧ୍ୟାପକ ତଥା ନାଟ୍ୟକାର ହରିହର ମିଶ୍ରଙ୍କ 'କାଗଡଙ୍ଗା', 'ମଧୁଲିତା', 'ହେ ନିଷାଦ ନିବୃତ୍ତ ହୁଅ', 'ରାତିର ଦୁଇଟି ଡେଣା' ପ୍ରଭୃତି ନାଟକ ଏହି ମଞ୍ଚରେ ଅଭିନୀତ ହୋଇଥିଲା। ସଂସ୍କୃତି ସଂସଦର ନାଟକଗୁଡ଼ିକୁ ନିର୍ଦ୍ଦେଶନା ଦେଉଥିଲେ ଓକିଲ ଗଦାଧର ପଟ୍ଟନାୟକ, ଭଗବତୀ ଚରଣ ପଟ୍ଟନାୟକ ଏବଂ ଅଧ୍ୟାପକ ହରିହର ମିଶ୍ର। ନାଟକଗୁଡ଼ିକରେ ସଙ୍ଗୀତ ସଂଯୋଜନା କରୁଥିଲେ ଅଧ୍ୟାପକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ଓ ଭଗବତୀ ଚରଣ ପଟ୍ଟନାୟକ। ନୟାଗଡ଼ର ନାଟ୍ୟ ପରମ୍ପରା ଓ ମଞ୍ଚକଳାକୁ ସଂସ୍କୃତି ସଂସଦର ଅବଦାନ ଉଲ୍ଲେଖଯୋଗ୍ୟ।

(୬) ଏକକ ଶିଳ୍ପୀ ବାଞ୍ଛାନିଧି ଓ କ୍ଷୁଦ୍ର ମଞ୍ଚ:

ନୟାଗଡ଼ ଜିଲ୍ଲାର ଓଡ଼ଗାଁ ନିକଟବର୍ତ୍ତୀ ରାବରାଶାସନ ଗ୍ରାମର ଏକକ ଶିଳ୍ପୀ ବାଞ୍ଛାନିଧି ଶତପଥୀ ନାଟ୍ୟାଭିନୟ କ୍ଷେତ୍ରରେ ଏକ ବିରଳ ବ୍ୟକ୍ତିତ୍ୱ ଏବଂ ସମଗ୍ର ଓଡ଼ିଶାରେ ଏକ ବିସ୍ମୟ। ଏହି ସ୍ୱନାମଧନ୍ୟ କଳାକାର ଏକକ ଅଭିନୟ ଓ କ୍ଷୁଦ୍ରମଞ୍ଚ ନିର୍ମାଣ କୌଶଳ ଦ୍ୱାରା ଓଡ଼ିଶାର କ୍ଷୁଦ୍ର ରଙ୍ଗମଞ୍ଚ ଆନ୍ଦୋଳନକୁ ଆନ୍ଦୋଳିତ କରିଛନ୍ତି ନିଶ୍ଚୟ। ତାଙ୍କଦ୍ୱାରା ପରିବେଷିତ କେତେଗୋଟି ନାଟକ ହେଉଛି 'ବିଲ୍ୱମଙ୍ଗଳ', 'ଗୀତଗୋବିନ୍ଦ ଓ ଜୟଦେବ', 'କାଳିଜାଈ', 'ନୀଳମାଧବ' ଇତ୍ୟାଦି। ମଞ୍ଚାୟନ ସମୟରେ ସେ ଏକଧାରରେ ପୁରୁଷ ଓ ସ୍ତ୍ରୀ ଭୂମିକରେ ଅଭିନୟ କରୁଥିଲେ। କଳାନିଧି ବାଞ୍ଛାନିଧିଙ୍କ ଏକକ ଅଭିନୟକୁ ତାଙ୍କ ଗ୍ରାମର କେତେଜଣ କଳାକାର ବଞ୍ଚାଇ ରଖିଛନ୍ତି।

(୭) ମିଳନୀ କ୍ଲବ୍, ନୟାଗଡ଼ (୧୯୬୭):

୧୯୬୭ ମସିହା ହେଉଛି ନୟାଗଡ଼ ମିଳନୀକ୍ଲବର ଜନ୍ମଲଗ୍ନ। ଏହାର ପ୍ରାଣ ପ୍ରତିଷ୍ଠାତା ହେଉଛନ୍ତି ଓକିଲ ଗଦାଧର ପଟ୍ଟନାୟକ, ଓଭରସିଆର ଆଶୁତୋଷ ମିଶ୍ର, ବ୍ୟାଙ୍କ୍ କର୍ମଚାରୀ ଗଙ୍ଗାଧର ପରିଡ଼ା, ଶିକ୍ଷା ବିଭାଗର କର୍ମଚାରୀ ବାଳକୃଷ୍ଣ ପଟ୍ଟନାୟକ, ରବି ନାରାୟଣ ମାହାପତ୍ର ରାମଚନ୍ଦ୍ର ସାହୁ, ଅଲେଖ ନାୟକ, କୈଳାଶ ଚନ୍ଦ୍ର ମହାପାତ୍ର ଓ ବ୍ରଜବନ୍ଧୁ ବେହେରା। ନୟାଗଡ଼ ଅମଲାପଡ଼ାରେ ମିଳନୀକ୍ଲବ ଆନୁକୂଲ୍ୟରେ ଅସ୍ଥାୟୀ ମଞ୍ଚ ପ୍ରସ୍ତୁତ କରାଯାଇ ନାଟକମାନ ପ୍ରଦର୍ଶନ କରାଯାଉଥିଲା। ଗଦାଧର ପଟ୍ଟନାୟକ ନାଟକଗୁଡ଼ିକରେ ନିର୍ଦ୍ଦେଶନା ଦେଉଥିଲେ। ମିଳନୀ ରଙ୍ଗମଞ୍ଚ ତରଫରୁ ପରିବେଷିତ କେତେଗୋଟି ନାଟକ ହେଉଛି- 'ଶେଷଶ୍ରାବଣ', 'ଲୁହାଶିଙ୍କୁଳି', 'ତୋଳାକନିଆ', 'କଂସାକବାଟ', 'ମୂଲିଆ', 'ଭାଇଭାଉଜ', 'ସାଇପଡ଼ିଶା', 'ଅଥଚ ଚାଣକ୍ୟ' ଇତ୍ୟାଦି।

Digitized by PPRACHIN, SOA

(୮) ପାଟଚଣ୍ଡୀ କ୍ଲବ୍ ଓ ଷ୍ଟାର କ୍ଲବ୍:

ନୟାଗଡ଼ର ନାଟ୍ୟ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଆଉ ଦୁଇଗୋଟି କ୍ଲବ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେଥିମଧ୍ୟରୁ ପ୍ରଥମଟି ହେଉଛି ପାଟଚଣ୍ଡୀ କ୍ଲବ୍ ଓ ଅପରଟି ଷ୍ଟାର କ୍ଲବ୍। ନୟାଗଡ଼ର କୃତବିଦ୍ୟ ବିଜ୍ଞାନ ଶିକ୍ଷକ ତଥା କଳାପ୍ରାଣ ବ୍ୟକ୍ତି ବାଳକୃଷ୍ଣ ମିଶ୍ର ୧୯୭୦ ମସିହାରେ କଂଗ୍ରେସ ଅଫିସଠାରେ ପାଟଚଣ୍ଡୀ କ୍ଲବ୍ ପ୍ରତିଷ୍ଠା କଲେ। ୧୯୭୧ ମସିହାରେ ଏହାକୁ 'ଯଦୁମଣି ମେମୋରିଆଲ୍ କ୍ଲବ୍' ନାମରେ ନାମିତ କରାଗଲା। ଏହି କ୍ଲବ୍ ଆନୁକୂଲ୍ୟରେ କଂଗ୍ରେସ କାର୍ଯ୍ୟାଳୟ ଠାରେ 'ଅଲିଭାଦୀପ', 'ଉଭଟ ନୁହେଁ', 'ଯା'ପରେ କ'ଣ', 'ଆମେ ବଞ୍ଚିଛୁ', 'ଅଦେଖା ହାତ', 'ଅକୁହା କଥା' ପ୍ରଭୃତି ବାରଗୋଟି ନାଟକ ବାଳକୃଷ୍ଣ ମିଶ୍ରଙ୍କ ନିର୍ଦ୍ଦେଶନାରେ ସଫଳତାର ସହିତ ମଞ୍ଚସ୍ଥ ହୋଇଥିଲା। ଏହାପରେ ବାଳଭବନ ଠାରେ ଶ୍ରୀ ବାଳକୃଷ୍ଣ ମିଶ୍ର ବାଳଭବନ କ୍ଲବ୍ ଗଠନ କରି ଆଠଗୋଟି ନାଟକକୁ ନିର୍ଦ୍ଦେଶନ ଦେଇ ମଞ୍ଚସ୍ଥ କରାଇଥିଲେ। ବାଳକୃଷ୍ଣ ମିଶ୍ର ନିଜେ ମଧ୍ୟ ନାଟ୍ୟକାର। ତାଙ୍କ ରଚିତ ଗୀତିନାଟ୍ୟ 'ବ୍ୟାଧିରାଜ ବଧ', 'ସଙ୍କଟମୋଚନ' ପ୍ରଭୃତି ବିଜ୍ଞାନ ଭିତ୍ତିକ ଗୀତିନାଟ୍ୟ ନୟାଗଡ଼ରେ ମଞ୍ଚସ୍ଥ ହୋଇଛି। ୧୯୭୫ ମସିହାରେ ଷ୍ଟାର୍ କ୍ଲବ୍ ଜନ୍ମ ନେଇଥିଲା। ଏହି କ୍ଲବର ମୁଖ୍ୟ ପୃଷ୍ଠପୋଷକ ଥିଲେ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଚରଣ ସାହୁ ଇତ୍ୟାଦି। ଷ୍ଟାର୍ କ୍ଲବ ଦ୍ୱାରା ମଞ୍ଚସ୍ଥ ନାଟକଗୁଡ଼ିକ ମଧ୍ୟରେ 'କିସ ପୁଣି ଦେଖା ନଯାଏ', 'ଅପରାଧୀ କିଏ', 'କାହାକୁ କରିବି ପର' ପ୍ରଭୃତି ଉଲ୍ଲେଖଯୋଗ୍ୟ। ଏହି ନାଟକଗୁଡ଼ିକୁ ନିର୍ଦ୍ଦେଶନା ଦେଉଥିଲେ ଭଗବତୀ ଚରଣ ପଟ୍ଟନାୟକ ଓ କୃଷ୍ଣ ମୋହନ ରେଡ୍ଡୀ। ଷ୍ଟାର୍ କ୍ଲବ୍‌ର ମଞ୍ଚକୌଶଳ ଓ ମଞ୍ଚ ପରିପାଟୀ ଅତ୍ୟନ୍ତ ଉଚ୍ଚକୋଟୀର ଥିଲା।

(୯) ତ୍ରିମୁଖୀ ରଙ୍ଗମଞ୍ଚ, ନୟାଗଡ଼(୧୯୭୫):

୧୯୭୫ ମସିହାରେ ନୟାଗଡ଼ର ଶିକ୍ଷାଜିଲ୍ଲା ଅଧିକାରୀ ଲକ୍ଷ୍ମୀଧର ଶତପଥୀଙ୍କ ସମୟରେ ଏହି ଶିକ୍ଷାଜିଲ୍ଲାର ବଛା ବଛା କଳାକାରମାନଙ୍କୁ ନେଇ ମହାନ୍ ପୌରାଣିକ ନାଟକ 'ବେଣୀବନ୍ଧନ' ନ୍ୟୁଟାଉନ୍ ବିଦ୍ୟାଳୟ ପ୍ରାଙ୍ଗଣରେ ତ୍ରିମୁଖୀ ରଙ୍ଗମଞ୍ଚରେ ଅଭିନୀତ ହୋଇଥିଲା। ଏହି ତ୍ରିମୁଖୀ ରଙ୍ଗମଞ୍ଚର ପରିକଳ୍ପନା କରିଥିଲେ ଶିକ୍ଷକ କବୀର ପଲ୍ଲେଇ ଏବଂ ସେ ନିଜେ ଶ୍ରୀକୃଷ୍ଣ ଭୂମିକାରେ ଅଂଶଗ୍ରହଣ କରିଥିଲେ। ସେହିପରି ଶିକ୍ଷକ ଯୋଗେନ୍ଦ୍ରନାଥ ବରାଡ ଭୀମ ଭୂମିକାରେ ଏବଂ ଶିକ୍ଷକ ଅଲେଖ ବେହେରା ଦୁଃଶାସନ ଭୂମିକାରେ ଚମତ୍କାର ଅଭିନୟ କରିଥିଲେ। ଏହି ମଞ୍ଚକୁ ବାଇଗୁଣିଆର ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ନିର୍ମାଣ କରିଥିଲେ। ଏହାର ଆଲୋକସଜ୍ଜା ଓଡ଼ଗାଁର ପୃଷ୍ଟି ଇଲେକ୍ଟ୍ରିକାଲ୍‌ସ କରିଥିଲେ। ଦର୍ଶକ ସମୟେ ସମୟେ ତିନୋଟିଯାଗ ମଞ୍ଚରେ ଏକ ସମୟରେ ଅଭିନୟ ଦେଖୁଥିଲେ। ଏହି ନାଟକରେ ଚକ୍ରଛାୟା ଏବଂ

Digitized by PPRACHIN, SOA

ରକ୍ତନଦୀର ସେଟିଂ ବେଶ୍ ଉଚ୍ଚକୋଟୀର ଥିଲା । ନୟାଗଡ଼ର ନାଟ୍ୟ ପରମ୍ପରାରେ ତ୍ରିମୁଖୀ ରଙ୍ଗମଞ୍ଚର କଳା ଓ କୌଶଳ ଏ ଯାବତ୍ ଅଭୁଲା ହୋଇ ରହିଛି ।

(୧୦) କଳାମନ୍ଦିର ନାଟ୍ୟ ସଂସଦ, ନୟାଗଡ଼ (୧୯୭୮):

ନୟାଗଡ଼ ପୁରୁଣା ସହରରେ ଏହି ସଂସଦ କାର୍ଯ୍ୟକାରୀ ହୋଇଥିଲା । ଏହି ନାଟ୍ୟ ସଂସଦ ତରଫରୁ 'ବୀର ଅଭିମନ୍ୟୁ', 'ରାତିର ରଜନୀଗନ୍ଧା', 'ବଭ୍ରୁବାହନ' ପ୍ରଭୃତି ନାଟକ ମଞ୍ଚସ୍ଥ ହୋଇଥିଲା । ଏହି ନାଟକ ଗୁଡ଼ିକୁ ବିଜୟ କୁମାର ବେବର୍ତ୍ତା ପଟ୍ଟନାୟକ ନିର୍ଦ୍ଦେଶନା ଦେଇଥିଲେ ।

(ଗ) ସମକାଳୀନ ନାଟ୍ୟପରମ୍ପରା:

୧୯୮୦ ମସିହା ପରବର୍ତ୍ତୀ ନୟାଗଡ଼ର ନାଟ୍ୟଧାରାକୁ ସମକାଳୀନ ନାଟ୍ୟପରମ୍ପରା ଶୀର୍ଷକରେ ଆଲୋଚନା କରାଯାଇଛି:-

(୧) ଯୁବମିଳନ (୧୯୮୦):

ମିଳନୀ ନାଟ୍ୟସଂସ୍ଥା କାର୍ଯ୍ୟକାରୀ ହେବାର କିଛି ବର୍ଷପରେ ନୀରବ ରହିବାରୁ ୧୯୮୦ ମସିହାରେ ନାଟ୍ୟପ୍ରାଣ ଅଧ୍ୟାପକ ବିଜୟ କୁମାର ଚୌଧୁରୀଙ୍କ ନେତୃତ୍ୱରେ ଯୁବମିଳନୀ ନାଟ୍ୟସଂସ୍ଥା ଗଠନ କରାଯାଇଥିଲା । ଏଥିରେ ନୟାଗଡ଼ର ବହୁ ଉତ୍ସାହୀ ଯୁବକ କଳାକାର ଭାବରେ ନିଜକୁ ସାମିଲ କରିଥିଲେ । ଯୁବମିଳନୀ ସଂସ୍ଥାଦ୍ୱାରା ନୟାଗଡ଼ଠାରେ ଅନେକ ନାଟକ ମଞ୍ଚସ୍ଥ ହୋଇ ଆସୁଅଛି । ଏହି ନାଟକଗୁଡ଼ିକୁ ନିର୍ଦ୍ଦେଶନା ଦେଉଥିଲେ ଅଧ୍ୟାପକ ବିଜୟ କୁମାର ଚୌଧୁରୀ । ଯୁବମିଳନୀ ସଂସ୍ଥା ଦ୍ୱାରା ପରିବେଷିତ କେତେକ ନାଟକ ହେଉଛି- 'ଦୁଇଟି ରକ୍ତ ଗୋଲାପ', 'ବିନ୍ଦୁବଳୟ', 'ଅଗ୍ନି ତପସ୍ୟା', 'ଉଆଁସୀ କନ୍ୟା', 'ଶୂନ୍ୟ ଚଡ଼କ', 'ଅଥଚ ଚାଣକ୍ୟ', 'ପକା କମ୍ବଳ ପୋତ ଛତା', 'ସନ୍ଧ୍ୟାତାରା', 'ଶେଷଅଶ୍ରୁ', 'ତିମିର ତୀର୍ଥ', 'ମ୍ଳାନଶର୍ବରୀ', 'ଫୁଲଶଯ୍ୟା', 'ମୃଗୟା', 'ହଂସଧ୍ୱନି', 'ନିନ୍ଦିତ ଗଜପତି', 'ଅମୃତସ୍ୟ ପୁତ୍ରଃ', 'ମୁଁ ଆମ୍ଭେ ଆମ୍ଭେମାନେ' ଇତ୍ୟାଦି । ଯୁବମିଳନୀ ସଂସ୍ଥା ପ୍ରାୟୋଜିତ ଅନେକ ନାଟକରେ ସଙ୍ଗୀତ ସଂଯୋଜନା କରିଥିଲେ ଅଧ୍ୟାପକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି । ଏହି ସଂସ୍ଥାର ମଞ୍ଚକୌଶଳ ବେଶ୍ ଆଧୁନିକ ଶୈଳୀର । ଇଟାମାଟିର ଭୁବନ ଚିତ୍ରାଳୟ ଏହି ମଞ୍ଚସଜ୍ଜା ଦାୟିତ୍ୱରେ ଥିଲେ । ସର୍ବୋପରି 'ତିମିର ତୀର୍ଥ' ନାଟକର ମଞ୍ଚସଜ୍ଜା ବେଶ୍ ଉଚ୍ଚକୋଟୀର ଥିଲା । ଯୁବମିଳନୀ ସଂସ୍ଥାର ଏକ ବିଶେଷ ଦିଗ ହେଉଛି ଯେ ନୟାଗଡ଼ର ପାରମ୍ପରିକ ମଞ୍ଚରେ ନୂତନ ମଞ୍ଚକୌଶଳ ଉପରେ ଆଧାରିତ ନାଟକ ଯଥା- 'ମୁଁ ଆମ୍ଭେ ଆମ୍ଭେମାନେ', 'ତିମିର ତୀର୍ଥ', 'ଅମୃତସ୍ୟ ପୁତ୍ରଃ, 'ମୃଗୟା', 'ନାୟିକାର ନାମ ଲୁସି', 'ନିନ୍ଦିତ ଗଜପତି' 'ହଂସଧ୍ୱନି' ପ୍ରଭୃତି ଭିନ୍ନ ସ୍ୱାଦର ନାଟକକୁ ଏହି ସଂସ୍ଥା ଅତ୍ୟନ୍ତ ସଫଳତାର ସହିତ ପରିବେଷଣ

Digitized by PPRACHIN, SOA

କରିପାରିଛି । ସେହିପରି ଯୁବମିଳନୀ ନାଟ୍ୟାନୁଷ୍ଠାନ ଆନୁକୂଲ୍ୟରେ 'ସହର ସେଦିନ ଅନ୍ଧାର ଥିଲା', 'ଏଇ ଯେ ସୂର୍ଯ୍ୟ ଉଏଁ', 'ତ୍ରିଶଙ୍କୁ', 'ସମୟର ଏକ ଅପମୃତ୍ୟୁ', ନାଟ୍ୟକାର ଅଧ୍ୟାପକ ରାମଚନ୍ଦ୍ର ମିଶ୍ରଙ୍କର 'ଏମିତି ଚାଲିଛି', 'ନାୟିକାର ନାଁ ଲୁସି' ବ୍ୟତୀତ 'ମୋ ପୃଥିବୀ', 'ଆଧୁନିକ ରାମାୟଣ', 'ରୁଦ୍ଧଦ୍ୱାର', 'ଗୋଇଠାବାବା' ପ୍ରଭୃତି ନାଟକ ମଞ୍ଚସ୍ଥ ହୋଇ ନୟାଗଡ଼ରେ ନାଟ୍ୟ ପରମ୍ପରାକୁ ସମୃଦ୍ଧ କରିପାରିଥିଲା । ଯୁବମିଳନୀ ନାଟ୍ୟସଂସ୍ଥାର ସୁନାମଧନ୍ୟ ନିର୍ଦ୍ଦେଶକ ହେଉଛନ୍ତି ଅମୂଲ୍ୟ ଚନ୍ଦ୍ର ସ୍ୱାଇଁ । 'ସହର ସେଦିନ ଅନ୍ଧାର ଥିଲା', 'ତିମିର ତୀର୍ଥ', 'କାଚଘର', 'କାଳାନ୍ତର', 'ରାଜହଂସ', 'ବନ୍ଦି ଜଗବନ୍ଧୁ' ପ୍ରଭୃତି ବାଇଶିଗୋଟି ନାଟକର ନିର୍ଦ୍ଦେଶନା ଦେଇ ଯଶସ୍ୱୀ ହୋଇଛନ୍ତି ।

(୨) ନେପଥ୍ୟେ ନାଟ୍ୟସଂସ୍ଥା (୧୯୮୯):

ନୟାଗଡ଼ରେ ସମକାଳୀନ ନାଟ୍ୟ ପରମ୍ପରା ପରିପ୍ରେକ୍ଷୀରେ 'ନେପଥ୍ୟେ ନାଟ୍ୟସଂସ୍ଥା'ର ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ । ନୟାଗଡ଼ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ତଥା ନାଟ୍ୟକାର ହରିହର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏବଂ ତାଙ୍କର ଛାତ୍ର ଅନ୍ନଦା ମିଶ୍ର, ପାଣ୍ଡବ ନାୟକ, କମଳ ଦାସ, ନିର୍ମଳଚନ୍ଦ୍ର ଶୂରଦେଓ, ଅମୁଲ୍ୟ ଚନ୍ଦ୍ର ସ୍ୱାଇଁ, ସୁଦର୍ଶନ ରାଉତ, ସୁରେଶ ଚନ୍ଦ୍ର ମିଶ୍ରଙ୍କ ସହଯୋଗରେ ନୟାଗଡ଼ରେ ଆଞ୍ଚଳିକ ସାହିତ୍ୟ ସମାଜ ୧୯୮୯ ମସିହାରେ ଗଠନ କରାଯାଇଥିଲା । ଏହି ସାହିତ୍ୟ ସମାଜର ଗୋଟିଏ ଭଗିନୀ ସଂସ୍ଥା ସମତାଳରେ କାର୍ଯ୍ୟ କରିଥିଲା । ତାହା ହେଉଛି 'ନେପଥ୍ୟେ ନାଟସଂସ୍ଥା' । ନେପଥ୍ୟେ ନାଟ୍ୟସଂସ୍ଥା ଆନୁକୂଲ୍ୟରେ ପ୍ରାୟୋଜିତ 'ଏବେ ନୁହେଁ ତ କେବେ ନୁହେଁ' ବେଶ୍ ସଫଳତା ଲାଭ କରିଥିଲା । ଏହି ନାଟକର ରଚୟିତା ଓ ନିର୍ଦ୍ଦେଶକ ଥିଲେ ଅଧ୍ୟାପକ ହରିହର ମିଶ୍ର । ଏହି ନାଟ୍‌କଟି ୧୯୮୯ ମସିହାରେ ସଙ୍ଗୀତ ନାଟକ ଏକାଡ଼େମୀର ଅଷ୍ଟାଦଶ ନାଟକୋତ୍ସବରେ ଢ଼େଙ୍କାନାଳର ଜିଲ୍ଲା ପରିଷଦ ପ୍ରେକ୍ଷାଳୟରେ ଅଭିନୀତ ହୋଇଥିଲା । ଏହି ନାଟକଟିର one set setting ଦର୍ଶକମାନଙ୍କୁ ବେଶ୍ ଅଭିଭୂତ କରିପାରିଥିଲା । ସେହିପରି ନୟାଗଡ଼ଠାରେ 'ଏବେ ନୁହେଁ ତ କେବେ ନୁହେଁ', 'ସୁଖବାସୀ', 'ଆଲୋକ ବର୍ତ୍ତିକା', 'ଅଦୃଶ୍ୟନଟ', 'ଦୁଇଟି ରକ୍ତ ଗୋଲାପ' ପ୍ରଭୃତି ନାଟକ ନେପଥ୍ୟେ ନାଟ୍ୟସଂସ୍ଥା ଦ୍ୱାରା ଅଭିନୀତ ହୋଇଥିଲା । 'ଏବେ ନୁହେଁ ତ କେବେନୁହେଁ', 'ସୁଖବାସୀ' ପ୍ରଭୃତି ନାଟକରେ ନୟାଗଡ଼ର ଝିଅ ମମତା ପଟ୍ଟନାୟକ, ଗୀତିମୁକ୍ତା ମିଶ୍ର ପ୍ରଭୃତି ଅଭିନୟ କରି ପ୍ରଶଂସାଭାଜନ ହୋଇପାରିଥିଲେ । ଏହାବ୍ୟତୀତ ଏହି ନାଟ୍ୟସଂସ୍ଥା ନୟାଗଡ଼ ବିନାୟକ ଟାଉନ୍‌ହଲ୍‌ଠାରେ ପରୀକ୍ଷାମୂଳକ Laboratory Drama ଭିତରେ 'ବୁଦ୍ଧ', 'ଭଙ୍ଗାସିଡ଼ି' ପ୍ରଭୃତି କ୍ଷୁଦ୍ରନାଟକ ମଞ୍ଚସ୍ଥ କରି ସଫଳତା ଲାଭ କରିଥିଲେ ।

Digitized by PPRACHIN, SOA

(୩) ଚମତ୍କାର ନାଟ୍ୟସଂସ୍ଥା (୨୦୦୬):

୨୦୦୬ ମସିହାରେ ଚମତ୍କାର ନାଟ୍ୟସଂସ୍ଥା ଆତ୍ମପ୍ରକାଶ ଲାଭ କଲା । ଏହି ସଂସ୍ଥାର ପ୍ରତିଷ୍ଠାତା ସଦସ୍ୟମାନେ ହେଉଛନ୍ତି ବ୍ୟଙ୍ଗକବି ସତ୍ୟନାଶ, ପାଣ୍ଡବ ନାୟକ, ଶରତ ଚନ୍ଦ୍ର ଆଚାର୍ଯ୍ୟ, ତପନ କୁମାର ମହାପାତ୍ର, ପ୍ରଭାତ ମିଶ୍ର, ସୁରେନ୍ଦ୍ର ସାହୁ, ଗଦାଧର ନନ୍ଦ, ପ୍ରଦୀପ ଡାକୁଆ, ଲକ୍ଷ୍ମୀଧର ମହାପାତ୍ର ଇତ୍ୟାଦି । ନୟାଗଡ଼ର ସମକାଳୀନ ନାଟ୍ୟପରମ୍ପରାରେ ଚମତ୍କାର ନାଟ୍ୟସଂସ୍ଥାର ସ୍ଥାନ ଗୌରବପୂର୍ଣ୍ଣ । ଏହି ସଂସ୍ଥାର କଳାକାରମାନଙ୍କ ଦ୍ୱାରା ଆୟୋଜିତ 'ଗୋଇଠାବାବା', 'ସର୍ପଯଜ୍ଞ', 'ବାବା ନିରୁଦ୍ଦିଷ୍ଟ' ନାଟକ ଅଶାତୀତ ସଫଳତା ଲାଭ କରିଥିଲା । ଚମତ୍କାର ନାଟ୍ୟସଂସ୍ଥାର ସଂପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ନେତୃତ୍ୱରେ ନୟାଗଡ଼ର ଏହି ଚମତ୍କାର ନାଟ୍ୟସଂସ୍ଥା ଉତ୍ତରପ୍ରଦେଶର କାନପୁରଠାରେ ଆନ୍ତଃରାଜ୍ୟ ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା । ୨୦୦୮ ମସିହାରେ ଏହି ସଂସ୍ଥାର କଳାକାରମାନଙ୍କ ଦ୍ୱାରା ଅଧ୍ୟାପକ ବିଜୟ କୁମାର ଚୌଧୁରୀଙ୍କ ନିର୍ଦ୍ଦେଶନାରେ 'ଡାଆଣୀ' ନାଟକ ମଞ୍ଚସ୍ଥ ହୋଇଥିଲା । ସୂଚନାଯୋଗ୍ୟ, ନୟାଗଡ଼ର ଝିଅ କ୍ଷୀରାବଧି ତନୟା 'ସର୍ପଯଜ୍ଞ', 'ଗୋଇଠାବାବା', 'ଡାଆଣୀ' ନାଟକରେ ସଫଳଭାବରେ ଅଭିନୟ କରିଥିଲେ । ସେହିପରି ଅଭିନୟ କଳାକୁ ବଞ୍ଚାଇବା ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ପ୍ରାୟୋଜିତ ଏବଂ ଚମତ୍କାର ନାଟ୍ୟସଂସ୍ଥା ଦ୍ୱାରା ଆୟୋଜିତ ଏକ ପ୍ରଶିକ୍ଷଣ ଶିବିର ଏକମାସ ଧରି ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା ।

ସାମ୍ପ୍ରତିକ କାଳରେ ସମଗ୍ର ଓଡ଼ିଶାରେ ମଞ୍ଚର ଦୁର୍ଦ୍ଦିନ ଦେଖାଦେଇଛି । କିନ୍ତୁ ନୟାଗଡ଼ ଜିଲ୍ଲାରେ ନାଟ୍ୟପ୍ରାଣ କଳାକାରମାନଙ୍କ ଦ୍ୱାରା ନାଟ୍ୟ ପରମ୍ପରାକୁ ବଜାୟ ରଖିବା ପରି ମନେହୁଏ । ବିଶେଷତଃ ନୟାଗଡ଼ ମହାବିଦ୍ୟାଳୟର ନାଟ୍ୟସଂସଦ, ଇଟାମାଟି ବଂଶୀଧର ମହାବିଦ୍ୟାଳୟ ନାଟ୍ୟସଂସଦ ନାଟ୍ୟ ପରିବେଷଣ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ପଦାଙ୍କ ଅଙ୍କନ କରିଛନ୍ତି । ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ, ଇଟାମାଟି ଆନୁକୂଲ୍ୟରେ ଶରତଚନ୍ଦ୍ର ଆଚାର୍ଯ୍ୟଙ୍କ ନିର୍ଦ୍ଦେଶିତ ନାଟକ 'ଡାଆଣି' ବେଶ୍ ପ୍ରଭାବଶାଳୀ ଥିବାବେଳେ ନୟାଗଡ଼ ମହାବିଦ୍ୟାଳୟର ନାଟ୍ୟସଂସଦ ଆନୁକୂଲ୍ୟରେ ନାଟ୍ୟକାର ହରିହର ମିଶ୍ରଙ୍କ ନାଟକ ଏବଂ ରାମଚନ୍ଦ୍ର ମିଶ୍ରଙ୍କ 'ନାୟିକାର ନାଁ ଲୁସି', 'ଏକାନ୍ତ ନିଜସ୍ୱ', 'ବାଲ୍ମୀକି ଉବାଚ', 'ଏକ ସୂର୍ଯ୍ୟ ଅନେକ ପୃଥିବୀ' ନାଟକ ମଞ୍ଚସ୍ଥ ହୋଇଛି । ବଂଶୀଧର ମହାବିଦ୍ୟାଳୟ ଆନୁକୂଲ୍ୟରେ ନାଟ୍ୟକାର ବଂଶୀଧର ସାହୁଙ୍କର 'ନୂଆ ସମାଜ', 'ରାଣା ପ୍ରତାପ', 'ଗାଁକୁ ଚାଲ', 'ସେବା ହିଁ ଧର୍ମ', 'ମହାକାଳ', 'କୁଳ ଭୁଲିଗଲା କୁଳନନ୍ଦନ', 'ପ୍ରତିଭା ଲୁଚି ରହେନା', 'ଆଇନ୍‌ର ହାତ' ପ୍ରଭୃତି ନାଟକ ମଞ୍ଚସ୍ଥ ହୋଇଛି । ନୟାଗଡ଼ ବାର୍ ଆସୋସିଏସନ୍ 'କୃଷ୍ଣଚୂଡ଼ାର ହସ',

Digitized by PPRACHIN, SOA

'ଦେବଦାସୀ' ପ୍ରଭୃତି ନାଟକ ମଞ୍ଚାୟନ କରି ପରମ୍ପରାକୁ ବଞ୍ଚାଇ ରଖିଛନ୍ତି । ସେହିପରି ରଣପୁର ଅଫିସର୍ସ କ୍ଲବ, ଶୁକଳଗାଡ଼ିଆର କାମାକ୍ଷୀ ନାଟ୍ୟସଂସ୍ଥା, ବରସାହିର ଜୟହିନ୍ଦ୍ କଳାପରିଷଦ, ଖଣ୍ଡୁଗାଁର ରଘୁନାଥ ଡ୍ରାମାଟିକ୍ କ୍ଲବ, ଖଣ୍ଡପଡ଼ା, ଦଶପଲ୍ଲା ଓ ଶରଣକୁଳ ଅଞ୍ଚଳର ବିଭିନ୍ନ ନାଟ୍ୟସଂସ୍ଥା ନାଟ୍ୟପରମ୍ପରାର ବିଶ୍ୱସ୍ତ ବାର୍ତ୍ତାବହ ଅଟନ୍ତି । ବରସାହି ଜୟହିନ୍ଦ୍ କଳା ପରିଷଦ ନାଟ୍ୟକାର ଜଗନ୍ନାଥ ସ୍ୱାଇଁଙ୍କର 'ଦାୟୀ କିଏ', 'ଅକ୍ଷୟ କିର୍ତ୍ତି', 'ତପ୍ତ ଅଶ୍ରୁ', 'ଜବାବ୍' ପ୍ରଭୃତି ନାଟକଗୁଡ଼ିକୁ ମଞ୍ଚସ୍ଥ କରିଛନ୍ତି । କଣ୍ଟାବଣିଆ ଶାସନର ମା ନାରାୟଣୀ ଯୁବକ ସଂଘ ଦୀର୍ଘ ୨୦ ବର୍ଷ ଧରି ଗଦାଧର ନନ୍ଦ, ବଳଭଦ୍ର ଆଚାର୍ଯ୍ୟ, ଦିଲ୍ଲୀପ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶନାରେ ନାଟକ ମଞ୍ଚସ୍ଥ କରି ଆସୁଛନ୍ତି । ପରମ୍ପରା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ନୟାଗଡ଼ ଜିଲ୍ଲା ମହୋତ୍ସବ (୨୦୦୭)ରେ ଗୋବିନ୍ଦ ଶୂରଦେଓଙ୍କ 'ପେଟେଣ୍ଟ ମେଡ଼ିସିନ୍' ଏବଂ ରବୀନ୍ଦ୍ର ମଣ୍ଡପ ଠାରେ ଗଦାଧର ନନ୍ଦଙ୍କ 'ଜଗନ୍ନାଥ ହୋ କିଛି ମାଗୁନାହିଁ ତୋତେ' (୨୦୦୭) ଅଭିନୀତ ହୋଇଛି । ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଅବସରରେ ୫ ଦିନ ଧରି ବିଭିନ୍ନ ନାଟକ ମଞ୍ଚସ୍ଥ ହେବା ଏକ ବିରଳ ଘଟଣା । ସୂଚନାଯୋଗ୍ୟ ପଦ୍ମାଦେଈପୁର ଶାସନର ସଂସ୍କୃତ ଅଧ୍ୟାପକ ଓ ନାଟ୍ୟକାର ଜନାର୍ଦ୍ଦନ ମିଶ୍ର ନୟାଗଡ଼ରେ Double stage, triple stage ଏବଂ Light zone ର ପ୍ରବର୍ତ୍ତକ । ଶ୍ରୀଯୁକ୍ତ ମିଶ୍ର ନାଟ୍ୟ ଜଗତର ଏହି ଚିନ୍ତାଧାରାକୁ କଳିକତାରୁ ଆଣିଥିଲେ । ନୟାଗଡ଼ର ନାଟ୍ୟପରମ୍ପରାର ଯେପରି ଉନ୍ନତ ଐତିହ୍ୟ ରହିଛି, ସେହିପରି ମଧ୍ୟ ଏହାର ନିଖୁଣ ଭବିଷ୍ୟତ ରହିଛି । ଆଜିର ଏହି ଭିଜୁଆଲ ଇମେଜ୍ ଯୁଗରେ ନାଟକ ବଞ୍ଚିରହିଛି ଓ ରହିବ ।

□■□

Digitized by PPRACHIN, SOA

ସପ୍ତଦଶ ପରିଚ୍ଛେଦ

ନୟାଗଡରେ ରାଜରାଜୁଡ଼ା ସମୟରେ ପ୍ରଚଳିତ ଶବ୍ଦାବଳୀ

Digitized by PPRACHIN, SOA

ନିୟାଗଡ଼ ରାଜ୍ୟରେ ରାଜରାଜୁଡ଼ା ସମୟରେ କେତେକ ସ୍ୱତନ୍ତ୍ର ଶବ୍ଦାବଳୀ ପ୍ରଚଳିତ ଥିଲା । ସେହି ପ୍ରଚଳିତ ଶବ୍ଦାବଳୀରୁ କିଛି ସଂଗ୍ରହ କରାଯାଇ ଏହି ଅଧ୍ୟାୟରେ ଆଲୋଚନା କରାଯାଇଛି–

ଅନ୍ତର ବିରାଦର – ରାଜାଙ୍କର ଭାଇ କିମ୍ବା କୁଟୁମ୍ବ ଶ୍ରେଣୀୟ । ଏହା ମଧ୍ୟ ବେଳେବେଳେ ପୋଇଲୀ ପୁଅଙ୍କୁ ବୁଝାଏ ।

ଅମାର – କରଜ ଓ ସଞ୍ଜାଧାନ ଏହି ସ୍ଥାନରେ ଅସୁଲ ହୋଇ ଜମା ରହିଥାଏ ।

ଉତ୍ତରକବାଟ – ସୈନିକମାନଙ୍କୁ ପ୍ରଦତ୍ତ ଉପାଧି ।

କାର୍ଯ୍ୟୀ – ରାଜବାଟୀର କିଛି ଦାୟିତ୍ୱ ନେଇ କରୁଥିବା ବ୍ୟକ୍ତି ।

କୁଲେଇପଦକ – ରାଜା ରାମଚନ୍ଦ୍ର ସିଂହ ମାନଧାତାଙ୍କ ସମୟରେ ସୁନାରେ କୁଲେଇ ପଦକ ନିର୍ମିତ ହୋଇଥିଲା ।

କୋଏକାନ ଜାଗ୍ରି – ସୈନିକ ମାନଙ୍କୁ ପ୍ରଦତ୍ତ ଜାଗ୍ରି ।

କୋଠ ମା' – ରାଜାଙ୍କ ରକ୍ଷିତା ।

କୋର୍ଟ ଅଫ୍ ୱାର୍ଡ୍ସ – ରାଜା ନାବାଳକ ଥିଲେ ରାଜ୍ୟଶାସନ ବ୍ରିଟିଶ୍ ସରକାରଙ୍କ ହାତକୁ ନେବା ।

ଖମାର – ଯେଉଁଠାରେ ଚାଷ କରାଯାଏ । ମାଳିସାହି, ନଡ଼ିଆଳି, ଖୁଣ୍ଟୁବନ୍ଧ, ରାଇପୁର ଓ ଚଣ୍ଡୀବସ୍ତ– ଏହି ପାଞ୍ଚଗୋଟି ଗ୍ରାମ ହେଉଛି ରାଜାଙ୍କର ଖମାର ।

ଖଏରାତ୍ କୋଠମା – ରାଜାଙ୍କ ରକ୍ଷିତା ସ୍ତ୍ରୀ ।

ଚର୍ଚ୍ଚା ବେହେରା – ଏମାନେ ଭଣ୍ଡାରି ଜାତିର ଲୋକ । ବିଦେଶରୁ କେହି ଭଦ୍ରଲୋକ ଆସିଲେ ଏମାନେ ରାଜାଙ୍କୁ ସାକ୍ଷାତ କରାଇଥାନ୍ତି ।

ଚୌକିବେଢ଼ ପାଏକ – ରାଜବାଟୀ ଚାରିପଟେ ପହରା ଦେଉଥିବା ପାଇକ ।

ଦକ୍ଷିଣକବାଟ – ସୈନିକମାନଙ୍କୁ ପ୍ରଦତ୍ତ ଉପାଧି ।

ଦାରୁଘର – ଗୋଳାବାରୁଦ ରଖିବା ଘର ।

Digitized by PPRACHIN, SOA

ନଗଦିଆପାଇକ – ଏମାନେ ହେଉଛନ୍ତି ଘୁମୁସରରୁ ଆସିଥିବା କାଳିନ୍ଦୀ ପାଇକ।

ନିଯିଗଡ଼ – ବର୍ତ୍ତମାନର ନୟାଗଡ଼ର ପୁରୁଣାସହର, ସଦର ମହକୁମା।

ଡାକୁଆ – ଏମାନେ ସର୍ବରାକାରଙ୍କୁ ରାଜସ୍ୱ ଆଦାୟ କାର୍ଯ୍ୟରେ ସାହାଯ୍ୟ କରୁଥିଲେ।

ଦେଓ୍ୱାନ – ଗଡ଼ଜାତ ରାଜ୍ୟର ମୁଖ୍ୟ ପ୍ରଶାସକ।

ଦେଶେଟା – ଏମାନେ ହେଉଛନ୍ତି ଘରୋଇ ଗ୍ରାମସେବକ, ଯଥା- କମାର, କୁମ୍ଭାର, ଧୋବା, ଭଣ୍ଡାରୀ।

ପଡ଼ିହସ୍ତ – ପଡ଼ିହସ୍ତ ହେଉଛି ଗୁମାସ୍ତାଶ୍ରେଣୀର। ପଡ଼ିହସ୍ତଙ୍କ ଅଧୀନରେ ଦୁଇଜଣ ଭଣ୍ଡାରି ଜାତୀୟ ଲୋକଥାଆନ୍ତି।

ପଶ୍ଚିମକବାଟ – ସୈନିକଙ୍କୁ ରାଜ ପ୍ରଦତ୍ତ ଉପାଧି।

ଶାର୍ଦ୍ଦୁଳ ସିଂହ – ସୈନିକମାନଙ୍କୁ ପ୍ରଦତ୍ତ ଉପାଧି।

ବନ୍ଦାଣ ମୌଜା – ରାଜାଙ୍କର ଯିଏ ପାଟମହାଦେଈ ହୁଅନ୍ତି, ସେ ନନ୍ଦିଘୋର ରଏତି ବାଡ଼ ମୌଜା ପାଇଥାନ୍ତି। ତେଣୁ ଏହି ଗ୍ରାମକୁ ବନ୍ଦାଣ ମୌଜା କୁହାଯାଏ।

ସାନଦେଓ ସାହେବ – ବୃନ୍ଦାବନ ସିଂହ, ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କ ଅନୁଜ।

ଖାଁ ସାହେବ – ଅବଦୁସ୍ ସତାର ଖାଁ।

ପୀରୋତ୍ତର – ରାଜାଙ୍କର କଲ୍ୟାଣ ପାଇଁ ଯେଉଁ ମୁସଲମାନ ସତ୍ୟପୀରଙ୍କୁ ପୂଜା କରୁଥିଲେ, ସେମାନଙ୍କୁ ଏହି ଜମି ପ୍ରଦାନ କରାଯାଉଥିଲା। ଏହି ଜମି ସିନ୍ଦୁରିଆ ଏବଂ ବିଜିପୁର ଗ୍ରାମ ନିକଟରେ ଥିଲା।

ବାୟାସାମନ୍ତ – ରଘୁନାଥ ସିଂହ

ମେଘାମର୍ଦ୍ଦଳ – ଏହି ମର୍ଦ୍ଦଳକୁ ରାଜା ମୃତ୍ୟୁଞ୍ଜୟ ସିଂହ ମାନଧାତା ବଜାଉଥିଲେ। ଏହି ମେଘାମର୍ଦ୍ଦଳ ବର୍ତ୍ତମାନ ଦୁର୍ଗାଦେବୀଙ୍କ ମନ୍ଦିରରେ ଅଛି।

ରସଦ – ରାଜା କିମ୍ବା ରାଜକର୍ମଚାରୀଙ୍କୁ ଦିଆଯାଉଥିବା ଭେଟି ଓ ସେବା।

ନାଉଳି – ରାଜାଙ୍କର କର୍ଣ୍ଣବିଧ କର୍ମ।

ରାଜବେଶ – ଖୃଡ଼ିକିଦାର ପାଗବେଶ – ଶିର ବେଢ଼ ବାଡିଗା, ନଟକଣ, କୁଣ୍ଡଳୀ ବୀରବଳି, ହାର, ବାଜବନ୍ଧ, ମୁଦି, ଗୋଡ଼କୁ ତୋଡ଼ର, ପାଟଯୋଡ଼, ଦୁବ ଓ କୁନ୍ଦ ଫୁଲ ଝରା, ଗୋରଚନା ଟୋପା।

Digitized by PPRACHIN, SOA

ରାଜାଙ୍କର ଅଷ୍ଟପାଟ – (୧) ପାଟଖଣ୍ଡା, (୨) ପାଟ ମହାଦେବୀ, (୩) ପାଟଦେଓ ବା ଯୁବରାଜ, (୪) ପାଟ ଅଗଣା, (୫) ପାଟ ଘୋଡ଼ା, (୬) ପାଟହାତୀ, (୭) ପାଟ ପୁରୋହିତ, (୮) ପାଟ ଜ୍ୟୋତିଷ।

ସରଘର – ରାଜାଙ୍କ ଭଣ୍ଡାର ଘର ।

ସୁଆଁଶ – ପୂର୍ବେ ନୟାଗଡ଼ ଷ୍ଟେଟ୍‌ରେ ଜଣେ ସୁଆଁଶ କାର୍ଯ୍ୟୀ ଓ ଜଣେ ସୁଆଁଶ କରଣ କାର୍ଯ୍ୟ କରୁଥିଲେ । ସୁଆଁଶ ହେଉଛନ୍ତି ଆଜିକାଲିର ବାରିକ ମିସ୍ତ୍ରୀ ।

ହଜୁରୀପାଏକ – ରାଜାଙ୍କର ମୁସଲମାନ ପାଏକମାନଙ୍କୁ ହଜୁରୀ ପାଏକ କୁହାଯାଉଥିଲା ।

ନୋଥବର୍ତ୍ତନ – ଯୁଦ୍ଧରେ ମୃତ୍ୟୁବରଣ କରୁଥିବା ପ୍ରଧାନ ପ୍ରଧାନ ସୈନିକମାନଙ୍କର ସ୍ତ୍ରୀମାନଙ୍କୁ ନୋଥବର୍ତ୍ତନ ଜାଗିରପ୍ରଦାନ କରାଯାଉଥିଲା ।

ମା' ମଣିମା – ରାଜା ଲଡୁକିଶୋର ସିଂହ ମାନଧାତାଙ୍କ ଦ୍ୱିତୀୟା ପତ୍ନୀ ।

ଜେମା ସାମନ୍ତ – ରାଜା ଲଡୁକିଶୋର ସିଂହ ମାନଧାତାଙ୍କ କନ୍ୟା ।

ବଡ଼ ମା' ମଣିମା – ରାଜା ରଘୁନାଥ ସିଂହ ମାନଧାତାଙ୍କ ପ୍ରଥମା ସ୍ତ୍ରୀ ।

ଜେମା ମଣିମା – ରାଧା ରଘୁନାଥ ସିଂହ ମାନଧାତାଙ୍କ ଦ୍ୱିତୀୟା ପତ୍ନୀ ।

ଜୟମଙ୍ଗଳ – ରାଜା ମୃତ୍ୟୁଞ୍ଜୟ ସିଂହଙ୍କ ହାତର ସୁନା ଖଡୁରେ ।

ଜୟସିଂହ ମାନଧାତା – ରାଜା ମୃତ୍ୟୁଞ୍ଜୟ ସିଂହ ମାନଧାତାଙ୍କୁ ଲୋକେ ଜୟସିଂହ ମାନଧାତା ବୋଲି ଡାକୁଥିଲେ ।

ଜାତିଆ ସାମନ୍ତ – ଖଲ୍ଲିକୋଟରୁ ଆସିଥିବା ସାମନ୍ତ ।

ଧଳ – ଏମାନେ କ୍ଷତ୍ରିୟ । ରାଜା, ରାଣୀ ଏବଂ ରାଜ ପରିବାରର କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ଘଟିଲେ ଏମାନେ ଶବଦାହ କରାନ୍ତି ।

ସତର ସୱାଲ – ରାଜବଂଶ ସମ୍ପର୍କିତ ସତର ଗୋଟି ପ୍ରଶ୍ନର ଉତ୍ତର ।

ସରାଣି – ଏମାନେ ଅମାର ବୁଝାସୁଝା କରୁଥିଲେ ।

ସର୍ବରାକାର – ଗ୍ରାମ ମୁଖ୍ୟଙ୍କୁ ସର୍ବରାକାର କୁହାଯାଉଥିଲା । ଏମାନେ ରୟତମାନଙ୍କ ଠାରୁ ରାଜସ୍ୱ ଆଦାୟ କରିଥାନ୍ତି ।

ସିଂହ କରଣ – ଏମାନେ ଖମାରରୁ ଦୁଇଭରଣ ଧାନ ପାଆନ୍ତି ।

Digitized by PPRACHIN, SOA

ରଣହାନ୍ଦୋଳ – ସୈନିକମାନଙ୍କୁ ପ୍ରଦାନ କରାଯାଉଥିବା ପଦବୀ ।

ଶାର୍ଦ୍ଦୂଳ ସିଂହ – ଯୁଦ୍ଧରେ ବୀରତ୍ୱ ପ୍ରଦର୍ଶନ କରୁଥିବା ସୈନିକମାନଙ୍କୁ ଦିଆଯାଉଥିବା ପଦବୀ ।

ପଦିକା – ଜମି ମାପିବାପାଇଁ ଏକ ନିର୍ଦ୍ଦିଷ୍ଟ ପରିମାଣ ବାଉଁଶ ।

ପଞ୍ଚସେନାନୀ – ପାଇକମାନଙ୍କୁ ଦିଆଯାଉଥିବା ପଦବୀ ।

ଝପଟ ସିଂ – ଯୁଦ୍ଧରେ ବିଚକ୍ଷଣତା ପ୍ରଦର୍ଶନ କରୁଥିବା ସୈନିକମାନଙ୍କୁ ପ୍ରଦତ୍ତ ପଦବୀ ।

ରଗଡ଼ି ମହାଦେବ – ସ୍ୱପ୍ନେଶ୍ୱର ମହାଦେବଙ୍କୁ ରଗଡ଼ି ମହାଦେବ କୁହାଯାଏ ।

ମଣ୍ଡାପୋଖରୀ – ରାଣୀ ମଣ୍ଡାଦେଈଙ୍କ ନାମରେ ଖୋଳାଯାଇଥିବା ପୋଖରୀ । ସତାର ଖାଁ ଏହି ପୋଖରୀକୁ ପୋତି ଦେଇଥିଲେ ।

ମାଗଣ – ପ୍ରଜାମାନେ ରାଜାଙ୍କୁ ପ୍ରଦାନ କରୁଥିବା ଦ୍ରବ୍ୟ ।

ମାନଧାତା – ପୁରୀ ଗଜପତିଙ୍କ ଠାରୁ ରାଜା ଗୋକୁଳସିଂହ ମାନଧାତା ଏହି ଉପାଧି ଲାଭ କରିଥିଲେ । ନୟାଗଡ଼ର ପରବର୍ତ୍ତୀ ରାଜାମାନେ ଏହି ଉପାଧି ଧାରଣ କରି ଆସୁଛନ୍ତି ।

ବାଉରୀ ଠାକୁରାଣୀ – ନୟାଗଡ଼ ରାଜାଙ୍କର ଇଷ୍ଟଦେବୀ ।

ବୀରବର – ଏହି ଉପାଧି ନୟାଗଡ଼ ରାଜ ଦରବାରରୁ ଯୋଗ୍ୟତମ ବ୍ୟକ୍ତିମାନଙ୍କୁ ପ୍ରଦାନ କରାଯାଉଥିଲା । ଉପେନ୍ଦ୍ର ଭଞ୍ଜଙ୍କୁ 'ବୀରବର' ଉପାଧି ପ୍ରଦାନ କରାଯାଇଥିଲା ।

ରକ୍ତପଟା ଜାଗିରି – ଯେଉଁ ବ୍ୟକ୍ତି ଶତ୍ରୁପକ୍ଷ ସେନାପତିର ମୁଣ୍ଡ କାଟୁଥିଲା ତାକୁ ଦିଆଯାଉଥିବା ଜାଗିର ଜମିର ସନନ୍ଦରେ ରକ୍ତ ଲଗା ହୋଇ ଦିଆଯାଉଥିଲା । ଏହାକୁ ରକ୍ତପଟା ଜାଗିରି କୁହାଯାଏ ।

ଗଡ଼ତିଆ ଜାଗିର – ଯେଉଁମାନେ ସାହସର ସହିତ ଶତ୍ରୁ ପକ୍ଷର ଦୁର୍ଗ ଭେଦ କରୁଥିଲେ, ସେମାନଙ୍କୁ ଗଡ଼ତିଆ ଜାଗିର ଦିଆଯାଉଥିଲା ।

ପବନ ସିଂହ – ସୈନିକମାନଙ୍କୁ ଦିଆଯାଇଥିବା ପଦବୀ ।

ଉଦୟ ଭାନୁ – ସୈନିକ ମାନଙ୍କୁ ଦିଆଯାଉଥିବା ପଦବୀ ।

ସୁଆଳି – କୌଣସି ବ୍ୟକ୍ତି ପୁତ୍ର/କନ୍ୟା ହୀନ ହୋଇ ମୃତ୍ୟୁବରଣ କଲେ ତାହାର ସ୍ତ୍ରୀ ଚଳିବା ଅନୁସାରେ ଜମି ରଖି ଅବଶିଷ୍ଟ ଜମି ସରଘରକୁ ଆସୁଥିଲା ।

Digitized by PPRACHIN, SOA

ଅନୁଗ୍ରହୀ ଜାଗ୍ରି – ଅନୁଗ୍ରହୀ ଜାଗ୍ରିକୁ ଶିଷ୍ଟ କରଣମାନେ ଭୋଗ-ଦଖଲ କରନ୍ତି ।

ବେବର୍ତ୍ତା – ପ୍ରଧାନମନ୍ତ୍ରୀ ।

ପଡ଼ିହସ୍ତ – ଏମାନେ ଗୁମାସ୍ତାର କାର୍ଯ୍ୟ କରନ୍ତି ।

ପୁଅବ୍ରାହ୍ମଣ – ରାଜା ବିନାୟକ ସିଂହଙ୍କୁ ରାଜତ୍ୱକାଳରେ 'ପୁଅବ୍ରାହ୍ମଣ' ସୃଷ୍ଟି ହେଲା । ପୁଅ ବ୍ରାହ୍ମଣ ରାଜାଙ୍କର ଗୋତ୍ରରେ ବ୍ରତ ହୁଏ । ରାଜାଙ୍କ ଅଭାବରେ ପୁଅ ବ୍ରାହ୍ମଣ ଶ୍ରାଦ୍ଧ କରେ ।

ଗୋସ୍ୱାମୀ ମହାପ୍ରଭୁ – ଏମାନେ ରାଜାଙ୍କର ମନ୍ତ୍ରଦାତା ।

ଛତିଶାନିଯୋଗ – (୧) ଛତିବରଦାର, (୨) ତ୍ରାସ ବରଦାର, (୩) ଆଟେଡିଗରୀ ବରଦାର, (୪) ମେଘାଡ଼ମ୍ବର ବରଦାର, (୫) ଗଜପତାକା ବରଦାର, (୬) ବିଶ୍ୱାସରା, (୭) ପଡିସୁଆର, (୮) ଛାମୁଲୋକ ଟହଲିଆ, (୯) ପ୍ରଧାନି, (୧୦) ବସନ୍ତରା, (୧୧) ପସେଇତ, (୧୨) କାହାଳିଆ, (୧୩) ଗୁଣୀ, ଭାଟ, (୧୪) ଚୋପଦାର, (୧୫) ଖୁଣ୍ଟିଆ, (୧୬) ଚାମର ବରଦାର, (୧୭) ପଙ୍ଖାଦରବାର, (୧୮) ମୟୂରଝୁଲା ଦରବାର, (୧୯) ମର୍ଦ୍ଦନିଆଗଉଡ଼, (୨୦) ମର୍ଦ୍ଦନିଆ ମହାନ୍ତି, (୨୧) ଗାଆଣି, (୨୨) ଶଙ୍ଖୁଆ, (୨୩) ରାଜବାଟି ସରଦାର, (୨୪) ଭିତରଦ୍ୱାରୀ, (୨୫) ବାହାରଦ୍ୱାରୀ, (୨୬) ପଚିଶପତାକା ବରଦାର, (୨୭) ତେଲିଙ୍ଗି ବଜନ୍ତି ବରଦାର, (୨୮) ଭୁରା ବାଜାଦାର, (୨୯) ଦରଜି, (୩୦) ହଜୁରୀପାଇକ, (୩୧) ନଗଦିଆପାଇକ, (୩୨) ଚୌକିବେଡ଼ପାଇକ, (୩୩) ଚୌକିଦାର, (୩୪) ନଟିବରଦାର, (୩୫) ଭଦ୍ରପତ୍ରି, (୩୬) ବଣିଆ ।

ପାଏକାନାଜାଗ୍ରି – ଯେଉଁମାନେ ଯୁଦ୍ଧରେ ସୈନିକର କାର୍ଯ୍ୟ କରୁଥିଲେ ସେମାନଙ୍କୁ ପାଏକାନା ଜାଗ୍ରି ଦିଆଯାଉଥିଲା ।

ପେସ୍‌କୁସ୍ – ଷ୍ଟେଟ୍ ତରଫରୁ ବ୍ରିଟିଶ୍ ସରକାରଙ୍କୁ ପ୍ରଦାନ କରାଯାଉଥିବା ବାର୍ଷିକ କର ।

ପଚିଶ ସୱାଲ – ରାଜକାର୍ଯ୍ୟ ସମ୍ପର୍କରେ ୨୫ ଗୋଟି ପ୍ରଶ୍ନର ଉତ୍ତର ।

ଫୁଲବାଈ – ରାଜାଙ୍କ ରକ୍ଷିତା, ଏମାନଙ୍କର ପିଲାମାନେ ରାଜାଙ୍କ ସମ୍ପତ୍ତିରୁ ଭାଗ ପାଉଥିଲେ ।

Digitized by PPRACHIN, SOA

ବ୍ରହ୍ମୋତ୍ତର – ବ୍ରାହ୍ମଣ ମାନଙ୍କୁ ପ୍ରଦତ୍ତ ଜମି ।

ଭିତରତଳ – ଖଞ୍ଜାର ଆୟ ରାଜବାଟୀରେ ରହିଥିବା ସ୍ତ୍ରୀଲୋକମାନେ ପାଇଥାନ୍ତି ।

ଥାନି (Thani) – ଗ୍ରାମର ସ୍ଥାୟୀ କୃଷକମାନଙ୍କୁ ଥାନି କୁହାଯାଉଥିଲା ।

ପାହି (Pahi) – ଗ୍ରାମର ଅସ୍ଥାୟୀ କୃଷକମାନଙ୍କୁ ପାହି କୁହାଯାଉଥିଲା ।

ହଜୁରୀ ପାଇକ – ସିନ୍ଦୁରିଆ ଗ୍ରାମର ମୁସଲମାନମାନେ ହଜୁରୀ ପାଇକ । ଏମାନେ ପୋଲିସ୍‌ର କାର୍ଯ୍ୟ କରନ୍ତି ।

ହାତୀସାମନ୍ତ – ଗୋପୀନାଥ ସିଂହ ।

ମଣ୍ଡାପୋଖରୀ – ନୟାଗଡ଼ ପୁରୁଣା ସହରର ଗୋଟିଏ ପୋଖରୀର ନାମ ।

ମୁଣ୍ଡମରା ଜାଗିର – ଯେଉଁମାନେ ଶତ୍ରୁ ସୈନ୍ୟ ପକ୍ଷରୁ ଅନେକ ଲୋକଙ୍କ ମୁଣ୍ଡ ହାଣିଥାନ୍ତି, ତାଙ୍କୁ ଏହି ଜାଗିର ଦିଆଯାଏ ।

ପାରିଦଣ୍ଡରାଜା – କରଦ ମିତ୍ର ରାଜା ।

ମିହ୍ନା – ଖଜଣାମୁକ୍ତ ଜମି ।

ଚନ୍ଦନା (Chandana) – ଏମାନେ ଗ୍ରାମରେ ସ୍ଥାୟୀଭାବରେ ରହୁଥିବା ଅଣକୃଷକ । ଏମାନଙ୍କର କେବଳ ବାସଭୂମି (Homestead Land) ଥାଏ ।

ଚନ୍ଦନା ଚାଷ (Chandana Chasa) – ଏମାନେ ଚନ୍ଦନା ରୟତ ଶ୍ରେଣୀ; କିନ୍ତୁ ଏମାନଙ୍କର ବାସଭୂମି ନିକଟରେ ଆତ୍ରିଭୂମି ଥାଏ ।

ପାଇକାନ୍ ରୟତି (Paikan Rayati) – ଏମାନେ ଥାନି ରୟତଶ୍ରେଣୀୟ । ଏମାନେ ରାଜାଙ୍କୁ କୌଣସି ସେବା ଯୋଗାଇ ନ ଥାନ୍ତି ।

ସୁବୁଦ୍ଧି – ରାଜାଙ୍କ ଦ୍ୱାରା ଯୋଗ୍ୟତମ ପ୍ରଜାଙ୍କୁ ପ୍ରଦତ୍ତ ଉପାଧି ।

ରାଜରାଜୁଡ଼ା ସମୟରେ ଏହିପରି ବହୁ ଶବ୍ଦ ପ୍ରଚଳିତ ଥିଲା । ସେଥିମଧ୍ୟରୁ କେତେକ ଶବ୍ଦ ସମ୍ପ୍ରତି ଅପ୍ରଚଳିତ । କେତେ ଶବ୍ଦ ହଜି ଗଲେଣି । ସେହି ଶବ୍ଦଗୁଡ଼ିକୁ ସଂଗ୍ରହ କରିବା ଜରୁରୀ ବୋଲି ମନେହୁଏ ।

◻■◻

Digitized by PPRACHIN, SOA

ଅଷ୍ଟାଦଶ ପରିଚ୍ଛେଦ

ନୟାଗଡ ଲୋକଦେବତା ଓ ଲୋକଧର୍ମ

Digitized by PPRACHIN, SOA

ଆଜିର ନୟାଗଡ଼ ଜିଲ୍ଲା ଅତୀତର ଚାରିଗୋଟି ଗଡ଼ଜାତ ରାଜ୍ୟକୁ ନେଇ ଗଠନ କରାଯାଇଛି । ଏହି ଚାରିଗୋଟି ଗଡ଼ଜାତ ହେଉଛନ୍ତି- ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା ଓ ରଣପୁର । ନୟାଗଡ଼ ଗଡ଼ଜାତର ଆୟତନ ଥିଲା ୫୮୮ ବର୍ଗ ମାଇଲ । ତ୍ରୟୋଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ନୟାଗଡ଼ ଗଡ଼ଜାତ ରାଜ୍ୟ ପ୍ରତିଷ୍ଠିତ ହୋଇଥିଲା । ମଧ୍ୟପ୍ରଦେଶ ରେବା ରାଜ୍ୟର ବଘେଲ ରାଜବଂଶ ଅତୀତରେ ସୂର୍ଯ୍ୟମଣି ସିଂହ ନୟାଗଡ଼ ରାଜ୍ୟର ପ୍ରତିଷ୍ଠାତା । ସେ ଥିଲେ ଦେବୀ ଉପାସକ । ବାଉରୀ ଠାକୁରାଣୀଙ୍କୁ ସେ ଇଷ୍ଟଦେବୀ ରୂପେ ପୂଜା କରୁଥିଲେ । ବାଉରୀ ଠାକୁରାଣୀଙ୍କ ଆବିର୍ଭାବ ସମ୍ପର୍କରେ ମନୋଜ୍ଞ ଲୋକକଥାଟିଏ ପ୍ରଚଳିତ । ତେବେ ନୟାଗଡ଼ ଜିଲ୍ଲାରେ ବହୁ ଶିବମନ୍ଦିର, ଦେବୀପୀଠ, ବିଷ୍ଣୁମନ୍ଦିର ରହିଛି । ନୟାଗଡ଼ର ମୁଖ୍ୟ ଦେବଦେବୀଙ୍କ ବ୍ୟତୀତ ଗ୍ରାମାଞ୍ଚଳର ବହୁ ଲୋକ ଦେବଦେବୀ ପୂଜା ପାଉଛନ୍ତି । ଏହି ଲୋକଦେବତାମାନେ ହେଉଛନ୍ତି- ବାନାମ୍ବର ମହାଦେବ, ରାମେଶ୍ୱର ଦେବ, ବାଲୁଙ୍କେଶ୍ୱର ମହାଦେବ, ଚନ୍ଦ୍ର କଣ୍ଟେଶ୍ୱର, ବିଶ୍ୱନାଥଦେବ, ସ୍ୱପ୍ନେଶ୍ୱର ମହାଦେବ, ହଟକକଣ୍ଟେଶ୍ୱର, ବିଶ୍ୱନାଥଦେବ, ନିମ୍ବେଶ୍ୱର ମହାଦେବ, ବିଲେଶ୍ୱର ମହାଦେବ, ବିରୁପାକ୍ଷ ମହାଦେବ, ଅର୍ଦ୍ଧକପାଳେଶ୍ୱର, କପିଳେଶ୍ୱର ମହାଦେବ, ଲୋକନାଥ ମହାଦେବ, ପାତାଳେଶ୍ୱର ମହାଦେବ, ମାନେଶ୍ୱର ମହାଦେବ, ସୋମନାଥଦେବ, ଅମୃତେଶ୍ୱର ମହାଦେବ, ଭୋଳେଶ୍ୱର ମହାଦେବ, ଗୁପ୍ତେଶ୍ୱର ମହାଦେବ, ଗତୀଶ୍ୱର ମହାଦେବ, ବୁଢ଼ାଲିଙ୍ଗେଶ୍ୱର ଇତ୍ୟାଦି ।

ସେହିପରି ନୟାଗଡ଼ ଜିଲ୍ଲାର ବିଭିନ୍ନ ଗ୍ରାମମାନଙ୍କରେ ପୂଜା ପାଇ ଆସୁଥିବା ଲୋକଦେବୀମାନେ ହେଉଛନ୍ତି- ମା' ମଙ୍ଗଳା, ବାଉଁତୀ ଠାକୁରାଣୀ, ପାଟଚଣ୍ଡୀ, ଚଣ୍ଡୀ ଠାକୁରାଣୀ, ପାଟକାଳୀ, ଗମେଇଁସୁଣୀ, ଚକ୍ରବାଉତୀ, ଅନ୍ଧାରବାଉତୀ, ବ୍ରାହ୍ମଣୀଦେବୀ, ରାମଚଣ୍ଡୀ, ରତ୍ନମାଳା ଠାକୁରାଣୀ, ଘୋଡ଼ାଦେବୀ ଠାକୁରାଣୀ, ବିଘ୍ନେଶ୍ୱରୀ ଠାକୁରାଣୀ, ବେଲରଗଡ଼ି ଠାକୁରାଣୀ, ବୁଢ଼ୀ ମା' ଠାକୁରାଣୀ, ନାରାୟଣୀ

Digitized by PPRACHIN, SOA

ଠାକୁରାଣୀ, ବାଉରୀ ଠାକୁରାଣୀ, ପଦ୍ମା ଠାକୁରାଣୀ, ଭଗବତୀ, ବୁଢ଼ାବୁଢ଼ିଆଣୀ, ଭୂଇଁଆଣୀ ଠାକୁରାଣୀ, କାଳିଆଷଣ୍ଢ ଠାକୁରାଣୀ, ଖୁମୁସରି ଠାକୁରାଣୀ, ହଳଦିଆଚଣ୍ଡୀ, ବନଦୁର୍ଗା, ତରକେଇ ଠାକୁରାଣୀ, କଇଁଦେଇ ଠାକୁରାଣୀ, ଝାଡ଼େଶ୍ୱରୀ, କାଉଁରୀ ଠାକୁରାଣୀ, କଜଳେଇ ଠାକୁରାଣୀ, ହରଚଣ୍ଡୀ, ପୀତାବଳୀ, ଦକ୍ଷିଣଚଣ୍ଡୀ, ମା' ଶାଳଭଞ୍ଜା, ଚଣ୍ଡୀବୁଢ଼ୀ, ହାଡ଼ବାଇ, ଭୈରବୀ, ପାଇକେଶ୍ୱରୀ, ଯୋଗେଶ୍ୱରୀ, ଲୀଳାବତୀ, କାଳବାଇ, କାଲୁଣୀଚଣ୍ଡୀ, ମା' କାଳୀକା, ଡୁମୁଣେଇ, ଆଙ୍କୁଳେଇ ଶୂଳିଆ ଠାକୁରାଣୀ, ମହାମାୟୀ ଠାକୁରାଣୀ, ପେଟେଇ ଚଣ୍ଡୀ, ପାଟକାଳୀକା, ଇନ୍ଦ୍ରାଣୀ, ବିଲଚଣ୍ଡୀ, ଖିଲାମୁଣ୍ଡା, ବୁଢ଼ୀ କଦଳେଇ, ମହୁଲେଇ ଠାକୁରାଣୀ, ଯଜ୍ଞେଶ୍ୱରୀ, ଭୈରବୀ, ଚଣାଖାଇ ଠାକୁରାଣୀ, ବାଙ୍କାସୁଣି ଠାକୁରାଣୀ, ଆଦିମାତା ଠାକୁରାଣୀ ଇତ୍ୟାଦି ।

ନିମ୍ନରେ ନୟାଗଡ଼ ଜିଲ୍ଲାର କେତେକ ଗ୍ରାମର ଦେବଦେବୀଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି-

ଗୋଡ଼ିପଡ଼ା - ଗୋଡ଼ିପଡ଼ା ନୟାଗଡ଼ର ଏକ ପୁରାତନ ଓ ପ୍ରତିଷ୍ଠିତ ଗ୍ରାମ । ଏହି ଗ୍ରାମରେ ହଟକେଶ୍ୱର ଶିବ ପୂଜା ପାଉଛନ୍ତି । ହଟକେଶ୍ୱର ମହାଦେବଙ୍କ ପୀଠରେ ମକରସଂକ୍ରାନ୍ତି ଯାତ୍ରା ହୁଏ । ଘୋଡ଼ାଦେବୀ ଠାକୁରାଣୀ ଗ୍ରାମଦେବତୀ ଭାବରେ ପୂଜିତା ।

ମାଛିପଡ଼ା - ମାଛିପଡ଼ା ନୟାଗଡ଼ ଜିଲ୍ଲାର ଏକ ପ୍ରସିଦ୍ଧ ଗ୍ରାମ । ଏହି ଗ୍ରାମରେ ସ୍ୱପ୍ନେଶ୍ୱର ମହାଦେବଙ୍କ ମନ୍ଦିର ରହିଛି । ଏଠାରେ ରଘୁନାଥଙ୍କ ମନ୍ଦିର ରହିଛି । ଗ୍ରାମଦେବତୀ ଭାବରେ ନାରାୟଣୀ ଠାକୁରାଣୀ, ବାଉରୀ ଠାକୁରାଣୀ, ବୁଢ଼ୀ ମା' ଠାକୁରାଣୀ ପୂଜା ପାଉଛନ୍ତି । ବଡ଼ସାହି ମୁଣ୍ଡରେ ପଦ୍ମା ଠାକୁରାଣୀ ଅଛନ୍ତି । ଏହି ଗ୍ରାମରେ ଗୋଟିଏ ଶନିମନ୍ଦିର ରହିଛି ।

ରାଜପାଟଣା - ଏହି ଗ୍ରାମଟି ନୟାଗଡ଼ ଟାଉନ୍‌ଠାରୁ ୬ କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମରେ କପିଳେଶ୍ୱର ମହାଦେବ ବିରାଜିତ । ଏଠାରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଯାତ୍ରା ହୁଏ । ଏହି ଗ୍ରାମରେ ରାଧାକାନ୍ତ ମନ୍ଦିର ଓ ରଘୁନାଥ ମନ୍ଦିର ରହିଛି । ଗ୍ରାମର ଗ୍ରାମଦେବତୀ ହେଉଛନ୍ତି- ଡୁମୁଣେଇ ଓ ଆଙ୍କୁଳେଇ ।

ପଥରା - ଏହି ଗ୍ରାମର ଆରାଧ୍ୟ ଠାକୁରାଣୀ ହେଉଛନ୍ତି ଭୂଇଁଆଣୀ ଠାକୁରାଣୀ । ଠାକୁରାଣୀଙ୍କ ପୀଠରେ ମକର ସଂକ୍ରାନ୍ତି ବେଳକୁ ପାଞ୍ଚଦିନ ଧରି ମକର ଯାତ୍ରା ଅନୁଷ୍ଠିତ ହୁଏ ।

Digitized by PPRACHIN, SOA

ବାଲିସାହି - ଏହି ଗ୍ରାମଟି ଶୁଳିଆ ପାହାଡ଼ ତଳେ ଅବସ୍ଥିତ । ଏଠାରେ ଲୋକଦେବୀ ଭାବରେ ତାଳଖାଇ ଠାକୁରାଣୀ ପୂଜା ପାଉଛନ୍ତି । ଏହି ଗ୍ରାମରେ ମହିମା ଟୁଙ୍ଗୀ ଆଶ୍ରମ ରହିଛି ।

ବଉଳସାହି - ବଉଳସାହି ଗ୍ରାମରେ ଜଗନ୍ନାଥ ମନ୍ଦିର ରହିଛି । ଏଠାରେ ରଥଯାତ୍ରା ହୁଏ । ଏହି ଗ୍ରାମରେ ପିଣ୍ଡିକେଶ୍ୱର ମହାଦେବ ବିରାଜିତ । ମହାଦେବଙ୍କ ପୀଠରେ ଯମଦ୍ୱିତୀୟା ଦିନ ଯାତ୍ରା ଅନୁଷ୍ଠିତ ହୁଏ । ଗ୍ରାମର ଇଷ୍ଟଦେବୀ ହେଉଛନ୍ତି ବ୍ରାହ୍ମଣୀଦେବୀ ।

ଗମ୍ଭାରିଡିହି - ଏହି ଗ୍ରାମରେ ଗୋଟିଏ ଶିବ ମନ୍ଦିର ରହିଛି । ଠାକୁର ହେଉଛନ୍ତି ଅମୃତେଶ୍ୱର ମହାଦେବ । ଏଠାରେ ଯଜ୍ଞ ହୁଏ ।

କୈବଲ୍ୟପୁର - ଏହି ଗ୍ରାମଟି ଓଡ଼ଗାଁଠାରୁ ବାହାଡ଼ାଝୋଲା ରାସ୍ତାରେ ପ୍ରାୟ ତିନି କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମର ପ୍ରଧାନ ଠାକୁର ହେଉଛନ୍ତି ରାମେଶ୍ୱର ମହାଦେବ । ଗ୍ରାମଦେବତୀ ହେଉଛନ୍ତି ଅଳତେଇ ଠାକୁରାଣୀ । ଏହି ଗ୍ରାମରେ ମଧ ତ୍ରିନାଥ ଠାକୁରଙ୍କ ମନ୍ଦିର ରହିଛି ।

ମଣାବାରି - ଏହି ଗ୍ରାମରେ ବଜରଙ୍ଗବାଲୀଙ୍କର ମନ୍ଦିର ରହିଛି । ବିଶ୍ୱକର୍ମାଙ୍କର ମନ୍ଦିର ରହିଛି । ଜଗନ୍ନାଥ ମନ୍ଦିର ରହିଛି । ମା' ମଙ୍ଗଳା ମଧ ଏହି ଗ୍ରାମରେ ପୂଜା ପାଉଛନ୍ତି ।

ସେନ୍ତେରୀ - ଏହି ଗ୍ରାମଟି ମହୀପୁରଠାରୁ ୧୨ କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମର ପ୍ରମୁଖ ଦେବତା ରାଧାକୃଷ୍ଣ । ଏଠାରେ ଦୋଳଯାତ୍ରା ଉତ୍ସବ ପାଳନ କରାଯାଏ । ଏହି ଗ୍ରାମର ମହାଦେବ ହେଉଛନ୍ତି ସିଦ୍ଧେଶ୍ୱର । ଗ୍ରାମର ଗ୍ରାମଦେବତୀ ହେଉଛନ୍ତି ଅନ୍ଧାର ବାଉତୀ ।

ଖିଲର ପାଟଣା- ଏହି ଗ୍ରାମର ଲୋକ ଦେବୀ ହେଉଛନ୍ତି ମା' ମଙ୍ଗଳା । ପ୍ରତ୍ୟେକ ବର୍ଷ ଆଶ୍ୱିନ ମାସରେ ଏଠାରେ ମଙ୍ଗଳାଙ୍କର ପୂଜାବିଧି ପାଳନ କରାଯାଏ ।

କୁରୁମଣ୍ଡଳୀ- ବାନାମ୍ବର ମହାଦେବ ଏହି ଗାଁର ଲୋକଦେବତା । ଚୈତ୍ରମାସରେ ଏଠାରେ ଦଣ୍ଡଯାତ୍ରା ପାଳନ କରାଯାଏ ।

ଗୋଡ଼ିପଲ୍ଲୀ- ଏହି ଗ୍ରାମଟି ଶରଣକୁଳ ଠାରୁ ତିନି କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମରେ ଗୋପୀନାଥ ଜୀଉଙ୍କର ମନ୍ଦିର ରହିଛି । ଗ୍ରାମଦେବତୀ ହେଉଛନ୍ତି କୁରୁମୁଣି । ଏଠାରେ ବାର୍ଷିକ ଜନ୍ତାଳ ହୁଏ । ଏହି ଗ୍ରାମରେ ବଉଳେଇ, ବୁଢ଼ୀମା, ବ୍ରାହ୍ମଣୀଦେବୀ ଓ ମଙ୍ଗଳା ଠାକୁରାଣୀ ପୂଜା ପାଉଛନ୍ତି ।

Digitized by PPRACHIN, SOA

ମାନପୁର- ବାଉତୀ ଠାକୁରାଣୀ ମାନପୁର ଗାଁର ଇଷ୍ଟଦେବୀ ।

ବାଉଁଶ ଗାଡ଼ିଆ- ଏହି ଗ୍ରାମରେ ମୁଖ୍ୟଦେବତା ହେଉଛନ୍ତି ଗୋପୀନାଥଜୀଉ । ଗୋପୀନାଥ ମନ୍ଦିରରେ ଦୋଳଯାତ୍ରା ଅନୁଷ୍ଠିତ ହୁଏ । ପାଟଚଣ୍ଡୀ ଠାକୁରାଣୀ ଏହି ଗ୍ରାମବାସୀଙ୍କର ଗ୍ରାମଦେବତୀ ।

ଶରଧାପୁର- ନୟାଗଡ଼ ଜିଲ୍ଲାର ପ୍ରସିଦ୍ଧ ରଘୁନାଥ ପୀଠ ଓଡ଼ଗାଁ ଠାରୁ ଅନତି ଦୂରରେ ଶରଧାପୁର ଗ୍ରାମ ଅବସ୍ଥିତ । ଏହି ଗ୍ରାମରେ ରାମେଶ୍ୱର ଶିବ ମନ୍ଦିର ଅବସ୍ଥିତ । ଏଠାରେ ମାଘ ସପ୍ତମୀରେ ଯାତ୍ରା ଅନୁଷ୍ଠିତ ହୁଏ । ଏହି ଗ୍ରାମର ଗ୍ରାମଦେବତୀ ବାଉତୀ ଠାକୁରାଣୀ । ଏହି ଗ୍ରାମରେ ମଧ୍ୟ ବୁଢ଼ୀ ମା’ ମଙ୍ଗଳା କୋଠି ରହିଛି ।

ରଗଡ଼ି ସାହି- ରଗଡ଼ି ସାହି ଗ୍ରାମରେ ବାଲୁଙ୍କେଶ୍ୱର ଶିବ ମନ୍ଦିର ରହିଛି । ଏହା ବ୍ୟତୀତ ପାଟକାଳୀ ଠାକୁରାଣୀ ମଧ୍ୟ ଏଠାରେ ଗ୍ରାମଦେବତୀ ରୂପେ ପୂଜା ପାଉଛନ୍ତି ।

କଜଳାଇପଲ୍ଲୀ - ଏହା ନୟାଗଡ଼ ଜିଲ୍ଲାର ଏକ ପୁରାତନ ବ୍ରାହ୍ମଣ ଶାସନ । ଏହି ଗ୍ରାମରେ ବୁଢ଼ୀ କଦଳେଇ ଠାକୁରାଣୀ ପୂଜା ପାଉଛନ୍ତି । ଏହି ଗ୍ରାମରେ ମଧ୍ୟ ଗ୍ରାମ ମୁଣ୍ଡରେ ମହୁଲଗଛ ମୂଳେ ମହୁଲେଇ ଠାକୁରାଣୀ ପୂଜା ପାଉଛନ୍ତି । ଏହି ଗ୍ରାମର ଅନ୍ୟତମ ଗ୍ରାମଦେବତୀ ହେଉଛନ୍ତି ମା’ ଭଗବତୀ ।

ପଲ୍ଲୀଶାସନ- ନୟାଗଡ଼ର ଷୋହଳ ଶାସନ ମଧ୍ୟରୁ ଏହା ଅନ୍ୟତମ । ଏହି ଗ୍ରାମରେ ବାଲୁଙ୍କେଶ୍ୱର ଶିବ ମନ୍ଦିର ରହିଛି ।

କଟରାଝରି- ଏହି ଗ୍ରାମରେ ଚନ୍ଦ୍ରକକ୍ଷେଶ୍ୱର ମହାଦେବଙ୍କର ମନ୍ଦିର ରହିଛି । ଏଠାରେ କାର୍ତ୍ତିକ ପୂର୍ଣ୍ଣିମାରେ ଯାତ୍ରା ଅନୁଷ୍ଠିତ ହୁଏ । ଅନ୍ନପୂର୍ଣ୍ଣା ଠାକୁରାଣୀ ମଧ୍ୟ ଏହି ଗ୍ରାମରେ ପୂଜା ପାଉଛନ୍ତି । ଠାକୁରାଣୀଙ୍କ ନିକଟରେ ସାବିତ୍ରୀ ଅମାବାସ୍ୟା ଯାତ୍ରା ହୁଏ ।

ନରେନ୍ଦ୍ରପୁର- ଏଠାରେ ରଘୁନାଥଜୀଉଙ୍କର ମନ୍ଦିର ରହିଛି । ଗ୍ରାମର ଗ୍ରାମଦେବୀ ରୂପେ ରାମଚଣ୍ଡୀ ଠାକୁରାଣୀ ଏବଂ ବ୍ରାହ୍ମଣୀ ଦେବୀ ଠାକୁରାଣୀ ପୂଜା ପାଉଛନ୍ତି ।

ଚଢ଼େୟାପଲ୍ଲୀ- ଏହି ଗ୍ରାମ ସନ୍ନିକଟରେ ରତ୍ନମାଳା ପର୍ବତ ରହିଛି । ଏହି ପର୍ବତ ପାଦଦେଶରେ ଲୋକଦେବୀ ରତ୍ନମାଳା ଠାକୁରାଣୀ ବିରାଜିତା । ଠାକୁରାଣୀଙ୍କ ନିକଟରେ ଅକ୍ଷୟତୃତୀୟା ଦିନ ଯାତ୍ରା ଅନୁଷ୍ଠିତ ହୁଏ ।

Digitized by PPRACHIN, SOA

ସିଙ୍ଗାରପୁର- ଏହି ଗ୍ରାମଟି ଶରଣକୁଳଠାରୁ ଚାରି କିଲୋମିଟର ଦୂରତାରେ ଅବସ୍ଥିତ। ଏଠାରେ ଭକ୍ତେଶ୍ୱର ମହାଦେବ ପୂଜାପାଉଛନ୍ତି। ଏହି ଗ୍ରାମରେ କଇଁଦେଇ ଠାକୁରାଣୀ ଗ୍ରାମଦେବତୀ ଭାବରେ ପୂଜିତା। ବଡ଼ରାଉଳିଆ ଠାକୁରାଣୀ ମଧ୍ୟ ଏଠାରେ ସଂସ୍ଥିତା।

ଗୋପୀନାଥପୁର ଶାସନ- ଏହି ଗ୍ରାମର ଅନ୍ୟ ନାମଟି ହେଉଛି ବରଡ଼ି। ଏହି ଗ୍ରାମରେ ବିଶ୍ୱନାଥ ଶିବଙ୍କର ମନ୍ଦିର ରହିଛି। ଏଠାରେ ମଧ୍ୟ ରାଧା-କୃଷ୍ଣଙ୍କ ମନ୍ଦିର ରହିଛି। ରାଧା-କୃଷ୍ଣଙ୍କ ମନ୍ଦିରରେ ଭଉଁରୀ ଯାତ୍ରା ଅନୁଷ୍ଠିତ ହୁଏ।

ପଦ୍ମାଦେଈପୁର- ଏହା ଏକ ବ୍ରାହ୍ମଣ ଶାସନ ଗ୍ରାମ। ଏଠାରେ ରଘୁନାଥ ମନ୍ଦିର ରହିଛି। ଗମେଇସୁଣି ଠାକୁରାଣୀ ଏହି ଗ୍ରାମର ଲୋକଦେବୀ।

ଆରଡ଼ା- ଏଠାରେ ବାଉତୀ ଠାକୁରାଣୀଙ୍କର ଆସ୍ଥାନ ରହିଛି। ମା'ଙ୍କ ନିକଟରେ ମାଘ ସପ୍ତମୀ ଯାତ୍ରା ହୁଏ।

କେଶପାନିଆଁ- ସ୍ୱପ୍ନେଶ୍ୱର ମହାଦେବଙ୍କ ମନ୍ଦିର ଏଠାରେ ରହିଛି। ସ୍ୱପ୍ନେଶ୍ୱର ମହାଦେବଙ୍କ ପୀଠରେ ମାଘସପ୍ତମୀ ଯାତ୍ରା ଏବଂ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୁଏ। ବ୍ରାହ୍ମଣୀ ଦେବୀ ଏଠାରେ ଲୋକଦେବୀ ଭାବରେ ପୂଜା ପାଉଛନ୍ତି।

ଶରଧାପୁର- ଏହି ଗ୍ରାମଟି ନୟାଗଡ଼ ଠାରୁ ୭ କିଲୋମିଟର ଦୂରତାରେ ଅବସ୍ଥିତ। ଏହି ଗ୍ରାମରେ ନୀଳକଣ୍ଠେଶ୍ୱର ଶିବଙ୍କର ମନ୍ଦିର ରହିଛି। ଏହି ଗ୍ରାମରେ ରଘୁନାଥଙ୍କର ମନ୍ଦିର ରହିଛି। ଶୂଳିଆ ଠାକୁରାଣୀ ଗ୍ରାମର ଗ୍ରାମଦେବତୀ।

କ୍ରିଦାଶପୁର - ଏହି ଗ୍ରାମଟି ନୟାଗଡ଼ର ଏକ ପୁରାତନ ଗ୍ରାମ। ଏହି ଗ୍ରାମରେ ରାଧାକାନ୍ତ ଠାକୁର, ଗୁପ୍ତେଶ୍ୱର ମହାଦେବ, ସନ୍ତୋଷୀମାତା, ମହାମାୟୀ ଠାକୁରାଣୀ, ବ୍ରାହ୍ମଣୀ ଦେବୀ, ଭାଗବତ ଠାକୁର, ହନୁମାନଜୀ, ଶନି, ରାହୁ, କେତୁ ପ୍ରମୁଖ ଦେବଦେବୀ ପୂଜା ପାଉଛନ୍ତି।

ପାଣିଭଣ୍ଡାର- ଏଠାରେ ରାଧା-କୃଷ୍ଣଙ୍କର ବିଗ୍ରହ ପୂଜା ପାଉଛନ୍ତି। ଜନ୍ମାଷ୍ଟମୀ ଦିନ ଏଠାରେ ଅଷ୍ଟପ୍ରହରୀ ହୋଇଥାଏ। ଏହି ଗ୍ରାମରେ ବାନାମ୍ବର ମହାଦେବଙ୍କ ମନ୍ଦିର ରହିଛି। ଲୋକଦେବୀ ଭାବରେ ବିଘ୍ନେଶ୍ୱରୀ ଠାକୁରାଣୀ ଏଠାରେ ପୂଜା ପାଉଛନ୍ତି।

ବଉଳସାହି- ବଉଳ ସାହି ଗ୍ରାମରେ ଜଗନ୍ନାଥ ମନ୍ଦିର ରହିଛି। ଏଠାରେ ରଥଯାତ୍ରା ପାଳନ କରାଯାଉଛି। ଏହି ଗ୍ରାମରେ ମଧ୍ୟ ଗୋଟିଏ ଶିବ ମନ୍ଦିର ରହିଛି।

Digitized by PPRACHIN, SOA

ଠାକୁର ହେଉଛନ୍ତି ପିଣ୍ଡିକେଶ୍ୱର ମହାଦେବ । ମହାଦେବଙ୍କ ପୀଠରେ ଯମଦ୍ୱିତୀୟା ଦିନ ଯାତ୍ରା ଅନୁଷ୍ଠିତ ହୁଏ । ଗ୍ରାମର ଇଷ୍ଟଦେବୀ ହେଉଛନ୍ତି ବ୍ରାହ୍ମଣୀ ଦେବୀ ।

ନନ୍ଦିଘର- ଏହି ଗ୍ରାମରେ ଜଗନ୍ନାଥ ମନ୍ଦିର ରହିଛି । ଏଠାରେ ରଥଯାତ୍ରା ପାଳନ କରାଯାଏ । ରଥ ବଡ଼ ଧରଣର ନୁହେଁ । ଏଠାରେ ମଧ୍ୟ ବାନାମ୍ବର ମହାଦେବଙ୍କ ମନ୍ଦର ରହିଛି । ବାନାମ୍ବର ମହାଦେବ ପଶ୍ଚିମ ମୁଖା ଶିବ ।

ଖଳିସାହି- ଏଠାରେ ବେଲରଗଡ଼ି ଠାକୁରାଣୀଙ୍କର ଆସ୍ଥାନ ରହିଛି ।

ବାଲିସାହି- ଏହି ଗ୍ରାମଟି ଶୁଳିଆ ପାହାଡ଼ ତଳେ ଅବସ୍ଥିତ । ଏଠାରେ ଲୋକଦେବୀ ଭାବରେ ଡାଳଖାଇ ଠାକୁରାଣୀ ପୂଜା ପାଉଛନ୍ତି । ଏହି ଗ୍ରାମରେ ମଧ୍ୟ ମହିମା ଟୁଙ୍ଗୀ ଆଶ୍ରମ ରହିଛି ।

ଭାଡ଼ିକୀଲା- ଏହି ଗ୍ରାମରେ କପିଳେଶ୍ୱର ମହାଦେବଙ୍କର ମନ୍ଦିର ରହିଛି । ଏଠାରେ ଶିବରାତ୍ରି ଦିନ ଦୁଇଦିନ ଧରି ଯାତ୍ରା ହୁଏ । ମାଘ ମାସ ଏକାଦଶୀରେ ଚାରିଦିନ ଧରି ଯାତ୍ରା ହୁଏ । ଶ୍ରଦ୍ଧାଳୁମାନଙ୍କ ନିମିତ୍ତ ଅନ୍ନଛତ୍ରର ବ୍ୟବସ୍ଥା କରାଯାଏ । ଏହି ଗ୍ରାମରେ ହନୁମାନଙ୍କର ମନ୍ଦିର ରହିଛି । ଏଠାରେ ପଣାସଂକ୍ରାନ୍ତି ଦିନ ଯାତ୍ରା ଅନୁଷ୍ଠିତ ହୁଏ । ବୁଢ଼ୀ ମା' ଠାକୁରାଣୀ ହେଉଛନ୍ତି ଗ୍ରାମଦେବତୀ ।

ବାମୁଣ୍ଡି- ଏଠାରେ ଲୋକନାଥ ମହାଦେବଙ୍କର ମନ୍ଦିର ରହିଛି । ବ୍ରାହ୍ମଣୀ ଦେବୀ ଏହି ଗ୍ରାମର ଆରାଧ୍ୟ ଠାକୁରାଣୀ ।

ମାଛିପଡ଼ା- ମାଛିପଡ଼ା ଗାଁ ନୟାଗଡ଼ର ଏକ ପ୍ରସିଦ୍ଧ ଗାଁ । ଏଠାରେ ସ୍ୱପ୍ନେଶ୍ୱର ମହାଦେବଙ୍କ ମନ୍ଦିର ରହିଛି । ଏଠାରେ ମଧ୍ୟ ରଘୁନାଥଙ୍କ ମନ୍ଦିର ରହିଛି । ଗ୍ରାମବାସୀଙ୍କ ଆରାଧ୍ୟ ଦେବୀ ହେଉଛନ୍ତି ନାରାୟଣୀ ଠାକୁରାଣୀ । ଏଠାରେ ମଧ୍ୟ ବାଉରୀ ଠାକୁରାଣୀ, ବୁଢ଼ୀମା' ଠାକୁରାଣୀ, ଶନି ମନ୍ଦିର ରହିଛି । ଏହି ଗ୍ରାମର ବଡ଼ସାହି ମୁଣ୍ଡରେ ପଦ୍ମା ଠାକୁରାଣୀ ପୂଜା ପାଉଛନ୍ତି ।

ବଧିସାହି- ଏଠାରେ ପାତାଳେଶ୍ୱର ମହାଦେବଙ୍କ ମନ୍ଦିର ରହିଛି । କାର୍ତ୍ତିକ ପୂର୍ଣ୍ଣମାରେ ଏଠାରେ ଯାତ୍ରା ହୁଏ ।

କୁରୁମୁଣ୍ଡଳୀ- ଏହି ଗ୍ରାମରେ ବାନାମ୍ବର ମହାଦେବଙ୍କ ମନ୍ଦିର ରହିଛି । ଏଠାରେ ଦଣ୍ଡଯାତ୍ରା ଅନୁଷ୍ଠିତ ହୁଏ ।

ନାଗମୁଣ୍ଡୁଳୀ- ଏଠାରେ ମଧୁକେଶ୍ୱର ମହାଦେବଙ୍କ ମନ୍ଦିର ରହିଛି । ଶିବରାତ୍ରି ଦିନ ଏଠାରେ ଜାଗର ପର୍ବ ପାଳିତ ହୁଏ । ଏଠାରେ ଭଗବତୀ ଠାକୁରାଣୀ

Digitized by PPRACHIN, SOA

ମଧ୍ୟ ପୂଜା ପାଉଛନ୍ତି । ଠାକୁରାଣୀଙ୍କ ନିକଟରେ ବାର୍ଷିକ ଭୋଜି ଜନ୍ତାଳ ଅନୁଷ୍ଠିତ ହୁଏ ।

ପାଟୁଳି ସାହି- ବ୍ରାହ୍ମଣୀ ଦେବୀ ଠାକୁରାଣୀ ଏହି ଗ୍ରାମର ଆରାଧ୍ୟା ଠାକୁରାଣୀ । ଏଠାରେ ମଧ୍ୟ ଆଖଣ୍ଡଳମଣିଙ୍କର ମନ୍ଦିରଟିଏ ଅଛି ।

ଶଙ୍ଖେଇ- ବାଣୀଗୌରବ କବି ବିଶ୍ୱନାଥ ଚମ୍ପତିଙ୍କର ଏହି ଗ୍ରାମ ହେଉଛି ଜନ୍ମସ୍ଥାନ । ଶଙ୍ଖେଇ କହିଲେ କବି ବିଶ୍ୱନାଥ ଚମ୍ପତି ସ୍ମୃତିକୁ ଆସନ୍ତି । ଏହି ଗ୍ରାମରେ କପିଳେଶ୍ୱର ମହାଦେବଙ୍କ ମନ୍ଦିର ରହିଛି ।

ଫାଶିପଡ଼ା- ଏହି ଗ୍ରାମର ଲୋକଦେବୀ ହେଉଛନ୍ତି ବାଉରୀ ଠାକୁରାଣୀ । ଏଠାରେ ଠାକୁରାଣୀଙ୍କ ପୀଠରେ ଜନ୍ତାଳ ଭୋଜି ହୁଏ ।

କଣ୍ଟାବଣିଆଁ- ଏହା ଏକ ପୁରାତନ ବ୍ରାହ୍ମଣ ଶାସନ । ନୟାଗଡ଼ର ଷୋହଳ ଶାସନ ମଧ୍ୟରେ ଏହା ଅନ୍ୟତମ । ଏହି ଗ୍ରାମକୁ ରଣପୁର ରାଜା ଅଭୟ ନରେନ୍ଦ୍ର ପ୍ରତିଷ୍ଠା କରିଥିଲେ । ଗ୍ରାମର ପ୍ରକୃତ ନାମ ଅଭୟ ନରେନ୍ଦ୍ରପୁର ଶାସନ । ନୟାଗଡ଼ ସହର ଠାରୁ ଏହା ୯ କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମରେ ରାଜପ୍ରତିଷ୍ଠିତ ଦିଅଁ ମାନେଶ୍ୱର ମହାଦେବଙ୍କ ମନ୍ଦିର ରହିଛି । ଏଠାରେ ଯାତ୍ରାଙ୍ଗି ପାଳନ କରାଯାଏ । ଦୋଳପୂର୍ଣ୍ଣିମା ଦିନ ଏଠାରେ ଦୋଳ ପୂର୍ଣ୍ଣିମା ଯଜ୍ଞ ଅନୁଷ୍ଠିତ ହୁଏ । ଏହି ଗ୍ରାମରେ ନାରାୟଣୀ ଠାକୁରାଣୀ ଗ୍ରାମଦେବତୀ ରୂପରେ ସଂସ୍ଥିତା । ଗ୍ରାମର ପଶ୍ଚିମପାର୍ଶ୍ୱରେ ରାମ ମନ୍ଦିର ରହିଛି ।

ବନମାଳୀପୁର- ଏହି ଗ୍ରାମଟି ଖଣ୍ଡପଡ଼ା ସହରଠାରୁ ୫ କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମର ଦକ୍ଷିଣ ପାର୍ଶ୍ୱରେ ସୋମନାଥଦେବ ମହାଦେବଙ୍କର ମନ୍ଦିର ରହିଛି । ସୋମନାଥଦେବ ଗ୍ରାମର ମୁଖ୍ୟ ଦେବତା । ଏଠାରେ ପଞ୍ଚୁଦୋଳ ଯାତ୍ରା ଅନୁଷ୍ଠିତ ହୁଏ । ଗାଁର ଉତ୍ତର ପାର୍ଶ୍ୱରେ ସ୍ୱପ୍ନେଶ୍ୱର ମହାଦେବଙ୍କ ମନ୍ଦିର ରହିଛି । ବନମାଳୀପୁର ଗ୍ରାମର ଗ୍ରାମଦେବତୀ ହେଉଛନ୍ତି ବ୍ରାହ୍ମଣୀ ଦେବୀ । ଗାଁରେ ମଧ୍ୟ ମଙ୍ଗଳାଙ୍କ କୋଠି ରହିଛି । ଏଠାରେ ମଧ୍ୟ ରାଧାକାନ୍ତ ମନ୍ଦିର ରହିଛି । ଚୈତନ୍ୟ ଦେବଙ୍କ ମନ୍ଦିର ଏଠାରେ ଅବସ୍ଥିତ ।

କୁମ୍ଭାରପଡ଼ା- ଏହି ଗ୍ରାମଟି ଖଣ୍ଡପଡ଼ାଠାରୁ ୨୪ କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମରେ ଲଡୁକେଶ୍ୱର ମହାଦେବ ପୂଜା ପାଉଛନ୍ତି । ଏଠାରେ ମଧ୍ୟ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଦେବୀ ପୂଜା ପାଉଛନ୍ତି । ଗ୍ରାମର ଗ୍ରାମଦେବତୀ କୁକୁଟାସୁଣୀ ।

Digitized by PPRACHIN, SOA

ବଳରାମପ୍ରସାଦ- ଏହି ଗ୍ରାମରେ ବିଶ୍ୱନାଥଦେବ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ହନୁମାନ ମନ୍ଦିର ଏବଂ ସୋଽହଂସ୍ୱାମୀ ମନ୍ଦିର ଅବସ୍ଥିତ ।

ଗଉଡପୁଟ- ଏହି ଗ୍ରାମଟି ରଘୁନାଥ ପୀଠ ଓଡ଼ଗାଁ ନିକଟରେ ଅବସ୍ଥିତ । ଏହି ଗ୍ରାମର ଲୋକଦେବୀ ହେଉଛନ୍ତି ବୁଢ଼ାବୁଢ଼ିଆଣୀ ଠାକୁରାଣୀ । ବୁଢ଼ାବୁଢ଼ୀଆଣୀ ଗ୍ରାମଦେବତୀ । ଏଠାରେ ଅକ୍ଷୟତୃତୀୟା ଦିନ ଯାତ୍ରା ଅନୁଷ୍ଠିତ ହୁଏ ।

ଗମ୍ଭାରିଡିହି- ଏହି ଗ୍ରାମରେ ଗୋଟିଏ ମହାଦେବ ମନ୍ଦିର ରହିଛି । ଠାକୁର ହେଉଛନ୍ତି ଅମୃତେଶ୍ୱର ମହାଦେବ । ଏଠାରେ ଯଜ୍ଞ ହୁଏ ।

ଗୋଡ଼ିପାଟଣା- ନିମ୍ନେଶ୍ୱର ମହାଦେବ ଏହି ଗ୍ରାମର ମୁଖ୍ୟ ଦେବତା । ଏଠାରେ ବଉଳ ଅମାବାସ୍ୟା ଦିନ ଯାତ୍ରା ହୁଏ । ଗ୍ରାମଦେବତୀ ହେଉଛନ୍ତି କାଳିଆକ୍ଷଣ୍ଣ ଠାକୁରାଣୀ ।

ମାଳିସାହି- ନୟାଗଡ଼ ସହରଠାରୁ ୧୧ କିଲୋମିଟର ଦୂରତାରେ ଏହି ଗ୍ରାମ ଅବସ୍ଥିତ । ଏହା ହେଉଛି କବିସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କର ସାଧନାର ପୀଠ । ତେଣୁ ଏହି ଗ୍ରାମକୁ ଭଞ୍ଜପୀଠ ମାଳିସାହି କୁହାଯାଏ । ଏହି ଗ୍ରାମର ମୁଖ୍ୟ ଦେବତା ଗତୀଶ୍ୱର ମହାଦେବ । ଗତୀଶ୍ୱରଙ୍କ ମନ୍ଦିରଟି ବୌଦ୍ଧ ରାଜା ରଣଭଞ୍ଜଙ୍କ କୀର୍ତ୍ତି । ବର୍ଷରେ ୪ ମାସ ଶିବଲିଙ୍ଗ ଜଳମଗ୍ନ ହୋଇ ରହନ୍ତି । ଗତୀଶ୍ୱରଙ୍କର ମନ୍ଦିର ବେଢ଼ାରେ ନାରାୟଣୀ ଠାକୁରାଣୀ, ହନୁମାନ ମନ୍ଦିର, ବେଲେଶ୍ୱର ମହାଦେବ ରହିଛନ୍ତି । ନାରାୟଣୀ ଠାକୁରାଣୀଙ୍କ ବିଗ୍ରହ ଏକ ବିରଳ ପାଷାଣ ପ୍ରତିମା । ବିଗ୍ରହ ଅତ୍ୟନ୍ତ କମନୀୟ । ମାଳିସାହି ଗ୍ରାମରେ ଗୋଟିଏ ମଙ୍ଗଳା କୋଠି ରହିଛି । ଗ୍ରାମର ଦକ୍ଷିଣ ଦିଗରେ ଗହୀର ମଧ୍ୟରେ ରାବଣେଇ ପୋଖରୀ ହୁଡାରେ ରାବଣେଇ ଠାକୁରାଣୀ ପୂଜା ପାଉଛନ୍ତି । ଗ୍ରାମର ଉତ୍ତର ଦିଗରେ ବାଘମାରୀ ନଦୀ କୂଳରେ ଖମ୍ବେଶ୍ୱରୀ ଠାକୁରାଣୀ ପୂଜା ପାଉଛନ୍ତି । ଗ୍ରାମର ଉତ୍ତର ଦିଗରେ ପଦ୍ମପୋଖରୀ ନିକଟରେ ହଳଦିଆଚଣ୍ଡୀ ଠାକୁରାଣୀ ବିରାଜିତା ।

ଦେଉଳି- ଏହି ଗ୍ରାମଟି ନୟାଗଡ଼ଠାରୁ ୧୩ କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମରେ ଅନନ୍ତ ବାସୁଦେବଙ୍କ ମନ୍ଦିର ରହିଛି । ଏହି ଗ୍ରାମରେ ଶନିଶ୍ଚର ଦେବଙ୍କର ମନ୍ଦିର ରହିଛି ।

ସିଂହାପଡ଼ା- ଏହି ଗ୍ରାମଟି ଖଣ୍ଡପଡ଼ା ଠାରୁ ୭ କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମର ମୁଖ୍ୟ ଦେବୀ ସିଂହବାହିନୀ ଠାକୁରାଣୀ । ଏଠାରେ ଦଶହରା ପର୍ବ ପାଳନ କରାଯାଏ । କାର୍ତ୍ତିକପୂର୍ଣ୍ଣିମା ଯାତ୍ରା ଏଠାରେ ପାଳନ କରାଯାଏ । ଏହି ଗ୍ରାମର ଅନ୍ୟତମ ପୂଜିତ । ଦେବୀ ହେଉଛନ୍ତି ବନଦୁର୍ଗା ।

Digitized by PPRACHIN, SOA

ସିଂହାପଡା ଗ୍ରାମରେ ଗୋଟିଏ ଶିବ ମନ୍ଦିର ରହିଛି । ଠାକୁରଙ୍କ ନାମ ଅମୃତେଶ୍ୱର ମହାଦେବ । ଏହି ଗ୍ରାମରେ ରଘୁନାଥଙ୍କ ମନ୍ଦିର ମଧ୍ୟ ରହିଛି ।

ମର୍ଦ୍ଦରାଜପୁର- ଖଣ୍ଡପଡା ଠାରୁ କଣ୍ଟିଲୋ ରାସ୍ତାରେ ୪ କିଲୋମିଟର ଦୂରତାରେ ମର୍ଦ୍ଦରାଜପୁର ଗ୍ରାମ ଅବସ୍ଥିତ । ମର୍ଦ୍ଦରାଜପୁର ଗ୍ରାମ ସନ୍ନିକଟ ପାହାଡ ଉପରେ ମାମୁଭଣଜା ମନ୍ଦିର, ଜଗନ୍ନାଥ ମନ୍ଦିର, ମହାଦେବ ମନ୍ଦିର ରହିଛି ।

ବଳଦିଆ ନୂଆଗାଁ- ଏହି ଗ୍ରାମଟି ଖଣ୍ଡପଡ଼ାଠାରୁ ଆଠ କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମରେ ଦଧିବାମନଜୀଉ, ନୀଳକଣ୍ଠେଶ୍ୱର ପୂଜା ପାଉଛନ୍ତି । ଏହି ଗ୍ରାମରେ ମହାମାୟୀ ଠାକୁରାଣୀ, ମଙ୍ଗଳା ଠାକୁରାଣୀ ପୂଜା ପାଉଛନ୍ତି ।

ବାଘୁଆପଲ୍ଲୀ- ଏହି ଗ୍ରାମଟି ଖଣ୍ଡପଡ଼ାଠାରୁ ଆଠ କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମରେ ଆଖଣ୍ଡଳମଣି ଶିବମନଦିର ରହିଛି ।

ଖୁଣ୍ଟୁପଡ଼ା- ଏହା ଖଣ୍ଡପଡ଼ାର ଏକ ପୁରାତନ ଗ୍ରାମ । ଏହି ଗ୍ରାମରେ ରାମେଶ୍ୱର ମହାଦେବଙ୍କର ପ୍ରାଚୀନ ମନ୍ଦିର ରହିଛି । ଏହି ମହାଦେବଙ୍କ ଅପାର କରୁଣାରୁ ପଠାଣିସାମନ୍ତ ଜନ୍ମଲାଭ କରିଥିଲେ ।

ଗୋପାଳପ୍ରସାଦ- ଏହି ଗ୍ରାମଟି ଖଣ୍ଡପଡ଼ାଠାରୁ ବାର କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମରେ ଗିରିଗୋବର୍ଦ୍ଧନ ପାହାଡ଼ ଉପରେ ରାଧାକୃଷ୍ଣଙ୍କ ମନ୍ଦିର ରହିଛି ।

ବସନ୍ତପୁର- ଏହି ଗ୍ରାମରେ ବିଜେ ହୋଇଥିବା ଗ୍ରାମଦେବତୀ ହେଉଛନ୍ତି ତରେଇ ଠାକୁରାଣୀ ଓ ଖଣ୍ଡୁଆଳ ଠାକୁରାଣୀ ।

ଶରଣକୁଳ- ନୟାଗଡ଼ର ପ୍ରସିଦ୍ଧ ଶିବ ଲଡୁବାବାଙ୍କ ମନ୍ଦିର ଏଠାରେ ଅବସ୍ଥିତ । ଲଡୁବାବା ପ୍ରତିଷ୍ଠିତ ମହାଦେବ । ତେବେ ଶରଣକୁଳ ସନ୍ନିକଟ ଭଣ୍ଡାର ପାହାଡ଼ ଉପରେ ଝାଡ଼େଶ୍ୱରୀ ଠାକୁରାଣୀଙ୍କର ମନ୍ଦିର ରହିଛି । ଏଠାରେ ରଜସଂକ୍ରାନ୍ତିରେ ବିରାଟ ଯାତ୍ରା ଅନୁଷ୍ଠିତ ହୁଏ । ମାନସିକ ରଖିଥିବା ବ୍ୟକ୍ତିମାନେ ମାନସିକ ପୂରଣ ହେଲେ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥାନ୍ତି ।

କେନ୍ଦୁପଲ୍ଲୀ- ଏହି ଗ୍ରାମରେ କଇରୀ ଠାକୁରାଣୀ ଗ୍ରାମ ଦେବତୀ ରୂପରେ ପୂଜା ପାଉଛନ୍ତି ।

କୋରପିଠା- ଏହି ଗ୍ରାମରେ ବାଲୁଙ୍କେଶ୍ୱର ମହାଦେବ ପୂଜା ପାଉଛନ୍ତି ।

Digitized by PPRACHIN, SOA

ପଞ୍ଚୁମୁ- ଏହି ଗ୍ରାମରେ ଗୋପୀନାଥ ମନ୍ଦିର ରହିଛି । କଜଳେଇ ଠାକୁରାଣୀ ହେଉଛନ୍ତି ଗ୍ରାମଦେବତୀ । ରାମେଶ୍ୱର ମହାଦେବ ଏଠାରେ ପୂଜା ପାଉଛନ୍ତି । ଏହି ଗ୍ରାମରେ ହନୁମାନ ମହାପ୍ରଭୁଙ୍କର ମନ୍ଦିରଟିଏ ମଧ୍ୟ ରହିଛି ।

ବଡ଼ଦେଶ ହରିପୁର- ଏହି ଗ୍ରାମରେ ରଘୁନାଥଙ୍କର ମନ୍ଦିର ରହିଛି । ଏଠାରେ ଶ୍ରୀରାମନବମୀ ଅବସରରେ ନଅଦିନ ବ୍ୟାପୀ ଯାତ୍ରା ଅନୁଷ୍ଠିତ ହୁଏ । ଗ୍ରାମର ଗ୍ରାମଦେବତୀ ହେଉଛନ୍ତି ରାମଚଣ୍ଡୀ ଠାକୁରାଣୀ । ଏଠାରେ ଶ୍ରାବଣ ପୂର୍ଣ୍ଣିମା ଓ ପୌଷ ପୂର୍ଣ୍ଣିମାରେ ହୋମ ଯଜ୍ଞ ଅନୁଷ୍ଠିତ ହୁଏ । ଏଠାରେ ଜନ୍ତାଳ ଭୋଜି କରାଯାଏ । ଏଠାରେ ମା' ମଙ୍ଗଳାଙ୍କ କୋଠି ରହିଛି । ଚୈତ୍ର ମାସର ଦ୍ୱିତୀୟ ମଙ୍ଗଳବାର ୪ ଦିନ ଧରି ଏଠାରେ ଯାତ୍ରା ହୁଏ ।

ମହୀପୁର- ନୟାଗଡ଼ ଟାଉନ୍ ଠାରୁ ମହୀପୁର ୧୩ କିଲୋମିଟର ଦୂରତାରେ ଅବସ୍ଥିତ । ଏଠାରେ ଜଗନ୍ନାଥଙ୍କ ମନ୍ଦିର ରହିଛି । ମନ୍ଦିର ଭିତରେ ଚତୁର୍ଦ୍ଧା ମୂର୍ତ୍ତି ବିଦ୍ୟମାନ । ଏଠାରେ ରଥଯାତ୍ରା ଅନୁଷ୍ଠିତ ହୁଏ । ଗୋଟିଏ ରଥରେ ଚତୁର୍ଦ୍ଧା ମୂର୍ତ୍ତି ବିଜେ ହୁଅନ୍ତି । ମହୀପୁର ଠାରେ ଗୋଟିଏ ଶିବ ମନ୍ଦିର ରହିଛି । ଏଠାରେ ଶିବ ନୀଳକଣ୍ଠେଶ୍ୱର ନାମରେ ବିଖ୍ୟାତ । ଏହି ସ୍ଥାନର ଗ୍ରାମଦେବତୀ ହେଉଛନ୍ତି ଶୂଳିଆ ଠାକୁରାଣୀ ।

ବନ୍ତଳା- ମହୀପୁରଠାରୁ ପାଞ୍ଚ କିଲୋମିଟର ଦୂରତାରେ ବନ୍ତଳା ଗ୍ରାମ ଅବସ୍ଥିତ । ବନ୍ତଳା ମୁଖ୍ୟ ରାସ୍ତାର ବାମପାର୍ଶ୍ୱରେ ପେଟେଇଚଣ୍ଡୀ ଠାକୁରାଣୀ ବିରାଜିତା । ଏହି ଠାକୁରାଣୀଙ୍କୁ ମଧ୍ୟ ଭୂଇଁଆଣୀ ଠାକୁରାଣୀ କୁହାଯାଏ । ଭୂଇଁଆଣୀ ଠାକୁରାଣୀଙ୍କ ନିକଟରେ ଚୈତ୍ରମାସର ପ୍ରଥମ ମଙ୍ଗଳ ବାର ଠାରୁ ତିନି ଦିନ ପର୍ଯ୍ୟନ୍ତ ବିରାଟ ଯଜ୍ଞର ଆୟୋଜନ କରାଯାଏ । ମା' ଭୂଇଁଆଣୀ ଠାକୁରାଣୀ ଏହି ଅଞ୍ଚଳର ପ୍ରସିଦ୍ଧ ଲୋକଦେବୀ । ଏହି ସ୍ଥାନରେ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ମା' ଭୂଇଁଆଣୀଙ୍କ ନିକଟରେ ଶୁଭ ମନାସି ପୂଜାର୍ଚ୍ଚନା କରିଥାନ୍ତି । କବୟିତ୍ରୀ ବନଲତା ମିଶ୍ର ମା' ଭୂଇଁଆଣୀଙ୍କୁ ବନ୍ଦନା କରି ଗାଇଛନ୍ତି-

"ଜୟ ମାତ ଭୂଇଁଆଣୀ ତୋ ପାଦେ ଶରଣ
ଜୟ ମାତ ଭୂଇଁଆଣୀ ବାଞ୍ଛିବୁ କଲ୍ୟାଣ ॥
ଜୟ ମାତ ଭୂଇଁଆଣୀ ସଙ୍କଟତାରିଣୀ
ଜୟ ମାତ ଭୂଇଁଆଣୀ ବିଘ୍ନ ବିନାଶିନୀ ॥

Digitized by PPRACHIN, SOA

ଜୟ ମାତ ଭୂଇଁଆଣୀ ଅରକ୍ଷର ସାହା
ଜୟ ମାତ ଭୂଇଁଆଣୀ ତୁ' ତ ଯୋଗମାୟା ।।"

ଏଠାରେ ମା' ଭୂଇଁଆଣୀଙ୍କୁ ଆଦିବାସୀ ଜାନୀ ପୂଜକ ପୂଜା କରୁଛନ୍ତି ।

ସିଙ୍ଗାରପଲ୍ଲୀ- ମହୀପୁରଠାରୁ ଆଠ କିଲୋମିଟର ଦୂରତାରେ ଏହି ଗ୍ରାମଟି ଅବସ୍ଥିତ । ଏହି ଗ୍ରାମଟିର ମୂଳ ନାମ ହେଉଛି ଶୃଙ୍ଗାରପଲ୍ଲୀ । କାଳକ୍ରମେ ଶୃଙ୍ଗାରପଲ୍ଲୀରୁ ସିଙ୍ଗାରପଲ୍ଲୀ ହୋଇଛି । ଏହି ଗ୍ରାମର ମୁଖ୍ୟ ଦେବତା ହେଉଛନ୍ତି ଭଗବତ ଠାକୁର । ଭାଗବତ ଜନ୍ମ ଦିନ ଭଗବତ ଠାକୁରଙ୍କର ପୂଜା ମହାସମାରୋହରେ ପାଳିତ ହୁଏ । ଏହି ଗ୍ରାମର ଗ୍ରାମ ଦେବତୀ ହେଉଛନ୍ତି ଖମ୍ଭେଶ୍ୱରୀ ଏବଂ ଅନ୍ଧାରବାଉତୀ । ଖମ୍ଭେଶ୍ୱରୀଙ୍କ ନିକଟରେ ପ୍ରତି ମାସ ସଂକ୍ରାନ୍ତି ଦିନ ପୂଜାର୍ଚ୍ଚନା କରାଯାଏ ।

ସେନ୍ତେରୀ- ଏହି ଗ୍ରାମଟି ମହୀପୁର ଠାରୁ ୧୨ କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମର ମୁଖ୍ୟ ଦେବତା ହେଉଛନ୍ତି ରାଧାକୃଷ୍ଣ । ରାଧାକୃଷ୍ଣଙ୍କ ମନ୍ଦିରରେ ଦୋଳଯାତ୍ରା ଉତ୍ସବ ମହାସମାରୋହରେ ପାଳିତ ହୁଏ । ସେନ୍ତେରୀ ଗ୍ରାମରେ ଗୋଟିଏ ଶିବ ମନ୍ଦିର ରହିଛି । ଠାକୁରଙ୍କର ନାମ ସିଦ୍ଧେଶ୍ୱର ମହାଦେବ । ଗାଁର ମଧ୍ୟଭାଗରେ ଗ୍ରାମ ଦେବତୀ ଅନ୍ଧାରବାଉତୀ ବିରାଜିତା ।

ନୀଳାଦ୍ରିପୁର- ନୟାଗଡ଼ର ଷୋଳ ଶାସନ ମଧ୍ୟରୁ ନୀଳାଦ୍ରିପୁର ଶାସନ ଅନ୍ୟତମ । ଏହି ଗ୍ରାମର ମୁଖ୍ୟ ଦେବତା ହେଉଛନ୍ତି ନୀଳକଣ୍ଠେଶ୍ୱର ମହାଦେବ । ପ୍ରତି ବର୍ଷ ଅକ୍ଷୟ ତୃତୀୟା ଦିନ ନୀଳକଣ୍ଠେଶ୍ୱରଙ୍କ ନିକଟରେ ଯଜ୍ଞାନୁଷ୍ଠାନ ସମ୍ପାଦିତ ହୁଏ । ଏଠାରେ ମଧ୍ୟ ଦଣ୍ଡ ଯାତ୍ରା ହୁଏ । ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ଏକ ପୁଷ୍କରିଣୀ ତଟରେ ମା' ହରଚଣ୍ଡୀଙ୍କର ମନ୍ଦିର ଅବସ୍ଥିତ । ନୀଳାଦ୍ରିପୁର ଗାଁ ମୁଣ୍ଡରେ ଦକ୍ଷିଣକାଳୀଙ୍କର ମନ୍ଦିର ରହିଛି ଏବଂ ଏହି ମନ୍ଦିର ନିକଟରେ ହନୁମାନଙ୍କର ମନ୍ଦିର ମଧ୍ୟ ରହିଛି । ନୀଳାଦ୍ରିପୁରର ଦାଣ୍ଡ ସାହିରେ ଏକକ ଜଗନ୍ନାଥ (ଦଧିବାମନ) ପୂଜା ପାଉଛନ୍ତି ।

ଭିରୁଡ଼ା- ମହୀପୁର ବସ୍‌ଷ୍ଟପ୍‌ର ଅନତିଦୂରରେ ଭିରୁଡ଼ା ଗ୍ରାମ ଅବସ୍ଥିତ । ଏହି ଗ୍ରାମର ଗ୍ରାମ ଦେବତୀ ମା' ରାମଚଣ୍ଡୀ ନୟାଗଡ଼-ଦଶପଲ୍ଲା ରାସ୍ତାର ବାମପାର୍ଶ୍ୱରେ ବିରାଜିତା । ଲୋକମାନଙ୍କ ମତରେ ମା' ହେଉଛନ୍ତି ପ୍ରତ୍ୟକ୍ଷ ଠାକୁରାଣୀ । ଏଠାରେ ପଣାସଂକ୍ରାନ୍ତି ଦିନ ଯାତ୍ରା ଅନୁଷ୍ଠିତ ହୁଏ । ଏହା ବ୍ୟତୀତ ପୌଷ ପୂର୍ଣ୍ଣିମା ଦିନ ମଧ୍ୟ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୁଏ ।

Digitized by PPRACHIN, SOA

ନୂଆଗାଁ- ନୟାଗଡ଼ ଟାଉନ ଠାରୁ ନୟାଗଡ଼-ଦଶପଲ୍ଲା ରାସ୍ତାରେ ୨୨ କିଲୋମିଟର ଦୂରତାରେ ନୂଆଗାଁ ଅବସ୍ଥିତ । ପ୍ରସିଦ୍ଧ ଉଦୟପୁରର ଦାଶରଥି ପାଠାଗାର ଏହି ନୂଆଗାଁ ନିକଟରେ ଅବସ୍ଥିତ । ନୂଆଗାଁ ଠାରେ ବିରୁପାକ୍ଷ ଶିବ ପୂଜା ପାଉଛନ୍ତି । ବିରୁପାକ୍ଷ ମହାଦେବଙ୍କ ମନ୍ଦିରରେ ଜାଗର ପର୍ବ ଅନୁଷ୍ଠିତ ହୁଏ । ନୂଆଗାଁର ଗ୍ରାମଦେବତୀ ହେଉଛନ୍ତି ପିତାବଳୀ । ଏହା ବ୍ୟତୀତ ଗାଁର ମଧ୍ୟ ଭାଗରେ ମା' ମଙ୍ଗଳାଙ୍କର କୋଠି ଅବସ୍ଥିତ ।

ନୂଆଗାଁ ନିକଟରେ ପଞ୍ଚୁପାଣ୍ଡବ ପର୍ବତ ବିଦ୍ୟମାନ । ଏହି ପର୍ବତର ପାଦଦେଶରେ ରହିଥିବା ନୟାଗଡ଼-ଦଶପଲ୍ଲା ରାସ୍ତାର ନୂଆଗାଁ ପୂର୍ବରୁ ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ପଞ୍ଚୁପାଣ୍ଡବ ପୂଜା ପାଇଅସୁଛନ୍ତି ।

ମହୀତ୍ତମା- ଏହା ଏକ ପୁରାତନ ଗ୍ରାମ । ଏହି ଗ୍ରାମର ମୂଳନାମ ହେଉଛି ମଇତୁମ୍ବା । ଲୋକଶ୍ରୁତି ଅନୁସାରେ ଏହି ସ୍ଥାନରେ ଏକ ବିରାଟ ମଇ ଗଛ ଥିଲା । ଗୋପାଳମାନେ ମଇଁଷି ଚରାଇବା ସମୟରେ ଲାଉତୁମ୍ବାରେ ସେମାନଙ୍କର ଖାଦ୍ୟସାମଗ୍ରୀ ଆଣି ଏହି ମଇ ଗଛରେ ଓହଳାଇ ରଖୁଥିଲେ । ତେଣୁ ଏହି ସ୍ଥାନଟିକୁ ମଇତୁମ୍ବା କୁହାଗଲା । କାଳକ୍ରମେ ମଇତୁମ୍ବାରୁ ମହୀତ୍ତମା ସୃଷ୍ଟି ହୋଇଛି । ଏହି ଗ୍ରାମର ମଧ୍ୟଭାଗରେ ରାଧାକୃଷ୍ଣଙ୍କର ମନ୍ଦିର ରହିଛି । ମନ୍ଦିରଟି ଅତ୍ୟୁଚ୍ଚ ନୁହେଁ । ତେବେ ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତି ବେଶ କମନୀୟ ଓ ଆକର୍ଷଣୀୟ । ଏଠାରେ ଜନ୍ମାଷ୍ଟମୀ, ରାଧାଷ୍ଟମୀ, ଏବଂ ଝୁଲଣଯାତ୍ରା ଅନୁଷ୍ଠିତ ହୁଏ । ପଞ୍ଚୁଦୋଳ ଯାତ୍ରାକୁ ରାଧାମାଧବଙ୍କର ବିଜେ ପ୍ରତିମା ବିଜେ କରନ୍ତି । ମହୀତ୍ତମା ଗ୍ରାମର ପଶ୍ଚିମ ପାର୍ଶ୍ୱରେ ଗୋପୀନାଥଙ୍କର ମଠ ଓ ମନ୍ଦିର ରହିଛି । ଏଠାରେ ମଧ୍ୟ ଜନ୍ମାଷ୍ଟମୀ, ଝୁଲଣ, ଏବଂ ରାସ ଅନୁଷ୍ଠିତ ହୁଏ ।

ସୁବଳୟା- ନୟାଗଡ଼ ଟାଉନ ଠାରୁ ଦଶପଲ୍ଲା ଯିବା ରାସ୍ତାରେ ଦଶପଲ୍ଲା ପୂର୍ବରୁ ସୁବଳୟା ଗ୍ରାମ ପଡିଥାଏ । ସୁବଳୟା ଗ୍ରାମରେ ଅର୍ଦ୍ଧକପାଳେଶ୍ୱର ମହାଦେବ ପୂଜା ପାଉଛନ୍ତି । ଲୋକଶ୍ରୁତି ରହିଛି ଯେ ଯେଉଁ ବ୍ୟକ୍ତି ଅର୍ଦ୍ଧକପାଳ ରୋଗରେ ଆକ୍ରାନ୍ତ ହୁଏ, ସେ ଏହି ମହାଦେବଙ୍କର ଶରଣାଗତ ହେଲେ ଅର୍ଦ୍ଧକପାଳ ରୋଗରୁ ମୁକ୍ତି ପାଏ । ତେଣୁ ସୁବଳୟା ଗ୍ରାମରେ ମହାଦେବ ଅର୍ଦ୍ଧକପାଳେଶ୍ୱର ନାମରେ ସୁପରିଚିତ । ଏହି ଶୈବକ୍ଷେତ୍ରରେ ମକର ସଂକ୍ରାନ୍ତି ଦିନ ମକର ଯାତ୍ରା ଅନୁଷ୍ଠିତ ହୁଏ ।

ଭୀମରା- ଦଶପଲ୍ଲା ନିକଟବର୍ତ୍ତୀ ଖମାରୀ ସାହି ଠାରୁ ୯ କିଲୋମିଟର ଦୂରତାରେ ଭୀମରା ଅବସ୍ଥିତ । ଏଠାରେ ଗୋଟିଏ ପଥର ଗାତ୍ରରେ ଭୀମଙ୍କର ପାଦଚିହ୍ନ

Digitized by PPRACHIN, SOA

ରହିଛି । ଏହି ସ୍ଥାନରେ ରାଧାକୃଷ୍ଣଙ୍କର ମନ୍ଦିର ରହିଛି । କାର୍ତ୍ତିକ ମାସ ପଞ୍ଚୁକ ପାଞ୍ଚଦିନଯାକ ଏଠାରେ ଯାତ୍ରା ଅନୁଷ୍ଠିତ ହୁଏ ।

କୋରଡ଼ାଗଡ଼- ନୟାଗଡ଼ ଟାଉନଠାରୁ ଦଶପଲ୍ଲା ରାସ୍ତାରେ ପ୍ରାୟ ୨୫ କିଲୋମିଟର ଦୂରତାରେ କୋରଡ଼ାଗଡ ଅବସ୍ଥିତ । ବଡ଼ଟାସେରା ପାହାଡର ପାଦଦେଶରେ ଏହି ଗ୍ରାମଟି ଅବସ୍ଥିତ । ଏହି ଗ୍ରାମର ନିକଟରେ ବେଲପା ନିର୍ଝରିଣୀ ପ୍ରବାହିତା । ଏହି ଗ୍ରାମରେ ଏକ ପ୍ରାଚୀନ ଶିବ ମନ୍ଦିର ରହିଛି । ଗୋଟିଏ ଶକ୍ତିସ୍ଥଳ ମଧ୍ୟରେ ବାଲୁଙ୍କେଶ୍ୱର ଏବଂ ସ୍ୱପ୍ନେଶ୍ୱର ମହାଦେବଙ୍କର ଶିବ ଲିଙ୍ଗ ପ୍ରତିଷ୍ଠିତ । ଏହି ମନ୍ଦିରଟି ରାଜ ପ୍ରତିଷ୍ଠିତ । ଠାକୁରଙ୍କ ନୀତିକାନ୍ତି ପାଇଁ ୨୫ ଏକର ଭୂସମ୍ପତ୍ତି ରହିଛି । ଏଠାରେ ଜାଗର ଏବଂ ଶୀତଳଷଷ୍ଠୀ ପର୍ବ ପାଳନ କରାଯାଏ । ଏହି ଗ୍ରାମରେ ଜଗନ୍ନାଥ ମହାପ୍ରଭୁ ଦଧିବାମନ ରୂପରେ ପୂଜା ପାଉଛନ୍ତି ।

କୋରଡ଼ାଗଡ଼ର ପ୍ରସିଦ୍ଧ ଠାକୁର ହେଉଛନ୍ତି ଶ୍ରୀ ରଘୁନାଥଜୀଉ । ଏଠାରେ ରାମ, ଲକ୍ଷ୍ମଣ ଓ ସୀତାଙ୍କର କମନୀୟ ବିଗ୍ରହ ରହିଛି । ଠାକୁରମାନଙ୍କର ସେବା ପୂଜା ଲାଗି ୨୨ ବାଟି ଜମି ଖଞ୍ଜା ରହିଛି । ଏଠାରେ ଲଙ୍କାପୋଡି ଯାତ୍ରା ମହାସମାରୋହରେ ପାଳିତ ହୁଏ । ରାମାୟଣର ଚରିତ୍ରମାନେ ଏହି ଯାତ୍ରାରେ କାଠର ମୁଖା ଧାରଣ କରି ଅଭିନୟ କରନ୍ତି । କୋରଡ଼ାଗଡ଼ ଗ୍ରାମର ବଡ଼ଟାସେରା ପାହାଡ଼ ଉପରେ ପଞ୍ଚମୁଖୀ ହନୁମାନ ପୂଜା ପାଉଛନ୍ତି ।

ତୁଳସୀପୁର- ନୟାଗଡ଼ ଠାରୁ ୪ କିଲୋମିଟର ଦୂରତାରେ ତୁଳସୀପୁର ଗ୍ରାମ ଅବସ୍ଥିତ । ଏହି ଗ୍ରାମର ଗ୍ରାମଦେବତୀ ହେଉଛନ୍ତି ଦକ୍ଷିଣଚଣ୍ଡୀ । ଗ୍ରାମର ମଧ୍ୟଭାଗରେ ମା' ମଙ୍ଗଳାଙ୍କର କୋଠି ରହିଛି । ଏହି ଗ୍ରାମର ମଧ୍ୟଭାଗରେ ଚୈତନ୍ୟ ଠାକୁରଙ୍କର ମନ୍ଦିର ରହିଛି । ଏଠାରେ ଭାଦ୍ରବ ମାସ ପୂର୍ଣ୍ଣିମା ଦିନ ଭାଗବତ ଜନ୍ମ ପାଳନ କରାଯାଏ । ଚୈତନ୍ୟ ଠାକୁରଙ୍କ ନିକଟରେ ରାସବିହାରୀଙ୍କ ମନ୍ଦିର ରହିଛି । ଏଠାରେ ଜନ୍ମାଷ୍ଟମୀ ପର୍ବ ପାଳନ କରାଯାଏ । ତୁଳସୀପୁର ଗ୍ରାମରେ ନୀଳକଣ୍ଠେଶ୍ୱର ମହାଦେବଙ୍କର ମନ୍ଦିର ରହିଛି । ଏଠାରେ ଚୈତ୍ରମାସର ଶେଷ ତିନି ଦିନ ଯଜ୍ଞ ଅନୁଷ୍ଠିତ ହୁଏ ଏବଂ ପୂର୍ଣ୍ଣିମା ଦିନ ପୂର୍ଣ୍ଣାହୂତି ପ୍ରଦାନ କରାଯାଏ ।

ମୁକ୍ତାପୁର- ନୟାଗଡ଼ ପୁରୁଣା ସହର ନିକଟରୁ ପ୍ରାୟ ୩ କିଲୋମିଟର ଦୂରତାରେ ମୁକ୍ତାପୁର ଗ୍ରାମ ଅବସ୍ଥିତ । ଏହି ଗ୍ରାମର ମୁଖ୍ୟ ଦେବତା ହେଉଛନ୍ତି ରଘୁନାଥଜୀଉ । ଏଠାରେ ରାମନବମୀ ଯାତ୍ରା ଅନୁଷ୍ଠିତ ହୁଏ । ମୁକ୍ତାପୁର

Digitized by PPRACHIN, SOA

ଗ୍ରାମର ଗ୍ରାମଦେବତୀ ହେଉଛନ୍ତି ମା' ଶାଳଭଞ୍ଜ । ଶାଳଭଞ୍ଜ ଠାକୁରାଣୀଙ୍କର ଏକ ସୁନ୍ଦର ମନ୍ଦିର ରହିଛି । ଏଠାରେ ପ୍ରତ୍ୟେକ ବର୍ଷ ଅକ୍ଷୟତୃତୀୟା ଦିନ ଏକ ବିରାଟ ଯଜ୍ଞ ଅନୁଷ୍ଠିତ ହୁଏ ।

ଦୁରୁଦୁରା- ଏହି ଗ୍ରାମଟି ନୟାଗଡ଼ ଟାଉନ୍‌ଠାରୁ ୬ କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମରେ ଶ୍ରୀଜଗନ୍ନାଥ ମନ୍ଦିର ରହିଛି । ମନ୍ଦିର ମଧ୍ୟରେ ଜଗନ୍ନାଥ ବଳଭଦ୍ର ଓ ଦେବୀ ସୁଭଦ୍ରା ସ୍ଥାନିତ । ପୂର୍ବେ ଏଠାରେ ରଥଯାତ୍ରା ଅନୁଷ୍ଠିତ ହେଉଥିଲା । ବର୍ତ୍ତମାନ ବନ୍ଦ ଅଛି । ଶ୍ରୀଜଗନ୍ନାଥଙ୍କ ମନ୍ଦିର ବାହାର କାନ୍ଥରେ ବିଭିନ୍ନ ଦେବୀଙ୍କର ଚିତ୍ର ଅଙ୍କନ କରାଯାଇଛି । ଏହି ଦେବୀମାନେ ହେଉଛନ୍ତି- ଛିନ୍ନମସ୍ତା, ଧୂମାବତୀ, ବଗଳାମୁଖୀ, ତ୍ରିପୁରସୁନ୍ଦରୀ, ମା'ଷୋଡଶୀ, ମହିଷାମର୍ଦ୍ଦିନୀ, ଦକ୍ଷିଣକାଳୀ, ଏବଂ ଭୈରବୀ । ଏହା ବ୍ୟତୀତ ମନ୍ଦିର କାନ୍ଥରେ ରାଧାକୃଷ୍ଣ ଓ ନବଗ୍ରହଙ୍କର ମୂର୍ତ୍ତି ରହିଛନ୍ତି ।

ଶିମିଳିସାହି- ନୟାଗଡ଼ ଟାଉନ ଠାରୁ ଏହି ଗ୍ରାମଟି ପାଞ୍ଚ କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମରେ ରାଧାକୃଷ୍ଣଙ୍କର ମନ୍ଦିର ରହିଛି । ଏଠାରେ ପ୍ରତ୍ୟେକ ବର୍ଷ ଦୋଳ ପୂର୍ଣ୍ଣିମାକୁ ଦୋଳଯାତ୍ରା ଅନୁଷ୍ଠିତ ହୁଏ । ଶିମିଳିସାହି ଗ୍ରାମର ଲୋକଦେବୀ ହେଉଛନ୍ତି ପିତାବଳୀ ଠାକୁରାଣୀ । ଏଠାରେ ଅକ୍ଷୟ ତୃତୀୟା ଦିନ ଯାତ୍ରା ଅନୁଷ୍ଠିତ ହୁଏ । ଏହା ବ୍ୟତୀତ ଶିମିଳିସାହି ଠାରେ ସତ୍ୟ ସନାତନ ମହିମା ଧର୍ମର ସାଧୁ ଆଶ୍ରମଟିଏ ରହିଛି । ଏହି ଆଶ୍ରମର ପ୍ରତିଷ୍ଠା କାଳ ହେଉଛି ୧୯୪୧ ମସିହା ।

ସରପଡ଼ା- ଏହି ଗ୍ରାମଟି ନୟାଗଡ଼ର ଇଟାମାଟି ନିକଟରେ ଅବସ୍ଥିତ । ଏହି ଗ୍ରାମର ମୁଖ୍ୟ ଦେବତା ହେଉଛନ୍ତି ଶ୍ରୀରଘୁନାଥଜୀଉ । ଏହା ବ୍ୟତୀତ ସରପଡ଼ା ଗ୍ରାମରେ ପୂଜା ପାଉଥିବା ଠାକୁରାଣୀମାନେ ହେଉଛନ୍ତି- ଦକ୍ଷିଣଚଣ୍ଡୀ, ଚଣ୍ଡୀବୁଢ଼ୀ ଏବଂ ହାଡ଼ବାଇ । ଦକ୍ଷିଣଚଣ୍ଡୀ ଠାକୁରାଣୀଙ୍କ ନିକଟରେ ବୈଶାଖ ମାସରେ ଅଷ୍ଟପ୍ରହରୀ ଅନୁଷ୍ଠିତ ହୁଏ । ଆଶ୍ୱିନ ମାସରେ ଠାକୁରାଣୀଙ୍କ ନିକଟରେ ମେଳା ଅନୁଷ୍ଠିତ ହୁଏ ।

ବାଘେରା- ଏ ଗ୍ରାମଟି ନୟାଗଡ଼ ଟାଉନ ଠାରୁ ୧୧ କିଲୋମିଟର ଦୂରତାରେ ଅବସ୍ଥିତ । ବାଘେରା ଗ୍ରାମର ମୁଖ୍ୟ ଦେବତା ହେଉଛନ୍ତି ଧବଳେଶ୍ୱର ମହାଦେବ । ଏକ ପାହାଡ଼ ଉପରେ ମହାପ୍ରଭୁଙ୍କର ଆସ୍ଥାନ । ଏହି ପାହାଡ଼ର ପ୍ରତ୍ୟେକ ପଥର ଧବଳ ବର୍ଣ୍ଣ । ତେଣୁ ଠାକୁରଙ୍କ ନାମ ଧବଳେଶ୍ୱର । ଯେଉଁମାନେ ଧବଳ ଛଉରେ ଆକ୍ରାନ୍ତ ହୁଅନ୍ତି, ସେମାନେ ଧବଳେଶ୍ୱର

Digitized by PPRACHIN, SOA

ମହାଦେବଙ୍କୁ ପୂଜାର୍ଚ୍ଚନା କରି ରୋଗମୁକ୍ତ ହୁଅନ୍ତି । ବାଘେରା ଗ୍ରାମର ଗ୍ରାମ ଦେବତୀ ହେଉଛନ୍ତି ଦେବୀ ଭୈରବୀ ଏବଂ ପାଇକେଶ୍ୱରୀ । ପାଇକେଶ୍ୱରୀ ଠାକୁରାଣୀଙ୍କ ନିକଟରେ ପୂର୍ଣ୍ଣିମା, ଅମାବାସ୍ୟା, ଓ ସଂକ୍ରାନ୍ତି ଦିନ ଭୋଗରାଗ ଅନୁଷ୍ଠିତ ହୋଇଥାଏ ।

ବିରୁଡା- ନୟାଗଡ଼ର ଇଟାମାଟି ଟାଉନଠାରୁ ପ୍ରାୟ ପାଞ୍ଚ କିଲୋମିଟର ଦୂରତାରେ ବିରୁଡା ଗ୍ରାମ ଅବସ୍ଥିତ । ଏହି ଗ୍ରାମରେ ମହାପ୍ରଭୁ ଜଗନ୍ନାଥ ଦଧିବାମନ ରୂପେ ପୂଜା ପାଉଛନ୍ତି । ଦଧିବାମନଙ୍କର ଏକ କମନୀୟ ଓ ସୁଉଚ୍ଚ ମନ୍ଦିର ରହିଛି । ଠାକୁରଙ୍କ ସେବାପୂଜା ପାଇଁ ସାତ ବାଟି ଜମି ଖଞ୍ଜା ଯାଇଛି । ଏଠାରେ ରଥଯାତ୍ରା ଅନୁଷ୍ଠିତ ହୁଏ । ବିରୁଡ଼ା ଗ୍ରାମର ଅନ୍ୟତମ ଉପାସ୍ୟ ଦେବତା ହେଉଛନ୍ତି ନୃସିଂହନାଥ । ଏହା ଏକ ପୁରାତନ ମନ୍ଦିର । ଏଠାରେ ପ୍ରତ୍ୟେକ ବର୍ଷ ନୃସିଂହ ଜନ୍ମ ମହାସମାରୋହରେ ପାଳିତ ହୁଏ ।

ବରକୋଳି ପାଟଣା- ଏହା ନୟାଗଡ଼ ଟାଉନ ଠାରୁ ୧୧ କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମରେ ତିନି ଜଣ ଦେବୀ ପୂଜା ପାଉଛନ୍ତି । ଏହି ଦେବୀ ତ୍ରୟ ହେଉଛନ୍ତି- ଯାଗେଶ୍ୱରୀ, ମା' ମଙ୍ଗଳା ଏବଂ ଭୈରବୀ । ଜାଗେଶ୍ୱରୀ ଠାକୁରାଣୀଙ୍କ ନିକଟରେ ଆଶ୍ୱିନ ମାସର ପ୍ରତି ମଙ୍ଗଳବାରେ ପର୍ବ ଅନୁଷ୍ଠିତ ହୁଏ । ସେହିପରି ଭୈରବୀଙ୍କ ନିକଟରେ କୁମାରପୂର୍ଣ୍ଣିମା ତିଥିରେ ମେଳା ଓ ପର୍ବ ଅନୁଷ୍ଠିତ ହୁଏ ।

କୋଡ଼ିଏ କାହାଣିଆ- ଏହି ଗ୍ରାମଟି ନୟାଗଡ଼ଠାରୁ ୧୦ କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମରେ ଗୁପ୍ତେଶ୍ୱର ମହାଦେବଙ୍କ ମନ୍ଦିର ରହିଛି ।

ଖଣ୍ଡୁଗାଁ- ଏହି ଗ୍ରାମଟି ନୟାଗଡ଼ ଠାରୁ ପାଞ୍ଚ କିଲୋମିଟର ଦୂରତାରେ ଅବସ୍ଥିତ । ଡାହୁକା ନଦୀ ତଟରେ ଏହି ଗ୍ରାମଟି ଅବସ୍ଥିତ । ଏହି ଗ୍ରାମର ଆରାଧ୍ୟା ଦେବୀ ହେଉଛନ୍ତି ଲୀଳାବତୀ ଠାକୁରାଣୀ । ଏଠାରେ ବର୍ଷକେ ଥରେ ବିରାଟ ଯଜ୍ଞ ଅନୁଷ୍ଠିତ ହୋଇଥାଏ । ଏହି ଗ୍ରାମରେ ଗୋଟିଏ ଶିବ ମନ୍ଦିର ଅଛି । ଠାକୁରଙ୍କ ନାମ ଗତୀଶ୍ୱର ।

ଜାମୁସାହି- ଏହି ଗ୍ରାମଟି ନୟାଗଡ଼ ସହରର ସହରତଳି ଗ୍ରାମ । ଏହି ଗ୍ରାମରେ ବ୍ରାହ୍ମଣୀ ଦେବୀ ଠାକୁରାଣୀ ପ୍ରତିଷ୍ଠିତା । ଏଠାରେ କାର୍ତ୍ତିକପୂର୍ଣ୍ଣମୀ ଯାତ୍ରା ଅନୁଷ୍ଠିତ ହୁଏ । ଏହି ଗ୍ରାମରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର- ଏହି ତ୍ରିଦେବ ବା ତ୍ରିନାଥ ଠାକୁର ମନ୍ଦିର ରହିଛି । ଏଠାରେ ପ୍ରତି ରବିବାର ଦିନ ସନ୍ଧ୍ୟାରେ ତ୍ରିନାଥ ମେଳା ଅନୁଷ୍ଠିତ ହୁଏ । ବୈଶାଖ ପୂର୍ଣ୍ଣମା ଦିନ ନାମଯଜ୍ଞ ଅନୁଷ୍ଠିତ ହୁଏ ।

Digitized by PPRACHIN, SOA

ସଠିଆ ପଲ୍ଲୀ- ଏହି ଗ୍ରାମଟି ଜାମୁସାହି ନିକଟରେ ଅବସ୍ଥିତ । ଏହି ଗ୍ରାମରେ ମଙ୍ଗଳା ଠାକୁରାଣୀ, ତ୍ରିନାଥ ଠାକୁର ଏବଂ ମା' କାଳୀକାଙ୍କର ମନ୍ଦିର ରହିଛି । ମଙ୍ଗଳା ଠାକୁରାଣୀଙ୍କ ନିକଟରେ କାର୍ତ୍ତିକପୂର୍ଣ୍ଣମୀ ଦିନ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୁଏ ।

ଗୋଡ଼ିଆଲି- ଏହା ମଧ୍ୟ ନୟାଗଡ଼ ସହରତଳି ଅନ୍ୟତମ ଗ୍ରାମ । ଏଠାରେ ବାଉତୀ ଠାକୁରାଣୀ ପ୍ରତିଷ୍ଠିତା । ମା'ଙ୍କର ଛ'ମାଣ ଜମି ଖଞ୍ଜା । ମା'ଙ୍କ ନିକଟରେ ଶ୍ରାବଣ ମାସ ରାକ୍ଷୀପୂର୍ଣ୍ଣିମା ଦିନ ବୋଦା ବଳି ପଡ଼େ ଓ ଜନ୍ତାଳ ଭୋଜି ଅନୁଷ୍ଠିତ ହୁଏ ।

ରାଜପାଟଣା- ଏହା ନୟାଗଡ଼ ସହରଠାରୁ ୬ କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମରେ ରାଧାକାନ୍ତ ମନ୍ଦିର ଓ ରଘୁନାଥ ମନ୍ଦିର ରହିଛି । ରାଧାକାନ୍ତ ଠାକୁରଙ୍କ ମନ୍ଦିରରେ ଜନ୍ମାଷ୍ଟମୀ ପାଳନ କରାଯାଏ । ଏହି ଗ୍ରାମରେ କପିଳେଶ୍ୱର ମହାଦେବ ବିରାଜିତ । ଏଠାରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଯାତ୍ରା ହୁଏ । ଏହି ଗ୍ରାମର ଗ୍ରାମଦେବତୀ ହେଉଛନ୍ତି ଡୁମୁଣେଇ ଏବଂ ଆଙ୍କୁଲେଇ ।

ଖୁଣ୍ଟୁବନ୍ଧ- ଏହି ଗ୍ରାମରେ ସ୍ୱପ୍ନେଶ୍ୱର ମହାଦେବଙ୍କର ମନ୍ଦିର ରହିଛି । ଏଠାରେ କାର୍ତ୍ତିକ ପୂର୍ଣ୍ଣମା ଦିନ ଯାତ୍ରା ହୁଏ ଏବଂ ଶିବରାତ୍ରି ଦିନ ମଧ ଜାଗର ଯାତ୍ରା ଅନୁଷ୍ଠିତ ହୁଏ । କାର୍ତ୍ତିକ ମାସର ପ୍ରତି ସୋମବାରରେ ଏଠାରେ ବେଢ଼ା ହୁଏ । ଗ୍ରାମର ଗ୍ରାମଦେବତୀ ହେଉଛନ୍ତି ନାରାୟଣୀ । ଏହି ଗ୍ରାମର ପାହାଡ଼ ତଳେ ଗୋଟିଏ ରଘୁନାଥ ମନ୍ଦିର ରହିଛି ।

ଗମ୍ଭାରିଡିହି- ଏହି ଗ୍ରାମରେ ରାମମନ୍ଦିର ରହିଛି । ଏହା ବ୍ୟତୀତ ରାମଚଣ୍ଡୀ ଠାକୁରାଣୀ ଓ ମଙ୍ଗଳା ଠାକୁରାଣୀ ଏଠାରେ ବିରାଜିତା । ଏହି ଗ୍ରାମରେ ଦୋଳପୂର୍ଣିମା ଦିନ ଦୁଇଦିନ ଧରି ଯାତ୍ରା ଅନୁଷ୍ଠିତ ହୁଏ ।

ଫାଶିପଡ଼ା- ଏହି ଗ୍ରାମଟି ନୟାଗଡ଼ ସହରତଳି ଗ୍ରାମ । ନୟାଗଡ଼ ସହରଠାରୁ ଏହି ଗାଁଟି ଆଠ କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମରେ କପିଳେଶ୍ୱର ମହାଦେବଙ୍କ ମନ୍ଦିର ରହିଛି । ଏଠାରେ ଚୈତ୍ରମାସରେ ଝାମୁଯାତ୍ରା ଅନୁଷ୍ଠିତ ହୁଏ । ଏହି ଗ୍ରାମରେ ରଘୁନାଥଜୀଉଙ୍କର ମନ୍ଦିର ରହିଛି । ଏଠାରେ ଶ୍ରୀରାମନବମୀ ପାଳନ କରାଯାଏ । ବାଉତୀ ଠାକୁରାଣୀ ଏହି ଗ୍ରାମର ଗ୍ରାମଦେବତୀ । ଏଠାରେ ପ୍ରତିବର୍ଷ ଅକ୍ଷୟତୃତୀୟା ଦିନ ଯଜ୍ଞ ଅନୁଷ୍ଠିତ ହୁଏ ।

ଇନ୍ଦୀପଟା- ଏହି ଗ୍ରାମଟି ଦଶପଲ୍ଲାଠାରୁ ପ୍ରାୟ ତିରିଶି କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମର ମୁଖ୍ୟ ଦେବତା ବିଶ୍ୱନାଥ ମହାଦେବଙ୍କର ମନ୍ଦିର ରହିଛି । ବାଉତୀ ଠାକୁରାଣୀ ହେଉଛନ୍ତି ଗ୍ରାମଦେବତୀ ।

Digitized by PPRACHIN, SOA

କିଶୋରପ୍ରସାଦ- ଏହି ଗ୍ରାମଟି ଦଶପଲ୍ଲା ଠାରୁ ପ୍ରାୟ ୩୦ କିଲୋମିଟର ଦୂରତାରେ ଅବସ୍ଥିତ । ଏହି ଗ୍ରାମରେ ରାଧାକୃଷ୍ଣ ମନ୍ଦିର, ବିଶ୍ୱନାଥ ମହାଦେବଙ୍କ ମନ୍ଦିର, ମଙ୍ଗଳା ଠାକୁରାଣୀଙ୍କ ମନ୍ଦିର, ହନୁମାନଙ୍କ ମନ୍ଦିର ରହିଛି । ଗ୍ରାମଦେବତୀ ହେଉଛନ୍ତି ପିତାବଳି ।

କୁରାଳ- କୁରାଳ ନୟାଗଡ଼ ଜିଲ୍ଲାର ଏକ ପୁରାତନ ଗ୍ରାମ । ଏହି ଗ୍ରାମରେ ଦଧିବାମନ (ଶ୍ରୀଜଗନ୍ନାଥ) ମନ୍ଦିର ରହିଛି । ଏହି ଗ୍ରାମରେ ମଧ୍ୟ ଲକ୍ଷ୍ମୀ-ନାରାୟଣ ମନ୍ଦିର, ଗୋପୀନାଥ ମନ୍ଦିର ରହିଛି । ଏହି ଗ୍ରାମରେ ବୈଦ୍ୟନାଥ, ରାମେଶ୍ୱର, ଚଣ୍ଡେଶ୍ୱର, ବାଲୁଙ୍କେଶ୍ୱରଙ୍କ ଶିବମନ୍ଦିର ରହିଛି । କୁରାଳ ଗ୍ରାମରେ ଦକ୍ଷିଣକାଳୀଙ୍କ ମନ୍ଦିର ଏବଂ ବାଗ୍‌ଦେବୀ ମନ୍ଦିର ରହିଛି ।

ନନ୍ଦିଘୋର- ନନ୍ଦିଘୋର ଗ୍ରାମରେ ଶ୍ରୀଜଗନ୍ନାଥ ମନ୍ଦିର ରହିଛି । ଗ୍ରାମରେ ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ବିଦ୍ୟମାନ । ଏହି ଗ୍ରାମରେ ବାନାମ୍ବର ଠାକୁର, ମା' ମଙ୍ଗଳା ଠାକୁରାଣୀ, ଶନିଶ୍ଚରଦେବ ପ୍ରଭୃତି ପୂଜା ପାଉଛନ୍ତି ।

ଲେଙ୍କୁଡ଼ିପଡ଼ା- ଲେଙ୍କୁଡ଼ିପଡ଼ା ଗ୍ରାମଟି ନୟାଗଡ଼ ଟାଉନ୍ ନିକଟବର୍ତ୍ତୀ । ଏହି ଗ୍ରାମରେ ଡୁମୁଣେଇ, ଶୂଳିଆ, ମା' ମଙ୍ଗଳା ଠାକୁରାଣୀ ପୂଜା ପାଉଛନ୍ତି । ଏହି ଗ୍ରାମରେ ଗୋପୀନାଥ ଜୀଉ ଏବଂ ରାଧାକୃଷ୍ଣ ଜୀଉଙ୍କର ମଠ ଓ ମନ୍ଦିର ରହିଛି । ଏହି ଗ୍ରାମରେ ରଘୁନାଥଜୀଉଙ୍କର ନବନିର୍ମିତ ମନ୍ଦିର ରହିଛି ।

ଇଟାମାଟି- ଇଟାମାଟି ଗ୍ରାମଟି କବି ଯଦୁମଣି ମହାପାତ୍ରଙ୍କ ପାଇଁ ପ୍ରସିଦ୍ଧ । ଏହି ଗ୍ରାମରେ ପୂଜିତ ଦେବଦେବୀମାନେ ହେଲେ- ଶ୍ରୀଜଗନ୍ନାଥ (ଜଗନ୍ନାଥ ସାହି), ଗୋପୀନାଥଜୀଉ (ଦେଉଳସାହି), ନାରାୟଣୀ (ଗଉଡ଼ସାହି), ମା' ମଙ୍ଗଳା (ଗଉଡ଼ସାହି), ରଘୁନାଥ (ଖଟିଆସାହି), ବାଲୁଙ୍କେଶ୍ୱର (ଗଉଡ଼ସାହି), ପଶୁପତିନାଥ (ପଞ୍ଚାୟତପଡ଼ିଆ), ହନୁମାନ ଓ ନୃସିଂହନାଥ (ଦେଉଳସାହି), ସନ୍ତୋଷୀ ମା' (କଂସାରିସାହି), ଶନିଦେବ (ଗଉଡ଼ସାହି), ରାଧାକାନ୍ତ (ବଜାରସାହି) ଏବଂ ବାଲୁଙ୍କେଶ୍ୱର ମହାଦେବ (ବସ୍ଷ୍ଟାଣ୍ଡ) ।

ଓଡ଼ଗାଁ- ଓଡ଼ଗାଁର ଶ୍ରୀରଘୁନାଥ ଓଡ଼ିଶା ପ୍ରସିଦ୍ଧ । ଓଡ଼ଗାଁ ରଘୁନାଥପୀଠରେ ଅତ୍ରିମୁନିଙ୍କ ଆଶ୍ରମ ଥିଲା ବୋଲି ଜନଶ୍ରୁତି ରହିଛି । ଓଡ଼ଗାଁଠାରେ ପୂଜାପାଉଥିବା ଦେବୀମାନେ ହେଲେ ଗୟଳସିଂହ ଠାକୁରାଣୀ, ମହାଲକ୍ଷ୍ମୀ, ହେମମାଳୀ ଠାକୁରାଣୀ । ଓଡଗାଁ ସାଗର ପୋଖରୀ ହୁଡ଼ାରେ ନୀଳକଣ୍ଠେଶ୍ୱର ମହାଦେବ ଓ ରାମଚଣ୍ଡୀ ମନ୍ଦିର ରହିଛି ।

Digitized by PPRACHIN, SOA

ଦଶପଲ୍ଲା- ଦଶପଲ୍ଲାଠାରେ ପୂଜିତ ଠାକୁରମାନେ ହେଉଛନ୍ତି- ନାଇକାଶୁଣୀ, କନକଦୁର୍ଗା, ଶ୍ରୀଜଗନ୍ନାଥ, ରାଧାକାନ୍ତଜୀଉ, ବୃନ୍ଦାବନ ଚନ୍ଦ୍ର ଜୀଉ, ଗୋବିନ୍ଦଜୀଉ, ବ୍ରଜବିହାରୀ, ମହାବୀର, ରଘୁନାଥ, ନାଗରୀମୋହନ, ଗୋପୀନାଥ, ମଦନମୋହନ, ସ୍ୱପ୍ନମହାବୀର, ବିଶ୍ୱନାଥ, ଶ୍ରୀଦୁଃଖୀବନ୍ଧୁ ଜୀଉ, ନୀଳକଣ୍ଠେଶ୍ୱର, କିଶୋରେଶ୍ୱର, ଅନନ୍ତ ନାରାୟଣଜୀଉ, ଲୋକନାଥ ମହାଦେବ, ରାଧାଦାମୋଦର ଜୀଉ ଇତ୍ୟାଦି ।

ଖଣ୍ଡପଡ଼ା- ଖଣ୍ଡପଡ଼ାଠାରେ ପୂଜିତ ଠାକୁରମାନେ ହେଉଛନ୍ତି- ଶ୍ରୀନୀଳକଣ୍ଠେଶ୍ୱର ମହାଦେବ, ଶ୍ରୀଜଗନ୍ନାଥ, ହନୁମାନଜୀଉ, ଉମାଦେଈ ଠାକୁରାଣୀ ଇତ୍ୟାଦି ।

ରଣପୁର- ରଣପୁର ଗଡ଼ରେ ବିଭିନ୍ନ ଦେବଦେବୀ ପୂଜାପାଉଛନ୍ତି । ସେମାନେ ହେଲେ- ଦଣ୍ଡା ବାଲୁଙ୍କେଶ୍ୱର (ବାଲୁଙ୍କେଶ୍ୱର ସାହି), ସ୍ୱପ୍ନେଶ୍ୱରଦେବ (ଶାମୁକାସାହି), ଚଣ୍ଡେଶ୍ୱରଦେବ (ଚଣ୍ଡେଶ୍ୱର ସାହି), ବଧିବାଲୁଙ୍କେଶ୍ୱର (ଦାଣ୍ଡିସାହି), ଯାଗେଶ୍ୱରୀ ଦେବୀ (ସାମନ୍ତସାହି), ମା' ଖିଲାମୁଣ୍ଡା (ରାଜପ୍ରସାଦ ମଧ୍ୟରେ), ନାରାୟଣୀ (ପୁରୁଣାବସନ୍ତ), ଶିମିଳିଚଣ୍ଡୀ (ରଘୁରାଥପୁର), ହାବୁଡ଼ାସିଂହୀ (କଦମ୍ବସାହି), ଶ୍ରୀଜଗନ୍ନାଥ, ବ୍ରଜବିହାରୀ, ବୃନ୍ଦାବନବିହାରୀ, କୁଞ୍ଜବିହାରୀ, ମା' ମଣିନାଗ, ବାଳମୁକୁଳୀ ଦେବୀ (ନୂଆଗାଁ), ମହାବୀର, ସନ୍ତୋଷୀ ଓ ପୀଠ ଗଣେଶ ।

ସାତପାଟଣା- ଦଶପଲ୍ଲା ସାତପାଟଣାଠାରେ ପୂଜା ପାଇଆସୁଥିବା ଦେବଦେବୀମାନେ ହେଉଛନ୍ତି- ଶୁଲୁକୁଟୀ ଠାକୁରାଣୀ, ବ୍ରାହ୍ମଣୀଦେବୀ, ରାମଚଣ୍ଡୀ, ଡୁମାଳୁଣୀ, ତାରାତାରିଣୀ, ଦକ୍ଷିଣକାଳୀ, ବୁଢ଼ାବୁଢ଼ୀ, ମଦନମୋହନ, ରାଧାମାଧବ, ଜଗନ୍ନାଥ, ଗୁପ୍ତେଶ୍ୱର ମହାଦେବ ଇତ୍ୟାଦି ।

ମଧ୍ୟଖଣ୍ଡ- ମଧ୍ୟଖଣ୍ଡଠାରେ ରହିଥିବା ମନ୍ଦିର ଗୁଡ଼ିକ ହେଉଛି- ସ୍ୱପ୍ନେଶ୍ୱର ମହାଦେବ, ପାର୍ବତୀ ଠାକୁରାଣୀ, ଚୈତନ୍ୟ ନିତ୍ୟାନନ୍ଦ, ଜଗନ୍ନାଥ, ରଘୁନାଥ, ରାଧାକୃଷ୍ଣ, ଗୋପୀନାଥ, ବିରୁପାକ୍ଷେଶ୍ୱର, ବୁଢ଼ାବୁଢ଼ୀ, ବଙ୍କାମୁଣ୍ଡା ଠାକୁରାଣୀ, ଇତ୍ୟାଦି ।

ଦଶପଲ୍ଲା ଅଞ୍ଚଳରେ ରହିଥିବା ଶିବ ମନ୍ଦିର :

ଗ୍ରାମର ନାମ		ଠାକୁରଙ୍କ ନାମ
୧ । ଡିହଗାଁ	-	ଜଳେଶ୍ୱର ମହାଦେବ
୨ । ମଧ୍ୟଖଣ୍ଡ	-	ସ୍ୱପ୍ନେଶ୍ୱର, ବିରୁପାକ୍ଷେଶ୍ୱର
୩ । ଘୁଗୁଡ଼ିପଡ଼ା	-	ଆନନ୍ଦେଶ୍ୱର
୪ । ପୁରୁଣା ଦଶପଲ୍ଲା	-	ବାଲୁଙ୍କେଶ୍ୱର

Digitized by PPRACHIN, SOA

୫ ।	ସୁବଳୟା	-	ଅର୍ଦ୍ଧ କପାଳେଶ୍ୱର
୬ ।	କାକମ୍ୱା	-	ନୀଳକଣ୍ଠେଶ୍ୱର
୭ ।	ଘୋଳାହାଣ୍ଡି	-	କପିଳେଶ୍ୱର
୮ ।	ବାଣିଗୋଛା	-	ଯୋଗେଶ୍ୱର
୯ ।	ପୋଇବାଡ଼ି	-	ଯୋଗେଶ୍ୱର
୧୦ ।	ଦେଢ଼ଶର	-	କପିଳେଶ୍ୱର
୧୧ ।	ଟାକରା	-	ସିଦ୍ଧେଶ୍ୱର
୧୨ ।	ମଧୁପୁର	-	ସିଦ୍ଧେଶ୍ୱର
୧୩ ।	ରାଉତପଡ଼ା	-	ଭୋଳେଶ୍ୱର
୧୪ ।	ବେଲପଡ଼ା	-	ଗୁପ୍ତେଶ୍ୱର

ଲୋକଧର୍ମ

ଲୋକଧର୍ମ ଦୃଷ୍ଟିରୁ ଦେଖିଲେ ଜଣାଯାଏ ଯେ ନୟାଗଡ଼ ଜିଲ୍ଲାରେ ବିଭିନ୍ନ ଲୋକଧର୍ମ ପ୍ରଚଳିତ । ନୟାଗଡ଼ରେ ବିଭିନ୍ନ ଧର୍ମାବଲମ୍ବୀ ଲୋକମାନେ ବସବାସ କରୁଛନ୍ତି । ନୟାଗଡ଼ ଜିଲ୍ଲାରେ ଲୋକଧର୍ମ ଭାବରେ ଶୈବଧର୍ମର ପ୍ରାଧାନ୍ୟ ପରିଲକ୍ଷିତ ହୁଏ । ଏହି ଜିଲ୍ଲାର ପ୍ରତ୍ୟେକ ଗ୍ରାମରେ ଶିବମନ୍ଦିର ରହିଛି । ବିଭିନ୍ନ ଗ୍ରାମରେ ମହାଦେବଙ୍କର ଭିନ୍ନ ଭିନ୍ନ ନାମ ରହିଛି । ପ୍ରତ୍ୟେକ ମାସର ସଂକ୍ରାନ୍ତି ଦିନ ଶ୍ରଦ୍ଧାଳୁମାନେ ଶିବମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥାନ୍ତି, ଭୋଗନୈବେଦ୍ୟ ଅର୍ପଣ କରିଥାନ୍ତି । ପ୍ରାୟ ଲକ୍ଷ୍ୟ କରାଯାଏ ଯେ ମାସର ପ୍ରତ୍ୟେକ ସୋମବାର ଦିନ ଭକ୍ତମାନେ ଶିବମନ୍ଦିରକୁ ଶିବଙ୍କ ଦର୍ଶନ ପାଇଁ ଯାଇଥାନ୍ତି । ବିଶେଷ କରି କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାରରେ ଶିବଭକ୍ତମାନେ ଶିବଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥାନ୍ତି । ଠାକୁରଙ୍କ ସହିତ ବେଢ଼ା ବୁଲିଥାନ୍ତି । ଏହାବ୍ୟତୀତ ସୋମନାଥ ମେଳା, ଶିବରାତ୍ରି ବ୍ରତ, ସଙ୍କଟ ଚଉଠି ବ୍ରତ, ବାଲିତୃତୀୟା, ଶ୍ରାବଣ ମାସର ସୋମବାର ଦିନ ଶିବମନ୍ଦିରକୁ ଜଳନେବା, ଦଣ୍ଡନାଚ- ଏସବୁ ନୟାଗଡ଼ ଜିଲ୍ଲାର ଶୈବଧର୍ମର ଧାରାକୁ ପ୍ରତିପାଦନ କରେ ।

ନୟାଗଡ଼ ଜିଲ୍ଲାର ଲୋକଧର୍ମ ମଧ୍ୟରେ ଶାକ୍ତଧର୍ମ ଅନ୍ୟତମ । ଲୋକମାନେ ଶିବଙ୍କୁ ବିଶ୍ୱପିତା ଭାବରେ ଗ୍ରହଣ କଲାବେଳେ ଦୁର୍ଗା ବା ଶକ୍ତିଙ୍କୁ ବିଶ୍ୱ କଲ୍ୟାଣୀ ମାତା ଭାବରେ ଗ୍ରହଣ କରିଥାନ୍ତି । ନୟାଗଡ଼ ଜିଲ୍ଲାର ପ୍ରତ୍ୟେକ ଗ୍ରାମରେ ପ୍ରାୟ ଗୋଟିଏ ଲେଖାଏଁ ଦେବୀପୀଠ ରହିଛି । ଏପରିକି ଗୋଟିଏ ଗୋଟିଏ ଗାଁରେ ଏକାଧିକ ଦେବୀ ମନ୍ଦିର ରହିଛି । ପ୍ରାୟ ପ୍ରତ୍ୟେକ ଗ୍ରାମରେ ମଙ୍ଗଳା କୋଠି ରହିଛି । ମଙ୍ଗଳାକୋଠିରେ ଆଶ୍ୱିନ ମାସର ପ୍ରତ୍ୟେକ ମଙ୍ଗଳାବାରରେ ମଙ୍ଗଳାଙ୍କୁ ଗୀତ

Digitized by PPRACHIN, SOA

ବୋଲାଯାଇ ପୂଜାର୍ଚ୍ଚନା କରାଯାଏ । ବୁଧବାର ଦିନ ପ୍ରାତଃକାଳରେ ମଙ୍ଗଳାଙ୍କର ଉପାସକଉପାସିକାମାନେ ଘଟକଳସୀ ମୁଣ୍ଡରେ ଧରି ଗାଁର ମଝିରେ ଏକତ୍ରିତ ହୁଅନ୍ତି । ସେଠାରେ ଘଟକଳସୀକୁ ପୂଜା କରାଯାଏ । ଘଟ କଳସୀଗୁଡ଼ିକୁ ଖଡ଼ିକାରେ କଇଁଫୁଲ ଗୁନ୍ଥି ସଜାଇ ଦିଆଯାଇଥାଏ । କାଳିସୀ ଗୀତ ଗାଇଥାନ୍ତି ଓ ପୂଜାର୍ଚ୍ଚନା କରିଥାନ୍ତି । ଏହି ସମୟରେ କାଳିସୀଙ୍କ ଦେହରେ ମହାପୁରୁ ଉଭା ହୁଅନ୍ତି । ତେବେ ସର୍ବୋପରି ନୟାଗଡ଼ ଜିଲ୍ଲାରେ ଗ୍ରାମାଞ୍ଚଳରେ ନିଶାମଙ୍ଗଳବାର ଓଷା, ଖୁଦୁରୁକୁଣୀ ଓଷା, ସୁଦଶାବ୍ରତ, ସନ୍ତୋଷୀବ୍ରତ, ଦାଣ୍ଡପହଁରା, ଷଷ୍ଠୀଓଷା, କାଞ୍ଜିଅଁଳା ପ୍ରଭୃତି ଓଷା ବ୍ରତରେ ଶକ୍ତିଙ୍କର ଉପାସନା କରାଯାଏ ।

ନୟାଗଡ଼ ଜିଲ୍ଲାରେ ବୈଷ୍ଣବଧର୍ମର ମଧ୍ୟ ଦୃଢ଼ ଭିତ୍ତିଭୂମି ରହିଛି । ନୟାଗଡ଼ର ବିଭିନ୍ନ ଗ୍ରାମରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଦଧିବାମନଜୀଉ, ରାଧା-କୃଷ୍ଣ, ଗୋପୀକୃଷ୍ଣ, ଗୋପୀନାଥ, କୁଞ୍ଜବିହାରୀ, ବୃନ୍ଦାବନବିହାରୀ, ଶ୍ରୀରାମ ମନ୍ଦିର, ଅନନ୍ତବାସୁଦେବ ମନ୍ଦିର, ହନୁମାନ ମନ୍ଦିର ରହିଛି । ଏହିସବୁ ମନ୍ଦିରମାନଙ୍କରେ ବିଭିନ୍ନ ପର୍ବପର୍ବାଣି ପାଳିତ ହୋଇଥାଏ । ରାଇଦାମୋଦର ବ୍ରତ, ଜନ୍ମାଷ୍ଟମୀ, ନନ୍ଦୋତ୍ସବ, ଲକ୍ଷ୍ମୀନାରାୟଣବ୍ରତ, ରାଧାଷ୍ଟମୀ, ଶ୍ରୀରାମନବମୀ ପ୍ରଭୃତି ପର୍ବପର୍ବାଣି ପାଳନ ଦ୍ୱାରା ଜିଲ୍ଲାରେ ବୈଷ୍ଣବ ଧର୍ମର ଭିତ୍ତଭୂମିକୁ ଅନୁଭବ କରିହୁଏ ।

ନୟାଗଡ଼ ଜିଲ୍ଲାରେ ନାଥଧର୍ମ ପ୍ରତି ଲୋକମାନଙ୍କର ଆଦର ଓ ସମ୍ମାନ ରହିଛି । ସୁତରାଂ କେତେକ ଲୋକ ନାଥଧର୍ମ ପ୍ରତି ଆକୃଷ୍ଟ ହୋଇଛନ୍ତି । ଜିଲ୍ଲାରେ ମୁଷ୍ଟିମେୟ ମହିମାର୍ଧାବଲମ୍ବୀ ଲୋକ ବସବାସ କରନ୍ତି । ଶିମିଳିସାହି, ବାଉଁଶିଆଁପଡ଼ା ପ୍ରଭୃତି ଗ୍ରାମରେ ମହିମା ଆଶ୍ରମ ରହିଛି ।

ନୟାଗଡ଼ ଜିଲ୍ଲାରେ ମଧ୍ୟ ଇସ୍‌ଲାମଧର୍ମାବଲମ୍ବୀ, ଖ୍ରୀଷ୍ଟିୟାନ୍‌ଧର୍ମାବଲମ୍ବୀ ଲୋକମାନେ ବସବାସ କରୁଛନ୍ତି । ସେମାନେ ସେମାନଙ୍କର ବିଭିନ୍ନ ପର୍ବପର୍ବାଣିକୁ ବେଶ୍ ଜାକଜକମରେ ପାଳନ କରି ଆସୁଛନ୍ତି । ପ୍ରତ୍ୟେକ ଧର୍ମପ୍ରତି ଅନ୍ୟଧର୍ମର ସମ୍ମାନ ଓ ଶ୍ରଦ୍ଧା ରହିଛି । ସୁତରାଂ ନୟାଗଡ଼ରେ ବିଭିନ୍ନ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ସଦ୍‌ଭାବ ଓ ଭ୍ରାତୃଭାବ ପରିଲକ୍ଷିତ ହୁଏ ।

◻■◻

Digitized by PPRACHIN, SOA

ଊନବିଂଶ ପରିଚ୍ଛେଦ

ନୟାଗଡ଼ ଜିଲ୍ଲାର ମଠ ସଂସ୍କୃତିର ଇତିହାସ

Digitized by PPRACHIN, SOA

ମଠ ଏବଂ ମନ୍ଦିର ଗୋଟିଏ ଅଞ୍ଚଳର ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ପରମ୍ପରାର ପ୍ରତୀକ । ପୁରୀ ଶ୍ରୀକ୍ଷେତ୍ରରେ ଅତୀତରେ ବହୁ ମଠ ଗଢ଼ି ଉଠିଥିଲା । ସାଧୁ ସନ୍ଥମାନଙ୍କ ଅବସ୍ଥାନ ପାଇଁ, ଧର୍ମ ପ୍ରଚାରକ ଓ ପ୍ରବାସୀ ଧର୍ମଗୁରୁ, ସନ୍ନ୍ୟାସୀମାନଙ୍କୁ ଆତିଥ୍ୟ ଯୋଗାଇ ଦେବାପାଇଁ ମଠ ପ୍ରତିଷ୍ଠା କରାଯାଉଥିଲା । ପୁରୀ ଜିଲ୍ଲା ଗେଜେଟିୟରରେ ମଠସମୂହର ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ ଅଛି– "Maths are monastic houses originally founded with the object of giving religious instructions to the Chelas or disciples and generally encouraging a religious life." ତେବେ ଶ୍ରୀକ୍ଷେତ୍ର ଧାମରେ ସମୟକ୍ରମେ ଶତାଧିକ ମଠ ଗଢ଼ି ଉଠିଥିଲା । ଶ୍ରୀକ୍ଷେତ୍ର ଥିଲା ଗଡ଼ଜାତ ରାଜାମାନଙ୍କର ଆଦର୍ଶ । ଶ୍ରୀକ୍ଷେତ୍ର ପରି ନୟାଗଡ଼ ଗଡ଼ଜାତରେ ସମୟକ୍ରମେ ଅନେକ ମଠ ଗଢ଼ି ଉଠିଥିଲା । ନୟାଗଡ଼ ଗଡ଼ଜାତର ମଠଗୁଡ଼ିକ ମୁଖ୍ୟତଃ ଥିଲା ବୈଷ୍ଣବ ଧର୍ମାବଲମ୍ବୀ ସାଧୁସନ୍ଥଙ୍କର ରହଣି କ୍ଷେତ୍ର । ନୟାଗଡ଼ ଗଡ଼ଜାତର ରାଜନ୍ୟବର୍ଗ ମଠ ସ୍ଥାପନ ପାଇଁ ବେଶ୍ ପୃଷ୍ଠପୋଷକତା ପ୍ରଦର୍ଶନ କରିଥିଲେ । ନୟାଗଡ଼ରେ ମଠ ସହିତ ମନ୍ଦିରମାନଙ୍କୁ ସମ୍ପର୍କିତ କରାଯାଇଛି । ଦାତବ୍ୟ ଅନୁଷ୍ଠାନ ଭାବରେ ମଠ ମାନଙ୍କର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ନୟାଗଡ଼ର ଅନେକ ମଠ ହେଉଛି ଖଏରାତ୍ ମଠ ।

ନୟାଗଡ଼ ଗଡ଼ଜାତରେ ମଠ ଗୁଡ଼ିକ ମୁଖ୍ୟତଃ ବୈଷ୍ଣବଧର୍ମ-ସମ୍ପ୍ରଦାୟର ପୀଠଭାବରେ ପରିଗଣିତ ହେଉଥିଲା । ବୈଷ୍ଣବମାନେ ଚାରି ସମ୍ପ୍ରଦାୟରେ ବିଭକ୍ତ, ଯଥା- (୧) ନିର୍ବାସୀ, (୨) ନିର୍ମୋହୀ, (୩) ଖାଖୀ ଏବଂ (୪) ଦିଗମ୍ବର । ଏହି ଚାରି ସମ୍ପ୍ରଦାୟକୁ ଚାରି ଆଖଡ଼ା କୁହାଯାଏ । ନୟାଗଡ଼ର ଷୋଡ଼ଶତମ ରାଜା ରାମଚନ୍ଦ୍ର ସିଂହ ମାନଧାତା ନୟାଗଡ଼ରେ ମଠ ସ୍ଥାପନା ନିମିତ୍ତ ବରାବର ଦୃଷ୍ଟି ରଖିଥିଲେ । ସେ ଥିଲେ ଧର୍ମପରାୟଣ ନରପତି । ନୟାଗଡ଼ ରାଜ୍ୟରେ ବ୍ରାହ୍ମଣ ଏବଂ ବୈଷ୍ଣବମାନଙ୍କୁ ବେଶ୍ ସମ୍ମାନ ପ୍ରଦର୍ଶନ କରାଯାଉଥିଲା । ରାଜା ରାମଚନ୍ଦ୍ର ସିଂହ ମାନଧାତାଙ୍କର ବ୍ରାହ୍ମଣ ଓ ବୈଷ୍ଣବମାନଙ୍କ ପ୍ରତି ଭକ୍ତି ଥିଲା । ତେଣୁ ରାଜା ନିଯିଗଡ଼ (ନୟାଗଡ଼ ଟାଉନ୍)ରେ ଉପର୍ଯ୍ୟୁକ୍ତ ସମ୍ପ୍ରଦାୟର ଚାରିଗୋଟି ମଠ ପ୍ରତିଷ୍ଠା କରିଥିଲେ । ଏହି ଚାରିଗୋଟି ମଠ ହେଉଛି–

Digitized by PPRACHIN, SOA

(୧) ନିର୍ବାସୀ ସମ୍ପ୍ରଦାୟ - ବଡ଼ ଛାଉଣୀମଠ
(୨) ନିର୍ମୋହୀ ସମ୍ପ୍ରଦାୟ - ବଡ଼ମଠ
(୩) ଖାଖି ସମ୍ପ୍ରଦାୟ - ଖାଖିମଠ
(୪) ଦିଗମ୍ବର ସମ୍ପ୍ରଦାୟ - ଗୁଣ୍ଡିଚାବାରିମଠ

ଏହା ବ୍ୟତୀତ ନିଯିଗଡ଼ (ନୟାଗଡ଼ ଟାଉନ୍) ଏବଂ ନୟାଗଡ଼ର ଗାଁଗଣ୍ଡା ମାନଙ୍କରେ ମଧ୍ୟ ଅନେକ ମଠ ପ୍ରତିଷ୍ଠା କରାଯାଇଛି । ନୟାଗଡ଼ ଟାଉନରେ ରହିଥିବା ମଠଗୁଡ଼ିକ ହେଉଛି ଛୋଟଛାଉଣୀ ମଠ, କୁଞ୍ଜବିହାରୀ ମଠ, ନାଗରୀମୋହନ ମଠ, ବାଲାଢିପି ମଠ । ଏହାବ୍ୟତୀତ ନୟାଗଡ଼ ଜିଲ୍ଲାର ଅନ୍ୟାନ୍ୟ ମଠଗୁଡ଼ିକ ମଧ୍ୟରେ ରହିଛି ଢ଼େଙ୍କେଣା ରଘୁନାଥ ମଠ ସମେତ ବୃନ୍ଦାବନ ଚନ୍ଦ୍ର ମଠ, ମଦନମୋହନ ମଠ, ରାଧାମୋହନ ମଠ, ଚୈତନ୍ୟଦେବ ମଠ, ରାଧାମାଧବଜୀଉ ମଠ, ଚିତ୍ରକୂଟବିହାରୀ ମଠ, ରାସ ବିହାରୀ ମଠ, ରଘୁନାଥଜୀଉ ମଠ (କଣ୍ଟିଲୋ), କଇଁଫୁଲିଆ ମଠ, ଲକ୍ଷ୍ମୀମାତା ମଠ, ରାଣୀପଡ଼ା ମଠ, ରସିକରାଜଜୀଉ ମଠ (ପଞ୍ଚିଡ଼ା ମାନପୁର), ଗବନଳ ମଠ, ବିରୁଡ଼ା ମଠ, ଚଣ୍ଡୀବସ୍ତ ମଠ, ଜୟପୁର ମଠ ଇତ୍ୟାଦି ।

(୧) ବଡ଼ଛାଉଣୀ ମଠ : ଏହି ମଠଟି ନିର୍ବାସୀ ବୈଷ୍ଣବ ସମ୍ପ୍ରଦାୟର ମଠ । ପୁରୁଣା ରାଜବାଟୀର ଉତ୍ତରପୂର୍ବ କୋଣରେ ଏବଂ ରାଜବାଟୀ ପୁଷ୍କରିଣୀର ଉତ୍ତର ପାର୍ଶ୍ୱରେ ମଠଟି ବିଦ୍ୟମାନ । ଏହି ମଠରେ ରାମ, ଲକ୍ଷ୍ମଣ ଓ ସୀତାଙ୍କର ଧାତୁ ନିର୍ମିତ କମନୀୟ ବିଗ୍ରହ ପୂଜା ପାଉଛନ୍ତି । ସୁତରାଂ ଏହାକୁ ରାମାନନ୍ଦୀ ସମ୍ପ୍ରଦାୟର ମଠ କୁହାଯାଇପାରେ । ଏଠାରେ ମଧ୍ୟ ଜଗନ୍ନାଥଙ୍କର ଦାରୁବିଗ୍ରହ ପୂଜା ପାଉଛନ୍ତି । ରାମକଥା ପ୍ରଚାର ଓ ପ୍ରସାର ପାଇଁ ଏହି ମଠର ଯଥେଷ୍ଟ ଭୂମିକା ରହିଆସିଛି । ନୟାଗଡ଼ର ଜଗନ୍ନାଥ ମନ୍ଦିର ସହିତ ମଠର ସମ୍ପର୍କ ରହିଛି । ଶ୍ରୀରାମ ନବମୀ ଦିନ ଜଗନ୍ନାଥଙ୍କର ପୂଜାର୍ଚ୍ଚନା ପାଇଁ ଏହି ମଠରୁ ସ୍ୱତନ୍ତ୍ର ଭୋଗ ଜଗନ୍ନାଥଙ୍କ ନିକଟକୁ ପଠାଯାଏ । ରଥଯାତ୍ରା ସମୟରେ ଶ୍ରୀଜଗନ୍ନାଥଙ୍କ ପାଇଁ ଲାଗି ହେଉଥିବା ଟାହିଆ ଏହି ମଠ ତରଫରୁ ଯୋଗାଇ ଦିଆଯାଏ । ଏହି ମଠରେ ବିଦ୍ୟାର୍ଥୀମାନଙ୍କର ରହଣି ପାଇଁ ବ୍ୟବସ୍ଥା ରହିଥିଲା । ଦଣ୍ଡଧାରୀ ବ୍ରହ୍ମଚାରୀମାନଙ୍କୁ ଏହି ମଠରେ ମହନ୍ତ ରୂପେ ଅଭିଷିକ୍ତ କରାଯାଏ ।

(୨) ବଡ଼ମଠ : ନିର୍ମୋହୀ ବୈଷ୍ଣବ ସମ୍ପ୍ରଦାୟର ଏହି ମଠଟି ନୟାଗଡ଼ର ପ୍ରମୁଖ ମଠ ମଧ୍ୟରେ ଅନ୍ୟତମ । ନୟାଗଡ଼ ପୁରୁଣା ସହରର ବ୍ରାହ୍ମଣସାହି ଦକ୍ଷିଣ-ପଶ୍ଚିମ କୋଣରେ ତଥା ପୁରାଣପ୍ରସିଦ୍ଧ ରୁକ୍ଷି ପର୍ବତର ପାଦଦେଶରେ ଏହି ମଠ ବିଦ୍ୟମାନ । ଏହା ନୟାଗଡ଼ ରାଜ୍ୟର ପୁରାତନ ମଠ ଭାବରେ ପରିଚିତ । ଏହି ମଠ ନିକଟରେ ବିଶ୍ୱନାଥ ମହାଦେବ ଏବଂ ବ୍ରାହ୍ମଣୀ ଦେବୀଙ୍କ ଆସ୍ଥାନ ବିଦ୍ୟମାନ ।

Digitized by PPRACHIN, SOA

ନୟାଗଡ଼ର ଏହି ମଠଟି ରାମାନନ୍ଦୀ ସମ୍ପ୍ରଦାୟର ମଠ ରୂପେ ପ୍ରସିଦ୍ଧି ଅର୍ଜନ କରିଛି । ନୟାଗଡ଼ର ଷୋଡ଼ଶତମ ରାଜା ରାମଚନ୍ଦ୍ର ସିଂହ ମାନଧାତାଙ୍କ ପୃଷ୍ଠପୋଷକତାରେ ଏହି ମଠଟି ପ୍ରତିଷ୍ଠା ଲାଭ କରିଥିଲା । ଲୋକମୁଖରୁ ଶୁଣାଯାଏ ଯେ କୌଣସି ଜଣେ ରାମାନନ୍ଦୀ ପନ୍ଥୀ ବୈଷ୍ଣବସାଧୁ ମହାତ୍ମାଙ୍କର ଅବସ୍ଥାନ ନିମନ୍ତେ ରାଜା ଏହି ମଠଟି ନିର୍ମାଣ କରାଇଥିଲେ । ରାଜା ସେହି ସାଧୁପୁରୁଷଙ୍କୁ ଗୁରୁ ରୂପେ ଗ୍ରହଣ କରିଥିଲେ ଏବଂ ତାଙ୍କଠାରୁ ପବିତ୍ର ରାମକଥା ଶ୍ରବଣ କରି ନିଜକୁ ଅହୋଭାଗ୍ୟ ମଣୁଥିଲେ । ମଠରେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କର କମନୀୟ ବିଗ୍ରହ ପୂଜା ପାଉଛନ୍ତି । ମଠର ପରିଚାଳନା ପାଇଁ ରାଜାଙ୍କ ତରଫରୁ ଜମିବାଡ଼ି ଖଞ୍ଜା ଯୋଗାଇ ଦିଆଯାଇଛି । ଏହା ଏକ ଖଇରାତ୍ ମଠ । ଅତିଥି, ଅଭ୍ୟାଗତ, ସାଧୁସନ୍ଥଙ୍କ ପାଇଁ ଏଠାରେ ପଙ୍ଗତର ବ୍ୟବସ୍ଥା ରହିଛି । ଶ୍ରୀରାମ ନବମୀ ଦିନ ଏଠାରେ ରାମନବମୀ ପୂଜା ମହାସମାରୋହରେ ପାଳନ କରାଯାଇଥାଏ ।

ବଡ଼ମଠରେ ମହନ୍ତ ପରମ୍ପରା ରହିଛି । ଏହି ମଠର କତିପୟ ମହନ୍ତମାନେ ହେଲେ- ମଙ୍ଗୁଳି ଦାସ, ସାନମଙ୍ଗୁଳି ଦାସ, ହରି ଦାସ, ଚେମଣା ପ୍ରହ୍ଲାଦ ଦାସ, ଜଟିଆ ଦେବଦାସ, ଜାନକୀ ଦାସ, ବଳରାମ ଦାସ, ସଦାରାମ ଦାସ, ବାଳକ ଦାସ, ହରି ଦାସ, ପ୍ରହଲାଦ ଦାସ, ଗୋପାଳ ଦାସ, ରଘୁନାଥ ଦାସ, ଗଙ୍ଗାଧର ଦାସ, ସୁଦାମ ଚରଣ ଦାସ ।

ରଥଯାତ୍ରା ସମୟରେ ମହାପ୍ରଭୁ ବଳଭଦ୍ର ଠାକୁରଙ୍କ ଲାଗି ଏହି ମଠ ତରଫରୁ ଟାହିଆ ଯୋଗାଇ ଦିଆଯାଉଛି ।

(୩) ଖାଖି ମଠ : ଏହି ମଠକୁ ବର୍ତ୍ତମାନ ଖାଙ୍କି ମଠ କୁହାଯାଉଛି । ଏହା ମଧ୍ୟ ଏକ ପୁରାତନ ମଠ । ନୟାଗଡ଼ ପୁରୁଣା ସହରର ବ୍ରାହ୍ମଣ ସାହି ପଶ୍ଚିମପାର୍ଶ୍ୱରେ ଏବଂ ରାଜବାଟୀ ପୁଷ୍କରିଣୀର ପୂର୍ବ ପାର୍ଶ୍ୱରେ ଏହି ମଠ ବିଦ୍ୟମାନ । ବୈଷ୍ଣବ ଖାଖି ସମ୍ପ୍ରଦାୟର ସାଧୁ ସନ୍ଥମାନଙ୍କୁ ଏହି ମଠ ଆତିଥ୍ୟ ପ୍ରଦାନ କରିଆସୁଅଛି । ଏହି ମଠରେ ଗରିବ ବ୍ରାହ୍ମଣ ବାଳକ ମାନଙ୍କର ଉପବୀତ ଧାରଣ କର୍ମକର୍ମାଣି ମଧ୍ୟ ପାଳିତ ହୋଇ ଆସୁଅଛି । ଏହି ମଠରେ ମୁଖ୍ୟ ଦେବତା ରୂପେ ରଘୁନାଥଜୀଉଙ୍କୁ ପୂଜାର୍ଚ୍ଚନା କରାଯାଉଛି । ଏଠାରେ ମଧ୍ୟ ମହାବୀର ହନୁମାନଜୀଉଙ୍କର ବିଗ୍ରହ ସ୍ଥାପନା କରାଯାଇ ପୂଜାର୍ଚ୍ଚନା କରାଯାଉଛି ।

(୪) ଗୁଣ୍ଡିଚାବାଡ଼ି ମଠ : ଗୁଣ୍ଡିଚାବାଡ଼ି ମଠ ନୟାଗଡ଼ ପୁରାତନ ମଠ ମଧ୍ୟରୁ ଅନ୍ୟତମ । ଏହି ମଠଟି ଗୁଣ୍ଡିଚା ମଣ୍ଡପ ବେଢ଼ା ମଧ୍ୟରେ ବିଜେ ଶ୍ରୀରଘୁନାଥଜୀଉଙ୍କର ମନ୍ଦିର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ ଥିଲା । ବର୍ତ୍ତମାନ ମଠଟି ଧ୍ୱଂସାଭିମୁଖୀ । ଏହି ମଠର ଅବଶେଷ ରୂପେ କେବଳ ଭଙ୍ଗାଘର ଦେଖିବାକୁ ମିଳେ ।

Digitized by PPRACHIN, SOA

ଏହି ମଠରେ ମହନ୍ତ ପରମ୍ପରା ଥିଲା । ଗୁଣ୍ଡିଚାବାଡ଼ି ମଠ ପାଇଁ ଏକଦା ମହନ୍ତ ସ୍ଥିରୀକୃତ ହୋଇପାରିଲା ନାହିଁ । ଫଳରେ ମଠଟି ଶିଷ୍ୟମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ତେବେ ରକ୍ଷଣାବେକ୍ଷଣ ଅଭାବରୁ ଏବଂ ରାଜପୃଷ୍ଠପୋଷକତା ଅଭାବରୁ ମଠଟି କ୍ରମେ ଭାଙ୍ଗି ଯାଇ ଧ୍ୱଂସାଭିମୁଖୀ ହୋଇଥିଲା । ରଥଯାତ୍ରା ସମୟରେ ମହାପ୍ରଭୁ ଜଗନ୍ନାଥଙ୍କ ପାଇଁ ଗୁଣ୍ଡିଚାମଠରୁ ଭୋଗ ସାମଗ୍ରୀ ପ୍ରସ୍ତୁତ କରାଯାଇ ପଠାଯାଉଥିଲା ।

(୫) ଛୋଟଛାଉଣୀ ମଠ : ଗବେଷକଙ୍କ ମତରେ ଛୋଟଛାଉଣୀ ମଠଟି ନୟାଗଡ଼ର ଊନବିଂଶତମ ରାଜା ମୃତ୍ୟୁଞ୍ଜୟ ସିଂହ ମାନଧାତାଙ୍କ ଅମଳରେ ପ୍ରତିଷ୍ଠିତ ହୋଇଥିଲା । ଏହି ରାଜାଙ୍କ ରାଜତ୍ୱ ସମୟରେ ଅଯୋଧ୍ୟା ଅଞ୍ଚଳରୁ ଜନୈକ ରାମାନନ୍ଦୀପନ୍ଥୀ ବୈଷ୍ଣବଭକ୍ତ ନବଦୁର୍ଗ ରାଜ୍ୟକୁ ଆସିଥିଲେ । ସେ ରାମଚରିତ ମାନସ ପ୍ରବଚନ ଦେଉଥିଲେ । ମାନଧାତା ରାଜାଙ୍କର ରାଣୀ ରାମଚରିତ ଶ୍ରବଣରେ ବେଶ୍ ଆନନ୍ଦ ଅନୁଭବ କରୁଥିଲେ । ଏହି ସନ୍ନ୍ୟାସୀଙ୍କ ମୁଖରୁ ପବିତ୍ର ରାମଚରିତ ଶ୍ରବଣ କରିବା ଉଦ୍ଦେଶ୍ୟରେ ରାଣୀ କିଛିଦିନ ପାଇଁ ତାଙ୍କର ନୟାଗଡ଼ରେ ରହଣି ପାଇଁ ରାଜାଙ୍କୁ ଅନୁରୋଧ କଲେ । ତାହାହିଁ ହେଲା । ସେହି ବର୍ଷ ରାମନବମୀ ଦିନ ରାଜବାଟୀ ସମୀପରେ ରହିଥିବା ଆମ୍ରବାଟିକାର ମନୋରମ ପରିବେଶରେ ସନ୍ନ୍ୟାସୀଙ୍କ ପୌରୋହିତ୍ୟରେ ରାମଚରିତ ମାନସ ଯଜ୍ଞର ଆୟୋଜନ କରାଗଲା । ଅଗତ୍ୟା ସେହି ବୈଷ୍ଣବ ସାଧୁପୁରୁଷ ଏହି ଆମ୍ରବାଟିକାରେ ନିର୍ମିତ ଅସ୍ଥାୟୀ କୁଟୀରରେ ଅବସ୍ଥାନ କରିବାକୁ ଲାଗିଲେ । ତେବେ ରାଜା ମୃତ୍ୟୁଞ୍ଜୟ ସିଂହ ମାନଧାତା ଧର୍ମପ୍ରାଣ ନରେଶ ଥିବାରୁ ସେ ବାବାଜିଙ୍କ ପାଇଁ ଏହି ସ୍ଥାନରେ ମଠଟିଏ ନିର୍ମାଣ କଲେ । ମଠର ପରିଚାଳନା ପାଇଁ ଜମିବାଡ଼ି ଖଞ୍ଜା କଲେ । ଏହାକୁ ଛୋଟ ଛାଉଣୀ ମଠ କୁହାଗଲା । ରଥଯାତ୍ରା ସମୟରେ ଏହି ମଠରୁ ଦେବୀ ସୁଭଦ୍ରାଙ୍କ ପାଇଁ ଟାହିଆ ପ୍ରସ୍ତୁତ କରି ପଠାଯାଉଥିଲା । ଏହି ମଠରେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କର ବିଗ୍ରହ ପୂଜା ପାଉଛନ୍ତି ।

(୬) କୁଞ୍ଜବିହାରୀ ମଠ : କୁଞ୍ଜବିହାରୀ ମଠଟି ନୟାଗଡ଼ର ଅନ୍ୟତମ ପୁରାତନ ମଠ । ରାଜା ମୃତ୍ୟୁଞ୍ଜୟ ସିଂହ ମାନଧାତାଙ୍କ ସମୟରେ ଏହି ମଠଟି ସ୍ଥାପନା କରାଯାଇଥିଲା । ଏହି ମଠଟି ଗୌଡ଼ୀୟ ସମ୍ପ୍ରଦାୟର ମଠ । ଏଠାରେ ରାଧା-କୃଷ୍ଣ ପୂଜାପାଉଛନ୍ତି । ଏହା ହେଉଛି ଏକ ଖଏରାତ ମଠ । ସୁତରାଂ ନୟାଗଡ଼କୁ ଆସୁଥିବା ବିଦେଶୀ ଭକ୍ତ, ସାଧୁସନ୍ଥ, ବୈଷ୍ଣବ ମାନଙ୍କର ରହଣି ଓ ଖାଇବାପିଇବାର ବ୍ୟବସ୍ଥା ଏହି ମଠ ତରଫରୁ ସମ୍ପାଦିତ ହେଉଥିଲା । ଏହି ମଠର ପରିଚାଳନା ପାଇଁ ଜମି ଖଞ୍ଜା ଯାଇଥିଲା । ତେଣୁ ଜମିର ଆୟରେ ମଠଟି ପରିଚାଳିତ ହେଉଥିଲା । ସାଧୁ ମୋହନ ଦାସ ଏହି ମଠର ପ୍ରଥମ ମହନ୍ତ ଥିଲେ ବୋଲି ଜଣାଯାଏ । ଏହି ମଠର ଶେଷ ମହନ୍ତ ହେଉଛନ୍ତି ସାଧୁ ବନମାଳୀ ଦାସ । ବର୍ତ୍ତମାନ ଏଠାରେ ଆଉ ମଠ ପରମ୍ପରା ନାହିଁ ।

Digitized by PPRACHIN, SOA

ଏହା ବର୍ତ୍ତମାନ ରାଧାକୃଷ୍ଣ ମନ୍ଦିରରେ ପରିଣତ ହୋଇଛି । ନୟାଗଡ଼ ପୁରୁଣା ସହରର କରଣ ସାହିରେ ଅବସ୍ଥିତ ଏହି ରାଧାକୃଷ୍ଣ ମନ୍ଦିର ଅତୀତର ସେହି ମଠ ପରମ୍ପରାକୁ ସ୍ମୃତିଚାରଣ କରୁଛି ମାତ୍ର !

(୭) ହାତୀଶାଳ ମଠ : ଏହି ମଠଟି ନବଦୁର୍ଗର ବାଙ୍କି ସାହିରେ ଅବସ୍ଥିତ । ନୟାଗଡ଼ର ଜଗନ୍ନାଥ ମନ୍ଦିରରୁ ମୁକ୍ତାପୁର ଗ୍ରାମକୁ ଯିବା ରାସ୍ତାରେ ଦକ୍ଷିଣ ପାର୍ଶ୍ୱରେ ଏହି ମଠଟି ଅବସ୍ଥିତ । ଏହି ମଠଟି ରାମାନନ୍ଦୀ ବୈଷ୍ଣବ ସମ୍ପ୍ରଦାୟର ମଠ । ଏଠାରେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କର ବିଗ୍ରହ ପୂଜା ପାଉଛନ୍ତି । ଅତିଥି, ଅଭ୍ୟାଗତ ମାନଙ୍କ ପାଇଁ ଏହି ମଠରେ ଅନ୍ନସଂସ୍ଥାନର ବ୍ୟବସ୍ଥା ରହିଛି । ବିବିଧ ବୃକ୍ଷରାଜିର ସମାବେଶରେ ମଠ ପରିବେଶ ଅପୂର୍ବ ଶ୍ରୀଧାରଣ କରିଛି ।

(୮) ନବନାଲ ମଠ : ଏହି ମଠକୁ ସମ୍ପ୍ରତି 'ନାଗରୀମୋହନ ମଠ' କୁହାଯାଉଛି । ନୟାଗଡ଼ର ରାଜା ନାରାୟଣ ସିଂହ ମାନଧାତାଙ୍କ ରାଜତ୍ୱ କାଳରେ ନବନାଲ ମଠ ପ୍ରତିଷ୍ଠା କରାଯାଇଥିଲା । ନୟାଗଡ଼ ପୁରୁଣା ସହରର ବଡ଼ଦାଣ୍ଡର ଦକ୍ଷିଣ ପାର୍ଶ୍ୱରେ ଏହି ମଠଟି ଅବସ୍ଥିତ । ଏହି ମଠର ଆରାଧଦେବ ହେଉଛନ୍ତି ରାଧା-କୃଷ୍ଣ । ବର୍ଦ୍ଧମାନରୁ ଆଗତ ଜନୈକ ଗୌଡ଼ୀୟ ବୈଷ୍ଣବ ଓ ତାଙ୍କର ଶିଷ୍ୟମାନଙ୍କ ଅବସ୍ଥାନ ନିମିତ୍ତ ଏହି ମଠ ପ୍ରତିଷ୍ଠା କରାଯାଇଥିଲା । କିମ୍ବଦନ୍ତୀ ଅନୁସାରେ ବର୍ଦ୍ଧମାନର ଜନୈକ ବୈଷ୍ଣବ ସାଧୁପୁରୁଷ ତାଙ୍କ ଶିଷ୍ୟମାନଙ୍କ ସହିତ ପଦବ୍ରଜରେ ଆସି ନବଦୁର୍ଗର ବଡ଼ଦାଣ୍ଡର ଦକ୍ଷିଣ ପାର୍ଶ୍ୱରେ ଗୋଟିଏ ଅଶୋକ ବୃକ୍ଷ ମୂଳରେ ଆଶ୍ରୟ ନେଇଥିଲେ । ରାଜା ନାରାୟଣ ସିଂହ ମାନଧାତା ସାଧୁଙ୍କ ଆଗମନ ବାର୍ତ୍ତା ଶୁଣି ତାଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ । ରାଜା ତାଙ୍କୁ ଗୁରୁଭାବରେ ଗ୍ରହଣ କଲେ ଓ ତାଙ୍କର ଅବସ୍ଥାନ ପାଇଁ ସେ ଆଶ୍ରୟ ନେଇଥିବା ସ୍ଥାନରେ ମଠଟିଏ ପ୍ରତିଷ୍ଠା କଲେ । ରାଜା ନାରାୟଣ ସିଂହ ମାନଧାତା ଏହି ମଠରେ ପୂଜାର୍ଚ୍ଚନା ପାଇଁ ଶ୍ରୀକୃଷ୍ଣଙ୍କର ପାଷାଣ ବିଗ୍ରହ ଏବଂ ଶ୍ରୀରାଧାଙ୍କର ଦାରୁ ବିଗ୍ରହ ପ୍ରଦାନ କରିଥିଲେ । ରାଜ ପୃଷ୍ଠପୋଷକତା ଲାଭ କରି ଏହି ମଠ ଚଳଚଞ୍ଚଳ ହୋଇଉଠିଥିଲା । ନବଦୁର୍ଗରେ ଆଧ୍ୟାତ୍ମିକତାର ଭାବଫଲ୍‌ଗୁ ସୃଷ୍ଟି କରିବା କ୍ଷେତ୍ରରେ ଏହି ମଠର ଭୂମିକା ଥିଲା । ନବନାଲ ମଠ ସମୟ କ୍ରମେ ଅବହେଳିତ ହୋଇପଡ଼ିଥିଲା । ସେହି ଅତୀତ ଦିନର ନବନାଲ ମଠ ବର୍ତ୍ତମାନ ନାଗରୀମୋହନ ମଠ ନାମରେ ଲୋକମୁଖରେ ପ୍ରଚଳିତ ।

(୯) ବାଲାଢିପି ମଠ : ନୟାଗଡ଼ ପୁରୁଣା ରାଜବାଟୀର ପଶ୍ଚିମ ପାର୍ଶ୍ୱରେ ବାଲାଢିପି ମଠଟି ପ୍ରତିଷ୍ଠିତ ହୋଇଥିଲା । ରାଜବାଟୀର ପୋଇଲି ପରିବାରୀଙ୍କ ଅନୁଦାନରେ ଏହି ମଠ ସ୍ଥାପିତ ହୋଇଥିଲା । ରୁକ୍ଷି ପର୍ବତର କମନୀୟ ପାଦଦେଶରେ ମାଳତୀକୁଞ୍ଜର ମନୋରମ ପରିବେଶରେ ଏହି ମଠଟିର ଆଧ୍ୟାତ୍ମିକ ସୌରଭ ଥିଲା

Digitized by PPRACHIN, SOA

ଅନିର୍ବଚନୀୟ । ନବଦୁର୍ଗର ସମକାଳୀନ ରାଜା ଏହି ମଠର ସୁପରିଚାଳନା ପାଇଁ ଶ୍ରୀକ୍ଷେତ୍ର ପୁରୁଷୋତ୍ତମ ଧାମରୁ ବାବାଜୀ ଧ୍ରୁବ ଦାସଙ୍କୁ ଆମନ୍ତ୍ରଣ କରି ଏହି ମଠର ମଠାଧୀଶ ରୂପେ ବରଣ କରିଥିଲେ । ଏହି ମଠରେ ଚତୁର୍ଭୁଜ ବିଶିଷ୍ଟ ବିଷ୍ଣୁଙ୍କର ବିଗ୍ରହ ସହିତ ରାଧାଦାମୋଦରଙ୍କର ଧାତୁ ବିଗ୍ରହ ପୂଜା ପାଉଥିଲେ ।

(୧୦) ଢେଙ୍କେଣା ମଠ : ନୟାଗଡ଼ର ପ୍ରାଚୀନ ମଠ ମାନଙ୍କ ମଧ୍ୟରେ ଢେଙ୍କେଣା ଗ୍ରାମର ମଠଟି ଅନ୍ୟତମ । ନୟାଗଡ଼ ଟାଉନ୍ ଠାରୁ ପ୍ରାୟ ୧୨ କିଲୋମିଟର ଦୂରତାରେ ଭଞ୍ଜପୀଠ ମାଳିସାହି ଗ୍ରାମ ଅବସ୍ଥିତ । ଏହି ମାଳିସାହି ଗ୍ରାମଠାରୁ ଦୁଇ କିଲୋମିଟର ପଶ୍ଚିମରେ ଢେଙ୍କେଣା ଗ୍ରାମ ଅବସ୍ଥିତ । ଏହି ଗ୍ରାମରେ ଶ୍ରୀରଘୁନାଥ ମନ୍ଦିର ଓ ମଠ ରହିଛି । ଏହି ମଠରେ ମଠାଧୀଶ ମହନ୍ତ ପରମ୍ପରା ରହିଆସିଛି । ବାବାଜି ବଦ୍ରିନାରାୟଣ ଦାସଙ୍କ ମତରେ ଏଠାରେ ଶରଭଙ୍ଗ ଋଷିଙ୍କର ଆଶ୍ରମ ରହିଥିଲା । ଏଠାରେ ଅବସ୍ଥାନ କରିଥିବା ବାବାଜିମାନଙ୍କ ମଧ୍ୟରେ ବାବାଜି ଭାଗବତ ଚରଣ ଦାସ, ପଦ୍ମଚରଣ ଦାସ, ଦିଲ୍ଲୀପ ଚନ୍ଦ୍ର ଦାସ, ଯୁଗଳ ଚନ୍ଦ୍ର ଦାସ, ରାମ ନାରାୟଣ ଦାସ, ରାଧାଗୋବିନ୍ଦ ଦାସ, ବଦ୍ରିନାରାୟଣ ଦାସ, ପର୍ଶୁରାମ ଦାସ ପ୍ରଭୃତି ସ୍ମରଣଯୋଗ୍ୟ । ଏଠାରେ ପୁରାତନ ରଘୁନାଥ ମନ୍ଦିର ରହିଛି । ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କର ଦିବ୍ୟ ବିଗ୍ରହ ଏହି ମନ୍ଦିରରେ ପୂଜା ପାଉଛନ୍ତି । ରାମ ଉପାସନା ପରମ୍ପରା ଏହି ଗ୍ରାମରେ ବହୁ ପୁରାତନ କାଳରୁ ପ୍ରଚଳିତ । ଢେଙ୍କେଣାର ରଘୁନାଥ ପୀଠ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ସାଧନାପୀଠ ଥିଲା । ବାବାଜି ବଦ୍ରିନାରାୟଣ ଦାସ କହୁଥିଲେ ଯେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ବିଗ୍ରହ ପୂଜାପୂର୍ବରୁ ଏଠାରେ ଶାଳଗ୍ରାମ ପୂଜା ପାଉଥିଲେ ।

ପଣ୍ଡିତ ଦାମୋଦର ଦାସ "ଉପେନ୍ଦ୍ର ଭଞ୍ଜ ଜୀବନୀ" (୧୯୬୬) ଗ୍ରନ୍ଥରେ ଲେଖିଛନ୍ତି– "ମାଳିସାହି ସୀମାକୁ ଲାଗି କିଞ୍ଚିତ୍ ଦୂରରେ ନୈଋତକୁ ଦଧିନଉତା ମୁଣ୍ଡିଆ– ଯାହାର ପାଦଦେଶରେ ଢେଙ୍କଣା ରଘୁନାଥ ମଠ ବିଦ୍ୟମାନ । କ୍ରୋଶାଧିକ ଦୂରରେ ବାୟବ୍ୟ ଦିଗରେ ରାଜଗିରି ପର୍ବତ ଶ୍ରେଣୀ ଏକ ମାଇଲ ଯାଏ ପରିବ୍ୟାପ୍ତ ସମତଳ ଅଖଣ୍ଡ ଚାଞ୍ଚରାକୁ ନେଇ ଯାତ୍ରୀଙ୍କ ମନହରଣ କରିନେବା ନିମନ୍ତେ ଉଦଗ୍ରୀବ ରହିଛି– ଯେଉଁଠାରେ ଦିନେ ଉପେନ୍ଦ୍ର ତାହାଙ୍କ ଦଳବଳ ସହିତ ବର୍ଷର ବହୁ ସମୟ କଟାଇ ସାହିତ୍ୟ ଚର୍ଚ୍ଚା କରୁଥିବା ପ୍ରମାଣ ରହିଛି ।"

ପ୍ରାଣକୃଷ୍ଣ ଆଚାର୍ଯ୍ୟ ତାଙ୍କର "ସଂକ୍ଷିପ୍ତ ଓଡ଼ିଶା ଓ ନୟାଗଡ଼ ଇତିହାସ" ପୁସ୍ତକରେ ଲେଖିଛନ୍ତି– "ଉପେନ୍ଦ୍ରଭଞ୍ଜ ଘୁମୁସର ରାଜ୍ୟର କୁଳାଡ଼ଗଡ଼ରେ ଭଞ୍ଜ ରାଜବଂଶରେ ଜନ୍ମଗ୍ରହଣ କରିଥିଲେ ସୁଦ୍ଧା ସେ ନୟାଗଡ଼ ରାଜଯେମାଙ୍କୁ ବିବାହ କରି ଜୀବନର ଶେଷ ସମୟରେ ନୟାଗଡ଼ ମାଳିସାହିରେ ରହିଥିଲେ । ସେ ମାଳିସାହି ନିକଟସ୍ଥ ରଘୁନାଥଙ୍କୁ ଆରାଧନା କରି ସିଦ୍ଧିଲାଭ କରିଥିଲେ । ସେ ମାଳିସାହି ଗ୍ରାମ

Digitized by PPRACHIN, SOA

ଦାନ ପାଇଥିଲେ ଓ ନୟାଗଡ଼ରେ ଅବସ୍ଥାନ କରୁଥିବା ସମୟରେ କେତେକ କାବ୍ୟ ରଚନା କରି ନୟାଗଡ଼ ରାଜାଙ୍କଠାରୁ ବୀରବର ଉପାଧି ପାଇଥିଲେ ।"

ସୁତରାଂ ଡେଙ୍ଗଣା ଗ୍ରାମର ରଘୁନାଥ ପୀଠ ଥିଲା କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ସାଧନା ଓ ସିଦ୍ଧିପ୍ରାପ୍ତିର କ୍ଷେତ୍ର ।

(୧୧) ବୃନ୍ଦାବନଚନ୍ଦ୍ର ମଠ : ରାଜସୁନାଖଳାର ରତନପୁର ସାହିରେ ବୃନ୍ଦାବନଚନ୍ଦ୍ର ମଠ ବିଦ୍ୟମାନ । ଏହା ଏକ ପୁରାତନ ମଠ । ଏହି ମଠଟି ଚାରିଶହ ବର୍ଷ ଊର୍ଦ୍ଧ୍ୱରୁ ପୁରୁଣା ବୋଲି ଲୋକମୁଖରୁ ଶୁଣାଯାଏ । ଏହି ମଠଟି ମାଧବାଚାର୍ଯ୍ୟ ସମ୍ପ୍ରଦାୟର ବୈଷ୍ଣବ ପୀଠ । ବୈଷ୍ଣବ କବି ଭକ୍ତଚରଣ ଦାସ ଏହି ମଠରେ କିଛିଦିନ ପାଇଁ ଅବସ୍ଥାନ କରିଥିଲେ ।

(୧୨) ରାସବିହାରୀ ମଠ : ନୟାଗଡ଼ର ରାଜା ଲଡୁକେଶ୍ୱର ସିଂହ ମାନଧାତାଙ୍କ ଅମଳରେ ଏହି ମଠଟି ଖଏରାତ୍ ମଠର ପରିଚିତି ଲାଭ କରିଥିଲା । ଏହି ମଠଟି ନୟାଗଡ଼ ନିକଟସ୍ଥ ଇଟାମାଟି ଗ୍ରାମର ବଡ଼ଟାଙ୍ଗିପାଟଣା ସାହିର ଉପର ମୁଣ୍ଡରେ ଅବସ୍ଥିତ । ଏହା ଏକ ପୁରାତନ ମଠ । ପ୍ରାୟ ତିନିଶହ ବର୍ଷର ପୁରୁଣା ମଠ । ଏଠାରେ ରାସବିହାରୀ ଶ୍ରୀକୃଷ୍ଣଙ୍କର ପୁରାତନ ବିଗ୍ରହ ପୂଜା ପାଇଆସୁଛନ୍ତି ।

(୧୩) ଚିତ୍ରକୂଟବିହାରୀ ମଠ : ରାମାନନ୍ଦୀ ସମ୍ପ୍ରଦାୟର ଏହି ମଠଟି ଇଟାମାଟି ଠାରେ ଅବସ୍ଥିତ । ଇଟାମାଟିର ପ୍ରଧାନ ସାହିରେ ଏହି ମଠଟି ବିଦ୍ୟମାନ । ଏହି ମଠଟିର ସ୍ଥାପୟିତା ହେଉଛନ୍ତି ନରସିଂହ ଦାସ । ଏହି ମଠରେ ଚିତ୍ରକୂଟ ବିହାରୀ ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ପୂଜା ପାଉଛନ୍ତି । ନୟାଗଡ଼ର ପୁରାତନ ମଠମାନଙ୍କ ମଧ୍ୟରେ ଏହି ମଠଟି ଅନ୍ୟତମ ।

(୧୪) ରାଧାକାନ୍ତ ମଠ : ନୟାଗଡ଼ ନିକଟସ୍ଥ ଲେଙ୍କୁଡ଼ିପଡ଼ା ଗ୍ରାମରେ ରାଧାକାନ୍ତ ମଠ ଅବସ୍ଥିତ । ଏହି ମଠଟି ପ୍ରାୟ ଦୁଇଶହ ବର୍ଷର ପୁରୁଣା ବୋଲି ଲୋକମୁଖରୁ ଶୁଣାଯାଏ । ଗୌଡ଼ୀୟ ସମ୍ପ୍ରଦାୟର ଏହି ମଠଟି ରାଧା-କୃଷ୍ଣ ପ୍ରେମ-ଭକ୍ତି ମାର୍ଗର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଆସିଛି । ଏହି ମଠଟି ରାଜରାଜୁଡ଼ା ଅମଳର । ଏହି ମଠରେ ରାଧା ଓ କୃଷ୍ଣଙ୍କର ଦାରୁ ବିଗ୍ରହ, ଷଡ଼ଭୁଜ ଗୌରାଙ୍ଗ ମହାପ୍ରଭୁଙ୍କର ଦାରୁ ବିଗ୍ରହ ପୂଜା ପାଉଛନ୍ତି । ପିତଳ ବିଗ୍ରହ ମଧ୍ୟ ଏଠାରେ ପୂଜାପାଉଛନ୍ତି ।

ଲେଙ୍କୁଡ଼ି ପଡ଼ାଗ୍ରାମର ଏହି ରାଧାକାନ୍ତ ମଠ ନିକଟରେ ମଦନମୋହନ ମଠ ରହିଛି । ଏଠାରେ ମଦନମୋହନଙ୍କର କାଷ୍ଠ ବିଗ୍ରହ ପୂଜାପାଇ ଆସୁଛନ୍ତି ।

(୧୫) ରଘୁନାଥଜୀଉ ମଠ : କଣ୍ଟିଲୋ ନୀଳମାଧବଜୀଉଙ୍କର ପୂର୍ବଦ୍ୱାରରେ ରଘୁନାଥଜୀଉ ମଠ ରହିଛି । ଏହି ମଠଟି ବହୁ ପୁରାତନ ମଠ ଅଟେ । ଆଠଶହ

Digitized by PPRACHIN, SOA

ବର୍ଷରୁ ଅଧିକ ଏହି ମଠଟି ରାମାନନ୍ଦୀ ସମ୍ପ୍ରଦାୟର ମଠ । ଏହି ମଠଟିର ସ୍ଥାପୟିତା ହେଉଛନ୍ତି ଜନୈକ ବୈଷ୍ଣବ ନରେଶ । ଏହା ହେଉଛି ଖଏରାତ୍ ମଠ । ସାଧୁସନ୍ଥମାନଙ୍କ ଅବସ୍ଥାନ ଏବଂ ଖାଇବା ପିଇବାର ବ୍ୟବସ୍ଥା ଏହି ମଠରେ ରହିଥିଲା । ୧୪୦ ଏକର ଭୂ-ସମ୍ପତ୍ତି ଏହି ମଠ ପାଇଁ ଖଞ୍ଜା ଯାଇଥିଲା ।

(୧୬) ମଦନମୋହନ ମଠ : ନୟାଗଡ଼ ଟାଉନ୍ ଠାରୁ ୭ କିଲୋମିଟର ଦୂରତାରେ ବଡ଼ ପଣ୍ଡୁସର ଗ୍ରାମ ଅବସ୍ଥିତ । ଏହି ବଡ଼ ପଣ୍ଡୁସର ଗ୍ରାମରେ ରାଧାମୋହନ ମଠ ଅବସ୍ଥିତ । ଏହି ମଠରେ ଧାତୁ ନିର୍ମିତ ମଦନ ମୋହନଜୀଉ ମୁଖ୍ୟ ଠାକୁର ଭାବରେ ପୂଜା ପାଉଛନ୍ତି । ଏଠାରେ ମଧ୍ୟ ଧାତୁ ନିର୍ମିତ ରାମ, ଲକ୍ଷ୍ମଣ, ସୀତା, ହନୁମାନ, ଗୋପୀନାଥ, ଲକ୍ଷ୍ମୀମୂର୍ତ୍ତି ପୂଜା ପାଉଛନ୍ତି । ପରିଚାଳନା ଏବଂ ପୃଷ୍ଠପୋଷକତା ଅଭାବରୁ ଏହି ମଠଟି ଅବହେଳିତ ।

(୧୭) ରାଣୀପଡ଼ା ମଠ : ନୟାଗଡ଼ ଟାଉନ୍‌ଠରୁ ପ୍ରାୟ ୭/୮ କିଲୋମିଟର ଦୂରତାରେ ରାଣୀପଡ଼ା ଗ୍ରାମ ଅବସ୍ଥିତ । ଏହି ଗ୍ରାମର ଅନୁଚ୍ଚ ପର୍ବତ ଶୀର୍ଷରେ ମନୋରମ ପରିବେଶରେ ମଠଟିଏ ରହିଛି । ଏହା ରାଣୀପଡ଼ା ମଠ ନାମରେ ଜଣାଶୁଣା । ଏହି ମଠକୁ 'ପୂର୍ଣ୍ଣବ୍ରହ୍ମାଶ୍ରମ' ନାମରେ ନାମିତ କରାଯାଇଛି । ଏଠାରେ ମହନ୍ତ ପରମ୍ପରା ରହିଛି ।

(୧୮) ଲକ୍ଷ୍ମୀମାତା ମଠ : ଏହି ମଠଟି ଇଟାମାଟି ଠାରେ ଅବସ୍ଥିତ । ଏହି ମଠର ସ୍ଥାପୟିତା ହେଉଛନ୍ତି ଲକ୍ଷ୍ମୀ ନାମ୍ନୀ ଜଣେ ବୈଷ୍ଣବୀ । ଆଜକୁ ପ୍ରାୟ ୮୦/୯୦ ବର୍ଷ ତଳେ ଲକ୍ଷ୍ମୀ ନାମଧାରୀ ଜନୈକା ବାଲ୍ୟ ବିଧବା ବ୍ରାହ୍ମଣୀ ଶ୍ରୀକ୍ଷେତ୍ର ନିବାସୀ ଜଣେ ବୈଷ୍ଣବ ସାଧୁପୁରୁଷଙ୍କ ଠାରୁ ଦୀକ୍ଷା ଗ୍ରହଣ କରି ବୈଷ୍ଣବୀ ହୋଇଥିଲେ । ଲୋକନାଥ ତିଆଡ଼ି ଏହି ଲକ୍ଷ୍ମୀମାତାଙ୍କର ପିତା ଥିଲେ । କନ୍ୟାଙ୍କର ଦ୍ୱିତୀୟ ବିବାହ ନିଷିଦ୍ଧ ଥିଲା । ତେଣୁ ପିତା ଲୋକନାଥ ତିଆଡ଼ି ଏଠାରେ ଗୋଟିଏ ମଠ ପ୍ରତିଷ୍ଠା କରିଥିଲେ । ଲକ୍ଷ୍ମୀମାତା ଏହି ମଠର ଅଧିକାରିଣୀ ଥିଲେ । ମଠର ପରିଚାଳନା ପାଇଁ ତିନିବାଟି ସମ୍ପତ୍ତି ଖଞ୍ଜା ଯାଇଛି । ଏହି ମଠରେ ରାଧାଗୋବିନ୍ଦ ପୂଜା ପାଉଛନ୍ତି ।

ଏହା ବ୍ୟତୀତ ନୟାଗଡ଼ ଜିଲ୍ଲାରେ ଆହୁରି ଅନେକ ମଠ ରହିଛି । ନୟାଗଡ଼ ଜିଲ୍ଲାର ରଣପୁର ଗଡ଼ରେ ରହିଥିବା ମଠଗୁଡ଼ିକ ହେଉଛି- ବଡ଼ମଠ, ଦଧିବାମନମଠ, ଚୈତନ୍ୟମଠ, ନସିଂହମଠ, ବାଲାଜୀମଠ ଓ ବୃନ୍ଦାବନବିହାରୀ ମଠ । ନୟାଗଡ଼ରେ ଆଧ୍ୟାତ୍ମିକ ଭାବନାର ପ୍ରଚାର୍ ଏବଂ ପ୍ରସାର ପାଇଁ ଏହି ମଠଗୁଡ଼ିକର ଭୂମିକାକୁ ଅସ୍ୱୀକାର କରିହେବ ନାହିଁ । ଆଜିର ଏହି ଅତ୍ୟାଧୁନିକ ଯୁଗରେ ମଧ୍ୟ ମଠ ଓ ମହନ୍ତ ପରମ୍ପରା ପ୍ରତି ନୟାଗଡ଼ର ଅଧିବାସୀମାନଙ୍କର ଅତୁଟ ଶ୍ରଦ୍ଧା ଓ ସମ୍ମାନ ରହିଆସିଛି ।

☐■☐

Digitized by PPRACHIN, SOA

ବିଂଶ ପରିଚ୍ଛେଦ

ନୟାଗଡ ଜିଲ୍ଲାର ଲୋକନାଟକ

Digitized by PPRACHIN, SOA

ନାଟ୍ୟ ସାହିତ୍ୟର ବିକାଶଧାରାର ପ୍ରାରମ୍ଭିକ ରୂପ ହେଉଛି ଲୋକନାଟ୍ୟ । ଲୋକନାଟ୍ୟ ସାଧାରଣ ଲୋକମାନଙ୍କର ଆନନ୍ଦ ବିଧାନ ନିମିତ୍ତ ଉଦ୍ଦିଷ୍ଟ । ଦଣ୍ଡନାଟ, ପାଲା, ଦାସକାଠି, ଲୀଳା, ସୁଆଙ୍ଗ, ଇତ୍ୟାଦି ଲୋକନାଟ୍ୟ ପଦବାଚ୍ୟ । ଲୋକନାଟ୍ୟ ପରମ୍ପରାର ଐତିହ୍ୟ ସୁପ୍ରାଚୀନ । ଏହା ସାହିତ୍ୟିକ ନାଟକଠାରୁ ପ୍ରାଚୀନତର । ସାହିତ୍ୟିକ ନାଟକ ଉନ୍ମେଷର ବହୁ ପୂର୍ବରୁ ଲୋକନାଟକ ଜନ୍ମ ନେଇଛି । ଲୋକନାଟକ ସାହିତ୍ୟିକ ନାଟକର ପୂର୍ବଜା, କିନ୍ତୁ ଏହା ଏବେ ମଧ୍ୟ ସାହିତ୍ୟିକ ନାଟକ ସହିତ ସମାନ୍ତରାଳ ଭାବରେ ଗତି କରିଛି । ସାହିତ୍ୟିକ ନାଟକ ଅଭିଜାତ ସମ୍ପ୍ରଦାୟ ମଧ୍ୟରେ ସୀମିତ, କିନ୍ତୁ ଲୋକନାଟକ ସାଧାରଣ ଜନତାର ବଳୟ ମଧ୍ୟରେ ପରିବ୍ୟାପ୍ତ । ଗ୍ରାମ୍ୟଜନତାର ସ୍ୱଭାବ ପରି ଏହା ସରଳ, ଉଚ୍ଛଳ ଓ ପ୍ରାଣବନ୍ତ । ଜନସାଧାରଣଙ୍କ ଆଶା, ଆକାଙ୍କ୍ଷା, ରୀତିନୀତି, ଚଳିଚଳଣି, ଧାରଣା ଓ ବିଶ୍ୱାସ ସବୁକିଛି ଏଥିରେ ପ୍ରତିବିମ୍ବିତ ହୋଇଥାଏ । ଲୋକନାଟକ ଧର୍ମୀୟ ଚେତନା ସହିତ ନିବିଡ ଭାବରେ ସମ୍ବନ୍ଧାନ୍ୱିତ । ବିଭିନ୍ନ ସମୟରେ ବିଭିନ୍ନଧର୍ମକୁ କେନ୍ଦ୍ରକରି ଲୋକନାଟକ ପ୍ରତିଷ୍ଠାଲାଭ କରିଛି । ସୁତରାଂ ଧର୍ମୀୟ ଚେତନା ହିଁ ଲୋକନାଟକର ପ୍ରାଣସତ୍ତା ।

ନୟାଗଡ ଜିଲ୍ଲାରେ ଓଡ଼ିଆ ଲୋକନାଟକର ସମୃଦ୍ଧ ପରମ୍ପରା ପରିଲକ୍ଷିତ । ନୟାଗଡ଼ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ରଣପୁର, ଖଣ୍ଡପଡା ଓ ଦଶପଲ୍ଲା ଗଡଜାତ ହୋଇଥିବାରୁ ଏହି ଅଞ୍ଚଳରେ ଲୋକମାନଙ୍କର ଲୋକନାଟ୍ୟ ପ୍ରତି ଅତୁଟ ଆଗ୍ରହ ରହିଛି । ନୟାଗଡ଼ ଜିଲ୍ଲାରେ ପ୍ରଚଳିତ ଲୋକ-ନାଟକମାନଙ୍କ ମଧ୍ୟରେ ଦଣ୍ଡନାଟ, ପାଲା, ଦାସକାଠି, ଲୀଳା, ରାସ, ଘୁଡୁକୀ ପ୍ରଭୃତି ପ୍ରଧାନ ।

ଦଣ୍ଡନାଟ:

ଓଡ଼ିଶାର ବିଭିନ୍ନ ପ୍ରକାର ଲୋକନାଟକ ମଧ୍ୟରେ ଦଣ୍ଡନାଟ ଅତ୍ୟନ୍ତ ଲୋକପ୍ରିୟ । ନୟାଗଡ଼, ଖଣ୍ଡପଡା, ଦଶପଲ୍ଲା, ରଣପୁର- ଏହି ଗଡ଼ଜାତ ଅଞ୍ଚଳରେ ଦଣ୍ଡନାଟ ବିଶେଷ ଭାବରେ ପ୍ରସାର ଲାଭ କରିଛି । ଶିବପୂଜାକୁ କେନ୍ଦ୍ରକରି ଏହି ନାଟକ ଗଢ଼ିଉଠିଛି । ସୁତରାଂ ଏହି ନାଟ ଜରିଆରେ ମହାଦେବ ଶିବଙ୍କର ଆରାଧନା କରାଯାଏ । ଦଣ୍ଡନାଟର ଉତ୍ପତ୍ତିକାଳ ଏ ପର୍ଯ୍ୟନ୍ତ ନିରୂପିତ ହୋଇ ପାରିନାହିଁ । ତେବେ

Digitized by PPRACHIN, SOA

ଶୈବଧର୍ମ ଯେପରି ପ୍ରାଚୀନତମ, ସେହିପରି ଏହି ଧର୍ମକୁ କେନ୍ଦ୍ରକରି ଗଢ଼ି ଉଠିଥିବା ଦଣ୍ଡନାଟର ପ୍ରାଚୀନତ୍ୱ ମଧ୍ୟ ସ୍ୱୀକାର୍ଯ୍ୟ । ପଞ୍ଚମ ବା ଷଷ୍ଠ ଶତାବ୍ଦୀ ବେଳକୁ ଏହି ନାଟ ଓଡ଼ିଶାରେ ପ୍ରାଧାନ୍ୟ ବିସ୍ତାର କରିଥିବା ବିଶ୍ୱାସ କରାଯାଏ ।

ଦଣ୍ଡନାଟର ନାମକରଣ ସମ୍ପର୍କରେ ବିଭିନ୍ନ ମତ ରହିଛି । ଦଣ୍ଡନାଟରେ ଯେଉଁମାନେ ମିଶିଥାନ୍ତି ସେମାନଙ୍କୁ ଭୋକ୍ତା କୁହାଯାଏ । ଗ୍ରାମାଞ୍ଚଳରେ ଏମାନଙ୍କୁ 'ଭଗତା' କୁହାଯାଏ । ଏମାନଙ୍କର ସଂଖ୍ୟା ତେର । ଏମାନଙ୍କ ମଧ୍ୟରେ ଜଣେ 'ପାଟଭଗତା' ଥାଆନ୍ତି । ଏହି ଭଗତାମାନେ ଦଣ୍ଡପାଇଲା ପରି କଠୋର ଆରାଧନା ଏବଂ ସଂଯମ ଆଚରଣ କରି ନାଟ ମାଧ୍ୟମରେ ମହାଦେବ ଶିବଙ୍କର ମହିମା ପ୍ରଚାର କରୁଥିବାରୁ ଏହାକୁ ଦଣ୍ଡନାଟ କୁହାଯାଏ । ଦଣ୍ଡନାଟର ନାମକରଣ ସମ୍ପର୍କରେ ଆଉ ଏକ ମତ ରହିଛି । ଓଡ଼ିଶାରେ କେଶରୀ ବଂଶ ରାଜାମାନେ ରାଜତ୍ୱ କରୁଥିବାବେଳେ ବୌଦ୍ଧଧର୍ମୀ ଓ ଶୈବଧର୍ମୀ ମାନଙ୍କ ମଧ୍ୟରେ ବାଦବିବାଦ ଲାଗିଥିଲା । କେଶରୀ ବଂଶର ରାଜାମାନେ ଶୈବ ଥିଲେ । ତେଣୁ ସେମାନେ ଶୈବଧର୍ମର ପୃଷ୍ଠପୋଷକ ଥିଲେ । ଏହି ସମୟରେ ବୌଦ୍ଧଧର୍ମୀ ଲୋକମାନଙ୍କୁ ତତ୍କାଳୀନ ସମାଜ ଅସ୍ପୃଶ୍ୟ ଆଖ୍ୟା ଦେଲା । ବୌଦ୍ଧଧର୍ମରେ ବ୍ୟଭିଚାର ଓ ଅନୈତିକତା ପ୍ରବେଶ କରିବାରୁ କାଳକ୍ରମେ ଏହାର ଅଧଃପତନ ଘଟିଲା । ବୌଦ୍ଧଧର୍ମୀଙ୍କ ପ୍ରଭାବ ସମାଜରୁ ହ୍ରାସପାଇବାକୁ ଲାଗିଲା । ଶୈବଧର୍ମୀମାନେ ବୌଦ୍ଧଧର୍ମୀଙ୍କ ଏହି ଅନାଚାରର ପ୍ରତିବାଦ କରି ପ୍ରବଳ ପ୍ରଚାର ଆରମ୍ଭ କଲେ । ଫଳରେ ସଂଖ୍ୟାଲଘୁ ବୌଦ୍ଧଧର୍ମୀ ଉକ୍ତ ଦଣ୍ଡରୁ ଉଦ୍ଧାର ପାଇବା ପାଇଁ ଶବର-ଶବରୁଣୀ, କେଳା-କେଳୁଣୀ, ଚଢ଼େଇଆ-ଚଢ଼େଇଆଣୀ, ପତର-ସଉରା, ପତର-ସଉରୁଣୀ ଆଦି ବେଶରେ ଗ୍ରାମେ ଗ୍ରାମେ ବୁଲି ମହାଦେବ ଶିବଙ୍କର ବନ୍ଦନା କରି ଆପଣାର ମୁକ୍ତିଲାଭ ପାଇଁ ଚେଷ୍ଟା କରିଥିଲେ । ସ୍ଥୁ ଳତଃ ଏହା କୁହାଯାଇପାରେ ଯେ ଶିବପୂଜାର ପ୍ରଚାର ଓ ପ୍ରସାର ଲକ୍ଷ୍ୟରେ ଦଣ୍ଡନାଟ ଆରମ୍ଭ ହୋଇଥିଲା । ଏହି ନାଟର ଚାରିଗୋଟି ପର୍ଯ୍ୟାୟ ରହିଛି । ସେଗୁଡ଼ିକ ହେଉଛି ଧୂଳିଦଣ୍ଡ, ପାଣିଦଣ୍ଡ, ଅଗ୍ନିଦଣ୍ଡ ଓ ପାତ୍ରପାତ୍ରୀ ନାଚ ।

ଓଡ଼ିଶାର ଅନ୍ୟାନ୍ୟ ସ୍ଥାନପରି ନୟାଗଡ଼ ଜିଲ୍ଲାରେ ଦଣ୍ଡନାଟ ଚୈତ୍ରମାସରେ ଏକୋଇଶି ଦିନ ଧରି ପଣାସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ଏହାର ଶେଷ ଦିନକୁ ମେରୁ କୁହାଯାଏ । ଦଣ୍ଡନାଟ ପାଇଁ କେଉଁଠି ଶିବ ମନ୍ଦିର ନିକଟରେ, କେଉଁଠି ଗ୍ରାମର ମଙ୍ଗଳାକୋଠି ନିକଟରେ, କେଉଁଠି ଗ୍ରାମର ମଧ୍ୟଭାଗରେ ଏକ ଅସ୍ଥାୟୀ ଘର ନିର୍ମାଣ କରାଯାଇଥାଏ । ଏହାକୁ କାମନା ଘର କୁହାଯାଏ । ଏହି କାମନାଘରେ ଗ୍ରାମର ମଙ୍ଗଳା କୋଠିରୁ ଘଟ ଠାକୁରୁଣୀଙ୍କୁ ଆଣି ସ୍ଥାପନା କରାଯାଏ । କାଳୀ ଠାକୁରାଣୀଙ୍କ ପ୍ରଭା ସ୍ଥାପନା କରାଯାଏ । ଏହି କାମନାଘରେ ପାଟଦଣ୍ଡୁଆ କାଠ କିମ୍ବା ପଥରରୁ ଅଗ୍ନି

Digitized by PPRACHIN, SOA

ଉତ୍ପନ୍ନ କରାଇ ଦୀପ ଜଳାନ୍ତି ଓ କୁଟା ନିର୍ମିତ ଅଙ୍ଗାରେ ଅଗ୍ନିସଂଯୋଗ କରାନ୍ତି । ଏହାକୁ 'ଦଣ୍ଡ ଜୀଆଇବା' କୁହାଯାଏ । ଦଣ୍ଡରେ ଯୋଗଦେଇଥିବା ତେରଜଣ ଭଗତା ଅତ୍ୟନ୍ତ ନିଷ୍ଠାର ସହିତ ଏହି ବ୍ରତ ପାଳନ କରନ୍ତି । ଏକୋଇଶି ଦିନ ପର୍ଯ୍ୟନ୍ତ ସେମାନେ ଗୃହକୁ ଯାଆନ୍ତି ନାହିଁ । କ୍ଷୌର ହୁଅନ୍ତି ନାହିଁ । ଦିନରେ ଥରେ ମାତ୍ର ସେମାନେ ଅନ୍ନ ଭକ୍ଷଣ କରନ୍ତି । ଏହି ତେର ଭୋକ୍ତାଙ୍କ ମଧ୍ୟରୁ ପାଟଭୋକ୍ତା ଅତ୍ୟନ୍ତ ନିଷ୍ଠାର ସହିତ ରହନ୍ତି । ସେ ଅନ୍ନଭକ୍ଷଣ କରନ୍ତି ନାହିଁ । କେବଳ ପଣା ସେବନ କରି ସେ ରହନ୍ତି । ପ୍ରତିଦିନ ଅପରାହ୍ଣରେ ସେମାନେ ଧୂଳିଦଣ୍ଡ ଖେଳନ୍ତି । ଏହାପରେ କାଳୀ ଠାକୁରାଣୀଙ୍କ ପ୍ରଭାକୁଧରି ଜଳତୁଠକୁ ସ୍ନାନପାଇଁ ଯାଆନ୍ତି । ସେଠାରୁ ଫେରି ସେମାନେ ଶିବ ମନ୍ଦିରରେ ପ୍ରବେଶ କରନ୍ତି । ଏହି ସମୟରେ ବାଦ୍ୟ ଓ ଘଣ୍ଟରୋଳରେ ଗାଁଦାଣ୍ଡ ପ୍ରକମ୍ପିତ ହୁଏ । ଭୋକ୍ତାମାନେ ସେମାନଙ୍କ ଫେରିବାପଥରେ ଅଗ୍ନିରେ ଝୁଣା ନିକ୍ଷେପ କରୁଥିବାରୁ ଗ୍ରାମର ବାୟୁମଣ୍ଡଳ ବିଶୋଧିତ ହୁଏ । ଭୋକ୍ତାମାନେ ଶିବ ମନ୍ଦିରକୁ ଯିବାପୂର୍ବରୁ ଓ ଶିବମନ୍ଦିରରୁ ବାହାରି କାମନା ଘରକୁ ଯିବା ପର୍ଯ୍ୟନ୍ତ ଏକ ସ୍ୱରରେ ଉଚ୍ଚାରଣ କରିଥାନ୍ତି-

"ଶ୍ରୀ କଳାରୁଦ୍ର ମଣି ଭଜେ
କପିଳାସ କନ୍ଦରରୁ ଯୋଗନିଦ୍ରା ଭାଜିବାକୁ ଅବଧାନ ହେଉ ମଣିମା
ଶ୍ରୀ ଶିବ ମହେଶ୍ୱର ହେ ।"

ନୟାଗଡ ଅଞ୍ଚଳର ଲୋକନାଟକ ମଧ୍ୟରେ ଦଣ୍ଡନାଟ ସର୍ବୋତ୍କୃଷ୍ଟ । ଏହି ଅଞ୍ଚଳରେ ଦଣ୍ଡନାଟକୁ ବିଶେଷ ଭାବରେ ପ୍ରାଧାନ୍ୟ ଦିଆଯାଇଛି । ଏହାର ମୂଳ ହେତୁ ହେଉଛି ବ୍ୟକ୍ତି ବିଶେଷଙ୍କ ଆଧ୍ୟାତ୍ମିକ ଚେତନାର ଉତ୍ତରଣ । ଦଣ୍ଡନାଟ ମାଧ୍ୟମରେ ହିଁ ମହାଦେବ ଶିବଙ୍କୁ ସନ୍ତୁଷ୍ଟ କରି ରୋଗମୁକ୍ତ ହେବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ନୟାଗଡ଼ ଅଞ୍ଚଳରେ ଦଣ୍ଡନାଟ ଏତେ ଲୋକପ୍ରିୟ ଯେ ଲୋକମାନେ ସାରା ରାତି ଉଜାଗର ରହି ଏଥିରେ ବାହାରୁଥିବା ପରଭା, ଶିବ-ପାର୍ବତୀ, ଚଢ଼େୟା-ଚଢ଼େୟାଣୀ, କେଳା-କେଳୁଣୀ, ଯୋଗୀ-ଯୋଗିଆଣୀ, ବୀଣାକାର-କାରୁଆଣୀ, ଶବର-ଶବରୁଣୀ, ଧୋବା-ଧୋବଣୀ, ପତରସଉରା-ପତରସଉରୁଣୀ, ବୀଣାକାର-କାରୁଆଣୀ ପ୍ରଭୃତି ସୁଆଙ୍ଗଗୁଡିକୁ ଉପଭୋଗ କରନ୍ତି । ଏହି ନାଟର ଏକ ବିଶେଷତ୍ୱ ହେଉଛି ଯେ ବିଭିନ୍ନ ଚରିତ୍ର ସେମାନଙ୍କର ନିଜ ନିଜର ପରିଚୟ ପ୍ରଦାନ କରିଥାନ୍ତି । ଏହି ନାଟର ସବୁଠାରୁ କୌତୁକପ୍ରଦ ଚରିତ୍ର ହେଉଛି ମଉସା ଚରିତ୍ର ।

ଦଣ୍ଡନାଟର ପ୍ରାରମ୍ଭରେ ପରଭା ଆସେ । କାଳୀକାଙ୍କର ପ୍ରଭାକୁ ନର୍ତ୍ତକ ତା ପଛରେ ବାନ୍ଧି ଢୋଲ ବାଜାର ତାଳେ ତାଳେ ନାଚ କରି ଆସେ । ପରଭା ନୃତ୍ୟପରେ ବିଭିନ୍ନ ସୁଆଙ୍ଗ ଆରମ୍ଭ ହୁଏ । ଚଢ଼େୟା ଗୀତ ଗାଇ ଗାଇ ଆସେ- "କି ରଙ୍ଗବେଶେ ଆସଇ କି ଚଢ଼େୟା ବୀର, ଅଠାକାଠି ନଳ ଗୋଟି ଧରିଛି କର ।" ଏହାପରେ

Digitized by PPRACHIN, SOA

ଚଢ଼େୟା ମହାଦେବ ଶିବଙ୍କର ବନ୍ଦନା କରିଥାଏ । ଅରଣ୍ୟକୁ ପକ୍ଷୀବଧ କରିବାପାଇଁ ଶିବଙ୍କର ଅନୁଗ୍ରହ କାମନା କରେ । ଯେପରି–

"ଶିବଶ୍ରୀ କୈଳାସବାସୀ ଶିରରେ ଶୋଭିତ ଜାହ୍ନବୀ ଶଶି
ସିଦ୍ଧ କର ପଦ ମହେଶ ମୋ କଣ୍ଠେ ବସି
ବର୍ଜିଛ ଭବ ଗୌରବ ବସିଛ ଶ୍ମଶାନେ କରିଣ ଠାବ
ହର ମୋ ଦୁର୍ଗତି ବାରେ ଆହେ ବାମଦେବ ।
ସଦାଶିବ ଶୂଳୀଈଶ ଶରୀରେ ଭୂଷଣ ସର୍ପ ପାଉଁଶ
ସମୁଦ୍ର ମନ୍ଥନୁ ବିଷକୁ କରିଛ ଗ୍ରାସ ।
କପର୍ଦ୍ଦି ପଞ୍ଚମସ୍ତକ କର ଅନୁଗ୍ରହ ଉମାନାୟକ
କରିବି ସଂହାର କାନନେ ପକ୍ଷୀ ଡାହୁକ ।
ରଖିଛ ଯଶ ତ୍ରିପୁର ରଣେ ବଧକରି ତ୍ରିପୁରାସୁର
ରଘୁ ବୋଲେ ସଦା ସୁମରି ଶିବଶଙ୍କର ।"

ଏହାପରେ ଚଢ଼େୟାର ଆହ୍ୱାନ କ୍ରମେ ଚଢ଼େୟାଣୀ ମଞ୍ଚକୁ ଆସେ । ସେମାନଙ୍କର କଥୋପକଥନ ପରେ ପକ୍ଷୀ ଧରିବା ପାଇଁ ଚଢ଼େୟା ଅରଣ୍ୟରେ ପ୍ରବେଶ କରେ । ପକ୍ଷୀର ସନ୍ଧାନ କରି କରି ସେ ପାର୍ବତୀ ବନରେ ପହଞ୍ଚେ । ଏହି ସମୟରେ ଅରଣ୍ୟର ରକ୍ଷାକାରୀ ଦ୍ୱୟ, ଗୀତ ଗାଇ ଗାଇ ଆସନ୍ତି- "ନରଗତି ଜାଣି କରି ହେ ଅରଣ୍ୟର ରକ୍ଷାକାରୀ, ପାର୍ବତୀ ବନକୁ ବାହାର ହୋଇଲେ ହସ୍ତେ ଟାଙ୍ଗି ଖଣ୍ଡା ଧରି ହେ ।'' ପକ୍ଷୀ ନ ବଧିବାପାଇଁ ସେମାନେ ଚଢ଼େୟାକୁ ପରାମର୍ଶ ଦିଅନ୍ତି । ଏହାପରେ ସେମାନଙ୍କ ମଧ୍ୟରେ ଲଢେଇ ଚାଲେ ଓ ରକ୍ଷାକାରୀମାନେ ପରାଜିତ ହୋଇ ପଳାୟନ କରନ୍ତି । ଏହାପରେ ସାପୁଆ ଦୁଇଭାଇ ମଞ୍ଚକୁ ଆସନ୍ତି । ଏଣେ ସର୍ପଦଂଶନରେ ଚଢ଼େୟା ମୃତ୍ୟୁବରଣ କରେ । ମୃତ୍ୟୁ ସମ୍ବାଦ ଶୁଣି ଚଢ଼େୟାର ବୃଦ୍ଧା ମା ଓ ଭାଇ ଗୀତ ଗାଇ ଆସନ୍ତି । ବୈଦ୍ୟରାଜ ଏହାପରେ ଆସନ୍ତି । ସେ ବିଫଳହୋଇ ଫେରିଗଲା ପରେ ଚଢ଼େୟାଣୀ ଅତ୍ୟନ୍ତ ବିକଳ ହୋଇ କ୍ରନ୍ଦନ କରେ । ସେ ଶିବଙ୍କର ସ୍ତୁତିଗାନ କରେ । ମଞ୍ଚକୁ ଶିବ ଓ ପାର୍ବତୀ ଆସିବା ପୂର୍ବରୁ ହାଡ଼ି ଓ ହାଡ଼ିଆଣୀ ସୁଆଙ୍ଗ ହୁଏ । ସେମାନେ ଗୀତଗାଇ ରାସ୍ତା ପରିଷ୍କାର କରନ୍ତି । ଏହାପରେ ଦୁଇଜଣ ମାଳୀ ବା ଶିବପୂଜକ ଗୀତ ଗାଇ ଗାଇ ଆସନ୍ତି । ସେମାନେ ମହାଦେବଙ୍କୁ ପୂଜା କରି ଆବାହନ କରିଥାନ୍ତି । ଏହାପରେ ଶିବ ଗୀତଗାଇ ପାର୍ବତୀଙ୍କ ସହ ଆସନ୍ତି ।

ବଂ ବଂ କୈଳାସ କନ୍ଦରୁ ମୃତ୍ୟୁଞ୍ଜୟ ବିଜେ, ବଂ ବଂ.....
ଡିବିଡିବି ଡାକି ଡମ୍ବରୁ ଡଂ ଡଂ ବାଜେ, ବଂ ବଂ.....

Digitized by PPRACHIN, SOA

ପାଶେ ଅଙ୍କୁଶ ତ୍ରିଶୂଳ ହୃଦରେ ଭୁଜଙ୍ଗ ମାଳ, ହୃଦରେ ଭୁଜଙ୍ଗ ମାଳ,
ସିଂହରଡ଼ି ଜିଣି ସିଂହା ଘଂ ଘଂ ଗର୍ଜେ, ବଂ ବଂ.....
ନୟନରେ କାଳାନଳ ଶଶି ଭୂଷିତ କପାଳ, ଶଶି ଭୂଷିତ କପାଳ
ଶିରେ ଜଟାଜୁଟ ଗଂ ଗଂ ଗଙ୍ଗା ସାଜେ, ବଂ ବଂ.....
ସଙ୍ଗତରେ ହୈମବତୀ ପାର୍ବତୀ ବନେ କ୍ରୀଡ଼ନ୍ତି, ପାର୍ବତୀ ବନେ କ୍ରୀଡ଼ନ୍ତି
ବିପଦ ପଙ୍କଜେ ରଘୁନାଥ ଭଜେ, ବଂ ବଂ.....।"

ପାର୍ବତୀ ଚଢ଼େୟାଣୀର ବିକଳ କ୍ରନ୍ଦନ ଶୁଣି ଚଢ଼େୟାର ଜୀବନଦାନ ପାଇଁ ଶିବଙ୍କୁ ନିବେଦନ କରନ୍ତି । ଶିବଙ୍କ ପ୍ରସାଦରୁ ଚଢ଼େୟା ଜୀବନ୍ୟାସ ପାଏ । ଏହାପରେ ଚଢ଼େୟା ଓ ଚଢ଼େୟାଣୀ ଶିବଙ୍କର ବନ୍ଦନା ଗାନକରି ଆନନ୍ଦ ଉଲ୍ଲାସ ଭଙ୍ଗୀରେ ବିଦାୟ ନିଅନ୍ତି । ଏହିଭଳି ଭାବରେ ଶବର-ଶବରୁଣୀ, ଯୋଗୀ-ଯୋଗିଆଣୀ, ଧୋବା-ଧୋବଣୀ, କେଳା-କେଳୁଣୀ, ବୀଣାକାର-କାରୁଆଣୀ ପ୍ରଭୃତି ବିଭିନ୍ନ ସୁଆଙ୍ଗ ଚାଲେ । ଦଣ୍ଡନାଟର ପ୍ରତ୍ୟେକ ସୁଆଙ୍ଗ ବେଶ୍ ଉପଭୋଗ୍ୟ । ଦଣ୍ଡନାଚରେ କେଳାକେଳୁଣୀ ସୁଆଙ୍ଗ ବେଶ୍ ଉପଭୋଗ୍ୟ । କେଳା ଗୀତ ଗାଇ ଗାଇ ନିଜର ପରିଚୟ ଦେଇ ମଞ୍ଚକୁ ଆସେ-

କେଳା – "ଘରୁ ବାହାରିଲା କେଳା
ପ୍ରଥମେ ବନ୍ଦଇ ସର୍ବମଙ୍ଗଳା
ପୁରୀ କ୍ଷେତ୍ରରେ ବନ୍ଦେ ବିମଳା
କୃପାକର ଅମ୍ବିକା ହିଙ୍ଗୁଳା, କୃପାକର.....
ବାଣପୁରରେ ଭଗବତୀ, କଲିକତା କାଳୀ ହର ଦୁର୍ଗତି
ବନ୍ଦେ ବାଙ୍କୀରେ ଚର୍ଚ୍ଚିକା ନିତି
ପୂର୍ବଖଣ୍ଡେ ତାରାତାରିଣୀ, ପୂର୍ବଖଣ୍ଡେ.....
ନୟାଗଡ଼ରେ ବନ୍ଦେ ବାଉତୀ, ପୂର୍ବଖଣ୍ଡେ.....
ଯାଜପୁରେ ବିରଜାଇ ରଣପୁରେ ମଣିନାଗ ବନ୍ଦଇ
ବନ୍ଦେ ସିଦ୍ଧେଶ୍ୱରୀ ସମଲାଇ
ଅଭୟା ତୁ ପ୍ରସନ୍ନ ହୁଅ, ଅଭୟା ତୁ......
କେଳୁଣୀକି ମୋ ଭେଟାଇ ଦିଅ, ଅଭୟାତୁ..... ।"

କେଳା ମଞ୍ଚକୁ କେଳୁଣୀକୁ ଆହ୍ୱାନ କରେ । କେଳୁଣୀ ମଞ୍ଚକୁ ଆସି ତାହାର ଚିତାକୁଟା କଳା ସମ୍ପର୍କରେ ଦର୍ଶକମାନଙ୍କୁ ଜଣାଏ । କେଳୁଣୀ ଗାଇଥାଏ-

"ଆସଆସ ଗୋ, ରାଜବଧୂ ସୁମୁହିଁ, ଆସଆସ ଗୋ.....
ନାନା ପ୍ରକାର ଚିତା କୁଟି ଜାଣଇ ଗୋ ।

Digitized by PPRACHIN, SOA

ଦେଖି ନୟନେ, ଦେଖି ନୟନେ
ଜୀବିତ ଥିବାଯାଏ କରିବ ମନେ ଗୋ, ଦେଖିନୟନେ
ମସ୍ତକେ ଚନ୍ଦ୍ରବିନ୍ଦୁ ଖଞ୍ଜା ହୋଇଛି
ମଥାମଣିରେ ମୋତିଝରା ଲମ୍ବିବ ଗୋ
ବଉଳମାଳେ, ଅଁଳାଫୁଲ ମିଶା ଗଞ୍ଜିବ ଗଳେ ଗୋ ।
ସହସ୍ରଦଳ ପଦ୍ମ ହୃଦରେ କୁଟି
ଲବଙ୍ଗ ଲତା ଥିବ ଗୋଟିକ ଗୋଟି ଗୋ
ତହିଁ ପାଶେ, ବାହୁରେ ବାଜୁବନ୍ଧ ଲେଖିବି ତୋଷେ ଗୋ ।
ବୃକ୍ଷ ଡାଳେ କୋକିଳ ବସିଣ୍ ଥିବ
ଚିତାକୁଟାଅ କାନ୍ତ ମନ ମୋହିବ ହେ
ଫକୀର ଭାଷେ, ମୋହିଲେ କୃଷ୍ଣ କେଳୁଣୀ ବେଶେ ।”

ଦଣ୍ଡନାଚର ଯୋଗୀଯୋଗୀଆଣୀ ସୁଆଙ୍ଗ ମଧ୍ୟ ଅତ୍ୟନ୍ତ ଉପଭୋଗ୍ୟ । ଯୋଗୀ ନିଜସ୍ୱ ପରିଚୟ ଦେଇ ଗୀତ ଗାଇ ଗାଇ ମଞ୍ଚକୁ ଆସନ୍ତି । ଯୋଗୀ ଗାଇଥାନ୍ତି-

“ଆରେ ବାଇମନ, ଦୃଢ଼େ କର ଧ୍ୟାନ ଶ୍ରୀବୃନ୍ଦାବନ ବିହାରୀ ।
ହରି ନାମ ଏକା କରିଣ ନଉକା, ଭବାର୍ଣ୍ଣବୁ ହେବୁ ପାରି, ଆରେ ବାଇମନ.....
ଅକ୍ରୂର ଉଦ୍ଧବ ଧ୍ରୁବ ପ୍ରହଲ୍ଲାଦ ଯେଉଁ ନାମେ ଗଲେ ତରି
ସେହି ନାମ ସାର ସଂସାରେ ପ୍ରାଣୀର ସର୍ବ ଘଟେ ଛନ୍ତି ପୂରି
ଚତୁର୍ଭୁଜ କାକ ହୋଇଛି ପ୍ରତ୍ୟେକ୍ଷ ଯେଉଁ ରୂପ ଲୟ କରି
ସେହି ରୂପ ମନ କର ହୋ ଦର୍ଶନ ଯିବ ନିଶ୍ଚେ କାଳ ହାରି ।
ଯେଉଁ ନାମ ଜପି ଅଜାମିଳ ପାପୀ ନର୍କରୁ ହୋଇଛି ପାରି
ସେହି ନାମ ଗୋଟି ନିଶି ଦିବାରାତ୍ରି ରଘୁ କହଇ ବିଚାରି ।”

ଏହାପରେ ଯୋଗୀ ଗୀତ ଗାଇ ଗାଇ ଭିକ୍ଷା ମାଗିଥାନ୍ତି । ଏହି ଦୃଶ୍ୟଟି ନୟାଗଡ଼ ଅଞ୍ଚଳର ଗାଁ ଗହଳିର ଗୋଟିଏ ନିତି ଦିନିଆଁ ଦୃଶ୍ୟର ପରିପ୍ରକାଶ । ଯୋଗୀ ଗାଇଥାନ୍ତି-

ସାଧୁ ଭକ୍ତ ପଣ୍ଡିତେ,
ଭିକ୍ଷା ଆଣି ଦିଅ ମୋତେ, ସାଧୁ ଭକ୍ତ ......
ସଂଯୋଗୀ ଦୀକ୍ଷା ଗ୍ରହଣ, ସଂଯୋଗୀ ଦୀକ୍ଷା ଗ୍ରହଣ
କରି ଅଛୁ ମୁକ୍ତି ଅର୍ଥେ, ସାଧୁ ଭକ୍ତ.....
କୃଷ୍ଣ ଆତ୍ମର ଧନ, କୃଷ୍ଣ ଆତ୍ମ ଜୀବନ, କୃଷ୍ଣ ଆତ୍ମ ଜୀବନ
କୃଷ୍ଣ ନାମ ମାଳା କରି କୃଷ୍ଣ କୃଷ୍ଣ ଜପୁ ନିତ୍ୟେ, ସାଧୁ ....

Digitized by PPRACHIN, SOA

କୃଷ୍ଣ ଆମ୍ଭର ପିତା, କୃଷ୍ଣ ମୋକ୍ଷକରତା, କୃଷ୍ଣ ମୋକ୍ଷକରତା,
କୃଷ୍ଣ ନାମକୁ ଜୀବିକା କରିଣ ଭ୍ରମୁ ଜଗତେ, ସାଧୁ........
କୃଷ୍ଣ ନାମକୁ ଧରି, ମରିବୁ ଝୁରି ଝୁରି
କୃଷ୍ଣ ପାଦପଦ୍ମେ ସଦା ଧ୍ୟାନ କରୁ ହୃଦଗତେ, ସାଧୁ.......
କନ୍ଥା ଖଣ୍ଡିଏ ଦାନ, ଦ୍ୟନ୍ତା କେ ଭକ୍ତ ଜନ
ଥାଆନ୍ତା ତାର ନାମ, ବହିଯା'ନ୍ତା ଦିନାକେତେ, ସାଧୁ.......
ପୁଣି ମୁଁ ଗଲି ହୁଡ଼ି, ଶୁଣି ଗଲାଣି ଛିଡ଼ି
ଜାଣି କେହି ଘରୁ କାଢ଼ି ଆଣି ଦ୍ୟନ୍ତା ମୋର ହସ୍ତେ, ସାଧୁ.....
ଧାର୍ମିକ ଭକ୍ତ ଜନ, ବାଞ୍ଛା କରାଅ ପୂର୍ଣ୍ଣ
ବେଳ ମାତ୍ର ଅନ୍ନ ଦାନ ଥାଳେ ଦିଅ ହେ ତୁରିତେ, ସାଧୁ.......
କପଟିଆ ଲମ୍ପଟି, ନ ହେଉ ଆମ୍ଭେ ଜଟି
ଧର୍ମ ପଥେ ଆମ୍ଭ ଦୃଷ୍ଟି ରଘୁନାଥ କହେ ଗୀତେ ।

ଯୋଗୀ ଯୋଗୀଆଣୀଙ୍କର ଉକ୍ତିପ୍ରତ୍ୟୁକ୍ତି ମଧ୍ୟ ଆହୁରି ଉପଭୋଗ୍ୟ । ଯୋଗୀ ଯୋଗୀଆଣୀଙ୍କ ମଧ୍ୟରେ ବାରମାସୀ ଉକ୍ତି ପ୍ରତ୍ୟୁକ୍ତି ଅତ୍ୟନ୍ତ ରସିକତାପୂର୍ଣ୍ଣ ଓ ଉପଭୋଗ୍ୟ । ସର୍ବୋପରି ଏଥିରେ ସ୍ୱାମୀ ସ୍ତ୍ରୀଙ୍କର ପାରିବାରିକ ଜୀବନର ମଧୁରତା ପ୍ରତିଫଳିତ । ଯୋଗୀ ଯୋଗୀଆଣୀଙ୍କର ଉକ୍ତି ପ୍ରତ୍ୟୁକ୍ତି ଏହିପରି-

ଯୋଗୀ – ଶ୍ରାବଣ ମାସରେ ଝଡ଼ି ବରଷା
ଲାଗିଥିଲା ଧାନ ରୁଆ ବେଉଷା
ପଡ଼ିଥିଲା ଇନ୍ଦ୍ରଧନୁ,
ପୂରୁବ କାଳର ପୀରତି ଭାବ ପାଶୋରିଦେଲୁ କି ମନୁ ?

ଯୋଗିଆଣୀ – ଭାଦ୍ରବ ମାସରେ ଖୁଦୁରୁକୁଣି
ବୋହୂ ଭୂଆସୁଣୀ ଓଷେଇତୁଣି
ଲିଆ ଭୋଗ ଠାବେ ଠାବେ,
କବାଟ କଣରେ ଆଖି ଠରାଠରି ପାଶୋରିଦେଲୁ କି ମନୁ ।

ଯୋଗୀ – ଆଶ୍ୱିନ ମାସରେ ଦେବୀ ପରବ
କଉଡ଼ି ଖେଳରେ ଗେଲ ଗରବ
ଅନ୍ଧାର ରାତିରେ ତାରା,
ମଙ୍ଗଳା କୋଠିରେ ନିୟମ କରାଇ ମୁଣ୍ଡ ଛୁଇଁଥିଲୁ ପରା ।

ଯୋଗିଆଣୀ – କାର୍ତ୍ତିକ ମାସରେ ହବିଷ ଭାତ
କେତେ କରିଥିଲି ସଇ ସଙ୍ଗାତ

Digitized by PPRACHIN, SOA

ସେବିଥିଲି ହରଚଣ୍ଡୀ
ଓଠଧରି ଗଣ୍ଡେ ଚୁମ୍ବ ଦେଲାବେଳେ ହଲିଯାଉଥିଲା ଦଣ୍ଡୀ ।

ଯୋଗୀ – ମାର୍ଗଶିର ମାସେ କ୍ଷୀରି କାକରା
ନୂଆନୂଆ ବେଳେ ପଡ଼େ ଡାକରା
ପାଶେ ନ ଦିଅନ୍ତି ଛାଡ଼ି,
ନୂଆ ଯାଇ ଯେବେ ପୁରୁଣା ହୁଅଇ
ମୁହଁ ଦେଉଥାନ୍ତି ମୋଡ଼ି ।

ଯୋଗିଆଣୀ – ଶିଶିର ପବନ ପୁଷମାସରେ
ଅଜା ବସିଥିଲା ଆଇ ପାଖରେ
ଥିବ କି ନ ଥିବ ମନେ,
ଝୁରିଝୁରି ତନୁ କ୍ଷୀଣ ହୋଇଲାଣି
ମନେ ପଡୁନାହିଁ ଦିନେ ।

ଯୋଗୀ – ମାଘୁଆଣି ପାଣି ବରଷି ଦେଲା
ନୂଆ ବୋହୂ ଭାତ ପରଶି ଦେଲା
ନୂଆ ବିଲ ନୂଆ ଚାଷ,
ସକାଳ କୁହୁଡ଼ି ଘୋଟଣୀ ଭାତ
କରିଦେଲା ମୋତେ ନାଶ ।

ଯୋଗିଆଣୀ – ଫଗୁଣ ମାସରେ ଆମ୍ବ ବଉଳ
ତୁଚ୍ଛା ପଡ଼ିଗଲା ଭଙ୍ଗା ଦେଉଳ
କାହାକୁ କହିବି ଆଉ,
ଘରର ଘଇତା ପଛକୁ ଥାଉ
ପରଘରେ ଦିନ ଯାଉ ।

ଯୋଗୀ – ଚୈତ୍ର ମାସରେ ଚଇତିଘୋଡ଼ା
ତେର ଦିନ ହୁଏ ଝାମୁ ଯାତରା
ଆସ କିଏ ଯିବ ଦେଖି,
ଚହଟି ଚମ୍ପାର ଚତୁରୀ ଭଙ୍ଗୀ ମାରିଦିଏ ସରୁ ଆଖି ।
ମୁଣ୍ଡିଆ ଉପରେ ମୁଣ୍ଡି ସାହାଡ଼ା
ବଇଶାଖେ ଦିଏ ପତର ଝଡ଼ା
ଜ୍ୟେଷ୍ଠ ମାସେ ଦିଏ କଷି,

Digitized by PPRACHIN, SOA

ଯାଉଛି ନାଗରୀ ପାଖରୁ ତୋହର
ଦିନ ଗଣୁଥାଆ ବସି ।
ଯୋଗିଆଣୀ – ଅଷାଢୁଆ ମେଘ ରଡ଼ି ଛାଡ଼ଇ
ଗଛରୁ ପତର ଝଡ଼ି ପଡ଼ଇ
ଫୁଟଇ ଗୋବର କଇଁ
ଭୂଲତା ଡିଆଇଁ ରସିକ ନାଗର
କରିଦେଲୁ ମୋତେ ବାଇ ।

ସେହିପରି ଦଣ୍ଡନାଚରେ ପତରସଉରା-ପତରସଉରୁଣୀ ସୁଆଙ୍ଗଟି ମଧ୍ୟ ଅତ୍ୟନ୍ତ ଉପଭୋଗ୍ୟ । ପତରସଉରା ଏବଂ ପତରସଉରୁଣୀର ଉକ୍ତି ପ୍ରତ୍ୟୁକ୍ତି ଯେପରି ନାଟକୀୟ, ସେହିପରି ରସିକତା ପରିପୂର୍ଣ୍ଣ । ପତରସଉରା-ପତରସଉରୁଣୀ ମଧ୍ୟରେ ଏହି ଉକ୍ତି ପ୍ରତ୍ୟୁକ୍ତି ନିମ୍ନରେ ପ୍ରଦତ୍ତ-

ପତରସଉରା- କନକାଙ୍ଗୀ ସ୍ନେହ ବିନା
କାହିଁକି ବିଲମ୍ବ କୁନ୍ଦ ରଦନା
କୁରଙ୍ଗୀନୟନା-ପିକବଚନା
କରିସୁଦୟା, କରିସୁଦୟା
କରି ସୁଦୟା, ଆସ ଲଳନା, ମୋ କୁମ୍ଭସ୍ତନା ।
ସଉରୁଣୀ – ଖେଳ କଉତୁକେ ରତ
ଖଣ୍ଡିଗୁଣିଆଁର ଧରିଛି ହାତ
ଖାଇବାକୁ ଗଣ୍ଡେ ନ ମିଳେଭାତ
ଖଣତି ଧରିଣ ଭ୍ରମେ ଜଗତ
ଖରା ବରଷାରେ, ଖରା ବରଷା
ଖରା ବରଷାରେ ବୁଲେ ବନସ୍ତେରେ, ଖଣ୍ଡସୁତ ।
ପତରସଉରା- ଗୋରୀ ବସୁ କେତେ ଭାଳି
ଗଣ୍ଠିଧନ ତୁ ମୋ ଦୁଃଖୀ ସଙ୍ଗାଳି
ଗିରୀଶ ମୋହିନୀ ବାଳୀ
ଗଭାରେ ତୋ ପୁଷ୍ପାଞ୍ଜଳି
ଗଣ୍ଡା ଗଣ୍ଡା ହୋଇ ଅଳି
ଗୋଡ଼ାନ୍ତି ନବ ଛଇଳି
ରତିଦିଅରେ, ରତିଦିଅ
ରତିଦିଅରେ କାମକେଳି, ମୋ ଗଳାମାଳିରେ ।

Digitized by PPRACHIN, SOA

ସଉରୁଣୀ – ଘରଣୀ ନେଲେ ଘୋଡ଼ାଇ
ଘର କଥା ଜଣା ପଡ଼ଇ ନାହିଁ
ଘଇତା ହୋଇଣ ଅଛୁରେ ତୁହି
ଘଟାଇଛି ମୋତେ ତୋ ପାଖେ ବିହି
ଘଡ଼ି ଘଡ଼ି ମୋର ମନେ ପଡ଼ଇ
ଘାଣ୍ଟି ହୋଇଣରେ, ଘାଣ୍ଟି ହୋଇଣ
ଘାଣ୍ଟି ହୋଇଣ ମରୁଛି ମୁହିଁରେ, ଘରକୁ ଚାହିଁ ।

ପତରସଉରା– ଆରେ ନବରସବତୀ
ଆଜ ହୋଇଛି କି ଉଆଁସ ରାତି
ଏଡ଼େ ନିର୍ଦ୍ଦୟାରେ କହୁ ଭାରତି
ଅରୁଣଅଧରା ମୋ ପ୍ରିୟାବତୀ
ନାହିଁ ତୋ ବିନୁ ଆନ ଯୁବତୀ
ରତିଦିଅରେ, ରତିଦିଅ
ରତିଦିଅ ତୋ କରି ଝଟତିରେ, ହର ଦୁର୍ଗତି ।

ସଉରୁଣୀ – ଚଞ୍ଚଳ ପୁରୁଷ ମତି
ଚୋରଙ୍କ ପରାଏ କରନ୍ତି ପ୍ରୀତି
ଚାହିଁଲେ ପର ଯୁବତୀ
ଚିତ୍ତ ହୁଅଇ କରତି
ଚନ୍ଦ୍ରରେ ଦେଇଣ ମତି
ଚକୋର କଲେ ତୃପତି ।
ମୋ ପୁଷ୍ପରେ, ମୋ ପୁଷ୍ପ
ମୋ ପୁଷ୍ପରେ, ଭ୍ରମର ମାତିକି, ଲଭେ ଦୁର୍ଗତି ।

ଦଣ୍ଡନାଚରେ ସମାଜର ଦଳିତ ବର୍ଗର ଚରିତ୍ର ଗୁଡ଼ିକର ଉପସ୍ଥାପନ ବେଶ୍ ମାର୍ମିକ । ଦଣ୍ଡନାଚର ଧୋବା ଚରିତ୍ରରେ ଏହା ପ୍ରତିଫଳିତ । ଯେପରି-ଧୋବା ନିଜର ପରିଚୟ ଦେଇ ଆସିଛି –

"ସିଠି ସିଠି ବୋଲିଣ କେତେ ଡାକ ପଡ଼ିଛି, ସିଠି ସିଠି.....
ଧାଇଁ ଧାଇଁ ନିତି ମୋର ଜ୍ଞାନ ଉଡୁଛି ।
ଆଠଦିନ ହେଲା ମୁହିଁ, ତୋଠ ଆଉ କରି ନାହିଁ
ବେଠି ମାଡ଼ରେ ପିଠିରୁ ଛାଲ ଛାଡୁଛି, ସିଠି ସଠି.....

Digitized by PPRACHIN, SOA

ରେଙ୍ଗୁନ୍ ଯିବାକୁ ମନ, ହେଉଅଛି ଛନ ଛନ
ଭାରିଯା ଦୁର୍ଦ୍ଦଣ୍ଡୀ ନିତି କାନ ମୋଡୁଛି ।"

ଦର୍ଶକମାନଙ୍କ ମନକୁ ଛୁଇଁଲାପରି ଦଣ୍ଡନାଟରେ ଯଥେଷ୍ଟ ଉପାଦାନ ରହିଛି । ହାସ୍ୟରସ ସୃଷ୍ଟି କରିବାପାଇଁ ପ୍ରତ୍ୟେକ ସୁଆଙ୍ଗରେ ମଧ୍ୟ ଯଥେଷ୍ଟ ଖୋରାକ ରହିଛି ।

ନୟାଗଡ଼ ଜିଲ୍ଲାରେ ଦଣ୍ଡନାଟର ପ୍ରଚାର ଓ ପ୍ରସାର ପାଇଁ ଯେଉଁ କେତେଜଣ ଯଶସ୍ୱୀ ଲେଖକ ସାଧୁ ଉଦ୍ୟମ କରିଛନ୍ତି ସେମାନଙ୍କ ମଧ୍ୟରେ ରଘୁନାଥ ଦାସଙ୍କ ନାମ ଉଲ୍ଲେଖଯୋଗ୍ୟ । ରଘୁନାଥ ଦାସଙ୍କ ରଚିତ ଦଣ୍ଡନାଟର ଗୀତ ନୟାଗଡ଼ ଅଞ୍ଚଳରେ ଗ୍ରାମଗୁଡ଼ିକରେ ଦଣ୍ଡନାଚରେ ପ୍ରଚଳିତ । ମହୀପୁର ତାଙ୍କର ଜନ୍ମସ୍ଥାନ ଓ ବାସସ୍ଥାନ । ୧୮୮୧ ମସିହାରେ ସେ ଜନ୍ମଲାଭ କରିଥିଲେ । ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗରେ କର୍ମଚାରୀ ଭାବରେ ସେ ଜୀବିକା ନିର୍ବାହ କରିଥିଲେ । ସେ ଦଣ୍ଡନାଟର ପ୍ରତ୍ୟେକ ସୁଆଙ୍ଗ ପାଇଁ ଗୀତ ରଚନା କରିଥିଲେ । ତାଙ୍କ ଦଣ୍ଡନାଟ ଗୀତ ଗୁଡିକର ଭାଷା ଶ୍ରୁତିରଞ୍ଜକ, ଲାଳିତ୍ୟପୂର୍ଣ୍ଣ ଓ ମନଛୁଆଁ । ସ୍ଥାନେ ସ୍ଥାନେ ଏହା ଆଳଙ୍କାରିକ ରଚନାସ୍ତରକୁ ଉନ୍ନୀତ ହୋଇପାରିଛି । ସ୍ଥାନେ ସ୍ଥାନେ ଏହା ହାସ୍ୟରସଯୁକ୍ତ । ନୟାଗଡ଼ ଜିଲ୍ଲାରେ ଦଣ୍ଡନାଟର ସଫଳ ଲେଖକ ଭାବରେ ରଘୁନାଥ ଦାସ ଏକ ସ୍ମରଣୀୟ ଆସନର ଅଧିକାରୀ ହେବେ ନିଶ୍ଚୟ । ନୟାଗଡ଼ ଅଞ୍ଚଳରେ ଦଣ୍ଡନାଟର ଅନ୍ୟ ଯେଉଁ କେତେଜଣ ଲେଖକ ଦୃଷ୍ଟି ପଥାରୂଢ଼ ହୁଅନ୍ତି ସେମାନେ ହେଲେ ବିନ୍ଧ୍ୟଗିରି ଗ୍ରାମର ଅଗାଧୁ ଭୀଣା, ହରିପୁରର ହାତୀ ସଂଗ୍ରାମସିଂହ, ମାଳିସର ଗ୍ରାମର ଭାଗବତ ପ୍ରଧାନ, ଗୋବିନ୍ଦପୁର ଗ୍ରାମର ଗୋପୀନାଥ ପରିଡ଼ା, ଖୁଣ୍ଟୁବନ୍ଧର ଦୀନବନ୍ଧୁ ରଥ, ରାଜପାଟଣାର ରଘୁନାଥ ମୁଦୁଲି, ରାବରା ଗ୍ରାମର ନରସିଂହ ମହାପାତ୍ର, ଫାଶିପଡ଼ାର ହରିହର ନାୟକ, ମହୀପୁରର ଏକାଦଶୀ ମହାପାତ୍ର ଓ ଫକୀର ମହାନ୍ତି । ଦଶପଲ୍ଲା ଅଞ୍ଚଳର ଦଣ୍ଡନାଟ ଲେଖକମାନଙ୍କ ମଧ୍ୟରେ ଫକୀର ଦାଶ, କାଶୀନାଥ, ବାଲୁଙ୍କେଶ୍ୱର ନନ୍ଦ ସ୍ମରଣୀୟ । ଓଡ଼ଗାଁ ଅଞ୍ଚଳର ଦଣ୍ଡନାଟ ଲେଖକ ହେଉଛନ୍ତି ମାଗୁଣି ଦାଶ, ନିଧି ପନ୍ଦରା ଓ ଶିବଦାସ । ଖଣ୍ଡପଡାର ପ୍ରସିଦ୍ଧ ଦଣ୍ଡନାଟ ଲେଖକ ହେଉଛନ୍ତି ସପନେଶ୍ୱର ମହାରଣା । ଖଣ୍ଡପଡ଼ା ଅଞ୍ଚଳର ଅନ୍ୟ ଲେଖକ ହେଉଛନ୍ତି ଭାଗବତ ପଗଡ଼, ଭାଗୀରଥି ବେହେରା, ବିପ୍ର ମଦନ ଦାସ, ଲୋକନାଥ ମହାରଣା, ହରେକୃଷ୍ଣ ଦାଶ, ଈଶ୍ୱର ସାହୁ ଓ ସୁଦର୍ଶନ ମହାପାତ୍ର । ରଣପୁରର ସ୍ୱନାମଧନ୍ୟ ଦଣ୍ଡନାଟ ଲେଖକ ହେଉଛନ୍ତି ଅଗାଧୁ ପଟ୍ଟଯୋଷୀ, ହରେକୃଷ୍ଣ ଦାସ ।

ପାଲା :

'ପାଲା' ଶବ୍ଦ ସଂସ୍କୃତ 'ପର୍ଯ୍ୟାୟ'ରୁ ଆସିଥିବାର ଅନୁମାନ କରାଯାଏ । ଏହାର ଅର୍ଥ ହେଉଛି ପାଳି । ପାଲାରେ ମୁଖ୍ୟ ଗାୟକ ପ୍ରଥମେ ଗାଆନ୍ତି ଏବଂ

Digitized by PPRACHIN, SOA

ପରେ ପାଳିଆମାନେ ପାଳିଧରି ଉକ୍ତଗୀତର ପୁନରାବୃତ୍ତି କରନ୍ତି । ଏହି କାରଣରୁ ଏହାର ନାମ ପାଲା ହୋଇଥିବା ଅନୁମେୟ । ପ୍ରତି ପାଲାଦଳରେ ପାଞ୍ଚ/ ଛଅ ଜଣ କଳାକାର ଥାଆନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଗାୟକ ଏବଂ ଅନ୍ୟମାନେ ତାର ସହଯୋଗୀ ବା ପାଳିଆ । ସେଥିମଧ୍ୟରୁ ଜଣେ ବାୟକ, ଯେ କି ମୃଦଙ୍ଗ ବଜାନ୍ତି । ଜଣେ ଡାହାଣ ପାଳିଆ ଓ ଜଣେ ବାମ ପାଳିଆ । ଗାୟକ ହାତରେ ଗିନି ଓ ଚାମର ଧରି ପାଲାର ପଦମାନ ବୋଲନ୍ତି । ପାଲାର ପ୍ରାରମ୍ଭରେ ପଞ୍ଚଦେବତା (ଗଣେଶ, ନାରାୟଣ, ରୁଦ୍ର, ଅମ୍ବିକା ଓ ଭାସ୍କର)ଙ୍କର ବନ୍ଦନା ଗାନ କରାଯାଏ । ଗାୟକ ସତ୍ୟନାରାୟଣଙ୍କର ବନ୍ଦନା ଗାଇଥାନ୍ତି । ଏହାପରେ ଗାୟକ ଜଗନ୍ନାଥଙ୍କର ବନ୍ଦନା ଗାନ କରନ୍ତି-

ଗାୟକ - ଜୟ ଜୟ ଜଗନ୍ନାଥ ନୀଳଗିରିବାସୀ
ଅନନ୍ତ ଅଙ୍କ ବିହାରୀ କମଳ ବିଳାସୀ
ତୁମ୍ଭ କୃପାବଳେ ଆତଯାତ ତିନିପୁର
ଚରାଚର ନକ୍ଷତ୍ରାଦି ଚନ୍ଦ୍ର ଦିବାକର ।
ଜୟ ଜୟ ଜଗନ୍ନାଥ ନୀଳାଚଳମୁଦ୍ରା
ଅନନ୍ତ ନାଗ ଉପରେ ତୋର ଯୋଗ ନିଦ୍ରା
ଯାଇ ନ ପାରି ଭକ୍ତ ଯେ ଡାକୁଛି ବହୁଦୂର
ଲୟ ଲଗାଇଛି ପ୍ରଭୁ ଶ୍ରୀରଙ୍ଗାପୟର ।
ଭାବକୁ ନିକଟ ପ୍ରଭୁ ଅଭାବେ ଅଭେଟ
ଭାବିଲା ଲୋକ ଜାଣେ ବୈକୁଣ୍ଠ କେତେ ବାଟ ।
ଭାବରୁ ବୃନ୍ଦାବନରେ ଚରାଇଲ ଗାଈ
ଭାବରୁ ଯମୁନାରେ ଯେ ହୋଇଲ ତରାଇ ।
ଭାବରୁ ଅର୍ଜୁନ ରଥରେ ହୋଇଲ ସାରଥୀ
ଭାବରୁ ରଖିଥିଲ ହେ ଭରତିଆ ପକ୍ଷୀ ।
ଭାବରୁ ଶବରୀ ଘରେ ଖାଇଲ ଅଇଁଠା
ଭାବରୁ ଶ୍ରୀବସ୍ତ୍ର ବ୍ରାହ୍ମଣ ମାଇଲା ଗୋଇଠା ।(ଇତ୍ୟାଦି)

ଜଗନ୍ନାଥଙ୍କ ବନ୍ଦନା ଗାଇବା ସାରିବା ପରେ ଗାୟକ ବାଗ୍‌ଦେବୀ ସରସ୍ୱତୀଙ୍କର ବନ୍ଦନା ଗାନ କରିଥାନ୍ତି ଏବଂ ପାଳିଆମାନେ ତାଙ୍କ ଗୀତକୁ ପାଳି ଧରିଥାନ୍ତି । ଗାୟକ ଗାଇଥାନ୍ତି-

ଗାୟକ- କଜ୍ଜଳପୂରିତ ଲୋଚନ ଧାର
କଣ୍ଠରେ ଶୋଭିତ ମୁକୁତା ହାର ।

Digitized by PPRACHIN, SOA

ଅଇଲେ ସରସ୍ୱତୀ ନିର୍ମଳ ମନେ
ରତ୍ନ ବିଭୂଷିତ କୁଣ୍ଡଳ କର୍ଣ୍ଣେ ।
ଗଳାକୁ ଗଜମୋତି ମୁକୁତା ହାର
ଦିଅ ମା' ସରସ୍ୱତୀ ବିଦ୍ୟା ଭଣ୍ଡାର ମା' ।

ଏହାପରେ ଶାରଳା ଠାକୁରାଣୀ ଓ ଅନ୍ୟ ଦେବଦେବୀଙ୍କର ବନ୍ଦନା ଗାନ କରନ୍ତି । କବି କର୍ଣ୍ଣ ହେଉଛନ୍ତି ଓଡ଼ିଶାର ଶ୍ରେଷ୍ଠ ପାଲାକାର । ସେ ଖୋଳପାଲାର ରଚୟିତା । ଏହା ବ୍ୟତୀତ ଭ୍ରମରବର ପାଲା, ଶ୍ୱେତ ବସନ୍ତ ପାଲା, ହରି ଅର୍ଜୁନ ପାଲା, ରତ୍ନାକର ପାଲା ବେଶ ଲୋକପ୍ରିୟ ।

ନୟାଗଡ଼ ଜିଲ୍ଲାର ନୟାଗଡ଼, ଖଣ୍ଡପଡ଼ା, ରଣପୁର ଓ ଦଶପଲ୍ଲା ପ୍ରଭୃତି ଅଞ୍ଚଳରେ ସତ୍ୟପୀର ପୂଜା ଓ ପାଲା ପରିବେଷଣ ଦେଖିବାକୁ ମିଳେ । ଦଣ୍ଡନାଟ ପରି ପାଲା ପ୍ରତି ମଧ୍ୟ ଏ ଅଞ୍ଚଳରେ ଲୋକମାନଙ୍କର ଆଗ୍ରହ ଅତୁଟ । ସାଧାରଣତଃ ସନ୍ତାନ କାମନା ପାଇଁ କିମ୍ବା ଜନ୍ମିତ ସନ୍ତାନର ଏକୋଇଶିଦିନ ପୂରଣ କିମ୍ବା ଏକ ବର୍ଷ ପୂରଣ ଉପଲକ୍ଷେ ପାଲାକର୍ତ୍ତା ପାଲା କରାଇଥାନ୍ତି । ଏହା ବ୍ୟତୀତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ପାଲା ପରିବେଷଣ କରାଯାଏ । ଏହି ଅଞ୍ଚଳରେ ବାଦୀପାଲା ମଧ୍ୟ ଅନୁଷ୍ଠିତ ହୁଏ । ନୟାଗଡ଼ ଜିଲ୍ଲାରେ କେତେକ ସ୍ଥାନରେ କେବଳ ମହିଳା ମାନଙ୍କଦ୍ୱାରା ପାଲାଦଳ ଗଠନ କରାଯାଇ ପାଲା ପରିବେଷଣ କରାଯାଉଛି । ସେଥିମଧ୍ୟରୁ ସାଲୁଣୀଗ୍ରାମର ଗାୟିକା ସନ୍ଧ୍ୟାରାଣୀ ବେହେରା ଓ ଖଣ୍ଡପଡା ଅଞ୍ଚଳର ଦୁବପଲ୍ଲୀ ଗ୍ରାମର ଗାୟିକା ମନୋରମା ପଣ୍ଡାଙ୍କ ଉଦ୍ୟମ ପ୍ରଶଂସାର୍ହ । ନୟାଗଡ଼ ଜିଲ୍ଲାର ପାଲାଗାୟକମାନେ ସାଧାରଣତଃ ପାଲାର କଥାବସ୍ତୁ ରାମାୟଣ, ମହାଭାରତ ଓ ବିବିଧ ପୁରାଣ ମାନଙ୍କରୁ ଆହରଣ କରି ପରିବେଷଣ କରିଥାଆନ୍ତି । ସ୍ଥାନୀୟ କବିମାନଙ୍କର କାବ୍ୟକୃତିରୁ ମଧ୍ୟ ପଦମାନ ଚୟନ କରି ସେମାନେ ସୁଲଳିତ କଣ୍ଠରେ ଗାନ କରିଥାନ୍ତି । ନୟାଗଡ଼ ଜିଲ୍ଲାସ୍ତରୀୟ ପାଲାଗାୟକମାନଙ୍କର ଏକ ସଙ୍ଗଠନ କରାଯାଇ ସମ୍ପ୍ରତି ପାଲାର ବିକାଶ ଦିଗରେ ବିଶେଷ ଧ୍ୟାନ ଦିଆଯାଉଛି ।

ନୟାଗଡ ଜିଲ୍ଲାର ପ୍ରତିଷ୍ଠିତ ଏବଂ ପରଲୋକଗତ ଗାୟକମାନଙ୍କ ମଧ୍ୟରେ ଶରଣକୁଳର ଜଗନ୍ନାଥ ମହାପାତ୍ର, ଗମ୍ଭାଡ଼ି ଗ୍ରାମର ଶ୍ରୀବତ୍ସ ମହାପାତ୍ର, ଦେଉଳି ଗ୍ରାମର ସୋମନାଥ ତ୍ରିପାଠୀ ଓ ଖଣ୍ଡପଡ଼ା ଚିଙ୍ଗୁଡ଼ି ଗାଡ଼ିଆର ମାଧବ ସାହୁଙ୍କ ନାମ ସ୍ମରଣଯୋଗ୍ୟ । ସମ୍ପ୍ରତି ନୟାଗଡ଼ ଜିଲ୍ଲାର ପ୍ରତିଷ୍ଠିତ ପାଲା ଗାୟକମାନଙ୍କ ମଧ୍ୟରେ ରମାବିଲଗ୍ରାମର ଗାୟକସମ୍ରାଟ ବିଶ୍ୱନାଥ ପଟ୍ଟଯୋଷୀ, ଖଣ୍ଡପଡାର ଗାୟକକେଶରୀ ଉଦୟନାଥ ରଥଶର୍ମା, ଜଗନ୍ନାଥ ବାରିକ, ଗୋବିନ୍ଦ ପଣ୍ଡା,

Digitized by PPRACHIN, SOA

ପ୍ରଫୁଲ୍ଲ ଷଡ଼ଙ୍ଗୀ, ଅଗାଧୁ ପ୍ରହରାଜ, ଦଶପଲ୍ଲାର ଲକ୍ଷ୍ମଣ ବାରିକ, ରଣପୁର ଅଞ୍ଚଳର ରବୀନ୍ଦ୍ର ସାମନ୍ତରାୟ, ଅଗାଧୁ ଭଞ୍ଜ, ନୟାଗଡ଼ ଅଞ୍ଚଳର ଧନେଶ୍ୱର ପଳାତା, ବିନାୟକ ମିଶ୍ର, ମୋହନ ମହାପାତ୍ର, ରାଜକିଶୋର ମହାପାତ୍ର, ଚନ୍ଦ୍ରମଣି ନାୟକ, ଗଙ୍ଗାଧର ନାୟକ, ଯୋଗେଶ୍ୱର ସ୍ୱାଇଁ, ବୃନ୍ଦାବନ ଆଚାର୍ଯ୍ୟ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଦାସକାଠି :

ଦାସକାଠି ଏକ ଲୋକନାଟକ ଯାହା ରାମଧର୍ମକୁ ଭିତ୍ତିକରି ଗଢ଼ି ଉଠିଛି । ଭଞ୍ଜଭୂମି ଘୁମୁସର ତଥା ସମଗ୍ର ଗଞ୍ଜାମ ଏହାର ଲୀଳାସ୍ଥଳୀ ହେଲେ ହେଁ ଏହା ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ସଞ୍ଚାରିତ ହୋଇଛି । ଏହା ସାଧାରଣ ଜନତାଙ୍କ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ଏକ ସାର୍ଥକ ଲୋକନାଟ୍ୟ । ଯେଉଁମାନେ ଦାସକାଠି ବଜାନ୍ତି ତାଙ୍କୁ ଦାସକାଠିଆ କୁହାଯାଏ । ଦାସକାଠି ପାଇଁ ଦୁଇଖଣ୍ଡ କାଠି ଦରକାର ହୁଏ । ଏହି ଦାସକାଠିରେ ଝୁମୁକା ଲାଗିଥାଏ । ଦାସକାଠିଆମାନେ ଦାସକାଠି ଯୋଡ଼ିକୁ ଏକ ହାତରେ ଧରି ହାତକୁ ମୁଠାଇଲେ ଓ ମେଲାଇଲେ ଏହା ବାଜେ । ହାତରେ ଧରି ରଖିବା ପାଇଁ ଏହି କାଠି ଦ୍ୱୟରେ କଣାଥାଏ । ସାଧାରଣତଃ ହଳୁଆ ବ୍ରାହ୍ମଣମାନେ ଦାସକାଠି ବଜାଇ ଥାନ୍ତି । କିନ୍ତୁ ବର୍ତ୍ତମାନ ଯେ କୌଣସି ଜାତିର ଲୋକ ଦାସକାଠି କରୁଥିବାର ଲକ୍ଷ୍ୟ କରାଯାଏ । ଦାସକାଠିଆମାନେ ନାଚୋପଯୋଗୀ ପୋଷାକ ପିନ୍ଧନ୍ତି ଓ ମଥାରେ ପଗଡ଼ି ଭିଡ଼ିଥାନ୍ତି । ଦାସକାଠିକୁ ବଜାଇ ବାଦ୍ୟର ତାଳେ ତାଳେ ପାଦ ପକାଇ ସେମାନେ ନାଚନ୍ତି । ଦୁଇଜଣଙ୍କୁ ନେଇ ଦାସକାଠିଆ ଦଳ ଗଠିତ । ସେଥିରୁ ଜଣେ ଗାୟକ ଓ ଅନ୍ୟଜଣେ ପାଳିଆ ।

ନୟାଗଡ଼ ଜିଲ୍ଲାରେ ଦାସକାଠିର ଆଦର ରହିଛି । ଖୋଲା ମଞ୍ଚର ଚାରିପାଖେ ଲୋକମାନେ ସମବେତ ହୋଇ ଦାସକାଠି ଉପଭୋଗ କରନ୍ତି । ଗାୟକ ପ୍ରଥମେ ଶ୍ରୀରାମଚନ୍ଦ୍ର, ଶାରଳା ଠାକୁରାଣୀ, ସରସ୍ୱତୀ, ନାରାୟଣ ଏବଂ ପଞ୍ଚଦେବତାଙ୍କର ବନ୍ଦନା ଗାନ କରନ୍ତି । ଏହାପରେ ବିଷୟବସ୍ତୁ ଆରମ୍ଭ ହୁଏ । ସାଧାରଣତଃ ନୟାଗଡ଼ ଅଞ୍ଚଳରେ ଦାସକାଠି ଗାୟକ ମହାଭାରତର ସଚଳାହରଣ, ନୀଳେନ୍ଦ୍ରୀହରଣ, ଶଶିରେଖା ହରଣ, ଚନ୍ଦ୍ରକଳା ହରଣ, ଚନ୍ଦ୍ରାବତୀ ହରଣ, ଉଷାହରଣ, ଅଭିମନ୍ୟୁବଧ, ରାମାୟଣର ସେତୁବନ୍ଧ ପ୍ରତିଷ୍ଠା, ମାୟାମୃଗ, ରାମ ହନୁମାନ ଭେଟ ପ୍ରଭୃତି ବିଷୟ ବର୍ଣ୍ଣନା କରିଥାଆନ୍ତି । ମଝିରେ ମଝିରେ ପାଳିଆ ଗାଇଥାନ୍ତି, "ଜୟ ରାମ ଯେ, ଭଜ ରାମ ଯେ, ନବୀନ ସୁନ୍ଦର ଘନଶ୍ୟାମ ଯେ ।" ବିଷୟବସ୍ତୁ ପରିବେଷଣବେଳେ ଗାୟକ ଓ ପାଳିଆ ବିଭିନ୍ନ ଚରିତ୍ରର ଭୂମିକାରେ ଅବତରଣ କରି ପାତ୍ରୋପଯୋଗୀ ସଂଳାପ ବ୍ୟବହାର କରନ୍ତି । ସ୍ଥଳ ବିଶେଷରେ ସେମାନେ ହାସ୍ୟରସ ସୃଷ୍ଟିକରି ଦର୍ଶକମାନଙ୍କର

Digitized by PPRACHIN, SOA

କ୍ଳାନ୍ତିକୁ ଅପନୋଦନ କରିଥାନ୍ତି । ସାଧାରଣତଃ ଦାସକାଠି ବିଭିନ୍ନ ପର୍ବପର୍ବାଣିଦିନ ହେବାର ଦେଖାଯାଏ ।

ନୟାଗଡ଼ ଜିଲ୍ଲାରେ ପ୍ରତିଷ୍ଠିତ ଦାସକାଠି ଗାୟକମାନଙ୍କ ମଧ୍ୟରେ ନୟାଗଡ଼ ଅଞ୍ଚଳର ହୃଷୀକେଶ ଆଚାର୍ଯ୍ୟ (ଜେମାଦେଈପୁର), କୈଳାସ ଚନ୍ଦ୍ର ସାହୁ (ବରପଲ୍ଲୀ), ଖଣ୍ଡପଡ଼ା ଅଞ୍ଚଳର ମାଟିଆ ସାହୁ (ଗୋପାଳପଡ଼ା), ଲଡୁକେଶ୍ୱର ଶୁକ୍ଳ, ବିଜୟ କୁମାର ବେହେରା, ସୁଦର୍ଶନ ରାଉତରା (ଫତେଗଡ), କାଳିନ୍ଦୀ ଚରଣ ବେହେରା (ଚିଙ୍ଗୁଡ଼ିଗାଡିଆ), ରଣପୁର ଅଞ୍ଚଳର ଦାମୋଦର ମହାପାତ୍ର, ବ୍ରଜବନ୍ଧୁ ପ୍ରଧାନ ପ୍ରଭୃତିଙ୍କ ନାମ ସ୍ମରଣଯୋଗ୍ୟ ।

ରାମଲୀଳା :

ରାମ ଚରିତକୁ ଭିତ୍ତିକରି ସୃଷ୍ଟି ହୋଇଥିବା ଲୀଳାକୁ ରାମଲୀଳା କୁହାଯାଏ । ରାମଲୀଳା ଏକ ଭକ୍ତିରସାତ୍ମକ ଲୋକନାଟ୍ୟ । ଓଡ଼ିଶାରେ ଯେତେ ସବୁ ଲୀଳା ପ୍ରଚଳିତ ସେମାନଙ୍କ ମଧ୍ୟରେ ରାମଲୀଳା ହିଁ ପ୍ରାଚୀନତମ । ନୟାଗଡ଼ ଜିଲ୍ଲାରେ ରାମଲୀଳାର ଏକ ବଳିଷ୍ଠ ପରାମ୍ପରା ରହିଛି । ନୟାଗଡ଼ ଜିଲ୍ଲାର ଓଡ଼ଗାଁ ଠାରେ ଏବଂ ଗଡ଼ ନିକଟବର୍ତ୍ତୀ ଢେଙ୍କଣାଠାରେ ପ୍ରାଚୀନ ରଘୁନାଥ ମନ୍ଦିର ଦେଖିବାକୁ ମିଳେ । ଏହି ଉଭୟ ସ୍ଥାନରେ ଚୈତ୍ରମାସ ଶୁକ୍ଳନବମୀ ଦିନଠାରୁ ଆରମ୍ଭ ହୋଇ ଏକୋଇଶି ଦିନ ପର୍ଯ୍ୟନ୍ତ ରାମନବମୀ ଯାତ୍ରା ମହାସମାରୋହରେ ପାଳିତ ହୁଏ । ନୟାଗଡ଼ ଜିଲ୍ଲାର ଦଶପଲ୍ଲାଠାରେ ଓଡ଼ିଶା ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା ପାଳିତ ହୁଏ । ଏହା ବ୍ୟତୀତ ନୟାଗଡ଼ର ବିଭିନ୍ନ ଗ୍ରାମ ଗୁଡିକରେ ରହିଥିବା ଶ୍ରୀରାମ ମନ୍ଦିର ନିକଟରେ ଏହି ଯାତ୍ରା ପାଳିତ ହୁଏ । ଏହି ସମୟରେ ରାମଲୀଳା ପାରମ୍ପରିକକ୍ରମେ ଅନୁଷ୍ଠିତ ହୁଏ । ନୟାଗଡ଼ ନିକଟବର୍ତ୍ତୀ ବାଙ୍କୋଇଗଡ଼ର ଅନଙ୍ଗ ନରେନ୍ଦ୍ର କୃତ ରାମଲୀଳା ଏ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବେଶ୍ ଆଦୃତ । ଏହା ବ୍ୟତୀତ ବିକ୍ରମ ନରେନ୍ଦ୍ରଙ୍କ କୃତ ରାମଲୀଳା ଓ ବୈଶ୍ୟ ସଦାଶିବଙ୍କର ରାମଲୀଳା ନୟାଗଡ଼ର ବିଭିନ୍ନ ଅଞ୍ଚଳରେ ନାଟ୍ୟଦଳମାନଙ୍କ ଦ୍ୱାରା ପରିବେଷଣ କରାଯାଏ । ରାମଲୀଳା ଅଭିନୀତ ହେବା ସମୟରେ ପ୍ରଥମେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କର ବନ୍ଦନା ଗାନ କରାଯାଏ । ବନ୍ଦନା ଗାନଟି ଏହିପରି-

"ରାମଲକ୍ଷ୍ମଣଂ ପୂର୍ବଜଂ ରଘୁବରଂ ସୀତାପତି ଯେ ସୁନ୍ଦରମ୍
କାକୁସ୍ଥକରୁଣାକରଂ ଗୁଣନିଧି ବିପ୍ରପ୍ରିୟଂ ଯେ ଧର୍ମିକଂ ଯେ
ପ୍ରଭୁ ରଘୁନନ୍ଦନ,
ତବ ପାଦତଳେ ନିବେଦନ ଯେ, ପ୍ରଭୁ ରଘୁନନ୍ଦନ ।"

Digitized by PPRACHIN, SOA

ରାମଲୀଳାରେ ସୀତାଚୋରୀ, ସେତୁବନ୍ଧ ପ୍ରତିଷ୍ଠା, ରାବଣବଧ, ମହୀରାବଣବଧ, ଲବକୁଶ ଜନ୍ମ ପ୍ରଭୃତି ପ୍ରସଙ୍ଗ ଉପରେ ଅଭିନୟ କରାଯାଏ । ସଂପ୍ରତି ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ନିକଟବର୍ତ୍ତୀ ସିଂହାପଡ଼ା, ରଣପୁରର କାସେନ୍ଦା ପ୍ରଭୃତି ଗ୍ରାମର ଲବକୁଶ ଜନ୍ମ ନାଟକ ବେଶ୍ ଲୋକପ୍ରିୟତା ଅର୍ଜନ କରିଛି । ଏହି ନାଟକରେ 'ଉଡ଼ନ୍ତା ହନୁମାନ' ଏକ ଚିତ୍ତାକର୍ଷକ ଅଭିନୟ । ଉଡ଼ନ୍ତା ହନୁମାନ ଆକାଶମାର୍ଗରେ ଏକ ଶକ୍ତ ଦଉଡ଼ିରେ ଆସୁଥିଲା ବେଳେ ନିମ୍ନ ଗୀତଟି ଗାନ କରାଯାଏ-

"ଜୟ ଜୟ ରାମଚନ୍ଦ୍ର ହେ ଅଖିଳ ବିହାରୀ
ଶ୍ୟାମସୁନ୍ଦର ତନୁ ହେ ବଇକୁଣ୍ଠ ଧାରୀ ।
କର ସୁଦୟା ବାରେ ହେ କୋଦଣ୍ଡଧାରଣ
କିପରି ରାକ୍ଷସପୁର କରିବି ନିଧନ ।
ଆହେ ସଉମିତ୍ରି ମୋର ହେ ଘେନ ନିବେଦନ
କିପରି ପାତାଳପୁରକୁ କରିବି ଦହନ ।
ଏତେ କହି ହନୁମାନ ହେ ଆକାଶେ ଉଡ଼ଇ
ଦେଖୁଥାଅ ସାଧୁଜନହେ ମନକର୍ଣ୍ଣ ଦେଇ ।
ଜୟ ଜୟ ରଘୁପତି ହେ ଶ୍ରୀରଘୁନନ୍ଦନ
ତୁମ୍ଭ ପାଦତଳେ ପ୍ରଭୁହେ ମୋର ନିବେଦନ ।
ଏତେ କହି ହନୁମାନ ହେ ବହନ ଚଳଇ
ଆକାଶ ମାର୍ଗରେ ଦେଖ ହେ ଘୂରିଣ ବୁଲଇ ।"

ନୟାଗଡ଼ ଜିଲ୍ଲାରେ ଯେଉଁ କେତେଜଣ ରାମଲୀଳାକାର ଅଛନ୍ତି ସେମାନଙ୍କ ମଧ୍ୟରେ ଖଣ୍ଡପଡ଼ାର ରାଜା ନଟବର ସିଂହ ମର୍ଦ୍ଦରାଜ ଅନ୍ୟତମ । ତାଙ୍କ ଦ୍ୱାରା ରଚିତ ଶ୍ରୀରାମଲୀଳା ସମଗ୍ର ଖଣ୍ଡପଡ଼ା ଅଞ୍ଚଳରେ ଲୋକପ୍ରିୟତା ଅର୍ଜନ କରିଛି । ନୟାଗଡ଼ ରାଜପାଟଣାଗ୍ରାମର ହରିହର ପାତ୍ର ରାମଲୀଳା ରଚନା କରିଛନ୍ତି । ସେ ପାଞ୍ଚଗୋଟି କାଣ୍ଡର ରଚୟିତା । ସେଗୁଡ଼ିକ ହେଉଛି ଆଦ୍ୟକାଣ୍ଡ, ଅଯୋଧ୍ୟାକାଣ୍ଡ, ଆରଣ୍ୟକ କାଣ୍ଡ, କିଷ୍କିନ୍ଧା କାଣ୍ଡ ଓ ସୁନ୍ଦରା କାଣ୍ଡ । ରାଜପାଟଣା ଗ୍ରାମର ଅନ୍ୟତମ ରାମଲୀଳାକାର ହେଉଛନ୍ତି ଗୌରହରି ସାହୁ । ସେ କେବଳ ଲଙ୍କାକାଣ୍ଡ ରଚନା କରିଥିଲେ । ନୟାଗଡ଼ର ନନ୍ଦପୁର ଗ୍ରାମର ରାମଲୀଳାକାର ହେଉଛନ୍ତି କୃଷ୍ଣଚନ୍ଦ୍ର ସାମନ୍ତ ସିଂହାର । ଇଟାମାଟି ଗ୍ରାମର ରାମଲୀଳାକାର ହେଉଛନ୍ତି ରଘୁନାଥ ଦାସ । ସେ ଛଅଗୋଟି କାଣ୍ଡ ରଚନା କରିଛନ୍ତି । ନୟାଗଡ଼ର ଅନ୍ୟତମ ରାମଲୀଳାକାର ହେଉଛନ୍ତି ନୀଳକଣ୍ଠ ହରିଚନ୍ଦନ । ରଣପୁର ଗଡ଼ଜାତର ଗଡ଼ବାଣୀକିଲୋ ଗ୍ରାମର ଦୈତାରି ଭୁଜବଳ ରାମଲୀଳା ରଚନା କରିଛନ୍ତି । ନୟାଗଡ଼ ଜିଲ୍ଲାର ଏହି ରାମଲୀଳା କୃତି ଗୁଡ଼ିକ ଅପ୍ରକାଶିତ ।

Digitized by PPRACHIN, SOA

କୃଷ୍ଣଲୀଳା :

ରାମଲୀଳା ପରି କୃଷ୍ଣଲୀଳା ଏକ ଭକ୍ତି ରସାତ୍ମକ ଲୋକନାଟକ । କୃଷ୍ଣ ଚରିତକୁ ଭିତ୍ତିକରି କୃଷ୍ଣଲୀଳାର ବିକାଶ ଘଟିଛି । ନୟାଗଡ଼ ଜିଲ୍ଲାରେ କୃଷ୍ଣଲୀଳାର ପ୍ରାଧାନ୍ୟ ରହିଛି । ନୟାଗଡ଼ର ବିଭିନ୍ନ ଗ୍ରାମରେ ରାଧାକୃଷ୍ଣ, ଗୋପୀକୃଷ୍ଣ, ଅନନ୍ତ ବାସୁଦେବ, ଗୋପୀନାଥ ମନ୍ଦିର ଓ ମଠ ରହିଛି । ଏହିସବୁ ମନ୍ଦିର ମାନଙ୍କରେ କୃଷ୍ଣ ଚରିତକୁ ଭିତ୍ତିକରି ଅନେକ ଲୀଳା ଅଭିନୀତ ହୁଏ । ନୟାଗଡ଼ ଜିଲ୍ଲାରେ ଅଭିନୀତ ହେଉଥିବା କୃଷ୍ଣଲୀଳା ମଧ୍ୟରେ 'ଶ୍ରୀକୃଷ୍ଣ ଜନ୍ମ', 'ଭୂତକେଳି', 'ଗିରିଗୋବର୍ଦ୍ଧନ', 'କାଳୀୟ ଦଳନ', 'ଅକ୍ରୂର ଗମନ', 'କଂସ ବଧ', 'ପ୍ରଭାସଯଜ୍ଞ', 'ଅର୍ଜ୍ଜୁନ କଳାହରଣ' ପ୍ରଭୃତି ଉଲ୍ଲେଖଯୋଗ୍ୟ । ଆଲୋଚ୍ୟ ଲୀଳାମାନଙ୍କ ମଧ୍ୟରେ 'କାଳୀୟଦଳନ' ଲୀଳାଟି ବେଶ ଲୋକପ୍ରିୟ ଓ ଜନାଦୃତ ଅଟେ । ନୟାଗଡ଼ ଗ୍ରାମାଞ୍ଚଳରେ କାଳୀୟଦଳନ ନାଟକକୁ ଲୋକମାନେ 'କାଳୀଦହନ' କହିଥାନ୍ତି । ନୟାଗଡ଼ ଜିଲ୍ଲାର କୃଷ୍ଣଲୀଳାକାର ମାନଙ୍କ ମଧ୍ୟରେ ବ୍ରଜବଲ୍ଲଭପୁରର ପରମାନନ୍ଦ ଶତପଥୀ, ଅଗାଧୁ ଶତପଥୀ, ଇଟାମାଟିର ଗଙ୍ଗାଧର ସାହୁ ଓ ଶିବଦାସ, ଖଣ୍ଡପଡ଼ା ଧଳାବନ୍ଧ ଗ୍ରାମର ଲୋକନାଥ କର ପ୍ରଭୃତିଙ୍କର ନାମ ସ୍ମରଣଯୋଗ୍ୟ । କାଳୀୟଦଳନ ନାଚ ନୟାଗଡ଼ ଜିଲ୍ଲାର ଲାଠିପଡ଼ା, ବଢ଼ିଆସାହି, ବାଙ୍କଶାଳୁଆ, ଭାଲିଆଡ଼ିହି, ଖଣ୍ଡପଡ଼ା, ଗୋପାଳିପଡ଼ା ଗ୍ରାମର କଳାକାରମାନେ ଅଭିନୀତ କରିଥାନ୍ତି ।

ସେହିପରି ରାଧାକୃଷ୍ଣ ଏବଂ ଗୋପାଙ୍ଗନାମାନଙ୍କୁ ନେଇ ରାସଲୀଳା ସୃଷ୍ଟି ହୋଇଛି । ରାସଲୀଳା ବିଭିନ୍ନ ପ୍ରକାରର, ଯଥା: ଶରତ ରାସ, ବସନ୍ତ ରାସ, ମହାରାସ, କୁଞ୍ଜରାସ ଓ ନିତ୍ୟରାସ । ରଣପୁର ମଝିଆଁ ଖଣ୍ଡର ଶିଶୁ ବନମାଳୀ ଦାସ ଏକ ବୃହତ ରାସଗ୍ରନ୍ଥ ରଚନା କରିଥିଲେ । ଏହା ବନମାଳୀ ରାସ ନାମରେ ପରିଚିତ । ଖଣ୍ଡପଡ଼ା ରାଜ୍ୟର ମର୍ଦ୍ଦବାଡ଼ି ଗ୍ରାମରେ ବାବାଜୀ ରାମଦାସ ରାଜା କୁଞ୍ଜବିହାରୀ ସିଂହ ମର୍ଦ୍ଦରାଜଙ୍କ ରାଜତ୍ୱକାଳରେ ଅବସ୍ଥାନ କରି ବ୍ରଜଲୀଳା, ଶରତ ରାସ ଓ ବସନ୍ତରାସ ରଚନା କରିଥିଲେ । 'ବ୍ରଜଲୀଳା' ଦଶଟି ବୋଲିରେ ବିଭକ୍ତ । ଏହି ଦଶବୋଲିରେ କୃଷ୍ଣ ଜନ୍ମଠାରୁ ଶରତ ରାସ ପର୍ଯ୍ୟନ୍ତ ବର୍ଣ୍ଣନା କରାଯାଇଛି । 'ଶରତ ରାସ' ଓ 'ବସନ୍ତ ରାସ' ଅଧାବଙ୍ଗଳା ଓ ଅଧା ଓଡ଼ିଆ ଭାଷାରେ ଲିଖିତ । 'ଶରତ ରାସ'ରେ ସଂସ୍କୃତ ଭାଗବତର ରାସ ପଞ୍ଚାଧ୍ୟାୟୀର ପ୍ରଭାବ ପଡ଼ିଛି । ସେହିପରି 'ବସନ୍ତ ରାସ'ରେ ଗୀତଗୋବିନ୍ଦର ପ୍ରଭାବ ପଡ଼ିଛି ।

ରଣପୁର ରାଜା ବେଣୁଧର ନରେନ୍ଦ୍ରଙ୍କ କନିଷ୍ଠ ଭ୍ରାତା ଟିକାୟତ ରାମଚନ୍ଦ୍ର ଭ୍ରମରବର ରାୟ ସାମନ୍ତ 'ଦୁର୍ଜ୍ଜୟମାନ ଲୀଳା' ରଚନା କରିଥିଲେ । ଏହା ୧୮୯୮ରେ

Digitized by PPRACHIN, SOA

କଟକର ରାୟ ପ୍ରେସ୍‌ରୁ ପ୍ରକାଶିତ ହୋଇଥିଲା। ଏଥିରେ ସପ୍ତସଖୀ ଓ ବୃନ୍ଦାଙ୍କର ପ୍ରୟାସଯୋଗୁଁ ରାଧାଙ୍କ ମନରୁ ମାନ ଦୂର ହେବା ବିଷୟ ବର୍ଣିତ। ରାଧା ଓ କୃଷ୍ଣଙ୍କର ମଧୁର ମିଳନରେ ବିଷୟର ପରିସମାପ୍ତି ଘଟିଛି। ନାଟ୍ୟରଥୀ ଗୋବିନ୍ଦ ଶୂରଦେଓ ଓଡ଼ିଆ ରାସଲୀଳାରେ ନବଜୀବନ ସଞ୍ଚାର କଲେ। ସେ ହେଉଛନ୍ତି ଓଡ଼ିଶାର ପ୍ରଥମ ପରିମାର୍ଜିତ ରାସସ୍ରଷ୍ଟା। ସେ ରାସରେ ପ୍ରଥମେ ଗଦ୍ୟସଂଳାପ, ଦୃଶ୍ୟ ବିଭାଗ ଓ ଦୃଶ୍ୟପଟର ପ୍ରଚଳନ କରିଥିଲେ। ତାଙ୍କର ରାସଗୀତ 'ଶୂରଦେଓଙ୍କ ରାସଗୀତ' ନାମରେ ପରିଚିତ। ଶୂରଦେଓଙ୍କ ରାସଗୀତ ବେଶ୍ ମନଛୁଆଁ। ଏହା ମଧ ବେଶ୍ ସଙ୍ଗୀତଧର୍ମୀ। ଯେପରି-

ଶ୍ରୀଗୌରାଙ୍ଗ ବନ୍ଦନା

ଜୟ ଗଉର ଗୋବିନ୍ଦ ଜଗତଭଞ୍ଜନ
ଅଜ୍ଞାନ ଅନ୍ଧ ନୟନ ଅମୃତ ଅଞ୍ଜନ।
ତପତକନକ କାନ୍ତି ପ୍ରେମିକର ଧନ
ଭକତ ହୃଦ-କୁମୁଦ ପ୍ରେମ ବରଧନ।
ଶୋକ ସନ୍ତାପ ହରଣ ମୁକତି ବାରଣ
ପାପୀ ପାପ ବିନାଶନ ବିପଦ କାରଣ।
ଭବ ସାଗର ତାରଣ ଦୀନ ଉଦ୍ଧାରଣ
ବନ୍ଦେ ତବ ଅରବିନ୍ଦ-ଯୁଗଳ ଚରଣ।

ଶ୍ରୀକୃଷ୍ଣ ବନ୍ଦନା

ଶ୍ରୀକୃଷ୍ଣ! ଜୟକୃଷ୍ଣ! କୃଷ୍ଣ ମୂଲ୍ୟ ନିଧି
କୃଷ୍ଣ ମତି, କୃଷ୍ଣ ପତି, ସରବ ସିଦ୍ଧି।
କୃଷ୍ଣରବି, କୃଷ୍ଣଶଶି, କୃଷ୍ଣ ଗଛ ପତର
କୃଷ୍ଣଧନ, କୃଷ୍ଣଜନ, କୃଷ୍ଣପ୍ରାଣ ଜଗତର।
କୃଷ୍ଣମନ୍ତର, କୃଷ୍ଣଯନ୍ତର, କୃଷ୍ଣପ୍ରେମ ବାରିଧି।

ଶ୍ରୀମତୀ ରାଧିକାଙ୍କ ବନ୍ଦନା

ଜୟଶ୍ରୀମତୀ ରାଧିକା ପ୍ରେମରାଜ୍ୟ ରାଣୀ
ବେଶକତି ପ୍ରେମରେ ଗଢ଼ା ପ୍ରତି ପ୍ରାଣୀ।
ତୁମେ ଜଗତର ବହୁମୂଲ୍ୟ ନିଧି
ତୁମେ ମହାମାୟା ମହାଯୋଗ ସିଦ୍ଧି
ତୁମ ମହିମାର ସୀମା କେ ପାରିବ ଜାଣି।

Digitized by PPRACHIN, SOA

ଶ୍ରୀକୃଷ୍ଣଙ୍କ ବଂଶୀପ୍ରତି

ରାଧାନାମେ ପ୍ରେମେ ବଂଶୀ ବାଜ ସପତସ୍ୱରେ
ପ୍ରେମ ପ୍ରତିଧ୍ୱନି ପ୍ରେମେ ବାଜୁ ଚଉପାଶରେ
ପ୍ରେମେଫୁଲୁ ଯମୁନାଟି ଚନ୍ଦ୍ରହାସରେ
ପ୍ରେମେ ଫୁଲ ଫୁଟି ଚହଟାଉ ପ୍ରେମ ବାସରେ
ପୁଲକାଅ ପ୍ରତି ପ୍ରାଣେ ପ୍ରେମ-ରାସରେ
ବେଗେ ଗୋଟି ଗୋଟି ବାନ୍ଧି ଆଣ ପ୍ରେମ ଫାଶରେ

ଶ୍ରୀମତୀ ରାଧିକା ପ୍ରତି ଲଳିତା

ଚାଲଗୋ ଚାଲଗୋ ଯମୁନାଯିବା
ଆନନ୍ଦେ ଗାଧୋଇ ମୋକ୍ଷ ଲଭିବା ।
ଯାର ନୀର-ଦରପଣ ଦେଖି ଆକାଶ
ଉଜ୍ଜ୍ୱଳ ଜ୍ୟୋତି ରତନ କରେ ବିକାଶ
ଯାଇ ତଟରେ ବସି
କେତେ ପ୍ରେମୀ ଯା'ର ତଟରେ ବସି,
ଗାଲରେ ସଙ୍ଗୀତ ଭାବରେ ରସି ।
ଯା'ର ତୀରେ ପ୍ରେମ ବରଷେ ଶଶୀ
ରଜନୀ ସହିତ ଗେଲରେ ହସି ।
ସେ ମହାସରିତେ ଚାଲ ଗୋ ଆଜି ବୁଡ଼ପାରି କାୟା ପୂତ କରିବା ।

ଶ୍ରୀମତୀ ରାଧାପ୍ରତି ଶ୍ରୀକୃଷ୍ଣ

ଜୟରାଧେ ! କୁହ ତୁହି ନାରୀ କିବାଦେବୀ
କିପରି ମୁଁ କାହା ସଙ୍ଗେ କି ଉପମାଦେବି ।
କିବା ତେଜ ରାଶି ଘେନି ସରଗର ଶିରି
ଉପନୀତ ମରତରେ ଆକାଶ କି ଚିରି
କହ କହ ରାଧେ ମୁଁ ଅଜ୍ଞାନ
ମୋତେ ଦିଅ ଦିବ୍ୟ ଚକ୍ଷୁ ଦାନ
ଜୀବଥିବାଯାଏ ତବ ପଦ ଥିବି ସେବି ।

ଶ୍ରୀକୃଷ୍ଣ ପ୍ରତି ଶ୍ରୀମତୀ ରାଧିକା

ମୋର ଜୀବଜୀବନ ସେହି ମନମୋହନ
ସେହି ମୋର ଭଜନ ସେହି ମୋର ନୟନ

Digitized by PPRACHIN, SOA

ଭାବିଲେ କି ଭାବ ହୁଏ ଉଦୟ
ନାଚି ନାଚି ଉଠେ ପ୍ରେମେ ହୃଦୟ
ସେହି ମୋର ଧନମାନ ଜାଗରଣ ଶୟନ ।

ନୟାଗଡ଼ ଅଞ୍ଚଳରେ ଶୂରଦେଓଙ୍କ ରାସର ଯଥେଷ୍ଟ ଆଦର ରହିଛି । ଶୂରଦେଓଙ୍କ ରଚନା ଶୈଳୀ, ଭାଷା, ଏବଂ ଭାବ ଦୃଷ୍ଟିରୁ ଯେପରି ସାବଲୀଳ, ସେହିପରି ଆଧ୍ୟାତ୍ମିକତାର ସ୍ପର୍ଶରେ ମହନୀୟ । ସୁତରାଂ ନୟାଗଡ଼ବାସୀଙ୍କୁ ଏହା ଅପୂର୍ବ ରସବୋଧରେ ଆମୋଦିତ କରି ଆସୁଅଛି ।

ବାସ୍ତବିକ କୃଷ୍ଣଲୀଳା ଭକ୍ତିରସ ପିପାସୁ ଜନତାର ତୃଷା ମେଣ୍ଟାଇବାପାଇଁ ଏକ ସାର୍ଥକ ଲୋକନାଟକ ।

ଭାରତଲୀଳା :

ନୟାଗଡ଼ ଜିଲ୍ଲାରେ ପ୍ରଚଳିତ ଥିବା ଅନ୍ୟତମ ଲୋକନାଟକ ହେଉଛି ଭାରତଲୀଳା । ଏହାକୁ ଦୁଆରୀ ନାଚ କୁହାଯାଏ । କାରଣ ଏହି ନାଚରେ ଦ୍ୱାରୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦ୍ୱାରୀ ଉଭୟ ଅର୍ଜ୍ଜୁନ ଓ ସୁଭଦ୍ରାଙ୍କ ମଧ୍ୟରେ ମଧ୍ୟସ୍ଥତା କରିଥାନ୍ତି । ଏହି ନାଟରେ ଦ୍ୱାରୀ ଚରିତ୍ରର ପ୍ରଧାନ ବିଶେଷତ୍ୱ ହେଉଛି ଯେ ଦ୍ୱାରୀ ସ୍ୱୟଂ ଜଣେ ବହୁଶାସ୍ତ୍ର ଅଧ୍ୟୟନକାରୀ ବ୍ୟକ୍ତି ଏବଂ ଜଣେ ପରିହାସ୍ୟକାରୀ ବ୍ୟକ୍ତି ମଧ୍ୟ । ନୟାଗଡ଼ ଅଞ୍ଚଳରେ ଭାରତଲୀଳା ବେଶ୍ ଲୋକପ୍ରିୟ । ଏହି ଲୀଳାର ବିଷୟବସ୍ତୁ ମହାଭାରତରୁ ଗୃହୀତ । ଭାରତଲୀଳାର ମୁଖ୍ୟ ଚରିତ୍ର ଦ୍ୱୟ ହେଉଛନ୍ତି ମଧ୍ୟମ ପାଣ୍ଡବ ଅର୍ଜ୍ଜୁନ ଓ ଶ୍ରୀକୃଷ୍ଣଙ୍କର ଭଗ୍ନୀ ସୁଭଦ୍ରା । ଏହି ଉଭୟଙ୍କ ମଧ୍ୟରେ ପ୍ରଣୟଭିତ୍ତିକ ସମ୍ପର୍କ ସ୍ଥାପନ ପାଇଁ ଏହି ଲୀଳା ଉଦ୍ଦିଷ୍ଟ । ଏହି ଉଭୟ ଚରିତ୍ର ମଧ୍ୟରେ ଯୋଗସୂତ୍ର ସ୍ଥାପନ କରୁଥିବା ଚରିତ୍ରଟି ହେଉଛି ଦ୍ୱାରରକ୍ଷକ ବା ଦ୍ୱାରୀ । ଚମ୍ପୂରେ ଲଳିତା ହସ୍ତରେ ଶ୍ରୀପତି ଓ ଶ୍ରମତୀ କ୍ରୀଡ଼ନକ ସାଜିଲା ପରି ଏହି ଦ୍ୱାରରକ୍ଷକ ହାତରେ ଅର୍ଜ୍ଜୁନ ଓ ସୁଭଦ୍ରା କ୍ରୀଡା ପିତୁଳା ସାଜିଥାନ୍ତି । ଏକଦା ରୈବତକ ପର୍ବତରେ ଅର୍ଜ୍ଜୁନଙ୍କୁ ବନ୍ଦାପନା କରିବା ସମୟରେ ଶ୍ରୀକୃଷ୍ଣ, ସତ୍ୟଭାମା ଓ ସୁଭଦ୍ରା ଉପସ୍ଥିତ ଥିଲେ । ଏହାପରେ ସୁଭଦ୍ରା ଅର୍ଜ୍ଜୁନଙ୍କର ପ୍ରଥମ ଦର୍ଶନରେ ତାଙ୍କପ୍ରତି ଆକୃଷ୍ଟ ହୋଇଥିଲେ । ସେ ସତ୍ୟଭାମାଙ୍କ ସହିତ ପାଣ୍ଡବପୁରକୁ ଯାଇ ଅର୍ଜ୍ଜୁନଙ୍କର ଦ୍ୱାରଦେଶରେ ରାତ୍ରକାଳରେ କରାଘାତ କରନ୍ତି । ଏହାପରେ ଅର୍ଜ୍ଜୁନଙ୍କୁ ସାକ୍ଷାତ କରିବା ପାଇଁ ସେମାନେ ଇଚ୍ଛା ପ୍ରକଟ କରନ୍ତି । ଏହି ନାଟକ ଅଭିନୟ ବେଳେ ଜଣକ ପରେ ଜଣେ ଚରିତ୍ର ଅଭିନୟ ପାଇଁ ମଞ୍ଚକୁ ଆସନ୍ତି । ଭାରତଲୀଳାର ମୁଖ୍ୟ ଚରିତ୍ର ବୀର ଅର୍ଜ୍ଜୁନ ମଞ୍ଚରେ ଉପସ୍ଥିତ ହୁଅନ୍ତି ଏବଂ ବୀରତ୍ୱବ୍ୟଞ୍ଜକ ଶୈଳୀରେ ନିଜର ପରିଚୟ ଦେଇ ଗାଇଥାନ୍ତି-

Digitized by PPRACHIN, SOA

"ପାଣ୍ଡବ ବୀର ଅର୍ଜୁନ
ସଭାକୁ କଲେ ଗମନ
ଶତସିଂହର ଗର୍ଜନ
କରିଣ ବୀର ଅର୍ଜୁନ
ଗାଣ୍ଡୀବଧନୁକୁ କରିଛନ୍ତି ଧାରଣ ।
ଗୋସିଂହ ଦୈତ୍ୟ ବଧିଣ
ସତ୍ୟଭାମାକୁ ତାରିଣ
ରାମକୃଷ୍ଣଙ୍କୁ ଯେ ଯଜ୍ଞ କୁଣ୍ଡୁ କରି ଉଦ୍ଧାରଣ ।
ମୁହିଁ ଇନ୍ଦ୍ରଙ୍କ କୁମର, ନାମ ମୋର ଧନୁର୍ଦ୍ଧର
ଅଗ୍ନିଙ୍କି ମହୌଷଧି ଦେଇ କଲି ଉଦ୍ଧାର ।
ଆହେ ପ୍ରଭୁ ଭଗବାନ କମଳ ଦଳ ଲୋଚନ
କୃପାକର ନବକିଶୋର ମାଗେ ଶରଣ ।"

ଏହାପରେ ଅର୍ଜୁନ ସଭାଜନମାନଙ୍କ ନିକଟରେ ନିଜର ପରିଚୟ ଦେଇ ଗାଇଥାନ୍ତି-

"ଶୁଣନ୍ତୁ ସଭ୍ୟବୃନ୍ଦ ମୋ ଜନ୍ମ ଚରିତ
ସୋମବଂଶରେ ମୁଁ ଯେ ହୋଇଲି ସମ୍ଭୂତ ।
ସାକ୍ଷାତେ ଧର୍ମରାଜ ଯୁଧିଷ୍ଠିର ମୋ ଭାଇ
ମହେନ୍ଦ୍ର ଅଂଶେ ଜାତ ମୁଁ ଯେ ପାଣ୍ଡବ ବୋଲାଇ ।
ସପ୍ତଦିନ ଧନୁହୁଳେ ଧରିଲି ଧରଣୀ
ଖାଣ୍ଡବ ବନ ଦହିଣ ଚିତ୍ରସେନ ଜିଣି
ଶ୍ରୀମାନ୍ ସତ୍ୟବନ୍ତ ମୋର ପରାକ୍ରମ ଧୀର
ଦଶ ନାମରେ ପ୍ରସିଦ୍ଧ ମୋ ନାମ ଧନୁର୍ଦ୍ଧର
ବ୍ୟାସଦେବଙ୍କର ମୁଁ ଯେ ଅଟଇ ପଣନାତି
ମୋ ନାମ ଅର୍ଜୁନ ବୀର ମୁଁ ଯେ ମାନଚକ୍ରବର୍ତ୍ତୀ ।"

ଏହାପରେ ସୁଭଦ୍ରା ସତ୍ୟଭାମାଙ୍କ ସହିତ ମଞ୍ଚରେ ଉପସ୍ଥିତ ହୁଅନ୍ତି । ସେମାନଙ୍କର ଆଗମନର ଉଦ୍ଦେଶ୍ୟ ସତ୍ୟଭାମା ବୀର ଅର୍ଜୁନଙ୍କୁ ଜଣାଇଥାନ୍ତି । କ୍ରମେ ସତ୍ୟଭାମା ମଞ୍ଚରୁ ଅପସରି ଯାଆନ୍ତି ଏବଂ ସୁଭଦ୍ରା ଅର୍ଜୁନଙ୍କୁ ସମ୍ବୋଧିତ କରି କହିଥାନ୍ତି-

"ଆହେ ବୀର ଅରଜୁନ
ଫେଡ଼ କବାଟ ବହନ, ଆହେ ବୀର.....

Digitized by PPRACHIN, SOA

ଆତୁରେ ଡାକୁଛି ମୁହିଁ
ଶୁଣ ମୋହର ବଚନ, ଆହେ ବୀର.....
ତୁମ୍ଭ ଶ୍ରୀମୁଖ ଦର୍ଶନ
କରିବି ଇନ୍ଦ୍ର ନନ୍ଦନ
ମନୁ ସନ୍ତାପ ତେଜିଣ
କହ ହେ ବୀର ବଚନ, ଆହେ ବୀର.....” ।

ଏହାପରେ ଦ୍ୱାରୀ ମଞ୍ଚରେ ଉପସ୍ଥିତ ହୁଅନ୍ତି ଏବଂ ପଞ୍ଚଦେବଙ୍କୁ ବନ୍ଦନା କରିଥାନ୍ତି । ସେ ଗାଇଥାନ୍ତି-

“ପଞ୍ଚଦେବଙ୍କ ଚରଣେ କରୁଅଛି ନିବେଦନ
ଗଣେଶ ଭାସ୍କର ବିଷ୍ଣୁ ଶିବ ଦୁର୍ଗା ପାଞ୍ଚଜଣ ।”

ସେ ପଞ୍ଚଦେବତାଙ୍କୁ ଜଣ ଜଣ କରି ବନ୍ଦନା କରିଥାନ୍ତି । ଦୃଷ୍ଟାନ୍ତସ୍ୱରୂପ, ଶିବଙ୍କୁ ସେ ନିମ୍ନ ଭାବରେ ବନ୍ଦନା କରିଥାନ୍ତି -

“ମହାଦେବ ଦିଅ ହେ ଦେଖା
ଏ ପାପୀକୁ ବାରେ କରହେ ରକ୍ଷା, ମହାଦେବ.....
ଅଙ୍ଗେ ବିଭୂତିଭୂଷଣ, ଭାଲରେ ଚନ୍ଦନ ରେଖା, ମହାଦେବ.....
କନ୍ଦର୍ପକୁ ଦର୍ପ କରି, ବୋଲାଉଛ ବ୍ରହ୍ମଚାରୀ
ମହାଯୋଗେଶ୍ୱର ହୋଇ ଯୋଗୀଙ୍କି ଦେଉଛ ଶିକ୍ଷା, ମହାଦେବ......
ଡମ୍ବରୁ ତ୍ରିଶୂଳ କର, ଗଳେ ବିଷଧର ହାର
ତ୍ରିନେତ୍ର ଅଟଇ ଯାର ରବି ସୋମ ବାୟୁ ସଖା, ମହାଦେବ ....
ଅଜ୍ଞାନ ମୂରୁଖ ହୀନ, ନାହିଁ ମୋର ଦିବ୍ୟଜ୍ଞାନ
ଦିବାରାତ୍ର ଆଶ୍ରେକରି ନବଘନ ମାଗେ ଭିକ୍ଷା, ମହାଦେବ ....।”

ଏହାପରେ ଅର୍ଜ୍ଜୁନ ଆଗନ୍ତୁକଙ୍କର ପରିଚୟ ଜାଣିବା ପାଇଁ ଦ୍ୱାର ରକ୍ଷକକୁ ନିର୍ଦ୍ଦେଶ ଦେଇଛନ୍ତି । ଅର୍ଜ୍ଜୁନ ଅତ୍ୟନ୍ତ ନାଟକୀୟ ଭଙ୍ଗୀରେ ଗାଇଥାନ୍ତି-

କହ କହ ରକ୍ଷକ !
ଅଲକ୍ଷେ ଶୁଭୁଛି କାହାର ଡାକ, କହ କହ.....
କାଲି ଡାକୁଥିଲେ ଶକ୍ରାଜିତ ଜେମା
ଆଜି ଡାକେ ଆସି କେଉଁ ନାୟିକା, କହ କହ.....
ଯକ୍ଷ କିମ୍ୱା ଗନ୍ଧର୍ବୀ ନାରୀ
ଡାକୁଅଛି ଆଜି ଶର୍ବରୀ
କିଅବା କିନ୍ନରୀ ମାୟା ବେଶ ଧରି

Digitized by PPRACHIN, SOA

ବାର ବାର ମନେ ଦେଉଛି ଶଙ୍କା, କହ କହ.....
ଭାବୁଛି କି ବିଟପୀ ନାରୀ
ନିଶାକାଳେ ମୋ ନାମ ଧରି
ଆସିଛି ନାରକୀ, ମୁଁ ନୁହେଁ ବିଟପୀ
ହୋଇ ବି ତାହାର ପ୍ରେମର ସଖା, କହ କହ.....
ପରସ୍ତିରୀ ମୋହର ମାତ
ପରପୁରୁଷ ମୋର ତାତ
ଏପରି ସଦୃଶ ଦୃଢ଼ ମୋର ମତ
ଦୃଢ ମାନସରେ କରିଛି ଏକା, କହ କହ.....
ଅବିଳମ୍ବେ ଯାଅ ତୁ ଦ୍ୱାରୀ
ବୁଝି ଆସ କାହା କୁମାରୀ
କେଉଁ ଅଭିଳାଷେ ଡାକୁଛି ସାହସେ
ଦୀନ ନବ ଭାଷେ ଆସୁଛି ଶଙ୍କା, କହ କହ..... ।

ଅର୍ଜ୍ଜୁନଙ୍କ ନିର୍ଦ୍ଦେଶ ପାଇଲା ପରେ ଦ୍ୱାର ରକ୍ଷକ ଆଉ ବିଳମ୍ବ ନ କରି ସେହି ନବାଗତା ନାୟିକା ନିକଟରେ ପହଞ୍ଚି ତାଙ୍କର ପରିଚୟ ଜିଜ୍ଞାସା କରନ୍ତି । ଦ୍ୱାରୀ ସୁଭଦ୍ରାଙ୍କୁ ନିମ୍ନ ଭାବରେ ଜିଜ୍ଞାସା କରିଥାନ୍ତି-

ନୂଆ ନାରୀ ରଜା !
କହ କାହା ତନୁଜା, ନୂଆ ନାରୀ ରଜା.....
ନୂଆଁଇଣ ମଥା, କହୁଅଛୁ କଥା
ନୂଆ ବେଶ ଭୂଷା ହୋଇଛୁ ଖଞ୍ଜା, ନୂଆ ନାରୀ ରଜା.....
ନୂଆ କଟୁଆଳ କରିବ କଟାଳ
ନୂଆ ଦ୍ୱାରକାରେ ଏ ନୂଆ ରାଜା, ନୂଆ ନାରୀ.....
ନୂଆ ରଜନୀରେ କିଏ ଡାକେପୁଣ
ନୂଆ ଡାକଶୁଣି ଥରୁଛି ମଜ୍ଜା, ନୂଆନାରୀ.....
ନୂଆ କାରିଗର ଗଢ଼ିଛ ତୋହର
ଶରୀର ହୋଇଛି କଙ୍କଣ ଖଞ୍ଜା, ନୂଆ ନାରୀ.....
ନୂଆ ପିକବାଣୀ ଭାଷୁ ରାମାମଣି
ନୂଆ କଥା ପଦେ ମତେ କହି ଯା, ନୂଆ ନାରୀ..... ।

ଏହା ପରେ ସୁଭଦ୍ରା ନିଜର ପରିଚୟ ଦେବା ସହିତ ନିଜର ଜନ୍ମ ବୃତ୍ତାନ୍ତକୁ ଦ୍ୱାରୀ ନିକଟରେ ଉପସ୍ଥାପନ କରିଥାନ୍ତି । ସୁଭଦ୍ରାଙ୍କ ଗୀତିମୟ ସଂଳାପ ଏହିପରି-

Digitized by PPRACHIN, SOA

ଶୁଣ ଶୁଣ ଦୂତବର ଦେଇ କରି ମନ
ବୁଝାଇ କହିବି ମୋର ଜନ୍ମ ବିବରଣ
ଶିବଙ୍କର ମନୋହାରୀ ଅଟନ୍ତି ସର୍ବାଣୀ
ସ୍ୱପ୍ନରେ କହିଲେ ଦିନେ ଯଶୋଦାକୁ ବାଣୀ
ତୁମ୍ଭ ଗର୍ଭେ ଜନ୍ମ ହେବି ମୁହିଁ ଯାଇ ପୁଣ
ସୁଭଦ୍ରା ନାମ ବହିବି ସ୍ୱାମୀ ମୋ ଅର୍ଜୁନ ।

ଏହିପରି ଅର୍ଜୁନ, ସୁଭଦ୍ରା, ଦ୍ୱାରୀଙ୍କର ଗୀତିମୟ ସଂଳାପ ଅତ୍ୟନ୍ତ ଉପଭୋଗ୍ୟ । ଅର୍ଜୁନ ଦ୍ୱାରୀଠାରୁ ଆଗନ୍ତୁକାମାନଙ୍କର ପରିଚୟ ପାଇ ଖୁସି ହୁଅନ୍ତି । ସୁଭଦ୍ରା ଅର୍ଜୁନପ୍ରାପ୍ତି ଆଶାରେ ଆସିଛନ୍ତି ବୋଲି ଜାଣିବା ପରେ ଦ୍ୱାର ରକ୍ଷକ ଏ ବିଷୟ ଅର୍ଜୁନଙ୍କୁ ଜଣାଇଥାନ୍ତି । ମାତ୍ର ଅର୍ଜୁନ ତାଙ୍କୁ ମାଉସୀ ଝିଅ ଭଉଣୀ କହି ପ୍ରଥମେ ସେହି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରନ୍ତି । ଏହାପରେ ଅର୍ଜୁନ ଓ ସୁଭଦ୍ରାଙ୍କ ମଧ୍ୟରେ ବିଭିନ୍ନ ଶାସ୍ତ୍ରରୁ ଉଦ୍ଧୃତି ପ୍ରଦାନ ପୂର୍ବକ କଥୋପକଥନ ହୋଇ ଲୀଳା ଗତିମୁଖର ହୁଏ । ଦ୍ୱାରୀ ମଧ୍ୟ ବିଭିନ୍ନ ଶାସ୍ତ୍ର ଓ ପୁରାଣରୁ ଉପାଦେୟ ତଥ୍ୟ ପରିବେଷଣ କରି ତାର ପାଣ୍ଡିତ୍ୟର ପରିଚୟ ଦେଇଥାଏ । ଏହି ଦ୍ୱାରୀ ସମୟେ ସମୟେ ବିଦୂଷକ ଭୂମିକାରେ ଅବତୀର୍ଣ୍ଣ ହୋଇ ହାସ୍ୟରସ ସୃଷ୍ଟି କରିଥାଏ । ସେ କେବଳ ସାଧାରଣ ଦ୍ୱାରୀ ନୁହେଁ । ସେ ସକଳ ଶାସ୍ତ୍ର ପ୍ରବୀଣ ଓ ବିଚକ୍ଷଣ ମଧ୍ୟ । ପରିଶେଷରେ ସୁଭଦ୍ରା ଓ ଅର୍ଜୁନଙ୍କ ମଧ୍ୟରେ ମିଳନ ହୁଏ । ସେମାନଙ୍କର ମିଳନ ଘଟାଇ ଦ୍ୱାରୀ ଗାଇଥାନ୍ତି–

"ରସିକବର ! ରସ ଶେଖର !
ରସନିଧି କନ୍ୟା କୋଳରେ ଧର ହେ, ରସିକ ବର.....
ନିଶ୍ଚୟ ହୋଇବ ପ୍ରିୟା ତୁମ୍ଭର, ମନରେ କିଛି ଆନ ନ ବିଚାର
କର ବିଚାର ହେ କୁନ୍ତୀ କୁମର
କେଳି କଳାନିଧି କୋଳରେ ଧର ହେ, ରସିକବର...... ।
ଗୋଳି ରଖିଛି ଗୋରୀ କର୍ପୂର ମିଶା ଚନ୍ଦନ
ତୁମ୍ଭ ଶ୍ରୀଅଙ୍ଗେ କରି ଦେବେ ଲେପନ ।
କର ବିଚର ହେ କୁନ୍ତୀ କୁମର
ଦ୍ୱିଜ ଗଙ୍ଗା ଭାଷେ ବିନୟ ଗିର ।"

ଭାରତଲୀଳା ଲୋକନାଟକର ମଞ୍ଚ ହେଉଛି ମୁକ୍ତମଞ୍ଚ । ଏହି ନାଟକ ଖୋଲା ଆକାଶ ତଳେ ଛାମୁଣ୍ଡିଆ ତଳେ କିମ୍ବା ଚାନ୍ଦୁଆ ତଳେ ଏହି ନାଟକ ଅଭିନୟ କରାଯାଏ । ଭାରତଲୀଳର ମଞ୍ଚ ଅତ୍ୟନ୍ତ ନିରାଡମ୍ବର । ମଞ୍ଚରେ ବ୍ୟବହୃତ ଚୌକିକୁ ଅର୍ଜୁନଙ୍କର ସିଂହାସନ ରୂପେ ବ୍ୟବହାର କରାଯାଏ । ଅର୍ଜୁନ ରାଜକୀୟ ପୋଷାକ

Digitized by PPRACHIN, SOA

ପିନ୍ଧିଥାନ୍ତି ଓ ହାତରେ ଖଣ୍ଡା ଧାରଣ କରିଥାନ୍ତି । ମସ୍ତକରେ ରାଜମୁକୁଟ ଶୋଭାପାଏ । ଦ୍ୱାରୀ ହାଫ୍ ପ୍ୟାଣ୍ଟ୍, ରଙ୍ଗୀନ କୁର୍ତ୍ତା ଏବଂ ଫତେଇ ପିନ୍ଧିଥାନ୍ତି । ଫତେଇରେ ପିତଳର ମେଡାଲଗୁଡ଼ିଏ ଝୁଲୁଥାଏ । ଦ୍ୱାରୀ ପାଦରେ ଘୁଙ୍ଗୁର ପିନ୍ଧିଥାନ୍ତି । ହାତରେ ରୁମାଲ ବାନ୍ଧିଥାନ୍ତି । ତାଙ୍କର ନାଟକୀୟ ବେଶଭୂଷା ବେଶ୍ ଆକର୍ଷଣୀୟ ।

ନୟାଗଡ଼ ଜିଲ୍ଲାର ସ୍ୱନାମଧନ୍ୟ ଭାରତ ଲୀଳାର ଲେଖକ ହେଉଛନ୍ତି ମହୀପୁରର ନବକିଶୋର ସାମନ୍ତ, ମୁଥାଗାଡ଼ିଆ ଗ୍ରାମର ଦୂତୀକେଶ୍ୱର ଦଳବେହେରା, ପଥରକଟା ଗ୍ରାମର ପାଣ୍ଡୁଚରଣ ପ୍ରଧାନ, ଗୋବିନ୍ଦପୁର ଗ୍ରାମର ଗୋପୀନାଥ ପରିଡ଼ା, ଏବଂ ମାଛିପଡ଼ା ଗ୍ରାମର ଗଣେଶ ଚନ୍ଦ୍ର ଧଳ । ନୟାଗଡ଼ ଜିଲ୍ଲାର ଅଧିକାଂଶ ସ୍ଥାନରେ ଭାରତଲୀଳା ନାଟ୍ୟଦଳ ରହିଛି । ସେଥିମଧ୍ୟରୁ ଚଣ୍ଡୀବସ୍ତ, ପଥରକଟା, ମାଛିପଡ଼ା ଓ ଯୌତୁକପାଟଣା ଗ୍ରାମର ଭାରତଲୀଳା ବେଶ୍ ପ୍ରସିଦ୍ଧି ଅର୍ଜନ କରିଛି ।

ଘୁଡୁକୀ :

ନୟାଗଡ଼ ଜିଲ୍ଲାର ଗ୍ରାମାଞ୍ଚଳରେ ଘୁଡୁକୀ ନାଚର ବହୁଳ ପ୍ରଚଳନ ରହିଛି । ଏହାକୁ ମଧ୍ୟ ଧୁଡୁକୀ କୁହାଯାଏ । ଘୁଡୁକୀ ଏକ ବାଦ୍ୟଯନ୍ତ୍ର ବିଶେଷ । ଗୋଟିଏ କାଠ ଖୋଳର ଏକ ପାଖରେ ଗୋଧି ଚମଡ଼ା ଲାଗିଥାଏ । ତା' ଦେହର ତାର ବାନ୍ଧି ଘୁଡୁକୀ ବାଦ୍ୟ ପ୍ରସ୍ତୁତ କରାଯାଏ । ଜଣେ ବାଦକ ଘୁଡୁକି ବଜାନ୍ତି । ତାହାକୁ ଘୁଡୁକୀଆ କୁହାଯାଏ । ଘୁଡୁକିଆ ମୁଣ୍ଡରେ ବିଭିନ୍ନ ରଙ୍ଗର ପକ୍ଷୀର ପରବନ୍ଧା ଟୋପି ଲଗାଇଥାଏ । କୁରୁତା ଓ ଜମ୍ପର ପୋଷାକ ପରିଧାନ କରି, ଗଳାରେ ଘାଗରାମାଳି ବାଜୁବନ୍ଧରେ ଘାଗରାମଳି, ଘାଗରା ମାଳିରେ ଦେହକୁଛନ୍ଦି, ଅଣ୍ଟାର ଘାଗୁଡ଼ି, ଗୋଡ଼ରେ ଘୁଙ୍ଗୁର ବାନ୍ଧି ଘୁଡୁକିବଜାଇ ନାଚିଥାନ୍ତି । ଘୁଡୁକିଆ ସହିତ ଦୁଇଜଣ ନର୍ତ୍ତକୀ ନୃତ୍ୟାଭିନୟ କରି ରସାଳ ସଙ୍ଗୀତମାନ ଗାନ କରି ଦର୍ଶକମାନଙ୍କୁ ବିମୁଗ୍ଧ କରାନ୍ତି । ଘୁଡୁକିଆ ମଞ୍ଚକୁ ଆସି ମା' ବୀଣାପାଣିଙ୍କର ବନ୍ଦନା କରିଥାନ୍ତି-

ଘୁଡୁକୀଆ- ମା ! ବନ୍ଦଇ ବୀଣାପାଣି
ମୋର ଘେନ ଦୟିନି, ମା, ବନ୍ଦଇ.....
କଣ୍ଠେ ମୋର ବସି ପଦ କହିଦେବୁ
ତୁହିମାତ ବିଦ୍ୟା ଅଧିକାରିଣୀ, ମା, ବନ୍ଦଇ....
ବିଘ୍ନରାଜ ଗୌରୀ ନନ୍ଦନ
ନିର୍ବିଘ୍ନରେ କର ଖଣ୍ଡନ
ନାରାୟଣ ରୁଦ୍ରେ ଅମ୍ବିକେ ଭାସ୍କର
ପଞ୍ଚଦେବତାଏ ଶୋଭାକାରେଣୀ, ମା' ବନ୍ଦଇ.....

Digitized by PPRACHIN, SOA

ସଭାରେ ମୁଁ ପାଇଛି ଶୋଭା
ଏଠିଛନ୍ତି ଜନତା ଗଭା
ଜ୍ଞାନ ବୃହସ୍ପତି ବିକାଶନ୍ତି ଯଦି
ବସିଛନ୍ତି ଧୀର ଧୀର ଚାହାଣି, ମା' ବନ୍ଦଇ.....
ସଭାସିନ୍ଧୁ ମୁଁ ବାଲିବନ୍ଧ
ସଭାମେରୁ ମୁଁ ଅଟେ ଅନ୍ଧ
ଏ ଦୀନର ଦୋଷାଦୋଷ କ୍ଷମାକର
ରାମଚନ୍ଦ୍ର ସ୍ୱାଇଁ ଗୀତରେ ଭଣି, ମା' ବନ୍ଦଇ.....।

ଏହାପରେ ଘୁଡୁକିଆ ଘୁଡୁକିଆଣୀକୁ ଆହ୍ୱାନ କରିଥାଏ । ସେମାନଙ୍କ ମଧ୍ୟରେ କଥୋପକଥନ ଚାଲେ । ଏହି କଥୋପକଥନରେ ରସିକତା ପରିପୂର୍ଣ୍ଣ ଥାଏ । ଯେପରି-

ଘୁଡୁକୀଆ - ଆସ ଆସ ମୋର ନବଛଇଳୀ ଲୋ
ଆସ ମୋ ନବ ଛଇଳୀ
ଆଜି ସଭା ମଣ୍ଡିବୁ ତୁ ନୃତ୍ୟକରି ରେ, ନବନାଗରୀ
ଶୀଘ୍ର ଚାଲିଆ, ଶୀଘ୍ର ଚାଲିଆ
ଶୀଘ୍ର ଚାଲିଆ ନ କରି ଡେରି ଲୋ, ସୁନାଗୋରୀ ।

ଘୁଡୁକିଆଣୀ- କିମ୍ପାଇ ନାଗରବରରେ,
କିମ୍ପାଇ ନାଗର ବର
ଡାକ ଛାଡୁଛ ହୋଇ ତରତର
ମୁଁ ତ କରୁଛି ଘର ବେପାର ଗୋ, ନବନାଗର ।

ଘୁଡୁକୀଆ - ଘର ବେପାରକୁ ଛାଡ଼ିଲୋ, ଘରବେପାର.....
ଶୀଘ୍ର ହୋଇ ତୁହି ଆସ ବାହାରି
ଏଣେ ସମୟ ହୋଇଲା ଡେରି ଲୋ, ସୁନାଗୋରୀ ।

ଘୁଡୁକିଆଣୀ- ବଜାରେ ବାଇଦ ବଜା, ବଜାରେ ବାଇଦ ବଜା
ନବଖଣ୍ଡ କରି ଘୁଡୁକୀ ବଜା
ତୁ'ତ ପତର, ତୁ' ତ ପତର
ତୁ'ତ ପତର ସଉରା ରଜା ରେ, ଘୁଡୁକୀବଜା ।

ଏହାପରେ ଉଭୟେ ସଭାଜନମାନଙ୍କୁ ସମ୍ବୋଧିତ କରିଥାନ୍ତି । ଏମାନଙ୍କ ମଧ୍ୟରେ ପଦ୍ୟରେ କଥୋପକଥନ ଚାଲେ । ରାମାୟଣ ଏବଂ ମହାଭାରତର ବିଭିନ୍ନ ଆଖ୍ୟାନକୁ ଏମାନେ ପରିବେଷଣ କରି ଦର୍ଶକମାନଙ୍କର ମନୋରଞ୍ଜନ କରିଥାନ୍ତି ।

Digitized by PPRACHIN, SOA

ନୟାଗଡ଼ ଜିଲ୍ଲାରେ ବିଭିନ୍ନ ଅଞ୍ଚଳରେ ଘୁଡୁକୀ ନାଚ ଅଭିନୟ ରହିଛି । କଞ୍ଚନବିଲି ଗ୍ରାମର ପ୍ରଫୁଲ୍ଲ ବେହେରା, ବନ ପ୍ରଧାନ ପ୍ରଭୃତି ଏହି ଲୋକନାଟକକୁ ବଞ୍ଚାଇ ରଖିଛନ୍ତି । ତେବେ ଦଶପଲ୍ଲାର କନ୍ଦଲବ, ନୟାଗଡ଼ର ପଦ୍ମପୁର, ବାରବାଟି, ଦରପଦା, ଭାଟସାହି, କେସ୍ତାପଡ଼ା, କିରିଆଲାଞ୍ଜି ଓ ଖଇରପଟି ପ୍ରଭୃତି ଗ୍ରାମମାନଙ୍କରେ ଏହି ଲୋକନାଟକ ବଞ୍ଚିରହିଛି ।

ଏକକ ନାଟ୍ୟକଳା ଓ ବାଞ୍ଛାନିଧି ଶତପଥୀ :

ଏକକ ନାଟକରେ ମଞ୍ଚ ଉପରେ କେବଳ ଜଣେ କଳାକାର ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରି ପୂର୍ଣ୍ଣାଙ୍ଗ ନାଟକର ପରିସମାପ୍ତି ଘଟାଇଥାନ୍ତି । ଏହା ହେଉଛି ନୟାଗଡ଼ ଜିଲ୍ଲାରେ ଜନ୍ମଲାଭ କରିଥିବା ସ୍ୱତନ୍ତ୍ର ନାଟ୍ୟକଳା । ଏହି ଏକକ ନାଟ୍ୟକଳାର କଳାକାର ହେଉଛନ୍ତି କଳାନିଧି ବାଞ୍ଛାନିଧି ଶତପଥୀ । ସେ ମଞ୍ଚରେ ଏକାଧାରରେ ପୁଅ, ଝିଅ, ସ୍ୱାମୀ, ସ୍ତ୍ରୀ, ବୁଢ଼ା, ବୁଢ଼ୀ, ରାଜା, ରାଣୀ, ଚାକର, ଚାକରାଣୀ- ଏହିପରି ବିଭିନ୍ନ ଭୂମିକାରେ ସ୍ୱର ପରିବର୍ତ୍ତନ କରି ଅଭିନୟ କରିପାରୁଥିଲେ । ସେ ପ୍ରାୟ ଏକଶହରୁ ଉର୍ଦ୍ଧ୍ୱ ସ୍ୱର ପରିବର୍ତ୍ତନ କରି ଅଭିନୟ କରିପାରୁଥିଲେ ।

ଏହି ବିରଳ ପ୍ରତିଭା ନୟାଗଡ଼ ଜିଲ୍ଲାର ରାବେରା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ଏକକ ନାଟ୍ୟକଳାର ଜନ୍ମଦାତା ଓ ଅଭିନେତା । ବାଞ୍ଛାନିଧି ଶତପଥୀ ନାଟକର ମଞ୍ଚ ସରଞ୍ଜାମ, ପୋଷାକପତ୍ର ଗୋଟିଏ ଛୋଟ ଗଣ୍ଠିଲିରେ ରଖି କାଖରେ ଯାକି ଗାଁରୁ ଗାଁ ନୃତ୍ୟ ପରିବେଷଣ କରିବାକୁ ଯାଉଥିଲେ । ବାଞ୍ଛାନିଧି ପରଦା ଆବଦ୍ଧ କ୍ଷୁଦ୍ର ମଞ୍ଚରେ ପୂର୍ଣ୍ଣାଙ୍ଗ ନାଟକ ବିଲ୍ୱମଙ୍ଗଳ, ଜୟଦେବ, ଭକ୍ତର ଭଗବାନ ଇତ୍ୟାଦି ନାଟକ ମଞ୍ଚସ୍ଥ କରୁଥିଲେ । ତାଙ୍କର ନାଟ୍ୟ ପ୍ରଦର୍ଶନ ଧର୍ମୀ ଏବଂ ଏଥିରେ ବହୁଳ ଭାବରେ ଶବରର ବାଘ ଲଢେଇ ଫାର୍ଶ, ବାୟାଣୀ ଫାର୍ଶ, କୁଷ୍ଠରୋଗୀର ଅଭିନୟ, ନେଉଳ-ମାର୍ଜାର କଳି ପ୍ରହସନ, ହାସ୍ୟ-ବ୍ୟଙ୍ଗର ଗଳ୍ପ କଥନ, ବିସ୍ମୟକର ବଚନିକା ଆବୃତ୍ତି, ଯଥା- ନୟାଗଡ଼ ସଂସ୍କୃତ, ଖଣ୍ଡପଡ଼ା ଗଣିତ, ଘୁମୁସର ସାହିତ୍ୟ, ପାରଳାଖେମୁଣ୍ଡି ସଙ୍ଗୀତ, ଧରାକୋଟ ରାଜନୀତି, କଟକର ସଂସ୍କୃତ, ପଞ୍ଚଭୂତିର ଜଡ଼ା, ଘୁମୁସର ଡୁହଡୁହାର ଖନା, ବାଲେଶ୍ୱରିଆ ମଶା, ଖଲିକୋଟିଆ ଭାଷା, ଖୋର୍ଦ୍ଧାର ଓଡ଼ିଆ ଭାଷା, ବୌଦ୍ଧ-ସୋନପୁରିଆ ମାଇଙ୍କ କାନମୂଳିଆ ଖୋଷା, ସମ୍ବଲପୁରିଆ ମାଇ, ଯାଜପୁରିଆ ଭାଇ, ଭଦ୍ରଖର ଗାଈ, ଆଠଗଡ଼ର ଦହି, ଭୁବନେଶ୍ୱର ଖଇ, ଗଞ୍ଜାମ ପାଣ୍ଡିଆ ସୁବୁଦ୍ଧି ଗୁଣ୍ଡି, ଢେଙ୍କାନାଳର ଭେଣ୍ଡି, ଜଗତ୍‌ସିଂହପୁରର ଫାଣ୍ଡି, ପୁରୀରେ ଠୁଳ କାର୍ତ୍ତିକ ମାସରେ ରାଣ୍ଡି - ଏସବୁ ତାଙ୍କର ନାଟକ ଥିଏଟରଠାରୁ ଭିନ୍ନ ସ୍ୱାଦ ଦର୍ଶକକୁ ଯୋଗାଇଥାଏ ।

Digitized by PPRACHIN, SOA

ଏକକ ନାଟ୍ୟକଳାକୁ ବାଞ୍ଛାନିଧି ଶତପଥୀ ତାଙ୍କ ରାବେରା ଗ୍ରାମର ଶିଷ୍ୟ ସୀତାରାମ ଚୌଧୁରୀ ଓ ଅର୍ଜୁନ ମହାପାତ୍ର ଏକକ ନାଟ୍ୟକଳାକୁ ପ୍ରଦର୍ଶନ କରିଛନ୍ତି ।

ମୁଣ୍ଡପୋତା କେଳା ନାଚ :

ମୁଣ୍ଡପୋତା କେଳାମାନେ ନୟାଗଡ଼ ଜିଲ୍ଲାର ଶରଧାପୁର, ପାଣିପୋଇଲା, ଖଙ୍ଗୁରୀ, କୋସକା ପ୍ରଭୃତି ଗାଁମାନଙ୍କରେ ବସବାସ କରନ୍ତି । ଏମାନେ ପୂର୍ବେ ମାଟି ଭିତରେ ମୁଣ୍ଡପୋତି ଖେଳ ଅଭିନୟ କରୁଥିଲେ । ତେଣୁ ଏମାନଙ୍କ ମୁଣ୍ଡପୋତା କେଳା କୁହାଯାଏ । ମୁଣ୍ଡପୋତା କେଳାମାନେ ଓଡ଼ିଶା କାହିଁକି ସମଗ୍ର ଭାରତ ବର୍ଷରେ ଏକ ଅତିପ୍ରାଚୀନ ଆଦିମ ଅଧିବାସୀ ଭାବରେ ପରିଗଣିତ । ଏମାନଙ୍କର ରଙ୍ଗ କୃଷ୍ଣବର୍ଣ୍ଣ । ଏମାନଙ୍କର ବାସସ୍ଥାନ ଗ୍ରାମ ବାହାରେ । ଯେତେବେଳେ ସକାଳୁ ଏମାନେ ଜୀବିକାର୍ଜନ ପାଇଁ ବାହାରକୁ ଯାନ୍ତି ସେତେବେଳେ ଏକ ଝାଡୁକୁ ଏକ ପଥରରେ ଘୋରିଦେଇ ତା ଚାରିପାକରେ ବୁଲି, ବିଭିନ୍ନ ଭଙ୍ଗୀ କରି ନାଚନ୍ତି । ଝାଡୁ ଯେଉଁ ପାର୍ଶ୍ୱକୁ ଗଡ଼ିପଡେ ସେମାନେ ସେହି ଦିଗକୁ ଯାଇଥାନ୍ତି । ଯେଉଁ ଦିନ କିଛି ନ ମିଳିଲା, ସେଦିନ ଗାଁ ଗାଁ ବୁଲି, ଏହି ପ୍ରକାର ନାଚ କରି ଭିକ୍ଷା ମାଗନ୍ତି । ନାଚିଲାବେଳେ ବିକଟ ଚିତ୍କାର କରି ପିଟାକୁ ଚାପୁଡ଼ା ମାରି ହାତଗୋଡ଼, ବିଭିନ୍ନ ତାଳରେ ଭାଙ୍ଗି ନାଚନ୍ତି । ସେମାନଙ୍କର ବାଦ୍ୟ ଟିଣ, ମଶାଣିରୁ ଗୋଟାଇଥିବା ବିଭିନ୍ନ ସିଲଭର ବାସନ । ନାଚିଲାବେଳେ ମଶାଣିରୁ ଆଣିଥିବା କୁଲା, ଛାଞ୍ଚୁଣି ଇତ୍ୟାଦି ପଦାର୍ଥମାନ ଧରିଥାନ୍ତି । ମୁଣ୍ଡପୋତା କେଳାମାନେ ହାତରେ ଘୋଡ଼ା ଆକୃତିର ବାଙ୍କୁଲୀ ବାଉଁଶ ଧରିଥାନ୍ତି । ସେହି ବାଉଁଶ ଘୋଡ଼ାର ମୁହଁରେ ମୁଠା ମୁଠା ବାଲି ଦେଇ ଗାଇଥାନ୍ତି–

"ଅଇରେ .....
ଖରାଦିନ କାଲ କି ବର୍ଷାଦିନ କାଲ
ନୁଣ ମୁଠେ କୁ ଆମ୍ବୁଲ ମୁଠେ
ଓର୍ ଘୋଡ଼ା କୁନ୍ଦ୍ କୁନ୍ଦ୍ ଖା ।"

ଏବେ ସେମାନେ ତାଙ୍କ ନୃତ୍ୟରେ ଢ଼ୋଲକ ଇତ୍ୟାଦି ବ୍ୟବହାର କଲେଣି । ସେମାନେ ସ୍ତ୍ରୀପୁରୁଷ ଦଳ ଦଳ ହୋଇ ବେକରେ ବୋଡ଼ା ସାପ ଠାରୁ ଆରମ୍ଭ କରି ବିଭିନ୍ନ ବିଷଧର ସର୍ପମାନଙ୍କୁ ଗୁଡ଼ାଇ ନାଚ କରୁଛନ୍ତି । ଆନୁଷ୍ଠାନିକ ଭାବରେ କୌଣସି ସ୍ଥାନରେ ନୃତ୍ୟପ୍ରଦର୍ଶନ କଲେ, ଏମାନେ ଢ଼ୋଲ, ଚାଙ୍ଗୁ ବାଜା ଇତ୍ୟାଦି ବାଦ୍ୟମାନଙ୍କ ସହଯୋଗରେ ସଙ୍ଗୀତ ପରିବେଷଣ କରୁଛନ୍ତି । ଏହି ପ୍ରାଚୀନ ଲୋକ ନୃତ୍ୟ ବର୍ତ୍ତମାନ ସଙ୍କୁଚିତ ହେବାକୁ ବସିଲାଣି ।

Digitized by PPRACHIN, SOA

ମାଟିଆ କେଳା ନାଚ :

କେଳା ସଂପ୍ରଦାୟର ଅନ୍ୟତମ ଶାଖା ହେଉଛନ୍ତି ମାଟିଆ କେଳା । ଏମାନେ ଏକ ଦକ୍ଷିଣ ଭାରତୀୟ ଜାତି । ଏମାନଙ୍କର ଭାଷା ତେଲୁଗୁ । ମାଟି ଖୋଳି ଏମାନେ ଜୀବିକା ନିର୍ବାହ କରନ୍ତି । ଏମାନେ ତେଲୁଗୁ ଭାଷା କହୁଥିଲେ ମଧ୍ୟ, ତାଙ୍କର ମୂଳ ଶବ୍ଦମାନ 'ଓଡ଼ିଆ', ଓଡ଼ିଆ ଶବ୍ଦଗୁଡିକ ଏମାନେ ତେଲୁଗୁ ଭାଷାରେ ବ୍ୟବହାର କରିଥାନ୍ତି । ବେଳେବେଳେ ଏମାନେ ଗାଁ ଗାଁ ବୁଲି, ମୁଣ୍ଡପୋତା କେଳାମାନଙ୍କ ପରି ବ୍ୟଙ୍ଗାତ୍ମକ ଅଭିନୟ କରି ଭାତ ମାଗନ୍ତି । ମାଟିଆମାନେ ନୟାଗଡ଼ର, ପଣିପୋଇଲା, ଶରଧାପୁର, ବେଲବଣି, ମଗରବନ୍ଧ ଅଞ୍ଚଳରେ ରହୁଛନ୍ତି ।

ବାଉଁଶ ରାଣୀ (କେଳାକେଳୁଣୀ ନାଚ) :

ବାଉଁଶରାଣୀ ନୟାଗଡ଼ର ଏକ ପ୍ରାଚୀନ ଲୋକ କଳା । ଏହା କେଳା ସଂପ୍ରଦାୟର କଳା । ଏଥିରେ ମୁଖ୍ୟତଃ ଦୁଇଜଣ କଳାକାର ଥାନ୍ତି । ଜଣେ ସ୍ତ୍ରୀଲୋକ ବାଉଁଶ ଉପରେ ଘୂରି ଘୂରି ଖେଳ ଦେଖାଏ । ତାର ପୁରୁଷ ସହଯୋଗୀ ଢ଼ୋଲକ ବଜାଇଥାଏ । ଆଜିକାଲି ଏହି କେଳାମାନେ ବାଉଁଶରାଣୀ ସହ ଦଉଡ଼ିରେ ଚାଲିବା, ତାର ରିଙ୍ଗ୍ ମଧ୍ୟରେ ପଶିବା, ଇତ୍ୟାଦି ଖେଳ ପ୍ରଦର୍ଶନ କରୁଛନ୍ତି । ବାଉଁଶରାଣୀ ଏକ ଭୟଙ୍କର ଖେଳ । ଉକ୍ତ ଲୋକକଳାର କଳାକାରମାନେ ନୟାଗଡ଼ ମଗରବନ୍ଧ ଅଞ୍ଚଳରେ ବେଶୀ ଦେଖାଯାନ୍ତି ।

ନୟାଗଡ଼ ଜିଲ୍ଲାର କୁରାଳ ଗ୍ରାମ ବାଉଁଶରାଣୀ ଖେଳ ପାଇଁ ପ୍ରସିଦ୍ଧ । ନୟାଗଡ଼ ଟାଉନ୍‌ଠାରୁ ପ୍ରାୟ ୩୫ କିଲୋମିଟର ଦୂରତାରେ ପଡ଼େ କୁରାଳ ଗ୍ରାମ । ଏହି କୁରାଳ ଗ୍ରାମରେ ଗୋଟିଏ କେଳା ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କୁ ବାଏଁଶ କେଳା କୁହାଯାଏ । ବାଉଁଶରାଣୀ ଖେଳ ପ୍ରଦର୍ଶନ କରିବା ଏମାନଙ୍କର ବଂଶଗତ କଳା ।

ବାଉଁଶରାଣୀ ଏକ ଚିତ୍ତାକର୍ଷକ ଖେଳ । କୁରାଳ ଗ୍ରାମର କେତେଗୋଟି କେଳା ପରିବାର ଏହି ବାଉଁଶରାଣୀ ଖେଳ ପ୍ରଦର୍ଶନ କରି ଗୁଜୁରାଣ ମେଣ୍ଟାଇଥାନ୍ତି । ବାଏଁଶ କେଳାମାନେ ଗାଁକୁ ଗାଁ ବୁଲି ଗାଁ ଦାଣ୍ଡରେ ଏହି ଖେଳ ପ୍ରଦର୍ଶନ କରିଥାନ୍ତି ।

ବାଉଁଶରାଣୀ ଖେଳ ପ୍ରଦଶନ କରିବା ପାଇଁ ଗୋଟିଏ କେଳା ପରିବାରର ଦୁଇ/ ତିନି ଜଣ ପୁରୁଷ ସଦସ୍ୟ ବ୍ୟତୀତ ସାତ ଆଠ ଜଣ ମହିଳା ସଦସ୍ୟଙ୍କୁ ନେଇ ଗୋଟିଏ ବାଉଁଶରାଣୀ ଦଳ ଗଢ଼ାଯାଇଥାଏ । ଏହି ପରିବାରର ଶିଶୁକୁ ପ୍ରାୟ ପାଞ୍ଚ ବର୍ଷ ବୟସରୁ ଏହି ଦୁଃସାଧ୍ୟ କଳାର ଶିକ୍ଷା ପ୍ରଦାନ କରାଯାଏ ।

Digitized by PPRACHIN, SOA

ବାଉଁଶରାଣୀ ଖେଳ ପାଇଁ ଦୁଇଟି ଲେଖାଏଁ ଚାରିଗୋଟି ବାଉଁଶକୁ ଛନ୍ଦି କରି ପୋତି ଦେଇ ତା' ଉପରେ ଏକ ଦଉଡ଼ି ଭିଡ଼ି ଦିଆଯାଏ । ପ୍ରାୟ ୧୨ ଫୁଟ ଉଚ୍ଚତାରେ ଭିଡ଼ା ଯାଇଥିବା ଏହି ଦଉଡ଼ି ଉପରେ ବାଉଁଶରାଣୀ ହାତରେ ଗୋଟିଏ ଦୀର୍ଘ ବାଉଁଶ ଧରି ଚାଲିଯାଇପାରେ । ଶରୀରର ସନ୍ତୁଳନ ରକ୍ଷାକରି ବାଉଁଶ ରାଣୀ ଚାଲିଗଲା ବେଳେ ଦର୍ଶକମଣ୍ଡଳୀ ଉଚ୍ଛାଟିତ ହୋଇ କରତାଳି ଦେଇଥାନ୍ତି । ଏହି ସମୟରେ ଢୋଲର ଡିବିଡିବି ଶବ୍ଦରେ ପରିବେଶ ଉଚ୍ଛୁଳି ପଡ଼େ ।

ଏହାପରେ ପଞ୍ଚତିରିଶ ଫୁଟ ଉଚ୍ଚର ଗୋଟିଏ କଞ୍ଚା ବାଉଁଶ ଉପରେ ହାତ ଛାଡ଼ି କେବଳ ଦେହକୁ ଜଡ଼ାଇ ଏମାନେ ବିଚିତ୍ର ଅଙ୍ଗଭଙ୍ଗୀ ପ୍ରଦର୍ଶନ କରିଥାନ୍ତି । ବାଉଁଶର ଶୀର୍ଷ ଭାଗରେ ଲାଗିଥିଲା ଲୁହା କୀଳକରେ ନିଜର ପେଟରେ ବାନ୍ଧିଥିବା ଲୁହାର ଖୋଲକୁ ଲଗାଇ ଏହି ବାଉଁଶରାଣୀ ବିଜୁଳି ପଙ୍ଖାଭଳି ଘିର୍ ଘିର୍ ହୋଇ ଘୂରିଥାଏ । ଏହି ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ । ବାଉଁଶରାଣୀ ଗୋଡ଼କୁ ଛନ୍ଦି ଘିର୍ ଘିର୍ ବୁଲୁଥିଲା ବେଳେ ସମବେତ ଜନତା କରତାଳି ଦେଇ ପରିବେଶକୁ ପ୍ରକମ୍ପିତ କରିଥାନ୍ତି ।

ସେହିପରି ଏହି ବାଉଁଶଟିର ଉଚ୍ଚ ଅଂଶରୁ ଦୁଇ ଦିଗକୁ ଭିଡାଯାଇଥିବା ଟଣକା ଦଉଡ଼ିରେ ବନ୍ଧାଯାଇଥିବା ବାଉଁଶଟିରେ ଏମାନେ ଏକ ପ୍ରକାର ଦୋଳି ଖେଳନ୍ତି । ମୁହଁକୁ ଉପରକୁ ଟେକି କପାଳ ଉପରେ ଗୋଟିଏ ଦୀର୍ଘାକୃତି ବାଉଁଶକୁ ରଖି ତାହାର ଅପରମୁଣ୍ଡରେ ଗୋଟିଏ ବାଳିକାକୁ ଶୁଆଇବା କିମ୍ବା ବସାଇବା ଦୃଶ୍ୟ ବେଶ୍ ଦୁର୍ଲଭ । ସେହିପରି ଆଦୌ ହାତର ସାହାଯ୍ୟ ନ ନେଇ ଓସ୍ତାଦର ଛାତିରେ, କାନ୍ଧରେ, ଦାନ୍ତରେ ଠିଆବାଗରେ ଧରିଥିବା ବାଉଁଶ ଉପରେ କୁନି କୁନି ଝିଅମାନେ ବହୁତ ଆଶ୍ଚର୍ଯ୍ୟଜନକ ଖେଳପ୍ରଦର୍ଶନ କରିଥାନ୍ତି । ବାଉଁଶକୁ ନେଇ ଏହିପରି ବାଉଁଶରାଣୀ ଅନେକ ଖେଳ ପ୍ରଦର୍ଶନ କରିଥାନ୍ତି ।

ବାଉଁଶରାଣୀ ନିଜର ଶାରୀରିକ ସାଜସଜ୍ଜା ପରେ ଖେଳ ଆରମ୍ଭ ହୁଏ । ଢୋଲ, ବଂଶୀ, ଝୁମୁକା, ହାରମୋନିୟମ୍ ବାଦ୍ୟର ତାଳେ ତାଳେ ବାଉଁଶରାଣୀ ଖେଳର କଳାକାରମାନେ ଚଳଚଞ୍ଚଳ ହୋଇଉଠନ୍ତି । ଯିଏ ଯାହାର କଳାକୌଶଳକୁ ପ୍ରଦର୍ଶନରେ ଲାଗିଯାନ୍ତି । ବାଦ୍ୟର ତାଳେ ତାଳେ ଛାନ୍ଦ ରତ୍ନାକର, ଚମ୍ପୂ, ଓଡ଼ିଶୀ, ଭଜନ, ଜଣାଣ, ପାରମ୍ପରିକ ସଙ୍ଗୀତ, ପଲ୍ଲୀଗୀତ ଇତ୍ୟାଦି କେଲୁଣୀମାନେ ଖାଇଥାନ୍ତି । ବାଉଁଶରାଣୀ ଦଳଟିର ପ୍ରାୟ ପ୍ରତ୍ୟେକ ସଦସ୍ୟ ଖେଳ ପ୍ରଦର୍ଶନ କରିବା ସହିତ ବାଦ୍ୟ ବଜାଇବାରେ ସହଯୋଗ କରିଥାନ୍ତି । ପ୍ରତ୍ୟେକ ଖେଳର ମଝିରେ ମଝିରେ ନିମ୍ନ ସଂଗୀତ ଗାନ କରାଯାଏ ।

Digitized by PPRACHIN, SOA

(କ) ବାଉଁଶରାଣୀ ଲୋ ବାଉଁଶରାଣୀ
ବାଉଁଶ ଅଗରେ ମାରୁ ଉଜାଣି
ସଳଖ ଚାଲି ତୋ ନହକ ବାଙ୍କ
ଭେଣ୍ଡା ଭୁଆସୁଣି ହୋଇବେ ରଙ୍କ
ବୁଢାବୁଢୀ ଦେବେ ତାଳି
ଟଙ୍କା ଚାଉଳରେ ଅଣ୍ଟି ଭରିଯିବ
ସରିବ ଯାତରା ପାଳି ।

(ଖ) ରାଜା ଡାକିଥିଲେ ରଙ୍ଗସଭାକୁ
କଟାକ୍ଷ କରିଲେ ରାଣୀ
ପାଇକ ନାଟରେ ମନ ଭରୁଥାଅ
ଗିରସ୍ତ ହେ !
ଆମ୍ଭର ବାଉଁରାଣୀ ।

(ଗ) ଘିରି ଘିରି ବୁଲେ ବାଉଁଶରାଣୀ
ଟୁକରା ମାରଇ ରାଜା
ବାରଭଙ୍ଗିମାରେ ଗୀତ ଗାଉଅଛି
ଶୁଣିବାକୁ ଲାଗେ ମଜା ।

(ଘ) ଯା' ବୁଲି ଯା' ଘିରିଘିରି
ଯା' ଚାଲିଯା' ଥିରିଥିରି
ଖାଙ୍କେଇ ପେଟକୁ ବାଙ୍କେଇ ଚାହିଁ
ବଇଁଶୀ ଫୁଙ୍କୁଛି କହ୍ନେଇ ଭାଇ
ଢୋଲିଆ ପିଟୁଛି ଢୋଲ
ଝାଇଁ ଝୁମୁ ଝୁମୁ ଝୁମୁକା ଡାକେଲୋ
ବାଉଁଶରାଣୀ
ଦେଖା ତୋ ବିଚିତ୍ର ଖେଳ ।

ବାଉଁଶରାଣୀ ଖେଳ ପ୍ରଦର୍ଶନ ପାଇଁ ଆବଶ୍ୟକୀୟ ସରଞ୍ଜାମ ହେଉଛି ପଚିଶ ହାତର କଣ୍ଟା ବାଉଁଶ, ପାଞ୍ଚଗୋଟି ଶାବ୍ଳ, ତିରିଶ ହାତ ବିଶିଷ୍ଟ ଟାଙ୍ଗଣ(ଦଉଡ଼ି), ଢୋଲିକି, ଝୁମୁକା, ବଂଶୀ ଇତ୍ୟାଦି । ନୟାଗଡ଼ ଜିଲ୍ଲାର ବାଉଁଶରାଣୀ ପ୍ରଦର୍ଶନ କରୁଥିବା ପୁରୁଷ କଳାକାରମାନେ ହେଉଛନ୍ତି- ପୂର୍ଣ୍ଣଚନ୍ଦ୍ର ଦାସ, କେଦାର ସିଂହ, ଲକ୍ଷ୍ମୀଧର ପାତ୍ର, ପାଣ୍ଡବ ସିଂହ, କୁକୁନା ଦାସ ଇତ୍ୟାଦି । ସେହିପରି ମହିଳା କଳାକାରମାନେ ହେଉଛନ୍ତି- ମାମି ପାତ୍ର, ସୁଷମା ପ୍ରଧାନ,

Digitized by PPRACHIN, SOA

ଲିଜା ପାତ୍ର, ସୁମିତ୍ରା ସିଂହ, ସୁମିତ୍ରା ପ୍ରଧାନ, ଛାୟା ଦାସ । ଏହି କଳାକାରମାନେ ହେଉଛନ୍ତି କୁରାଳ ଗ୍ରାମ ବାସିନ୍ଦା ।

ଏହି ବାଉଁଶରାଣୀ ଖେଳ ପ୍ରାୟ ଅଢେଇରୁ ତିନିଘଣ୍ଟା ପର୍ଯ୍ୟନ୍ତ ପ୍ରଦର୍ଶିତ ହୋଇଥାଏ ।

ମାଙ୍କଡ଼ ନାଚ :

ମାଙ୍କଡିଆ କେଳାମାନେ ମାଙ୍କଡ଼ ଧରି ତାକୁ ପୋଷା ମନାଇ ଗାଁ ଗାଁ ବୁଲି ନଚାନ୍ତି । ସେମାନେ ଡମ୍ବରୁ ବଜାଇଥାନ୍ତି । ଏହି ଡମ୍ବରୁ ଶବ୍ଦ ଡୁବୁ ଡୁବୁ ଧ୍ୱନି ସୃଷ୍ଟି କରେ ବୋଲି ସେମାନଙ୍କୁ ଡୁବୁଡୁବା କୁହାଯାଏ । ଡୁବୁଡୁବାମାନେ ପାତିମାଙ୍କଡ଼କୁ ପୋଷା ମନେଇ ତା' କାନରେ କାନଫାସିଆ ଲଗାଇ ନଚାଇଥାନ୍ତି । ଡୁବୁଡୁବା ଡମ୍ବରୁ ବଜାଇ ବାଡ଼ିରେ ମାଟିକୁ ତାଳରେ ବାଡ଼େଇଲେ ପାତିମାଙ୍କଡ଼ ଡୁବୁଡୁବାର ନିର୍ଦ୍ଦେଶମତେ ନାଚକରେ । ମାଙ୍କଡ଼ର ଚମ୍ପା ବେଶ ଓ ଜମ୍ବୁ ଚୌକିଦାର ବେଶ କୌତୁହଳ ସୃଷ୍ଟି କରେ । ସେହି ଗୋଟିଏ ପାତିମାଙ୍କଡ଼ ଚମ୍ପା ଓ ଚୌକିଦାର ଭୂମିକାରେ ଅଭିନୟ କରେ । ଚମ୍ପା ଅଭିନୟ ବେଳେ ଡୁବୁଡୁବା ଗାଇଥାଏ-

"ଚମ୍ପା ମୋର ଥେଇକି ନାଚ
ଚମ୍ପା ମୋର ହାଟକୁ ଯିବ
ନୋଥ ଫୁଲୁଗୁଣା ହାଟୁ ଆଣିବ ।"

ସେହିପରି ପାତିମାଙ୍କଡ଼ର ଜମ୍ବୁ ଅଭିନୟ ବେଳେ ଡୁବୁଡୁବା ଗାଇଥାଏ-

"ଜମ୍ବୁ ମୋର ନାଚ କରିବ
ଚଉକିଆ ହୋଇ ଗାଁ ଜଗିବ
ରାତିରେ ବୁଲି ଚୋର ଧରିବ
ମାଲି ମକଦ୍ଦମା ଗଡ଼କୁ ନେବ
ଚୋରକୁ ବାନ୍ଧି ଜିଅଲ ଦେବ
ଶାଢ଼ି ଶଙ୍ଖା ଆଣି
ଚମ୍ପାକୁ ବାହା ହୋଇବ ।"

ମାଙ୍କଡ଼ ନଚାଇ ପେଟ ପୋଷିବା ସମ୍ଭବ ହେଉ ନ ଥିବାରୁ ଏମାନେ ଅନ୍ୟାନ୍ୟ ଶାରୀରିକ ପରିଶ୍ରମ କରି ଜୀବିକା ନିର୍ବାହ କରିଛନ୍ତି । ତେଣୁ ଏହି ପ୍ରାଚୀନ କଳା କ୍ରମଶଃ ଲୁପ୍ତ ହେବାକୁ ବସିଲାଣି ।

ଜାନୁଘଣ୍ଟିଆ :

ଏମାନେ ବୈଷ୍ଣବ ସମ୍ପ୍ରଦାୟର ଅନ୍ତର୍ଗତ । ପର୍ଶୁରାମଧର୍ମୀ ଏହି ଜାନୁଘଣ୍ଟିଆମାନେ ମଥାରେ ରାମାନନ୍ଦୀ ତିଳକ ଧାରଣ କରିଥାନ୍ତି । ମୁଣ୍ଡରେ ଚିତ୍ରିତ କପଡ଼ା ଭିଡ଼ିଥାନ୍ତି ।

Digitized by PPRACHIN, SOA

ସେମାନେ ନାଲିରଙ୍ଗର ହାପ୍ ପ୍ୟାଣ୍ଟ ପିନ୍ଧିଥାନ୍ତି । ସ୍କନ୍ଧରେ ପଇତା ଧାରଣ କରିଥାନ୍ତି । ଡାହାଣ ହାତରେ ପରଶୁ ଓ ବାମହାତରେ ଲାଉତୁମ୍ବା ଧାରଣ କରିଥାନ୍ତି । କେହିକେହି ଲାଉତୁମ୍ବା ଧାରଣ ନ କରି ମାଟିପାତ୍ର ଧାରଣ କରିଥାନ୍ତି । ଏଥିରେ ବିଭିନ୍ନ ଅବତାର ଚିତ୍ରିତ ହୋଇଥାଏ । ଦକ୍ଷିଣ ଜାନୁରେ ଘଣ୍ଟି ବାନ୍ଧିଥାନ୍ତି । ତେଣୁ ଏମାନଙ୍କୁ ଜାନୁଘଣ୍ଟିଆ କୁହାଯାଏ । ଏମାନେ ଦୁଆରକୁ ଯାଇ ଭିକ୍ଷାମାଗନ୍ତି ନାହିଁ, ବରଂ ଯିଏ ଯାହା ଭିକ୍ଷା ସ୍ୱ-ଇଚ୍ଛାରେ ଦେଲା, ତାହାକୁ ଗ୍ରହଣ କରିଥାନ୍ତି । ଗାଁ ଦାଣ୍ଡରେ ଦୁଇଜଣ ଜାନୁଘଣ୍ଟିଆ ଉଚ୍ଚସ୍ୱରରେ ଗାଇଥାନ୍ତି-

"ରେ ଶସ୍ତ୍ରଧାରୀରା......

ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ବଳରାମ, ରାମ ଯେ ରାମ ପର୍ଶୁରାମ

ରାମ ଯେ ରାମ ସୀତାରାମ
ସୀତାରାମ, ସୀତାରାମ
କଣ୍ଠେ ତୁଳସୀ ମୁଖେ ରାମ
ତମ୍ବା ତୁଳସୀ ଶାଳଗ୍ରାମ
କୋଦଣ୍ଡ ଚାପଧାରୀ ରାମ ।"

ଏହାପରେ ଜଣେ ଜାନୁଘଣ୍ଟିଆ ରାମ ଭୂମିକାରେ ଅଭିନୟ କରି ଗୀତ ଗାଇଥାନ୍ତି । ଆଉ ଜଣେ ଜାନୁଘଣ୍ଟିଆ ପର୍ଶୁରାମ ଭୂମିକାରେ ଗୀତ ଗାଇ ଅଭିନୟ କରିଥାନ୍ତି । ଗାଁ ଦାଣ୍ଡରେ ଉଭୟଙ୍କ ମଧ୍ୟରେ ଯୁଦ୍ଧ ହୁଏ । ଗାଁର ଲୋକମାନେ ଗ୍ରାମ ଦାଣ୍ଡରେ ଏହି ବୀରତ୍ୱ ବ୍ୟଞ୍ଜକ ଅଭିନୟକୁ ଉପଭୋଗ କରିଥାନ୍ତି । ନୟାଗଡ଼ ଜିଲ୍ଲାର ରଘୁନାଥପୁର, ଖଣ୍ଡପଡ଼ା ଅଞ୍ଚଳର ବିଟଳଗାଡ଼ିଆ, ନିମାଣି ଗ୍ରାମର କେତେକ ଜାନୁଘଣ୍ଟ ପରିବାର ଅବସ୍ଥାନ କରୁଛନ୍ତି । ସେମାନେ ଏହି ବିରଳ ଲୋକନାଟକକୁ ବଞ୍ଚାଇ ରଖିଛନ୍ତି ।

କଣ୍ଢେଇ ନାଚ:

କଣ୍ଢେଇ ନାଚ ନୟାଗଡ଼ର ଅନ୍ୟତମ ଲୋକକଳା । କଣ୍ଢେଇ ନାଚରେ ରଙ୍ଗମଞ୍ଚ ଉପରେ ଅନେକଗୁଡ଼ିଏ କଣ୍ଢେଇଙ୍କୁ ଅଭିନୟ କରାଇଥାନ୍ତି ଜଣେ କଳାକାର । ପ୍ରତ୍ୟେକ କଣ୍ଢେଇ ଅଂଗରେ ସରୁ ତାରମାନ ବନ୍ଧାଯାଇଥାଏ । ତାହା କଳାକାର ନିଜ ହାତ ଆଙ୍ଗୁଳିରେ ବାନ୍ଧି ଖେଳ ଦେଖାଇଥାଏ । ନୟାଗଡ଼ ମୁଗୁପାଟଣା କଣ୍ଢେଇନାଚ ଦଳ ଓଡ଼ିଶା ବିଖ୍ୟାତ । ଏହି ନାଚଦଳ ଓଡ଼ିଶାର ବିଭିନ୍ନ ସ୍ଥାନରେ କଳାପ୍ରଦର୍ଶନ କରି ଖ୍ୟାତି ଅର୍ଜନ କରିଛନ୍ତି ।

Digitized by PPRACHIN, SOA

କାଳେସି/ମଙ୍ଗଳା ନାଚ :

ମଙ୍ଗଳା ଠାକୁରାଣୀଙ୍କ ପୂଜାରାଧନା ନୟାଗଡ଼ ଅଞ୍ଚଳରେ ବହୁ ପୁରାତନ ପରଂପରା । ନୟାଗଡ଼ ଜିଲ୍ଲାର ପ୍ରାୟ ପ୍ରତ୍ୟେକ ଗାଁରେ ମା'ମଙ୍ଗଳାଙ୍କ କୋଠି ରହିଛି । ଚୈତ୍ର ଓ ଆଶ୍ୱିନ ମାସରେ ମଙ୍ଗଳାଙ୍କ ପୂଜା ହୋଇଥାଏ । ମଙ୍ଗଳାଙ୍କ

ଚଳନ୍ତି ତଥା ଜୀବନ୍ତ ପ୍ରତିମା ଭାବରେ କାଳସୀ ଗ୍ରାମ ଗ୍ରାମ ବୁଲିଥାନ୍ତି । ଏହି ସମୟରେ କାଳିସୀ ରୂପରେ ଦୁଇ ପୁରୁଷ କଳା ଶାଢ଼ୀ ଓ ନାଲି ଛିଟ କପଡ଼ା ପିନ୍ଧି ଅଳଙ୍କାର ଲଗାଇ ପାଦରେ ନୂପୁର ଓ ମୁଣ୍ଡରେ ମଙ୍ଗଳାଙ୍କ ଘଟ ମଣ୍ଡନ କରିଥାନ୍ତି । ଗୋଟିଏ ହାତରେ ଝୁମୁକା କାଠି ଏବଂ ଅନ୍ୟ ହାତରେ ଚଅଁର ଧରିଥାନ୍ତି । ସେମାନେ ଗ୍ରାମ ଗ୍ରାମ ନାଚି ନାଚି ବୁଲିଥାନ୍ତି । ଏଥିରେ ବାଦ୍ୟଯନ୍ତ୍ରରେ ସହଯୋଗିତା କରିଥାନ୍ତି ଢ଼ୋଲ, ଝାଞ୍ଜ ଏବଂ ମହୁରୀ । ଢ଼ୋଲ, ଝାଞ୍ଜ ଓ ମହୁରୀର ତାଳେତାଳେ ଗାଁ ଦାଣ୍ଡରେ ସେମାନେ ନାଚି ନାଚି ମଙ୍ଗଳାଙ୍କ ମହିମା ପ୍ରଚାର କରିଥାନ୍ତି । ନୟାଗଡ଼ରେ ଅନେକ କାଳେସୀ ଏହିପରି ନାଚିଥାନ୍ତି । ନୟାଗଡ଼ ଜିଲ୍ଲାର ଆଙ୍ଗିସିଙ୍ଗି ଗ୍ରାମର କାଳିନ୍ଦୀ ନାୟକ କାଳେସୀ ନାଚରେ ପଟୁତା ପ୍ରଦର୍ଶନ କରି ଏହି ଅଞ୍ଚଳରେ ବେଶ୍ ଜଣାଶୁଣା । କାଳେସୀ ନାଚ ବେଳେ ସେ 'ମୁକୁତା ସୁନ୍ଦରୀ-ହରିବନ୍ଧୁ' ପ୍ରସଙ୍ଗ ଗୀତ ଗାଇ ଗାଇ ନାଚ କରି କରି ଯିବାର ଦୃଶ୍ୟ ବେଶ୍ ଆକର୍ଷଣୀୟ । ଢ଼ୋଲ ବାଦ୍ୟର ତାଳେ ତାଳେ ସେ ଗାଇଥାନ୍ତି-

Digitized by PPRACHIN, SOA

"ରାମ ରାମ ତ ଶ୍ରୀହରି
ତଳେ ଅଛୁ ବସୁମାତା
ଉପରେ ଅଛୁ ଧରମ ଦେବତା
ମାନ୍ୟ ହେଲି ଲୋ ଶାରଳା
ଏ ଥାନେ ଗୀତ ଏ ଥାନେ ଗଲା
ମୋର ଗୀତ ଯାଇ ଲାଗିଲା
ହରି ଧର ପାଶେ, ମୁକୁତା ଦେଇ ପାଶେ
ଶୁଣରେ ହରିବନ୍ଧୁ ଯୁଗଳ ବନ୍ଧୁ ମୋର
ଗେଣ୍ଡାରେ ମୁଦଥିବ ସପତ ସରା ଶାଢ଼ି ।"

ମୁକୁତା ସୁନ୍ଦରୀ ହରିବନ୍ଧୁଙ୍କର କଥାବସ୍ତୁଟି ଏହିପରି- ମୁକୁତା ସୁନ୍ଦରୀ- ହରିବନ୍ଧୁ ଭାବି ଦମ୍ପତି । ଭାଉଜ ବେଲେରୀ ଦେଇ ଦିଅର ହରିବନ୍ଧୁଙ୍କୁ ଶରଧା କରିବାରୁ ମୁକୁତା ସୁନ୍ଦରୀ ଦୁଃଖ ପାଇଲା । ବେଲେରୀ ଭାଉଜ ମୁକୁତାକୁ ନିନ୍ଦା କରିବା ସତ୍ତ୍ୱେ ହରିବନ୍ଧୁ ମୁକୁତାକୁ ପାଇବା ପାଇଁ ଇଚ୍ଛା କଲା । ବେଲେରୀ ମୁକୁତାକୁ ବେଶ କଲାବେଳେ କଜ୍ୱଳରେ ଲଙ୍କାମରିଚ ମେଥି ମୁକୁତା ଆଖିରେ କଜ୍ୱଳ ଲଗାଇଲା । ମୁକୁତା ସୁନ୍ଦରୀ ଲୁହ ବୁହାଇବାରୁ ଅସୁନ୍ଦର ଦିଶିଲା । ତେଣୁ ହରିବନ୍ଧୁ ମୁକୁତାକୁ ଅନାଇଲା ନାହିଁ । ଏଣେ ବେଲେରୀ ଭାଉଜ ଗୋଟାପଣେ ହରିବନ୍ଧୁର ହେଲା । ମୁକୁତା ସୁନ୍ଦରୀ ଦୁଃଖ ପାଇଲା । କିନ୍ତୁ ସେ ମାଆ ମଙ୍ଗଳାଙ୍କୁ ସୁମରଣା କଲା । ତେଣୁ ମା'ମଙ୍ଗଳା ସାହା ହେବାରୁ ମୁକୁତା ଓ ହରିବନ୍ଧୁର ମିଳନ ହେଲା । ମନ୍ଦବୁଦ୍ଧି କରିଥିବାରୁ ବେଲେରୀ ଭାଉଜର ମୁଣ୍ଡକାଟ ହେଲା । ଏହା ହେଉଛି କାଳେସୀ ନାଚର କଥାବସ୍ତୁ । ଏହିପରି ମଙ୍ଗଳା ଗୀତ ଗାଇ ଗାଇ କାଳେସୀ ମାନେ ନାଚ କରିଥାନ୍ତି ।

ନୟାଗଡ଼ରେ ଆଙ୍ଗସିଙ୍ଗି, ବରସାହି, ଦେଉଳି, ମାଳିସାହି, ମଶାଣିଝୋଲା, ଖୁଣ୍ଟୁବନ୍ଧ, କେଶପାନିଆ, ଡମସାହି, ମାନପୁର, ଶିମିଳିସାହି, ଲାଠିପଡ଼ା, ନୂଆଗାଁ, ବାହାଡ଼ାଝୋଲା, ଇଟାମାଟି, ଶରଧାପୁର, ମହିପୁର, ଯୋଡ଼ାସାହି, ବାଲୁଗାଁ, ଖଣ୍ଡପଡ଼ାର ଯୋଗିଆପଲ୍ଲୀ ପ୍ରଭୃତି ଗାଁମାନଙ୍କରେ ଏହି କାଳେସୀ ନାଚର ପରଂପରା ରହିଛି ।

ଡାଳମାଙ୍କୁଡ଼ି ନାଚ :

ବର୍ଷାଲାଗି ଇନ୍ଦ୍ରରାଜଙ୍କ ଉଦ୍ଦେଶ୍ୟରେ ଏହି ନାଚ । ବୈଶାଖ ଜ୍ୟେଷ୍ଠ ମାସ ବର୍ଷା ଆଗମନର ସମୟ । ଏହି ସମୟ ବର୍ଷାଲାଗି ଇନ୍ଦ୍ରରାଜାଙ୍କୁ ପୂଜା କରିବା ଏକ ଆଦିମ ପରମ୍ପରା । ଏହା ସବୁ ଜାତି ଓ ସବୁ ଗୋଷ୍ଠୀର ଲୋକମାନଙ୍କ ମଧ୍ୟରେ ପ୍ରଚଳିତ । ଏହି ସମୟରେ ଗାଁର ଯୁବକମାନେ, ମୁଣ୍ଡରେ ଜାମୁଡାଳ ବାନ୍ଧି ଗାଁ ଦାଣ୍ଡରେ ବୁଲିଥାନ୍ତି ଓ ଗୀତଗାଇ ନାଚିଥାନ୍ତି । ଡାଳମାଙ୍କୁଡ଼ି ନାଚ ସମୟରେ

Digitized by PPRACHIN, SOA

ଏଥିରେ ଅଂଶ ଗ୍ରହଣ କରିଥିବା ନୃତ୍ୟକାରୀମାନେ ଢୋଲ ବାଦ୍ୟର ତାଳେ ତାଳେ ଗାଇଥାନ୍ତି–

"ବେଙ୍ଗୁଲୀ ବେଙ୍ଗୁଲୀ ମାଇପ ମଲା
ନଈ ତଳେ ତଳେ ଗଡ଼େଇ ଦେଲା ।
ଇନ୍ଦର ରଜା ମାଇପ କାଣୀ
ଦୁଲୁ ଦୁଲୁ କରି ବରଷେ ପାଣି ।
ଚକୁଳି ପିଠା ଫୁଲ୍ ଫୁଲ୍
ମେଘ ବରିଷିବ ଦୁଲ୍ ଦୁଲ୍ ।"

ଏମାନେ ପ୍ରଚଣ୍ଡ ଖରାରେ ତତଲା ଭୂଇଁରେ ପଡ଼ିଥାନ୍ତି । ଘରର ବୋହୂମାନେ ବା ସ୍ତ୍ରୀଲୋକମାନେ ସେମାନଙ୍କ ଉପରେ ହଳଦୀ ପାଣି ପକାଇଥାନ୍ତି । ଏମାନେ ଭୂଇଁରେ ଗଡ଼ି 'ଇନ୍ଦର ଦେ' ପାଣି, ଇନ୍ଦର ଦେ' ପାଣି' ବୋଲି ଉଚ୍ଚାରଣ କରୁଥାନ୍ତି ।

ପାଇକ ନାଚ :

ଗଡ଼ଜାତ ତଥା ରାଜା ରାଜୁଡ଼ା ଶାସନ ସମୟରେ ପାଇକମାନେ ଥିଲେ ରାଜାଙ୍କର ସୈନିକ । ଏହି ପାଇକ ସଂପ୍ରଦାୟ ମଧ୍ୟରେ ମୁଖ୍ୟତଃ ଚଷା ଓ ହରିଜନ ଶ୍ରେଣୀର ଲୋକ ସର୍ବାଧିକ ଥାଆନ୍ତି । ଏହା ଏକ ସମରାଭ୍ୟାସ ନାଚ । ଯୁଦ୍ଧ ପୂର୍ବରୁ ରାଜାଙ୍କ ପଟୁଆର ସମୟରେ ଏମାନେ ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ଦଶହରା ସମୟରେ ଖଣ୍ଡା ପୂଜା କରୁଥିବା ସମୟରେ ଏମାନେ ଦେବୀଙ୍କୁ ଆବାହନ ପୂର୍ବକ ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ଏହି ପାଇକ ଆଖଡ଼ା ନୟାଗଡ଼ ଜିଲ୍ଲାର ଚାରିଗୋଟି ଗଡ଼ଜାତ ଯଥା– ନୟାଗଡ଼, ଦଶପଲ୍ଲା, ଖଣ୍ଡପଡ଼ା ଓ ରଣପୁରରେ ଅଛନ୍ତି । ଏମାନେ ଏହିସବୁ ଅଞ୍ଚଳରେ ହେଉଥିବା ମହୋତ୍ସବ ମାନଙ୍କରେ ପାଇକ ଖେଳ ପ୍ରଦର୍ଶନ କରିଥାନ୍ତି । ଏହା ଏକ ଲୁପ୍ତପ୍ରାୟ କଳା । କାରଣ ମୂଳ ଅସ୍ତ୍ରଶସ୍ତ୍ରଗୁଡ଼ିକ ଆଉ ନାହିଁ । ଅଧିକାଂଶ ସ୍ଥଳରେ ପାଇକମାନଙ୍କର ଦାୟାଦମାନେ କଳାକୁ ବଞ୍ଚାଇ ରଖିବାଲାଗି କାଠ ବାଉଁଶ ନିର୍ମିତ ଅସ୍ତ୍ରଶସ୍ତ୍ର ନେଇ ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ନୟାଗଡ଼ ଜିଲ୍ଲାର ଗୁଡୁପାଙ୍ଗି, ପାଇକପଡିଖାରୀ ପ୍ରଭୃତି ଗାଁମାନଙ୍କରେ ପାଇକ ନାଚ ରହିଛି ।

ଢୁମ୍ପା :

ନୟାଗଡ଼ ଜିଲ୍ଲାର ବିଭିନ୍ନ ଲୋକକଳା ମଧରେ ଢୁମ୍ପା ଅନ୍ୟତମ । ଢୁମ୍ପା ଏକ ପ୍ରାଚୀନତମ ଲୋକକଳା । ଏହା ପଠାଣିସାମନ୍ତଙ୍କର ଜନ୍ମଭୂମି ଖଣ୍ଡପଡ଼ା ଗଡ଼ର ଏକ ପାରମ୍ପରିକ ନୃତ୍ୟକଳା । ଖଣ୍ଡପଡ଼ାଗଡ଼ର ରାଜାମାନେ ଥିଲେ ସାହିତ୍ୟପ୍ରିୟ ଓ

Digitized by PPRACHIN, SOA

ସଙ୍ଗୀତପ୍ରିୟ । ସେମାନଙ୍କର ପୃଷ୍ଠପୋଷକତାରେ ଏହି ଢୁମ୍ପା ଲୋକକଳାଟି ବିକଶିତ ହୋଇପାରିଥିଲା । ଢୁମ୍ପା ଆସରଟିଏ ପାଇଁ ଗୋଟିଏ ଢୁମ୍ପା ବାଦ୍ୟର ଆବଶ୍ୟକତା ରହିଛି । ଢୁମ୍ପା ହେଉଛି ଏକ ମଇବୃକ୍ଷର ଗଣ୍ଠିର ଖୋଳ । ବର୍ଷାଦିନେ ଏହାକୁ ସଂଗ୍ରହ କରାଯାଏ । ବୃକ୍ଷଟିକୁ କାଟି ବୃକ୍ଷର ମଝି ଖଣ୍ଡଟିକୁ ପାଣିରେ ଭିଜାଇ କିଛିଦିନ ରଖିଦିଆଯାଏ । ଏହା କଷିଗଲେ ଏଥିରୁ ଦାରୁ ଅଂଶଟିକୁ ଭିଡ଼ି ବାହାର କରିଦିଆଯାଏ । ଫଳରେ ଖୋଳପାଟି ବାହାରିପଡ଼େ । ଏହି ଖୋଳପାର ଗୋଟିଏ ମୁଣ୍ଡ ବନ୍ଦ କରିଦିଆଯାଇ ଅପର ମୁଣ୍ଡଟିକୁ ଏକ ମାଂସଳ ବସ୍ତୁ ଦ୍ୱାରା ଆଘାତ କରାଯାଇ ଖୋଳ ଉପରେ ତାଳ ଅନୁସାରେ କାଠିରେ ଆଘାତ କରାଗଲେ ସେଥିରୁ ଶ୍ରୁତି ମଧୁର ଧ୍ୱନି ନିର୍ଗତ ହୁଏ । ଢୁମ୍ପା ସଙ୍ଗୀତର ସ୍ୱର ସହିତ ଏହି ବାଦ୍ୟର ସ୍ୱର ମିଳିତ ହୋଇ ଏକ ଅପୂର୍ବ ସାଙ୍ଗୀତିକ ସ୍ୱର ସୃଷ୍ଟି ହୁଏ ।

ଅତୀତରେ ଖଣ୍ଡପଡ଼ା ଥିଲା ବିଦ୍ୟାନଗରୀ । ସାହିତ୍ୟ, ସଙ୍ଗୀତ, ଗଣିତ ଓ ଜ୍ୟୋତିଷ- ପ୍ରତ୍ୟେକ କ୍ଷେତ୍ରରେ ଖଣ୍ଡପଡ଼ାର ପ୍ରସିଦ୍ଧି ରହିଥିଲା । ତେବେ ସାମନ୍ତ ଚନ୍ଦ୍ରଶେଖରଙ୍କର ମଧ୍ୟମ ପୁତ୍ର ଗଦାଧର ସିଂହସାମନ୍ତ ଖଣ୍ଡପଡ଼ା ଗଡ଼ରେ ଢୁମ୍ପାର ପ୍ରଚାର ଓ ପ୍ରସାର ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । ସେଥିପାଇଁ ସେ ଏକ ଢୁମ୍ପାଦଳ ଗଠନ କରିଥିଲେ । ଗଦାଧର ସିଂହସାମନ୍ତ ଅନେକ ଢୁମ୍ପାଗୀତ ମଧ ରଚନା କରିଥିଲେ । ସର୍ବୋପରି ଗଦାଧର ସିଂହସାମନ୍ତଙ୍କ ସମସାମୟିକ ଖଣ୍ଡପଡ଼ାର ରାଜା ନଟବର ସିଂହମର୍ଦ୍ଦରାଜ ଢୁମ୍ପାର ପୃଷ୍ଠପୋଷକତା କରିଥିଲେ । ଖଣ୍ଡପଡ଼ା ନିକଟବର୍ତ୍ତୀ ରହିଥିବା ପର୍ବତରେ ରାଜା ଗୋଟିଏ ବର୍ଷା ନିବାସ ନିର୍ମାଣ କରାଇଥିଲେ । ବର୍ଷା ଋତୁରେ ରାଜା ଏବଂ ତାଙ୍କ ସହଯୋଗୀ ଦଳ ଏହି ବର୍ଷାନିବାସରେ ଅବସ୍ଥାନ କରି ପ୍ରକୃତିର ରମ୍ୟକୋଳରେ ଢୁମ୍ପା ଆସରର ଆୟୋଜନ କରୁଥିଲେ । ଢୁମ୍ପା ଗୀତ ଗୁଡ଼ିକ ମୁଖ୍ୟତଃ ଆଦି ରସାତ୍ମକ । ତେବେ ଏହାର ସାଙ୍ଗୀତିକ ବିଭବ ବେଶ୍ ଉଚ୍ଚକୋଟୀର । ଦୁଇଗୋଟି ଢୁମ୍ପା ସଙ୍ଗୀତର ଉଦାହରଣ ଏଠାରେ ପ୍ରଦତ୍ତ କରାଗଲା-

(କ) "ସରୁ କରଜା, ଥରୁଟାଏ ଚାହିଁ ତୁ ଯା'ରେ
ବାହାର ତୁ ପୋଷା ଆଜି,
ବାହାରିଛୁ ବେଶ ସାଜି
ଆହା ଦଳିଦେଲୁ ମଜାରେ, ସରୁ କରଜା...
ରୋଷ ନ ଧର ତୁ ଚିତ୍ତେ
ପୋଷ ନେଇ ପାଶେ ମୋତେ
ଦୋଷ କଲେ ଦେବୁ ସଜାରେ, ସରୁ କରଜା...

Digitized by PPRACHIN, SOA

ପ୍ରସନ୍ନତା ହୃଦେ ଭରି
ଅଶରଣକୁ ଉଦ୍ଧରି
ଯଶ ନାଗରାକୁ ବଜାରେ, ସରୁ କରଜା...
ପଦାବ୍ଜେ ନ ଦେଲେ ଠାବ
ସଦା ସ୍ମରାନନ୍ଦେ ହେବ
ଗଦାଧର ସିଂହ ଭଜାରେ, ସରୁ କରଜା... ।"

(ଖ) "ଶୋଭା ଦିଶେ କିରେ, ଖଣ୍ଡାରେ ନ ଥିଲେ ପାଳି
ଭଣ୍ଡାରେ ନ ଥିଲେ ସଲକ୍ଷଣ ହୀରା ଥଣ୍ଡାରେ ନ ଥିଲେ ଗାଳି ।
ହାସରେ ନ ଥିଲେ ପ୍ରଦିମା ଶ୍ୱଶୁର ବାସରେ ନ ଥିଲେ ଶାଳୀ ।
ରଙ୍ଗରେ ନ ଥିଲେ ହାସ୍ୟକାରୀ ଜେମା ସଙ୍ଗରେ ନ ଥିଲେ ଆଳୀ ।
ପାଟରେ ନ ଥିଲେ ଜରିଫୁଲ ଜଳଘାଟରେ ନ ଥିଲେ ବାଳୀ ।
ବାଟରେ ନ ଥିଲେ ପଥିକ ନିବାସ ହାଟରେ ନ ଥିଲେ ଚାଳି ।
ଭଣେ ଗଦାଧର ସିଂହ ଅଳଙ୍କାର ପଣେ ଲଗାଇଲେ ଭାଳି
କୁନ୍ଦରଦନାର ନ ଥିଲେ ଗଳାରେ ସୁନ୍ଦର କୁନ୍ଦନମାଳୀ
ଶୋଭା ଦିଶେ କିରେ......।"

ସଂକୀର୍ତ୍ତନ :

ନୟାଗଡ଼ ଜିଲ୍ଲାରେ ସଂକୀର୍ତ୍ତନର ବହୁଳ ଆଦର ରହିଛି । ଏହା ଏକ ଧାର୍ମିକ ଲୋକକଳା । ପାଲା ଭଳି ଏଥିରେ ଗୀତ, ବାଦ୍ୟ ଓ ନୃତ୍ୟର ସମନ୍ୱୟ ଦେଖିବାକୁ ମିଳେ । ଗୋଟିଏ ସଂକୀର୍ତ୍ତନ ଦଳରେ ଜଣେ ଗାୟକ, ଜଣେ ବାୟକ ଏବଂ ଆଠ/ଦଶ ଜଣ ପାଳିଆ ଥାନ୍ତି । ଗାୟକ, ବାୟକ ଓ ପାଳିଆମାନେ ହଳଦିଆ କିମ୍ବା ଧଳା ଲୁଗା ପିନ୍ଧିଥାନ୍ତି । ପ୍ରତ୍ୟେକେ ଉତ୍ତରୀୟ ଧାରଣ କରିଥାନ୍ତି । ସମସ୍ତେ ଚିତାତିଳକ ଲଗାଇଥାନ୍ତି । ବେକରେ ମାଳା ଥାଏ । ସଂକୀର୍ତ୍ତନିଆମାନେ ବିଭିନ୍ନ ବାଦ୍ୟ ବଜାଇଥାନ୍ତି । ଗାୟକ ଓ ପାଳିଆମାନେ ଗିନି, ଝାଞ୍ଜ, କଂସାଳ ବାଦ୍ୟ ବଜାଇଥାନ୍ତି । ବାୟକ ମୃଦଙ୍ଗ ବଜାନ୍ତି । ଏମାନେ ନିତାଇ, ଗୌର ଜଗାଇ, ମାଧାଇ ବେଶରେ ସଜ୍ଜିତ ହୋଇ ଅଭିନୟ କରିଥାନ୍ତି । ସଂକୀର୍ତ୍ତନ ମଣ୍ଡଳୀ ବିଭିନ୍ନ ପର୍ବପର୍ବାଣି ଦିବସରେ ନିମନ୍ତିତ ହୋଇ ସଂକୀର୍ତ୍ତନ ପରିବେଷଣ କରନ୍ତି । ଶ୍ରୀକୃଷ୍ଣ ମାହାତ୍ମ୍ୟ ଓ ଚୈତନ୍ୟ ମାହାତ୍ମ୍ୟକୁ ଏମାନେ ବର୍ଣ୍ଣନା କରି ଦର୍ଶକଙ୍କୁ ବିଭୋର କରିଥାନ୍ତି ।

ସଂକୀର୍ତ୍ତନ ମଣ୍ଡଳୀ ପ୍ରଥମେ ଗୁରୁବନ୍ଦନା କରିଥାନ୍ତି । ଏହାପରେ ଚୈତନ୍ୟ ଠାକୁରଙ୍କୁ ବନ୍ଦନା କରିଥାନ୍ତି । ନୟାଗଡ଼ ଜିଲ୍ଲାରେ ସଂକୀର୍ତ୍ତନ ମଣ୍ଡଳୀ କବି ଅର୍ଜ୍ଜୁନ ବାରିକଙ୍କ ରଚିତ ଚୈତନ୍ୟ ବନ୍ଦନାଟି ଗାନ କରିଥାନ୍ତି–

Digitized by PPRACHIN, SOA

"ଘେନ ନିବେଦନ ମୋର,
ଶଚୀ ମା' କୋଳର ରତ୍ନ ପସରା ନବଦ୍ୱୀପ ନିଶାକର । (ଘୋଷା)
ଜଗନ୍ନାଥ ମିଶ୍ର ସାଉଁଟା ସମ୍ପତ୍ତି ଭକ୍ତ ହୃଦପଦ୍ମବନ ଛାୟାପତି
ବିଷ୍ଣୁପ୍ରିୟା ଗଳା ଶୁଭ୍ର ମଣିମାଳା କନକ କାନ୍ତି ଗଉର ।
କଳୁଷ ବାରଣ ଦାରଣ କେଶରୀ ନାହିଁ ପଟାନ୍ତର ଗୁଣର ମାଧୁରୀ
ପାତକୀ ପାବନ କଲ ଅବତୀର୍ଣ୍ଣ ହୋଇ ଧରଣୀ ଉପର ।
ରାଧାକୃଷ୍ଣ ପ୍ରେମ ଅମୃତ ଲହରୀ ଖେଳାଇଲ ବିଶ୍ୱେ ଯାଚି ଦେଇ କରି
ମୃଦଙ୍ଗ ଝାଞ୍ଜାଳି ଶବ୍ଦେ ସ୍ୱର ତୋଳି, ତାରିଲ ନାରକୀ ନର ।
ବାସୁଦେବ ଆଉ ଜଗାଇ ମାଧାଇ ଠାରୁ ବଳି ମହାପାପୀ ଅଟେ ମୁହିଁ
ବାହୁକୁ ପ୍ରସାରି କୋଳେ ନିଅ ଧରି ନିରାଶା ମୋତେ ନ କର ।
ସଂକୀର୍ତ୍ତନ ରାସ ରସିକମୋହନ, ପଞ୍ଚତତ୍ତ୍ୱ ସଙ୍ଗେ ଦିଅ ଦରଶନ
ପରମପାତକୀ ବାଣୀସଉରଭ ଅର୍ଜ୍ଜୁନ ଯୋଡ଼ଇ କର ।"

ଏହାପରେ ସଂକୀର୍ତ୍ତନ ମଣ୍ଡଳୀ ବୃନ୍ଦାବନ ବିହାରୀ ଘନସୁନ୍ଦର କାଳିଆ କୃଷ୍ଣଚନ୍ଦ୍ରଙ୍କୁ ବନ୍ଦନା କରିଥାନ୍ତି । ଏହାକୁ ଗାୟକ ଗାଇଥାନ୍ତି । ପାଳିଆମାନେ ପାଳିଧରି ସମତାଳରେ ଗାଇଛନ୍ତି-

"କାହିଁ ଅଛ ଆସ ହେ, ଦେଖାଦିଅ ମୁରାରି, କାହିଁଅଛ ଆସହେ.....
ଗୋପୀଙ୍କ ଜୀବନ ହେ ନନ୍ଦନନ୍ଦନ
ନୀଳମଣି ବୃନ୍ଦାବନ ବିହାରୀ, କାହିଁଅଛ......
ରାଧାରାଣୀ ହୃଦଚନ୍ଦନ କାଳୀବିଷଧର ମର୍ଦ୍ଦନ
ବରଜପାଳକ ହେ ରାସରସିକ
ଯଶୋଦା ନୟନ ଧନ କଂସାରି, କାହିଁଅଛ.......
ନଟବର ନବକିଶୋର ଶିଖିପୁଚ୍ଛ ଭୂଷଣଶିର
ଦୈତ୍ୟକୁଳକୋଳ ମଦନ ଗୋପାଳ
ଯାଦବସୁନ୍ଦର ମୁରଲୀଧାରୀ, କାହିଁଅଛି........
ନୀଳାମ୍ବୁଜ ନୀରଦତନୁ ଗୋବର୍ଦ୍ଧନ ଧରା ହେ କାହ୍ନୁ
ପୁରନ୍ଦର ଦର୍ପ ଲୋପ କରା ଗୋପ-
ସମ୍ପଦ ରକ୍ଷକ ଆହେ ବକାରି, କାହିଁଅଛି........
କୁବୁଜାର ତାରଣ କର୍ତ୍ତା କୁବଳୟା ବାରଣ ହନ୍ତା
ପୁତନା ପରାଣ ଖିଆ ହେ ମୋହନ
ଦେଖା ଅର୍ଜ୍ଜୁନକୁ ପଦ ମାଧୁରୀ ।"

Digitized by PPRACHIN, SOA

ସଂକୀର୍ତ୍ତନ ମଣ୍ଡଳୀ ବହୁ ଭଜନ, ଜଣାଣ, ମନଃଶିକ୍ଷା ପ୍ରଭୃତି ଗାଇଥାନ୍ତି। ମନଃଶିକ୍ଷା ଗୁଡ଼ିକ ବେଶ୍ ତାତ୍ତ୍ୱିକ ଏବଂ ଶିକ୍ଷାପ୍ରଦ ।

ନୟାଗଡ଼ ଜିଲ୍ଲାରେ ଅନେକ ସଂକୀର୍ତ୍ତନ ମଞ୍ଚ ରହିଛି । ସେଥିମଧ୍ୟରୁ କେତେଗୋଟି ହେଉଛି- ଓଡ଼ଗାଁର ରାମନବମୀ ମଞ୍ଚ, ଲଡୁବାବାଙ୍କୁ ପୀଠ ଶରଣକୁଳ ଠାରେ ଯମଦ୍ୱିତୀୟା ଦିନ ହେଉଥିବା ମଞ୍ଚ, ଗୋଡ଼ିସାହି ମଞ୍ଚ (ଫାଲଗୁନ କୃଷ୍ଣପକ୍ଷ ଦ୍ୱିତୀୟା), ମାଛିପଡ଼ା ଠାରେ ଭାଗବତ ଜନ୍ମ ଓ ଶ୍ରୀରାମନବମୀ ମଞ୍ଚ, ପଲ୍ଲୀଶାସନ, ବାଲିପାଟଣା, ହରିପୁର, ତିନ୍ଦେରା (ରଣପୁର), ଭୂତଡିହି, ଆଡ଼ଚେର, ସୁନାନଟି, ଦେଉଳି, ନଛିପୁର, ଇକିରି, ଖଣ୍ଡପଡ଼ା, ରାଣୀପଡ଼ା ମଠ, ତୋଟାସାହି (ରଜସଂକ୍ରାନ୍ତି ଦିନ), ରାଇପୁର, ମଶାଣିଝୋଲା, ସଂପଡ଼ା, ବିନ୍ଧ୍ୟଭୂଇଁ, ମଧ୍ୟଖଣ୍ଡ, ଦଶପଲ୍ଲା, କୃଷ୍ଣପୁର (ରଣପୁର), ହରିପଦର (ରଣପୁର), କଲରାଝର, ଫତେଗଡ଼, କରବର (ଖଣ୍ଡପଡ଼ା), ଖଇରପଟି (ରଣପୁର), କେନ୍ଦୁଝିଁପି (ରଣପୁର), କଞ୍ଚନବିଲି (କାର୍ତ୍ତିକ ପୂର୍ଣ୍ଣମାଦିନ) ପ୍ରଭୃତି ଗ୍ରାମମାନଙ୍କରେ ସଂକୀର୍ତ୍ତନ ଅଭିନୀତ ହୋଇ ଆସୁଅଛି ।

ନୟାଗଡ଼ ଜିଲ୍ଲାର ସଂକୀର୍ତ୍ତନର ଲେଖକ ଭାବରେ ମାଳିସର ଗ୍ରାମର ଭାଗବତ ପ୍ରଧାନ(ସଂକୀର୍ତ୍ତନ ଗଣେଶ), ମଝିଆଁଖଣ୍ଡ (ରଣପୁର)ର ଅଗାଧୁଭଞ୍ଜ, ହରିପୁର (ନୟାଗଡ଼)ର କବି ଅର୍ଜ୍ଜୁନ ବାଁରିକଙ୍କ ନାମ ଉଲ୍ଲେଖଯୋଗ୍ୟ । ନୟାଗଡ଼ ଜିଲ୍ଲାର କେତେକ ପ୍ରସିଦ୍ଧ ସଂକୀର୍ତ୍ତନ ଗାୟକ ହେଉଛନ୍ତି- ଗୋଡ଼ିପଡ଼ାଗ୍ରାମର ଉଦୟନାଥ ପୃଷ୍ଟି, ସାଲୁଣୀଗ୍ରାମର ଯୋଗେଶ୍ୱର ସ୍ୱାଇଁ, ରାମଚନ୍ଦ୍ର ସ୍ୱାଇଁ, କାଦୁଆ ଗ୍ରାମର ଅକ୍ରୁର ସ୍ୱାଇଁ, ସାନପଣ୍ଡୁସର ଗ୍ରାମର ଗାଣ୍ଡୁ ଖଣ୍ଡା, ବାରବାଟୀ ଗ୍ରାମର ପୀତବାସ ପ୍ରଧାନ, ଫାଶିପଡ଼ାର ହରିହର ନାୟକ, ରଣପୁର ଗୌରଚନ୍ଦ୍ରପୁର ଗୁଣନିଧି ସାମନ୍ତରା, ବାଘୁଆପଲ୍ଲୀର ଗୋଲୋକପ୍ରଧାନ, ପନ୍ତିଖାରୀର ଲିଙ୍ଗରାଜ ଦାସ, ସୁନାନଟି ଗ୍ରାମର ପୀତବାସ ଦଳେଇ, ପାଣିଭଣ୍ଡାର ଗ୍ରାମର ଚନ୍ଦ୍ରମଣି ମାଝି, (ଗାୟକରତ୍ନ) କେନ୍ଦୁଝିଁପିର ଗୌରାଙ୍ଗ ନାୟକ, ଖତିଆର ବନମାଳୀ ମୁଦୁଳି, ନୋତର ଗ୍ରାମର ଆନନ୍ଦ ନାୟକ, ବାଙ୍କଶାଳୁଆ ଗ୍ରାମର ଗୌରାଙ୍ଗ ପଲେଇ, ଶଙ୍ଖେର ଗ୍ରାମର ଗୋପୀନାଥ ଦଳବେହେରା, ବାଇଗୁଣିଆର ମଦନମୋହନ ଦାସ (ସଂକୀର୍ତ୍ତନ ମହାରଥୀ), କୋଡ଼ିଏ କାହାଣିଆ ଗ୍ରାମର ନରୋତ୍ତମ ପ୍ରଧାନ, ବଡ଼ଦେଣ ହରିପୁରର ବାଉରୀବନ୍ଧୁ ସେନାପତି । ଏମାନେ ସଂକୀର୍ତ୍ତନ ପରିବେଷଣରେ ବହୁ ସୁଖ୍ୟାତି ଅର୍ଜନ କରିଛନ୍ତି ।

ନୟାଗଡ଼ ଜିଲ୍ଲାରେ ଲୋକନାଟକର ସୁଦୃଢ଼ ପରମ୍ପରା ରହିଛି । ଲୋକନାଟକ ଗୁଡ଼ିକ ପ୍ରତି ଲୋକମାନଙ୍କର ଅତୁଟ ଆଗ୍ରହ ରହିଛି । ନୟାଗଡ଼ ଜିଲ୍ଲାରେ ବିଭିନ୍ନ ପ୍ରକାରର ଲୋକନାଟକର ଆଧାତ୍ମିକ ଓ ସାଂସ୍କୃତିକ ଦିଗ ରହିଛି । ଦଣ୍ଡନାଟ ଶିବ ଓ କାଳୀଙ୍କର

Digitized by PPRACHIN, SOA

ଉପାସନାକୁ ଆହୁରି ଦୃଢ଼ୀଭୂତ କରୁଅଛି । ଶିବଙ୍କ ମହିମାପ୍ରତି ଆସ୍ଥା ସୃଷ୍ଟି କରିବା ଦଣ୍ଡନାଟର ମୁଖ୍ୟ ଉଦ୍ଦେଶ୍ୟ । ସୁତରାଂ ନୟାଗଡ଼ ଜିଲ୍ଲାରେ ଶୈବଧର୍ମର ମହିମା ତଥା ଆଧ୍ୟାତ୍ମିକତାର ପ୍ରଚାର ଓ ପ୍ରସାର ପାଇଁ ଦଣ୍ଡନାଟର ପ୍ରମୁଖ ଭୂମିକା ରହିଛି । ତେଣୁ ଗାଁ ଗହଳିରେ ମାନସିକ କରି ଲୋକମାନେ ଦଣ୍ଡନାଟରେ ଯୋଗଦାନ କରିଥାନ୍ତି । ଦଣ୍ଡନାଟରେ ଲୋକଜୀବନର ସ୍ୱାଭାବିକ ଚିତ୍ର ପ୍ରତିଫଳିତ । ଲୋକଜୀବନର ହସ-କାନ୍ଦ, ସୁଖ-ଦୁଃଖ, ଚାଲି-ଚଳଣି, ଆଚାର-ବ୍ୟବହାର, ସମାଜର ଦଳିତ ଲୋକମାନଙ୍କର ଜୀବନର ଚିତ୍ର ଦଣ୍ଡନାଟରେ ଲକ୍ଷ୍ୟଣୀୟ । ଧୋବା-ଧୋବଣୀ, କେଳା-କେଳୁଣି, ପତରସଉରା-ପତରସଉରୁଣୀ, ଚଢ଼େୟା-ଚଢ଼େୟାଣୀ, ଜଉତିଷ, ମାଳୀ, ସାପୁଆକେଳା ପ୍ରଭୃତି ଲୋକମାନଙ୍କର ଜୀବନର ଚିତ୍ର ଦଣ୍ଡନାଟରେ ପ୍ରତିଫଳିତ । ଦଣ୍ଡନାଟରେ ବିଭିନ୍ନ ରସର ଅବତାରଣା ରହିଛି । ହାସ୍ୟରସ, ବୀରରସ, ଶୃଙ୍ଗାର ରସ, ଶାନ୍ତରସର ଅଭାବ ନାହିଁ ।

ସେହିପରି ପାଲା, ରାମଲୀଳା, କୃଷ୍ଣଲୀଳା ପ୍ରଭୃତି ଲୀଳାନାଟକଗୁଡ଼ିକ ଆଧ୍ୟାତ୍ମିକ ଚେତନା ସୃଷ୍ଟି ପାଇଁ ଅଭିପ୍ରେତ । ଏଗୁଡ଼ିକରେ ଯେପରି ମନୋରଞ୍ଜନଧର୍ମିତା ରହିଛି, ସେହିପରି ଭକ୍ତିଭାବ ସୃଷ୍ଟି ପାଇଁ ରହିଛି ଯଥେଷ୍ଟ ଉପାଦାନ । ଦୁଆରୀନାଚ (ଭାରତଲୀଳା), ଘୁଡୁକୀନାଚ ପ୍ରଭୃତିରେ ଲୋକମାନଙ୍କର ମନୋରଞ୍ଜନ କରିବା ସହିତ ଶାସ୍ତ୍ର, ପୁରାଣ, ଗୀତା, ଭାଗବତ, ରାମାୟଣ, ମହାଭାରତର ଶାସ୍ତ୍ରୀୟଗାନକୁ ପରିବେଷଣ କରିଥାନ୍ତି ।

ନୟାଗଡ଼ର ଲୋକନାଟକର ଆଉ ଗୋଟିଏ ଦିଗ ହେଉଛି ଯେ ଲୋକନାଟକଗୁଡ଼ିକରେ ନୟାଗଡ଼ ଜିଲ୍ଲାର ଗାଉଁଲି ଶବ୍ଦର ବ୍ୟବହାର । ଦୃଷ୍ଟାନ୍ତ ସ୍ୱରୂପ- ଅଠାକାଠି, ଅଷାଢୁଆ, ଆଣ୍ଟୁକୁଡ଼ା, ଇଆଡ଼େ, ଆଟିକା, କାଳିଦହନ, ଦୁର୍ଦ୍ଦଣ୍ଡୀ, ଭାରିଯା, ଚୁଲୀପଶା, ଗାତପଶା, ଖୁଦୁରୁକୁଣି, ଓଷେଇତୁଣି, ସଇସଙ୍ଗାତ, ଗୁଳାକୁଗୁଳା ପକାଇବା, ମୁଣ୍ଡିସାହାଡ଼ା, ଘଇତା, ମାଇପ, ବାଉଁଶରାଣୀ, ଭେଣ୍ଡା, ଭୁଆସୁଣୀ, ରଙ୍କ, ଛେଡ଼େଇବା, ଅଣ୍ଟି, ଗିରସ୍ତ, ଘିରିଘିରି, ଖାଁକେଇପେଟ, ଢୋଲିଆ, ଝାଇଁ, ଝୁମୁକା, ଯା'ଚାଲିଯା, ଯା' ବୁଲିଯା ଇତ୍ୟାଦି ।

ଲୋକନାଟକ ଗୁଡ଼ିକରେ ନୟାଗଡ଼ର ପ୍ରମୁଖ ଦେବଦେବୀଙ୍କୁ ବନ୍ଦନାଗାନ କରାଯାଏ, ଯାହାଫଳରେ ଆଧ୍ୟାତ୍ମିକତା ସୂତ୍ରରେ ନୟାଗଡ଼ ଜିଲ୍ଲାବାସୀଏ ବାନ୍ଧି ହୋଇଥିବାରୁ ଏଠାରେ ଭାଇଚାରାର ପ୍ରଭାବ ଦୃଢ଼ ଭାବରେ ଅନୁଭବ କରିହୁଏ । ଲୋକନାଟକ ନୟାଗଡ଼ ଲୋକଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ । ନୟାଗଡ଼ବାସୀଙ୍କର ମନୋରଞ୍ଜନ ସହିତ, ଆଧ୍ୟାତ୍ମିକତାର ଉତ୍ତରଣ, ପୁରାଣଶାସ୍ତ୍ର ପ୍ରଭୃତି ଚର୍ଚ୍ଚା ଜନିତ ଜ୍ଞାନର ବିକାଶ ପାଇଁ ଏହିସବୁ ଲୋକନାଟକର ଭୂମିକାକୁ ଅସ୍ୱୀକାର କରିହେବ ନାହିଁ ।

❑■❑

Digitized by PPRACHIN, SOA

ଏକବିଂଶ ପରିଚ୍ଛେଦ

ନୟାଗଡ଼ ଜିଲ୍ଲା ଜନଜାତିର ଇତିହାସ

Digitized by PPRACHIN, SOA

ନୟାଗଡ଼ ଜିଲ୍ଲା ପାହାଡ଼, ପର୍ବତ ଓ ଆରଣ୍ୟକ ଭୂମିରେ ପରିପୂର୍ଣ୍ଣ । ନୟାଗଡ଼ ଜିଲ୍ଲାର ବଣଜଙ୍ଗଲ ଘେରା ଅଞ୍ଚଳରେ ବିଭିନ୍ନ ଜନଜାତିର ଲୋକ ବାସ କରନ୍ତି । ଏମାନେ ପ୍ରକୃତିର ସନ୍ତାନ । ଅରଣ୍ୟର ଶାନ୍ତଭୂମିରେ ଏମାନେ କ୍ଷୁଦ୍ର କ୍ଷୁଦ୍ର ପଡ଼ା କରି ଅବସ୍ଥାନ କରିଥାନ୍ତି । ନୟାଗଡ଼ ଜିଲ୍ଲାର ଜନଜାତି ମଧ୍ୟରେ କନ୍ଧ, କୋହ୍ଲ, ଶବର ଖଇରା ଓ ଭୂୟାଁ ପ୍ରଧାନ । ନୟାଗଡ଼ ଜିଲ୍ଲାର ଜନଜାତି ମଧ୍ୟରେ କନ୍ଧ ସମ୍ପ୍ରଦାୟର ଲୋକସଂଖ୍ୟା ଅଧିକ । କନ୍ଧ ଜନଜାତିର ଲୋକମାନେ ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା ଓ ରଣପୁର ଅଞ୍ଚଳର ବନଭୂମି ଅଞ୍ଚଳରେ ବସବାସ କରୁଛନ୍ତି । ଶବରମାନେ ମୁଖ୍ୟତଃ ଖଣ୍ଡପଡ଼ା ଅଞ୍ଚଳରେ ବାସ କରନ୍ତି । ଭାପୁର ତହସିଲ ଅନ୍ତର୍ଗତ ଏବଂ କଣ୍ଟିଲୋ ନିକଟବର୍ତ୍ତୀ ଧାନଚାଙ୍ଗଡ଼ା ଗ୍ରାମରେ ଧାଙ୍ଗିଡ଼ି ପାହାଡ଼ ନିକଟରେ ଶବରପଲ୍ଲୀ ରହିଛି । ଶବରପଲ୍ଲୀକୁ ବିଶ୍ୱାବସୁ ଶବରର ଗାଁ ବୋଲି ଚିହ୍ନଟ କରାଯାଇଛି । ଧାନଚାଙ୍ଗଡ଼ା ଗାଁର ଦକ୍ଷିଣରେ କାଳିଆପଲ୍ଲୀ ଅବସ୍ଥିତ । ବର୍ତ୍ତମାନ ଏହି ଗ୍ରାମରେ ଶବର ଜାତିର ଲୋକମାନେ ବସବାସ କରୁଛନ୍ତି । ଏହି ଅଞ୍ଚଳରେ ମାଧବ ଉପାସନା ପ୍ରଚଳିତ ଥିଲା । ପ୍ରାୟତଃ ୩୦/୩୫ ବର୍ଷ ତଳେ ଧାଙ୍ଗିଡ଼ି ପାହାଡ଼ ପାଦଦେଶରୁ ମୃତ୍ତିକା ଖୋଳିବା ସମୟରେ ଗୋଟିଏ

ମାଟିତଳୁ ମିଳିଥିବା ମାଧବମୂର୍ତ୍ତି ।

Digitized by PPRACHIN, SOA

ପାଷାଣ ନିର୍ମିତ କମନୀୟ ମାଧବ ମୂର୍ତ୍ତି ମିଳିଥିଲା । ବର୍ତ୍ତମାନ ଏହି ମାଧବ ମୂର୍ତ୍ତି ଧାଙ୍ଗିଡ଼ି ପାହାଡ଼ ଶୀର୍ଷରେ ଅବସ୍ଥିତ ଲଳିତମାଧବ ମନ୍ଦିରରେ ପୂଜା ପାଉଛନ୍ତି । ଧାଙ୍ଗିଡ଼ି ପାହାଡ଼ ପାଦଦେଶରୁ ମନ୍ଦିରର ଧ୍ୱଂସାବଶେଷ ପଥର ଖଣ୍ଡମାନ ବର୍ତ୍ତମାନ ସଂଗୃହୀତ ହୋଇ ଲଳିତମାଧବ ମନ୍ଦିର ପରିସରରେ ସ୍ଥାନିତ ।

ମାଟିତଳୁ ମିଳିଥିବା ମନ୍ଦିରର ପ୍ରସ୍ତର ଖଣ୍ଡ ।

ଧାଙ୍ଗିଡ଼ି ପାହାଡ଼ ପାଦଦେଶର ପୂର୍ବ ପାର୍ଶ୍ୱରୁ ୨୦୦୩ ମସିହାରେ ସାତଗୋଟି ତାମ୍ରପଟା ମିଳିଥିଲା । ଧାଙ୍ଗିଡ଼ି ପାହାଡ଼ର ପଶ୍ଚିମ ପାର୍ଶ୍ୱରେ ବେତଖୋଲି ଅବସ୍ଥିତ । ଏଠାରେ ବେତବଣ ପରିପୂର୍ଣ୍ଣ ଥିଲା । ଏହି ସ୍ଥାନରୁ ପ୍ରାୟତଃ ୩୦/୩୫ ବର୍ଷ ତଳେ ମାଧବ ମୂର୍ତ୍ତି, ଶାଳଗ୍ରାମ ତିନିମୂର୍ତ୍ତି, ପାଞ୍ଚଗୋଟି ଛୋଟ ଛୋଟ ଗଣେଶ ମୂର୍ତ୍ତି (ପ୍ରାୟ ୨ ଇଞ୍ଚ ଉଚ୍ଚତା), ଦୁଇଗୋଟି ଦୀପ ମିଳିଥିଲା ।

କଣ୍ଟିଲୋ ଓ ଧାନଚାଙ୍ଗଡ଼ା ମଧ୍ୟରେ କମେଇ ନଦୀ ପ୍ରବାହିତ । ଧାଙ୍ଗିଡ଼ି ପାହାଡ଼ର ଦକ୍ଷିଣକୁ ପ୍ରାୟ ଏକ କିଲୋମିଟର ଦୂରରେ କୁଆଁରିଆ, କୁସୁମୀ ଓ କମେଇ ନଦୀ ମିଳିତ ହୋଇ ଉତ୍ତରଦିଗରେ ମହାନଦୀରେ ମିଳିତ ହୋଇଛନ୍ତି ।

ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଦଶପଲ୍ଲା ଅଞ୍ଚଳରେ କନ୍ଧଜାତିର ଲୋକ ବାସକରନ୍ତି । ଦଶପଲ୍ଲା ଅଞ୍ଚଳର ପ୍ରାୟ ଦୁଇଶହ ଗ୍ରାମରେ କନ୍ଧଜାତିର ଲୋକ ବାସ କରନ୍ତି । ଦଶପଲ୍ଲା ତହସିଲ୍ ଅନ୍ତର୍ଗତ ପୋଖରୀଗୋଛା, ଚଢ଼େୟାପଲ୍ଲୀ, କଳସାଖମଣ, ନୂଆଗାଁ, କୁଜାମେଣ୍ଢି, ବାଣୀଗୋଛା, କୁଲୁରୁକୁମ୍ପା, ତୁମାଣ୍ଡି, ସରିଗଣ୍ଡା, ଘୁଗୁଡ଼ିପଡ଼ା, ତେଣ୍ଡାବାଡ଼ି, ନଛିପୁର ଗ୍ରାମ ପଞ୍ଚାୟତରେ କନ୍ଧଜାତିର ଲୋକମାନେ ବସବାସ କରୁଛନ୍ତି । କନ୍ଧମାନେ ବାନ୍ଦେରୀ ଠାକୁରାଣୀ ପୂଜା କରନ୍ତି । ଦଶପଲ୍ଲାର କୁଞ୍ଜ ମଲ୍ଲିକ କନ୍ଧଜାତିର ଲୋକ ଥିଲେ । ସେ ନାଇକା ଦେବୀଙ୍କୁ ପୂଜା

Digitized by PPRACHIN, SOA

କରୁଥିଲେ । ଦଶପଲ୍ଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ବସବାସ କରୁଥିବା କନ୍ଧମାନେ ତୁର୍କିପେନୁ, ଗୁରୁପେନୁ, ଘୁନାଦେଇ, ହୀରାଦେଇ, ମାଟିଆଣୀ, ଭୂଇଁଆଣୀ, ପିତାବଳି, ହାଡ଼ବାଇ, ବାନ୍ଦେରୀ, କଳାବାନ୍ଦେରୀ, ବୁଢ଼ା-ବୁଢ଼ୀ, ବାଙ୍କମୁଣ୍ଡା, ଖୁଲାମୁଣ୍ଡା, ପନ୍ଥେଇ, ଦ୍ୱାରସୁଣୀ, ଝାଡ଼େଶ୍ୱରୀ, ନାୟିକାସୁଣୀ, ଧୋବଣୀ, ଡୁମାଲୁଣୀ, ବାଉତୀ, ସୁଲୁକୁଟୀ ପ୍ରଭୃତି ଦେବ-ଦେବୀଙ୍କୁ ପୂଜା କରନ୍ତି । କନ୍ଧମାନେ ମାଟି ମା' ଦେବତାଙ୍କୁ ପୂଜା କରନ୍ତି । ସେମାନେ ମାଟିମା' ଦେବତାଙ୍କୁ 'ମାଟେଣୀ' କହିଥାନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ନାଇକାସୁଣୀ ଠାକୁରାଣୀଙ୍କୁ କନ୍ଧ ସୁର୍ଦ୍ଦାର କୁଞ୍ଜ ମାଲିକ ପୂଜା ଆରାଧନା କରି ବଳଶାଳୀ ଥିଲେ । କିନ୍ତୁ ଦଶପଲ୍ଲାର ରାଜା କୁଞ୍ଜ ମଲ୍ଲିକଙ୍କୁ ହତ୍ୟା କରି ଏହି ସ୍ଥାନରେ ଗଡ଼ ପ୍ରତିଷ୍ଠା କଲେ । ଏହାର ନାମ ହେଲା କୁଞ୍ଜବନଗଡ଼ । ଦଶପଲ୍ଲା ରାଜା ନାଇକାସୁଣୀ ଠାକୁରାଣୀଙ୍କୁ ଇଷ୍ଟଦେବୀ ରୂପେ ଗ୍ରହଣ କଲେ । ଦଶପଲ୍ଲା ରାଜବାଟୀର ବାହାର ପାର୍ଶ୍ୱରେ ଗୋଟିଏ ଗୃହରେ ନାଇକାସୁଣୀ ଠାକୁରାଣୀଙ୍କୁ ପୂଜା କରାଯାଉଛି । ଦେବୀଙ୍କର ପୂଜକ ହେଉଛନ୍ତି ବଗଡ଼ କନ୍ଧ ସମ୍ପ୍ରଦାୟର ଜାନୀପୂଜକ । ଏହି ସ୍ଥାନରେ କୁଞ୍ଜ ମଲ୍ଲିକର ମସ୍ତକର ପ୍ରତୀକ ରୂପେ ଗୋଟିଏ ଗୋଲାକାର ପଥର ମଧ୍ୟ ପୂଜା ପାଉଛନ୍ତି । ନାଇକାସୁଣୀଙ୍କ ନିକଟରେ ବୋଦା, କୁକୁଡ଼ା ପ୍ରଭୃତି ବଳି ପ୍ରଦାନ କରାଯାଉଛି ।

ବଡ଼ମୂଳଘାଟୀ ପାଦଦେଶରେ ବଡ଼ରାଉଳ ଠାକୁରାଣୀଙ୍କ ଆସ୍ଥାନ । ବାଇଶିପଲ୍ଲୀ ଅଞ୍ଚଳର କନ୍ଧମାନେ ବଡ଼ରାଉଳଙ୍କୁ ପୂଜା କରିଥାନ୍ତି । ବଡ଼ମୂଳ ଜଙ୍ଗଲରୁ ପୁରୀ ଜଗନ୍ନାଥ ମହାପ୍ରଭୁଙ୍କର ରଥକାଠ ସଂଗ୍ରହ କରିବା ପୂର୍ବରୁ ବଡ଼ରାଉଳଙ୍କୁ ପୂଜାର୍ଚ୍ଚନା କରାଯାଏ । ଦେବୀଙ୍କ ନିକଟରେ ବୋଦାବଳି ପଡ଼େ । ଏହାପରେ ରଥ ପାଇଁ କାଠ କଟା ଆରମ୍ଭ ହୁଏ ।

ଦଶପଲ୍ଲା କନ୍ଧମାନଙ୍କର ଅନ୍ୟତମ ପୂଜିତା ଦେବୀ ହେଉଛନ୍ତି ପନ୍ଥେଇ । ବାଇଶିପଲ୍ଲୀ ଜଙ୍ଗଲ ମଧ୍ୟରେ ପନ୍ଥେଇ ଦେବୀଙ୍କ ଆସ୍ଥାନ । ବାଇଶିପଲ୍ଲୀ ଜଙ୍ଗଲ ଅଞ୍ଚଳର ବାଇଶିଗୋଟି କନ୍ଧମୌଜାର ଆରାଧଦେବୀ ହେଉଛନ୍ତି ପନ୍ଥେଇ । କନ୍ଧ ପୂଜକମାନେ ପନ୍ଥେଇ ଦେବୀଙ୍କୁ ପୂଜାର୍ଚ୍ଚନା କରନ୍ତି । ଏଠାରେ ଠାକୁରାଣୀଙ୍କୁ ବଳି ଅର୍ପଣ କରାଯାଉଛି । ଠାକୁରାଣୀଙ୍କୁ କୁକୁଡ଼ା, ଛେଳି ପ୍ରଭୃତି ବଳି ଦିଆଯାଏ ।

ଦଶପଲ୍ଲା ଗଡ଼ଜାତର କନ୍ଧମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଛି, ଯଥା- ଓଡ଼ିଆ କନ୍ଧ ଏବଂ ବଗଡ଼ ଗନ୍ଧ । ଓଡ଼ିଆ କନ୍ଧମାନେ ସଭ୍ୟ ଶିକ୍ଷିତ ସମାଜ ନିକଟରେ ଅବସ୍ଥାନ କରନ୍ତି । ବଗଡ଼ କନ୍ଧମାନେ ଆଭ୍ୟନ୍ତରୀଣ ଅଞ୍ଚଳରେ ବସବାସ କରନ୍ତି ।

Digitized by PPRACHIN, SOA

ଦଶପଲ୍ଲାର ମଫସଲ ଅଞ୍ଚଳରେ ଖଇରା କନ୍ଧମାନେ ବାସ କରନ୍ତି । ନୂଆଗାଁ (ଫୁଲବାଣୀ ଓ ଗଞ୍ଜାମ ସୀମାରେ ଅବସ୍ଥିତ) ଚଢ଼େଇଆପଲ୍ଲୀ, ଘୁଗୁଡ଼ିପଡ଼ା, କଳସାଖମଣ ପ୍ରଭୃତି ଗ୍ରାମ ପଞ୍ଚାୟତ ଗୁଡ଼ିକ ଖଇରା ଜାତିର ଆଦିବାସୀ ବାସ କରନ୍ତି ।

ଫକୀରମୋହନ ସେନାପତି ଦଶପଲ୍ଲା ଗଡ଼ରେ ୧୮୮୪-୧୮୮୬ ମସିହା ପର୍ଯ୍ୟନ୍ତ ଦେବାନ ଭାବରେ ନିଯୁକ୍ତ ଥିଲେ । ଫକୀରମୋହନ ଆତ୍ମଜୀବନୀରେ ଲେଖିଛନ୍ତି- "ଦେଖିଲି, ଦଶପଲ୍ଲାରେ ମାଲିମାମଲା ଖୁବ୍ ଅଳ୍ପ-ଖୁବ୍ ସହଜ । ମଫସଲର ଅଧିକାଂଶ ଲୋକ କନ୍ଧ ଓ ଖଇରା । ସେମାନେ ସେ ସମୟରେ ନିତାନ୍ତ ସରଳ ଏବଂ ନିରୀହ ଲୋକ ଥିଲେ । ସେମାନଙ୍କ ମଧ୍ୟରେ ମାଲି ମାମଲାରେ ବାଦୀ, ପ୍ରତିବାଦୀ, ସାକ୍ଷୀ ସମସ୍ତେ ଠିକ୍ ଠିକ୍ କଥାଗୁଡ଼ିକ କହିଥାନ୍ତି । କାହାରି କଥା ସହିତ କାହାରି ଅମେଳ ହୁଏ ନାହିଁ ।

କିଲ୍ଲା ମଧ୍ୟରେ କନ୍ଧ ଜାତୀୟ ଲୋକ ଅଧିକାଂଶ । ସେମାନେ ଆପଣାକୁ ଜମିଦାର ବୋଲାନ୍ତି ! ରାଜାଙ୍କୁ କିଛି ମାତ୍ର କର ଦେଉ ନ ଥିଲେ । ଏକବର୍ଷ କମିଶନର ରେଭେନ୍‌ସା ସାହେବ କନ୍ଧଜାତୀୟ ପରଗଣା ଅର୍ଥାତ୍ ପ୍ରଧାନମାନଙ୍କୁ ଡକାଇ କହିଲେ, "ତୁମ୍ଭେମାନେ ରାଜାଙ୍କ ରାଜ୍ୟରେ ଅଛ । କିଛି କିଛି କର ନ ଦେବାଟା ଭଲ ନୁହେଁ, କିଛି କିଛି କର ଦିଅ । ଫି' ହଳ ପିଛା କଟକୀ ସେରେ ହିସାବରେ ଧାନ ଦିଅ । ଯେଉଁପ୍ରଜା ଯେତେ ହଳର ଚାଷ କରିବ ସେ ସେତେ ସେର ଧାନ ଦେବ ।"

ସମସ୍ତ ପରଗଣା ଏକତ୍ର ବସି ସ୍ଥିର କଲେ- ସାହେବଟା କହୁଛି କର ଦେବା । କଟକୀ ସେରେ ଲେଖାଏଁ କରି ଧାନ ଦେଇପାରିବା ନାହିଁ । ସେମାନେ ବୁଝିଲେ, କଟକୀ ସେରେ ଧାନ ଶଗଡ଼େ କି ଦି ଶଗଡ଼ କେତେ ହେବ କିଏ ଜାଣେ ? ସାହେବଙ୍କୁ ଜଣାଇଲେ "ଆମ୍ଭେମାନେ ହଳପିଛା ତାମ୍ବିଏ ଧାନଦେବା, କଟକୀ ସେରେ ଧାନ ଦେଇପାରିବା ନାହିଁ । ତାମ୍ବିକ ଧାନ କଟକୀ ତିନି କି ଚାରି ସେର ହେବ । ବର୍ତ୍ତମାନ ମୋହର ସ୍ମରଣ ହେଉନାହିଁ । ସାହେବ ତାମ୍ବିକ ଧାନର ପରିମାଣ ବୁଝି ସେଥିରେ ସମ୍ମତ ହେଲେ ।"

ସେହିପରି ଫକୀରମୋହନ ଉଲ୍ଲେଖ କରିଛନ୍ତି ଯେ ଦଶପଲ୍ଲାର କନ୍ଧମାନେ ନରବଳି ଦେଉଥିଲେ । ଫକୀରମୋହନ ଲେଖିଛନ୍ତି- "ଘୁମୁସର ଏବଂ ଦଶପଲ୍ଲା ଦୋସମାଳି ଗୋଟାଏ ମାମଲା ତଦନ୍ତ କରିବାକୁ ଯାଇଥିଲି । ସେହି ସମୟରେ କନ୍ଧ ଗ୍ରାମମାନ ଏବଂ ଗ୍ରାମସ୍ଥ ଦେବତା ସ୍ଥାନମାନ ବୁଲିବୁଲି ଦେଖିଅଛି । କନ୍ଧମାନଙ୍କର ପ୍ରଧାନ ଚାଷ ହଳଦୀ, ସେହି ହଳଦୀର ରଙ୍ଗ ବଢ଼ାଇବା ପାଇଁ କନ୍ଧମାନେ ଦେବତା ଜାଗାରେ ମେରିଆ ଅର୍ଥାତ୍ ନରବଳି ଦେଉଥିଲେ । ୧୮୩୬ ସାଲରେ ଗବର୍ଣ୍ଣମେଣ୍ଟ ସେହି ନରବଳୀ ରହିତ କରିଦେଇ ଅଛନ୍ତି ।"

Digitized by PPRACHIN, SOA

ନୟାଗଡ଼ ଜିଲ୍ଲାରେ ମଧ୍ୟ କୋହ୍ଲ ଜାତିର ଲୋକମାନେ ବସବାସ କରିଥାନ୍ତି । ଦଶପଲ୍ଲା ଅନ୍ତର୍ଗତ କୁଲୁରୁକୁମ୍ପା ଗ୍ରାମପଞ୍ଚାୟତରେ କୋହ୍ଲ ସମ୍ପ୍ରଦାୟର ଅଧିବାସୀମାନେ ଦୃଷ୍ଟିଗୋଚର ହୁଅନ୍ତି । କୋହ୍ଲମାନେ ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି । କୋହ୍ଲମାନେ ମାଙ୍କଡ଼ମାରି ମାଙ୍କଡ଼ ମାଂସ ଖାଆନ୍ତି । କୋହ୍ଲମାନଙ୍କର କୃଷିପ୍ରଣାଳୀ ଉନ୍ନତ ଧରଣର ନୁହେଁ । ସେମାନେ ପ୍ରାକ୍-କୃଷି ପ୍ରଣାଳୀକୁ ଅନୁସରଣ କରିଥାନ୍ତି । କନ୍ଧମାନଙ୍କ ପରି କୋହ୍ଲମାନେ ମାଟି ମା', ପିତାବଳିଙ୍କୁ ପୂଜା କରିଥାନ୍ତି । କନ୍ଧମାନଙ୍କ ପରି କୋହ୍ଲମାନଙ୍କର ମେରିଆ ପ୍ରଥା ନାହିଁ । କୋହ୍ଲମାନେ ଭାରି ସାହସୀ ଓ ଦୁର୍ଦ୍ଧର୍ଷ ଜାତି । ସେମାନେ ଧନୁଶର, ଟାଙ୍ଗୀଆ ବ୍ୟବହାର କରିଥାନ୍ତି ।

ନୟାଗଡ଼ ଗଡ଼ଜାତରେ କନ୍ଧ ସମ୍ପ୍ରଦାୟ ବସବାସ କରୁଛନ୍ତି । ନୟାଗଡ଼ ଗଡ଼ଜାତର ଗୁମିମାଳ, ବେତନଟୀମାଳ ଏବଂ କୋରଡ଼ାମାଳ ଅଞ୍ଚଳରେ କନ୍ଧମାନେ ବାସ କରୁଛନ୍ତି । ନୂଆଗାଁ ବ୍ଲକ୍ ଅନ୍ତର୍ଗତ ରାମପଲ୍ଲୀ ଚଡ଼କମରା, ସିଙ୍ଗପୁର, ଗୋଧିମଡ଼ା, କୁସୁବିଡ଼ା, ଅଠରଗଣ୍ଡ ପ୍ରଭୃତି ଗ୍ରାମଗୁଡ଼ିକରେ କନ୍ଧ ସମ୍ପ୍ରଦାୟର ଲୋକମାନେ ବସବାସ କରୁଛନ୍ତି । ଏମାନଙ୍କୁ ମାଲୁଆ କନ୍ଧ କୁହାଯାଏ । ଗଡ଼ଜାତର ଅନ୍ୟାନ୍ୟ ଅଞ୍ଚଳରେ ବାସ କରୁଥିବା କନ୍ଧମାନଙ୍କୁ ଦେଶୁଆ କନ୍ଧ କୁହାଯାଏ । ଓଡ଼ିଶା ଫ୍ୟୁଡାଟୋରୀ ଷ୍ଟେଟସ୍ ପଲିଟିକାଲ ଏଜେଣ୍ଟଙ୍କ ଚିଠି ସଂଖ୍ୟା ୨୧୫୫/ତା୫।୫।୧୯୧୪ ଅନୁଯାୟୀ କନ୍ଧମାନେ ସଭ୍ୟତାର ଆଦିମ ପର୍ଯ୍ୟାୟରେ ଅଛନ୍ତି । ସେମାନେ ମଧ୍ୟ ଉନ୍ନତମାନର କୃଷିକାର୍ଯ୍ୟ ଜାଣିନାହାନ୍ତି । ସେମାନେ ମୁଖ୍ୟତଃ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି । ଏହାବ୍ୟତୀତ ସେମାନେ ମକା, ଆହାଡ଼ି, କୋଳଥ, ରାଶି, ବିରି ପ୍ରଭୃତି ଚାଷ କରନ୍ତି ।

ନୟାଗଡ଼ ଗଡ଼ଜାତର କନ୍ଧମାନେ ବହୁ ଦିନ ଧରି ନିମ୍ନଦ୍ରବ୍ୟଗୁଡ଼ିକୁ ରାଜାଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଭେଟି ଦେଇଆସୁଥିଲେ । ଏହା ଥିଲା ବାର୍ଷିକ ଭେଟି ।

(୧) କୋଳଥ - ୩୧୭ ମହଣ
(୨) ଖାସି (ଛେଳି) - ୫୬ ଗୋଟା
(୩) କଖାରୁ - ୪୦୦ ଗୋଟା
(୪) ତେନ୍ତୁଳି - ୨୭ ମହଣ
(୫) ଝୁଣା - ୪ ସେର
(୬) ମକା - ୮୬ ପଣ
(୭) ମାଧୋଇ (ଔଷଧୀୟ ଦ୍ରବ୍ୟ) - ୮୫ ବିଡ଼ା
(୮) ବାଗୁଲି - ୫୦୦୦ ବିଡ଼ା
(୯) ଫୁଲ ଛାଞ୍ଚୁଣି - ୮୫ ବିଡ଼ା
(୧୦) ନଇ (ରଥ ଦଉଡ଼ି ପାଇଁ) - ୨୦୦୦ ମହଣ
(୧୧) ଗିର୍ଦ୍ଧିନି (ଔଷଧୀୟ ଦ୍ରବ୍ୟ) - ୨ ସେର
(୧୨) ତାଳପତ୍ର - ୪୦୦

Digitized by PPRACHIN, SOA

ନୟାଗଡ଼ ରାଜ୍ୟର କନ୍ଧମାନେ ବର୍ଷକେ ଥରଟିଏ ରଥ ପାଇଁ ଦଉଡ଼ି ପ୍ରସ୍ତୁତି କରୁଥିଲେ । ଏଥିପାଇଁ ସେମାନେ ଟ୬/- ଭାତିଆ ବାବଦକୁ ପାଉଥିଲେ । ସେମାନେ ମଧ୍ୟ ପୁରୁଣା ରାଜବାଟୀ ନିକଟସ୍ଥ ଦୁର୍ଗାଦେବୀ ଠାକୁରାଣୀଙ୍କର ଘରର ଚାଳ ଛପର କରୁଥିଲେ ଏବଂ ଟ୬/- ଭତ୍ତା ପାଉଥିଲେ ।

ନୟାଗଡ଼ ଠାରୁ ୧୦/୧୨ କିଲୋମିଟର ଦୂରତାରେ ପାଣିପୋଇଲା ଅବସ୍ଥିତ । ଏହି ପାଣିପୋଇଲା ନିକଟବର୍ତ୍ତୀ ଖଙ୍ଗୁରି ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକ କନ୍ଧ ଅଧ୍ୟୁଷିତ । ଏଠାରେ ସର୍ବାଧିକ କନ୍ଧ ଜନଜାତିର ଲୋକମାନଙ୍କ ବସବାସ କରୁଛନ୍ତି । ଏମାନେ ଏହି ସ୍ଥାନର ମୂଳବାସିନ୍ଦା । ଏହି କନ୍ଧମାନଙ୍କର ମେରିଆ ଦେବତା ବଣ ମଧ୍ୟରେ ପୂଜା ପାଉଛନ୍ତି । ପୂର୍ବେ କନ୍ଧମାନେ ମେରିଆ ଦେବତାଙ୍କୁ ନରବଳି ଦେଉଥିଲେ । ବର୍ତ୍ତମାନ ନରବଳି ପ୍ରଥା ଆଉ ନାହିଁ । କିନ୍ତୁ କନ୍ଧମାନେ ମେରିଆ ଦେବତାଙ୍କୁ ବରାବର ପୂଜା କରି ଆସୁଛନ୍ତି ।

ନୟାଗଡ଼ ଜିଲ୍ଲାର ଅନ୍ୟତମ ତହସିଲ ହେଉଛି ରଣପୁର । ଏହା ପୂର୍ବେ ଗୋଟିଏ ଗଡ଼ଜାତ ରାଜ୍ୟ ଥିଲା । ଏହି ଅଞ୍ଚଳ ପ୍ରଥମେ କନ୍ଧ ଓ ଭୂୟାଁମାନଙ୍କର ଅଧ୍ୟୁଷିତ କ୍ଷେତ୍ର ଥିଲା । ବିଶ୍ୱାବସୁ ଶବରଙ୍କ ଭାଇ ବିଶ୍ୱବାସବ ଏହି ରଣପୁର ଅଞ୍ଚଳର କନ୍ଧ ଓ ଭୂୟାଁମାନଙ୍କୁ ପରାସ୍ତ କରି ରଣପୁର ରାଜ୍ୟ ପ୍ରତିଷ୍ଠା କଲେ । ରଣପୁରଠାରେ ମଣିନାଗ ପର୍ବତ ରହିଛି । ଏହି ପର୍ବତର ଶୀର୍ଷରେ ମଣିନାଗ ଦୁର୍ଗା ପୂଜା ପାଉଛନ୍ତି । ଏହି ଦେବୀଙ୍କର ପୂଜକ ହେଉଛନ୍ତି କନ୍ଧ । ସେହିପରି ପର୍ବତର ପାଦଦେଶରେ ମଧ୍ୟ ତଳ ମଣିନାଗ ପ୍ରତିଷ୍ଠିତ । ତଳ ମଣିନାଗଙ୍କୁ ମଧ୍ୟ କନ୍ଧପୂଜକ ପୂଜାରାଧନା କରୁଛନ୍ତି । ପୂର୍ବେ କନ୍ଧମାନେ ମଣିନାଗଙ୍କ ପାଖରେ ନରବଳି ଦେଉଥିଲେ । ବର୍ତ୍ତମାନ ନରବଳି ପ୍ରଥାର ଉଚ୍ଛେଦ ଘଟିଛି । ମଣିନାଗ ଦୁର୍ଗା ମୂଳତଃ କନ୍ଧପୂଜିତା ଦେବୀ । ବର୍ତ୍ତମାନ ମଣିନାଗ ଦୁର୍ଗା ହିନ୍ଦୁଦେବତାରେ ରୂପାନ୍ତରିତ । କନ୍ଧପୂଜକମାନଙ୍କୁ ଜାନୀ କୁହାଯାଏ । ଦଶପଲ୍ଲା ତହସିଲ ଅନ୍ତର୍ଗତ ବୁଗୁଡ଼ା ଗ୍ରାମରେ ମଧ୍ୟ ମଣିନାଗ କନ୍ଧମାନଙ୍କ ଦ୍ୱାରା ପୂଜା ପାଉଛନ୍ତି । ପ୍ରତ୍ୟେକ ବର୍ଷର ପୌଷପୂର୍ଣ୍ଣମୀ ଏବଂ ଫାଲ୍‌ଗୁନ ମାସର ସପ୍ତମୀ ଓ ଅଷ୍ଟମୀ ତିଥିରେ ମଣିନାଗ ପୀଠରେ ବିରାଟ ପର୍ବ ଅନୁଷ୍ଠିତ ହୁଏ । ରାକ୍ଷୀ ପୂର୍ଣ୍ଣିମା ଦିନ ମଣିନାଗଙ୍କ ନିକଟରେ କନ୍ଧମାନେ ବୋଦା, କୁକୁଡ଼ା ପ୍ରଭୃତି ବଳି ଦେଇଥାନ୍ତି ।

ବିଭିନ୍ନ ଆଦିବାସୀ ପର୍ବପର୍ବାଣିରେ କନ୍ଧମାନେ ମଦ୍ୟପାନ କରିଥାନ୍ତି । ଏହି ମଦ୍ୟ ଖଜୁରୀ କିମ୍ବା ସଲପ ଗଛର ରସରୁ ପ୍ରସ୍ତୁତ ହୋଇଥାଏ । ଏହାକୁ 'ତାଡ଼ି' କୁହାଯାଏ । କନ୍ଧମାନେ ମଧ୍ୟ ଭାତ କିମ୍ବା ମହୁଲରୁ ମଦ ପ୍ରସ୍ତୁତ କରିଥାନ୍ତି ।

Digitized by PPRACHIN, SOA

ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ନୟାଗଡ଼ ଜିଲ୍ଲାର ଜନଜାତିର ଭୂମିକାକୁ ଅସ୍ୱୀକାର କରାଯାଇ ନ ପାରେ । ୧୯୪୨ ମସିହାରେ ମହାତ୍ମାଗାନ୍ଧୀଙ୍କ 'ଭାରତଛାଡ଼' ଆନ୍ଦୋଳନର ସୂତ୍ରପାତ ହେଲା । ଏହି ସମୟରେ ନୟାଗଡ଼ ଜିଲ୍ଲାର କନ୍ଧମାନେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଏବଂ ସ୍ଥାନୀୟ ରାଜାଙ୍କ ବିରୁଦ୍ଧରେ ସଂଗ୍ରାମ ଜାରି ରଖିଥିଲେ । ଏହାକୁ ପ୍ରଜା ଆନ୍ଦୋଳନ କୁହାଯାଏ । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ନୟାଗଡ଼ର ଜନଜାତିମାନଙ୍କର ଯୋଗଦାନ ଏକ ଅବିସ୍ମରଣୀୟ ଘଟଣା । ନୟାଗଡ଼ର ସେହି ସ୍ମରଣୀୟ ଆଦିବାସୀ ନେତାମାନେ ହେଲେ ଭାଗବତ ଜାନୀ (ମାଳ), କୁନିଆ ପ୍ରଧାନ (ନୂଆସାହି), ମୂଳି ପ୍ରଧାନ (ବାମୁଣ୍ଡି), ପୁନିଆଁ ମଲ୍ଲିକ (ଗୋହିରିବାଦ୍ଧୁ), ଲକ୍ଷ୍ମୀଧର ପ୍ରଧାନ (କାଳିଆ), ରଘୁନାଥ ଜାନୀ (କାଳିଆ), କହ୍ନେଇ ଡାକୁଆ ଏବଂ କଷ୍ଟି ଡାକୁଆ (କୁସୁବିଡ଼ା), ଅନନ୍ତ କହଁର (ତିଳବଣି), ଦୟାନିଧି ଜାନୀ (ମିଟିକୁଟୁ) ଏବଂ ଗୌରଚନ୍ଦ୍ର ମଲ୍ଲିକ (ହନୁଡିହ) ଇତ୍ୟାଦି ।

ଏହାପୂର୍ବରୁ ବିଂଶ ଶତାବ୍ଦୀର ପ୍ରାଥମିକ ପର୍ଯ୍ୟାୟରେ କନ୍ଧମାନେ ସ୍ଥାନୀୟ ରାଜାମାନଙ୍କର ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ମେଳି କରିଥିଲେ । ଏହାକୁ 'କନ୍ଧମେଳି' କୁହାଯାଏ । ଏହି ସଂଘଟିତ କନ୍ଧମେଳିରେ କନ୍ଧମାନେ ତାଙ୍କର ବଳ, ଏକତା ଏବଂ ସାହସିକତାକୁ ସାବ୍ୟସ୍ତ କରିଥିଲେ ।

୧୯୪୨ ମସିହାରେ ମହାତ୍ମାଗାନ୍ଧୀଙ୍କ ଆହ୍ୱାନ କ୍ରମେ 'ଭାରତଛାଡ଼' ଆନ୍ଦୋଳନ ତେଜୀୟାନ ହେଲା । ଏହି ସମୟରେ ନୟାଗଡ଼ର ଗୁମିମାଳ, ବେତନଟୀମାଳ, ଜାକେଡ଼ା, କୁସୁବିଡ଼ା ଅଞ୍ଚଳର ଆଦିବାସୀ କନ୍ଧମାନେ ପୁନିଆଁ ମଲ୍ଲିକଙ୍କ ନେତୃତ୍ୱରେ ନୂଆଗାଁ ଅଭିମୁଖେ ଯାତ୍ରା କଲେ । ସେମାନଙ୍କ ସହିତ ଅନେକ ବିପ୍ଳବୀ ଯୋଗଦେଲେ । ସେମାନେ ନୂଆଗାଁ ପୋଲିସଥାନା ନିକଟରେ ପହଞ୍ଚିଲେ । ଏହି ସମୟରେ ବେଣୁଧର ପଟ୍ଟନାୟକ ନୂଆଗାଁ ଥାନାର ଦାରୋଗା ଥିଲେ । ସତ୍ୟାଗ୍ରହୀମାନେ ନୂଆଗାଁ ଥାନା ପୋଡ଼ିବାକୁ ଅଭିଯାନ ଆରମ୍ଭ କଲେ । ମାତ୍ର ଏହି ସମୟରେ ଥାନାଭିତରୁ ଫାଙ୍କା ଗୁଳିଚାଳନା ହେଲା । କିନ୍ତୁ ବିପ୍ଳବୀମାନେ ଡରି ଯାଇ ନ ଥିଲେ । ସେମାନଙ୍କ ମଧ୍ୟରୁ କଷ୍ଟି ଡାକୁଆ ବିପ୍ଳମୀମାନଙ୍କ ସମ୍ମୁଖରେ ଆସି ଛିଡ଼ା ହେଲେ । ପୁଲିସ୍‌ର ଗୁଳି ଚୋଟରେ କଷ୍ଟିଡାକୁଆ ମୃତ୍ୟୁବରଣ କଲେ । ସେ ହେଲେ ଅମର ଶହୀଦ୍ । ଏହିପରି ଭାବରେ ଭାରତର୍ ସ୍ୱାଧୀତା ଆନ୍ଦୋଳନ ତଥା ପ୍ରଜାମଣ୍ଡଳ ଆନ୍ଦୋଳନକୁ ନୟାଗଡ଼ ଜିଲ୍ଲା ଜନଜାତିର ଭୂମିକା ପ୍ରଣିଧାନଯୋଗ୍ୟ ।

ନୟାଗଡ଼ ଜିଲ୍ଲା ଜନଜାତିମାନଙ୍କର ସାଂସ୍କୃତିକ ଦିଗ ମଧ୍ୟ ସମୃଦ୍ଧ । ନୟାଗଡ଼ର କନ୍ଧମାନେ ବିଭିନ୍ନ ପର୍ବପର୍ବାଣି ପାଳନ କରିଥାନ୍ତି । କନ୍ଧମାନଙ୍କର ପର୍ବ ମଧ୍ୟରେ ରହିଛି 'ନୂଆଖାଇ' । କନ୍ଧମାନେ ବର୍ଷ ମଧ୍ୟରେ ତିନିଥର ନୂଆଖାଇ ପର୍ବ ପାଳନ

Digitized by PPRACHIN, SOA

କରିଥାନ୍ତି । ଦଶପଲ୍ଲା, ନୂଆଗାଁ, ଗଣିଆଁ ଅଞ୍ଚଳର କନ୍ଧମାନେ ଜୁଲାଇ ମାସରେ ଗ୍ରାମଦେବତୀ ବାନ୍ଦେରୀ ଠାକୁରାଣୀଙ୍କ ନିକଟରେ ମକା, ଘାସ ପ୍ରଭୃତି ଅର୍ପଣ କରି ନୂଆଖାଇ ପର୍ବପାଳନ କରିଥାନ୍ତି । ବର୍ଷର ଦ୍ୱିତୀୟ ନୂଆଖାଇ ପର୍ବକୁ କନ୍ଧମାନେ ଭାଦ୍ରବ/ଆଶ୍ୱିନ ମାସରେ ପାଳନ କରନ୍ତି । ନୂତନ ଧାନ କିମ୍ୱା ନୂଆ ଭାତ ଖାଇ ସେମାନେ ନୂଆଖାଇ ପାଳନ କରିଥାନ୍ତି । ଫାଲଗୁନ/ଚୈତ୍ର ମାସରେ ଦୋଳ ସମୟରେ କନ୍ଧମାନେ 'ମହୁଆ ନୂଆଖାଇ' ପର୍ବ ପାଳନ କରିଥାନ୍ତି । ଏହା ହେଉଛି ବର୍ଷର ତୃତୀୟ ଏବଂ ଶେଷ ନୂଆଖାଇ । ଏହି ସମୟରେ ଆମ୍ବଫଳକୁ କନ୍ଧମାନେ ନୂଆ କରି ଖାଇଥାନ୍ତି ।

କନ୍ଧମାନଙ୍କର ଏକ ବାର୍ଷିକ ଭୋଜି ହେଉଛି 'ଜନ୍ତାଳ' । ଗ୍ରାମଦେବତୀ ବାନ୍ଦେରୀ ଠାକୁରାଣୀଙ୍କୁ ଜନ୍ତାଳ ଅର୍ପଣ କରାଯାଏ । ପ୍ରାୟ ପ୍ରତ୍ୟେକ ବର୍ଷର ଫାଲଗୁନ ମାସରେ କନ୍ଧ ଗ୍ରାମଗୁଡ଼ିକରେ 'ଜନ୍ତାଳ'ର ଆୟୋଜନ କରାଯାଇଥାଏ ।

'ଡାଳଖାଇ' କନ୍ଧମାନଙ୍କର ଅନ୍ୟ ଗୋଟିଏ ପର୍ବ । କୃଷି ଅମଳ ପରେ ପରେ ଏହି ପର୍ବ ପାଳନ କରାଯାଏ । ମାର୍ଗଶିର ମାସର ଶେଷ ଗୁରୁବାର ଦିନ ଏହା ପାଳନ କରାଯାଏ । ଏହିଦିନ କନ୍ଧପୂଜକ ଜାନୀ ଅଁଳା ବୃକ୍ଷକୁ ପୂଜା କରିଥାନ୍ତି ଏବଂ ଶସ୍ୟଦେବୀଙ୍କ ଆରାଧନା କରିଥାନ୍ତି । ଦଶପଲ୍ଲା ଅଞ୍ଚଳର ଜରାଗଣ୍ଡା, ସିରକାବାଡ଼, କୀଳାପଦର, ପୋଖରୀଗୋଛା, କୁରୁମି, ବାଲିବେରେଣା, ପଧାନପଡ଼ା, ପେମ୍ପରଡ଼ା, ନୂଆଗାଁ ବ୍ଲକ୍‌ର କବାଟପଲ୍ଲୀ, ମକରପଲ୍ଲୀ ପ୍ରଭୃତି କନ୍ଧଗ୍ରାମଗୁଡ଼ିକ ଡାଳଖାଇ ପର୍ବ ପାଇଁ ପ୍ରସିଦ୍ଧ ।

◻■◻

Digitized by PPRACHIN, SOA

ଦ୍ୱାବିଂଶ ପରିଚ୍ଛେଦ

ନୟାଗଡ଼ର କୃତୀ ସନ୍ତାନ ଓ ସ୍ମରଣୀୟ ବ୍ୟକ୍ତିତ୍ୱ

Digitized by PPRACHIN, SOA

ଉତ୍କଳର ବରପୁତ୍ର ପୁଣ୍ୟଶ୍ଲୋକ ପଣ୍ଡିତ ଗୋପବନ୍ଧୁ ଦାସ ଲେଖିଛନ୍ତି–

"ମାନବ ଜୀବନ ନୁହଁଇ କେବଳ
ବର୍ଷ ମାସ ଦିନ ଦଣ୍ଡ
କର୍ମେ ଜୀଏଁ ନର କର୍ମ ଏକାତାର
ଜୀବନର ମାନଦଣ୍ଡ ।"

ସୁତରାଂ ସୁମହାନ୍ କର୍ମ ମନୁଷ୍ୟକୁ ଅମର କରେ । ମହାନ୍ କର୍ମ ଯୋଗୁଁ ମନୁଷ୍ୟ ମୃତ୍ୟୁକୁ ଜୟ କରି ମୃତ୍ୟୁବିଜୟୀ ହୋଇଥାଏ । ସେମାନେ ହେଉଛନ୍ତି ଦେଶ ଓ ଦଶର ଗୌରବ, ଯେଉଁମାନେ ଦେଶପାଇଁ, ଜାତିପାଇଁ, ସମାଜପାଇଁ କାମ କରିଛନ୍ତି ।

ନୟାଗଡ଼ ଜିଲ୍ଲାରେ ବହୁ ମନୀଷୀ ଜନ୍ମଗ୍ରହଣ କରି ସ୍ୱକୀୟ କର୍ମ ଏବଂ ଆଦର୍ଶରେ ନୟାଗଡ଼ ପାଇଁ ଆଣିଛନ୍ତି ସୁନାମ ଓ ଗୌରବ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ପ୍ରଦର୍ଶନ କରିଥିବା ଏହି କୃତୀ ସନ୍ତାନମାନଙ୍କୁ ଏହି ପରିଚ୍ଛେଦରେ ଆଲୋଚନା କରାଯାଇଛି–

ଜଗୁ ରାଉତରା – ଜଗୁ ରାଉତରା ନୟାଗଡ଼ର ଜଣେ ପ୍ରସିଦ୍ଧ ମଲ୍ଲ ରୂପେ ସ୍ମରଣୀୟ । ସେ ନୟାଗଡ଼ ଗଡ଼ଜାତର କୁରାଳ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ନୟାଗଡ଼ ରାଜଦରବାରରେ ତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଥିଲା । ଏକଦା ରାଜା କଚେରୀକୁ ଯାତ୍ରା କଲାବେଳେ ରାଜା ଲକ୍ଷ୍ୟ କଲେ ଯେ ହଠାତ୍ କେହି ଜଣେ ହାତୀର ଲାଞ୍ଜ ଧରି ଟାଣି ଅଟକାଇଛି । ରାଜା ପଛକୁ ଫେରିଚାହିଁ ଦେଖିଲେ ଯେ ଜଗୁ ରାଉତରା ହାତୀ ଲାଞ୍ଜକୁ ଟାଣିଛନ୍ତି । ରାଜା ଏହାର କାରଣ ପଚାରିବାରୁ ଜଗୁ କହିଥିଲେ ଯେ ତାଙ୍କର ଭୋଜନ ପାଇଁ କିଛି ଘୃତ ଆବଶ୍ୟକ । ଏହା ଶୁଣି ରାଜା ଜଗୁ ରାଉତରାଙ୍କୁ ଘୃତ ପ୍ରଦାନ କରିବାପାଇଁ ଆଦେଶ ଦେଲେ ।

ଆଉ ଦିନକର ଘଟଣା ଏହି ଯେ ରାଜା କଚେରୀକୁ ହାତୀରେ ବସି ଯିବା ସମୟରେ ରାସ୍ତାରେ ଗୋଟିଏ ଖଜୁରୀ ଗଛ ବାଧା ସୃଷ୍ଟି କରୁଥିଲା । ଖଜୁରୀ ଗଛକୁ କିପରି ଉତ୍ପାଟନ କରାଯିବ ତାହା ଚର୍ଚ୍ଚାର ବିଷୟ ଥିଲା । ଜଗୁ ରାଉତରା ଏହା ଶୁଣିବା ପରେ ନିଜ ହାତରେ ସେ ଖଜୁରୀ ଗଛକୁ ଓପାଡ଼ିଦେଲେ । ରାଜା ଜଗୁ ରାଉତରାଙ୍କର ଏହିପରି ଶକ୍ତିଥିବା ଲକ୍ଷ୍ୟକରି ଖୁବ୍ ଆନନ୍ଦିତ ହେଲେ ।

ଏହି ସମୟରେ ପୁରୀ ଗଜପତିଙ୍କ ନିକଟକୁ କୁଜଙ୍ଗ ଷଣ୍ଢ ନାମରେ ଜଣେ ମହାବଳୀ ପହିଲିମାନ ଆସି ପହଞ୍ଚିଥିଲେ । ପୁରୀରେ ମଲ୍ଲଯୁଦ୍ଧରେ ଏହି କୁଜଙ୍ଗ

Digitized by PPRACHIN, SOA

ଷଣ୍ଢକୁ କେହି ପରାସ୍ତ କରିପାରିଲେ ନାହିଁ । ନୟାଗଡ଼ ରାଜା ଏ ସମ୍ବାଦ ପାଇ ଜଗୁ ରାଉତରାଙ୍କୁ ପୁରୀ ପଠାଇଲେ । ଜଗୁ ରାଉତରା ପୁରୀରେ ପହଞ୍ଚି ନିଜର କଳାକୌଶଳ ପ୍ରଦର୍ଶନ କଲେ । ସେ ଖଣ୍ଡିଏ ଦଉଡ଼ି ଓ ଛୋଟ ଠେଙ୍ଗାଟିଏ ଧରି ମନ୍ତ୍ର ଉଚ୍ଚାରି କୁଜଙ୍ଗ ଷଣ୍ଢ ଉପରକୁ ଫିଙ୍ଗିଦେଲେ । ହଠାତ୍ ଦଉଡ଼ି ଖଣ୍ଡକ କୁଜଙ୍ଗ ଷଣ୍ଢକୁ ବାନ୍ଧି ପକାଇଲା ଏବଂ ଠେଙ୍ଗାଟି ଅବିଶ୍ରାନ୍ତ ଭାବରେ ପିଟି ଚାଲିଲା । କୁଜଙ୍ଗ ଷଣ୍ଢ ଜଗୁଙ୍କ ନିକଟରେ ହାର ମାନିଲେ ।

ସେହିପରି ନୟାଗଡ଼ ଓ ରଣପୁର ରାଜାଙ୍କ ମଧ୍ୟରେ ଏକଦା ଯୁଦ୍ଧ ହୋଇଥିଲା । ଏହି ସମୟରେ ଜଗୁ ରାଉତରାୟ ଏକାକୀ ନୟାଗଡ଼ ସୈନ୍ୟସାମନ୍ତଙ୍କ ପାଇଁ ତମ୍ବୁ ଓ ରୋଷଇ ସାମଗ୍ରୀ ଯୋଗାଡ଼ କରିଥିଲେ । ଏହାପରେ ଜଗୁ ରାଉତରାୟ ତାଳଗଛଟିଏ ହାତରେ ଓପାଡ଼ି ଶକ୍ତି ପ୍ରଦର୍ଶନ କରିଥିବାରୁ ରଣପୁର ସୈନ୍ୟ ସାମନ୍ତ ଛତ୍ରଭଙ୍ଗ ଦେଲେ । ତାଳଗଛଟିକୁ ହାତରେ ଓପାଡ଼ି ଦେଇଥିବାରୁ ରଣପୁରର ପାରିଷଦ ବର୍ଗ କହି ଉଠିଥିଲେ "କିଏ କଲାଲୋ ମାଆ ?", ଯାହା ଫଳରେ ସେହି ସ୍ଥାନଟି 'କାକଲମା' ନାମରେ ପରିଚିତ ହେଲା ।

ଜଗୁ ରାଉତରା ଥିଲେ ଅସାମାନ୍ୟ ବୀର । ତାଙ୍କର ଅଲୌକିକ ଶକ୍ତି ସହିତ 'ବାନ୍ଧ ବାନ୍ଧ ଦଉଡ଼ି ଓ ପିଟ୍ ପିଟ ଠେଙ୍ଗା' ବିଦ୍ୟାଟି ତାଙ୍କୁ ନୟାଗଡ଼ରେ ସ୍ମରଣୀୟ କରିଛି । ନୟାଗଡ଼ର ରାଜା ଜଗୁ ରାଉତରାଙ୍କର ବୀରତ୍ୱରେ ମୁଗ୍ଧ ହୋଇ ତାଙ୍କୁ ୨୨ବାଟି ଜମି ଜାଗିରୀ ପ୍ରଦାନ କରିଥିଲେ । କିନ୍ତୁ ଜଗୁ ରାଉତରାୟ ସେସବୁକୁ ନୟାଗଡ଼ର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଭୋଗବାଡ଼ି ନିମନ୍ତେ ଖଞ୍ଜି ଦେଇଥିଲେ । ଜନଶ୍ରୁତି ରହିଛି ଯେ ନୟାଗଡ଼ର ସାଗର ପୋଖରୀ ଜଗୁ ରାଉତରାୟ ଏକାକୀ ଖୋଳିଥିଲେ ଏବଂ ସେଥିରେ ଯେଉଁ ପଥର ସବୁ ବ୍ୟବହୃତ ହୋଇଥିଲା ତାହା ଜଗୁ ରାଉତରାୟ ନିଜେ ଏକାକୀ କାନ୍ଧରେ ବୋହି ଆଣିଥିଲେ ।

ପଣ୍ଡିତ ବିଦ୍ୟାଧର ମହାପାତ୍ର – ପଣ୍ଡିତ ବିଦ୍ୟାଧର ମହାପାତ୍ର ନୟାଗଡ଼ର ଜଣେ ସ୍ୱନାମଧନ୍ୟ ବ୍ୟାକରଣଜ୍ଞ । ସେ ନୟାଗଡ଼ ଗଡ଼ଜାତ ଅନ୍ତର୍ଗତ ମାନଧାତାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସଂସ୍କୃତ ବ୍ୟାକରଣରେ ସେ ପଣ୍ଡିତ ଥିଲେ । ଉତ୍କଳ ଘଣ୍ଟକବି ଯଦୁମଣି ମହାପାତ୍ରଙ୍କର ସେ ଶିକ୍ଷାଗୁରୁ ଥିଲେ । ନୟାଗଡ଼ର ରାଜା ବିନାୟକ ସିଂହ ମାନଧାତା ନୟାଗଡ଼ରେ ଗୋଟିଏ ସଂସ୍କୃତ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ପଣ୍ଡିତ ବିଦ୍ୟାଧର ମହାପାତ୍ର ଏହି ସଂସ୍କୃତ ବିଦ୍ୟାଳୟର ମୁଖ୍ୟ ପଣ୍ଡିତ ଥିଲେ । 'ବ୍ୟାକରଣରେ ସନ୍ଧିତତ୍ତ୍ୱ' ଶୀର୍ଷକ ଗୋଟିଏ ଗ୍ରନ୍ଥକୁ ସେ ତାଳପତ୍ର ପୋଥିରେ ଲେଖିଥିଲେ ।

ବୀର ମହାପାତ୍ର – ୧୯୨୪ ମସିହାରେ ପ୍ରାଚୀ ସମିତି ପ୍ରତିଷ୍ଠା କରାଗଲା । ପ୍ରାଚୀ ସମିତି ଆନୁକୂଲ୍ୟରେ ପ୍ରତିଷ୍ଠା ହେଲା ପ୍ରାଚୀ ପ୍ରେସ୍ । ପ୍ରାଚୀ ସମିତିର ପ୍ରଧାନ

Digitized by PPRACHIN, SOA

ପୃଷ୍ଟପୋଷକ ଥିଲେ ଲକ୍ଷ୍ମୀକାନ୍ତ ଚୌଧୁରୀଙ୍କର ଭିଣୋଇ ଜମିଦାର ଭାସ୍କର ଚନ୍ଦ୍ର ଭୂୟାଁ ମହାପାତ୍ର ଯେ କି ପ୍ରାଚୀ ପ୍ରେସ୍‌ର ପ୍ରତିଷ୍ଠା ପାଇଁ ଏକକାଳୀନ ପଚିଶ ହଜାର ଟଙ୍କା ପ୍ରଦାନ କରିଥିଲେ । କାଠଯୋଡ଼ି କୂଳ ଗଣେଶଘାଟ ନିକଟରେ ପ୍ରାଚୀପ୍ରେସ୍ ପ୍ରତିଷ୍ଠା କରାଯାଇଥିଲା । ବିଚ୍ଛନ୍ଦ ଚରଣ ପଟ୍ଟନାୟକ ଥିଲେ ପ୍ରାଚୀ ପ୍ରେସ୍‌ର ପରିଚାଳକ । ଗ୍ରନ୍ଥ ସଂପାଦନା କାର୍ଯ୍ୟରେ ଆର୍ତ୍ତବଲ୍ଲଭଙ୍କ ସହକାରୀ ଭାବରେ ବିଚ୍ଛନ୍ଦଚରଣ କାର୍ଯ୍ୟ କରୁଥିଲେ । ସେ ମାସିକ ଟ୩୦/- ଭତ୍ତା ପାଉଥିଲେ । ପ୍ରାଚୀ ପ୍ରେସ୍‌ର ସ୍ୱନାମଧନ୍ୟ ଟୀକାକାର ଥିଲେ ବୀରଭଦ୍ର ମହାପାତ୍ର (ଓରଫ ବୀର ମହାପାତ୍ର) ନୟାଗଡ଼ର ବିନାୟକପୁର ଶାସନ ନିବାସୀ ବୈଦିକ ବ୍ରାହ୍ମଣ । ଏହାପୂର୍ବରୁ ସେ ପୁରୀର ଏମାର ମଠରେ ଅବସ୍ଥାନ କରୁଥିଲେ । ଆର୍ତ୍ତବଲ୍ଲଭ ତାଙ୍କୁ ପୁରୀରୁ ଅଣାଇ କଟକରେ ରଖାଇଥିଲେ । ସେ ପ୍ରଥମେ ମାସିକ ଟ୨୦/- ଭତ୍ତା ପାଉଥିଲେ । ପରେ ଏହାକୁ ଟ୭୫/-କୁ ବଢ଼ାଇ ଦିଆଗଲା । ବୀର ମହାପାତ୍ର 'ବିଦଗ୍ଧ ଚିନ୍ତାମଣି', 'ଲାବଣ୍ୟବତୀ', 'କୋଟିବ୍ରହ୍ମାଣ୍ଡସୁନ୍ଦରୀ', 'ବୈଦେହୀଶବିଳାସ', 'ଅବନା ରସ ତରଙ୍ଗ' ପ୍ରଭୃତିର ଟୀକା କରିଯାଇଛନ୍ତି । କବିଭୂଷଣ ଆନନ୍ଦ ଚନ୍ଦ୍ର ମିଶ୍ର ତାଙ୍କୁ 'ଓଡ଼ିଶାର ମଲ୍ଲୀନାଥ' ବୋଲି ଅଭିହିତ କରିଛନ୍ତି ।

ଗୋବିନ୍ଦଚନ୍ଦ୍ର ଶୂରଦେଓ – ନାଟ୍ୟରଥୀ ଗୋବିନ୍ଦଚନ୍ଦ୍ର ଶୂରଦେଓ ଓଡ଼ିଆ ନାଟ୍ୟଜଗତରେ ଏକ ବିସ୍ମୟକର ପ୍ରତିଭା । ଓଡ଼ିଆ ନାଟ୍ୟକଳାର ବିକାଶ, ଓଡ଼ିଆ ଯାତ୍ରା ଲୀଳାର ସଂସ୍କାର ଏବଂ ମଞ୍ଚକଳାର ଅଭିବୃଦ୍ଧି ସାଧନରେ ଶୂରଦେଓଙ୍କ ଦାନ ଅବିସ୍ମରଣୀୟ । ଶୂରଦେଓ ଗଞ୍ଜାମର ତରଳା ରାଜବଂଶରେ ଜନ୍ମଗ୍ରହଣ କରିଥିଲେ; ମାତ୍ର ତାଙ୍କର ସମଗ୍ର ଜୀବନ କଟିଥିଲା ନୟାଗଡ଼ରେ । ନୟାଗଡ଼ର ତତ୍କାଳୀନ ରାଜା ରଘୁନାଥସିଂହ ମାନଧାତା ଶୂରଦେଓଙ୍କର ମାମୁ ଥିଲେ । ନୟାଗଡ଼ ରାଜାଙ୍କର ପୃଷ୍ଠପୋଷକତାରେ ସେ ଉଚ୍ଚଶିକ୍ଷା ଲାଭ କରିଥିଲେ । ରାଜା ରଘୁନାଥ ସିଂହ ମାନଧାତା ଅପୁତ୍ରକ ଭାବରେ ପ୍ରାଣତ୍ୟାଗ କଲେ । ରାଜାଙ୍କ ଅନ୍ତେ ଗୋବିନ୍ଦଚନ୍ଦ୍ର ଶୂରଦେଓ ନୟାଗଡ଼ର ରାଜା ହୋଇଥାନ୍ତେ, ମାତ୍ର ସେ କଟକରୁ ଆସି ସେଠାରେ ପହଞ୍ଚିବାରେ ବିଳମ୍ବ ହେବାରୁ ସେ ଆଉ ରାଜା ହୋଇପାରିଲେ ନାହିଁ । ଜଣେ କଳାକାରର ଜୀବନ ବାଛି ନେଇଥିଲେ ଶୂରଦେଓ ।

ଗୋବିନ୍ଦ ଚନ୍ଦ୍ର ଶୂରଦେଓ ୨୨ ଗୋଟି ନାଟକ ରଚନା କରିଥିଲେ । ତାଙ୍କ ଦ୍ୱାରା ଲିଖିତ ପୌରାଣିକ, ଐତିହାସିକ ନାଟକ ଓ ପ୍ରହସନ ମାନଙ୍କ ମଧ୍ୟରେ 'ମାନଭଞ୍ଜନ', 'ସୁବଳମିଳନ', 'ସାକ୍ଷୀଗୋପାଳ', 'ମିବାରପୁତ୍ର', 'ଧ୍ରୁବ', 'ସୁଦାମା', 'ଗୋପେଶ୍ୱର ପୂଜା', 'ଇନ୍ଦ୍ରସଭା', 'ନରମେଧଯଜ୍ଞ', 'ନାରକାସୁର ବଧ', 'ମାୟା ଶବରୀ', 'ଶ୍ରୀକୃଷ୍ଣ ମହିମା', 'ଉତ୍କଳରମଣୀ', 'ମୁକୁନ୍ଦଦେବ', 'ହିନ୍ଦୋଳବିଜୟ',

Digitized by PPRACHIN, SOA

'ପାଠୋଇ ବୋହୂ', 'ମହନ୍ତଫାର୍ସ', 'ହାଡୁବାବୁ ଫାର୍ସ', 'ତାରାବାଇ ଫାର୍ସ', 'କୁଳରକ୍ଷା ଫାର୍ସ' ଓ 'ହସକୌତୁକ' ପ୍ରଭୃତି ଉଲ୍ଲେଖଯୋଗ୍ୟ । ଶୂରଦେଓ ଫକୀରମୋହନଙ୍କର 'ପେଟେଣ୍ଟ ମେଡ଼ିସିନ୍' କ୍ଷୁଦ୍ରଗଳ୍ପକୁ ନାଟ୍ୟରୂପ ଦେଇଥିଲେ । ଏହା 'ପେଟେଣ୍ଟ ମେଡିସିନ୍' ବା 'ତାରାବାଇ ଫାର୍ସ' (୧୯୩୯) ନାମରେ ପ୍ରକାଶିତ । ଶୂରଦେଓଙ୍କ ପୌରାଣିକ ନାଟକାବଳୀ ମଧ୍ୟରୁ 'ନରମେଧଯଜ୍ଞ' (୧୯୪୦) ବିଷୟ ବିନ୍ୟାସ ଓ ନାଟ୍ୟ କଳା କୌଶଳ ଦୃଷ୍ଟିରୁ ଏକ ଅପୂର୍ବ ସୃଷ୍ଟି ।

ଗଦାଧର ସିଂହସାମନ୍ତ - ସେ ଥିଲେ ପ୍ରଖ୍ୟାତ ଜ୍ୟୋତିର୍ବିତ୍ ପୁଣ୍ୟଶ୍ଳୋକ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କର ମଧ୍ୟମ ପୁତ୍ର । ବହୁ ଛାନ୍ଦ, ଚଉପଦୀ, ସଙ୍ଗୀତ ଓ ଭଜନର ସ୍ରଷ୍ଟା ଭାବରେ ସେ ସୁପରିଚିତ । ବହୁବିଧ ରାଗରାଗିଣୀ ଓ ତାଳଲୟର ସମନ୍ୱୟରେ ସେ ଓଡ଼ିଶୀ ସଙ୍ଗୀତ ଓ ଝୁମ୍ପା ସଙ୍ଗୀତ ରଚନା କରିଛନ୍ତି । ଖଣ୍ଡପଡ଼ାର ସାମନ୍ତ ଚନ୍ଦ୍ରଶେଖର ସ୍ମୃତିମନ୍ଦିର ଆନୁକୂଲ୍ୟରେ ତାଙ୍କ ଗୀତଗୁଡ଼ିକ 'ପ୍ରବନ୍ଧ ପଞ୍ଚାମୃତ' ୧ମ ଭାଗ ଓ ୨ୟ ଭାଗରେ ପ୍ରକାଶିତ । ପ୍ରଥମ ଭାଗରେ ୮୦ ଗୋଟି ଗୀତ ସଂକଳିତ । ଏଥିରେ ସ୍ଥାନିତ କେତେଗୋଟି ପ୍ରତିନିଧି ସ୍ଥାନୀୟ ରଚନା ହେଉଛି 'ମେଘପ୍ରତି ଲଳିତାଦି ଅଷ୍ଟସଖୀ ଭାଷଣ', 'ସଖୀ ପ୍ରତି ଶ୍ରୀମତୀ', 'ରାଧାଙ୍କ ପ୍ରତି ଲଳିତା', 'ପୁରୁଷ ଭାବନା', 'ଶ୍ରୀମତୀ ପ୍ରତି ଲଳିତା', 'ଶ୍ରୀମତୀଙ୍କ ପ୍ରତି କୃଷ୍ଣ', 'ସଖୀ ରାଧା ଉକ୍ତିପ୍ରତ୍ୟୁକ୍ତି', 'ବିପ୍ରଲବଧା ଶ୍ରୀମତୀଙ୍କ ବିରହାବସ୍ଥ ବର୍ଣ୍ଣନା ସହିତ କୃଷ୍ଣଙ୍କ ପ୍ରତି ସଖୀର କଟୁବାକ୍ୟ', 'ଶ୍ରୀମତୀଙ୍କ ପ୍ରତି ଲଳିତା-ଫଗୁଣ-ଗୋଧୂଳି ବର୍ଣ୍ଣନା', 'ରାଧାପ୍ରତି ସଖୀ', 'ସଖୀପ୍ରତି ଶ୍ରୀକୃଷ୍ଣ', 'ସଖୀପ୍ରତି ସଖୀ', 'ଶ୍ରୀମତୀଙ୍କ ପ୍ରତି ଲଳିତା', 'ରାଧାପ୍ରତି ଲଳିତା', 'ବଂଶୀ ପ୍ରତି ରାଧା', 'ଚନ୍ଦ୍ରାନନୀପ୍ରତି' ଇତ୍ୟାଦି । ସେହିପରି 'ପ୍ରବନ୍ଧ ପଞ୍ଚାମୃତ' ଦ୍ୱିତୀୟଭାଗରେ ୯୪ ଗୋଟି ଗୀତ ସ୍ଥାନିତ । ଗଦାଧର ସିଂହସାମନ୍ତ ମଧ୍ୟ ବହୁ ପାଲା, ଚଉପଦୀ ଓ ଝୁମ୍ପା ଚଉପଦୀର ସ୍ରଷ୍ଟା । ତାଙ୍କର 'ଭ୍ରମର ଚଉତିଶା' ଓ 'ଭ୍ରମରୀ ଚଉତିଶା' ଦ୍ୱୟରେ ବିରହ ବର୍ଣ୍ଣନା ବେଶ୍ ମାର୍ମିକ । କବିଙ୍କର 'ଦ୍ୱିତୀୟା ଚନ୍ଦ୍ର ବର୍ଣ୍ଣନା' ପଚାଶପଦ ବିଶିଷ୍ଟ ରଚନା । ଏହା ରସକୁଲ୍ୟା ରାଗରେ ରଚିତ । ଗଦାଧର ସିଂହସାମନ୍ତ 'ଦ୍ୱିତୀୟ କବିସୂର୍ଯ୍ୟ' ନାମରେ ପରିଚିତ ।

ହରେକୃଷ୍ଣ ଦାଶ - କବି ହରେକୃଷ୍ଣ ଦାଶ ଖଣ୍ଡପଡ଼ା ଅନ୍ତର୍ଗତ କୁମ୍ଭାରପଡ଼ା ନିବାସୀ ଥିଲେ । ସେ ପଠାଣିସାମନ୍ତଙ୍କ ପୁତ୍ର ଗଦାଧର ସିଂହସାମନ୍ତଙ୍କ ସମକାଳୀନ । ହରେକୃଷ୍ଣ ଦାଶ ମୁଖ୍ୟତଃ ଥିଲେ ଗୀତିକବି । ହରେକୃଷ୍ଣ ଦାଶ ଏକ ବିସ୍ମୃତ ପ୍ରତିଭା । ତାଙ୍କ ରଚନାବଳୀ ମଧ୍ୟରେ ରହିଛି ଭଜନ, ଜଣାଣ, ଓଡ଼ିଶୀ, ଛନ୍ଦ, ବିଦେଶାନୁଚିନ୍ତା । ଏହା ବ୍ୟତୀତ ସେ କେତୋଟି ପୌରାଣିକ ଆଖ୍ୟାନ ମଧ୍ୟ ରଚନା କରିଛନ୍ତି । ଉଲ୍ଲେଖଯୋଗ୍ୟ କେତୋଟି ହେଉଛି- 'କାଳୀୟଦଳନ', 'ଲକ୍ଷ୍ମଣ ଶକ୍ତିଭେଦ',

Digitized by PPRACHIN, SOA

'ସାତପଦୀ ରାମାୟଣ', 'ଜୟଦ୍ରଥ ବଧ', 'ମାଲ୍ୟବନ୍ତ ବିହାର', 'ମହୀରାବଣ' ଇତ୍ୟାଦି । ହରେକୃଷ୍ଣ ଦାଶଙ୍କର କେତେଗୋଟି ଓଡ଼ିଶୀ ହେଉଛି- 'ମଦାଳସୀ ମନ୍ଦେହସି ପଦେ କହ ବାଣୀକି', 'ହେମ ଜିଣା ଅଙ୍ଗୀରେ', 'ନାଗରବର ସତେ ଯିବ କି ଛାଡ଼ି', 'ନାଗରବର କିହେ ଛାଡ଼ି ନ ଯା', 'ଏହି ପରା ପୀତପଟ', 'ମୀନନୟନୀ କିରେ ନାରୀ ରଙ୍ଗା', 'ସେ ସୁରସାକୁ ନବଯୋଷାକୁ', 'ଧରାମଣ୍ଡନା ପରା ତୁ ଜବାଅଧରା', 'ମଞ୍ଜୁଳାରେ ମୋତେ ରସିଲୁ', 'ଏ କାହାର ରାମାବର ଏକାହୋଇ ଆସେ', 'ନିଶାନ୍ତ କାଳ ହେଲା ଆସିଲେ, ପିକଭାଷୀ' ଇତ୍ୟାଦି ।

ଗୋବିନ୍ଦ ମିଶ୍ର - ଗୋବିନ୍ଦ ଚନ୍ଦ୍ର ମିଶ୍ର ନୟାଗଡ଼ ଜିଲ୍ଲାର ସ୍ମରଣୀୟ ବ୍ୟକ୍ତିତ୍ୱ । ୧୮୮୮ ସାଲରେ ସେ ଦଶପଲ୍ଲା ଗଡ଼ରେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ମହାନ୍ ବିପ୍ଳବୀ, ଦେଶସେବକ, ଗାନ୍ଧୀଙ୍କର ଭକ୍ତ, ଭାରତ ସେବକ ସମାଜର ପୂର୍ବତନ ସଭାପତି, ଚମ୍ପାପୁର ଗାନ୍ଧୀ ଆଶ୍ରମର ପ୍ରତିଷ୍ଠାତା । ସେ ଥିଲେ ପଣ୍ଡିତ ଗୋପବନ୍ଧୁ ଦାସଙ୍କର ପ୍ରଧାନ ସହକର୍ମୀ, ସତ୍ୟାଗ୍ରହ ଆନ୍ଦୋଳନର ପ୍ରଥମ ସତ୍ୟାଗ୍ରହୀ ଏବଂ ୧୯୧୪ ମସିହା ଦଶପଲ୍ଲା ମେଳିର କର୍ଣ୍ଣଧାର । ସର୍ବୋପରି ସେ ଥିଲେ ରାଓଲଟ୍ ଆଇନ୍‌କୁ ବିରୋଧ କରି କାରାବରଣ କରିଥିବା ଅନ୍ୟତମ ଦେଶପ୍ରେମୀ ।

ଦଶପଲ୍ଲାରେ ପ୍ରଜାମାନଙ୍କ ଉପରେ ହେଉଥିବା ଜୁଲୁମ୍ ବିଷୟରେ ଗାନ୍ଧିଜୀଙ୍କୁ ଜଣାଇବା ପାଇଁ ସେ କୌଶଳରେ ଓଡ଼ିଶାରୁ ଚାଲିଯାଇଥିଲେ । ବନ୍ଧୁମାନଙ୍କ ସାହାଯ୍ୟରେ ସେ ଶାନ୍ତିନିକେତନ ଯାଇ ଗାନ୍ଧିଜୀଙ୍କୁ ଭେଟି ଦଶପଲ୍ଲା କନ୍ଧ ମେଳିର କରୁଣ କାହାଣୀକୁ ଅବଗତ କରାଇବା ପାଇଁ ଲକ୍ଷ୍ୟ ରଖିଥିଲେ । କିନ୍ତୁ ସେ ଶାନ୍ତିନିକେତନରେ ପହଞ୍ଚିବା ପୂର୍ବଦିନରେ ଗାନ୍ଧିଜୀ ଶାନ୍ତିନିକେତନରୁ ଚାଲିଯାଇଥିଲେ ।

ଶାନ୍ତିନିକେତନ ଠାରେ ସେ କବିଗୁରୁ ରବୀନ୍ଦ୍ର ନାଥ ଠାକୁର ଏବଂ ମହାତ୍ମା ଗାନ୍ଧୀଙ୍କର ପରମବନ୍ଧୁ ଦୀନବନ୍ଧୁ ସି.ଏଫ୍. ଆଣ୍ଡ୍ରୁଜ୍‌ଙ୍କୁ ସାକ୍ଷାତ କଲେ । ସେଠାରେ ସେ କବିଗୁରୁ ରବୀନ୍ଦ୍ର ନାଥଙ୍କ ଆଶୀର୍ବାଦ ଲାଭକରି ମାଟ୍ରିକ୍ ପାଶ୍ କଲେ । ଏହାପରେ ସେ ସି.ଏଫ୍. ଆଣ୍ଡ୍ରୁଜ୍‌ଙ୍କ ଚିଠି ନେଇ ସାବରମତୀ ଆଶ୍ରମ ଯାଇ ଗାନ୍ଧିଜୀଙ୍କୁ ଦର୍ଶନ କଲେ । ସାବରମତୀ ଆଶ୍ରମର ଅନ୍ତେବାସୀ ହୋଇ ରହିଲେ ।

୧୯୨୦ ମସିହାରେ ଗୋବିନ୍ଦ ମିଶ୍ର ଗାନ୍ଧିଜୀଙ୍କର ପରାମର୍ଶ କ୍ରମେ ଓଡ଼ିଶାରେ ଗୋପବନ୍ଧୁ ଦାସଙ୍କୁ ସାହାଯ୍ୟ କରିବା ପାଇଁ ଠକ୍କର ବାପାଙ୍କ ସହ ପୁରୀ ଆସିଲେ । ଓଡ଼ିଶାରେ ରହି ଦୁର୍ଗତମାନଙ୍କର ସେବା କରିବା ପାଇଁ ମନ ବଳାଇବାରୁ ମହାତ୍ମାଜୀ ତାଙ୍କୁ ଅନୁମତି ଦେଲେ । ଓଡ଼ିଶାରେ ସେ ଜାତୀୟ କଂଗ୍ରେସର କାର୍ଯ୍ୟକ୍ରମକୁ ଆଗେଇନେଲେ । କଟକ ଜିଲ୍ଲାର ଚମ୍ପାପୁରଠାରେ ସେ ଗାନ୍ଧୀଆଶ୍ରମ ପ୍ରତିଷ୍ଠା କଲେ ।

Digitized by PPRACHIN, SOA

ଏବଂ ଏହାକୁ ଗୋଟିଏ ଉଚ୍ଚ ବିଦ୍ୟାଳୟରେ ପରିଣତ କରିଥିଲେ । ସେ କଟକଠାରେ ବିଦେଶୀ ବସ୍ତ୍ର ବର୍ଜନ କରି କାରାବରଣ କରିଥିଲେ ।

ଗୋବିନ୍ଦ ମିଶ୍ର ଆଜୀବନ ବିପ୍ଳବୀ । ଅସତ୍ ଉପରେ ସତ୍‌ର ପ୍ରତିଷ୍ଠା ପାଇଁ ସେ ଆପ୍ରାଣ ଉଦ୍ୟମ କରିଥିଲେ । ଏହି ମହାନ୍ ବ୍ୟକ୍ତିତ୍ୱ ଭୋଗ ଏବଂ ବିଳାସ ଠାରୁ ବହୁ ଦୂରରେ ଥିଲେ ।

"ଜାତୀୟ ଜୀବନର ଆତ୍ମବିକାଶ" ତାଙ୍କର ଆତ୍ମଜୀବନୀ ଗ୍ରନ୍ଥ । ରାଜନୈତିକ ବନ୍ଦୀ ଜୀବନ ବିତାଉ ଥିଲା ବେଳେ ଏହି ମନୀଷୀ କେତୋଟି ଗ୍ରନ୍ଥ ରଚନା କରିଥିଲେ । ତନ୍ମଧ୍ୟରୁ ଉଲ୍ଲେଖଯୋଗ୍ୟ କେତୋଟି ହେଉଛି- 'କଂଗ୍ରେସର ଆହ୍ୱାନ', 'କାରାଗାର କାହାଣୀ', 'ଅନାସକ୍ତ ଯୋଗ', 'ଦେଶର ଆହ୍ୱାନ' । ଏହାବ୍ୟତୀତ ସେ ବାଳଗଙ୍ଗାଧର ତିଳକଙ୍କର 'ଗୀତାରହସ୍ୟ' ଗ୍ରନ୍ଥକୁ ଅନୁବାଦ କରି ଯଶସ୍ୱୀ । ୧୯୬୬ ମସିହାରେ ତାଙ୍କର ତିରୋଧାନ ଘଟିଲା ।

ପଣ୍ଡିତ ବିନାୟକ ମିଶ୍ର - ନୟାଗଡ଼ର ବରପୁତ୍ରମାନଙ୍କ ମଧ୍ୟରେ ପଣ୍ଡିତ ବିନାୟକ ମିଶ୍ର ଅନ୍ୟତମ । ସେ ନୟାଗଡ଼ ରାଜ୍ୟର ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଗ୍ରାମର ମାଳିସାହିରେ ଜନ୍ମଗ୍ରହଣ କରିଥିଲେ । ୧୮୯୪ ମସିହା ଗଣେଶ ଚତୁର୍ଥୀ ଦିନ ସେ ଧରାବତରଣ କରିଥିଲେ । ପଣ୍ଡିତ ବିନାୟକ ମିଶ୍ର ଯଦିଓ ଭର୍ଣ୍ଣାକୁଲାର ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ, କିନ୍ତୁ ନିଜର ଅଧ୍ୟବସାୟ ଓ ଧୀଶକ୍ତି ବଳରେ ସେ ଉଚ୍ଚକୋଟୀର ଗବେଷକ ଓ ପଣ୍ଡିତ ଆସନର ଅଧିକାରୀ ହୋଇପାରିଥିଲେ । ପଣ୍ଡିତ ବିନାୟକ ମିଶ୍ର ଏକ ବହୁମୁଖୀ ପ୍ରତିଭା । ସେ ଥିଲେ କବି, ନାଟ୍ୟକାର, ଭାଷାବିତ୍, ସମୀକ୍ଷକ, ଦାର୍ଶନିକ ଓ କୃତବିଦ୍ୟ ଐତିହାସିକ । ତାଙ୍କର ପ୍ରଥମ କବିତା 'ନବଜାତ ଶିଶୁ', ଉତ୍କଳ ସାହିତ୍ୟ ୧୯୨୫/୨୮ ଭାଗରେ ପ୍ରକାଶ ପାଇଥିଲା । ୧୯୨୫ ମସିହା 'ମୁକୁର'ରେ ତାଙ୍କର 'ବୁଢ଼ାବର' ଶୀର୍ଷକ କ୍ଷୁଦ୍ରଗଳ୍ପ ପ୍ରକାଶିତ ହୋଇଥିଲା । ପଣ୍ଡିତ ମିଶ୍ରଙ୍କ 'ବରଣମାଳା' କବିତାଗ୍ରନ୍ଥ ୧୯୪୬ ମସିହାରେ ପ୍ରକାଶିତ । ଏହାପରେ 'ଗଜପତି ଜେମା' ଓ 'ଉପେନ୍ଦ୍ର ଭଞ୍ଜ' ନାମକ

ପଣ୍ଡିତ ବିନାୟକ ମିଶ୍ର

Digitized by PPRACHIN, SOA

ଦୁଇଗୋଟି ଯାତ୍ରାପୁସ୍ତକ ସେ ପ୍ରକାଶ କରିଥିଲେ । ପଣ୍ଡିତ ମିଶ୍ରଙ୍କର 'ଓଡ଼ିଆ ଭାଷାର ଇତିହାସ' ଏବଂ 'ଓଡ଼ିଆ ସାହିତ୍ୟର ଇତିହାସ' ଯଥାକ୍ରମେ ୧୯୨୭ ଓ ୧୯୨୮ ମସିହାରେ ପ୍ରକାଶିତ । 'ଭାରତୀୟ ଦର୍ଶନ ପ୍ରବେଶିକା' ଶୀର୍ଷକ ଗ୍ରନ୍ଥ ୧୯୪୭ ମସିହାରେ ପ୍ରକାଶିତ । ସାମକ୍ଷାଗ୍ରନ୍ଥ 'ଓଡ଼ିଆ ସାହିତ୍ୟ ପ୍ରକାଶ' ୧ମ ଭାଗ ଓ ଦ୍ୱିତୀୟ ଭାଗ ୧୯୪୯ ମସିହାରେ ଆତ୍ମପ୍ରକାଶ ଲାଭ କରିଛି । 'ମହାମାନବ ମହାତ୍ମା ଗାନ୍ଧୀ' ଶୀର୍ଷକ ଜୀବନୀଗ୍ରନ୍ଥ ମଧ୍ୟ ୧୯୪୯ ମସିହାରେ ମୁକ୍ତିଲାଭ କରିଛି । 'ଓଡ଼ିଆ ଛାନ୍ଦ ସାହିତ୍ୟ' ୧୯୫୮ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀଦ୍ୱାରା ପ୍ରକାଶିତ । 'ଓଡ଼ିଆ ଭାଷାର ପୁରାତତ୍ତ୍ୱ' ୧ମ ଓ ୨ୟ ଭାଗ ୧୯୬୫ ମସିହାରେ ପ୍ରକାଶିତ । 'ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ' ଗ୍ରନ୍ଥଟି ୧୯୬୮ ମସିହାରେ ପ୍ରକାଶ ପାଇଛି । ପଣ୍ଡିତ ବିନାୟକ ମିଶ୍ର 'ଯଦୁମଣି ଗ୍ରନ୍ଥାବଳୀ' ସମ୍ପାଦନା କରିଥିଲେ । ଏହା ୧୯୬୫ ମସିହାରେ ପ୍ରକାଶିତ ।

ପଣ୍ଡିତ ମିଶ୍ରଙ୍କର ଇଂରାଜୀ ଭାଷାରେ ଲିଖିତ ପୁସ୍ତକ ହେଉଛି 'Dynssties of Medieval Orissa' ଏବଂ ଏହା ୧୯୩୩ ମସିହାରେ ପ୍ରକାଶିତ । ଏହାପରେ ୧୯୩୪ ମସିହାରେ 'Orissa Under the Bhauma Kings' ଗ୍ରନ୍ଥଟି ଆତ୍ମପ୍ରକାଶ ଲାଭ କରି ଐତିହାସିକମାନଙ୍କ ଦ୍ୱାରା ଆଦୃତ ହୋଇଥିଲା । ବିନାୟକ ମିଶ୍ରଙ୍କର ଜୀବଦଶାରେ ଲିଖିତ ହୋଇଥିବା 'Indian Culture and Cult of Jagannath' ପୁସ୍ତକଟି ତାଙ୍କର ମୃତ୍ୟୁ ପରେ ୧୯୮୬ ମସିହାରେ ପ୍ରକାଶ ଲାଭ କରିଥିଲା । ଏହି ଗ୍ରନ୍ଥଟି କଲିକତାର ପୁନ୍ଥୀ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଥିଲା । ଏହାବ୍ୟତୀତ ପଣ୍ଡିତ ମିଶ୍ର ଅନେକ ଗବେଷଣାମୂଳକ ପ୍ରବନ୍ଧ ଇଂରାଜୀ ଭାଷାରେ ରଚନା କରିଥିଲେ । କେତେଗୋଟି ଦୃଷ୍ଟାନ୍ତ ହେଉଛି–

1. 'A Brief Historical Sketch of Orissa' - Journal of Bihar Orissa Research Society 6/3, -1920.
2. 'Copper plate grant of Netra Bhanja; - Journal of Bihar Orissa Research Society, 17/1, -1921.
3. 'A note on the Kongada Country'- Journal of Bihar Orissa Research Society, 12/4,. -1926.
4. 'A note on the time of Kara Dynasty' - Journal of Bihar Orissa Research Society, 12/1, 1926.
5. 'Fragmentry Stone Inscription of Gobindapur'- Journal of Bihar Orissa Research Society, 13/2, 1927.

Digitized by PPRACHIN, SOA

6. 'The area of Orissa in Hiuen Tsang's Time- Journal of Bihar Orissa Research Society, 13/1, 1927.
7. 'The Trikalinga Country'- Journal of Bihar Oirssa Research Sociery, 14/1, 1928.
8. 'Hindol plate of Subhakardeva'- Journal of Bihar Orissa Research Society, 16/1, 1930.
9. 'Narasingpur Charter of Udyotkeshari Mahabhabagupta-IV, - Journal of Bihar Orissa Research Society, 17/1, 1931.
10. 'Alekha religion in Orissa'- Modern Review, vol-1, 1931
11. 'The Saillodbhaba rulers of Kongada'- Indian Historical Quarterly, 7/3, 1931.
12. 'Ganjam grant of Jayavemandeva of Udayotkesari Time'- Indial Historical Quarterly, 12/3, 1936.
13. 'Exploration of Dengaposhi in Keonjhar State'- Modern Review, LXIII, 1938.
14. 'Initial Year of the Ganga Era'- Journal of the Orissa Academy, 2/1, April, 1938.
15. 'Kumar and Goutam Buddha'- Journal of Kalinga Historical Research Society, 2/4, 1950.
16. 'Maninaga Worship in Orissa'- Orissa Historical Research Journal, 11/3/4, 1954.

ରଘୁନାଥ ଦାସ - ରଘୁନାଥ ଦାସ ନୟାଗଡ଼ର ଅନ୍ୟତମ ସ୍ମରଣୀୟ ବ୍ୟକ୍ତିତ୍ୱ । ନୟାଗଡ଼ ନିକଟବର୍ତ୍ତୀ ମହୀପୁର ଗ୍ରାମରେ ୧୮୮୧ ସାଲରେ ରଘୁନାଥ ଦାସ ଜନ୍ମଗ୍ରହଣ କରିଥିଲେ । ସେ ଓଡ଼ିଶା ସରକାରଙ୍କର ଜଙ୍ଗଲ ବିଭାଗରେ ଫରେଷ୍ଟର ଭାବରେ କାର୍ଯ୍ୟ କରୁଥିଲେ । ତାଙ୍କ ବ୍ୟକ୍ତିତ୍ୱର ବିଶିଷ୍ଟ ଦିଗଟି ହେଉଛି ଯେ ସେ ସଂଗୀତ, କଳା ଜ୍ୟୋତିଷ ବିଦ୍ୟା, ଏବଂ ଐନ୍ଦ୍ରଜାଲିକ ବିଦ୍ୟାରେ ପ୍ରବୀଣ ଥିଲେ । ଦଣ୍ଡନାଚ ଗୀତର ରଚୟିତା ଭାବରେ ସେ ଲବ୍ଧପ୍ରତିଷ୍ଠ । ନୟାଗଡ଼ ଅଞ୍ଚଳରେ ଦଣ୍ଡନାଚରେ ଚଢ଼େୟା ଚଢ଼େୟାଣୀ, କେଳା-କେଳୁଣୀ, ଧୋବା-ଧୋବଣୀ, ଯୋଗୀ-ଯୋଗୀଆଣି, ପତରସଉରା-ପତରସଉରୁଣୀ ପ୍ରଭୃତି ସୁଆଙ୍ଗ ରଚନା କରି ସେ ବେଶ୍

Digitized by PPRACHIN, SOA

ଲୋକପ୍ରିୟ । ବିଭିନ୍ନ ସୁଆଙ୍ଗରେ ସାମାଜିକ ସମସ୍ୟା, ପାରିବାରିକ ସମସ୍ୟା, ଜୀବନର ସୁଖ ଓ ଦୁଃଖକୁ ସେ ପ୍ରତିବିମ୍ବିତ କରିଛନ୍ତି । ସର୍ବୋପରି ସେ ସୁଆଙ୍ଗ ଗୁଡ଼ିକରେ ଯେଉଁ ହାସ୍ୟରସ ସୃଷ୍ଟି କରିଛନ୍ତି, ତାହା ବେଶ ଚମତ୍କାର । ଦୃଷ୍ଟାନ୍ତ ସ୍ୱରୂପ ଯୋଗୀ-ଯୋଗୀଆଣି ସୁଆଙ୍ଗରେ ଯୋଗୀଆଣୀ ଚରିତ୍ରର ଗୋଟିଏ ସଂଳାପ ଏହିପରି-

''ଏହି ଯୋଗୀ ମୋର ପତି ଲୋ ମଉସା
ଏହି ଯୋଗୀ ମୋର ପତି
ମୋତେ ଧରି କେତେ କଲା ଅନୀତି ଲୋ ମଉସା
ଏବେ ବୋଲାଉଛି ଯତି ।''

ରଘୁନାଥ ଦାସଙ୍କର ଆଉ କେତୋଟି ସୁଆଙ୍ଗର କିୟଦଂଶ ଏହିପରି-

(କ) "ଶିବ ଶ୍ରୀକୈଳାସବାସୀ ଶିରରେ ଶୋଭିତ ଜାହ୍ନବୀଶଶି
ସିଦ୍ଧକର ପଦ ମହେଶ ମୋ କଣ୍ଠେ ବସି ।
× × ×
କପର୍ଦ୍ଦୀ ପଞ୍ଚ ମସ୍ତକ କର ଅନୁଗ୍ରହ ଉମାନାୟକ
କରିବି ସଂହାର କାନନେ ପକ୍ଷୀ ଡାହୁକ ।
ରଖିଛ ଯଶ ତ୍ରିପୁର ରଣେ ବଧ କରି ତ୍ରିପୁରାସୁର
ରଘୁବୋଲେ ସଦା ସୁମରି ଶିବଶଙ୍କର ।" (ଚଢ଼େୟା ଗୀତ)

(ଖ) ବଂ ବଂ କୈଳାସ କନ୍ଦରୁ ମୃତ୍ୟୁଞ୍ଜୟ ବିଜେ, ବଂ ବଂ......
ଡିବି ଡିବି ଡିବି ଡମ୍ବରୁ ଡଂ ଡଂ ବାଜେ, ବଂ ବଂ.....
ପାଶେ ଅଙ୍କୁଶ ତ୍ରିଶୂଳ ହୃଦରେ ଭୁଜଙ୍ଗ ମାଳ
ସିଂହରଡ଼ି ଜିଣି ସିଂଘା ଘଂ ଘଂ ଗର୍ଜେ, ବଂ ବଂ.....
ନୟନରେ କଳାନଳ ଶଶିଭୂଷିତ କପାଳ
ଶିରେ ଜଟାଜୁଟ ଗଂ ଗଂ ଗଙ୍ଗା ସାଜେ, ବଂ ବଂ.....
ସଙ୍ଗତରେ ହୈମବତୀ ପାର୍ବତୀ ବନେ କ୍ରୀଡ଼ନ୍ତି
ବିପଦ ପଙ୍କଜେ ରଘୁନାଥ ଭଜେ, ବଂ ବଂ.....
(ଶିବଙ୍କ ଗୀତ)

(ଗ) ଆରେ ଶମ୍ଭୁସ୍ତନା, ଅମ୍ବୁଜ ନୟନା ଅବିଳମ୍ବେ
ଆସଧନ ଜୀଣାଜିଣା ବଚନା, ଆରେ.....
ତୁମୋ ପ୍ରେମବତୀ ବାଳା, ମୁକୁତା ସିତା ଚଞ୍ଚଳା,
ମୋ ଗଳାମାଳାରେ, ମୋ ନେତ୍ର ପିତୁଳାରେ
ଅବିଳମ୍ବେ ଆସଧନ, ଗୌର ବରନା, ଆରେ.....

Digitized by PPRACHIN, SOA

ଆରେ ନବୀନା ବୟସୀ, ତମାଳ କେଶୀ, ତୋ ବିନା ମୁଁ
ଗଲି ଭାସି, କୋକିଳ ଭାଷୀରେ ହେଳା ନ କର
ହେମାଙ୍ଗୀ, ଖଣ୍ଡ ପର୍ଶୁ ମଣ୍ଡନା, ଆରେ......
ଆରେ ନବରସବତୀ, ଘେନ ମୋହର ବିନତି,
ଡାଳିମ୍ବଦନ୍ତୀରେ, କନକଗାତ୍ରୀରେ
ରଘୁନାଥ ବୋଲେ ଧନ ପୂର୍ଣ୍ଣ କର କାମନା,
ଆରେ ଶମ୍ଭୁସ୍ତନା.....।"

ଦଣ୍ଡନାଚର ରଚୟିତା ରଘୁନାଥ ଦାସ ନୟାଗଡ଼ ଅଞ୍ଚଳର ଲୋକସାହିତ୍ୟକୁ ସମୃଦ୍ଧ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ସେ ନୟାଗଡ଼ର ପ୍ରାତଃସ୍ମରଣୀୟ ବ୍ୟକ୍ତିତ୍ୱ ।

ଲିଙ୍ଗରାଜ ମିଶ୍ର - ଓଡ଼ିଶାର ପାଠାଗାର ଆନ୍ଦୋଳନର ଅନ୍ୟତମ ପ୍ରବକ୍ତା ଲିଙ୍ଗରାଜ ମିଶ୍ର । ସେ ୧୯୧୦ ମସିହା ନଭେମ୍ବର ମାସ ୧୩ ତାରିଖରେ ନୟାଗଡ଼ ଜିଲ୍ଲାର କଜଲାଇପଲ୍ଲୀ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ବୀରଭଦ୍ର ମିଶ୍ର ଏବଂ ମାତା ସାବିତ୍ରୀ ଦେବୀ । ତାଙ୍କର ଶିକ୍ଷାଗତ ଯୋଗ୍ୟତା ଥିଲା ଭର୍ଣ୍ଣାକୁଲାର ଶ୍ରେଣୀ (ଇଂରାଜୀ ବିଷୟ ନ ଥାଇ ସପ୍ତମ ଶ୍ରେଣୀ) । ଆନୁଷ୍ଠାନିକ ଯୋଗ୍ୟତା ସପ୍ତମ ଶ୍ରେଣୀ ହେଲେ ବି ସେ ନିଜ ଅଧ୍ୟବସାୟ ବଳରେ ଜ୍ଞାନର ଦିଗ୍‌ବଳୟକୁ ବଢ଼ାଇଥିଲେ ।

୧୯୩୦ ମସିହାରେ ଲିଙ୍ଗରାଜ ମିଶ୍ର ତାଙ୍କର ବାଲ୍ୟବନ୍ଧୁ ଲୋକନାଥ ଆଚାର୍ଯ୍ୟଙ୍କ ସହିତ ମିଶି ପାଠାଗାର ପାଇଁ ଅଭିଯାନ ଆରମ୍ଭ କଲେ । ଲୋକନାଥ ଆଚାର୍ଯ୍ୟଙ୍କର ବିୟୋଗ ଘଟିଲା । ତେବେ ଲିଙ୍ଗରାଜ ପାଣ୍ଠି ସଂଗ୍ରହ କରି କଜଲାଇପଲ୍ଲୀ ଠାରେ 'ସରସ୍ୱତୀ ଲାଇବ୍ରେରୀ' ପ୍ରତିଷ୍ଠା କଲେ । ୧୯୪୧ ମସିହାରେ ନୟାଗଡ଼ ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କ ପକ୍ଷରୁ ଏହି ଲାଇବ୍ରେରୀର କୋଠାଘର ପାଇଁ ଟ୧୦୦୦/- ମିଳିଥିଲା । ଏହି ପାଠାଗାରରେ ପ୍ରାୟ ୨୦୦୦ ପୁସ୍ତକ ଗଚ୍ଛିତ ଥିଲା । ବହୁ ଗ୍ରନ୍ଥାବଳୀ ଏବଂ ଏନ୍‌ସାଇକ୍ଲୋପେଡ଼ିଆ ପରି ଦୁର୍ଲଭ ଗ୍ରନ୍ଥ ଥିବାରୁ ବହୁ ଦୂରଦୂରାନ୍ତରୁ ବିଶିଷ୍ଟ ବ୍ୟକ୍ତିମାନେ କଜଲାଇପଲ୍ଲୀ ଆସୁଥିଲେ ।

ଏହାପରେ ଲିଙ୍ଗରାଜ ମିଶ୍ର ନୟାଗଡ଼ର ତତ୍କାଳୀନ ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କୁ ପ୍ରରାମର୍ଶଦେଇ ନୟାଗଡ଼ ଟାଉନ୍‌ରେ ରାଣୀ ସୌଭାଗ୍ୟ ମଞ୍ଜରୀଙ୍କ ନାମାନୁସାରେ 'ସୌଭାଗ୍ୟମଞ୍ଜରୀ ଲାଇବ୍ରେରୀ' ପ୍ରତିଷ୍ଠା କଲେ । ଏହି ଲାଇବ୍ରେରୀ ପ୍ରତିଷ୍ଠା ପାଇଁ ରାଜାଙ୍କ ତରଫରୁ ଟ୪୦,୦୦୦/- ମିଳିଥିଲା ।

Digitized by PPRACHIN, SOA

ଏହାବ୍ୟତୀତ ଲିଙ୍ଗରାଜ ମିଶ୍ର କଜଳାଇପଲ୍ଲୀ ଅଞ୍ଚଳର କୃଷିର ଉନ୍ନତି ପାଇଁ ଉଛେଇ-ନାଗଝରର ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ କରାଇଥିଲେ । ବହୁ ଜନହିତକର କାର୍ଯ୍ୟ କରି ସେ ଆଜି ସ୍ମରଣୀୟ ବ୍ୟକ୍ତିତ୍ୱ ।

୧୯୪୬ ମସିହାରେ ଦରବାର ତରଫରୁ ତାଙ୍କୁ 'ପଣ୍ଡିତ' ଉପାଧି ମିଳିଥିଲା । ୧୯୫୮ ମସିହା ଅକ୍ଟୋବର ୯ ତାରିଖରେ ତାଙ୍କର ତିରୋଧାନ ଘଟେ ।

ରଘୁନାଥ ମହାନ୍ତି - ବେଜେଲଗେଟ୍ ହତ୍ୟାକାଣ୍ଡର ଅଭିଯୋଗ କ୍ରମେ ୧୯୪୧ ମସିହା ଏପ୍ରିଲ ମାସ ୪ ତାରିଖରେ ବିହାରର ଭାଗଲପୁର ଜେଲ୍‌ରେ ଫାଶୀ ବରଣ କରି ଶହୀଦ ହୋଇଥିବା 'ରଘୁ-ଦିବାକର' ମଧ୍ୟରୁ ଏ ହେଉଛନ୍ତି ରଘୁନାଥ ମହାନ୍ତି । ୧୯୧୦ ମସିହା ଜୁଲାଇ ମାସ ୧୮ ତାରିଖରେ ରଣପୁରର ବାଦଭୂଇଁ ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ । ସେ ନବମଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ । କିନ୍ତୁ ଅର୍ଥାଭାବ ଯୋଗୁଁ ଅଧିକ ପଢ଼ି ପାରି ନ ଥିଲେ ।

ଓଡ଼ିଶାର ବିଶିଷ୍ଟ କବି ସଚ୍ଚିଦାନନ୍ଦ ରାଉତରାୟ ତାଙ୍କ ଆତ୍ମଜୀବନୀ 'ଉତ୍ତର କକ୍ଷ'ରେ ଲେଖିଛନ୍ତି- "ରଣପୁରର ପ୍ରଜାମଣ୍ଡଳ ନେତା ରଘୁନାଥ ମହାନ୍ତି ସତ୍ୟେନ୍‌ଦାଙ୍କ ନିକଟକୁ ଆସୁଥିଲେ । ସେଠାରେ ତାଙ୍କ ସହିତ ମୋର ଘନିଷ୍ଠ ପରିଚୟ ହୁଏ । ସେ ପ୍ରାୟ ପ୍ରତିମାସରେ ଦୁଇ-ତିନି ଦିନ ପାଇଁ ପୁରୀ ଆସୁଥିଲେ ଏବଂ ମୋ ସହିତ ଦେଖାକରି ନାନା ବିଷୟରେ ଆଲୋଚନା କରୁଥିଲେ । ରଘୁ କିଛି କିଛି କବିତା ଓ ସଙ୍ଗୀତ ପୁରୁଣା କାଳିଆ ରୀତିରେ ଲେଖୁଥିଲେ । ତାହା ସେ ପଢ଼ି ମୋତେ ଶୁଣାଉଥିଲେ । ମୁଁ ଠାଏ ଠାଏ ଶୁଧାରି ଦେଉଥିଲି । ରଘୁ ଥରେ କଲିକତା ଯାଇ ମାଆଙ୍କ ଘରେ ଦୁଇ ତିନି ଦିନ ରହି ଆସିଥିଲେ । ସେ ମାଆଙ୍କର ଓ ତାଙ୍କ ଝିଅମାନଙ୍କର ଭୟସୀ ପ୍ରଶଂସା କରୁଥିଲେ ।

୧୯୩୯ ମସିହାରେ ରଣପୁର ପ୍ରଜା ଆନ୍ଦୋଳନରେ ରଘୁ ଓ ଦିବାକର ନେତୃତ୍ୱ ନିଅନ୍ତି । ୧.୯.୩୯ ତାରିଖରେ ରଣପୁରଗଡ଼ରେ ବେଜେଲଗେଟ ହତ୍ୟାମାମଲାରେ ସେମାନଙ୍କୁ ଗିରଫ କରାଯାଏ । ରଣପୁର ଜେଲ୍ ଭିତରେ ସେମାନଙ୍କର ବିଚାର ଚାଲେ । ଗୟାର ଜିଲ୍ଲାଜଜ୍ ଜଷ୍ଟିସ୍ ଶିଅରରଙ୍କୁ ସେମାନଙ୍କର ବିଚାର କରିବାପାଇଁ ଅଣାଯାଇଥିଲା । ବିଚାରରେ ସେମାନଙ୍କୁ ଫାଶୀ ଦଣ୍ଡ ମିଳେ । ସେମାନଙ୍କୁ ଫାଶୀଦଣ୍ଡ ମିଳିବ ବୋଲି ଆଗରୁ ଜଳଜଳ ଦିଶୁଥିଲା । ବିଚାରପତି ଶିଅରରଙ୍କ ପଦୋନ୍ନତି ହୋଇ ତାଙ୍କୁ ହାଇକୋର୍ଟ ଜଜ୍ କରାଯାଏ ।"

ସେ ଥିଲେ ସ୍ୱାଧୀନଚେତା, ବିପ୍ଳବୀ ଏବଂ ମୁକ୍ତିକାମୀ ମଣିଷ । ତାଙ୍କଦ୍ୱାରା ଲିଖିତ 'ଶବରବାଳା' ପୁସ୍ତକରେ ସେ ରଣପୁରର ରାଜାଙ୍କୁ ବିଦ୍ରୂପ କରିଥିବାରୁ ତାଙ୍କୁ ଦଣ୍ଡ ବିଧାନ କରାଯାଇଥିଲା ।

Digitized by PPRACHIN, SOA

୧୯୩୮ ସାଲରେ ରଣପୁର ଷ୍ଟେଟ୍‌ର ପ୍ରଜାମଣ୍ଡଳର ସମ୍ପାଦକ ରୂପେ ସେ କାର୍ଯ୍ୟ କରୁଥିଲେ । ତେବେ ବେଜେଲଗେଟ୍ ହତ୍ୟାକାଣ୍ଡର ଅଭିଯୋଗରେ ସେ ପ୍ରାଣଦଣ୍ଡରେ ଦଣ୍ଡିତ ହେଲେ ଏବଂ ଫାଶୀ ବରଣ କରି ସେ ହେଲେ ଅମର ଶହୀଦ ।

ଦିବାକର ପରିଡ଼ା - ବେଜେଲଗେଟ୍ ହତ୍ୟାକାଣ୍ଡର ଅଭିଯୋଗରେ ଦଣ୍ଡିତ ହୋଇ ଫାଶୀ ବରଣ କରି ଶହୀଦ ହୋଇଥିବା ଦୁଇ ବିପ୍ଳବୀ 'ରଘୁ-ଦିବାକର' ମଧ୍ୟରୁ ଏ ହେଉଛନ୍ତି ଦିବାକର ପରିଡ଼ା । ୧୯୧୧ ମସିହା ନଭେମ୍ବର ମାସ ୩୦ ତାରିଖ ଦିନ ରଣପୁରର ଗଡ଼ ବାଣୀକିଲୋଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ସେ ବିପ୍ଳବୀ ଅମର ଶହୀଦ ରଘୁନାଥ ମହାନ୍ତିଙ୍କର ସହପାଠୀ ଥିଲେ । ସେ ଖୋର୍ଦ୍ଧା ହାଇସ୍କୁଲରେ ଥାର୍ଡ଼ କ୍ଲାସ୍‌ରେ ଅର୍ଥାତ୍ ନବମଶ୍ରେଣୀରେ ଅଧ୍ୟୟନ କରୁଥିଲେ । କିନ୍ତୁ ପାଠପଢ଼ାକୁ ଅସମାପ୍ତ ରଖି ରଣପୁରର ପ୍ରଜାଆନ୍ଦୋଳନରେ ଯୋଗଦାନ କଲେ । ରଣପୁରବାସୀଙ୍କୁ ଜାଗ୍ରତ କରିବା ପାଇଁ ଏହି ବିପ୍ଳବୀ 'ଜାଗିଉଠ' କବିତାରେ ଉଦ୍‌ବୋଧନ ଦେଇଥିଲେ-

"ରଣପୁର ଭାଇ   ଜାଗିଉଠ ଆଜି
    ଶୋଷଣ କଷଣ ବନ୍ଦୀଶାଳେ
ଭାଙ୍ଗି ଦିଅରେ   ବଣ ଜଙ୍ଗଲର
    ଗଡ଼ଜାତିରାଜ ବାହୁବଳେ ।
ଗାନ୍ଧିଜୀ ସ୍ୱରାଜ   ଡାକରା ଦେଇଛି
    କମ୍ପି ଉଠିଲାଣି ଖାସମାଲ
ରଣପୁର ପ୍ରଜା   ଉଲ୍ଲସି ଉଠରେ
    ଦେଖାଇବା ଆମ କଳବଳ ।
    × × ×
ଗରଜି ଉଠରେ   ବରଜି ଆଳସ୍ୟ
    କମ୍ପୁ ମଲାଗୁଣି ମଣିନାଗ
ଶଙ୍କିତ ହେବରେ   ରାଜଦରବାର
    ସରଜିବା ଆମେ ପ୍ରଜାରାଜ ।
ମାଆ ମଣିନାଗେ   ଶପଥ ନିଅରେ
    ଜାଳିବାକୁ ବିଦ୍ରୋହର ନିଆଁ
କୋଣେ ଅନୁକୋଣେ   ସରବେ ଜାଗରେ
    ଡୋଳିବାକୁ ଜୀବନର ରାହା ।"

Digitized by PPRACHIN, SOA

ଦିବାକର ପରିଡ଼ା ସାରଙ୍ଗଧର ଦାସଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା 'କୃଷକ' ପତ୍ରିକାର ସମ୍ପାଦନା ମଣ୍ଡଳୀରେ ସଦସ୍ୟ ଥିଲେ । ଏହି ବୀର ବିପ୍ଳବୀ ୧୯୪୧ ମସିହା ଅପ୍ରେଲ ମାସ ୪ ତାରିଖ ଦିନ ବିହାରର ଭାଗଲପୁର ଜେଲରେ ଫାଶୀବରଣ କରି ହେଲେ ମୃତ୍ୟୁବିଜୟୀ ଅମର ଶହୀଦ ।

କସ୍ତୁରୀ ପରିଡ଼ା - ନୟାଗଡ଼ ପ୍ରଜାମଣ୍ଡଳ ତଥା ମୁକ୍ତି ସଂଗ୍ରାମର ଅନ୍ୟତମ ଶହୀଦ ହେଉଛନ୍ତି ବୀର କସ୍ତୁରୀ ପରିଡ଼ା । ସେ ନୟାଗଡ଼ର ଥୁଆବାରି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ୧୯୪୨ ସାଲରେ କସ୍ତୁରୀ ପରିଡ଼ା ଭାରତଛାଡ଼ ଆନ୍ଦୋଳନ ସମୟରେ କାରାବରଣ କରିଥିଲେ । ଚାରି ଜଣ ପୁଅ ସହିତ କସ୍ତୁରୀ ଜେଲଖାନାରେ ରହିଲେ । ଏହି ସମୟରେ ସାଇବଘରର ଏଜେଣ୍ଟ ସୈନ୍ୟଫୌଜ ଧରି ଗାଁ ଗାଁ ବୁଲି ଘରଦ୍ୱାର ଲୁଟ୍ କଲେ । କସ୍ତୁରୀ ପରିଡ଼ାଙ୍କ ଘର ମଧ୍ୟ ଲୁଟ୍ କରାଗଲା । କସ୍ତୁରୀଙ୍କର ବୋହୂମାନେ ଏହାର ପ୍ରତିବାଦ କରିଥିଲେ ମଧ୍ୟ ସାଇବ ଶୁଣି ନ ଥିଲେ ।

ଏଣେ ଜେଲଖାନାରେ ବୃଦ୍ଧ କସ୍ତୁରୀଙ୍କର ଶୂଳାଝାଡ଼ା ହେଲା । ଜେଲ୍ ଭିତରେ ସେ ଆଉ ଖଟି ପାରିଲେ ନାହିଁ । ତେଣୁ ଜେଲ୍‌ର ସିପାହୀ ତାଙ୍କୁ ଜେଲ୍ ଭିତରେ ଉଲଗ୍ନ କରାଇ ଜ୍ୟେଷ୍ଠମାସର ଖରାବେଳରେ ଗୋଟିଏ ତତଲା ପଥରରେ ନେଇ ଟାଣି ଟାଣି ବସାଇଦେଲା ଏବଂ କହିଲା- ଯଦି ପଥରରୁ ଉଠିବୁ, ତେବେ ସିଧା ମାରି ପକାଇବି । ବିଚରା କସ୍ତୁରୀ ପ୍ରାଣାନ୍ତକ କଷ୍ଟ ସ୍ୱୀକାର କରି ତତଲା ପଥର ଉପରେ ବସିଲେ । ତେଣୁ ତାଙ୍କର ସେଦିନ ୫୦/୬୦ ଥର ଝାଡ଼ା ହେଲା । କବିଭୂଷଣ ଆନନ୍ଦ ଚନ୍ଦ୍ର ମିଶ୍ର ଲେଖିଛନ୍ତି-

"ନିର୍ବୋଧ ସିପେଇ ତାଙ୍କୁ ଦଣ୍ଡ ଦେଇ
ଲଙ୍ଗଳା କରିଲା ସେଠି
ଜ୍ୟେଷ୍ଠ ମାସଟାରେ ଦୁଇ ପହରରେ
ତତଲା ପଥର ଦେଖି ।
କସ୍ତୁରୀ ବୁଢ଼ାକୁ ଟାଣି ଟାଣି ନେଇ
ପଥରରେ ବସାଇଲା
କହିଲା ବସିଥା ଉଠିବୁ ଯେବେ ତୁ
ମାରି ପକାଇବି ଶଳା ।
ସେତିକିରେ କ୍ରମେ ବୁଢ଼ାଇ ଜୀବନୀ
କ୍ରମଶଃ ହୋଇଲା ଶେଷ
ସଞ୍ଜବେଳକୁ ସେ ଅବଶ ହୋଇଲା
କଷ୍ଟ ପାଇଲା ବିଶେଷ ।

Digitized by PPRACHIN, SOA

ଦିନଟା ଭିତରେ ଷାଠିଏ ସତୁରି
ଥର ଗଲା ପାଇଖାନା
ଗ୍ରହଣୀ କୋପରେ ଅରୁଚି ହୋଇଲା
ଛାଡ଼ିଦେଲା ସବୁ ଖାନା ।"

ଦିନେ ଜେଲ୍ ଭିତରେ ମାଛ ତରକାରୀ ଖାଇବାରୁ ଜେଲ୍‌ର କଣ୍ଡୁରୀକୁ ନିସ୍ତୁକ ପିଟି ଥିଲା । ଏହାପରେ କଣ୍ଡୁରୀ କ୍ରମେ କ୍ରମେ ଦୁର୍ବଳ ହୋଇ ଜେଲ୍ ଭିତରେ ପ୍ରାଣତ୍ୟାଗ କଲେ । ନୂଆଗାଁଠାରେ କଷ୍ଟିଡାକୁଆ ପୋଲିସର ଗୁଳିରେ ମୃତ୍ୟୁବରଣ କରିଥିବାରୁ କଣ୍ଡୁରୀ ଏବଂ ଅନ୍ୟମାନେ ମହୀପୁର ସ୍କୁଲ, ବଙ୍ଗଳା ପୋଡ଼ି ଥିବା ସମୟରେ ପୋଲିସ୍ ଦ୍ୱାରା ଆରେଷ୍ଟ ହୋଇ ଜେଲଦଣ୍ଡ ଭୋଗିଥିଲେ । ଏହି ବୀର କଣ୍ଡୁରୀଙ୍କ ଉଦ୍ଦେଶ୍ୟରେ ଆନନ୍ଦ ଚନ୍ଦ୍ର ମିଶ୍ର ଲେଖିଛନ୍ତି-

"ବାଜି ପାଇଁ ଦେଶେ ଟମକ ବାଜିଲା
ଲେଖିଲେ କେତେ ଯେ କବି
ଅଜଣା ସୈନିକ କଣ୍ଡୁରୀ ନୁହେଁ କି
ସ୍ୱାଧୀନ ସଂଗ୍ରାମ ରବି ?
ଯାଅ ହେ କଣ୍ଡୁରୀ ଦେଇଅଛ ଯାହା
ତାହା କି ଦେଶ ଭୁଲିବ ?
ନୟାଗଡ଼ ଭୂଇଁ ତମର କୀରତି
ଚିରଦିନ ଗାଉଥିବ ।"

ଶୁକ୍ର ବେହେରା - ନୟାଗଡ଼ର ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀ, ପ୍ରଜାମଣ୍ଡଳ ଆନ୍ଦୋଳନର ସକ୍ରୀୟ କର୍ମୀ, ଗାନ୍ଧୀବାଦୀ କର୍ମୀ ଶୁକ୍ର ବେହେରା ଏ ମାଟିର ଅମ୍ଳାନ ତାରକା । ନୟାଗଡ଼ର ଭାଲିଆଡିହ ଗ୍ରାମରେ ସେ ୧୯୦୩ ମସିହାରେ ଜନ୍ମ ଗ୍ରହଣ କରିଥିଲେ ।

ଶୁକ୍ର ବେହେରା ନୟାଗଡ଼ରେ ପ୍ରଜାମଣ୍ଡଳ ଆନ୍ଦୋଳନର ତୁଙ୍ଗ ନେତା ଥିଲେ । ସେ ଏକାଧିକବାର କାରାବରଣ କରିଥିଲେ । ଶୁକ୍ର ବେହେରା କିପରି ପୋଲିସ୍ ଜୁଲମ୍‌ର ଶିକାର ହୋଇଥିଲେ ସେ ବିଷୟରେ ଲେଖିଛନ୍ତି । ତାଙ୍କ ଭାଷାରେ- "ଏହି ସମୟରେ ଭାରତ ରକ୍ଷା ଆଇନ ପ୍ରୟୋଗ କରି ୧୬।୭।୧୯୪୨ରେ ଆମ୍ଭମାନଙ୍କୁ ଗିରଫ କରାଗଲା । ବଡ଼ଦେଶ ଅଞ୍ଚଳରୁ ମୁଁ ଓ ଶ୍ରୀଧର ଦାଶ ଗିରଫ ହେଲୁ । ଓଡ଼ଗାଁରୁ ଲକ୍ଷ୍ମଣ ମହାରଣା ଗିରଫ ହୋଇଥିଲେ । ସେକେଣ୍ଡ ଅଫିସର ବଳଭଦ୍ର ଦାସଙ୍କ କୋର୍ଟରେ ଆମର ବିଚାର ହୋଇ ଦେଢ଼ ବର୍ଷ ଜେଲ ଦଣ୍ଡ ଓ ଟ୧୦୦/- ଲେଖାଏଁ ଜରିମାନା ହେଲା । ଜରିମାନା ଆଦାୟ ହୋଇ ନ ପାରିଲେ ଅଧିକ ଛଅମାସ ଜେଲ୍

Digitized by PPRACHIN, SOA

ଖଟିବା ବ୍ୟବସ୍ଥା ଥିଲା । ଶ୍ରୀଧର ଦାସଙ୍କ ଭାଇ ଟ°୧୦୦ଙ୍କା ଜମାଦେଲେ । ମୋ ଘର କୋରଖ ହୋଇ କଂସା, ତାଟିଆ, କବାଟ ଆଦି ନିଲାମ ହୋଇ ଟ°୧୦୦ଙ୍କା ସରକାର ପାଇଲେ । ତେଣୁ ଶ୍ରୀଧରବାବୁ ଓ ମୁଁ ଦେଢ଼ବର୍ଷ ଜେଲ ଭୋଗି ମୁକ୍ତ ହେଲୁ । ଲକ୍ଷ୍ମଣ ମହାରଣାଙ୍କ ଠାରୁ କୌଣସି ଉପାୟରେ ଜରିମାନା ଟଙ୍କା ଆଦାୟ ହୋଇପାରିଲା ନାହିଁ, ତେଣୁ ସେ ଆଉ ଛଅମାସ ଅଧିକ ଜେଲରେ ରହିଲେ । ××× ଜେଲରେ ଥିବା କଇଦି ରୋଗରେ ପଡ଼ିଲେ ତା'ର ଚିକିତ୍ସା କରିବାର ବ୍ୟବସ୍ଥା କର୍ତ୍ତୃପକ୍ଷ କରୁ ନ ଥିଲେ । ଥୁଆବାରୀ ଗ୍ରାମର କଣ୍ଟୁରୀ ପରିଡ଼ା ଜେଲରେ ଅସୁସ୍ଥ ହୋଇପଡ଼ିଲେ । ନାଳରକ୍ତ ଝାଡ଼ା ତାଙ୍କର ହେଲା । କୌଣସି ଚିକିତ୍ସା ବ୍ୟବସ୍ଥା କରାଗଲା ନାହିଁ । ମାଟି ବୋହିବା କାମରେ ତାଙ୍କୁ ଲଗାଗଲା । ଜେଲରେ ସେ ମୃତ୍ୟୁବରଣ କଲେ । ମରିବା ବେଳକୁ ତାଙ୍କ ତୁଣ୍ଡରେ ଶେଷ କଥା ଥିଲା- "ଭାଇମାନେ ଦେଶତୁମକୁ ଲାଗିଲା ।" ଦଇଆ ବେହେରା ଆଉ ଜଣେ କଇଦି । ମୁଣ୍ଡବ୍ୟଥା ହୋଇ ଦୃଷ୍ଟି ଶକ୍ତିହୀନ ହେଲେ ଏବଂ ଜେଲରେ ମୃତ୍ୟୁବରଣ କଲେ ।"

ଶୁକ୍ର ବେହେରା ପୋଲିସ ଅତ୍ୟାଚାରର ଆଉ ଗୋଟିଏ ନିର୍ମମ ଘଟଣା ଲେଖିଛନ୍ତି- "ଗୋଡ଼ିପଡ଼ା ଥାନାର ଦାରୋଗା ଥା'ନ୍ତି ସାମଲବାବୁ ! ଦାରୋଗାବାବୁଙ୍କ ଦୁର୍ବ୍ୟବହାର ସମ୍ବନ୍ଧରେ ସମସ୍ତେ ସଚେତନ ଥାନ୍ତି । ତେଣୁ କେତେଜଣ ଲୋକ ଥାନାରେ କ'ଣ ହେଉଛି ତା' ଉପରେ ସତର୍କ ଦୃଷ୍ଟି ରଖିଥାନ୍ତି । ଏ ସମୟରେ ବର୍ଷା ଆସିଲା । ଘଡ଼ଘଡ଼ି ଶବ୍ଦ ଓ ବର୍ଷାର ଦମକାଣି ଶବ୍ଦ ପୋଲିସ୍ ପାଇଁ ସୁଯୋଗ ହେଲା । ବର୍ଷା ଶବ୍ଦ ଯୋଗୁଁ ଥାନା ଭିତରେ କ'ଣ ହେଉଛି ଜାଣିବାର ବାହାର ଲୋକଙ୍କର ନ ଥିଲା । ଥାନବାବୁ ମୋତେ ଡାକିଲେ, ପ୍ରଜାମଣ୍ଡଳରୁ ଇସ୍ତଫା ଦେବାପାଇଁ ପରାମର୍ଶ ଦେଲେ । ମୁଁ ପ୍ରତ୍ୟାଖ୍ୟାନ କରୁଥାଏ । ନିରାଶ ହୋଇ ଶେଷରେ ପ୍ରହାର କଲେ ନାହିଁ ନ ଥିବା ମାଡ଼ । ବୁଟ୍ ଜୋତାରେ ଗୋଇଠାର ମାଡ଼ର ଆଘାତରେ ପ୍ରଥମେ ମୁଁ ଜ୍ଞାନ ଶୂନ୍ୟ ଅବସ୍ଥାକୁ ଆସିଲି, ଜ୍ଞାନଶୂନ୍ୟ ହେଲି । ଏହିଭଳି ତିନିଥର ହେଲା । ପାଖରେ ଗୋଟିଏ ସଢ଼େଇରେ ବିଷ୍ଠା ଥୁଆ ହୋଇଥାଏ । ଆଉ ଗୋଟିଏ ସଢ଼େଇରେ ପାଣିଭଳି କ'ଣ ଥୁଆ ହୋଇଥାଏ । ପରେ ଜାଣିଲି ସେଗୁଡ଼ିକ ପାଣି ନୁହେଁ, ମନୁଷ୍ୟର ପରିସ୍ରା । ପ୍ରତିଥର ଜ୍ଞାନଶୂନ୍ୟ ହେବାପରେ ସେହି ପରିସ୍ରା ପିଆଇ ମୋର ଚୈତନ୍ୟକୁ ଫେରାଇଥିଲେ ବୋଲି ଜାଣିବାକୁ ପାଇଛି । ତିନିଥର ପରେ ଆଉ ଚେତା ଫେରିଲା ନାହିଁ । ଦାରୋଗା ଭାବିଲା ଯେ ମୋର ମୃତ୍ୟୁ ହୋଇଗଲା । କନେଷ୍ଟବଳକୁ ଆଦେଶ ଦେଲା- "ଏହାକୁ ନେଇ ଭାଲିଆଡିହ ଗ୍ରାମ ମୁଣ୍ଡରେ ପକାଇ ଦେଇ ଆସ । ××× ଚଉଦ ପନ୍ଦର ଘଣ୍ଟା ପରେ ମୋର ଜ୍ଞାନ ଫେରିଲା ।"

Digitized by PPRACHIN, SOA

ଏହିପରି ବହୁ ନିର୍ଯ୍ୟାତନା ଓ ଅନ୍ୟାୟକୁ ଶୁକ୍ର ବେହେରା ସହ୍ୟ କରି ନିଜର ପୌରୁଷତ୍ୱକୁ ପ୍ରତିଷ୍ଠା କରିଥିଲେ ।

ଦେଶ ସ୍ୱାଧୀନ ହେଲାପରେ ଏହି ଗାନ୍ଧୀବାଦୀ କର୍ମୀ ଶୁକ୍ରବେହେରା ୧୯୫୦ ମସିହାରେ ନିଜ ବାସସ୍ଥାନ ଭାଲିଆଡିହ ପରିତ୍ୟାଗ କରି ଦର୍ପନାରାୟଣପୁର ଗାଁ ଠାରୁ ଏକ କିଲୋମିଟର ଦୂରରେ ଗୋଟିଏ ଆଶ୍ରମ ସ୍ଥାପନ କଲେ । ଏହାର ନାମ ଦେଇଥିଲେ 'ବାପୁଜୀପଲ୍ଲୀ' । କିନ୍ତୁ ଜଗତବନ୍ଧୁ ମହାପାତ୍ର ବାପୁଜୀପଲ୍ଲୀ ନାମରେ ଗାଁ ଥିବା ଦର୍ଶାଇ ଏହାର ନାମ 'ବାପୁଜୀନଗର' ରଖିଲେ । ଶୁକ୍ର ବେହେରାଙ୍କ ଜୀବନର ଆଉ ଗୋଟିଏ ବିଶିଷ୍ଟ ଦିଗ ହେଉଛି ଯେ ତାଙ୍କର ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀଙ୍କ ସହିତ ଆନ୍ତରିକତା ସ୍ଥାପନ । ଶୁକ୍ର ବେହେରା ଲେଖିଛନ୍ତି-

"ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀଙ୍କ ସହ ପରିଚୟ ଆତ୍ମିକ ହୋଇଗଲା । ମାଳତୀ ଦେବୀ ଆମଘର ଦେଖିଯିବା ପାଇଁ ମନ କରିଥିଲେ । ମୋ ବଡ଼ଝିଅ ସାବିତ୍ରୀକୁ ସେତେବେଳକୁ ପାଞ୍ଚବର୍ଷ ହୋଇଥାଏ । ମାଳତୀଦେବୀ ଅନୁଗୁଳ ଠାରେ ବାଜିରାଉତ ଛାତ୍ରାବାସ କରିଥାନ୍ତି । ସାବିତ୍ରୀକୁ ସେଠାକୁ ନେବାପାଇଁ ମନ ବଳାଇଲା ପରେ ମୁଁ ତାକୁ ନେଇ ଅନୁଗୁଳଠାରେ ଛାଡ଼ି ଆସିଲି । ମାଳତୀଦେବୀ ଆମ ଗାଁ ଠାରୁ ଓଡ଼ଗାଁ ଓ ଥୁଆବାରି ବୁଲି ତାଙ୍କ ଆଶ୍ରମପାଇଁ କେତୋଟି ପିଲା ସଂଗ୍ରହ କରିଥିଲେ ।"

ଗତି ମଙ୍ଗରାଜ - ନୟାଗଡ଼ ନିକଟବର୍ତ୍ତୀ ହୀରାଦେଈପୁର (ବୁଢ଼ାମୁଣ୍ଡା) ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ନୟାଗଡ଼ ରାଜ୍ୟରେ ଅନ୍ଧାରି ଶାସନ ଚାଲିଥିବାରୁ ଗତି ମଙ୍ଗରାଜ ଦିନବେଳା ଲଣ୍ଠନ ଜାଳି ରାଜଦାଣ୍ଡରେ ଯାଉଥିଲେ । କେହି ପଚାରିଲେ ସେ କହୁଥିଲେ କି ନୟାଗଡ଼ ରାଜ୍ୟରେ ଅନ୍ଧାରି ଶାସନ ଚାଲିଛି । ରାଜଶାସନ ବିରୁଦ୍ଧରେ ପ୍ରତିକ୍ରିୟା ସୃଷ୍ଟି କରିଥିବାରୁ ଗତି ମଙ୍ଗରାଜଙ୍କୁ କଳାପାଣି ଦଣ୍ଡ ଦିଆଯାଇ ଦୀପାନ୍ତରକୁ ପଠାଇ ଦିଆଗଲା । ଗତି ମଙ୍ଗରାଜ ଆଉ ଘରକୁ ଫେରି ନ ଥିଲେ ।

ସାଧୁ ଗୋପାଳ ଦାସ - ନୟାଗଡ଼ର ପ୍ରସିଦ୍ଧ ରାଜା ବିନାୟକ ସିଂହ ମାନଧାତାଙ୍କ ସମକାଳୀନ ବ୍ୟକ୍ତି ହେଉଛନ୍ତି ସାଧୁ ଗୋପାଳ ଦାସ । ସେ ନିଜର ସାଧନା ବଳରେ ନୟାଗଡ଼ ଅଞ୍ଚଳର ବହୁ ରୋଗୀଙ୍କୁ ରୋଗମୁକ୍ତ କରିଥିଲେ । ଆଗତ ଭବିଷ୍ୟତ କଥା କହି ସେ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିପାରୁଥିଲେ । ରାଜା ବିନାୟକ ସିଂହଙ୍କର କେଉଁ ଦିନ ମୃତ୍ୟୁ ଘଟିବ, ସାଧୁ ଗୋପାଳ ଦାସ ତାହା ନିର୍ଣ୍ଣୟ କରିଥିଲେ । ତାଙ୍କ ସିଦ୍ଧାନ୍ତ ଅକ୍ଷରେ ଅକ୍ଷରେ ସତ ହୋଇଥିଲା । ସାଧୁ ଗୋପାଳ ଦାସ ଅଲୌକିକ ଶକ୍ତିସମ୍ପନ୍ନ ବ୍ୟକ୍ତି ଥିଲେ । ନୟାଗଡ଼ର ପୁରୁଖା ବ୍ୟକ୍ତିମାନେ କୁହନ୍ତି ଯେ ସାଧୁ

Digitized by PPRACHIN, SOA

ଗୋପାଳ ଦାସ ନିଶାର୍ଦ୍ଧରେ ବ୍ୟାଘ୍ର ଉପରେ ବସି ପ୍ରତିଦିନ ବ୍ରାହ୍ମଣୀ ଦେବୀଙ୍କୁ ଦର୍ଶନ କରୁଥିଲେ । ଏହା ବ୍ୟତୀତ ବଂଶୀବାଦନ କଳାରେ ସେ ଥିଲେ ଧୁରନ୍ଧର । ଚମତ୍କାର ବଂଶୀବାଦନରେ ସେ ଶ୍ରୋତାମାନଙ୍କୁ ବଶୀଭୂତ କରିପାରୁ ଥିଲେ ।

ଶିଳ୍ପୀ ଈଶ୍ୱର ପାତ୍ର - ନବଦୁର୍ଗର ରାଜା ବିନାୟକ ସିଂହଙ୍କର ପୁତ୍ର ହେଉଛନ୍ତି ବ୍ରଜବନ୍ଧୁ ସିଂହ ମାନଧାତା । ବ୍ରଜବନ୍ଧୁ ସିଂହ ମାନଧାତାଙ୍କ ସମକାଳୀନ ହେଉଛନ୍ତି ଶିଳ୍ପୀ ଈଶ୍ୱର ପାତ୍ର । ସେ ରାଜ ଦରବାରରେ ସ୍ଥାନ ପାଇଥିଲେ । ଏକଦା ଦରବାରରେ ହାତୀ ଦାନ୍ତରେ ଶିକୁଳୀ ତିଆରି କରି ମାଛି ଗୋଡ଼ରେ ବାନ୍ଧି ମାଛିଟିକୁ ଉଡାଇ ଦେଇଥିଲେ । ଫଳରେ ମାଛିଟି ଯାଇ ରାଜାଙ୍କ ପୋଷାକ ଉପରେ ବସିଥିଲା । ଈଶ୍ୱର ପାତ୍ରଙ୍କର ଏହି କଳାକୁଶଳତାକୁ ସମ୍ମାନ ଦେଇ ରାଜା ବ୍ରଜବନ୍ଧୁ ସିଂହ ମାନଧାତା ଶିଳ୍ପୀ ଈଶ୍ୱର ପାତ୍ରଙ୍କୁ କିଛି ଭୂସମ୍ପତ୍ତି ପ୍ରଦାନ କରିଥିଲେ ।

ମଲ୍ଲ ମୋହନ ଗୁରୁ - ନୟାଗଡ଼ର ରାଜା ବ୍ରଜବନ୍ଧୁ ସିଂହଙ୍କର ସମକାଳୀନ ମୋହନ ଗୁରୁ ଥିଲେ ମଲ୍ଲ ମାନଙ୍କର ସର୍ଦ୍ଦାର ଓ ଗୁରୁ । ଏକଦା ସର୍ତ୍ତ ଥିଲା ଯେ ଯଦି ଖଣ୍ଡପଡ଼ାର ରାଜା କୌଣସି ମଲ୍ଲଦ୍ୱାରା ନରସିଂହପୁରର ରାଜା ପୁରୁଷୋତ୍ତମ ଭ୍ରମରବର ରାୟଙ୍କର ମଲ୍ଲ ଷଣ୍ଢା ପାଇକକୁ ପରାସ୍ତ କରି ନ ପାରନ୍ତି ତାହା ହେଲେ କଣ୍ଟିଲୋଠାରେ ବିଜେ ଶ୍ରୀ ନୀଳମାଧବ ନରସିଂହପୁରର ଦେବତା ବୋଲାଇବେ । ଖଣ୍ଡପଡ଼ାର ସମସ୍ତ ମଲ୍ଲ ପରାସ୍ତ ହେଲେ । କିନ୍ତୁ ଖଣ୍ଡପଡ଼ା ରାଜାଙ୍କର ଅନୁରୋଧ କ୍ରମେ ରାଜା ବ୍ରଜବନ୍ଧୁ ସିଂହ ମାନଧାତା ଲାଠିପଡ଼ାର ମଲ୍ଲ ତଥା ପାଇକ ମୋହନଗୁରୁଙ୍କୁ ମଲ୍ଲଯୁଦ୍ଧ ପାଇଁ ପଠାଇଲେ । ସାତ ଦିନ ପରେ ମୋହନ ଗୁରୁ ଷଣ୍ଢା ପାଇକର ମୁଣ୍ଡ କାଟି ଆଣିଥିବାରୁ ଖଣ୍ଡପଡ଼ା ରାଜାଙ୍କର ମହତ ରକ୍ଷା ହୋଇପାରିଲା ।

ନାରାୟଣ ନନ୍ଦ - ସେ ଥିଲେ ନୟାଗଡ଼ ଗଡ଼ଜାତର ସ୍ୱନାମଧନ୍ୟ ସଂଗ୍ରାମୀ ତଥା ପ୍ରଜାମଣ୍ଡଳ ଆନ୍ଦୋଳନର ସକ୍ରିୟ କର୍ମୀ । ସେ ମଧ୍ୟ ଥିଲେ ଗାନ୍ଧୀବାଦୀ କର୍ମୀ । ୧୯୨୦ ମସିହାରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନର ସୂତ୍ରପାତ ହେଲା । ଏହି ସମୟରେ ଗାନ୍ଧୀଙ୍କର ଚରଖା ଆନ୍ଦୋଳନକୁ ସେ ନୟାଗଡ଼ରେ ଆରମ୍ଭ କରିଥିଲେ । ସେ ନିଜ ହାତରେ ଅରଟରେ ସୂତାକାଟି ଖଦଡ଼ ପରିଧାନ କରିଥିଲେ । ସେଥିପାଇଁ ତାଙ୍କୁ ପୋଷ୍ଟମାଷ୍ଟର ଚାକିରିରୁ ବହିଷ୍କାର କରାଯାଇଥିଲା । ତାଙ୍କର ଅରଟଟିକୁ ମଧ୍ୟ ଭାଙ୍ଗି ଦିଆଯାଇଥିଲା ।

ଦୃଢ଼ମନା ନାରାୟଣ ନନ୍ଦ ଏଥିରେ ଭାଙ୍ଗି ପଡ଼ି ନ ଥିଲେ । ୧୯୩୭ ମସିହା ଜୁନ୍ ମାସରେ କଟକଠାରେ ଭୁବନାନନ୍ଦ ଦାସଙ୍କ ନେତୃତ୍ୱରେ "ଓଡ଼ିଶା ଗଡ଼ଜାତ ସମ୍ମିଳନୀ" ଗଠନ କରାଯାଇଥିଲା । ନାରାୟଣ ନନ୍ଦ ଏଥିରେ ଯୋଗଦାନ କରିଥିଲେ ।

Digitized by PPRACHIN, SOA

୧୯୩୮ ମସିହାରେ ଶ୍ରୀ ନନ୍ଦ ଓଡ଼ଗାଁ ଅଞ୍ଚଳରେ ଚାଲୁରହିଥିବା ରାଜତନ୍ତ୍ରର "ସଡ଼କ ବେଠି" ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ଓଡ଼ଗାଁରେ ଲକ୍ଷ୍ମଣ ମହାରଣା ଓ ଭରତ ନାୟକଙ୍କୁ ସାମିଲ କରାଇ ସେ ପ୍ରଜାମାନଙ୍କର ଦସ୍ତଖତ ସଂଗ୍ରହ କରି ବେଠି ପ୍ରଥା ବିରୁଦ୍ଧରେ ବ୍ରିଟିଶ ପଲିଟିକାଲ ଏଜେଣ୍ଟଙ୍କୁ ଲେଖି ଜଣାଇଥିଲେ । ତାଙ୍କର ପରାମର୍ଶ କ୍ରମେ ଓଡ଼ଗାଁ ଠାରେ "ଅସ୍ଥାୟୀ ପ୍ରଜାମଣ୍ଡଳ" ଗଠନ କରାଗଲା । ଏହି ଅସ୍ଥାୟୀ ପ୍ରଜାମଣ୍ଡଳର ସେ ସଭାପତି ଥିଲେ ।

୧୯୩୮ ମସିହାରେ ଶ୍ରୀନନ୍ଦ ଗଡ଼ଜାତ ତଦନ୍ତ କମିଟି ସମ୍ମୁଖରେ ସାକ୍ଷ୍ୟ ପ୍ରଦାନ କରିବାକୁ ବୋଲଗଡ଼ ଯାଇଥିଲେ । ପ୍ରତ୍ୟାବର୍ତ୍ତନ ସମୟରେ ଶ୍ରୀ ନନ୍ଦଙ୍କୁ ଗିରଫ କରାଯାଇଥିଲା । ଗିରଫ ହୋଇ ଜେଲ୍ ମଧ୍ୟରେ ବନ୍ଦୀ ଜୀବନ କାଟୁଥିବା ସମୟରେ ତାଙ୍କର ଆହ୍ୱାନ କ୍ରମେ ଓଡ଼ଗାଁ ଠାରେ "ନୟାଗଡ଼ ପ୍ରଜାମଣ୍ଡଳ" ଗଠନ କରାଗଲା ।

ତେବେ ନାରାୟଣ ନନ୍ଦ ୧୯୪୨ ମସିହା ଆନ୍ଦୋଳନରେ ଯୋଗଦାନ କରି କାରାବରଣ କରିଥିଲେ । ସଂଗ୍ରାମୀ ନାରାୟଣ ନନ୍ଦ ବହୁ ଘାତ ପ୍ରତିଘାତ ସହ୍ୟ କରିଛନ୍ତି, ମାତ୍ର ଭାଙ୍ଗି ପଡ଼ି ନାହାନ୍ତି । ଏହି ସ୍ୱାଧୀନଚେତା, ମୁକ୍ତିକାମୀ ମଣିଷଙ୍କ ପାଇଁ ନୟାଗଡ଼ ଗର୍ବ କରେ ।

ଲକ୍ଷ୍ମଣ ମହାରଣା – ଲକ୍ଷ୍ମଣ ମହାରଣା ନୟାଗଡ଼ର ଅନ୍ୟତମ ସ୍ମରଣୀୟ ବ୍ୟକ୍ତିତ୍ୱ । ନୟାଗଡ଼ ପ୍ରଜାମଣ୍ଡଳ ଆନ୍ଦୋଳନର ସେ ଥିଲେ ଜଣେ ସମର୍ପିତପ୍ରାଣ ବ୍ୟକ୍ତିତ୍ୱ । ନୟାଗଡ଼ ପ୍ରଜାମଣ୍ଡଳ ଆନ୍ଦୋଳନର କାର୍ଯ୍ୟକ୍ରମକୁ ଆଗେଇ ନେବାରେ ତାଙ୍କର ଅବଦାନ ସ୍ୱୀକାର୍ଯ୍ୟ ।

ନୟାଗଡ଼ର ଏହି କୃତୀସନ୍ତାନ ୧୯୦୩ ମସିହା ଅପ୍ରେଲ ମାସ ୨୫ ତାରିଖରେ ଓଡ଼ଗାଁ ପରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ଶିକ୍ଷାଗତ ଯୋଗ୍ୟତା ଷଷ୍ଠଶ୍ରେଣୀ । ଲକ୍ଷ୍ମଣ ମହାରଣା ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ । ୧୯୨୫ ମସିହାରେ ସେ ଜାତୀୟ କଂଗ୍ରେସର ସଭ୍ୟ ହେଲେ । ଖବରକାଗଜ ପଢ଼ିବାରୁ ଏବଂ ତାକୁଡ଼ି ଧରି ସୂତାକାଟିବାରୁ ତାକୁ ପୋଲିସର ନିର୍ଯ୍ୟାତନା ସହ୍ୟ କରିବାକୁ ପଡ଼ିଥିଲା ।

ଏହାପରେ ଲକ୍ଷ୍ମଣଙ୍କ ମନୋବଳ ବଢ଼ିଗଲା । ସେ ଓଡ଼ଗାଁ ଅଞ୍ଚଳରେ ଗାଁ ଗାଁ ବୁଲି ଗାନ୍ଧିଜୀଙ୍କ ଆହ୍ୱାନକୁ ପ୍ରଚାର କଲେ । ଚରଖାର ବାର୍ତ୍ତା ବାଣ୍ଟିଲେ । ଏହାପରେ ୧୯୩୭ ମସିହାରେ ପଟ୍ଟଭିସୀତାରାମାୟଙ୍କ ସଭାପତିତ୍ୱରେ କଟକଠାରେ ଅନୁଷ୍ଠିତ ଗଡ଼ଜାତ ପ୍ରଜାମଣ୍ଡଳ ସମ୍ମିଳନୀରେ ଯୋଗଦାନ କରି ଏହାର ସଭ୍ୟ ହେଲେ । ରସିଦ ଦେଇ କର୍ମୀମାନଙ୍କଠାରୁ ଚାନ୍ଦା ଆଦାୟ କଲେ ।

Digitized by PPRACHIN, SOA

୧୯୩୮ ମସିହାରେ ଅସ୍ଥାୟୀ ପ୍ରଜାମଣ୍ଡଳର କର୍ମୀମାନଙ୍କୁ ଗିରଫ କାରାଗଲା । ଏହାର ପ୍ରତିବାଦରେ ଲକ୍ଷ୍ମଣ ମହାରଣାଙ୍କ ନେତୃତ୍ୱରେ ଓଡ଼ଗାଁ ନିକଟସ୍ଥ ପଞ୍ଚଭୂତି ଗାଁ ନିକଟରେ ଥିବା ଡାଙ୍ଗିବନ୍ଧ ଗାଁର ଗୋଟିଏ ବିରାଟ ଆମ୍ବତୋଟାରେ ଏକ ସଭା ଆୟୋଜିତ ହୋଇଥିଲା । ଏଥିରେ ପ୍ରାୟ ୨୦୦୦ କର୍ମୀ ଯୋଗ ଦେଇଥିଲେ । ଏହି ସଭାରେ ରାଜକର୍ମଚାରୀମାନଙ୍କର ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା ।

୧୯୩୮ ମସିହାରେ ବାହାଡ଼ାଝୋଲାର ବାଞ୍ଛାନିଧି ସେନାପତିଙ୍କ ସଭାପତିତ୍ୱରେ ସ୍ଥାୟୀ ପ୍ରଜାମଣ୍ଡଳ ଗଠନ କରାଗଲା । ୧୯୩୯ ମସିହାରେ ଲକ୍ଷ୍ମଣ ମହାରଣା ପ୍ରଜାମଣ୍ଡଳର ସମ୍ପାଦକ ରୂପେ ନିର୍ବାଚିତ ହେଲେ । ୧୯୩୯ରୁ ୧୯୪୩ ମସିହା ପର୍ଯ୍ୟନ୍ତ ସେ ପ୍ରଜାମଣ୍ଡଳର ସମ୍ପାଦକ ରୂପେ କାର୍ଯ୍ୟ କରୁଥିଲେ । ୧୯୪୭ ମସିହାରେ ଲକ୍ଷ୍ମଣ ମହାରଣା ପ୍ରଜାମଣ୍ଡଳର ସଭାପତି ହେଲେ । ସର୍ବୋପରି ଲକ୍ଷ୍ମଣ ମହାରଣା ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭ୍ୟ ଭାବରେ ମଧ୍ୟ କାର୍ଯ୍ୟ କରୁଥିଲେ ।

ଲକ୍ଷ୍ମଣ ମହାରଣା ମଧ୍ୟ ଥିଲେ କବି ଓ ଲେଖକ । ତାଙ୍କ ଦ୍ୱାରା ଲିଖିତ କେତୋଟି କୃତି ହେଉଛି- "ବିଜୟଭେରୀ", "ଭୂଦାନଭେରୀ" ଏବଂ "ଶହୀଦ କଷ୍ଟିଡାକୁଆ" । ଦେଶ ଓ ଜାତି ପାଇଁ ଏହି ସମର୍ପିତ ପ୍ରାଣ ବ୍ୟକ୍ତିତ୍ୱ ବାସ୍ତବିକ୍ ନୟାଗଡ଼ର ଗର୍ବ ଓ ଗୌରବ ।

ରଘୁନାଥ ସିଂହ ସାମନ୍ତ – ରଘୁନାଥ ସିଂହ ସାମନ୍ତ ଖଣ୍ଡପଡ଼ା ନିବାସୀ ଥିଲେ । ସେ ଖଣ୍ଡପଡ଼ା ପ୍ରଜାମଣ୍ଡଳ ଆନ୍ଦୋଳନର ବିଶିଷ୍ଟ ସଂଗ୍ରାମୀ ପୁରୁଷ ଥିଲେ । ସେ 'ଖଣ୍ଡପଡ଼ା ପ୍ରଜାମଣ୍ଡଳ ଆନ୍ଦୋଳନର ଇତିହାସ' ଏବଂ 'ସାମନ୍ତ ଚନ୍ଦ୍ରଶେଖର' ନାଟକ ଲେଖିଛନ୍ତି ।

ବାଞ୍ଛାନିଧି ଶତପଥୀ – ବାଞ୍ଛାନିଧି ଶତପଥୀ ଓଡ଼ିଶାରେ ଏକକ ଅଭିନୟର ସ୍ରଷ୍ଟା । ସେ ଥିଲେ ଏକ ବିରଳ ପ୍ରତିଭା । ସେ ମଞ୍ଚରେ ଏକାଧାରରେ ପୁଅ, ଝିଅ, ସ୍ତ୍ରୀ, ବୁଢ଼ା ବୁଢ଼ୀ, ଚାକର, ଚାକରାଣୀ- ଏହିପରି ବିଭିନ୍ନ ଭୂମିକାରେ ସ୍ୱର ପରିବର୍ତ୍ତନ କରି ଅଭିନୟ କରିପାରୁଥିଲେ । ସେ ପ୍ରାୟ ଏକ ଶହରୁ ଊର୍ଦ୍ଧ୍ୱ ସ୍ୱର ପରିବର୍ତ୍ତନ କରି ହଜାର ହଜାର ଦର୍ଶକଙ୍କର ପ୍ରଶଂସାର ପାତ୍ର ହୋଇଥିଲେ ।

ଏହି ବିରଳ ପ୍ରତିଭାଧାରୀ ବ୍ୟକ୍ତି ବାଞ୍ଛାନିଧି ୧୯୧୯ ମସିହା କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ନୟାଗଡ଼ର ରାବରା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସେ ମାତ୍ର ନିମ୍ନ ପ୍ରାଇମେରୀ ସ୍କୁଲ ପାଠ ପଢ଼ିଥିଲେ ।

ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ରାବରା ନିକଟବର୍ତ୍ତୀ ଚେମେଡ଼ି, ବାଣ୍ଡପୁର ପ୍ରଭୃତି ଗାଁ ମାନଙ୍କରେ ପୁରାଣପଢ଼ି ଲୋକମାନଙ୍କର ପ୍ରିୟପାତ୍ର ହେଲେ ।

Digitized by PPRACHIN, SOA

ଏହାପରେ ବାଞ୍ଛାନିଧି ଗାଁ ଗାଁ ବୁଲି ସ୍କୁଲମାନଙ୍କରେ ପିଲାମାନଙ୍କୁ ଗଳ୍ପ କହିବାକୁ ଲାଗିଲେ । ଏକଦା ସେ ନୟାଗଡ଼ ରାଜା କୃଷ୍ଣଚନ୍ଦ୍ର ସିଂହଙ୍କର ଦରବାରରେ ଉପସ୍ଥିତ ହୋଇ ଗଳ୍ପ ପେଡ଼ି ଖୋଲି ଆପଣାର ନୈପୁଣ୍ୟ ପ୍ରଦର୍ଶନ କଲେ । ରାଜଦରବାରରୁ "ଗଳ୍ପସାଗର" ଉପାଧି ସହିତ ସ୍ୱର୍ଣ୍ଣ କୁଣ୍ଡଳ, ପାଟବସ୍ତ୍ର ଓ ଏକଶତ ଟଙ୍କା ପାରିତୋଷିକ ଲାଭ କରିଥିଲେ । ଏହାପରେ ବାଞ୍ଛାନିଧି ଶେରଗଡ଼ ରାଜଦରବାରରେ ନିଜର ପ୍ରତିଭା ପ୍ରଦର୍ଶନ କଲେ । ଶେରଗଡ଼ର ରାଜା ଉଦୟ ପ୍ରତାପ ଦେଓ ବାଞ୍ଛାନିଧିଙ୍କୁ ସ୍ୱର୍ଣ୍ଣପଦକ ଓ ଏକଶତ ଟଙ୍କା ଉପହାର ଦେଇଥିଲେ ।

ଏହାପରେ ବାଞ୍ଛାନିଧି କଟକ, ପୁରୀ, ଭୁବନେଶ୍ୱର, ବ୍ରହ୍ମପୁର, ରାଉରକେଲା ପ୍ରଭୃତି ସହର ମାନଙ୍କରେ ଏକକ ଅଭିନୟ କରି ପ୍ରଶଂସିତ ହୋଇଥିଲେ । ସେହିପରି ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମହାପାତ୍ର, ପଣ୍ଡିତ ଲିଙ୍ଗରାଜ ମିଶ୍ର ପ୍ରଭୃତିଙ୍କୁ ନିଜର କଳା ନୈପୁଣ୍ୟ ଦେଖାଇ ଅଭିଭୂତ କରାଇଥିଲେ । କଟକ ଗୋପବନ୍ଧୁ ଭବନଠାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସ ବାଞ୍ଛାନିଧିଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରିବା ସହିତ "କଳାନିଧି" ଉପାଧିରେ ଭୂଷିତ କରାଇଥିଲେ ।

କଳାନିଧି ବାଞ୍ଛାନିଧି 'ମହାଲକ୍ଷ୍ମୀପୂଜା', 'ଶ୍ରୀଲୋକନାଥ', 'ଦସ୍ୟୁ ରତ୍ନାକର', 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ' ପ୍ରଭୃତି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ୧୯୮୧ ମସିହାରେ ଦୂରଦର୍ଶନ କେନ୍ଦ୍ରରେ ଏକକ ନାଟକ 'ଗୀତଗୋବିନ୍ଦ' ଓ 'ବିଲ୍ୱମଙ୍ଗଳ' ଅଭିନୟ କରି ସୁନାମ ଅର୍ଜନ କରିଥିଲେ । ୧୯୮୨-୮୩ ମସିହାରେ କଳାନିଧି ବାଞ୍ଛାନିଧି 'ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ' ପୁରସ୍କାର ଲାଭ କରିଛନ୍ତି ।

ବାଞ୍ଛାନିଧି ଶତପଥୀ କେତେଗୋଟି ଭଜନ ଓ ଜଣାଣ ରଚନା କରିଛନ୍ତି । "ଖିଲିପାନ ଓ ପଖାଳଭାତ" ଏବଂ "ଭଜନ ପୁଷ୍ପାଞ୍ଜଳୀ" ତାଙ୍କର ଦୁଇଗୋଟି ସାରସ୍ୱତ କୃତି ।

ଏକକ କଳାକାର ବାଞ୍ଛାନିଧି ୨୦୦୪ ମସିହା ସେପ୍ଟେମ୍ବର ୨୦ ତାରିଖରେ ପରଲୋକ ଗମନ କଲେ । କଳାନିଧି ବାଞ୍ଛାନିଧିଙ୍କର ଅବର୍ତ୍ତମାନରେ ଓଡ଼ିଆ ଜାତି ଏକ ବିରଳ ପ୍ରତିଭା ସତରେ ହଜାଇ ଦେଇଛି ।

ଆନନ୍ଦ ଚନ୍ଦ୍ର ମିଶ୍ର – ଆନନ୍ଦ ଚନ୍ଦ୍ର ମିଶ୍ର ନୟାଗଡ଼ର ଟାହାଲୀ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ନିଜର ଅଧ୍ୟବସାୟ, ନିଷ୍ଠା ଓ ସଚ୍ଚରିତ୍ର ଯୋଗୁଁ ସେ ମାଷ୍ଟରରୁ ମାଜିଷ୍ଟ୍ରେଟ୍ ହୋଇଥିଲେ । ସେ ଥିଲେ ଏକାଧାରରେ କବି, ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ ଓ ନାଟ୍ୟକାର । ସେ 'କବିଭୂଷଣ' ଉପାଧିପ୍ରାପ୍ତ ।

ଦଣ୍ଡପାଣି ମିଶ୍ର – ଦଣ୍ଡପାଣି ମିଶ୍ର ଶରଣକୁଳର ଭିକାରୀପଡ଼ାରେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ବହୁମୁଖୀ ପ୍ରତିଭା । ସେ ଥିଲେ ଏକାଧାରରେ କବି, ଗାଳ୍ପିକ,

Digitized by PPRACHIN, SOA

ପାଠାଗାର ଆନ୍ଦୋଳନର ସକ୍ରୀୟ କର୍ମୀ ଏବଂ ସମ୍ପାଦକ । ସେ ମଧ୍ୟ ଥିଲେ ଧରିତ୍ରୀ ପତ୍ରିକାର ପ୍ରକାଶକ ।

ଦାଶରଥି ପଟ୍ଟନାୟକ – ଦାଶରଥି ପଟ୍ଟନାୟକ ଓରଫ୍ ଦାସିଆ ଅଜା ନୟାଗଡ଼ର ଅନ୍ୟତମ କ୍ରାନ୍ତିକାରୀ ପୁରୁଷ । ଜଣେ କୀର୍ତ୍ତିମାନ ଅଭୁଲା ମଣିଷଟିଏ ହେଉଛନ୍ତି ମହାନ୍ କର୍ମଯୋଗୀ, ଗାନ୍ଧୀବାଦୀ ପୁରୁଷ, ଶତାବ୍ଦୀର ଅନ୍ୟତମ ବିରଳ ବ୍ୟକ୍ତିତ୍ୱ ତଥା ଉଦୟପୁରର ଉଦିତ ଭାନୁ ଦାଶରଥି ପଟ୍ଟନାୟକ । ଆମ ସମସ୍ତଙ୍କର ପ୍ରିୟ ଦାଶିଆ ଅଜା ।

୧୯୦୭ ମସିହାରେ ନୟାଗଡ଼ର ପ୍ରସିଦ୍ଧ ଚାହାଳୀ ଗ୍ରାମ ସନ୍ନିକଟ ରାଇପୁର ଗ୍ରାମରେ ଦାଶରଥି ପଟ୍ଟନାୟକ ଜନ୍ମଗ୍ରହଣ କରିଥିଲେ । ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କେବଳ ତିନିଖଣ୍ଡି ଗାମୁଛାକୁ ପରିଧାନ ରୂପେ ବ୍ୟବହାର କରି ସେ ହେଲେ ସମସ୍ତଙ୍କର ପ୍ରିୟ 'ଦାଶିଆ ଅଜା' । ସେ ଗାଁରୁ ଗାଁକୁ, ସହରରୁ ସହରକୁ, ଜିଲ୍ଲାରୁ ଜିଲ୍ଲାକୁ ଯାତ୍ରା କରି ପ୍ରାଚୀନ ପୋଥି, ପୁସ୍ତକ, ଦୁର୍ଲଭ ପତ୍ର ପତ୍ରିକା ସଂଗ୍ରହ କରି ନୂଆଗାଁ ନିକଟବର୍ତ୍ତୀ ପଲ୍ଲୀଗ୍ରାମ ଉଦୟପୁର ଠାରେ ପ୍ରତିଷ୍ଠା କଲେ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଓ ବୃହତ୍ ପାଠାଗାର- "ବାଞ୍ଛାନିଧି ପାଠାଗାର" ଯାହାକି ବର୍ତ୍ତମାନ "ଦାରରଥି ପଟ୍ଟନାୟକ ଲାଇବ୍ରେରୀ ଟ୍ରଷ୍ଟ" ନାମରେ ନାମିତ ଏବଂ ସମଗ୍ର ଉତ୍କଳ ଭୂଖଣ୍ଡରେ ସୁବିଦିତ ।

ତାଙ୍କର ଜନ୍ମସ୍ଥାନ ହେଉଛି ନୟାଗଡ଼ ନିକଟବର୍ତ୍ତୀ ରାଇପୁର ଗ୍ରାମ, କିନ୍ତୁ ସାଧନାର ପୀଠ ହେଲା ନୂଆଗାଁ ନିକଟବର୍ତ୍ତୀ ଉଦୟପୁର ଗ୍ରାମ । ପୈତୃକଗ୍ରାମ ରାଇପୁରରେ ଜମିବାଡ଼ି ନ ଥିବାରୁ ପିତାମାତାଙ୍କ ସହ ଦାଶରଥି ଉଦୟପୁରଠାରେ ଅବସ୍ଥାନ କଲେ । ସେଠାରେ ପତିତ ଓ ଅନାବାଦି ଜମିକୁ ସଫାକରି ଗଛମାନଙ୍କର ଖୁଣ୍ଟାତାଡ଼ି ତାକୁ ବ୍ୟବହାର ଉପଯୋଗୀ କରାଇଲେ । ଲୋକମୁଖରେ ସେ "ଖୁଣ୍ଟାତଡ଼ା ରଜା" ନାମରେ କଥିତ ହେଲେ । ସେ ଜୀବିକାର୍ଜନ ପାଇଁ ରାନ୍ଧୁଣିଆ, ବୋଲକରା, ଚପରାଶି, ପୋଲିସ କନେଷ୍ଟବଲ, ଅବଧାନ, ଫରେଷ୍ଟଗାର୍ଡ, ସର୍ବରାକାର ପ୍ରଭୃତି ବିଭିନ୍ନ କାର୍ଯ୍ୟରେ ଥାଇ ବହୁ ଅନୁଭୂତି ଲାଭ କଲେ ।

୧୯୫୯ ମସିହାରେ ସେ ପିତାଙ୍କ ନାମରେ ପ୍ରତିଷ୍ଠା କଲେ 'ବାଞ୍ଛାନିଧି ପାଠାଗାର' । ୧୯୯୫ ମସିହାରେ ସରକାରଙ୍କ ସହାୟତାରେ ଟ୍ରଷ୍ଟ ଗଠନ କରାଗଲା ଓ ଏହାର ନାମକରଣ କରାଗଲା- 'ଦାଶରଥି ପଟ୍ଟନାୟକ ଲାଇବ୍ରେରୀ ଟ୍ରଷ୍ଟ' । ଏହି ପାଠାଗାରରେ ୪୦,୦୦୦ରୁ ଊର୍ଦ୍ଧ୍ୱ ପୁସ୍ତକ ରହିଛି । ପତ୍ରପତ୍ରିକା ଓ ବିଭିନ୍ନ ସ୍ମରଣିକା ୬୫,୦୦୦ରୁ ଊର୍ଦ୍ଧ୍ୱ ରହିଛି । ପୃଥିବୀର ୩୫ ଭାଷାର ଅଭିଧାନ, ୧୬୫ ପ୍ରକାରର ଶିଶୁପତ୍ରିକା ଏବଂ ୨୦୦ ପ୍ରକାରର କିଶୋର ଡାଇଜେଷ୍ଟ ରହିଛି । ଏହି ପାଠାଗାରରେ

Digitized by PPRACHIN, SOA

ବହୁ ଦୁର୍ଲଭ ପୋଥି ରହିଛି । ୧୯୫୦ ମସିହାରୁ ଓଡ଼ିଶାରେ ପ୍ରକାଶ ପାଇଥିବା ସମସ୍ତ ଓଡ଼ିଆ ଖବର କାଗଜ ମଧ୍ୟ ଏଠାରେ ସଂରକ୍ଷିତ ରହିଛି ।

ଦାଶରଥି ପଟ୍ଟନାୟକ ପାଠାଗାର ସହିତ 'ଶ୍ରୀଅରବିନ୍ଦ ସଂଗ୍ରହାଳୟ' ଏବଂ 'ଯଦୁମଣି ସାହିତ୍ୟ ସଂସଦ' ପ୍ରତିଷ୍ଠା କରିଛନ୍ତି । ଦାଶରଥି ପଟ୍ଟନାୟକ ଓରଫ ଦାସିଆ ଅଜା ସମସ୍ତଙ୍କର ପ୍ରିୟ ମଣିଷ । ସେ ସବୁବେଳେ କହୁଥିଲେ-

"ମଣିଷ ଆପଣା ଧନ ପର ।
ଯେତେ ପାରୁଛ ମଣିଷ ଧର ।"

ଧୀରେନ୍ କୁମାର ସାମନ୍ତରାୟ - ଧୀରେନ୍ କୁମାର ସାମନ୍ତରାୟ ନୟାଗଡ଼ ଜିଲ୍ଲାର ମହୀପୁରଠାରେ ଜନ୍ମଗ୍ରହଣ କରିଥିଲେ । ସରକାରୀ କଲେଜରେ ଇଂରାଜୀ ଅଧ୍ୟାପକ ଭାବରେ କର୍ମମୟ ଜୀବନ ଆରମ୍ଭ କରିଥିଲେ । ଏହାପରେ ସେ ବାଙ୍କୀ ମହାବିଦ୍ୟାଳୟର ଅଧକ୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ, କୁଳସଚିବ ଏବଂ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମସଚିବ ଭାବରେ ଦାୟିତ୍ୱ ସମ୍ପାଦନ କରିଥିଲେ ।

ବାସୁଦେବ ସାହୁ - ଡକ୍ଟର ବାସୁଦେବ ସାହୁ ନୟାଗଡ଼ର କୃତୀ ସନ୍ତାନ । ସେ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗରେ ପ୍ରଫେସର ଭାବରେ କାର୍ଯ୍ୟରତ ଥିଲେ । ତାଙ୍କର ସାହିତ୍ୟ-ସମୀକ୍ଷା ମୂଳକ ଗ୍ରନ୍ଥଗୁଡ଼ିକ ହେଉଛି 'ସାହିତ୍ୟିକ ଦିଗ୍‌ଦର୍ଶନ', 'ଓଡ଼ିଆ ସାହିତ୍ୟର ସୃଷ୍ଟି ସମ୍ପଦ', 'ଆଧୁନିକ ଓଡ଼ିଆ କବିତାର ମୂଲ୍ୟାୟନ', 'କାଳଜୟୀ କାଳୀଚରଣ', 'ଜଗନ୍ନାଥ ଚେତନାର ଉଦ୍ଭବ ଓ ବିକାଶ' । ଡକ୍ଟର ସାହୁଙ୍କର ଭାଷା ସମ୍ପର୍କିତ ଗ୍ରନ୍ଥଗୁଡ଼ିକ ହେଉଛି- 'ଓଡ଼ିଆ ଭାଷା ବିଜ୍ଞାନର ରୂପରେଖ', 'ଓଡ଼ିଆ ଭାଷାର ଉନ୍ମେଷ ଓ ବିକାଶ', 'ଶବ୍ଦ ବ୍ୟୁତ୍ପତ୍ତି ବିଜ୍ଞାନ', 'ପୃଥିବୀର ଭାଷାଗୋଷ୍ଠୀ ଓ ଭାରତୀୟ ଆର୍ଯ୍ୟଭାଷା', 'ଭାଷାବିଜ୍ଞାନ ଓ ଭାଷାବିଜ୍ଞାନୀ' ।

ସୁଦର୍ଶନ ସାହୁ - ସୁଦର୍ଶନ ସାହୁ ନୟାଗଡ଼ ଜିଲ୍ଲାରେ ଛେନାପୋଡ଼ର ଜନ୍ମଦାତା । ଦଶପଲ୍ଲାର ସାତପାଟଣା ତାଙ୍କର ଜନ୍ମସ୍ଥାନ । ସୁଦର୍ଶନ ସାହୁ ନୟାଗଡ଼ ଚାଲିଆସି ନୟାଗଡ଼ର ଉପର ବଜାରରେ ଗୋଟିଏ ଜଳଖିଆ ଦୋକାନ କଲେ । ବିରିପୋଡ଼ପିଠା ତିଆରିରୁ ସୁଦର୍ଶନ ସାହୁ ଛେନାପୋଡ଼ ତିଆରି କରିବାର କଥା ଚିନ୍ତା କରିଥିଲେ । ସୁଦର୍ଶନ ସାହୁ କହୁଥିଲେ ଯେ ଛେନାକୁ ସାଇତି ରଖିବା ପାଇଁ ଛେନାପୋଡ଼ ପିଠା ତିଆରି କରିବାର କଥା ସେ ଭାବିଥିଲେ । ନୟାଗଡ଼ ସହରରେ ୧୯୪୭ ମସିହାରୁ ସୁଦର୍ଶନ ସାହୁ ଛେନାପୋଡ଼ପିଠା ପ୍ରସ୍ତୁତି ଆରମ୍ଭ କରିଥିଲେ ।

ଶ୍ରୀଧର ଦାଶ - ଶ୍ରୀଧର ଦାଶ ନୟାଗଡ଼ ପ୍ରଜାଆନ୍ଦୋଳନର ବିଶିଷ୍ଟ କର୍ମୀ ଓ ଜନନାୟକ । ନୟାଗଡ଼ ଜିଲ୍ଲାର ପ୍ରସିଦ୍ଧ ଗ୍ରାମ ଗୋଡ଼ିପଡ଼ା ତାଙ୍କର ଜନ୍ମସ୍ଥାନ । ଶ୍ରୀଧର ଦାଶ ନୟାଗଡ଼ ପ୍ରଜାମଣ୍ଡଳ ଆନ୍ଦୋଳନର ସକ୍ରିୟ କର୍ମୀ ଥିଲେ । ଓଡ଼ିଶା

Digitized by PPRACHIN, SOA

ସ୍ୱାଧୀନତା ସଂଗ୍ରାମୀ ସାମ୍ମୁଖ୍ୟରେ ସେ ସଭାପତି ଥିଲେ । ସ୍ୱାଧୀନତା ସଂଗ୍ରାମୀ ଭାବରେ ସେ ବହୁ ଗୌରବର ଅଧିକାରୀ ।

ତ୍ରିଲୋଚନ ପ୍ରଧାନ - ତାଙ୍କର ଜନ୍ମସ୍ଥାନ ଖଣ୍ଡପଡ଼ାର ଘଣାଶାଳିଆ । ୧୯୨୯ ମସିହାରେ ଡକ୍ଟର ତ୍ରିଲୋଚନ ପ୍ରଧାନ ଜନ୍ମଗ୍ରହଣ କରିଥିଲେ । ସେ ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ୧୯୫୧ ମସିହାରେ ଏମ୍.ଏସି. ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇଥିଲେ । ୧୯୫୩ ମସିହାରେ ଶ୍ରୀଯୁକ୍ତ ପ୍ରଧାନ ଭାରତ ସରକାରଙ୍କ ବୃତ୍ତି ଲାଭ କରି ଆମେରିକାର ଚିକୋଗା ବିଶ୍ୱ ବିଦ୍ୟାଳୟରେ ଗବେଷଣା କଲେ । ୧୯୫୬ ମସିହାରେ ସେ ଥିଓରିଟିକାଲ ପଦାର୍ଥ ବିଜ୍ଞାନରେ ଡକ୍ଟରେଟ୍ ଡିଗ୍ରୀ ଲାଭ କଲେ । ୧୯୫୭ ମସିହାରେ ଡକ୍ଟର ପ୍ରଧାନ ପ୍ରଫେସର ଚନ୍ଦ୍ରଶେଖରଙ୍କ ଅଧୀନରେ ଉଚ୍ଚତର ଗବେଷଣା କରିଥିଲେ । ୧୯୫୮ ମସିହାରେ ସେ କୋପେନହେଗେନ୍ ବିଶ୍ୱବିଦ୍ୟାଳୟରେ ଥିଓରିଟିକାଲ ପଦାର୍ଥ ବିଜ୍ଞାନରେ ଗବେଷଣା କରୁଥିଲେ । ୧୯୬୨ ମସିହାରେ ଡକ୍ଟର ପ୍ରଧାନ କଲିକତାସ୍ଥିତ Saha Institute of Theoritical Physics ବିଭାଗରେ ପ୍ରଫେସର ଭାବରେ ଅବସ୍ଥାପିତ ହୋଇ ଗବେଷଣା କାର୍ଯ୍ୟ ଜାରି ରଖିଥିଲେ । ୧୯୭୪ ମସିହାରେ ପ୍ରଫେସର ପ୍ରଧାନ ଭୁବନେଶ୍ୱରସ୍ଥ Institute of Physics ରେ ନିର୍ଦ୍ଦେଶକ ଭାବରେ ଅବସ୍ଥାପିତ ହେଲେ । ପ୍ରଫେସର ପ୍ରଧାନ ୧୯୯୧ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ଅବସ୍ଥାପିତ ହେଲେ । ୧୯୯୦ ମସିହାରେ ପ୍ରଫେସର ପ୍ରଧାନ ଭାରତ ସରକାରଙ୍କ ଦ୍ୱାରା 'ପଦ୍ମଭୂଷଣ' ଉପାଧିପ୍ରାପ୍ତ । ପ୍ରଫେସର ତ୍ରିଲୋଚନ ପ୍ରଧାନ ପଦାର୍ଥ ବିଜ୍ଞାନରେ ଏଲିମେଣ୍ଟାରୀ ପାର୍ଟିକିଲ୍ସ (Elementary Particles in Physics) ଉପରେ କାର୍ଯ୍ୟ କରି ବେଶ୍ ପ୍ରଶଂସିତ ।

ବଂଶୀଧର ସାହୁ - ବଂଶୀଧର ସାହୁ ଇଟାମାଟି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଜଣେ ସଫଳ ସମାଜସେବୀ ଭାବରେ ବଂଶୀଧର ସାହୁ ସୁପରିଚିତ । ବଂଶୀଧର ସାହୁ ୧୯୮୫ରୁ ୧୯୯୦ ମସିହା ପର୍ଯ୍ୟନ୍ତ ବିଧାୟକ ଭାବରେ କାର୍ଯ୍ୟ କରିଥିଲେ । ସେ ଇଟାମାଟିରେ ସିନେମାହଲ ଏବଂ ବଂଶୀଧର ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ସାହିତ୍ୟ କ୍ଷେତ୍ରରେ ମଧ୍ୟ ଲେଖନୀ ଚାଳନା କରି ବଂଶୀଧର ସାହୁ ପାଠକୀୟ ସ୍ୱୀକୃତି ଲାଭ କରିଛନ୍ତି । ବଂଶୀଧର ସାହୁ ୨୦୧୯ ମସିହା ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ବର୍ଷୀୟାନ୍ ଲେଖକ ଭାବରେ ସମ୍ମାନିତ ହୋଇଥିଲେ ।

ଭାଗବତ ବେହେରା - ନୟାଗଡ଼ ଜିଲ୍ଲା ବାହାଡ଼ାଝୋଲା ନିକଟବର୍ତ୍ତୀ ଗୋପପୁର ଗ୍ରାମରେ ଭାଗବତ ବେହେରା ଜନ୍ମଗ୍ରହଣ କରିଥିଲେ । ଛାତ୍ରଜୀବନରୁ ସେ ନିଜର ସାଂଗଠନିକ ଦକ୍ଷତା ପ୍ରତିପାଦନ କରିଥିଲେ । ସେ ଥିଲେ ଜଣେ ସଫଳ

Digitized by PPRACHIN, SOA

ଛାତ୍ରନେତା । ଓଡ଼ିଶାର ସକ୍ରିୟ ରାଜନୀତିରେ ଯୋଗଦେଇ ସେ ଦୁଇଥର ମନ୍ତ୍ରୀପଦ ଲାଭ କରି ନୟାଗଡ଼ ଜିଲ୍ଲା ପାଇଁ ଆଣିଛନ୍ତି ବିଶେଷ ଗୌରବ । ୧୯୯୦ ମସିହାରୁ ୧୯୯୫ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାର ପରିବହନ ମନ୍ତ୍ରୀ ଭାବରେ ଦାୟିତ୍ୱ ସମ୍ପାଦନ କରିଥିଲେ । ସେ ମଧ୍ୟ ଖାଦ୍ୟ ଓ ଯୋଗାଣ ବିଭାଗର ମନ୍ତ୍ରୀ ଥିଲେ । ଭାଗବତ ବେହେରା ଦ୍ୱିତୀୟ ଥର ୨୦୦୦ ମସିହାରୁ ୨୦୦୩ ମସିହା ପର୍ଯ୍ୟନ୍ତ ଗଣଶିକ୍ଷା ମନ୍ତ୍ରୀ ଭାବରେ ଦାୟିତ୍ୱ ସମ୍ପାଦନ କରିଥିଲେ । ନୟାଗଡ଼ ଜିଲ୍ଲା ଗଠନ ପାଇଁ ଭାଗବତ ବେହେରାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ।

ଗୋପବନ୍ଧୁ ମିଶ୍ର – ପ୍ରଫେସର ଗୋପବନ୍ଧୁ ମିଶ୍ର ନୟାଗଡ଼ ନିକଟବର୍ତ୍ତୀ ବିରୁଡ଼ା ଗ୍ରାମରେ ୧୯୫୮ ମସିହାରେ ଜନ୍ମଗ୍ରହଣ କରିଥିଲେ । ପ୍ରଫେସର ଶ୍ରୀଯୁକ୍ତ ମିଶ୍ର ସମ୍ପ୍ରତି ସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ବେରାବଲ(ଗୁଜୁରାଟ)ର କୁଳପତି ଭାବରେ ଅବସ୍ଥାପିତ । ଏହାପୂର୍ବରୁ ପ୍ରଫେସର ମିଶ୍ର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ପ୍ରଫେସର ଭାବରେ କାର୍ଯ୍ୟ କରୁଥିଲେ । ପ୍ରଫେସର ମିଶ୍ର ଫ୍ରାନସର ପ୍ୟାରିସ୍ ଠାରେ ୨୦୧୦ରୁ ୨୦୧୨ ମସିହା ପର୍ଯ୍ୟନ୍ତ ଭିଜିଟିଂ ପ୍ରଫେସର (Visiting Prof.) ଭାବରେ କାର୍ଯ୍ୟ କରିଥିଲେ ।

ହରିହର ମିଶ୍ର – ହରିହର ମିଶ୍ର ଖଣ୍ଡପଡ଼ାରେ ଜନ୍ମ ଗ୍ରହଣ କରିଥିଲେ । ସେ ଥିଲେ ବିଶିଷ୍ଟ ଶିକ୍ଷାବିତ୍ । ସେ ଖଣ୍ଡପଡ଼ାର ପ୍ରଥମ ବିଲାତ ଫେରନ୍ତା ବ୍ୟକ୍ତି । ସେ ଶିକ୍ଷା ବିଭାଗର ଡି.ପି.ଆଇ ଥିଲେ ।

ଉଦୟନାଥ ଦାସ – ଉଦୟନାଥ ଦାସ ଖଣ୍ଡପଡ଼ାରେ ଜନ୍ମଗ୍ରହଣ କରିଥିଲେ । ବୃତ୍ତିରେ ସେ ଥିଲେ ଜଣେ ସଫଳ ଶିକ୍ଷକ । ଖଣ୍ଡପଡ଼ାର ରାମଚନ୍ଦ୍ର ହାଇସ୍କୁଲରେ ସେ ପ୍ରଧାନ ଶିକ୍ଷକ ଭାବରେ ଅବସ୍ଥାପିତ ଥିଲେ । ସାମନ୍ତଙ୍କ ମାଟିକୁ ଲୋକଲୋଚନକୁ ଆଣିବା ପାଇଁ ସେ 'ଖଣ୍ଡପଡ଼ା ଇତିହାସ' ରଚନା କରି ବେଶ୍ ଲୋକପ୍ରିୟ । ଶିକ୍ଷକ ଉଦୟନାଥ ଦାସ ତାଙ୍କର କୃତିତ୍ୱ ପାଇଁ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ।

ଗୋପାଳଚନ୍ଦ୍ର ପଟ୍ଟନାୟକ – ଗୋପାଳଚନ୍ଦ୍ର ପଟ୍ଟନାୟକ ନୟାଗଡ଼ ନିକଟବର୍ତ୍ତୀ ଝୁମ୍ପୁରି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସେ ଫିଲୋସଫି ବିଭାଗରେ ସରକାରୀ ମହାବିଦ୍ୟାଳୟରେ ପ୍ରାଧ୍ୟାପକ ରୂପେ କାର୍ଯ୍ୟ କରୁଥିଲେ । ଏହାପରେ ଗୋପାଳଚନ୍ଦ୍ର ପଟ୍ଟନାୟକ ନୟାଗଡ଼ ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ରୂପେ ନିଯୁକ୍ତ ହେଲେ । ଗୋପାଳ ଚନ୍ଦ୍ର ପଟ୍ଟନାୟକ ୧୯୬୧ ମସିହାରୁ ୧୯୬୭ ମସିହା ପର୍ଯ୍ୟନ୍ତ ନୟାଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ଥିଲେ । ନୟାଗଡ଼ ମହାବିଦ୍ୟାଳୟର ଉନ୍ନତି ପାଇଁ ଗୋପାଳ ଚନ୍ଦ୍ର ପଟ୍ଟନାୟକ ନିରନ୍ତର କାର୍ଯ୍ୟ କରୁଥିଲେ ।

Digitized by PPRACHIN, SOA

ଉଦୟନାଥ ଷଡ଼ଙ୍ଗୀ - ଉଦୟନାଥ ଷଡ଼ଙ୍ଗୀ ୧୯୨୦ ମସିହାରେ ପନ୍ତିଖାରୀ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ବିଶିଷ୍ଟ ସମାଜସେବୀ ଏବଂ ସ୍ୱାଧୀନତା ସଂଗ୍ରାମୀ । ନୟାଗଡ଼ ଅଞ୍ଚଳର ସେ ଥିଲେ ପ୍ରବୀଣ ବୈଦିକ କର୍ମକାଣ୍ଡ ବିଶାରଦ ।

ନାରାୟଣ ମହାପାତ୍ର - ବ୍ୟାକରଣବିତ୍ ପଣ୍ଡିତ ନାରାୟଣ ମହାପାତ୍ର ରଣପୁରଗଡ଼ ଠାରେ ୧୯୧୭ ମସିହାରେ ଜନ୍ମଗ୍ରହଣ କରିଥିଲେ । ସେ ବାଣପୁରଠାରେ ଗୋଦାବରୀଶ ବିଦ୍ୟାପୀଠରେ ଶିକ୍ଷକ ରୂପେ କାର୍ଯ୍ୟ କରୁଥିଲେ । ଏହି ବିଦ୍ୟାପୀଠରେ ଶିକ୍ଷାଦାନ କରୁଥିବା ଅନ୍ୟାନ୍ୟ ଶିକ୍ଷକମାନେ ହେଉଛନ୍ତି- ମାୟାଧର ମାନସିଂହ, ଶ୍ରୀଧର ଦାସ, ଜଗନ୍ନାଥ ମହାପାତ୍ର, ଲକ୍ଷ୍ମୀଧର ଶତପଥୀ, ବିଜୟ କୁମାର ଦାସ, ଦୁର୍ଗାଚରଣ ମହାନ୍ତି । ୧୯୩୪ ମସିହାରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଆହ୍ୱାନ କ୍ରମେ ନାରାୟଣ ମହାପାତ୍ର ଏହି ଅନୁଷ୍ଠାନର ଶିକ୍ଷକ ରୂପେ ଯୋଗ ଦେଇଥିଲେ । ପଣ୍ଡିତ ନାରାୟଣ ମହାପାତ୍ର ଓଡ଼ିଆ ଲଘୁବ୍ୟାକରଣ, ନବ ବ୍ୟାକରଣ, ମଧ୍ୟ ବ୍ୟାକରଣ ରଚନା କରିଛନ୍ତି । ଏହାବ୍ୟତୀତ ପଣ୍ଡିତ ନାରାୟଣ ମହାପାତ୍ର ଓଡ଼ିଆ ସର୍ବସାର ବ୍ୟାକରଣର ଯୁଗ୍ମ ଲେଖକ ମଧ୍ୟରୁ ଅନ୍ୟତମ ।

ବିନାୟକ ମିଶ୍ର - ବିନାୟକ ମିଶ୍ର ଶିକ୍ଷକ କୃପାସିନ୍ଧୁ ମିଶ୍ରଙ୍କ ପୁତ୍ର । ତାଙ୍କର ଗ୍ରାମ ହେଉଛି ସାବିଦେଈପୁର ଶାସନ । ବିନାୟକ ମିଶ୍ର ଜଣେ ସଫଳ ଅଭିନେତା । ତାଙ୍କର ଅଭିନୟ ଉଚ୍ଚକୋଟୀର । କଳାପ୍ରାଣ ବିନାୟକ ମିଶ୍ର ନୟାଗଡ଼ର ଗର୍ବ ଓ ଗୌରବ ।

ରଘୁନାଥ ଦାସ (ନାଥବାବୁ) - ନୟାଗଡ଼ରେ ରଘୁନାଥ ଦାସ ସମସ୍ତଙ୍କ ନିକଟରେ ନାଥବାବୁ ରୂପେ ସୁପରିଚିତ । ସେ ଥିଲେ ବିଶିଷ୍ଟ ସମାଜସେବୀ । ନୟାଗଡ଼ ଟାଉନ୍‌ର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ କାର୍ଯ୍ୟକରି ଯାଇଛନ୍ତି । ନୟାଗଡ଼ ଏନ୍.ଏ.ସି.ରେ ସେ ଦୀର୍ଘଦିନ ଧରି ଚେୟାରମ୍ୟାନ ରୂପେ କାର୍ଯ୍ୟ କରିଛନ୍ତି । ଏନ୍.ଏ.ସି. ହାଇସ୍କୁଲ, ନୟାଗଡ଼, ପଣ୍ଡିତ ବିନାୟକ ଭବନ, କୁବୁଲି ମାର୍କେଟ, ଗୋରୁହାଟ, ଟାଉନ୍‌ରେ ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା, ନୟାଗଡ଼ ବଜାରରେ ଗୃହ ବଣ୍ଟନ ପ୍ରଭୃତିର କ୍ଷେତ୍ରରେ ତାଙ୍କର ଭୂମିକାକୁ ଭୁଲିହେବ ନାହିଁ ।

ହରିହର ମହାପାତ୍ର - ହରିହର ମହାପାତ୍ର ନୟାଗଡ଼ ନିକଟବର୍ତ୍ତୀ ଡିଆଁପଡ଼ା ଗ୍ରାମ୍‌ରେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ସାମ୍ବାଦିକ ଓ ସମାଜ୍‌ସେବୀ । 'ଗ୍ରହରାଜ' ନାମକ ସମାଲୋଚନା ପତ୍ରିକାର ସେ ଥିଲେ ପ୍ରତିଷ୍ଠାତା ସମ୍ପାଦକ । ଦଶପଲ୍ଲା ନିକଟବର୍ତ୍ତୀ ବୁଗୁଡ଼ା ଠାରେ ସେ ଗୋଟିଏ ଯୁକ୍ତ ଦୁଇ ମହାବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି ।

ଏସ୍.ଏମ୍. ସୋଲେମାନ - ନୟାଗଡ଼ ନିକଟବର୍ତ୍ତୀ ସିନ୍ଦୁରିଆରେ ଏସ୍.ଏମ୍. ସୋଲେମାନ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଶିକ୍ଷାଗତ ଯୋଗ୍ୟତା ଥିଲା

Digitized by PPRACHIN, SOA

ଏମ୍.ଏ. ଓ ଏଲ୍.ଏଲ୍.ବି. । ସେ କିନ୍ତୁ ଶିକ୍ଷକତାକୁ ବୃତ୍ତି ରୂପେ ଗ୍ରହଣ କରି ନେଇଥିଲେ । ସେ ଥିଲେ ଶିକ୍ଷକ ନେତା ଓ ସମାଜସେବୀ । ନୟାଗଡ଼ ଜିଲ୍ଲାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମରେ ସେ ନିଜକୁ ସାମିଲ କରିଥିଲେ । ନୟାଗଡ଼ ଜିଲ୍ଲା ଗଠନ, ନୟାଗଡ଼ ମହିଳା କଲେଜ ସ୍ଥାପନ, ବିନାୟକ ବି.ଏଡ୍. କଲେଜ ସ୍ଥାପନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ସମଗ୍ର ଓଡ଼ିଶାର ଶିକ୍ଷକ ସଂଗଠନକୁ ସେ ବେଶ୍ ଦୃଢ଼ୀଭୂତ ଓ ଚଳଚଞ୍ଚଳ କରିଥିଲେ ।

ଅକ୍ରୂର ମହାପାତ୍ର - ନୟାଗଡ଼ ବାର୍‌ର ବିଶିଷ୍ଟ ଓକିଲ ହେଉଛନ୍ତି ଅକ୍ରୂର ମହାପାତ୍ର । ଅକ୍ରୂର ମହାପାତ୍ର ନୟାଗଡ଼ ଜିଲ୍ଲା କ୍ରିଦାଶପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ଆଇନ୍‌ରେ ଅଖଣ୍ଡ ଜ୍ଞାନ ଥିଲା । ଉଭୟ ସିଭିଲ୍ ଓ କ୍ରିମିନାଲ ଓକିଲ ଭାବରେ ଅକ୍ରୂର ମହାପାତ୍ରଙ୍କ ଯଥେଷ୍ଟ ଖ୍ୟାତି ରହିଥିଲା । ଓଡ଼ିଶାର କେତେଜଣ ମୁଷ୍ଟିମେୟ ବିଚକ୍ଷଣ ଓକିଲଙ୍କ ମଧ୍ୟରେ ଅକ୍ରୂର ମହାପାତ୍ର ଥିଲେ ଅନ୍ୟତମ । ନୟାଗଡ଼ ମହାବିଦ୍ୟାଳୟ ପ୍ରତିଷ୍ଠାତା କମିଟିର ମଧ୍ୟ ସେ ସମ୍ପାଦକ ଥିଲେ ।

ରଘୁନାଥ ମହାପାତ୍ର - ରଘୁନାଥ ମହାପାତ୍ର ନୟାଗଡ଼ ଜିଲ୍ଲା କ୍ରିଦାଶପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ନୟାଗଡ଼ ଜିଲ୍ଲାରେ ମନ୍ଦାପ୍ରଣାଳୀ ଆଖୁଚାଷର ସେ ଥିଲେ ପ୍ରବର୍ତ୍ତକ । ନୟାଗଡ଼ ଜିଲ୍ଲାରେ କୃଷି ଓ ଜଳସେଚନ ପାଇଁ ଶ୍ରୀ ମହାପାତ୍ରଙ୍କର ଅବଦାନ ରହିଛି ।

ନରସିଂହ ପଟ୍ଟନାୟକ - ନରସିଂହ ପଟ୍ଟନାୟକ ବୃତ୍ତିରେ ଓକିଲ ଥିଲେ । ସେ ନୟାଗଡ଼ ଜିଲ୍ଲାର ଉନ୍ନତି ପାଇଁ କାର୍ଯ୍ୟ କରିଯାଇଛନ୍ତି । ନୟାଗଡ଼ ମହାବିଦ୍ୟାଳୟର ପ୍ରତିଷ୍ଠାତା କମିଟିର ସକ୍ରିୟ କର୍ମୀ ଭାବରେ କାର୍ଯ୍ୟ କରିଥିଲେ । ନରସିଂହ ପଟ୍ଟନାୟକ ନୟାଗଡ଼ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଥିଲେ । ସେ ପ୍ରଥମେ ନୟାଗଡ଼ କଲେଜର ଆସିଷ୍ଟାଣ୍ଟ ସେକ୍ରେଟାରୀ ଥିଲେ । ପରେ ସେକ୍ରେଟାରୀ ଭାବରେ ଦାୟିତ୍ୱ ସମ୍ପାଦନ କରିଥିଲେ ।

ରାଜକିଶୋର ମିଶ୍ର - ରାଜକିଶୋର ମିଶ୍ର ଖଣ୍ଡପଡ଼ା ନିବାସୀ । ସେ ଥିଲେ ଜଣେ କୃତବିଦ୍ୟ ଶିକ୍ଷକ । ଖଣ୍ଡପଡ଼ା ଗଡ଼ରେ ସେ ୧୯୨୪ ମସିହାରେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ଆଦର୍ଶ ଶିକ୍ଷକ । 'ପାଦପଦ୍ମତଳେ', 'ପରିବାର ନିୟନ୍ତ୍ରଣ', 'ପିଲାଙ୍କ ସାହିତ୍ୟ', 'ଗୀତା-ସଂଗୀତା', 'ଶ୍ରଦ୍ଧାଞ୍ଜଳି (ଗୀତିଗୁଚ୍ଛ), 'ମାଙ୍ଗଳିକା' ପ୍ରଭୃତି ପୁସ୍ତକର ସେ ରଚୟିତା ।

ଗୋପାଳ ଚନ୍ଦ୍ର ପଟ୍ଟନାୟକ - ଡାକ୍ତର ଗୋପାଳ ଚନ୍ଦ୍ର ପଟ୍ଟନାୟକ ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଗମ୍ଭାରିଡ଼ିହି ଗ୍ରାମରେ ୧୯୨୪ ମସିହାରେ ଜନ୍ମଗ୍ରହଣ

Digitized by PPRACHIN, SOA

କରିଥିଲେ । ସେ ବୃତ୍ତିରେ ଥିଲେ ହୋମିଓପାଥି ଡାକ୍ତର । ସେ ନୟାଗଡ଼ରେ ଅବସ୍ଥାନ କରୁଥିଲେ । ସେ ଥିଲେ ଜଣେ କୁଶଳୀ କଳାକାର । ସେ 'ଭାତ', 'ମୂଲିଆ' ପ୍ରଭୃତି ନାଟକରେ ଉତ୍ତମ ଅଭିନୟ କରି ବହୁ ଚର୍ଚ୍ଚିତ ଥିଲେ । ହାସ୍ୟ ଅଭିନେତା ଭାବରେ ସେ ନୟାଗଡ଼ ରାଜାଙ୍କ ଠାରୁ ମେଡାଲ ପ୍ରାପ୍ତ ହୋଇଥିଲେ । ସେ ମଧ୍ୟ ଥିଲେ ଅଶ୍ୱାରୋହୀ । ସେ ଭଲ ଅଶ୍ୱଚାଳନା କରୁଥିଲେ । ଏହା ବ୍ୟତୀତ ଡାକ୍ତର ପଟ୍ଟନାୟକ ଉତ୍ତମ ଫୁଟ୍‌ବଲ୍ ଖେଳାଳୀ ଭାବରେ ମଧ୍ୟ ଜଣାଶୁଣା ଥିଲେ ।

ଚନ୍ଦ୍ରଶେଖର ଷଡ଼ଙ୍ଗୀ - ପ୍ରଫେସର ଚନ୍ଦ୍ରଶେଖର ଷଡ଼ଙ୍ଗୀ ବିଶିଷ୍ଟ ଶିକ୍ଷାବିତ୍ ଭାବରେ ଲବ୍ଧପ୍ରତିଷ୍ଠ । ସେ ୧୯୩୬ ମସିହାରେ ଓଡ଼ଗାଁ ନିକଟବର୍ତ୍ତୀ ପନ୍ତିଖାରୀ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ମାଧ୍ୟମିକ ଶିକ୍ଷାବୋର୍ଡ, ଓଡ଼ିଶାର ଉପ-ସଭାପତି ଥିଲେ । ପ୍ରୌଢ଼ଶିକ୍ଷାର ନିର୍ଦ୍ଦେଶକ, ଯୁକ୍ତ ଦୁଇ କାଉନ୍‌ସିଲର ଅଧ୍ୟକ୍ଷ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ କାର୍ଯ୍ୟ କରିଥିଲେ । ସେ ପ୍ରଥମେ ଉଦ୍ଭିଦବିଜ୍ଞାନର ଅଧ୍ୟାପକ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ ।

ପି.ଏଲ୍. ସୁନ୍ଦରକା - ପି.ଏଲ୍. ସୁନ୍ଦରକା ଜଣେ ଖ୍ୟାତନାମା ଯାଦୁକର ଭାବରେ ସୁପରିଚିତ । ଯାଦୁ ବିଦ୍ୟାରେ ସେ ଅପୂର୍ବ କଳା କୁଶଳତା ପ୍ରଦର୍ଶନ କରିଛନ୍ତି । ଏହି ସୁନାମଧନ୍ୟ ଯାଦୁକର ନୟାଗଡ଼ ଜିଲ୍ଲାର ଇଟାମାଟି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସମ୍ପ୍ରତି ପି.ଏଲ୍. ସୁନ୍ଦରକା କଟକରେ ଅବସ୍ଥାନ କରୁଛନ୍ତି ।

ରୁଦ୍ରମାଧବ ରାୟ - ରୁଦ୍ରମାଧବ ରାୟ ଦଶପଲ୍ଲା ମଧ୍ୟଖଣ୍ଡରେ ଜନ୍ମଗ୍ରହଣ କରିଥିଲେ । ସେ ଖଣ୍ଡପଡ଼ା ରାଜା ହରିହର ସିଂହ ମର୍ଦ୍ଦରାଜଙ୍କ ଭାଗିନେୟ । ଦଶପଲ୍ଲାର ସାମାଜିକ ଓ ରାଜନୈତିକ ଜଗତରେ ସେ ଥିଲେ ବରେଣ୍ୟ ଦିଗପାଳ । ରୁଦ୍ରମାଧବ ରାୟ ଥିଲେ ବିଶିଷ୍ଟ ସମାଜସେବୀ ଓ ରାଜନୀତିଜ୍ଞ । ସେ ନୟାଗଡ଼ ଜିଲ୍ଲାର ଜିଲ୍ଲା ପରିଷଦର ପ୍ରଥମ ଅଧ୍ୟକ୍ଷ ଥିଲେ । ଏହା ବ୍ୟତୀତ ସେ ଅନେକ ଥର ଏମ୍.ଏଲ୍.ଏ. ଓ ଏମ୍.ପି. ଭାବରେ ନିର୍ବାଚିତ ହୋଇଥିଲେ ।

କୈଳାସଚନ୍ଦ୍ର ପାଣିଗ୍ରାହୀ - କୈଳାଶ ଚନ୍ଦ୍ର ପାଣିଗ୍ରାହୀ ବାହାଡ଼ାଝୋଲା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ପ୍ରାଥମିକ ଶିକ୍ଷକ । କୈଳାସ ଚନ୍ଦ୍ର ପାଣିଗ୍ରାହୀ 'ନୟାଗଡ଼ ଇତିହାସ'ର ପ୍ରଥମ ଲେଖକ ଭାବରେ ସ୍ମରଣୀୟ । ୨୦୨୦ ମସିହାରେ ଶ୍ରୀ ପାଣିଗ୍ରାହୀ ପରଲୋକ ଗମନ କଲେ ।

ପ୍ରାଣକୃଷ୍ଣ ଆଚାର୍ଯ୍ୟ - ପ୍ରାଣକୃଷ୍ଣ ଆଚାର୍ଯ୍ୟ ନୟାଗଡ଼ ଅନ୍ତର୍ଗତ କଣ୍ଟାବଣିଆଁ ଶାସନରେ ଜନ୍ମଗ୍ରହଣ କରିଥିଲେ । ବୃତ୍ତିରେ ସେ ଥିଲେ ଯନ୍ତ୍ରୀ । ସେ ଜଳସେଚନ ବିଭାଗର ମୁଖ୍ୟ ଯନ୍ତ୍ରୀ ଭାବରେ ଅବସ୍ଥାପିତ ଥିଲେ । ପ୍ରାଣକୃଷ୍ଣ ଆଚାର୍ଯ୍ୟ 'ସଂକ୍ଷେପ ଓଡ଼ିଶା ଓ ନୟାଗଡ଼ ଇତିହାସ' ପୁସ୍ତକ ରଚନା କରିଥିଲେ ।

Digitized by PPRACHIN, SOA

ପୂର୍ଣ୍ଣଚନ୍ଦ୍ର ଦାସ - ପୂର୍ଣ୍ଣଚନ୍ଦ୍ର ଦାସ ରଘୁନାଥପୀଠ ଓଡ଼ଗାଁର ଛାମୁସାହିରେ ୧୯୨୨ ମସିହାରେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ସ୍ୱାଧୀନତା ସଂଗ୍ରାମୀ ଏବଂ ଓଡ଼ଗାଁ ଖଦୀକେନ୍ଦ୍ରର ପରିଚାଳକ । ୧୯୪୨ ମସିହା ଭାରତ ଛାଡ଼-ଆନ୍ଦୋଳନ ସମୟରେ ଓଡ଼ଗାଁ ଛାମୁସାହିସ୍ଥିତ ଭାଗବତ ଟୁଙ୍ଗୀ ଘରେ ପ୍ରଜାମଣ୍ଡଳ ଆନ୍ଦୋଳନର କର୍ମୀମାନେ ବିଚାରବିମର୍ଷ କରୁଥିଲେ । ସେମାନଙ୍କର ଭଲମନ୍ଦ ଇତ୍ୟାଦି ବିଷୟ ପୂର୍ଣ୍ଣଚନ୍ଦ୍ର ଦାସ ବୁଝୁଥିଲେ । ପୂର୍ଣ୍ଣଚନ୍ଦ୍ର ଦାସ ପୋଲିସ୍‌ର ଦୃଷ୍ଟିରେ ପଡ଼ିଲେ । ତେଣୁ ପୋଲିସ୍ ତାଙ୍କୁ ଆରେଷ୍ଟ କଲା । ତାଙ୍କର ଦୁଆରରେ ରହିଥିବା ଶଗଡ଼ ଏବଂ ଘରୁ ଚାରିବସ୍ତା ଧାନ ଏବଂ ହଳେ ବଳଦ ପୋଲିସ୍ ନେଇଯାଇଥିଲା । ତାଙ୍କ ଶଗଡ଼କୁ ଭାଙ୍ଗି ଓଡ଼ଗାଁ ଥାନାର ପୋଲିସ୍ କର୍ମଚାରୀମାନେ ରୋଷେଇ କରୁଥିବା ସମୟରେ ପୂର୍ଣ୍ଣଚନ୍ଦ୍ର ଦାସ ସେଠାରେ ପହଞ୍ଚି 'ମହାତ୍ମାଗାନ୍ଧୀ କି ଜୟ', 'ଭାରତ ମାତାକୀ ଜୟ' କହିବାରୁ ତାଙ୍କୁ ନୟାଗଡ଼ କ୍ୟାମ୍ପ ଜେଲ୍‌ରେ ଚାରିମାସ ୨୨ ଦିନ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିଥିଲା ।

ମୁରାରି ତ୍ରିପାଠୀ - ମୁରାରି ତ୍ରିପାଠୀ ଶରଣକୁଳ ନିକଟସ୍ଥ ବାଉଁଶିଆ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସମାଜସେବାକୁ ଜୀବନର ବ୍ରତ ଭାବରେ ଗ୍ରହଣ କରିଥିଲେ ମୁରାରି ତ୍ରିପାଠୀ । ତାଙ୍କର କର୍ମକ୍ଷେତ୍ର ଥିଲା ଜଗନ୍ନାଥଧାମ ପୁରୀ । ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ ମୁରାରି ତ୍ରିପାଠୀ । ସେ ବିବାହ ବର୍ଜନ କରିଥିଲେ । ପୁରୀରେ ଗୋଟିଏ ସେବା ସମିତି ଗଠନ କରି ମୁରାରି ତ୍ରିପାଠୀ ତାଙ୍କର ସମାଜସେବା କାର୍ଯ୍ୟକୁ ଅବ୍ୟାହତ ରଖିଥିଲେ ।

ଉଦୟନାଥ ପୃଷ୍ଟି - ଉଦୟନାଥ ପୃଷ୍ଟି ନୟାଗଡ଼ ଜିଲ୍ଲାନ୍ତର୍ଗତ ଗୋଡ଼ିପଡ଼ା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ସଂକୀର୍ତ୍ତନ ଗାୟକ ଏବଂ ସଂକୀର୍ତ୍ତନ ଗୁରୁ । ସେ ଅନେକ ଶିଷ୍ୟ ମଧ୍ୟ ସୃଷ୍ଟି କରିଛନ୍ତି । ତାଙ୍କଦ୍ୱାରା ଲିଖିତ ଏବଂ ପରିବେଷିତ ହୋଇଥିବା କେତେଗୋଟି ପ୍ରସଙ୍ଗ ହେଉଛି- ସୁଦାମା ଦାରିଦ୍ର୍ୟଭଞ୍ଜନ, ଅହଲ୍ୟା ନିସ୍ତାର, କାଞ୍ଚି ଅଭିଯାନ, ପ୍ରଭାସଯଜ୍ଞ, ଶକ୍ତିପରୀକ୍ଷା, ଭକ୍ତିପରୀକ୍ଷା, ଜୟନ୍ତଶବର, କୃଷ୍ଣଲୀଳା ଇତ୍ୟାଦି । ସେ 'ଗାୟକ ସମ୍ରାଟ', 'ଚୈତନ ତିଳକ' ଉପାଧି ପ୍ରାପ୍ତ ।

ଭାଗବତ ପ୍ରଧାନ - ଭାଗବତ ପ୍ରଧାନ ମହୀପୁର ନିକଟସ୍ଥ ମାଳିସର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସେ ଥିଲେ ଜଣେ ସଫଳ ସଂକୀର୍ତ୍ତନ ଗାୟକ । ନୟାଗଡ଼ ଜିଲ୍ଲାରେ ସଂକୀର୍ତ୍ତନ କଳାର ପ୍ରଚାର ଓ ପ୍ରସାର ପାଇଁ ସେ ଏକନିଷ୍ଠ. ଉଦ୍ୟମ ଜାରି ରଖିଥିଲେ । ସେ ଅନେକ ଶିଷ୍ୟ ମଧ୍ୟ ସୃଷ୍ଟି କରିଛନ୍ତି ।

ଡମ୍ବରୁଧର ଷଡ଼ଙ୍ଗୀ - ଡମ୍ବରୁଧର ଷଡ଼ଙ୍ଗୀ ନୂଆଗାଁ ବ୍ଲକ୍ ମହୀଉମା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ସମାଜସେବୀ । ନୂଆଗାଁ ଠାରେ ବ୍ଲକ୍ ପ୍ରତିଷ୍ଠା ପାଇଁ ସେ ଥିଲେ ଅନ୍ୟତମ ଉଦ୍ୟୋକ୍ତା । ନୂଆଗାଁ ବ୍ଲକ୍‌ର ସେ ଥିଲେ ପ୍ରଥମ

Digitized by PPRACHIN, SOA

